# ତାନ୍ତ୍ରିକ ଗୁରୁ

## ନିଗମାନନ୍ଦ



ନୀଳାଚଳ ସାରସ୍ୱତ ସଂଘ, ପୁରୀ

# ତାନ୍ତ୍ରିକ ଗୁରୁ

ବା

## ତନ୍ତ୍ର ଓ ସାଧନ-ପଦ୍ଧତି

''ଯଚ୍ଚ କିଞ୍ଚିତ୍ କ୍ୱଚିଦ୍‌ବସ୍ତୁ ସଦସଦ୍‌ବାଖିଳାତ୍ମିକେ ।
ତସ୍ୟ ସର୍ବସ୍ୟ ଯା ଶକ୍ତିଃ ସା ତ୍ୱଂ କିଂ ସ୍ତୂୟସେ ତଦା ।।''

— *ମାର୍କଣ୍ଡେୟ ଚଣ୍ଡୀ*


-ପ୍ରଣେତା-

ପରିବ୍ରାଜକାଚାର୍ଯ୍ୟ ପରମହଂସ

**ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ**



ପ୍ରକାଶକ

**ନୀଳାଚଳ ସାରସ୍ୱତ ସଂଘ, ପୁରୀ**

# ତାନ୍ତ୍ରିକ ଗୁରୁ


☞ **ପ୍ରଣେତା :**

ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ

**ଅନୁବାଦକ :**

ନୀଳାଚଳ ସାରସ୍ୱତ ସଂଘ, ପୁରୀର ପୂର୍ବତନ ସଂପାଦକ

ସ୍ୱର୍ଗତ ଦୁର୍ଗାଚରଣ ମହାନ୍ତି

☞ ପ୍ରକାଶକ ଓ ସର୍ବସ୍ୱତ୍ୱ © ସଂରକ୍ଷକ

ନୀଳାଚଳ ସାରସ୍ୱତ ସଂଘ, ପୁରୀ

(ରେଜିଷ୍ଟ୍ରେସନ୍ ନଂ ୭୩୯୧/୩୯୦ ଅଫ୍ ୧୯୭୩-୭୪)

☞ ସଂସ୍କରଣ :

ବଙ୍ଗଳାରେ ପ୍ରଥମ- ୧୩୧୮ ବଙ୍ଗାବ୍ଦ

ଓଡ଼ିଆରେ ପ୍ରଥମ - ୧୯୬୭ ମସିହା

" ଚତୁର୍ଥ - ୧୯୯୬ ମସିହା

" ପଞ୍ଚମ - ୨୦୦୭ ମସିହା

" ଷଷ୍ଠ - ୨୦୧୧ ମସିହା

☞ ପ୍ରାପ୍ତିସ୍ଥାନ :

୧ । ଶ୍ରୀ ଶ୍ରୀ ନିଗମାନନ୍ଦ ସ୍ମୃତି ମନ୍ଦିର
(କେନ୍ଦ୍ର ଆସନ ମନ୍ଦିର)
ସ୍ୱର୍ଗଦ୍ୱାର, ପୁରୀ - ୭୫୨୦୦୨
ଫୋନ୍ - ୦୬୭୫୨-୨୩୦୬୩୧

୨ । ସତ୍‌ଶିକ୍ଷା ମନ୍ଦିର
ଏ/୪, ୟୁନିଟ୍-୯,
ଭୁବନେଶ୍ୱର - ୭୫୧୦୨୨,
ଫୋନ୍ - ୦୬୭୪-୨୩୯୦୦୫୫

☞ ଡି.ଟି.ପି. ଏବଂ ମୁଦ୍ରଣ :

ରସଦ୍ ଆଡ୍ ଏଜେନ୍ସି, କଟକ-୧୨

☞ ଦକ୍ଷିଣା :

**ଟ.୬୫ ମାତ୍ର**


**TANTRIK GURU**


***Author :***
Srimat Swami
Nigamananda Saraswati Deb

***Translated by :***
Nilachala Saraswata Sangha, Puri's
Ex-Secretary
Late Durga Charan Mohanty

***Edited, Published & © Reserved by :***
Nilachala Saraswata Sangha, Puri
(Regn. No. 7391/390 of 1973-74)

***Editions :***
1st in Bengali - 1318 BD
1st in Oriya - 1967 AD
4th in Oriya - 1996 AD
5th in Oriya - 2007 AD
6th in Oriya- 2011 AD

***Available at :***
1 - Sri Sri Nigamananda Smruti Mandir
( Kendra Asana Mandir )
Swargadwar, Puri - 752 002
Ph.- 06752-230631
2 - Satsikshya Mandir
A/4, Unit-IX, Bhubaneswar-751022
Phone - 0674 - 2390055

***DTP & Printed at :***
Rasad Ad Agency,
Cuttack-12

***Price :***
**Rs. 65/- Only**

ଜୟଗୁରୁ

# ତାନ୍ତ୍ରିକ ଗୁରୁ

## ସୂଚୀପତ୍ର


| କ୍ରମ | ବିଷୟ | ପୃଷ୍ଠା |
|---|---|---|
| ୧। | ଚତୁର୍ଥ ସଂସ୍କରଣର ଭୂମିକା | ୫ |
| ୨। | ତୃତୀୟ ସଂସ୍କରଣର ମୁଖବନ୍ଧ | ୭ |
| ୩। | ପ୍ରଥମ ସଂସ୍କରଣର ମୁଖବନ୍ଧ | ୯ |
| ୪। | ଏକମେବାଦ୍ୱିତୀୟମ୍ (ଗୀତିକା) | ୨୧ |
| ୫। | ଥକାମନ (ଗୀତ) | ୬୨ |
| ୬। | ଉତ୍ସର୍ଗ ପତ୍ର | ୭୭ |
| ୭। | ଗ୍ରନ୍ଥକାରଙ୍କ ବକ୍ତବ୍ୟ | ୭୮ |

### ପ୍ରଥମ ଅଂଶ-ଯୁକ୍ତିକଳ୍ପ

| କ୍ରମ | ବିଷୟ | ପୃଷ୍ଠା |
|---|---|---|
| ୮। | ତନ୍ତ୍ରଶାସ୍ତ୍ର | ୮୧ |
| ୯। | ତନ୍ତ୍ରୋକ୍ତ ସାଧନା | ୯୦ |
| ୧୦। | ମ-କାର ତତ୍ତ୍ୱ | ୯୫ |
| ୧୧। | ପ୍ରଥମ ତତ୍ତ୍ୱ | ୧୦୩ |
| ୧୨। | ଅନ୍ୟାନ୍ୟ ତତ୍ତ୍ୱ | ୧୦୮ |
| ୧୩। | ପଞ୍ଚମ ତତ୍ତ୍ୱ | ୧୧୨ |
| ୧୪। | ସପ୍ତ ଆଚାର | ୧୧୫ |
| ୧୫। | ଭାବତ୍ରୟ | ୧୧୯ |
| ୧୬। | ତନ୍ତ୍ରର ବ୍ରହ୍ମବାଦ | ୧୨୪ |
| ୧୭। | ଶକ୍ତି-ଉପାସନା | ୧୩୦ |
| ୧୮। | ଦେବମୂର୍ତ୍ତିଙ୍କ ତତ୍ତ୍ୱ | ୧୪୨ |
| ୧୯। | ସାଧନାର କ୍ରମ | ୧୪୬ |

## ଦ୍ୱିତୀୟ ଅଂଶ-ସାଧନକକ୍ଷ


| କ୍ରମ | ବିଷୟ | ପୃଷ୍ଠା। |
|---|---|---|
| ୨୦। | ଗୁରୁକରଣ ଓ ଦୀକ୍ଷାପଦ୍ଧତି | ୧୫୧ |
| ୨୧। | ଶାକ୍ତାଭିଷେକ | ୧୬୩ |
| ୨୨। | ପୂର୍ଣ୍ଣାଭିଷେକ | ୧୬୫ |
| ୨୩। | ନିତ୍ୟନୈମିତ୍ତିକ ଓ କାମ୍ୟ-କର୍ମ | ୧୭୧ |
| ୨୪। | ଅନ୍ତର୍ଯାଗ ଓ ମାନସ-ପୂଜା | ୧୭୬ |
| ୨୫। | ମାଳା ନିର୍ଣ୍ଣୟ ଓ ଜପର କୌଶଳ | ୧୮୬ |
| ୨୬। | ସ୍ଥାନ-ନିର୍ଣ୍ଣୟ ଓ ଜପର ନିୟମ | ୧୯୨ |
| ୨୭। | ଜପ-ରହସ୍ୟ ଓ ସମର୍ପଣବିଧି | ୧୯୮ |
| ୨୮। | ମନ୍ତ୍ରାର୍ଥ ଓ ମନ୍ତ୍ରଚୈତନ୍ୟ | ୨୦୫ |
| ୨୯। | ଯୋନିମୁଦ୍ରା-ଯୋଗରେ ଜପ | ୨୧୦ |
| ୩୦। | ଅଜପା ଜପର ପ୍ରଣାଳୀ | ୨୧୯ |
| ୧। | ଶ୍ମଶାନ ଓ ଚିତା-ସାଧନ | ୨୨୩ |
| ୩୨। | ଶବ-ସାଧନ | ୨୨୮ |
| ୩୩। | ଶିବାଭୋଗ ଓ କୁଳାଚାର କଥନ | ୨୩୯ |
| ୩୪। | ରମଣୀକୁ ଜନନୀତ୍ୱରେ ପରିଣତ କରିବାର କୌଶଳ | ୨୪୪ |
| ୩୫। | ପଞ୍ଚ-ମ'କାରରେ କାଳୀସାଧନା | ୨୫୦ |
| ୩୬। | ତନ୍ତ୍ରୋକ୍ତ ଚକ୍ରାନୁଷ୍ଠାନ | ୨୭୧ |
| ୩୭। | ମନ୍ତ୍ରସିଦ୍ଧିର ଲକ୍ଷଣ | ୨୮୩ |
| ୩୮। | ତନ୍ତ୍ରର ବ୍ରହ୍ମସାଧନ | ୨୮୫ |
| ୩୯। | ତନ୍ତ୍ରୋକ୍ତ ଯୋଗ ଓ ମୁକ୍ତି | ୨୯୬ |


## ପରିଶିଷ୍ଟ


| କ୍ରମ | ବିଷୟ | ପୃଷ୍ଠା। |
|---|---|---|
| ୪୦। | ବିଶେଷ ନିୟମ | ୩୦୩ |
| ୪୧। | ଯୋଗିନୀ-ସାଧନା | ୩୦୮ |
| ୪୨। | ହନୁମାନ ଦେବଙ୍କର ବୀର ସାଧନା | ୩୧୨ |
| ୪୩। | ସର୍ବଜ୍ଞତା ଲାଭ | ୩୧୪ |
| ୪୪। | ଦିବ୍ୟଦୃଷ୍ଟି ଲାଭ | ୩୧୬ |
| ୪୫। | ଅଦୃଶ୍ୟ ହେବାର ଉପାୟ | ୩୧୮ |
| ୪୬। | ପାଦୁକା ସାଧନ | ୩୧୯ |
| ୪୭। | ଅନାବୃଷ୍ଟି-ହରଣ | ୩୨୦ |
| ୪୮। | ଅଗ୍ନି-ନିବାରଣ | ୩୨୧ |
| ୪୯। | ସର୍ପ-ବୃଶ୍ଚିକାଦିଙ୍କ ବିଷହରଣ | ୩୨୨ |
| ୫୦। | ଶୂଳରୋଗ ପ୍ରତିକାର | ୩୨୫ |
| ୫୧। | ସୁଖ-ପ୍ରସବ ମନ୍ତ୍ର | ୩୨୬ |
| ୫୨। | ମୃତବତ୍ସା ଦୋଷ ଶାନ୍ତି | ୩୨୭ |
| ୫୩। | ବନ୍ଧ୍ୟା ଓ କାକବନ୍ଧ୍ୟା ପ୍ରତିକାର | ୩୨୯ |
| ୫୪। | ବାଳକ-ସଂସ୍କାର | ୩୩୧ |
| ୫୫। | ଜ୍ୱରାଦି ସର୍ବରୋଗ ଶାନ୍ତି | ୩୩୩ |
| ୫୬। | ଆପଦୁଦ୍ଧାର | ୩୩୬ |
| ୫୭। | କେତେଗୁଡ଼ିଏ ମନ୍ତ୍ରର ଆଶ୍ଚର୍ଯ୍ୟ କ୍ରିୟା | ୩୪୩ |
| ୫୮। | ଉପସଂହାର | ୩୪୮ |
| ୫୯। | ବର୍ଣ୍ଣାନୁକ୍ରମିକ ବିଷୟ ସୂଚୀ | ୩୫୩ |


❋❋❋

## ଜୟଗୁରୁ

# ତାନ୍ତ୍ରିକଗୁରୁ

## ଚତୁର୍ଥ ସଂସ୍କରଣର ଭୂମିକା

**ଦିବ୍ୟଜ୍ଞାନଂ ଯତୋ ଦଦ୍ୟାତ୍ କୁର୍ଯ୍ୟାତ୍ ପାପକ୍ଷୟଂ ତତଃ ।**
**ତସ୍ମାଦ୍ଦୀକ୍ଷେତି ସା ପ୍ରୋକ୍ତା ସର୍ବତନ୍ତ୍ରସ୍ୟ ସମ୍ମତା ।।**

**ସ**ମସ୍ତ ତନ୍ତ୍ରମତ ଅନୁସାରେ ଯେ ଦିବ୍ୟଜ୍ଞାନ ପ୍ରଦାନ କରେ ଏବଂ ସମସ୍ତ ପାପ କ୍ଷୟ କରେ, ତାହାକୁ ଦୀକ୍ଷା କୁହାଯାଏ ।

ଇତି ମଧ୍ୟରେ 'ତାନ୍ତ୍ରିକଗୁରୁ' ଉତ୍କଳାନୁବାଦର ତୃତୀୟ ସଂସ୍କରଣ ଶେଷ ହୋଇଯାଇଥିବାରୁ ଶ୍ରୀଶ୍ରୀ ଗୁରୁଦେବଙ୍କ କୃପାରୁ ଏହାର **ଚତୁର୍ଥ ସଂସ୍କରଣ** ପ୍ରକାଶ କରାଯାଇ ପାଠକମାନଙ୍କ ହସ୍ତରେ ଅର୍ପିତ ହେଲା । ତନ୍ତ୍ରମତରେ ସାଧନା ଭାରତରେ ବହୁ ଯୁଗଯୁଗାନ୍ତରରୁ ପ୍ରଚଳିତ । ଶୁଣାଯାଏ ଋଷିଶ୍ରେଷ୍ଠ ବଶିଷ୍ଠଦେବ ତନ୍ତ୍ରମତରେ ପ୍ରଥମେ ଦେବୀଙ୍କର ଦଶ-ମହାବିଦ୍ୟା ମଧ୍ୟରୁ ଦ୍ୱିତୀୟ ମହାବିଦ୍ୟା ତାରା ଦେବୀଙ୍କର ଆରାଧନା କରିଥିଲେ । **ବେଦକୁ ନିଗମ ଓ ତନ୍ତ୍ରଶାସ୍ତ୍ରକୁ ଆଗମ** ବୋଲି ଅଭିହିତ କରାଯାଏ । ଏହି ଆଗମ ଶାସ୍ତ୍ର ପ୍ରଥମେ ଗିରୀଶଙ୍କ ମୁଖରୁ ନିର୍ଗତ ହୋଇ ଗିରିଜାଙ୍କ ଶ୍ରୁତିଗୋଚର ହୋଇଥିଲା ବୋଲି କଥିତ ଅଛି । ଗୁରୁ ମହିମା ସମ୍ପର୍କରେ ତନ୍ତ୍ରରେ ଯେପରି ବର୍ଣ୍ଣନା ଦେଖିବାକୁ ମିଳେ, ଅନ୍ୟ କୁତ୍ରାପି ଏପରି ପରିଦୃଷ୍ଟ ହୁଏ ନାହିଁ ।

ଶ୍ରୀଶ୍ରୀଠାକୁର ତାଙ୍କର ଶିଷ୍ୟ-ଭକ୍ତମାନଙ୍କୁ ଭକ୍ତିପଥରେ ପରିଚାଳିତ କରୁଥିବାରୁ ତାଙ୍କର ତାନ୍ତ୍ରିକ ଶିଷ୍ୟ ଖୁବ୍ କମ୍ ଦେଖିବାକୁ ମିଳନ୍ତି । ଆମେ ଜାଣିବା ଭିତରେ ପୂର୍ବ-ବଙ୍ଗର ଶିଷ୍ୟ ଅତୁଳାନନ୍ଦ ଭଟ୍ଟାଚାର୍ଯ୍ୟ ଓ ବସ୍ତରର ଓଡିଆ ରାଜାସାହେବ ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓଙ୍କୁ ସେ ତନ୍ତ୍ରମତରେ ଦୀକ୍ଷାଦାନ କରିଥିଲେ ।

ଶ୍ରୀଶ୍ରୀଠାକୁର ଯୁକ୍ତିକଳ୍ପ, ସାଧନ କଳ୍ପ ଓ ପରିଶିଷ୍ଟ, ଏହିପରି ତିନିଭାଗରେ ତାନ୍ତ୍ରିକଗୁରୁ ପୁସ୍ତକଟିକୁ ବିଭକ୍ତ କରିଛନ୍ତି । ଗୁରୁକରଣ ଓ ଦୀକ୍ଷା ପଦ୍ଧତି, ଶାକ୍ତାଭିଷେକ, ପୂର୍ଣ୍ଣାଭିଷେକ ଠାରୁ ଆରମ୍ଭକରି ରମଣୀକୁ ଜନନୀତ୍ୱରେ ପରିଣତ କରିବାର କୌଶଳ ପର୍ଯ୍ୟନ୍ତ ଶ୍ରୀଶ୍ରୀଠାକୁର ଏହି ପୁସ୍ତକରେ ସନ୍ନିବେଶିତ କରିଛନ୍ତି ।

ବର୍ତ୍ତମାନ ସମୟରେ କାଗଜର ଅତ୍ୟଧିକ ମୂଲ୍ୟ ଓ ବ୍ୟୟବହୁଳ ମୁଦ୍ରଣ କାର୍ଯ୍ୟ ଯୋଗୁ ଚତୁର୍ଥ ସଂସ୍କରଣର ପ୍ରତିଖଣ୍ଡର ଦକ୍ଷିଣା ୪୦ ଟଙ୍କା ରଖାଯାଇଛି । ଯେଉଁ କର୍ମୀ-ସେବକ ବୃନ୍ଦ ଓ ସଂସାର ପ୍ରେସର କର୍ମକର୍ତ୍ତା ଓ କର୍ମଚାରୀଗଣ ଏହି ପୁସ୍ତକ ପ୍ରକାଶ କରିବାରେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି, ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀପାଦପଦ୍ମରେ ପ୍ରାର୍ଥନା ନିବେଦନ କରୁଅଛୁ ॥

॥ ଇତି ॥

୪୫ଶ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ତା ୦୩-୦୨-୧୯୯୬

ଶ୍ରୀ ଶ୍ରୀ ଠାକୁର ଚରଣାଶ୍ରିତ
*ଶ୍ରୀ ସତ୍ୟପ୍ରିୟ ମହାନ୍ତି*
ଉପ-ସଭାପତି,
ନୀଳାଚଳ ସାରସ୍ୱତ ସଂଘ, ପୁରୀ

***

ଜୟଗୁରୁ

# ତାନ୍ତ୍ରିକଗୁରୁ

## ତୃତୀୟ ସଂସ୍କରଣର ମୁଖବନ୍ଧ

ତନ୍ତ୍ରପଥ ଦେଇ ଶ୍ରୀଶ୍ରୀଠାକୁର ସାଧନ ଜଗତରେ ପ୍ରବେଶ କରିଥିଲେ ଓ ଏହି ତନ୍ତ୍ର ସାଧନାରେ ତାଙ୍କ ଭିତରେ ମହାଶକ୍ତିଙ୍କ ପ୍ରଥମ ଉନ୍ମେଷ ହୋଇଥିଲା । ସେ ପରଲୋକଗତା ପତ୍ନୀଙ୍କ ଅନ୍ୱେଷଣରେ ମୃତ୍ୟୁତତ୍ତ୍ୱ ଜାଣିବାକୁ ଯାଇ ଜଗଜ୍ଜନନୀଙ୍କୁ ଲାଭ କରିବାକୁ ବ୍ୟାକୁଳ ହୋଇ ସ୍ୱପ୍ନରେ ମନ୍ତ୍ର ଲାଭ କରିଥିଲେ ଏବଂ ପ୍ରତ୍ୟାଦିଷ୍ଟ ହୋଇ ବୀରଭୂମର ତାରାପୀଠରେ ପ୍ରସିଦ୍ଧ ତାନ୍ତ୍ରିକ ବାମାକ୍ଷେପାଙ୍କ ସହାୟତାରେ ତାନ୍ତ୍ରିକ ସାଧନା କରି ଗୋଟିଏ ରାତ୍ରିରେ ମହାଶକ୍ତିଙ୍କୁ ମନୋମୟୀ ମୂର୍ତ୍ତିରେ ଦର୍ଶନ କରିବା ସଙ୍ଗେ ସଙ୍ଗେ ଚିରଦିନ ପାଇଁ ତାଙ୍କୁ ଲାଭ କରି ତୃପ୍ତ ହୋଇଥିଲେ । ଏହି ଗୋଟିଏ ରାତ୍ରିର ସାଧନା ଫଳରେ ତାଙ୍କ ଭିତରେ ଯେଉଁ ଉଚ୍ଚ ଆଧ୍ୟାତ୍ମିକ ଶକ୍ତିର ଉନ୍ମେଷ ହୋଇଥିଲା, ତାହା ତାଙ୍କୁ ଜ୍ଞାନ, ଯୋଗ ଓ ପ୍ରେମର ସାଧନ ପଥରେ ନେଇ ଶେଷରେ **ସାର୍ବଭୌମ ଗୁରୁ** ରୂପରେ ପ୍ରତିଷ୍ଠିତ କରାଇ ପାରିଥିଲା ।

ତାନ୍ତ୍ରିକ ସାଧନାର ମୂଳ ହେଉଛି, ସୃଷ୍ଟି ମୂଳରେ ଥିବା ମହାଶକ୍ତିଙ୍କୁ ଉପଲବ୍ଧି କରିବା । ଏହି ଶକ୍ତି ଜାଗ୍ରତ ନ ହେଲେ ଆଧ୍ୟାତ୍ମିକ ଜଗତରେ ପ୍ରବେଶ କରିବା ସମ୍ଭବ ହୁଏ ନାହିଁ । ସମସ୍ତ ଆଧ୍ୟାତ୍ମିକ ସାଧନାର ମୂଳଲକ୍ଷ୍ୟ ହେଉଛି, ମାନବର ଅନ୍ତରସ୍ଥିତ ସୁପ୍ତ ଶକ୍ତିର ଜାଗରଣ କରି ତାହାକୁ ଜଗତର ପରମାରାଧ୍ୟ ଶିବତତ୍ତ୍ୱ ସହିତ ମିଳିତ କରାଇବା । ଏହାକୁ କୁହାଯାଇଛି, ଶକ୍ତି ଓ ଭକ୍ତିର ସମନ୍ୱୟରେ ପୂର୍ଣ୍ଣ ମନୁଷ୍ୟତା ଲାଭ । ଶ୍ରୀ ଶ୍ରୀ ଠାକୁର ତାଙ୍କର ପ୍ରସିଦ୍ଧ 'ଯୋଗୀଗୁରୁ' ଗ୍ରନ୍ଥରେ ଲେଖିଛନ୍ତି— **'ଭକ୍ତ ହଓୟା ମୁଖେର କଥା ନୟ, ଭକ୍ତ ହତେ ହଲେ ଆଗେ ଶାକ୍ତ ହତେ ହୟ ।'** ତେଣୁ ଅନ୍ତରରେ ପ୍ରେମଭକ୍ତି ଲାଭ କରିବାକୁ ହେଲେ ପ୍ରଥମେ ଆତ୍ମଶକ୍ତିର ଜାଗରଣ କରିବା ଆବଶ୍ୟକ । ଏହି ଶକ୍ତିସାଧନା


ଯୋଗପଥରେ ସୂକ୍ଷ୍ମ ଉପାଦାନକୁ ନେଇ ହୋଇପାରେ କିମ୍ବା ତନ୍ତ୍ରପଥରେ ସ୍ଥୂଳ ଉପାଦାନକୁ ନେଇ ହୋଇପାରେ । ତନ୍ତ୍ରପଥର ବିଶେଷତ୍ୱ ହେଉଛି, ଏହା ଜଗତର ମୂଳଭୂତ ସୂକ୍ଷ୍ମାତିସୂକ୍ଷ୍ମ ଚୈତନ୍ୟ ଶକ୍ତିକୁ ମଧ ମାନବର ଦୃଷ୍ଟିଗୋଚର କରାଇ ସ୍ଥୂଳବତ୍ ଉପଲବ୍ଧି ଆଣିଦେଇପାରିବ । ତେଣୁ ଏହା ନାସ୍ତିକମାନଙ୍କ ମନରେ ବିଶ୍ୱାସ ଆଣି ଦେବାପାଇଁ ଏକ ପ୍ରକୃଷ୍ଟ ପନ୍ଥା । ସ୍ୱାମୀ ବିବେକାନନ୍ଦଙ୍କ ତରୁଣ ଅବିଶ୍ୱାସୀ ମନକୁ ତାନ୍ତ୍ରିକ ସାଧକ ପରମହଂସ ରାମକୃଷ୍ଣ ଦେବ ଜଗନ୍ଜନନୀଙ୍କ ଦର୍ଶନ କରାଇ ଦେଇ ବିଶ୍ୱାସୀ କରାଇ ପାରିଥିଲେ । ଶ୍ରୀଶ୍ରୀଠାକୁର ତାଙ୍କର ସୂକ୍ଷ୍ମ ଅବସ୍ଥିତି ଉପଲବ୍ଧି କରିବା ପାଇଁ ଯେଉଁ 'ଜୟଗୁରୁ' ନାମ ଜପର ବ୍ୟବସ୍ଥା କରିଛନ୍ତି, ତାହା ମଧ୍ୟ ଏହି ତାନ୍ତ୍ରିକ ପଥ ଅନୁଯାୟୀ । ମୋଟା ମୋଟି ଏହି ପୁସ୍ତକରେ ଶ୍ରୀଶ୍ରୀଠାକୁର ଏହି ଶକ୍ତିର ଉଦ୍‌ବୋଧନ ପ୍ରଣାଳୀ ସଂକ୍ଷିପ୍ତ ଭାବରେ ଲିପିବଦ୍ଧ କରିଛନ୍ତି । ସଂଘସାଧନାକୁ ମଧ୍ୟ ସେ ମହାଶକ୍ତିଙ୍କ ସାଧନା ବୋଲି ପ୍ରକାଶ କରିଛନ୍ତି । ଏହା ଉତ୍କଳ ଭାଷାରେ ପ୍ରକାଶିତ ହୋଇ ଉତ୍କଳଖଣ୍ଡରେ ତାଙ୍କ ଭାବଧାରା ପ୍ରଚାରରେ ସହାୟକ ହେଉ, ଏତିକି ମାତ୍ର ପ୍ରାର୍ଥନା ।

ଏହି ପୁସ୍ତକର ପ୍ରକାଶନରେ ଯେଉଁ କର୍ମୀମାନେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ଓ ରୁବି ପ୍ରିଣ୍ଟର୍ସ ଓ ରୟାଲ୍ ହାପ୍‌ଟୋନର କର୍ମକର୍ତ୍ତା ଓ କର୍ମଚାରୀଗଣ ଯେପରି ଉତ୍ସାହର ସହିତ ସହଯୋଗ କରିଛନ୍ତି, ସେଥିପାଇଁ ସେମାନେ ଧନ୍ୟବାଦାର୍ହ । ସେମାନଙ୍କର ସର୍ବବିଧ ଉନ୍ନତି ପାଇଁ ଆମେମାନେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପ୍ରାର୍ଥନା ଜଣାଉଛୁ ।

ଶ୍ରୀଶ୍ରୀ ନିଗମାନନ୍ଦ ସ୍ମୃତିମନ୍ଦିର
(କେନ୍ଦ୍ର ଆସନ ମନ୍ଦିର)
ସ୍ୱର୍ଗଦ୍ୱାର, ପୁରୀ
ତା ୧୭-୦୮-୧୯୮୯
ଝୁଲଣ ପୂର୍ଣ୍ଣିମା

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
*ଶ୍ରୀ ଚୈତନ୍ୟ ଚରଣ ଦାସ*
ସଭାପତି ଓ ପରିଚାଳକ
ନୀଳାଚଳ ସାରସ୍ୱତ ସଂଘ, ପୁରୀ

❋❋❋



ତାନ୍ତ୍ରିକ ଗୁରୁ

ପରମହଂସ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ

# ଜୟଗୁରୁ

# ତାନ୍ତ୍ରିକଗୁରୁ

## ପ୍ରଥମ ସଂସ୍କରଣର ମୁଖବନ୍ଧ

"ସ୍ଥାବରଂ ଜଙ୍ଗମଂ ବ୍ୟାପ୍ତଂ ଯତ୍‌କିଞ୍ଚିତ୍ ସଚରାଚରଂ ।
ତତ୍‌ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ।।"

ଏହି ସ୍ଥାବରଜଙ୍ଗମାତ୍ମକ ଚରାଚର ବିଶ୍ୱରେ ଯେ ନିତ୍ୟ ନିରନ୍ତର ବ୍ୟାପ୍ତ ହୋଇଅଛନ୍ତି, ସେହି ଦେବତାଙ୍କର ଚରଣ ଯେ ଦର୍ଶନ କରାଇ ପାରନ୍ତି, ସେହି ଗୁରୁଦେବଙ୍କୁ ମୁଁ ପ୍ରଣାମ କରୁଅଛି ।

ପରମାରାଧ୍ୟତମ ଶ୍ରୀଶ୍ରୀ ଗୁରୁଦେବଙ୍କ ଅପାର କରୁଣା ବଳରୁ ତାଙ୍କର ସ୍ୱହସ୍ତ ଲିଖିତ 'ତାନ୍ତ୍ରିକ ଗୁରୁ' ପୁସ୍ତକ ଉତ୍କଳ ଭାଷାରେ ଅନୂଦିତ ହୋଇ ପ୍ରକାଶିତ ହେଲା ।

'ତନ୍' ଧାତୁରୁ ତନ୍ତ୍ର ଶବ୍ଦ ନିଷ୍ପନ୍ନ ହୋଇଅଛି । ବିସ୍ତାର ଅର୍ଥରେ ତନ୍ ଶବ୍ଦ ବ୍ୟବହୃତ ହୋଇଥାଏ । ଯାହାଦ୍ୱାରା ଜ୍ଞାନର ବିସ୍ତାର ହୋଇଥାଏ, ତାହାକୁ ତନ୍ତ୍ର କୁହାଯାଏ ।

"ତନ୍ୟତେ ବିସ୍ତାର୍ଯ୍ୟତେ ଜ୍ଞାନଂ ଅନେନ ଇତି ତନ୍ତ୍ରମ୍ ।"

ଯେଉଁ ସାଧନପଦ୍ଧତି ବା ଆଚାରକୁ ଅବଲମ୍ବନ କରି ଇଷ୍ଟ ସିଦ୍ଧି ବା ସ୍ୱୀୟ ଲକ୍ଷ୍ୟରେ ଉପନୀତ ହେବାକୁ ପଡ଼େ, ତାହାକୁ ହିଁ ତନ୍ତ୍ରଶାସ୍ତ୍ର କୁହାଯାଏ । ବିଭିନ୍ନ ଲକ୍ଷ୍ୟରେ ଉପନୀତ ହେବା ନିମିତ୍ତ ବିଭିନ୍ନ ତନ୍ତ୍ର ବା ବିଭିନ୍ନ ପଥର ସୃଷ୍ଟି ହୋଇଅଛି । ତନ୍ତ୍ରଶାସ୍ତ୍ର ଅସଂଖ୍ୟ । ପ୍ରତ୍ୟେକ ସଂପ୍ରଦାୟର ତନ୍ତ୍ରଶାସ୍ତ୍ର ଅଛି । ତେଣୁ ସାଧନ-ଶାସ୍ତ୍ରକୁ ତନ୍ତ୍ରଶାସ୍ତ୍ର କୁହାଯାଏ । ତନ୍ତ୍ରଶାସ୍ତ୍ରର ଆଚାର ଗୋଟିଏ ପ୍ରସିଦ୍ଧ ବିଷୟ । ଆଚାର ଅର୍ଥ ସାଧନପଦ୍ଧତି ବା ପ୍ରଣାଳୀ । ପ୍ରତ୍ୟେକ ସାଧକଙ୍କର ସାଧନାର ସ୍ତର ଭେଦରେ ଆଚାର ବିଭିନ୍ନ । ଆଚାରକୁ କ୍ରିୟାର ବିଶେଷ କୌଶଳ ମଧ୍ୟ କୁହାଯାଏ ।

ଆଚାର ହିଁ କର୍ମର କୌଶଳ, ତେଣୁ ତାହା ସାଧନା ବା ଯୋଗର ଅଙ୍ଗ । ଯୋଗର ଅର୍ଥ ସାଧନ-ପଦ୍ଧତି ବା ସାଧନ କୌଶଳକୁ ବୁଝାଇଥାଏ । ତେଣୁ ଯୋଗ ଓ ତନ୍ତ୍ର ପ୍ରାୟ ସମାନ ପ୍ରକ୍ରିୟା । ସାଧକ ଆଚାର ଅବଲମ୍ବନ କରି ସିଦ୍ଧି ଲାଭ କରିଥା'ନ୍ତି । ଆଚାର ହିଁ ଧର୍ମଲାଭର ଏକମାତ୍ର ଉପାୟ ।

ବିଶେଷ ଲକ୍ଷ୍ୟରେ ଉପନୀତ ହେବାକୁ ହେଲେ, ସେହି ଲକ୍ଷ୍ୟାନୁକୂଳ ପଦ୍ଧତି ଅବଲମ୍ବନ କରି ଚଳିବାକୁ ପଡ଼ିବ । ଯେଉଁ ପଥରେ ଚଳିଲେ ତନ୍ତ୍ରପ୍ରଚାରିତ ସତ୍ୟର ସାକ୍ଷାତ୍ ଦର୍ଶନ ମିଳେ, ସେହି ପଥ ହିଁ ଆଚାରର ପଥ । ଶାକ୍ତ ତନ୍ତ୍ରଶାସ୍ତ୍ରରେ ଏଭଳି କେତେକ ଅଦ୍ଭୁତ ଓ ଆଶ୍ଚର୍ଯ୍ୟଜନକ ଆଚାର ଅଛି, ଯେଉଁ ଆଚାର ଅବଲମ୍ବନ କଲେ ସାଧକଙ୍କର ସହଜରେ ଇଷ୍ଟସିଦ୍ଧି ଲାଭ ହୋଇଥାଏ । ତନ୍ତ୍ରଶାସ୍ତ୍ରରେ ଅଭିଜ୍ଞ ତାରାପୀଠର ଭୈରବ ମହାକୌଳ ପ୍ରସିଦ୍ଧ ସାଧକ **ବାମାକ୍ଷେପାଙ୍କ** ଠାରୁ **ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀଦେବ** ପ୍ରଥମରୁ ସେହି ଆଚାରପଦ୍ଧତି ଶିକ୍ଷାଲାଭ କରିଥିଲେ । ଯେଭଳି କ୍ରମରେ ସାଧାରଣ ସାଧକମାନେ ତନ୍ତ୍ରପଥରେ ଗତି କରି କ୍ରମୋନ୍ନତି ଲାଭ କରିବା ସଙ୍ଗେ ସଙ୍ଗେ ଆଚାର ପଦ୍ଧତିର ପରିବର୍ତ୍ତନ କରିପାରିବେ, ସେ ସମ୍ବନ୍ଧରେ ବିଭିନ୍ନ ଆଚାର ପଦ୍ଧତି 'ସପ୍ତ ଆଚାର' ଅଧ୍ୟାୟରେ ଏହି ଗ୍ରନ୍ଥରେ ଶ୍ରୀଶ୍ରୀଠାକୁର ପ୍ରକାଶ କରିଛନ୍ତି । କଳି ଯୁଗରେ ବୈଦିକ ସତ୍ୟଗୁଡ଼ିକ ତନ୍ତ୍ରର ଆଚାର ମାର୍ଗରେ ନୂତନ ରୂପରେ କିଭଳି ଆତ୍ମପ୍ରକାଶ କରିଅଛି, ତାହା ମଧ୍ୟ ଏଥିରେ ବର୍ଣ୍ଣିତ ହୋଇଅଛି ।

ବେଦ, ସ୍ମୃତି ଓ ପୁରାଣ ଯୁଗ ପରେ କଳି ଯୁଗ ନିମିତ୍ତ ଆଗମ ବା ତନ୍ତ୍ର ଶାସ୍ତ୍ରର ବିଧାନ 'କୁଳାର୍ଣ୍ଣବ ତନ୍ତ୍ର'ରେ ବର୍ଣ୍ଣିତ ହୋଇଅଛି । ପ୍ରତ୍ୟେକ ସାଧନ-ପନ୍ଥାରେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଣାଳୀ, ପଦ୍ଧତି ବା କୌଶଳ ଅଛି । ସିଦ୍ଧି ଲାଭ କରିବାକୁ ହେଲେ ସେହି ସବୁ ପଦ୍ଧତିର ଆଶ୍ରୟ ଗ୍ରହଣ କରିବାକୁ ପଡ଼ିବ । ଏହି ସବୁ ପଦ୍ଧତିକୁ ହିଁ ତନ୍ତ୍ର ନାମରେ ଅଭିହିତ କରାଯାଇଥାଏ । ଏଥିପାଇଁ ସମସ୍ତ ସାଧକ ହିଁ ତାନ୍ତ୍ରିକ । ଅଭୀଷ୍ଟ ସିଦ୍ଧିଲାଭ ନିମିତ୍ତ ଉପାୟ ଅବଲମ୍ବନକାରୀ ମାତ୍ରକେ ତାନ୍ତ୍ରିକ, ତେଣୁ କେବଳ ଶକ୍ତି ଉପାସକମାନେ ତାନ୍ତ୍ରିକ ନୁହନ୍ତି । ପଞ୍ଚଦେବତାଙ୍କର ଉପାସକ ମାତ୍ରେ ହିଁ ତାନ୍ତ୍ରିକ, ଏପରି କି **ଶ୍ରୀଗୁରୁଙ୍କ ଉପାସନା** ପଦ୍ଧତି ମଧ୍ୟ

**'ଗୁରୁତନ୍ତ୍ର' ନାମକ ପୁସ୍ତକରେ ବର୍ଣ୍ଣିତ ହୋଇଅଛି ।** ଶକ୍ତିକୁ ଆୟତ୍ତ କରିବାକୁ ମଧ୍ୟ ପଦ୍ଧତଂ ଅଛି । ବିନା ପଦ୍ଧତିରେ ଶକ୍ତିର ଜାଗରଣ ହୁଏ ନାହିଁ । ପ୍ରତ୍ୟେକ ସାଧନ ମାର୍ଗର ଦୁଇଟି ଦିଗ—ଗୋଟିଏ ତତ୍ତ୍ୱଜ୍ଞାନ (Theory) ଓ ଅନ୍ୟଟି ବ୍ୟାବହାରିକ ଦିଗ (Practice) । ତେଣୁ ତନ୍ତ୍ର ହିଁ ଜ୍ଞାନର ସାଧନ ବା ବ୍ୟାବହାରିକ ଦିଗ । ଜ୍ଞାନ ହିଁ ଶକ୍ତି । ତନ୍ତ୍ରଶାସ୍ତ୍ରର ସିଦ୍ଧି ମହାଶକ୍ତିଙ୍କର କୃପାସାପେକ୍ଷ । ଶକ୍ତିତତ୍ତ୍ୱ ଅବଗତ ହୋଇ ମହାଶକ୍ତିଙ୍କଠାରେ ଆତ୍ମସମର୍ପଣ କଲେ, ମହାଶକ୍ତି ସ୍ୱୟଂ କ୍ରିୟାଶୀଳା ହୋଇ ସାଧକଙ୍କ ନିକଟରେ କିଭଳି ଆତ୍ମପ୍ରକାଶ କରନ୍ତି, ତାହା ମଧ୍ୟ ଏଥିରେ ଶ୍ରୀଶ୍ରୀ ଠାକୁର ନାନା ଭାବରେ ଲିପିବଦ୍ଧ କରିଛନ୍ତି ।

ଭାରତର ଅଧ୍ୟାତ୍ମ୍ୟ ପଥରେ ଦୁଇଟି ଧାରା ଚଳିଆସୁଛି । ଗୋଟିଏ **ଉପନିଷଦ ମତ** ଓ ଅପରଟି **ତନ୍ତ୍ର ମତ** । ଉପନିଷଦ୍ ବା ଜ୍ଞାନକାଣ୍ଡ ଦର୍ଶନ ବିଭାଗ ଓ ତନ୍ତ୍ର ତାହାର ବିଜ୍ଞାନ ବିଭାଗ । **ଉପନିଷଦ ସଂଖ୍ୟା ୧୨୮** ଓ ତନ୍ତ୍ର ଅସଂଖ୍ୟ । କିନ୍ତୁ ସମସ୍ତ ଉପନିଷଦ୍ ସୁଲଭ ଥିଲେ ସୁଦ୍ଧା ତନ୍ତ୍ରଶାସ୍ତ୍ର ଅତୀବ ଦୁଷ୍ପ୍ରାପ୍ୟ । ତେଣୁ ଭଗବାନଙ୍କୁ କେହି ମାନନ୍ତି, ପୁଣି କେହି ବା ମାନନ୍ତି ନାହିଁ, କିନ୍ତୁ ଶକ୍ତିଙ୍କୁ ସମସ୍ତେ ସ୍ୱୀକାର କରନ୍ତି । ଏ ଜଗତରେ ଶକ୍ତି ସର୍ବତ୍ର ବିରାଜିତା । ଶକ୍ତି ଦୁଇ ଭାଗରେ ବିଭକ୍ତ, ଜଡ଼ ଓ ଚେତନ । ଆଧୁନିକ ବୈଜ୍ଞାନିକମାନେ ଏହି ଜଡ଼ଶକ୍ତି ନେଇ ଅନୁଶୀଳନ କରୁଛନ୍ତି । ତେଣୁ ଶକ୍ତିର ବିକୃତ ରୂପ ପ୍ରକାଶ ପାଉଛି । **ବ୍ରହ୍ମଚୈତନ୍ୟ ଯେତେବେଳେ ବହୁଭାବରେ ବ୍ୟକ୍ତ ହେବାର ଇଚ୍ଛା କରନ୍ତି,** ସେତେବେଳେ ସେ **ମାୟାଶକ୍ତି** ରୂପରେ ଅଭିବ୍ୟକ୍ତ ହୋଇଥା'ନ୍ତି । ବହୁଭାବର ଜୀବ ଗର୍ଭରେ ଧାରଣ କରୁଥିବାରୁ ସେ **ଜନନୀ,** ପୁଣି ଜଗତ୍ ରୂପରେ ସେ ପ୍ରକଟ ହୋଇ ଜୀବସମୂହକୁ ପ୍ରକାଶ କରି ପୁନରାୟ ସେମାନଙ୍କୁ ସ୍ୱରୂପରେ ଉପନୀତ କରାଇବା ନିମିତ୍ତ ସ୍ୱୟଂ ମହତୀ **କ୍ରିୟାଶକ୍ତି** ରୂପରେ ପ୍ରକଟିତା ହୋଇଥା'ନ୍ତି ଏବଂ ସେହି ପୁଣି ଜୀବମାନଙ୍କୁ ସ୍ୱରୂପ ପ୍ରଦାନରେ ସହାୟକ ହେଉଥିବାରୁ ତାଙ୍କୁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ଏକମାତ୍ର ଅଧିଶ୍ୱରୀ ବୋଲି କୁହାଯାଇଥାଏ । ଏହି ମହାଶକ୍ତିଙ୍କର ବହୁବିଧ ତତ୍ତ୍ୱ ଏହି ଗ୍ରନ୍ଥରେ ଶ୍ରୀଶ୍ରୀଠାକୁର ବର୍ଣ୍ଣନା କରି ତାହାର ସାଧନକୌଶଳ ମଧ୍ୟ ସହଜ ସରଳ ଭାବରେ ବ୍ୟକ୍ତ କରିଛନ୍ତି ।

ମାନବ ତ୍ରିତାପଜ୍ୱାଳାରେ ଦଗ୍ଧ ହୋଇ ଶାନ୍ତି ଆଶାରେ ଚାରିଆଡ଼େ ଘୂରିବୁଲେ ଏବଂ ପୁଣି କିଭଳି ମହାମାୟାଙ୍କ କୃପାରୁ ଶାନ୍ତିର ସନ୍ଧାନ ପାଏ,

ଶ୍ରୀଶ୍ରୀଠାକୁରଙ୍କ ଜୀବନରେ ତାହାର ବହୁ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ରଜୋଗୁଣ ଚଞ୍ଚଳସ୍ୱଭାବ ଓ ଦୁଃଖପ୍ରଦ ହେଲେ ମଧ୍ୟ ଏହି ଗୁଣ ଦ୍ୱାରା ଚାଳିତ ହୋଇ ଜୀବ କର୍ମ ବା ସାଧନା ଦ୍ୱାରା କିଭଳି ପ୍ରକୃତିକୁ ବଶୀଭୂତ କରିପାରେ, ତାହା ମଧ୍ୟ ଶ୍ରୀଶ୍ରୀଠାକୁର ଏହି 'ତାନ୍ତ୍ରିକ ଗୁରୁ' ଗ୍ରନ୍ଥରେ ବିଶେଷ ଭାବରେ ଉଲ୍ଲେଖ କରିଛନ୍ତି । ଦୁଃଖର କଷାଘାତରେ ଜର୍ଜରିତ ନ ହେଲେ ମାନବ ସୁଖର ସନ୍ଧାନ ପାଇପାରେ ନାହିଁ । ଶ୍ରୀଶ୍ରୀଠାକୁର ନାନାବିଧ ଦୁଃଖକଷ୍ଟ ସହ୍ୟ କରି କିଭଳି ଭାବରେ ତାଙ୍କର ପ୍ରିୟତମା ପତ୍ନୀ ସୁଧାଂଶୁ ଦେବୀଙ୍କୁ ଭଗବତ୍ ସ୍ୱରୂପରେ ଉପଲବ୍‌ଧି କରିବା ନିମିତ୍ତ ତନ୍ତ୍ର ସାଧନାରେ ବ୍ରତୀ ହୋଇଥିଲେ ଏବଂ କିଭଳି ମାତୃବିୟୋଗ କାଳରେ ତାଙ୍କର ସ୍ନେହମୟୀ ଜନନୀ ତାଙ୍କୁ ଜଗନ୍ମାତାଙ୍କ କ୍ରୋଡ଼ରେ ସମର୍ପଣ କରିଦେଇ ଯାଇଥିଲେ, ପୁଣି ସେ କିଭଳି ସାଧନାରେ ସିଦ୍ଧ ମନୋରଥ ହୋଇ ମହାଶକ୍ତିଙ୍କୁ **ଜନନୀ, ଜାୟା ଓ କନ୍ୟା ଭାବରେ ଉପଲବ୍ଧି କରି ଗୁରୁଭାବରେ ଅଧିଷ୍ଠିତ** ହୋଇପାରିଥିଲେ, ସେ ବିଷୟରେ ସୂଚନା ସେ ଏହି ପୁସ୍ତକର ଉତ୍ସର୍ଗ ପତ୍ରରେ ପ୍ରଦାନ କରିଛନ୍ତି ।*

ଜଗତରେ କେବଳ ଶକ୍ତିର ପ୍ରକାଶ । କିନ୍ତୁ କାହିଁକି ଯେ ସମସ୍ତେ ଶକ୍ତିହୀନ ବୋଲି ଅନୁଭବ କରୁଛନ୍ତି, ତାହାର ପ୍ରଶ୍ନ ସ୍ୱାଭାବିକ ଭାବରେ ସମସ୍ତଙ୍କ ମନକୁ ଆସେ । ଆମେ ଶକ୍ତି-ଜୟୀ ଋଷିଙ୍କ ବଂଶଧର । ଶକ୍ତି ଏକ ଏବଂ ଅଦ୍ୱିତୀୟ । ଏହି ଜଗତ ମୂଳରେ ସେହି ମହାଶକ୍ତି ବିଦ୍ୟମାନ। । ସେ ଆମର ମାଆ । ଆମ ପୂର୍ବତନ ଯୋଗୀଋଷିମାନେ ବହୁ ତପସ୍ୟା ଫଳରେ ମହାଶକ୍ତିଙ୍କୁ ସାକ୍ଷାତ୍ ଦର୍ଶନ କରିଥିଲେ । କିନ୍ତୁ ସେହି ଯୋଗୀଋଷିମାନଙ୍କ ବଂଶଧରମାନେ କିଭଳି କେବଳ ଶ୍ରଦ୍ଧା ଭକ୍ତି ବଳରେ ଗୁରୁ ବାକ୍ୟରେ ବିଶ୍ୱାସ କରି ଅତି ଅଳ୍ପ ଆୟାସରେ ତାଙ୍କର ଦର୍ଶନ ଲାଭ କରିପାରିବେ, ଶ୍ରୀଶ୍ରୀଠାକୁର ତାହାର ଉପାୟ ବିଧାନ କରିଛନ୍ତି । ବର୍ତ୍ତମାନ ଯୁଗର ବୈଜ୍ଞାନିକମାନେ ଅଳ୍ପଦିନ ହେଲା ସେହି ଶକ୍ତିଙ୍କର ସନ୍ଧାନ ଲାଭ ନିମିତ୍ତ ଚେଷ୍ଟା କରୁଛନ୍ତି ସତ, କିନ୍ତୁ ସେମାନଙ୍କ ପକ୍ଷରେ ସେହି ମହାଶକ୍ତିଙ୍କର ଦର୍ଶନ ଲାଭ କରିବା ବର୍ତ୍ତମାନ ସୁଦ୍ଧା ସମ୍ଭବପର ହୋଇ ନାହିଁ । ଏହି ମହାଶକ୍ତି

* ଶ୍ରୀଶ୍ରୀ ଠାକୁରଙ୍କ ତନ୍ତ୍ରସାଧନାରେ ଗୁହ୍ୟ ବିଷୟ 'ଶ୍ରୀଯୁକ୍ତା ନାରାୟଣୀ ଦେବୀ'ଙ୍କ କୃତ 'ଶ୍ରୀଶ୍ରୀ ନିଗମାନନ୍ଦ ଜୀବନପ୍ରସଙ୍ଗରେ ଲିଖିତ ହୋଇଅଛି ।

ଜଗତ୍ ଅନ୍ତରାଳରେ ଅବସ୍ଥାନ କରି ତାଙ୍କର ଇଚ୍ଛା ଦ୍ୱାରା ଏହି ଜଗତକୁ ନିୟନ୍ତ୍ରିତ କରୁଛନ୍ତି । ଯେପରି ବୈଦ୍ୟୁତିକ ଶକ୍ତିକୁ କେହି ଦେଖିପାରନ୍ତି ନାହିଁ, କିନ୍ତୁ ଆଲୋକର ବିକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ତାହାର ଅସ୍ତିତ୍ୱ ସ୍ୱୀକାର କରିବାକୁ ପଡ଼େ, ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ପ୍ରତ୍ୟକ୍ଷ କରି ଆମେ ଏ ଜଗତ୍ ମୂଳରେ ଯେଉଁ ମହାଶକ୍ତି ବିରାଜିତା ରହିଛନ୍ତି, ତାହା ଅନୁମାନ କରିଥାଉଁ । ଅନ୍ତରାଳରେ ଚୈତନ୍ୟମୟ ସତ୍ତା ନଥିଲେ କୌଣସି କାର୍ଯ୍ୟ ନିଜ ମନକୁ ସମ୍ପନ୍ନ ହୋଇପାରନ୍ତା ନାହିଁ । ଏହି ଶକ୍ତିର ଅନ୍ୟ ନାମ Nature ବା ପ୍ରକୃତି, ଏହାର ଅନ୍ୟ ନାମ **ସ୍ୱଭାବ** । ପ୍ରକୃଷ୍ଟ ରୂପରେ ଯେ କ୍ରିୟାଶୀଳା, ତାହାର ନାମ ପ୍ରକୃତି; ଏବଂ ଏହି ପ୍ରକୃତି ଅନ୍ତରାଳରେ ଯେଉଁ ଚୈତନ୍ୟ ସତ୍ତା ବିରାଜିତ, ତାହାର ନାମ **ସ୍ୱଭାବ** । ଏହାକୁ **ସ୍ୱରୂପ** ମଧ୍ୟ କୁହାଯାଏ । ପ୍ରତ୍ୟେକ ସାଧକ ଚିନ୍ତା କଲେ ହୃଦୟଙ୍ଗମ କରିପାରିବେ ଯେ, ଏହି ଦେହ ଓ ଇନ୍ଦ୍ରିୟର ପରପାରରେ ଚଞ୍ଚଳ ମନର ଅତୀତ ହୋଇ ନିସ୍ତରଙ୍ଗ ସ୍ୱରୂପରେ ଆମର ଗୋଟିଏ ନିଶ୍ଚଳ ଭୂମି ଅଛି । ସେହି ନିସ୍ତରଙ୍ଗ ଆତ୍ମସ୍ୱରୂପର ଯେଉଁ ତରଙ୍ଗାୟିତ ଭାବ, ତାହାର ନାମ **ପ୍ରକୃତି** ବା **ସ୍ୱଭାବ** । ବ୍ୟକ୍ତିଗତ ଭାବରେ ଯେପରି ଆମ ଭିତରେ ଏହି ସ୍ୱଭାବ ବିଦ୍ୟମାନ, ସେହିପରି ସମଷ୍ଟିଗତ ଭାବରେ ବିଶ୍ୱବ୍ରହ୍ମାଣ୍ଡରେ ଅବସ୍ଥିତ ସ୍ୱଭାବକୁ **ଶିବ** କୁହାଯାଏ । ତେଣୁ **ଶିବ ଭାବ ମହାଶକ୍ତିଙ୍କର ନିର୍ଗୁଣ ନିସ୍ତରଙ୍ଗ ଅବସ୍ଥା** । ଶିବଭାବ ଶକ୍ତିଙ୍କର ଅଭେଦ ମିଳନାତ୍ମକ ତ୍ରିଗୁଣାତୀତ ଅବସ୍ଥା ଏବଂ ପ୍ରକୃତି ବା ସ୍ୱଭାବ ତାହାର କ୍ରିୟାଶୀଳ ସଗୁଣ ଅବସ୍ଥା ମାତ୍ର । ଭୂମିକା (Back ground) ନ ଥିଲେ ଯେପରି ଚିତ୍ର ଅଙ୍କିତ ହୋଇପାରେ ନାହିଁ, ସ୍ଥିର ଭୂମିକା ନ ଥିଲେ, ଯେପରି ନୃତ୍ୟ ସମ୍ଭବପର ହୁଏ ନାହିଁ, ସେହିପରି ଅଚଞ୍ଚଳ ସତ୍ତାର ବିଦ୍ୟମାନତା ନଥିଲେ ଶୂନ୍ୟ ଉପରେ ପ୍ରକୃତିର କ୍ରିୟାଶୀଳ ଭାବ ବା ଚଞ୍ଚଳତା ଅର୍ଥାତ୍ ତ୍ରିଗୁଣାତ୍ମିକା ଲୀଳା ମଧ୍ୟ ସମ୍ପାଦିତ ହୋଇପାରନ୍ତା ନାହିଁ । ଅତଏବ ସ୍ୱୀକାର କରିବାକୁ ହେବ ଯେ, ସଦାଚଞ୍ଚଳ ପ୍ରକୃତିର ରସାୟନ ରୂପରେ ଅର୍ଥାତ୍ ସ୍ଥିର ଭୂମିକା ରୂପରେ ଗୋଟିଏ ଅଚଞ୍ଚଳ ସତ୍ତାର ସ୍ଥିତି ରହିଅଛି—ଯାହାକୁ ଅବଲମ୍ବନ କରି ପ୍ରକୃତିର ଲୀଳାବିଳାସ । ତାଙ୍କୁ ହିଁ ଯୋଗଶାସ୍ତ୍ରରେ କହନ୍ତି **ପୁରୁଷ** । ତନ୍ତ୍ରଶାସ୍ତ୍ରରେ ତାଙ୍କରି ନାମ **ମହାକାଳ** । ଏହା ହିଁ **କାଳ ଉପରେ କାଳୀଙ୍କର ନୃତ୍ୟ** । ଏହି କାଳୀ ଦେବୀଙ୍କୁ କିଭଳି ଭାବରେ

ତାନ୍ତ୍ରିକ ମତରେ ସାଧନ କରି ସହଜରେ ସାଧକ ସିଦ୍ଧ ମନୋରଥ ହୋଇପାରନ୍ତି, ସେ ବିଷୟରେ ଅର୍ଥାତ୍ ସ୍ଥୂଳ ଓ ସୂକ୍ଷ୍ମ ପଞ୍ଚ-ମ'କାର ଦ୍ୱାରା କିଭଳି ବୈଜ୍ଞାନିକ ପ୍ରଣାଳୀରେ ସାଧନ କରି ସାଧକ ଏହି ମହାଶକ୍ତିଙ୍କର ସାକ୍ଷାତ୍ ଦର୍ଶନ କରିପାରନ୍ତି, ତାହାର ବହୁବିଧ ସହଜ ପ୍ରଣାଳୀ ଏହି ଗ୍ରନ୍ଥରେ ଶ୍ରୀଶ୍ରୀଠାକୁର ପ୍ରଦର୍ଶନ କରିଛନ୍ତି ।

ପୁନଶ୍ଚ ଯେଉଁ ଶକ୍ତି ବାହାରେ ଯେଭଳି ଭାବରେ ବ୍ରହ୍ମାଣ୍ଡରେ ଲୀଳା କରୁଛନ୍ତି, ସେହି ଶକ୍ତି ମଧ୍ୟ ଜୀବ ଅନ୍ତରରେ ସେହିଭଳି ଭାବରେ ନିତ୍ୟ ବିରାଜିତା ଥାଇ ଲୀଳା କରୁଛନ୍ତି ବା କ୍ରିୟାଶୀଳା ହେଉଛନ୍ତି । ସମଷ୍ଟି-ଜଗତରେ ପ୍ରକୃତି-ପୁରୁଷଙ୍କର ଯେଉଁ ଲୀଳା ଚାଲୁଅଛି, ବ୍ୟଷ୍ଟିରେ ମଧ୍ୟ ସେହିଭଳି ପ୍ରକାଶ । ଆମର ଏହି ଦେହଭାଣ୍ଡ ବିଶ୍ୱବ୍ରହ୍ମାଣ୍ଡର ଗୋଟିଏ କ୍ଷୁଦ୍ର ସଂସ୍କରଣ (Microcosm) । ବିଶ୍ୱବ୍ରହ୍ମାଣ୍ଡରେ ଯେଉଁ ଯେଉଁ ଶକ୍ତିର କ୍ରିୟା ବା ଲୀଳାବିଳାସ ଚାଲୁଅଛି, ଆମମାନଙ୍କର ଏହି କ୍ଷୁଦ୍ର ଦେହରେ ମଧ୍ୟ ସେହି ସେହି ଶକ୍ତିର ଲୀଳାବିଳାସ ଚାଲୁଅଛି । ଏପରିକି ବହିଃଶକ୍ତିକୁ ଆୟତ୍ତ କରିବାକୁ ହେଲେ ବାହାରର ଶକ୍ତିକୁ କୌଣସି ପ୍ରକାରରେ ବିକ୍ଷୋଭିତ ନ କରି ମଧ୍ୟ ଆମ ଦେହାଭ୍ୟନ୍ତରରେ ଯେଉଁ ଶକ୍ତି ନିହିତ ଅଛି, ଯଦି ସେହି ଶକ୍ତିକୁ ଆମେ ଆୟତ୍ତ କରିପାରୁ, ତେବେ ବହିଃଶକ୍ତି ମଧ୍ୟ ତାହା ଫଳରେ ଆୟତ୍ତୀଭୂତ ହେବ । ବହିଃସ୍ଥ ବ୍ରହ୍ମାଣ୍ଡର ସପ୍ତଲୋକ ସହିତ ଆମ କ୍ଷୁଦ୍ର ବ୍ରହ୍ମାଣ୍ଡର ସପ୍ତଚକ୍ରର * ସାମଞ୍ଜସ୍ୟ ବିଦ୍ୟମାନ । ଗୋଟିଏ ଗୋଟିଏ ଚକ୍ର, ଗୋଟିଏ ଗୋଟିଏ 'ଲୋକ' ବା ସ୍ତରର ପ୍ରତୀକ ବା ପ୍ରତିରୂପ । ବହିର୍ଜଗତରେ ଶକ୍ତିର ସନ୍ଧାନ ନେବାକୁ ହେଲେ ଯେପରି ବାହ୍ୟିକ ଭାବରେ ଜଡ଼ରୁ ଶକ୍ତିର ସନ୍ଧାନ ଆବିଷ୍କାର କରିବାକୁ ପଡ଼େ, ସେହିପରି ଅନ୍ତର୍ଜଗତରେ ପୃଥିବୀତତ୍ତ୍ୱର ସ୍ଥାନ ମୂଳାଧାରପଦ୍ମରୁ ସାଧକ ଶକ୍ତିର ସନ୍ଧାନ ଆରମ୍ଭ କରିଥା'ନ୍ତି । ସେହି ମୂଳାଧାରରେ ବିଶ୍ୱଶକ୍ତି କେନ୍ଦ୍ରୀଭୂତ ହୋଇ ସୁଖରେ ନିଦ୍ରାସୁଖ ଉପଭୋଗ କରୁଛନ୍ତି । ତାଙ୍କରି ନିଦ୍ରା ଫଳରେ ଜୀବ ଅଜ୍ଞାନାଚ୍ଛନ୍ନ ହୋଇ ପରମାତ୍ମାଙ୍କୁ ଭୁଲି ଇନ୍ଦ୍ରିୟ ସୁଖ ଭୋଗ ବା ବିଷୟଭୋଗରେ ମତ୍ତ ରହିଅଛି । ସେହି ଶକ୍ତି ଚୈତନ୍ୟ ଲାଭ କରି ଯେତେବେଳେ ସ୍ୱସ୍ଥାନ ତ୍ୟାଗପୂର୍ବକ ଊର୍ଦ୍ଧ୍ୱମୁଖୀ ହେବେ,

* ଦେହସ୍ଥ ଚକ୍ରାଦିର ବିବରଣ ଶ୍ରୀଶ୍ରୀଠାକୁରଙ୍କ ପ୍ରଣୀତ 'ଯୋଗୀଗୁରୁ' ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି ।

ସେତିକିବେଳେ ଆମର ସୁଖସ୍ୱପ୍ନ ଭାଙ୍ଗିଯିବ, ସାଧକ ପ୍ରକୃତ ଜାଗ୍ରତ ଅବସ୍ଥା ଉପଲବ୍ଧି କରିପାରିବେ । ଏହି ଜାଗରଣର ବହୁବିଧ ଉପାୟ ଏବଂ ସ୍ଥୂଳ ଓ ସୂକ୍ଷ୍ମ ପଞ୍ଚ-ମ'କାର ଦ୍ୱାରା କିଭଳି ଆତ୍ମଶକ୍ତିର ଚୈତନ୍ୟ ଲାଭହୁଏ, ଶ୍ରୀଶ୍ରୀଠାକୁର ଏହି ପୁସ୍ତକରେ ତାହାର ବିବିଧ ସାଧନ କୌଶଳ ବର୍ଣ୍ଣନା କରିଛନ୍ତି ।

ବର୍ତ୍ତମାନ ଦେଖିବାକୁ ହେବ ଯେ, ଏହି ଶକ୍ତିଜାଗରଣର ଉପାୟ କ'ଣ ? ବ୍ରହ୍ମଙ୍କ ସୃଷ୍ଟିଇଚ୍ଛାରୁ ହିଁ ଶକ୍ତିର ବିକାର । ସେହି ମହାଶକ୍ତି ସମସ୍ତ ବ୍ରହ୍ମାଣ୍ଡ ଅର୍ଥାତ୍ ମନ, ବୁଦ୍ଧି, ଅହଙ୍କାର, ପଞ୍ଚଭୂତ, ପଞ୍ଚତନ୍ମାତ୍ର ସୃଷ୍ଟିକରି ଅବଶେଷରେ ତାଙ୍କର ଶେଷତତ୍ତ୍ୱ ସେହି ପୃଥ୍ୱୀତତ୍ତ୍ୱରେ ଅର୍ଥାତ୍ ମୂଳାଧାରଚକ୍ରରେ ବିଶ୍ରାମ କରିଛନ୍ତି । ହୃଦୟ ହେଉଛି ଦେହାଭ୍ୟନ୍ତରସ୍ଥ ଚୈତନ୍ୟ ସତ୍ତାର ମୂଳକେନ୍ଦ୍ର । ନିମ୍ନସ୍ତରର ଚୈତନ୍ୟକୁ ଉଚ୍ଚସ୍ତରର ଚୈତନ୍ୟ ସତ୍ତାରେ ପରିଣତ କରିବା ହିଁ ସବୁ ସାଧନାର ମୂଳ ଉଦ୍ଦେଶ୍ୟ । ପୂର୍ବରୁ କୁହାଯାଇଛି ଯେ, ଯେପରି ବିଶ୍ରାମ ମଧ୍ୟରେ କର୍ମଶକ୍ତି ଅନ୍ତର୍ନିହିତ ଥାଏ, ସେହିପରି କର୍ମ ମଧ୍ୟରେ ମଧ୍ୟ ବିଶ୍ରାମର ଆକାଂକ୍ଷା ଅନ୍ତର୍ନିହିତ ଥାଏ । ପ୍ରତ୍ୟେକ କର୍ମର ଚଞ୍ଚଳତା ମଧ୍ୟରେ ଗୋଟିଏ ସ୍ଥିର-ସତ୍ତା ବିଦ୍ୟମାନ । ଶିବ ହିଁ ବାସ୍ତବ ଜଗତ୍‌ର ସ୍ଥିର-ସତ୍ତାର ପ୍ରତୀକ ଏବଂ ଶକ୍ତି ହେଉଛନ୍ତି ଚଞ୍ଚଳ-ସତ୍ତା । ଏହି ସତ୍ତା ଦୁଇଟି ବୋଲି ପ୍ରତୀୟମାନ ହେଉଥିଲେ ମଧ୍ୟ ଏକ ଏବଂ ଅଭିନ୍ନ । ତେଣୁ ମାୟାର ଅର୍ଥ ମିଥ୍ୟାଦର୍ଶନ ନୁହେଁ, ଶକ୍ତିସାଧକଙ୍କ ମତାନୁସାରେ ଅରୂପଙ୍କର ରୂପଦର୍ଶନକୁ ମାୟା କହନ୍ତି । ଏହି ଶକ୍ତି ଚିତ୍ ଅର୍ଥାତ୍ ସ୍ଥିତିଶୀଳ ଏବଂ ମାୟା ଶକ୍ତି ଅର୍ଥାତ୍ ପ୍ରଗତି-ଶୀଳା ଭାବରେ ମୂଳାଧାର ଚକ୍ରରେ କୁଣ୍ଡଳିନୀଶକ୍ତି ରୂପରେ ନିଦ୍ରିତା ଅଛନ୍ତି । କେବଳ ତାଙ୍କୁ ଜାଗ୍ରତ କଲେ ହେବ ନାହିଁ, ଆଧ୍ୟାତ୍ମିକ ଉନ୍ନତି ଲାଭ ନିମିତ୍ତ ଅନ୍ତତଃ ତାଙ୍କୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ଉଠାଇ ପରିଶେଷରେ ପରମଶିବଙ୍କ ସହିତ ଯୁକ୍ତ କରି ନ ପାରିଲେ ସାଧକଙ୍କର ଅଭୀଷ୍ଟ ସିଦ୍ଧ ହେବ ନାହିଁ କିମ୍ବା କୌଣସି ପ୍ରକାରେ ମନ୍ତ୍ରର ଚୈତନ୍ୟ ହେବ ନାହିଁ । କାରଣ ଶକ୍ତି ସମଗ୍ର ଜଗତ ସୃଷ୍ଟି କରି ମଧ୍ୟ ତାଙ୍କର ଶେଷ-ସୃଷ୍ଟି ମାନବ ଶରୀରରେ ମୂଳାଧାର ଚକ୍ରରେ ସୁଖରେ ନିଦ୍ରାଯିବା ଫଳରେ ଚୈତନ୍ୟ ବା ପରମଶିବ ଶକ୍ତିହୀନ ହୋଇପଡ଼ିଛନ୍ତି । ତେଣୁ ସେହି ଶକ୍ତିଙ୍କୁ ଜାଗରିତା କରି ପୁନରାୟ ସେହି ଶକ୍ତିକୁ ତାଙ୍କରିଠାରେ ଯୁକ୍ତ କରିବା ନିମିତ୍ତ ଜୀବକୁ ସର୍ବଦା ସେ ପ୍ରେରଣା ଦାନ କରୁଛନ୍ତି । ସେଥିପାଇଁ ଯେଉଁ ସାଧକ

ଶକ୍ତିସାଧନାରେ ବ୍ରତୀହୋଇ ଏହି ଶକ୍ତିଙ୍କୁ ଜାଗରିତା କରି ଶ୍ରୀଗୁରୁଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରନ୍ତି, ତାଙ୍କ ପ୍ରତି ଗୁରୁଦେବ ବିଶେଷ ପ୍ରସନ୍ନ ହୁଅନ୍ତି ଏବଂ କେହି ଯଦି ଏହି ଜାଗରିତ ଶକ୍ତିଙ୍କୁ ଗୁରୁଦେବଙ୍କ ଇଚ୍ଛା ଅନୁସାରେ ପରମଶିବଙ୍କ ସହିତ ଯୋଗଯୁକ୍ତ ନ କରି ବିଷୟଭୋଗ ସୁଖରେ ଲିପ୍ତ ରହନ୍ତି କିମ୍ବା ଅର୍ଦ୍ଧପଥରୁ ପ୍ରତ୍ୟାବର୍ତ୍ତନ କରନ୍ତି, ସେମାନଙ୍କ ପ୍ରତି ଗୁରୁଦେବଙ୍କର କୋପଦୃଷ୍ଟି ପତିତ ହୁଏ । ଏହି କୁଣ୍ଡଳିନୀଶକ୍ତିଙ୍କୁ କିଭଳି ପରମଶିବସତ୍ତାରେ ଯୋନିମୁଦ୍ରା ସାହାଯ୍ୟରେ ମିଳିତ କରିବାକୁ ହୁଏ, ତାହାର ସହଜ ସରଳ ପ୍ରଣାଳୀ ଶ୍ରୀଶ୍ରୀଠାକୁର ଏହି ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି ।

ଦର୍ଶନଶାସ୍ତ୍ରମତାନୁସାରେ ବିଶୁଦ୍ଧ ଚୈତନ୍ୟସତ୍ତା ହିଁ ଶିବ, ପ୍ରକୃତି ତାଙ୍କର ଶକ୍ତି । ଏହି ପ୍ରକୃତି ଶିବଙ୍କ ସହିତ ଅଭିନ୍ନ ଭାବରେ ବିରାଜିତ । ମନୁଷ୍ୟ ଶରୀରର ମସ୍ତିଷ୍କାଭ୍ୟନ୍ତରସ୍ଥ ସର୍ବୋଚ୍ଚ ସ୍ନାୟୁକେନ୍ଦ୍ର ସହସ୍ରାରରେ ଯେପରି ଶିବଙ୍କୁ ଅନୁଭବ କରିହୁଏ, ସେହିପରି ମେରୁଦଣ୍ଡର ସର୍ବନିମ୍ନ ଚକ୍ରରେ ଅର୍ଥାତ୍ 'ମୂଳାଧାରଚକ୍ର'ରେ ଜୀବନୀଶକ୍ତି ବା ଜୀବାତ୍ମାର ପ୍ରାଣ ରୂପରେ ଏହି ବିଶ୍ୱର ସୃଷ୍ଟିକାରିଣୀ ମାତୃସଦୃଶା ମହାଦେବୀଙ୍କୁ ଅନୁଭବ କରାଯାଇଥାଏ । ଏହି ଶିବଶକ୍ତିଙ୍କର ମିଳନସାଧନ ହିଁ ସିଦ୍ଧିପଦବାଚ୍ୟ ।

ଶକ୍ତିସାଧକମାନେ ଶକ୍ତି ଅଂଶକୁ ମାତୃରୂପରେ ଆରାଧନା କରିଥା'ନ୍ତି । କାରଣ ଏହି ଶକ୍ତି ସମଗ୍ର ବିଶ୍ୱକୁ ସ୍ୱୀୟ ଜଠରରୁ ଉତ୍ପନ୍ନ କରି ଲାଳନପାଳନ ଓ ଅଭିବୃଦ୍ଧି ସାଧନ କରିଥା'ନ୍ତି । ଏହା ହିଁ ଚୈତନ୍ୟସତ୍ତାଙ୍କର କ୍ରିୟାତ୍ମକ ବିଭାବ ବା active aspect । ପୂର୍ବ ପୂର୍ବ ସୃଷ୍ଟିମାନଙ୍କର ସୁଖଦୁଃଖର ସଂସ୍କାର ଅନୁସରଣ କରି ଏ ସୃଷ୍ଟିର କଳ୍ପନା କରିଥା'ନ୍ତି । ତେଣୁ ଏହାଙ୍କୁ ମାତୃଭାବରେ ଉପାସନା କରାଯାଇଥାଏ । ଏଥିପାଇଁ ପ୍ରତ୍ୟେକ ମାନବ ଜନ୍ମ ହେଲା ମାତ୍ରେ 'ମା' ଏହି ମନ୍ତ୍ର ଉଚ୍ଚାରଣ କରନ୍ତି । ଏହି କାରଣରୁ ମହାଶକ୍ତିଙ୍କୁ ମାତୃଭାବରେ ଉପାସନା କରିବାର ବହୁବିଧ ପ୍ରଣାଳୀ ଶ୍ରୀଶ୍ରୀଠାକୁର ଏହି ପୁସ୍ତକରେ ଲିପିବଦ୍ଧ କରିଛନ୍ତି ।

ଏହି ଦୃଶ୍ୟ-ଜଗତରେ କେବଳ ଚେତନ ବା ପୂର୍ଣ୍ଣ-ଅଚେତନ—ଏଭଳି କୌଣସି ସତ୍ତା ବିଦ୍ୟମାନ ନାହିଁ । ପ୍ରତ୍ୟେକ ବସ୍ତୁରେ ଚେତନ ଓ ଅଚେତନ ସତ୍ତା

ମିଳିତ ଭାବରେ ବିଦ୍ୟମାନ । ଚିତ୍‌ଶକ୍ତିର ବିକାଶର ତାରତମ୍ୟ ଅନୁସାରେ ଏହାର ବିକାଶ ଦୃଷ୍ଟିଗୋଚର ହୁଏ । ଚୈତନ୍ୟ ନିଜେ ନିଜକୁ ମାୟା ଦ୍ୱାରା ଆବୃତ କରି ଏହି ବିଶ୍ୱସୃଷ୍ଟିର କଳ୍ପନା କରିଥା'ନ୍ତି । ତେଣୁ ଏହି ସୃଷ୍ଟି ଈଶ୍ୱରଙ୍କ କଳ୍ପନାସମ୍ଭୂତ । **'ମୀୟତେ ଅନୟା ଇତି ମାୟା'** । ମାୟା ଅର୍ଥାତ୍ ପରିମାପକ ଶକ୍ତି ଏହି ଅନନ୍ତର ଅଖଣ୍ଡ ସତ୍ତାକୁ ବିଭିନ୍ନ ନାମରେ ରୂପ-ପ୍ରଦାନ କରି ମାନବ ନିକଟରେ ଏକମାତ୍ର ସତ୍ତାକୁ ବିଭିନ୍ନ ଭାବରେ ପ୍ରକାଶିତ କରିଥା'ନ୍ତି । ମାୟା ନ ଥିଲେ ଏହି ବିଶ୍ୱରେ ଏକତ୍ୱବୋଧ ବିରାଜିତ ଥାଆନ୍ତା । ଏହି ମାୟା ପ୍ରଭାବ ହେତୁ ଜଗତର ପ୍ରତ୍ୟେକ ବସ୍ତୁ ପରସ୍ପରଠାରୁ ଭିନ୍ନ ବୋଲି ବୋଧ ହୁଏ । ଶକ୍ତି ଶିବତତ୍ତ୍ୱର ବିପରୀତ ବିଭାବ । ଶିବଚୈତନ୍ୟ ଯେତେବେଳେ କେବଳ ଆତ୍ମସତ୍ତାରେ ନିମଜ୍ଜିତ ରହି ଜଗତ୍ ଭୁଲିଯା'ନ୍ତି, ଶକ୍ତି ବା ମାୟା ସେତେବେଳେ ତାଙ୍କ ଅନୁଭବଯୋଗ୍ୟ ବିଷୟ ରୂପରେ ତାଙ୍କ ସମ୍ମୁଖରେ ପ୍ରତିଭାତ ହୋଇ ତାଙ୍କର ଦୃଷ୍ଟି ବାହାରକୁ ଆକର୍ଷଣ କରିଥା'ନ୍ତି । ସେ ଦୃଶ୍ୟ ରୂପରେ ପ୍ରକଟିତ ହୁଅନ୍ତି । ଦ୍ରଷ୍ଟା-ଚୈତନ୍ୟ ଯେତେବେଳେ ପ୍ରଥମେ ମାୟାଙ୍କର ଲୀଳା ଦର୍ଶନ କରନ୍ତି, ସେତେବେଳେ ଦ୍ୱୈତବୋଧ ଜାଗ୍ରତ ହୁଏ । ସେତେବେଳେ ସେହି ଚୈତନ୍ୟଙ୍କର ନାମ ହୁଏ **ସଦାଶିବ** । ତପୂରେ ଏହି ତତ୍ତ୍ୱ ଦ୍ୱିତୀୟ ତତ୍ତ୍ୱ ବା ଈଶ୍ୱର ତତ୍ତ୍ୱ ଏବଂ ତୃତୀୟରେ ବିଦ୍ୟା ତତ୍ତ୍ୱ ରୂପରେ ପ୍ରକାଶିତ ହୁଅନ୍ତି । ତନ୍ତ୍ର ଶାସ୍ତ୍ରର ମନ୍ତ୍ର ବିଭାଗରେ ଏହି ଦୁଇ ତତ୍ତ୍ୱ 'ଶିବ-ଶକ୍ତି ନାଦ-ବିନ୍ଦୁ' ନାମରେ ନାମିତ ହୋଇଥା'ନ୍ତି । ନାଦ ହେଉଛି ବିଶ୍ୱଚୈତନ୍ୟର ଭାବନା ବା ଧାରଣା ଜାତ ହେଲା ମାତ୍ରେ ସୃଷ୍ଟି ହେଉଥିବା ପ୍ରଥମ ସ୍ପନ୍ଦନ ବା ଗତି । ଏହାହିଁ ଶବ୍ଦ ବ୍ରହ୍ମରେ ପରିଣତ ହୁଏ । ଏହି ଶବ୍ଦ-ବ୍ରହ୍ମଙ୍କଠାରୁ ହିଁ ବିଶ୍ୱରେ ଯେତେପ୍ରକାର ବସ୍ତୁର ଧାରଣା ଅଛି ଓ ଯେତେ ବସ୍ତୁ ଅଛି ଏବଂ ଯେଉଁ ଭାଷାରେ ସେଗୁଡ଼ିକୁ ଅଭିହିତ କରାଯାଏ, ସେ ସମସ୍ତ ଉଦ୍‌ଭୂତ ହୋଇଅଛି । ତନ୍ତ୍ର ଶାସ୍ତ୍ରରେ **ବିନ୍ଦୁର ଅର୍ଥ** ହେଉଛି, କ୍ରିୟାଶୀଳ ଚୈତନ୍ୟଙ୍କର ଦ୍ରଷ୍ଟା ଓ ଦୃଶ୍ୟ ଭାବର ଏକାତ୍ମବୋଧର ଅବସ୍ଥା ।

ଶକ୍ତି ଶିବଙ୍କ ଚତୁଃପାର୍ଶ୍ୱରେ କୁଣ୍ଡଳାକାରରେ ବେଷ୍ଟନ କରି ଅବସ୍ଥାନ କରୁଥିବାରୁ ତାଙ୍କର ଅପର ନାମ **କୁଣ୍ଡଳିନୀ ଶକ୍ତି** । ଏହାକୁ ସର୍ପ ସହିତ ମଧ୍ୟ ତୁଳନା କରାଯାଏ । କାରଣ ସୁପ୍ତାବସ୍ଥାରେ ଏହା ବକ୍ର ବା କୁଣ୍ଡଳୀକୃତ ଭାବରେ

ବଶ୍ରାମ କରୁଥା'ନ୍ତି । ତନ୍ତ୍ର ଶାସ୍ତ୍ର ମତରେ ବିନ୍ଦୁ ତାହାର ଉତ୍ପତ୍ତିସ୍ଥଳରୁ ସରଳ ଭାବରେ ଗତି କରିବା ବେଳେ ମାୟା ପ୍ରଭାବରେ କିଞ୍ଚିତ୍ ବକ୍ର ହୋଇଥାଏ । ଫଳରେ ଗତି କରିବା ସମୟରେ ତ୍ରିଭୁଜାକାର ହୋଇଥାଏ । ନିର୍ଗୁଣ ବ୍ରହ୍ମଙ୍କର ଏହି କୁଣ୍ଡଳିନୀ ବା ତଟସ୍ଥାଶକ୍ତି ବ୍ରହ୍ମଙ୍କର ଚିତ୍‌କ'ଣ । ଏହା ସଗୁଣା ଓ ନିର୍ଗୁଣା । ନିର୍ଗୁଣରେ ଏହା ଶୁଦ୍ଧଚୈତନ୍ୟରୂପିଣୀ ଓ ଆନନ୍ଦସ୍ୱରୂପା, ସୃଷ୍ଟିକ୍ରିୟାରେ ଏହି ଶକ୍ତି ବ୍ରହ୍ମାନନ୍ଦପ୍ରକାଶିନୀ ଏବଂ ସଗୁଣାବସ୍ଥାରେ ଏହା ସର୍ବଭୂତପ୍ରକାଶିନୀ ଶକ୍ତି । ବ୍ୟଷ୍ଟିଶରୀରରେ ଏହି ଶକ୍ତିର ପୂର୍ଣ୍ଣ ବିଶ୍ରାମ ଏବଂ ସେ ସମସ୍ତ ଗତିଶୀଳ ଶକ୍ତିଗୁଡ଼ିକର ସ୍ଥିତିଶୀଳ ଓ ଗତିଶୀଳ—ଉଭୟ ଶକ୍ତି ରୂପରେ ପ୍ରକାଶିତ ହୋଇଥା'ନ୍ତି । ଯୋଗ ବା ସାଧନା ଦ୍ୱାରା ଦ୍ୱିଧା ବିଭକ୍ତ ଶକ୍ତିଦ୍ୱୟକୁ ପୁନରାୟ ଏକତ୍ର କରି ଏକ ତତ୍ତ୍ୱରେ ବିଲୀନ କରିବା ସମ୍ଭବପର ହୋଇଥାଏ । ଚୈତନ୍ୟଙ୍କର ପୁଣି ଭୁକ୍ତି ଓ ମୁକ୍ତି—ଏହି ଦ୍ୱିବିଧ ବିଭାବ ଅଛି । ମୁକ୍ତି ଅବସ୍ଥାରେ ଏହା ନାମରୂପ ଗ୍ରହଣ କରି ଭୋଗ୍ୟ ବିଷୟ ରୂପରେ ପରିଣତ ହୋଇଥା'ନ୍ତି । ଶାକ୍ତତନ୍ତ୍ରର ଲକ୍ଷ୍ୟ ହେଉଛି, ସାଧନା ସାହାଯ୍ୟରେ ଚୈତନ୍ୟଙ୍କର ଏହି ଦ୍ୱିବିଧ ବିଭାଗକୁ ଲାଭ କରିବା । ଜଗତର ନାନାବିଧ ଭୋଗ୍ୟବସ୍ତୁ ମଧ୍ୟରେ ରହି କିଭଳି ଭଗବତ୍ ଭାବରେ ମନ ନିଯୁକ୍ତ କରାଯାଇପାରେ, ଏଭଳି ବିଭିନ୍ନ ସାଧନା ବା ପ୍ରବୃତ୍ତି ଭିତରେ ଥାଇ ତନ୍ତ୍ରସାଧନା ସାହାଯ୍ୟରେ କିପରି ସାଧକ ମୁକ୍ତିଲାଭ ପୂର୍ବକ ବ୍ରହ୍ମ ପଦରେ ଅବସ୍ଥାନ କରିପାରିବେ, ତାହାର ବିଭିନ୍ନ ସାଧନକୌଶଳ ଏହି ପୁସ୍ତକରେ ଶ୍ରୀଶ୍ରୀ ଠାକୁର ଲିପିବଦ୍ଧ କରିଛନ୍ତି ।

ଶିବଙ୍କ ମୂଳସତ୍ତାରେ କୌଣସି ପରିବର୍ତ୍ତନ ସାଧିତ ହୋଇ ନଥାଏ, କିନ୍ତୁ ଶକ୍ତି ରୂପରେ ତାଙ୍କର ବିବିଧ ପରିବର୍ତ୍ତନ ଘଟେ । ସୃଷ୍ଟି-ଇଚ୍ଛା ଜାଗ୍ରତ ହେଲାମାତ୍ରେ ଗୋଟିଏ କମ୍ପନ ସୃଷ୍ଟି ହୋଇ ତାହା ନାଦରେ ପରିଣତ ହୋଇଯାଏ ଏବଂ ଶେଷରେ ବିନ୍ଦୁରୂପ ଗ୍ରହଣ କରେ । ଏହି ବିନ୍ଦୁ ହିଁ **ଈଶ୍ୱରତତ୍ତ୍ୱ** । ଏହାହିଁ ସମସ୍ତଙ୍କର ଉପାସ୍ୟ । ଏହ ନାଦବିନ୍ଦୁ ହିଁ ଓଁ-କାରାଦି ବୀଜମନ୍ତ୍ର ରୂପରେ ଅଭିବ୍ୟକ୍ତ । ପ୍ରକୃତିଠାରୁ ମନ ପ୍ରଭୃତି ସମସ୍ତ ଭୂତ ଉତ୍ପନ୍ନ ହୋଇଥାଏ । ଉପରୋକ୍ତ ଭାବରେ ଶକ୍ତି ପଞ୍ଚଭୂତ ଏବଂ ତାହାର ଦେବତାମାନଙ୍କୁ ସୃଷ୍ଟି କରି ସର୍ବଶେଷରେ ପୃଥିବୀ ତତ୍ତ୍ୱର ଆଶ୍ରୟୀଭୂତ ମୂଳାଧାରଚକ୍ରରେ ତାହାର କାର୍ଯ୍ୟ ଶେଷ କରି ପୁନରାୟ ବିଶ୍ରାମ

ଗ୍ରହଣ କରିଥା'ନ୍ତି । ଗୋଟିଏ ପରମାଣୁ ଭିତରେ ଯେପରି ଗୋଟିଏ ସ୍ଥିତିଶୀଳ କେନ୍ଦ୍ର ଚତୁଃପାର୍ଶ୍ୱରେ ଗତିଶୀଳ ଶକ୍ତିରାଜି ଭ୍ରମଣ କରୁଥାଏ, ମନୁଷ୍ୟଶରୀର ଭିତରେ ସେହିପରି କୁଣ୍ଡଳିନୀ ଶକ୍ତି ହିଁ ସ୍ଥିତିଶୀଳ ଶକ୍ତି ଭାବରେ କାର୍ଯ୍ୟ କରିଥାଏ । ତେଣୁ ସମଗ୍ର ଶରୀର ଗୋଟିଏ ଶକ୍ତିର ଆଧାର ହିସାବରେ ନିରବଚ୍ଛିନ୍ନ ଭାବରେ ଗତି କରୁଥାଏ । କୁଣ୍ଡଳିନୀଶକ୍ତି ଏହି ସମସ୍ତ କାର୍ଯ୍ୟର ମୂଳରେ ଥିବା ସ୍ଥିର ଆଧାର ରୂପରେ ବିଦ୍ୟମାନ । ଏହି ଶରୀର ଗୋଟିଏ ଅନନ୍ତ ଶକ୍ତିର ଆଧାର । ଦେବତା ବା ଈଶ୍ୱରଙ୍କୁ ଦର୍ଶନ କରିବା ନିମିତ୍ତ ସ୍ୱର୍ଗକୁ ଗତି କରିବାର କଳ୍ପନା ପଛରେ ଧାବିତ ହେବାର କୌଣସି କାରଣ ନାହିଁ । ଏହି ମନୁଷ୍ୟର ଅନ୍ତର ମଧ୍ୟରେ ଅନ୍ତର୍ଯ୍ୟାମୀ ବା ଅନ୍ତରାତ୍ମା ରୂପରେ ସମସ୍ତ ତତ୍ତ୍ୱ ବିଦ୍ୟମାନ । ତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକର ଲକ୍ଷ୍ୟ ହେଉଛି —ଶରୀର ଭିତରେ ଥିବା ବିଭିନ୍ନ ଶକ୍ତିର ବିକାଶ ସାଧନ । ତନ୍ତ୍ର ଶାସ୍ତ୍ର ମତରେ ମନୁଷ୍ୟ ଯାହା ଇଚ୍ଛା କରିବ, ସେ ତାହାର ଇଚ୍ଛାଶକ୍ତିକୁ ସେଥିରେ କେନ୍ଦ୍ରୀଭୂତ କଲେ ତାହା ନିଶ୍ଚୟ ସିଦ୍ଧ ହେବ । କାରଣ ମନୁଷ୍ୟ ମୌଳିକ ଦୃଷ୍ଟିରୁ ଈଶ୍ୱରଙ୍କ ସହିତ ସମାନ ଉପାଦାନରେ ଗଠିତ । ତେଣୁ ଯେ ଯେତେ ପରିମାଣରେ ନିଜ ଭିତରେ ଶକ୍ତିର ଚୈତନ୍ୟ ସମ୍ପାଦନ କରିପାରନ୍ତି, ସେ ସେହି ପରିମାଣରେ ଶକ୍ତିଲାଭ କରିଥା'ନ୍ତି । କୁଣ୍ଡଳିନୀ ହିଁ ସମସ୍ତ ଶକ୍ତିର କେନ୍ଦ୍ରସ୍ଥଳ । ସମସ୍ତ ମନ୍ତ୍ର ଏହି ଶକ୍ତିରୁ ଜାତ । ମନ୍ତ୍ର ହେଉଛି, ଶକ୍ତିର ଗୋଟିଏ ସଂକ୍ଷିପ୍ତ ଶାବ୍ଦିକ ସୂଚନା ବା ବିକାଶ ।

ମନ ବା ବାହ୍ୟ ଜଡ଼ବସ୍ତୁ ଯେପରି ଗୋଟିଏ ଗୋଟିଏ ଶକ୍ତି, ଭାବନା ବା ଚିନ୍ତା ମଧ୍ୟ ସେହିପରି ଗୋଟିଏ ଗୋଟିଏ ଶକ୍ତି । ମନ୍ତ୍ର ହିଁ ଶବ୍ଦବ୍ରହ୍ମଙ୍କର ବିକଶିତ ରୂପ । ମନର ଦୁଇଟି ବିଭାବ, ଗୋଟିଏ ଦୃଶ୍ୟବସ୍ତୁର ରୂପ ଗ୍ରହଣ କରେ ଓ ଅନ୍ୟଟି ଦ୍ରଷ୍ଟାରୂପ ଗ୍ରହଣ କରି ତାକୁ ଶାବ୍ଦିକ ରୂପ ପ୍ରଦାନ କରେ । ଏହାକୁ ନାମ ବା ମନ୍ତ୍ର କୁହାଯାଏ । ସୃଷ୍ଟି ଆରମ୍ଭରୁ ପରା, ପଶ୍ୟନ୍ତି, ମଧ୍ୟମା ଓ ବୈଖରୀ କ୍ରମରେ ସୃଷ୍ଟିର ସମସ୍ତ ପଦାର୍ଥ ନାମ ରୂପ ଗ୍ରହଣ କରିଅଛି । ମନର ଦୃଶ୍ୟ ଅଂଶ ହିଁ ଅର୍ଥ । ଏହି ଅର୍ଥ ହିଁ ସ୍ଥୂଳ ପଦାର୍ଥର ମାନସିକ ରୂପ । ଏହି ମାନସିକ ରୂପରେ ବା କଳ୍ପନାରେ ଅଧିକ ଚିନ୍ତାଶକ୍ତି ପ୍ରୟୋଗ କରି ଚିନ୍ତାକୁ ଗାଢ଼ତର କରିପାରିଲେ, ସେହି ସୂକ୍ଷ୍ମ ମାନସିକ ଅର୍ଥ ବା ମନ୍ତ୍ରାର୍ଥରୁ ସ୍ଥୂଳ ଦ୍ରବ୍ୟ ରଚନା କରାଯାଇପାରେ । ଏହାକୁ ମନ୍ତ୍ର

ଚୈତନ୍ୟ କୁହାଯାଏ । ଏହି ମନ୍ତ୍ର ଚୈତନ୍ୟର ସହଜ ଓ ସୁଖସାଧ୍ୟପ୍ରଣାଳୀ ଶ୍ରୀଶ୍ରୀଠାକୁର ଏହି ପୁସ୍ତକରେ ଲିପିବଦ୍ଧ କରିଛନ୍ତି ।

ବୀଜମନ୍ତ୍ର ସେହି ଭୂତର ସ୍ଥୂଳ ରୂପ ପରିଗ୍ରହ ନିମିତ୍ତ ନିଯୁକ୍ତ ଥିବା ଶକ୍ତିସମୂହକୁ ଚାଳିତ କରିବାରେ ଉପଯୁକ୍ତ ଧ୍ୱନିକୁ ବୁଝାଏ । ଅଗ୍ନିର ସୃଷ୍ଟି ପାଇଁ ଯେଉଁ ସମ୍ମିଳିତ ଶକ୍ତିର ସୃଷ୍ଟି ହୋଇଥାଏ, ସେହି ଶକ୍ତିଗୁଡ଼ିକୁ ଚାଳିତ କରିବାରେ ଯେଉଁ ଶବ୍ଦ ଉତ୍‌ଥିତ ହୁଏ, ତାହାର ବୀଜମନ୍ତ୍ର 'ରଂ' ସହିତ ସମାନ । ତେଣୁ ଏହାକୁ **ଅଗ୍ନିବୀଜ** କହନ୍ତି । ମନ୍ତ୍ର ଏବଂ ଦେବତା ଏକ ଏବଂ ଅଭିନ୍ନ । ଶବ୍ଦ ଓ ଅର୍ଥ ଭିତରେ ନାମ-ନାମୀ ସମ୍ବନ୍ଧ ବିଦ୍ୟମାନ । ମନ୍ତ୍ରଜପ ଦ୍ୱାରା ମନ୍ତ୍ରପ୍ରତିପାଦ୍ୟ ଦେବତାଙ୍କୁ ଆହ୍ୱାନ କରାଯାଇଥାଏ । ଜପ ପ୍ରକ୍ରିୟାକୁ ସୁପ୍ତ ବ୍ୟକ୍ତିକୁ ଜାଗ୍ରତ କରିବା ସହିତ ତୁଳନା କରାଯାଇଥାଏ । ମନ୍ତ୍ରଜପ ବା ବୀଜମନ୍ତ୍ର ଜପର ବିବିଧ ଯୌଗିକ ବା ବୈଜ୍ଞାନିକ ପ୍ରଣାଳୀ ଏହି ପୁସ୍ତକରେ ସନ୍ନିବେଶିତ ହୋଇଅଛି ।

ଜପଦ୍ୱାରା ଆନୀତ ଦେବତା ସାଧକଙ୍କର ସନ୍ତାନତୁଲ୍ୟ । କିନ୍ତୁ ଏହି ଦେବତା ପ୍ରଥମରୁ ବିଶ୍ୱର ପରମ ଦେବତା ବୋଲି କୁହାଯାଇ ନ ପାରେ । ଏହାହିଁ ମନ୍ତ୍ରସିଦ୍ଧି ଫଳରେ ସାଧକଙ୍କ ଅନ୍ତର୍ଦେବତାଙ୍କର ବହିର୍ବିକାଶ । ମନୁଷ୍ୟର ଅନ୍ତର ମଧ୍ୟରେ ସମସ୍ତ ବୀଜମନ୍ତ୍ର ବିଜ୍ଞାନ ବା ସଂସ୍କାର ରୂପରେ ନିହିତ ଅଛି । ମନ୍ତ୍ରଜପର ଗୁରୁନିର୍ଦ୍ଦିଷ୍ଟ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ ଦ୍ୱାରା ଜୀବ ହୃଦୟରେ ସେହି ସଂସ୍କାରଗୁଡ଼ିକ ଜୀବନ୍ତ ହୋଇ ଫୁଟିଉଠନ୍ତି ଏବଂ ତାଙ୍କର ରୂପ ଜୀବ ସମ୍ମୁଖରେ ପ୍ରତିଭାତ ହୁଏ । ତେଣୁ ମନ୍ତ୍ରଗୁଡିକ ସଂସ୍କାରର ରୂପାନ୍ତରବିଶେଷ । ପ୍ରବଳ ଇଚ୍ଛାଶକ୍ତିର ବିକାଶ ନିମିତ୍ତ ଏକାଗ୍ରତା ସାଧନ ହିଁ **ମନ୍ତ୍ରସିଦ୍ଧିର ସହଜ ଉପାୟ** । ଶରୀର ମଧ୍ୟରେ ବୀଜମନ୍ତ୍ରଗୁଡିକ **'ପରାନାଦ'** ଭାବରେ କୁଣ୍ଡଳିନୀ ଶରୀରରେ ନିହିତ ଥାଏ । ଯେତେବେଳେ ଶକ୍ତି ପ୍ରଥମେ କୌଣସି ବିଷୟ ଧାରଣା କରନ୍ତି, ସେତେବେଳେ ଏହି ଶକ୍ତି ଅମ୍ବା ବା ଆମ୍ବା ବା ଅମ୍ବିକା ବା ମାତୃରୂପ ଗ୍ରହଣ କରି **'ପରମାକଳା'** ନାମରେ ନାମିତ ହୋଇଥାନ୍ତି । ପଶ୍ୟନ୍ତି ଓ ମଧ୍ୟମାନାଦ ସାହାଯ୍ୟରେ ଏ ବ୍ୟକ୍ତି ଶବ୍ଦ ଗ୍ରହଣ କରନ୍ତି । ଇଚ୍ଛାଶକ୍ତି ବଳରେ ବୀଜାକାରରେ ଥିବା ଜଗତକୁ ଯେତେବେଳେ ଶକ୍ତି ବାହାରେ ବିକାଶ କରିବାକୁ ଉଦ୍ୟତ ହୁଅନ୍ତି,

ସେତେବେଳେ ତାହା ହିଁ **ଶକ୍ତିଙ୍କର ପଶ୍ୟନ୍ତି ନାଦର ଅବସ୍ଥା ।** ତେଣୁ ଏହି ଶକ୍ତିଙ୍କୁ 'ବାମା' ଅର୍ଥାତ୍ ଜଗତ ବମନ କରିବାକୁ ବା ଜଗତ ପ୍ରକାଶ କରିବାକୁ ଉଦ୍ୟତ ବୋଲି ଅଭିହିତ କରାଯାଇଛି । ମଧ୍ୟମା ଅବସ୍ଥାରେ ଏ ଜ୍ଞାନଶକ୍ତିରେ ଉପନୀତ ହୋଇଥା'ନ୍ତି ଏବଂ କୁଣ୍ଡଳିନୀ ସରଳରେଖାକୃତି ଧାରଣ କରନ୍ତି । ଏହି ଭାବରେ କୁଣ୍ଡଳିନୀ ଶକ୍ତି ସମସ୍ତ ମାତୃକା ବର୍ଣ୍ଣ ସୃଷ୍ଟି କରିଥାଆନ୍ତି । ଏହି ବର୍ଣ୍ଣମାଳା ହିଁ ମା'ଙ୍କ ଗଳାର ଅସ୍ଥିମାଳା ସଦୃଶ । ଏହା ମଧ୍ୟ ଏହି ଶକ୍ତିଙ୍କଠାରେ ଲୟପ୍ରାପ୍ତ ହୁଏ । ଏହି ଶକ୍ତିଙ୍କ ସହିତ ତାରାଦେବୀଙ୍କର ଅତି ଘନିଷ୍ଠ ସମ୍ବନ୍ଧ ବିଦ୍ୟମାନ । ତନ୍ତ୍ରଶାସ୍ତ୍ରରେ ମହାକାଳ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ—**ଏହି ତିନିଗୋଟି ଆଦିଭୂତାଶକ୍ତିଙ୍କ** କଥା ଉଲ୍ଲେଖ ଅଛି । ଏହି ମହାକାଳୀ ନିଜ ଶକ୍ତି ଦ୍ୱାରା ରୁଦ୍ର ସରସ୍ୱତୀଙ୍କୁ ଜାତ କରିଛନ୍ତି ଏବଂ ମହାଲକ୍ଷ୍ମୀ ବ୍ରହ୍ମାଙ୍କ ମା' ରୂପରେ କୀର୍ତ୍ତିତା ହୋଇଛନ୍ତି । ଏହି ପ୍ରମାଣ ଅନୁସାରେ ମହାକାଳୀ, ଭଦ୍ରକାଳୀ ଦେବୀ ରୁଦ୍ରମାତା ବୋଲି ସ୍ୱୀକୃତା ହୋଇଛନ୍ତି ଏବଂ ସେହି ଶକ୍ତି ତାରା ମହାବିଦ୍ୟାର ରୂପାନ୍ତର ବୋଲି ତାଙ୍କୁ ମା' ସମ୍ବୋଧନ କରାଯାଇଛି । ତେଣୁ ଶ୍ରୀଶ୍ରୀଠାକୁର ଉଲ୍ଲେଖ କରିଛନ୍ତି—

## ଏକମେବାଦ୍ୱିତୀୟମ୍

(ଗୀତିକା)

(ସେଇ) **ମା**ଆ ତ ଆମରି,
ଯୁଗ ଅନୁସରି ଶ୍ୟାମ ଶ୍ୟାମା ରୂପ ଧରେ
ଅବୋଧମାନବ ବିଷୟାନ୍ଧଜୀବ (ତାଙ୍କୁ) ଆନ ଆନ ମନେ କରେ ।।୦।।

କିଏ କହେ ସେ ଯେ ଶ୍ୟାମ ନଟବର,
ଶ୍ୟାମା ବୋଲି କେ ବା ପୂଜେ ତା ପୟର ।
ଜ୍ଞାନୀ ଦେଖେ ସେହି ସତତ ରାଜଇ ବ୍ରହ୍ମରୂପେ ଚରାଚର ।।୧।।

ଶିବମାତା ହୋଇ ବୋଲାନ୍ତି ଶିବାନୀ,
ଲକ୍ଷ୍ମୀ ରୂପେ ସେହି ସେବେ ଚିନ୍ତାମଣି ।
ପୁଣି ଶୁଣେ ସେହି ଥିଲେ ଗର୍ଭବାସେ ମିଶି ଅଭେଦ ଭାବରେ ।।୨।।

ଆଦ୍ୟାଶକ୍ତି ମାତା ଦେବ-ଦୁଃଖ ପାଇଁ,
ଅସି ପାଶାଙ୍କୁଶ ଚତୁଷ୍କରେ ନେଇ ।
ଦୈତ୍ୟବଳ ନାଶିବାକୁ ଲୋଳଜିହ୍ୱା ଲମ୍ବୋଦରୀ ମୂର୍ତ୍ତି ଧରେ ।।୩।।

ପୁଣି ସେ ଭୂ-ଭାର ହରଣ କାରଣେ,
ଅସି ତେଜି ବଂଶୀ ଧରି ବୃନ୍ଦାବନେ ।
ଗୋପାଳ ରୂପରେ ଗୋପାଳ ଭବନେ (ଗୋରୁ) ଚରାଇଲେ
ନୀପମୂଳେ ।।୪।।

ଏ ଦୀନ ନଳିନୀ ଯୁଗ୍ମକରେ କହେ,
ସତ୍ତ୍ୱ-ରଜ-ତମେ ଭେଦ ବିଶ୍ୱମୟେ ।
ଭେଦାଭେଦ ଜ୍ଞାନେ ନରକ ନିଶ୍ଚୟେ ଅଭାବ ଦ୍ୱୈତ ଭାବରେ ।।୫।।

ପଡ଼ିଛି ମୋହର ହୃଦୟରେ କାଳି,
ଜାଣେ ତାହା ତେଣୁ ଭଲପାଏ କାଳୀ ।
ହୋଇ କୁତୂହଳୀ ଗାଏ କାଳୀ କାଳୀ, କାଳି ଦେବାକୁ କାଳମୁଖରେ ।।୬।।

ସାଧକ କିଭଳି ଯୋନିମୁଦ୍ରା ଯୋଗରେ ମୂଳାଧାରରେ ଭଦ୍ରକାଳୀ ତାରାଦେବୀଙ୍କ ଉପାସନା କରି ଯଜ୍ଞାଗ୍ନି ପ୍ରଜ୍ୱଳନପୂର୍ବକ ଶ୍ରୀଗୁରୁ-ବର୍ଣ୍ଣିତ ସାଧନ-କୌଶଳ ଦ୍ୱାରା ହୃଦୟସ୍ଥ ଦେବତାଙ୍କୁ ଅନ୍ତର ମଧ୍ୟରେ ସ୍ଥାପନ କରି ଜପ-ଯଜ୍ଞରେ ନିଯୁକ୍ତ ରହିପାରିବେ, ତାହାର ବିବିଧ କୌଶଳ ମଧ୍ୟ ଏହି ପୁସ୍ତକରେ ବର୍ଣ୍ଣିତ ହୋଇଅଛି ।

ଶକ୍ତି ସବୁଠାରେ ପରିବ୍ୟାପ୍ତ ଥିଲେ ମଧ୍ୟ ସାଧକଙ୍କୁ ସିଦ୍ଧିଦାନ କରିବା ନିମିତ୍ତ ସେ ହିଁ ଗୋଟିଏ ଗୋଟିଏ ବିଶିଷ୍ଟ ସ୍ଥାନରେ ତାଙ୍କ ସହଚରୀମାନଙ୍କୁ ନେଇ ବିରାଜମାନା । ଶାକ୍ତତନ୍ତ୍ର ଅନୁଷ୍ଠାନମୂଳକ ସାଧନଶାସ୍ତ୍ର । ଏହାର ସାଧନାରେ ପ୍ରକୃତିର ଆନୁକୂଲ୍ୟ ଏବଂ ବିଶେଷ ଦ୍ରବ୍ୟାଦିର ପ୍ରୟୋଜନ ହୋଇଥାଏ । ମହାଶକ୍ତିଙ୍କ ଜାଗରଣର ପ୍ରକୃଷ୍ଟ କ୍ଷେତ୍ର ହେଲା ଶ୍ମଶାନ । ଶକ୍ତି ଜାଗରଣରେ ଗୃଧ୍ରିଣୀ, ଶିବା, ସାରମେୟ, ନରକପାଳ, ଶ୍ମଶାନ, ଶବ, ନଦୀତଟ ଓ ସିଦ୍ଧପୀଠ—

ଏଗୁଡ଼ିକ ବିଶେଷ ସାହାଯ୍ୟ କରିଥାନ୍ତି । ସିଦ୍ଧପୀଠରେ ବହୁ ସାଧକଙ୍କର ସାଧନଶକ୍ତି ଅଦୃଶ୍ୟ ଭାବରେ ବିରାଜିତ ଥାଏ । ମହାଶ୍ମଶାନ ବୈରାଗ୍ୟର କ୍ଷେତ୍ର । ମହାଶ୍ମଶାନରେ ଚିତ୍ତବୃତ୍ତି ଏକାଗ୍ର ହୋଇଯାଏ ଏବଂ ଶ୍ମଶାନର ଅନ୍ୟାନ୍ୟ ଜୀବଗଣଙ୍କର ଅଦୃଶ୍ୟ ଶକ୍ତି ପ୍ରଭାବରେ ଜୀବ ଭିତରେ ଶକ୍ତିର ଜାଗରଣ ହୋଇଥାଏ । ତେଣୁ ଶ୍ମଶାନ ହିଁ ସାଧନର ଉପଯୁକ୍ତ କ୍ଷେତ୍ର ଏବଂ ମହାଶକ୍ତିଙ୍କୁ ଆୟତ୍ତ କରିବାକୁ ହେଲେ କିଭଳି ଗୁରୁକୃପା ଓ ଭଗବତ୍‌କୃପା ଆବଶ୍ୟକ, ତାହା ମଧ୍ୟ ଏହି ପୁସ୍ତକରେ ବର୍ଣ୍ଣିତ ହୋଇଅଛି ।

ଶାକ୍ତତନ୍ତ୍ରରେ ପଶୁଭାବ, ବୀରଭାବ ଓ ଦିବ୍ୟଭାବ—ଏହି **ତିନିଗୋଟି ଭାବର** କଥା ଅଛି । ମହାଶକ୍ତିଙ୍କ ସାଧନାରେ ଏହି ତ୍ରି-ଭାବର ବିକାଶ ହୁଏ । ପଶୁଭାବ ସାଧନାରେ ସାଧକଙ୍କ ଅନ୍ତରରେ ଭକ୍ତିଭାବ ଜାଗ୍ରତ ହୁଏ, **ବୀରଭାବ ସାଧନା**ରେ ଈଶ୍ୱରଭାବ ଜାଗ୍ରତ ହୁଏ ଏବଂ **ଦିବ୍ୟଭାବ ସାଧନା**ରେ କିଭଳି ଶିବଭାବ ଜାଗ୍ରତ ହୁଏ, ତାହା ମଧ୍ୟ ଏଥିରେ ବର୍ଣ୍ଣିତ ହୋଇଅଛି । ପଶୁଭାବର ସାଧକ ପ୍ରଥମେ ମହାଶକ୍ତିଙ୍କ ନିକଟରେ ଆତ୍ମସମର୍ପଣ କରିଥା'ନ୍ତି ଏବଂ ବୀରଭାବର ସାଧକ ଶକ୍ତିଙ୍କୁ ଆୟତ୍ତ କରି ସେହି ଶକ୍ତିଙ୍କୁ ଯଥେଚ୍ଛାଭାବରେ ଲୋକହିତକର କର୍ମରେ ପ୍ରୟୋଗ କରନ୍ତି ଏବଂ ଦିବ୍ୟଭାବଯୁକ୍ତ ସାଧକ ସମସ୍ତ ବିଭୂତି ବା ଶକ୍ତିର ଊର୍ଦ୍ଧ୍ୱରେ ଅବସ୍ଥାନ କରି ଶିବତ୍ୱରେ କିଭଳି ପ୍ରତିଷ୍ଠିତ ରହନ୍ତି, ତାହା ମଧ୍ୟ ଏଥିରେ ବର୍ଣ୍ଣିତ ହୋଇଅଛି । ଦିବ୍ୟଭାବରେ ପ୍ରତିଷ୍ଠିତ ସାଧକଙ୍କର ଅନ୍ତର୍ଜଗତ ଉପରେ ପ୍ରଭୁତ୍ୱ ଆସିଥାଏ । ଏହାକୁ କହନ୍ତି **ଈଶ୍ୱରତତ୍ତ୍ୱ** । ପ୍ରକୃତି ବା ମହାଶକ୍ତି ବୀରସାଧକଙ୍କର ବଶୀଭୂତା ହୁଅନ୍ତି ।

ଶକ୍ତି ବୀର ସାଧକଙ୍କର ବଶୀଭୂତା, କିନ୍ତୁ ଦିବ୍ୟଭାବଯୁକ୍ତ ସାଧକଙ୍କର ବିଭୂତି ଦିଗକୁ ଲକ୍ଷ୍ୟ ନ ଥାଏ । ତାଙ୍କୁ ସଦାଶିବ ବା ପରବ୍ରହ୍ମରୂପୀ ଗୁରୁ କହନ୍ତି । ଇଚ୍ଛାଶକ୍ତିର ପ୍ରୟୋଗ ବ୍ୟତୀତ ମହାଶକ୍ତି ଏହି ସାଧକଙ୍କ ସେବା କରିଥା'ନ୍ତି । ଉଦାହରଣ ସ୍ୱରୂପ, ଶିବ ନିର୍ବିକାର, ଉଦାସୀନ, କିନ୍ତୁ ତାଙ୍କ ସେବାକରିବା ନିମିତ୍ତ ପାର୍ବତୀ ବା ଶକ୍ତି ସର୍ବଦା ବ୍ୟାକୁଳ ।

ମନୁଷ୍ୟ ଦେହରେ ମହାଶକ୍ତିଙ୍କର ବିକାଶ ହେଲେ, ସାଧକଙ୍କର ଶାରୀରିକ ଓ ମାନସିକ ପରିବର୍ତ୍ତନ ବହୁଭାବରେ ସାଧିତ ହୋଇଥାଏ, କିନ୍ତୁ ଆତ୍ମା ସର୍ବଦା ଅପରିବର୍ତ୍ତିତ ଥାଏ । ପୂର୍ଣ୍ଣକୁ ଅପୂର୍ଣ୍ଣ ବୋଲି ଧାରଣା ଜାତ କରାଇବା **ମହାମାୟାଙ୍କର କାର୍ଯ୍ୟ** । ଶ୍ରୀଗୁରୁଙ୍କ ଉପଦେଶ ପ୍ରତିପାଳନ ଏବଂ ତାଙ୍କର କାର୍ଯ୍ୟ କରିବା ନିମିତ୍ତ ଯେଉଁମାନେ ଏକାନ୍ତ ଶ୍ରଦ୍ଧାପରାୟଣ, ସେମାନଙ୍କ ନିକଟରେ ଶକ୍ତି ତାଙ୍କର ବିସ୍ତାରଶକ୍ତିକୁ ସଙ୍କୁଚିତ କରି ମୋହ ସୃଷ୍ଟି କରନ୍ତି ନାହିଁ, ବରଂ ସେମାନଙ୍କୁ ଅନନ୍ୟମୁଖୀ କରି ଶ୍ରୀଗୁରୁଙ୍କ ଆଡ଼କୁ ଏକମୁଖୀ କରାଇଥା'ନ୍ତି । ଶ୍ରୀଗୁରୁଙ୍କ ପ୍ରଦତ୍ତ ମହାବାକ୍ୟ ବା ବୀଜମନ୍ତ୍ର ଦ୍ୱାରା ମାନବର ଚିନ୍ତାଶକ୍ତି ଓ ଇଚ୍ଛାଶକ୍ତି ଏକୀଭୂତ ହୋଇଥାଏ । ଏହା ଫଳରେ ସୁପ୍ତଶକ୍ତି ବା ପ୍ରାଣ ଜାଗ୍ରତ ହୋଇଉଠେ । ମନୁଷ୍ୟ ଭିତରେ ଶକ୍ତି ଥିଲେ କିଛି ଉପଲବ୍ଧ ହୁଏ ନାହିଁ । ଇଚ୍ଛାଶକ୍ତି ବଳରେ ଶକ୍ତିର ଚୈତନ୍ୟ ଆନୟନ କଲେ, ସେହି ଶକ୍ତିର ବିକାଶ ଉପଲବ୍ଧ ହୋଇଥାଏ । Motive power ଏବଂ Regulative power ଦୁଇଟି ଶକ୍ତି ଥିଲେ, ମନୁଷ୍ୟ ପ୍ରକୃତ ମନୁଷ୍ୟତ୍ୱ ଲାଭ କରେ । ପଶୁର ଶକ୍ତି ଅଛି, କିନ୍ତୁ ଏହି ଶକ୍ତିକୁ ଚାଳନାକରି ଭଗବତ୍ କର୍ମରେ ନିୟୋଜିତ କରିବାର ଶକ୍ତି ତାହାର ନାହିଁ । ପଶୁର ଶକ୍ତି ଅଛି, କିନ୍ତୁ ଶକ୍ତିର ଜ୍ଞାନ ନାହିଁ । ଯେଉଁମାନେ ଶକ୍ତିଜ୍ଞାନ ଅର୍ଜନ କରି ସାଧନା ଦ୍ୱାରା ଶକ୍ତିକୁ ଆୟତ୍ତାଧୀନ କରି ଜଗତ୍‌ସେବାରେ ନିୟୋଗ କରିପାରିଛନ୍ତି, ସେହିମାନେ ହିଁ **ଯଥାର୍ଥ ମନୁଷ୍ୟ** । ମନୁଷ୍ୟର ଶକ୍ତି ଓ ଇଚ୍ଛାଶକ୍ତି ଉଭୟ ଅଛି । ଶକ୍ତିକୁ ଶ୍ରୀଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ସୁନିୟନ୍ତ୍ରିତ କରି ପରିଚାଳନା କରିପାରିଲେ ମାନବ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିପାରେ ।

ପୂର୍ବରୁ କୁହାଯାଇଛି ଯେ, କୁଣ୍ଡଳିନୀ ଶକ୍ତିର ଆଧାର ହେଲେ ମଧ୍ୟ ତାହା ମାନବ ଶରୀରରେ ନିଦ୍ରିତା । ତାଙ୍କୁ ଜାଗ୍ରତ କରାଇବା ନିମିତ୍ତ ଇଚ୍ଛାଶକ୍ତିର ସାଧନା କରିବାକୁ ହେବ । ପୁଣି ଶକ୍ତି ଜାଗ୍ରତା ହେଲେ, ସେହି ଶକ୍ତିକୁ ପ୍ରକୃତ ପଥରେ ପରିଚାଳିତ କରିବା ନିମିତ୍ତ କିଭଳି ଇଚ୍ଛାଶକ୍ତିର ପ୍ରୟୋଜନ, ସେହି ସାଧନକୌଶଳ ମଧ୍ୟ ଶ୍ରୀଗୁରୁଙ୍କଠାରୁ ଶିକ୍ଷା କରିବାକୁ ପଡ଼େ । ଶକ୍ତିକୁ ଜାଗ୍ରତ କରି ସୁଷୁମ୍ନା ପଥରେ ଊର୍ଦ୍ଧ୍ୱମୁଖୀ କରିବାକୁ ପଡିବ । ଏହି ସୁଷୁମ୍ନା ଅଭ୍ୟନ୍ତର ଦେଇ ଯେତେବେଳେ ଶକ୍ତିର

ପ୍ରବାହ ଚାଳିତ କରାଯାଏ, ସେତେବେଳେ ସାଧକ ଅଭୂତପୂର୍ବ ଆନନ୍ଦ ଅନୁଭବ କରନ୍ତି । ଏହି ଶକ୍ତିକୁ ଜାଗରିତ କରି ତାହାକୁ ସୁନିୟନ୍ତ୍ରିତ କରାଇବା ନିମିତ୍ତ ପ୍ରତ୍ୟେକ ସାଧକଙ୍କର ଶ୍ରୀଗୁରୁଙ୍କ ଶରଣ ଗ୍ରହଣ ଏକାନ୍ତ କର୍ତ୍ତବ୍ୟ । କୁଣ୍ଡଳିନୀର ଊର୍ଦ୍ଧ୍ୱମୁଖୀ ଗତି ଦ୍ୱାରା ସାଧକଙ୍କ ଅନୁଭୂତି ସୂକ୍ଷ୍ମାତିସୂକ୍ଷ୍ମ ହୋଇଥାଏ । ଶ୍ରୀଗୁରୁଙ୍କ କୃପା ଫଳରେ ଇଚ୍ଛାଶକ୍ତିର ଅଭ୍ୟାସ ହେତୁ ଏହି ଶକ୍ତି ବଶୀଭୂତା ହୋଇଥାନ୍ତି । ଭଗବାନ କିମ୍ବା ସଦ୍‌ଗୁରୁଙ୍କ ପ୍ରତି ତୀବ୍ର ଅନୁରାଗ ଏବଂ ଏକାଗ୍ରତା ଫଳରେ ଏହି ଶକ୍ତିର ଜାଗରଣ ସହଜସାଧ୍ୟ ହୋଇଥାଏ । ଶକ୍ତି ସୁପ୍ତ ଥିଲେ, ମାନବ ପଶୁ ସହିତ ସମାନ । ପୁଣି ସେହି ଶକ୍ତିକୁ ଜାଗ୍ରତ କରି ଯଦି ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ ପରିଚାଳିତ କରା ନ ଯାଏ ବା ସୁଷୁମ୍ନା ଭିତରେ ଚାଳିତ କରି ପରମଶିବଙ୍କ ସହିତ ସଂଯୁକ୍ତ କରା ନ ଯାଏ, ତେବେ ମାନବର ସଂଯମଶକ୍ତି ଅଭାବରେ ତାହାର ମହା ଅନିଷ୍ଟ ସାଧିତ ହୋଇଥାଏ । ତେଣୁ ଶକ୍ତିର ଜାଗରଣ ଓ ନିୟନ୍ତ୍ରଣ ନିମିତ୍ତ ସାଧକ ବିଶେଷ ଭାବରେ ଗୁରୁଶକ୍ତିଙ୍କର ଶରଣ ଗ୍ରହଣ କରିବା ଏକାନ୍ତ କର୍ତ୍ତବ୍ୟ । ଶକ୍ତିର ସୁନିୟନ୍ତ୍ରଣ ଅଭାବରେ ମାନବ ଅସୁର ହୋଇପଡ଼େ । ମଧୁ-କୈଟଭ ଦୁଇ ଦୈତ୍ୟଙ୍କ ଭିତରେ ଶକ୍ତିର ବିକାଶ ବିଶେଷ ଭାବରେ ହୋଇଥିଲେ ମଧ୍ୟ ଶ୍ରୀଗୁରୁଙ୍କ ଶରଣ ଗ୍ରହଣ ଅଭାବ ହେତୁ ସେମାନେ ଉଚ୍ଛୃଙ୍ଖଳ ଓ ବହିର୍ମୁଖୀ ହୋଇପଡ଼ିଲେ । ଶକ୍ତିକୁ ନେଇ ସେମାନେ କିଭଳି ପ୍ରୟୋଗ କରିବେ, ତାହା ବୁଝିପାରିଲେ ନାହିଁ । ଶକ୍ତିର ଅଧ୍ୟାତ୍ମିକ ବିକାଶର ନାମ **କୁଣ୍ଡଳିନୀ ଜାଗରଣ** । ଶକ୍ତିର ବହିର୍ବିକାଶରେ ବହୁ ବ୍ୟକ୍ତି ପଥଭ୍ରଷ୍ଟ ହୋଇପଡ଼ନ୍ତି । **ମନୁଷ୍ୟତ୍ୱ ଲାଭ ହିଁ ଶକ୍ତିବିକାଶର ପ୍ରକୃତ ଲକ୍ଷ୍ୟ** । ମନୁଷ୍ୟତ୍ୱବିହୀନ ହେଲେ ସାଧକଙ୍କର ମନ ଐଶ୍ୱର୍ଯ୍ୟ ଲାଭ ନିମିତ୍ତ ଧାବିତ ହୋଇଥାଏ । ମନୁଷ୍ୟ ଭିତରେ ଶକ୍ତିର ଆଧାର ନିହିତ, ଅଥଚ ମାନବ ବାହାରେ ସେହି ଶକ୍ତିକୁ ଖୋଜିବୁଲୁଛି । କୁଣ୍ଡଳିନୀ ଜାଗରିତା ହୋଇ ପରମଶିବଙ୍କ ସହିତ ସମ୍ମିଳିତ ହେଲେ ଯାଇ ମାନବ ଦିବ୍ୟଜୀବନ ଲାଭ କରିପାରିବ ଓ ମର୍ତ୍ତ୍ୟରେ ଥାଇ ଅମୃତତ୍ୱ ଲାଭ କରି ଧନ୍ୟ ହେବ । ସେଥିପାଇଁ ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣପୂର୍ବକ ତାଙ୍କଠାରୁ ଦୀକ୍ଷା ବା ଦିବ୍ୟଜ୍ଞାନ ଲାଭ କରି ଅଭିଷେକ ବା ତାଙ୍କ ଆଶୀର୍ବାଦ ଲାଭ କରିବା ଫଳରେ କିଭଳି ସାଧନକୌଶଳ ବା ମନ୍ତ୍ର ଜପ ଦ୍ୱାରା ସାଧକ ଅଭୀଷ୍ଟ ସିଦ୍ଧି ଲାଭ କରିପାରିବେ, ତାହା ମଧ୍ୟ ଏଥିରେ ବିବୃତ ହୋଇଅଛି ।

ଯେଉଁମାନେ ଶ୍ରୀଗୁରୁଙ୍କ ଶରଣ ଗ୍ରହଣ ବ୍ୟତୀତ ତାଙ୍କ ଠାରୁ କୃପାପ୍ରାପ୍ତ ନ ହୋଇ ଏହି ସାଧନ ପଥରେ ଗତି କରିବେ, ସେମାନଙ୍କର କିଭଳି ମନ୍ତ୍ରସିଦ୍ଧି ହେବନାହିଁ, ତାହା ମଧ୍ୟ ଏଥିରେ ବର୍ଣ୍ଣିତ ହୋଇଅଛି । ସଚ୍ଚିଦାନନ୍ଦ ସ୍ୱରୂପ ନିରାକାର ପରଂବ୍ରହ୍ମରୂପୀ ଶ୍ରୀଗୁରୁଙ୍କ ଚିନ୍ତାରେ ଏକନିଷ୍ଠତା ପ୍ରାପ୍ତ ପ୍ରକୃତ ଦେହଧାରୀ ଭକ୍ତ ମଧ୍ୟ ସ୍ୱରୂପଜ୍ଞାନ ଲାଭ କରିପାରନ୍ତି । ବେଦ ଓ ତନ୍ତ୍ରଶାସ୍ତ୍ର ଉଭୟ ଗୁରୁମୁଖୀ ବିଦ୍ୟା । ଚୈତନ୍ୟମୟୀ ତାରାଦେବୀ ହିଁ 'ଅଂ ଠାରୁ ହଂ' ପର୍ଯ୍ୟନ୍ତ ମାତୃକାମୟୀ ନାଦ । କ୍ଷ-କାର ଏହାର ମେରୁ । ଅ ଠାରୁ କ୍ଷ ପର୍ଯ୍ୟନ୍ତ ଏକାବନଟି ବର୍ଣ୍ଣ—ଏହା ହିଁ ମା'ଙ୍କର ଏକାବନଟି ପୀଠ । ସଦ୍‌ଗୁରୁଙ୍କ ପ୍ରଦତ୍ତ ବୀଜମନ୍ତ୍ର ରୂପ ଶବ୍ଦବ୍ରହ୍ମରେ ବାହ୍ୟଚେତନା ଲୟ କରିପାରିଲେ, ସାଧକଙ୍କ ଅନ୍ତରରେ କିଭଳି ଜ୍ଞାନମୟ ସତ୍ତା ପ୍ରବାହିତ ହୋଇ ସ୍ୱରୂପଦର୍ଶନ ଘଟିଥାଏ, ତାହା ମଧ ଏହି 'ତାନ୍ତ୍ରିକ ଗୁରୁ' ଗ୍ରନ୍ଥରେ 'ଜପକୌଶଳ' ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ।

ଏହି ନାମ ବା ମନ୍ତ୍ର ଉପଯୁକ୍ତ ସଦ୍‌ଗୁରୁଙ୍କ ଠାରୁ ଗ୍ରହଣ କରିବାକୁ ପଡ଼େ । ତତ୍ତ୍ୱଦର୍ଶୀ ନ ହେଲେ କେହି ଗୁରୁ ହୋଇପାରନ୍ତି ନାହିଁ । ଉପଯୁକ୍ତ ଗୁରୁଲାଭ ହେଲେ ମଧ ଶିଷ୍ୟର ଚିତ୍ତଶୁଦ୍ଧି ନ ଥିଲେ, ଶ୍ରୀଗୁରୁଙ୍କର ଶକ୍ତି ଶିଷ୍ୟ ଭିତରେ କ୍ରିୟାଶୀଳ ହୋଇପାରେ ନାହିଁ । ତେଣୁ ପ୍ରାଥମିକ ସାଧକମାନେ ଚିତ୍ତଶୁଦ୍ଧି ପଥରେ ଗତି କଲେ, ଅର୍ଥାତ୍ ନିଜ ନିଜ ବର୍ଣ୍ଣାଶ୍ରମୋଚିତ ଧର୍ମ ପାଳନ କଲେ ଓ ବ୍ରହ୍ମଚର୍ଯ୍ୟାଦି ବ୍ରତ ଆଚାର ଏବଂ ସାଧୁସଙ୍ଗ ଦ୍ୱାରା ଚିତ୍ତ ନିର୍ମଳ ଭାବ ଧାରଣ କଲେ, ସଦ୍‌ଗୁରୁ ଅନ୍ୱେଷଣପୂର୍ବକ ତାଙ୍କଠାରୁ ଦିବ୍ୟଜ୍ଞାନ ରୂପ ଦୀକ୍ଷା ଗ୍ରହଣ କରିବା ବିଧେୟ । ଦୀକ୍ଷା କାହାକୁ କହନ୍ତି, କୁଳଗୁରୁ କିଏ ଏବଂ ସିଦ୍ଧଗୁରୁ ଓ ସିଦ୍ଧମନ୍ତ୍ର ଲାଭ ହେଲେ କିଭଳି ତତ୍‌କ୍ଷଣାତ୍ ବିନା ବିଚାରରେ ତାହା ଗ୍ରହଣ କରିବାକୁ ପଡ଼ିବ ଏବଂ ସ୍ୱପ୍ନଲବ୍ଧ ମନ୍ତ୍ରକୁ ମଧ କିଭଳି ବିଧାନରେ ଗ୍ରହଣ କରିବାକୁ ହୁଏ, ପରମହଂସ ସିଦ୍ଧଗୁରୁଙ୍କ ବ୍ୟତୀତ ଅନ୍ୟର କିଭଳି ପୂର୍ଣ୍ଣାଭିଷେକ ପ୍ରଦାନର ଅଧିକାର ନାହିଁ ଏବଂ ନିତ୍ୟନୈମିତ୍ତିକ କ୍ରିୟାବାନ୍ ସାଧକଙ୍କ ବ୍ୟତୀତ ଅନ୍ୟମାନେ କିଭଳି ତନ୍ତ୍ରର ବିଶେଷ ସାଧନରେ ସଫଳକାମ ହୋଇପାରିବେ ନାହିଁ, ତାହାସବୁ ଏହି ପୁସ୍ତକରେ ବର୍ଣ୍ଣିତ ହୋଇଅଛି ।

ଗୁରୁବାଦ ଭାରତବର୍ଷର ଅତି ପ୍ରାଚୀନ ସମ୍ପତ୍ତି । ସଦ୍‌ଗୁରୁ ବ୍ରହ୍ମସ୍ୱରୂପ ଓ ଜ୍ଞାନର ଘନୀଭୂତ ମୂର୍ତ୍ତି । ଶୁଦ୍ଧ ଚିତ୍ତରେ ତାଙ୍କର ସାକ୍ଷାତ୍ ଦର୍ଶନ ମିଳେ । ଶ୍ରୀଗୁରୁ ହିଁ ଭଗବାନଙ୍କର ବିଗ୍ରହସ୍ୱରୂପ । ଏହି ବିଗ୍ରହ ମଧ୍ୟରେ ଥାଇ ଭଗବାନ ଜଗତରେ ଲୀଳାବିଳାସ କରୁଛନ୍ତି । ତେଣୁ ଭଗବାନ୍ ହିଁ ମାନବ ବିଗ୍ରହରେ ସଦ୍‌ଗୁରୁ ରୂପ ଧାରଣ କରି ମାନବ ନିକଟରେ ଉଦ୍ଧାରକର୍ତ୍ତା ଭାବରେ ପ୍ରକଟିତ । ଏଥିପାଇଁ ଶ୍ରୀଗୁରୁ ହିଁ ଶିଷ୍ୟମାନଙ୍କର ଭଗବାନ । ଉପଯୁକ୍ତ ଗୁରୁଙ୍କ ଠାରୁ ଦୀକ୍ଷା ଗ୍ରହଣ କର୍ତ୍ତବ୍ୟ, କିନ୍ତୁ ଆଜିକାଲି ଗୁରୁକରଣ ଗୋଟିଏ ସାମାଜିକ ଅନୁଷ୍ଠାନ ମଧ୍ୟରେ ପରିଗଣିତ ହୋଇଯାଇଛି । ଫଳରେ ମନ୍ତ୍ର ଗ୍ରହଣ କରିବା ପରେ ଗୁରୁ-ଶିଷ୍ୟ ସମ୍ପର୍କ ଶିଥିଳ ହୋଇଯାଉଛି, ଏପରିକି ଅନେକ ସ୍ଥଳରେ ଲୋପ ପାଇଯାଉଛି । ଯୋଗ୍ୟତା ଅଯୋଗ୍ୟତା ବିଷୟରେ କେହି ହେଲେ ବିଚାର କରୁନାହାନ୍ତି । ପୁଣି ଆଧୁନିକ ବ୍ୟକ୍ତିସ୍ୱାତନ୍ତ୍ର୍ୟ ଯୁଗରେ ଗୁରୁଙ୍କ ଅଧୀନତା ସ୍ୱୀକାର କରିବାକୁ ଅଧିକାଂଶ ଲୋକ ବିଡ଼ମ୍ବନା ବୋଲି ମନେକରୁଛନ୍ତି । ଫଳରେ ସାଧକଙ୍କ ଭିତରେ ଦମ୍ଭ, ଅହଙ୍କାର, ଅଭିମାନ ପ୍ରଭୃତି ଜାତ ହୋଇ ସିଦ୍ଧିପଥରେ ଅନ୍ତରାୟ ସୃଷ୍ଟି କରୁଛି । ପୁରୁଷକାର ସର୍ବଥା ବରଣୀୟ, କିନ୍ତୁ ତନ୍ତ୍ରସାଧନ ପଥରେ ପୁରୁଷକାର ବା ସାଧନନୈପୁଣ୍ୟର ଯେପରି ଆବଶ୍ୟକ, ଶ୍ରୀଗୁରୁଙ୍କ କରୁଣା ପ୍ରତି ଦୃଷ୍ଟିପାତ ମଧ୍ୟ ସେହି ପରିମାଣରେ ଦରକାର । ମନ୍ତ୍ର ଗ୍ରହଣ ପରେ ଶ୍ରୀଗୁରୁ ଅଭିଷେକ ଦ୍ୱାରା ଶିଷ୍ୟଙ୍କ ଉପରେ କିଭଳି ସେହି କରୁଣାବାରିପାତ କରିଥା'ନ୍ତି, ତାହା ମଧ୍ୟ ଏହି ପୁସ୍ତକର 'ପୂର୍ଣ୍ଣାଭିଷେକ' ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଅନୁପଯୁକ୍ତ ଗୁରୁଙ୍କଠାରୁ ଦୀକ୍ଷା ବା ମନ୍ତ୍ର ଗ୍ରହଣ କଲେ ଶିଷ୍ୟମାନେ କିଭଳି ପାପଭୋଗୀ ହୁଅନ୍ତି, ସେ ସମ୍ବନ୍ଧରେ ଏହି ପୁସ୍ତକରେ ବିଶଦ ଭାବରେ ଆଲୋଚିତ ହୋଇଅଛି ।

ଶ୍ରୀଗୁରୁ-ଭଗବାନ କରୁଣାର ଘନବିଗ୍ରହ । ଗୁରୁ-ଶିଷ୍ୟ ସମ୍ପର୍କ ଚିରନ୍ତନ ଓ ଚିରମଧୁର ଏବଂ ଶିଷ୍ୟ ନିଷ୍ଠା ଓ ଶ୍ରଦ୍ଧାର ପ୍ରତିମୂର୍ତ୍ତି । ଏ ଜଗତରେ ଗୁରୁ-ଶିଷ୍ୟଙ୍କ ଯୁଗଳ ମିଳନକୁ ପୃଥକ୍ କରିବାର ସାଧ୍ୟ କାହାରି ନାହିଁ । ଅନ୍ତରର ନିଗୂଢ଼ ଯୋଗ ହିଁ ସମ୍ବନ୍ଧ ପ୍ରତିଷ୍ଠା କରେ । ଏହା ହିଁ ଗୁରୁଶିଷ୍ୟଙ୍କର ମୌନ ଲୀଳାବିଳାସ । ଏହାକୁ ଲକ୍ଷ୍ୟ କରି ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ କହିଛନ୍ତି —

"ଚିତ୍ରଂ ବଟତରୋର୍ମୂଳେ ବୃଦ୍ଧାଃ ଶିଷ୍ୟାର୍ଗୁରୁର୍ଯୁବା
ଗୁରୋସ୍ତୁ ମୌନଂ ବ୍ୟାଖ୍ୟାନଂ ଶିଷ୍ୟସ୍ତୁ ଛିନ୍ନସଂଶୟଃ ।।"

ଜୀବନବ୍ୟାପୀ ସାଧନାର ବାର୍ଦ୍ଧକ୍ୟକୁ ଶିଷ୍ୟମାନେ ବରଣ କରି ନେଇଛନ୍ତି, କିନ୍ତୁ ଏହି ସାଧନା ସେହି ଚିର-କିଶୋରଙ୍କ ନିମିତ୍ତ । ଯେଉଁ ଗୁରୁ ଜ୍ଞାନ ଆନନ୍ଦର ଘନୀଭୂତ ମୂର୍ତ୍ତିରେ ମୌନ ଭାବରେ ବିରାଜିତ ରହି ଶିଷ୍ୟମାନଙ୍କର ଅଜ୍ଞାନ-ଅନ୍ଧକାର ବିଦୂରିତ କରୁଛନ୍ତି, ତାଙ୍କୁ ହିଁ ସଦ୍‌ଗୁରୁ କୁହାଯାଏ ।*

ତନ୍ତ୍ରଶାସ୍ତ୍ର ମତରେ ଗୁରୁ-ଶିଷ୍ୟ ନିର୍ବାଚନ ପ୍ରଥମ ଓ ପ୍ରଧାନ କାର୍ଯ୍ୟ । କାରଣ ମନ୍ତ୍ରଯୋଗସାଧନରେ ଶିଷ୍ୟର ଅଧିକାର ଥିବା ଏକାନ୍ତ ଆବଶ୍ୟକ । ଅନ୍ୟଥା କାମ୍ୟ-କର୍ମରେ ଫଳଲାଭ ହେବ ନାହିଁ । ଏହି ଅଧିକାର କେବଳ ଉପଯୁକ୍ତ ତାନ୍ତ୍ରିକ ଗୁରୁ ହିଁ ସ୍ଥିର କରି ଦେଇପାରନ୍ତି ଏବଂ ସେ ମନ୍ତ୍ର ଯୋଗର ସହଜ ସରଳ ପ୍ରଣାଳୀ ଶିକ୍ଷା ଦେଇପାରନ୍ତି । ଶିଷ୍ୟମାନଙ୍କର ମଧ୍ୟ କିଭଳି ଗୁଣ ଥିବା ଆବଶ୍ୟକ, ତାହା ଏହି ପୁସ୍ତକରେ ସୂଚାଇ ଦିଆଯାଇଛି ।

ସାଧକ ସାଧନପଥରେ ଗତି କଲାବେଳେ ଯେତେ ଉଚ୍ଚ ଆଦର୍ଶ ବା ଲକ୍ଷ୍ୟ ନେଇ ଗତି କରୁଥିଲେ ମଧ୍ୟ ତାଙ୍କର ପ୍ରାଥମିକ ଆଦର୍ଶ ପ୍ରତି ଦୃଢ଼ନିଷ୍ଠା ନ ଥିଲେ ଅର୍ଥାତ୍ ଆଦର୍ଶର ଭିତ୍ତିଭୂମି ସୁଦୃଢ଼ ନ ଥିଲେ ତାହା ସହଜରେ ନଷ୍ଟ ହୋଇଯାଏ । **ଧର୍ମର ପ୍ରାଥମିକ ସହଜ ସରଳ ଆଦର୍ଶ ହେଉଛି ବ୍ରହ୍ମଚର୍ଯ୍ୟ ବ୍ରତ** । ବ୍ରହ୍ମଚର୍ଯ୍ୟ ବା ବୀର୍ଯ୍ୟଧାରଣ ହିଁ ଜୀବନବ୍ୟାପୀ ସାଧନାର ପ୍ରଥମ ସୋପାନ । ପ୍ରଲୋଭନର ବିଷୟ ମଧ୍ୟରେ ଥାଇ କେବଳ ଭାବନା ପରିବର୍ତ୍ତନ ଦ୍ୱାରା ସେଥିରୁ କିଭଳି ନିଜକୁ ମୁକ୍ତ ରଖିବାକୁ ହୁଏ, ତାହାର ଶିକ୍ଷା ହିଁ **'ବ୍ରହ୍ମଚର୍ଯ୍ୟ'** । ସାଧକମାନେ ଏହି ବ୍ରହ୍ମଚର୍ଯ୍ୟ ଦ୍ୱାରା ବଳିଷ୍ଠ, ଦ୍ରଢ଼ିଷ୍ଠ ଓ ବୀର୍ଯ୍ୟବନ୍ତ ହୁଅନ୍ତି । ବ୍ରହ୍ମଚର୍ଯ୍ୟ ସାଧନ କରିବାକୁ ହେଲେ ସାଧକମାନେ କିଭଳି ଭାବନା ଦ୍ୱାରା ପ୍ରବୃତ୍ତି ବା ବିଷୟଭୋଗ ମଧ୍ୟରେ ଥାଇ ମଧ୍ୟ ରମଣୀକୁ ଜନନୀତ୍ୱରେ ପ୍ରତିଷ୍ଠିତ କରି ସେହି ବ୍ରହ୍ମଚର୍ଯ୍ୟରେ ପ୍ରତିଷ୍ଠାଲାଭପୂର୍ବକ ବୀରସାଧନର ଅଧିକାରୀ ହୋଇପାରିବେ, ତାହାର କୌଶଳ ମଧ୍ୟ ଶ୍ରୀଶ୍ରୀଠାକୁର ଏଥିରେ ବ୍ୟକ୍ତ କରିଅଛନ୍ତି ।

* ଆର୍ଯ୍ୟଦର୍ପଣ, ୧୩୨୮ ସାଲ ଦ୍ରଷ୍ଟବ୍ୟ ।

ଜୀବନର ତିନୋଟି ଅବସ୍ଥା—ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି; ସ୍ଥୂଳ, ସୂକ୍ଷ୍ମ ଓ କାରଣ । ଏହି ତିନୋଟି ଅବସ୍ଥାକୁ ନେଇ ତିନୋଟି ଶରୀର ଗଠିତ । ଏହି ଅବସ୍ଥା ବା ତ୍ରି-କାଳରେ ଆତ୍ମଚୈତନ୍ୟକୁ ଜାଗ୍ରତ ବା ପ୍ରବୁଦ୍ଧ ରଖିବାକୁ **ସାଧନା** କୁହାଯାଏ । ଏହି ତ୍ରି-ଅବସ୍ଥାରେ ଜ୍ଞାନପ୍ରବାହକୁ ଅବିଚ୍ଛିନ୍ନ ରଖିପାରିଲେ ସାଧକଙ୍କର ଜ୍ଞାନଲାଭ ହୁଏ । ଜାଗ୍ରତ ଅବସ୍ଥାର ଅହଂବୋଧକୁ ସ୍ୱପ୍ନରେ ସଜାଗ ରଖିପାରିଲେ, ସାଧକଙ୍କର ଅଭୀଷ୍ଟସିଦ୍ଧି ବା ଇଷ୍ଟଦର୍ଶନ ହୁଏ । ସେଥିପାଇଁ ନାମଜପ ପ୍ରଧାନ ଅବଲମ୍ବନ । ଶ୍ରବଣ ଦ୍ୱାରା ସ୍ଥୂଳଜ୍ଞାନ, ମନ ଦ୍ୱାରା ସୂକ୍ଷ୍ମଜ୍ଞାନ ଏବଂ ନିଦିଧ୍ୟାସନ ଦ୍ୱାରା କାରଣ-ଜଗତର ଜ୍ଞାନ ଲାଭ ହୋଇଥାଏ । ତେଣୁ ଶ୍ରୀଗୁରୁଙ୍କ ଶ୍ରୀମୁଖବ୍ୟକ୍ତ ସିଦ୍ଧମନ୍ତ୍ର ଜପ ଦ୍ୱାରା ଏହା ସମ୍ଭବ ହୋଇଥାଏ । ଏହି ତ୍ରି-ଅବସ୍ଥାରେ ନାମର ସ୍ମରଣ, ମନନ, ନିଦିଧ୍ୟାସନ ଥିଲେ, ଶରୀର ନ ଥିଲେ ମଧ୍ୟ ଗୁରୁ, ଇଷ୍ଟ ଓ ଭଗବତ୍ ଜ୍ଞାନ ଜାଗ୍ରତ ଥାଏ । ତେଣୁ ଶ୍ରୀଗୁରୁଙ୍କ ପ୍ରଦତ୍ତ ସାଧନ କୌଶଳ ଅବଲମ୍ବନ କରି ଚିତ୍ତକୁ ଏକାଗ୍ର ରଖିପାରିଲେ ଏହା ସମ୍ଭବ ହୁଏ । ମନର ଶତଧା ବିଭକ୍ତ ଚିନ୍ତାପ୍ରବାହକୁ ପ୍ରତ୍ୟାହାର କରି ଗୋଟିଏ ବିଶିଷ୍ଟ ବିଷୟରେ ଧାରଣା ଉତ୍ପନ୍ନ କରାଇ ବିକ୍ଷେପଶୂନ୍ୟ ଅବସ୍ଥାରେ ଏକାଗ୍ରଚିତ୍ତରେ ତଦ୍‌ଗତ ହେବା ହିଁ **ଧ୍ୟାନ** । କିଭଳି ଏହି ଧ୍ୟାନରେ ଥାଇ ମଧ୍ୟ ସାଧକ ମନ୍ତ୍ରଜପ କରିପାରନ୍ତି, ତାହାର କୌଶଳ ମଧ୍ୟ ଏଥିରେ ଶ୍ରୀଶ୍ରୀଠାକୁର ବ୍ୟକ୍ତ କରିଛନ୍ତି ।

ନାମ ଜପ କରିବାକୁ ହେଲେ ସଦ୍‌ଗୁରୁଙ୍କ ଶ୍ରୀମୁଖରୁ ବୀଜମନ୍ତ୍ର ଗ୍ରହଣ କରିବାକୁ ପଡେ । ନାମ ଓ ନାମୀ ଯେପରି ଅଭେଦ, ସେହିଭଳି ମନ୍ତ୍ର ଓ ତତ୍‌ପ୍ରତିପାଦ୍ୟ ଦେବତା ଅଭେଦ । ବୀଜ ଭିତରେ ଯେପରି ବୃକ୍ଷ ନିହିତ, ସେହିପରି ମନ୍ତ୍ର ଭିତରେ ଦେବତା ପ୍ରଚ୍ଛନ୍ନ ଭାବରେ ଅବସ୍ଥାନ କରନ୍ତି । ମନ୍ତ୍ର ଏବଂ ଦେବତାଙ୍କ ପ୍ରତି ଅଭିନ୍ନ ଭାବନା କରିବା ଦରକାର । ମନ୍ତ୍ର ଶବ୍ଦ ମାତ୍ର । ଶବ୍ଦ ଜଡ଼ । ଦେବତାଙ୍କ ସହିତ ଏହି ଶବ୍ଦର ସମ୍ବନ୍ଧ କ'ଣ? ଶବ୍ଦ ଭାବର ପ୍ରତୀକ ଏବଂ ଦେବତା ତତ୍‌ପ୍ରତିପାଦ୍ୟ ଘନୀଭୂତ ଭାବର ପ୍ରକାଶ ମାତ୍ର । ଶବ୍ଦ ଓ ଭାବର ଭେଦ ଅଚିନ୍ତନୀୟ । ଶବ୍ଦ ହିଁ ଭାବର ପ୍ରତୀକ ହେତୁ ମହାପୁରୁଷମାନେ ପଶୁପକ୍ଷୀମାନଙ୍କ ସହିତ ମଧ୍ୟ ଭାବ ବିନିମୟ କରିପାରନ୍ତି । ଭାବ ହିଁ ବାହ୍ୟିକ ଭାବରେ ଶବ୍ଦରୂପରେ ପ୍ରକାଶ ପାଏ ।

ମନ୍ତ୍ର ଏହି ଭାବର ଘନୀଭୂତ ଅବସ୍ଥା ହେଲେ ମଧ୍ୟ ତାହା ତତ୍ତ୍ୱଦର୍ଶୀ ସଦ୍‌ଗୁରୁ ମହାପୁରୁଷଙ୍କ ଶ୍ରୀମୁଖରୁ ନିଃସୃତ ନ ହେଲେ, ସାଧକଙ୍କ ନିକଟରେ ତାହା ସଂପୂର୍ଣ୍ଣ ନିର୍ଜୀବ । ଏହି ନିର୍ଜୀବ ଓ ନିର୍ବୀର୍ଯ୍ୟ ମନ୍ତ୍ର ଯେତେ ଅଧିକ କାଳ ଓ ଯେତେ ଅଧିକ ସଂଖ୍ୟାରେ ଜପ କଲେ ମଧ୍ୟ ଏହା କେବେହେଲେ ସଜୀବତା ପ୍ରାପ୍ତ ହୋଇପାରେ ନାହିଁ । ବଟଜୀବ ଯେପରି କାକ-ଉଦରରୁ ବହିର୍ଗତ ହେବା ପରେ ପ୍ରସ୍ତରରେ ପଡ଼ିଲେ ମଧ୍ୟ ଅଙ୍କୁରିତ ହୁଏ, ସେହିପରି ସିଦ୍ଧଗୁରୁଙ୍କ ଶ୍ରୀମୁଖନିଃସୃତ ହେଲେ ଯେ କୌଣସି ବୀଜମନ୍ତ୍ର ସଜୀବତା ପ୍ରାପ୍ତ ହୋଇଥାଏ । ଦେବତାମାନେ ଭାବର ପ୍ରତୀକ, ତେଣୁ ପ୍ରତୀକ ହେଲେ ମଧ୍ୟ ଭଗବାନଙ୍କ ସହିତ ଅଭେଦ ଭାବରେ ଉପାସନା କଲେ, ତାହା ମଧ୍ୟ ଭଗବାନଙ୍କ ଉପାସନାରେ ପରିଣତ ହୋଇଥାଏ ।*। ଏହି ସବୁ ମନ୍ତ୍ର କେହି ସୃଷ୍ଟି କରିନାହାନ୍ତି । ଋଷିମାନେ ମନ୍ତ୍ରଦ୍ରଷ୍ଟା, କାରଣ ସେମାନେ ମନ୍ତ୍ରଗୁଡ଼ିକର ପ୍ରାଣପ୍ରତିଷ୍ଠା କରି ସଜୀବତା ଆନୟନପୂର୍ବକ ଜଗତର ସାମୟିକ ଲୁପ୍ତପ୍ରାୟ ଭାବଧାରାକୁ ପ୍ରବହମାନ ରଖିଯାଆନ୍ତି । ତେଣୁ ବୀଜମନ୍ତ୍ର ଅନାଦି ଓ ଅନନ୍ତ ଏବଂ ଭାବଭେଦରେ ବୀଜ ଅନନ୍ତ । କିନ୍ତୁ ତୁମେ ଯେଉଁ ମନ୍ତ୍ର ଜପ କର ପଛକେ, ଦୃଢ଼ତାପୂର୍ବକ ପୁନରାୟ କହୁଛି ଯେ, ତାହା ସିଦ୍ଧଗୁରୁଙ୍କ ଶ୍ରୀମୁଖନିଃସୃତ ହୋଇଥିବା ଏକାନ୍ତ ଆବଶ୍ୟକ । ମନ୍ତ୍ର ପ୍ରଦାନ କରି ଗୁରୁ ସେହି ବୀଜର ସାଧନକୌଶଳ ପ୍ରଦର୍ଶନ କରନ୍ତି ଏବଂ ସାଧନାରେ ଶକ୍ତି ସଞ୍ଚାର କରନ୍ତି । କିଭଳି କ୍ରମରେ ଏହା କରିବାକୁ ହୁଏ, 'ଦୀକ୍ଷା ଓ ଗୁରୁକରଣ' ଅଧ୍ୟାୟରେ ଶ୍ରୀଶ୍ରୀଠାକୁର ତାହା ଏହି ପୁସ୍ତକରେ ଲିପିବିଦ୍ଧ କରିଛନ୍ତି ।

କିନ୍ତୁ କେବଳ ମନ୍ତ୍ରଗ୍ରହଣ କରି ଜପ କଲେ ସାଧକ ସିଦ୍ଧ ମନୋରଥ ହୋଇପାରିବେ ନାହିଁ । ମନ୍ତ୍ରଜପ କାଳରେ ମନ, ପରମଶିବ, ଶକ୍ତି ଓ ବାୟୁ ପୃଥକ୍ ପୃଥକ୍ ସ୍ଥାନରେ ଥିଲେ ଅର୍ଥାତ୍ ସେମାନଙ୍କର ଏକତ୍ର ସଂଯୋଗ ନ ହେଲେ, ଶତକଳ୍ପରେ ମଧ୍ୟ ମନ୍ତ୍ରସିଦ୍ଧି ଲାଭ ହେବ ନାହିଁ । ଶ୍ରୀଗୁରୁଙ୍କ ଉପଦିଷ୍ଟ ସାଧକକୌଶଳ ଅବଲମ୍ବନ କରି ଶ୍ୱାସର ତାଳେ ତାଳେ ଜପ କଲେ ପ୍ରାଣାୟାମର

* ଦେବତାମାନଙ୍କୁ ଭଗବାନ ସହିତ ଅଭେଦ ଜ୍ଞାନରେ କିଭଳି ଉପାସନା କରାଯାଏ ତାହା ଶ୍ରୀଯୁକ୍ତା ନାରାୟଣୀ ଦେବୀଙ୍କ କୃତ 'ଶ୍ରୀଶ୍ରୀ ନିଗମାନନ୍ଦ ଜୀବନ ପ୍ରସଙ୍ଗ-୨ୟ ଖଣ୍ଡ'ରେ ବର୍ଣ୍ଣିତ ହୋଇଅଛି ।

କ୍ରିୟା ହୁଏ । କିନ୍ତୁ କୁଣ୍ଡଳିନୀ ମୂଳାଧାରରେ ଥିବା ଅବସ୍ଥାରେ କେବଳ ବାୟୁ ଓ ପରମଶିବଙ୍କୁ ଏକତ୍ର କରି ଜପ କଲେ ଜପ ନିଷ୍ଫଳ ହୁଏ । ତେଣୁ ଗୁରୁପ୍ରଦର୍ଶିତ ମୁଦ୍ରାବିଶେଷ ସାହାଯ୍ୟରେ କୁଣ୍ଡଳିନୀକୁ ଶିବସମନ୍ୱିତ କରି କିଭଳି ଜପ କରିବାକୁ ହେବ ଓ କିଭଳି ଅଧିକାରୀ ହେଲେ ଏହି କ୍ରିୟା ପ୍ରଦତ୍ତ ହୋଇପାରିବ ଏବଂ ଏହା ଯେ କିଭଳି ଶ୍ରେଷ୍ଠ ସାଧନା, ତାହା ମଧ୍ୟ ଏହି ପୁସ୍ତକରେ ଲିପିବଦ୍ଧ କରାଯାଇଛି ।

କେବଳ ପରମଶିବ, ଶକ୍ତି ଓ ବାୟୁକୁ ଏକତ୍ର କରି ଜପ କଲେ ମଧ୍ୟ ଯଦି ସେଥିରେ ମନ ଏକାଗ୍ର ଭାବରେ ସଂଯୁକ୍ତ ନ ହୁଏ, ତେବେ କିଛି ଫଳ ଲାଭ ହେବ ନାହିଁ । ତେଣୁ ଚିତ୍ତ ସ୍ଥିର କରିବା ନିମିତ୍ତ ଓ ବିଭିନ୍ନ ପଦାର୍ଥରୁ ଶକ୍ତି ସଂଗ୍ରହ କରି ନିଜେ ଶକ୍ତିଶାଳୀ ହେବା ପାଇଁ ବିବିଧ ନ୍ୟାସ ଓ ନାନା ପ୍ରକାର ବାହ୍ୟିକ ପ୍ରଣାଳୀ ଏଥିରେ ସନ୍ନିବେଶିତ କରାଯାଇଛି ।

ପରିଶିଷ୍ଟ ଭାଗରେ ଯେଉଁସବୁ ବିଭୂତିମୂଳକ ସାଧନକୌଶଳ ପ୍ରଦତ୍ତ ହୋଇଅଛି, ତାହାର ଯେପରି ଅପବ୍ୟବହାର ନ ହୁଏ, ସେଥିପାଇଁ ଶ୍ରୀଗୁରୁଙ୍କ ଅନୁମତିକ୍ରମେ କେବଳ ଉପଯୁକ୍ତ ଅଧିକାରୀମାନେ ସାଧନା କରିବା ପାଇଁ ଯୋଗ୍ୟ ବୋଲି ଠାକୁର ଏହି ପୁସ୍ତକରେ ନିର୍ଦ୍ଦେଶ କରିଛନ୍ତି । କାରଣ ତାନ୍ତ୍ରିକ ଶକ୍ତି ଲାଭ କରି ତାହା ଯଦି ଲୋକହିତକର କର୍ମରେ ପ୍ରୟୋଗ କରା ନ ଯାଏ, ତାହା କିଭଳି କ୍ଷତିକାରକ ହୁଏ, ଏକଥା କଳାପାହାଡ଼ର ଦୃଷ୍ଟାନ୍ତ ଉଲ୍ଲେଖ କରି ଶ୍ରୀଶ୍ରୀଠାକୁର ବୁଝାଇଛନ୍ତି । କଳାପାହାଡ଼ ଗୋ-ବ୍ରାହ୍ମଣ ରକ୍ଷାର ସଂକଳ୍ପ ନେଇ ତାନ୍ତ୍ରିକ ଅଷ୍ଟନାୟିକା ସାଧନା କରି ଅସାମାନ୍ୟ ଶକ୍ତି ଲାଭ କରିଥିଲା, କିନ୍ତୁ ସାମାନ୍ୟ କାରଣରେ ଉତ୍‌କ୍ଷିପ୍ତ ହୋଇ ସେହି ସାଧନଲବ୍ଧ ଶକ୍ତିକୁ ସ୍ୱଧର୍ମାବଲମ୍ବୀ ହିନ୍ଦୁମାନଙ୍କ ବିରୋଧରେ ପ୍ରୟୋଗ କରି ହିନ୍ଦୁଧର୍ମର ଅଶେଷ କ୍ଷତିସାଧନ କରିବସିଲା । ତେଣୁ ଶ୍ରୀଶ୍ରୀଠାକୁର ସାଧକମାନଙ୍କୁ ଉପଯୁକ୍ତ ଗୁରୁଙ୍କ ଅନୁମତି ନେଇ ଏସବୁ ସାଧନାରେ ପ୍ରବୃତ୍ତ ହେବାକୁ ଉପଦେଶ ଦେଇଛନ୍ତି । କେବଳ ନିତ୍ୟନୈମିତ୍ତିକ କ୍ରିୟାବାନ ଆଚାରପରାୟଣ ସାଧକମାନେ ହିଁ କିଭଳି ଏହି କ୍ରିୟା କରି ଫଳ ଲାଭ କରିପାରିବେ, ତାହା ସେ ଉଲ୍ଲେଖ କରିଛନ୍ତି ।

ଜଗତରେ କେବଳ ନାମ-ରୂପ ବିଦ୍ୟମାନ । ଯେଉଁ ସାଧକ ଯେଉଁ ଦେବତାଙ୍କୁ ଭଲ ପାଇବେ, ତାଙ୍କର ନାମ ହିଁ ସେହି ସାଧକଙ୍କର ପ୍ରଥମ

ପ୍ରୟୋଜନ । ତାହାପରେ ତାଙ୍କୁ ଦେଖିବାକୁ ବାସନା ଜାତ ହେବା ହିଁ ରୂପର ଆକାଙ୍କ୍ଷା । ଅନ୍ତର ମଧ୍ୟରେ ସେହି ପରମପୁରୁଷ ନାମ ଓ ନାମୀ ରୂପରେ ନିତ୍ୟ ବିଦ୍ୟମାନ । ଅହଂତ୍ୱ ବିସର୍ଜ୍ଜନ ଦେଇ କେବଳ ନାମ ନେଇପାରିଲେ ତାଙ୍କର ସୂକ୍ଷ୍ମ ଅନୁଭୂତି ଲାଭ ହେବ । ନାମ ସହିତ ନାମୀ ଓତଃପ୍ରୋତଃ ଭାବରେ ଜଡ଼ିତ । ନାମର ସିଦ୍ଧଦଶାରେ ନାମୀଙ୍କର ଆବିର୍ଭାବ ହୁଏ । ଏହି ନାମ ଅନିର୍ବଚନୀୟ ଗୁଣାତୀତ ବସ୍ତୁ । ନାମ ଭାବସ୍ଫୁରଣର ସହଚର, ଏହା ବର୍ଣ୍ଣ ନୁହେଁ । ପାର୍ବତୀ ଓ ରାଧା କେବଳ ଇଷ୍ଟନାମ ଶୁଣି ବିହ୍ୱଳ ହୋଇପଡୁଥିଲେ ଏବଂ ନାମର ସିଦ୍ଧଦଶାରେ ତାଙ୍କୁ ସ୍ୱରୂପରେ ଲାଭ କରି ଧନ୍ୟ ହୋଇଥିଲେ । ଏହି ନାମ ବା ମନ୍ତ୍ରସାଧନର ରହସ୍ୟ ଶ୍ରୀଶ୍ରୀଠାକୁର ଏହି ପୁସ୍ତକରେ ବିଶେଷ ଭାବରେ ବର୍ଣ୍ଣନା କରି ଭାରତବାସୀଙ୍କୁ କିଭଳି ତନ୍ତ୍ରପଥରେ ଗତି କରିବାକୁ ଉତ୍ସାହିତ କରିଛନ୍ତି, ତାହା ପାଠକମାନେ ତାଙ୍କର 'ଉପସଂହାର' ଅଧ୍ୟାୟ ପାଠକରି ବିଶେଷ ଭାବରେ ହୃଦୟଙ୍ଗମ କରିପାରିବେ । ଗୁରୁକରଣ ଅସ୍ୱୀକାର କରି, ଗୁରୁନାମ ଗ୍ରହଣ ନ କରି କେବଳ ଅହଙ୍କାରର ବଶବର୍ତ୍ତୀ ହୋଇ ଯେଉଁମାନେ ଚିତ୍ତଶୁଦ୍ଧି ପଥରେ ଗତି କରୁଛନ୍ତି ବୋଲି ଧାରଣା କରନ୍ତି, ସେମାନଙ୍କର ସହଜରେ ଚିତ୍ତଶୁଦ୍ଧି ହୋଇପାରେ ନାହିଁ । ଗୁରୁବାଦକୁ ଅସ୍ୱୀକାର କଲେ ପରିଣାମରେ ନାସ୍ତିକବୁଦ୍ଧି ଉତ୍ପନ୍ନ ହେବାର ସମ୍ଭାବନା । ଗୁରୁସେବା ପରିତ୍ୟାଗ କରି ସାଧନା କଲେ ସେଥିରେ କେବଳ ଶ୍ରମ ହିଁ ସାର ହୁଏ । ଶ୍ରୀଗୁରୁଙ୍କ ଶ୍ରୀଚରଣର ଦୃଢ଼ଭକ୍ତି ଦ୍ୱାରା ଅତି ସହଜରେ ମତି ସଂଯତ ହୋଇଥାଏ । ତେଣୁ ଭଗବତ୍ ବୁଦ୍ଧିରେ ଶ୍ରୀଗୁରୁଙ୍କ ଅର୍ଚ୍ଚନା-ବନ୍ଦନା କରି ତାଙ୍କରି ନାମ ନେଇ ସାଧନ ପଥରେ ଅଗ୍ରସର ହେବା ଦରକାର । କେବଳ ଗୁରୁଭକ୍ତି ବଳରେ ଗ୍ରନ୍ଥକାର କିଭଳି ଅତି ସହଜରେ ସିଦ୍ଧିଲାଭ କରିଥିଲେ, ତାହାର କିଞ୍ଚିତ୍ ଆଭାସ ନିମ୍ନରେ ପ୍ରଦାନ କରାଯାଉଛି ।

ନଦୀୟା ଜିଲ୍ଲାର କୁତବପୁର ଗ୍ରାମ ଠାକୁରଙ୍କର ପୈତୃକ ନିବାସସ୍ଥଳ । ଏହି ଜିଲ୍ଲାର ରାଧାକାନ୍ତପୁର ଗ୍ରାମରେ ୧୨୮୬ ସାଲ ଶ୍ରାବଣ ପୂର୍ଣ୍ଣିମା ତିଥିରେ ତାଙ୍କର ଆବିର୍ଭାବ । ତାଙ୍କର ପୂର୍ବାଶ୍ରମ ନାମ ନଳିନୀକାନ୍ତ । ପିତାଙ୍କ ନାମ ଭୁବନମୋହନ ଭଟ୍ଟାଚାର୍ଯ୍ୟ ଏବଂ ତାଙ୍କ ମାତା ମାଣିକ୍ୟସୁନ୍ଦରୀ ଦେବୀ ଅତିଶୟ ଭକ୍ତିମତୀ, ଦୟାବତୀ ଏବଂ ପରୋପକାରିଣୀ ଥିଲେ । ତାଙ୍କ ବାଲ୍ୟକାଳରେ

ମାତାଙ୍କର ଅକାଳ ବିୟୋଗ ହେଲା । ମୃତ୍ୟୁ ସମୟରେ ନଳିନୀକାନ୍ତ ମାତୁଳାଳୟ ରାଧାକାନ୍ତପୁରରେ ଥିବାରୁ ମା'ଙ୍କର ଶେଷ ଦର୍ଶନ ଲାଭରୁ ବଞ୍ଚିତ ହୋଇଥିଲେ । ମୃତ୍ୟୁ ସମୟରେ ମା' କହିଗଲେ, 'ନଳିନୀକୁ କହିବ, ମୁଁ ତାକୁ ଜଗନ୍ମାତାଙ୍କ କୋଳରେ ସମର୍ପଣ କରିଦେଇ ଗଲି ।' ମାତୃଦେବୀଙ୍କ ବିୟୋଗରେ ନଳିନୀକାନ୍ତ ଅନ୍ତରରେ ନିଦାରୁଣ ବ୍ୟଥା ଅନୁଭବ କରି ଜଗନ୍ମାତାଙ୍କ ଦର୍ଶନ ନିମିତ୍ତ ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କ ଦର୍ଶନ ଲାଭ କରିପାରିଲେ ନାହିଁ । ତେଣୁ ସେ ମନେକଲେ, ଜଗନ୍ମାତା ବା ଭଗବାନ୍ ବୋଲି ସମ୍ଭବତଃ କେହି ନାହାନ୍ତି । ଫଳରେ ସେ ନାସ୍ତିକ ହୋଇପଡିଲେ । କିଛିଦିନ ପରେ ସୁଧାଂଶୁବାଳାନାମ୍ନୀ ପରମାସୁନ୍ଦରୀ କନ୍ୟାଙ୍କ ସହିତ ନଳିନୀକାନ୍ତ ବିବାହ ସୂତ୍ରରେ ଆବଦ୍ଧ ହେଲେ । ଦିନେ ନଳିନୀକାନ୍ତ କର୍ମକ୍ଷେତ୍ରରେ ବିଦେଶରେ ନିଦ୍ରିତ ଥିବାବେଳେ ହଠାତ୍ ଝରକା ଖୋଲିବା ଶବ୍ଦରେ ତାଙ୍କର ନିଦ୍ରା ଭଙ୍ଗ ହୋଇଗଲା । ସେ ଦେଖିଲେ, ଗୋଟିଏ ଛାୟାମୂର୍ତ୍ତି ସେଠାରେ ସ୍ଥିର ଭାବରେ ଦଣ୍ଡାୟମାନା । ସେ ମୂର୍ତ୍ତି ତାଙ୍କ ପ୍ରିୟତମା ପତ୍ନୀଙ୍କର ବୋଲି ବୋଧ ହେଲା । କିଛିକ୍ଷଣ ପରେ ଛାୟାମୂର୍ତ୍ତି ଉଭେଇଗଲା । ଏହା ପରେ ସେ ଜାଣିଲେ ଯେ, ଯେଉଁ ସମୟରେ ସେହି ଛାୟାମୂର୍ତ୍ତି ସେ ଦର୍ଶନ କରିଥିଲେ, ଠିକ୍ ସେହି ସମୟରେ ତାଙ୍କର ସ୍ତ୍ରୀଙ୍କର ପରଲୋକ ହୋଇଯାଇଛି । ଏହି ଅଲୌକିକ ଦର୍ଶନ ପରେ ତାଙ୍କର ପରଲୋକର ଅସ୍ତିତ୍ୱ ସମ୍ବନ୍ଧରେ ଦୃଢ଼ବିଶ୍ୱାସ ଜାତ ହେଲା । କିଭଳି ପରକାଳବାସୀଙ୍କ ସହିତ ସାକ୍ଷାତ୍ ଦର୍ଶନ ଲାଭ ହେବ, ସେହି ବାସନା ତାଙ୍କର ଅତିଶୟ ପ୍ରବଳ ହୋଇଉଠିଲା । ସେ ଥିଓସଫି ସଂପ୍ରଦାୟରେ ମିଶି ମିଡିଅମ୍ ଦ୍ୱାରା ଆତ୍ମା ଆନୟନ କୌଶଳ ଶିକ୍ଷା କଲେ, ମାତ୍ର ସେଥିରେ ତୃପ୍ତ ହୋଇପାରିଲେ ନାହିଁ । ପରେ ଶ୍ରୀଯୁକ୍ତ ପୂର୍ଣ୍ଣାନନ୍ଦ ସ୍ୱାମୀଙ୍କ ଉପଦେଶ ଅନୁସାରେ ଆଧ୍ୟାତ୍ମିକ ପନ୍ଥା ଅନୁସରଣ କରିବାକୁ ଚେଷ୍ଟା କଲେ ଏବଂ ଗୁରୁଲାଭ ନିମିତ୍ତ ବ୍ୟାକୁଳ ହୋଇ ବହୁ ଅନ୍ୱେଷଣ କରି ମଧ୍ୟ ଉପଯୁକ୍ତ ଗୁରୁ ପାଇଲେ ନାହିଁ । ଦିନେ ସେ ଗୁରୁଲାଭ ନିମିତ୍ତ ବ୍ୟାକୁଳ ହୋଇ ଭଗବାନଙ୍କୁ ପ୍ରାର୍ଥନା କରି ନିଦ୍ରା ଯାଇଛନ୍ତି, ହଠାତ୍ ଜଣେ ମହାପୁରୁଷ ଆବିର୍ଭୂତ ହୋଇ ତାଙ୍କୁ ସ୍ୱପ୍ନରେ ଏକାକ୍ଷରୀ ମନ୍ତ୍ର ପ୍ରଦାନ କଲେ । କଳିଯୁଗରେ ତାନ୍ତ୍ରିକ ଉପାସନା ଶୀଘ୍ର ଫଳପ୍ରଦ ବୋଲି ପ୍ରତ୍ୟାଦିଷ୍ଟ ହୋଇ ସେ ମନ୍ତ୍ରର ସାଧନ ନିମିତ୍ତ ସିଦ୍ଧତାନ୍ତ୍ରିକ ବାମାକ୍ଷେପାଙ୍କ

ନିକଟରେ ଉପନୀତ ହୋଇ ତାଙ୍କ ଅନୁଗ୍ରହରୁ ଅତି ଅଳ୍ପ କାଳ ମଧ୍ୟରେ ଗୁରୁଶକ୍ତି ତାରା ଦେବୀଙ୍କୁ ସହଧର୍ମିଣୀ ରୂପରେ ପ୍ରାପ୍ତ ହେଲେ । ପରେ ଜ୍ଞାନ ଆଲୋଚନା ନିମିତ୍ତ ବା ତତ୍ତ୍ୱତଃ ଦେବୀଙ୍କୁ ଉପଲବ୍ଧି କରିବା ନିମିତ୍ତ ସେ ଜ୍ଞାନୀଗୁରୁଙ୍କ ସନ୍ଧାନରେ ବହିର୍ଗତ ହୋଇ ଦୈବାତ୍ ଅତର୍କିତ ଭାବରେ ଯେଉଁ ଗୁରୁ ସ୍ୱପ୍ନରେ ମନ୍ତ୍ରଦାନ କରିଥିଲେ, ତାଙ୍କର ସାକ୍ଷାତ୍ ଦର୍ଶନ ଲାଭ କଲେ—ଏହାଙ୍କର ନାମ **ଶ୍ରୀମତ୍ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ** । ସେ ତାଙ୍କୁ ସନ୍ନ୍ୟାସ ପ୍ରଦାନପୂର୍ବକ **'ନିଗମାନନ୍ଦ'** ନାମରେ ଆଖ୍ୟାୟିତ କଲେ । ପରେ ତତ୍ତ୍ୱର ପ୍ରତ୍ୟକ୍ଷ ଦର୍ଶନ ପାଇଁ ଯୋଗୀଗୁରୁ ଅନୁସନ୍ଧାନ କରି **ଯୋଗୀରାଜ ସୁମେରୁ ଦାସଜୀଙ୍କ** କୃପାରୁ ସେ ଯୋଗସିଦ୍ଧ ହେଲେ । ପରେ ଜଗଦ୍‌ଗୁରୁ ଶୃଙ୍ଗେରୀ ମଠର ମହନ୍ତଙ୍କ ଅନୁମତିକ୍ରମେ ଜ୍ଞାନୀଗୁରୁ ତାଙ୍କୁ **ପରମହଂସ ଉପାଧି** ପ୍ରଦାନ କଲେ । ତତ୍ପରେ **ନିର୍ବିକଳ୍ପ ସମାଧି ଲାଭ କରି ସେ ଗୁରୁଭାର ନେଇ** ସେଥିରୁ ପ୍ରତ୍ୟାବର୍ତ୍ତନ କଲେ । ଏହାପରେ-ସିଦ୍ଧା ଯୋଗିନୀ **ଗୌରୀ ମା'ଙ୍କ** କୃପାରୁ ପ୍ରେମସିଦ୍ଧି ଲାଭ ପୂର୍ବକ ଭଗବାନଙ୍କୁ ରକ୍ତମାଂସମୟ ସ୍ଥୂଳ ଶରୀରରେ ଲାଭ କରି ତାଙ୍କଠାରୁ ବର ଗ୍ରହଣପୂର୍ବକ **ଗୁରୁ ଭାବରେ ଲୋକାଳୟ ପ୍ରତ୍ୟାବର୍ତ୍ତନ କଲେ** ।

ବୈଦିକ ଶ୍ରୁତି ଦୁଇ ପ୍ରକାର- **ବୈଦିକ ଓ ତାନ୍ତ୍ରିକ** । ତାହା ପ୍ରଧାନତଃ ତିନି ଭାଗରେ ବିଭକ୍ତ - **ଆଗମ, ନିଗମ ଓ ଯାମଳ** । ସାଧାରଣତଃ ତନ୍ତ୍ରର ବକ୍ତା ମହାଦେବ ଓ ଶ୍ରୋତା ପାର୍ବତୀ । କିନ୍ତୁ ନିଗମ ଶାସ୍ତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଏ । ଏଠାରେ ବକ୍ତ୍ରୀ ପାର୍ବତୀ ଓ ଶ୍ରୋତା ମହାଦେବ । ସେ ନିଗମରେ ଅତିଶୟ ଜ୍ଞାନସମ୍ପନ୍ନ ଥିବାରୁ ତାଙ୍କର 'ନିଗମାନନ୍ଦ' ନାମ ମଧ୍ୟ ସାର୍ଥକ ହେଲା ।

ଶ୍ରୀଶ୍ରୀଠାକୁର ତାଙ୍କ ଗୁରୁଦେବଙ୍କ ନିର୍ଦ୍ଦେଶରେ ଲୋକାଳୟକୁ ଆସି ନାନାବିଧ ଗ୍ରନ୍ଥ ପ୍ରକାଶ କରିବା ପରେ ଦେଖିଲେ ଯେ, ସମାଜର ଅବସ୍ଥା ଅତିଶୟ ଶୋଚନୀୟ, ପାଶ୍ଚାତ୍ୟ ଶିକ୍ଷାଦୀକ୍ଷାରେ ଦେଶବାସୀଙ୍କ ଚରିତ୍ର କଳୁଷିତ । ମହାପୁରୁଷଙ୍କ ପ୍ରଦତ୍ତ ସାଧନଶକ୍ତି ଧାରଣ କରିବା ଭଳି ଉପଯୁକ୍ତ ଆଧାର ସମାଜରେ ଅତିଶୟ ବିରଳ । ଦେଶର ଏହି ଅଭାବମୋଚନ ନିମିତ୍ତ ସେ ଶୁଦ୍ଧ ଆଧାର ଗଠନ ଉଦ୍ଦେଶ୍ୟରେ 'ସାରସ୍ୱତ ଗ୍ରନ୍ଥାବଳୀ' ପ୍ରକାଶ କରିବା ପରେ

'ମଠାଶ୍ରମ' ଓ 'ସଂଘ' ସ୍ଥାପନ କରିଥିଲେ । କର୍ମ-ଜ୍ଞାନ-ଭକ୍ତି ସାହାଯ୍ୟରେ କିଭଳି ଲକ୍ଷ୍ୟପଥରେ ଅଗ୍ରସର ହେବାକୁ ପଡ଼େ, ତାହାର ବହୁବିଧ ସାଧନପ୍ରଣାଳୀ ସେ ତାଙ୍କ ପୁସ୍ତକାବଳୀରେ ପ୍ରଦର୍ଶନ କରିଛନ୍ତି । ନିଷ୍କାମକର୍ମ କିଭଳି ଭକ୍ତିର ଉଦ୍ରେକ କରେ ଏବଂ ଭକ୍ତି କିଭଳି ଅଦ୍ୱୈତ ଜ୍ଞାନରେ ଉପନୀତ କରାଇଥାଏ, ତାହାର ସହଜ ସରଳ ସାଧନପନ୍ଥା ତାଙ୍କ ପୁସ୍ତକମାନଙ୍କରେ ଓ ବହୁବିଧ ଉପଦେଶରେ ସେ ବ୍ୟକ୍ତ କରିଛନ୍ତି ।

ଗୃହସ୍ଥମାନଙ୍କୁ ନେଇ ସମାଜ ଗଠିତ । ତେଣୁ ଭୋଗ ଭିତରେ ରହି ମଧ୍ୟ କିଭଳି ତ୍ୟାଗୀ ଭାବରେ ସାଧକମାନେ ପରିଚାଳିତ ହୋଇପାରିବେ ଏବଂ ନାରୀମାନଙ୍କୁ ଜଗଜ୍ଜନନୀ ଜ୍ଞାନ କରି ସଂସାର କରିପାରିବେ, ତାହାର ବିଶେଷ ସାଧନ ମଧ୍ୟ ଏହି ଗ୍ରନ୍ଥରେ ଶ୍ରୀଶ୍ରୀ ଠାକୁର ପ୍ରକାଶ କରିଛନ୍ତି । ନାରୀଚରିତ୍ରର ପବିତ୍ରତା ଅଭାବରୁ ସମାଜ କିଭଳି ଧ୍ୱଂସ ହୋଇଯାଉଛି, ନାରୀମାନଙ୍କୁ କିଭଳି ସମ୍ମାନ ପ୍ରଦାନ କରିବା ଉଚିତ, ତାହାର ବହୁବିଧ କୌଶଳ ମଧ୍ୟ ସେ ଏହି 'ତାନ୍ତ୍ରିକଗୁରୁ' ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ଅବଶେଷରେ ସେ ତାଙ୍କ ମଠାଶ୍ରମ ଓ ସଂଘ ପରିଚାଳନା ନିମିତ୍ତ ଉପଯୁକ୍ତ ବ୍ୟବସ୍ଥା କରି ଭାରତର ପବିତ୍ରତମ କ୍ଷେତ୍ର ପୁରୀଧାମର ସ୍ୱର୍ଗଦ୍ୱାର ନିକଟବର୍ତ୍ତୀ 'ନୀଳାଚଳ କୁଟୀର'ରେ ନିଭୃତ ଅବସ୍ଥାନ କରୁଥିବା ଅବସ୍ଥାରେ **୧୯୩୪ ଖ୍ରୀଷ୍ଟାବ୍ଦ ଝୁଲଣ ପୂର୍ଣ୍ଣିମା** ଦିନ ଉତ୍କଳର ତତ୍କାଳୀନ ଶିଷ୍ୟଭକ୍ତମାନଙ୍କୁ ସଂଘବଦ୍ଧ କରିବା ଉଦ୍ଦେଶ୍ୟରେ **'ନୀଳାଚଳ ସାରସ୍ୱତ ସଂଘ'** ନିଜେ ପ୍ରତିଷ୍ଠା କରି ସଂଘବଦ୍ଧ ଭାବରେ 'ଆଦର୍ଶ ଗୃହସ୍ଥ ଜୀବନ ଗଠନ' ନିମିତ୍ତ ନିର୍ଦ୍ଦେଶ ଦେଇ **୧୩୪୨ ସାଲ ଅର୍ଥାତ୍ ୧୯୩୫ ମସିହା ନଭେମ୍ବର ୨୯ ତାରିଖ ଦିନ କଲିକତା ମହାନଗରୀରେ ଦେହରକ୍ଷା କଲେ ।**

ତନ୍ତ୍ରର ସାଧନା ସ୍ଥୂଳ ଓ ସୂକ୍ଷ୍ମ ଭାବରେ ଦୁଇ ପ୍ରକାର । ଏଥି ମଧ୍ୟରୁ ତନ୍ତ୍ରର ସ୍ଥୂଳ ସାଧନାରେ ଶ୍ରୀଶ୍ରୀ ଠାକୁରଙ୍କର ଯେତେଜଣ ଶିଷ୍ୟ ଅଗ୍ରଗତି କରିଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳର **ସ୍ୱର୍ଗୀୟ ପ୍ରଫୁଲ୍ଲଚନ୍ଦ୍ର ଭଞ୍ଜଦେଓ** ଅନ୍ୟତମ । ଏହାଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଶ୍ରୀଶ୍ରୀଠାକୁର ସୂକ୍ଷ୍ମ ତାନ୍ତ୍ରିକ ସାଧନ ମାର୍ଗରେ ପରିଚାଳିତ କରିଥିଲେ । ପ୍ରସିଦ୍ଧ **ତାନ୍ତ୍ରିକ-ସାଧକ ସାର୍ ଜନ୍ ଉଡ୍‌ରଫ୍** ଶ୍ରୀଶ୍ରୀଠାକୁରଙ୍କ ସହିତ

ପୁରୀ 'ନୀଳାଚଳ କୁଟୀର'ରେ ସାକ୍ଷାତ କରି ତନ୍ତ୍ରର ସୂକ୍ଷ୍ମ-ସାଧନ ପ୍ରଣାଳୀ ବିଷୟରେ ବହୁ ଆଲୋଚନା କରିଥିଲେ ।

ପ୍ରାଣର ଅସୀମ ଶକ୍ତି । ଜଗତର ସମସ୍ତ ମହାପୁରୁଷ ଏହି ପ୍ରାଣକୁ ଯେ କୌଣସି ପ୍ରକାରରେ ଜୟ କରିଥିଲେ । ଯେଉଁମାନଙ୍କ ଭିତରେ ଏହି ପ୍ରାଣଶକ୍ତିର ସ୍ପନ୍ଦନ ଯେତେ ତୀବ୍ର, ସେହିମାନେ ତାଙ୍କର ପ୍ରାଣଶକ୍ତିର କମ୍ପନ ଦ୍ୱାରା ଅପର ପ୍ରାଣକୁ ସେତେ ସହଜରେ ଉଦ୍‌ବଦ୍ଧ କରିପାରନ୍ତି । ଜଗତରେ ଯେତେ ପ୍ରକାର ତେଜ ବା ଶକ୍ତିର ବିକାଶ ଦେଖିବାକୁ ମିଳେ, ସେ ସମସ୍ତ ଏହି ପ୍ରାଣସଂଯମରୁ ଉତ୍ପନ୍ନ । ଏହି ପ୍ରାଣସଂଯମ ମଧ୍ୟରେ ହିଁ ସମୁଦାୟ ସିଦ୍ଧିର ବୀଜ ନିହିତ । ଏହି ଜଗତ ଆକାଶ ଏବଂ ପ୍ରାଣର କମ୍ପନରୁ ଉତ୍ପନ୍ନ । ମହାକାଶରେ ପ୍ରାଣର ସ୍ପନ୍ଦନ ହିଁ ସୃଷ୍ଟିର ପ୍ରଥମ ବିକାଶ । ପ୍ରାଣ ହିଁ ସ୍ନାୟବୀୟ ଶକ୍ତିପ୍ରବାହ (Nurve Current) ରୂପରେ ଏବଂ ଚିନ୍ତାଶକ୍ତି ରୂପରେ ପରିଣତ ହୋଇଥାଏ । ଯେଉଁମାନେ ଏହି ପ୍ରାଣକୁ ଜୟ କରିଛନ୍ତି, ସେମାନଙ୍କ ନିକଟରେ ଅନନ୍ତ ଶକ୍ତିର ଦ୍ୱାର ଉନ୍ମୁକ୍ତ । ଯେଉଁମାନେ ନେତା, ସେମାନେ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ଏହି ପ୍ରାଣକୁ କିଞ୍ଚିତ୍ ଜୟ କରିଛନ୍ତି । ନିଜ ପ୍ରାଣକୁ ବଶୀଭୂତ କରିପାରିଲେ, ଅପର ପ୍ରାଣ ଉପରେ ସହଜରେ ଆଧିପତ୍ୟ କରାଯାଇପାରେ । ପ୍ରାଣଜୟୀ ମହାପୁରୁଷଙ୍କ ଇଚ୍ଛାଶକ୍ତି ପ୍ରଭାବରେ ଏହି ଜଗତ ପରିଚାଳିତ ହେଉଅଛି ।

ଏହି ପ୍ରାଣ ହିଁ ବ୍ୟଷ୍ଟି ଦେହରେ ଜୀବନୀ ଶକ୍ତି ରୂପରେ ପ୍ରକାଶ ପାଇଥାଏ । ମନୋବୃତ୍ତି ଏହାର ସୂକ୍ଷ୍ମ ଓ ଉଚ୍ଚତମ ଅଭିବ୍ୟକ୍ତି । ପ୍ରାଣ ସ୍ଥିର ନ ହେଲେ, ଜଗତରେ କୌଣସି ମହତ୍ କାର୍ଯ୍ୟ ସାଧିତ ହୋଇପାରେ ନାହିଁ । ପ୍ରକୃତ ଜନହିତକର କାର୍ଯ୍ୟ କରିବାକୁ ହେଲେ ଜ୍ଞାନାତୀତ ଭୂମିରେ ଆରୋହଣ କରିବା ଆବଶ୍ୟକ ଅର୍ଥାତ୍ ପୂର୍ଣ୍ଣ-ଚୈତନ୍ୟରେ ଅଧିଷ୍ଠିତ ରହିବା ଏକାନ୍ତ ପ୍ରୟୋଜନ । ପ୍ରାଣଜୟୀ ସାଧକଙ୍କର ଇଚ୍ଛାଶକ୍ତି ଅସାଧାରଣ ।

ସିଦ୍ଧ ଯୋଗୀମାନେ କହିଛନ୍ତି ଯେ, ସର୍ବନିମ୍ନ ଚକ୍ର ମୂଳାଧାରରୁ ଆରମ୍ଭ କରି ମସ୍ତକର ସହସ୍ରଦଳ ପଦ୍ମ ପର୍ଯ୍ୟନ୍ତ ମାନବର ଶରୀରାଭ୍ୟନ୍ତରରେ କେତେଗୁଡ଼ିଏ କେନ୍ଦ୍ର ଅଛି । ନିୟମିତ ଶ୍ୱାସପ୍ରଶ୍ୱାସ ଗ୍ରହଣ ଓ ତ୍ୟାଗ ଫଳରେ

ଶରୀରର ସମୁଦାୟ ପରମାଣୁଗୁଡ଼ିକ ଏକମୁଖୀ ହୋଇ ଊର୍ଦ୍ଧ୍ୱଦିଗକୁ ଗତି କରିବାକୁ ଉପକ୍ରମ କଲେ, ମନର ଏକାଗ୍ରତା ଲାଭ ହୁଏ । ତାହା ଫଳରେ ସାଧକମାନେ ପ୍ରାଣକୁ ଜୟ କରି ମୂଳାଧାରରୁ ସହସ୍ରାରକୁ ପ୍ରାଣଶକ୍ତି ଉତ୍ତୋଳନ କରିପାରନ୍ତି ଏବଂ ପୁନରାୟ ସହସ୍ରାରରୁ ମୂଳାଧାରକୁ ଅବତରଣ କରି ନେଇ ପାରନ୍ତି । ଏହି ପ୍ରାଣଶକ୍ତିକୁ ଜାଗରିତା କରି ଯୋନିମୁଦ୍ରା ଯୋଗରେ କିଭଳି ସହସ୍ରାରକୁ ଉତ୍ତୋଳନ କରାଯାଏ, ପୁଣି ମୂଳାଧାରକୁ ଅବତରଣ କରାଇବାକୁ ପଡ଼େ ଏବଂ ସେହି ଅବସ୍ଥାରେ ଜପ କଲେ, କିଭଳି ଆନନ୍ଦ ଅନୁଭୂତି ଲାଭ ହୁଏ, ତାହାର ବିବରଣ ମଧ୍ୟ ଏହି ଗ୍ରନ୍ଥରେ ଶ୍ରୀଶ୍ରୀଠାକୁର ପ୍ରଦାନ କରିଛନ୍ତି ।

ଅପରା ପ୍ରକୃତି ଜଡ଼ । କିନ୍ତୁ ପରା-ପ୍ରକୃତି ଭିତରେ ସମସ୍ତ ପ୍ରାଣଶକ୍ତି ନିହିତ । ତେଣୁ ପରାପ୍ରକୃତିଙ୍କର କୃପା ଲାଭ କରି ପାରିଲେ ପ୍ରାଣରେ ଅସୀମ ଶକ୍ତି ସଞ୍ଚାରିତ ହୁଏ । ଆମ ଜୀବନସୂତ୍ର ଯେ ସେହି ପରାପ୍ରକୃତିଙ୍କ ସହିତ ସଂଯୋଜିତ, ଏହି ଉପଲବ୍ଧି ନିଜ ଭିତରେ ଅର୍ଥାତ୍ ପ୍ରାଣେ ପ୍ରାଣେ କରିପାରିଲେ, ଜୀବନରେ ଦୁଃଖ ବା ଅଶାନ୍ତି କିଛି ରହେ ନାହିଁ । ଏହି ଶକ୍ତି ଧାରଣ ନିମିତ୍ତ ଅଟଳ ବ୍ରହ୍ମଚର୍ଯ୍ୟ ବା ବୀର୍ଯ୍ୟରକ୍ଷାର ପ୍ରୟୋଜନ । ଏହାକୁ ଧୃତିଶକ୍ତି କୁହାଯାଏ । ମାନବ ପରାପ୍ରକୃତିଙ୍କ ଆଶ୍ରୟ ପାଇଲେ ଜଗତରେ ଅସାଧ୍ୟ ସାଧନ କରିପାରିବ । ଏହି ପରାପ୍ରକୃତିରେ ପ୍ରତିଷ୍ଠିତ ହେବାକୁ ହେଲେ ଏକମାତ୍ର ସେହି ସଦ୍‌ଗୁରୁଙ୍କ ଶରଣ ଗ୍ରହଣ ଏକାନ୍ତ କର୍ତ୍ତବ୍ୟ । ଜଗଦ୍‌ଗୁରୁ ଶଙ୍କର ଜଗଜ୍ଜନନୀ ପାର୍ବତୀ ଦେବୀଙ୍କୁ ସମ୍ବୋଧନ କରି କହୁଛନ୍ତି —

"ଦୁର୍ଲ୍ଲଭଂ ତ୍ରିଷୁଲୋକେଷୁ ତଚ୍ଛ୍ରୁଣୁସ୍ୱ ବଦାମ୍ୟହଂ ।
କିଞ୍ଚିଦ୍ ଗୁରୁଂ ବିନା ନାନ୍ୟଦ୍ ସତ୍ୟଂ ସତ୍ୟଂ ବରାନନେ ॥" (ଗୁରୁଗୀତା)

ହେ ବରାନନେ ! ଗୁରୁଦେବଙ୍କ ବ୍ୟତୀତ ଏ ଜଗତରେ କୌଣସି ସତ୍ୟ ନାହିଁ, ଅର୍ଥାତ୍ ଶ୍ରୀଗୁରୁ ହିଁ ଏକମାତ୍ର ସତ୍ୟ । ତ୍ରିଲୋକ ମଧ୍ୟରେ ଏହା ଦୁର୍ଲ୍ଲଭ ।

ଭଗବାନଙ୍କୁ ପାଇବା ପାଇଁ ମନ୍ତ୍ରଦ୍ରଷ୍ଟା ଋଷି, ମହାପୁରୁଷ ଏବଂ ସାଧୁମାନେ ନାନାବିଧ ମନ୍ତ୍ର ସୃଷ୍ଟି କରିଛନ୍ତି ସତ୍ୟ, ମାତ୍ର ସଦ୍‌ଗୁରୁଙ୍କୁ ଲାଭ କରିବାକୁ କେହି

ଇଚ୍ଛା କଲେ, ସେ କିଭଳି ପ୍ରଣାଳୀ, ମନ୍ତ୍ର ଓ ପଥ ଅବଲମ୍ବନ କରିବା ଦରକାର, ତାହା କୌଣସି ଋଷି ବା ମହାପୁରୁଷ ସ୍ପଷ୍ଟ ଭାବରେ ସୂଚାଇ ନାହାନ୍ତି ।

ଶ୍ରୀଶ୍ରୀଠାକୁର କିଭଳି ଉପାୟ ଅବଲମ୍ବନ କଲେ ଭଗବଦ୍ ଭକ୍ତମାନେ ସଦ୍‌ଗୁରୁ ଲାଭ କରିପାରିବେ, ସେଥିପାଇଁ **'ଜୟଗୁରୁ' ନାମକୁ** ସିଦ୍ଧମନ୍ତ୍ର ଭାବରେ ପ୍ରଚାର କରି ମନ୍ତ୍ରଦ୍ରଷ୍ଟା ଋଷିର ପରିଚୟ ଦେଇଛନ୍ତି ଓ 'ସାରସ୍ୱତ ସଂଘ'ରେ **ଅସାମ୍ପ୍ରଦାୟିକ 'ଜୟଗୁରୁ' ନାମକୁ ସିଦ୍ଧ ମନ୍ତ୍ରରୂପରେ** ପ୍ରଚଳନ କରି ସାର୍ବଭୌମ ଭାବରେ ଧର୍ମର ପ୍ରଚାର ଓ ସନାତନ ଧର୍ମର ବିସ୍ତାର ପୂର୍ବକ ଗୁରୁବାଦର ପ୍ରତିଷ୍ଠା ବଜାୟ ରଖିଛନ୍ତି— ତାହା ପାଠକମାନେ ତାଙ୍କ ଉପଦେଶାବଳୀ ପାଠ କରି ବିଶେଷଭାବରେ ହୃଦୟଙ୍ଗମ କରିପାରିବେ ।

ଚିନ୍ମୟ ଅଦ୍ୱିତୀୟ ପରଂବ୍ରହ୍ମଙ୍କର ନିର୍ଦ୍ଦିଷ୍ଟ ନାମରୂପ ନାହିଁ । ଉପାସକମାନଙ୍କ କାର୍ଯ୍ୟସିଦ୍ଧି ନିମିତ୍ତ ମୂର୍ତ୍ତିର କଳ୍ପନା କରାଯାଇଥାଏ ମାତ୍ର । ଯେଉଁମାନେ ଉପାସକ ଅର୍ଥାତ୍ ଭଗବାନଙ୍କ ସମୀପରେ ଆସନ ଲାଭ କରିବାର ଯୋଗ୍ୟତା ଲାଭ କରିଛନ୍ତି, ସେମାନେ ଉପାସନାରୂପ ସେବା ସୁସମ୍ପନ୍ନ କରିବା ନିମିତ୍ତ ଅମୂର୍ତ୍ତ-ଦେବତାଙ୍କର ମୂର୍ତ୍ତି କଳ୍ପନା କରିଥା'ନ୍ତି । ଯେଉଁମାନେ ସାଧନ ରାଜ୍ୟରେ ପ୍ରବେଶ କରିବାକୁ ସମର୍ଥ, ସେମାନଙ୍କୁ **ସାଧକ** ଏବଂ ଯେଉଁମାନେ ଦେବତାଙ୍କ ନିକଟରେ ଉପନୀତ ହେଲେଣି, ସେମାନଙ୍କୁ **ଉପାସକ** କୁହାଯାଏ । ସାଧକ ଓ ଉପାସକମାନଙ୍କ ବ୍ୟତୀତ ଅନ୍ୟମାନଙ୍କର ମୂର୍ତ୍ତି ପୂଜାଦିରେ ଅଧିକାର ନାହିଁ । ସାଧକଙ୍କର ଇଚ୍ଛାଶକ୍ତି ଓ ସତ୍ୟସଂକଳ୍ପ ବଳରେ ପରଂବ୍ରହ୍ମ ଦେବଦେବୀ ମୂର୍ତ୍ତିରେ ଆତ୍ମ ପ୍ରକାଶ କରିଥାନ୍ତି । ଜଗତ୍ ଯେପରି ବ୍ରହ୍ମଙ୍କଠାରୁ ଜାତ, ତାଙ୍କରିଠାରେ ସ୍ଥିତ ଏବଂ ପରେ ତାଙ୍କରି ଠାରେ ଲୟପ୍ରାପ୍ତ ହୁଏ, ସେହିପରି ବିଭିନ୍ନ ଦେବଦେବୀ ମୂର୍ତ୍ତି ହିଁ ପରଂବ୍ରହ୍ମଙ୍କ ଠାରୁ ଜାତ ହୋଇ ତାଙ୍କରି ଠାରେ ଲୀନ ହୋଇଥା'ନ୍ତି ।

ପ୍ରତ୍ୟେକ ଦେବଦେବୀ ମୂର୍ତ୍ତି ଅନନ୍ତଶକ୍ତିସମନ୍ୱିତ ପରଂବ୍ରହ୍ମଙ୍କର ବିଶିଷ୍ଟ ଶକ୍ତିର ଘନୀଭୂତ ପ୍ରକାଶ, ତାଙ୍କର ବିଭିନ୍ନ ମହିମାନ୍ୱିତ ଶକ୍ତିସମୂହର ସ୍ୱରୂପ ଅବଗତ ହେବା ନିମିତ୍ତ ଜ୍ଞାନଗରିଷ୍ଠ ଋଷିମାନଙ୍କର ଯେଉଁ ସାଧନା, ତାହାର ଫଳ ସ୍ୱରୂପ ସେମାନଙ୍କ ନିର୍ମଳ ବୁଦ୍ଧିରେ ଶକ୍ତିର ଯେଉଁସବୁ ବିଶିଷ୍ଟ ରୂପ ଉଦ୍ଭାସିତ ହୁଏ, ସେ

ସମସ୍ତ ହିଁ ସେହି ଶକ୍ତିଙ୍କର ଘନୀଭୂତ ବିକାଶ । ସେଗୁଡ଼ିକ ହିଁ ହିନ୍ଦୁଶାସ୍ତ୍ରରେ ବିଭିନ୍ନ ଦେବଦେବୀ ମୂର୍ତ୍ତି ରୂପେ ନାମିତ ହୋଇଛନ୍ତି । ଉଦାହରଣ ସ୍ୱରୂପ, କାଳଶକ୍ତିର ବିଭିନ୍ନ ସ୍ୱରୂପ ଅବଗତ ହେବା ନିମିତ୍ତ ଋଷିମାନଙ୍କର ଯେଉଁ ସମାହିତ ପ୍ରଚେଷ୍ଟା, ତାହା ଫଳରେ ସେମାନଙ୍କ ଶୁଦ୍ଧ ଚିତ୍ତକ୍ଷେତ୍ରରେ ଯେଉଁ ମୂର୍ତ୍ତିର ଅଭିବ୍ୟକ୍ତି ଘଟିଥିଲା, ତାହାହିଁ **କାଳୀମୂର୍ତ୍ତି** । ଯଦି କେହି କାଳର ସ୍ୱରୂପ ଅବଗତ ହେବାକୁ ଇଚ୍ଛା କରନ୍ତି, ତେବେ ଏହି କାଳୀମୂର୍ତ୍ତିକୁ ଅବଲମ୍ବନ କରି କିଭଳି ସହଜରେ ସ୍ଥୂଳ ଓ ସୂକ୍ଷ୍ମ ସାଧନାରେ ଅଗ୍ରସର ହୋଇ ପାରନ୍ତି, ସେହି ସବୁର ବିବରଣ କାଳୀସାଧନ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଯଦି କେହି ଉପରୋକ୍ତ ଭାବରେ ଶକ୍ତିକେନ୍ଦ୍ରକୁ ଅର୍ଥାତ୍ ବିଭିନ୍ନ ଦେବଦେବୀ ମୂର୍ତ୍ତିକୁ ଅବଲମ୍ବନ କରି ପୂର୍ଣ୍ଣ-ବ୍ରହ୍ମଙ୍କର ଉପାସନା କରିବାକୁ ଇଚ୍ଛା କରନ୍ତି, ସେମାନଙ୍କ ନିମିତ୍ତ ସ୍ଥୂଳମୂର୍ତ୍ତିର ଉପାସନା ଓ ସ୍ଥୂଳଦ୍ରବ୍ୟ ଏପରିକି ପଞ୍ଚ-ମ'କାର ସାହାଯ୍ୟରେ ମଧ୍ୟ ଉପାସନା କରିବାର ବିବିଧ ସ୍ଥୂଳ-ସୂକ୍ଷ୍ମ-ପ୍ରଣାଳୀ ଅଧିକାରୀ ଭେଦରେ ପ୍ରଦତ୍ତ ହୋଇଅଛି । ଆମମାନଙ୍କର ଜୀବନଧାରଣ ନିମିତ୍ତ ଯେଉଁ ପରଂବ୍ରହ୍ମ ଆମର ଭୋଗ୍ୟ ଜଗତ ରୂପରେ ଅର୍ଥାତ୍ ପଞ୍ଚ-ଭୂତ ଓ ପଞ୍ଚ-ତନ୍ମାତ୍ର ରୂପରେ ସ୍ଥୂଳରେ ପ୍ରକାଶିତ ହୋଇପାରନ୍ତି, ସେହି ବ୍ରହ୍ମ ଆମର ସେବା ଏବଂ ଭକ୍ତିଦ୍ରବ୍ୟ ଗ୍ରହଣ କରିବା ନିମିତ୍ତ ଯେ ସାଧକଙ୍କର ଇଚ୍ଛାଶକ୍ତି ବଳରେ ସ୍ଥୂଳମୂର୍ତ୍ତିରେ ପ୍ରକାଶିତ ହେବେ, ସେଥିରେ ସଂଶୟ କରିବାର କିଛି ମାତ୍ର କାରଣ ନାହିଁ । ତେଣୁ ଦେବଦେବୀମାନେ ଆତ୍ମଶକ୍ତିର ଘନୀଭୂତ ବିଗ୍ରହ ମାତ୍ର । ଭକ୍ତମାନଙ୍କର ଭକ୍ତିବଳରେ ସେମାନେ ନିରାକାର ହେଲେ ମଧ୍ୟ ସାକାର ରୂପ ପରିଗ୍ରହ କରି ସାଧକମାନଙ୍କର ସର୍ବାଭୀଷ୍ଟ ପୂରଣ କରିଥା'ନ୍ତି । ଯେପରି ଗୃହସ୍ଥାଶ୍ରମ ପରିଚାଳନା ନିମିତ୍ତ ପିତୃପିତାମହ ପ୍ରଭୃତି ଗୁରୁଜନଙ୍କର ଏକାନ୍ତ ଆବଶ୍ୟକ, ସେହିପରି ଜୀବନର ସମସ୍ତ କାର୍ଯ୍ୟ ସୁନିୟନ୍ତ୍ରିତ କରିବା ନିମିତ୍ତ ଅର୍ଥାତ୍ ଆଦର୍ଶ ଜୀବନ ଗଠନ ନିମିତ୍ତ ପରମପିତାଙ୍କର ସ୍ଥୂଳମୂର୍ତ୍ତି ପ୍ରତି ଗୃହରେ ପ୍ରତିଷ୍ଠା କରିବାର ବ୍ୟବସ୍ଥା ଶାସ୍ତ୍ରକାରମାନେ ନିର୍ଦ୍ଦିଷ୍ଟ କରିଛନ୍ତି । ଯେତେ ଦିନଯାଏ **ସ୍ଥୂଳଦେହ ଅଛି, ସେତେଦିନ ପର୍ଯ୍ୟନ୍ତ ସ୍ଥୂଳକୁ ଅବଲମ୍ବନ କରି ପୂଜା କରିବାକୁ ହେବ । ତେବେ ଭକ୍ତିପୂର୍ବକ ପୂଜା ହିଁ ସର୍ବଶ୍ରେଷ୍ଠ ପୂଜା ।** ପରମଜ୍ଞାନୀ ଆଚାର୍ଯ୍ୟ ଶଙ୍କର ମଧ୍ୟ ସ୍ଥୂଳମୂର୍ତ୍ତିଙ୍କ ନିକଟରେ ସ୍ତବସ୍ତୋତ୍ରାଦି ପାଠ କରି ତନ୍ମୟ ହୋଇ

ଯାଉଥିଲେ । ବୈଦିକ ଋଷିମାନେ ମଧ୍ୟ ସୂର୍ଯ୍ୟ, ଅଗ୍ନି, ବରୁଣ ପ୍ରଭୃତିଙ୍କ ମୂର୍ତ୍ତି ଅବଲମ୍ବନ କରି ପୂଜାଦି ସମ୍ପନ୍ନ କରୁଥିଲେ । ତନ୍ତ୍ରର ବିଭିନ୍ନ ପ୍ରକ୍ରିୟା ସାହାଯ୍ୟରେ ସାଧକ ଏହିସବୁ ସ୍ଥୂଳମୂର୍ତ୍ତିରେ ଆତ୍ମବିଭୂତି ଦର୍ଶନ କରି ଆନନ୍ଦବିମୁଗ୍ଧ ହୋଇଯାଉଥିଲେ ଏବଂ ସେହିସବୁ ମୂର୍ତ୍ତି କିଭଳି ପ୍ରସନ୍ନ ହୋଇ ସାଧକଙ୍କ ନିକଟରୁ ବଳି ପ୍ରାର୍ଥନା କରି ଅଭିଳଷିତ ବର ପ୍ରଦାନପୂର୍ବକ ଭାବର ଆଦାନ ପ୍ରଦାନ କରିପାରିବେ, ସେସବୁର ସହଜ ପ୍ରକ୍ରିୟା ମଧ୍ୟ ଏହି ଗ୍ରନ୍ଥରେ ଶ୍ରୀଶ୍ରୀ ଠାକୁର ବର୍ଣ୍ଣନା କରିଛନ୍ତି ।

ସାଧକମାନଙ୍କର ମନ୍ତ୍ରଜପ ସମୟରେ ନାନାବିଧ ବିଘ୍ନ ଘଟିଥାଏ । ଏହାର କାରଣ ହେଲା ଯେ, ଉପଯୁକ୍ତ ଗୁରୁଙ୍କ ନିର୍ଦ୍ଦେଶରେ ପୂଜାଦି ସମ୍ପନ୍ନ ହେବା ସମୟରେ ସାଧକଙ୍କର ସ୍ୱରୂପଜ୍ଞାନ ଥିବା ଏକାନ୍ତ ଆବଶ୍ୟକ । ସ୍ୱରୂପଜ୍ଞାନ ନଥିଲେ କୌଣସି ପୂଜା ସମ୍ପନ୍ନ ହୋଇପାରେ ନାହିଁ । ପୁଣି ସ୍ୱରୂପରେ ପୂର୍ଣ୍ଣ ରୂପେ ଅବସ୍ଥାନ କରିବା ପରେ ପୂଜାଜପାଦିର ପ୍ରୟୋଜନ ରହେ ନାହିଁ । ଏହି ମଧ୍ୟବର୍ତ୍ତୀ ଅବସ୍ଥାରେ ନାନାବିଧ ସାଧନ ବିଘ୍ନ ଘଟିଥାଏ । ଉପଯୁକ୍ତ ଗୁରୁ କିମ୍ବା ଉତ୍ତର-ସାଧକ ଥିଲେ, ସାଧକ ସେହି ସମସ୍ତ ବିଘ୍ନରୁ ସହଜରେ ରକ୍ଷା ପାଇପାରନ୍ତି ।

ଅନେକଙ୍କର ଧାରଣା, ମୃତ୍ତିକା, ଧାତୁ, କାଷ୍ଠ ଓ ପାଷାଣନିର୍ମିତ ପ୍ରତିମା କେବେହେଲେ ଈଶ୍ୱର ହୋଇ ନ ପାରନ୍ତି । ଏଗୁଡିକ ଈଶ୍ୱରସୃଷ୍ଟ ବସ୍ତୁ । ସୃଷ୍ଟ ବସ୍ତୁକୁ ସ୍ରଷ୍ଟାରୂପରେ କଳ୍ପନା କରିବା ନିଷ୍ଫଳ ଓ ଅଜ୍ଞତାର ପରିଚାୟକ । ଏଗୁଡିକ ଈଶ୍ୱର ନୁହନ୍ତି ସତ୍ୟ, କିନ୍ତୁ ଯେଉଁ ଈଶ୍ୱର ସର୍ବବ୍ୟାପୀ ଓ ସର୍ବଶକ୍ତିମାନ, ସେହି ଈଶ୍ୱର ଘଟ ଓ ପଟରେ ନାହାନ୍ତି—ଏହା ମଧ୍ୟ ଯୁକ୍ତିସଙ୍ଗତ ନୁହେଁ । ଯେପରି ଘଟକୁ ଅବଲମ୍ବନ କରି ସମସ୍ତ ମୃତ୍ତିକାର ଜ୍ଞାନ ହୋଇଥାଏ, ଅର୍ଥାତ୍ ଘଟସ୍ପର୍ଶ କରି ମୃତ୍ତିକାସ୍ପର୍ଶର ଅନୁଭୂତି ହୋଇଥାଏ, ସେହିପରି ଯେତେ ଦିନ ଯାଏ ବିଶିଷ୍ଟ ମୂର୍ତ୍ତିରେ ସର୍ବଶକ୍ତିମତ୍ତାଦି ଐଶ୍ୱରିକ ଶକ୍ତିରୂପ ମହିମଜ୍ଞାନର ଅନୁଭବ ହୋଇ ନ ପାରିଛି, ସେତେ ଦିନ ପର୍ଯ୍ୟନ୍ତ ମାନବ କେବେହେଲେ ସାଧକ ପଦବାଚ୍ୟ ହୋଇପାରନ୍ତି ନାହିଁ । ଭଗବତ୍ ସ୍ୱରୂପ ସମ୍ବନ୍ଧରେ ଅନଭିଜ୍ଞ ସାଧକମାନଙ୍କୁ ଅଦୀକ୍ଷିତ ଶୂଦ୍ର ଆଖ୍ୟା ଦିଆଯାଇଥାଏ । ସେହିମାନଙ୍କର ପୂଜା ନିଷ୍ଫଳ, କାରଣ ସେମାନେ ମୂର୍ତ୍ତିକୁ

ଈଶ୍ୱରଜ୍ଞାନ କରନ୍ତି । ସେହିମାନେ ହିଁ ପିତୁଳାପୂଜକ । ତେଣୁ ସାଧକମାନଙ୍କୁ ମୂର୍ତ୍ତିପୂଜାର ତତ୍ତ୍ୱ ଓ ପୂଜାତତ୍ତ୍ୱରେ ପ୍ରତିଷ୍ଠିତ କରିବା ନିମିତ୍ତ ଶ୍ରୀଶ୍ରୀଠାକୁର ପ୍ରଥମରେ ତାହାର ଆଲୋଚନା କରିଛନ୍ତି । ଏଥିରୁ କେହି ଯେପରି ଧାରଣା ପୋଷଣ ନ କରନ୍ତି ଯେ, ହିନ୍ଦୁମାନେ ବହୁ ଈଶ୍ୱରଙ୍କ ଉପାସକ । ବ୍ରହ୍ମ ସଚ୍ଚିଦାନନ୍ଦ । ତାଙ୍କର ଅନନ୍ତ ଶକ୍ତି । ସେଥିମଧ୍ୟରୁ ମାୟାଶକ୍ତି, ଚିତ୍‌ଶକ୍ତି ଓ ତଟସ୍ଥାଶକ୍ତି ପ୍ରଧାନ । ଏହି ମାୟାଶକ୍ତି ପ୍ରଭାବରୁ ଏକ ବ୍ରହ୍ମ ବହୁ ରୂପରେ ପ୍ରତୀୟମାନ ହୁଅନ୍ତି । ତେଣୁ ଦେବଦେବୀ ଅନନ୍ତ । ଜଣେ ବ୍ୟକ୍ତି ଯେପରି ବିଭିନ୍ନ ଅବସ୍ଥାରେ ବିଭିନ୍ନ ନାମ-ରୂପରେ ପରିଚିତ ହୁଅନ୍ତି, ପରମାତ୍ମା ସେହିପରି ବିଭିନ୍ନ ଶକ୍ତି ରୂପରେ ଉପାଧି ସହଯୋଗରେ ବିଭିନ୍ନ ଦେବଦେବୀ ମୂର୍ତ୍ତିରେ ଅଭିବ୍ୟକ୍ତ ହୋଇଥା'ନ୍ତି । ତେଣୁ ସନାତନ ଧର୍ମ ଅଦ୍ୱୈତ-ତତ୍ତ୍ୱ ଉପରେ ପ୍ରତିଷ୍ଠିତ । ସଚ୍ଚିଦାନନ୍ଦ ସ୍ୱରୂପ ଅଦ୍ୱୈତ ପରଂବ୍ରହ୍ମ ହିଁ ଯେ ଦୃଶ୍ୟବସ୍ତୁମାନଙ୍କର ନିମିତ୍ତ-କାରଣ ଓ ଉପାଦାନ-କାରଣ, ଏହା ଋଷିମାନେ ପ୍ରଥମେ ଅବଗତ ହୋଇଥିବାରୁ ସେମାନେ ବହୁ ମୂର୍ତ୍ତି ପୂଜା କରି ମଧ୍ୟ ପୌତ୍ତଳିକ ହୋଇ ପାରିନାହାନ୍ତି । ଏହିସବୁ ରହସ୍ୟ ପ୍ରତିପନ୍ନ କରିବା ନିମିତ୍ତ ଶ୍ରୀଶ୍ରୀ ଠାକୁର ତନ୍ତ୍ରର ବ୍ରହ୍ମବାଦ ଅଧ୍ୟାୟରେ ଏହା ବିଶେଷ ଭାବରେ ଆଲୋଚନା କରିଛନ୍ତି ଏବଂ ମାୟାଶକ୍ତିକୁ କିଭଳି ଆୟତ୍ତ କରାଯାଏ, ତାହାର ସାଧନା ଏଥିରେ ପ୍ରଦାନ କରିଛନ୍ତି । ଯେଉଁମାନେ ଈଶ୍ୱରଙ୍କୁ ଜଗତ୍‌କର୍ତ୍ତା ରୂପେ ମନେ କରି ଜଗତ୍‌ଠାରୁ ପୃଥକ୍ ସ୍ୱତ୍ତା ବୋଲି ଭାବନ୍ତି, ସେହିମାନେ ହିଁ **ଯଥାର୍ଥ ପୌତ୍ତଳିକ** । ଗୃହକର୍ତ୍ତାଙ୍କୁ ଗୃହରୁ ପୃଥକ୍ ମନେକଲେ ସାଧକଙ୍କର ଯେଭଳି ଆତ୍ମାଭିମାନ ବର୍ଦ୍ଧିତ ହୁଏ, ସେହିଭଳି ଆତ୍ମଜ୍ଞାନହୀନ ବ୍ୟକ୍ତିମାନେ ହିଁ ପୌତ୍ତଳିକ ବା ଶୂଦ୍ର ପଦବାଚ୍ୟ । ସେମାନେ ଦେହାତ୍ମବାଦୀ । ତେଣୁ ସଦ୍‌ଗୁରୁ ଦୀକ୍ଷାଦାନ ସମୟରେ ସେହି ତତ୍ତ୍ୱଜ୍ଞାନରେ ସାଧକଙ୍କୁ ପ୍ରତିଷ୍ଠିତ କରାଇ ମୂର୍ତ୍ତିପୂଜାର ଅଧିକାର ପ୍ରଦାନ କରିଥା'ନ୍ତି । ଏଥିପାଇଁ ଦୀକ୍ଷା ବା ଦିବ୍ୟଜ୍ଞାନ ବ୍ୟତୀତ ପୂଜାଦିରେ ଅନ୍ୟ କାହାର ଅଧିକାର ନାହିଁ ବୋଲି ଶ୍ରୀଶ୍ରୀଠାକୁର ଦୀକ୍ଷାଦାନକୁ ଆତ୍ମଜ୍ଞାନ ଦାନ ବୋଲି ଉଲ୍ଲେଖ କରିଛନ୍ତି ।

ଅନେକଙ୍କର ଧାରଣା, ଜଡମୂର୍ତ୍ତି ପୂଜା କରି ହିନ୍ଦୁମାନେ ଏକାବେଳକେ ଜଡ଼ ବା ଆଳସ୍ୟପରାୟଣ ଓ ଅକର୍ମଣ୍ୟ ହୋଇଗଲେଣି । ବର୍ତ୍ତମାନ ଯୁଗଧର୍ମ

ପ୍ରଭାବରେ ଅଧିକାଂଶ ମାନବସମାଜରେ ଯେଉଁ ଜଡ଼ଭାବ ପରିଲକ୍ଷିତ ହେଉଅଛି, ତାହା ମୂର୍ତ୍ତିପୂଜାର ଫଳ ନୁହେଁ, ଉପଯୁକ୍ତ ସଦ୍‌ଗୁରୁଙ୍କ ଦ୍ୱାରା ଆତ୍ମଜ୍ଞାନରୂପ ଦୀକ୍ଷା ଅଭାବରୁ ମୂର୍ତ୍ତିରେ ଚୈତନ୍ୟ ଦର୍ଶନର ଅଭାବ ବା ମନ୍ତ୍ରର ପ୍ରାଣପ୍ରତିଷ୍ଠାରେ ଦୋଷ ଯୋଗୁ ଘଟିଥାଏ । ଯେଉଁଦିନଠାରୁ ଲୋକସମାଜରେ ପ୍ରଚାରିତ ହେଲା ଯେ, ପ୍ରତିମା ଜଡ଼ ପଦାର୍ଥ, ସେଥିରେ ପ୍ରାଣ ନାହିଁ, ସେହି ଦିନ ଠାରୁ ସାଧକମାନେ ଜଡ଼ର ପୂଜା କରି ଜଡ଼ ହେବାକୁ ଆରମ୍ଭ କଲେ । ଏ ଜଗତ ଯେ ପ୍ରାଣମୟ, ଚୈତନ୍ୟମୟ, ଅର୍ଥାତ୍ ପ୍ରାଣ ଓ ଚୈତନ୍ୟ ବ୍ୟତୀତ ଏ ଜଗତରେ ଅନ୍ୟ କିଛି ନାହିଁ, ଏହି ପ୍ରାଣ ହିଁ ଘନୀଭୂତ ହୋଇ ଜଡ଼ ରୂପରେ ପ୍ରତୀୟମାନ ହେଉଅଛି, ଏହି ସନାତନ ଶିକ୍ଷା ଯେଉଁ ଦିନଠାରୁ ସମାଜରୁ ଲୋପ ପାଇଗଲା, ସେହି ଦିନଠାରୁ ଏ ଦେଶରେ ଜଡ଼ତ୍ୱ ଅର୍ଥାତ୍ ଅକର୍ମଣ୍ୟତା ପ୍ରବେଶ କଲା । ଯେପରି ଗାଭୀର ଦୁଗ୍ଧ ଗାଭୀର ଶରୀରରେ ସର୍ବବ୍ୟାପୀ ହେଲେ ମଧ୍ୟ କେବଳ ସ୍ତନ୍ୟମୁଖ ଦେଇ ସେହି ଦୁଗ୍ଧର କ୍ଷରଣ ହୋଇଥାଏ, ଈଶ୍ୱର ସର୍ବବ୍ୟାପୀ ହେଲେ ମଧ୍ୟ ସାଧକଙ୍କ ଅଭୀଷ୍ଟ ମୂର୍ତ୍ତି ମଧ୍ୟ ଦେଇ ତାଙ୍କର ବିଶେଷ ପ୍ରକାଶ ହୋଇଥାଏ । ତେଣୁ ଶ୍ରୀଶ୍ରୀଠାକୁର ଏହି ଗ୍ରନ୍ଥରେ ବିଭିନ୍ନ ତାନ୍ତ୍ରିକମୂର୍ତ୍ତିର ଉପାସନା ପ୍ରଣାଳୀ ସନ୍ନିବେଶିତ କରିଛନ୍ତି ଏବଂ ଦେବଦେବୀଙ୍କ ବିଭିନ୍ନ ବୀଜମନ୍ତ୍ର ପ୍ରଦାନ କରି କିଭଳି ସେହି ମନ୍ତ୍ରର ଚୈତନ୍ୟ ସମ୍ପାଦନ ହୋଇପାରିବ, ତାହାର ବିବିଧ ପ୍ରଣାଳୀ ଏଥିରେ ବ୍ୟକ୍ତ କରି ସାଧକମାନଙ୍କୁ ଜଡ଼ରାଜ୍ୟରୁ ଚୈତନ୍ୟ ରାଜ୍ୟକୁ ଅଗ୍ରସର ହେବାର ପଥ ପ୍ରଦର୍ଶନ କରିଛନ୍ତି ।

ବର୍ତ୍ତମାନ ମୂର୍ତ୍ତି ସହିତ ମନ୍ତ୍ରର ସମ୍ବନ୍ଧ ବିଷୟରେ ସାମାନ୍ୟ ଧାରଣା ଆବଶ୍ୟକ । ପୂର୍ବରୁ କୁହାଯାଇଛି ଯେ, ଦେବତା ମୂର୍ତ୍ତିଗୁଡିକ ସତ୍ୟଦ୍ରଷ୍ଟା ଋଷିମାନଙ୍କର ଧ୍ୟାନଲବ୍ଧ ଶକ୍ତିବିଶେଷଙ୍କର ଘନୀଭୂତ ବିକାଶ । ବୀଜମନ୍ତ୍ରଗୁଡ଼ିକ ମଧ୍ୟ ସେହିଭଳି ଧ୍ୟାନଲବ୍ଧ ଶକ୍ତିବିଶେଷର ସୂକ୍ଷ୍ମତମ ଶବ୍ଦମୟ ବିକାଶ । ଶକ୍ତି ଓ ଶବ୍ଦ ଅଭିନ୍ନ । ଯେଉଁ ସୂକ୍ଷ୍ମତମ ଶବ୍ଦ ଅବଲମ୍ବନରେ ଯେଉଁ ଶକ୍ତିର ଉଦ୍ଭବ ହୁଏ, ସେହି ଶବ୍ଦଟି ସେହି ଶକ୍ତିର ବୀଜମନ୍ତ୍ର । ତେଣୁ ନାଦ ହିଁ ଆଦ୍ୟାଶକ୍ତି । ଆଧୁନିକ ବିଜ୍ଞାନବିତ୍‌ମାନେ ସ୍ୱୀକାର କରିନ୍ତି ଯେ, ଶବ୍ଦତରଙ୍ଗ

ଅବଲମ୍ବନରେ ଶକ୍ତିର ବିକାଶ ହୁଏ । ସେମାନେ ଶକ୍ତି ଅର୍ଥରେ ଜଡ଼ଶକ୍ତିକୁ ବୁଝୁଥିବାରୁ ଶବ୍ଦ ବା ନାମ ସେମାନଙ୍କ ନିକଟରେ ଜଡ଼ ବୋଲି ପ୍ରତୀୟମାନ ହୁଏ । କିନ୍ତୁ ସଦ୍‌ଗୁରୁଙ୍କ କୃପାରୁ ସାଧକ ଶକ୍ତିତତ୍ତ୍ୱ ଅବଗତ ହୋଇଜାଣିଛନ୍ତି ଯେ, ଶକ୍ତି ହିଁ ଆତ୍ମା ବା ଆମର ମାଆ । ସେ ଚିନ୍ମୟୀ, ସେ ଆମ ହୃଦୟ କନ୍ଦରରେ ନିତ୍ୟ ବିରାଜିତା । ତାଙ୍କର ନାମ ଈଶ୍ୱର । ତେଣୁ ତାଙ୍କ ବୀଜମନ୍ତ୍ର ମଧ୍ୟ ଚୈତନ୍ୟମୟ । ଏଥିପାଇଁ ସିଦ୍ଧ ଗୁରୁଙ୍କଠାରୁ ଉପଯୁକ୍ତ ଶିଷ୍ୟ ଶ୍ରଦ୍ଧାର ସହିତ ସେହି ମନ୍ତ୍ର ଗ୍ରହଣ ପୂର୍ବକ ସେହି ଶକ୍ତିଯୁକ୍ତ ମନ୍ତ୍ର ଯଥାବିଧାନରେ ଜପ କଲେ ସାଧକ କିଭଳି ସେହି ଶକ୍ତିଙ୍କର ଦର୍ଶନ ଲାଭ କରିଥା'ନ୍ତି, ତାହାର ବହୁବିଧ ଉପାୟ ଏହି ପୁସ୍ତକରେ ବର୍ଣ୍ଣିତ ହୋଇଅଛି ।

ତାନ୍ତ୍ରିକ ସାଧକ ଅର୍ଥାତ୍ ଜାପକମାନଙ୍କୁ ମନ୍ତ୍ରଚୈତନ୍ୟ କରାଇ ଜପ କରିବାକୁ ପଡ଼େ, କାରଣ ମନ୍ତ୍ର ଚୈତନ୍ୟମୟ ନ ହେଲେ ପୂଜା ସଫଳ ହୋଇପାରେ ନାହିଁ । ମନ୍ତ୍ର, ଗୁରୁ ଏବଂ ଦେବତାଙ୍କ ସମ୍ୟକ୍ ଐକ୍ୟ ଅବଧାରଣର ନାମ ମନ୍ତ୍ରଚୈତନ୍ୟ । ଯେଉଁ ଦେବତାଙ୍କ ପ୍ରଥମ ଆବିର୍ଭାବ ସମୟରେ ଯେଉଁ ସୂକ୍ଷ୍ମ ବୀଜମନ୍ତ୍ର ଋଷିଙ୍କର ନିର୍ମଳ ପ୍ରଜ୍ଞାରେ ପ୍ରକାଶିତ ହୋଇଅଛି, ତାହା ହିଁ ସେହି ଦେବତାଙ୍କର ବୀଜ । ଏହି ମନ୍ତ୍ର ପ୍ରତିପାଦ୍ୟ ଯେଉଁ ଅର୍ଥ, ତାହା ହିଁ ଗୁରୁ, ଅର୍ଥାତ୍ ମନ୍ତ୍ରାର୍ଥ ଜ୍ଞାନ ହିଁ ଗୁରୁ । ମନ୍ତ୍ର ଉଚ୍ଚାରଣ ସଙ୍ଗେ ସଙ୍ଗେ ଯଦି ମନ୍ତ୍ରାର୍ଥଜ୍ଞାନର ଉଦ୍‌ବୋଧନ ହୁଏ, ତେବେ ମନ୍ତ୍ର ଓ ଗୁରୁଙ୍କର ଐକ୍ୟ ସାଧିତ ହିଏ । ଉପରୋକ୍ତ ପ୍ରକାରରେ ମନ୍ତ୍ରାର୍ଥ ଓ ମନ୍ତ୍ରଚୈତନ୍ୟ ପରିଜ୍ଞାତ ହୋଇ ସିଦ୍ଧମନ୍ତ୍ର ବା ବୀଜମନ୍ତ୍ରର ଜପ କଲେ, ମନ୍ତ୍ରପ୍ରତିପାଦ୍ୟ ଇଷ୍ଟଦେବତାଙ୍କ ଆବିର୍ଭାବ ହୋଇଥାଏ । ପ୍ରଥମେ ଏହି ମନ୍ତ୍ରାର୍ଥଜ୍ଞାନର ଅନୁରୂପ ଅନୁଭୂତି ପ୍ରକାଶ ପାଏ ଏବଂ କ୍ରମେ ଅନୁଭୂତି ଘନ ହୋଇ ଅଭୀଷ୍ଟ ଦେବତା ରୂପରେ ପ୍ରକାଶିତ ହୁଏ । ସେତେବେଳେ ସେହି ଦେବତାଙ୍କର ସ୍ୱରୂପତତ୍ତ୍ୱ ଅବଗତି ସମ୍ଭବ ହୁଏ ଏବଂ ଯେ କୌଣସି ଅଭୀଷ୍ଟ ଥିଲେ, ଦେବତା ତାହା ପୂରଣ କରିଥା'ନ୍ତି ବା ସାଧକ କାମନାସିଦ୍ଧିର ସାମର୍ଥ୍ୟ ଲାଭ କରିଥା'ନ୍ତି । ଏହା ବୁଝିବାକୁ ଜଟିଳ ହେଲେ ମଧ୍ୟ ସଦ୍‌ଗୁରୁଙ୍କ ଉପଦିଷ୍ଟ ପ୍ରଣାଳୀର ମର୍ମ ଅବଗତ ହୋଇ ସାଧନପଥରେ ଅଗ୍ରସର ହେଲେ ତାହା ଅତି

ସହଜ ବୋଲି ବୋଧହୁଏ । ଯଦି କାହାର କୌଣସି ଗୋଟିଏ ସଦ୍‌ଗୁରୁପ୍ରଦତ୍ତ ବୀଜମନ୍ତ୍ରର ଚୈତନ୍ୟ ସମ୍ପାଦିତ ହୁଏ, ତେବେ ସେହି ସାଧକଙ୍କ ନିକଟରେ ଅନ୍ୟ ସମସ୍ତ ମନ୍ତ୍ର ଚୈତନ୍ୟମୟ ହୋଇଯାଏ । ତେଣୁ ମନ୍ତ୍ରଚୈତନ୍ୟ ନ ହେବା ପର୍ଯ୍ୟନ୍ତ ବାହ୍ୟ ପୂଜାଦିରେ ସଂପୂର୍ଣ୍ଣ ଫଳ ଲାଭ ହୋଇପାରେ ନାହିଁ । ଏଥିପାଇଁ ଶ୍ରୀଶ୍ରୀଠାକୁର ମନ୍ତ୍ରଚୈତନ୍ୟର ସହଜ ଓ ସୁଖସାଧ୍ୟ ପ୍ରଣାଳୀ ଏହି ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି । ଏହି କ୍ଷେତ୍ରରେ ସାଧକମାନଙ୍କୁ ସ୍ମରଣ ରଖିବାକୁ ହେବ ଯେ, ପ୍ରାଚୀନ ଋଷିମାନଙ୍କ ଶ୍ରୀମୁଖ ନିଃସୃତ ମନ୍ତ୍ର ହିଁ ଆଧୁନିକ ମନ୍ତ୍ର ଅପେକ୍ଷା ବିଶେଷ ଶକ୍ତିଶାଳୀ । ବିଶେଷତଃ ସଦ୍‌ଗୁରୁଙ୍କ ଶ୍ରୀମୁଖନିଃସୃତ ସିଦ୍ଧମନ୍ତ୍ର ସର୍ବଦା ଚୈତନ୍ୟମୟ ଓ ଶକ୍ତିଶାଳୀ ।

ମୂର୍ତ୍ତିପୂଜାରେ ଘଟସ୍ଥାପନର ବ୍ୟବସ୍ଥା ଶାସ୍ତ୍ରକାରମାନେ ପ୍ରଦାନ କରିଛନ୍ତି । ଏହାର କାରଣ ପୂଜନୀୟ ଦେବଦେବୀମାନଙ୍କୁ ଘଟ ମଧ୍ୟରେ ଆବାହନ କରି ପୂଜାର୍ଚ୍ଚନା କରିବାକୁ ପଡ଼େ । ଶାଳଗ୍ରାମ ଶିଳା ଏବଂ ଲିଙ୍ଗମୂର୍ତ୍ତି ବ୍ୟତୀତ ପ୍ରାୟ ଯାବତୀୟ ମୂର୍ତ୍ତିପୂଜା ହିଁ ଏହି ଘଟସ୍ଥାପନ ଦ୍ୱାରା ଅନୁଷ୍ଠିତ ହୋଇଥାଏ । ଯେଉଁଠାରେ ମୂର୍ତ୍ତି ନ ଥାଏ, ସେଠାରେ ଘଟସ୍ଥାପନ କରି ପୂଜା କରାଯାଏ, କିନ୍ତୁ ମୂର୍ତ୍ତିର ବିଦ୍ୟମାନତାରେ ଘଟ ସ୍ଥାପନପୂର୍ବକ ପୂଜା କରିବାର ତାତ୍ପର୍ଯ୍ୟ ସମ୍ବନ୍ଧରେ ଅନେକଙ୍କ ମନରେ ସନ୍ଦେହ ଆସିପାରେ, ତେଣୁ ଜାଣିରଖିବା ଉଚିତ ଯେ, ମୂର୍ତ୍ତି ପ୍ରତିଷ୍ଠା କାଳରେ କେବଳ ସେହି ଦେବତାଙ୍କ ପୂଜା ସେହି ପ୍ରତିମାରେ ହିଁ ହୋଇଥାଏ । କିନ୍ତୁ ପୂଜାର ଅନ୍ୟାନ୍ୟ ଅଙ୍ଗ ରୂପରେ ଅନ୍ୟାନ୍ୟ ଦେବଦେବୀଙ୍କର ପୂଜା ନିମିତ୍ତ ଘଟ ସ୍ଥାପନ କରାଯାଏ । ଘଟ ସ୍ଥାପନ ନିମିତ୍ତ ଘଟ, ପଲ୍ଲବ, ଫଳ, ଜଳ ଆବଶ୍ୟକ । ଘଟ ହୃଦୟ-କନ୍ଦରର ଅନୁକଳ୍ପ ବା ପ୍ରତୀକ । ଏହି ହୃଦୟରୁ ଦେବତାଙ୍କର ଆବିର୍ଭାବ ହୋଇଥାଏ । ଯେଉଁମାନଙ୍କର ଧାରଣା ଦେବତା ସ୍ୱର୍ଗରୁ ଆସି ଘଟରେ ଅବସ୍ଥାନ କରନ୍ତି, ସେମାନେ ଶିଶୁ ବା ଅନଭିଜ୍ଞ, ଯେଉଁମାନେ ଏହି ହୃଦୟକନ୍ଦର ବା ଅନାହତଚକ୍ର ବିଷୟରେ ଅନଭିଜ୍ଞ, ସେମାନଙ୍କ ନିକଟରେ ଦେବତାମାନେ ଦୂରବର୍ତ୍ତୀ । ତେଣୁ ସମସ୍ତ ଦେବତା ହୃଦୟ-କନ୍ଦରରୁ ଆବିର୍ଭୂତ ହୁଅନ୍ତି । ହୃଦୟ-କନ୍ଦରର ଅନ୍ୟ ନାମ ସ୍ୱର୍ଗ, କ୍ଷେତ୍ର ବା ବୃନ୍ଦାବନ । ବେଦାନ୍ତ ଶାସ୍ତ୍ରରେ ହୃଦୟ ଶବ୍ଦର ଅର୍ଥ ଆତ୍ମା-'ହୃଦି ଅୟମ୍ ଇତି ହୃଦୟମ୍' । ଏହି ହୃଦୟର

ଅନ୍ୟ ନାମ ପ୍ରାଣକେନ୍ଦ୍ର । ଏହିଠାରେ ଆତ୍ମଚୈତନ୍ୟ ଅଧିଷ୍ଠିତ । ତେଣୁ ଘଟ ହିଁ ହୃଦୟର ଅନୁକଳ୍ପ ଓ ଘଟମଧ୍ୟସ୍ଥିତ ଜଳ ସାଧକଙ୍କର ଭାବର ଅନୁକଳ୍ପ । ତେଣୁ ଭାବ ବ୍ୟତୀତ ପୂଜା ନିଷ୍ଫଳ । ରସିକ ବ୍ୟକ୍ତି ହିଁ ଭାବୁକ-ପୂଜାର ଯୋଗ୍ୟ ଅଧିକାରୀ । ଏଥିପାଇଁ ଆନନ୍ଦରେ ପୂଜା କରିବାର ବିଧି ଅଛି । ମନ୍ତ୍ର ବା ନାମ ଭାବଉଦ୍ଦୀପକ ସଙ୍କେତବିଶେଷ । ହୃଦୟସ୍ପର୍ଶୀ ଅର୍ଥଜ୍ଞାନଯୁକ୍ତ ଚୈତନ୍ୟମୟ ମନ୍ତ୍ର ହିଁ ହୃଦୟରେ ସୁପ୍ତ ଦେବଶକ୍ତିକୁ ଉଦ୍‌ବୁଦ୍ଧ କରିଥାଏ । ପୁନଶ୍ଚ ଅବିଚଳିତ ଶ୍ରଦ୍ଧା ଓ ବିଶ୍ୱାସ ପ୍ରଭାବରେ ଭାବ ଘନୀଭୂତ ହୋଇ ଅଭୀଷ୍ଟ ଦେବତା ରୂପରେ ଯଥା ସମୟରେ ସ୍ଥୂଳରେ ଆବିର୍ଭୂତ ହୋଇଥା'ନ୍ତି । ହୃଦୟ-ଘଟ ଭାବ-ସଲିଳରେ ପୂର୍ଣ୍ଣ ନ ହେଲେ ପୂଜାର ଅଧିକାର ଜାତ ହୁଏ ନାହିଁ । ବୁଦ୍ଧି ବା ଜ୍ଞାନର ଅନୁକଳ୍ପ ହେଉଛି ଶ୍ରୀଫଳ । ସେଥିଲାଗି ଏହାକୁ ଘଟ ଉପରେ ସଂସ୍ଥାପନ କରିବାର ବିଧି ଅଛି । କାରଣ ଜ୍ଞାନଶୂନ୍ୟ ଭାବ ସ୍ନାୟବିକ ବିକାର ମାତ୍ର । ଜ୍ଞାନ ଉପରେ ପ୍ରତିଷ୍ଠିତ ଭାବ ହିଁ ପ୍ରକୃତ ସାର୍ଥକ ପୂଜା । ଯେଉଁ ଦେବତାଙ୍କର ପୂଜା କରାଯାଉଛି, ତାଙ୍କର ସ୍ୱରୂପ କ'ଣ, ପୂଜକଙ୍କ ସହିତ ସେହି ଦେବତାଙ୍କର କିଭଳି ସମ୍ବନ୍ଧ, ପୂଜିତ ହେଲେ ସେ କିଭଳି ଭାବରେ ଆତ୍ମପ୍ରକାଶ କରିବେ ଇତ୍ୟାଦି ଏବଂ ତଦ୍‌ବିଷୟକ ଅଭ୍ରାନ୍ତ ଏବଂ ଅବିଚଳିତ ଜ୍ଞାନରୁ ହିଁ ଭକ୍ତି ବା ଭାବର ଉଦୟ ହୋଇଥାଏ । ପଞ୍ଚ-ପଲ୍ଲବ ପଞ୍ଚ-କର୍ମେନ୍ଦ୍ରିୟର ପ୍ରତୀକ ଏବଂ ପଞ୍ଚରତ୍ନ ପଞ୍ଚ-ଜ୍ଞାନେନ୍ଦ୍ରିୟର ପ୍ରତୀକ । ଘଟର ନିମ୍ନଭାଗସ୍ଥ ପଞ୍ଚ-ଶସ୍ୟ ପଞ୍ଚ-ତନ୍ତ୍ରର ଅନୁକଳ୍ପ । ଜ୍ଞାନମୟ ପରମାତ୍ମା ହୃଦୟ-କନ୍ଦରରୁ ଭାବସମନ୍ୱିତ ହୋଇ ପଞ୍ଚ-ଜ୍ଞାନେନ୍ଦ୍ରିୟ, ପଞ୍ଚ-କର୍ମେନ୍ଦ୍ରିୟ ମଧ୍ୟଦେଇ ସ୍ଥୂଳଭାବରେ ପ୍ରକାଶିତ ହୋଇଥା'ନ୍ତି । ପ୍ରାଣପ୍ରିୟ ପରମ ଦେବତାଙ୍କୁ ସ୍ଥୂଳରେ ଆନୟନପୂର୍ବକ ପଞ୍ଚ ଉପଚାରରେ ଉପରୋକ୍ତ ରୂପେ ପୂଜା କରିବାକୁ ପଡେ । ଘଟ ଉପରେ ସିନ୍ଦୂର ମୂର୍ତ୍ତି ହିଁ ସୂକ୍ଷ୍ମଦେହର ପ୍ରତୀକ । ମନ୍ତ୍ରଚୈତନ୍ୟ ହେଲେ ଘଟ ଉପରେ ଅର୍ପିତ ଉପଚାର ପ୍ରଦାନ ବେଳେ ନିଜ ଅନ୍ତରରେ ତାହାର ସୂକ୍ଷ୍ମ ଓ ସୁସ୍ପଷ୍ଟ ଅନୁଭୂତି ଲାଭ ହୋଇଥାଏ । ଆତ୍ମସ୍ୱରୂପ ଲାଭ ହିଁ ସାଧକଙ୍କର ଚରମ ଲକ୍ଷ୍ୟ ଏବଂ ପୂଜା ହିଁ ସେହି ଲକ୍ଷ୍ୟରେ ଉପନୀତ ହେବାର ସହଜ ଉପାୟ । ସେହି ପୂଜାର ସହଜ ପ୍ରଣାଳୀ ମଧ୍ୟ ଏହି ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି । ଘଟ ସ୍ଥାପନ କରି ପୂଜା କରିବା ଦ୍ୱାରା ସାଧକ ହୃଦୟଙ୍ଗମ କରନ୍ତି ଯେ, ଏହି ସ୍ଥୂଳଦେହ ଆମର ଯଥାର୍ଥ

ସ୍ୱରୂପ ନୁହେଁ । ଏହା ବ୍ୟତୀତ ଆଉ ଗୋଟିଏ ସୂକ୍ଷ୍ମଦେହ ଅଛି । ଆମର ପାପପୁଣ୍ୟଗୁଡ଼ିକ ଏହି ସୂକ୍ଷ୍ମଦେହ ଦ୍ୱାରା ସମ୍ପନ୍ନ ହୁଏ । ଆମ ସ୍ଥୂଳ ଦେହ ସେହି ସୂକ୍ଷ୍ମ ଦେହର ଘନୀଭୂତ ପ୍ରକାଶ ମାତ୍ର । ଏହି ସୂକ୍ଷ୍ମ ଦେହର ସ୍ଥାନ ହୃଦୟ-କନ୍ଦରରୁ ସମସ୍ତ ଦେବଦେବୀଙ୍କର କିଭଳି ଆବିର୍ଭାବ ଘଟୁଛି, ତାହା ମଧ୍ୟ ସମ୍ୟକ୍ ପ୍ରକାରରେ ହୃଦୟଙ୍ଗମ ହୋଇଥାଏ । ସୂକ୍ଷ୍ମଦେହ-ଜ୍ଞାନ ବା ଆତ୍ମଜ୍ଞାନ ଜାତ ହେଲେ, କାରଣ-ଦେହ ଜ୍ଞାନ ବା ପରମାତ୍ମ ଜ୍ଞାନ ପ୍ରତି ସାଧକଙ୍କର ଲକ୍ଷ୍ୟ ପତିତ ହୁଏ । ଫଳରେ ତନ୍ତ୍ରର ସ୍ଥୂଳକ୍ରିୟା ଅନୁଷ୍ଠାନ କରି ସାଧକ କିଭଳି ମୁକ୍ତିଧାମରେ ଉପନୀତ ହୁଅନ୍ତି, ଏହି ପୁସ୍ତକରେ ଶ୍ରୀଶ୍ରୀଠାକୁର ତାହା ସସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି ।

ତନ୍ତ୍ରଶାସ୍ତ୍ରରେ ବଳିଦାନ ଗୋଟିଏ ପ୍ରଧାନ ଅଙ୍ଗ । ଆତ୍ମବତ୍ ସେବାର ଅନ୍ୟ ନାମ ପୂଜା । ଯେ ପୂଜକ, ସେ ନିଜେ ଯେଉଁଥିରେ ତୃପ୍ତି ଲାଭ କରନ୍ତି, ତାହା ହିଁ ଦେବତାଙ୍କୁ ଅର୍ପଣ କରାଯାଏ । ପୂଜକ ଯଦି ରଜୋଗୁଣସମ୍ପନ୍ନ ହୋଇଥାନ୍ତି, ତେବେ ଦେବତାଙ୍କୁ ଆମିଷଦ୍ୱାରା ପୂଜା କରାଯିବାର ବିଧି ଶାସ୍ତ୍ରରେ ଅଛି । ତେଣୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଭେଦରେ ପୂଜା ତ୍ରିବିଧ । ସମସ୍ତେ ନିଜ ନିଜ ଅଧିକାରାନୁଯାୟୀ ଈଶ୍ୱରଙ୍କର ପୂଜା କରିଥାନ୍ତି । ପଶୁବଳିର ଅର୍ଥ ମାନବ ଅନ୍ତରରେ ଥିବା ପଶୁଭାବର ବା ଜଡ଼ତ୍ୱଭାବର ବଳି । କୁଷ୍ମାଣ୍ଡ ପ୍ରଭୃତିକୁ ପଶୁବୋଲି କଳ୍ପନା କରି ସାତ୍ତ୍ୱିକ ଭାବରେ ବଳି ଦେବାର ପ୍ରଥା ମଧ୍ୟ ଅଛି । ବିଷ୍ଣୁପୂଜା ସାତ୍ତ୍ୱିକ ଭାବରେ ଏବଂ କାଳୀପୂଜା ରାଜସିକ ଭାବରେ କରାଯାଏ । ସାଧକମାନେ ସ୍ମରଣ ରଖିବେ ଯେ, ପୂଜା କେବଳ ଧର୍ମ ନୁହେଁ, ଧର୍ମଲାଭ ନିମିତ୍ତ ପୂଜା କର୍ତ୍ତବ୍ୟ । ପ୍ରକୃତିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ପୂଜାର ମଧ୍ୟ ପରିବର୍ତ୍ତନ ହୋଇଥାଏ । ଦେବୀ ଆବିର୍ଭୂତା ହେଲେ କିଭଳି ସାତ୍ତ୍ୱିକଭାବାପନ୍ନ ସାଧକ କାଳୀମୂର୍ତ୍ତିଙ୍କ ନିକଟରେ ପ୍ରତିଜ୍ଞାବଦ୍ଧ ହୋଇ ସିଦ୍ଧିଲାଭର ପର ଦିବସରେ **ପିଷ୍ଟକ ନିର୍ମିତ ନର, ହସ୍ତୀ, ମହିଷ ଓ ଛାଗ ବଳି** ପ୍ରଦାନ କରିବେ, ତାହା ମଧ୍ୟ ଏଥିରେ ଶ୍ରୀଶ୍ରୀଠାକୁର ବିଶେଷ ଭାବରେ ଉଲ୍ଲେଖ କରିଛନ୍ତି । ରଜଃ ଓ ତମ ଗୁଣର ବିନାଶ ନ ହେଲେ ସାତ୍ତ୍ୱିକ ପୂଜାର ଅଧିକାର ଜାତ ହୋଇପାରେ ନାହିଁ । ତେଣୁ ପ୍ରଥମେ ସ୍ଥୂଳ ପଞ୍ଚ-ମ'କାର ସାହାଯ୍ୟରେ କାଳୀ ଉପାସନା ଏବଂ ପରେ ସାତ୍ତ୍ୱିକ ସାଧକମାନଙ୍କ ନିମିତ୍ତ ସୂକ୍ଷ୍ମସାଧନାର ବ୍ୟବସ୍ଥା ଶ୍ରୀଶ୍ରୀଠାକୁର ଏହି ପୁସ୍ତକରେ ପ୍ରଦାନ କରିଛନ୍ତି ।

ସଂପ୍ରଦାୟ ଭେଦ, ଅଧିକାର ଭେଦ ଥିବାରୁ ସନାତନ ଧର୍ମର ଗୌରବ ବୃଦ୍ଧି ପାଇଛି ଓ ଭାରତ ଧର୍ମଗୁରୁର ଆସନ ଅଳଙ୍କୃତ କରିଛି । ଅନ୍ୟାନ୍ୟ ଦେଶପରି ଅଧିକାରୀ-ଅନଧିକାରୀ ବିଚାର ନ କରି ସମସ୍ତେ ସମାନ ଭାବରେ ଉପାସନାର ସୁଯୋଗ ଲାଭ କରିବାର ପ୍ରଥା ହିନ୍ଦୁଧର୍ମରେ ନାହିଁ ।*। ତେଣୁ ଶ୍ରୀଶ୍ରୀଠାକୁର ଅଧିକାରୀ ଭେଦରେ ଏହି ସାଧନର ବିଭିନ୍ନ ରହସ୍ୟ ପ୍ରକାଶ କରିଛନ୍ତି ଏବଂ ତନ୍ତ୍ରର ସୂକ୍ଷ୍ମ ସାଧନପ୍ରଣାଳୀ ପ୍ରଦାନରେ ମଧ୍ୟ ଅଧିକାରୀଭେଦକୁ ସ୍ୱୀକାର କରିଛନ୍ତି । ଉପଯୁକ୍ତ ଶିଷ୍ୟଙ୍କୁ ଏହି ବିଦ୍ୟା ପ୍ରଦାନ କରିବା ନିମିତ୍ତ ନିର୍ଦ୍ଦେଶ ଦେଇ ଶିଷ୍ୟର କିଭଳି ଭାବ ଥିଲେ, ଏହି ବିଦ୍ୟା ପ୍ରକାଶ କରାଯାଇପାରିବ ନାହିଁ, ତାହା ମଧ୍ୟ ଏହି ଗ୍ରନ୍ଥରେ ସେ ପ୍ରକାଶ କରିଛନ୍ତି । ଶ୍ରୀଗୁରୁଙ୍କ ଉପଦେଶ ବାକ୍ୟ ପ୍ରତି ଶ୍ରଦ୍ଧାବାନ୍, ତାଙ୍କ ଅସ୍ତିତ୍ୱରେ ଏକାନ୍ତ ବିଶ୍ୱାସୀ, ତାଙ୍କ ପ୍ରଦର୍ଶିତ ସାଧନାପନ୍ଥାରେ ଏକାନ୍ତ ନିଷ୍ଠାବାନ୍ ଜିତେନ୍ଦ୍ରିୟ ବ୍ୟକ୍ତି ହିଁ **ପ୍ରକୃତ ଶିଷ୍ୟ** ପଦବାଚ୍ୟ । ଯେଉଁମାନେ ଶ୍ରୀଗୁରୁଙ୍କ ବାକ୍ୟରେ ସନ୍ଦେହଯୁକ୍ତ, ଯେଉଁମାନେ ଗୁରୁସେବାବିହୀନ ଏବଂ ଯେଉଁମାନେ ଗୁରୁଦେବଙ୍କ ପ୍ରତି ଭକ୍ତିପରାୟଣ ନୁହନ୍ତି, ସେମାନଙ୍କ ନିକଟରେ ଏହି ବିଦ୍ୟା ପ୍ରକାଶ କରିବାକୁ ସେ ନିଷେଧ କରିଛନ୍ତି । ଏହାର କାରଣ ହେଲା ଯେ, ଗୁରୁସେବା ଦ୍ୱାରା ମନର ଅହଙ୍କାର, ଅଭିମାନ, ଘୃଣା, ଲଜ୍ଜା, କପଟତା, ଛଳନା (ଯାହାଙ୍କର ମନ, ମୁଖ, କାର୍ଯ୍ୟ ଏକ ନୁହେଁ), ମିଥ୍ୟା ପ୍ରଭୃତି ନଷ୍ଟ ହୋଇ ମନ ନିର୍ମଳ ଭାବ ଧାରଣ କରେ, ଶ୍ରୀଗୁରୁ ହିଁ ପରମ ଉପାସ୍ୟ ବୋଲି ମନେହୁଏ, ମନ ନିର୍ମଳ ହେଲେ ଅନ୍ତରରେ ଶ୍ରଦ୍ଧା, ଭକ୍ତି, ବିଶ୍ୱାସ, ନିଷ୍ଠା, ଇନ୍ଦ୍ରିୟସଂଯମ ପ୍ରଭୃତି ଯାବତୀୟ ସଦ୍‌ଗୁଣ ପ୍ରକାଶ ପାଏ । ଯେଉଁମାନଙ୍କ ଅନ୍ତରରେ ଅଭିମାନ, ଅହଙ୍କାର ବିଦ୍ୟମାନ, ଯେଉଁମାନଙ୍କର ମନ, ମୁଖ ଓ କାର୍ଯ୍ୟ ଏକ ନୁହେଁ, ସେମାନେ କେବେହେଲେ ସେବାର ଅଧିକାରୀ ନୁହଁନ୍ତି । ଅନଧିକାରୀ ସାଧକମାନେ କେବେହେଲେ ଗୁରୁସେବା କରିପାରିବେ ନାହିଁ, କାରଣ ସେବା କରିବାକୁ ଗଲେ ଅହଙ୍କାର ଓ ଅଭିମାନରେ ଆଘାତ ଲାଗିବ ଏବଂ ସେବାତ୍ରୁଟି ନିମିତ୍ତ ଗୁରୁଦେବଙ୍କ ତିରସ୍କାର ବାକ୍ୟ ସହ୍ୟ କରିବାକୁ ପଡ଼ିବ । କିନ୍ତୁ ଅନଧିକାରୀ-ସେବକମାନେ କେବେହେଲେ ଏହା ସହ୍ୟ କରିପାରିବେ ନାହିଁ । ସେବକଙ୍କର ମନ, ମୁଖ ଓ କାର୍ଯ୍ୟ ଏକ ନ ହେବା ଫଳରେ ମନରେ ସଙ୍କୋଚ ବା

* ମହର୍ଷି ସତ୍ୟଦେବଙ୍କ କୃତ 'ପୂଜାତତ୍ତ୍ୱ' ପୁସ୍ତକର ବିବିଧ ପ୍ରବନ୍ଧ ଅନୁସରଣରେ ଲିଖିତ ।

ସଂକୀର୍ଣ୍ଣ ଭାବ ଦେଖାଦେବ । ତେଣୁ ସିଦ୍ଧିଲାଭର ପ୍ରଧାନ ଉପାୟ ଗୁରୁସେବା ବୋଲି ନିର୍ଦ୍ଦିଷ୍ଟ ଅଛି । ଏହି ସେବା ଫଳରେ ମନୁଷ୍ୟତ୍ୱ ଅର୍ଜିତ ହୋଇଥାଏ । ମନୁଷ୍ୟ ବ୍ୟତୀତ ଅନ୍ୟ ଦ୍ୱାରା ଏହି ତାନ୍ତ୍ରିକ ସାଧନ ସହଜସାଧ୍ୟ ନୁହେଁ । ଯେଉଁ ବ୍ୟକ୍ତି ମନରେ ଯାହା ଭାବନ୍ତି, ମୁଖରେ ତାହା ହିଁ ପ୍ରକାଶ କରନ୍ତି ଏବଂ କାର୍ଯ୍ୟରେ ତାହା ହିଁ କରନ୍ତି, ତାଙ୍କୁ **ପ୍ରକୃତ ମନୁଷ୍ୟ** କୁହାଯାଏ । ଏହାର ବିପରୀତ ଗୁଣସମ୍ପନ୍ନ ଅମନୁଷ୍ୟ ବା ନିତ୍ୟକର୍ମବିହୀନ ବ୍ୟକ୍ତି କେବେହେଲେ ଏହି ସାଧନାର ଅଧିକାରୀ ନୁହନ୍ତି । ତେଣୁ ପରମହଂସ ଶ୍ରୀ ରାମକୃଷ୍ଣ ଦେବ କହିଛନ୍ତି, "ଆରେ ପ୍ରଥମେ ମନ ମୁଖ ଏକ କର, ପରେ ସାଧନା କରିବୁ । ନଚେତ୍ କିଛି ହେବନାହିଁ ।" ଗୀତାକାର କହିଛନ୍ତି—

**"ଇଦନ୍ତୁ ନାତପସ୍କାୟ ନାଭକ୍ତାୟ କଦାଚନ ।**
**ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ଯୋଽଭ୍ୟସୂୟତି ।।"**

— ଶ୍ରୀମଦ୍ ଭଗବଦ୍ ଗୀତା, ୧୮।୬୭

ଯେଉଁ ବ୍ୟକ୍ତି ଶାରୀରିକ, ମାନସିକ, ବାଚିକ ତପସ୍ୟାବିହୀନ, ଅର୍ଥାତ୍ ଯେ ଇନ୍ଦ୍ରିୟସଂଯମ, ମନସଂଯମ ଓ ବାକ୍‌ସଂଯମ ବିହୀନ ଏବଂ ଯେ ଶମଦମାଦି ସାଧନ-ଚତୁଷ୍ଟୟସମ୍ପନ୍ନ ନୁହନ୍ତି, ସେମାନଙ୍କୁ ଏହି ଉପଦେଶ ପ୍ରଦାନ କରିବ ନାହିଁ । ଗୁରୁଦେବ ଓ ପରମାତ୍ମାଙ୍କଠାରେ ଭକ୍ତିଶୂନ୍ୟ, ଗୁରୁସେବାବିହୀନ ଏବଂ ଯେ ମୋର ଗୁଣରେ ଦୋଷ ଦର୍ଶନ କରନ୍ତି, ଅର୍ଥାତ୍ ଯେ ପରନିନ୍ଦୁକ, ସେମାନେ ସୂକ୍ଷ୍ମସାଧନକ୍ରିୟା ଅଭ୍ୟାସରେ କିଭଳି ଅନଧିକାରୀ, ତାହା ମଧ୍ୟ ଏହି ପୁସ୍ତକରେ ଶ୍ରୀଶ୍ରୀଠାକୁର ବର୍ଣ୍ଣନା କରିଛନ୍ତି ।

ପରିଶେଷରେ ତନ୍ତ୍ରଶାସ୍ତ୍ରରେ ମୈଥୁନ ସାହାଯ୍ୟରେ ସାଧନ ଅଭ୍ୟାସ ବିଷୟ ବର୍ଣ୍ଣିତ ଅଛି । ଆଗମସାର ତନ୍ତ୍ରରେ ଅଛି—

**"ମୈଥୁନଂ ପରମଂ ତତ୍ତ୍ୱଂ ସୃଷ୍ଟିସ୍ଥିତ୍ୟନ୍ତକାରଣଂ ।**
**ମୈଥୁନାଜ୍ଜାୟତେ ସିଦ୍ଧି ବ୍ରହ୍ମଜ୍ଞାନଂ ସଦୁର୍ଲ୍ଲଭଂ ।।**
**ମୈଥୁନଂ ପରମଂ ତତ୍ତ୍ୱଂ ମୈଥୁନଂ ପରମଂ ତପଃ ।**
**ମୈଥୁନଞ୍ଚ ବିନା ଦେବି ! ଜପସିଦ୍ଧିର୍ନକାରୟେତ୍ ।।"**

ଏହି ମୈଥୁନ ହିଁ ପରମତତ୍ତ୍ୱ । ଏହି ମୈଥୁନକ୍ରିୟାରୁ ସୁଦୁର୍ଲ୍ଲଭ ବ୍ରହ୍ମଜ୍ଞାନ ଲାଭ ହୋଇଥାଏ । ଏହା ସାଧନା ବ୍ୟତୀତ ଜପରେ କେବେହେଲେ ସିଦ୍ଧିଲାଭ ହୋଇପାରେ ନାହିଁ । ସଦ୍‌ଗୁରୁଙ୍କ କୃପାରୁ ସାଧକ ପ୍ରାଣର ମୈଥୁନକ୍ରିୟା ଅବଗତ ହୋଇପାରିଲେ, ଜପସିଦ୍ଧି ସହଜସାଧ୍ୟ ହୋଇଥାଏ । ଜୀବର ନାଭିଠାରୁ କଣ୍ଠ ପର୍ଯ୍ୟନ୍ତ ପ୍ରାଣର ସ୍ଥାନ । ଏହାହିଁ ପ୍ରାଣରୂପୀ ଶ୍ରୀକୃଷ୍ଣଙ୍କର ଲୀଳାସ୍ଥାନ । ପ୍ରାଣରୂପିଣୀ ମା' ଜୀବଦେହରେ ଅବସ୍ଥାନ କରି ବାହ୍ୟ ନିଃଶ୍ୱାସ-ପ୍ରଶ୍ୱାସ ସହଯୋଗରେ ଅନ୍ତଃଶ୍ୱାସ ରୂପରେ ମୈଥୁନକ୍ରିୟା ଭଳି ଦିବାନିଶି ୨୧,୬୦୦ ଥର ଯିବା ଆସିବା କରୁଛନ୍ତି । ଜୀବଦେହରେ ଏକମାତ୍ର ପ୍ରାଣର ସମସ୍ତ ବୃତ୍ତି ଉତ୍ପନ୍ନ ହେଉଅଛି । ଉପନିଷଦ୍ ଏହି ପ୍ରାଣକ୍ରିୟାକୁ ମନ୍ଥନ ବୋଲି ଅଭିହିତ କରିଛନ୍ତି ।

"ଆତ୍ମାନମରଣିଂ　କୃତ୍ୱା　ପ୍ରଣବଞ୍ଚୋତ୍ତରାରଣିମ୍ ।
ଧ୍ୟାନ-ନିର୍ମଥନାଭ୍ୟାସାଦ୍ଦେବଂ ପଶ୍ୟେନ୍ନିଗୂଢ଼ବତ୍ ।।"

ଅଥାତ୍ ଆତ୍ମା ବା ପ୍ରାଣକୁ ଅଧଃ-ଅରଣି ଏବଂ ପ୍ରଣବରୂପୀ ପ୍ରାଣକୁ ଉତ୍ତର-ଅରଣି କରି ଧ୍ୟାନ ରୂପ ରଜ୍ଜୁଦ୍ୱାରା ପୁନଃ ପୁନଃ ମନ୍ଥନ କ୍ରିୟା କଲେ ଅତି ନିଗୂଢ଼ ଅଥାତ୍ ଗୁରୁଦେବଙ୍କ ଦର୍ଶନ ମିଳେ । ଯେପରି ଦୁଗ୍ଧ ମନ୍ଥନ ଫଳରେ ନବନୀତ ଦୃଷ୍ଟିଗୋଚର ହୁଏ, ସେହିପରି ଦେହର ସର୍ବବ୍ୟାପୀ ପ୍ରାଣ-ଚୈତନ୍ୟ, ଧ୍ୟାନ ଓ ଜପ ଦ୍ୱାରା ଦୃଷ୍ଟିଗୋଚର ହୋଇଥା'ନ୍ତି । ଏହି ପ୍ରାଣକ୍ରିୟାକୁ ଅଜପା ଜପ କୁହାଯାଏ । ସଦ୍‌ଗୁରୁଙ୍କ କୃପାରୁ ସାଧକ ଏହି ଅଜପା ସହିତ କିଭଳି ଇଷ୍ଟମନ୍ତ୍ର ଜପ କରି ସିଦ୍ଧମନୋରଥ ହୋଇପାରିବେ ଓ ଏହାହିଁ ଯେ ମୈଥୁନସାଧନର ସହଜ ସରଳ ସୂକ୍ଷ୍ମ ସାଧନା, ତାହା ଏହି ପୁସ୍ତକରେ ଶ୍ରୀଶ୍ରୀ ଠାକୁର ଲିପିବଦ୍ଧ କରିଛନ୍ତି ।

ଯେଉଁମାନେ ଆଦର୍ଶ ଗୃହସ୍ଥ ଜୀବନ ଗଠନ କରିବାକୁ ଇଚ୍ଛା କରନ୍ତି ଏବଂ ପୁତ୍ରକନ୍ୟାମାନଙ୍କୁ ଆଦର୍ଶ ଭାବରେ ପ୍ରସ୍ତୁତ କରିବାକୁ ଇଚ୍ଛା କରନ୍ତି ଏବଂ ନିଜେ ରାଜର୍ଷି ଜନକଙ୍କ ସଦୃଶ ପ୍ରବୃତ୍ତିପଥରେ ଥାଇ ମଧ୍ୟ ନିବୃତ୍ତିପଥରେ ଚଳିବାକୁ ଇଚ୍ଛୁକ, ସେମାନେ ଏହି ପ୍ରାଣ-ଉପାସନାରେ ବ୍ରତୀ ହେବା ଏକାନ୍ତ କର୍ତ୍ତବ୍ୟ । ପ୍ରାଣ-ଉପାସନା ଫଳରେ ଆତ୍ମବୋଧ ଜାଗ୍ରତ ହେଲେ ପରିବାର, ସମାଜ ଏବଂ

ଦେଶ ମଧ୍ୟରୁ ହିଂସାଦ୍ୱେଷ କୋଳାହଳ ବିଦୂରିତ ହୋଇଯିବ । ପର-ଆପଣା ଭେଦ ବିଦୂରିତ ହୋଇଯିବା ଫଳରେ ସମସ୍ତ ଜଗତରେ ଶାନ୍ତି ବିରାଜିତ ହେବ, ସମସ୍ତେ ପରମ ଆନନ୍ଦରେ କାଳାତିପାତ କରିବେ । ନିଜ ଆତ୍ମାକୁ ନ ଜାଣିଲେ ଅପର ପ୍ରତି ସ୍ନେହ-ମମତ୍ୱବୋଧ ରହି ନ ପାରେ, ତେଣୁ ଜଗତରେ ଏତେ ହିଂସା, ଦ୍ୱେଷ, କୋଳାହଳ ପରିବ୍ୟାପ୍ତ ହୋଇଅଛି । ଏଥିପାଇଁ ସାଧକମାନେ ବ୍ରହ୍ମଜ୍ଞ ସଦ୍‌ଗୁରୁଙ୍କ ଆଶ୍ରୟ ଗ୍ରହଣ କଲେ, ସଂସାର-ସାଗରରୁ ଉତ୍ତୀର୍ଣ୍ଣ ହୋଇପାରିବେ । **ଭଗବାନ୍ ଭାଗବତରେ ମଧ୍ୟ କହିଛନ୍ତି, 'ଗୁରୁଙ୍କୁ ମୋ ସ୍ୱରୂପ ବୋଲି ମନେକରିବ ।** ତାଙ୍କୁ କେବେହେଲେ ଅବମାନନା କରିବ ନାହିଁ ।' "ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ୍ ଈଶ୍ୱର", କାରଣ ଗୁରୁଦେବ ସମସ୍ତ ଦେବତା ରୂପରେ ବିଦ୍ୟମାନ । ଆତ୍ମା ଓ ଆତ୍ମଜ୍ଞ-ସଦ୍‌ଗୁରୁଙ୍କ ଭିତରେ କୌଣସି ପ୍ରଭେଦ ନାହିଁ । ଆତ୍ମଜ୍ଞାନ ଲାଭ ନିମିତ୍ତ ଅଜପା ମନ୍ତ୍ର ସଦ୍‌ଗୁରୁଙ୍କ କୃପାରୁ ଲାଭ ହୋଇଥାଏ । ଜୀବ ସର୍ବଦା ସେହି ମନ୍ତ୍ର ଜପ କରୁଛି, କିନ୍ତୁ ତାହା ଜୀବନର ଅଜ୍ଞାତସାରରେ ଚାଲୁଛି । ଏଥିପାଇଁ ଜୀବ ଅଜ୍ଞାନ । ଏହି ଅଜପା-ଜପର ସହଜ ପ୍ରଣାଳୀ ଶ୍ରୀଶ୍ରୀ ଠାକୁର ଏହି ଗ୍ରନ୍ଥରେ ଲିପିବଦ୍ଧ କରି ସେହି ପଥରେ ଚଳି ଆତ୍ମଦର୍ଶନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

ଆତ୍ମଜ୍ଞାନୀ ତାନ୍ତ୍ରିକ-ସାଧକମାନେ କିଭଳି ସଂଘବଦ୍ଧ ହୋଇ ଉପାସନା କରିବେ, ସେହି ତତ୍ତ୍ୱ ଚକ୍ରାନୁଷ୍ଠାନ ଅଧ୍ୟାୟରେ ଶ୍ରୀଶ୍ରୀଠାକୁର ବିଶେଷ ଭାବରେ ଉଲ୍ଲେଖ କରିଛନ୍ତି ।

ପାଠକମାନଙ୍କୁ ପୁନରାୟ ସ୍ମରଣ ରଖିବାକୁ ହେବ ଯେ, ମହାଶକ୍ତି ଆମର ମାଆ । ସେହି ଦେବୀଙ୍କୁ ଅନ୍ତରରେ ଅନୁଭବ କରିବା ହିଁ ତନ୍ତ୍ରସାଧନାର ଉଦ୍ଦେଶ୍ୟ । ସନ୍ତାନ ଯେପରି କ୍ଷୁଧା ମାଧ୍ୟମରେ ମାଆକୁ ଅନୁଭବ କରେ, ବୁଭୁକ୍ଷିତ ଓ ଭୀତତ୍ରସ୍ତ ସନ୍ତାନ ମା' ମା' ବୋଲି ବ୍ୟାକୁଳ ହୋଇ କାନ୍ଦିଉଠେ, ଭକ୍ତଙ୍କର ସେହି ଭକ୍ତି ବା ବ୍ୟାକୁଳ ଭାବ ମନ୍ତ୍ରସିଦ୍ଧିରେ ଘନୀଭୂତ ହୋଇ କରୁଣାଘନବିଗ୍ରହ ମାତୃମୂର୍ତ୍ତିରେ ସାଧକଙ୍କ ହୃଦୟରେ ଆବିର୍ଭୂତ ହୁଏ । ଏହାକୁ **ଆତ୍ମଦର୍ଶନ** ବା **ସ୍ୱରୂପଦର୍ଶନ** କୁହାଯାଏ ।

ତେଣୁ ତାଙ୍କୁ ଲାଭ କରିବାକୁ ଭକ୍ତମାନଙ୍କର ଆନ୍ତରିକ ବ୍ୟାକୁଳତା ହିଁ ଏହି କ୍ଷେତ୍ରରେ ପ୍ରଧାନ ଅବଲମ୍ବନ । ସାଧୁସଙ୍ଗ ପ୍ରଭାବରେ ଏହି ବ୍ୟାକୁଳତା ପ୍ରଥମେ ଅଙ୍କୁରିତ ହୋଇଥାଏ । ଏହାକୁ କହନ୍ତି ଭକ୍ତି । ଶକ୍ତି ନିରାକାରା । ସେ ସହଜରେ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ଶକ୍ତିଙ୍କ କାର୍ଯ୍ୟ ଦେଖି ତାଙ୍କର ଅସ୍ତିତ୍ୱର ପ୍ରମାଣ ମିଳେ । ତେଣୁ ଭାବ ରୂପରେ ତାଙ୍କୁ ହୃଦୟରେ ପ୍ରଥମେ ଅନୁଭବ କରିବା ପରେ ସାଧକମାନଙ୍କର ତାଙ୍କୁ ଦର୍ଶନ କରିବା ନିମିତ୍ତ ବ୍ୟାକୁଳତା ଜାତ ହେଲେ, ସେ ସାକାର ମୂର୍ତ୍ତିରେ ଆବିର୍ଭୂତ ହୁଅନ୍ତି । ମନ୍ତ୍ରର ସିଦ୍ଧ ଦଶାରେ କି ଭଳି ଏହି ବ୍ୟାକୁଳତା ଜାତ ହୁଏ, ତାହା ଶ୍ରୀଶ୍ରୀଠାକୁର 'ମନ୍ତ୍ର ସିଦ୍ଧିର ଲକ୍ଷଣ' ଅଧ୍ୟାୟରେ ଲିପିବଦ୍ଧ କରିଛନ୍ତି ।

ତାନ୍ତ୍ରିକ ସାଧନା କଳିଯୁଗରେ କିଭଳି ସିଦ୍ଧିପ୍ରଦ ଏବଂ କିଭଳି ସହଜରେ ତାହା ଏହି ଜୀବନରେ ସାଧିତ ହୋଇପାରିବ ଏବଂ କାହିଁକି ଦେବୀ ପୂଜା କରି ମଧ୍ୟ ଦେବୀ-ପୂଜକ ଆର୍ଯ୍ୟସନ୍ତାନଗଣ ଶକ୍ତିହୀନ ହୋଇପଡୁଛନ୍ତି, ତାହାର ବିବିଧ ତତ୍ତ୍ୱ ଶ୍ରୀଶ୍ରୀଠାକୁର ଅନେକ ସ୍ଥାନରେ ଲିପିବଦ୍ଧ କରିଛନ୍ତି । ଉତ୍କଳର ପ୍ରସିଦ୍ଧ ତାନ୍ତ୍ରିକ-ସାଧକ ବସ୍ତରର ରାଜା ସ୍ୱର୍ଗୀୟ ପ୍ରଫୁଲ୍ଲଚନ୍ଦ୍ର ଭଞ୍ଜଦେଓଙ୍କ ନିକଟରେ ସେ ଯେଉଁ ତନ୍ତ୍ରସାଧନ ରହସ୍ୟ ପ୍ରକାଶ କରିଛନ୍ତି, ଏଠାରେ ତାହାର କିଞ୍ଚିତ୍ ଆଭାସ ଦେବା ଅସମୀଚୀନ ହେବନାହିଁ । ଏହା ଫଳରେ ପାଠକମାନେ ତନ୍ତ୍ରଶାସ୍ତ୍ର କିଭଳି ଉନ୍ନତ ବୈଜ୍ଞାନିକ ଭିତ୍ତିଭୂମିରେ ପ୍ରତିଷ୍ଠିତ, ତାହା ସହଜରେ ହୃଦୟଙ୍ଗମ କରିପାରିବେ ।

ଶ୍ରୀଶ୍ରୀଠାକୁର ଶ୍ରୀଯୁକ୍ତ ପ୍ରଫୁଲ୍ଲ ଭାଇଙ୍କୁ ଲକ୍ଷ୍ୟ କରି କହିଲେ, 'ବତ୍ସ ! ବସ୍ତର ରାଜ୍ୟରେ ମହାଶକ୍ତିର ଶାରଦୀୟ ଉତ୍ସବ ଦର୍ଶନ କରି ମୁଁ ଅତିଶୟ ସନ୍ତୁଷ୍ଟ ହେଲି । ଏହି ଶାରଦୀୟ ଉତ୍ସବରେ ଜଗଦମ୍ବାଙ୍କ ପରମ ଭକ୍ତ ଶ୍ରୀରାମଚନ୍ଦ୍ର ରାବଣବଧ ଏବଂ ସୀତା ଉଦ୍ଧାର ନିମିତ୍ତ ନିଜ କୁଳଗୁରୁ ବଶିଷ୍ଠଦେବଙ୍କ ନିକଟରୁ ଯେଉଁ ଅର୍ଚ୍ଚନା-ପଦ୍ଧତି ଶିକ୍ଷା ଲାଭ କରିଥିଲେ, ତାହା ପ୍ରୟୋଗ କରି ମହାଶକ୍ତିଙ୍କୁ ନିଜ ଅନ୍ତର ମଧ୍ୟରେ ଅକାଳ ବୋଧନ କରିବାକୁ ଚେଷ୍ଟାକଲେ । ତାରାରୂପୀ ଜ୍ଞାନମୟୀ ଗୁରୁଶକ୍ତିଙ୍କୁ ଜନହିତ ଉଦ୍ଦେଶ୍ୟରେ ଅକାଳରେ ବୋଧନ କରିବା ନିମିତ୍ତ ଚେଷ୍ଟା କଲେ । ଶ୍ରୀରାମଚନ୍ଦ୍ର ବଶିଷ୍ଠଦେବଙ୍କ ନିକଟରୁ 'ତାରାମନ୍ତ୍ର' ଗ୍ରହଣ କରି ସେହି ମନ୍ତ୍ରସାଧନାରେ ସିଦ୍ଧମନୋରଥ ହେଲେ ବୋଲି ସେ ତାରକବ୍ରହ୍ମ ଭାବରେ ପୂଜିତ

ଓ ସମ୍ମାନିତ ହୋଇଆସୁଛନ୍ତି । ଶ୍ରୀରାମଚନ୍ଦ୍ରଙ୍କ ଜୀବନ ସହିତ ତାରା ମହାବିଦ୍ୟାଙ୍କର ଘନିଷ୍ଠ ସମ୍ବନ୍ଧ ବିଦ୍ୟମାନ । ଶ୍ରୀରାମଚନ୍ଦ୍ର ଗୁରୁ ବଶିଷ୍ଠଦେବଙ୍କ ଠାରୁ ତାରାମନ୍ତ୍ର ଗ୍ରହଣ କରି ସିଦ୍ଧିଲାଭ ନିମିତ୍ତ ଚତୁର୍ଦ୍ଦଶ ବର୍ଷ ବନବାସୀ ହୋଇ ତପସ୍ୟା କଲେ । ଯେଉଁମାନେ ଏହି ଜପଯଜ୍ଞରେ ବିଘ୍ନ ଉତ୍ପାଦନ କରନ୍ତି, ସେମାନଙ୍କୁ ଅସୁର କୁହାଯାଏ । ରାବଣ ଏହି ଅସୁରମାନଙ୍କର ରାଜା । ଏହି ରାବଣରୂପୀ ଯଜ୍ଞାନୁଷ୍ଠାନର ବିଘ୍ନକାରୀ ପଶୁର ମସ୍ତକ ଯେ ପର୍ଯ୍ୟନ୍ତ ଭୂତଳରେ ପତିତ ନ ହୋଇଛି, ସେ ପର୍ଯ୍ୟନ୍ତ ଏହି ଶକ୍ତି ସାଧନାରେ ସିଦ୍ଧିଲାଭ ହୋଇପାରିବ ନାହିଁ । ତେଣୁ ସେ ଶତ୍ରୁନାଶ ବା ରାବଣବଧ ନିମିତ୍ତ ଜଗଦମ୍ବାଙ୍କ ଶରଣାପନ୍ନ ହେଲେ । କମଳଲୋଚନ ଶ୍ରୀରାମଚନ୍ଦ୍ର ନିଜର ଚକ୍ଷୁ ଉତ୍ପାଟନ ପୂର୍ବକ ଜଗତ୍‌ମାତା ତାରାଦେବୀଙ୍କୁ ଅର୍ପଣ କରିବାକୁ ଉଦ୍ୟତ ହେବାରୁ ପାଷାଣୀ ଦେବୀଙ୍କ ହୃଦୟ ଦ୍ରବୀଭୂତ ହେଲା । ସେ ଘଟରୁ ଆବିର୍ଭୂତା ହୋଇ ପ୍ରତ୍ୟକ୍ଷ ଦର୍ଶନ ଦାନ ପୂର୍ବକ ଅକାଳରେ ବର ପ୍ରଦାନ କରିବାକୁ ଉଦ୍ୟତ ହେଲେ । ଶ୍ରୀରାମଚନ୍ଦ୍ର ରାବଣବଧ ନିମିତ୍ତ ପ୍ରାର୍ଥନା କଲେ । ମା' କିନ୍ତୁ ପରମଭକ୍ତ ଶକ୍ତିସାଧକ ରାବଣକୁ ଏତେ ଶୀଘ୍ର ତ୍ୟାଗ କରିବାକୁ ସମ୍ମତ ହେଲେ ନାହିଁ । ସେ ଉତ୍ତର କଲେ, "ଯେ ପର୍ଯ୍ୟନ୍ତ ମୋ ଉପରେ ରାବଣର ଭକ୍ତିବିଶ୍ୱାସ ଅଟଳ ଅଚଳ ଅଛି, ସେ ପର୍ଯ୍ୟନ୍ତ ମୁଁ ତାକୁ ତ୍ୟାଗ କରିପାରିବି ନାହିଁ । ଯେଉଁଦିନ ମୁଁ ତାହାର ନିଷ୍ଠାର ବ୍ୟତିକ୍ରମ ଦେଖିବି, ସେହି ଦିନ ତାକୁ ତ୍ୟାଗ କରି ତୁମ ବାହୁରେ ଓ ହୃଦୟରେ ସମ୍ପୂର୍ଣ୍ଣ ଭାବରେ ଅଧିଷ୍ଠାନ କରିବି ।" ସେହି ଦିନଠାରୁ ପବନପୁତ୍ର ହନୁମାନ ସାହାଯ୍ୟରେ ରାବଣର କିଭଳି ଦେବୀଙ୍କ ପ୍ରତି ନିଷ୍ଠା ଓ ବିଶ୍ୱାସର ବ୍ୟତିକ୍ରମ ଘଟିବ, ତାହାର ଆୟୋଜନ ଚାଲିଲା । ହନୁମାନ ଲଙ୍କାପୁରୀ ମଧ୍ୟରେ ସ୍ତମ୍ଭ ଭଞ୍ଜନ କରି ମକ୍ଷିକା ରୂପରେ ରାବଣର ହସ୍ତସ୍ଥିତ 'ଚଣ୍ଡୀ' ପୁସ୍ତକର ଅକ୍ଷରାବଳୀ ଅବଲେହନ ଦ୍ୱାରା ବିଲୋପକରଣ ଇତ୍ୟାଦି କରିବା ଫଳରେ ରାବଣର ଦେବୀଙ୍କ ପ୍ରତି ଅବିଶ୍ୱାସ ଭାବ ଜାଗ୍ରତ ହେଲା, ତେଣୁ ସାଧନ-ଭଜନରେ ତାର ନିଷ୍ଠା ରହିଲା ନାହିଁ; ଫଳରେ ସେ ଶକ୍ତିହୀନ ହୋଇପଡିଲା । ଦେବୀ ରାମଚନ୍ଦ୍ରଙ୍କୁ ଆଶ୍ରୟ କରିବାରୁ ରାବଣବଧ ସମ୍ପାଦିତ ହେଲା । ପୃଥିବୀଜାତା ଦେବୀ ସୀତାଙ୍କର ଉଦ୍ଧାର ହେଲା । ମହାଶକ୍ତି ତାରାଦେବୀଙ୍କ କୃପାରୁ ଶ୍ରୀରାମଚନ୍ଦ୍ର ଅମାନୁଷିକ ଶକ୍ତି ଲାଭ କରି ଜଗତ୍‌ହିତକର କର୍ମରେ ତାହାର ବିନିଯୋଗ କରିବାରୁ ଅବତାର ଭାବରେ ପୂଜିତ ହେଲେ ।

ଏହା ହିଁ ' ଅକାଳ ବୋଧନ'ର ସ୍ଥୂଳ ଉପାସନା । ଏହି ସ୍ଥୂଳ ଉପାସନାକୁ ଆଶ୍ରୟ କରି ତୁମେମାନେ ଦେବୀଙ୍କର ସ୍ଥୂଳପୂଜା ସମ୍ପନ୍ନ କରୁଅଛ । ବସ୍ତର ରାଜ୍ୟର ଦେବୀପୂଜାର ବାହ୍ୟାଡ଼ମ୍ବର ଦେଖି ମୁଁ ସନ୍ତୁଷ୍ଟ ହେଲି ସତ୍ୟ, ମାତ୍ର ଦେଖୁଛି ଆମ ଦେଶର ଦୁର୍ଗାପୂଜା ଭଳି ଏଠାରେ ଦେବୀପୂଜାରୁ ପ୍ରାଣ ବା ଆତ୍ମା ଚାଲିଯାଇଛି, କେବଳ ମାତ୍ର ଶବଟି ପଡ଼ିରହିଛି । ବାହ୍ୟିକ ଅନୁଷ୍ଠାନ ଅଛି, ମାତ୍ର ତତ୍ତ୍ୱାନୁସନ୍ଧାନର ବା ଅନ୍ତଃସାଧନାର ନାମଗନ୍ଧ ପର୍ଯ୍ୟନ୍ତ ଲୋପ ପାଇଯାଇଛି । ଅର୍ଥାତ୍ ଏଥିରେ ଦେବୀଙ୍କ ପୂଜାର ତାନ୍ତ୍ରିକ ସ୍ଥୂଳ ପ୍ରକ୍ରିୟା ମଧ୍ୟରୁ ଅଳ୍ପ କେତେକ ଅଛି । ଏହି ସ୍ଥୂଳ ପ୍ରକ୍ରିୟା କରିବା ଫଳରେ ଅଜ୍ଞାନତମସାଚ୍ଛନ୍ନ ମନରେ ଯେଉଁ ଜ୍ଞାନାଲୋକ ଫୁଟିବାର କଥା, ତାହାର ଟିକିଏ ମାତ୍ର ଚିହ୍ନ ନାହିଁ । ତେଣୁ ପ୍ରକୃତ ତାନ୍ତ୍ରିକମାନଙ୍କର ପୂଜା ବା ଅକାଳବୋଧନ ଅନ୍ୟ ପ୍ରକାରର । କବି ଗାଇଛନ୍ତି—

" ମନ ରେ ଥରେ ବିଚାର ତୁହି
ଘଣ୍ଟିଘଣ୍ଟା ବଜାଇ ତୁ ଯେ
ମାଆକୁ ଡାକୁ, ତା କାନ କି ନାହିଁ ? ॥୦॥
ଏ ପୂଜା ଯେ ଲୋକଦେଖାକୁ
ଡାକୁ ସିନା ମନରଖାକୁ
ସାର ଖାଲି ଅହଂକାର, ଡାକ ତାକୁ ଲୋକେ ଲୁଚାଇ
ଆଖି ମୁଦି ଧିଆନେ ବସି କାଳୀ ନାମ ରଟ ରେ ଭାଇ ॥"

ପୃଥିବୀମଣ୍ଡଳସ୍ଥା ସୁପ୍ତା କୁଣ୍ଡଳିନୀ-ପ୍ରାଣଶକ୍ତି ସ୍ୱାଭାବିକ ଭାବରେ କଳ୍ପର ଶେଷ ପ୍ରାନ୍ତରେ ଦିନେ ନିଶ୍ଚୟ ଜାଗରିତା ହେବେ । ସେତେବେଳେ ହଂସ ତାରା ମନ୍ତ୍ରରୂପୀ କର୍ମବିପାକ ଶେଷ କରି ଶିବ ବ୍ରହ୍ମରେ ଲୀନ ହେବେ । କିନ୍ତୁ ବୀରସାଧକ ସେହି ଶକ୍ତିକୁ ଅକାଳରେ ବୋଧନ କରିପାରନ୍ତି ।*

ଉପରୋକ୍ତ ଭାବରେ ପ୍ରତ୍ୟେକ ସାଧକ ଶକ୍ତିଙ୍କର ଅକାଳବୋଧନ ନିମିତ୍ତ ସାଧନାନିରତ, କାରଣ ଆମେ ଗୁରୁରୂପୀ ବିଶିଷ୍ଟଦେବଙ୍କ ଶ୍ରୀମୁଖନିଃସୃତ ନୀଳସରସ୍ୱତୀ ଦେବୀଙ୍କ ଆଶ୍ରୟ ଲାଭ କରି କଳ୍ପର ବହୁପୂର୍ବରୁ ନିଜ ସଞ୍ଚିତ ସମସ୍ତ

*ଶ୍ରୀଶ୍ରୀଠାକୁର 'ଜ୍ଞାନୀଗୁରୁ' ଗ୍ରନ୍ଥରେ 'ପ୍ରଥମ ଅଧ୍ୟାୟ'ରେ ଏହାର ସୁସ୍ପଷ୍ଟ ଧାରଣା ଦେଇଛନ୍ତି ।

କର୍ମ ଭସ୍ମୀଭୂତ କରି ସଂସାର-ସାଗର ପାର ହେବାକୁ ସାଧନନିରତ ଅଛୁଁ । ଏହି ଦୃଷ୍ଟିରେ ପ୍ରତ୍ୟେକ ତାନ୍ତ୍ରିକ ସାଧକ ହିଁ ରମଣଶୀଳ ଶ୍ରୀରାମଚନ୍ଦ୍ରଙ୍କ ସଦୃଶ । ପ୍ରତ୍ୟେକ ଗୁରୁ ହିଁ ବଶିଷ୍ଠଦେବ । ପ୍ରତ୍ୟେକ ସାଧକଙ୍କର ଆତ୍ମଶକ୍ତି ହିଁ ସୀତା (ଯେ ଯଜ୍ଞକର୍ଷିତ ଭୂମିରୁ ଜାତ) ଏବଂ ଗୁରୁପ୍ରଦତ୍ତ ସିଦ୍ଧମନ୍ତ୍ର ତାରାରୂପା । ଏହି ରମଣଶୀଳ ରାମ ହିଁ ଶିବତ୍ୱର ଯଥାର୍ଥ ଅଧିକାରୀ । ସୀତାଙ୍କ ସହିତ ସମ୍ମିଳନ ହିଁ ସିଦ୍ଧିଲାଭ ବା ସାମ୍ରାଜ୍ୟ ଲାଭ । ଶରୀରସ୍ଥ ମେରୁରେ ଦୁଇଟି କେନ୍ଦ୍ର—ମୂଳାଧାରରୂପୀ ପୃଥିବୀ ଓ ଆକାଶ ଅନ୍ତର୍ଗତ ଚିନ୍ମୟତତ୍ତ୍ୱ ଅର୍ଥାତ୍ ସହସ୍ରାର ରୂପ ପରମବ୍ୟୋମ ଏକତ୍ର ସମ୍ମିଳିତ ହେଲେ ଏହି ଶରୀରରୂପୀ କ୍ଷୁଦ୍ର ବ୍ରହ୍ମାଣ୍ଡର ଲୟ ହୋଇଯାଏ ଏବଂ ପ୍ରାଣଶକ୍ତିସ୍ୱରୂପା ଜଗଦମ୍ବା ଶିବୋନ୍ମୁଖୀ ହୋଇଥା'ନ୍ତି । ଶିବଙ୍କ ମସ୍ତକରେ ସର୍ପ ବା ନାରାୟଣ ଶେଷନାଗ କୋଳରେ ନିଦ୍ରାଭିଭୂତ ହୋଇ ରହିଥିବା ତତ୍ତ୍ୱର ଗୂଢ଼ ଅର୍ଥ ସେତେବେଳେ ହୃଦୟଙ୍ଗମ କରିହେବ । କୁଣ୍ଡଳିନୀ ସର୍ପିଣୀ ଉଦ୍‌ବୁଦ୍ଧା ହୋଇ ସହସ୍ରାରରେ ସହସ୍ର ଫଣା ହେଲେ, ସାଧକ ଆନନ୍ଦରେ ବିଭୋର ହୋଇଯାଆନ୍ତି, ତାଙ୍କର ଜୀବଭାବ ନଷ୍ଟ ହୋଇଯାଏ ଏବଂ ସେ ବାଳକ-ସ୍ୱଭାବ-ପ୍ରଧାନ ପରମଶିବାବସ୍ଥା ବା ନାରାୟଣାବସ୍ଥା ପ୍ରାପ୍ତ ହୁଅନ୍ତି । ଏହି ଶେଷତତ୍ତ୍ୱ ବା ଅନନ୍ତତତ୍ତ୍ୱ ଯୋଗ ଓ ତନ୍ତ୍ରରେ ସମାନ ଭାବରେ ସମ୍ମାନିତ ।

ଇନ୍ଦ୍ରିୟମୟ ପୁରୁଷ ହିଁ ରାବଣ । ପଞ୍ଚ-ଜ୍ଞାନେନ୍ଦ୍ରିୟ ଓ ପଞ୍ଚ-କର୍ମେନ୍ଦ୍ରିୟ ଯାହାର ଶୀର୍ଷସ୍ଥାନୀୟ ହୋଇରହିଛନ୍ତି ଏବଂ କର୍ମକ୍ଷେତ୍ରରେ ଏହି ସବୁ ଇନ୍ଦ୍ରିୟଗୁଡ଼ିକ ଅନ୍ତରରେ ଓ ବାହାରେ ଯାହାର ହସ୍ତ ରୂପରେ ଦ୍ୱିଗୁଣିତ ହୋଇ ପ୍ରକାଶିତ, ତାଙ୍କୁ ହିଁ ରାବଣ କୁହାଯାଏ । ଏହି ଇନ୍ଦ୍ରିୟାସକ୍ତ ସତ୍ତା ବା ଚିତ୍ତ ହିଁ ତତ୍ତ୍ୱଜ୍ଞାନାନ୍ୱେଷୀ ରମଣଶୀଳ (ଆନନ୍ଦପରାୟଣ) ରାମଙ୍କର ପ୍ରଧାନ ବିରୋଧୀ । କାରଣ ମୂଳାଧାର ରୂପ ଯଜ୍ଞକର୍ଷିତ ପୃଥିବୀଜାତା କବଚକୁଣ୍ଡଳବିଶିଷ୍ଟା ଶକ୍ତିଙ୍କୁ ଏହି ଆସକ୍ତି ରୂପ ଆସୁରିକ ଶକ୍ତି ଶ୍ରୀରାମଚନ୍ଦ୍ରଙ୍କର ସାମ୍ରାଜ୍ୟଦାତ୍ରୀ ପ୍ରେରଣା ରୂପରେ ଧାରଣ କରିବା ବିଷୟରେ ପ୍ରଧାନ ବିରୋଧୀ, ଅର୍ଥାତ୍ ଆସକ୍ତି ଭକ୍ତମାନଙ୍କର ବିରୋଧୀଶକ୍ତି । ବିକ୍ଷୋଭ ରୂପ ରାବଣ ଦ୍ୱାରା ରାମଙ୍କର ସମାଧିଭଙ୍ଗ କରିବାକୁ ଯେ ତତ୍ପର, ତାକୁ ରାବଣ କୁହାଯାଏ । ପ୍ରଥମେ ବଶିଷ୍ଠରୂପୀ ଗୁରୁଦେବଙ୍କ ସାହାଯ୍ୟରେ ତାରାଦେବୀଙ୍କ ଜ୍ଞାନମୟୀ ପ୍ରତିମା ଦର୍ଶନରେ ତଦ୍‌ଭାବଭାବିତ ହୋଇପାରିଲେ, ଅକାଳରେ ଜୀବତ୍ୱ

ନଷ୍ଟ ହୋଇ ଶିବତ୍ୱର ବୋଧନ ହୋଇପାରିବ । ଏହା ହିଁ ଏହି ତତ୍ତ୍ୱର କୌଶଳ । ସିଦ୍ଧ ସଦ୍‌ଗୁରୁଦେବ ହିଁ ବଶିଷ୍ଠ ପଦବାଚ୍ୟ । ଏହାଙ୍କ ମଧ୍ୟରେ ଇଷ୍ଟଶକ୍ତି ବାସ କରନ୍ତି । 'ବସେଦିଷ୍ଟୋ ଯସ୍ମିନ୍ ସ ବଶିଷ୍ଠ' ।

ବସନ୍ତକାଳରେ ଦେବୀଙ୍କର 'କାଳବୋଧନ ' ଏବଂ ଶରତ୍‌କାଳରେ ତାଙ୍କର 'ଅକାଳବୋଧନ' ହୋଇଥାଏ । ଏହାର ମଧ୍ୟ ଗୂଢ଼ ଅର୍ଥ ଅଛି । ବସ୍ + ଅନ୍ତ = ବସନ୍ତ । ବସ୍ ଅର୍ଥ ଜନ୍ମଜନ୍ମାନ୍ତର ରୂପ ସଂସାରବସତି । ଅନ୍ତ ଅର୍ଥ ଶେଷ । ସୁତରାଂ ବସନ୍ତ— କଳ୍ପାନ୍ତ, ଏହି ଅର୍ଥରେ ବସନ୍ତ ଶବ୍ଦର ଅର୍ଥ କଳ୍ପାନ୍ତ କାଳ । ଏହି ସମୟ ହିଁ ଦେବୀଙ୍କର କାଳବୋଧନର ସମୟ । ଶ ଧାତୁରୁ ଶରତ୍ ଶବ୍ଦ ନିଷ୍ପନ୍ନ । ଶରତ୍ ଅର୍ଥ ପରିପକ୍ୱ ହେବା । ଅକାଳରେ ସାଧନା ଦ୍ୱାରା ପରିପକ୍ୱତା ଲାଭ କରିବାର ନାମ ଶରତ୍‌କାଳ । ଏହି ସମୟର ପୂଜାକୁ ଦୁର୍ଗାପୂଜା କୁହାଯାଏ । ଏହି ଏକଜଟା ତାରାଦେବୀ ହିଁ ଜଟାଜୁଟସମାଯୁକ୍ତା ଅତସୀକୁସୁମ ଶ୍ୟାମା ଦୁର୍ଗା । ତେଣୁ ଭକ୍ତ ତାଙ୍କୁ ଦୁର୍ଗତିହାରିଣୀ ବୋଲି ସମ୍ବୋଧନ କରିଛନ୍ତି ।

ତନ୍ତ୍ରଶାସ୍ତ୍ରରେ ପ୍ରଧାନତଃ ଜଟାଜୁଟଯୁକ୍ତା ଦେବୀସମୂହ ତାରାଦେବୀଙ୍କ ଭେଦ ଓ ମୁକ୍ତକେଶୀ ମୂର୍ତ୍ତିସମୂହ ଆଦ୍ୟା ମହାବିଦ୍ୟାଙ୍କର ପ୍ରକାରଭେଦ । ଅଗସ୍ତ୍ୟରୂପା ଦୁର୍ଗାଦେବୀଙ୍କର ସର୍ବଶ୍ରେଷ୍ଠ ମନ୍ତ୍ର ହିଁ ଅଗ୍ନ୍ୟସ୍ତମନ୍ତ୍ର । ଯେଉଁ ମନ୍ତ୍ର ପାଠକଲେ, ତାରାଦେବୀଙ୍କ ସହିତ ଏହି ଦେବୀଙ୍କର ଏକାତ୍ମସ୍ୱରୂପତା ସ୍ପଷ୍ଟଭାବରେ ଜଣାଯାଏ, ସେହି ଅଗ୍ନ୍ୟସ୍ତ ମନ୍ତ୍ର ହେଲା—

''ଓଁ ଜାତବେଦସେ ସୁନବାମ ସୋମମରାତୀୟତୋନିଦହାତି ବେଦଃ ସନଃ ପର୍ଷଦତି ଦୁର୍ଗାଣି ବିଶ୍ୱାନା ଦେବ ସିନ୍ଧୁଂ ଦୁରିତାତ୍ୟଗ୍ନିଃ ।।''

ଯେ ଜୀବମାନଙ୍କୁ ସଂସାର-ସମୁଦ୍ରରୁ ତରୀସଦୃଶ ତ୍ରାଣ କରନ୍ତି, ତାଙ୍କୁ ତାରା କୁହାଯାଏ । ଯେ ତାର ବା ଓଁକାରରୂପା, ତାଙ୍କୁ ତାରା କହନ୍ତି । ଅଗ୍ନିରୂପିଣୀ ଦୁର୍ଗାଙ୍କ ମନ୍ତ୍ରରେ ତାଙ୍କୁ ସମସ୍ତ ଦୁଃଖରୂପ ସମୁଦ୍ରରେ ନୌକାବତ୍ ତ୍ରାଣକାରିଣୀ ବୋଲି ବର୍ଣ୍ଣନା କରାଯାଇଛି । ଏହାର ଅର୍ଥ ତାରାଦେବୀଙ୍କ ଦଶାକ୍ଷର ମନ୍ତ୍ରରେ ମଧ୍ୟ ଅଛି । ''ଓଁ ତାରେ ତତ୍ତାରେ ତରେ ସ୍ୱାହା ।'' ବୌଦ୍ଧତନ୍ତ୍ରରେ ଏହି ମନ୍ତ୍ରଟି କିଞ୍ଚିତ୍ ଅଶୁଦ୍ଧରୂପେ ସନ୍ନିବିଷ୍ଟ ହୋଇଅଛି । ''ଓଁ ତାରେ ତୁତ୍ତାରେ ତୁରେ ସ୍ୱାହା ।''

ଅଗ୍ନ୍ୟସ୍ତ ବା ଅନଳାତ୍ମିକା ଦୁର୍ଗାଙ୍କ ଧ୍ୟାନ ହେଉଛି —

**"ଓଁ ବିଦ୍ୟୁଦ୍ଦାମସମପ୍ରଭାସ୍ମୃଗପତି ସ୍କନ୍ଧସ୍ଥିତାନ୍ମୀଷଣାମ୍**
**କନ୍ୟାଭିଃ କରବାଳ ଖେଟ ବିଲସଦ୍ଧସ୍ତାଭିରାସେବିତାମ୍ ।**
**ହସ୍ତୈଶ୍ଚକ୍ରଧରାସି ଖେଟବିଶିଖାଂ ଶ୍ଚାପମ୍ ଗୁଣଂ ତର୍ଜ୍ଜନୀମ**
**ବିଭ୍ରାଣାମନଳାତ୍ମିକାଂ ଶଶୀଧରାଂ ଦୁର୍ଗାଂ ତ୍ରିନେତ୍ରାମ୍ଭଜେ ।"**

ସିଂହରୂପ ସୂର୍ଯ୍ୟମଣ୍ଡଳରେ ବିଦ୍ୟୁତ୍ ସଦୃଶ ଅଷ୍ଟବର୍ଷୀୟା ଗୌରୀରୂପା କନ୍ୟା ଅଷ୍ଟୈଶ୍ୱର୍ଯ୍ୟପ୍ରଦ ଅଷ୍ଟଭୁଜଯୁକ୍ତା ହୋଇ ଅଗ୍ନିର ସ୍ୱରୂପ ଧାରଣ କରି ଜଳୁଛନ୍ତି । ସେ ଏହି ଧ୍ୟାନର ପ୍ରତିପାଦ୍ୟ ଦେବତା । ଏହି ଧ୍ୟାନ ଦ୍ୱାରା ଅଗ୍ନିଙ୍କର ବା ଜ୍ୟୋତିର ତ୍ରିଲୋକ ବ୍ୟାପ୍ତି ହୋଇ ତିନି ପ୍ରକାର ସ୍ୱରୂପରେ ଆବିର୍ଭାବର ପ୍ରମାଣ ମିଳେ । ସ୍ୱର୍ଲୋକରେ ଦିବ୍ୟାଗ୍ନି ରୂପରେ ଅର୍ଥାତ୍ ସୂର୍ଯ୍ୟ ରୂପ ଧାରଣ କରି ଜଗଦମ୍ବା ମା' ଦେଦୀପ୍ୟମାନା । ସିଂହରାଶି ହିଁ ସୂର୍ଯ୍ୟଙ୍କର ନିଜସ୍ୱ ସ୍ଥାନ ହୋଇଥିବାରୁ ଭୁବଲୋକରେ 'ଅନ୍ତରୀକ୍ଷାଗ୍ନି' ରୂପରେ ସେହି ଶକ୍ତି ବିଦ୍ୟମାନ । ଜଳ ତାଙ୍କର ଇନ୍ଧନ ଅର୍ଥାତ୍ ବିଦ୍ୟୁତ ଆକୃତି ଧାରଣ କରି ତ୍ରୈଲୋକ୍ୟତାରିଣୀ ଲୀଳା କରୁଛନ୍ତି । ଭୂଲୋକରେ ସେ ସାଧାରଣ ଅଗ୍ନି ଦେବତା ରୂପରେ 'ଅନଳ' ନାମ ଧାରଣ କରି ଦେବକାର୍ଯ୍ୟ, ପିତୃକାର୍ଯ୍ୟ ଓ ମାନବକାର୍ଯ୍ୟର ମାଧ୍ୟମ ହୋଇ ପ୍ରକାଶମାନା ରହିଛନ୍ତି । ଏହି ମହାଶକ୍ତି ତ୍ରୈଲୋକତାରିଣୀଙ୍କୁ ଋଷି 'ଦୁର୍ଗା' ନାମରେ ସମ୍ବୋଧନ କରିଛନ୍ତି । କାରଣ ସେ ପୁରୁଷ ରୂପରେ ପ୍ରତି ଦେହ-ଦୁର୍ଗରେ ବିଦ୍ୟମାନା । **"ପୁରୌ ଶେତେ ଇତି ପୁରୁଷଃ ।"** ପୁର ଅର୍ଥାତ୍ ଦେହରୂପ ପୁର ବା ଦୁର୍ଗରେ ଯେ ଶୟନ କରିଛନ୍ତି, ତାଙ୍କୁ ପୁରୁଷ କୁହାଯାଏ । ଏହାଙ୍କୁ ମହାରୁଦ୍ର ପରମଶିବ ବା ମହାବିଷ୍ଣୁ ନାରାୟଣ କହନ୍ତି । ତେବେ ବୈଦିକ ମନ୍ତ୍ରରେ ପରମଶିବ ମହାରୁଦ୍ର ହିଁ **ପୁରୁଷ** ଶବ୍ଦ ଦ୍ୱାରା ସୂଚିତ । ଏହି ଶକ୍ତି ଶୟନ କରନ୍ତି ବୋଲି 'ଶି' ଧାତୁର 'ଶିବ' ନାମ ହୋଇଅଛ । ଶି ଶବ୍ଦରେ ଶାନ୍ତି ଓ 'ବ' ଶବ୍ଦ ଆକାରକୁ ବୁଝାଏ । ତେଣୁ **ଶିବ ଅର୍ଥ ଶାନ୍ତିର ଆକର** । ଏହି ଶକ୍ତି ଶାନ୍ତିର ଆକର ବୋଲି ଅର୍ଥାତ୍ ବିଶ୍ରାମର୍ ସ୍ୱରୂପ ବୋଲି ଶିବ ନାମରେ ଅଭିହିତ । କୃଷ୍ଣ-ଯଜୁର୍ବେଦରେ ପୁରୁଷ ଗାୟତ୍ରୀରେ ଅଛି—

"ଓଁ ପୁରୁଷସ ବିତ୍ ହେ
ସହସ୍ରାକ୍ଷସ୍ୟ ମହାଦେବସ୍ୟ ଧୀମହି
ତୟୋ ରୁଦ୍ର ପ୍ରଚୋଦୟାତ୍ ।।"

ବିଷ୍ଣୁଙ୍କ ପରମପଦ ହିଁ ପରମଶିବଙ୍କ ପଦ । ଅତଏବ, ସମ୍ପ୍ରଦାୟ ନିର୍ବିଶେଷରେ ଏହି ପୁରୁଷଙ୍କଠାରେ ସମସ୍ତ ଭାବ ବିଦ୍ୟମାନ । ପୁରଶାୟୀ ବା ଦେହଦୁର୍ଗଶାୟୀ ପୁରୁଷଙ୍କ ଶକ୍ତି ହିଁ ଦୁର୍ଗା ବା ଇଷ୍ଟଦେବତା ରୂପା କୁଣ୍ଡଳିନୀ ଶକ୍ତି । ତେଣୁ ବନଦୁର୍ଗା ମନ୍ତ୍ରରେ ଅଛି —

"ଉତ୍ତିଷ୍ଠ ପୁରୁଷି କିଂ ସ୍ୱପିଷି ଭୟଂ ମେ ସମୁପସ୍ଥିତମ୍
ଯଦି ଶକ୍ୟମଶକ୍ୟଂ ହୂଁ ଦୁଁ ଦୁର୍ଗେ ଶମୟ ସ୍ୱାହା ।।"

ହେ ପୁରୁଷି ବା ପୁରୁଷରୂପିଣୀ ! ତୁମେ ଉଠ । କାହିଁକି ଏତେ ନିଦ୍ରା ଯାଇଛ ? ମୋର ଭବଭୟ ଉପସ୍ଥିତ ହୋଇଛି । ଏହି ଭୟ ସାଧ୍ୟ ହେଉ ବା ଅସାଧ୍ୟ ହେଉ, ହେ ଦୁର୍ଗା ନାମଧାରିଣୀ ଭଗବତି ! ନିଜର ହୁଁ-କାର ଦ୍ୱାରା ଏହା ପ୍ରଶମନ କର । ତୁମେ ହିଁ ଅଗ୍ନିରୂପ ରୁଦ୍ରଙ୍କର ଶକ୍ତିସ୍ୱରୂପା । ଏହି ପୁରୁଷୀ ଦେହରୂପ ଦୁର୍ଗରେ ଶୟନ କରିଛନ୍ତି ବୋଲି ତାଙ୍କ ନାମ ଦୁର୍ଗା । ଏହାଙ୍କର ଅନ୍ୟ ନାମ ତ୍ରିପୁରସୁନ୍ଦରୀ । ଏହି ଦେହ ବା କ୍ଷୁଦ୍ର ବ୍ରହ୍ମାଣ୍ଡ ବୃହତ୍ ବ୍ରହ୍ମାଣ୍ଡ ପରି ସ୍ଥୂଳ, ସୂକ୍ଷ୍ମ ଓ କାରଣ—ଏହି ତିନିଭାଗରେ ବିଭକ୍ତ । ଅସୁରମାନେ ଏହି ଶକ୍ତିକୁ ଜୟ କରିବା ଇଚ୍ଛା କରି ଏହି ତ୍ରିପୁରରେ ତିନିଗୋଟି ଦୁର୍ଗ ନିର୍ମାଣ କରିଛନ୍ତି । ତ୍ରିଲୋକଜୟର ବିଜୟଦାତ୍ରୀ ଶକ୍ତି ହିମାଳୟ ଗୁହାରେ ନିଦ୍ରିତା ଅଛନ୍ତି । ଏହାଙ୍କର ନିଦ୍ରାଭଙ୍ଗ କରିବା ହିଁ ପ୍ରତ୍ୟେକ ସାଧକଙ୍କର ଅକାଳବୋଧନ କ୍ରିୟା ।

"ଓଁ ହିମାଚଳ ଗୁହାମଧ୍ୟେ ନିଦ୍ରାଘୂର୍ଣ୍ଣିତଲୋଚନାମ୍
ଶୟାନାଂ ଦେବତାବୃନ୍ଦୈ ମଧ୍ୟମାନଂ ବରାନନାମ୍ ।।"

ଏହି ସୁପ୍ତା ମହାଶକ୍ତି ହିଁ 'ଦେବୀ ତାରିଣୀ' ଏବଂ ବ୍ରହ୍ମଶକ୍ତି ହେଉଛନ୍ତି 'କାଳିକା ଦେବୀ' । ଏହି ପ୍ରସୁପ୍ତା ଭୁଜଗାକାରା କୋଟି-ସୌଦାମିନୀଭାସା କୁଣ୍ଡଳିନୀ ଦେବୀଙ୍କୁ ଲକ୍ଷ୍ୟ କରି 'ଚଣ୍ଡୀ' କହିଛନ୍ତି, 'କାଳିକେତି ସମାଖ୍ୟାତା

ହିମାଚଳକୃତାଶ୍ରୟା ।' ଏହି ପ୍ରଳୟଙ୍କରୀ ମହାଶକ୍ତି ସାଧକଙ୍କ ହୃଦୟକନ୍ଦରରେ ଜାଗରିତା ହେଲେ ରାକ୍ଷସମାନଙ୍କର ତ୍ରିପୁର ପ୍ରଜ୍ଜ୍ୱଳିତ ହୋଇ ନଷ୍ଟ ହୋଇଯାଏ । କାମନା-ବାସନା-ପରିକ୍ଲିଷ୍ଟ ଜୀବଚୈତନ୍ୟ ତ୍ରିପୁରସୁନ୍ଦରୀଙ୍କର ମୋହିନୀ ମୂର୍ତ୍ତି ଦର୍ଶନ କରି ଦିବ୍ୟ ଚେତନାରେ ପରିଣତ ହୁଅନ୍ତି । ପୁରୁଷ ତ୍ରିପୁରସୁନ୍ଦରୀଙ୍କ ପ୍ରସାଦରେ ପୁରତ୍ରୟ ଭେଦ କରି ତ୍ରିପୁରାରିତ୍ୱ ଲାଭ କରିଥା'ନ୍ତି । ଏହା ହିଁ ପ୍ରକୃତ ପ୍ରାଚୀନ ସାମ୍ରାଜ୍ୟରେ ଅଧିଷ୍ଠିତ ବା ଶିବତ୍ୱରେ ପ୍ରତିଷ୍ଠିତ ହେବାର ଅବସ୍ଥା । ଅବିଦ୍ୟାକବଳିତ ହୋଇ ଜୀବ ତାହାର ଶିବତ୍ୱ ହରାଇବସିଛି । ପାଶସମୂହ ଛେଦନ କରି ମହାଶକ୍ତିଙ୍କ ସାହାଯ୍ୟରେ ପୁନରାୟ ପଶୁରାଜତ୍ୱ ଲାଭ କରିବା ହିଁ ଜୀବନର ପ୍ରଧାନ ଉଦ୍ଦେଶ୍ୟ । କୁଣ୍ଡଳିନୀ ମହାଶକ୍ତି ସହସ୍ରାରପଦ୍ମରେ ଉପନୀତା ହୋଇ ସହସ୍ର ଫଣାଯୁକ୍ତ ଅନନ୍ତଶକ୍ତି ବା ଶେଷନାଗ ରୂପ ଧାରଣ କରନ୍ତି । ଏହି ସ୍ଥାନକୁ **କୈଳାସ** ବା **ବୈକୁଣ୍ଠ** କୁହାଯାଏ । ଜଗଦମ୍ବା ପ୍ରଣବରୂପିଣୀ ତାରାଦେବୀଙ୍କର ପରମପଦରେ ସ୍ଥାନ କିନ୍ତୁ ଅକାଳ ସ୍ଥାନରେ ମଣିଦ୍ୱୀପ ନାମକ ଦିବ୍ୟଶିଖରରେ ସହସ୍ର ଫଣୀଙ୍କର ଅତି ଊର୍ଦ୍ଧ୍ୱରେ ଦେବୀଙ୍କର ଗୋଟିଏ ଗୁପ୍ତସ୍ଥାନ ବିରାଜିତ । ଏହି ଦ୍ୱୀପଟି ଅନନ୍ତର ଅନନ୍ତ ମସ୍ତକମଣିବୃନ୍ଦରେ ନିର୍ମିତ । ମହର୍ଷି ବ୍ୟାସଦେବ ସବୁ ଶାସ୍ତ୍ର ରଚନା କରି ମଧ୍ୟ ତୃପ୍ତି ଲାଭ କରିପାରିଲେ ନାହିଁ । ଶେଷରେ ଜଗଦମ୍ବାଙ୍କ ଦର୍ଶନ ନିମିତ୍ତ ମଣିଦ୍ୱୀପକୁ ଗମନ କଲେ ଏବଂ ଦେବୀଙ୍କ ଚିନ୍ତାମଣିଖଚିତ ପାଦପୀଠରେ ନିଜର ମସ୍ତକ ସ୍ଥାପନ କରିବାମାତ୍ରେ ଦେଖିଲେ ଯେ, ଚିନ୍ତାମଣିମୟ ପାଦପୀଠର ଉପରେଥିବା ପଦ୍ମଟି ଅସଂଖ୍ୟ ଦଳସମୂହ ଏବଂ ତାହା ଅଦ୍ଭୁତ ରଙ୍ଗରେ ମାତୃକା ବର୍ଣ୍ଣରେ ସମୁଜ୍ଜ୍ୱଳ ହୋଇଉଠିଲା । ଏହି ସ୍ଥାନରେ ସେ ଦେବୀଙ୍କଠାରୁ ପ୍ରେରଣା ପାଇ 'ମହାଭାଗବତ' ରଚନା କଲେ । ମହାଭଗବତୀଙ୍କ ପାଦପଦ୍ମରୁ ଏହା ଉଦ୍ଭୂତ । ଏହା ଶକ୍ତି-ଉପାସକମାନଙ୍କର ଅମୂଲ୍ୟ ଓ ଅତି ଗୋପନୀୟ ସମ୍ପଦ ।

ବୀର-ସାଧକ ଶ୍ରୀଗୁରୁଦେବଙ୍କ ନିକଟରୁ ଶକ୍ତି ପ୍ରାର୍ଥନା କରନ୍ତି ନାହିଁ - ନିଜ ଯୋଗ୍ୟତା ଦ୍ୱାରା ଶକ୍ତି ଆକର୍ଷଣ କରି ଆଣନ୍ତି । ଏହି ତତ୍ତ୍ୱଟି ପୁରାଣରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଅଛି । ସୋମରଷି ତାରାବିଦ୍ୟାଙ୍କ ଉପାସନା କରିବା ନିମିତ୍ତ ବୃହସ୍ପତିଙ୍କୁ ଗୁରୁ ରୂପରେ ବରଣ କଲେ । ଗୁରୁଗୃହକୁ ଆସି ସେ ଦେଖିଲେ

ଯେ ପରମବ୍ରାହ୍ମୀ ଶକ୍ତି ତାରାଦେବୀ ଦେବଗୁରୁ ବୃହସ୍ପତିଙ୍କ ଗୃହରେ ପତ୍ନୀ ରୂପରେ ବଶମ୍ବଦା ହୋଇ ବାସ କରୁଛନ୍ତି । ସୋମରଷି ତପସ୍ୟା ଦ୍ୱାରା ଏପରି ଶକ୍ତି ଅର୍ଜ୍ଜନ କଲେ ଯେ, ବ୍ରହ୍ମମୟୀ ତାରାଦେବୀ ବୃହସ୍ପତିଙ୍କ ଗୃହ ତ୍ୟାଗକରି ତାଙ୍କର ବଶୀଭୂତା ହେଲେ । ଏହା ପରେ ସୋମରଷି ମହାଶକ୍ତିଙ୍କୁ ପତ୍ନୀ ଭାବରେ ଗ୍ରହଣ କରି ତାଙ୍କ ଗର୍ଭରୁ 'ବୁଧ' ବା 'ଜ୍ଞାନ' ନାମକ ପୁତ୍ର ଉତ୍ପାଦନପୂର୍ବକ ପୁନରାୟ ସେହି ଶକ୍ତିଙ୍କୁ ଶ୍ରୀଗୁରୁଦେବଙ୍କୁ ପ୍ରତ୍ୟର୍ପଣ କଲେ । ଏହାହିଁ ବୀର ସାଧନାର କ୍ରମ । ଏହି ତାରାଶକ୍ତିଙ୍କୁ ଲାଭ କରିବା ପରେ ସେ ସାର୍ଥକନାମା **ସୋମରଷି** ଭାବରେ ଖ୍ୟାତି ଅର୍ଜନ କଲେ । **'ଉମୟା ସହ ବର୍ତ୍ତମାନ ଇତି ସୋମଃ'**, ଅର୍ଥାତ୍ ଯେ ଉମାଙ୍କ ସହିତ ବର୍ତ୍ତମାନ, ସେ ହେଉଛନ୍ତି ସୋମ । ଶିବତ୍ୱଜ୍ଞାନ ଜାଗରଣରେ ସେ ସର୍ବଦା ପରମାନନ୍ଦରେ ମଗ୍ନ ରହି ଓଁକାରଶକ୍ତି ଉମାରୂପା କୁଳକୁଣ୍ଡଳିନୀଙ୍କୁ ସ୍ୱୀୟ ଆତ୍ମସ୍ଥ ମହେଶ୍ୱରଙ୍କ ସହିତ ସାମୀପ୍ୟ ଦର୍ଶନରେ ସର୍ବଦା ଆତ୍ମହରା ହୋଇ ରହିଥିଲେ ବୋଲି **ତାନ୍ତ୍ରିକ ସଂପ୍ରଦାୟର ପ୍ରଥମ ପ୍ରତିଷ୍ଠାତା** ରୂପେ ସମ୍ମାନିତ ହୋଇଥିଲେ । ଏହାଙ୍କର ଦୁଇ ଭ୍ରାତା ଦୁର୍ବାସା ଓ ଦତ୍ତାତ୍ରେୟ ଯଥାକ୍ରମେ **ଉନ୍ମତ୍ତ ସଂପ୍ରଦାୟ** ଓ **ପିଶାଚ ସଂପ୍ରଦାୟର ପ୍ରତିଷ୍ଠାତା** ।

ତୁମେ ପୂର୍ବ ସୁକୃତି ବଳରୁ ଶ୍ରୀମୁଖରୁ ପରମବ୍ରାହ୍ମୀ ତାରାବିଦ୍ୟା ପ୍ରାପ୍ତ ହୋଇଅଛ । ତୁମେ ବର୍ତ୍ତମାନ ନିଜର ଚେତନାମୟ ଆତ୍ମାକୁ ଅଧସ୍ତନ ଅରଣି ଏବଂ ଇଷ୍ଟମନ୍ତ୍ରକୁ ଉର୍ଦ୍ଧ୍ୱତନ ଅରଣି ରୂପରେ ଭାବନା କରି ପ୍ରଚଣ୍ଡ ଜପଦ୍ୱାରା ଧ୍ୟାନ ବା ଜ୍ଞାନସଞ୍ଚାଳନର ଅଭ୍ୟାସ କରୁ କରୁ ଅଗ୍ନିପ୍ରଜ୍ୱଳନ ସାଧନରେ ପ୍ରବୃତ୍ତ ହୁଅ । ଏଥିପାଇଁ କିଛି ମାତ୍ର ବାହ୍ୟିକ ଆଡ଼ମ୍ବରର ପ୍ରୟୋଜନ ନାହିଁ । ନିର୍ଜ୍ଜନରେ ଅବିଚଳିତ ଭାବରେ ଅକ୍ଷୋଭ୍ୟା ଭୈରବୀଙ୍କର ସାଧନା କର, ତାହାହେଲେ ଯାଇ ତୁମର ଜ୍ଞାନାଗ୍ନିକୁ ପ୍ରଜ୍ୱଳିତ କରିପାରିବ । ଏହି ଦେହରେ ଜଡତାଜ୍ଞାନରୂପ ଶବକୁ ଦଗ୍ଧ କରି ଚିତାର ଚିନ୍ମୟ ଅଗ୍ନିରେ ଦେବୀଙ୍କୁ ପ୍ରକାଶିତ କରିପାରିବ । ମା' ଅକାଳରେ ଜାଗରିତା ହେବେ । ତୁମର ନରଜନ୍ମ ସାର୍ଥକ ହୋଇଯିବ । ତୁମେ ଦିବ୍ୟ ଜ୍ଞାନର ଚିନ୍ମୟ ଜ୍ୟୋତିଃ ସର୍ବତ୍ର ଦେଖିପାରିବ ଏବଂ ମନ୍ତ୍ରାର୍ଥର ଅମୀୟ ଝଙ୍କାର ତୁମ ଅନ୍ତରରେ ଓ ବାହାରେ ସର୍ବଦା ଝଙ୍କୃତ ହୋଇଉଠିବ । ସାଧକ ଆନନ୍ଦମୟ ହୋଇଯିବେ । ନିଜ ଭିତରେ ଇଷ୍ଟଦେବତାଙ୍କର ଦର୍ଶନ

ଲାଭ ହେବ । କେତେ ଯେ ନୂତନ ବେଦବାକ୍ୟ ଓ କେତେ ଅଜ୍ଞାତ ଜଗତର ଅନୁଭୂତି ତୁମ ଅନ୍ତରାତ୍ମାକୁ ପ୍ରଜ୍ଜ୍ୱଳିତ କରି ରଖିବ, ତାହା ବର୍ଣ୍ଣନାତୀତ । ସେତେବେଳେ ତୁମକୁ ଅଭିଷେକ ନିମିତ୍ତ ମୋ ନିକଟରେ ପ୍ରାର୍ଥନା କରିବାକୁ ପଡ଼ିବ ନାହିଁ । ମୁଁ ସ୍ୱତଃପ୍ରବୃତ୍ତ ହୋଇ ତୁମ ନିକଟକୁ ଆସି ଅଭିଷେକ ଦ୍ୱାରା ତୁମର ସମସ୍ତ ଭୟ ଦୂର କରିଦେବି । ଶାନ୍ତ ହୋଇ ନିଷ୍କାମଭାବରେ ଜଗନ୍ମାତାଙ୍କ ପାଦପଦ୍ମରେ ଆତ୍ମସମର୍ପଣପୂର୍ବକ ଅପେକ୍ଷା କରିବାକୁ ଶିକ୍ଷା କର । ଏହି ପ୍ରତୀକ୍ଷା ହିଁ ସାଧନା । ସମୟ ହେଲେ ତୁମ ଭିତରେ ସମସ୍ତ ଶକ୍ତି ଆପଣା ମନକୁ ଫୁଟିଉଠିବ । ମଙ୍ଗଳମୟୀ ମା' ତୁମ ନିମିତ୍ତ ଯାହା କରିବାର କଥା, ତାହା ଯଥା ସମୟରେ ସୁସମ୍ପନ୍ନ କରିବେ, ସେଥିପାଇଁ ତୁମେ କିଛି ଚିନ୍ତା କର ନାହିଁ କିମ୍ବା ସନ୍ଦେହ କର ନାହିଁ । ସେ ତୁମ ଦ୍ୱାରା ଜଗତର ମଙ୍ଗଳ ସାଧନ କରିବେ ।*। ଏହି କୁଣ୍ଡଳିନୀ ଶକ୍ତି ଅଷ୍ଟ-ବଳୟାଯୁକ୍ତା ତାରାଦେବୀଙ୍କ ସହିତ ଅତି ଘନିଷ୍ଠ ସମ୍ବନ୍ଧଯୁକ୍ତା ।

"ତାରାଚୋଗ୍ରା ମହୋଗ୍ରାଚ ବଜ୍ରା ନୀଳା ସରସ୍ୱତୀ ।
କାମେଶ୍ୱରୀ ଭଦ୍ରକାଳୀ ଇତ୍ୟାଷ୍ଟୌ ତାରିଣୀ ସ୍ମୃତା ।।"

ଏହି ଅଷ୍ଟତାରା ହିଁ ମୂଳତାରାଙ୍କର ପ୍ରକୃତି ବା ବଳୟବିଶେଷ । ସେ ମୂଳାଧାର ଅଧୀଶ୍ୱରୀ ବୋଲି ଗୁହ୍ୟାକାଳୀ ନାମରେ ଅଭିହିତା । ସ୍ୱାଧିଷ୍ଠାନଚକ୍ରରେ ଏହାଙ୍କର ନାମ କାମେଶ୍ୱରୀ ତାରା । ମଣିପୁର ପଦ୍ମର ଶକ୍ତି ବଜ୍ରାଦେବୀ । ଏହା ଶିବଙ୍କ ଉଗ୍ର ନାମ ବାୟୁମୂର୍ତ୍ତି ଶକ୍ତି । ବିଶୁଦ୍ଧ ଚକ୍ରରେ ସେ ନୀଳ ତାରା । ଦ୍ୱିଦଳରେ ତାଙ୍କ ନାମକ ମହୋଗ୍ରା ତାରା । ମୂଳାଧାରରେ ଭଦ୍ରକାଳୀଙ୍କ ଉପାସନା କରି କିଭଳି ଯଜ୍ଞର ଅଗ୍ନି ପ୍ରଜ୍ଜ୍ୱଳିତ କରିବାକୁ ହୁଏ, ତାହାର କୌଶଳ ଶ୍ରୀଗୁରୁଦେବଙ୍କ ନିକଟରେ ଯଥାସମୟରେ ଶିକ୍ଷା କରିବାକୁ ହେବ । ଏହି ଅଗ୍ନି ପ୍ରଜ୍ଜ୍ୱଳିତ କରି ଯେପରି ପ୍ରତି ଚକ୍ରରେ ବିବିଧ ବର୍ଣ୍ଣ ସହଯୋଗରେ ବିବିଧ ବେଦ ଆବିଷ୍କାର କରି ଏହି ସ୍ଥୂଳ ଦେହର ଅଜ୍ଞାନ ରୂପ ଜଡ଼ତ୍ୱ ବା ଶବକୁ ଦହନ କରିବାକୁ ହୁଏ, ସେହିଭଳି ନିଜ ବିଶ୍ୱମୟ ଚୈତନ୍ୟ ସତ୍ତାର ଉଦ୍‌ବୋଧନ କରି ଦେବୀଙ୍କ ନିତ୍ୟ ନୂତନ ପ୍ରତିମାକୁ ନିଜ ହୃଦୟକନ୍ଦରରେ ଧାରଣ କରିବା ହିଁ ଯଥାର୍ଥ ଶବ ସାଧନା ବା

* ୧୩୬୪ ସାଲ 'ଆର୍ଯ୍ୟଦର୍ପଣ'ରେ ପ୍ରକାଶିତ 'ଅକାଳବୋଧନ' ପ୍ରବନ୍ଧ ଦ୍ରଷ୍ଟବ୍ୟ ।

**ଚିତା ସାଧନା ।** ବାହ୍ୟିକ ସାଧନାରେ କେତେକ ଭୌତିକ ଅନୁଭୂତି ଲାଭ ହୋଇଥାଏ ସତ୍ୟ, କିନ୍ତୁ ଯେ ପର୍ଯ୍ୟନ୍ତ ଅନ୍ତରରେ ଉପଲବ୍ଧି ହୋଇନାହିଁ ବା ଜ୍ଞାନର ଉଦୟ ହୋଇନାହିଁ, ସେ ପର୍ଯ୍ୟନ୍ତ ପ୍ରକୃତ ସତ୍ୟର ଆସ୍ୱାଦନ ମିଳିବ ନାହିଁ । ତଥାପି ବାହ୍ୟିକ ଅନୁଷ୍ଠାନ ଦ୍ୱାରା ଅନ୍ତରର ଅନୁଭୂତି ବିଶେଷ ଭାବରେ ସ୍ପଷ୍ଟତର ଓ ଦୃଢ଼ତର ହୋଇଥାଏ । ଅଷ୍ଟଚକ୍ରରେ ଅଷ୍ଟତାରାଙ୍କର ଉପାସନା ରହସ୍ୟ ଓ ତାହା ଫଳରେ କିଭଳି ମନ୍ତ୍ରର ଚୈତନ୍ୟ ହୁଏ, ଶ୍ରୀଶ୍ରୀଠାକୁର ଏହି 'ତାନ୍ତ୍ରିକଗୁରୁ' ଗ୍ରନ୍ଥରେ ତାହାସବୁ ବର୍ଣ୍ଣନା କରିଛନ୍ତି । ଏହାକୁ ତାରାକୁଳର ଯୋନିମୁଦ୍ରା-ଯୋଗରେ ଜପର ପ୍ରକ୍ରିୟା ବୋଲି ଅଭିହିତ କରାଯାଇଥାଏ ।

କୁଣ୍ଡଳିନୀ ତତ୍ତ୍ୱ ସହିତ ଉତ୍କଳର ଜଗନ୍ନାଥ ତତ୍ତ୍ୱର ଅତି ଘନିଷ୍ଠ ସମ୍ବନ୍ଧ ବିଦ୍ୟମାନ । ସ୍କନ୍ଦପୁରାଣର ଉତ୍କଳଖଣ୍ଡରେ ବର୍ଣ୍ଣିତ ହୋଇଅଛି ଯେ, ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ଯଜ୍ଞ ପ୍ରଭାବରେ **ଜ୍ୟେଷ୍ଠ ପୂର୍ଣ୍ଣିମା** ତିଥିରେ ଦାରୁବ୍ରହ୍ମ ରୂପରେ **ଶ୍ରୀଜଗନ୍ନାଥ ଦେବଙ୍କର ତୀର୍ଥରାଜ ନୀଳାଚଳ** କ୍ଷେତ୍ରରେ ପ୍ରଥମ ଆବିର୍ଭାବ **ଘଟିଥିଲା ।** ଏହି ତିଥି ହିଁ ଜଗନ୍ନାଥଦେବଙ୍କ ଜନ୍ମତିଥି । ଏହି ତିଥିରେ ପ୍ରତିବର୍ଷ ତାଙ୍କୁ ବଳରାମ ଓ ସୁଭଦ୍ରାଙ୍କ ସହିତ ମନ୍ଦିରରୁ ଆଣି ସ୍ନାନବେଦୀକାରେ ସ୍ଥାପନ କରାଯାଇ ମହାସ୍ନାନ କରାହୁଏ ଏବଂ ପରେ ଗଣେଶ-ବେଶରେ ସଜ୍ଜିତ କରାଯାଇଥାଏ ।

ଜଗନ୍ନାଥ ଓ ଗଣେଶ ବା ଗଣନାଥ ଅଭିନ୍ନ । ସେ ଜଗତର ନାଥ, ତେଣୁ **ଜଗନ୍ନାଥ**, ଏ ଜନଗଣଙ୍କର ଈଶ, ତେଣୁ ଗଣେଶ । ଏହି ସ୍ନାନ ହିଁ ଆତ୍ମଜ୍ଞାନ ଲାଭ କରିବାକୁ ଇଚ୍ଛା କରୁଥିବା ସାଧକଙ୍କର ଦୀକ୍ଷା ବା ଅଭିଷେକ ପରେ ନିର୍ଜ୍ଜନ ତପସ୍ୟା ଅର୍ଥାତ୍ ସେତେବେଳେ ସାଧକ ଅନ୍ତରର ରୁଦ୍ଧଦ୍ୱାରରେ ସାଧନନିରତ ରହନ୍ତି । ଜଗନ୍ନାଥଦେବ ସମଷ୍ଟି-ଜୀବଙ୍କର ଆତ୍ମସ୍ୱରୂପ । ପ୍ରତି ଜୀବ ଦେହରେ ଏହି ଆତ୍ମା ବିରାଜିତ । କିନ୍ତୁ ସେମାନଙ୍କର ଆତ୍ମଶକ୍ତି ସୁପ୍ତ ଥିବା ହେତୁ ସେମାନେ ତ୍ରିତାପ-ତାପରେ ତାପିତ ହୋଇ ଶାନ୍ତି ନିମିତ୍ତ ଗୃହତ୍ୟାଗ କରି ସଦ୍‌ଗୁରୁଙ୍କ ଆଶ୍ରିତ ହୁଅନ୍ତି । ସଦ୍‌ଗୁରୁ ତାଙ୍କୁ ଶାନ୍ତିଜଳରେ ଅଭିଷିକ୍ତ କରି ମୁକ୍ତିମନ୍ତ୍ରର ଦୀକ୍ଷା ପ୍ରଦାନ କରନ୍ତି । ଏହି ନିର୍ଜ୍ଜନ ସାଧନାରେ ଆତ୍ମସ୍ୱରୂପ ଜାଗ୍ରତ ହୋଇଉଠେ । ସେ ଦେହରଥରେ ପ୍ରକଟିତ ହୁଅନ୍ତି ।

ଭଗବାନ ନିଜେ ଆଚରଣ କରି ଜୀବମାନଙ୍କୁ ଶିକ୍ଷାଦାନ କରୁଛନ୍ତି । ସେ ନିଜେ ତୀର୍ଥଜଳରେ ସ୍ନାନକରି, ସାତ୍ତ୍ୱିକାହାର କରି ରୁଦ୍ଧଦ୍ୱାରରେ ଅବସ୍ଥାନପୂର୍ବକ ଶିକ୍ଷା ଦେଉଛନ୍ତି ଯେ, "ହେ ସାଧକ ! ତୁମେ ତୀର୍ଥରାଜ ଶ୍ରୀଗୁରୁଙ୍କ ଅମୃତମୟୀ ବାଣୀରେ ଅଭିଷିକ୍ତ ହୋଇ ନିର୍ଜ୍ଜନରେ ମହାଶକ୍ତି-ସାଧନାରେ ପ୍ରବୃତ୍ତ ହୁଅ । ଇନ୍ଦ୍ରିୟ ନିରୋଧ କରି ସାଧନା କର । ତେବେ ଯାଇ ତୁମର ଶୁଦ୍ଧ ଅନ୍ତରରେ ଆତ୍ମସ୍ୱରୂପ ଜାଗରିତ ହୋଇଉଠିବେ ।" ତେଣୁ କବି କହିଛନ୍ତି —

## ଥକାମନ

**ଥକାମନ ! କରିବା ଚାଲ ଦରଶନ**
ଗୁଣ୍ଡିଚା ଯାତରେ ରଥେ ବିଜୟେ କଳାବଦନ ॥୦॥
ଢାଳି ତୀର୍ଥ-ଉଦକ ବଢାଇ ଅଭିଷେକ ।
ଅନବସର ବାସ ବରି ସନ୍ନ୍ୟାସ ଭେକ
ଫଳମୂଳ ଭୋଜନେ, ନୀରବେ ରହେ ଦେଖ
ଥକାମନ,
ପାଳି ସେ ପକ୍ଷକ ଧିଆନ ॥୧॥
ମନ୍ଦିର ମୂଳାଧାର ତେଜି ହରି ବାହାର
ଶରୀର ରଥେ ବିଜେ ହେଜ ଏ ତଥ୍ୟ ସାର
ଦରଶନ କର ସେ ବାମନ ରୂପ ତା'ର
ଥକାମନ,
ପୁନର୍ଜ୍ଜନ୍ମର ନିବାରଣ ॥୨॥
ଅନ୍ତର ଶୁଦ୍ଧି ପାଇଁ ତୀର୍ଥନୀରେ ଗାଧୋଇ
ଧିଆନେ ରହ ତୁହି, ନିଶ୍ଚଳ-ମତି ହୋଇ
ଜଗତ ନାଥେ ଚାହିଁ, ଶିଖରେ ମନ ବାଇ ।
ଥକାମନ,
ସେବି ତୁ ଶ୍ରୀଗୁରୁ-ଚରଣ ॥୩॥

ତତ୍ପରେ ରଥଯାତ୍ରା ଆରମ୍ଭ ହୁଏ । ଅଭିଷିକ୍ତ ସ୍ନାନଜଳରେ ଧୌତ ହୋଇ ଦୀକ୍ଷା ଦ୍ୱାରା ଦିବ୍ୟଜ୍ଞାନ ଲାଭହେଲେ, ସାଧକ ଦେହରଥରେ ବାମନଙ୍କୁ ଦର୍ଶନ କରି ଧନ୍ୟ ହୁଅନ୍ତି । ଯେତେ ଦିନଯାଏ ଜୀବର ଅନ୍ତର୍ଦୃଷ୍ଟି ଉନ୍ମୀଳିତ ହୋଇନାହିଁ, ସେତେଦିନ ପର୍ଯ୍ୟନ୍ତ ମାନବ ପଶୁସଦୃଶ, ସେତେଦିନ ଯାଏ ବାହ୍ୟିକ ରଥରେ ପ୍ରତୀକ ଦର୍ଶନ କରିବାର ବିଧି, କିନ୍ତୁ ସଦ୍‌ଗୁରୁଙ୍କଠାରୁ ଦୀକ୍ଷାଭିଷେକ ଦ୍ୱାରା ଚିତ୍ତ ନିର୍ମଳ ଭାବ ଧାରଣ କଲେ, ସାଧକ **'ରଥେ ଚ ବାମନ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭ୍ୟତେ'** । ସେତେବେଳେ ସାଧକ ଏହି ଦେହରଥରେ ବାମନରୂପ ଦର୍ଶନ କରନ୍ତି, ତେଣୁ ଆଉ ତାଙ୍କର ପୁନର୍ଜନ୍ମ ଲାଭ ହୁଏ ନାହିଁ । ପୁନର୍ଜନ୍ମ ନିରୋଧ ହେବା ଅର୍ଥାତ୍ ଦେହ ଅନିତ୍ୟ ଓ ଦେହୀ ନିତ୍ୟ—ଏହି ବୋଧ ଜାଗ୍ରତ ହେବା ହିଁ **ଜନ୍ମରହିତ ଅବସ୍ଥା** । ଏହି ବିରାଟ ବିଶ୍ୱଜଗତ୍ ପୁରୁଷୋତ୍ତମଙ୍କର ଅଧିଷ୍ଠାନ କ୍ଷେତ୍ର, ପ୍ରତି **ଜୀବର ଦେହ ହିଁ ପୁରୀଧାମ** । ତାଙ୍କର ଅପର ନାମ ପୁରୁଷ । ସର୍ବଭୂତର ଦେହରଥରେ ପରମାତ୍ମାଙ୍କୁ ଦର୍ଶନ ଲାଭ କରିବାକୁ ପଡ଼ିବ । ସମସ୍ତ ଚଞ୍ଚଳତାର ଅନ୍ତରାଳରେ ସେହି ଅଚଞ୍ଚଳ ପୁରୁଷଙ୍କର ଦର୍ଶନଲାଭ କରିବାକୁ ପଡ଼ିବ । ତାହାହେଲେ ଯାଇ ଆମର ପ୍ରକୃତ ଜଗନ୍ନାଥ ଦର୍ଶନ ହେବ, **ସର୍ବଭୂତରେ ଭଗବଦ୍‌ଦର୍ଶନ ହିଁ ରଥ ମଧ୍ୟରେ ବାମନ ଦର୍ଶନ** । ସୁତରାଂ ପୁରୀର ରଥଯାତ୍ରା ଭିତରେ ଏହି ମହାନ୍ ବିଜ୍ଞାନ ନିହିତ ।

ଭଗବାନ୍ ଆମ ଦେହର ରଥ ଦ୍ୱାରା ଗୋଟିଏ ସ୍ଥାନରୁ ଅନ୍ୟତ୍ର ଗମନ କରନ୍ତି । ଆମେ ଯେପରି କୌଣସି ଉଦ୍ଦେଶ୍ୟ ସାଧନ ନିମିତ୍ତ ଯାନବାହନ ଆଶ୍ରୟ କରି ସେହି ସ୍ଥାନକୁ ଗମନ କରି କାର୍ଯ୍ୟ ଶେଷରେ ସ୍ୱ-ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥାଉଁ, ସେହିପରି ଭଗବାନ୍ ଏହି ଦେହରଥକୁ ଆଶ୍ରୟ କରି ସଂସାରକୁ ଆସି ସ୍ୱକାର୍ଯ୍ୟ ସାଧନ ପରେ ପୁନରାୟ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଜଗନ୍ନାଥଙ୍କ ମନ୍ଦିରରୁ ରଥ ବାହାରିବାର ଉଦ୍ଦେଶ୍ୟ ହେଲା ଯେ ମନ୍ଦିର ହେଉଛି ଚେତନାର ମୂଳପ୍ରାନ୍ତ । ଏହିଠାରୁ ଅର୍ଥାତ୍ ମୂଳାଧାରରୁ ସମସ୍ତ ଉତ୍ପତ୍ତି ହୋଇଅଛି ।

**''ଉତ୍କଳେ ବିମଳାକ୍ଷେତ୍ରେ ଜଗନ୍ନାଥ ହି ଅହଂ କଳୌ ।।''**

ଭଗବାନ୍ ଶିବ ପାର୍ବତୀଙ୍କୁ କହୁଛନ୍ତି, ''ମୁଁ କଳିଯୁଗରେ ଉତ୍କଳ ପ୍ରଦେଶ ବିମଳାକ୍ଷେତ୍ରରେ ସ୍ୱୟଂ ଜଗନ୍ନାଥ ।''

ଭଗବାନ ଚେତନାର ମୂଳପ୍ରାନ୍ତ ବା ମୂଳାଧାରରୁ ଜାତ ହୋଇ କ୍ରମେ ସହସ୍ରାର ବା ଭଗବାନଙ୍କ ସ୍ୱ-ସ୍ଥାନକୁ ଗମନ କରିଥା'ନ୍ତି । **ଶୁଦ୍ଧଚିତ୍ତ ହିଁ ବିମଳାକ୍ଷେତ୍ର ।** ଚେତନାର ମୂଳପ୍ରାନ୍ତରେ କୌଣସି ପ୍ରକାର ଗୋଳମାଳ ନ ଥାଏ । ଉତ୍ ଅର୍ଥ ଊର୍ଦ୍ଧ୍ୱ ପ୍ରଦେଶ ଅର୍ଥାତ୍ କୋଳାହଳର ଊର୍ଦ୍ଧ୍ୱରେ ଅବସ୍ଥିତ, ତେଣୁ ଉତ୍କଳ ଶାନ୍ତ, ଧୀର-ସ୍ଥିର ପ୍ରଦେଶ । ତେଣୁ ଚେତନାର ମୂଳପ୍ରାନ୍ତକୁ ଉତ୍କଳ ପ୍ରଦେଶ କୁହାଯାଏ । ଏଥିପାଇଁ ଏହି ଉତ୍କଳ ପ୍ରଦେଶର ବିମଳା କ୍ଷେତ୍ରରେ ଚେତନାର ମୂଳପ୍ରାନ୍ତ ସୁସ୍ଥିର ଆତ୍ମଚେତନାକୁ ଜଗନ୍ନାଥ ବୋଲି ଅଭିହିତ କରାଯାଇଅଛି । ଏହି ଆତ୍ମଚେତନା ଶ୍ରୀଗୁରୁଦେବଙ୍କ କୃପାଭିଷେକ ଜଳଦ୍ୱାରା ଅଭିସିଞ୍ଚିତ ହୋଇ ସ୍ୱସ୍ଥାନକୁ ଗତି କଲେ ରଥଯାତ୍ରା ଆରମ୍ଭ ହୁଏ ।

ସୃଷ୍ଟି ପୂର୍ବରୁ ବ୍ରହ୍ମ ଧୀର ସ୍ଥିର ନିଶ୍ଚଳ ଥିଲେ । ସୃଷ୍ଟି ଆରମ୍ଭ ହେଲା ମାତ୍ରେ ସେ ସଚଳ ହେଲେ । ମନ୍ତ୍ର— **"ରଥିନେ ଧ୍ୱଜିନେ ଚୈବ ଜଟିନେ ବ୍ରହ୍ମଚାରିଣେ ।।"**

ସମୁଦ୍ରମନ୍ଥନ ଜନିତ ବିଷରେ ଜର୍ଜରିତ ହୋଇ ବ୍ରହ୍ମା ଭଗବାନଙ୍କୁ ଉକ୍ତ ମନ୍ତ୍ରରେ ସ୍ତବ କରିଥିଲେ । ରଥ ଯାହାର ଅଛି ସେ ରଥୀ । ଯେଉଁ ସ୍ଥାନରେ ବ୍ରହ୍ମ ନିଶ୍ଚଳ, ତାହା ବ୍ରହ୍ମଙ୍କ କ୍ଷେତ୍ର । ପୃଥବୀମୂର୍ତ୍ତିରେ ବ୍ରହ୍ମ ବ୍ରହ୍ମଚାରୀ ବା ଗମନଶୀଳ । ଜୀବନସ୍ୱରୂପ ପ୍ରାପ୍ତି ବା ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ, ଜୀବର ଭ୍ରମଣଶୀଳତାର ଅବସାନ ଘଟିବ । ସମୁଦ୍ରଜଳରୁ ନଦୀର ସୃଷ୍ଟି ହୁଏ । ପୁନରାୟ ଉକ୍ତ ନଦୀର ଜଳ ସମୁଦ୍ରରେ ପତିତ ହେଲେ, ସୃଷ୍ଟି ପ୍ରବାହ ରକ୍ଷା ହେବ । ଏହି କାରଣରୁ ରଥଯାତ୍ରା ସହିତ ବାହୁଡାଯାତ୍ରା ସମ୍ପନ୍ନ ହୋଇଥାଏ ।

**ସୁଭଦ୍ରା ହେଲେ ଶକ୍ତିର ପ୍ରତୀକ ଏବଂ ବଳରାମ ହେଲେ ବଳର ପ୍ରତୀକ ।** ଚେତନାର ମୂଳପ୍ରାନ୍ତରେ ବା ମୂଳଧାରରେ ଶକ୍ତି ଓ ବଳ ଘୁମନ୍ତ ଅବସ୍ଥାରେ ଥା'ନ୍ତି । ସେଠାରେ ଏମାନଙ୍କର କୌଣସି କ୍ରିୟା ନ ଥାଏ । ଅର୍ଥାତ୍ ସେଠାରେ ଶକ୍ତିର କ୍ରିୟା ସୁପ୍ତ । ସେହି ଭଗବାନ ଯେତେବେଳେ ବାହାରକୁ ଆସିବା ନିମିତ୍ତ ବଳପ୍ରୟୋଗ କରନ୍ତି, ସେତେବେଳେ ସୁଭଦ୍ରା ଓ ବଳରାମଙ୍କର ବଳ ପ୍ରକାଶ ରୂପରେ ଦର୍ଶନ ମିଳେ । ସେହିପରି ସମସ୍ତ ଶକ୍ତି ଆମ ଅନ୍ତରରେ ସୁପ୍ତ ବା

ଅକ୍ଷୋଭ୍ୟା ହୋଇ ରହିଛନ୍ତି । ଯେଉଁଠାରେ ଶକ୍ତିବିକାଶର ପ୍ରୟୋଜନ ନାହିଁ, ସେଠାରେ ଶକ୍ତି ସୁପ୍ତା (Inactive and Inert) । ବଳ ଓ ଶକ୍ତି ପ୍ରକାଶ ନିମିତ୍ତ ଆବଶ୍ୟକ ହେଲେ, ତତକ୍ଷଣାତ୍ ଜଗନ୍ନାଥଙ୍କ ସହିତ ବଳ ଓ ଶକ୍ତି ସୁପ୍ତସିଂହ ପରି ଜାଗ୍ରତ ହୋଇଉଠନ୍ତି । ଜଗନ୍ନାଥଙ୍କ ବଳ ହିଁ ବଳଭଦ୍ର, ତାଙ୍କର ଶକ୍ତି ହିଁ ସୁଭଦ୍ରା । ଜଗନ୍ନାଥ ବଳ ଓ ଶକ୍ତି ବ୍ୟତୀତ ଅଗ୍ରସର ହୋଇପାରନ୍ତି ନାହିଁ । ବ୍ୟାଧି ଆମର ବଳ ହରଣ କଲେ, ଆମେ ଯେପରି ଚଳତ୍‌ଶକ୍ତିହୀନ ହୋଇଯାଉଁ, ସେହିପରି ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ବ୍ୟତୀତ ଅଚଳ । ମୂଳପ୍ରାନ୍ତସ୍ଥ ଜଗନ୍ନାଥକ୍ଷେତ୍ରକୁ **ବୃଷ୍ଟିଘ୍ନ କ୍ଷେତ୍ର** କୁହାଯାଏ । କାରଣ ଏଠାରେ ସମସ୍ତ ବର୍ଷଣ ସ୍ଥଗିତ । ତେଣୁ ବ୍ରହ୍ମା ବିଷ୍ଣୁଙ୍କୁ ସ୍ତବ କରି କହିଛନ୍ତି —

**"ବୃଷ୍ଟିଘ୍ନାୟ ନମସ୍ତୈବ ନମୋ ନମୋ ସୌମ୍ୟ ଈକ୍ଷଣାୟ ଚ ॥"**

ଚେତନାର ମୂଳ ପ୍ରାନ୍ତସ୍ଥ ଯେ ବୃଷ୍ଟିଘ୍ନ ସେହି ଚେତନାର ବହିଃପ୍ରାନ୍ତରେ ବର୍ଷଣ ଦ୍ୱାରା ସମସ୍ତ କର୍ମ ଆରମ୍ଭ ହୁଏ ।

ଅମାବାସ୍ୟା ହିଁ ଅବ୍ୟକ୍ତ କ୍ଷେତ୍ର । ଦ୍ୱିତୀୟାର ଚନ୍ଦ୍ରମା ଅର୍ଥାତ୍ ଏହା ହିଁ ଜୀବନର ସୁପ୍ରଭାତ । ଜଗନ୍ନାଥ ସୁଷୁମ୍ନା ପଥଦେଇ ସପ୍ତଲୋକ ଭେଦକରି ସାତ ଦିନଯାଏ ଅବସ୍ଥାନ ପରେ ସ୍ୱସ୍ଥାନକୁ ଗମନ କରନ୍ତି ଏବଂ ସେଠାରେ କାର୍ଯ୍ୟ ଶେଷକରି ପୁନରାୟ ଆତ୍ମଚେତନା ବିଲୋମ ଗତିରେ କିଭଳି ମୂଳାଧାରକୁ ଫେରିଆସି ସ୍ୱସ୍ଥାନରେ ଅବସ୍ଥାନ କରନ୍ତି, ସେହି କାରଣରୁ ଶ୍ରୀଶ୍ରୀଠାକୁର ଏହି 'ତାନ୍ତ୍ରିକଗୁରୁ' ଗ୍ରନ୍ଥରେ କୁଣ୍ଡଳିନୀର ସହସ୍ରାର ଗମନ ଓ ଅବତରଣ ପ୍ରକ୍ରିୟା ବ୍ୟକ୍ତ କରିଛନ୍ତି । ସୂକ୍ଷ୍ମସାଧନା ଯେ ସ୍ଥୂଳ ସାଧନାଠାରୁ ଶ୍ରେଷ୍ଠ, ତାହା ଶ୍ରୀଶ୍ରୀ ଠାକୁର ଏହି 'ତାନ୍ତ୍ରିକଗୁରୁ' ଗ୍ରନ୍ଥର 'କାଳୀସାଧନା' ଅଧ୍ୟାୟରେ ଲିପିବଦ୍ଧ କରିଛନ୍ତି ଏବଂ ଇଷ୍ଟଦେବୀଙ୍କୁ ଆତ୍ମାର ପ୍ରାଣସ୍ୱରୂପ ମନେକରି ଶ୍ରୀଗୁରୁଙ୍କ ଉପଦିଷ୍ଟ ପନ୍ଥାରେ ଗତି କଲେ, ସର୍ବାର୍ଥ ସିଦ୍ଧ ହୋଇପାରିବ—ତାହା ମଧ୍ୟ ଏହି ଗ୍ରନ୍ଥରେ ବର୍ଣ୍ଣନା କରିଛନ୍ତି । ସୂକ୍ଷ୍ମ-ସାଧକଙ୍କର ଅର୍ଥାତ୍ ଧ୍ୟାନ-ଯୋଗ-ପରାୟଣ ସାଧକଙ୍କର ଏହି ସାଧନାରେ ଅଗ୍ରସର ହେବାବେଳେ ବାହ୍ୟିକ ପୂଜାନ୍ୟାସ ପ୍ରଭୃତିର କିଛିମାତ୍ର ଆବଶ୍ୟକତା ହୁଏ ନାହିଁ, ଏହା ଶ୍ରୀଶ୍ରୀଠାକୁର ସ୍ପଷ୍ଟଭାବରେ ଉଲ୍ଲେଖ କରିଛନ୍ତି ।

ବର୍ତ୍ତମାନ ଯୁଗରେ କିଭଳି କ୍ରମରେ ସାଧକମାନେ ଗତି ଗଲେ, ସିଦ୍ଧ ମନୋରଥ ହୋଇପାରିବେ, ତାହାର ସୁସ୍ପଷ୍ଟ ପନ୍ଥା ମଧ୍ୟ ଶ୍ରୀଶ୍ରୀଠାକୁର ତାଙ୍କ ଶେଷ-ଗ୍ରନ୍ଥ 'ପ୍ରେମିକଗୁରୁ' ପୁସ୍ତକର ଉପସଂହାରରେ ଲିପିବଦ୍ଧ କରିଛନ୍ତି । ସେ ଲେଖିଛନ୍ତି —

''ପାଠକ, ପରଲୋକରେ ପରମାଗତି ଲାଭ ହୋଇପାରେ—ଏହା ଭାବି ନିଶ୍ଚିନ୍ତରେ କାଳ କ୍ଷୟ କରନାହିଁ । ବର୍ତ୍ତମାନ ହିନ୍ଦୁ ସମାଜରେ ଉପଯୁକ୍ତ ନେତାଙ୍କ ଅଭାବରୁ ଉଚ୍ଛୃଙ୍ଖଳତା ଓ ସ୍ୱେଚ୍ଛାଚାରିତା ଅତିମାତ୍ରାରେ ବୃଦ୍ଧି ପାଇଅଛି । ତେଣୁ ସାଧାରଣ ଲୋକେ ଉନ୍ମାର୍ଗଗାମୀ ହୋଇପଡିଛନ୍ତି । ସମାଜର ଅଧିକାଂଶ ଲୋକ ବିପଥଗାମୀ ଅଥଚ ସମସ୍ତେ ଶାସ୍ତ୍ରବେତ୍ତା, ଧର୍ମବକ୍ତା ଓ ଉପଦେଷ୍ଟା । ଏମାନେ ନିଜ ନିଜ ଶିକ୍ଷାଦୀକ୍ଷା ଅନୁସାରେ ଯାହାର ଯେଭଳି ସଂସ୍କାର ଓ ଧାରଣା, ସେହି ଅନୁସାରେ ଶାସ୍ତ୍ରର ବ୍ୟାଖ୍ୟା କରି ଧର୍ମଶିକ୍ଷା ଦେଉଛନ୍ତି । ଏଥିରେ ସେମାନେ ନିଜେ ପ୍ରତାରିତ ହେବା ସଙ୍ଗେ ସଙ୍ଗେ ଅପରାପର ବ୍ୟକ୍ତିମାନଙ୍କୁ ମଧ୍ୟ ବିପଥଗାମୀ କରାଉଛନ୍ତି ଏବଂ ଯେଉଁମାନେ ସମାଜର ନିମ୍ନ ସ୍ତରରେ ଅଛନ୍ତି, ସେମାନେ କେବଳ ଧର୍ମର ବାହ୍ୟିକ ଶୌଚାଚାରରେ ସମୟ ଅତିବାହିତ କରୁଛନ୍ତି । ଦିନକେ ତିନିଥର ସନ୍ଧ୍ୟା ଆହ୍ନିକର ଆଡ଼ମ୍ବର, ଅଥଚ ମିଥ୍ୟା ମୋକଦ୍ଦମା, ମିଥ୍ୟା ସାକ୍ଷ୍ୟ, ପରସ୍ୱାପହରଣ ଓ ପରଦାରାଗମନରେ ନିବୃତ୍ତି ନାହିଁ । ପୁଣି କେତେଜଣ ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ବ୍ୟକ୍ତି ହିନ୍ଦୁଧର୍ମର ''ସବୁ କୁସଂସ୍କାର'' ବୋଲି କହି ଧର୍ମ-କର୍ମକୁ ଘୃଣା ଦୃଷ୍ଟିରେ ଦେଖୁଛନ୍ତି । ଆଉ ଗୋଟିଏ ଶ୍ରେଣୀର ଲୋକ ନିଜକୁ ଅବତାର ବୋଲି ଘୋଷଣା କରି ସାଧାରଣରେ ପୂଜିତ ହେବା ଫଳରେ ସମାଜର ବିବିଧ ଅନିଷ୍ଟ ସାଧିତ ହେଉଅଛି । ଏମାନଙ୍କ ଦ୍ୱାରା ହିନ୍ଦୁ ସମାଜ ଖଣ୍ଡ ବିଖଣ୍ଡ ହୋଇପଡୁଛି ଏବଂ ପ୍ରକୃତ ସାଧୁଚରିତ ଅର୍ଥାତ୍ ସାଧୁ ମହାତ୍ମାମାନଙ୍କ ଜ୍ଞାନଭକ୍ତିର ଆଦର୍ଶ ସାଧାରଣ ଲୋକେ ଗ୍ରହଣ କରିପାରୁନାହାନ୍ତି ।

ବର୍ତ୍ତମାନ ଜନସାଧାରଣ କେଉଁ ବାଟରେ ଯିବେ ? କାହା କଥାରେ ବିଶ୍ୱାସ କରିବେ ? ବର୍ତ୍ତମାନ ଏପରି କ୍ଷେତ୍ରରେ କେବଳ ଈଶ୍ୱରପ୍ରଦତ୍ତ ମନୁଷ୍ୟତ୍ୱ ବା ବିଚାରବୁଦ୍ଧି ପ୍ରୟୋଗ ଆବଶ୍ୟକ । ଆମ ଦେହରଥରେ ବିବେକ ରୂପରେ ଭଗବାନ ଶ୍ରୀକୃଷ୍ଣ ବିରାଜିତ ରହି ସଂଶୟାକୁଳିତ ବିଷାଦମଗ୍ନ ଶିଷ୍ୟ ଏବଂ ସଖା ଅର୍ଜ୍ଜୁନରୂପୀ

ମନକୁ ନିୟତ ଗୀତାମୃତ ପାନ କରାଉଛନ୍ତି । ଅତଏବ, ବିବେକର ଶରଣାପନ୍ନ ହୋଇ ଜ୍ଞାନାଲାଭ କରିବାକୁ ହେବ । କିନ୍ତୁ ଯେଉଁମାନଙ୍କର ଚିତ୍ତଶୁଦ୍ଧି ହୋଇନାହିଁ, ସେମାନେ ମାୟାର ସମ୍ମୋହନ ମନ୍ତ୍ରରେ ମୁଗ୍ଧ । ତେଣୁ ସେମାନଙ୍କର ବିବେକର ଜାଗରଣ ନିମିତ୍ତ ଚିତ୍ତଶୁଦ୍ଧି ଲାଭ ଏକାନ୍ତ ପ୍ରୟୋଜନ । ଏଥିପାଇଁ ଋଷିମାନେ ପ୍ରଥମେ ବ୍ରହ୍ମଚର୍ଯ୍ୟାଶ୍ରମର ବ୍ୟବସ୍ଥା କରିଛନ୍ତି । ବ୍ରହ୍ମଚର୍ଯ୍ୟ ଅଭାବରୁ ସମାଜରେ ନାନାବିଧ ଦୁରବସ୍ଥା ଦେଖାଦେଇଛି । ପୂର୍ବକାଳରେ ଏହି ବ୍ରହ୍ମଚର୍ଯ୍ୟଆଶ୍ରମରେ କେବଳ ବ୍ରହ୍ମଚାରୀମାନେ ଶାସ୍ତ୍ରାଦି ପାଠ, ଜ୍ଞାନଲାଭ, ସଂଯମ ଓ ଶମଦମାଦି ଅଭ୍ୟାସ କରି ଚିତ୍ତଶୁଦ୍ଧି ଲାଭ କରୁଥିଲେ । ଚିତ୍ତଶୁଦ୍ଧି ନ ହେଲେ, କେବେହେଲେ କୌଣସି ଧର୍ମପଥରେ ଅଗ୍ରସର ହେବାର ଅଧିକାର ଲାଭ ହୁଏନାହିଁ । ଚରିତ୍ର ଗଠନ ପୂର୍ବକ ଚିତ୍ତଶୁଦ୍ଧିର ଆବଶ୍ୟକତା ସବୁ ଧର୍ମ ସମ୍ପ୍ରଦାୟଙ୍କ ଦ୍ୱାରା ଅନୁମୋଦିତ । ଚୋରି କର, ମିଥ୍ୟା କହ—ଏହା କାହାରି ଅଭିପ୍ରେତ ନୁହେଁ । ତେଣୁ ସମସ୍ତେ ସାଧନାର ସର୍ବପ୍ରଥମ ସୋପାନ ଚିତ୍ତଶୁଦ୍ଧିର ସାଧନା ଆରମ୍ଭ କରନ୍ତୁ । ସେଥିରେ ପ୍ରତାରିତ ହେବାର ଭୟ ନାହିଁ । ଦେଶ-କାଳ-ପାତ୍ର ଭେଦରେ ସାତ୍ତ୍ୱିକ ଆହାର ଓ ସାତ୍ତ୍ୱିକ ଚିନ୍ତାର ଅଭ୍ୟାସ କଲେ ସହଜରେ ଚିତ୍ତ ଶୁଦ୍ଧଭାବ ଧାରଣ କରିବ । ଏଥିରେ ଶରୀର ନୀରୋଗ ଓ ସୁସ୍ଥ ହେବା ସଙ୍ଗେ ସଙ୍ଗେ ବିଶ୍ୱାସ ଓ ଭକ୍ତି ହୃଦୟ ଅଧିକାର କରି ବସିବ । ଚିତ୍ତଶୁଦ୍ଧ ହେଲେ ଯାହାଙ୍କର ଯେଉଁ ମତରେ ବିଶ୍ୱାସ ହେବ, ତାଙ୍କର ତାହାହିଁ ଅବଲମ୍ବନ କରିବା ଏକାନ୍ତ କର୍ତ୍ତବ୍ୟ । ଅନ୍ୟର ମତ ଶ୍ରେଷ୍ଠ ଏବଂ ନିଜ ମତ ନିକୃଷ୍ଟ ଓ ମିଥ୍ୟା ଏବଂ କୁସଂସ୍କାରପୂର୍ଣ୍ଣ—ଏହା ଶୁଣିବା କ୍ଷଣି ବିଚଳିତ ହେବା ଉଚିତ ନୁହେଁ । ନିଜ ମତକୁ ଦୃଢ଼ ଭାବରେ ଧରି ରଖି ସେହି ମତର ପରିଣତି ଓ ପରିପୁଷ୍ଟି ନିମିତ୍ତ ଚେଷ୍ଟା କରିବା ଦରକାର । କାରଣ କୌଣସି ମତ ନିରର୍ଥକ ନୁହେଁ । ଯେତେବେଳେ ଜନସାଧାରଣ ବିଭିନ୍ନ ପ୍ରକୃତିର, ସେତେବେଳେ ସେମାନଙ୍କ ମତରେ ବୈଷମ୍ୟ ରହିବା ଅବଶ୍ୟମ୍ଭାବୀ । କିନ୍ତୁ କୌଣସି ମତର ନିନ୍ଦା ନ କରି କିମ୍ବା ସବୁ ମତପଥରେ ଗମନ ନ କରି ସତୀନାରୀଙ୍କ ପରି ସ୍ୱଧର୍ମନିଷ୍ଠ ହୋଇ ରହିବା ବିଧେୟ । ଜନ୍ମ ଜନ୍ମାନ୍ତରର ସଂସ୍କାର ଓ ରୁଚି ଅନୁଯାୟୀ ଯେ କୌଣସି ଗୋଟିଏ ପନ୍ଥା ଅବଲମ୍ବନ କରି ଚଳିବା ଦରକାର । ବିଶ୍ୱାସ ଦୃଢ଼, ଭାବ ପୁଷ୍ଟ ଓ ଲକ୍ଷ୍ୟ ସ୍ଥିର ହେବା ପରେ ତଦନୁରୂପ ସାଧନ-ପ୍ରଣାଳୀ ଅବଲମ୍ବନ କରିବା ଆବଶ୍ୟକ । ତାଙ୍କୁ ପାଇବା ପାଇଁ ଯେତେବେଳେ

ମନ ବ୍ୟାକୁଳ ହେବ, ସେତେବେଳେ ସେହି ଇଷ୍ଟବସ୍ତୁରେ ମନ ତନ୍ମୟ ହୋଇ ତତ୍ତ୍ୱଜ୍ଞାନ ପ୍ରକାଶ ପାଇବ । ସେତେବେଳେ ସାଧକ ଆତ୍ମସ୍ୱରୂପ ଲାଭ କରି ମୁକ୍ତିପଦରେ ଅବସ୍ଥାନ କରିବେ ।

ମୁକ୍ତିଲାଭ ନିମିତ୍ତ ଜଣେ ମୁକ୍ତବ୍ୟକ୍ତିଙ୍କର ସାହାଯ୍ୟ ବିଶେଷ ଆବଶ୍ୟକ । ହିନ୍ଦୁ ଶାସ୍ତ୍ରରେ ତାଙ୍କୁ ହିଁ ଗୁରୁ କୁହାଯାଏ । ତାଙ୍କ କୃପା ହେଲେ ସାଧକ ମୁକ୍ତି ପଥରେ ଅଗ୍ରସର ହୋଇପାରିବେ । ଶ୍ରୀଗୁରୁ ଶିଷ୍ୟମାନଙ୍କଠାରେ ଆଧାତ୍ମିକ ଶକ୍ତି ସଂଚାର ନ କଲେ ଆଧାତ୍ମ ଜ୍ଞାନଲାଭ କେବେହେଲେ ସମ୍ଭବପର ହେବନାହିଁ । ତେଣୁ ଶ୍ରୀଗୁରୁଙ୍କ ଆବଶ୍ୟକତା ବିଶେଷ ଭାବରେ ଅନୁଭବ କରିବା ଦରକାର । ଯେ, **ଆତ୍ମ ସ୍ୱରୂପ ଲାଭ କରିଛନ୍ତି, ତାଙ୍କୁହିଁ ଗୁରୁ କୁହାଯାଏ,** ଅନ୍ୟଥା ଅନ୍ୟ କାହା ନିକଟକୁ ଗଲେ ଶ୍ରୀଗୁରୁଙ୍କ ଅଭାବ ପୂରଣ ହେବନାହିଁ । ଶ୍ରୀଗୁରୁଦେବଙ୍କ ଦର୍ଶନ ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା କଲେ ଶ୍ରୀଗୁରୁଙ୍କର ଦର୍ଶନ ମିଳିଥାଏ । ସଦ୍‌ଗୁରୁ ଲାଭ ହେଲେ ତାଙ୍କ ଚରଣରେ ସମସ୍ତ ସମର୍ପଣ କରି ତାଙ୍କରି ଆଦେଶରେ ପରିଚାଳିତ ହେଲେ, ସର୍ବାର୍ଥ ସିଦ୍ଧ ହେବ ।

''ପାଠକ ! ମୋର ପ୍ରକାଶିତ ପୁସ୍ତକ 'ବ୍ରହ୍ମଚର୍ଯ୍ୟସାଧନ', 'ଯୋଗୀଗୁରୁ' 'ଜ୍ଞାନୀଗୁରୁ', 'ତାନ୍ତ୍ରିକ ଗୁରୁ' ଓ 'ପ୍ରେମିକଗୁରୁ'—**ଏହି ପାଞ୍ଚ ଖଣ୍ଡି ପୁସ୍ତକ ହିନ୍ଦୁଶାସ୍ତ୍ରର ସାରଗ୍ରନ୍ଥ ।** ହିନ୍ଦୁଶାସ୍ତ୍ରମନ୍ଥନରେ ଏହି ସୁଧାର ଉଦ୍ଭବ ହୋଇଅଛି । ଏହି ସୁଧାପାନରେ ମରଜଗତରେ ମାନବ ଅମରତ୍ୱ ଲାଭ କରିପାରିବ । ବ୍ରହ୍ମଚର୍ଯ୍ୟସାଧନ ନିୟମରେ ଚଳିଲେ କ୍ରମେ କ୍ରମେ ଚିତ୍ତଶୁଦ୍ଧି ଲାଭ ହେବ । ତତ୍ପରେ 'ଯୋଗୀଗୁରୁ' ଗ୍ରନ୍ଥବର୍ଣ୍ଣିତ ଆସନମୁଦ୍ରା, ପ୍ରାଣାୟାମ ଓ କ୍ଷୁଦ୍ର କ୍ଷୁଦ୍ର ସାଧନାଦି ଅଭ୍ୟାସ କରିବ । ତାହା ସହିତ ଆତ୍ମଜ୍ଞାନ ଆଲୋଚନା ନିମିତ୍ତ 'ଜ୍ଞାନୀଗୁରୁ' ଗ୍ରନ୍ଥ ବର୍ଣ୍ଣିତ ତତ୍ତ୍ୱବିଚାର କରିବ। ଏହା ପରେ ଜୀବନର ଚରମ ଲକ୍ଷ୍ୟ ନିର୍ଦ୍ଧାରିତ ହେଲେ, ସ୍ଥୂଳଭାବରେ 'ତାନ୍ତ୍ରିକଗୁରୁ' ଗ୍ରନ୍ଥୋକ୍ତ କର୍ମାନୁଷ୍ଠାନ କିମ୍ବା ସୂକ୍ଷ୍ମଭାବରେ ଯୋଗୀଗୁରୁ, ଜ୍ଞାନୀଗୁରୁ ଗ୍ରନ୍ଥ ବର୍ଣ୍ଣିତ ଯୋଗସାଧନ କରି ଲକ୍ଷ୍ୟବସ୍ତୁ ଉପଲବ୍ଧି କରିବ । ତାହାପରେ 'ପ୍ରେମିକଗୁରୁ' ବର୍ଣ୍ଣିତ ପ୍ରେମଭକ୍ତିର ଅମୃତ ପ୍ରବାହରେ ଭାସିଯାଇ ଚିରଦିନ ପାଇଁ ଇଷ୍ଟବସ୍ତୁରେ ମଗ୍ନ ହୋଇ ନିର୍ବାଣମୁକ୍ତି ଲାଭ କରି ଧନ୍ୟ ହେବ ।''

ପରିଶେଷରେ ଶ୍ରୀଶ୍ରୀଠାକୁର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ନିବେଦନ କରିଛନ୍ତି, "ଆପଣମାନେ ପ୍ରଥମେ ଗୃହର ଭିତ୍ତି ତ୍ୟାଗକରି ଛାତ ନିର୍ମାଣ ପାଇଁ ବ୍ୟସ୍ତ ହେଉଛନ୍ତି କାହିଁକି ? ଧର୍ମ ଓ ସମାଜ ଥିଲେ ସିନା ତାହାର ସଂସ୍କାର କରିବେ । ବର୍ତ୍ତମାନ ତ ପିତାପୁତ୍ର ମଧ୍ୟରେ, ଭାଇ-ଭାଇ ଭିତରେ, ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିଭିନ୍ନ ସମାଜ ଓ ବିଭିନ୍ନ ଧର୍ମ ଦେଖାଦେଇଛି । ଏପରି ଅବସ୍ଥାରେ ସଂସ୍କାର କରିବ କ'ଣ ? ପ୍ରଥମେ ଏକତା-ବନ୍ଧନରେ ସମାଜ ସ୍ଥାପନ କର । ପରେ ଦୋଷ ଦେଖିଲେ ସଂସ୍କାର କରିବ । ପ୍ରଥମେ ନିଜେ ଧର୍ମ ଲାଭ କର, ପରେ ଧର୍ମ ପ୍ରଚାର କରିବାକୁ ଅଗ୍ରସର ହେବ ।"

ତନ୍ତ୍ର ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର ବହୁ ଉପଦେଶ ଦେଇ ସମସ୍ତଙ୍କୁ ମହାଶକ୍ତି ସାଧନାରେ ପ୍ରବୃତ୍ତ ହେବାକୁ କିଭଳି ଉଦ୍‌ବୁଦ୍ଧ କରିଛନ୍ତି, ତାହା ପାଠକମାନେ ତାଙ୍କ ସ୍ୱହସ୍ତଲିଖିତ ପୁସ୍ତକାବଳୀ ପାଠ କଲେ ହୃଦୟଙ୍ଗମ କରିପାରିବେ । ସେ କହିଛନ୍ତି, "ଆମ ଭିତରେ ଭଗବାନ ସୁପ୍ତ, କିନ୍ତୁ **ଗୁରୁ ସଦା ଜାଗ୍ରତ** । ତେଣୁ ସୁପ୍ତଶକ୍ତିର ଉଦ୍‌ବୋଧନ କଲେ, ମାନବ ପରମାତ୍ମାଙ୍କର ସନ୍ଧାନ ଲାଭ କରି ଧନ୍ୟ ହେବ । ତନ୍ତ୍ର ମାୟାଶକ୍ତି ବିଷୟରେ ବିଶେଷ ଆଲୋଚନା କରିଅଛନ୍ତି, କାରଣ ମାୟାକୁ ତ୍ୟାଗ କଲେ ଚଳିବ ନାହିଁ । ମାୟାକୁ ଜାଣିବାକୁ ହେବ । ଏହି ମାୟା ହିଁ ଶକ୍ତି । ଏହି ମାୟାକୁ ଯେ ଜାଣନ୍ତି, ତାଙ୍କୁ କହନ୍ତି ବ୍ରହ୍ମ । ଜୀବ ମାୟା ବା ଗୁଣ ଦ୍ୱାରା ଆବୃତ ଥିବାରୁ ତାହା ଉପଲବ୍ଧି କରିପାରୁନାହିଁ । ଗୁଣ ବିଷୟରେ ଜ୍ଞାନ ହେଲେ ସମସ୍ତେ ସ୍ୱରୂପ ଲାଭ କରିପାରିବେ । ଅଧିକାଂଶ ସ୍ଥଳରେ ଜ୍ଞାନର ସାଧନପଥ ଯୋଗ ଓ ଭକ୍ତିର ସାଧନପଥ ତନ୍ତ୍ର । ତେଣୁ ସଗୁଣ ବ୍ରହ୍ମ ବିଷୟରେ ଜ୍ଞାନ ହେଲେ, ଜୀବର ପୂର୍ଣ୍ଣତ୍ୱ ପ୍ରାପ୍ତି ହେବ । ସଗୁଣକୁ ପରିତ୍ୟାଗ କରି ପୂର୍ଣ୍ଣଜ୍ଞାନ ଲାଭ ହୋଇପାରିବ ନାହିଁ । ସେହି କାରଣରୁ ଏହି ସଗୁଣବ୍ରହ୍ମ ବା ମହାଶକ୍ତିଙ୍କ ସ୍ଥୂଳ ସୂକ୍ଷ୍ମ ସାଧନା ଏହି ପୁସ୍ତକରେ ଶ୍ରୀଶ୍ରୀଠାକୁର ବିଶେଷ ଭାବରେ ବ୍ୟକ୍ତ କରିଛନ୍ତି ।

ଦକ୍ଷଯଜ୍ଞର ପୌରାଣିକ କାହାଣୀରେ ମଧ୍ୟ ଏହି ଶକ୍ତିତତ୍ତ୍ୱର ସାଧନା ବିଶେଷଭାବରେ ବର୍ଣ୍ଣିତ ଅଛି । ଅହଙ୍କାରୀ କର୍ମଚଞ୍ଚଳ ମନ ହିଁ **ଦକ୍ଷ**, ଶକ୍ତି ତାଙ୍କର କନ୍ୟା । ଏହାକୁ **ଅପରାପ୍ରକୃତି** କହନ୍ତି । ଏହି ଶକ୍ତି ବା ଅପରାପ୍ରକୃତି ଦ୍ୱାରା ଯେଉଁ

ଶିବ ଆବିଷ୍ଟ, ତାଙ୍କୁ କହନ୍ତି ଜୀବ ବା ଘୋର ସଂସାରୀ । ସେହିମାନେ ହିଁ ଶାକ୍ତ । ଯେ କର୍ମର ବିସ୍ତାର ଦ୍ୱାରା କାଳକୁ ଅତିକ୍ରମ କରିବାକୁ ଇଚ୍ଛା କରନ୍ତି, ତାଙ୍କୁ ଦକ୍ଷ କୁହାଯାଏ । କର୍ମାତୀତ ଭୂମିରେ ପ୍ରତିଷ୍ଠିତ ରହି ଯେଉଁ କର୍ମ କରାଯାଏ, ତାହା ଯେ ପ୍ରକୃତ ଶାନ୍ତିଲାଭର ପଥ; ସେମାନେ ତାହା ସ୍ୱୀକାର କରନ୍ତି ନାହିଁ । ବର୍ତ୍ତମାନ ସଭ୍ୟତା ମଧ୍ୟ ଏହି ଭାବନା ଉପରେ ପ୍ରତିଷ୍ଠିତ । କାରଣ ବର୍ତ୍ତମାନର କର୍ମଚଞ୍ଚଳ ମାନବ ନିଜର କର୍ମଶକ୍ତି ଦ୍ୱାରା ସମସ୍ତ ଏପରି କି ଶକ୍ତିମାନଙ୍କୁ ମଧ୍ୟ ଆୟତ୍ତ କରିବାକୁ ଉଦ୍ୟତ, ମାତ୍ର କର୍ମାତୀତ ଅବସ୍ଥା ବ୍ୟତୀତ ଶକ୍ତିକୁ ଆୟତ୍ତ କରିବା ଯେ ଏକାନ୍ତ ଅସମ୍ଭବ, ତାହା ସେମାନେ ଏ ପର୍ଯ୍ୟନ୍ତ ହୃଦୟଙ୍ଗମ କରି ପାରିନାହାନ୍ତି ।

ଦକ୍ଷକନ୍ୟା ସତୀ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ଶିବଙ୍କୁ ବରଣ କରିବାରୁ ଦକ୍ଷ ଶିବହୀନ ଯଜ୍ଞର ଆୟୋଜନ କଲେ, ଅର୍ଥାତ୍ ଜଗତ୍‌ବ୍ୟାପୀ କର୍ମ ଦ୍ୱାରା ଶିବଙ୍କୁ ଅଭିଭୂତ କରି ଶକ୍ତିଲାଭ କରିବାକୁ ଇଚ୍ଛା କଲେ । କିନ୍ତୁ ଶିବହୀନ ଯଜ୍ଞରେ ଈଶ୍ୱର ଶକ୍ତି ଦେବାକୁ ଇଚ୍ଛୁକ ନୁହନ୍ତି । ଶିବଙ୍କ ବାରଣ ନ ମାନି ଶକ୍ତି ଦକ୍ଷଯଜ୍ଞକୁ ଗମନ କଲେ । କାରଣ କର୍ମ କଲେ ହିଁ ଶକ୍ତି ଲାଭ ହୋଇଥାଏ । ଆକର୍ଷଣୀ ଶକ୍ତି ନିକଟରେ ବିକର୍ଷଣୀ ଶକ୍ତି ପରାଭୂତ ହେଲା । ଶିବହୀନ ଯଜ୍ଞରେ ସତୀ ପତି-ନିନ୍ଦା ସହ୍ୟ କରି ନ ପାରି ପ୍ରାଣତ୍ୟାଗ କଲେ ଅର୍ଥାତ୍ ଈଶ୍ୱରବିହୀନ କର୍ମରେ ଶକ୍ତି ଆସିଲେ ମଧ୍ୟ ସେ ଶକ୍ତି ନଷ୍ଟ ହୋଇଯାଏ । ସତୀ ପ୍ରାଣତ୍ୟାଗ କରି କର୍ମର ଅଧୀନ ହୋଇ ସୂକ୍ଷ୍ମ ରୂପରେ ମୂଳାଧାର ଚକ୍ରରେ କୁଣ୍ଡଳିନୀ ଅବସ୍ଥାରେ ମହାନିଦ୍ରାଭିଭୂତା ହେଲେ । ଦକ୍ଷଯଜ୍ଞ ପଣ୍ଡ ହେଲା । ପୁଣି ଏହି ସତୀ କର୍ମସନ୍ନ୍ୟାସରେ ଅଚଞ୍ଚଳ, ନିର୍ବିକାର ହିମାଚଳତନୟା ଗୌରୀ ରୂପରେ ଜନ୍ମ ଗ୍ରହଣ କଲେ । ଏହି ଗୌରୀ ପରା-ପ୍ରକୃତି । ଏହା ପରେ ଜୀବର ଜାଗରଣ ଆରମ୍ଭ ହେଲା । ଅବିକ୍ଷୁବ୍ଧ କର୍ମସନ୍ନ୍ୟାସୀ ହିମାଚଳ ଗୌରୀଙ୍କୁ ସ୍ୱେଚ୍ଛାରେ ପରମେଶ୍ୱରଙ୍କୁ ସମର୍ପଣ କରିବା ଫଳରେ କର୍ମଶକ୍ତି ତପସ୍ୟା ଆକାର ଧାରଣ କଲା । ତେଣୁ ହିମାଚଳ ତପସ୍ୱୀ, ଉମା ତପସ୍ୱିନୀ ଏବଂ ହର ମଧ୍ୟ ମହାସମାଧିସ୍ଥ । କୁଣ୍ଡଳିନୀର ଅପର ନାମ ତଟସ୍ଥା ଶକ୍ତି । ତାଙ୍କର ଦୁଇଟି ମୁଖ । ଗୋଟିଏ ପ୍ରାନ୍ତରେ କର୍ମ-ଚାଞ୍ଚଲ୍ୟ ଦକ୍ଷର ଆକର୍ଷଣ, ଅପର ପ୍ରାନ୍ତରେ ଶକ୍ତିଦ୍ୱାରା ଆବିଷ୍ଟ ଶିବଙ୍କର ବିକର୍ଷଣ । ଫଳରେ ଶକ୍ତିର ଜଡ଼ତ୍ୱପ୍ରାପ୍ତି ବା କୁଣ୍ଡଳିନୀର ବହିର୍ମୁଖୀ ଜାଗରଣ ଅବସ୍ଥା । ପୁଣି ହିମାଚଳ ଗୃହରେ ତଟସ୍ଥା ଶକ୍ତିଙ୍କର

ଗୌରୀ ରୂପରେ ଆବିର୍ଭାବ । ଗୋଟିଏ ଦିଗରେ କର୍ମଯୋଗୀ ହିମାଚଳ ଏବଂ ଅପର ପ୍ରାନ୍ତରେ ମହାଯୋଗେଶ୍ୱର ହର । ଯେଉଁଠାରେ ଏହିଭଳି ସଂଯୋଗ ସେଠାରେ କୁଣ୍ଡଳିନୀର ଚିତ୍‌ଶକ୍ତିର ଜାଗରଣ । ତେଣୁ ଶକ୍ତିର ସମ୍ୟକ୍‌ସ୍ଫୂର୍ତ୍ତି, ଅର୍ଥାତ୍ ଆଧ୍ୟାତ୍ମଜଗତରେ ମହା-ଜାଗରଣ—ଏହା ହିଁ ନିବୃତ୍ତିପଥର ଆଦର୍ଶ ।

ବେଦ ବ୍ରହ୍ମଙ୍କୁ ସତ୍-ଚିତ୍-ଆନନ୍ଦ ସ୍ୱରୂପ ବୋଲି ନିରୂପଣ କରିଛନ୍ତି ଏବଂ ତନ୍ତ୍ର କହିଛନ୍ତି, ମହାଶକ୍ତି ସଚ୍ଚିଦାନନ୍ଦସ୍ୱରୂପିଣୀ । ଶକ୍ତି ଓ ଶକ୍ତିମାନ୍ ଅଭେଦ । ତେଣୁ ତାନ୍ତ୍ରିକଙ୍କର ମହାଶକ୍ତି ନିର୍ଗୁଣ ଦଶାରେ ତ୍ରିଗୁଣାତୀତା । ପୁଣି ସଗୁଣ ଅବସ୍ଥାରେ ତ୍ରିଗୁଣମୟୀ ମୂର୍ତ୍ତିରେ ଅନନ୍ତ ଜଗଦାକାରରେ ପ୍ରକଟିତ । ପ୍ରଥମା ମହାବିଦ୍ୟା କାଳୀ, ତାଙ୍କର ସତ୍‌ମୂର୍ତ୍ତି । ତାରା ଚିତ୍‌ମୂର୍ତ୍ତି ଏବଂ ଷୋଡ଼ଶୀ ଆନନ୍ଦ ମୂର୍ତ୍ତି । କାଳୀ ଅନନ୍ତ କାଳ ଶକ୍ତି, ତାରା ଅନନ୍ତ ଦେଶ ଶକ୍ତି (Time and Space): ତେଣୁ ଅନନ୍ତ ଦେଶଶକ୍ତିବ୍ୟାପ୍ତି ଦେବୀ ତାରା ଚୈତନ୍ୟ ସ୍ୱରୂପିଣୀ । ତେଣୁ ତାରା ଆକାଶବତ୍ । କାଳ-କାର୍ଯ୍ୟ ସ୍ୱରୂପିଣୀ ସ୍ୱରୂପ ଏବଂ ଦେଶ ଅବିକ୍ଷୁବ୍‌ଧ ସ୍ଥୈର୍ଯ୍ୟର ସ୍ୱରୂପ, ଅତଏବ **କାରଣ ତତ୍ତ୍ୱ** । ତେଣୁ ଜଗତରେ **କାର୍ଯ୍ୟ-ଅବସ୍ଥା କାଳୀ** ଏବଂ **କାରଣ-ଅବସ୍ଥା ତାରା** । ଏଥିପାଇଁ କାଳୀଙ୍କ ଗଳାରେ ଲମ୍ବିତ ମୁଣ୍ଡମାଳାରୁ ଜୀବନର ଚିହ୍ନ ସ୍ୱରୂପ ରୁଧିରଧାରା କ୍ଷରିତ ହେଉଅଛି ଏବଂ ତାରାଦେବୀଙ୍କ ଗଳାରେ ବିଲୁପ୍ତରୁଧିର ନରକପାଳର ମାଳା । ଏହି କାରଣରୁ କାଳୀଙ୍କ ହସ୍ତରେ ସଦ୍ୟ-ଛିନ୍ନ ନରମୁଣ୍ଡ ଏବଂ ତାରାଦେବୀଙ୍କ ହସ୍ତରେ ନରକପାଳ । ଉଭୟଙ୍କ ଗଳାରେ ଅନନ୍ତ ବ୍ରହ୍ମାଣ୍ଡର ପ୍ରତୀକ ସ୍ୱରୂପ ମୁଣ୍ଡମାଳା ଦୋଳାୟମାନ । ଏହି ମୁଣ୍ଡମାଳା ସୃଷ୍ଟି-ବୀଜରୂପ ନାଦ-ଅଭିବ୍ୟକ୍ତ ପଞ୍ଚାଶତ୍ ମାତୃକାବର୍ଣ୍ଣ ।

କାଳୀଙ୍କର କଟୀଦେଶରେ ନରହସ୍ତର କଞ୍ଚୁଲୀ, ଏହା କର୍ମମୟ ଜଗତର ପ୍ରତିରୂପ ବା ବ୍ୟକ୍ତାବସ୍ଥା । କିନ୍ତୁ ତାରାଦେବୀଙ୍କ କଟୀଦେଶରେ ବ୍ୟାଘ୍ରଚର୍ମର ଆବରଣ, ଏହା କର୍ମ-ବିରତି ବା ମରଣର ପ୍ରତିରୂପ ଅବ୍ୟକ୍ତାବସ୍ଥା । କାଳୀଙ୍କ ଚତୁର୍ଦ୍ଦିଗରେ ଶବଭୋଜୀ ଶିବା ଅର୍ଥାତ୍ ଏହା ମରଣଲାଞ୍ଛିତ ସଂସାର ଶ୍ମଶାନର ବ୍ୟକ୍ତଚିତ୍ର । କିନ୍ତୁ ତାରାଦେବୀଙ୍କ ଚତୁର୍ଦ୍ଦିଗରେ ଚିତାଗ୍ନି ପ୍ରଜ୍ୱଳିତ, ଅର୍ଥାତ୍ ଏହା ବୈରାଗ୍ୟର ଦୀପ୍ତବହ୍ନି ପ୍ରଜ୍ୱଳିତ । ତେଣୁ କାଳୀଦେବୀ ବାହ୍ୟିକ ଭାବର ପ୍ରତୀକ ଏବଂ ତାରାଦେବୀ ଅନ୍ତର ଭାବର ଅଭିବ୍ୟକ୍ତି । ଉଭୟେ ସଂହାର ରୂପିଣୀ ।

ଉଭୟଙ୍କ ହସ୍ତରେ ସଂଯୋଗ-ବିୟୋଗର ପ୍ରହରଣ ଖଡ୍‌ଗ ଶୋଭମାନ । ସାଧକମାନଙ୍କୁ ଅଭୟ ପ୍ରଦାନ କରିବା ନିମିତ୍ତ କାଳୀଙ୍କ ହସ୍ତରେ ବର ଓ ଅଭୟ ମୁଦ୍ରା ଏବଂ ତାରା ଦେବୀଙ୍କ ହସ୍ତରେ ସୁନୀଳ ଲୀଳାପଦ୍ମ ବିରାଜିତ ।

କାଳୀ, ତାରାଙ୍କ ପରେ ଦେବୀଙ୍କର ରାଜରାଜେଶ୍ୱରୀ ମୂର୍ତ୍ତି, ଏହା ମା'ଙ୍କ ଆନନ୍ଦ ପ୍ରତିମା । ଏହି ଶକ୍ତି ଜଗତର ନିମିତ୍ତ-କାରଣ । ଦେଶ ଓ କାଳ୍ ଶକ୍ତିରୁ ଉତ୍ପନ୍ନ ।

ଉପରୋକ୍ତ ଶକ୍ତି-ତତ୍ତ୍ୱର ବିଭିନ୍ନ ସାଧନପ୍ରଣାଳୀ ଶ୍ରୀଶ୍ରୀ ଠାକୁର ଏହି ଗ୍ରନ୍ଥରେ ବିଶେଷ ଭାବରେ ବ୍ୟକ୍ତ କରିଛନ୍ତି । ଯେଉଁମାନଙ୍କର ଏହି ଚିତ୍-ଶକ୍ତିର ଜାଗରଣ ହୋଇ ସାରିଛି, ସେମାନଙ୍କ ଅନ୍ତରରେ କାମ, କ୍ରୋଧ ଓ ଲୋଭ ନ ଥାଏ । ସେମାନଙ୍କୁ ଭଗବତ୍ ପ୍ରସଙ୍ଗ ବ୍ୟତୀତ ଅନ୍ୟ ପ୍ରସଙ୍ଗ ସୁଖକର ବୋଧ ହୁଏନାହିଁ । ସେମାନଙ୍କର ଚିତ୍ତ ସାତ୍ତ୍ୱିକ ଭାବରେ ପରିପୂର୍ଣ୍ଣ ଥାଏ । ମା' ନିତ୍ୟ ଚୈତନ୍ୟରୂପିଣୀ । ସେ ସର୍ବଦା ଜାଗରିତା ଅଛନ୍ତି, କିନ୍ତୁ ଜୀବାତ୍ମା ନିଦ୍ରାଭିଭୂତ । ତେଣୁ କୁଣ୍ଡଳିନୀ ଷଟ୍‌ଚକ୍ର ଭେଦ କରି ଊର୍ଦ୍ଧ୍ୱଗାମୀ ହେବାକ୍ଷଣି ଜୀବ ଜ୍ଞାନ ଲାଭକରି ଧନ୍ୟ ହୁଏ । କିଭଳି କୁଣ୍ଡଳିନୀ ଷଟ୍‌ଚକ୍ର ଭେଦକରି ପରମ ଶିବଙ୍କ ସହିତ ସମ୍ମିଳିତ ହୋଇପାରିବେ, ତାହାର ସାଧନପ୍ରଣାଳୀ ମଧ୍ୟ ଏହି ଗ୍ରନ୍ଥରେ ଶ୍ରୀଶ୍ରୀଠାକୁର ଆଲୋଚନା କରିଛନ୍ତି ।

କୁଣ୍ଡଳିନୀକୁ ସହସ୍ରାରରେ ମିଳନ କରାଇପାରିଲେ, ସାଧନାର ଚରମ ଅବସ୍ଥା ଲାଭ ହୋଇଥାଏ । ଏହି ଅବସ୍ଥାରେ ସାଧକଙ୍କର ଅଧିକାର ଅନୁଯାୟୀ ଭଗବତ୍ ଦର୍ଶନ ଲାଭ ହୁଏ । ଏହି ମହାଶକ୍ତି ଅନନ୍ତ ଜୀବଜଗତ୍ ସୃଷ୍ଟି କରି ସାକ୍ଷୀ ରୂପରେ ତାହା ଉପଲବ୍‌ଧି କରୁଛନ୍ତି, କିନ୍ତୁ ସୃଷ୍ଟ ବସ୍ତୁରେ ସେ ତୃପ୍ତ ହୋଇପାରୁ ନାହାନ୍ତି । ତେଣୁ ନିର୍ଗୁଣବୋଧର ଚେତା ଶିବଙ୍କର ସେ ଅନୁରାଗିଣୀ, ଶିବଙ୍କୁ ସୁଖୀ କରିବା ନିମିତ୍ତ ତାଙ୍କର ସମସ୍ତ ଆୟୋଜନ । ଏହି ଶିବ ହିଁ ଜଗତର ଗୁରୁ । ମହାଶକ୍ତି ପୁରୁଷ ଓ ନାରୀ ରୂପରେ ଜଗତରେ ବିକଶିତ ହୋଇଛନ୍ତି ।

ରାଧାକୃଷ୍ଣ ତତ୍ତ୍ୱ ମଧ୍ୟ କିଭଳି ଶକ୍ତିତତ୍ତ୍ୱ, ସେ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର ଲେଖିଛନ୍ତି —

"ହରଗୌରୀ ଜ୍ଞାନମୟ ଓ ରାଧାକୃଷ୍ଣ ଭାବମୟ ମୂର୍ତ୍ତି, ତେଣୁ ହର ରାଧା, ଗୌରୀ କୃଷ୍ଣ, ହର ସମ୍ବୋଧନରେ ହରେ । ଶିବ ନିର୍ଗୁଣ, ଶକ୍ତି କର୍ମମୟ । ତେଣୁ ଶିବଙ୍କ ନିକଟରେ ଗୌରୀ ଏବଂ ରାଧାଙ୍କ ନିକଟରେ ଶ୍ରୀକୃଷ୍ଣ ଯୋଡ଼ ହସ୍ତରେ ଦଣ୍ଡାୟମାନ । ମା' ସଗୁଣ, ପିତା ନିର୍ଗୁଣ । ଗୌରୀ ସଗୁଣ ମହାଶକ୍ତି, ହର ନିର୍ଗୁଣ ପ୍ରେମର ଭାବ । ସଚ୍ଚିଦାନନ୍ଦ ରୂପିଣୀ ମା' ହିଁ ଶ୍ରୀକୃଷ୍ଣ । ଏହି ମା' ବା **ମହାଶକ୍ତିଙ୍କର ହ୍ଲାଦିନୀ ଶକ୍ତି ହିଁ ରାଧା** । ଜ୍ଞାନ ସହିତ ସମ୍ମିଳିତ କରି ସେ ମୂର୍ତ୍ତିର ଆରାଧନା କଲେ, ସହଜରେ ଫଳ ଲାଭ ହୁଏ । ତନ୍ତ୍ରଶାସ୍ତ୍ରରେ ବୀଜମନ୍ତ୍ର ମଧ୍ୟରେ ଏହି ଯୁଗଳ ଭାବ ନିହିତ । ହରି ଏବଂ ହ୍ରୀଂ ମୂଳତଃ ଏକ । ହ (ଶିବ) + ର (ମିଳନ) + ଇ + (ଶକ୍ତି) = ହରି । ପୁଣି ହ (ଶିବ) + ର (ମିଳନ) +ଈ (ଶକ୍ତି) = ହ୍ରୀ + ଂ (ନାଦବିନ୍ଦୁ) = ହ୍ରୀଂ । ତେଣୁ ହରିନାମ ମଧ୍ୟ ଶକ୍ତିସାଧନାର ବୀଜମନ୍ତ୍ର ।"

ସାଧକମାନେ ପ୍ରଥମେ ପଶୁତ୍ୱ ପରିତ୍ୟାଗ କରି ମନୁଷ୍ୟତ୍ୱ ଲାଭ କରିବାକୁ ଚେଷ୍ଟା କରିବା ବିଧେୟ । ତାହାପରେ ଈଶ୍ୱରତ୍ୱ ଓ ଶେଷରେ ବ୍ରହ୍ମତ୍ୱ ଲାଭ ହିଁ **ମାନବ ଜୀବନର ଉଦ୍ଦେଶ୍ୟ** । ଯେଉଁ ମହାପୁରୁଷ ଏହି ଭାବରେ ସିଦ୍ଧିଲାଭ କରିଛନ୍ତି, ତାଙ୍କ ସହିତ ଭଗବାନଙ୍କର କୌଣସି ପ୍ରଭେଦ ନାହିଁ । ଯାହାଙ୍କଠାରେ ଏହି ଚତୁର୍ବିଧ ଆଦର୍ଶ ପ୍ରତିଷ୍ଠିତ, ତାଙ୍କୁ ହିଁ ଆଦର୍ଶ କରି ଜୀବନ ଗଠନ କରିବା ପ୍ରତ୍ୟେକ ସାଧକଙ୍କର ଏକାନ୍ତ କର୍ତ୍ତବ୍ୟ ।*

କେହି ଯଦି ଭାବିପାରନ୍ତି ଯେ, ସ୍ୱାଭାବିକ ଧର୍ମବଳରେ ଯେତେବେଳେ ସମସ୍ତେ ଦିନେ କ୍ରମୋନ୍ନତି ପଥରେ ଉନ୍ନୀତ ହୋଇପାରିବେ, ସେଭଳି କ୍ଷେତ୍ରରେ ସ୍ୱତନ୍ତ୍ର ଚେଷ୍ଟା ବା ସାଧନାର ପ୍ରୟୋଜନ କ'ଣ ? ଦିନେ ପ୍ରାକୃତିକ ନିୟମରେ ସମସ୍ତେ ଉନ୍ନତିର ଚରମସୀମାରେ ଉପନୀତ ହେବେ ସତ୍ୟ, ମାତ୍ର ସେଥିପାଇଁ ଯେ କେତେ ଯୁଗ, କେତେ କଳ୍ପ କଟିଯିବ, କେତେ ଶତ ଶତ ଦେହ କାଳକବଳରେ ଲୀନ ହୋଇଯିବ, ଏଥିରେ ନିଶ୍ଚୟତା ନାହିଁ । କିନ୍ତୁ ମାନବ ଇଚ୍ଛା କଲେ, ଗୁରୁକୃପା ବଳରେ ଏହି ଜୀବନରେ ମଧ୍ୟ ଉନ୍ନତିର ଚରମ ସୀମାରେ ଉପନୀତ ହୋଇପାରିବ । ଭଗବାନ ଦୟାପୂର୍ବକ ମାନବକୁ ଏହି ଆତ୍ମଶକ୍ତି ପ୍ରଦାନ କରି ତାଙ୍କ ପ୍ରିୟ ସୃଷ୍ଟିର ଶ୍ରେଷ୍ଠ ଜୀବ ରୂପରେ ଗଠନ କରିଛନ୍ତି । ତେଣୁ ପ୍ରତ୍ୟେକେ

* ୧୩୩୫ ସାଲ 'ଆର୍ଯ୍ୟଦର୍ପଣ' ଦ୍ରଷ୍ଟବ୍ୟ ।

ଧର୍ମଜ୍ଞାନ ଅର୍ଜନ ପୂର୍ବକ ମହାଶକ୍ତି ସାଧନରେ ତତ୍ପର ହେବାକୁ ଶ୍ରୀଶ୍ରୀଠାକୁର ବାରମ୍ବାର ଅନୁରୋଧ କରିଛନ୍ତି ।

ଆତ୍ମଶକ୍ତିର ଉଦ୍‌ବୋଧନ ନିମିତ୍ତ ଯେପରି ଗୁରୁକୃପାର ପ୍ରୟୋଜନ, ଗୁରୁକୃପା ଲାଭ ନିମିତ୍ତ ସେହିପରି ଚିତ୍ତଶୁଦ୍ଧି ସାଧନର ଆବଶ୍ୟକ । ଶ୍ରୀଗୁରୁ ନିଜ ଶକ୍ତି ଓ କୃପାବଳରେ ସାଧକଶିଷ୍ୟମାନଙ୍କର ଆତ୍ମଶକ୍ତି ଜାଗରଣ କରାଇ ଦେଇପାରନ୍ତି ସତ୍ୟ, କିନ୍ତୁ ବାଧାବିଘ୍ନ ନିବାରଣ କରି ଗନ୍ତବ୍ୟ ପଥକୁ ସୁଗମ କରିବା ନିମିତ୍ତ ସାଧନାର ଏକାନ୍ତ ପ୍ରୟୋଜନ । ସମସ୍ତେ ଏକଥା ସ୍ୱୀକାର କରି ମହାଶକ୍ତିସାଧନ ପଥରେ ଅଗ୍ରସର ହେବା ନିମିତ୍ତ ସଦାଜାଗ୍ରତ ଶ୍ରୀଗୁରୁଙ୍କ ଶରଣ ଗ୍ରହଣ କରିବା ବିଧେୟ ।

**'ତାନ୍ତ୍ରିକଗୁରୁ' ସାରସ୍ୱତ ଗ୍ରନ୍ଥାବଳୀର ଚତୁର୍ଥ ଅବଦାନ** । ଏଥି ପୂର୍ବରୁ ଶ୍ରୀଶ୍ରୀଠାକୁରଙ୍କ ସ୍ୱ-ହସ୍ତଲିଖିତ 'ବ୍ରହ୍ମଚର୍ଯ୍ୟ ସାଧନ' 'ଯୋଗୀଗୁରୁ', 'ଜ୍ଞାନୀଗୁରୁ' ଗ୍ରନ୍ଥମାନ ଉତ୍କଳ ଭାଷାରେ ଅନୂଦିତ ହୋଇଛି । ତାଙ୍କରି ଅହେତୁକୀ କୃପାରୁ 'ତାନ୍ତ୍ରିକଗୁରୁ' ଗ୍ରନ୍ଥ ପ୍ରକାଶିତ ହେଲା । ପାଠକମାନଙ୍କ ଦୃଷ୍ଟି ଏଥିପ୍ରତି ଆକୃଷ୍ଟ ହେଲେ ଅନ୍ୟାନ୍ୟ ଗ୍ରନ୍ଥ ଉତ୍କଳ ଭାଷାରେ ଅନୁବାଦ କରି ପ୍ରକାଶ କରିବାର ଆଶା ରଖି ଏତିକିରେ ଗ୍ରନ୍ଥର ସୂଚନା ଶେଷ କରୁଅଛୁଁ ।

ସାରସ୍ୱତ ମଠର ଟ୍ରଷ୍ଟିମାନେ ଶ୍ରୀଶ୍ରୀଠାକୁରଙ୍କ ପ୍ରଣୀତ 'ସାରସ୍ୱତ ଗ୍ରନ୍ଥାବଳୀ'ର ପୁସ୍ତକଗୁଡ଼ିକୁ ଓଡ଼ିଆ ଭାଷାରେ ଅନୁବାଦ କରି ପ୍ରକାଶ କରିବାକୁ ଅନୁମତି ପ୍ରଦାନ କରିଥିବାରୁ ଆମେମାନେ ସେମାନଙ୍କ ନିକଟରେ ଚିରଋଣୀ ।

ଅବଶେଷରେ ସତ୍ୟବାଦୀ ପ୍ରେସ୍‌ର କର୍ମକର୍ତ୍ତାମାନେ ଯେଭଳି ଭାବରେ ଗ୍ରନ୍ଥ ପ୍ରକାଶନରେ ସହାୟତା କରିଛନ୍ତି, ତାହା ମଧ୍ୟ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ସେମାନଙ୍କ ସାହାଯ୍ୟ, ସହାନୁଭୂତି, ଉତ୍ସାହ ପ୍ରାପ୍ତ ହୋଇ ନ ଥିଲେ ଆମେମାନେ ନିରୂପିତ ସମୟ ମଧ୍ୟରେ ଏହି ଗ୍ରନ୍ଥ ପ୍ରକାଶ କରିବାକୁ ସକ୍ଷମ ହୋଇପାରି ନଥାନ୍ତୁ । ପରମାରାଧ୍ୟ ଗୁରୁଦେବଙ୍କ ଶ୍ରୀଚରଣରେ ସେମାନଙ୍କ ଉନ୍ନତି ନିମିତ୍ତ ପ୍ରାର୍ଥନା କରିବା ବ୍ୟତୀତ ଆମର ଅନ୍ୟ ସମ୍ବଳ କିଛି ନାହିଁ । ନିରୂପିତ ସମୟ ମଧ୍ୟରେ ଗ୍ରନ୍ଥ ପ୍ରକାଶ କରିବାକୁ ଯିବା ଫଳରେ ଭୁଲ୍‌ଭ୍ରାନ୍ତି ରହିବା

ସ୍ୱାଭାବିକ । ପାଠକମାନେ ଦୋଷାଂଶ ପରିତ୍ୟାଗ କରି ସ୍ୱଧର୍ମ ପ୍ରତିପାଳନରେ ବ୍ରତୀ ହେଲେ, ଶ୍ରମ ସାର୍ଥକ ମନେ କରିବୁ । ପାଠକମାନଙ୍କୁ ନିବେଦନ, ସଦ୍‌ଗୁରୁ ମହାପୁରୁଷମାନେ ସ୍ଥୂଳ ଓ ସୂକ୍ଷ୍ମ ଉଭୟ ଭାବରେ ଏହି ଜଗତରେ ନିତ୍ୟ-ବର୍ତ୍ତମାନ । ସାଧକମାନଙ୍କର ପ୍ରୟୋଜନ ଅନୁଯାୟୀ ସଦ୍‌ଗୁରୁ ଠାକୁର ସ୍ଥୂଳ, ସୂକ୍ଷ୍ମ ଉଭୟ ରୂପ ଧାରଣ କରିପାରନ୍ତି । ଯେଉଁମାନେ ଇହଜଗତରେ ସଦ୍‌ଗୁରୁଙ୍କୁ ଲାଭ କରିବା ନିମିତ୍ତ ଏକାନ୍ତ ଇଚ୍ଛୁକ, ସେମାନେ ତାଙ୍କ ପ୍ରଦର୍ଶିତ ପନ୍ଥାରେ ଗତି କରି ତାଙ୍କରି ଶ୍ରୀମୁଖନିଃସୃତ ସିଦ୍ଧମନ୍ତ୍ର ଗ୍ରହଣପୂର୍ବକ ଆତ୍ମସମାହିତ ହୋଇପାରିଲେ, ତାଙ୍କୁ ଅନ୍ତରରେ ଓ ବାହାରେ ଲାଭ କରି ଧନ୍ୟ ହୋଇପାରିବେ । ସାଧକମାନେ ତାଙ୍କ ନାମସାଧନାରେ ସିଦ୍ଧ ମନୋରଥ ହେଲେ ସେମାନଙ୍କ ନିକଟରେ ସ୍ଥୂଳ-ସୂକ୍ଷ୍ମର ବ୍ୟବଧାନ ସହଜରେ ଅନ୍ତର୍ହିତ ହୋଇଯିବ ଏବଂ ସେମାନେ ଇହକାଳରେ ପରକାଳ ତତ୍ତ୍ୱ ଉପଲବ୍ଧି କରି ଧନ୍ୟ ହେବେ ।

ପରିଶେଷରେ ଦେଶବାସୀ ସେହି ମହାପୁରୁଷଙ୍କ ବାକ୍ୟରେ ଦୃଢ଼ ବିଶ୍ୱାସ ସ୍ଥାପନ ପୂର୍ବକ ତାଙ୍କରି ଧ୍ୟାନ, ତାଙ୍କ ନାମଜପରେ ତନ୍ମୟ ହୋଇ ତାଙ୍କ ଶ୍ରୀଚରଣରେ ଆତ୍ମସମର୍ପଣପୂର୍ବକ ତାଙ୍କରି ମୂର୍ତ୍ତି ନିକଟରେ ସବବେତ ଭାବରେ ପ୍ରାର୍ଥନାନିରତ ହୋଇ ତାଙ୍କ କୃପା ଆକର୍ଷଣ କରନ୍ତୁ—ଏହା ହିଁ ଆମର ଐକାନ୍ତିକ ପ୍ରାର୍ଥନା ।

"ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତିଃ ପୂଜାମୂଳଂ ଗୁରୋଃପଦଂ ।
ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ ମୋକ୍ଷମୂଳଂ ଗୁରୋଃ କୃପା ।।"

**ଜୟଗୁରୁ**

ମହାଷ୍ଟମୀ
ତା୧୦।୧୦।୧୯୬୭

**ସମ୍ପାଦକ**
*ଶ୍ରୀ ଦୁର୍ଗାଚରଣ ମହାନ୍ତି*

***

# ଓଁ ତତ୍‌ସତ୍

# ଉତ୍ସର୍ଗ-ପତ୍ର

ଗରବିଣୀ ମା' ମୋର !

ତୋର ପରଲୋକ-ପ୍ରୟାଣକାଳରେ ତୁ ମୋତେ ଜଗଜ୍ଜନନୀଙ୍କ କୋଳରେ ସମର୍ପି ଦେଇ ଯାଇଥିଲୁ, ସେ ମୋତେ ତାଙ୍କର ମଙ୍ଗଳମୟ ଅଙ୍କରେ କିଭଳି କୋଳାଇ ରଖିଛନ୍ତି, ତାହାର ନିଦର୍ଶନ ସ୍ୱରୂପ ଏହି କ୍ଷୁଦ୍ର ପୁସ୍ତକଖଣ୍ଡିକ ତୋର ସୁରଙ୍ଗ ଚରଣଯୁଗଳରେ ନିବେଦନ କରୁଅଛି ।

ଜନନି ! ଜଗଜ୍ଜନନୀଙ୍କ କୋଳରେ ବସି ଜାଣିପାରିଛି ଯେ, ତୁମମାନଙ୍କର ତ୍ରିମୂର୍ତ୍ତି ହିଁ ତାଙ୍କରି ଭିନ୍ନ ଭିନ୍ନ ଭାବର ବିକାଶମାତ୍ର । ମୂଳରେ ତୁମେମାନେ ଅଭିନ୍ନା । ତେଣୁ ଡାକୁଛି ମା', ତୋତେ ଆଉ ଶିଶୁର ଭାର ନେବାରେ ଡରିବାକୁ ହେବନାହିଁ, ଏଥର ମୁଁ ତୋର ଭାର ନେବି । ବୁକୁ ଭିତରେ ତୋତେ ରଖି ସବୁବେଳେ ଜଗି ରହି ପହରା ଦେଉଥିବି । ଆସ ମା' ଗୌରି ! ମୋର ମନୋମୟୀ ଦେବି ! ପ୍ରକାଶିତ ହୁଅ, ମୁଁ ଥରେ ସେହି ରୂପକୁ ପ୍ରତ୍ୟକ୍ଷ କରେଁ, ମୋ ସାଧନାର ଆଶ ମେଣ୍ଟାଇ ଦିଅ ମା' । ମୋ ଅନ୍ତର-ମନ୍ଦିରରେ ପ୍ରକାଶିତ ହୁଅ । ମୁଁ ତୋତେ ପ୍ରାଣେ ପ୍ରାଣେ ଉପଲବ୍ଧି କରେ । ପ୍ରେମମୟି ! ମନୋମୟୀ କନ୍ୟାଟି ପରି ମୋ ହୃଦୟଆସନରେ ଉପବେଶନ କରି ନିତ୍ୟ ନୃତ୍ୟ କର । ମୁଁ ପାଗଳଙ୍କ ପରି ଆତ୍ମହରା ହୋଇ ତୋତେ ଦେଖେ । ଏହି ଅଳି ଭିନ୍ନ ବ୍ରହ୍ମପଦ ମଧ୍ୟ ମୋ ନିକଟରେ ଗୋଗୋଷ୍ପ-ଲଉଡ଼ି ସଦୃଶ ହେୟ । ତେଣୁ ମା' ପୁଣି ତୋତେ ଡାକି କହୁଛି-

''ପଲକର ଲାଗି ହୃଦୟେ ବସି ମୋ, ହସି ପଦେ କଥା କହ ।''

ଆସ ମା' ଗୌରି ! ମୋ ଉପହାର ଗ୍ରହଣ କର ।

ତୋର ଅଲିଅଳ ସନ୍ତାନ

**ନଳିନୀକାନ୍ତ**

## ଗ୍ରନ୍ଥକାରଙ୍କ ବକ୍ତବ୍ୟ

"ସୃଷ୍ଟ୍ୱାଽଖିଳଂ ଜଗଦିଦଂ ସଦସତ୍‌ସ୍ୱରୂପଂ
ଶକ୍ତ୍ୟା ସ୍ୱୟା ତ୍ରିଗୁଣୟା ପରିପାତି ବିଶ୍ୱଂ ।
ସଂହୃତ୍ୟ କଳ୍ପସମୟେ ରମତେ ତଥୈକା
ତାଂ ସର୍ବବିଶ୍ୱଜନନୀଂ ମନସା ସ୍ମରାମି ।।"

ଯାହାଙ୍କଠାରୁ ଏହି ଜଗତ ସୃଷ୍ଟ ହୋଇଅଛି, ଯାହାଙ୍କୁ ଅବଲମ୍ବନ କରି ଅବସ୍ଥିତି କରୁଅଛି ଏବଂ କଳ୍ପାନ୍ତରେ ଯାହାଙ୍କଠାରେ ଏହି ଜଗତ ଉପସଂହୃତ ହେବ, ସେହି ବ୍ରହ୍ମା-ବିଷ୍ଣୁ-ଶିବାରାଧ୍ୟା ବିନ୍ଧ୍ୟାଦ୍ରିନିଳୟା ମହାମାୟାଙ୍କ କୃପାରେ ତାଙ୍କରି କୃପାଲବ୍ଧ **'ତାନ୍ତ୍ରିକଗୁରୁ'** ଆଜି ସାଧାରଣଙ୍କ ହସ୍ତରେ ପରମ ଆଦର ସହ ଅର୍ପଣ କରୁଅଛି ।

ଆମ ଦେଶରେ ତନ୍ତ୍ରଶାସ୍ତ୍ରର ପ୍ରଭାବ ଖୁବ୍ ଅଧିକ । ଶାକ୍ତ, ଶୈବ, ବୈଷ୍ଣବ ପ୍ରଭୃତି ସାକାର ଉପାସକମାନେ ତନ୍ତ୍ରଶାସ୍ତ୍ର ମତାନୁସାରେ ଦୀକ୍ଷା ଗ୍ରହଣ କରିଥା'ନ୍ତି । ଜପ, ପୂଜା, ଯଜ୍ଞାଦିର ଅଧିକାଂଶ ଭାଗ ତନ୍ତ୍ରୋକ୍ତ ମତରେ ଅନୁଷ୍ଠିତ ହୋଇଥାଏ । ତନ୍ତ୍ରୋକ୍ତ ଉପାସନା ହିଁ କଳିକାଳରେ ପ୍ରଶସ୍ତ ଓ ଆଶୁଫଳପ୍ରଦ, ଯଥା —

"କୃତେ ଶ୍ରୁତ୍ୟୁକ୍ତମାର୍ଗଃ ସ୍ୟାତ୍ ତ୍ରେତାୟାଂ ସ୍ମୃତିସମ୍ଭବଃ ।
ଦ୍ୱାପରେ ତୁ ପୁରାଣୋକ୍ତଃ କଳାବାଗମସମ୍ମତଃ ।।"

ସତ୍ୟଯୁଗରେ ବେଦ ଅନୁସାରେ, ତ୍ରେତାଯୁଗରେ ସ୍ମୃତି ଅନୁସାରେ, ଦ୍ୱାପରରେ ପୁରାଣ ଅନୁସାରେ ଏବଂ କଳିଯୁଗରେ ତନ୍ତ୍ରୋକ୍ତ ବିଧି ଅନୁସାରେ କ୍ରିୟା ସମ୍ପନ୍ନ କରିବାକୁ ହୁଏ । ଅତଏବ କଳିଯୁଗରେ ତନ୍ତ୍ରମାର୍ଗ ବ୍ୟତୀତ ଅନ୍ୟାନ୍ୟ ମାର୍ଗ ପ୍ରଶସ୍ତ ନୁହେଁ । ଉପରୋକ୍ତ ଶାସ୍ତ୍ରବଚନ ଅବଲମ୍ବନରେ ହିଁ ବୋଧହୁଏ ତନ୍ତ୍ରଶାସ୍ତ୍ର ଆମ ଦେଶରେ ଏତେ ପ୍ରଭାବ ବିସ୍ତାର କରିଅଛି ଏବଂ ତନ୍ତ୍ରଶାସ୍ତ୍ର ଅନୁସାରେ ସନ୍ଧ୍ୟା, ଆହ୍ନିକ, ତପ, ଜପ, ପୂଜାଦି ଏ ଦେଶରେ ଅନୁଷ୍ଠିତ ହେଉଅଛି । କିନ୍ତୁ ଦୁଃଖର ବିଷୟ, ଆମ ଦେଶରେ ତନ୍ତ୍ରଶାସ୍ତ୍ର ପ୍ରାଧାନ୍ୟ ଲାଭ କଲେ ମଧ୍ୟ ବର୍ତ୍ତମାନ କାଳରେ ତନ୍ତ୍ରଜ୍ଞ ଗୁରୁ ଅତୀବ ବିରଳ । କାରଣ ପାଣ୍ଡିତ୍ୟ ଓ ବୁଦ୍ଧି ବଳରେ କାହାରି ହେଲେ ତନ୍ତ୍ରଶାସ୍ତ୍ର ବୁଝିବାର ବା ବୁଝାଇବାର କ୍ଷମତା ଲାଭ ହୁଏ ନାହିଁ । ପ୍ରକୃତପକ୍ଷରେ ଶ୍ରୀଗୁରୁଙ୍କ ଶ୍ରୀମୁଖରୁ ଉପଦେଶ ପ୍ରାପ୍ତ ନ ହେଲେ

ତନ୍ତ୍ରଶାସ୍ତ୍ରର ପ୍ରକୃତ ଅର୍ଥବୋଧ ଓ ମର୍ମ ଗ୍ରହଣ କରିବାର ଶକ୍ତି କାହାରି ହେଲେ ନାହିଁ । ସୁତରାଂ ଏଭଳି ପ୍ରତ୍ୟକ୍ଷ ଫଳପ୍ରଦ ଶାସ୍ତ୍ର-ପ୍ରଦର୍ଶିତ ପନ୍ଥାରେ ଦୀକ୍ଷା ଗ୍ରହଣ ଓ କ୍ରିୟାକଳାପ ଅନୁଷ୍ଠାନ କରି ମଧ୍ୟ କେହି ଫଳଲାଭରେ ସକ୍ଷମ ହୁଅନ୍ତି ନାହିଁ । କାରଣ, ତନ୍ତ୍ରଜ୍ଞ ଗୁରୁଙ୍କ ଅଭାବରେ କ୍ରିୟାକଳାପ ଯଥାରୀତି ଅନୁଷ୍ଠିତ ହୋଇପାରେ ନାହିଁ । ଉପରୋକ୍ତ କାରଣରୁ ବହୁ ବ୍ୟକ୍ତି ଶାସ୍ତ୍ରଗ୍ରନ୍ଥକୁ ଅସ୍ୱୀକାର କରିଥା'ନ୍ତି । ଦେଶର ଏଭଳି ଦୁରବସ୍ଥା ଦର୍ଶନ କରି ମୋର ପରିଚିତ କତିପୟ ସାଧନ-ପିପାସୁ ଶିକ୍ଷିତ ବ୍ୟକ୍ତି ମୋ ଲିଖିତ 'ଜ୍ଞାନୀଗୁରୁ' 'ଯୋଗୀଗୁରୁ' ଭଳି ତନ୍ତ୍ରଶାସ୍ତ୍ର-ସମ୍ବନ୍ଧୀୟ ଖଣ୍ଡିଏ ପୁସ୍ତକ ପ୍ରକାଶ କରିବାକୁ ମୋତେ ଅନୁରୋଧ କଲେ । ସେମାନଙ୍କ ଉତ୍ସାହରେ ପ୍ରୋତ୍ସାହିତ ହୋଇ ମୁଁ ଏହି ଗ୍ରନ୍ଥ ପ୍ରକାଶରେ ସାହସୀ ହୋଇଅଛି । ସେ ଦିଗରେ ମୁଁ କେତେ ଦୂର କୃତକାର୍ଯ୍ୟ ହୋଇପାରିଛି, ତାହା ସୁଧୀ-ସାଧକମାନେ ବିବେଚନା କରିବେ ।

ଆମ ଦେଶରେ ବହୁ ପ୍ରକାରର ତନ୍ତ୍ରଶାସ୍ତ୍ର ପ୍ରଚଳିତ ଅଛି । ମୁଁ କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ଗ୍ରନ୍ଥର ଅନୁସରଣ କରି ନାହିଁ । ମାନବର ଆଧ୍ୟାତ୍ମିକ ଉନ୍ନତିର ଉପାୟ ସ୍ୱରୂପ ଯେଉଁସବୁ କ୍ରିୟାକଳାପର ଏକାନ୍ତ ପ୍ରୟୋଜନ, ଶ୍ରୀଗୁରୁଙ୍କ ମୁଖରୁ ମୁଁ ଯାହା ଶିକ୍ଷା କରିଅଛି, ସେଥିମଧ୍ୟରୁ କିୟଦଂଶ ଅର୍ଥାତ୍ ସାଧାରଣଙ୍କ ନିକଟରେ ପ୍ରକାଶଯୋଗ୍ୟ ଏବଂ ସମସ୍ତଙ୍କର ସହଜସାଧ୍ୟ ଓ କରଣୀୟ ବିଷୟଗୁଡ଼ିକ ଯୁକ୍ତିର ସହିତ ଏହି ଗ୍ରନ୍ଥରେ ଲିପିବଦ୍ଧ କରିଅଛି ।

ତନ୍ତ୍ରଶାସ୍ତ୍ରଗୁଡ଼ିକ ଆର୍ଯ୍ୟଋଷିମାନଙ୍କର ଅଲୌକିକ ସୃଷ୍ଟି । ତନ୍ତ୍ରଶାସ୍ତ୍ରଗୁଡ଼ିକ ସମାହିତ ଚିତ୍ତରେ ପାଠ କଲେ, ବିସ୍ମିତ ଓ ସ୍ତମ୍ଭିତ ହେବାକୁ ପଡ଼େ । ଜ୍ଞାନୀମାନଙ୍କର କିମ୍ବା ଅଜ୍ଞାନୀମାନଙ୍କର ଯାହା କିଛି ପ୍ରୟୋଜନ, ସମସ୍ତ ହିଁ ତନ୍ତ୍ରଶାସ୍ତ୍ର ମଧ୍ୟରେ ପରିଦୃଷ୍ଟ ହୁଏ । ସେଗୁଡ଼ିକ ସାଧନଶାସ୍ତ୍ର । ଏହାକୁ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ପ୍ରବୃତ୍ତି ସାଧନ ଓ ନିବୃତ୍ତି ସାଧନ । ପ୍ରବୃତ୍ତିମାର୍ଗରେ ରୋଗାରୋଗ୍ୟ, ଗ୍ରହଶାନ୍ତି, ବାଜୀକରଣ, ରସାୟନ, ଦ୍ରବ୍ୟଗୁଣ, ଷଟ୍‌କର୍ମ (ମାରଣ, ସ୍ତମ୍ଭନ, ମୋହନ, ଉଚ୍ଚାଟନ, ବଶୀକରଣ ଓ ଆକର୍ଷଣ) ଏବଂ ଦେବ, ଦାନବ, ଭୂତ, ପ୍ରେତ, ପିଶାଚାଦିଙ୍କ ସାଧନପ୍ରଣାଳୀ ବିବୃତ ହୋଇଅଛି । ଅସଂଯତଚିତ୍ତ, ଅବିଦ୍ୟାବିମୋହିତ ମାନବ ସମାଜରେ ଅବିଦ୍ୟାର ସାଧନ ବ୍ୟକ୍ତ କରି ସାଧକମାନଙ୍କର ବିରକ୍ତି ଉତ୍ପାଦନ କରିବା ମୋର ଅଭିପ୍ରାୟ ନୁହେଁ । ନିବୃତ୍ତିମାର୍ଗର ସାଧନପ୍ରଣାଳୀ ହିଁ ମୋର ପ୍ରତିପାଦ୍ୟ ବିଷୟ । ନିତ୍ୟ ନୈମିତ୍ତିକ

କ୍ରିୟାବାନ୍ ସାଧକ ହିଁ ନିବୃତ୍ତିମାର୍ଗର ଅଧିକାରୀ । ବର୍ତ୍ତମାନ ମଧ୍ୟ ସମାଜରେ ନିତ୍ୟନୈମିତ୍ତିକ କ୍ରିୟାଦି ପ୍ରଚଳିତ ଅଛି । ତେଣୁ ସେସବୁ ବର୍ଣ୍ଣନା କରି ପୁସ୍ତକର କଳେବର ବୃଦ୍ଧି କରିବାକୁ ମୁଁ ଇଚ୍ଛୁକ ନୁହେଁ । କେବଳ ସାଧନାପଦ୍ଧତିଗୁଡ଼ିକ ମୁଁ ଏଥିରେ ପ୍ରକାଶ କରିବି । ଆଶା ଅଛି, ଏହି ଗ୍ରନ୍ଥୋକ୍ତ ସାଧନପ୍ରଣାଳୀସମ୍ମତ ସାଧନ ଅଭ୍ୟାସ କଲେ, ସାଧକମାନେ କ୍ରମେ ଆତ୍ମଜ୍ଞାନ ଲାଭ କରି ମାନବଜୀବନର ପୂର୍ଣ୍ଣତ୍ୱ ସାଧନ କରିପାରିବେ ।

ସାଧାରଣଙ୍କ ଅବଗତି ନିମିତ୍ତ ଓ ଗୃହସ୍ଥମାନଙ୍କର ନିତ୍ୟ-ପ୍ରୟୋଜନୀୟ ପ୍ରବୃତ୍ତିମାର୍ଗର ଦୁଇ ଚାରିଗୋଟି ସାଧନପ୍ରଣାଳୀ ପରିଶିଷ୍ଟ ଭାବରେ ପ୍ରକାଶିତ ହେଲା । ସାଧନା କରି ଶାସ୍ତ୍ରବାକ୍ୟର ସତ୍ୟତା ଉପଲବ୍ଧି କରିବାକୁ ହେବ ।

ଏହି ପୁସ୍ତକଖଣ୍ଡିକୁ ମୁଁ ତିନି ଭାଗରେ ବିଭକ୍ତ କରିଅଛି । ପ୍ରଥମ ଭାଗରେ ତନ୍ତ୍ର ଓ ତନ୍ତ୍ରୋକ୍ତ ସାଧନାଦିର ଯୁକ୍ତି, ଦ୍ୱିତୀୟ ଭାଗରେ ସାଧନ-ପ୍ରଣାଳୀ ଏବଂ ପରିଶିଷ୍ଟ ଭାଗରେ ସାଧାରଣ ମାନବମାନଙ୍କ ସୁଖ ଓ ସ୍ୱାସ୍ଥ୍ୟ ନିମିତ୍ତ ନାନାବିଧ ଉପାୟ ବର୍ଣ୍ଣିତ ହୋଇଅଛି । ପ୍ରତିପାଦ୍ୟ ବିଷୟର ପ୍ରମାଣ ନିମିତ୍ତ ତନ୍ତ୍ର, ପୁରାଣ, ଶାସ୍ତ୍ରର ଯୁକ୍ତି ଉଦ୍ଧାର କରାଯାଇଅଛି । ଯଥାସାଧ୍ୟ ସହଜ ସରଳ ଭଙ୍ଗୀରେ ପ୍ରଚଳିତ ଭାଷା ସାହାଯ୍ୟରେ ବିଷୟଗୁଡ଼ିକ ବର୍ଣ୍ଣିତ ହୋଇଅଛି । ଏଥିରେ ମୁଁ କେତେଦୂର କୃତକାର୍ଯ୍ୟ ହୋଇପାରିଛି, ତାହା ଗୁଣଗ୍ରାହୀ ସାଧକମାନଙ୍କର ବିବେଚ୍ୟ ।

ପରିଶେଷରେ ବକ୍ତବ୍ୟ, ଆଧ୍ୟାତ୍ମିକ ତତ୍ତ୍ୱ ହୃଦୟଙ୍ଗମ କରିବାକୁ ହେଲେ, ବିଧିମୁତାବକ ଚିତ୍ତଶୁଦ୍ଧି ଆବଶ୍ୟକ । ଭଗବାନଙ୍କ କୃପା ବ୍ୟତୀତ ସାଧନତତ୍ତ୍ୱ ବୁଝିବାର ଦ୍ୱିତୀୟ ଉପାୟ ନାହିଁ । ବର୍ତ୍ତମାନ ସାଧନପିପାସୁ ବ୍ୟକ୍ତିମାନେ ବର୍ଣ୍ଣାଶୁଦ୍ଧି ଓ ଭାଷାଦୋଷ ପ୍ରଭୃତି ଶିଶୁଶିକ୍ଷା ବିଷୟ ଆଲୋଚନା ନ କରି ସ୍ୱକାର୍ଯ୍ୟରେ ବ୍ରତୀ ହେଲେ ଶ୍ରମ ସଫଳ ଜ୍ଞାନ କରିବି । ସାଧକମାନେ କୌଣସି ବିଷୟ ବୁଝି ନ ପାରି ମୋ ନିକଟକୁ ଆସିଲେ, ଆଦର ଓ ଯତ୍ନର ସହିତ ବୁଝାଇବାକୁ ଓ ସାଧନତତ୍ତ୍ୱ ଶିକ୍ଷା ଦେବାକୁ ମୁଁ ତ୍ରୁଟି କରିବି ନାହିଁ । କିମଧିକ ବିସ୍ତରେଣ !!

ଢାକା, ଶାନ୍ତି ଆଶ୍ରମ
ଶ୍ରାବଣ ୨୫ ଦିନ (ଝୁଲଣ ପୂର୍ଣ୍ଣମା)
୧୩୧୮ ବଙ୍ଗାବ୍ଦ

ଭକ୍ତ ପଦାରବିନ୍ଦଭିକ୍ଷୁ
**ଦୀନ ନିଗମାନନ୍ଦ**

❋❋❋

# ତାନ୍ତ୍ରିକ ଗୁରୁ

## ପ୍ରଥମ ଅଂଶ - ଯୁକ୍ତିକଳ୍ପ

## ତନ୍ତ୍ରଶାସ୍ତ୍ର

ବର୍ତ୍ତମାନ ଯୁଗରେ ଅଧିକାଂଶ ନବ୍ୟ-ଶିକ୍ଷିତ ବ୍ୟକ୍ତି ତନ୍ତ୍ରଶାସ୍ତ୍ରକୁ ଗୁରୁବ୍ୟବସାୟୀମାନଙ୍କ କୃତ ଅର୍ଥ-ଉପାର୍ଜନର ଉପାୟସ୍ୱରୂପ କଳ୍ପିତ ଶାସ୍ତ୍ର ବୋଲି ଧାରଣା ପୋଷଣ କରି ସେଥିପ୍ରତି ଶ୍ରଦ୍ଧା ପ୍ରଦର୍ଶନ କରନ୍ତି ନାହିଁ । ତେଣୁ ଏହି ଶାସ୍ତ୍ରକୁ କାଳକ୍ରମେ ସେହିଭଳି ବ୍ୟବସାୟ-ଉପଯୋଗୀ କରିବା ନିମିତ୍ତ ମୂଳତନ୍ତ୍ରରେ ବହୁବିଧ ପ୍ରକ୍ଷିପ୍ତ, ରୂପକ ଓ ଅର୍ଥବାଦାଦି ଯୋଗ କରିବାର ଯେଉଁ ଚେଷ୍ଟା କରାଯାଇଛି, ତାହା ଉକ୍ତ ଶାସ୍ତ୍ରଗୁଡ଼ିକର ଆଧୁନିକ ମୁଦ୍ରିତ ସଂସ୍କରଣ ଦେଖିଲେ, ଅତି ସହଜରେ ବୁଝାପଡ଼େ । ବେଦର ବହୁକାଳ ପରେ ତନ୍ତ୍ରଶାସ୍ତ୍ର ପ୍ରକାଶିତ ହୋଇଅଛି । ସୃଷ୍ଟ-ପଦାର୍ଥ ଦର୍ଶନରେ ସ୍ରଷ୍ଟା ଅର୍ଥାତ୍ ଈଶ୍ୱର ପ୍ରତିପାଦନ ଓ ତାଙ୍କର ଉପାସନା ହିଁ ବେଦର ବିଷୟ । କାଳକ୍ରମେ ଯେତେବେଳେ ହିନ୍ଦୁଜାତିର ବୁଦ୍ଧିପ୍ରଖରତାର ଉତ୍କର୍ଷ ସାଧିତ ହେବାକୁ ଲାଗିଲା, ସେତେବେଳେ ପରମାର୍ଥ ବିଷୟରେ ମନ ଅଗ୍ରସର ହେବା ଫଳରେ ବୁଦ୍ଧି ସାହାଯ୍ୟରେ ଉପନିଷଦ, ଦର୍ଶନ ଓ ତନ୍ତ୍ରଶାସ୍ତ୍ର ସମସ୍ତ ପ୍ରକାଶିତ ହୋଇଅଛି । ତନ୍ତ୍ର ଗୋଟିଏ ସ୍ୱତନ୍ତ୍ର ଶାସ୍ତ୍ର ନୁହେଁ, ଏହା ବେଦର ରୂପାନ୍ତର ମାତ୍ର—-ବିଶେଷତଃ ସାଂଖ୍ୟଦର୍ଶନ ଓ ଉପନିଷଦର ସାର । ଏଥିରେ ମୁକ୍ତିର ସହଜ ଉପାୟ ନିର୍ଦ୍ଧାରିତ ଓ ବିଚାରିତ ହୋଇଅଛି । ବର୍ତ୍ତମାନ ଯୁଗରେ ବାକ୍‌ସର୍ବସ୍ୱତା ଓ କ୍ରିୟାଶୂନ୍ୟତାଦୋଷରେ ଭାରତ-ସମାଜରେ ତନ୍ତ୍ରଶାସ୍ତ୍ରର ଯେପରି ଘୋର ଦୁର୍ଦ୍ଦଶା ଉପସ୍ଥିତ ହୋଇଅଛି, ସେଥିରେ ତନ୍ତ୍ରର ନାମ ଶୁଣିଲେ ଯେ ଅନେକ ଉପହାସ କରିବେ, ଏଥିରେ ବା ବୈଚିତ୍ର୍ୟ କ'ଣ ଅଛି ? ଫଳତଃ ଯେପରି ଯଥେଚ୍ଛା ଭାବରେ ପ୍ରବୃତ୍ତି-ପ୍ରଲୋଭିନୀ କଳ୍ପିତ ବ୍ୟବସ୍ଥା ତନ୍ତ୍ର ମଧ୍ୟରେ ଅନ୍ତର୍ନିବିଷ୍ଟ କରିବାର ଚେଷ୍ଟା କରାଯାଇଅଛି, ସେଥିରେ ଅଜ୍ଞଙ୍କ ଜନସାଧାରଣଙ୍କର ଏହି ଶାସ୍ତ୍ର ପ୍ରତି ଉପହାସ ପ୍ରଦର୍ଶନ କରିବାଟା ନିତାନ୍ତ ଅସଙ୍ଗତ ବୋଧ ହୁଏ ନାହିଁ । ମୁସଲମାନମାନଙ୍କ ରାଜତ୍ୱ ସମୟରେ ହିନ୍ଦୁମାନଙ୍କର କୌଣସି

ଗୋଟିଏ ଗ୍ରନ୍ଥ ମଧ୍ୟ ଅକ୍ଷତ ଅବସ୍ଥାରେ ନ ଥିଲା । ଏହି ସମୟରେ ହିଁ ତନ୍ତ୍ରଶାସ୍ତ୍ରର ଦୁର୍ଦ୍ଦଶା ଉପସ୍ଥିତ ହୋଇଅଛି । ଗୋଟିଏ ଦିଗରେ ମୁସଲମାନମାନଙ୍କ ଅତ୍ୟାଚାର, ଅନ୍ୟ ଦିଗରେ ହିନ୍ଦୁସମାଜରେ ସଦ୍‌ଗୁରୁଙ୍କ ବିରଳତା ହେତୁ ଶିକ୍ଷାବିଭ୍ରାଟସମ୍ଭୂତ ସ୍ୱେଚ୍ଛାଚାରିତା ଫଳରେ ଶାସ୍ତ୍ରପ୍ରକ୍ଷିପ୍ତ ବିଷୟାଦିରେ ପରିପୂର୍ଣ୍ଣ ହୋଇ ପ୍ରକୃତ ତନ୍ତ୍ରଶାସ୍ତ୍ର ବହୁସ୍ଥାନରେ ଏପରି ଭାବରେ ବିକୃତ ହୋଇପଡିଛି ଯେ, ସେଥିରୁ ଅବିକୃତ ତତ୍ତ୍ୱ ଅନୁସନ୍ଧାନ କରିବା ଅଧମ ଅଧିକାରୀଙ୍କ ପକ୍ଷରେ ଅସମ୍ଭବ । ବେଦ ଓ ସଦାଚାର-ବିରୁଦ୍ଧ ବହୁ ତନ୍ତ୍ରଶାସ୍ତ୍ର ନୂତନ ଭାବରେ ମଧ୍ୟ ରଚିତ ହୋଇଅଛି । କିନ୍ତୁ ସେଥିପାଇଁ ଜନସାଧାରଣ ଭ୍ରମରେ ପଡ଼ିଲେ ମଧ୍ୟ ତନ୍ତ୍ରତତ୍ତ୍ୱଜ୍ଞମାନଙ୍କର ପ୍ରକୃତ ତଥ୍ୟ ଜାଣିବାରେ ବାକି ରହେନାହିଁ । ଆଧୁନିକ ବହୁ ବିଜ୍ଞ ବ୍ୟକ୍ତି କହନ୍ତି ଯେ, ପ୍ରବୃତ୍ତିମାର୍ଗରେ ମନ ଥରେ ଧାବିତ ହେଲେ, ତାକୁ ସେଥିରୁ ନିବୃତ୍ତିମାର୍ଗକୁ ଫେରାଇ ଆଣିବା ଅତିଶୟ କଠିନ । ହଠାତ୍ କୌଣସି ପ୍ରକାରରେ ନିବୃତ୍ତିମାର୍ଗରେ ସାଧନା କଲେ ମଧ୍ୟ ସେହି ଅପରିପକ୍ୱ ସିଦ୍ଧି ସ୍ଥାୟୀ ହୁଏ ନାହିଁ । ତେଣୁ ଅତି କୌଶଳ ସହିତ ସକାମ ସାଧନା ମଧ୍ୟ ଦେଇ ସତ୍‌ପଥକୁ ମନର ପ୍ରତ୍ୟାବର୍ତ୍ତନ କରବା ନିମିତ୍ତ ନାନା ପ୍ରକାର ଆପାତ ବେଦବିରୁଦ୍ଧ ବ୍ୟବସ୍ଥା ବିଧିବଦ୍ଧ କରାଯାଇଛି । ସେମାନଙ୍କର ଏହି ଭଳି ବ୍ୟାଖ୍ୟା ପ୍ରାୟ ମୂଲ୍ୟହୀନ ବୋଲି ବୋଧ ହେଉଛି । ସତ୍ତ୍ୱ, ରଜଃ ଓ ତମଃ—ତ୍ରିଗୁଣଭେଦରେ ଉପାସନାର ଅଧିକାର ଓ ପ୍ରକାର ଭେଦ ବେଦରେ ମଧ୍ୟ ଅଛି । ସୁତରାଂ ମହାଯୋଗ-ଲୀଳାବତାର ମହାଦେବଙ୍କ ପ୍ରଣୀତ ମୂଳ ତନ୍ତ୍ରଶାସ୍ତ୍ର କେବେହେଲେ ତତ୍ତ୍ୱବିହୀନ ନୁହେଁ । କେବଳ ଶାସ୍ତ୍ରଜ୍ଞାନୀ ପଣ୍ଡିତମାନେ ନ ବୁଝନ୍ତୁ ପଛକେ ସାଧନ-ପଣ୍ଡିତମାନଙ୍କର ତାହା ଅବିଦିତ ରହେ ନାହିଁ । ଫଳରେ ବୁଝି ନ ପାରି ଯେ ଶାସ୍ତ୍ରର ନିନ୍ଦା ସମାଲୋଚନା କରାଯାଏ, ତାହା ଅର୍ବାଚୀନତା ମାତ୍ର । ତେବେ ଏତିକି ବୁଝିବା ଉଚିତ୍ ଯେ, ଆଧୁନିକ କତିପୟ ତନ୍ତ୍ରର ଅନେକ ସ୍ଥଳରେ ମହାଦେବ ଓ ପାର୍ବତୀଙ୍କ କଥୋପକଥନ ପ୍ରସଙ୍ଗ ଉତ୍‌ଥାପନ କରି ବହୁ ବିକଟ, ବିକୃତ ଓ ଅକିଞ୍ଚିତ୍‌କର ବିଧିବିଧାନକୁ ଧର୍ମଶାସ୍ତ୍ରର ଅନ୍ତର୍ଗତ କରିବା ନିମିତ୍ତ ଚେଷ୍ଟା କରାଯାଇଛି । ପୁଣି ଅବିକୃତ ପ୍ରକୃତ ଶିବୋକ୍ତ ତନ୍ତ୍ରଶାସ୍ତ୍ରରେ ହୁଏତ ଆପାତଦୃଷ୍ଟିରେ ଏପରି ଅନେକ ଅସ୍ୱାଭାବିକ, ଅଦ୍ଭୁତ ଓ ବୀଭତ୍ସ ବିଷୟ ବର୍ଣ୍ଣିତ ହୋଇଅଛି ଯେ, ଏହାର ମର୍ମ-

ରହସ୍ୟ-ମୂଢ଼, ରୁଚିରୋଗଗ୍ରସ୍ତ, ସ୍ଥୂଳନୀତିସର୍ବସ୍ୱ ବହୁ ସ୍ଥୂଳାଧିକାରୀଙ୍କ ମତରେ ମହାଦେବ ଓ ପାର୍ବତୀଙ୍କ ନାମରେ ମଧ୍ୟ ତାହାର କିଛି ହେଲେ ପବିତ୍ରତା ସମ୍ପାଦନ କରାଯାଇ ନ ପାରେ । ମୋଟକଥା, ସଫଳସାଧନ-କ୍ରିୟାନ୍ୱିତ ସଦ୍‌ଗୁରୁଙ୍କ କୃପାନୁକୂଲ୍ୟର ଅଭାବ ହେତୁ ଅଧିକାଂଶ ବ୍ୟକ୍ତି ବର୍ତ୍ତମାନ ସମୟରେ ତନ୍ତ୍ରମଥିତ ନବନୀତ ଭକ୍ଷଣ ନ କରି କେବଳ ଘୋଳ ଦହି ପାନ କରି ଗଣ୍ଡଗୋଳ କରୁଛନ୍ତି ।

"ଶ୍ରୁତି ସ୍ମୃତି-ବିରୁଦ୍ଧାନି ଆଗମାଦୀନି ଯାନି ଚ
କରାଳଭୈରବଞ୍ଚାପି ଯାମଳଞ୍ଚାପି ଯଦ୍ କୃତମ୍ ।
ଏବଂବିଧାନି ଚାନ୍ୟାନି ମୋହନାର୍ଥାନି ତାନି ବୈ ।।" (କୂର୍ମ ପୁରାଣ)

ଲୋକମାନଙ୍କୁ ମୋହାଭିଭୂତ କରିବା ନିମିତ୍ତ ଶ୍ରୁତି-ସ୍ମୃତି-ବିରୁଦ୍ଧ ଧର୍ମଶାସ୍ତ୍ର ମହାଦେବଙ୍କର ବର୍ଣ୍ଣନା କରିବାର କାରଣ କ'ଣ ଥିଲା ? ତାନ୍ତ୍ରିକ ରହସ୍ୟର ମର୍ମଗ୍ରନ୍ଥି ଏହିଠାରେ ହିଁ ଭେଦ କରିବାକୁ ହେବ । ତେବେ ଏଠାରେ କେବଳ ତନ୍ତ୍ରଶାସ୍ତ୍ରର ମୂଳଭିତ୍ତି ଆଲୋଚନା ଦ୍ୱାରା ଏହି ଗ୍ରନ୍ଥର ପ୍ରୟୋଜନ ପ୍ରତିପାଦନ କରିବା ହିଁ ଗ୍ରନ୍ଥକାରଙ୍କର ଲକ୍ଷ୍ୟ ।

ପ୍ରକୃତ ତନ୍ତ୍ରଶାସ୍ତ୍ର ମଧ୍ୟରେ ବେଦବିରୁଦ୍ଧ ବ୍ୟବସ୍ଥା ଅତି ସ୍ପଷ୍ଟ ଭାବରେ ନିଷିଦ୍ଧ କରାଯାଇଛି ।

"ଦେବୀନାଞ୍ଚ ଯଥା ଦୁର୍ଗା ବର୍ଣ୍ଣାନାଂ ବ୍ରାହ୍ମଣୋ ଯଥା,
ତଥା ସମସ୍ତଶାସ୍ତ୍ରାଣାଂ ତନ୍ତ୍ରଶାସ୍ତ୍ରମନୁତ୍ତମମ୍ ।
ସର୍ବକାମପ୍ରଦଂ ପୁଣ୍ୟଂ ତନ୍ତ୍ରଂ ବୈ ବେଦସମ୍ମତମ୍ ।।"

ତନ୍ତ୍ରଶାସ୍ତ୍ରଗୁଡ଼ିକ ସବିଶେଷ ଆଲୋଚନା କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଏହାର ଭିତ୍ତି ସାଂଖ୍ୟ ଓ ଉପନିଷଦ ଉପରେ ସ୍ଥାପିତ । କାଳ-ଧର୍ମ ପ୍ରଭାବରେ ହିନ୍ଦୁସମାଜରେ ପବିତ୍ର ତନ୍ତ୍ରଶାସ୍ତ୍ରର ସାତ୍ତ୍ୱିକ ସାଧନ ତିରୋହିତ ହୋଇ କେବଳ ରାଜସିକ ଓ ତାମସିକ ସାଧନର ପ୍ରକ୍ରିୟାପ୍ରଣାଳୀ ହିଁ ପ୍ରାୟତଃ ପ୍ରଚଳିତ ହୋଇଆସିଛି, ସେଥିପାଇଁ ଅଧିକାର-ତତ୍ତ୍ୱବୋଧର ଅଭାବ ହିଁ ତନ୍ତ୍ରଶାସ୍ତ୍ର ପ୍ରତି ଅନାଦରର କାରଣ । ପ୍ରକୃତ ପକ୍ଷରେ ତନ୍ତ୍ରକୁ ଯୋଗଧର୍ମର କଳ୍ପଭଣ୍ଡାର କହିଲେ

ଅତ୍ୟୁକ୍ତି ହେବନାହିଁ । ଏଥିରେ ମାନସିକ ଓ ବାହ୍ୟିକ ପୂଜା ଏବଂ ପ୍ରାଣାୟାମ ପ୍ରଭୃତିର ବ୍ୟବସ୍ଥା ଅତି ସୁନ୍ଦର ଭାବରେ ସନ୍ନିବେଶିତ ହୋଇଅଛି । ବେଦ ଯେପରି ଜ୍ଞାନକାଣ୍ଡ ଓ କର୍ମକାଣ୍ଡ ଭେଦରେ ଦୁଇ ଭାଗରେ ବିଭକ୍ତ, ଯୋଗଶାସ୍ତ୍ର ମଧ୍ୟ ସେହିପରି ଦୁଇ ଭାଗରେ ବିଭକ୍ତ । ତନ୍ତ୍ରୋକ୍ତ କ୍ରିୟାକଳାପ ହିଁ ଏହାର କର୍ମକାଣ୍ଡ । ତନ୍ତ୍ରସମ୍ମତ ଉପାସନା-ପ୍ରଣାଳୀ ଅତି ପବିତ୍ର । ଏଥିରେ ପ୍ରାଣାୟାମ ଏବଂ ସାଧନପଥ ଅତି ଉତ୍କୃଷ୍ଟ ଭାବରେ ସନ୍ନିବେଶିତ ହୋଇଅଛି ।

ଯୋଗ ଓ ତନ୍ତ୍ରୋକ୍ତ ଉପାସନାପ୍ରଣାଳୀର ଉଦ୍ଭବ ଗୋଟିଏ ଉପକରଣରୁ ହିଁ ହୋଇଅଛି । ଏହି ସବୁ ବିଷୟ ପୁରାଣମାନଙ୍କରେ ଅତି ସହଜରେ ବୁଝାଇବାକୁ ଚେଷ୍ଟା କରାଯାଇଛି । **ତନ୍ତ୍ର-ପ୍ରତିପାଦ୍ୟ ସାଧନାର ଅନ୍ୟତମ ମୂଳଭିତ୍ତି ମହାତ୍ମା କପିଳଦେବଙ୍କ କୃତ ସାଂଖ୍ୟ** । ଏ କଥା ସତ୍ୟ ଯେ, କପିଳଦେବ ବର୍ତ୍ତମାନ ସମୟ ପରି ମୂର୍ତ୍ତିଉପାସନାର ପ୍ରଣାଳୀ ଉଦ୍ଭାବନ କରି ନ ଥିଲେ, କିନ୍ତୁ ସେ ପ୍ରଣୀତ ଶାସ୍ତ୍ରରେ ଯେଉଁ ପ୍ରକୃତି-ପୁରୁଷ ତତ୍ତ୍ୱ ପ୍ରକାଶ କରିଛନ୍ତି, ତନ୍ତ୍ରରେ ମଧ୍ୟ ସେହି ମୂଳକୁ ଅବଲମ୍ବନ କରି ଦେବଦେବୀଙ୍କ ଉପାସନା ପ୍ରଣାଳୀ ବିଧିବଦ୍ଧ ହୋଇଅଛି । କପିଳମୁନିଙ୍କ 'ପୁରୁଷ' ହିଁ ପରିଶେଷରେ ହିନ୍ଦୁ-ଉପାସନାରେ ନାନା ଭାବରେ ବିକଶିତ ହୋଇ ରୁଚି ଓ ଅଧିକାର ଅନୁସାରେ ନାନାପ୍ରକାର ମୂର୍ତ୍ତିରେ ଉପାସ୍ୟ ହୋଇଅଛନ୍ତି । 'ପ୍ରକୃତି' ହିଁ ଭଗବତୀ ଦେବୀଙ୍କର ପ୍ରଥମ ଆବିର୍ଭାବ । ତାଙ୍କୁ ହିଁ କାଳୀଦେବୀ କୁହାଯାଏ ।

**"ତସ୍ୟାଃ ବିନିର୍ଗତାୟାନ୍ତୁ କୃଷ୍ଣାଭୂତ୍ ସାପି ପାର୍ବତୀ**
**କାଳିକେତି ସମାଖ୍ୟାତା ହିମାଚଳକୃତାଶ୍ରୟା ॥"**

**— ମାର୍କଣ୍ଡେୟ ପୁରାଣ**

ପ୍ରକୃତିର ସତ୍ତ୍ୱାଧିକ୍ୟ ହେତୁ ପୁରୁଷଙ୍କ ସାନ୍ନିଧ୍ୟରେ ମହତ୍ତତ୍ତ୍ୱ ବା ବୁଦ୍ଧିତତ୍ତ୍ୱ ଉତ୍ପନ୍ନ ହୋଇଅଛି । ବୁଦ୍ଧିତତ୍ତ୍ୱରୁ ଅହଙ୍କାର ଏବଂ ସେହି ଅହଙ୍କାରର ଭିନ୍ନ ଭିନ୍ନ ବିକାରରୁ ଇନ୍ଦ୍ରିୟ ଓ ଇନ୍ଦ୍ରିୟର ବିଷୟ—ଏ ଉଭୟଙ୍କର ଉତ୍ପତ୍ତି ହୋଇଅଛି । ପୁରୁଷ ହିଁ ଚୈତନ୍ୟଶକ୍ତି, ସୁଖଦୁଃଖାଦି ଶୂନ୍ୟ । ସେ ଅକର୍ତ୍ତା, କୌଣସି କାର୍ଯ୍ୟ କରନ୍ତି ନାହିଁ, ପ୍ରକୃତି ହିଁ ସମୁଦାୟ ବିଶ୍ୱବ୍ୟାପାର ନିର୍ବାହ କରନ୍ତି । ଏହି ପ୍ରକୃତି ଓ ପୁରୁଷ

ପରସ୍ପର ସାପେକ୍ଷ । ଲୌହ ଯେପରି ଚୁମ୍ବକ ସନ୍ନିକଟ ହେଲେ ସେହି ଦିଗକୁ ଆକୃଷ୍ଟ ହୋଇ ଆସେ, ସେହିପରି ପ୍ରକୃତି ମଧ୍ୟ ପୁରୁଷ-ସନ୍ନିଧାନପ୍ରଯୁକ୍ତ ହେଲେ, ବିଶ୍ୱ ରଚନାରେ ପ୍ରବୃତ୍ତ ହୋଇଥା'ନ୍ତି । ବିଶ୍ୱବ୍ୟାପାରରେ ପ୍ରକୃତିଙ୍କର ସାକ୍ଷାତ୍ କର୍ତ୍ତୃତ୍ୱ ବିଦ୍ୟମାନ, ଏହାହିଁ **ସାଂଖ୍ୟଦର୍ଶନର ମତ** । ତେଣୁ ପୁରୁଷ ଦେବୀଙ୍କର ସମସ୍ତ କ୍ରିୟାର ଆଧାର ରୂପରେ ପଦ ତଳରେ ନିହିତ ଏବଂ ସେହି ତତ୍ତ୍ୱର ଅନୁସରଣରେ ମଧ୍ୟ କାଳୀଦେବୀଙ୍କ ମୂର୍ତ୍ତି ମହାଦେବଙ୍କ ଉପରେ ସଂସ୍ଥାପିତ ହୋଇଅଛି ।

କପିଳ ମୁନିଙ୍କ ପ୍ରକାଶିତ 'ପ୍ରକୃତି-ପୁରୁଷ ତତ୍ତ୍ୱ'କୁ ପରିଷ୍କାର ଭାବରେ ସର୍ବାଧିକାରୀ ଜନସମାଜକୁ ବୁଝାଇବା ନିମିତ୍ତ ପୁରାଣ ଓ ତନ୍ତ୍ରଶାସ୍ତ୍ରର ପ୍ରୟୋଜନ ହୋଇଅଛି । ପ୍ରକୃତି-ପୁରୁଷଙ୍କର ସାକାର ରୂପ ତନ୍ତ୍ର-ପୁରାଣରେ ବର୍ଣ୍ଣିତ ହୋଇଅଛି । ସମଗ୍ର ବେଦରୁ ଯେପରି ସାନ୍ଧ୍ୟୋପାସନା ଓ ଅନ୍ୟାନ୍ୟ ବୈଦିକ ଧର୍ମ-କର୍ମ-ପଦ୍ଧତି ସକଳ ବିଧିବଦ୍ଧ ହୋଇଅଛି, ସେହିପରି ସାଂଖ୍ୟଦର୍ଶନକୁ ଅବଲମ୍ବନ କରି ତନ୍ତ୍ରୋକ୍ତ ଉପାସନା ପ୍ରଣାଳୀ ବ୍ୟବସ୍ଥାପିତ ହୋଇଅଛି । ତନ୍ତ୍ରଶାସ୍ତ୍ର ଯୋଗର ସର୍ବସମ୍ମତ୍‌ସମ୍ପନ୍ନ ଅତି ବିଶୁଦ୍ଧ ଧର୍ମଶାସ୍ତ୍ର । କପିଳ ଓ ପତଞ୍ଜଳି ମୁନି ଯୋଗାନୁଷ୍ଠାନର ଭାବ-ତତ୍ତ୍ୱ ଯାହା ବୁଝାଇଛନ୍ତି, ତନ୍ତ୍ରଶାସ୍ତ୍ର ତାହାର ହିଁ କର୍ମଜ୍ଞାନାନୁଷ୍ଠାନରେ ପରିପୂର୍ଣ୍ଣ । ଉପନିଷଦରେ ଉପାସନାର ଯେଉଁସବୁ ମତ ଓ ବିଧି ବିଧାନ ଦେଖିବାକୁ ମିଳେ, ସାମାନ୍ୟ ଏପଟ ସେପଟ ବ୍ୟତିକ୍ରମ ଥିଲେ ମଧ୍ୟ ତନ୍ତ୍ରଶାସ୍ତ୍ରରେ ପ୍ରାୟ ସେହିଭଳି ବ୍ୟବସ୍ଥା ବିଧିବଦ୍ଧ ହୋଇଅଛି । ବୀଜମନ୍ତ୍ର ଏବଂ ଯନ୍ତ୍ର, ଉପନିଷଦ୍ ଏବଂ ତନ୍ତ୍ର—ଉଭୟ ଶାସ୍ତ୍ରରେ ଲିପିବଦ୍ଧ ଅଛି । ସୁତରାଂ ତନ୍ତ୍ର ଯେ ଗୋଟିଏ ଆଧୁନିକ କଳ୍ପିତ ଶାସ୍ତ୍ର, ଏଭଳି ସିଦ୍ଧାନ୍ତ କରିବାର କୌଣସି କାରଣ ନାହିଁ ।

ବେଦ ଓ ତନ୍ତ୍ରୋକ୍ତ ଉପାସନା-ପ୍ରଣାଳୀ ପ୍ରତି ଦୃଷ୍ଟିପାତ କଲେ ସହଜରେ ପ୍ରତୀୟମାନ ହେବ ଯେ, କାଳର ପରିବର୍ତ୍ତନରେ ମନୁଷ୍ୟର ଚିନ୍ତାଶୀଳତାର ଏବଂ ବୁଦ୍ଧିବୃତ୍ତିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ମନୁଷ୍ୟର ରୁଚି ଓ ଅଧିକାରର ପରିବର୍ତ୍ତନ ସଂଘଟିତ ହୋଇଅଛି ଏବଂ ମୁନି-ଋଷିମାନେ ମଧ୍ୟ ସମୟ ସମୟରେ ବ୍ୟବସ୍ଥା ପରିବର୍ତ୍ତନ କରିଅଛନ୍ତି । ବେଦୋକ୍ତ କର୍ମ ଅତି କଷ୍ଟସାଧ୍ୟ । କୌଣସି ସମୟରେ ମନୁଷ୍ୟର ଶାରୀରିକ ଓ ମାନସିକ ଦୁର୍ବଳତା ଆରମ୍ଭ ହେଲା ବୋଲି ପାରତ୍ରିକ

ସୁଖ ଅପେକ୍ଷା ଇହ ସଂସାରର ସୁଖ ଅଧିକ ପ୍ରାର୍ଥନୀୟ ହୋଇଉଠିଲା । ସେତେବେଳେ କ୍ରମେ ବେଦର କର୍ମକାଣ୍ଡ ବର୍ଣ୍ଣିତ କାର୍ଯ୍ୟଗୁଡ଼ିକ ଶିଥିଳ ହେବାକୁ ଲାଗିଲା । ସେହି ସମୟରେ ସହଜ ଉପାୟରେ ଈଶ୍ୱର ଆରାଧନା ନିମିତ୍ତ ତନ୍ତ୍ରଶାସ୍ତ୍ର ବ୍ୟବସ୍ଥା ପ୍ରତି ଲୋକମାନଙ୍କର ଅଧିକତର ଅନୁରାଗ ଜାତ ହେଲା । ଯେଉଁମାନେ ବେଦ ଓ ତନ୍ତ୍ରୋକ୍ତ ପ୍ରାଣାୟାମ ଅବଗତ ଅଛନ୍ତି, ସେହିମାନେ କେବଳ ଉଭୟ ମତରେ ଆପାତ-ପାର୍ଥକ୍ୟ ଅନାୟାସରେ ଉପଲବ୍ଧି କରିବାକୁ ସମର୍ଥ ହୋଇପାରିବେ ।

ବର୍ତ୍ତମାନ ଏତିକି ଦେଖିବାର କଥା ଯେ, ତନ୍ତ୍ର ବେଦ ପରି ମହାଜନ ଓ ଋଷିମାନଙ୍କ ଦ୍ୱାରା ସମର୍ଥିତ କି ନୁହେଁ ? ରଘୁନନ୍ଦନଙ୍କ ଅଷ୍ଟବିଂଶତି ତତ୍ତ୍ୱ ଆମ ଦେଶରେ ସାଧାରଣରେ ପ୍ରଚଳିତ ଏବଂ ତାଙ୍କ ମୀମାଂସା ବେଦବାକ୍ୟ ପରି ସର୍ବସାଧାରଣରେ ଗୃହୀତ । ସେହି ଗ୍ରନ୍ଥରେ ପ୍ରମାଣ ଦେବାକୁ ଯାଇ ବହୁଳ ଭାବରେ ତନ୍ତ୍ରର ବଚନ ବ୍ୟବହୃତ ହୋଇଅଛି । ଏପରିକି ଅନେକ ସ୍ଥଳରେ ତନ୍ତ୍ରବଚନ ଦ୍ୱାରା ଶେଷ କର୍ତ୍ତବ୍ୟ ଅବଧାରିତ ହୋଇଅଛି । ଭଗବାନ ଶଙ୍କରାଚାର୍ଯ୍ୟ ତାଙ୍କ ପ୍ରଣୀତ 'ଆନନ୍ଦ-ଲହରୀ ସ୍ତୋତ୍ର'ରେ ତନ୍ତ୍ର ପ୍ରତି ବହୁ ସମ୍ମାନ ପ୍ରଦର୍ଶନ କରିଛନ୍ତି ଏବଂ 'ଶାକ୍ତାମୋଦ' ପ୍ରଭୃତି କେତେଗୁଡ଼ିଏ ସଂଗ୍ରହତନ୍ତ୍ର ମଧ୍ୟ ସେ ସଙ୍କଳନ କରିଛନ୍ତି । 'ପୂର୍ଣ୍ଣପ୍ରଜ୍ଞ ଦର୍ଶନ'ର ଭାଷ୍ୟକାର ଆନନ୍ଦତୀର୍ଥ ମଧ୍ୟ ତାଙ୍କ ପ୍ରଣୀତ ଭାଷ୍ୟରେ ତନ୍ତ୍ରଶାସ୍ତ୍ରର ପ୍ରମାଣ ଉଦ୍ଧୃତ କରିଛନ୍ତି । ଏହି ସ୍ମାର୍ତ୍ତ ଭଟ୍ଟାଚାର୍ଯ୍ୟ (ରଘୁନନ୍ଦନ), ଭଗବାନ ଶଙ୍କରାଚାର୍ଯ୍ୟ ଓ ଆନନ୍ଦତୀର୍ଥ ପ୍ରଭୃତି ଯେଉଁ ଶାସ୍ତ୍ରକୁ ପ୍ରାମାଣିକ ରୂପରେ ବ୍ୟବହାର କରିଛନ୍ତି, ଜିଗୀଷା ପରବଶ ହୋଇ ଓ ନାନାପ୍ରକାର ସ୍ୱାର୍ଥପ୍ରଣୋଦିତ ହୋଇ କେହି କ'ଣ ସେହି ସଦାଶିବଙ୍କ ବର୍ଣ୍ଣିତ ତନ୍ତ୍ରଶାସ୍ତ୍ରକୁ ଅପ୍ରାମାଣିକ ବୋଲି କହି ଉପହାସାସ୍ପଦ ହେବାକୁ ସାହସୀ ହେବେ ?

ଋଷିମାନଙ୍କ ଦ୍ୱାରା ମଧ୍ୟ ଏହି ତନ୍ତ୍ରଶାସ୍ତ୍ର ସମର୍ଥିତ ଓ ସମାଦୃତ, ଅତଏବ ପ୍ରାମାଣିକ ବୋଲି ସ୍ୱୀକୃତ । ବ୍ୟାସଦେବ ମଧ୍ୟ କହିଛନ୍ତି—

''ଗୁରୁତନ୍ତ୍ରଂ ଦେବତାଞ୍ଚ ଭେଦୟନ୍ ନରକଂ ବ୍ରଜେତ୍ ।
ଗଙ୍ଗା-ଦୁର୍ଗା-ହରୀଶାନାଂ ଭେଦକୃନ୍ନାରକୀ ଯଥା ।।'' (ବୃହଦ୍ଧର୍ମ ପୁରାଣ)

ଗଙ୍ଗା ଓ ଦୁର୍ଗା ଏବଂ ହରି ଓ ହରଙ୍କ ମଧ୍ୟରେ ଭେଦ-କଳ୍ପନାକାରୀ ଯେପରି ନରକଗାମୀ ହୁଅନ୍ତି, ସେହିପରି ଗୁରୁ, ତନ୍ତ୍ର ଓ ଦେବତାଙ୍କ ମଧ୍ୟରେ ଭେଦ ଜ୍ଞାନ କଲେ ନରକଗାମୀ ହେବାକୁ ପଡ଼େ । ବୈଷ୍ଣବମାନଙ୍କ ପ୍ରଧାନ ଗ୍ରନ୍ଥ ଶ୍ରୀମଦ୍‌ଭାଗବତରେ ଭଗବାନ ସ୍ୱୟଂ କହିଛନ୍ତି —

**''ବୈଦିକସ୍ତାନ୍ତ୍ରିକୋ ମିଶ୍ର ଇତି ମେତ୍ରିବିଧୋ ମଖଃ ।**
**କ୍ରୟାଣାମୀପ୍‌ସିତେନୈବ ବିଧିନା ମାଂ ସମର୍ଚ୍ଚୟେତ୍ ।।''**

**— ଶ୍ରୀମଭାଗବତ, ୧୧ଶ ସ୍କନ୍ଧ**

ବୈଦିକ, ତାନ୍ତ୍ରିକ ଏବଂ ବୈଦିକ-ତାନ୍ତ୍ରିକ ମିଶ୍ର —ଏହି ତିନି ପ୍ରକାର ବିଧି ଦ୍ୱାରା ଯାହାଙ୍କର ଯେଭଳି ଇଚ୍ଛା, ସେ ସେହି ରୂପରେ ମୋର ଆରାଧନା କରିବା କର୍ତ୍ତବ୍ୟ ।

ସବୁ ପୁରାଣରୁ ଏହିଭଳି ଭୁରିଭୁରି ପ୍ରମାଣ ଉଦ୍ଧୃତ କରାଯାଇପାରେ । ଏହିସବୁ ପୁରାଣବର୍ଣ୍ଣିତ ଋଷିବାକ୍ୟକୁ ଅଗ୍ରାହ୍ୟ କରି ଯେଉଁମାନେ ବିରୁଦ୍ଧ ମତ ସ୍ଥାପନ ନିମିତ୍ତ ଚେଷ୍ଟା କରନ୍ତି, ସେମାନଙ୍କୁ ଅସମ୍ବନ୍ଧପ୍ରଳାପୀ ଏବଂ ନାସ୍ତିକ ଭିନ୍ନ ଆଉ କ'ଣ କୁହାଯିବ ? ପ୍ରକୃତ ପକ୍ଷରେ ପୁରାଣକୁ ଅବହେଳା କଲେ, ଅଧିକାଂଶ ହିନ୍ଦୁଙ୍କୁ ଧର୍ମ ବିଷୟରେ ଅବଲମ୍ବନଶୂନ୍ୟ ହେବାକୁ ପଡ଼େ । ଅତଏବ, ତନ୍ତ୍ରଶାସ୍ତ୍ରକୁ ଅପ୍ରାମାଣିକ ବୋଲି କହିଲେ, ସୁବର୍ଣ୍ଣକୁ ଦୂରକୁ ଫିଙ୍ଗିଦେଇ ଲୁଗା କାନିରେ ଶୂନ୍ୟ-ଗ୍ରନ୍ଥି ଦେବା ଭଳି ହେବ । ବୃହଦ୍ଧର୍ମ ପୁରାଣରେ ଅଛି- ଭଗବତୀ ଶିବଙ୍କୁ କହିଲେ, ''ଆପଣ ଆଗମକର୍ତ୍ତା ଏବଂ ସ୍ୱୟଂବିଷ୍ଣୁ ବେଦକର୍ତ୍ତା । ପ୍ରଥମେ ଆପଣ ଆଗମକର୍ତ୍ତୃତ୍ୱରେ ବିନିଯୁକ୍ତ ହୁଅନ୍ତି ଓ ପରେ ବେଦକର୍ତ୍ତୃତ୍ୱରେ ହରି ନିୟୋଜିତ ହୋଇଛନ୍ତି । ଆଗମ ଓ ବେଦ—ଏହି ଦୁଇଟି ମୋର ପ୍ରଧାନ ବାହୁ । ଏହି ଦୁଇ ବାହୁ ଦ୍ୱାରା ଭୂ ର୍ଭୁବାଦି ତ୍ରିଲୋକ ଧୃତ ହୋଇଅଛି ।'' ଉପରୋକ୍ତ ବଚନ ଦ୍ୱାରା ବେଦ ଭଳି ତନ୍ତ୍ରର ମଧ୍ଯ ଅପୌରୁଷେୟତ୍ୱ ପ୍ରମାଣିତ ହେଉଅଛି । ତନ୍ତ୍ରରେ ମଦ୍ୟମାଂସ ପ୍ରଭୃତିର ବ୍ୟବହାର ଅଛି ବୋଲି ଅନେକଙ୍କର ଧାରଣା ଯେ, ତନ୍ତ୍ର ବେଦବିରୁଦ୍ଧ । ଏହି ଧାରଣା ମଧ୍ଯ ନିତାନ୍ତ ଭ୍ରମାତ୍ମକ । ଯଜୁର୍ବେଦର ଏକୋନବିଂଶତି ଅଧ୍ୟାୟରେ ସୁରାର ବ୍ୟବହାର ଦୃଷ୍ଟ ହୁଏ । ଯଥା —

''ବ୍ରହ୍ମ କ୍ଷତ୍ରଂ ପବତେ ତେଜ ଇନ୍ଦ୍ରିୟଂ ସୁରୟା
ସୋମଃ ସୁତ ଆସୁତୋ ମଦାୟ । ଶୁକ୍ରେଣ ଦେବ ଦେବତାଃ
ପିପୃଗ୍ଧି ରସେନାନ୍ନଂ ଯଜମାନାୟ ଧେହି ।।''

''ହେ ଦେବ ସୋମ ! ତୁମେ ସୁରା ଦ୍ୱାରା ତୀବ୍ରୀକୃତ ଓ ସାମର୍ଥ୍ୟଯୁକ୍ତ ହୋଇ ନିଜ ଶୁଦ୍ଧ ବୀର୍ଯ୍ୟଦ୍ୱାରା ଦେବତାମାନଙ୍କୁ ପରିତୁଷ୍ଟ କର ଏବଂ ରସ ସହିତ ଯଜମାନଙ୍କୁ ଅନ୍ନ ପ୍ରଦାନ କର ଏବଂ ବ୍ରାହ୍ମଣ-କ୍ଷତ୍ରିୟମାନଙ୍କୁ ତେଜସମ୍ପନ୍ନ କର ।''

ଅତଏବ, ମଦ୍ୟମାଂସାଦି ସେବନ ବୈଦିକ ବା ପୌରାଣିକ ମତରେ ବିରୁଦ୍ଧ ନୁହେଁ । ବେଦ ଓ ପୁରାଣରୁ ତାହାର ଯଥେଷ୍ଟ ପ୍ରମାଣ ସଂଗୃହୀତ ହୋଇପାରେ । ବାହୁଲ୍ୟ ଭୟରେ ସେ ସମସ୍ତ ପ୍ରମାଣ ଉଦ୍ଧୃତ କଲିନାହିଁ । ମହାପ୍ରଭୁ ନିତ୍ୟାନନ୍ଦ ଖଡ଼ଦହ ଗ୍ରାମରେ ତ୍ରିପୁରାଯନ୍ତ୍ର ସ୍ଥାପନ କରି ଏହାର ପରିଚୟ ପ୍ରଦାନ କରିଛନ୍ତି ।

ଅନ୍ୟାନ୍ୟ ଶାସ୍ତ୍ର ମଧ୍ୟରେ ତନ୍ତ୍ରଶାସ୍ତ୍ରର ଉଲ୍ଲେଖ ଦେଖିବାକୁ ନ ମିଳିଲେ ମଧ୍ୟ ତନ୍ତ୍ରକୁ ଆଧୁନିକ ବା ଅପ୍ରାଚୀନ ବୋଲି କହିହେବ ନାହିଁ । କାରଣ ତନ୍ତ୍ରଶାସ୍ତ୍ର ଅତୀବ ଗୋପନୀୟ ଶାସ୍ତ୍ର । ଶାସ୍ତ୍ରକାରମାନେ କୁଳବଧୂ ପରି ସାଧନଶାସ୍ତ୍ରକୁ ଗୁପ୍ତ ରଖିବାକୁ ଉପଦେଶ ପ୍ରଦାନ କରିଛନ୍ତି । ଏହି ତନ୍ତ୍ରଶବ୍ଦର ଅର୍ଥ ''ଶ୍ରୁତିଶାଖା ବିଶେଷ'' ବୋଲି 'ମେଦିନୀ ଅଭିଧାନ'ରେ ଲିପିବଦ୍ଧ ହୋଇଅଛି । ପୂର୍ବତନ ଆର୍ଯ୍ୟଋଷିମାନେ ଅତୀବ ପ୍ରଖର ବୁଦ୍ଧିସମ୍ପନ୍ନ ଥିଲେ । ସେମାନେ ଯେଭଳି କୌଶଳର ସହିତ ଉପାସନାର ବ୍ୟବସ୍ଥା ବିଧିବଦ୍ଧ କରିଛନ୍ତି, ସେଥିପ୍ରତି ସାମାନ୍ୟ ମନୋନିବେଶ କଲେ ତାହାର ପ୍ରକୃତ ଭାବ କିୟଦ୍-ପରିମାଣରେ ଉପଲବ୍ଧି କରାଯାଇପାରେ ଏବଂ ସେଥିରେ ମନରେ ଅତି ପବିତ୍ର ଆନନ୍ଦଭାବର ଆବିର୍ଭାବ ହୁଏ । ସେହି ପବିତ୍ର ଆନନ୍ଦ ଅନ୍ୟକୁ ବୁଝାଇବାର ଉପାୟ ନାହିଁ । ଯେଉଁ ସାଧକ ସେହି ସାତ୍ତ୍ୱିକ ଆନନ୍ଦ ଉପଲବ୍ଧି କରିଛନ୍ତି, ତାଙ୍କ ଭିନ୍ନ ଅନ୍ୟ କାହାରି ମଧ୍ୟ ତାହା ବୁଝିବାର ସାଧ୍ୟ ନାହିଁ। ବର୍ତ୍ତମାନ ସମୟରେ ଅଧିକାଂଶ ବ୍ୟକ୍ତି ସେହି ସବୁ ବିଷୟ ପ୍ରତି ମନୋନିବେଶ ନ କରିବା ଫଳରେ ତନ୍ତ୍ରଶାସ୍ତ୍ରର ପ୍ରକୃତ ଅର୍ଥ ହୃଦୟଙ୍ଗମ କରିପାରନ୍ତି ନାହିଁ। ତେଣୁ ସେମାନେ ତନ୍ତ୍ରଶାସ୍ତ୍ରକୁ ବେଦବିରୁଦ୍ଧ କାର୍ଯ୍ୟର ଅଭିପ୍ରାୟରେ ବ୍ୟବସାୟୀ ସଂପ୍ରଦାୟଙ୍କ ଇଚ୍ଛାନୁସାରେ ପ୍ରସ୍ତୁତ ବୋଲି ଉପେକ୍ଷା କରିବାକୁ କୁଣ୍ଠିତ ହେଉନାହାନ୍ତି ।

ନିଗମ ବେଦ, ଆଗମ ତନ୍ତ୍ର । 'କଳାବାଗମସମ୍ମତା' —କଳିକାଳରେ ଆଗମସମ୍ମତ ଉପାସନା ହିଁ ଫଳପ୍ରଦ । କାରଣ ଏଥିରେ କଳିର ଦୁର୍ବଳାଧିକାରୀ ମାନବର ଉପଯୁକ୍ତ ସୁ-କର ସାଧନ-ବିଧାନ ହିଁ ସନ୍ନିବିଷ୍ଟ । ସୁତରାଂ ତନ୍ତ୍ର ହିଁ କଳିର ବେଦସ୍ୱରୂପ । ଅତଏବ —

"ଆଗମୋକ୍ତବିଧାନେନ କଲୌ ଦେବାନ୍ ଯଜେତ୍ ସୁଧୀଃ ।"

ଆହୁରି ଗୋଟିଏ କଥା । ତନ୍ତ୍ର ଆଧୁନିକ ହେଉ ବା ଯାହା ହେଉ, ଆମେ ଯେତେବେଳେ ଦେଖିବାକୁ ପାଉଛୁଁ ଯେ ବ୍ରହ୍ମାନନ୍ଦ, ପୂର୍ଣ୍ଣାନନ୍ଦ, ଜଗନ୍ମୋହନ, ରାଜା ରାମକୃଷ୍ଣ, ରାମପ୍ରସାଦ, ସର୍ବାନନ୍ଦ ଓ କମଳାକାନ୍ତ ପ୍ରଭୃତି ଦେଶମାତାର ସୁସନ୍ତାନମାନେ ତନ୍ତ୍ରୋକ୍ତ ସାଧନରେ ସିଦ୍ଧିଲାଭ କରିଛନ୍ତି, ସେତେବେଳେ ତନ୍ତ୍ରଶାସ୍ତ୍ର ଆମ ନିକଟରେ ଅନାଦୃତ ବା ଉପେକ୍ଷିତ ହେବ କାହିଁକି ? ଜଣେ ସ୍ତ୍ରୀଲୋକ ଅନ୍ୟ ଜଣେ ସ୍ତ୍ରୀଲୋକଙ୍କୁ ପଚାରିଲେ, "ଭଉଣି ! ତୁମର ପରା ପୁଅଟି ମରିଯାଇଛି ? " ଦ୍ୱିତୀୟା ରମଣୀ ଉତ୍ତର କଲା, "କ'ଣ କହୁଛୁ ଭଉଣି ! ମୁଁ ପରା ବର୍ତ୍ତମାନ ମୋ ପୁଅକୁ ଖୁଆଇ ଆସିଲି ।" ପ୍ରଥମା ରମଣୀ ଟିକିଏ ଚିନ୍ତାଯୁକ୍ତ ହୋଇ କହିଲା, "ମୋ ଭ୍ରାତୃଦେବ ତ କେବେ ମିଥ୍ୟା କଥା କହନ୍ତି ନାହିଁ ।" ଯାହାର ପୁତ୍ର ସେ କହୁଛି, 'ମୋ ପୁଅ ଜୀବିତ ଅଛି', କିନ୍ତୁ ଭ୍ରାତୃଦେବ ମିଥ୍ୟାବାଦୀ ନୁହନ୍ତି ବୋଲି ଅନ୍ୟ ଜଣେ ତାହା ବିଶ୍ୱାସ କରିପାରୁନାହିଁ । ନବ୍ୟଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ସେହିପରି ତନ୍ତ୍ରକୁ ଆଧୁନିକ କହି ଉପେକ୍ଷା କରୁଛନ୍ତି । ଅଥଚ ସେମାନଙ୍କ ଆଖି ଆଗରେ ଯେ କେତେ ବ୍ୟକ୍ତି ତନ୍ତ୍ରୋକ୍ତ ସାଧନାରେ ଆତ୍ମଜ୍ଞାନ ଲାଭ କରି ଧାର୍ମିକ ସମାଜରେ ପୂଜିତ ହେଉଛନ୍ତି, ସେଥିପ୍ରତି ସେମାନଙ୍କର ଲକ୍ଷ୍ୟ ନାହିଁ । ଉପରୋକ୍ତ ଭାବରେ ପ୍ରତ୍ୟକ୍ଷ ପ୍ରମାଣ ତ୍ୟାଗକରି ଅନୁମାନ ଉପରେ ନିର୍ଭର କରିବା ମୂର୍ଖତା ମାତ୍ର । ଏହି ସମସ୍ତ ପ୍ରମାଣ ସତ୍ତ୍ୱେ ଯେଉଁମାନେ ତନ୍ତ୍ରଶାସ୍ତ୍ରକୁ ଉପେକ୍ଷା କରନ୍ତି, ସେମାନେ ବାୟସକର୍ତ୍ତୃକ ଶ୍ରବଣାପହରଣ ବୃତ୍ତାନ୍ତ ଶ୍ରବଣରେ ବାୟସକୁ ଲକ୍ଷ୍ୟକରି ତାହାର ଅନୁସରଣ କରିବା ସମୟରେ ପଥମଧ୍ୟସ୍ଥିତ କୂପ ମଧ୍ୟରେ ନିପତିତ ମୂଢ଼ବ୍ୟକ୍ତିଙ୍କ ସଦୃଶ ଭ୍ରମାନ୍ଧକୂପରେ ହିଁ ନିପତିତ ହେବେ ।

# ତନ୍ତ୍ରୋକ୍ତ ସାଧନା

ଆମ ଦେଶରେ ଅଧିକାଂଶ ସ୍ଥଳରେ ତନ୍ତ୍ରମତାନୁସାରେ ଦେବତାମାନଙ୍କର ଆରାଧନା ହୋଇଥାଏ ଏବଂ ତାନ୍ତ୍ରିକ ମତାନୁସାରେ ଦେବତାଙ୍କ ଆରାଧନା କରାଗଲେ, ଅତି ଶୀଘ୍ର ଫଳ ଲାଭ ହୋଇଥାଏ । ତାନ୍ତ୍ରିକମାନେ ଏପରି ସହଜ ଓ ସରଳ ପନ୍ଥାସବୁ ଆବିଷ୍କାର କରିଛନ୍ତି, ଯେଉଁଥିରେ ମାନବ ଯୋଗପଥରେ ସହଜରେ ଅଗ୍ରସର ହୋଇପାରେ । ତନ୍ତ୍ରଶାସ୍ତ୍ର ଶିବ-ବିରଚିତ । ଯାହା ଯୋଗର ଅତ୍ୟୁତ୍ତମ ଉଜ୍ଜ୍ୱଳ ପନ୍ଥା, ତାହା କେବଳ ପାର୍ଥିବ ଭୋଗ ନିମିତ୍ତ ସୃଷ୍ଟ ହୋଇଅଛି—ଏହା ଚିନ୍ତା କରିବା ମଧ୍ୟ ମହାପାପ । ଯେଉଁ ତନ୍ତ୍ରଶାସ୍ତ୍ରରେ ମଦ୍ୟମାଂସ ପ୍ରଭୃତି ବିଷୟୋପଭୋଗ କଥା ଲିଖିତ ହୋଇଅଛି, ସେହି ତନ୍ତ୍ରଶାସ୍ତ୍ରଙ୍କ କ'ଣ ବ୍ରହ୍ମଜ୍ଞାନରେ ଅଦୂରଦର୍ଶୀ ଥିଲେ ?

ମହାନିର୍ବାଣ ତନ୍ତ୍ରରେ କଥିତ ଅଛି, ପରମଯୋଗୀ ମହାଦେବଙ୍କୁ ଆଦ୍ୟାଶକ୍ତି ଭଗବତୀ କହିଲେ, ''ହେ ଦେବଦେବ ମହାଦେବ ! ଆପଣ ଦେବତାମାନଙ୍କର ଗୁରୁଙ୍କର ଗୁରୁ । ଆପଣ ଯେଉଁ ପରମେଶ ପରବ୍ରହ୍ମଙ୍କ କଥା କହିଲେ ଏବଂ ଯାହାଙ୍କ ଉପାସନାରେ ମାନବଗଣ ଭୋଗ ଓ ମୋକ୍ଷ ଲାଭ କରିପାରନ୍ତି, ହେ ଭଗବାନ୍! କି ଉପାୟରେ ସେହି ପରମାତ୍ମା ପ୍ରସନ୍ନ ହୋଇଥା'ନ୍ତି ? ହେ ଦେବ ! ତାହାର ସାଧନା ବା ମନ୍ତ୍ର କ'ଣ ? ସେହି ପରମାତ୍ମା ବା ପରମେଶ୍ୱରଙ୍କ ଧ୍ୟାନ ବା କିପରି ଏବଂ ଧ୍ୟାନର ବିଧି ବା କଅଣ ? ହେ ପ୍ରଭୋ ! ମୁଁ ଏହାର ପ୍ରକୃତ ତତ୍ତ୍ୱ ଶୁଣିବା ପାଇଁ ସମୁତ୍ସୁକ ହୋଇଅଛି, ଅତଏବ, କୃପା କରି ମୋତେ ତାହା କୁହନ୍ତୁ ।''

ସଦାଶିବ କହିଲେ, ''ହେ ପ୍ରାଣବଲ୍ଲଭେ ! ତୁମେ ମୋ ନିକଟରୁ ଗୁହ୍ୟରୁ ଗୁହ୍ୟତର ବ୍ରହ୍ମତତ୍ତ୍ୱ ଶ୍ରବଣ କର । ମୁଁ ଏ ରହସ୍ୟ ଅନ୍ୟ କେଉଁଠାରେ ହେଲେ ପ୍ରକାଶ କରିନାହିଁ । ଗୁହ୍ୟ ବିଷୟ ମୋର ପ୍ରାଣ ଅପେକ୍ଷା ଅତି ପ୍ରିୟ ପଦାର୍ଥ । ତୁମ ପ୍ରତି ସ୍ନେହ ଅଛି ବୋଲି ମୁଁ ତାହା କହୁଛି । ସେହି ସଚ୍ଚିଦ୍‌ଶିବାତ୍ମା ପରଂବ୍ରହ୍ମଙ୍କୁ କି ଉପାୟରେ ବୁଝାଯାଇପାରେ ? ହେ ମହେଶ୍ୱରି ! ଯେ ସତ୍ୟାସତ୍ୟ-ନିର୍ବିଶେଷ ଏବଂ ବାକ୍ୟ ଓ ମନର ଅଗୋଚର, ତାଙ୍କୁ ଯଥାଯଥ ସ୍ୱରୂପଲକ୍ଷଣ ଦ୍ୱାରା କିପରି

ବା ଜଣାଯାଇପାରେ ? ଯେ ଅନିତ୍ୟ ଜଗନ୍ମଣ୍ଡଳରେ ସତ୍‌ସ୍ୱରୂପରେ ପ୍ରତିଭାତ ଅଛନ୍ତି, ଯେ ବ୍ରହ୍ମସ୍ୱରୂପ, ସର୍ବତ୍ର ସମଦୃଷ୍ଟି, ସମାଧି ସାହାଯ୍ୟରେ ଯାହାଙ୍କୁ ଜାଣି ହୁଏ, ଯେ ଦ୍ୱନ୍ଦ୍ୱାତୀତ, ନିର୍ବିକଳ୍ପ ଓ ଶରୀର-ଆତ୍ମଜ୍ଞାନପରିଶୂନ୍ୟ, ଯାହାଙ୍କଠାରୁ ବିଶ୍ୱସଂସାର ସମୁଦ୍ଭୂତ ହୋଇଅଛି ଏବଂ ଯାହାଙ୍କଠାରେ ସମୁଦ୍ଭୂତ ହୋଇ ନିଖିଳ ବିଶ୍ୱ ଅବସ୍ଥିତି କରୁଅଛି, ଯାହାଙ୍କଠାରେ ସମଗ୍ର ବିଶ୍ୱ ଲୟ ପ୍ରାପ୍ତ ହୋଇଥାଏ, ସେହି ବ୍ରହ୍ମ ଏହି ତଟସ୍ଥ-ଲକ୍ଷଣ ଦ୍ୱାରା ଜ୍ଞେୟ ହୁଅନ୍ତି ।

"ସ୍ୱରୂପବୁଦ୍ଧ୍ୟା ଯଦ୍‌ବେଦ୍ୟଂ ତଦେବ ଲକ୍ଷଣୈଃ ଶିବେ ।
ଲକ୍ଷଣୈରାପ୍ତୁମିଚ୍ଛୂନାଂ ବିହିତଂ ତତ୍ର ସାଧନମ୍ ।
ତଦ୍ ସାଧନଂ ପ୍ରବକ୍ଷାମି ଶୃଣୁଷ୍ୱାବହିତା ପ୍ରିୟେ ।।"

— ମହାନିର୍ବାଣତନ୍ତ୍ର, ୩ୟ ଉ :

"ହେ ଶିବେ ! ସ୍ୱରୂପଲକ୍ଷଣ ଦ୍ୱାରା ଯେଉଁ ବ୍ରହ୍ମ ଜ୍ଞେୟ ହୁଅନ୍ତି, ତଟସ୍ଥଲକ୍ଷଣ ଦ୍ୱାରା ସେ ମଧ୍ୟ ଜ୍ଞେୟ ହୋଇଥା'ନ୍ତି । ସ୍ୱରୂପଲକ୍ଷଣ ଦ୍ୱାରା ଜାଣିବାକୁ ହେଲେ, ସାଧନାର ଅପେକ୍ଷା ନ ଥାଏ, ତଟସ୍ଥଲକ୍ଷଣ ଦ୍ୱାରା ବ୍ରହ୍ମପ୍ରାପ୍ତିର ଇଚ୍ଛା କଲେ ସାଧନ ପନ୍ଥା ନିର୍ଦ୍ଦିଷ୍ଟ ଅଛି । ହେ ପ୍ରିୟେ ! ସେହି ସାଧନ ପ୍ରଣାଳୀ ଅର୍ଥାତ୍ ତଟସ୍ଥଲକ୍ଷଣ ଦ୍ୱାରା ବ୍ରହ୍ମଙ୍କ ସାଧନ କଥା କହୁଅଛି, ସାବଧାନ ହୋଇ ଶୁଣ ।

ଏହା ଦ୍ୱାରା କ'ଣ ଏତିକି ବୁଝାଯାଉ ନାହିଁ ଯେ, ସ୍ୱରୂପ ଲକ୍ଷଣ ଦ୍ୱାରା ବ୍ରହ୍ମଙ୍କର ସ୍ୱରୂପ ଅବଗତ ହେଲେ ମଧ୍ୟ ତାହା ସାଧାରଣଙ୍କର ଅଧିଗମ୍ୟ ନୁହେଁ ? ସୁତରାଂ ତଟସ୍ଥ ଲକ୍ଷଣ ଦ୍ୱାରା ଆରାଧନା କଲେ ଶୀଘ୍ର ତାଙ୍କୁ ଲାଭ କରାଯିବ ବୋଲି ତନ୍ତ୍ରର ସାଧନା ଶିବଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଅଛି । ଏହା ପରେ ପୁଣି କ'ଣ ଆହୁରି ବୁଝାଇବାକୁ ପଡ଼ିବ ଯେ, ତନ୍ତ୍ରୋକ୍ତ ସାଧନା ଅତି ପବିତ୍ର ଏବଂ ତାହା ମୋକ୍ଷପ୍ରାପ୍ତିର ସହଜ ଉପାୟ ? ତନ୍ତ୍ରଶାସ୍ତ୍ର—ବିଜ୍ଞାନ, କି ରସାୟନ, କି ଯୋଗ, କି ଭାବସାଗର—ତାହା ଭାବି ସ୍ଥିର କରିବାର ଅଧିକାର କାହାରି ହେଲେ ନାହିଁ । ତନ୍ତ୍ରଶାସ୍ତ୍ରର ଆଲୋଚନା କଲେ ମୁଗ୍ଧ, ବିସ୍ମୟାବିଷ୍ଟ ହେବାକୁ ପଡ଼େ । ମନେହୁଏ ଯେଉଁମାନେ ଜ୍ଞାନବିଜ୍ଞାନର ଏତେ ଉଚ୍ଚ ସୋପାନରେ ଆରୋହଣ କରିଥିଲେ ସେମାନେ କ'ଣ ମନୁଷ୍ୟ ଥିଲେ ନା ଦେବତା ଥିଲେ ? ତନ୍ତ୍ରର

ଆବିଷ୍କ୍ରିୟା, ତନ୍ତ୍ରର ବିଜ୍ଞାନ ଓ ତନ୍ତ୍ରର ଅଭାବନୀୟ ଅଲୌକିକ ବ୍ୟାପାରମାନ ଦର୍ଶନ କଲେ ନିଶ୍ଚୟ ବିଶ୍ୱାସ ହୁଏ ଯେ, ଏହା ମନୁଷ୍ୟ ଦ୍ୱାରା ଆବିଷ୍କୃତ ହୋଇନାହିଁ । ବାସ୍ତବିକ୍ ଦେବଦେବ ପରମଯୋଗୀ ସଦାଶିବଙ୍କ କର୍ତ୍ତୃକ ଏହାର ପ୍ରଚାର ହୋଇଅଛି । ତନ୍ତ୍ରରେ ଯେଉଁ ସବୁ ବିଷୟ ଲିଖିତ ହୋଇଅଛି, ତାହାର ପରୀକ୍ଷା ମଧ୍ୟ ବିଶେଷ କଷ୍ଟସାଧ୍ୟ ନୁହେଁ । ତନ୍ତ୍ରୋକ୍ତ ସାଧନପ୍ରଣାଳୀରେ ଅତିଶୀଘ୍ର ଫଳପ୍ରାପ୍ତି ହୋଇଥାଏ । ଯଥା ବିଧି ଅନୁଷ୍ଠାନ କରି ରଖିପାରିଲେ ଏକରାତ୍ରିରେ ଶବସାଧନାରେ ସିଦ୍ଧ ହୋଇ ବ୍ରହ୍ମପଦ ଲାଭ କରାଯାଇପାରେ । ତନ୍ତ୍ରଶାସ୍ତ୍ରର ଯୁକ୍ତି ହେଉଛି ଯେ, କଳିର ମାନବ ସ୍ୱଳ୍ପାୟୁ, ଲଘୁଚିତ୍ତ ଓ ଅଳ୍ପମେଧାବିଶିଷ୍ଟ ହେବେ । ସେମାନଙ୍କ ଦ୍ୱାରା କଠୋର ସାଧନ ଅସମ୍ଭବ,ତେଣୁ ସେହି ସ୍ୱଳ୍ପାୟୁ, ଅଳ୍ପମେଧା, ଲଘୁଚିତ୍ତ ବ୍ୟକ୍ତିମାନଙ୍କର ଉଦ୍ଧାର ନିମିତ୍ତ ମହାଦେବ ଏହି ମତର ପ୍ରଚାର କରିଛନ୍ତି । ଅତଏବ ତନ୍ତ୍ର କେବଳ ଜ୍ଞାନହୀନ ଅନ୍ଧକାର ହୃଦୟର କେତେଗୁଡିଏ କୁକ୍ରିୟାପଦ୍ଧତିରେ ପରିପୂର୍ଣ୍ଣ ନୁହେଁ । ଏହା ଭୋଗାସକ୍ତ ଜୀବମାନଙ୍କର ଭୋଗର ପଥ ଦେଇ ନିବୃତ୍ତିପଥକୁ ସହଜରେ ଗମନ କରିବାର ଅତି ପ୍ରକୃଷ୍ଟ ପଦ୍ଧତିଗୁଡିକର ପରିପୂର୍ଣ୍ଣ ସମାବେଶ । ବର୍ତ୍ତମାନ **ତାନ୍ତ୍ରିକ ସାଧନତତ୍ତ୍ୱ** ସମ୍ବନ୍ଧରେ କିଞ୍ଚିତ୍ ବିଶ୍ଳେଷଣ କରାଯାଉ ।

ବେଦରେ ପ୍ରଣବମନ୍ତ୍ରରେ ପରଂବ୍ରହ୍ମଙ୍କ ଉପାସନା କରାହୋଇଥାଏ । କାରଣ —

'ତସ୍ୟ ବାଚକଃ ପ୍ରଣବଃ ।' (ପାତଞ୍ଜଳଦର୍ଶନ)

ଅ, ଉ, ମ, ବର୍ଣ୍ଣଯୋଗରେ ବ୍ରହ୍ମା, ବିଷ୍ଣୁ, ଶିବ ପ୍ରତିପାଦିତ ହୁଅନ୍ତି । କ୍ଳୀଂ ଶବ୍ଦରେ **'ଶ୍ରୀକୃଷ୍ଣାୟ ଭଗବତେ ଗୋପୀଜନବଲ୍ଲଭାୟ ନମଃ'** ପ୍ରତିପାଦିତ ହୁଏ । ଫଳରେ ସାଧାରଣତଃ ଓଁ ଶବ୍ଦରେ ସଗୁଣବ୍ରହ୍ମଙ୍କର ସର୍ବରୂପର ପ୍ରତିପାଦନ ହୋଇଥାଏ । ପ୍ରଣବଚିନ୍ତାରେ ତ୍ରିଗୁଣର ତ୍ରିମୂର୍ତ୍ତି ଅର୍ଥାତ୍ ବ୍ରହ୍ମା, ବିଷ୍ଣୁ, ଶିବ ଏକାବେଳକେ ଚିନ୍ତା କରିବା ସହଜ ବିଷୟ ନୁହେଁ । ତାହା ଅଧିକାଂଶ ସ୍ଥଳରେ ଅସମ୍ଭବ ହୋଇପଡ଼େ । ଏହି କାରଣରୁ ତନ୍ତ୍ରଶାସ୍ତ୍ରରେ ଅଧିକାରୀ ଭେଦରେ ଦେବ

ଓ ଦେବୀଙ୍କର ଗୋଟିଏ ଗୋଟିଏ ମୂର୍ତ୍ତି ଚିନ୍ତା କରିବାର ବ୍ୟବସ୍ଥା ରହିଛି । ବୈଦିକ ମନ୍ତ୍ର 'ଓଁ' ଶବ୍ଦ ସହଜରେ ଉଚ୍ଚାରଣ କରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ତନ୍ତ୍ରୋକ୍ତ ମନ୍ତ୍ର (ଦୀର୍ଘ ପ୍ରଣବ ଓ ଅନ୍ୟାନ୍ୟ ବୀଜମନ୍ତ୍ର ପ୍ରଭୃତି) ଅତି ସହଜରେ ଉଚ୍ଚାରିତ ହୋଇଥାଏ । ସର୍ବସାଧାରଣଙ୍କ ନିମିତ୍ତ ତନ୍ତ୍ରଶାସ୍ତ୍ର ବ୍ୟବସ୍ଥାପିତ ହୋଇଅଛି । ତାହା ଅଶିକ୍ଷିତ ଲୋକମାନେ ମଧ ସହଜରେ (ନିଜ ନିଜ ଅଧିକାର ଓ ପ୍ରୟୋଜନ ଅନୁରୂପ) ସାଧନା କରିପାରନ୍ତି । ଅଧିକାରୀଭେଦରେ ଉପାସନାର ପ୍ରଣାଳୀ ମଧ ପୃଥକ୍ ପୃଥକ୍ ରୂପରେ ହିନ୍ଦୁଶାସ୍ତ୍ରରେ ନିର୍ଦ୍ଦିଷ୍ଟ ହୋଇଅଛି । ସ୍ତ୍ରୀ-ଶୂଦ୍ର ପ୍ରଭୃତିଙ୍କୁ ବେଦରେ ଅଧିକାର ଦିଆହୋଇନାହିଁ । ସେମାନଙ୍କ ନିମିତ୍ତ ମଧ ତନ୍ତ୍ରୋକ୍ତ ସହଜ ଉପାସନା ପ୍ରସ୍ତୁତ ହୋଇ ରହିଛି । ଯେଉଁମାନେ ବେଦାଧିକାରୀ ଥିଲେ, ସେମାନେ କାଳକ୍ରମେ ବେଦପଥ ଅତିକ୍ରମ କରି ତନ୍ତ୍ରୋକ୍ତ ସାଧନ-ପଦ୍ଧତି ଗ୍ରହଣ କରିଛନ୍ତି । ସେଥିପାଇଁ ବ୍ରାହ୍ମଣମାନଙ୍କ ଭିତରେ ମଧ୍ୟ ତନ୍ତ୍ରଶାସ୍ତ୍ର ସମଧିକ ଆଦର ଲାଭ କରିଅଛି ।

ପ୍ରକୃତିର ପରିଣାମ ଅର୍ଥାତ୍ ବିକାର ଦ୍ୱାରା ସମଗ୍ର ବିଶ୍ୱସୃଷ୍ଟି ଉତ୍ପନ୍ନ ହୋଇଅଛି । ଫଳରେ ଆଦି-କାରଣର ନାମ ହିଁ ସାଂଖ୍ୟଦର୍ଶନରେ ପ୍ରକୃତି ଶବ୍ଦରେ ଉଲ୍ଲିଖିତ ହୋଇଅଛି । ପ୍ରକୃତିର କର୍ତ୍ତୃତ୍ୱ ବେଦସମ୍ମତ । ପ୍ରକୃତିର ଉପାସନା ମଧ୍ୟ ସତ୍ୟଯୁଗରୁ ଏପର୍ଯ୍ୟନ୍ତ ପ୍ରଚଳିତ । ମାର୍କଣ୍ଡେୟ ମୁନିଙ୍କ ପ୍ରଣୀତ 'ଚଣ୍ଡୀ' ସତ୍ୟଯୁଗର ଲେଖା ହେଲେ ମଧ୍ୟ ସେଥିରେ ପ୍ରକୃତିର କର୍ତ୍ତୃତ୍ୱ ଅତି ବିସ୍ତୃତ ରୂପେ ବର୍ଣ୍ଣିତ ହୋଇଅଛି, ଯଥା —

**'ନିତ୍ୟୈବ ସା ଜଗନ୍ମୂର୍ତ୍ତିସ୍ତୟା ସର୍ବମିଦଂ ତତମ୍ ।।'**

ସେହି ମହାବିଦ୍ୟା ନିତ୍ୟା, ଜନ୍ମ-ମୃତ୍ୟୁ-ରହିତ-ସ୍ୱଭାବା, ଜଗତର ଆଦି-କାରଣ, ଏହି ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି ଏବଂ ତାଙ୍କରି ଠାରୁ ଏହି ସଂସାର ବିସ୍ତାର ଲାଭ କରିଛି ।

ତ୍ରେତାଯୁଗର ରାମ-ସୀତା ଚରିତ ଉପନିଷଦରେ ମଧ୍ୟ ବର୍ଣ୍ଣିତ ହୋଇଅଛି । ସେହି ଉପନିଷଦର ଛାୟା ଅବଲମ୍ବନ କରି ବୋଧହୁଏ ମହର୍ଷି

ବାଲ୍ମୀକି ମହାକାବ୍ୟ 'ରାମାୟଣ' ରଚନା କରିଛନ୍ତି । ରାମ-ସୀତା ମଧ୍ୟ ଉପନିଷଦରେ ପ୍ରକୃତି-ପୁରୁଷ ରୂପରେ ବର୍ଣ୍ଣିତ ହୋଇଛନ୍ତି ।

"ଶ୍ରୀରାମସାନ୍ନିଧ୍ୟବଶାଜ୍ଜଗଦାନନ୍ଦଦାୟିନୀ
ଉତ୍ପତ୍ତିସ୍ଥିତିସଂହାରକାରିଣୀ ସର୍ବଦେହିନାମ୍ ।
ସା ସୀତା ଭବତି ଜ୍ଞେୟା ମୂଳ-ପ୍ରକୃତି-ସଂଜ୍ଞିତା
ପ୍ରଣବତ୍ୱାଦ୍ ପ୍ରକୃତିରିତି ବଦନ୍ତି ବ୍ରହ୍ମବାଦିନଃ ।।" (ରାମତାପନୀ)

ଶ୍ରୀରାମଙ୍କ ସାନ୍ନିଧ୍ୟ ହେତୁ ଜଗତରେ ଆନନ୍ଦପ୍ରଦାୟିନୀ ଏବଂ ସର୍ବପ୍ରାଣୀଙ୍କର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟକାରିଣୀଭୂତା ସୀତାଙ୍କୁ ମୂଳପ୍ରକୃତି ବୋଲି ଜାଣିବାକୁ ହେବ । ଯେତେବେଳେ ସୀତା ପ୍ରଣବ ସହିତ ଅଭେଦପ୍ରାପ୍ତ ହୁଅନ୍ତି, ସେତେବେଳେ ବ୍ରହ୍ମବାଦୀମାନେ ତାଙ୍କୁ ପ୍ରକୃତି କହନ୍ତି । ଶ୍ରୀକୃଷ୍ଣ ଏବଂ ଯୋଗମାୟା ଦ୍ୱାପରଯୁଗର । ଭାଗବତପ୍ରଣେତା ତାହା ରାସଲୀଳାରେ ପରିଷ୍କାରରୂପେ ବର୍ଣ୍ଣନା କରିଛନ୍ତି, ଯଥା —

"ଭଗବାନପି ତା ରାତ୍ରିଃ ଶାରଦୋତ୍‌ଫୁଲ୍ଲମଲ୍ଲିକାଃ ।
ବୀକ୍ଷ୍ୟ ରନ୍ତୁଂ ମନଶ୍ଚକ୍ରେ ଯୋଗମାୟାମୁପାଶ୍ରିତଃ ।।"

ସେହି ଶାରଦୋତ୍‌ଫୁଲ୍ଲ ମଲ୍ଲିକାଶୋଭିତ ରାତ୍ରି ଦର୍ଶନ କରି ଭଗବାନ ଯୋଗମାୟାଙ୍କୁ ଆଶ୍ରୟପୂର୍ବକ କ୍ରୀଡା କରିବାକୁ ଇଚ୍ଛା କରିଥିଲେ । ଶ୍ରୀମଦ୍‌ଭଗବଦ୍ ଗୀତାରେ ପ୍ରକୃତିର କର୍ତ୍ତୃତ୍ୱ ମଧ୍ୟ ବର୍ଣ୍ଣିତ ହୋଇଅଛି, ଯଥା —

"ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ।
ହେତୁନାନେନ କୌନ୍ତେୟ ଜଗଦ୍‌ବିପରିବର୍ତ୍ତତେ ।।"

ହେ କୌନ୍ତେୟ ! ମୋର ଅଧିଷ୍ଠାନ ହେତୁରୁ ହିଁ ପ୍ରକୃତି ଏହି ସଚରାଚର ଜଗତ ପ୍ରସବ କରିଥାଏ ଏବଂ ମୋର ଅଧିଷ୍ଠାନ ନିମିତ୍ତ ଏହି ଜଗତ ନାନା ରୂପରେ ଉତ୍ପନ୍ନ ହୋଇଥାଏ ।

ଉପରୋକ୍ତ ଗୀତାବାକ୍ୟ ଅନୁସାରେ ପ୍ରକୃତି ହିଁ ଜଗତ୍‌ପ୍ରସବିଣୀ ବା ଜଗତ୍‌ଜନନୀ ବୋଲି ଜଣାଯାଏ । ସେହି ପ୍ରକୃତି ଦେବୀହିଁ ତନ୍ତ୍ରର ପ୍ରଧାନ

ଅଧିଷ୍ଠାତ୍ରୀ ଦେବୀ । ତାହା ଉପନିଷଦ ଏବଂ ପୁରାଣ ଏବଂ ଶାସ୍ତ୍ରାଦିର ମଧ୍ୟ ଅନୁମୋଦିତ । ତନ୍ତ୍ରଶାସ୍ତ୍ରରେ ଦେବ ଓ ଦେବୀ ଉଭୟଙ୍କର ଉପାସନା ବିଧିବଦ୍ଧ ହୋଇଅଛି । ଭାରତବର୍ଷରେ ଭିନ୍ନ ଭିନ୍ନ ସମ୍ପ୍ରଦାୟର ଉପାସକ ଦେଖିବାକୁ ମିଳନ୍ତି । ଏମାନଙ୍କ ମଧ୍ୟରେ ଗୋଟିଏ ସମ୍ପ୍ରଦାୟର ଲୋକ କେବଳ ପ୍ରକୃତି-ଦେବୀଙ୍କର ଉପାସକ । ସେମାନେ ମଧ୍ୟ ତନ୍ତ୍ରୋକ୍ତ ସାଧନାର ବ୍ୟବସ୍ଥା ଅନୁସାରେ ପରିଚାଳିତ । ଯେପରି ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ ଯୋଗଶାସ୍ତ୍ରକୁ କର୍ମର କୌଶଳ ବୋଲି ବର୍ଣ୍ଣନା କରିଛନ୍ତି, ଯଥା —

"ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ ।
ତସ୍ମାଦ୍ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳମ୍ ॥"

ସେହିପରି ତନ୍ତ୍ରଶାସ୍ତ୍ରରେ ମଧ୍ୟ ଅତି କୌଶଳର ସହିତ ଦେବଦେବୀମାନଙ୍କର ଉପାସନା ପ୍ରଣାଳୀ ଯୋଗଶାସ୍ତ୍ରର ବିଧାନ ଅନୁସାରେ ବିଧିବଦ୍ଧ ହୋଇଅଛି । ତନ୍ତ୍ରଶାସ୍ତ୍ର ଦେଶଭେଦରେ ନାନା ପ୍ରକାର ଆଚାର ଓ ନାନାପ୍ରକାର ଭାବ ପ୍ରକାଶ କରିଅଛି । କୌଣସି କୌଣସି ତନ୍ତ୍ରରେ ଗୁପ୍ତ ସାଧନା କଥା ମଧ୍ୟ ପ୍ରକାଶିତ ହୋଇଅଛି । ଯେଉଁ ମନୁଷ୍ୟ ଯେଉଁଳି ଆଚାର ଓ ଭାବ ଏବଂ ଯେଉଁ ସାଧନାର ଅଧିକାରୀ, ସେ ତଦନୁରୂପ ଅନୁଷ୍ଠାନ କଲେ ଫଳଭୋଗୀ ହୋଇଥା'ନ୍ତି ଏବଂ ସାଧନାରେ ନିଷ୍ପାପ ହୋଇ ସଂସାର-ସମୁଦ୍ରରୁ ସମୁତ୍ତୀର୍ଣ୍ଣ ହୋଇଥା'ନ୍ତି । ଜନ୍ମଜନ୍ମାର୍ଜିତ ପୁଣ୍ୟ ପ୍ରଭାବରେ କୁଳାଚାରରେ ଯେଉଁମାନଙ୍କର ବାସନା ହୁଏ, ସେମାନେ କୁଳାଚାର ଅବଲମ୍ବନରେ ଆତ୍ମାକୁ ପବିତ୍ର କରି ସାକ୍ଷାତ୍ ଶିବମୟ ହୋଇଥା'ନ୍ତି । ଯେଉଁଠାରେ ଭୋଗବାହୁଲ୍ୟର ବିସ୍ତୃତି, ସେଠାରେ ଯୋଗର ସମ୍ଭାବନା କେଉଁଠି ? ଯେଉଁଠାରେ ଯୋଗ, ସେହିଠାରେ ହିଁ ଭୋଗର ଅଭାବ, କିନ୍ତୁ କୁଳାଚାରରେ ପ୍ରବୃତ୍ତ ହେଲେ ଭୋଗ ଓ ଯୋଗ ଉଭୟ ହିଁ ଲାଭ କରାଯାଇପାରେ ।

## ମ-କାର ତତ୍ତ୍ୱ

ତନ୍ତ୍ରଶାସ୍ତ୍ରରେ ପଞ୍ଚ ମ-କାରରେ ସାଧନା କରିବାର ପ୍ରଣାଳୀ ଅଛି । ପଞ୍ଚ ମ-କାର ଅର୍ଥାତ୍ ପାଞ୍ଚଟି ଦ୍ରବ୍ୟର ଆଦ୍ୟ ଅକ୍ଷର 'ମ' । ଯଥା—ମଦ୍ୟ, ମାଂସ,

ମତ୍ସ୍ୟ, ମୁଦ୍ରା ଓ ମୈଥୁନ—ଏହି ପାଞ୍ଚଟିକୁ ପଞ୍ଚ ମ-କାର କୁହାଯାଏ । ପଞ୍ଚ ମ-କାରର ସାଧନ ଫଳ ମଧ୍ୟ ଅସୀମ, ଯଥା—

"ମଦ୍ୟଂ ମାଂସଂ ତଥା ମତ୍ସ୍ୟଂ ମୁଦ୍ରା ମୈଥୁନମେବ ଚ ।
ମ-କାରପଞ୍ଚକଂ କୃତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।।"

ଯେଉଁ ସାଧକମାନେ ପଞ୍ଚ ମ-କାର ସାଧନା କରନ୍ତି, ସେମାନଙ୍କର ପୁନର୍ଜନ୍ମ ହୁଏନାହିଁ । ଜନସାଧାରଣ ଏହାର ମୂଳତତ୍ତ୍ୱ ଓ ଉଦ୍ଦେଶ୍ୟ ବୁଝି ନ ପାରି ଏ ସମ୍ବନ୍ଧରେ ନାନାପ୍ରକାର କଥା କହିଥା'ନ୍ତି । ବିଶେଷତଃ ଆଜିକାଲିର ଶିକ୍ଷିତ ଲୋକେ ତନ୍ତ୍ରଶାସ୍ତ୍ରରେ ମଦ୍ୟପାନର ବ୍ୟବସ୍ଥା, ମାଂସ ଭୋଜନ-ପ୍ରଥା, ମୈଥୁନର ପ୍ରବର୍ତ୍ତନ ଏବଂ ମୁଦ୍ରାର ବ୍ୟବହାର ଦେଖି ସେହି ତନ୍ତ୍ରଶାସ୍ତ୍ର ପ୍ରତି ଅତିଶୟ ଅଶ୍ରଦ୍ଧା ପ୍ରଦର୍ଶନ କରିଥା'ନ୍ତି । କେବଳ ସେତିକି ନୁହେଁ, ତାନ୍ତ୍ରିକ-ସାଧକଙ୍କ ନାମ ଶୁଣିଲାମାତ୍ରେ ସେମାନେ ଭୟଭୀତ ହୋଇ ଯେପରିକି ଶିହରି ଉଠନ୍ତି । ପ୍ରକୃତପକ୍ଷରେ ଅଧିକାଂଶ ସ୍ଥଳରେ ଦେଖାଯାଏ ଯେ, ଲୋକେ ମଦ୍ୟାଦି ସେବନ ଆରମ୍ଭ କରି ଆଉ କୌଣସି ଉପାୟରେ ନିବୃତ୍ତିପଥରେ ଗତି କରିପାରନ୍ତି ନାହିଁ । ମଦ୍ୟାଦି ସେବନ କରି ଭୋଗର ତୃପ୍ତି ହେବା ପରେ ଯେ ପୁନରାୟ ଧର୍ମପଥରେ ଆସିବାକୁ କେହି ସକ୍ଷମ ହୋଇପାରିବେ, ଏ ବିଶ୍ୱାସ କୌଣସି ପ୍ରକାରେ ମନକୁ ଆସେନାହିଁ । ଯେ ମଦ୍ୟପାନରେ ଆସକ୍ତ, ଧର୍ମପଥ ତ ଦୂରର କଥା, ସେ ନୈତିକ ପଥରେ ମଧ୍ୟ ବିଚରଣ କରିବାକୁ ସକ୍ଷମ ହୋଇପାରନ୍ତି ନାହିଁ । ମଦ୍ୟପାନ କଲେ ମାନବର ଆସକ୍ତି ଅସତ୍‌ପଥକୁ ପ୍ରଧାବିତ ହୁଏ । ତେବେ ତନ୍ତ୍ରଶାସ୍ତ୍ରରେ ମଦ୍ୟମାଂସାଦିର ବ୍ୟବହାର ଦୃଷ୍ଟ ହୁଏ କାହିଁକି ? ପୂର୍ବରୁ କହିଛି, ସତ୍ତ୍ୱ, ରଜଃ ଓ ତମଃ—ଏହି ତ୍ରିଗୁଣ ଭେଦରେ ଉପାସନାରେ ଅଧିକାର ଓ ପ୍ରକାରଭେଦ ହୋଇଥାଏ । ସୁତରାଂ ପଞ୍ଚମ-କାର ମଧ୍ୟ ସ୍ଥୂଳ ଓ ସୂକ୍ଷ୍ମଭେଦରେ ଅଧିକାରାନୁଯାୟୀ ବ୍ୟବହୃତ ହୋଇଥାଏ । ପ୍ରଥମେ ପଞ୍ଚ ମ-କାରର ସୂକ୍ଷ୍ମତତ୍ତ୍ୱ ଆଲୋଚନା କରିବା । ଶିବ କହିଛନ୍ତି —

"ସୋମଧାରା କ୍ଷରେଦ୍ ଯତ୍ତୁ ବ୍ରହ୍ମରନ୍ଧ୍ରାଦ୍ ବରାନନେ ।
ପୀତ୍ୱାନନ୍ଦମୟସ୍ତାଂ ଯଃ ସ ଏବ ମଦ୍ୟସାଧକଃ ।।"

ହେ ବରାନନେ ! ବ୍ରହ୍ମରନ୍ଧ୍ରରୁ ଯେଉଁ ଅମୃତଧାରା କ୍ଷରିତ ହୁଏ , ତାହା ପାନ କଲେ ଲୋକମାନେ ଆନନ୍ଦମୟ ହୋଇଥା'ନ୍ତି । ଏହାର ନାମ **ମଦ୍ୟସାଧନ** ।*

**"ମା ଶବ୍ଦାଦ୍ରସନା ଜ୍ଞେୟା ତଦଂଶାନ୍ ରସନା-ପ୍ରିୟେ**
**ସଦା ଯୋ ଭକ୍ଷେୟଦ୍ଦେବି ! ସ ଏବ ମାଂସସାଧକଃ ।।"**

ହେ ରସନାପ୍ରିୟେ ! ମା' ଶବ୍ଦ ରସନାର ନାମାନ୍ତର । ବାକ୍ୟ ତଦଂଶସମ୍ଭୂତ । ଯେଉଁ ବ୍ୟକ୍ତି ସର୍ବଦା ଏହା ଭକ୍ଷଣ କରନ୍ତି ତାହାଙ୍କୁ ହିଁ ମାଂସସାଧକ କୁହାଯାଏ । ମାଂସସାଧକ ବ୍ୟକ୍ତି ପ୍ରକୃତ ପକ୍ଷରେ ବାକ୍ୟ ସଂଯମୀ, ମୌନାବଲମ୍ବୀ ଯୋଗୀ ।

**"ଗଙ୍ଗାଯମୁନୟୋର୍ମଧ୍ୟେ ମତ୍ସ୍ୟୌ ଦ୍ୱୌ ଚରତଃ ସଦା ।**
**ତୌ ମତ୍ସ୍ୟୌ ଭକ୍ଷୟେଦ୍ ଯସ୍ତୁ ସଭବେନ୍ମତ୍ସ୍ୟସାଧକଃ ।।"**

---

* *ଅନ୍ୟ ମତରେ,* "ଯଦୁକ୍ତଂ ପରମଂ ବ୍ରହ୍ମ ନିର୍ବିକାରଂ ନିରଞ୍ଜନମ୍
ତସ୍ମିନ୍ ପ୍ରମଦନ-ଜ୍ଞାନଂ ତନ୍ମଦ୍ୟଂ ପରିକୀର୍ତ୍ତିତମ୍ ।।"

ନିର୍ବିକାର ନିରଞ୍ଜନ ପରଂବ୍ରହ୍ମଙ୍କ ଠାରେ ଯୋଗ ସାଧନ ଦ୍ୱାରା ଯେଉଁ ପ୍ରମଦନ-ଜ୍ଞାନ ଜାତ ହୁଏ, ତାହାର ନାମ **ମଦ୍ୟ** ।

"ଏବଂ ମାଂ ସନୋତି ହି ଯତ୍‌କର୍ମ ତନ୍ମାଂସଂ ପରିକୀର୍ତ୍ତିତମ୍ ।
ନ ଚ କାୟ-ପ୍ରତୀକନ୍ତୁ ଯୋଗୀଭିର୍ମାଂସମୁଚ୍ୟତେ ।।"

ଯେ ସବୁ ସତ୍‌କୃତ କର୍ମ ନିଷ୍କଳ ପରଂବ୍ରହ୍ମଙ୍କଠାରେ ସମର୍ପଣ କରନ୍ତି, ସେହି କର୍ମ ସମର୍ପଣର ନାମ **ମାଂସ** ।

"ମତ୍ସମାନଂ ସର୍ବଭୂତେ ସୁଖ-ଦୁଃଖମିଦଂ ପ୍ରିୟେ
ଇତି ଯତ୍ ସାତ୍ତ୍ୱିକଂ ଜ୍ଞାନଂ ତନ୍ମତ୍ସ୍ୟଃ ପରିକୀର୍ତ୍ତିତଃ ।।"

ସର୍ବଭୂତରେ ମୋ ପରି ସୁଖ-ଦୁଃଖରେ ସମଜ୍ଞାନ -ଏହି ଯେଉଁ ସାତ୍ତ୍ୱିକ ଜ୍ଞାନ ତାହାର ନାମ 'ମତ୍ସ୍ୟ' ।

"ସତ୍‌ସଙ୍ଗେନ ଭବେନ୍ମୁକ୍ତିରସତ୍‌ସଙ୍ଗେଷୁ ବନ୍ଧନମ୍
ଅସତ୍‌ସଙ୍ଗମୁଦ୍ରଣଂ ଯତ୍ ତନ୍ମୁଦ୍ରା ପରିକୀର୍ତ୍ତିତା ।।"

ସତ୍‌ସଙ୍ଗରେ ମୁକ୍ତି ଓ ଅସତ୍‌ସଙ୍ଗରେ ବନ୍ଧନ, ଏହା ଜାଣି ଅସତ୍‌ସଙ୍ଗ ପରିତ୍ୟାଗ କରିବାର ନାମ **'ମୁଦ୍ରା'** ।

ଗଙ୍ଗା-ଯମୁନା ମଧ୍ୟରେ ଦୁଇଟି ମତ୍ସ୍ୟ ସର୍ବଦା ବିଚରଣ କରୁଛନ୍ତି । ଯେଉଁ ବ୍ୟକ୍ତି ଏହି ଦୁଇଟି ମତ୍ସ୍ୟକୁ ଭୋଜନ କରନ୍ତି, ତାଙ୍କରି ନାମ **ମତ୍ସ୍ୟସାଧକ** । ଇଡ଼ା ଓ ପିଙ୍ଗଳା ନାଡ଼ୀକୁ ଗଙ୍ଗା ଓ ଯମୁନା କୁହାଯାଏ । ଶ୍ୱାସ-ପ୍ରଶ୍ୱାସ ହିଁ ଦୁଇଟି ମତ୍ସ୍ୟ । ଯେଉଁମାନେ ପ୍ରାଣାୟାମ ଦ୍ୱାରା ଶ୍ୱାସ-ପ୍ରଶ୍ୱାସ ରୋଧ କରି କୁମ୍ଭକର ପୁଷ୍ଟିସାଧନ କରନ୍ତି, ତାଙ୍କୁ ହିଁ **ମତ୍ସ୍ୟସାଧକ** କୁହାଯାଏ ।

**"ସହସ୍ରାରେ ମହାପଦ୍ମେ କର୍ଣ୍ଣିକାମୁଦ୍ରିତାଚରେତ୍ ।**
**ଆତ୍ମା ତତ୍ରୈବ ଦେବେଶି କେବଳଃ ପାରଦୋପମଃ ।।**
**ସୂର୍ଯ୍ୟକୋଟି-ପ୍ରତୀକାଶଶ୍ଚନ୍ଦ୍ର-କୋଟି-ସୁଶୀତଳଃ ।**
**ଅତୀବ କମନୀୟଶ୍ଚ ମହାକୁଣ୍ଡଳିନୀଯୁତଃ ।**
**ଯସ୍ୟ ଜ୍ଞାନୋଦୟସ୍ତତ୍ର ମୁଦ୍ରାସାଧକ ଉଚ୍ୟତେ ।।"**

ହେ ଦେବେଶି ! ଶିରସ୍ଥିତ ସହସ୍ରଦଳ-ପଦ୍ମରେ ମୁଦ୍ରିତ କର୍ଣ୍ଣିକାଭ୍ୟନ୍ତରରେ ବିଶୁଦ୍ଧ ପାରଦ-ତୁଲ୍ୟ ଆତ୍ମାର ଅବସ୍ଥିତି । ତାଙ୍କ ତେଜ କୋଟି ସୂର୍ଯ୍ୟ ସଦୃଶ ତେଜୋମୟ ହେଲେ ମଧ୍ୟ ସ୍ନିଗ୍ଧତାରେ ତାହା କୋଟି ଚନ୍ଦ୍ର ସଦୃଶ ସୁଶୀତଳ । ଏହି ପରମ ପଦାର୍ଥ ଅତିଶୟ ମନୋହର ଏବଂ କୁଣ୍ଡଳିନୀ ଶକ୍ତିସମନ୍ୱିତ । ଯାହାଙ୍କର ଏଭଳି ଜ୍ଞାନର ଉଦୟ ହୁଏ, ତାଙ୍କୁ ହିଁ ପ୍ରକୃତ ମୁଦ୍ରାସାଧକ କହନ୍ତି ।

---

*ପୂର୍ବପୃଷ୍ଠା ଫୁଟ୍‌ନୋଟ୍‌ର ଅବଶିଷ୍ଟାଂଶ —*

**"କୁଳ - କୁଣ୍ଡଳିନୀ - ଶକ୍ତିର୍ଦ୍ଦେହିନାଂ ଦେହଧାରିଣୀ**
**ତୟା ଶିବସ୍ୟ ସଂଯୋଗୋ ମୈଥୁନଂ ପରିକୀର୍ତ୍ତିତମ୍ ।।"**

ମୂଳାଧାରସ୍ଥିତ କୁଳ-କୁଣ୍ଡଳିନୀ ଶକ୍ତିଙ୍କୁ ଯୋଗସାଧନ ଦ୍ୱାରା ଷଟ୍‌ଚକ୍ର-ଭେଦପୂର୍ବକ ଶିରଃସ୍ଥିତ ସହସ୍ରଦଳକମଳକର୍ଣ୍ଣିକାନ୍ତର୍ଗତ ବିନ୍ଦୁରୂପ ପରମଶିବଙ୍କ ସହିତ ସଂଯୋଗ କରିବାର ନାମ **'ମୈଥୁନ'** । ଏହାହିଁ **ପଞ୍ଚ-ମ'କାର** । ଏହାର ନାମ **ଲୟଯୋଗ** । ତେଣୁ ପଞ୍ଚ-ମକାର ଯୋଗର କଥା । ମତ୍‌ପ୍ରଣୀତ 'ଜ୍ଞାନୀଗୁରୁ' ଗ୍ରନ୍ଥର 'ସାଧନ କାଣ୍ଡ'ରେ ପ୍ରକୃତି-ପୁରୁଷ ଯୋଗର ସାଧନପ୍ରଣାଳୀରେ ଏହି ତତ୍ତ୍ୱ ପ୍ରକାଶିତ ହୋଇଅଛି । 'ଯୋଗୀଗୁରୁ' ଓ ଜ୍ଞାନୀଗୁରୁ' ଗ୍ରନ୍ଥରେ ପୂର୍ବରୁ ଯାହା ବର୍ଣ୍ଣିତ ହୋଇଅଛି, ପୁନରାୟ ଏହି ଗ୍ରନ୍ଥରେ ତାହା ଲିଖିତ ହେଉନାହିଁ । କେହି ପ୍ରୟୋଜନ ବୋଧ କଲେ, ଉକ୍ତ ପୁସ୍ତକ ଦୁଇଟି ପାଠ କରିବେ । ଷଟ୍‌ଚକ୍ର, କୁଣ୍ଡଳିନୀ ଶକ୍ତି ଏବଂ ଯୋଗର ସୂକ୍ଷ୍ମକ୍ରିୟାଦି ଉକ୍ତ ପୁସ୍ତକ ଦୁଇ ଖଣ୍ଡିରେ ବିସ୍ତାରିତ ଭାବରେ ବିବୃତ ହୋଇଅଛି ।

—***ଗ୍ରନ୍ଥକାର***

"ମୈଥୁନଂ ପରମଂ ତତ୍ତ୍ୱଂ ସୃଷ୍ଟିସ୍ଥିତ୍ୟନ୍ତକାରଣମ୍ ।
ମୈଥୁନାତ୍ ଜାୟତେ ସିଦ୍ଧିର୍ବ୍ରହ୍ମଜ୍ଞାନଂ ସୁଦୁର୍ଲ୍ଲଭମ୍ ।।"

ମୈଥୁନ-ପ୍ରକ୍ରିୟା ସୃଷ୍ଟି, ସ୍ଥିତି ଓ ପ୍ରଳୟର କାରଣ । ଏହା ପରମତତ୍ତ୍ୱ ବୋଲି ଶାସ୍ତ୍ରରେ ଉକ୍ତ ହୋଇଅଛି । ମୈଥୁନକ୍ରିୟା ଅଭ୍ୟାସରେ ସିଦ୍ଧିଲାଭ ଘଟିଥାଏ ଏବଂ ସେଥିରୁ ସୁଦୁର୍ଲ୍ଲଭ ବ୍ରହ୍ମଜ୍ଞାନ ଲାଭ ହୋଇଥାଏ । ସେ ମୈଥୁନ କିପରି ?

"ରେଫସ୍ତୁ କୁଙ୍କୁମାଭାସଃ କୁଣ୍ଡମଧ୍ୟେ ବ୍ୟବସ୍ଥିତଃ ।
ମକାରଶ୍ଚ ବିନ୍ଦୁରୂପୋ ମହାଯୋନୌ ସ୍ଥିତଃ ପ୍ରିୟେ ।।
ଅକାର-ହଂସମାରୁହ୍ୟ ଏକତା ଚ ଯଦା ଭବେତ୍ ।
ତଦା ଜାତୋ ମହାନନ୍ଦୋ ବ୍ରହ୍ମଜ୍ଞାନଂ ସୁଦୁର୍ଲ୍ଲଭମ୍ ।।"

ରେଫ କୁଙ୍କୁମବର୍ଣ୍ଣ କୁଣ୍ଡ ମଧ୍ୟରେ ଅବସ୍ଥାନ କରେ । 'ମ'-କାର ବିନ୍ଦୁରୂପରେ ମହାଯୋନିରେ ଅବସ୍ଥିତ । 'ଅ'କାରରୂପୀ ହଂସକୁ ଆଶ୍ରୟ କରି ଯେତେବେଳେ ଏହି ଉଭୟଙ୍କର ଏକତ୍ର ମିଳନ ଘଟେ, ସେତେବେଳେ ସୁଦୁର୍ଲ୍ଲଭ ବ୍ରହ୍ମଜ୍ଞାନ ଲାଭ ହୋଇଥାଏ । ଯେଉଁ ବ୍ୟକ୍ତି ଉପରୋକ୍ତ ପ୍ରକାରରେ ମିଳନ ସଂଗଠନ କରାଇପାରନ୍ତି, ସେ ହେଉଛନ୍ତି ମୈଥୁନ-ସାଧକ । ଯେପରି ମୈଥୁନ-କ୍ରିୟାରେ ଆଲିଙ୍ଗନ, ଚୁମ୍ବନ, ଶୀତ୍କାର, ଅନୁଲେପ, ରମଣ ଓ ରେତୋତ୍ସର୍ଗ— ଏହି ଛଅଗୋଟି ଅଙ୍ଗ ବୋଲି କୀର୍ତ୍ତିତ, ସେହିଭଳି ଆଧ୍ୟାତ୍ମିକ ମୈଥୁନକ୍ରିୟାରେ ମଧ୍ୟ ଏହି ଭାବରେ ଛଅଟି ଅଙ୍ଗ ଦେଖାଯାଏ । ଯଥା—

"ଆଲିଙ୍ଗନଂ ଭବେନ୍ନ୍ୟାସଶ୍ଚୁମ୍ବନଂ ଧ୍ୟାନମୀରିତମ୍ ।
ଆବାହନଂ ଶୀତ୍କାରଃ ସ୍ୟାତ୍ ନୈବେଦ୍ୟମନୁଲେପନମ୍ ।।
ଜପନଂ ରମଣଂ ପ୍ରୋକ୍ତଂ ରେତଃପାତଶ୍ଚ ଦକ୍ଷିଣା ।
ସର୍ବଥୈବ ତ୍ୱୟା ଗୋପ୍ୟଂ ମମ ପ୍ରାଣାଧିକେ ପ୍ରିୟେ ।।"

ଯୋଗ-ପ୍ରକ୍ରିୟାରେ ତତ୍ତ୍ୱାଦି-ନ୍ୟାସର ନାମ ଆଲିଙ୍ଗନ, ଧ୍ୟାନର ନାମ ଚୁମ୍ବନ, ଆବାହନର ନାମ ଶୀତ୍କାର, ନୈବେଦ୍ୟର ନାମ ଅନୁଲେପନ, ଜପର ନାମ ରମଣ ଓ ଦକ୍ଷିଣାର ନାମ ରେତଃପାତନ । ମୋଟକଥା, ଷଡଙ୍ଗ ଯୋଗରେ ଏହିଭଳି ଷଡ଼ଙ୍ଗ ସାଧନ କରିବାକୁ ମୈଥୁନ-ସାଧନ କହନ୍ତି ।

'ପଞ୍ଚମେ ପଞ୍ଚମାକାରଃ ପଞ୍ଚାନନସମୋ ଭବେତ୍ ।।'

ପଞ୍ଚ-ମ'କାର ସାଧନାରେ ସାଧକ ଶିବତୁଲ୍ୟ ହୁଅନ୍ତି । ସୁତରାଂ ପଞ୍ଚ-ମ'କାରର ପ୍ରକୃତ କାର୍ଯ୍ୟ ଯେ ଯୋଗର କ୍ରିୟା, ଏଥିରେ ଆଉ ସନ୍ଦେହ ନାହିଁ । ତନ୍ତ୍ରଶାସ୍ତ୍ର ଓ ଯୋଗଶାସ୍ତ୍ର—ଏ ଉଭୟ ହିଁ ସଦାଶିବଙ୍କ ଦ୍ୱାରା କଥିତ । ସୂକ୍ଷ୍ମ ପଞ୍ଚ-ମ'କାର ସାଧନ ଯୋଗଶାସ୍ତ୍ରରେ ଉକ୍ତ ହୋଇଅଛି । ତନ୍ତ୍ରର ସାଧନା ସ୍ଥୂଳ-ସାଧନା, ସୁତରାଂ ସୂକ୍ଷ୍ମ ପଞ୍ଚ-ମ'କାର ତନ୍ତ୍ରଶାସ୍ତ୍ରର ଉଦ୍ଦେଶ୍ୟ ନୁହେଁ । ତେବେ ତନ୍ତ୍ର ମଧ୍ୟରେ ସୂକ୍ଷ୍ମର ଆଭାସ ଅଛି ! ରୂପକାଦି ବିଶ୍ଳେଷଣ କଲେ ଯୋଗର ସୂକ୍ଷ୍ମ ସାଧନା ବାହାର କରାଯାଏ । କିନ୍ତୁ ତନ୍ତ୍ରଶାସ୍ତ୍ରର ତାହା ଉଦ୍ଦେଶ୍ୟ ନୁହେଁ । ଜଣେ ବ୍ୟକ୍ତିଙ୍କର ଗୋଟିଏ କଥା ପାଇଁ ଦୁଇ ପ୍ରକାର ଶାସ୍ତ୍ର ପ୍ରଣୟନର କାରଣ କଅଣ ?

ଜଗତରେ ପଥ ଦୁଇଟି । ଗୋଟିକର ନାମ ପ୍ରବୃତ୍ତି ଓ ଅପରଟିର ନାମ ନିବୃତ୍ତି । ନିବୃତ୍ତି ଯୋଗ ଓ ପ୍ରବୃତ୍ତି ଭୋଗ । ଆଗମସାରୋକ୍ତ ପଞ୍ଚ-ମ' କାର ନିବୃତ୍ତିପଥର ସାଧନା ଏବଂ ମହାନିର୍ବାଣ ତନ୍ତ୍ର ପ୍ରଭୃତି ବର୍ଣ୍ଣିତ ସ୍ଥୂଳ ପଞ୍ଚ-ମ' କାର ପ୍ରବୃତ୍ତିପଥର ସାଧନା ନିର୍ଦ୍ଦେଶକ, ଏ ଉଭୟ ମଧ୍ୟରେ ଏତିକି ପାର୍ଥକ୍ୟ । ଯେଉଁମାନଙ୍କର ଭୋଗବାସନା ନିବୃତ୍ତ ହୋଇ ବିଷୟ-ବୈରାଗ୍ୟ ଜାତ ହୋଇଛି, ସେମାନଙ୍କ ନିମିତ୍ତ ନିବୃତ୍ତିପଥର ଯୋଗପଥ ସୂକ୍ଷ୍ମ ପଞ୍ଚ-ମ'କାରର ସାଧନା ବ୍ୟବସ୍ଥିତ । ଆଉ ଯେଉଁମାନଙ୍କର ଭୋଗବାସନା ଶତବାହୁ ସୃଜନ କରି ସାରା ସଂସାରକୁ ଜାବୁଡ଼ି ଧରି ରଖିବାକୁ ଚାହେଁ, ସେମାନଙ୍କର ଉପାୟ ବା କ'ଣ ? ସେମାନଙ୍କ ପ୍ରତି ଦୟା କରି ସଦାଶିବ ସ୍ଥୂଳ ପଞ୍ଚ-ମ' କାରର ସାଧନାବିଧି ପ୍ରକାଶ କରିଛନ୍ତି ।

ଏହାର ଉଦ୍ଦେଶ୍ୟ ହେଉଛି, ଭୋଗପଥର ମଧ୍ୟ ଦେଇ ଯୋଗପଥରେ ଉନ୍ନୀତ କରାଇବା, ପ୍ରବୃତ୍ତିପଥ ଦେଇ ନିବୃତ୍ତିକୁ ଆନୟନ କରିବା ।

ଆମ ଦେଶର ଏକମାତ୍ର ଗୌରବ ଭକ୍ତାବତାର ଶ୍ରୀମନ୍ ମହାପ୍ରଭୁ ଚୈତନ୍ୟଦେବ ହରିଦାସଙ୍କୁ ହରିନାମ ପ୍ରଚାର କରିବାକୁ ଆଦେଶ ଦେଲେ । କିନ୍ତୁ ହରିଦାସ ସେଥିରେ ଅକୃତକାର୍ଯ୍ୟ ହୋଇ ପ୍ରତ୍ୟାଗମନ କରି ମହାପ୍ରଭୁଙ୍କୁ କହିଲେ, 'ପ୍ରଭୋ ! ଭୋଗାସକ୍ତ ଜୀବ ଭୋଗପଥ ତ୍ୟାଗ କରି ହରିନାମ ନେବାକୁ ଇଚ୍ଛା

କଲେନାହିଁ ।' ଏହାପରେ ଶ୍ରୀମନ୍ ମହାପ୍ରଭୁ ଚୈତନ୍ୟଦେବ ସ୍ୱୟଂ ହରିନାମ ପ୍ରଚାର କରିବାକୁ ଆରମ୍ଭ କଲେ । ସେ ସାଧାରଣ ଜୀବଙ୍କୁ ଆହ୍ୱାନ କରି କହିଲେ, ''ତୁମ୍ଭେମାନେ ମାଛ ମାଂସ ଭୋଜନ କରି ରମଣୀ କୋଳରେ ବସି ହରିନାମ ସ୍ମରଣ କର ।'' ଏହା ପରେ ଦଳକୁ ଦଳ ଲୋକ ଆସି ହରିନାମ ମହାମନ୍ତ୍ର ଗ୍ରହଣ କରିବାକୁ ଲାଗିଲେ । ହରିଦାସ କହିଲେ, ''ପ୍ରଭୋ ! ଆମମାନଙ୍କ ପାଇଁ କଠୋର ସଂଯମବିଧାନ, ଆଉ ସାଧାରଣଙ୍କ ପାଇଁ ଏଭଳି ବ୍ୟବସ୍ଥାର କାରଣ କଅଣ ?''

ଚୈତନ୍ୟଦେବ ହସି ହସି କହିଲେ, ''ତୁମ୍ଭେମାନେ ବିଷୟବିରାଗୀ ଈଶ୍ୱରାନୁରାଗୀ ଭକ୍ତ, ତେଣୁ ତୁମମାନଙ୍କ ନିମିତ୍ତ ସାତ୍ତ୍ୱିକପଥର ବ୍ୟବସ୍ଥା । କିନ୍ତୁ ସାଧାରଣ ଭୋଗାସକ୍ତ ଜୀବ ଭୋଗ ତ୍ୟାଗ କରି ବଞ୍ଚିରହିବାକୁ ମଧ୍ୟ ଅନିଚ୍ଛୁକ । କାରଣ ଭଗବାନଙ୍କ ଅପେକ୍ଷା ସେମାନେ ଭୋଗକୁ ଅଧିକ ପ୍ରିୟ ଜ୍ଞାନ କରନ୍ତି । ସେମାନେ ନିଜ ଇଚ୍ଛାନୁସାରେ ଚଳିବାକୁ ନ ପାଇଲେ, ହରିନାମ ଶ୍ରବଣ କରିବେ ବା କାହିଁକି ? ତେଣୁ ସେମାନଙ୍କୁ ଭୋଗ ମଧ୍ୟରେ ଥାଇ ହରିନାମ ଭଜନର ବ୍ୟବସ୍ଥା ପ୍ରଦାନ କଲି । କିଛି ଦିନ ପରେ ହରିନାମ ଗୁଣରେ ସେମାନେ ବଳେ ବଳେ ସବୁ ଆସକ୍ତି ପରିତ୍ୟାଗ କରି ପ୍ରକୃତ ଭଜନ କରିବେ ।'' ଯେଉଁମାନେ ଚୈତନ୍ୟଦେବଙ୍କର ଏହି ଉପଦେଶର ମର୍ମ ଗ୍ରହଣ କରିବାକୁ ସକ୍ଷମ ହୋଇଛନ୍ତି, ସେହିମାନେ ହିଁ ସହଜରେ ତନ୍ତ୍ରଶାସ୍ତ୍ରର ମଦ୍ୟମାଂସାଦିର ବ୍ୟବସ୍ଥା ହୃଦୟଙ୍ଗମ କରିପାରିବେ ।

ଅତଏବ, ମଦ୍ୟମାଂସାଦି ବ୍ୟବସ୍ଥା ଦ୍ୱାରା ତନ୍ତ୍ରଶାସ୍ତ୍ରର ନିକୃଷ୍ଟତ୍ୱ ପ୍ରତିପନ୍ନ ନ ହୋଇ ବରଂ ସର୍ବାଙ୍ଗପୂର୍ଣ୍ଣତ୍ୱ ସଂସାଧିତ ହୋଇଅଛି । କାରଣ ଶାସ୍ତ୍ର ସବୁପ୍ରକାର ଅଧିକାରୀଙ୍କ ଅଧିକାର୍ଯ୍ୟ ବିଷୟର ଉପଦେଷ୍ଟା । ସୁତରାଂ କୁତ୍ସିତ ଅଭିପ୍ରାୟ-ଚରିତାର୍ଥକାମୀମାନଙ୍କ ପକ୍ଷରେ ମଧ ଶାସ୍ତ୍ର ଉପଦେଶ ଦେବାକୁ କୁଣ୍ଠିତ ହେବେ ବା କାହିଁକି ? ଯେଉଁମାନଙ୍କ ଅନ୍ତର୍ବୃତ୍ତି ଦୂଷିତ, ସେମାନେ ଶାସ୍ତ୍ର-ଉପଦେଶ ନ ପାଇଲେ ମଧ ନିଜ ଇଚ୍ଛା-ଅନୁରୂପ ସେହି ସେହି ବୃତ୍ତି ଚରିତାର୍ଥ ନ କରି ରହିପାରିବେ ନାହିଁ । ବ୍ୟାଘ୍ର ଶାସ୍ତ୍ରୋପଦେଶ ପାଉ ବା ନ ପାଉ ସେ ନିଜର ହିଂସାବୃତ୍ତି ଚରିତାର୍ଥ କରିବ ହିଁ କରିବ । ସୁତରାଂ ଯାହାର ଯେଉଁ ବୃତ୍ତି, ସେ ତାହାର

ଅନୁଶୀଳନ ନ କରି ରହିପାରିବ ନାହିଁ । ବରଂ ଏହି ଶାସ୍ତ୍ରୋପଦେଶ ଅନୁସାରେ ସେହି ସେହି କୁତ୍ସିତ ବୃତ୍ତିଗୁଡ଼ିକର ନିଷ୍ପାଦନ କରିବାକୁ ଚେଷ୍ଟା କଲେ, କାଳକ୍ରମେ କେତେବେଳେ ହେଲେ ଏହି ସବୁ ଅସଦ୍‌ବୃତ୍ତିର ଉପଶମ ହୋଇ ସଦ୍‌ବୃତ୍ତିର ଉନ୍ମେଷ ହୋଇପାରେ । କୁତ୍ସିତ ବୃତ୍ତି ଚରିତାର୍ଥ କରିବା ନିମିତ୍ତ ଶାସ୍ତ୍ରବିଧିର ଅନୁସରଣ କଲେ ଏପରି କେତେଗୁଡ଼ିଏ ଅନୁଷ୍ଠାନ କରିବାକୁ ପଡ଼େ, ଯଦ୍ଦ୍ୱାରା ଅସଦ୍‌ବୃତ୍ତି ଆପେ ଆପେ ସ୍ୱାଭାବିକ ଭାବରେ ହ୍ରାସ ପାଇଯାଏ । ସୁତରାଂ ତନ୍ତ୍ରଶାସ୍ତ୍ର ଏହିପରି କ୍ଷେତ୍ରମାନଙ୍କରେ ଭବିଷ୍ୟତ ମଙ୍ଗଳର ଦ୍ୱାରଉନ୍ମୁକ୍ତ କରି ରଖିଛନ୍ତି ।

ଗୋଟିଏ ଆଖ୍ୟାୟିକା ଅଛି—ଦିନେ ଜଣେ ଦୁର୍ଦ୍ଧାନ୍ତ ଦସ୍ୟୁ କୌଣସି ଗୋଟିଏ ସ୍ଥାନକୁ ଯାଉଥିବା ବେଳେ ବାଟରେ ଜଣେ ସାଧୁଙ୍କ ପବିତ୍ର ଆଶ୍ରମ ଦେଖି ସେଠାରେ ଉପସ୍ଥିତ ହେଲା । ସେହି ସ୍ଥାନରେ ସାଧୁଙ୍କୁ ବହୁ ଶିଷ୍ୟମଣ୍ଡଳୀ-ପରିବୃତ ଦେଖି ଏବଂ ସେମାନଙ୍କର ବିଶୁଦ୍ଧ ଆମୋଦ-ପ୍ରମୋଦ ଓ ଭାବଭକ୍ତି ଦର୍ଶନ କରି ସେହି ତସ୍କରର ମଧ୍ୟ ସାଧୁଙ୍କର ଶିଷ୍ୟ ହେବାକୁ ବିଶେଷ ଇଚ୍ଛା ହେଲା । ସେ ତତ୍‌କ୍ଷଣାତ୍ ସାଧୁଙ୍କ ନିକଟରେ ଶିଷ୍ୟତ୍ୱ ଗ୍ରହଣ କରିବା ନିମିତ୍ତ ପ୍ରାର୍ଥନା କଲା । ସାଧୁ ଚୋରର ପ୍ରାର୍ଥନା ଶୁଣି ଅତିଶୟ ବିସ୍ମିତ ହୋଇ କହିଲେ, "ବତ୍ସ ! ତୁମେ ଚୌର୍ଯ୍ୟବୃତ୍ତି ଅବଲମ୍ବନପୂର୍ବକ ଅଶେଷ ପାପ ସଞ୍ଚୟ କରିଅଛ । ମୋର ଶିଷ୍ୟତ୍ୱ ଗ୍ରହଣ କଲେ କଅଣ ଲାଭ ହେବ ? ଯାହା ହେଉ, ତୁମେ ଯଦି ମୋର ଗୋଟିଏ ମାତ୍ର ଆଦେଶ ସର୍ବଦା ରକ୍ଷା କରିବାକୁ ଅଙ୍ଗୀକାର କରିବ, ତେବେ ମୁଁ ତୁମକୁ ଦୀକ୍ଷିତ କରି ଶିଷ୍ୟ ରୂପେ ଗ୍ରହଣ କରିପାରିବି ।" ଚୋର ସେତେବେଳ ଖୁବ୍ ଆନନ୍ଦର ସହିତ ସାଧୁଙ୍କ ଆଜ୍ଞା ପ୍ରତିପାଳନ କରିବାକୁ ଅଙ୍ଗୀକାର କଲା । ସାଧୁ କହିଲେ, "ତୁମେ ତୁମ ଇଚ୍ଛା ମୁତାବକ ତସ୍କର ବୃତ୍ତି ଚରିତାର୍ଥ କର, ସେଥିରେ ମୋର ଆପତ୍ତି ନାହିଁ, କିନ୍ତୁ ତୁମେ କେବେହେଲେ ମିଥ୍ୟା କଥା କହିବ ନାହିଁ, ଏହି ବିଷୟ ଅଙ୍ଗୀକାର କରିବାକୁ ହେବ ।" ସାଧୁଙ୍କ ବାକ୍ୟ ଶୁଣିବା ମାତ୍ରେ ଚୋରଟି ପରିଣାମ ଚିନ୍ତା ନ କରି ତତ୍‌କ୍ଷଣାତ୍ ତାଙ୍କ ଆଦେଶ ପ୍ରତିପାଳନ ପାଇଁ ସମ୍ମତି ପ୍ରଦାନ କଲା । ସାଧୁ ତାକୁ ଦୀକ୍ଷିତ କରି ଶିଷ୍ୟ ଭାବରେ ଗ୍ରହଣ କଲେ । କ୍ରମେ

ତସ୍କର ସତ୍ୟଭାଷଣ ବଳରେ ସାଧାରଣଙ୍କର ବିଶ୍ୱାସଭାଜନ ହୋଇ ନିଜ ବ୍ୟବସାୟରେ ଅଧିକତର କୃତକାର୍ଯ୍ୟ ହେବାକୁ ଲାଗିଲା । ସେତେବେଳେ ସେ ମନେ ମନେ ଚିନ୍ତା କରିବାକୁ ଲାଗିଲା, ''ହାୟ, ମୁଁ କଅଣ କରୁଛି ? ମୁଁ ଯେ ସତ୍ୟକଥନ ବଳରେ ଅସତ୍‌ବୃତ୍ତି ଅବଲମ୍ବନ କରି ମଧ୍ୟ ଜନସମାଜରେ ଶ୍ରେଷ୍ଠତ୍ୱ ଲାଭ କରିପାରିଲି । ପ୍ରକୃତ ସତ୍‌ବିଷୟ ଅବଲମ୍ବନ କରିଥିଲେ ଯେ କିଭଳି ଅପୂର୍ବ ସୁଖଲାଭ କରିଥା'ନ୍ତି; ଜାଣିପାରୁ ନାହିଁ । ଅତଏବ, ଆଜିଠାରୁ ଆଉ କୁତ୍ସିତ ବୃତ୍ତିର ସେବା କରିବି ନାହିଁ ।'' ଉପରୋକ୍ତ ଭାବରେ ଚୋରର କୁବୃତ୍ତି ଦୂର ହୋଇ ସଦ୍‌ବୃତ୍ତିର ସ୍ଫୁରଣ ହେବାକୁ ଲାଗିଲା ଏବଂ ଲୋକସମାଜରେ ସେ କ୍ରମେ ସାଧୁ ନାମରେ ପରିଚିତ ହେଲା ।

ତେଣୁ କହୁଛି, ସ୍ୱଭାବତଃ କୁ-ବୃତ୍ତିସମ୍ପନ୍ନ ସାଧାରଣ ବ୍ୟକ୍ତିମାନଙ୍କ ପାଇଁ ସେମାନଙ୍କର ପ୍ରବୃତ୍ତି-ଅନୁମୋଦିତ ଆପାତରମଣୀୟ ସେହି ସେହି ବିଷୟମାନ ତନ୍ତ୍ରଶାସ୍ତ୍ରରେ ଲିପିବଦ୍ଧ କରାଯାଇଛି ଏବଂ ତାହାର ଅନ୍ତରାଳରେ ଏପରି ଉପାୟ ନିହିତ ଅଛି ଯେ, ତାହା ଫଳରେ ଦିନେ ନା ଦିନେ ନିଶ୍ଚୟ ଆତ୍ମକଲ୍ୟାଣ ସାଧିତ ହେବ । ଅନ୍ୟଥା ସର୍ବଦା ନିଜ ପ୍ରବୃତ୍ତିର ବିରୁଦ୍ଧ ବିଷୟର ପାଳନ କରିବାକୁ ଇଚ୍ଛା ହୁଏ ନାହିଁ । ପୁନଶ୍ଚ କେବେହେଲେ ନିବୃତ୍ତି ହୁଏ ନାହିଁ । ଅତଏବ, ପଞ୍ଚ-ମ'କାର ଯେ ରୂପକ ନୁହେଁ ଏବଂ ସୂକ୍ଷ୍ମଭାବ ଯେ ଶାସ୍ତ୍ରର ଉଦ୍ଦେଶ୍ୟ ନୁହେଁ ଏବଂ ପଞ୍ଚ-ମ'କାରର ସାଧନ ଯେ ମଦ ଖାଇ ରମଣୀ ସହିତ କ୍ରୀଡ଼ା କରିବା ବୁଝାଏ ନାହିଁ, ତାହା କ୍ରମଶଃ ଆଲୋଚନା କରିବା । ତେବେ ଏକଥା ନିଶ୍ଚିତ ଯେ ଯଥାର୍ଥ ପରମାର୍ଥାନ୍ୱେଷୀ ବିଷୟ-ବିରାଗୀ ସାଧକମାନଙ୍କ ପାଇଁ ତନ୍ତ୍ରର ସ୍ଥୂଳ ସାଧନାର ତିଳେ ମାତ୍ର ପ୍ରୟୋଜନ ନାହିଁ ।

## ପ୍ରଥମ ତତ୍ତ୍ୱ

ପଞ୍ଚ-ମ'କାରକୁ ହିଁ ପଞ୍ଚ-ତତ୍ତ୍ୱ କୁହାଯାଏ । ମଦ୍ୟ ହିଁ ପ୍ରଥମ ତତ୍ତ୍ୱ । 'ମହାନିର୍ବାଣ ତନ୍ତ୍ର' ମଦ୍ୟର ଏହିଭଳି ବ୍ୟବସ୍ଥା କରିଛନ୍ତି—

''ଗୌଡ଼ୀ ପୈଷ୍ଟୀ ତଥା ମାଧ୍ୱୀ ତ୍ରିବିଧା ଚୋତ୍ତମା ସୁରା ।
ସୈବ ନାନାବିଧା ପ୍ରୋକ୍ତା ତାଳ-ଖର୍ଜ୍ଜୁରସମ୍ଭବା ॥

ତଥା ଦେଶବିଭେଦେନ ନାନା-ଦ୍ରବ୍ୟ-ବିଭେଦତଃ ।
ବହୁଧେୟଂ ସମାଖ୍ୟାତା ପ୍ରଶସ୍ତା ଦେବତାର୍ଚ୍ଚନେ ।।
ଯେନ କେନ ସମୁତ୍ପନ୍ନା ଯେନ କେନାହୃତାପି ବା ।
ନାତ୍ର ଜାତିବିଭେଦୋଽସ୍ତି ଶୋଧିତା ସର୍ବସିଦ୍ଧିଦା ।।''

ଗୌଡ଼ୀ (ଗୁଡ଼ ଦ୍ୱାରା ଯେଉଁ ମଦ୍ୟ ପ୍ରସ୍ତୁତ), ପୈଷ୍ଟୀ (ପିଷ୍ଟକ ଦ୍ୱାରା ଯେଉଁ ମଦ୍ୟ ପ୍ରସ୍ତୁତ), ମାଧ୍ୱୀ (ମଧୁ ଦ୍ୱାରା ଯେଉଁ ମଦ୍ୟ ପ୍ରସ୍ତୁତ)—ଏହି ତ୍ରିବିଧ ସୁରା ହିଁ ଉତ୍ତମ ବୋଲି ଗଣ୍ୟ । ଏହିସବୁ ସୁରା ତାଳ, ଖଜୁରୀ ଓ ଅନ୍ୟାନ୍ୟ ଦ୍ରବ୍ୟରସରୁ ସମ୍ଭୂତ ହୋଇଥାଏ । ଦେଶ ଓ ଦ୍ରବ୍ୟଭେଦରେ ନାନାପ୍ରକାର ସୁରାର ସୃଷ୍ଟି ହୋଇଥାଏ । ଦେବାର୍ଚ୍ଚନା ପକ୍ଷରେ ସମସ୍ତ ସୁରା ହିଁ ପ୍ରଶସ୍ତ । ଏହିସବୁ ସୁରା ଯେଭଳି ଭାବରେ ପ୍ରସ୍ତୁତ ଓ ଯେପରି ଭାବରେ ଯେ କୌଣସି ଲୋକ ଦ୍ୱାରା ଆନୀତ ହେଲେ ମଧ ଶୋଧିତ ହେଲେ କାର୍ଯ୍ୟ ସୁସିଦ୍ଧ ହୋଇଥାଏ, ଏଥିରେ ଜାତି ବିଚାର ନାହିଁ ।

''ମହୌଷଧଂ ଯଜ୍ଜୀବାନାଂ ଦୁଃଖବିସ୍ମାରକଂ ମହତ୍ ।
ଆନନ୍ଦଜନକଂ ଯଚ୍ଚ ତଦାଦ୍ୟତତ୍ତ୍ୱଲକ୍ଷଣମ୍ ।।
ଅସଂସ୍କୃତଞ୍ଚ ଯତ୍ତତ୍ତ୍ୱଂ ମୋହଦଂ ଭ୍ରମକାରଣମ୍ ।
ବିବାଦରୋଗଜନନନ୍ତ୍ୟାଜ୍ୟଂ କୌଳୈଃ ସଦା ପ୍ରିୟେ ।।''

ଆଦ୍ୟତତ୍ତ୍ୱର ଲକ୍ଷଣ ହେଉଛି ଯେ, ଏହା ମହୌଷଧିସ୍ୱରୂପ, ଏହାର ଆଶ୍ରୟରେ ଜୀବସକଳ ସମସ୍ତ ଦୁଃଖର ଅନୁଭୂତି ଭୁଲିଯା'ନ୍ତି ଏବଂ ଏହା ଅତିଶୟ ଆନନ୍ଦ ବିଧାନ କରିଥାଏ । ଯଦି ଆଦ୍ୟତତ୍ତ୍ୱ ସଂସ୍କୃତ କରା ନ ଯାଏ, ତେବେ ଏହା ସେବନ କଲେ, ମୋହ ଓ ଭ୍ରମର ଉତ୍ପତ୍ତି ହୋଇଥାଏ । ହେ ପ୍ରିୟେ, କୁଳସାଧକମାନଙ୍କ ପକ୍ଷରେ ଅସଂସ୍କୃତ ତତ୍ତ୍ୱ ପରିତ୍ୟାଗ କରିବା ସର୍ବଦା କର୍ତ୍ତବ୍ୟ ।

ମଦ୍ୟ ପ୍ରଭୃତି ସେବନ କରିବା ନିମିତ୍ତ ଧର୍ମାନୁଷ୍ଠାନ କରାଯାଏ ନାହିଁ, ପରନ୍ତୁ ଧର୍ମ ଉଦ୍ଦେଶ୍ୟରେ ହିଁ ପଞ୍ଚ-ତତ୍ତ୍ୱାନୁଷ୍ଠାନର ପ୍ରୟୋଜନୀୟତା । ପ୍ରକୃତ ପକ୍ଷରେ ମଦ୍ୟପାନ ସମୟରେ ହୃଦୟରେ ଯେଉଁ ଭାବ ପୋଷଣ କରାଯାଏ, ତାହା ହିଁ ଉଚ୍ଛ୍ୱସିତ ହୋଇଥାଏ ଏବଂ ଏକାଗ୍ରତା ଦୃଢ଼ ହୋଇ ସାଧନପଥରେ ସାଧକଙ୍କୁ

ଉତ୍ତରୋତ୍ତର ଅଗ୍ରସର କରାଇନିଏ । ସାଧକ ମଦ୍ୟପାନ କରିବା ନିମିତ୍ତ ସାଧନା କରନ୍ତି ନାହିଁ, କିନ୍ତୁ ସାଧନ ଉଦ୍ଦେଶ୍ୟରେ ହିଁ ମଦ୍ୟପାନ କରନ୍ତି, ଯଥା—

**"ମନ୍ତ୍ରାର୍ଥସ୍ଫୁରଣାୟ ବ୍ରହ୍ମଜ୍ଞାନସ୍ଥିରାୟ ଚ ।**
**ଅଲିପାନଂ ପ୍ରକର୍ତ୍ତବ୍ୟଂ ଲୋଲୁପୋ ନରକଂ ବ୍ରଜେତ୍ ।।"**

ଦେବତାଙ୍କ ଧ୍ୟାନ ପରିସ୍ଫୁଟ ରଖିବା ପାଇଁ ଏବଂ ନିଜ ସହିତ ଦେବତାଙ୍କର ଅଭେଦ ଜ୍ଞାନ ସ୍ଥିର ରଖିବା ନିମିତ୍ତ ଜପ ପ୍ରଭୃତି ଅନୁଷ୍ଠାନ କରିବା ପୂର୍ବରୁ ମଦ୍ୟପାନ କରିବ । ମଦ୍ୟପାନ କଲେ ଆନନ୍ଦ ଲାଭ ହେବ—ଏହା ଭାବି ମଦ୍ୟପାନ କଲେ ସାଧକ ନିଶ୍ଚୟ ନରକଗାମୀ ହେବେ ।

ଏହିଠାରେ କାହାରି ଆଶଙ୍କା ହୋଇପାରେ ଯେ, ମଦ୍ୟପାନ କରି ବିଚଳିତ ହୋଇଥିବା ବ୍ୟକ୍ତିଙ୍କର କର୍ତ୍ତବ୍ୟାକର୍ତ୍ତବ୍ୟ ଜ୍ଞାନ ରହିବ ବା କିପରି ? ଏହି ଆଶଙ୍କା ଦୂରୀକରଣ ନିମିତ୍ତ ମହାଦେବ ଆଦେଶ ଦେଇଛନ୍ତି ଯେ, ଯେଉଁ ପରିମାଣ ମଦ୍ୟ ପାନ କଲେ ଦୃଷ୍ଟି ଓ ମନ ବିଚଳିତ ହେବନାହିଁ, ସେହି ପରିମାଣରେ ମଦ୍ୟ ପାନ କରିବ । ଏହାଠାରୁ ଅଧିକ ପାନକୁ 'ପଶୁପାନ' କୁହାଯାଏ, ଯଥା—

**"ଶତାଭିଷିକ୍ତଃ କୌଳଶ୍ଚେତ୍ ଅତିପାନାତ୍ କୁଳେଶ୍ୱରି !**
**ପଶୁରେବ ସ ମନ୍ତବ୍ୟଃ କୁଳଧର୍ମବହିଷ୍କୃତଃ ।।"**

କୁଳେଶ୍ୱରି ! ଶତ ଶତ ବାର ଅଭିଷିକ୍ତ କୌଳ ବ୍ୟକ୍ତି ମଧ୍ୟ ଅତିପାନ ଦୋଷରେ ଦୂଷିତ ହେଲେ କୁଳଧର୍ମରୁ ବିଚ୍ୟୁତ ହେବେ ଏବଂ ତାଙ୍କୁ ପଶୁ (ଭ୍ରଷ୍ଟ) ମଧ୍ୟରେ ଗଣନା କରାଯିବ ।

ଅତଏବ, ମଦ୍ୟପାନ କରି ମାତାଲ ହେବା ତନ୍ତ୍ରର ଉଦ୍ଦେଶ୍ୟ ନୁହେଁ । ଏହା ମନ୍ତ୍ରପୂତ ଓ ସଂସ୍କୃତ ହେଲେ ତେଜୋଧର୍ମୀ ହୁଏ । ସେତେବେଳେ ଏହା ସାଧନାନୁଯାୟୀ କୁଳକୁଣ୍ଡଳିନୀ-ଶକ୍ତିର ମୁଖରେ ଆପତିତ ହୋଇ ତାଙ୍କୁ ଉଦ୍‌ବୋଧିତ କରିଥାଏ । ଏହି କାରଣରୁ ହିଁ ସାଧକମାନେ ମଦ୍ୟପାନ କରିଥାନ୍ତି । ଅନ୍ୟଥା ସେହି ତନ୍ତ୍ରଶାସ୍ତ୍ର ମଦ୍ୟପାନର ଶତ ଶତ ଦୋଷ ଦର୍ଶାଇ ମଧ୍ୟ ତାହା ପୁଣି ସାଧକଙ୍କ ପକ୍ଷରେ ଗ୍ରହଣ କରିବାର ବ୍ୟବସ୍ଥା କରନ୍ତେ ବା କାହିଁକି ?

ପାରମାର୍ଥିକ ଦୃଷ୍ଟିରେ ସଂସାରରେ ହିତକର ବା ଅହିତକର ବସ୍ତୁ ହୋଇ କିଛି ନାହିଁ । 'ଶ୍ରୁତି' କହିଛନ୍ତି, 'କୌଣସି ଦ୍ରବ୍ୟ ବସ୍ତୁତଃ ଅହିତକର ବା ବିଷ ନୁହେଁ । ପ୍ରକୃତିର ପରିଚ୍ଛିନ୍ନତା ବା ଆବରଣ ହେତୁ କୌଣସି ବସ୍ତୁ ହିତକର, ବିଶିଷ୍ଟ ପ୍ରକୃତିର ଅନୁକୂଳ ବା ସମ୍ବାଦୀ ଏବଂ ଅନ୍ୟ କୌଣସି ବସ୍ତୁ ଅହିତକର, ବିଶିଷ୍ଟ ପ୍ରକୃତିର ପ୍ରତିକୂଳ, ବାଧାପ୍ରଦ ବା ବିସମ୍ବାଦୀ ବୋଲି ପ୍ରତୀୟମାନ ହୁଏ ଅର୍ଥାତ୍ ଅବସ୍ଥାଭେଦରେ ପ୍ରକୃତିର ପ୍ରଭାବରୁ ବସ୍ତୁମାତ୍ରକେ ହିତକର ବା ଅହିତକର ବୋଲି ପ୍ରତୀୟମାନ ହୁଏ । ବିଷୟ-ବୈଷମ୍ୟ ହିଁ ବିଷ, ଅନ୍ୟଥା ବିଷ ସ୍ୱତଃ ବିଷ ନୁହେଁ । 'ଚରକ ସଂହିତା'ରେ କୁହାଯାଇଛି, ''ଯେଉଁ ଅନ୍ନ ପ୍ରାଣୀମାନଙ୍କ ପ୍ରାଣସ୍ୱରୂପ, ଅଯୁକ୍ତିପୂର୍ବକ ଅର୍ଥାତ୍ ଅପରିମିତ ଭାବରେ ଭୋଜନ କରାଗଲେ, ସେହି ଅନ୍ନ ମଧ୍ୟ ଜୀବନ ସଂହାର କରିଥାଏ । ପୁଣି ବିଷ ପ୍ରାଣନାଶକାରୀ ହେଲେ ମଧ୍ୟ ଯଦି ଯତ୍ନପୂର୍ବକ ଅର୍ଥାତ୍ ମାତ୍ରା ଓ ଆବଶ୍ୟକତା ଅନୁଯାୟୀ ବ୍ୟବହୃତ ହୁଏ, ତାହା ପ୍ରାଣପ୍ରଦ ରସାୟନର କ୍ରିୟା କରିଥାଏ । ସଂସାରରେ କୌଣସି ହେଲେ ବିଷୟ ଏକାନ୍ତ ହିତକର ବା ଅହିତକର ନୁହେଁ । ପ୍ରୟୋଜନ ଓ କାର୍ଯ୍ୟସାଧନ ନିମିତ୍ତ ଯଥୋଚିତ ଭାବରେ ବ୍ୟବହାର କଲେ ତାହା ଶୁଭକର ହୁଏ । ତେଜଃପଦାର୍ଥର ପ୍ରୟୋଗ ବ୍ୟତୀତ ଯେଉଁମାନଙ୍କର କୁଣ୍ଡଳିନୀ ଜାଗ୍ରତ ହେବନାହିଁ, ସେମାନଙ୍କ ନିମିତ୍ତ ଯଥା ବିଧାନରେ ମଦ୍ୟପ୍ରୟୋଗ କ'ଣ ଦୋଷାବହ ? ପୁଣି ଯେଉଁ ସାଧକଙ୍କର କୁଣ୍ଡଳିନୀ ଜାଗ୍ରତ ହୋଇଅଛି ଏବଂ ଯାହାଙ୍କର ସୁଷୁମ୍ନା-ମାର୍ଗ ପରିଷ୍କାର ହୋଇଅଛି, ତାଙ୍କର ପୁଣି ମଦ୍ୟପାନରେ ବା ପ୍ରୟୋଜନ କଅଣ ଅଛି ? ତେଣୁ ଶାସ୍ତ୍ର ସେମାନଙ୍କ ନିମିତ୍ତ ମଦ୍ୟପାନ ଏକାନ୍ତ ନିଷେଧ କରିଛନ୍ତି ।

ଲୋକମାନେ ମଦ୍ୟପାନ କରି ମାତାଲ ହୋଇ ଆନନ୍ଦ ଲାଭ କରନ୍ତୁ—ଏହା ଯେ ତନ୍ତ୍ରଶାସ୍ତ୍ରର ଉଦ୍ଦେଶ୍ୟ ନୁହେଁ, ବର୍ତ୍ତମାନ ଏକଥା ବୋଧହୁଏ ଆଉ ବୁଝାଇବାକୁ ହେବନାହିଁ । ମଦ୍ୟପାନକାରୀ ଯେ ମନୁଷ୍ୟତ୍ୱରୁ ଦୂରକୁ ଚାଲିଯାଆନ୍ତି, ମଦ୍ୟପାୟୀ ଯେ ପଶୁରୁ ମଧ୍ୟ ଅଧମ ହୋଇପଡ଼ନ୍ତି ଏବଂ ମଦ୍ୟପାୟୀର ଯେ ସମ୍ପୂର୍ଣ୍ଣ ହିତାହିତ ଜ୍ଞାନ ବିଲୁପ୍ତ ହୋଇଯାଏ, ତାହା ସର୍ବଦର୍ଶୀ, ସର୍ବଜ୍ଞାନୀ ମହାଯୋଗବଳଶାଳୀ ମହାଦେବ ମଧ୍ୟ ଅବଗତ ଥିଲେ । କିନ୍ତୁ ଏହି ତେଜ ପ୍ରଦାନ ଦ୍ୱାରା କୁଣ୍ଡଳିନୀ ଜାଗରଣ ନିମିତ୍ତ ଏହା ସାହାଯ୍ୟରେ ତନ୍ତ୍ରର ସାଧନା ପ୍ରଚାରିତ

ହୋଇଅଛି । ଯେପରି **'ବିଷସ୍ୟ ବିଷମୌଷଧମ୍'** ଅର୍ଥାତ୍ ବିଷପ୍ରୟୋଗରେ ବିଷର ଚିକିତ୍ସା, ସେହିପରି ସୁରାସେବନର ବ୍ୟବସ୍ଥା ପ୍ରଦତ୍ତ ହୋଇଅଛି । କିନ୍ତୁ ଉପଯୁକ୍ତ ଗୁରୁ ନ ହେଲେ ମନ୍ତ୍ରାର୍ଥ ଓ ଦେବତାସ୍ଫୂର୍ତ୍ତି ପରିବର୍ତ୍ତେ ନିଶାଖୋର ହୋଇ ଜୀବନଟା ମାଟି ହେବା ହିଁ ସାର ହୁଏ । ଉପଯୁକ୍ତ ଗୁରୁଙ୍କର ଉପଦେଶ ଅନୁସାରେ ସମୟ ଓ ସ୍ଥଳବିଶେଷରେ ସୁରା ପ୍ରୟୋଗ କଲେ ନିଶ୍ଚୟ କୁଣ୍ଡଳିନୀଚୈତନ୍ୟ ହୋଇଥାଏ । ଅତଏବ, ମଦ୍ୟପାନ କରି ମାତାଲ ହେବା ଏବଂ ତଜ୍ଜନିତ ପାଶବ ଆନନ୍ଦ ଅନୁଭବ କରିବା ତନ୍ତ୍ରଶାସ୍ତ୍ରର ଉଦ୍ଦେଶ୍ୟ ନୁହେଁ । **କୁଣ୍ଡଳିନୀଶକ୍ତି ଆମ ଦେହସ୍ଥ ଶକ୍ତିସମୂହର ଶକ୍ତିକେନ୍ଦ୍ର ।** ସେହି ଶକ୍ତିକେନ୍ଦ୍ରକୁ ଉଦ୍‌ବୋଧିତ କରିବା ନିମିତ୍ତ କୁଣ୍ଡଳିନୀ-ମୁଖରେ ମଦ୍ୟ ପ୍ରଦାନ କରାଯାଏ । ଏହାର ଉଦ୍ଦେଶ୍ୟ ଅତିଶୟ ଶୁଭକର । ପାଶ୍ଚାତ୍ୟ ଦେଶରେ ବର୍ତ୍ତମାନ ଯେଉଁମାନେ ମେସ୍‌ମେରିଜମ୍ ଓ ହିପ୍‌ନୋଟିଜିମ୍ ବିଦ୍ୟାର ପ୍ରଚଳନ କରିଛନ୍ତି, ସେମାନେ ମଧ୍ୟ ସ୍ୱୀକାର କରନ୍ତି ଯେ, କୌଣସି କୌଣସି ଔଷଧ ସେବନ ଦ୍ୱାରା ମଧ୍ୟ ଏହି ଅବସ୍ଥା ଆସିପାରେ । କିନ୍ତୁ କାହିଁକି ଓ କି ଉପାୟରେ ତାହା ସମ୍ଭବ ହୋଇପାରେ, ତାହାର ତତ୍ତ୍ୱ ସେମାନଙ୍କର ଅଜ୍ଞାତ । ତେଣୁ ସେମାନେ ତାହା ଅବଗତ ନୁହଁନ୍ତି । ତାନ୍ତ୍ରିକ ସାଧକ ସେ ତତ୍ତ୍ୱ ଅବଗତ ଥିଲେ । ତେଣୁ ମହାଶକ୍ତିଙ୍କ ଆରାଧନାରେ ଶକ୍ତିକେନ୍ଦ୍ରକୁ ଉଦ୍‌ବୋଧିତ କରିବା ନିମିତ୍ତ ସୁରାପାନର ବ୍ୟବସ୍ଥା କରାଯାଇଥିଲା ।

ତନ୍ତ୍ରଶାସ୍ତ୍ରରେ ସୁରାପାନର ବ୍ୟବସ୍ଥା ନିମ୍ନୋକ୍ତ ପ୍ରକାରେ ଅଛି । ମହାଶକ୍ତିଙ୍କର ପୂଜାଦି ଶେଷ କରି କୁଳସାଧକ ହୃଷ୍ଟ ମନରେ ପରମାମୃତପୂର୍ଣ୍ଣ ସଂସ୍କୃତ ଓ ନିବେଦିତ ସ୍ୱ ସ୍ୱ ପାତ୍ର ଗ୍ରହଣ କରି ମୂଳାଧାର ଠାରୁ ଜିହ୍ୱାଗ୍ର ପର୍ଯ୍ୟନ୍ତ କୁଳକୁଣ୍ଡଳିନୀଙ୍କ ଚିନ୍ତାପୂର୍ବକ ମୂଳମନ୍ତ୍ର ଉଚ୍ଚାରଣ କରି ଶ୍ରୀଗୁରୁଙ୍କ ଆଜ୍ଞା ଗ୍ରହଣ ପରେ କୁଣ୍ଡଳିନୀମୁଖରେ ପରମାମୃତ ପ୍ରଦାନ କରିବେ । କୁଣ୍ଡଳିନୀର ଜାଗରଣ ନିମିତ୍ତ ସୁଷୁମ୍ନାପଥରେ ଏହି ମଦ୍ୟ ଢାଳି ଦେବାକୁ ହୁଏ । ଯୋନିମୁଦ୍ରା * ଅବଲମ୍ବନ କରି ଉକ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ପଡ଼େ । ଏହି ତତ୍ତ୍ୱଶିକ୍ଷା ନିମିତ୍ତ ସଦ୍‌ଗୁରୁଙ୍କର ଏକାନ୍ତ ପ୍ରୟୋଜନ ହୋଇଥାଏ ।

---

* ଯୋନିମୁଦ୍ରାର ସାଧନ ମତ୍ ପ୍ରଣୀତ 'ଜ୍ଞାନୀଗୁରୁ' ଗ୍ରନ୍ଥରେ ବିଶେଷ ଭାବରେ ବର୍ଣ୍ଣିତ ହୋଇଅଛି ।　　　　(ଗ୍ରନ୍ଥକାର)

# ଅନ୍ୟାନ୍ୟ ତତ୍ତ୍ୱ

ଦ୍ୱିତୀୟ ତତ୍ତ୍ୱ 'ମାଂସ' । ସେ ସମ୍ବନ୍ଧରେ ଶାସ୍ତ୍ରରେ ନିମ୍ନୋକ୍ତ ବିଧାନ ଅଛି, ଯଥା —

"ମାଂସନ୍ତୁ ତ୍ରିବିଧଂ ପ୍ରୋକ୍ତଂ ଜଳ-ଭୂଚର-ଖେଚରମ୍ ।
ଯସ୍ମାଦ୍ କସ୍ମାଦ୍ ସମାନୀତଂ ଯେନ ତେନ ବିଘାତିତମ୍ ।।
ତତ୍ସର୍ବଂ ଦେବତାପ୍ରୀତ୍ୟୈ ଭବେଦେବ ନ ସଂଶୟଃ ।
ସାଧକେଚ୍ଛା ବଳବତୀ ଦେୟେ ବସ୍ତୁନି ଦୈବତେ ।।
ଯଦ୍ ଯଦାତ୍ମପ୍ରିୟଂ ଦ୍ରବ୍ୟଂ ତତ୍ତଦିଷ୍ଟାୟ କଳ୍ପୟେତ୍ ।
ବଳିଦାନବିଧୌ ଦେବି ବିହିତଃ ପୁରୁଷଃ ପଶୁଃ ।
ସ୍ତ୍ରୀପଶୁର୍ନ ଚ ହନ୍ତବ୍ୟସ୍ତତ୍ର ଶାମ୍ଭବଶାସନାତ୍ ।।"

ମାଂସ ତ୍ରିବିଧ—ଜଳଚର, ଭୂଚର ଓ ଖେଚର । ଏହା ଯେ କୌଣସି ଲୋକ ଦ୍ୱାରା ନିହତ ଅଥବା ଯେକୌଣସି ସ୍ଥାନରୁ ଆନୀତ ହେଲେ ମଧ ନିଃସନ୍ଦେହରେ ତଦ୍ଦ୍ୱାରା ଦେବତାମାନଙ୍କର ତୃପ୍ତି ସାଧିତ ହୋଇଥାଏ । ଦେବତାଙ୍କୁ କେଉଁ ମାଂସ ବା କେଉଁ ବସ୍ତୁ ଦେବାକୁ ହେବ, ତାହା ସାଧକଙ୍କର ଇଚ୍ଛା ଉପରେ ନିର୍ଭର କରେ । ଯେଉଁ ମାଂସ ଓ ଯେଉଁ ବସ୍ତୁ ନିଜର ତୃପ୍ତିକର, ଇଷ୍ଟଦେବତାଙ୍କ ଉଦ୍ଦେଶ୍ୟରେ ତାହା ହିଁ ପ୍ରଦାନ କରିବା କର୍ତ୍ତବ୍ୟ । ଦେବି ! ପୁରୁଷ ପଶୁ ହିଁ ବଳିଦାନ ନିମିତ୍ତ ବିହିତ ହୋଇଅଛି । ସ୍ତ୍ରୀ-ପଶୁ ବଳି ଦେବା ଶିବଙ୍କ ଆଜ୍ଞାର ବିରୁଦ୍ଧ, ସୁତରାଂ ତାହା ପ୍ରଦାନ କରିବା ଉଚିତ୍ ନୁହେଁ ।

ଅତଏବ, ଜୀବଜନ୍ତୁଙ୍କ ମାଂସ ଦ୍ୱାରା ସାଧନ କରିବା ବ୍ୟତୀତ ଏହାର ପ୍ରକୃତ ଅର୍ଥ ହେଉଛି ଯେ, ବାକ୍ୟ ସଂଯତ କରିବା ବା ମୌନୀ ହେବା । ଏତଦ୍‌ବ୍ୟତୀତ ତନ୍ତ୍ରଶାସ୍ତ୍ରର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ ।

"ବୁଦ୍ଧି-ତେଜୋବଳକରଂ ଦ୍ୱିତୀୟଂ ତତ୍ତ୍ୱଲକ୍ଷଣମ୍ ।"

—ଦ୍ୱିତୀୟ ତତ୍ତ୍ୱ ପୁଷ୍ଟିକର, ବଳ ଓ ତେଜବିଧାୟକ ।

ତୃତୀୟ ତତ୍ତ୍ୱ 'ମତ୍ସ୍ୟ' ।

**"ଉତ୍ତମାସ୍ତ୍ରିବିଧା ମତ୍ସ୍ୟାଃ ଶାଲପାଠିନରୋହିତାଃ ।**
**ମଧ୍ୟମାଃ କଣ୍ଟକୈର୍ହୀନା ଅଧମା ବହୁକଣ୍ଟକାଃ ।**
**ତେଽପି ଦେବ୍ୟୈ ପ୍ରଦାତବ୍ୟା ଯଦି ସୁଷ୍ଠୁ ବିଭର୍ଜ୍ଜିତାଃ ।।"**

ମତ୍ସ୍ୟ ମଧ୍ୟରେ ଶେଉଳ, ମାଗୁର ଓ ରୋହି—ଏହି ତିନି ଜାତି ଉତ୍ତମ । କଣ୍ଟକହୀନ ଅନ୍ୟାନ୍ୟ ମତ୍ସ୍ୟ ମଧ୍ୟମ ଏବଂ ବହୁକଣ୍ଟକଶାଳୀ ମତ୍ସ୍ୟ ଅଧମ । ଯଦି ଶେଷୋକ୍ତ ମତ୍ସ୍ୟ ସୁନ୍ଦରରୂପେ ଭଜା ହୋଇଥାଏ, ତାହାହେଲେ ଦେବୀଙ୍କୁ ନିବେଦନ କରାଯାଇପାରେ ।

**"ଜଳୋଭବଂ ଯତ୍ କଲ୍ୟାଣି କମନୀୟଂ ସୁଖପ୍ରଦମ୍**
**ପ୍ରଜାବୃଦ୍ଧିକରଞ୍ଚାପି ତୃତୀୟତତ୍ତ୍ୱଲକ୍ଷଣମ୍ ।।"**

କଲ୍ୟାଣି ! ତୃତୀୟ ତତ୍ତ୍ୱ ପ୍ରଜାବୃଦ୍ଧିକର, ଜୀବର ଜୀବନ-ସ୍ୱରୂପ, ଜଳଜାତ ଏବଂ ସୁଖପ୍ରଦ ।

ବର୍ତ୍ତମାନ କଅଣ ବୁଝିବାକୁ ବାକୀ ଅଛି ଯେ, ତନ୍ତ୍ରର ମତ୍ସ୍ୟ ରୂପକ ନୁହେଁ ? ତାହା କଅଣ ଆମମାନଙ୍କର ନିତ୍ୟ ଖାଦ୍ୟ ଶେଉଳ, ମାଗୁର ଓ ରୋହି ପ୍ରଭୃତି ମତ୍ସ୍ୟ ?

ବର୍ତ୍ତମାନ ଚତୁର୍ଥ ତତ୍ତ୍ୱ 'ମୁଦ୍ରା' ସମ୍ବନ୍ଧରେ ଆଲୋଚନା କରାଯାଉ ।

"ମୁଦ୍ରାପି ତ୍ରିବିଧା ପ୍ରୋକ୍ତା ଉତ୍ତମାଦିପ୍ରଭେଦତଃ ।
ଚନ୍ଦ୍ରବିମ୍ବନିଭା ଶୁଭ୍ରା ଶାଳିତଣ୍ଡୁଳସମ୍ଭବା ।
ଯବଗୋଧୂମଜା ବାପି ଘୃତପକ୍ୱା ମନୋହରା ।।
ମୁଦ୍ରେୟମୁତ୍ତମା ମଧ୍ୟା ଭୃଷ୍ଟଧାନ୍ୟାଦି-ସମ୍ଭବା
ଭର୍ଜ୍ଜିତାନ୍ୟନ୍ୟବୀଜାନ୍ୟଧମା ପରିକୀର୍ତ୍ତିତା ।।"

ମୁଦ୍ରା ମଧ୍ୟ ଉତ୍ତମ, ମଧ୍ୟମ ଓ ଅଧମ—ଏହି ତ୍ରିବିଧ । ଯାହା ଚନ୍ଦ୍ରବତ୍ ଶୁଭ୍ର, ଶାଳିତଣ୍ଡୁଳ ବା ଯବ-ଗୋଧୂମ ପ୍ରସ୍ତୁତ, ଯାହା ଘୃତପକ୍ୱ ବା ମନୋହର, ତାହା ହିଁ ଉତ୍ତମ ବୋଲି ଜାଣିବ । ଯାହା ଭୃଷ୍ଟଧାନ୍ୟ (ଭଜାଧାନ୍ୟ) ବା ଖଇ,

ମୁଢ଼ି ଦ୍ୱାରା ପ୍ରସ୍ତୁତ, ତାହା ମଧ୍ୟମ ଏବଂ ଯାହା ଅନ୍ୟ-ଶସ୍ୟ-ଭର୍ଜିତ, ତାହା ହିଁ ଅଧମ ବୋଲି ପରିକୀର୍ତ୍ତିତ ।

"ସୁଲଭଂ ଭୂମିଜାତଞ୍ଚ ଜୀବାନାଂ ଜୀବନଞ୍ଚ ଯତ୍ ।
ଆୟୁର୍ମୂଳଂ ତ୍ରିଜଗତାଂ ଚତୁର୍ଥତତ୍ତ୍ୱଲକ୍ଷଣମ୍ ।।"

ଚତୁର୍ଥ ତତ୍ତ୍ୱ ସୁଲଭ, ଭୂମିଜାତ ଓ ଜୀବର ଜୀବନସ୍ୱରୂପ ଓ ତ୍ରିଜଗତର ଜୀବଗଣଙ୍କ ଆୟୁର ମୂଳସ୍ୱରୂପ ।

ମାଂସମତ୍ସ୍ୟାଦି ବ୍ୟବହାରର କାରଣ ମଧ୍ୟ ସୁରାପାନ ଭଳି ବୁଝିବାକୁ ହେବ । ମନୁରେ ଅଛି —

" ଆଚାରାଦ୍‌ବିଚ୍ୟୁତୋ ବିପ୍ରୋ ନ ବେଦଫଳମଶ୍ନୁତେ ।"

ଅର୍ଥାତ୍ ଆଚାରବିହୀନ ବିପ୍ର ବେଦୋକ୍ତ ଫଳ ପ୍ରାପ୍ତ ହୁଅନ୍ତି ନାହିଁ । ଏହିସବୁ ଶାସ୍ତ୍ର ମଧ୍ୟରେ ଶଯ୍ୟାତ୍ୟାଗ ଠାରୁ ପୁଣି ନିଦ୍ରା ଯିବା ପର୍ଯ୍ୟନ୍ତ ପଦେ ପଦେ କଠୋର ନିୟମ ବିଧିବଦ୍ଧ ରହିଅଛି । ଅଧିକାଂଶ ବ୍ୟକ୍ତି ସେହି ବୈଦିକ ଆଚାର ରକ୍ଷଣରେ ଅସମର୍ଥ । ଭୋଗାସକ୍ତି ତ୍ୟାଗ କରି କେତେ ଜଣ ବ୍ୟକ୍ତି ବା ବୈଦିକ ଆଚାର ପ୍ରତିପାଳନରେ ଅଗ୍ରସର ହେବେ ? ସେମାନଙ୍କ ନିମିତ୍ତ ତନ୍ତ୍ରଶାସ୍ତ୍ରବର୍ଣ୍ଣିତ ପଞ୍ଚ-ମ'କାର । ସାଧନାରେ ଭୋଗ କ୍ରମଶଃ ଭଗବଦ୍‌ମୁଖୀ ହୋଇ ସାଧକଙ୍କୁ ପରମ ଜ୍ଞାନରେ ଉପନୀତ କରିଥାଏ । ତନ୍ତ୍ରଶାସ୍ତ୍ରରେ ଇଚ୍ଛାନୁସାରେ ମତ୍ସ୍ୟମାଂସ ବ୍ୟବହାର ବିଧି ନାହିଁ, ଯଥା-

"ମନ୍ତ୍ରାର୍ଥସ୍ଫୁରଣାୟ ବ୍ରହ୍ମଜ୍ଞାନୋଦ୍ଭବାୟ ଚ ।
ସେବ୍ୟତେ ମଧୁମାଂସାଦି ତୃଷ୍ଣୟା ଚେତ୍ ସ ପାତକୀ ।।"

ମନ୍ତ୍ରାର୍ଥ ଓ ଦେବତା ସ୍ଫୁର୍ତ୍ତି ନିମିତ୍ତ ଏବଂ ବ୍ରହ୍ମଜ୍ଞାନ ଉଦ୍ଭବ ନିମିତ୍ତ ମଦ୍ୟମାଂସ ପ୍ରଭୃତି ଯଥାନିୟମରେ ବ୍ୟବହୃତ ହୋଇଥାଏ । ଯେଉଁମାନେ ଲୋଭ-ପରବଶ ହୋଇ ମାଂସାଦି ଭୋଜନ କରନ୍ତି, ସେମାନେ ପାତକୀ ମଧ୍ୟରେ ଗଣ୍ୟ ।

ଆମ ଦେଶର ପ୍ରାୟ ଅଧିକାଂଶ ବ୍ୟକ୍ତି ମତ୍ସ୍ୟମାଂସ ଭୋଜନ କରିଥା'ନ୍ତି । ସାତ୍ତ୍ୱିକ ବୈଷ୍ଣବ ଧର୍ମ ଗ୍ରହଣ କରି ମଧ୍ୟ କଳିଯୁଗର ପ୍ରବଳ ପ୍ରତାପରେ ଅଧିକାଂଶ

ବ୍ୟକ୍ତି ମତ୍ସ୍ୟ ଭକ୍ଷଣର ଲୋଭ ବର୍ଜନ କରିପାରୁନାହାନ୍ତି । ଯେଉଁମାନଙ୍କ ପକ୍ଷରେ ଆଚାର ପ୍ରତିପାଳନ କରିବା ଅସମ୍ଭବ, ସେମାନଙ୍କ ପକ୍ଷରେ ସେହି ପଥ ଅବଲମ୍ବନରେ ତଦନୁରୂପ ଫଳରେ ପ୍ରତ୍ୟାଶା ମଧ୍ୟ ଅସମ୍ଭବ । ତେଣୁ ତ୍ରିକାଳଦର୍ଶୀ ମହାଦେବ କଳିର ଭୋଗାସକ୍ତ ଜୀବମାନଙ୍କ ନିମିତ୍ତ ମତ୍ସ୍ୟମାଂସାଦି ଦ୍ୱାରା ସାଧନାର ବ୍ୟବସ୍ଥା କରିଛନ୍ତି । 'ମନୁ' ମଧ୍ୟ କହିଛନ୍ତି—

"ନ ମାଂସଂ ଭକ୍ଷଣେ ଦୋଷୋ ନ ମଦ୍ୟେ ନ ଚ ମୈଥୁନେ ।
ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହାଫଳା ॥"

ମନୁଷ୍ୟମାନଙ୍କ ପକ୍ଷରେ ମଦ୍ୟପାନ, ମାଂସଭକ୍ଷଣ ଓ ମୈଥୁନରେ ଦୋଷ ନାହିଁ, କାରଣ ଏହା ପ୍ରବୃତ୍ତିମୂଳକ କର୍ମ । ପରେ ଏଥିରୁ ନିବୃତ୍ତ ହେଲେ ମହାଫଳ ଲାଭ ହୋଇଥାଏ ।

## ପଞ୍ଚମ ତତ୍ତ୍ୱ

ପଞ୍ଚମ-ତତ୍ତ୍ୱ ସମ୍ବନ୍ଧରେ ଟିକିଏ ଆଲୋଚନା କରିବାକୁ ହେବ ।

"ଶେଷତତ୍ତ୍ୱଂ ମହେଶାନି ନିର୍ବୀର୍ଯ୍ୟେ ପ୍ରବଳେ କଳୌ ।
ସ୍ୱକୀୟା କେବଳା ଜ୍ଞେୟା ସର୍ବଦୋଷବିବର୍ଜ୍ଜିତା ॥"

ମହେଶାନି ! ପ୍ରବଳ କଳିକାଳରେ ମାନବଗଣ ନିର୍ବୀର୍ଯ୍ୟ ହୋଇପଡ଼ିବେ । ସୁତରାଂ ଶେଷତତ୍ତ୍ୱ (ମୈଥୁନ) ସର୍ବଦୋଷବର୍ଜ୍ଜିତ ନିଜ ପତ୍ନୀଠାରେ ହିଁ ସମ୍ପନ୍ନ କରିବାକୁ ହେବ । ସେଥିରେ ଆଉ କୌଣସି ଦୋଷ ଘଟିବାର ଆଶଙ୍କା ରହିବ ନାହିଁ ।

ମୈଥୁନ ବିଷୟରେ ମଧ୍ୟ ଶିବଙ୍କର ଏଭଳି ଗୂଢ଼ ଆଦେଶ ଅଛି ଯେ, କୁଳଜ୍ଞାନହୀନ, ମୈଥୁନାସକ୍ତ ଓ ସବିକଳ୍ପ ବ୍ୟକ୍ତିଙ୍କ ପକ୍ଷରେ ଉପଯୁକ୍ତ ବିଧି ସହକାରେ ସେ ଆଦେଶ ପାଳନ କରିବା ଅସମ୍ଭବ । ତେଣୁ ମହାଦେବ କହିଛନ୍ତି—

"ବିନା ପରିଣୟଂ ବୀରଃ ଶକ୍ତିସେବାଂ ସମାଚରନ୍ ।
ପରସ୍ତ୍ରୀଗାମିନାଂ ପାପଂ ପ୍ରାପ୍ନୁୟାନ୍ନାତ୍ର ସଂଶୟଃ ॥"

— ମହାନିର୍ବାଣ ତନ୍ତ୍ର

ବିବାହିତା ପତ୍ନୀଙ୍କ ବ୍ୟତୀତ ସାଧକ ଅନ୍ୟ ଶକ୍ତି ଗ୍ରହଣ କଲେ, ପରସ୍ତ୍ରୀଗମନଜନିତ ପାପ ଭୋଗ କରିବେ, ଏଥିରେ ସନ୍ଦେହ ନାହିଁ ।

ଏହି ସ୍ୱକୀୟ ପତ୍ନୀଙ୍କ ଠାରେ ମଧ୍ୟ ଶିବ ସାଧନାଙ୍ଗ ନିୟମ ବିଧିବଦ୍ଧ କରି **'ପତନଂ ବିଧିବର୍ଜ୍ଜନାତ୍'** ଅର୍ଥାତ୍ ବିଧି ଲଂଘନ କଲେ ପତନ ଅନିବାର୍ଯ୍ୟ ବୋଲି କହିଛନ୍ତି । ସୁତରାଂ ବେଦ, ସ୍ମୃତି ଓ ପୁରାଣାଦି ଅପେକ୍ଷା ମୈଥୁନ ବିଷୟରେ ତନ୍ତ୍ରରେ କଠିନ ବିଧିବ୍ୟବସ୍ଥା ବ୍ୟବସ୍ଥାପିତ ହୋଇଅଛି । ତେବେ ଯେଉଁମାନେ ତନ୍ତ୍ରର ଦ୍ୱାହି ଦେଇ ସୁରାପାନ କରନ୍ତି ଓ ପରକୀୟା ରମଣୀ ସଙ୍ଗରେ ବ୍ୟଭିଚାର କରନ୍ତି, ସେମାନଙ୍କ କଥା ଧର୍ତ୍ତବ୍ୟ ନୁହେଁ, ଅର୍ଥାତ୍ ସେମାନଙ୍କ ବିଷୟ ଉତ୍‌ଥାପନ କରିବା ଏକାନ୍ତ ଅନୁଚିତ । ଯାହାହେଉ, ତନ୍ତ୍ରର ମୈଥୁନ ଯେ ସହସ୍ରାର ଚକ୍ରରେ ଜୀବାତ୍ମାର ରମଣ ନୁହେଁ, ତାହା ବୋଧହୁଏ ଉପରୋକ୍ତ ବଚନ ଦୁଇଟିରେ ପ୍ରମାଣିତ ହେଲା ।

**''ମହାନନ୍ଦକରଂ ଦେବି ପ୍ରାଣିନାଂ ସୃଷ୍ଟିକାରଣମ୍ ।**
**ଅନାଦ୍ୟନ୍ତଜଗନ୍ମୂଳଂ ଶେଷତତ୍ତ୍ୱସ୍ୟ ଲକ୍ଷଣମ୍ ।।''**

ପଞ୍ଚମ ତତ୍ତ୍ୱ ମହା-ଆନନ୍ଦଜନକ, ପ୍ରାଣୀସୃଷ୍ଟିକାରକ ଏବଂ ଆଦ୍ୟନ୍ତ-ରହିତ ଜଗତର ମୂଳ ।

ଶେଷତତ୍ତ୍ୱର ଆକାଙ୍କ୍ଷା, ଯାହା ଜାତଜୀବ ମାତ୍ରକେ ସମସ୍ତଙ୍କ ହୃଦୟରେ ବର୍ତ୍ତମାନ ଅଛି, ଯାହାର ଆକର୍ଷଣରେ ଜୀବ ନରକପଥରେ ଗମନ କରେ, ତାହା କ'ଣ କେବଳ ମନେ ମନେ ଭାବିଦେଲେ, ତ୍ୟାଗ କରାଯାଇପାରେ ? ଯେଉଁ ବ୍ୟକ୍ତି ରମଣୀର ଆକର୍ଷଣକୁ ଏଡ଼ାଇ ପାରିଛନ୍ତି, ସେ ପ୍ରାକୃତିକ ବାହୁବନ୍ଧନ ବା ପ୍ରାକୃତିକ ଆକର୍ଷଣ ରୂପ ଅନଳ ବା ଅଗ୍ନି ଏଡ଼ାଇ ପାରିଛନ୍ତି । ତେଣୁ ଅନ୍ୟାନ୍ୟ ଶାସ୍ତ୍ର କହିଛନ୍ତି, ''କାମିନୀ-କାଞ୍ଚନ ତ୍ୟାଗ କର'' । କିନ୍ତୁ ତନ୍ତ୍ରଶାସ୍ତ୍ର କହୁଛନ୍ତି ''ଏହି କାମିନୀ-କାଞ୍ଚନ ପରିତ୍ୟାଗର ଉପାୟ କ'ଣ ? ବାଧ୍ୟବାଧକତାରେ କେତେ ଦିନ ବା ତ୍ୟାଗ କରିହେବ ? ଏହି ବାଧ୍ୟବାଧକତାର ଜୋର୍ ଅଧିକକାଳ ସ୍ଥାୟୀ ହୋଇପାରିବ ନାହିଁ । ଏହି ବିଶ୍ୱପ୍ରସାରିତ ପ୍ରକୃତିର ଅନଳବାହୁର ଆକର୍ଷଣ କବଳରୁ ଦୂରରେ ରହିବା ସହଜସାଧ୍ୟ ନୁହେଁ, କିମ୍ବା ରମଣୀର ଆସଙ୍ଗସ୍ପୃହା

ପରିତ୍ୟାଗ କରିବା ସହଜ ନୁହେଁ, ଅଥବା ଏହି ପରିତ୍ୟାଗ କରିବାର ଶକ୍ତି କାହାରି ହେଲେ ନାହିଁ । ରମଣୀତ୍ୱକୁ ଜନନୀତ୍ୱରେ ପରିଣତ କର, ତେବେ ଯାଇ ତୁମର ପ୍ରାକୃତିକ ପିପାସା ମେଣ୍ଟିଯିବ ।'' ତେଣୁ ତନ୍ତ୍ରଶାସ୍ତ୍ରରେ ପଞ୍ଚମ ତତ୍ତ୍ୱର ସାଧନା, ଏଥିପାଇଁ ରମଣୀକୁ ସଙ୍ଗରେ ଧରି ଉଚ୍ଚସ୍ତରକୁ ଅଧିରୋହଣ କରିବାର ବ୍ୟବସ୍ଥା । ପଞ୍ଚମ ତତ୍ତ୍ୱ ସାଧନାରେ ପ୍ରକୃତି ବଶୀଭୂତ ହୋଇଥାଏ । ଏଥିରେ ଆତ୍ମଜୟ ହୁଏ ଏବଂ ବିନ୍ଦୁସାଧନାରେ ସିଦ୍ଧିଲାଭ ମଧ୍ୟ ହୋଇଥାଏ । କାରଣ ପ୍ରକୃତି-ମୂର୍ତ୍ତି ରମଣୀ ବା ମାତୃଶକ୍ତି ମାଧ୍ୟମରେ ସର୍ବଦା ଆକର୍ଷଣ କରୁଥାଏ ଏବଂ ବାନ୍ଧି କରି ରଖିଥାଏ । ଯଦି ସେହି ଶକ୍ତିର ସାଧନ ଦ୍ୱାରା ତାହା ସହିତ ଆତ୍ମସମ୍ମିଶ୍ରଣ କରାଯାଇପାରେ, ତେବେ ତାହାର ଆଉ ଭୋଗ କରିବା ଆକାଙ୍କ୍ଷା ରହିବ ନାହିଁ । ସୁତରାଂ ତାହା ସେତେବେଳକୁ ବଶୀଭୂତ ହେଲା ବୋଲି ଜାଣିବ । * ସେତେବେଳେ ସାଧକ ବିଶ୍ୱବ୍ରହ୍ମାଣ୍ଡର ନରନାରୀଙ୍କ ମଧ୍ୟରେ ଆଉ ସ୍ୱତନ୍ତ୍ର ସତ୍ତା ଦେଖିବାକୁ ପାଆନ୍ତି ନାହିଁ । ସମସ୍ତ ଶକ୍ତିର ସମାବେଶ ସେହି ଏକ ସ୍ଥଳରେ ସାଧିତ ହୋଇଥାଏ । ସେତେବେଳେ ତାହା ଆଉ ରୂପଜ ମୋହ ହୋଇ ରହେନାହିଁ, ବରଂ ପ୍ରାଣର ବନ୍ଧନରେ ପରିଣତ ହୁଏ । ଆତ୍ମା-ଆତ୍ମା ମଧ୍ୟରେ ମିଳନ, ବିଦ୍ୟୁତ୍ ସହିତ ବିଦ୍ୟୁତ୍ ସହିତ ବିଦ୍ୟୁତ୍‌ର ସମ୍ମିଶ୍ରଣ ଯେପରି, ଏହା ମଧ୍ୟ ସେହିପରି ସମ୍ମିଶ୍ରଣ । ଏଥିରେ ଆଉ ବିଚ୍ଛେଦ ହୁଏନାହିଁ । ଦୁଇ ଶକ୍ତି ଏକତ୍ର ହୋଇ ଆତ୍ମସମ୍ପୂର୍ତ୍ତି ଲାଭ କରନ୍ତି । ଏହି ସାଧନା ଫଳରେ ପ୍ରକୃତିର ପ୍ରଧାନ ଆସକ୍ତିର ଅଗ୍ନି ନିର୍ବାପିତ ହୁଏ, ଜୀବ ଯେଉଁ ଅତୃପ୍ତ ଆକାଙ୍କ୍ଷା ଘେନି ଧାବିତ ହେଉଥାଏ, ତାହାର ଜ୍ୱାଳା ପ୍ରଶମିତ ହୁଏ, ସେତେବେଳେ ଜୀବ ଜୀବନ୍ମୁକ୍ତ ହୁଏ ।

ତନ୍ତ୍ରୋକ୍ତ ସାଧନା ଦ୍ୱାରା ନର କ୍ରମେ ନାରୀର ଚିନ୍ତା ଫଳରେ ମହାଯୋଗୀ ହୁଅନ୍ତି, ଧାରଣା, ଧ୍ୟାନ ଓ ସମାଧିରେ ମଗ୍ନ ହୁଅନ୍ତି । ସେତେବେଳେ ନାରୀ, ସାଧକ-ପୁରୁଷଙ୍କ ସଂଯମର ଆଶ୍ରୟ ହୁଅନ୍ତି । ସେହି ହେତୁ ଆଧ୍ୟାତ୍ମିକ ଯୋଗୀ—ତାନ୍ତ୍ରିକ ସାଧକ ସାଧନ-ପର୍ବତର ଶିଖରରେ ଉପବେଶନପୂର୍ବକ ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ କରି ଏହି ତତ୍ତ୍ୱ-ରହସ୍ୟର ଆବିଷ୍କାର କରିଥିଲେ । ଏହି ତତ୍ତ୍ୱ-ରହସ୍ୟ

* ମତ୍ ପ୍ରଣୀତ 'ଜ୍ଞାନଗୁରୁ' ଗ୍ରନ୍ଥର 'ନାଦବିନ୍ଦୁ-ଯୋଗ' ଶୀର୍ଷକ ପ୍ରବନ୍ଧରେ ଏହିତତ୍ତ୍ୱ ବିଶଦ ଭାବରେ ଲିଖିତ ହୋଇଅଛି ।　—ଗ୍ରନ୍ଥକାର

ଜଗତର ଅତି ଅପୂର୍ବ କଠୋର ବିଜ୍ଞାନ, ଏହା କବିଙ୍କ କଳ୍ପନାପ୍ରସୂତ କାହାଣୀ ନୁହେଁ । କିନ୍ତୁ ଏହା ମଧ୍ୟ ସ୍ମରଣ ରଖିବାକୁ ହେବ ଯେ, ତତ୍ତ୍ୱଦର୍ଶୀ ଗୁରୁଙ୍କର ସାହାଯ୍ୟ ବ୍ୟତୀତ ଏହିସବୁ କାର୍ଯ୍ୟ କେବେହେଲେ ସ୍ୱେଚ୍ଛାଚାରର ବଶବର୍ତ୍ତୀ ହୋଇ ଅନୁଷ୍ଠାନ କରିବା ଉଚିତ ନୁହେଁ । କାରଣ ପଞ୍ଚ-ତତ୍ତ୍ୱର ଗୋଟିଏ ଗୋଟିଏ ତତ୍ତ୍ୱର ଆକର୍ଷଣରେ ମନୁଷ୍ୟ ଆବଦ୍ଧ ହୋଇପଡ଼େ । ସାଧାରଣ ଭାବରେ ଏହାର ଗୋଟିଏ ଗୋଟିଏ ପଦାର୍ଥର ସମ୍ମିଳନରେ ବା ବ୍ୟବହାରରେ ମନୁଷ୍ୟର ପଶୁତ୍ୱ ପ୍ରାପ୍ତି ହୁଏ । ଜଡ଼ ମନୁଷ୍ୟ ପୁଣି ଜଡ଼-ଆସକ୍ତି-ଶୃଙ୍ଖଳରେ ଆବଦ୍ଧ ହୋଇଯାଏ । ପୁଣି ସାଧକ ପାଞ୍ଚ ପାଞ୍ଚଟି ବିଷୟ ନେଇ ପ୍ରମତ୍ତ ହେଲେ ଯେ ଏକାବେଳକେ ପତନର ଅତଳ ତଳକୁ ଚାଲିଯିବେ, ଏଥିରେ ଆଉ ସନ୍ଦେହର କାରଣ କ'ଣ ଅଛି ? ପଞ୍ଚ-ତତ୍ତ୍ୱର ସାଧନା କରିବା ଏବଂ କାଳଭୁଜଙ୍ଗ ନେଇ କ୍ରୀଡ଼ା କରିବା —ଉଭୟ ହିଁ ଏକ କଥା । କୁଳାଚାରସମ୍ପନ୍ନ ହୋଇ ନ ପାରିଲେ, ମନୁଷ୍ୟ ଏହି ପଞ୍ଚ-ତତ୍ତ୍ୱ ସାଧନାର ଅଧିକାରୀ ହୋଇପାରନ୍ତି ନାହିଁ । ଏହାର ସାମାନ୍ୟ ଅପବ୍ୟବହାର ହେଲେ ମନୁଷ୍ୟର ଇହକାଳ ଓ ପରକାଳ ଉଭୟ ହିଁ ବିନଷ୍ଟ ହୋଇଥାଏ ।

ହରଗୌରୀଙ୍କ ଛବି ଦେଖି ଆମେ ଏହି କଠୋର ସତ୍ୟରେ ଉପନୀତ ହୋଇପାରିବା । ମହାକାଳ, ମହାମୃତ୍ୟୁ ବୃଷଭାରୋହଣପୂର୍ବକ ଆସୀନ, ତାଙ୍କରି କୋଳରେ ବିଶ୍ୱଜନନୀ ପ୍ରତିଷ୍ଠିତା । ପୁରାଣାଦିର ରୂପକ ଭାଷାରେ **ଚତୁଷ୍ପଦ ଧର୍ମର ଅପର ନାମ ବୃଷ** । ପୂର୍ଣ୍ଣ-ଚତୁଷ୍ପଦ ଧର୍ମ ଉପରେ ମହାକାଳ ପ୍ରତିଷ୍ଠିତ ଏବଂ ତାଙ୍କରି କୋଳରେ ତାଙ୍କରି ଶକ୍ତି ବା ପ୍ରକୃତି ଅଧିଷ୍ଠିତା । ଏହି ଛବିର ମର୍ମାର୍ଥ ହେଲା ଯେ, ଜୀବନ ମରଣ କୋଳରେ ଅଧିଷ୍ଠିତ ଅର୍ଥାତ୍ ମରଣରାଜ୍ୟରେ ହିଁ ଜୀବନର ନେପଥ୍ୟ ବିଧାନ ହୋଇଅଛି । ମରଣ ମଧ୍ୟଦେଇ ଜୀବନପଥ ନିର୍ମିତ । ଏହି ତତ୍ତ୍ୱ ବୃଷରୂପୀ ଅଟଳ ବିଶ୍ୱଜନୀନ ସତ୍ୟ ଉପରେ ପ୍ରତିଷ୍ଠିତ । ମହାଯୋଗୀ ଶଙ୍କରଙ୍କ କୋଳରେ ଯେପରି ଶଙ୍କରୀ ଅବସ୍ଥିତ, ସେହିଭଳି ତାନ୍ତ୍ରିକ ସାଧକଙ୍କ କୋଳରେ ପଞ୍ଚମ ତତ୍ତ୍ୱ । କିନ୍ତୁ ତତ୍ତ୍ୱସାଧକ ପୂର୍ଣ୍ଣ ଚତୁଷ୍ପଦ ଧର୍ମରୂପୀ ବୃଷଭ ଉପରେ ପ୍ରତିଷ୍ଠିତ ହେବା ଦରକାର । ତେଣୁ କୌଳ ଭିନ୍ନ ଅନ୍ୟମାନଙ୍କର ଏହି ସାଧନାରେ ଅଧିକାର ନାହିଁ । ମାନବ ଯେତେବେଳେ କୌଳାଚାରରେ ଅଧିଷ୍ଠିତ, ସେତେବେଳେ ସେ ସଂପୂର୍ଣ୍ଣ ଧର୍ମଜ୍ଞ, ତେଣୁ ସେତେବେଳେ ତାଙ୍କ କୋଳରେ ପଞ୍ଚମ ତତ୍ତ୍ୱ ଅଧିଷ୍ଠିତ । ସେ ସେତେବେଳେ ରମଣୀର ଆବିଷ୍ଟ ଶକ୍ତିରେ ଅନୁପ୍ରବିଷ୍ଟ ।

ମାନବ ଚିରକାଳ ଆତ୍ମବିସ୍ମୃତ, କିନ୍ତୁ ରଜୋଗୁଣର ପ୍ରାବଲ୍ୟ ହେତୁ ସେ ନିଜକୁ ନିଜେ ସହଜରେ ସମୁନ୍ନତ ବୋଲି ମନେ କରିଥାଏ । ଯଦି ସାଧକ ନିଜର ଅବସ୍ଥା ନିଜେ ବୁଝି ନ ପାରି ନିଜକୁ ଉପଯୁକ୍ତ ଅଧିକାରୀ ବୋଲି ଭାବି ଅର୍ଥାତ୍ ନିଜକୁ କୁଳାଚାରସମ୍ପନ୍ନ ଜ୍ଞାନ କରି ଏହି କଠିନରୁ କଠିନତର ସାଧନାରେ କ୍ରମଶଃ ଅଗ୍ରସର ହୁଅନ୍ତି, ତେବେ ତାଙ୍କର ପତନ ଅନିବାର୍ଯ୍ୟ । ସେଥିପାଇଁ ଶ୍ରୀଗୁରୁଙ୍କର ପ୍ରୟୋଜନ । ଶାସ୍ତ୍ରବିତ୍ ଚିକିତ୍ସକ ଯେପରି ବ୍ୟାଧି ନିର୍ଣ୍ଣୟ କରି ଔଷଧର ବ୍ୟବସ୍ଥା କରିଥାନ୍ତି, ଆଧ୍ୟାତ୍ମିକ-ଜ୍ଞାନସମ୍ପନ୍ନ ଗୁରୁ ମଧ୍ୟ ସେହି ଭଳି ଶିଷ୍ୟର ଅଧିକାର ବୁଝି ସାଧନପଦ୍ଧତିର ପଥ ସ୍ଥିର କରିଦିଅନ୍ତି । ସାଧକଙ୍କର ଆଧ୍ୟାତ୍ମିକ ଅବସ୍ଥା ବିଚାର କରି ସାଧନାର ପଥ ନିର୍ଦ୍ଦିଷ୍ଟ ହୋଇଥାଏ । ସେହି ଅବସ୍ଥାକୁ ତନ୍ତ୍ରଶାସ୍ତ୍ର ସାତ ଭାଗରେ ବିଭକ୍ତ କରି ସପ୍ତ-ଆଚାର ନାମ ପ୍ରଦାନ କରିଛନ୍ତି ।

## ସପ୍ତ-ଆଚାର

**ଆ**ଚାର କହିଲେ, ଶାସ୍ତ୍ରବିହିତ ଅନୁଷ୍ଠେୟ କେତେଗୁଡିଏ କାର୍ଯ୍ୟକୁ ବୁଝାଇଥାଏ, ଅର୍ଥାତ୍ ଶାସ୍ତ୍ରରେ ଯେଉଁ କାର୍ଯ୍ୟଗୁଡିକ ବିଧେୟ ବୋଲି ନିର୍ଦ୍ଦିଷ୍ଟ ଅଛି, ଯାହା ଅବଶ୍ୟ ଅନୁଷ୍ଠାନ କରିବାକୁ ହେବ, ତାହା ହିଁ **ଆଚାର** ବୋଲି ବୁଝିବାକୁ ହେବ । ଶାସ୍ତ୍ରବିଧି-ବିଗର୍ହିତ କାର୍ଯ୍ୟକୁ ମଧ୍ୟ ଆଚାର କୁହାଯାଏ, କିନ୍ତୁ ତାହା **କଦାଚାର** । ଅତଏବ, ଆଚାର ବୋଲି କହିଲେ ଶାସ୍ତ୍ରବିଧିବିହିତ ଅନୁଷ୍ଠେୟ କାର୍ଯ୍ୟସମଷ୍ଟିକୁ ବୁଝିବାକୁ ହେବ । **ଆଚାର ସପ୍ତବିଧ** । ଯଥା- ବେଦାଚାର, ବୈଷ୍ଣବାଚାର, ଶୈବାଚାର, ଦକ୍ଷିଣାଚାର, ବାମାଚାର, ସିଦ୍ଧାନ୍ତାଚାର ଏବଂ କୌଳାଚାର । ବର୍ତ୍ତମାନ କେଉଁ ଆଚାର କିଭଳି, ତାହାର **ଲକ୍ଷଣ** ନିର୍ଦ୍ଦେଶ କରାଯାଉଛି ।

**୧) ବେଦାଚାର-** ସାଧକ ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟାତ୍ୟାଗ କରି ଗୁରୁଦେବଙ୍କ ନାମ ଉଚ୍ଚାରଣପୂର୍ବକ 'ଆନନ୍ଦନାଥ' ଏହି ଶବ୍ଦ ଉଚ୍ଚାରଣ କରି ତାଙ୍କୁ ପ୍ରଣାମ କରିବା ବିଧେୟ । ସହସ୍ରଦଳ-ପଦ୍ମରେ ଧ୍ୟାନପୂର୍ବକ ପଞ୍ଚ-ଉପଚାର ଦ୍ୱାରା ପୂଜା କରିବା ଦରକାର ଏବଂ ବାଗ୍‌ଭବ ବୀଜ (ଐଂ) ମନ୍ତ୍ର ଦଶଥର ବା ତତୋଽଧିକ ଥର ଜପ କରି ପରମ-କଳା କୁଳକୁଣ୍ଡଳିନୀ-ଶକ୍ତିଙ୍କ ଧ୍ୟାନ ପରେ

ଯଥାଶକ୍ତି ମୂଳମନ୍ତ୍ର ଜପ କରି ଜପ ସମାପନାନ୍ତେ ବହିର୍ଗମନପୂର୍ବକ ନିତ୍ୟକର୍ମ-ବିଧାନ ଅନୁସାରେ ତ୍ରିସନ୍ଧ୍ୟା ସ୍ନାନ ଓ ସମସ୍ତ କର୍ମ ସମ୍ପାଦନ କରିବା ଆବଶ୍ୟକ । ରାତ୍ରିରେ ଦେବପୂଜା କରିବା ବିହିତ ନୁହେଁ । ପର୍ବଦିନମାନଙ୍କରେ ମତ୍ସ୍ୟ, ମାଂସ ପରିତ୍ୟାଗ କରିବା ଦରକାର ଏବଂ ଋତୁକାଳ ଭିନ୍ନ ସ୍ତ୍ରୀ-ଗମନ କରିବା ଉଚିତ ନୁହେଁ । ଯଥା ବିହିତ ଅନ୍ୟାନ୍ୟ ବୈଦିକ କର୍ମର ଅନୁଷ୍ଠାନ କରିବା ବିଧେୟ ।

୨) **ବୈଷ୍ଣବାଚାର-** ବେଦାଚାରର ବ୍ୟବସ୍ଥାନୁସାରେ ସର୍ବଦା ନିୟମିତ କର୍ମାନୁଷ୍ଠାନରେ ତତ୍ପର ହେବା ଦରକାର । କେବେହେଲେ ମୈଥୁନ ଓ ତତ୍‌ସଂକ୍ରାନ୍ତ କଥାର କଳ୍ପନା ମଧ୍ୟ କରିବା ଉଚିତ୍ ନୁହେଁ । ହିଂସା, ନିନ୍ଦା, କୁଟିଳତା, ମାଂସଭୋଜନ, ରାତ୍ରିରେ ମାଳାଜପ ଓ ପୂଜା କାର୍ଯ୍ୟ ବର୍ଜନ କରିବା ଦରକାର । ଶ୍ରୀବିଷ୍ଣୁଦେବଙ୍କ ପୂଜା କରିବେ ଏବଂ ସମଗ୍ର ଜଗତ ବିଷ୍ଣୁମୟ ବୋଲି ଚିନ୍ତା କରିବା ବିଧେୟ ।

୩) **ଶୈବାଚାର-** ବେଦାଚାରର ନିୟମାନୁସାରେ ଶୈବାଚାରର ବ୍ୟବସ୍ଥା କରାଯାଇଛି । କିନ୍ତୁ ଶୈବର ବିଶେଷତ୍ୱ ହେଲା ଯେ, ଏଥିରେ ପଶୁଘାତ ନିଷିଦ୍ଧ । ସବୁକାର୍ଯ୍ୟରେ ଶିବନାମ ସ୍ମରଣ କରିବାକୁ ହେବ ଏବଂ ବମ୍ ବମ୍ ଶବ୍ଦ ଉଚ୍ଚାରଣ କରିବାକୁ ପଡ଼ିବ ।

୪) **ଦକ୍ଷିଣାଚାର-** ବେଦାଚାରକ୍ରମରେ ଭଗବତୀଙ୍କ ପୂଜା କରିବା ବିଧେୟ ଏବଂ ରାତ୍ରିରେ ବିଜୟା (ସିଦ୍ଧି) ଗ୍ରହଣ କରି ଗଦ୍‌ଗଦ୍ ଚିତ୍ତରେ ମନ୍ତ୍ର ଜପ କରିବା ଦରକାର । ଚତୁଷ୍ପଥରେ, ଶ୍ମଶାନରେ, ଶୂନ୍ୟାଗାରରେ, ନଦୀତୀରରେ, ମୃତ୍ତିକାତଳେ, ପର୍ବତ-ଗୁହାରେ, ଦୀର୍ଘିକା-ତଟରେ, ଶକ୍ତି କ୍ଷେତ୍ରରେ, ପୀଠସ୍ଥଳରେ, ଶିବାଳୟରେ, ଆମଳକୀ ବୃକ୍ଷତଳେ, ଅଶ୍ୱତ୍ଥ ବା ବିଲ୍ୱ ବୃକ୍ଷମୂଳରେ ବସି ମହା-ଶଙ୍ଖମାଳା (ନରାସ୍ଥିମାଳା) ଦ୍ୱାରା ଜପକର୍ମ କରିବା ବିଧେୟ ।

୫) **ବାମାଚାର-** ଦିବସରେ ବ୍ରହ୍ମଚର୍ଯ୍ୟ ଓ ରାତ୍ରିରେ ପଞ୍ଚତତ୍ତ୍ୱ (ମଦ୍ୟମାଂସାଦି) ଦ୍ୱାରା ଦେବୀଙ୍କର ଆରାଧନା କରିବା ଆବଶ୍ୟକ । ଚକ୍ରାନୁଷ୍ଠାନପୂର୍ବକ ମନ୍ତ୍ରାଦି ଜପ କରିବା ବିଧେୟ । ଏହି ବାମାଚାର-କ୍ରିୟା ସର୍ବଦା

ମାତୃଜାରବତ୍ ଗୋପନୀୟ । ପଞ୍ଚତତ୍ତ୍ୱ ଓ ଖ-ପୁଷ୍ପ * ଦ୍ୱାରା କୁଳ-ସ୍ତ୍ରୀଙ୍କର ପୂଜା କରିବା ଦରକାର । ତେବେ ଯାଇ ବାମାଚାର ହେବ । ବାମାସ୍ୱରୂପା ହୋଇ ପରମା ପ୍ରକୃତିଙ୍କ ପୂଜା କରିବା ବିଧେୟ ।

**୬) ସିଦ୍ଧାନ୍ତାଚାର-** ଯାହା ଠାରୁ ବ୍ରହ୍ମାନନ୍ଦ-ଜ୍ଞାନ ପ୍ରାପ୍ତ ହୁଏ, ଏହିଭଳି ବେଦଶାସ୍ତ୍ର-ପୁରାଣାଦିରେ ଗୂଢ଼ ଜ୍ଞାନ ଅଭ୍ୟାସ କରିବାକୁ ହେବ । ମନ୍ତ୍ର ଦ୍ୱାରା ଶୋଧନ କରି ଦେବୀଙ୍କର ପ୍ରୀତିକର ଯେଉଁ ପଞ୍ଚ-ତତ୍ତ୍ୱ, ତାହା ପଶୁ-ଶଙ୍କା ବର୍ଜ୍ଜନପୂର୍ବକ ପ୍ରସାଦସ୍ୱରୂପ ସେବନ କରିବା ବିଧେୟ । ଏହି ଆଚାରସାଧନ ନିମିତ୍ତ ପଶୁହତ୍ୟା ଦ୍ୱାରା (ଯଜ୍ଞାଦି ପରି) କୌଣସି ହିଂସା-ଦୋଷ ଘଟିବ ନାହିଁ । ସର୍ବଦା ରୁଦ୍ରାକ୍ଷ ବା ଅସ୍ଥିମାଳା ଓ କପାଳ-ପାତ୍ର (ମଲାମଣିଷର ମୁଣ୍ଡଖପୁରୀ) ଧାରଣ କରିବା ଦରକାର ଏବଂ ଭୈରବ ବେଶ ଧାରଣ ପୂର୍ବକ ନିର୍ଭୟରେ ପ୍ରକାଶ୍ୟ ସ୍ଥାନରେ ବିଚରଣ କରିବା ବିଧେୟ ।

**୭) କୌଳାଚାର -** କୌଳାଚାରୀ ବ୍ୟକ୍ତିଙ୍କର ମହାମନ୍ତ୍ର-ସାଧନରେ କାଳ ଓ ଦିଗର କୌଣସି ନିୟମ ନାହିଁ । କୌଣସି ସ୍ଥାନରେ ଶିଷ୍ଟ, କୌଣସି ସ୍ଥାନରେ ଭ୍ରଷ୍ଟ, କେଉଁଠି ବା ଭୂତ ଓ ପିଶାଚ ତୁଲ୍ୟ ନାନା ବେଶ ଧାରଣପୂର୍ବକ କୌଳ ବ୍ୟକ୍ତି ଭୂମଣ୍ଡଳରେ ବିଚରଣ କରନ୍ତି । କୌଳାଚାରସମ୍ପନ୍ନ ବ୍ୟକ୍ତିଙ୍କର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ । ସ୍ଥାନାସ୍ଥାନ, କାଳାକାଳ ଓ କର୍ମାକର୍ମ ଇତ୍ୟାଦିର କିଛି ହେଲେ ବିଚାର ନାହିଁ । ତାଙ୍କର କର୍ଦ୍ଦମ ଓ ଚନ୍ଦନରେ ସମଜ୍ଞାନ, ଶତ୍ରୁ ଓ ମିତ୍ରରେ ସମଜ୍ଞାନ, ଶ୍ମଶାନ ଓ ଗୃହରେ ସମଜ୍ଞାନ, କାଞ୍ଚନ ଓ ତୃଣରେ ସମଜ୍ଞାନ ପ୍ରଭୃତି ନିର୍ବିକାର ଭାବ ବିଦ୍ୟମାନ ଥାଏ । ଅର୍ଥାତ୍ କୌଳାଚାରୀ ବ୍ୟକ୍ତି ପ୍ରକୃତ ଜିତେନ୍ଦ୍ରିୟ (ତେଣୁ ଶେଷତତ୍ତ୍ୱ ସାଧନର ସେହି ଅଧିକାରୀ), ନିସ୍ପୃହ, ଉଦାସୀନ ଓ ପରମଯୋଗୀ ପୁରୁଷ ଏବଂ ଅବଧୂତଶବ୍ଦବାଚ୍ୟ ।

**"ଅନ୍ତଃଶାକ୍ତା ବହିଃଶୈବାଃ ସଭାୟାଂ ବୈଷ୍ଣବା ମତାଃ**
**ନାନାବେଶଧରାଃ କୌଳା ବିଚରନ୍ତି ମହୀତଳେ ।।"** (ଶ୍ୟାମା-ରହସ୍ୟ)

---

* ଖ-ପୁଷ୍ପ ଅର୍ଥାତ୍ ସ୍ୱୟମ୍ଭୂ, କୁଣ୍ଡ, ଗୋଲକ ଓ ବଜ୍ର ପୁଷ୍ପ । ଏସବୁ ଗୁପ୍ତତତ୍ତ୍ୱ ଏଠାରେ ଗୁପ୍ତ ରଖିବା ସମୀଚୀନ ବୋଧ କଲି ।				— ଗ୍ରନ୍ଥକାର

ଅନ୍ତରରେ ଶାକ୍ତ, ବାହାରେ ଶୈବ, ସଭା ମଧ୍ୟରେ ବୈଷ୍ଣବ, ଏହିଭଳି ନାନା ବେଶଧାରୀ କୌଳ ସାରା ପୃଥିବୀରେ ବିଚରଣ କରନ୍ତି ।

ସାଧାରଣ ଆଚାର ଅପେକ୍ଷା ବେଦାଚାର, ବେଦାଚାରଠାରୁ ବୈଷ୍ଣବାଚାର, ବୈଷ୍ଣବାଚାରଠାରୁ ଶୈବାଚାର, ଶୈବାଚାରଠାରୁ ଦକ୍ଷିଣାଚାର, ଦକ୍ଷିଣାଚାରରୁ ବାମାଚାର, ବାମାଚାରଠାରୁ ସିଦ୍ଧାନ୍ତାଚାର ଏବଂ ସିଦ୍ଧାନ୍ତାଚାରଠାରୁ କୌଳାଚାର ହିଁ ଶ୍ରେଷ୍ଠ । କୌଳାଚାର ହିଁ ଆଚାରର ଶେଷସୀମା । ଏହାଠାରୁ ଆଉ ଶ୍ରେଷ୍ଠ ଆଚାର ନାହିଁ । ସାଧକଙ୍କୁ ବେଦାଚାରରୁ ଆରମ୍ଭ କରି କ୍ରମେ କ୍ରମେ ଉନ୍ନତି ଲାଭ କରିବାକୁ ହୁଏ । ଏକାବେଳକେ କେହି କୌଳାଚାରକୁ ଆଗମନ କରିପାରନ୍ତି ନାହିଁ ।

ତନ୍ତ୍ରୋକ୍ତ ଏହି ସପ୍ତ-ଆଚାର ପ୍ରତି ଥରେ ମନୋନିବେଶ କଲେ ତନ୍ତ୍ରଶାସ୍ତ୍ର ନିନ୍ଦାକାରୀମାନେ ନିଜ ନିଜ ଭ୍ରମ ବୁଝିପାରିବେ । ତନ୍ତ୍ରସାଧନା ମଦମାଂସ ନେଇ ଭୋଗାଦିବିଳାସ ପୂର୍ଣ୍ଣ କରିବା ନୁହେଁ, ଏହା ସଂଯମର ପୂର୍ଣ୍ଣ ସାଧନା । ସାଧକ ବେଦାଦି-ଆଚାରକ୍ରମେ ସଂଯମ ଅଭ୍ୟାସ ଓ ଭଗବଦ୍‌ଭକ୍ତି ଲାଭ ପୂର୍ବକ ସିଦ୍ଧାନ୍ତାଚାରରେ ଉପନୀତ ହେବେ । ଏହା ପରେ ସାଧକ ଯେତେ ଯେତେ ଉଚ୍ଚଭୂମିରେ ଆରୋହଣ କରିବେ, ସେତିକି ପରିମାଣରେ କର୍ମାଦି ନିବୃତ୍ତି ହୋଇଯିବ ଏବଂ କ୍ରମେ ଜ୍ଞାନର ବିକାଶ ହେବ । ଏହିପରି ଭାବରେ କ୍ରମେ ଉଚ୍ଚ ଜ୍ଞାନଭୂମିରେ ଅଧିରୋହଣ କଲାମାତ୍ରେ ଆଉ ଜପପୂଜାଦି କ୍ରିୟା ରହିବ ନାହିଁ । ସେତେବେଳେ ଏକ ଚିନ୍ମୟୀ ମହାଶକ୍ତିଙ୍କୁ ସର୍ବତ୍ର ଦର୍ଶନ କରି ସାଧକ ଧନ୍ୟ ହେବେ । ସେହି ଅବସ୍ଥାରେ ସାଧନା ନ ଥାଏ କି ସାଧ୍ୟ ନ ଥାଏ, ଦ୍ରଷ୍ଟା ଓ ଦୃଶ୍ୟଭାବ ନ ଥାଏ, ଜ୍ଞାନ-ଜ୍ଞେୟ, ଧ୍ୟାନ-ଧ୍ୟେୟ କିଛି ନ ଥାଏ । 'ଏକମେବାଦ୍ୱିତୀୟମ୍', ଏକମାତ୍ର ମହାଶକ୍ତି ହିଁ ସେତେବେଳେ ଅବଶିଷ୍ଟ ରହନ୍ତି । * ନିଜର ଅହଂତ୍ୱ ବିଲୁପ୍ତ ହୋଇଯାଏ, ମନର ଅସ୍ତିତ୍ୱ ବିନଷ୍ଟ ହୁଏ, ଇନ୍ଦ୍ରିୟ-ପ୍ରାଣାଦି ନିରୁଦ୍ଧ ହୁଏ । ସାଧକ ଏତାଦଶ ଅବସ୍ଥାରେ ଉପସ୍ଥିତ ହୋଇପାରିଲେ, କୃତକୃତାର୍ଥ ହୁଅନ୍ତି, ଆଉ କର୍ମ

---

* *ତେଣୁ ଶ୍ରୁତି କହିଛନ୍ତି-* ''ଯତ୍ର ହି ଦ୍ୱୈତମିବ ଭବତି, ଯତ୍ର ବାନ୍ୟଦିବ ସ୍ୟାତ୍ ତତ୍ରାନ୍ୟୋଽନ୍ୟତ୍ ପଶ୍ୟେତ୍ ଅନ୍ୟୋଽନ୍ୟଦ୍ ବିଜାନୀୟାତ୍ । ଯତ୍ର ତସ୍ୟ ସର୍ବମାତ୍ମୈବାଭୂତ୍, କେନ କିଂ ପଶ୍ୟେତ୍, କେନ କଂ ବିଜାନୀୟାତ୍ ।''

କିଛି ରହେନାହିଁ - କୌଣସି କର୍ମବନ୍ଧନ ମଧ୍ୟ ରହେନାହିଁ ଏବଂ ସାଧକ ଦେହପାତ ପରେ କୈବଲ୍ୟପ୍ରାପ୍ତ ହୁଅନ୍ତି - 'ନ ସ ପୁନରାବର୍ତ୍ତତେ'-ତାଙ୍କର ଆଉ ଏହି ସଂସାରକୁ ପୁନରାଗମନ ହୁଏନାହିଁ । ଏହାକୁ ନିର୍ବାଣମୁକ୍ତି କୁହାଯାଏ । ଏହା ହିଁ କୌଳାଚାରର ଚରମ ଅବସ୍ଥା ।

**"ଯୋଗମାର୍ଗଂ କୌଳମାର୍ଗମେକାଚାରକ୍ରମଂ ପ୍ରଭୋ !**
**ଯୋଗୀ ଭୂତ୍ୱା କୁଳଂ ଧ୍ୟାତ୍ୱା ସର୍ବ ସିଦ୍ଧୀଶ୍ୱରୋ ଭବେତ୍ ।" (ରୁଦ୍ରଯାମଳ)**

ହେ ପ୍ରଭୋ ! ଯୋଗସାଧନ ଓ କୌଳସାଧନ ଏକା ପ୍ରକାରର । କାରଣ, କୌଳବ୍ୟକ୍ତି ଯୋଗୀ ହୋଇ କୁଳ ଅର୍ଥାତ୍ କୁଳକୁଣ୍ଡଳିନୀର ଧ୍ୟାନପୂର୍ବକ ସମୁଦାୟ ସିଦ୍ଧି ଲାଭ କରନ୍ତି ।

## ଭାବତ୍ରୟ

**ଭା**ବ ଶବ୍ଦରେ ଜ୍ଞାନର ଅବସ୍ଥାବିଶେଷକୁ ବୁଝିବାକୁ ହେବ । ଦିବ୍ୟ, ବୀର ଓ ପଶୁକ୍ରମରେ ଭାବ ତିନି ପ୍ରକାର ।

**୧) ଦିବ୍ୟଭାବ** - ଦିବ୍ୟଭାବରେ ସର୍ବଦା ଦେବତୁଲ୍ୟ ବିଶୁଦ୍ଧାନ୍ତଃକରଣ ହେବାକୁ ପଡ଼େ । ସୁଖ-ଦୁଃଖ, ଶୀତ-ଗ୍ରୀଷ୍ମ ପ୍ରଭୃତି ଦ୍ୱନ୍ଦ୍ୱଭାବ ସହ୍ୟ କରିବାକୁ ହୁଏ । ଦିବ୍ୟଭାବ ଅବଲମ୍ବନକାରୀ ସାଧକ ରାଗଦ୍ୱେଷବିବର୍ଜ୍ଜିତ, ସର୍ବଭୂତରେ ସମଦର୍ଶୀ ଏବଂ କ୍ଷମାଶୀଳ ହୋଇଥା'ନ୍ତି ।

**୨) ବୀରଭାବ-** ଯେ ସମସ୍ତପ୍ରକାର ହିଂସା କାର୍ଯ୍ୟରୁ ବିରତ, ଯେ ସର୍ବଜୀବଙ୍କ ହିତସାଧନାରେ ରତ, ଯେ ଜିତେନ୍ଦ୍ରିୟ ହୋଇଛନ୍ତି, ଯେ ମହାବଳଶାଳୀ ବୀର୍ଯ୍ୟବାନ୍ ଏବଂ ସାହସିକ ପୁରୁଷ, ଯାହାଙ୍କର ସୁଖଦୁଃଖରେ ସମଜ୍ଞାନ—ଏହିଭଳି ସାଧକ-ବ୍ୟକ୍ତିଙ୍କୁ ବୀର କୁହାଯାଏ ।

**୩) ପଶୁଭାବ-** ପଶୁଭାବରେ ନିରାମିଷଭୋଜୀ ହୋଇ ପୂଜା କରିବାକୁ ହୁଏ । ମନ୍ତ୍ରପରାୟଣ ବ୍ୟକ୍ତି ଋତୁକାଳ ବ୍ୟତୀତ ନିଜ ସ୍ତ୍ରୀକୁ ମଧ୍ୟ ସ୍ପର୍ଶ କରିବା ଉଚିତ ନୁହେଁ । ଏମାନଙ୍କ ପକ୍ଷରେ ରାତ୍ରିକାଳରେ ମାଳାଜପ କରିବା ବିଧି ନୁହେଁ ଏବଂ ସୁରା ସ୍ପର୍ଶ କରିବା ଉଚିତ୍ ନୁହେଁ ।

ପୂର୍ବୋକ୍ତ ଆଚାର-ସପ୍ତକକୁ ଦିବ୍ୟ, ବୀର ଓ ପଶୁଭାବ ତ୍ରୟ ମଧ୍ୟରେ ସନ୍ନିବିଷ୍ଟ କରାହୋଇଅଛି, ଅର୍ଥାତ୍ ଗୋଟିଏ ଗୋଟିଏ ଭାବରେ ଅନ୍ତର୍ଗତ କତିପୟ ଆଚାର ନିୟୋଜିତ କରାଯାଇଅଛି ।

''ବୈଦିକଂ ବୈଷ୍ଣବଂ ଶୈବଂ ଦକ୍ଷିଣଂ ପାଶବଂ ସ୍ମୃତମ୍
ସିଦ୍ଧାନ୍ତବାମେ ବୀରେ ତୁ ଦିବ୍ୟଂ ସଦ୍ କୌଳମୁଚ୍ୟତେ ।।''

—ବିଶ୍ୱସାରତନ୍ତ୍ର

ବୈଦିକ ଆଚାର, ବୈଷ୍ଣବାଚାର, ଶୈବାଚାର ଓ ଦକ୍ଷିଣାଚାର ପଶୁ ଭାବର ଅନ୍ତର୍ଗତ । ସିଦ୍ଧାନ୍ତାଚାର ଓ ବାମାଚାର ବୀରଭାବର ଅନ୍ତର୍ଗତ ଓ କୌଳାଚାର ଦିବ୍ୟଭାବର ଅନ୍ତର୍ଗତ ବୋଲି ଜାଣିବ ।

ବର୍ତ୍ତମାନ ମନରେ ସଂଶୟ ଆସିପାରେ ଯେ, ତ୍ରିବିଧ ଭାବ ଏବଂ ସପ୍ତବିଧ ଆଚାର ପ୍ରଚଳିତ ହେବାର କାରଣ କଅଣ ? ଗୋଟିଏ ଭାବ ଓ ଗୋଟିଏ ଆଚାର ପ୍ରଚଳିତ ଥିଲେ, କ'ଣ ବା କ୍ଷତି ହୋଇଥାନ୍ତି ? ତାହାର ମୀମାଂସା ହେଲା ଯେ, ସମସ୍ତ ମାନବଙ୍କ ପ୍ରକୃତି ଏକାପ୍ରକାରର ନୁହେଁ । ଗୁଣଭେଦରେ ସମସ୍ତଙ୍କର ପ୍ରକୃତି ସ୍ୱତନ୍ତ୍ର ହୋଇଅଛି । ତେଣୁ ଭାବ ତ୍ରିବିଧ ଓ ଆଚାର ସପ୍ତବିଧ କରାହୋଇଅଛି । ତନ୍ମଧ୍ୟରେ ଯାହାଙ୍କର ଯାହା ଉପଯୋଗୀ, ସେ ତଦନୁରୂପ ଭାବ ଏବଂ ଆଚାର ଗ୍ରହଣ କଲେ, ସିଦ୍ଧିଲାଭ କରିପାରିବେ । ବର୍ତ୍ତମାନ ଦେଖିବାକୁ ହେବ ଯେ, ସେହି ଗୁଣଭେଦ କିପରି ? ସାତ୍ତ୍ୱିକ, ରାଜସିକ ଓ ତାମସିକ ଭେଦରେ ସାଧନ ତିନି ପ୍ରକାର । ଏହାର କାରଣ ହେଉଛି ଯେ ଉତ୍ତମ, ମଧ୍ୟମ ଏବଂ ଅଧମ—ଏହି ତିନି ପ୍ରକାର ଭାବରେ ଏହା ସଙ୍ଗଠିତ ହୋଇଅଛି । ଯଥା-

''ଶରୀରଂ ତ୍ରିବିଧଂ ପ୍ରୋକ୍ତମୁତ୍ତମାଧମମଧ୍ୟମମ୍ ।
ତତ୍ରୈବ ତ୍ରିବିଧଂ ପ୍ରୋକ୍ତମୁତ୍ତମାଧମମଧ୍ୟମମ୍ ।।'' (ରୁଦ୍ରଯାମଳ)

ଅତଏବ, ଯାହାର ପ୍ରକୃତି ଯେଭଳି ତାଙ୍କ ପକ୍ଷରେ ସେହିଭଳି ସାଧନା ହିଁ ଉପଯୋଗୀ । ତମୋଗୁଣସମ୍ପନ୍ନ ବ୍ୟକ୍ତି କେବେହେଲେ ଉତ୍ତମ ଅର୍ଥାତ୍ ସାତ୍ତ୍ୱିକ ସାଧନର ଉପଯୁକ୍ତ ପାତ୍ର ହୋଇପାରିବେ ନାହିଁ । କାରଣ, ଏପରି ହେଲେ ଗୁଣର ବ୍ୟତିକ୍ରମ ଫଳରେ ତାଙ୍କର ବିରକ୍ତି ବ୍ୟତୀତ କେବେହେଲେ ଆନନ୍ଦର ଉଦ୍ଭବ

ହେବନାହିଁ । ମନ ସ୍ଫୂର୍ତ୍ତିଯୁକ୍ତ ନ ହେଲେ କୌଣସି କାର୍ଯ୍ୟରେ ସିଦ୍ଧିଲାଭ ହୋଇପାରେ ନାହିଁ । ସୁତରାଂ ଯେଉଁଥିରେ ମନ ସ୍ଫୂର୍ତ୍ତିଯୁକ୍ତ ହୁଏ, ତାଙ୍କ ପକ୍ଷରେ ତାହା ହିଁ ବିହିତ । ତେଣୁ ତମୋଗୁଣବିଶିଷ୍ଟ ବ୍ୟକ୍ତିଙ୍କ ପକ୍ଷରେ ତାମସିକ ସାଧନ ହିଁ ପ୍ରଶସ୍ତ । ସେହିପରି ରଜୋଗୁଣବିଶିଷ୍ଟ ବ୍ୟକ୍ତିଙ୍କ ପକ୍ଷରେ ରାଜସିକ ଓ ସତ୍ତ୍ୱଗୁଣବିଶିଷ୍ଟ ବ୍ୟକ୍ତିଙ୍କ ପକ୍ଷରେ ସାତ୍ତ୍ୱିକ ସାଧନା ମଙ୍ଗଳକର ହୋଇଥାଏ । ବର୍ତ୍ତମାନ ଦେଖିବାକୁ ହେବ ଯେ, ଶକ୍ତି ଅନୁସାରେ ଯାହାଙ୍କ ଶରୀରରେ ଯେଭଳି ଭାବ କାର୍ଯ୍ୟକ୍ଷମ ହେବ, ତାଙ୍କ ପକ୍ଷରେ ସେହିଭଳି ଭାବରେ ସାଧନପ୍ରଣାଳୀ ହିଁ ଶ୍ରେୟସ୍କର । ତେଣୁ ସାଧନପ୍ରଣାଳୀକୁ ଶାସ୍ତ୍ରରେ ସାତ୍ତ୍ୱିକାଦି ଭେଦରେ ତିନିପ୍ରକାର ଭାବରେ ଉଲ୍ଲେଖ କରାଯାଇଛି । ଯଥା—

**"ଶକ୍ତି-ପ୍ରାଧାନ୍ୟାତ୍ ଭାବାନାଂ ତ୍ରୟାଣାଂ ସାଧକସ୍ୟ ଚ ।**
**ଦିବ୍ୟବୀରପଶୂନାଞ୍ଚ ଭାବତ୍ରୟମୁଦାହୃତମ୍ ।।" (ରୁଦ୍ରଯାମଳ)**

ସାଧକଙ୍କ କ୍ଷମତା ଅନୁସାରେ ଦିବ୍ୟ, ପଶୁ, ବୀର କ୍ରମରେ ଭାବ ତିନି ପ୍ରକାରର ବୋଲି କୁହାଯାଇଛି । ଭାବ ଶବ୍ଦରେ ମାନସିକ ଧର୍ମକୁ ବୁଝାଇଥାଏ । ଯଥା—

**"ଭାବୋ ହି ମାନସୋ ଧର୍ମୋ ମନସୈବ ସଦାଭ୍ୟାସେତ୍ ।।"**

**— ବାମକେଶ୍ୱର ତନ୍ତ୍ର**

ମାନସିକ ଧର୍ମର ନାମ **ଭାବ** । ଏହା ମନ ଦ୍ୱାରା ହିଁ ଅଭ୍ୟାସ କରିବାକୁ ହୁଏ ।

ବର୍ତ୍ତମାନ ଦେଖିବାର କଥା ଯେ, ମନୋଭାବ ତ ଆପଣା ମନକୁ ମନ ଭିତରେ ଉଦିତ ହୋଇଥାଏ, ଅର୍ଥାତ୍ ତମୋଗୁଣସମ୍ପନ୍ନ ବ୍ୟକ୍ତିଙ୍କର ମନୋଭାବ ସ୍ୱତଃ ତାମସିକ ହେବାର କଥା, ରଜୋଗୁଣସମ୍ପନ୍ନ ବ୍ୟକ୍ତିଙ୍କର ମନୋଭାବ ସ୍ୱତଃ ରାଜସିକ ଏବଂ ସତ୍ତ୍ୱଗୁଣସମ୍ପନ୍ନ ବ୍ୟକ୍ତିଙ୍କର ମନୋଭାବ ସ୍ୱତଃ ସାତ୍ତ୍ୱିକ ହେବାର କଥା । ସେତେବେଳେ ମନ ଦ୍ୱାରା ପୁଣି ଆଉ କ'ଣ ଅଭ୍ୟାସ କରିବ ? ତାହାର ଉତ୍ତର ହେଲା ଯେ, ମୁକ୍ତିପ୍ରାର୍ଥନା ହିଁ ସାଧନାର ଉଦ୍ଦେଶ୍ୟ । ସାତ୍ତ୍ୱିକ ସାଧନ ବ୍ୟତୀତ ଯେତେବେଳେ ଅନ୍ୟାନ୍ୟ କାର୍ଯ୍ୟ ଦ୍ୱାରା ମୁକ୍ତିଲାଭ ଅସମ୍ଭବ, ସେତେବେଳେ ସ୍ୱୟମ୍ଭୂତ ତାମସିକ ମନୋଭାବଯୁକ୍ତ ବ୍ୟକ୍ତିଙ୍କର ଉପାୟ କ'ଣ ? ସୁତରାଂ ସାତ୍ତ୍ୱିକ

ଭାବ ଅବଲମ୍ବନ କରିବାକୁ ହେଲେ, ତାହା ଅଭ୍ୟାସସାପେକ୍ଷ । ତେଣୁ ଶାସ୍ତ୍ରର ଉପଦେଶ ହେଉଛି ଯେ—

"ଆଦୌ ଭାବଂ ପଶୋଃ କୃତ୍ୱା ପଶ୍ଚାଦ୍ କୁର୍ଯ୍ୟାଦାବଶ୍ୟକମ୍ ।
ବୀରଭାବଂ ମହାଭାବଂ ସର୍ବଭାବୋତ୍ତମୋତ୍ତମମ୍
ତତ୍ ପଶ୍ଚାଦତିସୌନ୍ଦର୍ଯ୍ୟଂ ଦିବ୍ୟଭାବଂ ମହାଫଳମ୍ ।।" (ରୁଦ୍ରଯାମଳ)

କ୍ରମଶଃ ଅଭ୍ୟାସ କରିବା ନିମିତ୍ତ ପ୍ରଥମେ ପଶୁଭାବ ଅବଲମ୍ବନପୂର୍ବକ କାର୍ଯ୍ୟ ସମାପନ କରି ଉତ୍ତମ ବୀରଭାବ ଧାରଣ କରିବାକୁ ହୁଏ । ତତ୍‌ପରେ ବୀରଭାବର କାର୍ଯ୍ୟ ସମାପନ କରି ଅତି ସୁନ୍ଦର ଦିବ୍ୟଭାବ ଅବଲମ୍ବନ କରିବାକୁ ପଡ଼େ । ଅତଏବ, ବୁଝିବାକୁ ହେବ ଯେ, ତମୋଗୁଣାତ୍ମକ ପ୍ରଣାଳୀକୁ ପଶୁଭାବ, ରଜୋଗୁଣାତ୍ମକ ପ୍ରଣାଳୀକୁ ବୀରଭାବ ଏବଂ ସତ୍ତ୍ୱଗୁଣାତ୍ମକ ପ୍ରଣାଳୀକୁ ଦିବ୍ୟଭାବ କୁହାଯାଏ । ସୁତରାଂ ପ୍ରଥମାବସ୍ଥାରେ ପଶୁଭାବ, ମଧ୍ୟମାବସ୍ଥାରେ ବୀରଭାବ ଏବଂ ଶେଷାବସ୍ଥାରେ ଦିବ୍ୟଭାବ ଆଚରଣୀୟ ।

ଅତଏବ, ଶାସ୍ତ୍ରର ଯୁକ୍ତି ଅନୁସାରେ ପ୍ରଥମେ ହିଁ **ପଶୁଭାବ** । ଏହାର କାରଣ ହେଉଛି ଯେ, ପଶୁ ଅର୍ଥ ଅଜ୍ଞାନ, ଅର୍ଥାତ୍ ଯେ ପାଶବଦ୍ଧ ଅଜ୍ଞାନାବସ୍ଥାପନ୍ନ-ତାକୁ ହିଁ ପଶୁ କୁହାଯାଏ । ସୁତରାଂ ଅଜ୍ଞାନ ବ୍ୟକ୍ତି ହିଁ ପଶୁ । ସାଧାରତଃ ମାନବ-ଜୀବନକୁ ଷୋଡ଼ଶ ବର୍ଷ ବୟସ ପର୍ଯ୍ୟନ୍ତ ଅଜ୍ଞାନ ଅବସ୍ଥାରେ କଟାଇବାକୁ ପଡ଼େ । ଏହି ଷୋଡଶ ବର୍ଷ ପର୍ଯ୍ୟନ୍ତ ମନୋବୃତ୍ତିକୁ ପଶୁଭାବ କହନ୍ତି । ସପ୍ତଦଶ ବର୍ଷଠାରୁ ପଞ୍ଚାଶତ୍ ବର୍ଷ ପର୍ଯ୍ୟନ୍ତ ଜ୍ଞାନାବସ୍ଥାର ନାମ **ବୀରଭାବ** ଏବଂ ଏକପଞ୍ଚାଶତ୍ ବର୍ଷଠାରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ପରିପକ୍ୱ ଜ୍ଞାନାବସ୍ଥାର ନାମ ଦିବ୍ୟଭାବ । ଯେ ପର୍ଯ୍ୟନ୍ତ ଜୀବର ଜ୍ଞାନୋଦୟ ନ ହୁଏ, ସେହି ସମୟ ପର୍ଯ୍ୟନ୍ତ ତାକୁ ପ୍ରକୃତପକ୍ଷରେ ପଶୁତୁଲ୍ୟ ରହିବାକୁ ପଡ଼େ । ସୁତରାଂ ସେହି ସମୟର ମନୋବୃତ୍ତିକୁ ପଶୁଭାବ ବୋଲି କହିବାରେ କିଛି ଆପତ୍ତିର କାରଣ ନାହିଁ । ତାହାପରେ ଯେତେବେଳେ ଜ୍ଞାନର ଉଦ୍ରେକ ହୁଏ, ସେତେବେଳେ ମନୋବୃତ୍ତିସବୁ ଉତ୍ତେଜିତ ହୋଇଥାଏ, ସୁତରାଂ ତତ୍କାଳୀନ ଭାବକୁ ବୀରଭାବ କୁହାଯାଏ । ପରିଶେଷରେ ଜ୍ଞାନ ପରିପକ୍ୱ ହେଲେ ଯେତେବେଳେ ମନୋବୃତ୍ତି ଶୀତଳତା ପ୍ରାପ୍ତ ହୁଏ, ଆଉ କୌଣସି

ପ୍ରକାରର ଭୋଗସ୍ପୃହା ନ ଥାଏ, ସେତେବେଳେ ଯାଇ ମନ ନିର୍ମଳ ହୋଇ ଶୀତଳତା ପ୍ରାପ୍ତ ହୁଏ ବା ଶାନ୍ତ ହୁଏ । ସୁତରାଂ ତତ୍କାଳୀନ ମନୋବୃତ୍ତିକୁ ଦିବ୍ୟଭାବ ବୋଲି କୁହାଯାଏ । ଯଥା—

**"ସର୍ବେ ଚ ପଶବଃ ସନ୍ତି ତଳବଦ୍ ଭୂତଳେ ନରାଃ ।**
**ତେଷାଂ ଜ୍ଞାନପ୍ରକାଶାୟ ବୀରଭାବଃ ପ୍ରକାଶିତଃ ।**
**ବୀରଭାବଂ ସଦା ପ୍ରାପ୍ୟ କ୍ରମେଣ ଦେବତା ଭବେତ୍ ॥"**

**— ରୁଦ୍ରଯାମଳ**

ଏହି ପୃଥିବୀରେ ସମସ୍ତ ଲୋକ ହିଁ ପଶୁତୁଲ୍ୟ ଥାନ୍ତି । ଯେତେଦିନଯାଏ ସେମାନଙ୍କର ଜ୍ଞାନର ଉଦୟ ହୋଇ ନାହିଁ, ସେତେଦିନଯାଏ ସେମାନେ ପଶୁତୁଲ୍ୟ । ଯେତେବେଳେ ସେମାନଙ୍କର ଜ୍ଞାନର ଉଦୟ ହୁଏ, ସେତେବେଳେ ସେମାନଙ୍କୁ ବୀରପୁରୁଷ କୁହାଯାଏ । କ୍ରମେ ବୀରଭାବରୁ ଦେବତୁଲ୍ୟ ଗତି ଲାଭ ହୋଇଥାଏ । ତେଣୁ ତନ୍ତ୍ରଶାସ୍ତ୍ରରେ ଦିବ୍ୟ, ବୀର ଓ ପଶୁ କ୍ରମରେ ତ୍ରିବିଧ ଭାବର ସଂସ୍ଥାପନା କରାଯାଇଛି ।*

---

* ପାଠକମାନେ ନିଶ୍ଚୟ ବଙ୍କିମ ବାବୁଙ୍କ 'ଦେବୀ ଚୌଧୁରାଣୀ' ଗ୍ରନ୍ଥ ପାଠ କରିଥିବେ । ଭବାନୀ ପାଠକ ପ୍ରଫୁଲ୍ଲକୁ ତନ୍ତ୍ରୋକ୍ତ ଭାବତ୍ରୟର ଆଶ୍ରୟରେ ଶିକ୍ଷାଦାନ କରିଥିଲେ । ପ୍ରଫୁଲ୍ଲର ତୃତୀୟ ବର୍ଷ ପର୍ଯ୍ୟନ୍ତ ଯେଉଁ ନିୟମ ସଂଯମର ବ୍ୟବସ୍ଥା କରାଯାଇଥିଲା, ତାହା ତାନ୍ତ୍ରିକ ପଶୁଭାବର ଅନୁଷ୍ଠାନ, ଅର୍ଥାତ୍ ପ୍ରଫୁଲ୍ଲକୁ ପ୍ରଥମରୁ ପଶୁଙ୍କ ପରି ଭୟ ସହକାରେ ଖାଦ୍ୟାଦି ସମ୍ବନ୍ଧରେ ସତର୍କତା ଗ୍ରହଣ କରିବାକୁ ପଡ଼ିଥିଲା । ଶିକ୍ଷା-ସମାପନ ହେବା ପରେ ପ୍ରଫୁଲ୍ଲର ଆଉ ସେଭଳି ସତର୍କତା ଅବଲମ୍ବନର ଆବଶ୍ୟକତା ରହିଲା ନାହିଁ, ସେତେବେଳେ ବୀରଭାବ ଜାଗ୍ରତ କରିବା ନିମିତ୍ତ ନାନାଦି ସାତ୍ତ୍ୱିକ ଭାବବିରୋଧୀ ଖାଦ୍ୟାଦି ତା' ସମ୍ମୁଖରେ ଉପସ୍ଥାପନ କରାଗଲା । ଉଦ୍ଦେଶ୍ୟ ହେଲା ଯେ, ଏହି ସକଳ ଖାଦ୍ୟାଦି ଗ୍ରହଣଜନିତ ମନ୍ଦ ଫଳ ସହିତ ତାହାର ପୂର୍ବ ପ୍ରକାରରେ ଶୁଦ୍ଧୀକୃତ ସାତ୍ତ୍ୱିକ ଭାବର ସଂଘର୍ଷ ଉପସ୍ଥିତ ହେଉ । ସେ ବୀରଭାବରେ ସେହି ମନ୍ଦଫଳକୁ ପରାଜୟ କରୁ । ପଞ୍ଚମ ବର୍ଷରେ ତା ପ୍ରତି ଯାହା ଇଚ୍ଛା ତାହା ଆହାର କରିବାର ଉପଦେଶ ପ୍ରଦାନ କରାଗଲା । ସେ କିନ୍ତୁ ବୀରଭାବର ବିକାଶ କରି ଦିବ୍ୟଭାବ ଗ୍ରହଣ କଲା । ତନ୍ତ୍ରୋକ୍ତ ଭାବତ୍ରୟ ଆଶ୍ରୟରେ କିଭଳି ଶିକ୍ଷାଲାଭ ହୁଏ, ପ୍ରଫୁଲ୍ଲ ତାହାର ଦୃଷ୍ଟାନ୍ତ । କବିଙ୍କର ତନ୍ତ୍ରଶାସ୍ତ୍ରରେ ଆସ୍ଥା ନ ଥିଲେ ମଧ୍ୟ ଅଜ୍ଞାତସାରରେ ତନ୍ତ୍ରର ଆଚାର ଓ ଭାବର ବ୍ୟାଖ୍ୟା ସେ କରିଛନ୍ତି । ଏଥିରୁ ପାଠକମାନେ ତନ୍ତ୍ର ଯେ କିଭିଳି ଉନ୍ନତ ଶାସ୍ତ୍ର, ତାହା ସହଜରେ ଅନୁମାନ କରିପାରିବେ । ଯାହା ଏହି ବିଶାଳ ହିନ୍ଦୁଧର୍ମର କୌଣସି ନ କୌଣସି ଶାସ୍ତ୍ରକାର କହି ଯାଇନାହାନ୍ତି—ଏପରି କିଛି ନୂତନ ବିଷୟ ବାହାର କରିବା ସହଜ ନୁହେଁ । — ଗ୍ରନ୍ଥକାର

"ଭାବତ୍ରୟଗତାନ୍ ଦେବି ! ସପ୍ତାଚାରାଂସ୍ତୁ ବେତ୍ତି ଯଃ
ସ ଧର୍ମଂ ସକଳଂ ବେତ୍ତି ଜୀବନ୍ମୁକ୍ତୋ ନ ସଂଶୟଃ ।।" (ବିଶ୍ୱସାରତନ୍ତ୍ର)

ହେ ଦେବି ! ଯେ ଭାବତ୍ରୟସନ୍ନିବିଷ୍ଟ ସପ୍ତଆଚାର ଜ୍ଞାତ ଅଛନ୍ତି, ସେ ସମସ୍ତ ଧର୍ମ ଅବଗତ ଅଛନ୍ତି ଏବଂ ସେହି ବ୍ୟକ୍ତି ହିଁ ଜୀବନ୍ମୁକ୍ତ ପୁରୁଷ ।

ଏପର୍ଯ୍ୟନ୍ତ ଯେତିକି ଆଲୋଚିତ ହୋଇଅଛି, ସେଥିରୁ ପାଠକମାନେ ବୁଝିପାରିଛନ୍ତି ଯେ, ତାନ୍ତ୍ରିକ ସାଧନା ଅଧିକାରୀଭେଦରେ ନିର୍ଣ୍ଣିତ ହୋଇଅଛି ଏବଂ ତାହା ସାଧକଙ୍କ ହୃଦୟର ଅବସ୍ଥା ନେଇ ଲିଖିତ । ସୁତରାଂ ମଦ୍ୟ ମାଂସାଦି ନେଇ ଯେଉଁ ସାଧନା, ତାହା ଆଧ୍ୟାତ୍ମିକ ଉନ୍ନତହୃଦୟ ସାଧକଙ୍କ ନିମିତ୍ତ ଉଦ୍ଦିଷ୍ଟ । ଅତଏବ, ଭାବର ବା ଜ୍ଞାନର ଅନୁବର୍ତ୍ତୀ ହୋଇ ଆଚାର ବା ଅନୁଷ୍ଠେୟ ବିଷୟର ଅବଲମ୍ବନ କରିବାକୁ ହେବ । ସାଧକ ଯେଉଁ ସମୟରେ ଯେପରି ଜ୍ଞାନସମ୍ପନ୍ନ ଥା'ନ୍ତି, ସେହି ସମୟରେ ସେହି ଜ୍ଞାନାନୁଗତ ଅର୍ଥାତ୍ ସେହି ଜ୍ଞାନ-ସମ୍ମିଶ୍ରିତ ଯେଉଁ ଆଚାର, ତାହାର ଆଶ୍ରୟ ଗ୍ରହଣ କରିବାକୁ ହେବ । ଏହାର ବ୍ୟତିକ୍ରମ କଲେ, କେବେହେଲେ ସାଧନାରେ ସିଦ୍ଧିଲାଭ ହୋଇପାରିବ ନାହିଁ, ପରନ୍ତୁ ପ୍ରତ୍ୟବାୟଗ୍ରସ୍ତ ହେବାକୁ ପଡ଼ିବ ।

## ତନ୍ତ୍ରର ବ୍ରହ୍ମବାଦ

ପ୍ରକୃତି ଓ ପୁରୁଷଙ୍କର ଏକାତ୍ମଭାବର ନାମ 'ବ୍ରହ୍ମ' । ଯଥା—

"ଶିବଃ ପ୍ରଧାନଃ ପୁରୁଷଃ ଶକ୍ତିଶ୍ଚ ପରମା ଶିବା ।
ଶିବଶକ୍ତ୍ୟାତ୍ମକଂ ବ୍ରହ୍ମ ଯୋଗିନସ୍ତତ୍ତ୍ୱଦର୍ଶିନଃ ।।" (ଭଗବତୀ-ଗୀତା)

ଶିବ ହିଁ ପରମ ପୁରୁଷ ଏବଂ ଶକ୍ତି ହିଁ ପରମା ପ୍ରକୃତି । ତତ୍ତ୍ୱଦର୍ଶୀ ଯୋଗୀମାନେ ପ୍ରକୃତି-ପୁରୁଷଙ୍କର ଏକତାକୁ ବ୍ରହ୍ମ ବୋଲି ଭାବନା କରନ୍ତି ।

ବାହ୍ୟଜଗତର ଅଭ୍ୟନ୍ତରରେ ଯେଉଁ ମହତୀ ଶକ୍ତି ନିହିତ ଅଛି, ତାଙ୍କର ନାମ **ପ୍ରକୃତି** ଏବଂ ଏହି ବାହ୍ୟ ଜଗତରେ ଯେଉଁ ଚୈତନ୍ୟ ସ୍ଫୂର୍ତ୍ତି ସ୍ୱ-ପ୍ରକାଶ ରହିଛନ୍ତି, ତାଙ୍କର ନାମ **ଶିବ** । ଏହି ଚୈତନ୍ୟ ଏବଂ ମହତୀ ଶକ୍ତିକୁ ଯେତେବେଳେ ସମଭାବରେ ଗୋଟିଏ ଆସନରେ ଉଭୟଙ୍କୁ ଏକତ୍ର ଜଡ଼ିତ ବୋଲି ଅନୁଭବ କରିହେବ ଅର୍ଥାତ୍ ଏହି ଦୁଇଟିରୁ ଗୋଟିକୁ ସ୍ୱତନ୍ତ୍ର କରିବାକୁ ଗଲେ, ଯେତେବେଳେ

ଦୁଇଟିଯାକ ଅଦୃଶ୍ୟ ହୋଇଯିବେ ବୋଲି ବୋଧଗମ୍ୟ ହେବ, ସେତେବେଳେ ବ୍ରହ୍ମଙ୍କୁ ଚିହ୍ନିପାରିବ । ଏକ ବ୍ରହ୍ମ ହିଁ ଚଣକବତ୍ ଦ୍ୱିଧା ବିଭକ୍ତ ହୋଇ ପ୍ରକୃତି ଓ ପୁରୁଷ ରୂପରେ ପରିଦୃଶ୍ୟମାନ ହୋଇଥାନ୍ତି । ଯଥା-

"ତ୍ୱମେକୋ ଦ୍ୱିତ୍ୱମାପନ୍ନଃ ଶିବଶକ୍ତିପ୍ରଭେଦତଃ ।।" (କାଶୀଖଣ୍ଡ)

ସେହି ଅଦ୍ୱିତୀୟ ପରମାତ୍ମା ହିଁ ଶିବ ଓ ଶକ୍ତି ଭେଦରେ ଦ୍ୱିତ୍ୱଭାବାପନ୍ନ ହୋଇଛନ୍ତି ।

ସୃଷ୍ଟି ପୂର୍ବରୁ ଏହି ଜଗତରେ କେବଳ 'ସତ୍' ମାତ୍ର ଅବସ୍ଥିତ ଥିଲା । ସେ ଏକ ଏବଂ ଅଦ୍ୱିତୀୟ । ସେ ବିଚାର କଲେ ଯେ ମୁଁ ପ୍ରଜା ରୂପରେ 'ବହୁ' ହେବି ।

"ସତ୍ୟଲୋକେ ନିରାକାରା ମହାଜ୍ୟୋତିଃସ୍ୱରୂପିଣୀ ।
ମାୟୟାଚ୍ଛାଦିତାତ୍ମନୀ ଚଣକାକାରରୂପିଣୀ ।
ମାୟା-ବଲ୍କଲଂ ସଂତ୍ୟଜ୍ୟ ଦ୍ୱିଧା ଭିନ୍ନା ଯଦୋନ୍ମୁଖୀ ।
ଶିବ-ଶକ୍ତିବିଭାଗେନ ଜାୟତେ ସୃଷ୍ଟି-କଳ୍ପନା ।।" (ନିର୍ବାଣ ତନ୍ତ୍ର)

ସତ୍ୟଲୋକରେ ଆକାର ରହିତ ମହାଜ୍ୟୋତିଃ ସ୍ୱରୂପ ପରଂବ୍ରହ୍ମ ମହାଜ୍ୟୋତିଃ ସ୍ୱରୂପା ନିଜ ମାୟା ଦ୍ୱାରା ନିଜେ ଆବୃତ ହୋଇ ଚଣକତୁଲ୍ୟ ଭାବରେ ବିରାଜିତ ଅଛନ୍ତି । ଚଣକ (ବୁଟ) ଯେପରି ଗୋଟିଏ ଆବରଣ ମଧ୍ୟରେ ବା ଖୋସା ଭିତରେ ଅଙ୍କୁର ସହିତ ଦୁଇଫାଳ ହୋଇ ଏକତ୍ର ଆବଦ୍ଧ ଥାଏ, ପ୍ରକୃତ ଓ ପୁରୁଷ ମଧ୍ୟ ସେହିଭଳି ବ୍ରହ୍ମଚୈତନ୍ୟ ସହିତ ମାୟାରୂପ ଆଚ୍ଛାଦନରେ ଆବୃତ ଥାନ୍ତି । ସେହି ମାୟାରୂପ ବଲ୍କଳ ଭେଦ କରି ସେ ଶିବଶକ୍ତି ରୂପରେ ପ୍ରକାଶିତ ହୋଇଛନ୍ତି । ପ୍ରକୃତି-ପୁରୁଷଙ୍କୁ ବ୍ରହ୍ମ-ଚୈତନ୍ୟ ସହିତ କହିବାର ଉଦ୍ଦେଶ୍ୟ ହେଲା, ଯେ, ପ୍ରକୃତିପୁରୁଷାତ୍ମକ ଜୀବଦେହ ବ୍ରହ୍ମଚୈତନ୍ୟ ଦ୍ୱାରା ହିଁ ସଚେତନ ହୁଏ । ବ୍ରହ୍ମଚୈତନ୍ୟ ପରିତ୍ୟକ୍ତ ହେଲେ ଜୀବ ଶରୀରରେ କେବଳ ଜଡ଼ମାତ୍ର ଅବଶିଷ୍ଟ ରହେ ।

ବ୍ରହ୍ମ ଯେତେବେଳେ ନିର୍ଗୁଣ ଓ ନିଷ୍କ୍ରିୟ, ସେତେବେଳେ ସେ ବ୍ରହ୍ମ, ସେ ପୁଣି ସଗୁଣ ବା ପ୍ରକଟ ହେଲେ ଈଶ୍ୱର ବା ପୁରୁଷ । ପୁଣି ସେହି ଇଚ୍ଛା ବା

ବାସନାଶକ୍ତି ହିଁ ପ୍ରକୃତି ବା ଆଦ୍ୟାଶକ୍ତି ମହାମାୟା । ସେହି ପୁରୁଷ ଓ ପ୍ରକୃତି ସର୍ବତ୍ରଗାମୀ ଓ ସର୍ବବସ୍ତୁରେ ଅବସ୍ଥିତି କରୁଛନ୍ତି । ଇହସଂସାରରେ ଏ ଉଭୟବିହୀନ ହୋଇ କୌଣସି ବସ୍ତୁ ରହିପାରେ ନାହିଁ । ପରମାତ୍ମା ନିର୍ଗୁଣ, ସେ କେବେହେଲେ ଦୃଶ୍ୟ ହୁଅନ୍ତି ନାହିଁ । ପରମାପ୍ରକୃତିରୂପିଣୀ ମହାମାୟା ସୃଜନାଦି ସମୟରେ ସଗୁଣା ଏବଂ ସମାଧି ସମୟରେ ନିର୍ଗୁଣା ହୋଇଥାନ୍ତି । ପ୍ରକୃତି ଅନାଦି, ଅତଏବ ସେ ସର୍ବଦା ଏହି ସଂସାରର କାରଣ ରୂପରେ ବିଦ୍ୟମାନ ଅଛନ୍ତି, କେବେହେଲେ କାର୍ଯ୍ୟରୂପ ହୁଅନ୍ତି ନାହିଁ । ସେ ଯେତେବେଳେ କାରଣରୂପିଣୀ ହୁଅନ୍ତି, ସେତେବେଳେ ସଗୁଣା, ପୁଣି ଯେତେବେଳେ ପୁରୁଷସନ୍ନିଧାନରେ ପରମାତ୍ମାଙ୍କ ସହିତ ଅଭିନ୍ନ ଭାବରେ ଅବସ୍ଥାନ କରନ୍ତି, ଗୁଣତ୍ରୟର ସାମ୍ୟାବସ୍ଥା ହେତୁ ଗୁଣୋଦ୍ଭବର ଅଭାବରୁ ସେତେବେଳେ ପ୍ରକୃତି ନିର୍ଗୁଣା ହୋଇଥାନ୍ତି ।

ଅତଏବ, " ମୁଁ ବହୁ ହେବି"—ବ୍ରହ୍ମଙ୍କର ଏହିଭଳି ବାସନା ସଂଜାତ ହେଲେ ତାଙ୍କୁ ପ୍ରକଟ-ଚୈତନ୍ୟ ଓ ସେହି ବାସନାକୁ ମୂଳାତୀତ ମୂଳ ପ୍ରକୃତି କହନ୍ତି ।

"ଯୋଗେନାତ୍ମା ସୃଷ୍ଟିବିଧୌ ଦ୍ୱିଧାରୂପୋ ବଭୂବ ସଃ ।
ପୁମାଂଶ୍ଚ ଦକ୍ଷିଣାର୍ଦ୍ଧାଙ୍ଗଂ ବାମାଙ୍ଗଂ ପ୍ରକୃତିଃ ସ୍ମୃତା ॥
ସା ଚ ବ୍ରହ୍ମସ୍ୱରୂପା ଚ ମାୟା ନିତ୍ୟା ସନାତନୀ ।
ଯଥାତ୍ମା ଚ ତଥା ଶକ୍ତିର୍ଯଥାଗ୍ନୌ ଦାହିକା ସ୍ମୃତା ॥ "

— ବ୍ରହ୍ମବୈବର୍ତ୍ତପୁରାଣ

ପରମାତ୍ମାସ୍ୱରୂପ ଭଗବାନ୍ ସୃଷ୍ଟି କାର୍ଯ୍ୟ ନିମିତ୍ତ ଯୋଗ ଅବଲମ୍ବନ କରି ନିଜକୁ ଦୁଇ ଭାଗରେ ବିଭକ୍ତ କଲେ । ଏହି ଭାଗଦ୍ୱୟ ମଧ୍ୟରେ ଦକ୍ଷିଣ ଅର୍ଦ୍ଧାଙ୍ଗ ପୁରୁଷ ଓ ବାମ ଅର୍ଦ୍ଧାଙ୍ଗ ପ୍ରକୃତି । ସେହି ପ୍ରକୃତି ବ୍ରହ୍ମସ୍ୱରୂପିଣୀ, ମାୟାମୟୀ, ନିତ୍ୟା ଓ ସନାତନୀ । ଯେପରି ଅଗ୍ନି ଥିଲେ ତାହାର ଦାହିକାଶକ୍ତି ଥାଏ, ସେହିଭଳି ଯେଉଁଠାରେ ଆତ୍ମା ସେହି ସ୍ଥାନରେ ଶକ୍ତି ଏବଂ ଯେଉଁଠାରେ ପୁରୁଷ ସେହି ସ୍ଥାନରେ ପ୍ରକୃତି ବିରାଜିତା ଅଛନ୍ତି । କାରଣ—

" ଶକ୍ତିଶକ୍ତିମତୋଶ୍ଚାପି ନ ବିଭେଦୋ କଥଞ୍ଚନ ।"

ଶକ୍ତିମାନଙ୍କଠାରୁ ଶକ୍ତି କେବେହେଲେ ବିଭିନ୍ନ ହୋଇପାରନ୍ତି ନାହିଁ ।

**''ଯଥା ଶିବସ୍ତଥା ଦେବୀ ଯଥା ଦେବୀ ତଥା ଶିବଃ ।**
**ନାନୟୋରନ୍ତରଂ ବିଦ୍ୟାଚ୍ଚନ୍ଦ୍ର-ଚନ୍ଦ୍ରିକୟୋର୍ଯଥା ।।'' (ବାୟୁପୁରାଣ)**

ଚନ୍ଦ୍ରଠାରୁ ଚନ୍ଦ୍ରକିରଣର ଯେପରି ପୃଥକ୍ ସତ୍ତା ନାହିଁ, ଶିବ ଏବଂ ଶକ୍ତିଙ୍କର ସେହିଭଳି ପୃଥକ୍ ସତ୍ତା ନାହିଁ । ତେଣୁ ଯେଉଁଠାରେ ଶିବ, ସେହିଠାରେ ଶକ୍ତି ଏବଂ ଯେଉଁଠାରେ ଶକ୍ତି ସେହିଠାରେ ଶିବ ବିରାଜିତ । ସାଂଖ୍ୟକାର କହିଛନ୍ତି-

**''ପୁରୁଷସ୍ୟ ଦର୍ଶନାର୍ଥଂ କୈବଲ୍ୟାର୍ଥଂ ତଥା ପ୍ରଧାନସ୍ୟ**
**ପଙ୍ଗ୍ୱନ୍ଧବଦ୍ ଉଭୟୋରପି ସଂଯୋଗସ୍ତତ୍‌କୃତଃ ସର୍ଗଃ ।।''**

**— ସାଂଖ୍ୟକାରିକା**

ପ୍ରକୃତି ଅଚେତନ, ସୁତରାଂ ଅନ୍ଧସ୍ଥାନୀୟ । ପୁରୁଷ ଅକର୍ତ୍ତା, ସୁତରାଂ ପଙ୍ଗୁସ୍ଥାନୀୟ । ଉଭୟେ ସଂଯୁକ୍ତ ହୋଇ ଜଣେ ଅପରର ଅଭାବ ପୂରଣ କରିଥା'ନ୍ତି । ଯେପରି ଅନ୍ଧର ଦୃଷ୍ଟିଶକ୍ତି ନାହିଁ ଏବଂ ପଙ୍ଗୁ ଚାଲିପାରେ ନାହିଁ, କିନ୍ତୁ ଅନ୍ଧର ସ୍କନ୍ଧରେ ପଙ୍ଗୁ ଉଠିଲେ, ପଙ୍ଗୁ ପଥ ଦେଖାଇଥାଏ, ଅନ୍ଧ ତାକୁ କାନ୍ଧରେ ବସାଇ ନେଇଯାଏ, ସେହିଭଳି ପ୍ରକୃତି ଓ ପୁରୁଷ ସଂଯୁକ୍ତ ହୋଇ ଜଣକର ଅଭାବ ଅନ୍ୟ ଜଣେ ପୂରଣ କରନ୍ତି । ସେମାନଙ୍କର ସଂଯୋଗ ଫଳରେ ସୃଷ୍ଟିକାର୍ଯ୍ୟ ସାଧିତ ହୋଇଥାଏ ।

ଏହି ପ୍ରକୃତି-ପୁରୁଷ ଉଭୟାତ୍ମକ ବ୍ରହ୍ମଙ୍କୁ ତନ୍ତ୍ରରେ ଶିବଶକ୍ତି ବୋଲି ବର୍ଣ୍ଣନା କରାଯାଇଛି । କିନ୍ତୁ ବେଦାନ୍ତ ମତାନୁସାରେ ମାୟା ମିଥ୍ୟା, କେବଳ ଅଧିଷ୍ଠାନରୂପ ବ୍ରହ୍ମରେ ମାୟା କଳ୍ପିତ ହୋଇଥାଏ । ତେଣୁ ଅଧିଷ୍ଠାନର ସତ୍ତା ବ୍ୟତୀତ ମାୟାର ପୃଥକ୍ ପ୍ରତୀତି ହୁଏ ନାହିଁ । ତାହାହେଲେ ବର୍ତ୍ତମାନ ଶକ୍ତିଙ୍କଠାରେ ହିଁ ଅଧିଷ୍ଠାନଭୂତ ସତ୍ତାରୂପ ବ୍ରହ୍ମଙ୍କର ଉପାସନା ସମ୍ଭାବିତ ବୋଲି ସ୍ୱୀକାର କରିବାକୁ ହେବ । ଫଳତଃ ଏହି ପ୍ରକାରରେ ଶକ୍ତିର ସ୍ୱରୂପତ୍ୱ ପ୍ରତିପାଦିତ ହେଲେ ମଧ୍ୟ କୌଣସି ବିରୋଧ ଦେଖାଯାଏ ନାହିଁ । କାରଣ ବ୍ରହ୍ମଙ୍କ ଉପାସନା ସମୟରେ କେବଳ ବ୍ରହ୍ମଙ୍କୁ ଗ୍ରହଣ ନକରି ଯେପରି ଶକ୍ତିର ବ୍ରହ୍ମାତିରିକ୍ତ ସତ୍ତାର ଅଭାବପ୍ରଯୁକ୍ତ ଶକ୍ତିବିଶିଷ୍ଟ ବ୍ରହ୍ମଙ୍କୁ

ଗ୍ରହଣ କରିବାକୁ ହୁଏ, ସେହିପରି ଶକ୍ତିଙ୍କର ଆରାଧନା କଲେ ମଧ୍ୟ ପରବ୍ରହ୍ମସତ୍ତାବିଶିଷ୍ଟ ଶକ୍ତିଙ୍କର ଉପାସନା ବୋଲି ବୁଝିବାକୁ ହେବ । ମୋଟ କଥା ହେଉଛି ଯେ, ଯେପରି ନିରୁପାଧିକ ବିଶୁଦ୍ଧ-ଚୈତନ୍ୟ-ସ୍ୱରୂପ ପରଂବ୍ରହ୍ମଙ୍କର ଉପାସନା ସମ୍ଭବପର ନୁହେଁ, ସେହିପରି ବ୍ରହ୍ମଙ୍କୁ ଛାଡ଼ି କେବଳ ମହାଶକ୍ତିଙ୍କର ଉପାସନା ସମ୍ଭବପର ନୁହେଁ । ଅଧିକନ୍ତୁ ଶକ୍ତିର ଆଶ୍ରୟ ନାହିଁ, ସେ ବ୍ରହ୍ମଙ୍କର ଆଶ୍ରିତା । ତେଣୁ ତାନ୍ତ୍ରିକର ମହାଶକ୍ତି - **"ଶବରୂପ-ମହାଦେବ-ହୃଦୟୋପରି ସଂସ୍ଥିତା ।"**

ଶବରୂପ ମହାଦେବ ହିଁ ନିଷ୍କ୍ରିୟ ପରଂବ୍ରହ୍ମ । ତାଙ୍କୁ ହିଁ ଆଶ୍ରୟ କରି ବ୍ରହ୍ମଶକ୍ତି କ୍ରିୟାଶୀଳା । ତେଣୁ ମହାକାଳୀ ଶିବଙ୍କ ଉପରେ ଅବସ୍ଥିତ ରହି ବିଶେଷ ଭାବରେ ସୃଷ୍ଟି-ସ୍ଥିତି-ଲୟ କାର୍ଯ୍ୟ ସମ୍ପନ୍ନ କରୁଛନ୍ତି । ଯଥା —

**"ସଦାଶିବତ୍ୱଂ ଯଦ୍ ପ୍ରାପ୍ତଃ ଶିବଃ ସାକ୍ଷାଦୁପାଧିନା ।**
**ସା ତସ୍ୟାପି ଭବେଚ୍ଛକ୍ତିସ୍ତୟା ହୀନୋ ନିରର୍ଥକଃ ।।" (ସୂତସଂହିତା)**

ଶିବ ନିର୍ଗୁଣ, ଶକ୍ତି ଦ୍ୱାରା ଉପାଧିବିଶିଷ୍ଟ ହୋଇ ସେ ସଗୁଣ ହୋଇଛନ୍ତି । ଅତଏବ, ଶକ୍ତିହୀନ ଶିବ ନିରର୍ଥକ, ଅର୍ଥାତ୍ ସାନ୍ତ ଜୀବ ପକ୍ଷରେ ସେହି ଅନନ୍ତ ବ୍ରହ୍ମ ହିଁ ନିରର୍ଥକ ବୋଲି ବୋଧ ହୁଅନ୍ତି ।

ବ୍ରହ୍ମଙ୍କର ଗୁଣ ହିଁ ଶିବ, କିନ୍ତୁ ଏହି ଶିବ ଯଦି ଶକ୍ତିକର୍ତ୍ତୃକ ଉପାଧିଯୁକ୍ତ ନ ହୁଅନ୍ତି, ତେବେ ଗୁଣ କାହାକୁ ବା ଅବଲମ୍ବନ କରିବ ? ଅବଲମ୍ବନ ଅଭାବରେ ସେ ନିର୍ଗୁଣ । ନିର୍ଗୁଣ ହେଲେ ହିଁ ନିଷ୍କ୍ରିୟ, ତେବେ ଶିବଙ୍କ ଶିବତ୍ୱ ନାହିଁ । ଭଗବାନ୍ ଶଙ୍କରାଚାର୍ଯ୍ୟ କହିଛନ୍ତି—

**'ଶିବଃ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁମ୍ ।।'**

ଶିବ ଯଦି ଶକ୍ତିଯୁକ୍ତ ହୁଅନ୍ତି, ତେବେ ତାଙ୍କର ପ୍ରଭାବ, ଅନ୍ୟଥା ନିଷ୍କ୍ରିୟ ।

**"ଯନ୍ମନସା ନ ମନୁତେ ଯେନାହୁର୍ମନୋ ମତମ୍ ।**
**ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦିଦମୁପାସତେ ।।" (ଶ୍ରୁତି)**

ବ୍ରହ୍ମ ନିର୍ଗୁଣ, ନିର୍ଗୁଣର ଉପାସନା ସମ୍ଭବ ନୁହେଁ । ଅତଏବ, ଶକ୍ତି ସହଯୋଗରେ ତାଙ୍କର ଉପାସନା କରିବାକୁ ହୁଏ । ତାନ୍ତ୍ରିକଙ୍କର ଶକ୍ତି-ଉପାସନା

ସଗୁଣ ବ୍ରହ୍ମଙ୍କର ଉପାସନା ମାତ୍ର । ଗୋଟିଏ କଥାରେ ଆଦ୍ୟାଶକ୍ତି ମହାମାୟା ହିଁ ସଗୁଣ ବ୍ରହ୍ମ, ଶବ-ରୂପ ଶିବ ଅବଲମ୍ବନ ମାତ୍ର ।

**''ଚିତିସ୍ତତ୍ ପଦଲକ୍ଷାର୍ଥୋ ଚିଦେକରସରୂପିଣୀ ।।''**

ଚିତି—ଏହି ପଦ 'ତତ୍' ପଦର ଲକ୍ଷ୍ୟାର୍ଥବୋଧକ । ଅତଏବ, ସେ ଏକମାତ୍ର ଚିଦାନନ୍ଦସ୍ୱରୂପା ।

**''ଅତଃ ସଂସାରନାଶାୟ ସାକ୍ଷିଣୀମାତ୍ମରୂପିଣୀମ୍ ।**
**ଆରାଧୟେତ୍ ପରାଂ ଶକ୍ତିଂ ପ୍ରପଞ୍ଚୋଲ୍ଲାସବର୍ଜ୍ଜିତାମ୍ ।।'' (ସୂତସଂହିତା)**

ଅତଏବ, ସଂସାରନାଶ ନିମିତ୍ତ ସେ ହିଁ ସାକ୍ଷୀମାତ୍ର, ସମସ୍ତ ପ୍ରପଞ୍ଚ ଓ ଉଲ୍ଲାସାଦି ପରିବର୍ଜ୍ଜିତ ଆତ୍ମସ୍ୱରୂପା ପରାଶକ୍ତିଙ୍କ ଆରାଧନା କରିବା ବିଧେୟ ।

ଏହି ମହାଶକ୍ତି ଭଗବତୀ ଦେବୀଙ୍କ ଆରାଧନାରେ ସାଧକ ବ୍ରହ୍ମସାୟୁଜ୍ୟ ଲାଭ କରିଥାନ୍ତି । ଏହି ଭଗବତୀ ଦେବୀ ଯେ ପରମତତ୍ତ୍ୱ ପରଂବ୍ରହ୍ମ, ତାହା ଭଗବାନ୍ ବେଦବ୍ୟାସଙ୍କର ଋକ୍ ଆଦି ବେଦଚତୁଷ୍ଟୟର ଉକ୍ତିରୁ ସର୍ବସମ୍ମତିକ୍ରମେ ପ୍ରମାଣିତ ହେବ ।

**ଋଗ୍‌ବେଦର ଉକ୍ତି :**

**''ଯଦନ୍ତଃସ୍ଥାନି ଭୂତାନି ଯତଃ ସର୍ବଂ ପ୍ରବର୍ତ୍ତତେ**
**ଯଦାହୁସ୍ତତ୍ ପରଂ ତତ୍ତ୍ୱଂ ସୈକା ଭଗବତୀ ସ୍ୱୟଂ ।।''**

ସ୍ଥୂଳ ସୂକ୍ଷ୍ମ ଏହି ସମସ୍ତ ଜଗତ୍‌ପ୍ରପଞ୍ଚ ଯାହାଙ୍କଠାରେ ସୂକ୍ଷ୍ମ ରୂପରେ ବିଲୀନ ଥାଏ, ପୁଣି ଯାହାଙ୍କ ଇଚ୍ଛାନୁସାରେ ସଚରାଚର ଜଗତ୍ ହୋଇ ପ୍ରକାଶମାନ ହୁଅନ୍ତି, ଯେ ସ୍ୱୟଂ 'ଭଗବତୀ' ଶବ୍ଦରେ ପ୍ରକୀର୍ତ୍ତିତା ହୁଅନ୍ତି, ତାଙ୍କୁ ହିଁ ପରମତତ୍ତ୍ୱ କୁହାଯାଏ ।

**ଯଜୁର୍ବେଦର ଉକ୍ତି :**

**''ଯା ଯଜ୍ଞୈରଖିଳୈରୀଶା ଯୋଗେନ ଚ ସମୀଡ୍ୟତେ**
**ବୟଂ ଯତଃ ପ୍ରମାଣଂ ହି ସୈକା ଭଗବତୀ ସ୍ୱୟଂ ।।''**

ନିଖିଳ ଯଜ୍ଞ ଏବଂ ଯୋଗ ଦ୍ୱାରା ଯେ ସ୍ତୂୟମାନ ହୁଅନ୍ତି ଏବଂ ଯାହାଙ୍କଠାରୁ ଆମେ ଧର୍ମ ବିଷୟରେ ପ୍ରମାଣସ୍ୱରୂପ ହୋଇଅଛୁଁ, ସେହି ଅଦ୍ୱିତୀୟା ସ୍ୱୟଂ ଭଗବତୀ ହିଁ ପରମ ତତ୍ତ୍ୱ ।

**ସାମବେଦର ଉକ୍ତି :**

**"ଯୟେଦଂ ଭ୍ରାମ୍ୟତେ ବିଶ୍ୱଂ ଯୋଗିଭିର୍ଯା ବିଚିନ୍ତ୍ୟତେ**
**ଯଦ୍‌ଭାସା ଭାସତେ ବିଶ୍ୱଂ ସୈକା ଦୁର୍ଗା ଜଗନ୍ମୟୀ ।।"**

ଯାହାଙ୍କ ଦ୍ୱାରା ଏହି ବିଶ୍ୱସଂସାର ଭ୍ରମବିଳସିତ ହେଉଅଛି, ଯେ ଯୋଗୀମାନଙ୍କର ଚିନ୍ତନୀୟ, ଯାହାଙ୍କ ତେଜ ପ୍ରଭାବରେ ସମସ୍ତ ଜଗତ୍ ପ୍ରକାଶ ପାଉଅଛି, ସେହି ଜଗନ୍ମୟୀ ଦୁର୍ଗା ହିଁ ପରମତତ୍ତ୍ୱ ।

**ଅଥର୍ବବେଦର ଉକ୍ତି :**

**"ଯାଂ ପ୍ରପଶ୍ୟନ୍ତି ଦେବେଶୀଂ ଭକ୍ତାନୁଗ୍ରାହିଣୋ ଜନାଃ**
**ତାମାହୁଃ ପରମଂ ବ୍ରହ୍ମ ଦୁର୍ଗାଂ ଭଗବତୀଂ ମୁନେ ।।"**

ଯାହାଙ୍କ ଅନୁଗ୍ରହାଶ୍ରିତ ବ୍ୟକ୍ତିମାନେ ଭକ୍ତି ଦ୍ୱାରା ଯାହାଙ୍କୁ ବିଶ୍ୱେଶ୍ୱରୀ ରୂପରେ ଦର୍ଶନ କରିଥାନ୍ତି, ଯାହାଙ୍କୁ ଭଗବତୀ ଦୁର୍ଗା କହନ୍ତି, ସେହି କେବଳ ବ୍ରହ୍ମତତ୍ତ୍ୱ ।

ବେଦ ଚତୁଷ୍ଟୟର ଉକ୍ତି ଦ୍ୱାରା ଅବିସମ୍ବାଦୀ ରୂପେ ମୀମାଂସିତ ହେଲା ଯେ, ଏହି ଦେବୀ ହିଁ ବ୍ରହ୍ମରୂପରେ ବ୍ରହ୍ମବାଦୀ ଋଷିମାନଙ୍କ କର୍ତ୍ତୃକ ପରିନିଶ୍ଚିତ ହୋଇ ବେଦ ଓ ବେଦାନ୍ତ ମଧ୍ୟରେ ଏହିଭଳି ପ୍ରଦର୍ଶିତ ହୋଇଛନ୍ତି । ତେଣୁ ତାନ୍ତ୍ରିକ ସାଧକ ସଚ୍ଚିଦାନନ୍ଦମୟୀ ପରାଶକ୍ତି ଦେବୀଙ୍କୁ ପରଂବ୍ରହ୍ମ ରୂପିଣୀ ଜ୍ଞାନରେ ଉପାସନା କରିଥା'ନ୍ତି । ତେବେ ଶକ୍ତିର ଅବଲମ୍ବନ ନିମିତ୍ତ ଶିବରୂପୀ ମହାଦେବଙ୍କୁ ସଂଯୁକ୍ତ କରି ନେଇଛନ୍ତି । ଅତଏବ, ତନ୍ତ୍ରଶାସ୍ତ୍ର ମତରେ ପ୍ରକୃତି-ପୁରୁଷାତ୍ମକ ଶିବଶକ୍ତି ହିଁ ପରଂବ୍ରହ୍ମ ଏବଂ ସେମାନଙ୍କ ଉପାସନା ହିଁ ବ୍ରହ୍ମ ଉପାସନା ।

## ଶକ୍ତି-ଉପାସନା

**ଶକ୍ତି**-ଉପାସନା ଆଧୁନିକ ନୁହେଁ । ଆର୍ଯ୍ୟଜାତିର ପ୍ରବଳ ଜ୍ଞାନୋନ୍ନତି ସମୟରେ ସେମାନେ ମହାଶକ୍ତିଙ୍କ ଅସ୍ତିତ୍ୱ ହୃଦୟଙ୍ଗମ କରିବାକୁ ସକ୍ଷମ

ହୋଇଥିଲେ । * ସତ୍ୟଯୁଗରେ ସୁରଥ, ତ୍ରେତାରେ ରଘୁବଂଶାବତଂସ ରାମଚନ୍ଦ୍ର ଏହି ମହାଶକ୍ତିଙ୍କ ପୂଜା କରିଥିଲେ । ସେହି ମହାଶକ୍ତି ନିତ୍ୟା, ଜନ୍ମମୃତ୍ୟୁ-ରହିତସ୍ୱଭାବ, ଜଗତର ଆଦି-କାରଣ । ଏହି ବ୍ରହ୍ମାଣ୍ଡ ହିଁ ତାଙ୍କରି ମୂର୍ତ୍ତି, ତାଙ୍କରି ଠାରୁ ଏହି ସଂସାର ବିସ୍ତାରିତ ହୋଇଅଛି । ଯେଉଁ ଅନାଦି ମୂଳଶକ୍ତିଙ୍କଠାରୁ ଏହି ନିଖିଳ ବ୍ରହ୍ମାଣ୍ଡ ସୃଷ୍ଟ, ବିଜ୍ଞାନ ମଧ୍ୟ ତାହାର ଅସ୍ତିତ୍ୱ ଅସ୍ୱୀକାର କରିପାରିନାହିଁ । ଏହି ନିଖିଳ ଜଗତ୍ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ଏକ ମହାଶକ୍ତି ବିରାଜିତ ଅଛନ୍ତି, ତାହା ପାଶ୍ଚାତ୍ୟ ପଣ୍ଡିତମାନେ ମଧ୍ୟ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି । ବିଜ୍ଞାନର ବନ୍ଧୁର ପଥରେ ଅହର୍ନିଶ ଭ୍ରମଣ କରି ପାଶ୍ଚାତ୍ୟ ବୈଜ୍ଞାନିକମାନେ ଏହି ମହାଶକ୍ତିଙ୍କର ଅସ୍ତିତ୍ୱ ମାତ୍ର ଅବଗତ ଅଛନ୍ତି । ** ଯେଉଁ ସମୟରେ ହାର୍ବର୍ଟ ସ୍ପେନ୍ସର ପ୍ରଭୃତି ପଣ୍ଡିତମାନଙ୍କର ପୂର୍ବପୁରୁଷମାନେ ଉଲଗ୍ନ ହୋଇ ବୃକ୍ଷ-କୋଟରରେ ବାସ କରୁଥିଲେ ଓ ବନଜାତ ଫଳମୂଳ ଭକ୍ଷଣରେ କ୍ଷୁଧା ନିବାରଣ କରୁଥିଲେ, ସେହି ସମୟରେ ଆର୍ଯ୍ୟମାନେ ଜ୍ଞାନ ଓ ଭକ୍ତିର ସରଳମାର୍ଗରେ ଗମନପୂର୍ବକ ସେହି ମହାଶକ୍ତିଙ୍କର ଦର୍ଶନଲାଭ କରିଥିଲେ ।

---

* ପ୍ରୟାଗ ନଗରୀର ଲାଟ ପ୍ରସ୍ତର-ଲିପି ପାଠରୁ ଜଣାଯାଏ ଯେ, ସପ୍ତଦଶ ଶତାବ୍ଦୀ ପୂର୍ବରୁ ଗୁପ୍ତବଂଶୀୟ ନରପତିମାନଙ୍କ ମଧ୍ୟରୁ କେହି କେହି ଶକ୍ତି ଉପାସକ ଥିଲେ । କାନ୍ୟକୁବ୍ଜପତି ମହେନ୍ଦ୍ରପାଳ ଦେବ ଏବଂ ତାଙ୍କ ପୁତ୍ର ବିନାୟକ ପାଳଙ୍କ ପ୍ରଦତ୍ତ ତାମ୍ରଶାସନ ପାଠରୁ ଜଣାଯାଏ ଯେ, ଶକାବ୍ଦର ଅଷ୍ଟମ ଶତାବ୍ଦୀରେ କାନ୍ୟକୁବ୍ଜପତିମାନେ ପ୍ରାୟ ସମସ୍ତେ ଶାକ୍ତ ଥିଲେ । ଗୌଡେଶ୍ୱର ମହାରାଜ ଲକ୍ଷ୍ମଣସେନଙ୍କ ତାମ୍ରଶାସନର ଶୀର୍ଷ ଦେଶରେ ଦେବୀ ଦାକ୍ଷାୟଣୀଙ୍କର ପ୍ରତିମୂର୍ତ୍ତି ଉତ୍କୀର୍ଣ୍ଣ ରହିଅଛି । ଏହା ଦ୍ୱାରା ସହଜରେ ଅନୁମିତ ହୁଏ ଯେ, ସେନ ରାଜାଙ୍କର କୁଳଦେବତା ଶକ୍ତି ଥିଲେ । ପ୍ରାୟ ଅଷ୍ଟମ ଶତାବ୍ଦୀ ପୂର୍ବରୁ ତାନ୍ତ୍ରିକ ଧର୍ମର ପ୍ରବଳ ଉନ୍ନତି ସାଧିତ ହୋଇଥିଲା । ଏହି ସମୟରେ ବଙ୍ଗଭାଷାର ଜନ୍ମ । ଶକ୍ତି-ଉପାସକ ବ୍ରାହ୍ମଣମାନେ ବଙ୍ଗଳା ଅକ୍ଷର ଓ ବଙ୍ଗଳା ଭାଷାର ଜନ୍ମଦାତା । ଶକ୍ତି-ଉପାସକମାନଙ୍କ ଦ୍ୱାରା ହିଁ ବଙ୍ଗଳା ଭାଷାରେ ସର୍ବପ୍ରଥମ ମହାକାବ୍ୟ (କବି-କଙ୍କଣ ମୁକୁନ୍ଦରାମ ଚକ୍ରବର୍ତ୍ତୀକୃତ 'ଚଣ୍ଡୀ' କାବ୍ୟ) ରଚିତ ହୋଇଥିଲା । *-ଗ୍ରନ୍ଥକାର*

** *ହାର୍ବର୍ଟ ସ୍ପେନ୍ସର କହିଛନ୍ତି* - "There is an Infinite and Eternal Energy from which every thing proceeds." ସ୍ପେନ୍ସର ଏହି ମହାଶକ୍ତିଙ୍କ ସ୍ୱରୂପକୁ ଅପରିଜ୍ଞେୟ ବୋଲି କହିଛନ୍ତି । ପଣ୍ଡିତପ୍ରବର 'ମିଲ୍' ଏହାଙ୍କୁ ଉଚ୍ଚ-ଶକ୍ତି ବୋଲି ବିବେଚନା କରିଛନ୍ତି । ଭକ୍ତିର ଅଭାବ ହିଁ ତାଙ୍କର ଏପରି ବିବେଚନା କରିବାର କାରଣ । *- ଗ୍ରନ୍ଥକାର*

ଉପନିଷଦ୍-ଯୁଗରେ ଆର୍ଯ୍ୟମାନେ ବୁଝିପାରିଲେ ଯେ ଯେଉଁ ଶକ୍ତି-ବଳରେ ଦେବରାଜ ଇନ୍ଦ୍ର ବିଶ୍ୱବ୍ରହ୍ମାଣ୍ଡ ଚୂର୍ଣ୍ଣ ବିଚୂର୍ଣ୍ଣ କରିପାରନ୍ତି, ଯେଉଁ ଶକ୍ତି ବଳରେ ଅଗ୍ନି ବିଶ୍ୱ ଦହନ କରିପାରନ୍ତି, ଯେଉଁ ଶକ୍ତିବଳରେ ପବନ ବିଶ୍ୱ-ବିଲୋଡ଼ନ କରିପାରନ୍ତି, ସେହି ଶକ୍ତି ସେମାନଙ୍କର ନିଜ ଶକ୍ତି ନୁହେଁ । ଅନ୍ୟ ଏକ ମହାଶକ୍ତିଙ୍କ ଠାରୁ ସେମାନେ ସ୍ୱ ସ୍ୱ ଶକ୍ତି ପ୍ରାପ୍ତ ହୋଇଅଛନ୍ତି । ସେତିକି ବେଳେ ସେହି ମହାଶକ୍ତି ଆର୍ଯ୍ୟମାନଙ୍କୁ ଦେବୀ ଭଗବତୀ ରୂପରେ ଦର୍ଶନ ଦାନ କରିଥିଲେ ।

ଅଦ୍ୱୈତବାଦୀମାନେ ଏହି ମହାଶକ୍ତିଙ୍କୁ ଜ୍ଞାନଯୋଗରେ ବିଲୋକନ କରି ଉପରିଭାଗରେ ଏକ ଅପୂର୍ବ ଅଦ୍ୱିତୀୟ ଚିନ୍ମୟ ପଦାର୍ଥକୁ ଦ୍ରଷ୍ଟା ରୂପରେ ସଂସ୍ଥାପନ କରିଛନ୍ତି ଏବଂ ତାହା ତଳକୁ ତାଙ୍କରି ଆଶ୍ରୟରେ ଦୃଶ୍ୟ ରୂପରେ ଏହି ବିଶ୍ୱବ୍ରହ୍ମାଣ୍ଡର ଅନନ୍ତ ଶକ୍ତିର କେନ୍ଦ୍ରୀଭୂତ ପଦାର୍ଥକୁ ରକ୍ଷା କରି ବିଶ୍ୱଲୀଳାର ସୁନ୍ଦର ମୀମାଂସା କରିଛନ୍ତି । 'ସାଂଖ୍ୟକାର' ମଧ୍ୟ ଏହି ଊର୍ଦ୍ଧ୍ୱତନ ପଦାର୍ଥକୁ ପୁରୁଷ ଏବଂ ଅଧସ୍ତନ ପଦାର୍ଥକୁ ପ୍ରକୃତି ବୋଲି ଅଭିହିତ କରିଛନ୍ତି । ସୁତରାଂ ତାନ୍ତ୍ରିକ ସାଧକମାନଙ୍କର ଆରାଧ୍ୟା ମହାଶକ୍ତି ଏହି ଉଭୟର ବିଶାଳ ସମଷ୍ଟି ବା ସମନ୍ୱୟ ଭାବରେ ଦେଖାଦେଇଛନ୍ତି । ଜଡ଼-ଅଜଡ଼, ଚର-ଅଚର ସମସ୍ତ ହିଁ ତାଙ୍କରି ଅନନ୍ତ ସତ୍ତାର ଅନ୍ତର୍ଗତ ହୋଇଛି । ସୁତରାଂ ଏ ନିର୍ଗୁଣ ସମୟରେ ତୁରୀୟା ଏବଂ ସଗୁଣ ଅବସ୍ଥାରେ ସ୍ୱତ୍ତ୍ୱରଜସ୍ତମୋମୟୀ । ସେତେବେଳେ ରଜୋଗୁଣରେ ସୃଷ୍ଟି, ସତ୍ତ୍ୱଗୁଣରେ ସ୍ଥିତି ଓ ତମୋଗୁଣରେ ବିନାଶ ସାଧିତ ହୁଏ । 'ମହାନିର୍ବାଣତନ୍ତ୍ର'ରୁ ଉଦ୍ଧାର କରି ଏ ସମ୍ବନ୍ଧରେ କିଛି ଆଲୋଚନା କରାଯାଉ ।

ମହାଦେବ କହିଲେ, "ହେ ଦେବି ! ଲୋକମାନେ ତୁମ ସାଧନାରେ ବ୍ରହ୍ମସାଯୁଜ୍ୟ ଲାଭ କରିପାରନ୍ତି । ସେଥିପାଇଁ ମୁଁ ତୁମରି ଉପାସନା କଥା କହୁଛି । ହେ ଶିବେ ! ତୁମେ ହିଁ ପରଂବ୍ରହ୍ମଙ୍କର ସାକ୍ଷାତ୍ ପ୍ରକୃତି । ତୁମରିଠାରୁ ହିଁ ଜଗତ୍‌ର ଉତ୍ପତ୍ତି, ତୁମେ ହିଁ ଜଗତର ଜନନୀ । ହେ ଭଦ୍ରେ ! ମହତ୍ତତ୍ତ୍ୱ ଠାରୁ ପରମାଣୁ ପର୍ଯ୍ୟନ୍ତ ଏବଂ ସମଗ୍ର ଚରାଚରର ସହିତ ଏହି ଜଗତ ତୁମଠାରୁ ଉତ୍ପାଦିତ ହୋଇଅଛି । ଏହି ନିଖିଳ ଜଗତ ତୁମ ଅଧୀନତାରେ ଆବଦ୍ଧ । ତୁମେ ହିଁ ସମୁଦାୟ ବିଦ୍ୟାର ଆଦିଭୂତ ଏବଂ ଆମମାନଙ୍କର ଜନ୍ମଭୂମି । ତୁମେ ସମୁଦାୟ ଜଗତ ବିଷୟରେ

ଅବଗତ ଅଛ, କିନ୍ତୁ ତୁମକୁ କେହି ଜାଣିପାରନ୍ତି ନାହିଁ । ତୁମେ ସର୍ବଦେବମୟୀ ଓ ସର୍ବଶକ୍ତିସ୍ୱରୂପିଣୀ । ତୁମେ ହିଁ ସ୍ଥୂଳ, ତୁମେ ହିଁ ସୂକ୍ଷ୍ମ, ତୁମେ ହିଁ ବ୍ୟକ୍ତ, ତୁମେ ହିଁ ଅବ୍ୟକ୍ତ ସ୍ୱରୂପିଣୀ । ତୁମେ ନିରାକାର ହୋଇ ମଧ୍ୟ ସାକାର, ତୁମର ପ୍ରକୃତ ତତ୍ତ୍ୱ କେହି ହେଲେ ଅବଗତ ନୁହଁନ୍ତି । ତୁମେ ସର୍ବସ୍ୱରୂପିଣୀ ଏବଂ ସମସ୍ତଙ୍କର ପ୍ରଧାନା ଜନନୀ । ତୁମେ ତୁଷ୍ଟ ହେଲେ, ସମସ୍ତେ ତୁଷ୍ଟ ହୋଇଥା'ନ୍ତି । ତୁମେ ସୃଷ୍ଟି ଆଦ୍ୟରେ ତମୋ ରୂପରେ ଅଦୃଶ୍ୟ ଭାବରେ ବିରାଜିତ ଥିଲ । ତୁମେ ହିଁ ପରଂବ୍ରହ୍ମଙ୍କର ସୃଷ୍ଟି କରିବାର ବାସନା । ତୁମରି ଠାରୁ ହିଁ ଜଗତ୍ ଉତ୍ପନ୍ନ ହୋଇଅଛି । ମହତତ୍ତ୍ୱଠାରୁ ଆରମ୍ଭ କରି ମହାଭୂତ ପର୍ଯ୍ୟନ୍ତ ନିଖିଳ ଜଗତ୍ ତୁମରି ସୃଷ୍ଟି । ସର୍ବକାରଣର କାରଣ ପରବ୍ରହ୍ମ କେବଳ ନିମିତ୍ତ ମାତ୍ର । ବ୍ରହ୍ମ ସତ୍‌ସ୍ୱରୂପ ଏବଂ ସର୍ବବ୍ୟାପୀ । ସେ ସମସ୍ତ ଜଗତକୁ ଆବୃତ କରି ରଖିଛନ୍ତି, ସେ ସର୍ବଦା ଏକ ଭାବରେ ଅବସ୍ଥିତ । ସେ ଚିନ୍ମୟ ଓ ସକଳ ଅବସ୍ଥାରେ ନିର୍ଲିପ୍ତ । ସେ କିଛି କାର୍ଯ୍ୟ କରନ୍ତି ନାହିଁ । ସେ ସତ୍ୟ ଓ ଜ୍ଞାନସ୍ୱରୂପ, ଆଦ୍ୟନ୍ତବର୍ଜ୍ଜିତ, ବାକ୍ୟ-ମନର ଅଗୋଚର । ତୁମେ ପରାତ୍ପରା ମହାଯୋଗିନୀ, ତୁମେ ସେହି ବ୍ରହ୍ମଙ୍କ ଇଚ୍ଛା ମାତ୍ର ଅବଲମ୍ବନପୂର୍ବକ ଏହି ଚରାଚର ଜଗତ ସୃଜନ, ପାଳନ ଓ ସଂହାର କରିଥାଅ ।'' *

ଏହି ମହାଶକ୍ତି ବିଦ୍ୟା ଓ ଅବିଦ୍ୟା ରୂପରେ ମୁକ୍ତି ଓ ବନ୍ଧନର କାରଣ ହୋଇଥା'ନ୍ତି । ଯଦି କେହି କହନ୍ତି ଯେ, ପ୍ରକୃତି କେବଳ ଏକାକୀ କିଭଳି ବନ୍ଧନ ଓ ମୁକ୍ତି ଉଭୟର କାରଣ ହୋଇପାରିବେ ? ତାହାର ଉତ୍ତର ହେଉଛି ଯେ, ଜଣେ ସୁନ୍ଦରୀ ରମଣୀ ଯେପରି ଏକାଧାରରେ ପ୍ରିୟଜନମାନଙ୍କର ସୁଖର କାରଣ,

---

* ''ଶୃଣୁ ଦେବି ! ମହାଭାଗେ ତବାରାଧନକାରଣମ୍ ।
ତବ ସାଧନତୋ ଯେନ ବ୍ରହ୍ମସାଯୁଜ୍ୟମଶ୍ନୁତେ ॥
ତ୍ୱଂ ପରା ପ୍ରକୃତିଃ ସାକ୍ଷାଦ୍ ବ୍ରହ୍ମଣଃ ପରମାତ୍ମନଃ ।
ତ୍ୱତ୍ତୋ ଜାତଂ ଜଗଦ୍ ସର୍ବଂ ତ୍ୱଂ ଜଗଜ୍ଜନନୀ ଶିବେ ॥
ମହାଦାଦ୍ୟଣୁପର୍ଯ୍ୟନ୍ତଂ ଯଦେତଦ୍ ସଚରାଚରମ୍ ।
ତ୍ୱୟୈବୋତ୍ପାଦିତଂ ଭଦ୍ରେ ତ୍ୱଦଧୀନମିଦଂ ଜଗଦ୍ ॥
ତ୍ୱମାଦ୍ୟା ସର୍ବବିଦ୍ୟାନାମସ୍ମାକମପି ଜନ୍ମଭୂଃ ।
ତ୍ୱଂ ଜାନାସି ଜଗଦ୍ ସର୍ବଂ ନ ତ୍ୱାଂ ଜାନାତି କଶ୍ଚନ ॥'' ଇତ୍ୟାଦି

**- ମହାନିର୍ବାଣତନ୍ତ୍ର-୪ର୍ଥ ଉଲ୍ଲାସ**

ସପତ୍ନୀର ଦୁଃଖର କାରଣ ଏବଂ ନିରାଶ ପ୍ରେମିକର ମୋହର କାରଣ ହୋଇଥାଏ, ଠିକ୍ ସେହିପରି ମହାଶକ୍ତି ବିଦ୍ୟା ଓ ଅବିଦ୍ୟା ରୂପରେ ମୁକ୍ତି ଓ ବନ୍ଧନର କାରଣ ହୋଇଥା'ନ୍ତି । ମହାମତି 'ମେଧସ' କହିଛନ୍ତି —

"ନିତ୍ୟୈବ ସା ଜଗନ୍ମୂର୍ତ୍ତିସ୍ତୟା ସଂମୋହ୍ୟତେ ଜଗତ୍ ।
ସୈବ ପ୍ରସନ୍ନା ବରଦା ନୃଣାଂ ଭବତି ମୁକ୍ତୟେ ।।
ସା ବିଦ୍ୟା ପରମା ମୁକ୍ତେର୍ହେତୁଭୂତା ସନାତନୀ ।
ସଂସାରବନ୍ଧହେତୁଶ୍ଚ ସୈବ ସର୍ବେଶ୍ୱରେଶ୍ୱରୀ ।।" (ଶ୍ରୀଚଣ୍ଡୀ)

ସେହି ମୂଳା ପ୍ରକୃତି ମହାଶକ୍ତି ନିତ୍ୟା, ସେ ଜଗନ୍ମୂର୍ତ୍ତି ଏବଂ ସେ ସମସ୍ତ ଜଗତକୁ ମୁଗ୍ଧ କରି ରଖିଛନ୍ତି । ସେ ପ୍ରସନ୍ନା ହେଲେ, ମନୁଷ୍ୟମାନଙ୍କୁ ମୁକ୍ତି ନିମିତ୍ତ ବରଦାନ କରିଥା'ନ୍ତି । ସେ ବିଦ୍ୟା, ସନାତନୀ ଓ ସମସ୍ତଙ୍କର ଈଶ୍ୱରୀ ଏବଂ ମୁକ୍ତି ଓ ବନ୍ଧନର ହେତୁଭୂତା ବା କାରଣସ୍ୱରୂପା ।

"ତଥାପି ମମତାବର୍ତ୍ତେ ମୋହଗର୍ତ୍ତେ ନିପାତିତାଃ ।
ମହାମାୟାପ୍ରଭାବେଣ ସଂସାରସ୍ଥିତିକାରିଣଃ ।।
ତନ୍ନାତ୍ର ବିସ୍ମୟଃ କାର୍ଯ୍ୟୋ ଯୋଗନିଦ୍ରା ଜଗତ୍ପତେଃ ।
ମହାମାୟା ହରେଶ୍ଚୈତତ୍ତୟା ସଂମୋହ୍ୟତେ ଜଗତ୍ ।।
ଜ୍ଞାନିନାମପି ଚେତାଂସି ଦେବୀ ଭଗବତୀ ହି ସା ।
ବଳାଦାକୃଷ୍ୟ ମୋହାୟ ମହାମାୟା ପ୍ରୟଚ୍ଛତି ।।
ତୟା ବିସୃଜ୍ୟତେ ବିଶ୍ୱଂ ଜଗଦେତଚ୍ଚରାଚରମ୍ ।
ସୈଷା ପ୍ରସନ୍ନା ବରଦା ନୃଣାଂ ଭବତି ମୁକ୍ତୟେ ।।" (ଶ୍ରୀଚଣ୍ଡୀ)

ଜଗତର ସ୍ଥିତି ସମ୍ପାଦନ ନିମିତ୍ତ ସେହି ମହାମାୟାଙ୍କ ପ୍ରଭାବରୁ ଜୀବମାନେ ମମତା-ଆବର୍ତ୍ତ-ପରିପୂରିତ ମୋହଗର୍ତ୍ତରେ ନିପତିତ ହୁଅନ୍ତି । ଅନ୍ୟର କଥା ବା କ'ଣ କହିବି ? ଯେ ଜଗତ୍‌ପତି ହରି, ସେ ମଧ୍ୟ ଏହି ମହାମାୟାଙ୍କ ଦ୍ୱାରା ବଶୀକୃତ ହୋଇ ରହିଛନ୍ତି । ଏହି ଦେବୀ ସର୍ବେନ୍ଦ୍ରିୟଶକ୍ତିର ନିୟନ୍ତ୍ରୀ, ଏହାଙ୍କ ଐଶ୍ୱର୍ଯ୍ୟ ଅଚିନ୍ତ୍ୟ । ଏ ଜ୍ଞାନୀମାନଙ୍କ ଚିତ୍ତକ୍ଷେତ୍ରକୁ ମଧ୍ୟ ବଳପୂର୍ବକ ସଂମୁଗ୍ଧ କରିଥା'ନ୍ତି । ଏହାଙ୍କ ଦ୍ୱାରା ହିଁ ଚରାଚର ସମସ୍ତ ଜଗତ୍ ପ୍ରସୂତ ହୋଇଅଛି । ଏହି ଦେବୀ ପ୍ରସନ୍ନା ହେଲେ ହିଁ ଲୋକମାନଙ୍କର ମୁକ୍ତିଦାତ୍ରୀ ହୁଅନ୍ତି ।

"ତୟୈତନ୍ମୋହ୍ୟତେ ବିଶ୍ୱଂ ସୈବ ବିଶ୍ୱଂ ପ୍ରସୂୟତେ ।
ସା ଯାଚିତା ଚ ବିଜ୍ଞାନଂ ତୁଷ୍ଟା ଋଦ୍ଧିଂ ପ୍ରଯଚ୍ଛତି ।।
ବ୍ୟାପ୍ତନ୍ତୟୈତଦ୍ ସକଳଂ ବ୍ରହ୍ମାଣ୍ଡଂ ମନୁଜେଶ୍ୱର ।
ମହାକାଲ୍ୟା ମହାକାଳେ ମହାମାରୀ-ସ୍ୱରୂପୟା ।।
ସୈବ କାଳେ ମହାମାରୀ ସୈବ ସୃଷ୍ଟିର୍ଭବତ୍ୟଜା ।
ସ୍ଥିତିଂ କରୋତି ଭୂତାନାଂ ସୈବ କାଳେ ସନାତନୀ ।।
ଭବକାଳେ ନୃଣାଂ ସୈବ ଲକ୍ଷ୍ମୀର୍ବୃଦ୍ଧିପ୍ରଦା ଗୃହେ ।
ସୈବାଭାବେ ତଥାଲକ୍ଷ୍ମୀର୍ବିନାଶାୟୋପଜାୟତେ ।।
ସ୍ତୁତା ସଂପୂଜିତା ପୁଷ୍ପୈର୍ଧୂପଗନ୍ଧାଦିଭିସ୍ତଥା ।
ଦଦାତି ବିତ୍ତପୁତ୍ରାଂଶ୍ଚ ମତିଂ ଧର୍ମେ ତଥା ଶୁଭାମ୍ ।।" (ଶ୍ରୀଚଣ୍ଡୀ)

ଏହି ଦେବୀଙ୍କ ଦ୍ୱାରା ହିଁ ଏହି ବିଶ୍ୱବ୍ରହ୍ମାଣ୍ଡ ମୁଗ୍ଧ ହୋଇଛି । ସେ ଏହି ବିଶ୍ୱ ସୃଷ୍ଟି କରନ୍ତି । ଏହାଙ୍କ ନିକଟରେ ପ୍ରାର୍ଥନା କଲେ, ସେ ତୁଷ୍ଟା ହୋଇ ଜ୍ଞାନ ଓ ସମ୍ପଦ ପ୍ରଦାନ କରନ୍ତି । ଏହି ମହାକାଳୀଙ୍କ କର୍ତ୍ତୃକ ଅନନ୍ତ ବିଶ୍ୱ ପରିବ୍ୟାପ୍ତ ହୋଇଅଛି । ଏ ଦେବୀ ମହାପ୍ରଳୟ କାଳରେ ବ୍ରହ୍ମାଦି ଦେବତାମାନଙ୍କୁ ମଧ୍ୟ ଆତ୍ମସାତ୍ କରିଥା'ନ୍ତି ଏବଂ ଖଣ୍ଡପ୍ରଳୟରେ ଏହି ଦେବୀ ହିଁ ସମସ୍ତ ପ୍ରାଣୀଙ୍କୁ ବିନାଶ କରିପକାନ୍ତି । ସୃଷ୍ଟି କାଳରେ ସମସ୍ତ ବିଷୟ ସୃଷ୍ଟି କରନ୍ତି, ପୁଣି ସ୍ଥିତି କାଳରେ ପ୍ରାଣୀମାନଙ୍କୁ ପାଳନ କରନ୍ତି । କିନ୍ତୁ ଏହାଙ୍କର କେବେହେଲେ ଉତ୍ପତ୍ତି ହୁଏନାହିଁ । ଏହି ଦେବୀ ନିତ୍ୟା । ଲୋକମାନଙ୍କର ଅଭ୍ୟୁଦୟ କାଳରେ ଏହି ଦେବୀ ବୃଦ୍ଧିପ୍ରଦା ଲକ୍ଷ୍ମୀ, ପୁଣି ଅଭାବ ସମୟରେ ଅଲକ୍ଷ୍ମୀ ରୂପରେ ବିନାଶ କରିଥା'ନ୍ତି । ଏହାଙ୍କୁ ସ୍ତବ କରି ପୁଷ୍ପ, ଗନ୍ଧ, ଧୂପାଦି ଦ୍ୱାରା ପୂଜା କଲେ ଏ ବିତ୍ତ-ପୁତ୍ରାଦି ଦାନ କରନ୍ତି ଓ ଧର୍ମରେ ଶୁଭ ବୁଦ୍ଧି ପ୍ରଦାନ କରିଥାନ୍ତି ।

"ଆରାଧିତା ସୈବ ନୃଣାଂ ଭୋଗସ୍ୱର୍ଗାପବର୍ଗଦା ।।" (ଶ୍ରୀଚଣ୍ଡୀ)

ଏହି ମହାଶକ୍ତିଙ୍କର ଶରଣାପନ୍ନ ହୋଇ ଏହାଙ୍କୁ ଆରାଧନା କରିପାରିଲେ ଭୋଗ, ସ୍ୱର୍ଗ ଓ ମୁକ୍ତି ଲାଭ ହୋଇଥାଏ ।*

---

* ମହାମାୟାଙ୍କ ଆରାଧନାର କାରଣ ଓ ତତ୍‌ସାଧନୋପାୟ ମତ୍ ପ୍ରଣୀତ 'ଜ୍ଞାନୀଗୁରୁ' ପୁସ୍ତକର 'ମାୟାବାଦ' ଶୀର୍ଷକ ପ୍ରବନ୍ଧରେ ବିସ୍ତାରିତ ଭାବରେ ଲିଖିତ ହୋଇଅଛି । *(ଗ୍ରନ୍ଥକାର)*

ଏକମାତ୍ର ମହାମାୟାଙ୍କ ଆରାଧନା କରି ତାଙ୍କୁ ପ୍ରସନ୍ନା କରିପାରିଲେ, ମୁକ୍ତିର କାରଣ ସ୍ୱରୂପ ସେହି ତତ୍ତ୍ୱଜ୍ଞାନ ଉତ୍ପନ୍ନ ହୁଏ, ଏହା ବୋଧହୁଏ ସମସ୍ତେ ବୁଝିପାରିଛନ୍ତି । ଆମମାନଙ୍କ ଜ୍ଞାନକୁ ଏହି ବିଷୟରୂପିଣୀ ମହାମାୟା ସଂସାରର ସ୍ଥିତି ନିମିତ୍ତ ବିଧ୍ୱଂସ କରି ମମତାବର୍ତ୍ତପୂର୍ଣ୍ଣ ମୋହଗର୍ତ୍ତରେ ନିପତିତ କରନ୍ତି । ସେ ଜ୍ଞାନକୁ ସେହି ଜ୍ଞାନାତୀତା ମହାମାୟ ବଳପୂର୍ବକ ଆକର୍ଷଣ ଓ ହରଣ କରିନେଇ ଜୀବକୁ ସଂମୁଗ୍ଧ କରି ରଖିଛନ୍ତି । ଏହି ପ୍ରକାରରେ ସେ ଏ ଜଗତକୁ ସ୍ଥିର ରଖିଛନ୍ତି । ଅନ୍ୟଥା କିଏ ବା କାହାର ଓ କାହା ନିମିତ୍ତ ବା କିଏ ? ଯଦି ମାୟା ଆବରଣ ଉନ୍ମୁକ୍ତ ହୋଇଯାଏ, ଯଦି ମୋହର-ଚଷମା ଖୋଲିଯାଏ, ତେବେ ସେତେବେଳେ କିଏ କାହାର ପୁତ୍ର, କିଏ କାହାର କନ୍ୟା, କିଏ ବା କାହାର ସ୍ତ୍ରୀ ? ଏହି ମହାମାୟା ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦର ହାଟ ବସାଇ ଜୀବମାନଙ୍କୁ ପ୍ରଲୁବ୍ଧ କରି ଏହି ଭବବିପଣୀରେ ଲୀଳାଖେଳା କରୁଛନ୍ତି । ଏହି ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶର ପ୍ରଲୋଭନରେ ଜୀବ ପ୍ରଧାବିତ ହୋଇ ଘୂରି ମରୁଛି - ଏହାର ଆକର୍ଷଣରେ ସକଳ ଜୀବଗଣ ଉନ୍ମତ୍ତ । ଜୀବର ସାଧ୍ୟ ନାହିଁ ଯେ ସେ ଏହି ନିଶା, ଏହି ଆକୁଳ ତୃଷ୍ଣା ନିବାରଣ କରିପାରିବ । ତେବେ ଯଦି ସେହି ବିଷୟାଧିଷ୍ଠାତ୍ରୀ ଦେବୀ, ସେହି ପରମା ବିଦ୍ୟା, ମୁକ୍ତିର କାରଣସ୍ୱରୂପା ସନାତନୀ ପ୍ରସନ୍ନା ହୁଅନ୍ତି, ତେବେ ଯାଇ ଜୀବ ବନ୍ଧନରୁ ବିମୁକ୍ତ ହୋଇପାରେ । ତେଣୁ ପରମତତ୍ତ୍ୱଜ୍ଞ ମହେଶ୍ୱର କହିଛନ୍ତି—

**"ଶକ୍ତିଜ୍ଞାନଂ ବିନା ଦେବି ମୁକ୍ତିର୍ହାସ୍ୟାୟ କଳ୍ପତେ ।।"**

ଅର୍ଥାତ୍ ଶକ୍ତି-ଉପାସନା ଭିନ୍ନ ମୁକ୍ତିର ଆଶା ହାସ୍ୟଜନକ ଓ ବୃଥା । ଶକ୍ତି-ଉପାସନା ସେହି ବ୍ରହ୍ମରୂପିଣୀ ମହାମାୟାଙ୍କ ସାଧନା । ତାଙ୍କରି ସାଧନା କରି ସାଧକ ପ୍ରକୃତିର ଯେଉଁ ସୁଖ-ଲାଳସା, ତାହା ଉପଭୋଗ କରି ମୋହାବର୍ତ୍ତ ବିନଷ୍ଟ କରିଥା'ନ୍ତି । ପ୍ରକୃତିର ରସ ଉପଭୋଗ କରି ମାୟାର ବନ୍ଧନ, ଆକର୍ଷଣର ଆକୁଳତା ବିନଷ୍ଟ କରି ଶକ୍ତି-ସାଧନାରେ ଉତ୍ତୀର୍ଣ୍ଣ ହୋଇପାରିଲେ, ସାଧକ ବ୍ରହ୍ମସାୟୁଜ୍ୟ ଲାଭ କରିପାରନ୍ତି ।

ପ୍ରଥମେ ସଦ୍‌ଗୁରୁଙ୍କ ନିକଟରୁ ଦେବୀଙ୍କ ମନ୍ତ୍ର ଗ୍ରହଣ ପୂର୍ବକ କାୟମନୋବାକ୍ୟରେ ତାଙ୍କୁ ଆଶ୍ରୟ କରିବ । ସର୍ବଦା ତାଙ୍କଠାରେ ମନୋବିଧାନର

ଚେଷ୍ଟା କରିବ ଏବଂ ତଦ୍‌ଗତପ୍ରାଣ ହେବ । ସର୍ବଦା ତାଙ୍କ ପ୍ରସଙ୍ଗ, ତାଙ୍କ ଗୁଣଗାନ ଓ ତାଙ୍କ ନାମଜପରେ ସମୁତ୍ସୁକ ହେବ । ଯେଉଁ ଉତ୍ତମ ସାଧକ ମୁକ୍ତି ଇଚ୍ଛା କରିବେ, ସେ ତଦ୍‌ଭକ୍ତିପରାୟଣ ହୋଇ ତାଙ୍କରି ପୂଜାଦି ପ୍ରସଙ୍ଗରେ ପ୍ରୀତିଯୁକ୍ତ ମାନସ ହେବେ । ନିଜେ ନିଜ ବର୍ଣ୍ଣାଶ୍ରମୋଚିତ ଓ ବେଦବିହିତ ଏବଂ ଶ୍ରୁତି-ଅନୁମୋଦିତ ପୂଜା-ଯଜ୍ଞାଦି ଦ୍ୱାରା ତାଙ୍କରି ଅର୍ଚ୍ଚନା କରିବେ ଅର୍ଥାତ୍ କାମନା ବିରହିତ ହୋଇ ଦେବୀଙ୍କ ପ୍ରୀତି ସମ୍ପାଦନ ନିମିତ୍ତ ଏହି ସମସ୍ତ କ୍ରିୟାନୁଷ୍ଠାନ କରିବେ । କାରଣ—

**"ଜ୍ଞାନାତ୍ ସଂଜାୟତେ ମୁକ୍ତିର୍ଭକ୍ତିର୍ଜ୍ଞାନସ୍ୟ କାରଣମ୍ ।**
**ଧର୍ମାତ୍ ସଂଜାୟତେ ଭକ୍ତିର୍ଧର୍ମୋ ଯଜ୍ଞାଦିକୋ ମତଃ ।।"**

**—ଭଗବତୀ ଗୀତା**

ଯଜ୍ଞାଦି ଦ୍ୱାରା ଧର୍ମ ଲାଭ, ଧର୍ମରୁ ଭକ୍ତି, ଭକ୍ତିରୁ ଜ୍ଞାନ ଏବଂ ଜ୍ଞାନରୁ ମୁକ୍ତି ଲାଭ ହୋଇଥାଏ ।

ଅତଏବ, ଧର୍ମ ନିମିତ୍ତ ମୁମୁକ୍ଷୁ ବ୍ୟକ୍ତିମାନେ ଯଜ୍ଞ, ତପସ୍ୟା ଓ ଦାନଦ୍ୱାରା ଦେବୀଙ୍କ ଉପାସନା କରିବେ । ତଦ୍ଦ୍ୱାରା ଯେତେବେଳେ କ୍ରମଶଃ ଭକ୍ତି ଦୃଢ଼ତର ହେବ, ତାହାପରେ ଯାଇ ତତ୍ତ୍ୱଜ୍ଞାନର ଉଦୟ ହେବ ଏବଂ ସେହି ତତ୍ତ୍ୱଜ୍ଞାନ ଦ୍ୱାରା ମୁକ୍ତିଲାଭ ସମ୍ଭବ ହେବ । ଏହିପରି ଶାସ୍ତ୍ରବିଧି-ବିହିତ କର୍ମ କରି ଯେତେବେଳେ ଅନ୍ତଃକରଣ ନିର୍ମଳ ଭାବ ଧାରଣ କରିବ, ସେତେବେଳେ ଆତ୍ମଜ୍ଞାନ ଉଦ୍ଦୀପ୍ତ ହୋଇ ସର୍ବଦା ଇଚ୍ଛା ହେବ ଯେ କେତେ ଦିନ ପରେ ମୁଁ ସେହି ପରମଧନଙ୍କୁ ଲାଭ କରିବି ? ସେତେବେଳେ ଯାବତୀୟ ଜଗତର ଏବଂ ସମସ୍ତଙ୍କ ପ୍ରତି (ସ୍ତ୍ରୀ-ପୁତ୍ରାଦିଙ୍କ ପ୍ରତି) ଘୃଣାଭାବ ଜାତ ହେବ । ଯହିଁରେ ଦେବୀଙ୍କ ସଚ୍ଚିଦାନନ୍ଦ ସ୍ୱରୂପ ନିତ୍ୟ ବିଗ୍ରହରେ ମନୋନିବେଶ ହୁଏ, ତଦୁପଯୋଗୀ ବେଦାନ୍ତାଦି ଶାସ୍ତ୍ରାଲୋଚନାରେ ମନୋନିବେଶ ହେବ । ଶ୍ରୀଗୁରୁଙ୍କ ଉପଦେଶ ସହକାରେ ଏହି ସବୁ ଅଧ୍ୟାତ୍ମ-ଶାସ୍ତ୍ରର ଆଲୋଚନା କରୁ କରୁ ତାଙ୍କର ନିତ୍ୟ କଳେବର ସେହି ଅପାର ଆନନ୍ଦ-ସାଗର କେତେବେଳେ ଅତି ଅଳ୍ପକାଳ ନିମିତ୍ତ ଅନ୍ତଃକରଣରେ ସ୍ପର୍ଶ ହେଲେ, ସେତିକିରେ ଜଗତର ଯାବତୀୟ ପଦାର୍ଥ ନଗଣ୍ୟ ଜଘନ୍ୟସୁଖର କାରଣ ବୋଲି ବୋଧ ହେବ । ସେଥିପାଇଁ ଅନ୍ୟ କୌଣସି ବସ୍ତୁରେ ଅଭିଳାଷ

ରହିବ ନାହିଁ । ସୁତରାଂ କାମନା ପରିତ୍ୟାଗ ସ୍ୱତଃ ହୋଇଯିବ । ସମୁଦାୟ ଜୀବ ପଦାର୍ଥ ମଧ୍ୟରେ ସାଧକ ଦେବୀଙ୍କର ସତ୍ତା ନିଶ୍ଚିତ ଭାବରେ ଅନୁଭବ କରି ସମସ୍ତ ଜୀବଜଗତ ପ୍ରତି ପରମ ପ୍ରୀତିସମ୍ପନ୍ନ ଓ ଯତ୍ନସମ୍ପନ୍ନ ହେବେ । ସୁତରାଂ ହିଂସାଭାବ ସ୍ୱତଃ ତିରୋହିତ ହୋଇଯିବ । ଏହିଭଳି ଭାବାପନ୍ନ ହେଲାକ୍ଷଣି ତତ୍ତ୍ୱବିଦ୍ୟା ଆବିର୍ଭୂତା ହୁଅନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ତତ୍ତ୍ୱଜ୍ଞାନ ଉଦୟ ହେଲାକ୍ଷଣି ତାଙ୍କର ନିତ୍ୟାନନ୍ଦ-ବିଗ୍ରହ ଯେ ପରମାତ୍ମଭାବ, ତାହା ହିଁ ସାକ୍ଷାତ୍ ଦୃଷ୍ଟିଗୋଚର ହୋଇଥାଏ । ଏତିକି ଅନୁଭୂତି ଲାଭ ହେବାମାତ୍ରେ ସାଧକ ଜୀବନ୍ମୁକ୍ତି ଲାଭ କରିଥା'ନ୍ତି ।

''ନିର୍ଗୁଣା ସଗୁଣା ଚେତି ଦ୍ୱିଧା ପ୍ରୋକ୍ତା ମନୀଷିଭିଃ ।
ସଗୁଣା ରାଗିଭିଃ ସେବ୍ୟା ନିର୍ଗୁଣା ତୁ ବିରାଗିଭିଃ ।।'' (ଦେବୀ ଭାଗବତ)

ସେହି ପରଂବ୍ରହ୍ମସ୍ୱରୂପିଣୀ ସଚ୍ଚିଦାନନ୍ଦମୟୀ ପରାଶକ୍ତି ଦେବୀଙ୍କୁ ବ୍ରହ୍ମବାଦୀ ମନୀଷୀମାନେ ସଗୁଣ ଓ ନିର୍ଗୁଣ ଭେଦରେ ଦୁଇ ପ୍ରକାର ବୋଲି କୀର୍ତ୍ତନ କରିଅଛନ୍ତି । ସେଥିମଧ୍ୟରୁ ସଂସାରାସକ୍ତ ସକାମ ସାଧକମାନେ ତାଙ୍କର ସଗୁଣ ଭାବ ଏବଂ ବାସନାବର୍ଜ୍ଜିତ ଜ୍ଞାନ ବୈରାଗ୍ୟପୂର୍ଣ୍ଣ ନିର୍ମଳଚେତା ଯୋଗୀମାନେ ନିର୍ଗୁଣଭାବ ସମାଶ୍ରୟପୂର୍ବକ ଉପାସନା କରିଥା'ନ୍ତି । ତାହାର କାରଣ ଦେବୀଙ୍କ ବାକ୍ୟ ଦ୍ୱାରା ମୀମାଂସିତ ହେବ । ଗିରିରାଜଙ୍କ ପ୍ରଶ୍ନରେ ପାର୍ବତୀ କହିଛନ୍ତି, ''ହେ ପିତଃ ! ସହସ୍ର ସହସ୍ର ମନୁଷ୍ୟଙ୍କ ମଧ୍ୟରେ କେହି କ୍ୱଚିତ୍ ମୋ'ଠାରେ ଭକ୍ତିଯୁକ୍ତ ହୁଅନ୍ତି । ସହସ୍ର ସହସ୍ର ଭକ୍ତିଯୁକ୍ତ ବ୍ୟକ୍ତିଙ୍କ ମଧ୍ୟରେ କେହି ଅବା ମୋ ସମ୍ବନ୍ଧରେ ତତ୍ତ୍ୱଜ୍ଞ ହୋଇଥା'ନ୍ତି । ମୋର ଯେଉଁ ରୂପ ପରମ ସୂକ୍ଷ୍ମ, ସୁନିର୍ମଳ, ନିର୍ଗୁଣ, ନିରାକାର, ଜ୍ୟୋତିଃସ୍ୱରୂପ, ସର୍ବବ୍ୟାପୀ ଅଥଚ ନିରଂଶ, ବାକ୍ୟାତୀତ, ସମସ୍ତ ଜଗତର ଅଦ୍ୱିତୀୟ କାରଣସ୍ୱରୂପ, ସମସ୍ତ ଜଗତର ଆଧାର, ନିରାଲମ୍ବ, ନିର୍ବିକଳ୍ପ, ନିତ୍ୟ-ଚୈତନ୍ୟ, ନିତ୍ୟାନନ୍ଦମୟ, ମୋର ସେହି ରୂପକୁ ମୁମୁକ୍ଷୁ ବ୍ୟକ୍ତିମାନେ ଦେହବନ୍ଧନ-ମୁକ୍ତି ନିମିତ୍ତ ଅବଲମ୍ବନ କରିଥା'ନ୍ତି । ହେ ରାଜନ୍ ! ମାୟାମୁଗ୍ଧ ବ୍ୟକ୍ତିମାନେ ସର୍ବଗତ ଅଦ୍ୱୈତ-ସ୍ୱରୂପ ମୋର ଅବ୍ୟୟ ସ୍ୱରୂପକୁ ଜାଣିପାରନ୍ତି ନାହିଁ । କିନ୍ତୁ ଯେଉଁମାନେ ଭକ୍ତିପୂର୍ବକ ମୋତେ ଭଜନ କରନ୍ତି, ସେହିମାନେ ହିଁ

ମୋର ପରମରୂପ ଅବଗତ ହୋଇ ମାୟାଜାଲରୁ ଉତ୍ତୀର୍ଣ୍ଣ ହୋଇଥା'ନ୍ତି । ହେ ଭୂଧର ! ସୂକ୍ଷ୍ମରୂପ ଭଳି ସ୍ଥୂଳରୂପରେ ମଧ୍ୟ ମୁଁ ଏହି ସମସ୍ତ ବିଶ୍ୱ ପରିବ୍ୟାପ୍ତ କରି ରହିଅଛି । ସୁତରାଂ ସମସ୍ତ ରୂପ ହିଁ ମୋର ସ୍ଥୂଳ ରୂପ ମଧ୍ୟରେ ଗଣ୍ୟ । ତଥାପି ମୋର ଦୈବୀ ମୂର୍ତ୍ତିର ଆରାଧନା କରିବାକୁ ହେବ । କାରଣ ଏହାହିଁ ଶୀଘ୍ର ମୁକ୍ତିଦାନ କରିବାକୁ ସମର୍ଥ । ଯଥା—

**"ମହାକାଳୀ ତଥା ତାରା ଷୋଡ଼ଶୀ ଭୁବନେଶ୍ୱରୀ ।**
**ଭୈରବୀ ବଗଳା ଛିନ୍ନମସ୍ତା ମହାତ୍ରିପୁରସୁନ୍ଦରୀ ॥**
**ଧୂମାବତୀ ଚ ମାତଙ୍ଗୀ ନୃଣାମାଶୁ ବିମୁକ୍ତିଦ ॥" (ଭଗବତୀ ଗୀତା)**

ଏହି କେତୋଟି ମୂର୍ତ୍ତି ମଧରେ ଯେ କୌଣସି ଗୋଟିଏ ମୂର୍ତ୍ତିକୁ ଦୃଢ଼ ଭକ୍ତିପୂର୍ବକ ଉପାସନା କରିପାରିଲେ, ଶୀଘ୍ର ମୁକ୍ତିଲାଭ ହୋଇଥାଏ । ପ୍ରଥମେ କ୍ରିୟାଯୋଗ ଦ୍ୱାରା ଉପାସନା କରୁ କରୁ ଯେତେବେଳେ ଗାଢ଼ତର ଭକ୍ତିର ଉଦୟ ହେବ, ସେତେବେଳେ ପରମାତ୍ମା-ସ୍ୱରୂପରେ ମୋର ସୂକ୍ଷ୍ମ ରୂପରେ ଦୃଢ଼ ବିଶ୍ୱାସ ହେତୁ କେବେ କେବେ ସେହି ରୂପ ଅବଲୋକିତ ହେବାରୁ ଜଗତର ଅନ୍ୟ କୌଣସି ରମଣୀୟ ବସ୍ତୁ ତା ଅପେକ୍ଷା ଅଧିକ ରମଣୀୟ ବୋଲି ବୋଧ ହେବନାହିଁ । ଜଗତର କୌଣସିଲାଭ ତା ଠାରୁ ଅଧିକ ଲାଭ ବୋଲି ମନେ ହେବନାହିଁ । ସେଥିରେ କ୍ରମେ ମୋତେ ପ୍ରାପ୍ତ ହୋଇ ସେହି ସାଧକମାନେ ଦୁଃଖାଳୟ ଅନିତ୍ୟ ପୁନର୍ଜନ୍ମ ଆଉ ଭୋଗ କରିବେ ନାହିଁ । ଅନନ୍ୟମନା ହୋଇ ଯେଉଁ ବ୍ୟକ୍ତି ମୋତେ ସର୍ବଦା ସ୍ମରଣ କରନ୍ତି, ମୁଁ ତାଙ୍କୁ ଏହି ଦୁସ୍ତର ସଂସାରସାଗରରୁ ନିଶ୍ଚୟ ଉଦ୍ଧାର କରିଥାଏଁ । ଅନନ୍ୟଚେତା ହୋଇ ମୋର ଯେଉଁ ରୂପରେ ଭଜନ କରନ୍ତୁ ବା କାହିଁକି ତାହା ଦ୍ୱାରା ନିଶ୍ଚୟ ମୁକ୍ତିଲାଭ ହେବ । କିନ୍ତୁ ଶୀଘ୍ର ମୁକ୍ତିଲାଭ କରିବା ନିମିତ୍ତ ଶକ୍ତିମୟରୂପକୁ ଆଶ୍ରୟ କରିବା କର୍ତ୍ତବ୍ୟ । ଅତଏବ ପିତଃ ! ଆପଣ ମୋର ଯେକୌଣସି ଶକ୍ତିମୟ ରୂପକୁ ଆଶ୍ରୟପୂର୍ବକ ସେଥିରେ ଭକ୍ତି ସ୍ଥାପନ କରି ସର୍ବଦା ମୋ'ଠାରେ ଅନ୍ତଃକରଣ ଅଭିନିବେଶ କରନ୍ତୁ, ତାହାହେଲେ ମୋତେ ଲାଭ କରିପାରିବେ ।"

ମୋଟ କଥା ହେଲା ଯେ, ସ୍ଥୂଳରୂପର ଚିନ୍ତା ନ କରି ସୂକ୍ଷ୍ମରୂପକୁ ହୃଦୟରେ ଧାରଣ କରିବାକୁ କେହି ହେଲେ ସକ୍ଷମ ହୋଇପାରନ୍ତି ନାହିଁ । ଯେଉଁ ସୂକ୍ଷ୍ମରୂପ

ଦର୍ଶନ ମାତ୍ରକେ ମନୁଷ୍ୟମାନେ ମୋକ୍ଷଧାମର ଅଧିକାରୀ ହୁଅନ୍ତି, ଯେ ପର୍ଯ୍ୟନ୍ତ ସ୍ଥୂଳରୂପରେ ଚିନ୍ତାନୈପୁଣ୍ୟ ଜାତ ନ ହୋଇଛି, ସେ ପର୍ଯ୍ୟନ୍ତ ସେହି ସୂକ୍ଷ୍ମରୂପକୁ ଧ୍ୟାନ କରିବା ନିମିତ୍ତ ଅନ୍ତଃକରଣ ସକ୍ଷମ ହୋଇପାରେ ନାହିଁ । ଅତଏବ, ମୁମୁକ୍ଷୁ ବ୍ୟକ୍ତିମାନେ ପ୍ରଥମେ ସ୍ଥୂଳରୂପ ଅବଲମ୍ବନପୂର୍ବକ କ୍ରିୟାଯୋଗ ଏବଂ ଧ୍ୟାନଯୋଗ ଦ୍ୱାରା ବିଧିବିଧାନରେ ସେହି ରୂପର ଅର୍ଚ୍ଚନା କରି କ୍ରମେ କ୍ରମେ ସୂକ୍ଷ୍ମରୂପ ଅବଲୋକନ କରିଥାନ୍ତି ।

ଏପର୍ଯ୍ୟନ୍ତ ଯେତେଦୂର ଆଲୋଚିତ ହେଲା, ତାହାର ମର୍ମକଥା ହେଲା ଯେ, ଉପାସନା ନ କଲେ ମନୁଷ୍ୟ ସିଦ୍ଧିଲାଭ କରିପାରେ ନାହିଁ । କିନ୍ତୁ ନିର୍ଗୁଣ ବ୍ରହ୍ମ ଶରୀରରହିତ, ସୁତରାଂ କିଭଳି ବା ତାଙ୍କର ଉପାସନା ହୋଇପାରେ ? ତେଣୁ ଚିଦ୍‌ସ୍ୱରୂପ ଅଦ୍ୱିତୀୟ, ମାୟା-ପରିଶୂନ୍ୟ ଏବଂ ଅଶରୀରୀ ବ୍ରହ୍ମ-ଉପାସକମାନଙ୍କର ଉପାସନାର ସୌକର୍ଯ୍ୟ ନିମିତ୍ତ କାଳୀ, ଦୁର୍ଗା, ଅନ୍ନପୂର୍ଣ୍ଣା ପ୍ରଭୃତି ସ୍ତ୍ରୀରୂପ ଓ ଶିବ, ବିଷ୍ଣୁ ପ୍ରଭୃତି ପୁରୁଷରୂପ ପରିଗ୍ରହ କରିଛନ୍ତି । ସ୍ତ୍ରୀ-ମୂର୍ତ୍ତିର ଅର୍ଥାତ୍ ଦେବୀଙ୍କର ଅନ୍ତଃକରଣ ଅତିଶୟ କୋମଳ, ସୁତରାଂ ସାଧକଙ୍କର ଦୁର୍ଗତି ଦେଖିଲେ ସେ ସହଜରେ ଦୟାପ୍ରବଣ ହୋଇଥା'ନ୍ତି, କିନ୍ତୁ ପୁରୁଷବିଗ୍ରହ ଅତିଶୟ କଠୋର ତପସ୍ୟା କଲେ ଦୟା କରିଥାନ୍ତି । ଅନ୍ୟ ଦେବତାଙ୍କ ଉପାସକମାନଙ୍କ ମଧ୍ୟରୁ କେହି ବା ମୁକ୍ତିଲାଭ କରନ୍ତି, କେହି ବା ଅତୁଳ ଭୋଗସୁଖ ପ୍ରାପ୍ତ ହୁଅନ୍ତି, କିନ୍ତୁ ଦେବୀ-ଉପାସକମାନଙ୍କର ଭୁକ୍ତି ଓ ମୁକ୍ତି ଉଭୟ ହିଁ କରତଳଗତ । ଅତଏବ, ସମସ୍ତେ ଏହି ମହାଶକ୍ତି ଦେବୀଙ୍କ ଆରାଧନା କରିବା କର୍ତ୍ତବ୍ୟ । କାରଣ ସେଥିରେ ଶୀଘ୍ର ଫଳଲାଭ ହୋଇଥାଏ । ଏହି ମହାଶକ୍ତି ବିଦ୍ୟା ଓ ଅବିଦ୍ୟା ଭେଦରେ ଦ୍ୱିବିଧ । ବିଦ୍ୟା, ଅବିଦ୍ୟା ଉଭୟେ ମାୟାକଳ୍ପିତ । ଯେ ବନ୍ଧନର କାରଣ, ସେ ଅବିଦ୍ୟା ଏବଂ ଯେ ମୁକ୍ତିର କାରଣ, ସେ ବିଦ୍ୟା ନାମରେ କୀର୍ତ୍ତିତା । ବିଦ୍ୟାକୁ ସର୍ବଦା ସେବା କରିବା ଦରକାର, କେବେହେଲେ ଅବିଦ୍ୟାସେବୀ ହେବା ଉଚିତ୍ ନୁହେଁ । କାରଣ ଅବିଦ୍ୟା କର୍ମ ଦ୍ୱାରା ବନ୍ଧନ ସୃଷ୍ଟି ହୋଇ ଜ୍ଞାନକୁ ବିନଷ୍ଟ କରିପକାଏ । ଜ୍ଞାନ ନଷ୍ଟ ହେଲେ ଜୀବର ଅଶେଷ କ୍ଷତି ଘଟେ । କ୍ଷତି ଘଟିଲେ ସଂହାର, ସଂହାରରୁ ଘୋର ଏବଂ 'ଘୋର'ରୁ ନରକଗତି ହୋଇଥାଏ । ଅତଏବ, କେବେହେଲେ ଅବିଦ୍ୟାର ସେବା କରିବା ଉଚିତ ନୁହେଁ । ଯେ ବିଦ୍ୟା,ସେହି ହିଁ

ମହାମାୟା, ତାହାକୁ ପଣ୍ଡିତମାନେ ସର୍ବଦା ସେବା କରିବା ଦରକାର । ଏହା ମଧ୍ୟରେ ନିଜ ନିଜ ଅଧିକାର ଅନୁସାରେ ଦେବୀଙ୍କର ସଚ୍ଚିଦାନନ୍ଦରୂପିଣୀ ନିଷ୍କଳ ବ୍ରହ୍ମରୂପରେ ଅଥବା ଦେବୀ ସ୍ଥୂଳମୂର୍ତ୍ତିର ଉପାସନା କରିବା ବିଧେୟ । ଦେବୀଙ୍କର ଉତ୍କୃଷ୍ଟ ସୂକ୍ଷ୍ମରୂପ କେହିହେଲେ ଧ୍ୟାନଧାରଣାର ବିଷୟୀଭୂତ କରିପାରନ୍ତି ନାହିଁ, କେବଳ ନିର୍ମଳଚେତା ଯୋଗୀମାନେ ନିର୍ବିକଳ୍ପ ସମାଧିଯୋଗରେ ତାହା ଉପଲବ୍ଧି କରିଥାନ୍ତି । ଯଥା—

**"ଏକଂ ସର୍ବଗତଂ ସୂକ୍ଷ୍ମଂ କୂଟସ୍ଥମଚଳଂ ଧ୍ରୁବମ୍ ।**
**ଯୋଗିନସ୍ତଂ ପ୍ରପଶ୍ୟନ୍ତି ମହାଦେବ୍ୟାଃ ପରଂ ପଦମ୍ ॥**
**ପରାତ୍ ପରତରଂ ତତ୍ତ୍ୱଂ ଶାଶ୍ୱତଂ ଶିବମଚ୍ୟୁତମ୍ ।**
**ଅନନ୍ତପ୍ରକୃତୌ ଲୀନଂ ଦେବ୍ୟାସ୍ତତ୍ ପରମଂ ପଦମ୍ ॥**
**ଶୁଭ୍ରଂ ନିରଞ୍ଜନଂ ଶୁଦ୍ଧଂ ନିର୍ଗୁଣଂ ଦୈନ୍ୟବର୍ଜ୍ଜିତମ୍ ।**
**ଆତ୍ମୋପଲବ୍ଧିବିଷୟଂ ଦେବ୍ୟାସ୍ତତ୍ ପରମଂ ପଦମ୍ ॥" (କୂର୍ମପୁରାଣ)**

ସେ ଏକମାତ୍ର ଅଦ୍ୱିତୀୟ, ସର୍ବତ୍ରଗାମୀ, ନିତ୍ୟ କୂଟସ୍ଥ ଚୈତନ୍ୟସ୍ୱରୂପ । କେବଳ ଯୋଗୀମାନେ ହିଁ ତାଙ୍କର ସେହି ନିରୂପାଧିକ ସ୍ୱରୂପ ଦର୍ଶନ କରିବାକୁ ସମର୍ଥ । ପ୍ରକୃତିପରିଲୀନ, ଅନନ୍ତମଙ୍ଗଳସ୍ୱରୂପ ଦେବୀଙ୍କର ସେହି ପରାତ୍ପର ତତ୍ତ୍ୱ ଓ ପରମପଦ ଯୋଗୀମାନେ ହିଁ ନିଜ ହୃଦୟକମଳ ମଧ୍ୟରେ ସାକ୍ଷାତ୍କାର କରିଥାଆନ୍ତି । ଦେବୀଙ୍କର ସେହି ଅତୀବ ନିର୍ମଳ, ସତତ ବିଶୁଦ୍ଧ, ସର୍ବଦୀନତାଦି-ଦୋଷ-ବର୍ଜ୍ଜିତ, ନିର୍ଗୁଣ, ନିରଞ୍ଜନ, କେବଳ ଆତ୍ମୋପଲବ୍ଧିର ବିଷୟ, ପରମଧାମ ଏକମାତ୍ର ବିମଳଚେତା ଯୋଗେଶ୍ୱର ପୁରୁଷମାନେ ହିଁ ଦର୍ଶନ କରିଥା'ନ୍ତି ।*

ଅତଏବ, ସାଧାରଣଙ୍କ ନିମିତ୍ତ କାଳୀ ପ୍ରଭୃତି ସ୍ଥୂଳରୂପର ଉପାସନା ବିଧିବଦ୍ଧ ହୋଇଅଛି । ମୁଁ ମଧ୍ୟ ଏହି ଗ୍ରନ୍ଥରେ ତଦ୍‌ବିଷୟ ବିବୃତ କରିବି ।

---

* ଦେବୀଙ୍କ ଯୋଗୋକ୍ତ ସାଧନୋପାୟ ମତ୍‌ପ୍ରଣୀତ 'ଜ୍ଞାନୀଗୁରୁ' ପୁସ୍ତକର 'ସାଧନକାଣ୍ଡ'ରେ ଦ୍ରଷ୍ଟବ୍ୟ ।
— ଗ୍ରନ୍ଥକାର

# ଦେବମୂର୍ତ୍ତିଙ୍କ ତତ୍ତ୍ୱ

ଭକ୍ତମାନଙ୍କୁ ମୋକ୍ଷ ପ୍ରଦାନ କରିବା ନିମିତ୍ତ ଉପାସନାର ସୌକର୍ଯ୍ୟ ପାଇଁ ଭକ୍ତବତ୍ସଳ ନିରାକାର ପରଂବ୍ରହ୍ମ ଆକାର ପରିଗ୍ରହ କରିଛନ୍ତି । ଯଥା —

''ସର୍ବେଷାମେବ ମର୍ତ୍ତ୍ୟାନାଂ ବିଭୋର୍ଦ୍ଦିବ୍ୟବପୁଃ ଶୁଭମ୍ ।
ସକଳଂ ଭାବନାଯୋଗ୍ୟଂ ଯୋଗିନାମପି ନିଷ୍କଳମ୍ ।।'' (ଲିଙ୍ଗାର୍ଚ୍ଚନତନ୍ତ୍ର)

ଅର୍ଥାତ୍ କର୍ମଯୋଗଶାଳୀ, ଜ୍ଞାନଯୋଗଶାଳୀ ଓ ଭକ୍ତିଯୋଗଶାଳୀ ମନୁଷ୍ୟମାନଙ୍କର ଭାବନାଯୋଗ୍ୟ ସୁନ୍ଦର ଶରୀର ବ୍ରହ୍ମଙ୍କର ଅଛି । ସୁତରାଂ ବ୍ରହ୍ମଙ୍କର ଆବାସଯୋଗ୍ୟ ରମଣୀୟ ପୁରୀ ମଧ୍ୟ ଅଛି । ସେହି ପୁରୀ ପରମ ରମ୍ୟ ଓ ସୁଷୁପ୍ତ । ଅର୍ଥାତ୍ ଲୋକମାନଙ୍କର ଜାଗ୍ରତ ଅବସ୍ଥା ଅପେକ୍ଷା ସ୍ୱପ୍ନାବସ୍ଥା ଯେପରି ଅଧିକତର ଗୁପ୍ତ ଏବଂ ଅଧିକତର ଆଶ୍ଚର୍ଯ୍ୟର ଭୂମି, ସୁଷୁପ୍ତି ଅବସ୍ଥା ପୁଣି ତାହା ଅପେକ୍ଷା ଗୁପ୍ତତମ ଏବଂ ଅତ୍ୟାଶ୍ଚର୍ଯ୍ୟଦର୍ଶନୀୟ । ଆଦ୍ୟାଶକ୍ତିଙ୍କ ପୁରୀ ମଧ୍ୟ ସେହିଭଳି ଗୁପ୍ତତମ ଓ ଅତି ଆଶ୍ଚର୍ଯ୍ୟଦର୍ଶନୀୟ । ସେହି ପୁରୀ ଚତୁର୍ଦ୍ଦ୍ୱାରଯୁକ୍ତ, ତାହାର ରତ୍ନମୟ ତୋରଣପ୍ରାକାରସକଳ ବା ପ୍ରାଚୀରମାନ ରତ୍ନଖଚିତ, ଚତୁର୍ଦ୍ଦିଗ ମୁକ୍ତାମାଳାରେ ପରିଶୋଭିତ, ବିଚିତ୍ର ଧ୍ୱଜପତାକାମାନ ଅତିଶୟ ଅଳଙ୍କୃତ । ଆରକ୍ତ ନେତ୍ର ସହସ୍ର ସହସ୍ର ଭୈରବ ଖଟ୍ୱାଙ୍ଗ ଧାରଣପୂର୍ବକ ଦ୍ୱାରଦେଶର ରକ୍ଷାକାର୍ଯ୍ୟରେ ନିଯୁକ୍ତ । ଦେବୀଙ୍କ ଆଜ୍ଞା ବ୍ୟତୀତ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ମଧ୍ୟ ସେ ଦ୍ୱାର ସମୁଲ୍ଲଙ୍ଘନ କରିପାରନ୍ତି ନାହିଁ । ପୁରୀ ମଧ୍ୟରେ କଳ୍ପପାଦପସମୂହ ଫଳପୁଷ୍ପଭାରରେ ନତଶାଖ ହୋଇ ଭକ୍ତମାନଙ୍କୁ ଧର୍ମାର୍ଥ, କାମ, ମୋକ୍ଷ ପ୍ରଭୃତି ଫଳ ପ୍ରଦାନ କରୁଛନ୍ତି । ସେହି ସୁବିସ୍ତୀର୍ଣ୍ଣ ପୁରୀର ଉତ୍ତର ପ୍ରଦେଶରେ ଅତି ବୃହତ୍ ପାରିଜାତ ଉଦ୍ୟାନ । ସେହି ଉଦ୍ୟାନ ସର୍ବଦା ପ୍ରଫୁଲ୍ଲକୁସୁମ-ସମାକୀର୍ଣ୍ଣ, ବିଚିତ୍ର ଭ୍ରମରମାଳା ପୁଷ୍ପରୁ ପୁଷ୍ପାନ୍ତରକୁ ଉଡ଼ି ବୁଲୁଥା'ନ୍ତି । ସେଠାରେ ବସନ୍ତ ଋତୁ ସର୍ବଦା ବିରାଜମାନ ଓ ମନ୍ଦ ମନ୍ଦ ବାୟୁ ସର୍ବଦା ବହମାନ । ବ୍ରହ୍ମାଦି ଦେବତାମାନେ ନାନାବିଧ ପକ୍ଷୀ ରୂପ ଧାରଣପୂର୍ବକ ମଧୁର ଶବ୍ଦରେ କାଳୀଙ୍କ ଗୁଣଗାନରେ କାଳଯାପନ କରୁଛନ୍ତି । ପୂର୍ବ-ଦିଗରେ ଚାରୁତର ଗୋଟିଏ ସରୋବର, ତାହାର ଚତୁଃପାର୍ଶ୍ୱରେ ସ୍ୱର୍ଣ୍ଣମୟ କମଳ-କହ୍ଲାରକୁମୁଦାଦି ବିରାଜିତ । ଏଗୁଡ଼ିକ ବିଚିତ୍ର

ମଧୁପ-ଶ୍ରେଣୀଯୁକ୍ତ ହୋଇ ବାୟୁ ସଞ୍ଚାଳନରେ ମନ୍ଦ ମନ୍ଦ ସଞ୍ଚାଳିତ । ପୁଳୀନଦେଶ ବିବିଧ ପୁଷ୍ପରେ ମନୋହର ଶୋଭାନ୍ୱିତ, ଚତୁର୍ଦ୍ଦିଗ ମଣିମୟ ସୋପାନଯୁକ୍ତ ତୀର୍ଥ-ଚତୁଷ୍ଟୟରେ ସୁଶୋଭିତ । ପୁରୀର ସମ-ମଧ୍ୟସ୍ଥଳରେ ସୁରମ୍ୟ ବାସଗୃହ ନାନା ରତ୍ନରେ ବିନିର୍ମିତ ଓ ସୁବର୍ଣ୍ଣବେଷ୍ଟିତ ମଣିମୟ ଏକଶତ ସ୍ତମ୍ଭଯୁକ୍ତ । ସେହି ମଣିମନ୍ଦିରର ଅଭ୍ୟନ୍ତରରେ ଗୋଟିଏ ସୁବିସ୍ତୀର୍ଣ୍ଣ ରତ୍ନସିଂହାସନ ଅୟୁତ ସିଂହଙ୍କ ମସ୍ତକ ଉପରେ ଦେଦୀପ୍ୟମାନ ରହିଅଛି । ସେହି ସିଂହାସନର ଉପରିଭାଗରେ ଗୋଟିଏ ସୁଦୀର୍ଘ ଶବ ଶୟାନ ରହିଅଛି, ସେହି ଶବ ଉପରେ ପରମେଶ୍ୱରୀ ମହାକାଳୀ ସମବସ୍ଥିତା ଅଛନ୍ତି । ସେହି ବ୍ରହ୍ମରୂପିଣୀ ସ୍ୱେଚ୍ଛାକ୍ରମେ କୋଟି କୋଟି ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି ଏବଂ ପ୍ରଳୟ  ସମ୍ପାଦନ କରନ୍ତି । ବିଜୟା ପ୍ରଭୃତି ଚତୁଃଷଷ୍ଟୀ ଯୋଗିନୀ ତାଙ୍କରି ପରିଚର୍ଯ୍ୟାନିରତ । ଏହି ଦେବୀଙ୍କ ଦକ୍ଷିଣ ଭାଗରେ ସଦାଶିବ ମହାକାଳ ରହିଛନ୍ତି । ମହାକାଳଙ୍କ ସହିତ ମହାକାଳୀ ହୃଷ୍ଟଚିତ୍ତା ହୋଇ ସର୍ବଦା ଯଦୃଚ୍ଛା ବିହାର କରୁଛନ୍ତି । ଶାସ୍ତ୍ରରେ ଦେବୀଙ୍କର ଏହି ପ୍ରକାର ଧ୍ୟାନ ବର୍ଣ୍ଣିତ ହୋଇଅଛି । ଯଥା —

**"ମେଘାଙ୍ଗୀଂ ଶଶିଶେଖରାଂ ତ୍ରିନୟନାଂ ରକ୍ତାମ୍ବରଂ ବିଭ୍ରତୀଂ**
**ପାଣିଭ୍ୟାମଭୟଂ ବରଞ୍ଚ ବିକସଦ୍‌ରକ୍ତାରବିନ୍ଦସ୍ଥିତାମ୍ ।**
**ନୃତ୍ୟନ୍ତଂ ପୁରତୋ ନିପୀୟ ମଧୁରଂ ମାଧ୍ୱୀକମଦ୍ୟଂ ମହା-**
**କାଳଂ ବୀକ୍ଷ୍ୟ ପ୍ରକାଶିତାନନବରାମାଦ୍ୟାଂ ଭଜେ କାଳିକାମ୍ ॥"**

ଯାହାଙ୍କର ବର୍ଣ୍ଣ ମେଘତୁଲ୍ୟ, ଲଲାଟରେ ଚନ୍ଦ୍ରଲେଖା ଜାଜ୍ୱଲ୍ୟମାନ, ଯାହାଙ୍କର ତିନି ଚକ୍ଷୁ, ଯାହାଙ୍କର ପରିଧାନ ରକ୍ତବସ୍ତ୍ର, ଯାହାଙ୍କ ଦୁଇହସ୍ତରେ ବର ଓ ଅଭୟ, ଯେ ବିକଶିତ ରକ୍ତପଦ୍ମରେ ଉପବିଷ୍ଟ, ଯାହାଙ୍କ ସମ୍ମୁଖରେ ପୁଷ୍ପଜାତ ସୁମଧୁର ମାଧ୍ୱୀକ ମଦ୍ୟ ପାନ କରି ମହାକାଳ ନୃତ୍ୟ କରୁଛନ୍ତି, ଯେ ମହାକାଳଙ୍କର ଏପରି ଅବସ୍ଥା ଦର୍ଶନରେ ହାସ୍ୟ କରୁଛନ୍ତି, ସେହି ଆଦ୍ୟା କାଳିକା ଦେବୀଙ୍କୁ ମୁଁ ଭଜନ କରୁଅଛି ।

ପାଠକ ! ବର୍ତ୍ତମାନ ଦେବୀଙ୍କର ଏହି ରୂପକୁ ଜ୍ଞାନର ସହିତ ବିଶ୍ଳେଷଣ କଲେ, ପରଂବ୍ରହ୍ମଙ୍କ ପରାଶକ୍ତିର ପରିଚୟ ପାଇପାରିବେ । ସୁତରାଂ ଏହି ରୂପ

ଯେ କେତେ ପ୍ରକାର ଜ୍ଞାନ-ବିଜ୍ଞାନର ଆଭାସ ଦେଉଛି, ଭାବିଲେ ବିସ୍ମିତ ଓ ପୁଲକିତ ହୋଇ ହିନ୍ଦୁ-ଋଷିମାନଙ୍କୁ ସସମ୍ଭ୍ରମରେ ପ୍ରଣାମ କରିବାକୁ ହେବ । ଶ୍ୱେତ, ପୀତ ପ୍ରଭୃତି ବର୍ଣ୍ଣସକଳ ଯେପରି କୃଷ୍ଣବର୍ଣ୍ଣରେ ବିଲୀନ ହୁଏ, ସେହିପରି ସର୍ବଭୂତ ହିଁ ପ୍ରକୃତିରେ ଲୟପ୍ରାପ୍ତ ହୋଇଥା'ନ୍ତି । ଏଥିପାଇଁ ସେହି ନିର୍ଗୁଣା ନିରାକାରା ଯୋଗୀମାନଙ୍କର ହିତକାରିଣୀ ପରାଶକ୍ତି କୃଷ୍ଣବର୍ଣ୍ଣ ବୋଲି ନିରୂପିତ ହୋଇଅଛନ୍ତି ।*। ନିତ୍ୟା, କାଳରୂପା, ଅବ୍ୟୟା ଓ କଲ୍ୟାଣରୂପା ସେହି କାଳୀଙ୍କର ଅମୃତ ତତ୍ତ୍ୱପ୍ରଯୁକ୍ତ ଲଲାଟରେ ଚନ୍ଦ୍ରକଳାର ଚିହ୍ନ କଳ୍ପିତ ହୋଇଅଛି । ସେ ଚନ୍ଦ୍ର, ସୂର୍ଯ୍ୟ ଓ ଅଗ୍ନିରୂପ ନେତ୍ର ଦ୍ୱାରା ଯେହେତୁ କାଳସମ୍ଭୂତ ନିଖିଳ ଜଗତ୍ ସନ୍ଦର୍ଶନ କରନ୍ତି, ସେହି ହେତୁରୁ ତାଙ୍କର ନୟନତ୍ରୟ କଳ୍ପିତ ହୋଇଅଛି । ସେ ସମୁଦାୟ ପ୍ରାଣୀଙ୍କୁ ଗ୍ରାସ କରନ୍ତି ଏବଂ କାଳଦନ୍ତ ଦ୍ୱାରା ଚର୍ବଣ କରନ୍ତି ବୋଲି ସର୍ବପ୍ରାଣୀଙ୍କ ରୁଧିରସମୂହ ସେହି ମାହେଶ୍ୱରୀଙ୍କ ରକ୍ତବସନ ରୂପରେ କଥିତ ହୋଇଅଛି । ଜୀବକୁ ବିପଦରୁ ରକ୍ଷା କରିବା ଏବଂ ନିଜ ନିଜ କାର୍ଯ୍ୟରେ ପ୍ରେରଣ କରିବା ହିଁ ତାଙ୍କର ବର ଓ ଅଭୟ ରୂପରେ ନିରୂପିତ ହୋଇଅଛି । ସେ ରଜୋଗୁଣଜନିତ ବିଶ୍ୱରେ ଅଧିଷ୍ଠାନ କରୁଛନ୍ତି, ସେଥିପାଇଁ ସେ ରକ୍ତକମଳସଂସ୍ଥିତା । ଜ୍ଞାନସ୍ୱରୂପା, ସର୍ବଜନଙ୍କ ସାକ୍ଷୀସ୍ୱରୂପିଣୀ ସେହି ଦେବୀ ମୋହମୟୀ ସୁରାପାନ କରି କାଳୋଚିତ କ୍ରୀଡ଼ାକାରୀ-କାଳକୁ ଅବଲୋକନ କରୁଛନ୍ତି । ଅଳ୍ପବୁଦ୍ଧି-ଭକ୍ତମାନଙ୍କ ହିତାନୁଷ୍ଠାନ ନିମିତ୍ତ ପରାଶକ୍ତି ଦେବୀଙ୍କର ବହୁବିଧ ରୂପ କଳ୍ପିତ ହୋଇଅଛି । ଯଥା —

"ଗୁଣକ୍ରିୟାନୁସାରେଣ ରୂପଂ ଦେବ୍ୟାଃ ପ୍ରକଳ୍ପିତମ୍ ।।"

— ମହାନିର୍ବାଣତନ୍ତ୍ର

---

* ପରାଶକ୍ତି ଅରୂପା, ସୁତରାଂ ବର୍ଣ୍ଣହୀନା । ଯେଉଁଠାରେ ସମସ୍ତ ବର୍ଣ୍ଣର ଅଭାବ, ତାହା ହିଁ ନିବିଡ଼ କୃଷ୍ଣବର୍ଣ୍ଣ । ଏହା ବିଜ୍ଞାନସମ୍ମତ । ବିଜ୍ଞାନ ଆହୁରି ମଧ୍ୟ କହୁଛି ଯେ, ଯେଉଁ ଜ୍ୟୋତିକୁ ଆମ ଚକ୍ଷୁ ଧାରଣ କରିବାକୁ ଅକ୍ଷମ, ତାହା ହିଁ ନିବିଡ଼ କୃଷ୍ଣବର୍ଣ୍ଣ ଦେଖାଯାଏ । ତେଣୁ ମହାଜ୍ୟୋତିଃସ୍ୱରୂପା କାଳୀଦେବୀ କୃଷ୍ଣବର୍ଣ୍ଣା । କିନ୍ତୁ ଜ୍ଞାନନେତ୍ରରେ ତାହା ମହାଜ୍ୟୋତିଃ ରୂପରେ ଦୃଶ୍ୟମାନ ।

ଉପାସକମାନଙ୍କ କାର୍ଯ୍ୟରେ ସୁବିଧା ନିମିତ୍ତ ଗୁଣ ଓ କ୍ରିୟା ଅନୁସାରେ ଦେବୀଙ୍କର ରୂପ କଳ୍ପିତ ହୋଇଅଛି ।

ଏହିସବୁ ମୂର୍ତ୍ତିମାନଙ୍କ ମଧ୍ୟରେ ଯାହାଙ୍କର ଯେଉଁ ମୂର୍ତ୍ତି ଅଭିଲଷିତ ବା ପ୍ରୀତିପ୍ରଦ, ସେ ତାହାଙ୍କୁ ହିଁ ଉପାସନା କରିବେ । ତେବେ ଉପାସନା କରିବାବେଳେ ଅଭିନ୍ନ ଜ୍ଞାନ କରିବାକୁ ହେବ । ଏମାନଙ୍କ ମଧ୍ୟରେ କିଏ ଉତ୍କୃଷ୍ଟ ଏବଂ କିଏ ବା ତଦପେକ୍ଷା ନିକୃଷ୍ଟ, ଯେ ଏହିଭଳି ଜ୍ଞାନରେ ଭେଦ କରନ୍ତି, ସେହି ବ୍ୟକ୍ତି ରୌରବ ନାମକ ଘୋର ନରକରେ ନିପତିତ ହୁଅନ୍ତି । ଦେବତାମାନଙ୍କ ମଧ୍ୟରେ ଜଣଙ୍କର ପ୍ରଶଂସା କଲେ ସମସ୍ତଙ୍କର ପ୍ରଶଂସା ହୁଏ ଏବଂ ଜଣକର ନିନ୍ଦା କଲେ ସମସ୍ତଙ୍କର ନିନ୍ଦା ହୁଏ । ଦେବତାମାନେ ପ୍ରଶଂସାରେ ସୁଖ ଅନୁଭବ କରନ୍ତି ନାହିଁ, କି ନିନ୍ଦାରେ ଦୁଃଖ ଅନୁଭବ କରନ୍ତି ନାହିଁ, କିନ୍ତୁ ନିନ୍ଦାକାରୀ ଦେବନିନ୍ଦାଜନିତ ପାପରେ ନରକକୁ ଗମନ କରନ୍ତି । ଅତଏବ, ସାଧକ ରୁଚିଭେଦରେ, ଧ୍ୟାନଯୋଗରେ ପୃଥକ୍ ପୃଥକ୍ ଆକୃତିର ଉପାସନା କରିବେ ସତ୍ୟ, କିନ୍ତୁ ଏହି ସମସ୍ତ ଆକୃତି ଯେ ପ୍ରକୃତ ପକ୍ଷରେ ଅଭିନ୍ନ—ଏହି ଜ୍ଞାନ ଦୃଢ଼ ରଖି ଉପାସନା କରିବେ । ଏକ ମହାମାୟା ହିଁ ଲୋକମାନଙ୍କ ମୋହ ନିମିତ୍ତ ସ୍ତ୍ରୀ-ପୁରୁଷ-ମୂର୍ତ୍ତିରେ ଭିନ୍ନ ଭିନ୍ନ ନାମ ଓ ରୂପ ଅବଲମ୍ବନ କରିଛନ୍ତି, ପ୍ରକୃତ ପକ୍ଷରେ ଏମାନେ ଭିନ୍ନ ନୁହନ୍ତି ।

ଏପର୍ଯ୍ୟନ୍ତ ଯେଉଁ ଆଦ୍ୟାଶକ୍ତି ମହାମାୟାଙ୍କ ବିଷୟ ଆଲୋଚନା କରାଗଲା, ସେହି ଦେବୀ ସୂକ୍ଷ୍ମଭାବରେ ଜୀବମାନଙ୍କ ଆଧାରକମଳରେ କୁଳକୁଣ୍ଡଳିନୀଶକ୍ତି ରୂପରେ ଅବସ୍ଥାନ କରୁଛନ୍ତି ।*। ସେହି କୁଣ୍ଡଳିନୀ ଯୋଗୀମାନଙ୍କ ହୃଦୟରେ ତତ୍ତ୍ୱରୂପିଣୀ ଏବଂ ସର୍ବଜୀବଙ୍କ ମୂଳାଧାରରେ ବିଦ୍ୟୁତ୍ ଆକାରରେ ବିରାଜିତା । ଯଥା—

**"ଯୋଗିନାଂ ହୃଦୟାମ୍ଭୋଜେ ନୃତ୍ୟନ୍ତୀ ନୃତ୍ୟମଞ୍ଜସା ।**
**ଆଧାରେ ସର୍ବଭୂତାନାଂ ସ୍ଫୁରନ୍ତୀ ବିଦ୍ୟୁଦାକୃତିଃ ।।"**

---

* ମୂଳାଧାରପଦ୍ମ ଓ କୁଳକୁଣ୍ଡଳିନୀ ବିବରଣ ମତ୍‌ପ୍ରଣୀତ 'ଯୋଗୀଗୁରୁ' ଗ୍ରନ୍ଥରେ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି । — ଗ୍ରନ୍ଥକାର

# ସାଧନାର କ୍ରମ

ଏହି ମହାଶକ୍ତିଙ୍କ ଉପାସକମାନଙ୍କୁ ଶାକ୍ତ କୁହାଯାଏ । ତନ୍ତ୍ରଶାସ୍ତ୍ରରେ ସେହି ମହାଶକ୍ତିଙ୍କ ଉପାସନା-ପ୍ରଣାଳୀ ବିସ୍ତାରିତ ଭାବରେ ଲିଖିତ ହୋଇଅଛି । ସୁତରାଂ ତନ୍ତ୍ରଶାସ୍ତ୍ର ହିଁ ଶାକ୍ତମାନଙ୍କର ପ୍ରଧାନ ଗ୍ରନ୍ଥ । ଏହାର ଅନ୍ୟତମ ନାମ ଆଗମ ଶାସ୍ତ୍ର । ଆଗମ କାହାକୁ କହନ୍ତି ? ଯଥା —

"ଆଗତଂ ଶିବବକ୍ତ୍ରେଭ୍ୟୋ ଗତଞ୍ଚ ଗିରିଜାମୁଖେ ।
ମତଂ ଶ୍ରୀବାସୁଦେବସ୍ୟ ତସ୍ମାଦାଗମ ଉଚ୍ୟତେ ।।" (ରୁଦ୍ରଯାମଳ)

ଯାହା ଶିବଙ୍କ ମୁଖରୁ ନିର୍ଗତ ହୋଇ ପାର୍ବତୀଙ୍କ ମୁଖରେ ଅବସ୍ଥିତି କରେ ଏବଂ ଯାହା ବାସୁଦେବସମ୍ମତ, ତାହା 'ଆଗମ' ନାମରେ କଥିତ ।

ଆଗମଶାସ୍ତ୍ର ଯେତେବେଳେ ବାସୁଦେବସମ୍ମତ, ସେତେବେଳେ ଏହି ଶାସ୍ତ୍ର ସହିତ ବେଦର କୌଣସି ଅସାମଞ୍ଜସ୍ୟ ନାହିଁ, ଏହା ହିଁ ନିଶ୍ଚିତ ହେଲା । କିନ୍ତୁ ଆଗମ କହିଲେ କେବଳ ସତ୍ ଆଗମକୁ ହିଁ ବୁଝିବାକୁ ହେବ । ପରମଜ୍ଞାନୀ ସଦାଶିବ ଅସଦାଗମର ନିନ୍ଦା କରିଛନ୍ତି । ଯଥା—

"ଆବାଭ୍ୟାଂ ପିଶିତଂ ରକ୍ତଂ ସୁରାଞ୍ଚୈବ ସୁରେଶ୍ୱରି !
ବର୍ଣ୍ଣାଶ୍ରମୋଚିତଂ ଧର୍ମମବିଚାର୍ଯ୍ୟାର୍ପୟନ୍ତି ଯେ ।
ଭୂତପ୍ରେତ ପିଶାଚାସ୍ତେ ଭବନ୍ତି ବ୍ରହ୍ମ-ରାକ୍ଷସାଃ ।।" (ଆଗମସଂହିତା)

ଭାବାର୍ଥ ହେଲା ଯେ, ଯେଉଁମାନେ ବର୍ଣ୍ଣାଶ୍ରମୋଚିତ ଧର୍ମ ବିଚାର ନ କରି ମହାଶକ୍ତି ଦେବୀଙ୍କୁ ମାଂସ, ରକ୍ତ ଓ ମଦ୍ୟ ଅର୍ପଣ କରନ୍ତି, ସେମାନେ ଭୂତ, ପ୍ରେତ, ପିଶାଚ ସ୍ୱରୂପ ବ୍ରହ୍ମରାକ୍ଷସ ହୁଅନ୍ତି । ଏଥିପାଇଁ ଶାକ୍ତମାନଙ୍କ ମଧ୍ୟରେ ମଧ୍ୟ ସମ୍ପ୍ରଦାୟ ବିଭାଗ ଅଛି । ଶକ୍ତି-ଉପାସକମାନେ ଉପାସ୍ୟ-ଭେଦରେ କାଳୀ, ତାରା, ଜଗଦ୍ଧାତ୍ରୀ, ଅନ୍ନପୂର୍ଣ୍ଣା ପ୍ରଭୃତି ଶକ୍ତିମୂର୍ତ୍ତିଙ୍କର ଉପାସନା କରିଥା'ନ୍ତି ।

ପ୍ରଥମେ ସଦ୍‌ଗୁରୁଙ୍କ ନିକଟରୁ ମନ୍ତ୍ର ଗ୍ରହଣ କରିବାକୁ ହେବ । ଦୀକ୍ଷା ବ୍ୟତୀତ ମନୁଷ୍ୟ ପଶୁ ମଧ୍ୟରେ ପରିଗଣିତ । ଅତଏବ, ଅଦୀକ୍ଷିତଙ୍କର ସମସ୍ତ କାର୍ଯ୍ୟ ହିଁ ବୃଥା । ଯଥା —

"ଉପଚାରସହସ୍ରୈସ୍ତୁ ଅର୍ଚ୍ଚିତଂ ଭକ୍ତିସଂଯୁତମ୍ ।
ଅଦୀକ୍ଷିତାର୍ଚ୍ଚନଂ ଦେବା ନ ଗୃହ୍ଣନ୍ତି କଦାଚନ ।।"

ଅଦୀକ୍ଷିତ ବ୍ୟକ୍ତି ଭକ୍ତିପୂର୍ବକ ସହସ୍ର ଉପଚାର ଦ୍ୱାରା ଅର୍ଚ୍ଚନା କଲେ ମଧ୍ୟ ଦେବତାମାନେ ସେହି ଅଦୀକ୍ଷିତ ବ୍ୟକ୍ତିଙ୍କର ଅର୍ଚ୍ଚନା କେବେହେଲେ ଗ୍ରହଣ କରନ୍ତି ନାହିଁ ।

ସେହି କାରଣରୁ ଯତ୍ନପୂର୍ବକ ଗୁରୁ ଗ୍ରହଣ କରି ମନ୍ତ୍ର ଗ୍ରହଣ କରିବା ଦରକାର । ଶକ୍ତିମନ୍ତ୍ରର ଉପାସକମାନଙ୍କ ଦୀକ୍ଷା ସଙ୍ଗେ ସଙ୍ଗେ ଶାକ୍ତାଭିଷେକ ହେବା ବିଧେୟ । ଯଥା —

"ଅଭିଷେକଂ ବିନା ଦେବି ! କୁଳକର୍ମ କରୋତି ଯଃ ।
ତସ୍ୟ ପୂଜାଦିକଂ କର୍ମ ଅଭିଚାରାୟ କଳ୍ପତେ ।।
ଅଭିଷେକଂ ବିନା ଦେବି ! ସିଦ୍ଧବିଦ୍ୟାଂ ଦଦାତି ଯଃ ।
ତାବତ୍ କାଳଂ ବସେଦ୍ ଘୋରେ ଯାବଚ୍ଚନ୍ଦ୍ରଦିବାକରୌ ।।"

— ବାମକେଶ୍ୱର ତନ୍ତ୍ର

ଅଭିଷିକ୍ତ ନ ହୋଇ ଯେଉଁ ବ୍ୟକ୍ତି ତାନ୍ତ୍ରିକ ମତରେ ଉପାସନା କରନ୍ତି, ତାଙ୍କର ଜପପୂଜାଦି ଅଭିଚାରସ୍ୱରୂପ ହୋଇଥାଏ । ପୁଣି ଯେଉଁ ବ୍ୟକ୍ତି ଅଭିଷେକ ବ୍ୟତୀତ ଦଶ ବିଦ୍ୟାର କୌଣସି ମନ୍ତ୍ର ଦୀକ୍ଷା ଦିଅନ୍ତି, ସେ ବ୍ୟକ୍ତି ଚନ୍ଦ୍ର, ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଘୋର ନରକରେ ବାସ କରନ୍ତି ।

ଅତଏବ, ଶାକ୍ତମାନଙ୍କର ପ୍ରଥମେ ଦୀକ୍ଷା ସହିତ ଶାକ୍ତାଭିଷେକ, ତତ୍ପରେ ପୂର୍ଣ୍ଣାଭିଷେକ, ଏହା ପରେ କ୍ରମଦୀକ୍ଷା ଗ୍ରହଣ କରିବା କର୍ତ୍ତବ୍ୟ । ମହାଦେବ କହିଛନ୍ତି—

"କ୍ରମଦୀକ୍ଷାବିହୀନସ୍ୟ କଲୌ ନ ସ୍ୟାଦ୍ କଦାଚନ ।।" (କାମାକ୍ଷାତନ୍ତ୍ର)

କଳିଯୁଗରେ କ୍ରମଦୀକ୍ଷା ବ୍ୟତୀତ କେବେହେଲେ ସିଦ୍ଧି ହେବନାହିଁ । ସେ ପୁଣି କହିଛନ୍ତି —

"ଯଦି ଭାଗ୍ୟବଶାଦ୍ଦେବି ! କ୍ରମଦୀକ୍ଷା ଚ ଜାୟତେ ।
ତଦା ସିଦ୍ଧିର୍ଭବେତ୍ତସ୍ୟ ନାତ୍ର କାର୍ଯ୍ୟା ବିଚାରଣା ॥
କ୍ରମଦୀକ୍ଷାବୀହୀନସ୍ୟ କଥଂ ସିଦ୍ଧିଃ କଲୌ ଭବେତ୍ ।
କ୍ରମଂ ବିନା ମହେଶାନି ! ସର୍ବ ତେଷାଂ ବୃଥା ଭବେତ୍ ॥" (କାମାକ୍ଷାତନ୍ତ୍ର)

ଭାଗ୍ୟବଶରେ କାହାର ଯଦି କ୍ରମଦୀକ୍ଷା ହୁଏ, ତେବେ ତାହାର ନିଶ୍ଚୟ ସିଦ୍ଧି ଲାଭ ହେବ, ଏଥିରେ ଆଉ ସନ୍ଦେହ ନାହିଁ । କ୍ରମଦୀକ୍ଷା ବ୍ୟତୀତ କଳିଯୁଗରେ କୌଣସି ମନ୍ତ୍ରସିଦ୍ଧି ଲାଭ ହୋଇପାରିବ ନାହିଁ ଏବଂ ଜପପୂଜାଦି ସମସ୍ତ ବୃଥା ହୋଇଯିବ ।

ତାହାହେଲେ କିଭଳି ପଦ୍ଧତି ଅନୁସାରେ ପୂର୍ବୋକ୍ତ ତ୍ରିବିଧ ଭାବ ଓ ସପ୍ତ ଆଚାରର କ୍ରିୟା ସମ୍ପନ୍ନ କରିବାକୁ ହେବ, ସେ ବିଷୟରେ ବର୍ତ୍ତମାନ ଆଲୋଚନା କରାଯାଉ ।

ପ୍ରଥମେ ଗୃହସ୍ଥାଶ୍ରମରେ ଅବସ୍ଥାନପୂର୍ବକ ସଦ୍‌ଗୁରୁଙ୍କ ନିକଟରୁ ମନ୍ତ୍ରଦୀକ୍ଷାରେ ଦୀକ୍ଷିତ ହୋଇ ପଶୁଭାବାନୁସାରେ ବେଦାଚାର ଦ୍ୱାରା ବୈଦିକ କର୍ମ, ବୈଷ୍ଣବାଚାର ଦ୍ୱାରା ପୌରାଣିକ କର୍ମ ଏବଂ ଶୈବାଚାର ଦ୍ୱାରା ସ୍ମାର୍ତ୍ତ କର୍ମ କରିବା ପରେ ଶାକ୍ତାଭିଷେକ ହୋଇ ଦକ୍ଷିଣାଚାର ଦ୍ୱାରା ସାଧନା କରିବାକୁ ହେବ । ତତ୍ପରେ ପୂର୍ଣ୍ଣାଭିଷେକ ଅନ୍ତେ ଗୃହାବଧୂତ ହୋଇ ବୀରଭାବାନୁସାରେ ବାମାଚାର ଦ୍ୱାରା ଯଥାବିଧି ସାଧନାରେ ଉନ୍ନତି କରିବା ଦରକାର । ତତ୍ପରେ ସାମ୍ରାଜ୍ୟ-ଦୀକ୍ଷାରେ ଦୀକ୍ଷିତ ହୋଇ ବୀରଭାବାନୁସାରେ ସିଦ୍ଧାନ୍ତାଚାର ସାଧନାର କାର୍ଯ୍ୟସମ୍ପନ୍ନ କରିବା ପରେ ମହାସାମ୍ରାଜ୍ୟ-ଦୀକ୍ଷାରେ ଦୀକ୍ଷିତ ହୋଇ ଦିବ୍ୟ ଭାବାନୁସାରେ କୁଳାଚାର ଦ୍ୱାରା ସାଧନା କରିବା ବିଧେୟ । ତତ୍ପରେ ପୂର୍ଣ୍ଣଦୀକ୍ଷାରେ ଦୀକ୍ଷିତ ହୋଇ ଦିବ୍ୟଭାବାନୁସାରେ ସାଧନାର ଚରମୋନ୍ନତି ସମ୍ପାଦନ କରିବା ଦରକାର । ଏହି ପ୍ରକାରରେ ସାଧନକାର୍ଯ୍ୟ ଦ୍ୱାରା ଦିବ୍ୟଭାବ ପରିପକ୍ୱ ହେଲେ ନିଷ୍କ୍ରିୟ ହୋଇ କାଳଯାପନ କରିବା ବିଧେୟ । ନିମ୍ନରେ ସଂସ୍କାର-ଭେଦରେ ସାଧନାଧିକାରର ଗୋଟିଏ ତାଲିକା ପ୍ରଦତ୍ତ ହେଲା ।

**ମନ୍ତ୍ରଦୀକ୍ଷା** - ମନ୍ତ୍ରଦୀକ୍ଷା ଗ୍ରହଣ କରି ନିତ୍ୟକର୍ମ, ନୈମିତ୍ତିକ କର୍ମ କାମ୍ୟକର୍ମ ଏବଂ ପଞ୍ଚାଙ୍ଗ ପୁରଶ୍ଚରଣ କରିବ, ଅର୍ଥାତ୍ ଇଷ୍ଟଦେବତାଙ୍କର ଯେତେ

ସଂଖ୍ୟାରେ ମନ୍ତ୍ର ଜପ କରିବ, ତା'ର ଦଶାଂଶେ ହୋମ, ତାହାର ଦଶାଂଶେ ତର୍ପଣ, ତାହାର ଦଶାଂଶେ ଅଭିଷେକ ଏବଂ ତାହାର ଦଶାଂଶେ ବ୍ରାହ୍ମଣ-ଭୋଜନ ଓ ଗ୍ରହପୁରଶ୍ଚରଣ କରିବ ।

**ଶାକ୍ତାଭିଷେକ** - ଶାକ୍ତାଭିଷେକ ପରେ ବାର, ତିଥି, ପକ୍ଷ, ମାସ, ଋତୁ, ଅୟନ ଓ ବର୍ଷ ପୁରଶ୍ଚରଣ କରିବ । ନକ୍ଷତ୍ର-ପୁରଶ୍ଚରଣ, ଗ୍ରହ-ପୁରଶ୍ଚରଣ, କରଣ-ପୁରଶ୍ଚରଣ, ଯୋଗ-ପୁରଶ୍ଚରଣ ଓ ସଂକ୍ରାନ୍ତି-ପୁରଶ୍ଚରଣ ଇତ୍ୟାଦି କରିବ ।

**ପୂର୍ଣ୍ଣାଭିଷେକ** - ପୂର୍ଣ୍ଣାଭିଷିକ୍ତ ହୋଇ ଷଟ୍‌କର୍ମ ଅର୍ଥାତ୍ ଶାନ୍ତିକର୍ମ, ବଶୀକରଣ, ସ୍ତମ୍ଭନ, ବିଦ୍ୱେଷଣ, ଉଚ୍ଚାଟନ ଓ ମାରଣ କର୍ମ; ବ୍ରହ୍ମମନ୍ତ୍ର ଜପ, ପାଦୁକାମନ୍ତ୍ର ଜପ, ରହସ୍ୟ-ପୁରଶ୍ଚରଣ, ବୀର-ପୁରଶ୍ଚରଣ ଓ ଦଶାର୍ଣ୍ଣମନ୍ତ୍ର ଶ୍ରବଣ, ବୀରସାଧନ, ଚିତାସାଧନ, ଶବସାଧନ, ଯୋଗିନୀସାଧନ, ମଧୁମତୀ ସାଧନ, ସୁନ୍ଦରୀସାଧନ, ଶିବା-ବଳି, ଲତାସାଧନ, ଶ୍ମଶାନସାଧନ ଏବଂ ଚକ୍ରସାଧନ ଇତ୍ୟାଦି କରିବ ।

**କ୍ରମଦୀକ୍ଷା** - କ୍ରମଦୀକ୍ଷା ନେଇ କ-କାର-କୂଟ-ସ୍ତୋତ୍ର ଅର୍ଥାତ୍ ମେଧାସାମ୍ରାଜ୍ୟ ସ୍ତୋତ୍ରପାଠ ଓ ତିନି ଦେବତାଙ୍କର (କାଳୀ, ତାରା ଓ ତ୍ରିପୁରା ଦେବୀଙ୍କର) ରହସ୍ୟ-ପୁରଶ୍ଚରଣ କରିବ ।

**ସାମ୍ରାଜ୍ୟଦୀକ୍ଷା** - ସାମ୍ରାଜ୍ୟଦୀକ୍ଷା ଗ୍ରହଣ କରି ଊର୍ଦ୍ଧ୍ୱାମ୍ନାୟରେ ଅଧିକାର, ପରାପ୍ରସାଦ ମନ୍ତ୍ର ଅର୍ଥାତ୍ ଅର୍ଦ୍ଧନାରୀଶ୍ୱର ମନ୍ତ୍ରସାଧନ ଏବଂ ମହାଷୋଢ଼ା ମନ୍ତ୍ର ଜପ କରିବ ।

**ମହାସାମ୍ରାଜ୍ୟଦୀକ୍ଷା** - ମହାସାମ୍ରାଜ୍ୟ-ଦୀକ୍ଷା ନେଇ ଯୋଗ ଓ ନିର୍ଗୁଣ ବ୍ରହ୍ମ ସାଧନ କରିବ ।

**ପୂର୍ଣ୍ଣଦୀକ୍ଷା** - ପୂର୍ଣ୍ଣଦୀକ୍ଷା ହେଲେ ସହଜ ଜ୍ଞାନପ୍ରାପ୍ତି ଓ ସର୍ବସାଧନ ତ୍ୟାଗ ଏବଂ ସହଜ ଭାବାବଲମ୍ବନ ହୋଇଥାଏ । 'ସୋଽହଂ', 'ଅହଂ ବ୍ରହ୍ମାସ୍ମି'

'ସର୍ବଂ ଖଲ୍ୱିଦଂ ବ୍ରହ୍ମ', 'ଅୟମାତ୍ମା ବ୍ରହ୍ମ' ଇତ୍ୟାଦି ଅଦ୍ୱୈତଭାବ 'ଅର୍ଥାତ୍ ଜଗତ୍ ମିଥ୍ୟା ଓ ବ୍ରହ୍ମ ସତ୍ୟ' ଏବଂ 'ସେହି ବ୍ରହ୍ମ ହିଁ ମୁଁ'—ଇତ୍ୟାକାର ଜ୍ଞାନ ହେବ ।

ଉପରୋକ୍ତ ବ୍ୟବସ୍ଥାଗୁଡ଼ିକ ପଞ୍ଚ-ଉପାସକଙ୍କ (ଶାକ୍ତ, ଶୈବ, ବୈଷ୍ଣବ, ସୌର ଓ ଗାଣପତ୍ୟ) ପକ୍ଷରେ କରଣୀୟ । ସଂସ୍କାରଭେଦରେ ସାଧନାଧିକାର ଲାଭ କରି କ୍ରିୟାନୁଷ୍ଠାନ କରିବାକୁ ହେବ, ଅନ୍ୟଥା ଫଳରେ ଆଶା ସୁଦୂରପରାହତ, ବରଂ ପ୍ରତ୍ୟବାୟଭାଗୀ ହେବାକୁ ପଡ଼ିବ । ସାଧକ ମାତ୍ରେ ହିଁ ଏକଥା ସ୍ମରଣ ରଖିବା ଦରକାର । ବର୍ତ୍ତମାନ ବକ୍ତବ୍ୟ ହେଉଛି ଯେ, ଶାସ୍ତ୍ରରେ ସାଧନପନ୍ଥା ଅସଂଖ୍ୟ ପ୍ରକାର ବର୍ଣ୍ଣିତ ହୋଇଅଛି, ତନ୍ମଧ୍ୟରୁ ଯେ ସିଦ୍ଧିଲାଭ କରିବାକୁ ଇଚ୍ଛା କରିବ, ସେ ଗୁରୂପଦିଷ୍ଟ ପନ୍ଥା ଅବଲମ୍ବନ କରିବେ । ଏହା ବ୍ୟତୀତ ଅନ୍ୟ ଉପାୟ ନାହିଁ । କାରଣ ଶାସ୍ତ୍ରରେ ବ୍ୟକ୍ତ ଅଛି —

"ପନ୍ଥାନୋ ବହବଃ ପ୍ରୋକ୍ତା ମନ୍ତ୍ର-ଶାସ୍ତ୍ର-ମନୀଷିଭିଃ ।
ସ୍ୱଗୁରୋର୍ମତମାଶ୍ରିତ୍ୟ ଶୁଭଂ କାର୍ଯ୍ୟଂ ନ ଚାନ୍ୟଥା ।।" (ଶୈବାଗମ)

ମୁନିମାନଙ୍କ କର୍ତ୍ତୃକ ବହୁବିଧ ଶାସ୍ତ୍ର, ମନ୍ତ୍ର ଓ ପନ୍ଥା ଅର୍ଥାତ୍ ସାଧନପ୍ରଣାଳୀ ଉକ୍ତ ହୋଇଅଛି । ତନ୍ମଧ୍ୟରେ ନିଜ ନିଜ ଗୁରୂପଦିଷ୍ଟ ସାଧନ କାର୍ଯ୍ୟ ଦ୍ୱାରା ହିଁ କେବଳ ଶୁଭଫଳ ଉତ୍ପନ୍ନ ହୋଇଥାଏ, ଅନ୍ୟ ଭାବରେ ହୁଏ ନାହିଁ ।

ଏହି ଗ୍ରନ୍ଥର ପଶ୍ଚାଦୁକ୍ତ 'ସାଧନକଳ୍ପ'ରେ ମୁଁ ଯେଉଁ ସମସ୍ତ ପନ୍ଥା ପ୍ରକଟିତ କରିବି, ତାହା ଗୁରୂପଦିଷ୍ଟ ଓ ଶାସ୍ତ୍ରସମ୍ମତ । ଅତଏବ, ଅବଲମ୍ବନସ୍ୱରୂପ ଏହା ଗ୍ରହଣ କରି ନିଜ ନିଜ ଗୁରୂପଦିଷ୍ଟ ପନ୍ଥା ସହିତ ଐକ୍ୟ କରି ସାଧନକାର୍ଯ୍ୟରେ ପ୍ରବୃତ୍ତ ହେଲେ, ନିଶ୍ଚୟ ସିଦ୍ଧିଲାଭ ହେବ । ପରାଶକ୍ତି ଦେବୀ ଭଗବତୀ ଗୀତାରେ ସ୍ୱୟଂ କହିଅଛନ୍ତି, "ଯେଉଁ ବ୍ୟକ୍ତି ଦୁରାଚାର ହୋଇ ମଧ୍ୟ ଅନନ୍ୟ ଚିତ୍ତରେ ମୋର ଭଜନ କରିବେ, ସେ ସର୍ବପାପବିନିର୍ମୁକ୍ତ ହୋଇ ସଂସାରବନ୍ଧନରୁ ମୁକ୍ତି ଲାଭ କରିବେ ।" ଯଥା —

"ଅପି ଚେଦ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।
ସୋଽପି ପାପବିନିର୍ମୁକ୍ତୋ ମୁଚ୍ୟତେ ଭବବନ୍ଧନାଦ୍ ।।"

-ଓଁ ଶାନ୍ତି ଓମ୍-

❋❋❋

# ତାନ୍ତ୍ରିକ ଗୁରୁ

## ଦ୍ୱିତୀୟ ଅଂଶ - ସାଧନକଳ୍ପ

## ଗୁରୁକରଣ ଓ ଦୀକ୍ଷାପଦ୍ଧତି

ନିଜ ନିଜ ବର୍ଣ୍ଣାଶ୍ରମୋଚିତ ଧର୍ମ ପାଳନ (ବ୍ରହ୍ମଚର୍ଯ୍ୟାଦି ବ୍ରତ-ଆଚାର) ଏବଂ ସାଧୁସଙ୍ଗ ଦ୍ୱାରା ଚିତ୍ତ ନିର୍ମଳ ହେବା ପରେ ସଦ୍‌ଗୁରୁ ଅନ୍ୱେଷଣ ପୂର୍ବକ ଦୀକ୍ଷା ଗ୍ରହଣ କରିବା ବିଧେୟ । କ୍ଷୁଧା ବୋଧହେବା ପୂର୍ବରୁ ଆହାର୍ଯ୍ୟ ବସ୍ତୁ ଗ୍ରହଣ କଲେ, ଯେପରି ଆହାରରେ ଅରୁଚି ବୋଧ ହୋଇଥାଏ, ସେହିପରି ପ୍ରୟୋଜନ ନ ବୁଝି କାହାରି ଅନୁରୋଧରେ ମନ୍ତ୍ର ଗ୍ରହଣ କଲେ, ସାଧନ ବିଷୟରେ ଅରୁଚି ଜାତ ହୁଏ । ଆଜି କାଲି ଦୀକ୍ଷାଗ୍ରହଣ ହିନ୍ଦୁସମାଜରେ ଦଶକର୍ମର ଗୋଟିଏ ଅଙ୍ଗ ହୋଇପଡ଼ିଲାଣି । ଅଗ୍ରଜଙ୍କର ଦୀକ୍ଷା ଗ୍ରହଣ ନ ହେଲେ, କନିଷ୍ଠ ମନ୍ତ୍ର ଗ୍ରହଣ କରିପାରିବ ନାହିଁ—ଏଭଳି ଧାରଣା ଅତ୍ୟନ୍ତ ଭ୍ରମାତ୍ମକ । ଜନ୍ମଜନ୍ମାନ୍ତରର ସୁକୃତି ଫଳରେ ଧର୍ମରେ ପ୍ରବୃତ୍ତି ଜାତ ହୋଇଥାଏ । ଜ୍ୟେଷ୍ଠଙ୍କର ଯଦି ଏ ଜୀବନରେ ସେ ସୁକୃତିର ଉନ୍ମେଷ ନ ହୁଏ, ସେଥିପାଇଁ କ'ଣ ଭାଗ୍ୟବାନ କନିଷ୍ଠ ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ଅଗ୍ରଜଙ୍କ ଆଡ଼କୁ ଅନାଇ ରହିବେ ? ସାମାଜିକ ଆଚାର ବା କୌଳିକ ଆଚାରରେ ଏହି ପ୍ରଥା ପ୍ରଚଳିତ ଥିଲେ ମଧ୍ୟ ଆଧ୍ୟାତ୍ମିକ କ୍ଷେତ୍ରରେ ତାହାର ପ୍ରୟୋଗ ହୋଇପାରେ ନାହିଁ । ଭାଗ୍ୟବାନ ବ୍ୟକ୍ତିମାନଙ୍କ ମଧ୍ୟରେ ଯେତେବେଳେ ଯେଉଁ ବ୍ୟକ୍ତି ନିଜ ନିଜର କର୍ତ୍ତବ୍ୟ ହୃଦୟଙ୍ଗମ କରିପାରିବେ, ସେତେବେଳେ ହିଁ ସେ ଆଧାତ୍ମିକ ଉନ୍ନତି ନିମିତ୍ତ ଚେଷ୍ଟା କରି ପାରିବେ; ଅନ୍ୟ କାହାକୁ ଅପେକ୍ଷା କରି ବସିରହିବା କେବେହେଲେ ଉଚିତ ହେବନାହିଁ । ଅତଏବ, ମାନବଜୀବନରେ ସାର୍ଥକତା ଅର୍ଥାତ୍ ଭଗବାନ୍‌ଙ୍କ ନିମିତ୍ତ ବ୍ୟାକୁଳତା ଜାତହେଲା ମାତ୍ରେ ଶ୍ରୀଗୁରୁଙ୍କ ଶ୍ରୀମୁଖରୁ ମନ୍ତ୍ରାଦି ଅବଗତ ହୋଇ ତାହାର ଅନୁଷ୍ଠାନପୂର୍ବକ ଅନାୟାସରେ ଘୋର ସଂସାରବନ୍ଧନରୁ ମୁକ୍ତିଲାଭ କରିପାରିବେ । ପୁଣି ଅନ୍ୟାନ୍ୟ ସାତ୍ତ୍ୱିକ ଆଚାରାଦି ପ୍ରତିପାଳନ କରିବା ସଙ୍ଗେ ସଙ୍ଗେ ଧର୍ମଜ୍ଞ ବ୍ୟକ୍ତିମାନଙ୍କ ସହିତ ଦୀକ୍ଷାର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରିବା ଦରକାର । ଦୀକ୍ଷା ବ୍ୟତୀତ ପ୍ରାଣୀର

ମୁକ୍ତିଲାଭ ହୋଇପାରେ ନାହିଁ । ଏହା ହିଁ ଶିବୋକ୍ତ ତନ୍ତ୍ରଶାସ୍ତ୍ରର ଅନୁଶାସନ । ଯୋଗ ବ୍ୟତୀତ ମନ୍ତ୍ର ଓ ମନ୍ତ୍ର ବ୍ୟତୀତ ଯୋଗ ସିଦ୍ଧି ହୋଇପାରେ ନାହିଁ । ଏହି ଦୁଇଟିର ସାଧନା ଦ୍ୱାରା ବ୍ରହ୍ମ-ସାକ୍ଷାତ୍‌କାର ହୋଇଥାଏ । ଯେପରି ଅନ୍ଧକାରାଚ୍ଛନ୍ନ ଗୃହରେ ଆଲୋକ ସାହାଯ୍ୟରେ ଘଟ ପରିଲକ୍ଷିତ ହୁଏ, ସେହିପରି ମାୟା-ପରିବୃତ ଆତ୍ମା ମଧ୍ୟ ମନ୍ତ୍ରଦ୍ୱାରା ପ୍ରକାଶିତ ହୋଇଥା'ନ୍ତି । ଅତଏବ, କଳିକାଳରେ ପ୍ରତ୍ୟେକ ବ୍ୟକ୍ତି ହିଁ ଆଗମୋକ୍ତ ବିଧାନ ଅନୁସାରେ ଦୀକ୍ଷା ଗ୍ରହଣ କରିବା ବିଧେୟ ।

"ଦିବ୍ୟଜ୍ଞାନଂ ଯତୋ ଦଦ୍ୟାତ୍ କୁର୍ଯ୍ୟାତ୍ ପାପକ୍ଷୟଂ ତତଃ ।
ତସ୍ମାଦ୍ଦୀକ୍ଷେତି ସା ପ୍ରୋକ୍ତା ସର୍ବତନ୍ତ୍ରସ୍ୟ ସମ୍ମତା ॥"

— ବିଶ୍ୱସାର ତନ୍ତ୍ର, ୬ଷ୍ଠ ପ :

ଯାହା ଦିବ୍ୟଜ୍ଞାନ ପ୍ରଦାନ କରେ ଓ ପାପ ନଷ୍ଟ କରେ, ତାହାକୁ ତନ୍ତ୍ରବିଦ୍‌ମାନେ **ଦୀକ୍ଷା** ବୋଲି କୀର୍ତ୍ତନ କରିଛନ୍ତି ।

ଅଦୀକ୍ଷିତ ବ୍ୟକ୍ତି ଭକ୍ତିପୂର୍ବକ ସହସ୍ର ଉପଚାର ଦ୍ୱାରା ଅର୍ଚ୍ଚନା କଲେ ମଧ୍ୟ ଦେବତାମାନେ ତାଙ୍କର ପୂଜା ଗ୍ରହଣ କରନ୍ତି ନାହିଁ । ଯେହେତୁ ଅଦୀକ୍ଷିତ ବ୍ୟକ୍ତିଙ୍କର ସମସ୍ତ କାର୍ଯ୍ୟ ବୃଥା ହୋଇଥାଏ, ସେଥିପାଇଁ ଅଦୀକ୍ଷିତ ବ୍ୟକ୍ତି ପଶୁ ମଧ୍ୟରେ ପରିଗଣିତ । ଯେଉଁ ବ୍ୟକ୍ତି ଶାସ୍ତ୍ରରୁ ମନ୍ତ୍ର ଦେଖି ଗୁରୁଦେବଙ୍କୁ ଅନାଦରପୂର୍ବକ ତାହା ଜପ କରନ୍ତି, ସେଥିରେ ଫଳ ପାଇବା ତ ଦୂରେ ଥାଉ, ବରଂ ତାଙ୍କର ସର୍ବନାଶ ଘଟେ । ଅତଏବ, ପାପନାଶିନୀ ମହାବିଦ୍ୟା ଶ୍ରୀଗୁରୁଙ୍କ ନିକଟରୁ ଯତ୍ନପୂର୍ବକ ଗ୍ରହଣ କରି ତାହାର ସାଧନା କରିବା ବିଧେୟ ।

'କୁଳଗୁରୁଙ୍କ' * ନିକଟରୁ ମନ୍ତ୍ର ଗ୍ରହଣ କରିବା କର୍ତ୍ତବ୍ୟ । କିନ୍ତୁ ଗୁରୁଙ୍କ ବଂଶରେ ଉପଯୁକ୍ତ ବ୍ୟକ୍ତି କେହି ନ ଥିଲେ, ଶାସ୍ତ୍ରନିର୍ଦ୍ଦିଷ୍ଟ ଲକ୍ଷଣ ଦେଖି ଗୁରୁଗ୍ରହଣ

* କୁଳଗୁରୁ ଅର୍ଥ ନିଜ ନିଜ ବଂଶର ଗୁରୁ ନୁହନ୍ତି । **କୁଳାଚାରସମ୍ପନ୍ନ ସଦ୍‌କୌଳ ହିଁ କୁଳଗୁରୁ** । ଅକୁଳ ଭବସାଗରରେ ସମସ୍ତେ ଭାସି ବୁଲୁଛନ୍ତି । ଏହାଙ୍କ ମଧରେ ଯେ କୁଳପ୍ରାପ୍ତ ହୋଇଛନ୍ତି, ତାଙ୍କୁ ହିଁ **କୁଳଗୁରୁ** କୁହାଯାଏ । ଶ୍ରଦ୍ଧେୟ ବିଜୟକୃଷ୍ଣ ଗୋସ୍ୱାମୀ କହିଛନ୍ତି, 'ଯାହାଙ୍କର କୁଳକୁଣ୍ଡଳିନୀ ଶକ୍ତି ଜାଗ୍ରତ ହୋଇଛନ୍ତି, ତାଙ୍କୁ **କୁଳଗୁରୁ** କୁହାଯାଏ ।' ସୁତରାଂ ଏଭଳି ଗୁରୁ ଲାଭ କରି ମଧ ଯେଉଁମାନେ ତାଙ୍କୁ ପରିତ୍ୟାଗ କରନ୍ତି, ସେମାନଙ୍କ ପରି ହତଭାଗ୍ୟ ଆଉ କିଏ ଅଛନ୍ତି ?

କରିବା ଦରକାର । ତନ୍ତ୍ରଶାସ୍ତ୍ର ଅତୀବ ଦୁର୍ଗମ ବିଷୟ । ସୁତରାଂ ସମୋପଯୁକ୍ତ ଗୁରୁଙ୍କର ଏକାନ୍ତ ଆବଶ୍ୟକ ।

ପୁଣି କେବଳ ଗୁରୁ ଉପଯୁକ୍ତ ହେଲେ ଚଳିବ ନାହିଁ । ଶିଷ୍ୟର ମଧ୍ୟ ବିଶେଷ ଯୋଗ୍ୟତା ଆବଶ୍ୟକ । ମନ୍ତ୍ରର ଗତି ଓ କମ୍ପନ ସହିତ ଶ୍ରୀଗୁରୁଙ୍କ ଆଧ୍ୟାତ୍ମିକ ଶକ୍ତି ଶିଷ୍ୟଙ୍କଠାରେ ସଞ୍ଚାରିତ ହୋଇଥାଏ । ଯେ ଗୁରୁ, ତାଙ୍କର ଏହି ଶକ୍ତିସଞ୍ଚାରର କ୍ଷମତା ଥିବା ଏକାନ୍ତ ଆବଶ୍ୟକ । ପୁଣି ଶିଷ୍ୟର ମଧ୍ୟ ସେହି ଶକ୍ତିସଞ୍ଚରଣ ଗ୍ରହଣ କରିବାର ଶକ୍ତି ଥିବା ନିତାନ୍ତ ଦରକାର । ବୀଜ ସତେଜ ଓ ଭୂମି ସୁନ୍ଦର ରୂପେ କର୍ଷିତ ନ ହେଲେ, ସୁନ୍ଦର ବୃକ୍ଷ ଉତ୍ପତ୍ତିର ଆଶା ବିଡ଼ମ୍ବନା । ଦର୍ଶନ-ବିଜ୍ଞାନ ଚର୍ଚ୍ଚା ବା ଗ୍ରନ୍ଥପାଠ ଦ୍ୱାରା ଏହି ଶକ୍ତି ସଞ୍ଚାର ହୋଇପାରେ ନାହିଁ । ଶିଷ୍ୟ ପ୍ରତି ସମବେଦନାବଶରୁ ଶ୍ରୀଗୁରୁଙ୍କର ଆଧ୍ୟାତ୍ମିକ ଶକ୍ତି କମ୍ପନବିଶିଷ୍ଟ ହୋଇ ଶିଷ୍ୟଙ୍କଠାରେ ସଞ୍ଚାରିତ ହୋଇଥାଏ । ତେଣୁ ତନ୍ତ୍ରଶାସ୍ତ୍ରକାର କହିଛନ୍ତି —

**‘‘ଏକମପ୍ୟକ୍ଷରଂ ଯସ୍ତୁ ଗୁରୁଃ ଶିଷ୍ୟେ ନିବେଦୟେତ୍ ।**
**ପୃଥିବ୍ୟାଂ ନାସ୍ତି ତଦ୍ଦ୍ରବ୍ୟଂ ଯଦ୍ଦତ୍ତ୍ୱା ଚାନୃଣୀ ଭବେତ୍ ।।’’**

**— ଜ୍ଞାନ-ସଂକଳିନୀତନ୍ତ୍ର**

ଯେଉଁ ଗୁରୁ ଶିଷ୍ୟକୁ ଏକାକ୍ଷରୀ ମନ୍ତ୍ର ପ୍ରଦାନ କରନ୍ତି, ପୃଥିବୀ ମଧ୍ୟରେ ଏପରି କୌଣସି ଦ୍ରବ୍ୟ ନାହିଁ, ତାଙ୍କୁ ଦାନ କରି ଶିଷ୍ୟ ତାଙ୍କ ନିକଟରୁ ଋଣମୁକ୍ତ ହୋଇପାରିବେ ।

ଯେଉଁ ବ୍ୟକ୍ତି ଗୁରୁଙ୍କୁ ମନୁଷ୍ୟ ଜ୍ଞାନ କରନ୍ତି, ମନ୍ତ୍ରକୁ ଅକ୍ଷରାବଳୀ ବୋଲି ମନେ କରନ୍ତ ଏବଂ ପ୍ରସ୍ତରମୟୀ ଦେବତା-ମୂର୍ତ୍ତିଙ୍କୁ ଶିଳାଜ୍ଞାନରେ ଉପେକ୍ଷା କରନ୍ତି, ସେହି ବ୍ୟକ୍ତି ନରକ ଗମନ କରନ୍ତି । ଗୁରୁଙ୍କୁ ପିତା, ମାତା, ସ୍ୱାମୀ, ଦେବତା ଓ ଆଶ୍ରୟ ଜ୍ଞାନରେ ପୂଜା କରିବା ବିଧେୟ । କାରଣ **ଶିବ ରୁଷ୍ଟ ହେଲେ ଗୁରୁ ରକ୍ଷା କରିବାକୁ ସମର୍ଥ, କିନ୍ତୁ ଗୁରୁ ରୁଷ୍ଟ ହେଲେ ଆଉ କେହି ରକ୍ଷକ ନାହାନ୍ତି** । ସୁତରାଂ ବାକ୍ୟ, ମନ, ଶରୀର ଓ କର୍ମ ଦ୍ୱାରା ଗୁରୁଦେବଙ୍କର ସେବା କରିବା ଆବଶ୍ୟକ ଶ୍ରୀଗୁରୁଙ୍କର ଅହିତାଚରଣ କଲେ, ବିଷ୍ଠା ମଧ୍ୟରେ କୃମିକୀଟ ହୋଇ ଜନ୍ମଗ୍ରହଣ

କରିବାକୁ ପଡ଼େ । ପିତା ଏହି ଶରୀର ଦାନ କରିଛନ୍ତି ସତ୍ୟ କିନ୍ତୁ ଯେତେବେଳେ ଜ୍ଞାନ ବ୍ୟତୀତ ଏହି ଶରୀରଧାରଣ ନିରର୍ଥକ, ସେତେବେଳେ ଜ୍ଞାନଦାତା ଗୁରୁଦେବଙ୍କ ଠାରୁ ଏହି ଦୁଃଖସମାକୁଳ ଜଗତରେ ଅଧିକତର ଗୁରୁ ଆଉ କେହି ନାହାନ୍ତି । ମନ୍ତ୍ରତ୍ୟାଗୀଙ୍କର ମୃତ୍ୟୁ, ଗୁରୁତ୍ୟାଗୀଙ୍କର ଦରିଦ୍ରତା ଏବଂ ଗୁରୁ ଓ ମନ୍ତ୍ର ଉଭୟ ତ୍ୟାଗୀଙ୍କର ରୌରବ ନାମକ ନରକକୁ ଗତି ହୋଇଥାଏ । ଗୁରୁଦେବ ନିକଟରେ ଉପସ୍ଥିତ ଥିଲେ ଯେଉଁ ବ୍ୟକ୍ତି ଅନ୍ୟ ଦେବତାଙ୍କ ପୂଜା କରନ୍ତି, ସେହି ବ୍ୟକ୍ତି ଘୋରତର ନରକକୁ ଗମନ କରନ୍ତି ଏବଂ ତାଙ୍କକୃତ ପୂଜା ନିଷ୍ଫଳ ହୋଇଥାଏ । ମନ୍ତ୍ରଦାତା ଗୁରୁ ଅସତ୍‌ପଥଗାମୀ ହେଲେ ମଧ୍ୟ ତାଙ୍କୁ ସାକ୍ଷାତ୍ ଶିବ ଜ୍ଞାନ କରିବ, କାରଣ ତାଙ୍କ ଭିନ୍ନ ଅନ୍ୟ ଗତି ନାହିଁ । ତେଣୁ ବୈଷ୍ଣବମାନେ କହିଥା'ନ୍ତି —

"ଗଲେ ପଛେ ଯାଉଥାନ୍ତୁ ଗୁରୁ ଶୁଣ୍ଢି ଘର ।
ତେବେହେଲେ ନିତ୍ୟାନନ୍ଦ ପୂଜ୍ୟ ଗୁରୁ ମୋର ।।"

ଯେଉଁ ଗୁରୁଙ୍କ କର୍ତ୍ତୃକ ପରମପଦ ଦୃଷ୍ଟ ହୁଏ, କି ବିଦ୍ୟା, କି ତୀର୍ଥ, କି ଦେବତା କେହି ହେଲେ ସେହି ଗୁରୁଙ୍କ ତୁଲ୍ୟ ନୁହନ୍ତି । ଯେଉଁ ଗୁରୁଦେବଙ୍କ କର୍ତ୍ତୃକ ପରମପଦ ଦୃଷ୍ଟ ହୋଇଥାଏ, ସେହି ଗୁରୁଙ୍କ ତୁଲ୍ୟ ମିତ୍ର କେହି ନାହାନ୍ତି ଏବଂ ପୁତ୍ର, ପିତା, ବାନ୍ଧବ, ସ୍ୱାମୀ ପ୍ରଭୃତି କେହି ହେଲେ ତାଙ୍କ ସମତୁଲ୍ୟ ହୋଇପାରନ୍ତି ନାହିଁ । ଶ୍ରୀ ଗୁରୁଦେବଙ୍କର ଏତାଦୃଶ ପୂଜ୍ୟଭାବ କାହିଁକି ହେଲା ? ପ୍ରକୃତ ପକ୍ଷରେ ଯେଉଁ ଗୁରୁଦେବଙ୍କ କର୍ତ୍ତୃକ ପରମପଦ ଦୃଷ୍ଟ ହୁଏ, ଅର୍ଥାତ୍ ବ୍ରହ୍ମ-ସାକ୍ଷାତ୍‌କାର ଲାଭ ହୁଏ, ଯେ ଅଜ୍ଞାନତିମିରାବୃତ ଚକ୍ଷୁ ଜ୍ଞାନାଞ୍ଜନ-ଶଳାକା ଦ୍ୱାରା ଉନ୍ମୀଳିତ କରି ଦିବ୍ୟଜ୍ଞାନ ପ୍ରଦାନ କରନ୍ତି, ତାଙ୍କ ଅପେକ୍ଷା ଜଗତରେ ଆଉ ବା କିଏ ଗରୀୟାନ, ମହୀୟାନ ଓ ଆତ୍ମୀୟ ଅଛନ୍ତି ? ଆମେ ତାଙ୍କୁ ଭକ୍ତିପ୍ରୀତି ପ୍ରଦାନ କରିବା ନାହିଁ ତ ଆଉ କାହାକୁ ବା କରିବା ? *

* ଆଜିକାଲି ଅନେକେ ବୁଦ୍ଧିର ମଳିନତା ହେତୁ ଏବଂ ଶିକ୍ଷାଦୋଷରୁ ଓ ସଂସର୍ଗ ଗୁଣରୁ ଗୁରୁଦେବଙ୍କ ପ୍ରୟୋଜନୀୟତା ସ୍ୱୀକାର କରନ୍ତି ନାହିଁ । ସେମାନଙ୍କର ବିଶ୍ୱାସ, ଗୁରୁକରଣ ହିନ୍ଦୁମାନଙ୍କର ଗୋଟିଏ କୁସଂସ୍କାର ଭିନ୍ନ ଆଉ କିଛି ନୁହେଁ । କିନ୍ତୁ ସେମାନଙ୍କର ବୁଝିବା ଉଚିତ୍

କିନ୍ତୁ ଦୁଃଖର ବିଷୟ, ବର୍ତ୍ତମାନ ଯୁଗରେ ଗୁରୁଗିରି ଗୋଟାଏ ବ୍ୟବସାୟରେ ପରିଣତ ହୋଇଅଛି । ସେମାନେ ମାନବର ଆତ୍ମାକୁ ନେଇ, ପବିତ୍ର ଧର୍ମକୁ ନେଇ ପିଲାଙ୍କ ଭଳି ଖେଳ ଖେଳୁଛନ୍ତି । ସେମାନେ ଧର୍ମଚକ୍ରରେ ବାହାରେ ରହି କେବଳ କ୍ରୀଡ଼ା କରୁଛନ୍ତି ମାତ୍ର ଏବଂ ତଥାକଥିତ ଗୁରୁମାନଙ୍କର କ୍ରୀଡ଼ାପୁତ୍ତଳିକା ସାଜି ହିନ୍ଦୁମାନେ କ୍ରମେ ଆଧ୍ୟାତ୍ମିକ ଶକ୍ତିହରା ହୋଇପଡୁଛନ୍ତି । ଗୁରୁ ଅଧ୍ୟାତ୍ମିକ ବଳରେ ବଳୀୟାନ୍ ନ ହେଲେ, ଶିଷ୍ୟର ଆଧ୍ୟମ୍ବିକ ଶକ୍ତି ଲାଭର କୌଣସି ସମ୍ଭାବନା ନାହିଁ । କେବଳ ଗୁରୁ ବଂଶରେ ଜନ୍ମଗ୍ରହଣ କଲେ କିମ୍ବା ଶବ୍ଦରାଶି ମନ୍ଥନ କରି ବଡ ବଡ କଥା ଆବିଷ୍କାର କରିପାରିଲେ ବୋଲି କେହି କେବେ ଗୁରୁ ପଦବାଚ୍ୟ ହୋଇପାରିବେ ନାହିଁ । ଗୁରୁ ଆଧ୍ୟାତ୍ମିକ ଜଗତର ଲୋକ, ପୁଣି ଆଧ୍ୟାତ୍ମିକ ଶକ୍ତିସମ୍ପନ୍ନ ହୋଇ ମଧ୍ୟ ସେହି ଶକ୍ତିକୁ ଶିଷ୍ୟଠାରେ ସଞ୍ଚାରିତ କରିବାକୁ ଯେ ଶିକ୍ଷା କରିନାହାନ୍ତି, ସେ କେବେହେଲେ ଗୁରୁ ହୋଇପାରିବେ ନାହିଁ । ସେଭଳି ଗୁରୁଙ୍କ ଦ୍ୱାରା ଶିଷ୍ୟର କୌଣସି ହିତ ସାଧିତ ହୋଇପାରେ ନାହିଁ । କେବଳ ଜଣେ ଅନ୍ଧ ଆଉ ଜଣେ ଅନ୍ଧକୁ ବାଟ ଦେଖାଇବା ପରି ଚତୁର୍ଦ୍ଦିଗରେ ଘୂରିବୁଲିବା ସାର ହେବ । ସମୟ ଥାଉଁ ଥାଉଁ ସତର୍କ ହେବା ଯେପରି ସବୁ କାମରେ ପ୍ରୟୋଜନ, ଏହି କ୍ଷେତ୍ରରେ ମଧ୍ୟ ତାହା କର୍ତ୍ତବ୍ୟ । ସୁତରାଂ ଶିଷ୍ୟର **କର୍ତ୍ତବ୍ୟ, ଆଧ୍ୟାତ୍ମିକଶକ୍ତି-ସଞ୍ଚାରଣକ୍ଷମ ଗୁରୁଙ୍କ ନିକଟରୁ ମନ୍ତ୍ର ଗ୍ରହଣ କରିବା** । ଯାହା ମୁକ୍ତିର ଏକମାତ୍ର ଉପାୟ, ଯାହା ଆତ୍ମୋନ୍ନତିର ଏକମାତ୍ର କାରଣ, ତାହାକୁ ନେଇ ଖେଳିବା ଶୋଭନୀୟ ନୁହେଁ ।

---

***ପୂର୍ବପୃଷ୍ଠା ଫୁଟ୍‌ନୋଟ୍‌ର ଅବଶିଷ୍ଟାଂଶ-***

ଯେ, ଏହି କୁସଂସ୍କାରର ବଶବର୍ତ୍ତୀ ହୋଇ ହିନ୍ଦୁସମାଜରେ ଯେତେ ଲୋକ ଶ୍ରେଷ୍ଠତ୍ୱ ଲାଭ କରିପାରିଛନ୍ତି, କୌଣସି ସୁସଂସ୍କୃତ ସମ୍ପ୍ରଦାୟରେ ସେତେ ଶ୍ରେଷ୍ଠବ୍ୟକ୍ତି ଦୃଷ୍ଟ ହୁଅନ୍ତି କି ? ତେବେ କଥାର ଜୋର୍ ଦେଖାଇ ଗୁରୁଗ୍ରହଣ-ପ୍ରଥାକୁ କୁସଂସ୍କାର କହି ଧୃଷ୍ଟତା ଓ ମୂଢ଼ତା ପ୍ରକାଶ କରୁଛ କାହିଁକି ? ବ୍ୟାବହାରିକ ଯେ କୌଣସି ବିଦ୍ୟାରେ ଯେତେବେଳେ ଗୁରୁ ବ୍ୟତୀତ ସାଫଲ୍ୟ ଲାଭ କରିବାକୁ କେହି ସକ୍ଷମ ହୋଇପାରନ୍ତି ନାହିଁ, ସେପରି କ୍ଷେତ୍ରରେ କେଉଁ ସାହସରେ ତୁମେ ଗୁରୁ ବ୍ୟତୀତ ପରା-ବ୍ରହ୍ମ ବିଦ୍ୟା ଲାଭ କରିବାକୁ ଅଗ୍ରସର ହେଉଅଛ ? ମୁକ୍ତି କ'ଣ ତୁମମାନଙ୍କ ଦୃଷ୍ଟିରେ ଏତେ ସହଜ ? ମନ ଯେପରି, ଫଳ ମଧ୍ୟ ସେହିପରି ।

ବର୍ତ୍ତମାନ ବିଚାରିବାର କଥା ଯେ, ସଦ୍‌ଗୁରୁ କେଉଁଠାରେ ମିଳିବେ ଓ ସଦ୍‌ଗୁରୁଙ୍କୁ ଚିହ୍ନିବ କିପରି ? ଆମେ ଜାଣୁ ଯେ, ପ୍ରୟୋଜନ ହେଲା କ୍ଷଣି ଅନେକ ସମୟରେ ସଦ୍‌ଗୁରୁ ଆପଣା ମନକୁ ଆସି ଉପସ୍ଥିତ ହୁଅନ୍ତି । ସଦ୍‌ଗୁରୁଙ୍କୁ ଲାଭ କରିବାକୁ ହେଲେ, ପ୍ରଥମେ ନିଜକୁ ସତ୍ ହେବାକୁ ପଡ଼ିବ । ପୁଣି ସୂର୍ଯ୍ୟଙ୍କୁ ଦେଖିବା ପାଇଁ ଯେପରି ମଶାଲ ଜାଳିବାର ପ୍ରୟୋଜନ ହୁଏନାହିଁ, ସେହିପରି ଗୁରୁଙ୍କ ଚିହ୍ନିବା ପାଇଁ ବିଶେଷ କିଛି ଉପଦେଶର ଆବଶ୍ୟକତା ହୁଏନାହିଁ । ଯେଉଁମାନଙ୍କର ଆଧ୍ୟାତ୍ମିକ ଶକ୍ତି ଅଛି, ତାଙ୍କୁ ଦେଖିଲାକ୍ଷଣି ସେ ଚିହ୍ନା ପଡ଼ିଯାଆନ୍ତି । ଏହି ଶକ୍ତି ମନୁଷ୍ୟ ମାତ୍ରକେ ପ୍ରତ୍ୟେକଙ୍କ ଠାରେ ବିଦ୍ୟମାନ । ତେବେ ସେହି ଶକ୍ତିର ବିକାଶ ନିମିତ୍ତ ଚିତ୍ତଶୁଦ୍ଧିର ଏକାନ୍ତ ପ୍ରୟୋଜନ । ଏହା ବ୍ୟତୀତ ଗୁରୁ ନିର୍ବାଚନ ସମ୍ବନ୍ଧରେ ଶାସ୍ତ୍ରରେ ମଧ୍ୟ ବ୍ୟବସ୍ଥା ଅଛି । ଯଥା —

"ଶାନ୍ତୋ ଦାନ୍ତଃ କୁଳୀନଶ୍ଚ ବିନୀତଃ ଶୁଦ୍ଧବେଶବାନ୍ ।
ଶୁଦ୍ଧାଚାରଃ ସୁପ୍ରତିଷ୍ଠଃ ଶୁଚିର୍ଦକ୍ଷଃ ସୁବୁଦ୍ଧିମାନ୍ ।
ଆଶ୍ରମୀ ଧ୍ୟାନନିଷ୍ଠଶ୍ଚ ତନ୍ତ୍ର-ମନ୍ତ୍ର-ବିଶାରଦଃ ।
ନିଗ୍ରହାନୁଗ୍ରହେ ଶକ୍ତୋ ଗୁରୁରିତ୍ୟଭିଧୀୟତେ ॥"

ଯେ ଶାନ୍ତ (ଶ୍ରବଣ-ମନନ- ନିଦିଧ୍ୟାସନ ରୂପ ବିଷୟାତିରିକ୍ତ ସାଂସାରିକ ଯାବତୀୟ ବିଷୟରୁ ମନର ନିଗ୍ରହବାନ୍), ଦାନ୍ତ (ଶ୍ରବଣାଦି ବିଷୟାତିରିକ୍ତ ବିଷୟରୁ ବାହ୍ୟ ଦଶ-ଇନ୍ଦ୍ରିୟର ନିଗ୍ରହବାନ୍), କୁଳୀନ (ଆଚାର, ବିଚାର ପ୍ରଭୃତି ସର୍ବବିଧ ଗୁଣସମ୍ପନ୍ନ), ବିନୀତ, ଶୁଦ୍ଧବେଶସମ୍ପନ୍ନ, ବିଶୁଦ୍ଧାଚାର, ସୁପ୍ରତିଷ୍ଠ (ସତ୍‌କାର୍ଯ୍ୟାଦି ଦ୍ୱାରା ଯଶସ୍ୱୀ), ପବିତ୍ରସ୍ୱଭାବ, କ୍ରିୟାନିପୁଣ, ସୁବୁଦ୍ଧିସମ୍ପନ୍ନ, ଆଶ୍ରମୀ, ଈଶ୍ୱରଧ୍ୟାନପରାୟଣ, ତନ୍ତ୍ର-ମନ୍ତ୍ର ବିଷୟରେ ସାଧନପଣ୍ଡିତ ଏବଂ ଯେ ଶିଷ୍ୟଙ୍କ ପ୍ରତି ଶାସନ ଓ ଅନୁଗ୍ରହ କରିବାକୁ ସମର୍ଥ, ସେହିପରି ବ୍ରାହ୍ମଣ ହିଁ ଗୁରୁପଦର ଯୋଗ୍ୟ । ଉପରୋକ୍ତ ଲକ୍ଷଣଗୁଡ଼ିକ ଯେଉଁ ବ୍ୟକ୍ତିଙ୍କଠାରେ ଦେଖିବ, ତାଙ୍କୁ ଗୁରୁପଦରେ ବରଣ କରିବ ।

ଗୁରୁ ତ୍ୟାଗ ସମ୍ବନ୍ଧରେ ଆମ ଦେଶରେ ଯେଉଁ ସଂସ୍କାର ପ୍ରଚଳିତ ଅଛି, ତାହା ମନ୍ତ୍ରଦାତା ଗୁରୁଙ୍କ ସମ୍ବନ୍ଧରେ, ପିତା ବା ପିତାମହଙ୍କ ଗୁରୁ-ପୈତୃକ-ଗୁରୁଙ୍କ

ସମ୍ବନ୍ଧରେ ନୁହେଁ । ମନ୍ତ୍ର ଗ୍ରହଣ କରି ସାଧନା ପରେ ଯଦି ଜଣାଯାଏ ଯେ, ସେହି ମନ୍ତ୍ରଦାତା ଗୁରୁ ଅସତ୍‌ମାର୍ଗଗାମୀ ବା ଅବିଦ୍ୱାନ୍, ତଥାପି ତାଙ୍କୁ ପରିତ୍ୟାଗ କରିବା ଉଚିତ୍ ନୁହେଁ । କିନ୍ତୁ ମନ୍ତ୍ରଗ୍ରହଣ ପୂର୍ବରୁ ଜାଣିପାରିଲେ, କେବେହେଲେ ସେହି ଗୁରୁଙ୍କ ନିକଟକୁ ମନ୍ତ୍ର ଗ୍ରହଣ କରିବା ଠିକ୍ ନୁହେଁ । ମନ୍ତ୍ରଗ୍ରହଣ ଆଧ୍ୟାତ୍ମିକ ଉନ୍ନତିର କାରଣ, ସମାଜରେ ବାହାଦୂରୀ ପାଇବା ନିମିତ୍ତ ନୁହେଁ ।*। ଅତଏବ, ସଦ୍‌ଗୁରୁ ନିର୍ବାଚନ କରି ତାଙ୍କଠାରୁ ଦୀକ୍ଷା ଗ୍ରହଣ କରିବା ସମସ୍ତଙ୍କର କର୍ତ୍ତବ୍ୟ ।

ଯେଉଁମାନେ ପୂର୍ବରୁ ପୈତୃକ ଗୁରୁଙ୍କଠାରୁ ଦୀକ୍ଷାଗ୍ରହଣ କରିଛନ୍ତି, ସେମାନଙ୍କ ନିମିତ୍ତ ଜଗଦ୍‌ଗୁରୁ ସଦାଶିବ ଅନ୍ୟ ଉପଯୁକ୍ତ ଗୁରୁ ଗ୍ରହଣ କରିବାର ବିଧି ଶାସ୍ତ୍ରରେ ଲିପିବଦ୍ଧ କରିଛନ୍ତି । ଯଥା —

"ମଧୁଲୁବ୍ଧୋ ଯଥା ଭୃଙ୍ଗଃ ପୁଷ୍ପାଦ୍ ପୁଷ୍ପାନ୍ତରଂ ବ୍ରଜେତ୍
ଜ୍ଞାନଲୁବଧ୍ ସ୍ତଥା ଶିଷ୍ୟୋ ଗୁରୋର୍ଗୁର୍ବନ୍ତରଂ ବ୍ରଜେତ୍ ॥" (ତନ୍ତ୍ରଶାସ୍ତ୍ର)

ମଧୁ ଲୋଭରେ ଭ୍ରମର ଯେପରି ଗୋଟିଏ ଫୁଲରୁ ଅନ୍ୟ ଫୁଲକୁ ଗମନ କରେ, ସେହିପରି ଜ୍ଞାନଲୁବ୍ଧ ଶିଷ୍ୟ ଅନ୍ୟ ଗୁରୁଙ୍କ ଆଶ୍ରୟ ଗ୍ରହଣ କରିବା ଦରକାର । ଅତଏବ, ଦୀକ୍ଷିତ ବ୍ୟକ୍ତି ଅନ୍ୟ ଗୁରୁ-ବରଣ କରି ଉପଦେଶ ଗ୍ରହଣ କରିବା ବିଧେୟ ଏବଂ ସାଧନପ୍ରଣାଳୀ ଶିକ୍ଷା କରିବା ଆବଶ୍ୟକ ।

---

* ସମାଜ ଭୟରେ କିମ୍ବା ବଂଶନାଶ ଆଶଙ୍କାରେ ଜାଣିଶୁଣି ବହୁ ଶିକ୍ଷିତ ବ୍ୟକ୍ତି ଷଣ୍ଢତୁଲ୍ୟ ଗଣ୍ଡମୂର୍ଖଙ୍କୁ ଗୁରୁରୂପେ ବରଣ କରିଥା'ନ୍ତି । ଏହା ଦ୍ୱାରା କଅଣ ପାପକୁ ପ୍ରଶ୍ରୟ ଦିଆ ହୁଏନାହିଁ ? ଏଇଥିପାଇଁ ହିଁ ଦିନକୁ ଦିନ ପୈତୃକ ଗୁରୁ-ପୁରୋହିତ କୁଳର ଅବନତି ଘଟୁଛି । ଉପଯୁକ୍ତ ବ୍ୟକ୍ତିଙ୍କ ଅନୁସରଣ କଲେ, ବାଧ୍ୟ ହୋଇ ସେମାନେ ମଧ ଉପଯୁକ୍ତ ହେବାକୁ ଚେଷ୍ଟା କରିବେ, ଅନ୍ୟଥା ଦକ୍ଷିଣ ହସ୍ତର ବ୍ୟାପାର ଯେ ବନ୍ଦ ହୋଇଯିବ ! ବଂଶପରମ୍ପରା ଶିଷ୍ୟରୂପ ମୌରସୀ ସମ୍ପତ୍ତି ଭୋଗରେ ବ୍ୟାଘାତ ହେଲେ, ସେମାନେ ଆଉ ନିଶ୍ଚେଷ୍ଟ ହୋଇ ବସି ରହିପାରିବେ ନାହିଁ, ଉପଯୁକ୍ତ ହେବାକୁ ଚେଷ୍ଟା କରିବେ । ଏଥିରେ ସେମାନଙ୍କର ଉନ୍ନତି ଅବଶ୍ୟମ୍ଭାବୀ । ଅନ୍ୟଥା ସେମାନେ ଗୁରୁ-ବ୍ୟବସାୟ ଛାଡ଼ିବାକୁ ବାଧ୍ୟ ହେବେ । ତେଣୁ ଗୁରୁକୁଳର ଅଧୋଗତି ନିମିତ୍ତ ଶିଷ୍ୟମାନେ ହିଁ ଅଧିକତର ଦାୟୀ । ପାପକୁ ପ୍ରଶ୍ରୟ ଦେଲେ କଅଣ କେହି ସେଥିରୁ ବିରତ ହୁଅନ୍ତି ?

ଯେଉଁ ବ୍ୟକ୍ତି ଆତ୍ମଶକ୍ତି ସଞ୍ଚାରଣ କରିପାରନ୍ତି, ସେ ହେଉଛନ୍ତି 'ଗୁରୁ' ଏବଂ ଯାହାଙ୍କ ଆତ୍ମାରେ ଶକ୍ତି ସଞ୍ଚାରିତ ହୁଏ, ତାଙ୍କୁ 'ଶିଷ୍ୟ' କୁହାଯାଏ । ସୁତରାଂ ଶିଷ୍ୟଙ୍କର ଶକ୍ତି-ଆକର୍ଷିକା ଓ ଶକ୍ତି-ସଂଗ୍ରାହିକା କ୍ଷମତା ଥିବା ଏକାନ୍ତ ଆବଶ୍ୟକ । ଏଇଥିପାଇଁ ଶାସ୍ତ୍ରରେ ଉପଯୁକ୍ତ ଶିଷ୍ୟକୁ ଦୀକ୍ଷା ଦେବାର ବିଧି ଅଛି । ଉପଯୁକ୍ତ ଶିଷ୍ୟର ଲକ୍ଷଣ, ଯଥା —

''ଶାନ୍ତୋ ବିନୀତଃ ଶୁଦ୍ଧାତ୍ମା ଶ୍ରଦ୍ଧାବାନ୍ ଧାରଣକ୍ଷମଃ ।
ସମର୍ଥଶ୍ଚ କୁଳୀନଶ୍ଚ ପ୍ରାଜ୍ଞଃ ସଚ୍ଚରିତୋ ଯତିଃ ।
ଏବମାଦିଗୁଣୈର୍ଯୁକ୍ତଃ ଶିଷ୍ୟୋ ଭବତି ନାନ୍ୟଥା ।।'' (ତନ୍ତ୍ରସାର)

ଅର୍ଥାତ୍ ଶମାଦି-ଗୁଣଯୁକ୍ତ, ବିନୟୀ, ବିଶୁଦ୍ଧସ୍ୱଭାବ, ଶ୍ରଦ୍ଧାବାନ୍, ଧୈର୍ଯ୍ୟଶୀଳ, ସର୍ବକର୍ମସମର୍ଥ, ସଦ୍‌ବଂଶଜାତ, ଅଭିଜ୍ଞ, ସଚ୍ଚରିତ୍ର ଏବଂ ଜାତି-ଆଚାରଯୁକ୍ତ ବ୍ୟକ୍ତି ପ୍ରକୃତ ଶିଷ୍ୟ ପଦବାଚ୍ୟ । ଏହାର ବିପରୀତଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ କେବେହେଲେ ଶିଷ୍ୟରୂପେ ଗ୍ରହଣ କରିବା ଉଚିତ୍ ନୁହେଁ ।

''ଗୁରୁତା ଶିଷ୍ୟତା ବାପି ତୟୋର୍ବତ୍ସରବାସତଃ ।।''

ଅର୍ଥାତ୍ ବର୍ଷକ ପର୍ଯ୍ୟନ୍ତ ଗୁରୁ ଓ ଶିଷ୍ୟ ଏକତ୍ର ବାସ କରି ଉଭୟେ ଉଭୟଙ୍କ ସ୍ୱଭାବାଦି ନିର୍ଣ୍ଣୟ କରି ନିଜ ନିଜର ଅଭିରୁଚି ଅନୁରୂପ ହେଲେ, ଗୁରୁ କିମ୍ବା ଶିଷ୍ୟ କରିବା ବିଧେୟ ।

ପ୍ରବଳ ଜ୍ଞାନପିପାସା, ପବିତ୍ରତା, ଗୁରୁଭକ୍ତି ବା ଅଧ୍ୟବସାୟ ନ ଥିଲେ ଶିଷ୍ୟଜୀବନ ଲାଭ କରାଯାଇପାରେ ନାହିଁ । ଧର୍ମଲାଭ କରିବାକୁ ହେଲେ, ଧର୍ମ ଉପରେ ହିଁ ଚିତ୍ତ ସଂସ୍ଥାପନ କରିବାକୁ ହେବ । କିନ୍ତୁ କେବଳ ପୁସ୍ତକପାଠ ଓ ଧର୍ମର ବକ୍ତୃତା ଶ୍ରବଣ କଲେ, ସେ କାର୍ଯ୍ୟ ସାଧିତ ହୋଇପାରେ ନାହିଁ । ସେଥିପାଇଁ ପ୍ରାଣର ବ୍ୟାକୁଳତା ଓ ଗୁରୁଶକ୍ତି ସଂଗ୍ରହର କ୍ଷମତା ଥିବା ଆବଶ୍ୟକ । ଶିଷ୍ୟ-ଜୀବନରେ ଶ୍ରୀଗୁରୁଙ୍କ ବଶ୍ୟତାସ୍ୱୀକାର ପୂର୍ବକ ଇଷ୍ଟନିଷ୍ଠା ସହିତ ଧର୍ମଚର୍ଚ୍ଚା କରିବା ସିଦ୍ଧିପଥକୁ ଗମନ କରିବାର ଏକମାତ୍ର ଉପାୟ । ଗୋଟିଏ ସାମାଜିକ ଦାୟିତ୍ୱରୁ ମୁକ୍ତିଲାଭ କରିବା ଉଦ୍ଦେଶ୍ୟରେ ଦୀକ୍ଷାଗ୍ରହଣ କଲେ, ଫଳ ପାଇବ ବା କିପରି ?

ଭୂମି ଉତ୍ତମ ରୂପେ କର୍ଷିତ ନ ହେଲେ, ବୀଜବପନ ଯେପରି ନିରର୍ଥକ, ସେହିପରି ଅଶୁଦ୍ଧଚିତ୍ତ ବ୍ୟକ୍ତିଙ୍କୁ ଦୀକ୍ଷା ଦାନ କଲେ ମଧ୍ୟ କୌଣସି ଫଳଲାଭର ଆଶା କରାଯାଇପାରେ ନାହିଁ । ସୁତରାଂ ଯେଉଁମାନଙ୍କର ଧର୍ମଜୀବନ ଲାଭ ନିମିତ୍ତ ପ୍ରକୃତ ବ୍ୟାକୁଳତା ଜାତ ହୋଇନାହିଁ, ସେମାନେ ଚିତ୍ତଶୁଦ୍ଧି ନିମିତ୍ତ ବ୍ରହ୍ମଚର୍ଯ୍ୟ ପାଳନ ଓ ସାଧୁସଙ୍ଗ କରିବା ବିଧେୟ । ତତ୍ପରେ ସଦ୍‌ଗୁରୁ ନିର୍ବାଚନପୂର୍ବକ ଦୀକ୍ଷା ଗ୍ରହଣ କରିବା ଆବଶ୍ୟକ ।

ଯାହାଙ୍କର ଯେଉଁ ଦେବତାଙ୍କ ପ୍ରତି ଭକ୍ତିର ଆଧିକ୍ୟ ଦେଖିବ, ତାଙ୍କୁ ସେହି ଦେବତାଙ୍କ ମନ୍ତ୍ର ପ୍ରଦାନ କରିବା କର୍ତ୍ତବ୍ୟ । ଅନ୍ୟଥା ଚକ୍ରବିଚାର କରି ମନ୍ତ୍ର ନିର୍ବାଚନ କରିବା ଦରକାର । ସିଦ୍ଧଗୁରୁ ଶିଷ୍ୟର ଜନ୍ମଜନ୍ମାନ୍ତରର ସାଧ୍ୟ ମନ୍ତ୍ର ମଧ୍ୟ ନିର୍ଦ୍ଧାରଣ କରିଦେଇ ପାରନ୍ତି । ବିଦ୍ୟା ଓ ମନ୍ତ୍ର ମୃତବ୍ୟକ୍ତିଙ୍କର ଅନୁଗାମୀ ହୋଇଥାଏ ଏବଂ ପୂର୍ବଜନ୍ମୀୟ କର୍ମର ପ୍ରତିପାଦନ କରେ । କିଭଳି ଭାବରେ **ପୂର୍ବଜନ୍ମର ବିଦ୍ୟା ସମୁଦ୍ଧାର** କରିବାକୁ ହୁଏ, ନିମ୍ନରେ ତାହା ଲିଖିତ ହେଲା । ଯଥା —

ବଟପତ୍ରରେ ଶକ୍ତିମନ୍ତ୍ର, ଅଶ୍ୱତ୍ଥ ପତ୍ରରେ ବିଷ୍ଣୁମନ୍ତ୍ର ଏବଂ ବକୁଳପତ୍ରରେ ଶିବମନ୍ତ୍ର ଲେଖିବ । ଉପରୋକ୍ତ ପ୍ରତ୍ୟେକ ମନ୍ତ୍ରକୁ ଉପରଲିଖିତ ସାତ ସାତଟି ପତ୍ରରେ ଲେଖିବାକୁ ହେବ । ରକ୍ତଚନ୍ଦନ ଅଥବା କୁଙ୍କୁମ ଦ୍ୱାରା ଶକ୍ତିମନ୍ତ୍ର, ଶ୍ୱେତଚନ୍ଦନ ଦ୍ୱାରା ବିଷ୍ଣୁମନ୍ତ୍ର ଏବଂ ଭସ୍ମଦ୍ୱାରା ଶିବମନ୍ତ୍ର ଲେଖିବ । ତତ୍ପରେ ସେହି ସେହି ଦେବତାଙ୍କର ପ୍ରାଣପ୍ରତିଷ୍ଠା କରି ଯଥାଶକ୍ତି ଉପଚାର ଦ୍ୱାରା ପୂଜା କରିବ । ଅନନ୍ତର ଶିଷ୍ୟ ଏହି ଅର୍ଘ୍ୟପତ୍ର ଗ୍ରହଣ କରି —

**"ଓଁ ଭୋ ଦେବ ପୃଥିବୀପାଳ ସର୍ବଶକ୍ତି-ସମନ୍ୱିତ ।**
**ମମାର୍ଘ୍ୟଞ୍ଚ ଗୃହାଣ ତ୍ୱଂ ପୂର୍ବବିଦ୍ୟାଂ ପ୍ରକାଶୟ ।।"**

ଏହି ମନ୍ତ୍ର ପାଠ କରି ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ କରିବ ।

**ଅର୍ଘ୍ୟ,** ଯଥା - ଜଳ, ଦୁଗ୍ଧ, କୁଶାଗ୍ର, ଘୃତ, ମଧୁ, ଦଧି, ରକ୍ତକରବୀ ଓ ରକ୍ତଚନ୍ଦନ—ଏହାକୁ **ଅଷ୍ଟାଙ୍ଗ ଅର୍ଘ୍ୟ** କୁହାଯାଏ । ଏହିପରି ଭାବରେ ଅର୍ଘ୍ୟଦାନ କରି କୃତାଞ୍ଜଳି ହୋଇ ନମସ୍କାର କରିବ । ଅନନ୍ତର ଶିଷ୍ୟ —

"ସୂର୍ଯ୍ୟଃ ସୋମୋ ଯମଃ କାଲୋ ମହାଭୂତାନି ପଞ୍ଚ ବୈ ।
ଏତେ ଶୁଭାଶୁଭସ୍ୟେହ କର୍ମଣୋ ନବ ସାକ୍ଷିଣଃ ।।
ସର୍ବେ ଦେବାଃ ଶରୀରସ୍ଥା ମମ ମନ୍ତ୍ରସ୍ୟ ସାକ୍ଷିଣଃ ।
ପୂର୍ବଜନ୍ମାର୍ଜ୍ଜିତାଃ ବିଦ୍ୟାଂ ମମ ହସ୍ତେ ପ୍ରଦାପୟ ।।"

ଏହି ମନ୍ତ୍ର ପାଠପୂର୍ବକ ମନ୍ତ୍ରଲିଖିତ ଗୋଟିଏ ପତ୍ର ଉତ୍ତୋଳନ କରି "ଗୁରୁଦେବ ! ମୋତେ ପୂର୍ବଜନ୍ମାର୍ଜିତ ବିଦ୍ୟା ପ୍ରଦାନ କରନ୍ତୁ"—କହି ଶ୍ରୀଗୁରୁଙ୍କ ହସ୍ତରେ ସେହି ମନ୍ତ୍ର ପ୍ରଦାନ କରିବ । ଏହି ପତ୍ରଲିଖିତ-ମନ୍ତ୍ର ହିଁ ଶିଷ୍ୟର ପୂର୍ବଜନ୍ମର ବିଦ୍ୟା । ମନ୍ତ୍ର ଯଥାରୀତି ଶିଷ୍ୟକୁ ପ୍ରଦାନ କରିବାକୁ ହୁଏ ।

ମନ୍ତ୍ରଗ୍ରହଣାଭିଳାଷୀ ଶିଷ୍ୟ ପୂର୍ବଦିନ ହବିଷ୍ୟାଦି ସମାପନ କରି ପରଦିନ ନିତ୍ୟକ୍ରିୟାଦି ସମାପନ ପରେ ବ୍ରାହ୍ମଣ ହୋଇଥିଲେ ଜ୍ଞାନ ଓ ଅଜ୍ଞାନକୃତ ପାତକ କ୍ଷୟ କାମନାରେ ଶହେଆଠ ଥର ଗାୟତ୍ରୀ ଜପ କରିବେ । ତଦନନ୍ତର ଆଚମନ କରି ନାରାୟଣ ପ୍ରଭୃତି ଦେବତାମାନଙ୍କୁ ଗନ୍ଧପୁଷ୍ପଦାନପୂର୍ବକ ସଂକଳ୍ପ କରିବେ ।

**ସଂକଳ୍ପ,** ଯଥା - **ଅଦ୍ୟେତ୍ୟାଦି ଅମୁକ-ମାସି ଅମୁକ-ରାଶିସ୍ଥେ ଭାସ୍କରେ ଅମୁକପକ୍ଷେ ଅମୁକ-ତିଥୌ ଅମୁକ -ଗୋତ୍ରଃ ଶ୍ରୀ ଅମୁକ - ଦେବଶର୍ମା, ଧର୍ମାର୍ଥକାମମୋକ୍ଷପ୍ରାପ୍ତି-କାମଃ ଅମୁକଃ-ଦେବତାୟା ଇୟଦକ୍ଷରି-ମନ୍ତ୍ରଗ୍ରହଣମହଂ କରିଷ୍ୟେ ।**

ପରେ ସଂକଳ୍ପ-ସୂକ୍ତାଦି ପାଠକରି ଗୁରୁ ବରଣ କରିବାକୁ ହେବ । ଯଥା- ହାତଯୋଡ଼ି ଗୁରୁଦେବଙ୍କୁ କହିବେ, **ସାଧୁଭବାନାସ୍ତାମ୍** । ଗୁରୁ- **ସାଧ୍ୱହମାସେ** । ଶିଷ୍ୟ- **ଅର୍ଚ୍ଚୟିଷ୍ୟାମୋ ଭବନ୍ତମ୍** । ଗୁରୁ - **ଓମର୍ଚ୍ଚୟ** । ଗନ୍ଧ, ପୁଷ୍ପ ଓ ଦୁର୍ବାକ୍ଷତ ଦ୍ୱାରା ଶ୍ରୀଗୁରୁଙ୍କ ଦକ୍ଷିଣ ଜାନୁ ଧାରଣ କରି ଶିଷ୍ୟ ପାଠ କରିବେ - **ଅଦ୍ୟେତ୍ୟାଦି-** (ଦେବଶର୍ମା ପର୍ଯ୍ୟନ୍ତ ପୂର୍ବବତ୍) **ମତ୍‌ସଙ୍କଳ୍ପିତ-ଅମୁକଦେବତାୟା ଇୟଦକ୍ଷରି-ମନ୍ତ୍ରଗ୍ରହଣକର୍ମଣି ଗୁରୁକର୍ମ-କରଣାୟ ଅମୁକ-ଗୋତ୍ରଂ ଶ୍ରୀଅମୁକଦେବଶର୍ମାଣମ୍ ଏଭିଃ ପାଦ୍ୟାଦିଭିରଭ୍ୟର୍ଚ୍ଚ୍ୟ ଗୁରୁତ୍ୱେନ ଭବନ୍ତମହଂ ବୃଣେ** । ଗୁରୁ - **ଓଁ ବୃତୋଽସ୍ମି,** ଶିଷ୍ୟ- **ଯଥାବିହିତଂ ଗୁରୁକର୍ମ କୁରୁ** । ଗୁରୁ - **ଓଁ ଯଥାଜ୍ଞାନଂ କରବାଣି** ।

ତଦନନ୍ତର ଗୁରୁ ସ୍ଥାପିତ ଘଟରେ, ଶାଳଗ୍ରାମରେ, ବାଣଲିଙ୍ଗରେ କିମ୍ବା ତାମ୍ରପାତ୍ରରେ ଚନ୍ଦନାଦି ଦ୍ୱାରା ଯନ୍ତ୍ର ଅଙ୍କିତ କରି ନିଜ ନିଜ ପଦ୍ଧତି କ୍ରମେ ଯଥାଶକ୍ତି ଦେବତାଙ୍କ ପୂଜା କରିବେ ଏବଂ ତାନ୍ତ୍ରିକ ବିଧାନରେ ହୋମ କରି ଯେଉଁ ମନ୍ତ୍ର ପ୍ରଦାନ କରାହେବ, ସେହି ମନ୍ତ୍ରକୁ ସ୍ୱାହାନ୍ତ କରି ଅଷ୍ଟୋତ୍ତରଶତବାର ପୂଜିତ ଦେବତାଙ୍କର ହୋମ କରିବେ ।

ତତ୍ପରେ ଶିଷ୍ୟକୁ ଉତ୍ତରାଭିମୁଖରେ ଉପବେଶନ କରାଇ ସ୍ଥାପିତ ଘଟଜଳରେ ଶହେଆଠ ଥର ପ୍ରଦେୟ ମନ୍ତ୍ର ଜପକରି ସେହି ଜଳକୁ ଶିଷ୍ୟଙ୍କ ମସ୍ତକରେ କଳସମୁଦ୍ରା ଦ୍ୱାରା ପ୍ରଦାନ କରି ଅଭିଷେକ କରିବେ । ତତ୍ପରେ **'ଓଁ ସହସ୍ରାରେ ହୁଁ ଫଟ୍'** ମନ୍ତ୍ରରେ ଶିଷ୍ୟର ଶିଖା ବନ୍ଧନ କରିଦେଇ ମସ୍ତକ ଉପରେ ଦେୟ ମନ୍ତ୍ରକୁ ଶହେଆଠ ଥର ଜପ କରିବେ । ଏହା ପରେ ଶିଷ୍ୟଙ୍କ ହାତରେ ଏକ ଅଞ୍ଜଳି ଜଳ ପ୍ରଦାନପୂର୍ବକ ଗୁରୁ କହିବେ, **'ଅମୁକଂ ମନ୍ତ୍ରଂ ତେ ଦଦାମି, ଆବୟୋସ୍ତୁଲ୍ୟଫଳଦୋ ଭବତୁ ।'** ଶିଷ୍ୟ କହିବେ, **'ଦଦସ୍ୱ ।'** ଗୁରୁ ପୂର୍ବମୁଖା ହୋଇ ବସି ପ୍ରଦେୟ ମନ୍ତ୍ରକୁ ପ୍ରଣବପୁଟିତ କରି ସାତଥର ଜପ କରିବେ । ତଦନନ୍ତର ଗୁରୁଶିଷ୍ୟଙ୍କ ଦେହରେ ଋଷ୍ୟାଦି ନ୍ୟାସ କରିବା ପରେ ଶିଷ୍ୟ ମସ୍ତକ ଆଚ୍ଛାଦନ କରି ପଶ୍ଚିମମୁଖ ହୋଇ ଉପବେଶନ କରି ଦୁଇ ହସ୍ତରେ ଗୁରୁଦେବଙ୍କ ଦୁଇ ପାଦ ଧାରଣ କରିବେ । ସେତେବେଳେ ଗୁରୁ ଶିଷ୍ୟଙ୍କ ଦକ୍ଷିଣ କର୍ଣ୍ଣରେ ଋଷିଚ୍ଛନ୍ଦାଦିଯୁକ୍ତ ବୀଜମନ୍ତ୍ର ସ୍ପଷ୍ଟ କରି ତିନିଥର ଓ ଥରେ ବାମ କର୍ଣ୍ଣରେ ଶୁଣାଇଦେବେ । ସ୍ତ୍ରୀ ଓ ଶୁଦ୍ରମାନଙ୍କ ପକ୍ଷରେ ଉପରୋକ୍ତ ନିୟମର ବିପରୀତାଚରଣ କରିବେ । ଗୃହୀତମନ୍ତ୍ର ଶିଷ୍ୟ ସେତେବେଳେ ଭୂଲୁଣ୍ଠିତ ହୋଇ ଗୁରୁଦେବଙ୍କ ଚରଣରେ ପ୍ରଣାମପୂର୍ବକ କହିବେ —

**''ନମସ୍ତେ ନାଥ ଭଗବନ୍ ଶିବାୟ ଗୁରୁରୂପିଣେ ।**
**ବିଦ୍ୟାବତାରସଂସିଦ୍ଧୌ ସ୍ୱୀକୃତାନେକବିଗ୍ରହ ॥**
**ନାରାୟଣସ୍ୱରୂପାୟ ପରମାତ୍ମୈକମୂର୍ତ୍ତୟେ ।**
**ସର୍ବାଜ୍ଞାନତମୋଭେଦଭାବେନ ଚିଦ୍‌ଘନାୟ ତେ ॥**
**ସ୍ୱତନ୍ତ୍ରାୟ ଦୟାକ୍ଳୃପ୍ତବିଗ୍ରହାୟ ଶିବାତ୍ମନେ ।**
**ପରତନ୍ତ୍ରାୟ ଭକ୍ତାନାଂ ଭବ୍ୟାନାଂ ଭବ୍ୟରୂପିଣେ ॥**

ବିବେକାନାଂ ବିବେକାୟ ବିମର୍ଶାୟ ବିମର୍ଶିଣାମ୍ ।
ପ୍ରକାଶାନାଂ ପ୍ରକାଶାୟ ଜ୍ଞାନିନାଂ ଜ୍ଞାନରୂପିଣେ ।।
ତ୍ୱତ୍ ପ୍ରସାଦାଦହଂ ଦେବ କୃତକୃତ୍ୟୋଽସ୍ମି ସର୍ବତଃ ।
ମାୟାମୃତ୍ୟୁମହାପାଶାଦ୍ ବିମୁକ୍ତୋଽସ୍ମି ଶିବୋଽସ୍ମି ଚ ।।'

ତାହାପରେ ଗୁରୁଦେବ ଶିଷ୍ୟଙ୍କ ହସ୍ତଧାରଣପୂର୍ବକ ଉତ୍ତୋଳନ କରି ମଙ୍ଗଳ କାମନା କରି ପାଠ କରିବେ—

''ଉତ୍ତିଷ୍ଠ ବତ୍ସ ମୁକ୍ତୋଽସି ସମ୍ୟଗାଚାରବାନ୍ ଭବ ।
କୀର୍ତ୍ତିଶ୍ରୀକାନ୍ତିପୁତ୍ରାୟୁର୍ବଳାରୋଗ୍ୟଂ ସଦାସ୍ତୁ ତେ ।।''

ତଦନନ୍ତର ଶିଷ୍ୟ ଗୁରୁଦକ୍ଷିଣା ଦାନ କରିବେ ଏବଂ ନିଜକୁ କୃତକୃତାର୍ଥ ଜ୍ଞାନ କରି ପ୍ରାପ୍ତ ମନ୍ତ୍ର ୧୦୮ ଥର ଜପ କରିବେ ଏବଂ ଗୁରୁସଞ୍ଚାରିଣୀ-ଶକ୍ତି ଲାଭ ପାଇଁ ଗୁରୁଦେବଙ୍କ ନିକଟରେ ତିନି ଦିନ ବାସ କରିବେ । ଗୁରୁ ମଧ୍ୟ ଆତ୍ମଶକ୍ତି ରକ୍ଷା ନିମିତ୍ତ ଶହେଆଠ ଥର ମନ୍ତ୍ର ଜପ କରିବେ ।

ଦୀକ୍ଷାଦାନର ଆହୁରି ନାନାବିଧ ପଦ୍ଧତି ଶାସ୍ତ୍ରରେ ଦେଖିବାକୁ ମିଳେ । ସ୍ଥାନ-କାଳ ପାତ୍ରର ମଧ୍ୟ ବିଚାର ଅଛି । କିନ୍ତୁ ବାହୁଲ୍ୟ ଭୟରେ ସେସବୁ ବିଷୟ ଏଠାରେ ଉଲ୍ଲେଖ କରାଗଲା ନାହିଁ । ଭାଗ୍ୟବଶତଃ ଯଦି କେହି ସିଦ୍ଧଗୁରୁ ବା ସିଦ୍ଧମନ୍ତ୍ର ପ୍ରାପ୍ତ ହୁଅନ୍ତି, ତେବେ କିଛିମାତ୍ର ବିଚାର କରିବାର ପ୍ରୟୋଜନ ନାହିଁ, ତତ୍‌କ୍ଷଣାତ୍ ମନ୍ତ୍ର ଗ୍ରହଣ କରିବେ ।

ଅନେକ ବ୍ୟକ୍ତି ସୌଭାଗ୍ୟବଶରୁ ସ୍ୱପ୍ନରେ ମନ୍ତ୍ରଲାଭ କରିଥାନ୍ତି । ସ୍ୱପ୍ନରେ ମନ୍ତ୍ରଲାଭ ହେଲେ ମଧ୍ୟ ସେହି ମନ୍ତ୍ରକୁ ପୁନରାୟ ସଦ୍‌ଗୁରୁଙ୍କ ନିକଟରୁ ଗ୍ରହଣ କରିବାକୁ ପଡ଼ିବ । କାରଣ ଆତ୍ମାର ଶକ୍ତିସଞ୍ଚାଳକ ଆଉ ଗୋଟିଏ ଆତ୍ମାର ନିତାନ୍ତ ପ୍ରୟୋଜନ । ଯଦି ସଦ୍‌ଗୁରୁ ଲାଭ ନ ହୁଏ, ତେବେ ନିଜେ ମଧ୍ୟ ତାହା ଗ୍ରହଣ କରାଯାଇପାରେ । ଯଥା —

''ସ୍ୱପ୍ନଲବ୍‌ଧେ ଚ କଳସେ ଗୁରୋଃ ପ୍ରାଣାନ୍ ନିବେଶୟେତ୍ ।
ବଟପତ୍ରେ କୁଙ୍କୁମେନ ଲିଖିତ୍ୱା ଗ୍ରହଣଂ ଶୁଭମ୍ ।
ତତଃ ସିଦ୍ଧିମବାପ୍ନୋତି ଚାନ୍ୟଥା ବିଫଳଂ ଭବେତ୍ ।।'' (ଯୋଗିନୀ-ତନ୍ତ୍ର)

ଜଳପୂର୍ଣ୍ଣ କଳସରେ ଶ୍ରୀଗୁରୁଙ୍କ ପ୍ରାଣପ୍ରତିଷ୍ଠା କରି ବଟପତ୍ରରେ କୁଙ୍କୁମ ଦ୍ୱାରା ମନ୍ତ୍ର ଲେଖି ଉକ୍ତ କଳସରେ ସେହି ମନ୍ତ୍ରକୁ ନିକ୍ଷେପ କରିବେ । ପରେ ସେହି ବଟପତ୍ର ସହିତ ମନ୍ତ୍ର ଉତ୍ତୋଳନପୂର୍ବକ ନିଜେ ସେହି ମନ୍ତ୍ର ଗ୍ରହଣ କରିବେ । ଅନ୍ୟଥା ଫଳ ଲାଭ ହେବନାହିଁ ।

ଗୁରୁଙ୍କର ଏକାନ୍ତ ଅଭାବ ହେଲେ, ଏହିଭଳି ଭାବରେ ନିଜେ ମନ୍ତ୍ର ଗ୍ରହଣ କରିବ, କିନ୍ତୁ ଗୁରୁଙ୍କର ପ୍ରାପ୍ତି ସମ୍ଭାବନା ଥିଲେ, କଦାପି ଏପରି କରିବ ନାହିଁ । ସ୍ୱପ୍ନଲବ୍ଧ ମନ୍ତ୍ରରେ ସବିଶେଷ ବିଚାରାଦି କରିବାର ପ୍ରୟୋଜନ ନାହିଁ ।

ଯେଉଁମାନେ ଉପଯୁକ୍ତ ବିଧିବିଧାନରେ ଦୀକ୍ଷା ଗ୍ରହଣ କରିବାକୁ ଅସମର୍ଥ, ସେମାନେ ଚନ୍ଦ୍ର କିମ୍ବା ସୂର୍ଯ୍ୟଗ୍ରହଣ ସମୟରେ, ତୀର୍ଥସ୍ଥାନରେ, ସିଦ୍ଧକ୍ଷେତ୍ରରେ, ମହାପୀଠରେ ଅଥବା ଶିବାଳୟରେ ଶ୍ରୀଗୁରୁଙ୍କ ନିକଟରୁ ମନ୍ତ୍ର ଥରେ ଶୁଣି ଉପଦେଶ ଗ୍ରହଣ କଲେ ମଧ୍ୟ ପ୍ରତ୍ୟବାୟ ହୁଏ ନାହିଁ ।

## ଶାକ୍ତାଭିଷେକ

**ଶ**କ୍ତିମନ୍ତ୍ରର ଉପାସକମାନଙ୍କର ଦୀକ୍ଷା ସଙ୍ଗେ ସଙ୍ଗେ ଶାକ୍ତାଭିଷେକ ହେବା କର୍ତ୍ତବ୍ୟ । ବାମକେଶ୍ୱର ତନ୍ତ୍ର ଓ ନିରୁତ୍ତର ତନ୍ତ୍ରାଦିରେ କୁହାଯାଇଛି ଯେ, ''ଯେଉଁ ବ୍ୟକ୍ତି ଅଭିଷେକ ବ୍ୟତୀତ ଦଶବିଦ୍ୟା ମଧ୍ୟରୁ କୌଣସି ଗୋଟିଏ ବିଦ୍ୟାର ମନ୍ତ୍ର ଦୀକ୍ଷା ଦେବେ, ସେ ବ୍ୟକ୍ତି ଚନ୍ଦ୍ର-ସୂର୍ଯ୍ୟ ବିଦ୍ୟମାନ ଥିବା ପର୍ଯ୍ୟନ୍ତ ନରକରେ ବାସ କରିବେ ।'' ଅତଏବ, ଶାକ୍ତ ମାତ୍ରକେ ଶାକ୍ତାଭିଷେକ ହେବା କର୍ତ୍ତବ୍ୟ । **ଶାକ୍ତାଭିଷେକ**ର କ୍ରମ, ଯଥା—

ସ୍ୱସ୍ତିବାଚନପୂର୍ବକ ସଂକଳ୍ପ କରିବେ- **ଅଦ୍ୟେତ୍ୟାଦି ଅମୁକ-ଦେବତା-ପ୍ରୀତିକାମଃ ଅମୁକସ୍ୟ ଶାକ୍ତାଭିଷେକମହଂ କରିଷ୍ୟେ ।**

ପ୍ରଥମେ କେବଳ ଜଳ ଦ୍ୱାରା **''ଓଁ ସହସ୍ରଶୀର୍ଷ''** ମନ୍ତ୍ରରେ ସ୍ନାନ କରାଇ ପରେ **'ଓଁ ତେଜୋଽସି ଶୁକ୍ରମସ୍ୟମୃତମସି ଧାମନାମସି ପ୍ରିୟଂ ଦେବାନାମନାଧୃଷ୍ଟଂ ଦେବଯଜନଂ ଦେବଯଜନମସି'**—ଏହି ମନ୍ତ୍ରରେ ଘୃତ ଲେପନ କରିବେ । ପରେ

ମସୁରଚୂର୍ଣ୍ଣ ନେଇ ଓଁ ଅତୋ ଦେବ । ଅବନ୍ତୁନୋ ଯତ୍ତୋ ବିଷ୍ଣୁର୍ବିଚକ୍ରମେ ପୃଥିବ୍ୟାଃ ସପ୍ତଧାମଭିଃ—ଏହି ମନ୍ତ୍ରରେ ଶିଷ୍ୟଙ୍କ ମସ୍ତକରେ ଜଳ ପ୍ରଦାନ କରିବେ ଏବଂ 'ଓଁ ଦ୍ରୁପଦାଦିବ'—ଏହି ବୈଦିକ ମନ୍ତ୍ରରେ ଉଷ୍ଣୋଦକ ଓ ଚନ୍ଦନ ଲେପନ କରିବେ । ତତ୍ପରେ ଚନ୍ଦନ, ଅଗୁରୁ, ତିଳ ଓ ଆମଳକୀ ଗନ୍ଧଦ୍ରବ୍ୟ ପେଷଣ ଦ୍ୱାରା ସମ୍ମିଶ୍ରଣ କରି ତାହା ଅଙ୍ଗରେ ବିଲେପନ କରୁ କରୁ -

''ଓଁ ଉଦ୍‌ବର୍ତ୍ତୟାମି ଦେବ ତ୍ୱାଂ ଯଥେଷ୍ଟଂ ଚନ୍ଦନାଦିଭିଃ ।
ଉଦ୍‌ବର୍ତ୍ତନ-ପ୍ରସାଦେନ ପ୍ରାପ୍ନୁୟାଦ୍ ଭକ୍ତିମୁତ୍ତମାମ୍ ॥''

ଏହି ମନ୍ତ୍ର ପାଠ କରିବେ ।

ଉଦ୍‌ବର୍ତ୍ତନାନନ୍ତର ଅଗ୍ନିମୀଳେ ଇତ୍ୟାଦି ଚାରିଟି ବୈଦିକ ମନ୍ତ୍ର ଦ୍ୱାରା ସ୍ନାନ କରାଇବେ । ପରେ ରତ୍ନସଂସ୍ପୃଷ୍ଟ ଜଳ ନେଇ ଋଗ୍‌ବେଦୋକ୍ତ ପବମାନ ସୂକ୍ତ ପାଠ କରି ସ୍ନାନ କରାଇବେ । ମନ୍ତ୍ର ଯଥା—

''ଓଁ ସୁରାସ୍ତ୍ୱାମଭିଷିଞ୍ଚନ୍ତୁ ବ୍ରହ୍ମାବିଷ୍ଣୁଶିବାଦୟଃ ।
ବାସୁଦେବୋ ଜଗନ୍ନାଥସ୍ତଥା ଶଙ୍କର୍ଷଣଃ ପ୍ରଭୁଃ ॥
ପ୍ରଦ୍ୟୁମ୍ନଶ୍ଚାନିରୁଦ୍ଧଶ୍ଚ ଭବନ୍ତୁ ବିଜୟାୟ ତେ ।
ଆଖଣ୍ଡଲୋଽଗ୍ନିର୍ଭଗବାନ୍ ଯମୋ ବୈ ନୈର୍ଋତସ୍ତଥା ॥
ବରୁଣଃ ପବନଶ୍ଚୈବ ଧନାଧ୍ୟକ୍ଷସ୍ତଥା ଶିବଃ ।
ବ୍ରହ୍ମଣା ସହିତାଃ ଶେଷା ଦିଗ୍‌ପାଳାଃ ପାନ୍ତୁତେ ସଦା ॥
କୀର୍ତ୍ତିର୍ଲକ୍ଷ୍ମୀର୍ଧୃତିର୍ମେଧା ପୁଷ୍ଟିଃ ଶ୍ରଦ୍ଧା କ୍ଷମା ମତିଃ ।
ବୁଦ୍ଧିର୍ଲଜ୍ଜା ବପୁଃ କାନ୍ତିଃ ଶାନ୍ତିଃ ପୁଷ୍ଟିଶ୍ଚ ମାତରଃ ॥
ଏତାସ୍ତ୍ୱାମଭିଷିଞ୍ଚନ୍ତୁ ଧର୍ମପତ୍ନ୍ୟଃ ସମାଗତାଃ ।
ଆଦିତ୍ୟଶ୍ଚନ୍ଦ୍ରମା ଭୌମୋ ବୁଧଜୀବସିତାର୍କଜାଃ ॥
ଗ୍ରହାସ୍ତ୍ୱାମଭିଷିଞ୍ଚନ୍ତୁ ରାହୁଃ କେତୁଶ୍ଚ ତର୍ପିତାଃ ।
ଦେବ-ଦାନବ-ଗନ୍ଧର୍ବ-ଯକ୍ଷ-ରାକ୍ଷସ-ପନ୍ନଗାଃ ॥

ଋଷୟୋ ମୁନୟୋ ଗାବୋ ଦେବମାତର ଏବ ଚ ।
ଦେବପତ୍ନ୍ୟୋ ଧ୍ରୁବା ନାଗା ଦୈତ୍ୟାଶ୍ଚାପ୍ସରସାଂ ଗଣାଃ ।।
ଅସ୍ତ୍ରାଣି ସର୍ବଶାସ୍ତ୍ରାଣି ରାଜାନୋ ବାହନାନି ଚ ।
ଔଷଧାନି ଚ ରତ୍ନାନି କାଳସ୍ୟାବୟବାଶ୍ଚ ଯେ ।।
ସରିତଃ ସାଗରାଃ ଶୈଳାସ୍ତୀର୍ଥାନି ଜଳଦା ନଦାଃ ।
ଏତେ ତ୍ୱାମଭିଷିଞ୍ଚନ୍ତୁ ଧର୍ମକାମାର୍ଥସିଦ୍ଧୟେ ।।''

## ପୂର୍ଣ୍ଣାଭିଷେକ

**ଶା**କ୍ତାଦି ପଞ୍ଚ-ମନ୍ତ୍ରର ଉପାସକମାନଙ୍କର ହିଁ ପୂର୍ଣ୍ଣାଭିଷେକ ହେବା ଆବଶ୍ୟକ । ପୂର୍ଣ୍ଣାଭିଷେକ ବ୍ୟତୀତ କୁଳକର୍ମର ଅଧିକାର ଜାତ ହୁଏ ନାହିଁ । ଅଭିଷେକ ବ୍ୟତୀତ କେବଳ ମଦ୍ୟପାନ କଲେ ତାଙ୍କୁ କୌଳ କୁହାଯାଏ ନାହିଁ । ଯେଉଁମାନଙ୍କର ପୂର୍ଣ୍ଣାଭିଷେକ ହୋଇଅଛି ସେମାନେ କୌଳକୁଳାର୍ଚ୍ଚକ । ପୂର୍ଣ୍ଣାଭିଷିକ୍ତ ନ ହୋଇ ଯେଉଁ ବ୍ୟକ୍ତି କୁଳକର୍ମ ଅନୁଷ୍ଠାନ କରନ୍ତି, ତାଙ୍କର ସମସ୍ତ କର୍ମ ବିଫଳ ହୋଇଥାଏ । ଯଥା -

''ଅଭିଷେକଂ ବିନା ଦେବି ! କୁଳକର୍ମ କରୋତି ଯଃ ।
ତସ୍ୟ ପୂଜାଦିକଂ କର୍ମ ଅଭିଚାରାୟ କଳ୍ପ୍ୟତେ ।। (ବାମକେଶ୍ୱର ତନ୍ତ୍ର)

ଅଭିଷିକ୍ତ ( ପୂର୍ଣ୍ଣାଭିଷିକ୍ତ) ନ ହୋଇ ଯେଉଁ ବ୍ୟକ୍ତି କୁଳଧର୍ମ ଅନୁଷ୍ଠାନ କରନ୍ତି, ତାଙ୍କର ଜପ-ପୂଜାଦି ଅଭିଚାରସ୍ୱରୂପ ହୋଇଥାଏ ।

ଅତଏବ, ତାନ୍ତ୍ରିକ ସାଧକ ମାତ୍ରକେ ଉପଯୁକ୍ତ ଗୁରୁଙ୍କ ନିକଟରୁ ପୂର୍ଣ୍ଣାଭିଷିକ୍ତ ହେବା ଦରକାର । ପୂର୍ଣ୍ଣାଭିଷେକ କରିବାର ଉପଯୁକ୍ତ ଗୁରୁ, ଯଥା—

''ପରମହଂସୋ ଗୁରୂଣାଂ ପୂର୍ଣ୍ଣାଭିଷେକଂ ସମାଚରେତ୍ ।।'' (କୌଳାର୍ଚ୍ଚନଚନ୍ଦ୍ରିକା)

ଯେଉଁ ସାଧକ ସାଧନା ଦ୍ୱାରା ପରମହଂସତ୍ୱ ପ୍ରାପ୍ତ ହୋଇ ପ୍ରକୃତ ସତ୍‌କୌଳ ପଦବାଚ୍ୟ ହୋଇଛନ୍ତି, ସେହି କେବଳ ପୂର୍ଣ୍ଣାଭିଷେକ କରିବାର ଉପଯୁକ୍ତ ଗୁରୁ । ପୁଣି ପୂର୍ଣ୍ଣାଭିଷିକ୍ତ ଗୁରୁ ହିଁ ଦୀକ୍ଷା ଦେବାର ଓ ଶାକ୍ତାଭିଷେକର ଅଧିକାରୀ ।

ଅତଏବ, ସିଦ୍ଧିକାମୀ ତାନ୍ତ୍ରିକ ସାଧକ ସାକ୍ଷାତ୍ ଶିବତୁଲ୍ୟ କୌଳଙ୍କ ନିକଟରୁ ପୂର୍ଣ୍ଣାଭିଷିକ୍ତ ହେବେ । ପୂର୍ଣ୍ଣାଭିଷେକର କ୍ରମ ନିମ୍ନରେ ବିବୃତ ହେଲା । ଯଥା—

ଅଭିଷେକର ପୂର୍ବଦିନ ଗୁରୁ ସର୍ବବିଘ୍ନ ଶାନ୍ତି ନିମିତ୍ତ ଯଥାବିଧି ପଞ୍ଚ-ତତ୍ତ୍ୱ ଦ୍ୱାରା ବିଘ୍ନରାଜଙ୍କ ପୂଜା କରି ଅଧିବାସ କରିବେ ଏବଂ ବ୍ରହ୍ମଜ୍ଞ-କୁଳସାଧକମାନଙ୍କୁ ଭୋଜନ କରାଇବେ ।

ପରଦିନ ସେହି ଶିଷ୍ୟ ପ୍ରାତଃକୃତ୍ୟ ସମାପନପୂର୍ବକ ସ୍ନାନ ଓ ନିତ୍ୟକ୍ରିୟାଦି ଶେଷ କରି ଜନ୍ମାବଧିକୃତ ପାପରାଶି କ୍ଷୟ ନିମିତ୍ତ ତିଳକାଞ୍ଚନ ଉତ୍ସର୍ଗ କରିବେ । ତତ୍ପରେ କୌଳମାନଙ୍କ ତୃପ୍ତି ନିମିତ୍ତ ଗୋଟିଏ ଭୋଜ୍ୟ ଉତ୍ସର୍ଗ କରିବା ଆବଶ୍ୟକ । ପରେ ସୂର୍ଯ୍ୟାର୍ଘ୍ୟ ପ୍ରଦାନପୂର୍ବକ ବ୍ରହ୍ମା, ବିଷ୍ଣୁ, ଶିବ, ନବଗ୍ରହ ଓ ମାତୃଗଣଙ୍କ ପୂଜା କରି ବସୁଧାରା ଦେବେ । ତତ୍ପରେ କର୍ମର ଅଭ୍ୟୁଦୟ କାମନାରେ ବୃଦ୍ଧିଶ୍ରାଦ୍ଧ ସମ୍ପନ୍ନ କରିବେ ।

ତଦନନ୍ତର ଶ୍ରୀଗୁରୁଙ୍କ ନିକଟକୁ ଗମନପୂର୍ବକ ପ୍ରଣାମ ଓ ଅନୁମତି ଗ୍ରହଣ କରିବା ପରେ ସମସ୍ତ ଉପଦ୍ରବ ଶାନ୍ତି ନିମିତ୍ତ ଏବଂ ଆୟୁଃ, ଲକ୍ଷ୍ମୀ, ବଳ ଓ ଆରୋଗ୍ୟପ୍ରାପ୍ତି ନିମିତ୍ତ ଯଥାବିହିତ ସଂକଳ୍ପ କରି ବସ୍ତ୍ର,ଅଳଙ୍କାର, ଭୂଷଣ ଓ ଶୁଦ୍ଧି ସହିତ କାରଣ ଦ୍ୱାରା ଗୁରୁଦେବଙ୍କ ଅର୍ଚ୍ଚନା କରି ବରଣ କରିବେ ।

ଅନନ୍ତର ଗୁରୁ ଧୂପଦୀପାଦି ନାନାବିଧ ଦ୍ରବ୍ୟ ଦ୍ୱାରା ସୁସଜ୍ଜିତ ମନୋହର ଗୃହରେ ଚାରି ଆଙ୍ଗୁଳି ଉଚ୍ଚ, ଅର୍ଦ୍ଧହସ୍ତବିଶିଷ୍ଟ ଦୀର୍ଘ-ପ୍ରସ୍ଥ ପରିମିତ ମୃତ୍ତିକାର ବେଦୀ ରଚନା କରିବେ । ତତ୍ପରେ ଏହି ଗୃହରେ ପୀତ, ରକ୍ତ, କୃଷ୍ଣ, ଶ୍ୱେତ ଓ ଶ୍ୟାମଳବର୍ଣ୍ଣ ଅକ୍ଷତଚୂର୍ଣ୍ଣ ଦ୍ୱାରା ସୁମନୋହର ସର୍ବତୋଭଦ୍ରମଣ୍ଡଳ ରଚନା କରିବେ । ପରେ ନିଜ ନିଜ କଳ୍ପୋକ୍ତ ବିଧି ଅନୁସାରେ ମାନସପୂଜାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟକଳାପ ସମାପନପୂର୍ବକ ଯଥାରୀତି ପଞ୍ଚ-ତତ୍ତ୍ୱ ଶୋଧନ କରିବେ ।

ପଞ୍ଚ-ତତ୍ତ୍ୱ ଶୋଧନ କରି 'ଫଟ୍'—ଏହି ମନ୍ତ୍ରରେ ପ୍ରକ୍ଷାଳନ ଓ ଦଧି ଏବଂ ଅକ୍ଷତ ଦ୍ୱାରା ଲିପ୍ତ ସୁବର୍ଣ୍ଣ, ରଜତ, ତାମ୍ର କିମ୍ବା ମୃତ୍ତିକା ନିର୍ମିତ ଘଟକୁ 'ଓଁ'—ଏହି ମନ୍ତ୍ର ପାଠପୂର୍ବକ ସର୍ବତୋଭଦ୍ରମଣ୍ଡଳ ଉପରେ ସ୍ଥାପନ କରିବେ । ତତ୍ପରେ

'ସ୍ତ୍ରୀଂ'—ଏହି ବୀଜମନ୍ତ୍ର ପାଠ କରି ସିନ୍ଦୁର ଦ୍ୱାରା ଏହି ଘଟ ଅଙ୍କିତ କରିବେ । ଅନନ୍ତର ଅନୁସ୍ୱାର ପୁଟିତ କରି 'କ୍ଷ' ଠାରୁ ଆରମ୍ଭ କରି 'ଅ'କାରାନ୍ତ ପଞ୍ଚାଶତ୍ ବର୍ଣ୍ଣ ସହିତ ମୂଳମନ୍ତ୍ର ତିନି ଥର ଜପ କରି ମଦିରା, ତୀର୍ଥ ଜଳ କିମ୍ବା ବିଶୁଦ୍ଧ ସଲିଳ ଦ୍ୱାରା ଘଟ ପୂର୍ଣ୍ଣ କରିବେ । ତପୂରେ ନବ ରତ୍ନ ( ଅଭାବ ହେଲେ ସୁବର୍ଣ୍ଣ) ଏହି ଘଟ ମଧ୍ୟରେ ନିକ୍ଷେପ କରିବାକୁ ହେବ । ଅନନ୍ତର ଗୁରୁ 'ଐଂ' ବୀଜମନ୍ତ୍ର ପାଠପୂର୍ବକ ଘଟମୁଖରେ ପଣସ, ଯଜ୍ଞଡିମ୍ବିରି, ଅଶ୍ୱତ୍ଥ, ବକୁଳ ଓ ଆମ୍ରବୃକ୍ଷର ପଲ୍ଲବ ସ୍ଥାପନ କରିବେ । ପରେ "ଶ୍ରୀଁ ହ୍ରୀଁ"—ଏହି ମନ୍ତ୍ର ଉଚ୍ଚାରଣ କରି ଫଳ ଓ ଆତପ-ତଣ୍ଡୁଳସମନ୍ୱିତ ସୁବର୍ଣ୍ଣମୟ, ରଜତମୟ, ତାମ୍ରମୟ ଓ ମୃଣ୍ମୟ ଶରାବ ପଲ୍ଲବ ଉପରେ ସ୍ଥାପନ କରିବେ । ଏହାପରେ ବସ୍ତ୍ରଯୁଗଳ ଦ୍ୱାରା ଏହି ଘଟର ଗ୍ରୀବା ବନ୍ଧନ କରିବେ । ଶକ୍ତିମନ୍ତ୍ରରେ ରକ୍ତବସ୍ତ୍ର ଏବଂ ଶିବ ଓ ବିଷ୍ଣୁ ମନ୍ତ୍ରରେ ଶ୍ୱେତବସ୍ତ୍ର ବ୍ୟବହାର୍ଯ୍ୟ । ପରେ "ସ୍ଥାଂ ସ୍ଥୀଂ ହ୍ରୀଁ ଶ୍ରୀଁ ସ୍ଥିରୀଭବ"—ଏହି ମନ୍ତ୍ର ପାଠ କରି ଘଟ ସ୍ଥାପନ କରିବେ ।

ତଦନନ୍ତର ଅନ୍ୟ ଗୋଟିଏ ଘଟରେ ପଞ୍ଚ-ତତ୍ତ୍ୱ ସ୍ଥାପନପୂର୍ବକ ନଅଟି ପାତ୍ରରେ ବିନ୍ୟାସ କରିବେ । ରଜତ ଦ୍ୱାରା ଶକ୍ତିପାତ୍ର, ସ୍ୱର୍ଣ୍ଣ ଦ୍ୱାରା ଗୁରୁପାତ୍ର, ମହାଶଙ୍ଖ ( ନରକପାଳ) ଦ୍ୱାରା ଶ୍ରୀପାତ୍ର ଏବଂ ତାମ୍ରଦ୍ୱାରା ଅନ୍ୟ ପାତ୍ରଗୁଡ଼ିକ ନିର୍ମାଣ କରିବେ । ମହାଦେବଙ୍କ ପୂଜାରେ ପାଷାଣ, କାଷ୍ଠ ଓ ଲୌହନିର୍ମିତ ପାତ୍ର ବ୍ୟବହାର କରିବା ଉଚିତ୍ ନୁହେଁ । ଉପରଲିଖିତ ପାତ୍ର ପ୍ରସ୍ତୁତ କରିବାକୁ ଅସମର୍ଥ ହେଲେ, ନିଷିଦ୍ଧ ପାତ୍ର ବ୍ୟତୀତ ଅନ୍ୟ ପଦାର୍ଥ ଦ୍ୱାରା ପାତ୍ର ନିର୍ମାଣ କରିନେବେ । ପରେ ପାତ୍ର ସଂସ୍ଥାପନ କରି ଗୁରୁମାନଙ୍କର, ଭଗବତୀଙ୍କର ଏବଂ ଆନନ୍ଦଭୈରବ ପ୍ରଭୃତିଙ୍କ ତର୍ପଣାନନ୍ତର ଅମୃତପୂର୍ଣ୍ଣ ଘଟର ଅର୍ଚ୍ଚନା କରିବେ । ପରେ ଧୂପ ଦୀପ ପ୍ରଦର୍ଶନ କରି ସର୍ବଭୂତକୁ ବଳିଦାନ କରିବେ । ତାହା ପରେ ପୀଠଦେବତାମାନଙ୍କ ପୂଜାପୂର୍ବକ ଷଡ଼ଙ୍ଗନ୍ୟାସ ସମାପନ କରିବେ । ତଦନନ୍ତର ପ୍ରାଣାୟାମ କରି ମାହେଶ୍ୱରୀଙ୍କ ଧ୍ୟାନ ଓ ଆବାହନପୂର୍ବକ ଯଥାସାଧ୍ୟ ଉପଚାରରେ ଇଷ୍ଟଦେବତାଙ୍କ ପୂଜା ସମ୍ପନ୍ନ କରିବେ । ଅବସ୍ଥା ଅନୁସାରେ ପୂଜାକାଳୀନ ଆୟୋଜନ କରିବାକୁ

କଦାପି କୃପଣତା ଅବଲମ୍ବନ କରିବେ ନାହିଁ ।* ସଦ୍‌ଗୁରୁ ହୋମ ପର୍ଯ୍ୟନ୍ତ କର୍ମ ସମାପନ କରି ପୁଷ୍ପ, ଚନ୍ଦନ ଓ ବସ୍ତ୍ର ଦ୍ୱାରା କୁମାରୀ, କୌଳ ଓ କୁଳରମଣୀମାନଙ୍କ ଅର୍ଚ୍ଚନା କରି ସେମାନଙ୍କ ନିକଟରୁ ଶିଷ୍ୟର ଅଭିଷେକ ନିମିତ୍ତ ଅନୁମତି ଆଣିବେ । ଅନନ୍ତର ଗୁରୁ ଶିଷ୍ୟ ଦ୍ୱାରା ଦେବୀଙ୍କ ପୂଜା କରାଇବେ । ତତ୍ପରେ ପୂର୍ବସ୍ଥାପିତ ଘଟ ଉପରେ "ହ୍ରୀଂ ସ୍ତ୍ରୀଂ ଶ୍ରୀଂ"—ଏହି ମନ୍ତ୍ର ଜପ କରି -

**"ଉତ୍ତିଷ୍ଠ ବ୍ରହ୍ମ-କଳସ ଦେବତାତ୍ମକସିଦ୍ଧିଦ**
**ତ୍ୱତ୍ତୋୟପଲ୍ଲବୈଃ ସିକ୍ତଃ ଶିଷ୍ୟୋ ବ୍ରହ୍ମରତୋଽସ୍ତୁ ମେ ।।"**

ଏହି ମନ୍ତ୍ରପାଠ କରି ଘଟ ଚାଳନା କରିବେ । ଏହା ପରେ ଶିଷ୍ୟ ଉତ୍ତରାଭିମୁଖରେ ଉପବିଷ୍ଟ ହେଲେ ପୂର୍ବୋକ୍ତ ଘଟମୁଖରେ ସଂସ୍ଥାପିତ ପଞ୍ଚପଲ୍ଲବ ଦ୍ୱାରା କଳସରୁ ଜଳ ନେଇ ନିମ୍ନଲିଖିତ ମନ୍ତ୍ରରେ ଶିଷ୍ୟର ମସ୍ତକରେ ଓ ଅଙ୍ଗରେ ସିଞ୍ଚନ କରିବେ । ମନ୍ତ୍ର ଯଥା—

**"ଓଁ ସଦାଶିବ ଋଷିଃ, ଅନୁଷ୍ଟୁପ୍‌ଛନ୍ଦଃ,ଆଦ୍ୟା ଦେବତା, ଓଁ ବୀଜଂ, ଶୁଭ ପୂର୍ଣ୍ଣାଭିଷେକେ ବିନିଯୋଗଃ ।"**—

**"ଗୁରବସ୍ତ୍ୱାମଭିଷିଞ୍ଚନ୍ତୁ ବ୍ରହ୍ମା-ବିଷ୍ଣୁ-ମହେଶ୍ୱରାଃ ।**
**ଦୁର୍ଗା-ଲକ୍ଷ୍ମୀଭବାନ୍ୟସ୍ତ୍ୱାମଭିଷିଞ୍ଚନ୍ତୁ ମାତରଃ ।।**
**ଷୋଡ଼ଶୀ ତାରିଣୀ ନିତ୍ୟା ସ୍ୱାହା ମହିଷମର୍ଦ୍ଦିନୀ ।**
**ଏତାସ୍ତ୍ୱାମଭିଷିଞ୍ଚନ୍ତୁ ମନ୍ତ୍ରପୂତେନ ବାରିଣା ।।**

---

* ଅଧିକାଂଶ ସ୍ଥଳରେ ଦେଖାଯାଏ ଯେ, ମହାମାୟାଙ୍କ ପୂଜା ନିମିତ୍ତ ଆଠହାତି ମଠାର ବନ୍ଦୋବସ୍ତ, କିନ୍ତୁ ଦେବୀବରଣ କାଳରେ ଗୃହିଣୀ ବନାରସୀ ଶାଢ଼ୀ ଦ୍ୱାରା ବରବପୁ ଆଚ୍ଛାଦନପୂର୍ବକ ବହିର୍ଗତ ହୁଅନ୍ତି । କୌଣସି ଗୃହସ୍ଥ ଘରର ବିଧବାମାନଙ୍କ ନିମିତ୍ତ ଆତପତଣ୍ଡୁଳ ଆନୟନ କଲେ, ଚାଉଳଗୁଡ଼ିକ ଅତ୍ୟଧିକ ଭଙ୍ଗାଥିବାରୁ ମା'ମାନେ ତାହା ପସନ୍ଦ କଲେ ନାହିଁ, ଏହା ଦେଖି ବାବୁ ପୂର୍ବପୁରୁଷଙ୍କ ସ୍ଥାପିତ ଦେବସେବାର ନିତ୍ୟ ନୈବେଦ୍ୟ ନିମିତ୍ତ ଏହି ଚାଉଳ ପଠାଇଦେଲେ । ହାୟ, ଯାହା ମନୁଷ୍ୟର ମଧ୍ୟ ଅବ୍ୟବହାର୍ଯ୍ୟ, ତାହା ଦେବତାଙ୍କ ନିମିତ୍ତ ବ୍ୟବସ୍ଥା କରାହେଲେ ! ସେହି କାରଣରୁ ଦେବତାଙ୍କ କୃପା ମଧ୍ୟ ଆମେ ପ୍ରଚୁର ପରିମାଣରେ ଭୋଗ କରିଥାଉଁ ! ମୂର୍ଖମାନେ କେହି ବୁଝନ୍ତି ନାହିଁ ଯେ, କମାରକୁ ଇସ୍ପାତ ଫାଙ୍କିଦେଲେ ନିଜର ଅସ୍ତ୍ରରେ ଧାର ହେବ ନାହିଁ ସିନା !

— ଗ୍ରନ୍ଥକାର

ଜୟଦୁର୍ଗା ବିଶାଳାକ୍ଷୀ ବ୍ରହ୍ମାଣୀ ଚ ସରସ୍ୱତୀ ।
ଏତାସ୍ତ୍ୱାମଭିଷିଞ୍ଚନ୍ତୁ ବଗଳା ବରଦା ଶିବା ।।
ନାରସିଂହୀ ଚ ବାରାହୀ ବୈଷ୍ଣବୀ ବନମାଳିନୀ ।
ଇନ୍ଦ୍ରାଣୀ ବାରୁଣୀ ରୌଦ୍ରୀ ତ୍ୱାମଭିଷିଞ୍ଚନ୍ତୁ ଶକ୍ତୟଃ ।।
ଭୈରବୀ ଭଦ୍ରକାଳୀ ଚ ତୁଷ୍ଟିଃ ପୁଷ୍ଟିରୁମା କ୍ଷମା ।
ଶ୍ରଦ୍ଧାକାନ୍ତିର୍ଦୟାଶାନ୍ତିରଭିଷିଞ୍ଚନ୍ତୁ ତେ ସଦା ।।
ମହାକାଳୀ ମହାଲକ୍ଷ୍ମୀର୍ମହାନୀଳସରସ୍ୱତୀ ।
ଉଗ୍ରଚଣ୍ଡା ପ୍ରଚଣ୍ଡା ତ୍ୱାମଭିଷିଞ୍ଚନ୍ତୁ ସର୍ବଦା ।।
ମତ୍ସ୍ୟଃ କୂର୍ମୋ ବରାହଶ୍ଚ ନୃସିଂହୋ ବାମନସ୍ତଥା ।
ରାମୋ ଭାର୍ଗବରାମସ୍ତ୍ୱାମଭିଷିଞ୍ଚନ୍ତୁ ବାରିଣା ।।
ଅସିତାଙ୍ଗୋରୁରୁଶ୍ଚଣ୍ଡଃ କ୍ରୋଧୋନ୍ମତ୍ତୋ ଭୟଙ୍କରଃ ।
କପାଳୀ ଭୀଷଣଶ୍ଚ ତ୍ୱାମଭିଷିଞ୍ଚନ୍ତୁ ବାରିଣା ।।
କାଳୀ କପାଳିନୀ କୁଲ୍ଲା କୁରୁକୁଲ୍ଲା ବିରୋଧିନୀ ।
ବିପ୍ରଚିତ୍ତା ମହୋଗ୍ରା ତ୍ୱାମଭିଷିଞ୍ଚନ୍ତୁ ସର୍ବଦା ।।
ଇନ୍ଦ୍ରୋଽଗ୍ନିଃ ଶମନୋ ରକ୍ଷୋ ବରୁଣଃ ପବନସ୍ତଥା ।
ଧନଦଶ୍ଚ ମହେଶାନଃ ସିଞ୍ଚନ୍ତୁ ତ୍ୱାଂ ଦିଗୀଶ୍ୱରାଃ ।।
ରବିଃ ସୋମୋ ମଙ୍ଗଳଶ୍ଚ ବୁଧୋ ଜୀବଃ ସିତଃ ଶନିଃ ।
ରାହୁଃ କେତୁଃ ସନକ୍ଷତ୍ରା ଅଭିଷିଞ୍ଚନ୍ତୁ ତେ ଗ୍ରହାଃ ।।
ନକ୍ଷତ୍ରକରଣଂ ଯୋଗୋ ବାରାଃ ପକ୍ଷୌ ଦିନାନି ଚ ।
ଋତୁର୍ମାସୋଽୟନସ୍ତ୍ୱାମଭିଷିଞ୍ଚନ୍ତୁ ସର୍ବଦା ।।
ଲବଣେକ୍ଷୁ-ସୁରା-ସର୍ପି-ଦଧି-ଦୁଗ୍ଧ-ଜଳାନ୍ତକାଃ ।
ସମୁଦ୍ରାସ୍ତ୍ୱାମଭିଷିଞ୍ଚନ୍ତୁ ମନ୍ତ୍ରପୂତେନ ବାରିଣା ।।
ଗଙ୍ଗା ସୂର୍ଯ୍ୟସୁତା ରେବା ଚନ୍ଦ୍ରଭାଗା ସରସ୍ୱତୀ ।
ସରଯୂର୍ଗଣ୍ଡକୀ କୁନ୍ତୀ ଶ୍ୱେତଗଙ୍ଗା ଚ କୌଶିକୀ ।।
ଏତାସ୍ତ୍ୱାମଭିଷିଞ୍ଚନ୍ତୁ ମନ୍ତ୍ର-ପୂତେନ ବାରିଣା ।
ଅନନ୍ତାଦ୍ୟା ମହାନାଗାଃ ସୁପର୍ଣ୍ଣାଦ୍ୟାଃ ପତତ୍ରିଣଃ ।।
ତରବଃ କଳ୍ପବୃକ୍ଷାଦ୍ୟାଃ ସିଞ୍ଚନ୍ତୁ ତ୍ୱାଂ ମହୀଧରାଃ ।
ପାତାଳ-ଭୂତଳ-ବ୍ୟୋମଚାରିଣଃ କ୍ଷେମକାରିଣଃ ।।

ପୂର୍ଣ୍ଣାଭିଷେକ-ସନ୍ତୁଷ୍ଟାସ୍ତ୍ୱାମଭିଷିଞ୍ଚନ୍ତୁ ପାଥସା ।
ଦୁର୍ଭାଗ୍ୟଂ ଦୁର୍ଯଶୋ ରୋଗୋ ଦୌର୍ମନସ୍ୟଂ ତଥା ଶୁଚଃ ।।
ବିନଶ୍ୟନ୍ତ୍ୱଭିଷେକେନ ପରଂବ୍ରହ୍ମ ସ୍ୱତେଜସା ।
ଅଲକ୍ଷ୍ମୀଃ କାଳକର୍ଣ୍ଣୀ ଚ ଡାକିନ୍ୟୋ ଯୋଗିନୀଗଣାଃ ।।
ବିନଶ୍ୟନ୍ତ୍ୱଭିଷେକେନ କାଳୀବୀଜେନ ତାଡ଼ିତାଃ ।
ଭୂତାଃ ପ୍ରେତାଃ ପିଶାଚାଶ୍ଚ ଗ୍ରହା ଯେଽରିଷ୍ଟକାରକାଃ ।।
ବିଦ୍ରୁତାସ୍ତେ ବିନଶ୍ୟନ୍ତୁ ରମାବୀଜେନ ତାଡ଼ିତାଃ ।।
ଅଭିଚାର-କୃତା ଦୋଷା ବୈରିମନ୍ତ୍ରୋଦ୍ଭବାଶ୍ଚ ଯେ ।
ମନୋ-ବାକ୍‌କାୟଜା ଦୋଷା ବିନଶ୍ୟନ୍ତ୍ୱଭିଷେଚନାତ୍ ।।
ନଶ୍ୟନ୍ତୁ ବିପଦଃ ସର୍ବାଃ ସମ୍ପଦଃ ସନ୍ତୁ ସୁସ୍ଥିରାଃ ।
ଅଭିଷେକେନ ପୂର୍ଣ୍ଣେନ ପୂର୍ଣ୍ଣା ସନ୍ତୁ ମନୋରଥାଃ ।।"

ଏହି ମନ୍ତ୍ରରେ ଅଭିଷେକ କରି, ସାଧକ ଯଦି ପୂର୍ବରୁ ପଶ୍ୱାଚାରୀଙ୍କ ନିକଟରୁ ଦୀକ୍ଷିତ ହୋଇଥାନ୍ତି, ତେବେ କୌଳଗୁରୁ ପୁନର୍ବାର ତାଙ୍କୁ ସେହି ଦୀକ୍ଷିତ ମନ୍ତ୍ର ସେହି ସମୟରେ ଥରେ ଶୁଣାଇଦେବେ । ଅନନ୍ତର ଗୁରୁ, ଶିଷ୍ୟଙ୍କୁ ଆନନ୍ଦନାଥାନ୍ତ ନାମ ପ୍ରଦାନ କରି ( ଅର୍ଥାତ୍ ନାମ ଶେଷରେ 'ଆନନ୍ଦନାଥ' ଯୁକ୍ତ କରି) ଥରେ ସେହି ନାମ ଧରି ଡାକିବେ ଏବଂ ଉପସ୍ଥିତ କୌଳମାନଙ୍କୁ ଶୁଣାଇଦେବେ । ଯଥା - ଜଣକର ପୂର୍ବରୁ ନାମ ଥିଲା ଦ୍ୱାରାକାଚରଣ, ପୂର୍ଣ୍ଣାଭିଷେକ ପରେ ଗୁରୁ ନାମ ରଖିଲେ 'ଦୁର୍ଗାନନ୍ଦ ନାଥ' ।

ଏହା ପରେ ଶିଷ୍ୟ ଯନ୍ତ୍ରରେ ନିଜ ଦେବତାଙ୍କୁ ପୂଜା କରି ପଞ୍ଚ-ତତ୍ତ୍ୱୋପଚାରରେ ଗୁରୁଦେବଙ୍କ ପୂଜା କରିବେ । ଉପସ୍ଥିତ କୌଳମାନଙ୍କୁ ମଧ୍ୟ ପୂଜା କରିବା କର୍ତ୍ତବ୍ୟ । ପରେ ଗୁରୁଦେବଙ୍କୁ ଯଥାଶକ୍ତି ରତ୍ନାଦି ଦ୍ୱାରା ଦକ୍ଷିଣା ଦେଇ ତାଙ୍କ ଚରଣ ସ୍ପର୍ଶପୂର୍ବକ ପ୍ରଣାମ କରିବେ । ଯଥା —

"ଶ୍ରୀନାଥ ଜଗତାଂ ନାଥ ମନ୍ନାଥ କରୁଣାନିଧେ ।
ପରାମୃତପ୍ରଦାନେନ ପୂରୟାସ୍ମନ୍ମନୋରଥାନ୍ ।।"

ତାହାପରେ ଗୁରୁ କୌଳମାନଙ୍କ ଅନୁମତି ନେଇ ଶୁଦ୍ଧିସମ୍ପନ୍ନ ପରମାମୃତପୂର୍ଣ୍ଣ ପାନପାତ୍ରକୁ ଶିଷ୍ୟଙ୍କ ହସ୍ତରେ ସମର୍ପଣ କରିବେ । ତପ୍ପରେ ଦେବୀଙ୍କୁ ନିଜ ହୃଦୟକନ୍ଦରରେ ଧ୍ୟାନ କରି ସ୍ରୁକ୍‌ସଂଲଗ୍ନ ଭସ୍ମ ଦ୍ୱାରା ଶିଷ୍ୟଙ୍କ ଭ୍ରୂ-ମଧ୍ୟରେ ତିଳକ ପ୍ରଦାନ କରିବେ । ତଦନନ୍ତର ଚକ୍ରାନୁଷ୍ଠାନର ବିଧାନ ଅନୁସାରେ ପାନ ଓ ଭୋଜନ ସମାପନ କରିବେ ।

ଏତତ୍ ସଂକ୍ରାନ୍ତ ସମସ୍ତ କାର୍ଯ୍ୟ ଅର୍ଥାତ୍ ସଂକଳ୍ପ, ପୂଜା, ହୋମାଦି ନିଜ ନିଜ କଳ୍ପୋକ୍ତ ବିଧାନାନୁସାରେ ସମ୍ପାଦନ କରିବାକୁ ହେବ । ପୂର୍ଣ୍ଣାଭିଷିକ୍ତ ବ୍ୟକ୍ତି ତନ୍ତ୍ରୋକ୍ତ ସମସ୍ତ ସାଧନାର ଅଧିକାରୀ ହୋଇଥାନ୍ତି । ପୂର୍ଣ୍ଣାଭିଷେକ ନ ହେଲେ, କେହି କୌଣସି କାମ୍ୟ-କର୍ମର ଫଳଭୋଗୀ ହୋଇପାରିବେ ନାହିଁ । ବିଶେଷତଃ କଳି ଯୁଗରେ ଏହି ଅନୁଶାସନ ସବିଶେଷ କାର୍ଯ୍ୟକାରୀ । ଅତଏବ, ଶିବୋକ୍ତ ତନ୍ତ୍ରର ଅନୁଶାସନ ଅନୁସାରେ ପୂର୍ଣ୍ଣାଭିଷେକ ନ ହୋଇ ଅନଧିକାରୀ ବ୍ୟକ୍ତି ତନ୍ତ୍ରୋକ୍ତ କୌଣସି କାର୍ଯ୍ୟର ଅନୁଷ୍ଠାନ କରି ସେଥିରେ ବିଫଳ ମନୋରଥ ହେଲେ, ଶାସ୍ତ୍ର ସ୍କନ୍ଧରେ ଦୋଷର ବୋଝ ଲଦି ଦିଅ ନାହିଁ, କିମ୍ବା 'ଶାସ୍ତ୍ର ମିଥ୍ୟା' ବୋଲି କହି ବାହାଦୁରୀ ଦେଖାଇ ପାଣ୍ଡିତ୍ୟ ପ୍ରକାଶ କରନାହିଁ । ଏଭଳି ମୁରବୀପଣିଆ ଦେଖିଲେ କୌଣସି ଅଭିଜ୍ଞ ବ୍ୟକ୍ତି ତୁମକୁ ବିଜ୍ଞ ବୋଲି କହିବେ ନାହିଁ, ବରଂ ଅଜ୍ଞ ଭାବି ଅବଜ୍ଞାପୂର୍ବକ ଉପହାସ କରିବେ ।

ବ୍ରାହ୍ମଣେତର ଯେ କୌଣସି ଜାତି ଯଥାବିଧି ପୂର୍ଣ୍ଣାଭିଷିକ୍ତ ହେବା ପରେ ପ୍ରଣବ ଓ ସମସ୍ତ ବୈଦିକ କାର୍ଯ୍ୟରେ ବ୍ରାହ୍ମଣଙ୍କ ପରି ଅଧିକାରପ୍ରାପ୍ତ ହୋଇଥା'ନ୍ତି ।

## ନିତ୍ୟ, ନୈମିତ୍ତିକ ଓ କାମ୍ୟ କର୍ମ

**'ମୁଁ କର୍ତ୍ତା, ମୁଁ ଭୋକ୍ତା'**—ଏହିପରି ଅହଙ୍କାରରୂପ ବନ୍ଧନର ଯାହା କାରଣ, ଜନ୍ମ ଏବଂ ମୃତ୍ୟୁର ଯାହା କାରଣ ଏବଂ ନିତ୍ୟନୈମିତ୍ତିକ ଯାଗ, ବ୍ରତ, ତପସ୍ୟା ଓ ଦାନ ଇତ୍ୟାଦି କାର୍ଯ୍ୟରେ ଫଳର ଯେଉଁ ଅନୁସନ୍ଧାନ, ତାହାର ନାମ **'କର୍ମ'** । କର୍ମକାଣ୍ଡ କହିଲେ ଯେ କର୍ତ୍ତବ୍ୟାକର୍ତ୍ତବ୍ୟ ସକଳ ପ୍ରକାର କର୍ମକୁ ବୁଝାଇବ, ତାହା ନୁହେଁ, କେବଳ ଇଷ୍ଟଦାୟକ ଅର୍ଥାତ୍ ମଙ୍ଗଳକର କର୍ମକୁ ହିଁ ବୁଝାଇବ ।

ଯେଉଁ ସମସ୍ତ କାର୍ଯ୍ୟ ଦ୍ୱାରା ଇହଲୋକର ହିତ ସାଧିତ ହୁଏ, ତାହାର ନାମ **କର୍ମକାଣ୍ଡ** । ସରଳ କଥାରେ କୃ + ମନ୍ ଅର୍ଥାତ୍ କାୟ ଓ ମନ ଦ୍ୱାରା ଯାହା କରାଯାଏ, ତାହା ହିଁ କର୍ମ । ବର୍ତ୍ତମାନ ଦେଖିବାକୁ ହେବ ଯେ, ସେ **କର୍ମ କ'ଣ** ଏବଂ କିଭଳି ବା ତାହାର ନିର୍ବାଚନ କରାଯାଇଛି । ଶାସ୍ତ୍ରକାରମାନେ କହନ୍ତି —

**''ବେଦାଦିବିହିତଂ କର୍ମ ଲୋକାନାମିଷ୍ଟଦାୟକମ୍ ।**
**ତଦ୍‌ବିରୁଦ୍ଧଂ ଭବେତ୍ତେଷାଂ ସର୍ବଦାନିଷ୍ଟଦାୟକମ୍ ।।''**

ବେଦ, ପୁରାଣ, ତନ୍ତ୍ର ଇତ୍ୟାଦି ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ଯେଉଁସବୁ କର୍ମ, ତାହାହିଁ ମାନବମାନଙ୍କ ପକ୍ଷରେ ଇଷ୍ଟଦାୟକ ଏବଂ ତାହାର ବିପରୀତ ଯେଉଁ ସମସ୍ତ କର୍ମ, ତାହାହିଁ ଅନିଷ୍ଟଦାୟକ ।

ବେଦାଦି ଶାସ୍ତ୍ରବିହିତ କର୍ମ ତ୍ରିବିଧ—ନିତ୍ୟକର୍ମ, ନୈମିତ୍ତିକ କର୍ମ ଓ କାମ୍ୟ-କର୍ମ ।

**''ଯସ୍ୟାକରଣଜନ୍ୟଂ ସ୍ୟାଦ୍ଦୁରିତଂ ନିତ୍ୟମେବ ତତ୍ ।**
**ପ୍ରାତଃକୃତ୍ୟାଦିକଂ ତାତ ଶ୍ରାଦ୍ଧାଦିପିତୃତର୍ପଣମ୍ ।।''** (ତତ୍ତ୍ୱବିଚାର)

ଯେଉଁ ସବୁ କର୍ମ ନ କଲେ ପ୍ରତ୍ୟବାୟ ଜାତ ହୁଏ, ତାହାକୁ ହିଁ **ନିତ୍ୟକର୍ମ** କହନ୍ତି । ଯଥା - ପ୍ରାତଃକୃତ୍ୟ, ପ୍ରାତଃସନ୍ଧ୍ୟା, ପିତୃଶ୍ରାଦ୍ଧ ଏବଂ ପିତୃତର୍ପଣ ଇତ୍ୟାଦି । **ପଞ୍ଚ-ଯଜ୍ଞାଶ୍ରିତ** (ବ୍ରହ୍ମଯଜ୍ଞ, ପିତୃଯଜ୍ଞ, ଦେବଯଜ୍ଞ, ଭୂତଯଜ୍ଞ ଓ ନୃଯଜ୍ଞ) କର୍ମକୁ ନିତ୍ୟକର୍ମ କୁହାଯାଏ । ଅର୍ଥାତ୍ ଯାହା ପ୍ରତ୍ୟହ କରିବାକୁ ହିଁ ହେବ, ତାହା ହିଁ **ନିତ୍ୟକର୍ମ** । ପ୍ରତ୍ୟହ ପ୍ରାତଃକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ସଂସାରୀ ବ୍ୟକ୍ତିକୁ ପଦ୍ଧତିକ୍ରମରେ ଯେଉଁ ଐହିକ ଏବଂ ପାରମାର୍ଥିକ ବିଷୟର କର୍ମାନୁଷ୍ଠାନ କରିବାକୁ ପଡ଼େ, ତାହାର ନାମ ନିତ୍ୟକର୍ମ ।

ନିତ୍ୟକର୍ମଗୁଡ଼ିକ ପ୍ରକୃଷ୍ଟ ରୂପରେ ସମ୍ପନ୍ନ କରିବା ନିମିତ୍ତ ସାମୟିକ ନିୟମରେ ଆବଦ୍ଧ କରାଯାଇଛି, ଅର୍ଥାତ୍ କେଉଁ ସମୟରେ କି କାର୍ଯ୍ୟ କରିବାକୁ ହେବ, ତାହାର ବ୍ୟବସ୍ଥା ପ୍ରଦାନ କରାଯାଇଛି । ପ୍ରାତଃକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାରି ପ୍ରହର ଅଥବା ବାର ଘଣ୍ଟା ସମୟ ଧରା ଯାଇଥାଏ । ଏହି ଚାରି ପ୍ରହର

ସମୟକୁ ଆଠ ଭାଗରେ ବିଭକ୍ତ କଲେ, ପ୍ରତି ଭାଗ ଅର୍ଦ୍ଧପ୍ରହର ବା ଦେଢ଼ ଘଣ୍ଟା ସମୟ ହୁଏ । ଏହି ଦେଢ଼ ଘଣ୍ଟା ସମୟକୁ **ଅର୍ଦ୍ଧଯାମ** କହନ୍ତି । ସମସ୍ତ ଦିବସ ମଧ୍ୟରେ ଆଠ ଗୋଟି ଅର୍ଦ୍ଧଯାମ ମିଳିଥାଏ । ତେଣୁ ଯାବତୀୟ ନିତ୍ୟକର୍ମଗୁଡ଼ିକୁ ଆଠ ଭାଗରେ ବିଭକ୍ତ କରି ଗୋଟିଏ ଗୋଟିଏ ଭାଗକୁ ଗୋଟିଏ ଗୋଟିଏ ଯାମାର୍ଦ୍ଧର ଅନ୍ତର୍ଭୁକ୍ତ କରି ତାହାର ପଦ୍ଧତି ସନ୍ନିବେଶିତ କରାଯାଇଛି । ସୂର୍ଯ୍ୟୋଦୟ ପୂର୍ବରୁ ନିରୂପିତ ସମୟ ମଧ୍ୟରେ ଯେଉଁସବୁ କର୍ମ କରିବାକୁ ପଡ଼େ, ତାହାର ନାମ ପ୍ରାତଃକୃତ୍ୟ ବା ବ୍ରାହ୍ମମୁହୂର୍ତ୍ତ-କୃତ୍ୟ । ପ୍ରାତଃକୃତ୍ୟ ସମାପନାନ୍ତର ପ୍ରତି ଯାମାର୍ଦ୍ଧର ନିତ୍ୟକର୍ମ ସମ୍ପନ୍ନ କରିବାକୁ ପଡ଼େ ।

**''ମାସାଦ୍ୟବୀଜଂ ଯତ୍ କିଞ୍ଚିଦ୍‌ବୀଜଂ ନୈମିତ୍ତିକଂ ମତମ୍ ।**
**ବୃଦ୍ଧିଶ୍ରାଦ୍ଧାଦି-ଜାତେଷ୍ଟିଯାଗ-କର୍ମାଦିକନ୍ତଥା ।।''　　　(ସ୍ମୃତି)**

ଯେଉଁ କର୍ମ ନିମିତ୍ତ ମାସ-ପକ୍ଷାଦି ନିର୍ଦ୍ଦିଷ୍ଟ ନାହିଁ, କିନ୍ତୁ ଯାହା ନିମିତ୍ତାଧୀନ, ତାହାହିଁ ନୈମିତ୍ତିକ କର୍ମ । ଯଥା – ବୃଦ୍ଧିଶ୍ରାଦ୍ଧ, ଜାତେଷ୍ଟି ଯାଗ ଏବଂ ଗ୍ରହଣ ନିମିତ୍ତ ଦାନାଦି । ନିମିତ୍ତ ପାଇଁ ଯେଉଁ କର୍ମ ସମ୍ପାଦନ କରିବାକୁ ହୁଏ, ତାହାହିଁ ନୈମିତ୍ତିକ କର୍ମ ।

**''ଯତ୍‌କିଞ୍ଚିତ୍ ଫଳମୁଦ୍ଦିଶ୍ୟ ଯଜ୍ଞଦାନଜପାଦିକମ୍ ।**
**କ୍ରିୟତେ କାୟିକଂ ଯଚ୍ଚ ତତ୍ କାମ୍ୟଂ ପରିକୀର୍ତ୍ତିତମ୍ ।।''　(ସ୍ମୃତି)**

କାମନାପୂର୍ବକ ଅର୍ଥାତ୍ କୌଣସି ଫଳର ଆଶା କରି ଯେଉଁ ଯଜ୍ଞ, ଦାନ ଓ ଜପାଦି କର୍ମ ସମ୍ପନ୍ନ କରାହୁଏ, ତାହାର ନାମ **କାମ୍ୟକର୍ମ** । ଯାଗଯଜ୍ଞ, ମହାଦାନ, ଦେବତାଦି ପ୍ରତିଷ୍ଠା, ଜଳାଶୟ ପ୍ରତିଷ୍ଠା, ବୃକ୍ଷାଦି ପ୍ରତିଷ୍ଠା, ଏବଂ ବ୍ରତାଦି କର୍ମାନୁଷ୍ଠାନ କରିବାକୁ **କାମ୍ୟକର୍ମ** କହନ୍ତି ।

ନିତ୍ୟକର୍ମ ପ୍ରତିଦିନ କରଣୀୟ ନୈମିତ୍ତିକ କର୍ମ ନିମିତ୍ତାଧୀନ, ସୁତରାଂ ତାହା ସମୟ ବିଶେଷରେ କର୍ତ୍ତବ୍ୟ, କାମ୍ୟ-କର୍ମ ଇଚ୍ଛାଧୀନ ଏବଂ ଏଥିପାଇଁ ତାହା ଇଚ୍ଛାନୁସାରେ କର୍ତ୍ତବ୍ୟ । ନିତ୍ୟ, ନୈମିତ୍ତିକ ଓ କାମ୍ୟ—ଏହି ତ୍ରିବିଧ କର୍ମ ମଧ୍ୟରୁ ନିତ୍ୟକର୍ମ ହିଁ ସମସ୍ତଙ୍କ ପକ୍ଷରେ ଜ୍ଞାତବ୍ୟ । କାରଣ ନିତ୍ୟକର୍ମ ଜଣା ନ ଥିଲେ, କେବଳ

ପଶୁଙ୍କ ପରି ଆହାର, ବିହାର କରିବା ସାର ହୁଏ । ତେଣୁ ନିତ୍ୟକର୍ମର ଅନୁଷ୍ଠାନ ଉତ୍ତମରୂପେ ଜାଣିବା ଦରକାର । ନିତ୍ୟକର୍ମ ଯଥାବିଧି ସମ୍ପନ୍ନ କରିପାରିଲେ, ଇହକାଳରେ ସୁଖୀ ହୋଇ ଅନ୍ତିମ ମୋକ୍ଷଲାଭ କରାଯାଇପାରେ । ଯଥା —

**"ବେଦୋଦିତଂ ସ୍ୱକଂ କର୍ମ ନିତ୍ୟଂ କୁର୍ଯ୍ୟାଦତନ୍ଦ୍ରିତଃ ।**
**ତଦ୍ଧି କୁର୍ବନ୍ ଯଥାଶକ୍ତିଃ ପ୍ରାପ୍ନୋତି ପରମା ଗତିମ୍ ।।"**

**— ମନୁସଂହିତା, ୪ର୍ଥ ଅଧ୍ୟାୟ**

ଆଳସ୍ୟ ପରିତ୍ୟାଗ କରି ପ୍ରତିଦିନ ବେଦୋକ୍ତ ନିଜ ନିଜ ବିହିତ କର୍ମସକଳ ସମ୍ପାଦନ କରିବାକୁ ହେବ । ଶକ୍ତି ଅନୁସାରେ ଏହି ସମସ୍ତ କର୍ମ କରିପାରିଲେ, ପରମାଗତି ଲାଭ ହୋଇଥାଏ ।

ଅତଏବ, ଦେଖାଯାଉଛି ଯେ ସମ୍ୟକ୍‌ରୂପରେ ନିତ୍ୟକର୍ମ-ବିଧି ଜ୍ଞାତ ହେବା ଏକାନ୍ତ ଆବଶ୍ୟକ । ନିତ୍ୟକର୍ମପରାୟଣ ବ୍ୟକ୍ତି ହିଁ ସାଧନକାର୍ଯ୍ୟରେ ଯୋଗ୍ୟତା ଲାଭ କରିପାରନ୍ତି । ତଦ୍‌ବ୍ୟତୀତ ଅନ୍ୟମାନଙ୍କ ପକ୍ଷରେ ସାଧନ କାର୍ଯ୍ୟରେ ଅଗ୍ରସର ହେବା ବନ୍ଧ୍ୟାନାରୀଙ୍କ ଠାରେ ସନ୍ତାନ ଉତ୍ପାଦନ ଚେଷ୍ଟା ସଦୃଶ ବିଫଳ ହୋଇଥାଏ ।

ଦୀକ୍ଷା ଗ୍ରହଣ କରି ଆତ୍ମୋନ୍ନତି ନିମିତ୍ତ ପ୍ରତ୍ୟହ ଯେଉଁସବୁ କାର୍ଯ୍ୟର ଅନୁଷ୍ଠାନ କରିବାକୁ ପଡ଼େ, ତାହା ହିଁ ନିତ୍ୟକର୍ମ । ଏହି ନିତ୍ୟକର୍ମକୁ ବୈଧକର୍ମ ମଧ୍ୟ କୁହାଯାଏ । ସ୍ନାନ, ପୂଜା, ସନ୍ଧ୍ୟା-ଗାୟତ୍ରୀ, ସ୍ତବ-କବଚ ପାଠ, ହୋମ ପ୍ରଭୃତି ସମସ୍ତ କର୍ମକୁ ହିଁ ବୈଧ କର୍ମ କୁହାଯାଏ । ମନ୍ତ୍ରଗ୍ରହଣ କରି ପ୍ରତ୍ୟେକ ବ୍ୟକ୍ତିର ଏହିସବୁ ବୈଧକର୍ମର ଅନୁଷ୍ଠାନ କରିବା କର୍ତ୍ତବ୍ୟ । ଏହି ନିତ୍ୟକର୍ମ ଅଭ୍ୟାସ ଦ୍ୱାରା ଯୋଗାଭ୍ୟାସ, ଚିତ୍ତଜୟ ଓ ଆଧ୍ୟାତ୍ମିକ ଶକ୍ତି ଲାଭ ହୋଇଥାଏ । ଶାକ୍ତ, ଶୈବ, ବୈଷ୍ଣବ, ଗାଣପତ୍ୟ ଓ ସୌର—ସମସ୍ତ ଦେବତାଙ୍କ ଉପାସକମାନଙ୍କୁ ତାନ୍ତ୍ରିକ ମତରେ ବୈଧକର୍ମର ଅନୁଷ୍ଠାନ କରିବାକୁ ହୁଏ । ବ୍ରାହ୍ମଣମାନେ ବୈଦିକ କର୍ମର ଅନୁଷ୍ଠାନ କରିବା ଆବଶ୍ୟକ । ଅନେକଙ୍କର ଧାରଣା, ଶ୍ରୀକୃଷ୍ଣାଦି ଦେବତା-ସାଧକଙ୍କର କର୍ମ ତାନ୍ତ୍ରିକ ନୁହେଁ । ସେମାନଙ୍କ ଏହି ଧାରଣା ଭ୍ରମାତ୍ମକ । ସମସ୍ତ

ଦେବତାଙ୍କ ଦୀକ୍ଷା ହିଁ ତନ୍ତ୍ରମତାନୁସାରେ ସମ୍ପନ୍ନ ହୋଇଥାଏ । ତାହାହେଲେ କେବଳ ରାଗମାର୍ଗର ଭଜନ ତନ୍ତ୍ରାତୀତ । ଯେଉଁମାନେ ବିଧିପୂର୍ବକ ଅର୍ଥାତ୍ ମନ୍ତ୍ରାଦି ଦ୍ୱାରା ଇଷ୍ଟଦେବତାଙ୍କ ଭଜନ କରନ୍ତି, ସେ ସମସ୍ତଙ୍କୁ ତନ୍ତ୍ରମତରେ ହିଁ ତାହା ସମ୍ପନ୍ନ କରିବାକୁ ହୋଇଥାଏ ।

ଅତଏବ, ପ୍ରତ୍ୟେକ ଦୀକ୍ଷିତ ବ୍ୟକ୍ତି ପ୍ରତ୍ୟହ ବିଧାନାନୁଯାୟୀ ସ୍ନାନ, ପୂଜା, ସନ୍ଧ୍ୟାହ୍ନିକ ପ୍ରଭୃତି ନିତ୍ୟକର୍ମଗୁଡ଼ିକ ଯଥାରୀତି ସମ୍ପାଦନ କରିବେ । ନିତ୍ୟକର୍ମର ବିଧାନ ପ୍ରତ୍ୟେକ ହିନ୍ଦୁ ଜ୍ଞାତ ଅଛନ୍ତି । ତେବେ କୌଣସି ଆନୁଷ୍ଠାନିକ ନିଷ୍ଠାବାନ୍ ହିନ୍ଦୁଙ୍କ ନିକଟରୁ ନିତ୍ୟକର୍ମ ପଦ୍ଧତି ଜାଣିନେଇ ଅଭ୍ୟାସ କଲେ ଉତ୍ତମ । ସେହି ବିସ୍ତୃତ ବିଷୟ ପ୍ରକାଶ କରିବା ଏହି ଗ୍ରନ୍ଥର ଉଦ୍ଦେଶ୍ୟ ନୁହେଁ । ନିଜ ନିଜ ଗୁରୁମାନେ ହିଁ ଶିଷ୍ୟମାନଙ୍କୁ ତାହା ଶିକ୍ଷା ଦେଇଥାନ୍ତି । ତେବେ ସେଗୁଡ଼ିକ ଯଥାବିଧାନରେ ସମ୍ପାଦନ କରିବା ଆବଶ୍ୟକ । ନିତ୍ୟ-ନୈମିତ୍ତିକ କ୍ରିୟାଶୀଳ ନ ହେଲେ, କାମ୍ୟକର୍ମରେ କେବେହେଲେ ଫଳଲାଭ ହୋଇପାରିବ ନାହିଁ । ବିଶେଷ ସାଧନ ମଧ୍ୟ ତାଙ୍କ ଦ୍ୱାରା ସମ୍ଭବପର ହେବନାହିଁ । ଅତଏବ, ସାଧନାଭିଳାଷୀ ସାଧକମାତ୍ରକେ ନିତ୍ୟ-ନୈମିତ୍ତିକ କ୍ରିୟାଗୁଡ଼ିକ ସମ୍ପାଦନ କରିବାକୁ ଭୁଲିଯିବେ ନାହିଁ । ନିତ୍ୟ-ନୈମିତ୍ତିକ ଓ କାମ୍ୟକର୍ମଗୁଡ଼ିକ ପ୍ରକୃଷ୍ଟ ରୂପରେ ସମ୍ପନ୍ନ କରିବା ପରେ ଯାଇ ବିଶେଷ କୌଣସି ସାଧନ କାର୍ଯ୍ୟରେ ସାଧକମାନେ ଅଗ୍ରସର ହେବାର କ୍ଷମତା ଲାଭ କରିଥା'ନ୍ତି । ସେତେବେଳେ ଯାହାଙ୍କ ମନରେ ଯେଭଳି ଅଭିଳାଷ, ସେ ତଦନୁରୂପ ସାଧନାରେ ପ୍ରବୃତ୍ତ ହୋଇପାରନ୍ତି । ଯାହାଙ୍କର ଯାହା ଇଷ୍ଟ, ତାଙ୍କର ସେହି ବିଷୟକ ସାଧନାରେ ପ୍ରବୃତ୍ତି ଥିବା ଆବଶ୍ୟକ । ସାଧନା ଶେଷରେ ଇଷ୍ଟସିଦ୍ଧି ଲାଭ ହେଲେ, ସାଧକ ସେତେବେଳେ ସମସ୍ତ ପ୍ରକାର ସାଧନ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରନ୍ତି ।

**ବିଶେଷ ସାଧନପଦ୍ଧତି ବିବୃତ କରିବା ହିଁ ଏହି ଗ୍ରନ୍ଥର ପ୍ରତିପାଦ୍ୟ ବିଷୟ** । ଦୀକ୍ଷା ଗ୍ରହଣ କରି ଓ ଶାକ୍ତାଭିଷିକ୍ତ ହୋଇ ପ୍ରଥମେ ନିତ୍ୟନୈମିତ୍ତିକ କ୍ରିୟାଗୁଡ଼ିକ ଯଥାବିଧି ନିତ୍ୟ ଅନୁଷ୍ଠାନ ଅର୍ଥାତ୍ ନିତ୍ୟପୂଜା, ହୋମ, ତର୍ପଣ, ସନ୍ଧ୍ୟାହ୍ନିକ, ନାନାପ୍ରକାର ପୁରଶ୍ଚରଣ ପ୍ରଭୃତିର ଅନୁଷ୍ଠାନ କରିବାକୁ ହେବ । କ୍ରମେ

ଯେତେବେଳେ ସାଧନକାର୍ଯ୍ୟରେ ବିଶେଷ ଦୃଢ଼ତା ଜାତ ହେବ, ସେତେବେଳେ ପୂର୍ଣ୍ଣାଭିଷିକ୍ତ ହୋଇ ବିଶେଷ ସାଧନ କାର୍ଯ୍ୟରେ ପ୍ରବୃତ୍ତ ହେବ । ଉପରୋକ୍ତ କାର୍ଯ୍ୟ ପ୍ରତି ଅମନୋଯୋଗୀ ହୋଇ ଯେଉଁମାନେ ସ୍ୱେଚ୍ଛାନୁସାରେ କାମ୍ୟ-କର୍ମ ବା ବିଶେଷ ସାଧନାର ଅନୁଷ୍ଠାନ କରନ୍ତି, ସେମାନଙ୍କର ଶ୍ରମ ପଣ୍ଡ ହୋଇଥାଏ । ତେଣୁ ସମସ୍ତେ ସର୍ବଦା ସ୍ମରଣ ରଖିବେ ଯେ, ନିତ୍ୟ-ନୈମିତ୍ତିକ କର୍ମାନୁଷ୍ଠାନକାରୀଙ୍କ ବ୍ୟତୀତ ଅନ୍ୟ କେହି ତନ୍ତ୍ରୋକ୍ତ ସାଧନାରେ ସାଫଲ୍ୟ ଲାଭ କରିପାରିବେ ନାହିଁ ।

## ଅନ୍ତର୍ଯାଗ ବା ମାନସ-ପୂଜା

**ଦୀ**କ୍ଷାଗ୍ରହଣ କରି ପ୍ରତିଦିନ ଇଷ୍ଟଦେବତାଙ୍କର ପୂଜା କରିବାକୁ ହୁଏ । ଏଥିରେ ଇଷ୍ଟନିଷ୍ଠା ଓ ଭକ୍ତି ବୃଦ୍ଧି ହୋଇ ଭଗବାନଙ୍କଠାରେ ତନ୍ମୟତା ଜାତ ହୁଏ, କିନ୍ତୁ ଏହି ପୂଜାପଦ୍ଧତି ମନ୍ତ୍ର ଓ ଦେବତା ଭେଦରେ ଭିନ୍ନ ଭିନ୍ନ । ସୁତରାଂ ସବୁପ୍ରକାର ଦେବତାଙ୍କ ବାହ୍ୟ ପୂଜାପଦ୍ଧତି ଲିପିବଦ୍ଧ କରିବା ଏହି ସାମାନ୍ୟ ଗ୍ରନ୍ଥରେ ସାଧ୍ୟାୟତ୍ତ ନୁହେଁ । ନିଜ ନିଜ କଳ୍ପୋକ୍ତ ବିଧାନ ଅନୁସାରେ ସମସ୍ତଙ୍କୁ ବାହ୍ୟପୂଜା ସମ୍ପାଦନ କରିବାକୁ ହେବ । ଆମ ଦେଶରେ ପଟଳଗୁରୁ ବା କୁଳଗୁରୁ ଶିଷ୍ୟକୁ ବାହ୍ୟ ପୂଜାପଦ୍ଧତି ପ୍ରଦାନ କରିଥା'ନ୍ତି । ଏହା ବ୍ୟତୀତ ପଦ୍ଧତି-ଗ୍ରନ୍ଥମାନଙ୍କରେ ପୂଜାପ୍ରଣାଳୀ ଲିଖିତ ଅଛି । ଏଥିପାଇଁ ବାହ୍ୟପୂଜା ସମ୍ବନ୍ଧରେ ବିଶେଷ ଭାବରେ କିଛି ଏଠାରେ ଉଲ୍ଲେଖ କରାଗଲା ନାହିଁ ।

ସର୍ବବିଧ ବାହ୍ୟ ପୂଜାପଦ୍ଧତି ମଧ୍ୟରେ ଅନ୍ତଃପୂଜାର ବିଧାନ ଅଛି, ଅର୍ଥାତ୍ ବାହ୍ୟପୂଜା ସମ୍ପନ୍ନ କରିବାକୁ ହେଲେ ସେଥି ସହିତ ଅନ୍ତଃପୂଜା ମଧ୍ୟ କରିବାକୁ ହୋଇଥାଏ । ମାନସପୂଜା ହିଁ ସବୁ ପ୍ରକାର ପୂଜାଠାରୁ ଶ୍ରେଷ୍ଠ । ଏକମାତ୍ର ମାନସପୂଜାରେ ସର୍ବାର୍ଥ ସିଦ୍ଧି ହୋଇପାରେ । ତେବେ ସମସ୍ତେ ମାନସପୂଜାର ଅଧିକାରୀ ନୁହନ୍ତି । ତେଣୁ ପ୍ରଥମେ ବାହ୍ୟପୂଜାର ଅନୁଷ୍ଠାନ କରିବା ଦରକାର । ବାହ୍ୟପୂଜା ସହିତ ମଧ୍ୟ ମାନସପୂଜା କରିବାକୁ ହୁଏ । ଉପରୋକ୍ତ ପ୍ରକାରରେ କିଛି ଦିନ ବାହ୍ୟପୂଜାର ଅନୁଷ୍ଠାନରେ ଯେତେବେଳେ ଅନ୍ତଃପୂଜାରେ ସୁନ୍ଦରଭାବରେ ଅଭ୍ୟସ୍ତ ହୋଇଯିବ, ସେତେବେଳେ ଆଉ ବାହ୍ୟପୂଜା କରିବାର

କିଛିମାତ୍ର ପ୍ରୟୋଜନ ହେବ ନାହିଁ । କେବଳ ମାନସପୂଜା କଲେ ଇଷ୍ଟସିଦ୍ଧି ହୋଇପାରିବ, ଯଥା —

''ଅନ୍ତଃପୂଜା ମହେଶାନି ବାହ୍ୟକୋଟିଫଳଂ ଲଭେତ୍ ।
ସର୍ବପୂଜାଫଳଂ ଦେବି ପ୍ରାପ୍ନୋତି ସାଧକଃ ପ୍ରିୟେ ।।'' (ଭୂତଶୁଦ୍ଧି ମନ୍ତ୍ର)

ଅର୍ଥାତ୍ ଥରେ ଅନ୍ତଃପୂଜା କଲେ, କୋଟି ବାହ୍ୟପୂଜାର ଫଳପ୍ରାପ୍ତି ହୋଇଥାଏ । ଏକମାତ୍ର ଅନ୍ତଃପୂଜାରେ ହିଁ ସାଧକ ସମସ୍ତ ପ୍ରକାର ପୂଜାର ଫଳ ଲାଭ କରିପାରନ୍ତି । କାରଣ ଉପଚାରର ପ୍ରାଚୁର୍ଯ୍ୟ ବ୍ୟତୀତ ବାହ୍ୟପୂଜା ନିଷ୍ଫଳ ହୋଇଥାଏ । ସୁତରାଂ ଅନ୍ତଃପୂଜାଧିକାରୀଙ୍କ ପକ୍ଷରେ ବାହ୍ୟପୂଜା ବିଡ଼ମ୍ବନା ମାତ୍ର । ତେଣୁ ଜଗଦ୍‌ଗୁରୁ ଯୋଗୀଶ୍ୱର କହିଛନ୍ତି -

''ମନସାପି ମହାଦେବ୍ୟୈ ନୈବେଦ୍ୟଂ ଦୀୟତେ ଯଦି ।
ଯୋ ନରୋ ଭକ୍ତିସଂଯୁକ୍ତୋ ଦୀର୍ଘାୟୁଃ ସ ସୁଖୀ ଭବେତ୍ ।।
ମାଲ୍ୟଂ ପଦ୍ମସହସ୍ରସ୍ୟ ମନସା ଯଃ ପ୍ରଯଚ୍ଛତି ।
କଳ୍ପକୋଟିସହସ୍ରାଣି କଳ୍ପକୋଟିଶତାନି ଚ ।।
ସ୍ଥିତୋ ଦେବୀପୁରେ ଶ୍ରୀମାନ୍ ସାର୍ବଭୌମୋ ଭବେତ୍ କ୍ଷିତୌ ।
ମନସାପି ମହାଦେବ୍ୟୈ ଯସ୍ତୁ କୁର୍ଯ୍ୟାଦ୍ ପ୍ରଦକ୍ଷିଣମ୍ ।
ସ ଦକ୍ଷିଣେ ଯମଗୃହେ ନରକାଣି ନ ପଶ୍ୟତି ।।
ମନସାପି ମହାଦେବ୍ୟୈ ଯୋ ଭକ୍ତ୍ୟା କୁରୁତେ ନତିମ୍ ।
ସୋଽପି ଲୋକାନ୍ ବିନିର୍ଜ୍ଜିତ୍ୟ ଦେବୀଲୋକେ ମହୀୟତେ ।।''

— ଗନ୍ଧର୍ବତନ୍ତ୍ର

ଯେଉଁ ବ୍ୟକ୍ତି ଭକ୍ତିଯୁକ୍ତ ହୋଇ ମହାଦେବୀଙ୍କୁ ମନଃକଳ୍ପିତ ନୈବେଦ୍ୟ ଦ୍ୱାରା ପୂଜା କରନ୍ତି, ସେ ଦୀର୍ଘାୟୁ ଏବଂ ସୁଖୀ ହୁଅନ୍ତି । ଯେଉଁ ବ୍ୟକ୍ତି ମନଃକଳ୍ପିତ ସହସ୍ର ପଦ୍ମର ମାଳା ଦେବୀଙ୍କୁ ପ୍ରଦାନ କରନ୍ତି, ସେ ଶତ-ସହସ୍ର କୋଟି କଳ୍ପକାଳ ଦେବୀଙ୍କ ପୁରରେ ବାସ କରି ପୃଥିବୀର ସାର୍ବଭୌମତ୍ୱ ପ୍ରାପ୍ତ ହୁଅନ୍ତି । ଯେଉଁ ବ୍ୟକ୍ତି ଦେବୀଙ୍କୁ ମାନସ ପ୍ରଦକ୍ଷିଣ କରନ୍ତି, ସେ ଯମଗୃହରେ ନରକ ଦର୍ଶନ କରନ୍ତ

ନାହିଁ । ଯେଉଁ ବ୍ୟକ୍ତି ଭକ୍ତି ସହିତ ଦେବୀଙ୍କୁ ମାନସ ନମସ୍କାର କରନ୍ତି, ସେ ସମସ୍ତ ଲୋକ ଜୟ କରି ଦେବୀଲୋକକୁ ଗମନ କରନ୍ତି ।

ପାଠକ ! ମାନସ-ପୂଜାର ଶ୍ରେଷ୍ଠତା ଓ ଉପକାରିତା ବୋଧହୁଏ ବର୍ତ୍ତମାନ ବୁଝିପାରିଛନ୍ତି ? ତାନ୍ତ୍ରିକ-ସାଧକ ପ୍ରତିଦିନ ଯଥାବିଧି ଥରେ ମାତ୍ର ଅନ୍ତର୍ଯାଗ ବା ମାନସ ପୂଜାର ଅନୁଷ୍ଠାନ କରିପାରିଲେ ସର୍ବସିଦ୍ଧି ଲାଭ କରିପାରନ୍ତି । **ମାନସ ପୂଜାର କ୍ରମ, ଯଥା—**

ସାଧକମାନେ ଶୁଭ ଆସନରେ ପୂର୍ବାସ୍ୟ ଅର୍ଥାତ୍ ପୂର୍ବମୁଖ କିମ୍ବା ଉତ୍ତରାସ୍ୟ ବା ଉତ୍ତରମୁଖ ହୋଇ ବସି ହୃଦୟ ମଧ୍ୟରେ ସୁଧାସମୁଦ୍ରର ଧ୍ୟାନ କରିବେ ଏବଂ ତନ୍ମଧ୍ୟରେ ସୁବର୍ଣ୍ଣ-ବାଲୁକାମୟ, ବିକଶିତ-କୁସୁମାନ୍ୱିତ, ମନ୍ଦାର ଓ ପାରିଜାତାଦି ପୁଷ୍ପବୃକ୍ଷପରିଶୋଭିତ, ସର୍ବଦା ଯେଉଁ ବୃକ୍ଷର ପୁଷ୍ପ ଓ ଫଳ ଜାତ ହେଉଥାଏ ଏବଂବିଧ ବୃକ୍ଷଯୁକ୍ତ ରତ୍ନଦ୍ୱୀପ- ଯାହାର ଚତୁର୍ଦ୍ଦିଗ ନାନାବିଧ କୁସୁମଗନ୍ଧରେ ଆମୋଦିତ, ଯେଉଁ ସ୍ଥାନରେ ଭ୍ରମରକୁଳ ବିକଶିତ କୁସୁମାମୋଦରେ ପ୍ରହୃଷ୍ଟ, ଯେଉଁ ସ୍ଥାନ ସୁମଧୁର କୋକିଳଗାନରେ ପ୍ରତିଧ୍ୱନିତ, ବିକଶିତ ସ୍ୱର୍ଗୀୟ ସୁବର୍ଣ୍ଣ-ପଙ୍କଜଗୁଡ଼ିକ ଯାହାର ଶୋଭାବର୍ଦ୍ଧକ ଏବଂ ଯେଉଁ ସ୍ଥାନ ମନୋହର ବସ୍ତ୍ର, ମୌକ୍ତିକମାଳା ଓ କୁସୁମମାଳାଲଙ୍କୃତ ତୋରଣ-ପରିଶୋଭିତ, ଏତାଦୃଶ ରତ୍ନଦ୍ୱୀପର ଧ୍ୟାନ କରିବେ ।

ତତ୍ପରେ ସେହି ରତ୍ନଦ୍ୱୀପର ଅଭ୍ୟନ୍ତରରେ ଚତୁର୍ବେଦରୂପ ଚତୁଃଶାଖାବିଶିଷ୍ଟ, ସତ୍ତ୍ୱାଦି-ଗୁଣତ୍ରୟ ସମନ୍ୱିତ, ପୀତ-କୃଷ୍ଣ-ଶ୍ୱେତ-ରକ୍ତ-ହରିତ ଏବଂ ବିଚିତ୍ର ବର୍ଣ୍ଣର ପୁଷ୍ପ ବିରାଜିତ, କୋକିଳ-ଭ୍ରମରାଦି ପକ୍ଷୀଗଣ ବିମଣ୍ଡିତ କଳ୍ପପାଦପର ଧ୍ୟାନ କରିବେ । ଇଦୃଶ କଳ୍ପଦ୍ରୁମର ଧ୍ୟାନ କରି ତାହାର ଅଧୋଭାଗରେ ରତ୍ନବେଦିକାର ଧ୍ୟାନ କରିବେ ।

ତଦନନ୍ତର ତାହାର ଉପରି ଭାଗରେ ବାଳାରୁଣ ସଦୃଶ ରକ୍ତବର୍ଣ୍ଣ ରତ୍ନନିର୍ମିତ ସୋପାନାବଳୀଯୁକ୍ତ ଧ୍ୱଜଯୁକ୍ତ ଚତୁର୍ଦ୍ଵାରସମନ୍ୱିତ ନାନାରତ୍ନାଲଙ୍କୃତ ରତ୍ନନିର୍ମିତ ପ୍ରାକାରବେଷ୍ଟିତ ସ୍ୱ ସ୍ୱ ସ୍ଥାନସ୍ଥିତ ଲୋକପାଳମାନଙ୍କ କର୍ତ୍ତୃକ ଅଧିଷ୍ଠିତ,

କ୍ରୀଡ଼ାଶୀଳ ସିଦ୍ଧ, ଚାରଣ, ଗନ୍ଧର୍ବ, ବିଦ୍ୟାଧର, ମହୋରଗ, କିନ୍ନର ଓ ଅପ୍‌ସରାଗଣ ପରିବ୍ୟାପ୍ତ, ନୃତ୍ୟ ଓ ଗୀତବାଦ୍ୟନିରତ ସୁରସୁନ୍ଦରୀଗଣଯୁକ୍ତ, କିଙ୍କିଣୀଜାଳଯୁକ୍ତ ପତାକାଳଙ୍କୃତ, ମହାମାଣିକ୍ୟ, ବୈଦୂର୍ଯ୍ୟ ଓ ରତ୍ନମୟ ଚାମରଭୂଷିତ, ଲମ୍ବମାନ ସ୍ଥୂଳ ମୁକ୍ତାଫଳାଳଙ୍କୃତ, ଚନ୍ଦନଅଗୁରୁ-କସ୍ତୁରୀ ଦ୍ୱାରା ବିଲିପ୍ତ ସୁମହତ୍ ରକ୍ତମଣ୍ଡପର ଧ୍ୟାନ କରି ତନ୍ମଧ୍ୟରେ ମହାମାଣିକ୍ୟ ବେଦିକାର ଧ୍ୟାନ କରିବେ ଏବଂ ଏହି ବେଦିକାର ଅଭ୍ୟନ୍ତରରେ ପ୍ରାତଃସୂର୍ଯ୍ୟ କିରଣାରୁଣପ୍ରଭ ଚତୁଷ୍କୋଣ ଶୋଭିତ ବ୍ରହ୍ମା-ବିଷ୍ଣୁ-ଶିବାତ୍ମକ ସିଂହାସନର ଧ୍ୟାନ କରିବେ । ତଦନନ୍ତର ଉକ୍ତ ସିଂହାସନରେ ପ୍ରସୂନତୂଳିକା ନ୍ୟାସ କରିବେ ।

ତତ୍ପରେ ସଂକଳ୍ପୋକ୍ତ କ୍ରମରେ ପାଠପୂଜା କରି ପ୍ରେତ-ପଦ୍ମାସନରେ ଇଷ୍ଟଦେବତାଙ୍କ ଧ୍ୟାନ କରିବେ । ଅନନ୍ତର ଇଷ୍ଟଦେବତାଙ୍କୁ ରତ୍ନପାଦୁକା ପ୍ରଦାନ କରି ତାଙ୍କୁ ସ୍ନାନ ମନ୍ଦିରକୁ ଆନୟନ କରିବେ ଏବଂ କର୍ପୂର, ଅଗୁରୁ, କସ୍ତୁରୀ ମୃଗମଦ, ଗୋରଚନା ଓ କୁଙ୍କୁମାଦି ନାନା ଗନ୍ଧଦ୍ରବ୍ୟ-ସୁବାସିତ ଜଳଦ୍ୱାରା ଇଷ୍ଟଦେବୀଙ୍କର ସର୍ବ ଶରୀର ଉଦ୍‌ବର୍ତ୍ତନ କରି ସେଥିରେ ସୁଗନ୍ଧ ତୈଳ ଲେପନ କରିବେ । ତତ୍ପରେ ସହସ୍ରକୁମ୍ଭ ଜଳଦ୍ୱାରା ଦେବୀଙ୍କୁ ସ୍ନାନ କରାଇ ବସ୍ତ୍ର ଦ୍ୱାରା ଗାତ୍ର ମାର୍ଜ୍ଜନପୂର୍ବକ ବସ୍ତ୍ରଯୁଗଳ ପରିଧାନ କରାଇବେ । ପରେ ପାନିଆ ଦ୍ୱାରା କେଶ ସଂସ୍କାର କରି ଲଲାଟରେ ତିଳକ, କେଶ ମଧ୍ୟରେ ସିନ୍ଦୁର, ହସ୍ତରେ ହସ୍ତୀଦନ୍ତନିର୍ମିତ ଶଙ୍ଖ, କେୟୂର, କଙ୍କଣ ଓ ବଳୟ, ପାଦପଦ୍ମରେ ନାନାରତ୍ନବିନିର୍ମିତ ଅଙ୍ଗୁରୀୟକ, ନୂପୁର, ନାସିକାର ଅଗ୍ରଭାଗରେ ଗଜମୁକ୍ତା, କର୍ଣ୍ଣରେ ରତ୍ନନିର୍ମିତ ଦୁଲ୍, କଣ୍ଠରେ ରତ୍ନହାର ଓ ସୁଗନ୍ଧ ପୁଷ୍ପମାଳା ପ୍ରଦାନ କରି ସର୍ବାଙ୍ଗରେ ଚନ୍ଦନ ଓ ସିହ୍ଲକ (ଗନ୍ଧଦ୍ରବ୍ୟବିଶେଷ) ଲେପନ କରିବେ । ଉରଃସ୍ଥଳରେ ନାନା କାରୁକାର୍ଯ୍ୟାନ୍ୱିତ ସୁବର୍ଣ୍ଣଖଚିତ କାଞ୍ଚୁଲି ପରିଧାନ କରାଇ ନିତମ୍ବରେ ରତ୍ନମେଖଳା ପ୍ରଦାନ କରିବେ ।*

* ପଞ୍ଚ-ଉପାସକମାନଙ୍କ ମଧ୍ୟରେ ପ୍ରତ୍ୟେକେ ନିଜ ନିଜ ଇଷ୍ଟ ଦେବତାଙ୍କର ଧ୍ୟାନାନୁଯାୟୀ ଆସନ ବାହନାଦି କଳ୍ପନା କରି ନେବେ । ମୁଁ ଏହି ଗ୍ରନ୍ଥରେ ଦେବୀ ମୂର୍ତ୍ତିଙ୍କୁ ଲକ୍ଷ୍ୟ କରି ସମସ୍ତ ବିଷୟ ଲିପିବଦ୍ଧ କରିଛି । — ଗ୍ରନ୍ଥକାର

ଅନନ୍ତର ସମାହିତ ଚିତ୍ତରେ ଦେବୀଙ୍କ ଚିନ୍ତା କରି ଭୂତଶୁଦ୍ଧି ଓ ନାନାବିଧ ନ୍ୟାସ ସମାପନ କରି ଷୋଡ଼ଶ ଉପଚାରରେ ହୃଦୟସ୍ଥିତା ଦେବୀଙ୍କର ଅର୍ଚ୍ଚନା କରିବେ । ଉପବେଶନ ନିମିତ୍ତ ରତ୍ନସିଂହାସନ ପ୍ରଦାନ କରି ସ୍ୱାଗତ ସମ୍ଭାଷଣ କରିବେ । ପାଦପଦ୍ମରେ ପାଦ୍ୟ ଅର୍ପଣ କରିବେ । ମସ୍ତକରେ ଅର୍ଘ୍ୟାର୍ପଣ ଏବଂ ମୁଖସରୋରୁହରେ ପରାମୃତରୂପ ଆଚମନୀୟ ପ୍ରଦାନ କରିବେ । ମଧୁପର୍କ ଓ ତ୍ରିଧା ଆଚମନୀୟ ମୁଖରେ ଦାନ କରିବେ । ସୁବର୍ଣ୍ଣ ପାତ୍ରସ୍ଥ ପରିଷ୍କୃତ ପରମାନ୍ନ, କପିଳା ଗାଭୀର ଘୃତଯୁକ୍ତ ସବ୍ୟଞ୍ଜନାନ୍ନ,ସାଗରତୁଲ୍ୟ ଅମେୟ ମଦ୍ୟ, ପର୍ବତ ପ୍ରମାଣ ମାଂସ, ରାଶିକୃତ ମତ୍ସ୍ୟ, ନାନାବିଧ ଫଳ, ସୁବାସିତ ଜଳ ଏବଂ କର୍ପୂରାଦି ମସଲାସଂଯୁକ୍ତ ତାମ୍ବୁଳ ପ୍ରଭୃତି, ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ—ଚତୁର୍ବିଧ ମାନସ ଉପଚାର ଦ୍ୱାରା ଦେବୀଙ୍କ ଅର୍ଚ୍ଚନା କରିବେ । ଅନନ୍ତର ଆବରଣ-ଦେବତାଙ୍କ ପୂଜା କରି ଜପ କରିବାକୁ ହେବ ।

ଉପରୋକ୍ତ ମାନସ ପୂଜା ଗୁରୂପଦିଷ୍ଟ ବିଧାନ । ଏହା ବ୍ୟତୀତ ଶାସ୍ତ୍ରରେ ମଧ୍ୟ ମାନସ ଯାଗର ବିଧାନ ଅଛି । ଯଥା —

''ହୃତ୍ପଦ୍ମମାସନଂ ଦଦ୍ୟାତ୍ ସହସ୍ରାରଚ୍ୟୁତାମୃତୈଃ ।
ପାଦ୍ୟଂ ଚରଣୟୋର୍ଦଦ୍ୟାତ୍ ମନସ୍ତ୍ୱର୍ଘ୍ୟଂ ନିବେଦୟେତ୍ ।।
ତେନାମୃତେନାଚମନୀୟଂ ସ୍ନାନୀୟଂ ତେନ ଚ ସ୍ମୃତମ୍ ।
ଆକାଶତତ୍ତ୍ୱଂ ବସ୍ତ୍ରଂ ସ୍ୟାତ୍ ଗନ୍ଧଃ ସ୍ୟାତ୍ ଗନ୍ଧତତ୍ତ୍ୱକମ୍ ।।
ଚିତ୍ତଂ ପ୍ରକଳ୍ପୟେତ୍ ପୁଷ୍ପଂ ଧୂପଂ ପ୍ରାଣାନ୍ ପ୍ରକଳ୍ପୟେତ୍ ।
ତେଜସ୍ତତ୍ତ୍ୱଞ୍ଚ ଦୀପାର୍ଥଂ ନୈବେଦ୍ୟଂ ସ୍ୟାତ୍ ସୁଧାମ୍ବୁଧିଃ ।।
ଅନାହତଧ୍ୱନିର୍ଘଣ୍ଟା ବାୟୁତତ୍ତ୍ୱଞ୍ଚ ଚାମରମ୍ ।
ସହସ୍ରାରଂ ଭବେତ୍ ଛତ୍ରଂ ଶବ୍ଦତତ୍ତ୍ୱଞ୍ଚ ଗୀତକମ୍ ।।
ନୃତ୍ୟମିନ୍ଦ୍ରିୟକର୍ମାଣି ଚାଞ୍ଚଲ୍ୟଂ ମନସସ୍ତଥା ।
ସୁମେଖଳାଂ ପଦ୍ମମାଳାଂ ପୁଷ୍ପଂ ନାନାବିଧଂ ତଥା ।।
ଅମାୟାଦ୍ୟୈର୍ଭାବପୁଷ୍ପୈରର୍ଚ୍ଚୟେତ୍ ଭାବଗୋଚରମ୍ ।
ଅମାୟାମ ଅନହଙ୍କାରମ୍ ଅରାଗମ୍ ଅମଦଂ ତଥା ।।

ଅମୋହକମ୍ ଅଦମ୍ଭଞ୍ଚ ଅଦ୍ୱେଷାକ୍ଷୋଭକୌ ତଥା ।
ଅମାତ୍ସର୍ଯ୍ୟମ୍ ଅଲୋଭଞ୍ଚ ଦଶପୁଷ୍ପଂ ବିଦୁର୍ବୁଧାଃ ॥
ଅହିଂସା ପରମଂ ପୁଷ୍ପଂ ପୁଷ୍ପମ୍ ଇନ୍ଦ୍ରିୟନିଗ୍ରହଃ ।
ଦୟାପୁଷ୍ପଂ କ୍ଷମାପୁଷ୍ପଂ ଜ୍ଞାନପୁଷ୍ପଞ୍ଚ ପଞ୍ଚମମ୍ ॥
ଇତି ପଞ୍ଚଦଶୈର୍ଭାବପୁଷ୍ପୈଃ ସମ୍ପୂଜୟେତ୍ ଶିବାମ୍ ।
ସୁଧାମ୍ବୁଧିଂ ମାଂସଶୈଳଂ ମତ୍ସ୍ୟଶୈଳଂ ତଥୈବ ଚ ॥
ମୁଦ୍ରାରାଶିଂ ସୁଭକ୍ଷଞ୍ଚ ଘୃତାକ୍ତଂ ପରମାନ୍ନକମ୍ ।
କୁଳାମୃତଞ୍ଚ ତତ୍ ପୁଷ୍ପଂ ପଞ୍ଚ ତତ୍କ୍ଷାଳନୋଦକମ୍ ॥
କାମକ୍ରୋଧୌ ଛାଗବାହୌ ବଳିଂ ଦତ୍ତ୍ୱା ପ୍ରପୂଜୟେତ୍ ।
ସ୍ୱର୍ଗେ ମର୍ତ୍ତ୍ୟେ ଚ ପାତାଳେ ଗଗନେ ଚ ଜଳାନ୍ତରେ ।
ଯତ୍ ଯତ୍ ପ୍ରମେୟଂ ତତ୍ ସର୍ବଂ ନୈବେଦ୍ୟାର୍ଥଂ ନିବେଦୟେତ୍ ।
ପାତାଳ-ଭୂତଳ-ବ୍ୟୋମଚାରିଣୋ ବିଘ୍ନକାରିଣଃ ।
ତାଂସ୍ତାନପି ବଳିଂ ଦତ୍ତ୍ୱା ନିର୍ଦ୍ୱନ୍ଦ୍ୱୋ ଜପମାରଭେତ୍ ॥"

ସାଧକମାନେ ନିଜର ହୃଦପଦ୍ମକୁ ଆସନରୂପରେ କଳ୍ପନା କରି ସେଥିରେ ଅଭୀଷ୍ଟ ଦେବତାଙ୍କୁ ଉପବେଶନ କରାଇବେ । ତତ୍ପରେ ସହସ୍ରାର-ବିଗଳିତ ଅମୃତକୁ ପାଦ୍ୟରୂପରେ କଳ୍ପନା କରି ତଦ୍ଦ୍ୱାରା ଇଷ୍ଟଦେବତାଙ୍କର ଚରଣ ଧୌତ କରିବେ । ମନକୁ ଅର୍ଘ୍ୟରୂପରେ ପ୍ରଦାନ କରିବେ । ପୂର୍ବୋକ୍ତ ସହସ୍ରାରାମୃତକୁ ଆଚମନୀୟ ଓ ସ୍ନାନୀୟ, ଦେହସ୍ଥ ଆକାଶତତ୍ତ୍ୱକୁ ବସ୍ତ୍ର, ପୃଥିବୀତତ୍ତ୍ୱକୁ ଗନ୍ଧ, ଚିତ୍ତକୁ ପୁଷ୍ପ, ଘ୍ରାଣକୁ ଧୂପ, ତେଜକୁ ଦୀପ, ସୁଧାସାଗରକୁ ନୈବେଦ୍ୟ, ଅନାହତ-ଧ୍ୱନିକୁ ଘଣ୍ଟା ଶବ୍ଦ, ଶବ୍ଦତତ୍ତ୍ୱକୁ ଗୀତ, ଇନ୍ଦ୍ରିୟଚାପଲ୍ୟକୁ ନୃତ୍ୟ ବାୟୁତତ୍ତ୍ୱକୁ ଚାମର, ସହସ୍ରାର-ପଦ୍ମକୁ ଛତ୍ର, ହଂସକୁ ମନ୍ତ୍ର, ଅର୍ଥାତ୍ ଶ୍ୱାସପ୍ରଶ୍ୱାସକୁ ପାଦୁକା ଏବଂ ପଦ୍ମାକାର ନାଡ଼ୀଚକ୍ରକୁ ପଦ୍ମମାଳା କଳ୍ପନା କରି ଅମାୟା, ଅନହଂକାର, ଅରାଗ ଅମଦ, ଅମୋହ, ଅଦମ୍ଭ, ଅଦ୍ୱେଷ, ଅକ୍ଷୋଭ, ଅମାତ୍ସର୍ଯ୍ୟ ଏବଂ ଅଲୋଭ— ଏହି ଭାବମୟ ଦଶପୁଷ୍ପ ଓ ଅହିଂସା, ଇନ୍ଦ୍ରିୟ, ଜ୍ଞାନ, ଦୟା ଏବଂ କ୍ଷମା—ଏହି ପଞ୍ଚ-ପୁଷ୍ପ ଦେବୀଙ୍କୁ ପ୍ରଦାନ କରିବେ । ତତ୍ପରେ ସାଗର ତୁଲ୍ୟ ସୁଧା ( ମଦ୍ୟ), ପର୍ବତତୁଲ୍ୟ ମତ୍ସ୍ୟ ଓ ମାଂସ, ନାନାବିଧ ସୁଭକ୍ଷ୍ୟ ମୁଦ୍ରା ଏବଂ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ,

ଗଗନ ଓ ଜଳରେ ଯେଉଁ ସ୍ଥାନରେ ଯେଉଁ ଯେଉଁ ପ୍ରମେୟ ବିଦ୍ୟମାନ, ସେ ସମସ୍ତକୁ ନୈବେଦ୍ୟ ଓ କାମକୁ ଛାଗ, କ୍ରୋଧକୁ ମହିଷ ରୂପରେ କଳ୍ପନା କରି ବିଘ୍ନକାରୀଗଣଙ୍କୁ ପୃଥକ୍ ପୃଥକ୍ ଭାବରେ ବଳି ପ୍ରଦାନ କରିବେ । ତଦନନ୍ତର ଜପ ଆରମ୍ଭ କରିବେ ।

ଉପରୋକ୍ତ ଦ୍ୱିବିଧ ଅନ୍ତର୍ଯାଗ ମଧ୍ୟରେ ମନ ପରିଷ୍କାର କରି ଏକଚିତ୍ତରେ ଯେ କୌଣସି ଗୋଟିଏ ପ୍ରକାର ସାଧନ କଲେ ଚଳିବ । ଜପର ପ୍ରଣାଳୀ, ଯଥା—

ମାନସ-ଜପର ମାଳା ପଞ୍ଚାଶତ୍ ବର୍ଣ୍ଣ । ଏହାର ଗ୍ରନ୍ଥନ-ସୂତ୍ର ଶିବଶକ୍ତି, ଆଉ ଗ୍ରନ୍ଥି କୁଣ୍ଡଳିନୀ-ଶକ୍ତି ଏବଂ ମେରୁ-ନାଦବିନ୍ଦୁ । ବର୍ଣ୍ଣମୟୀ ଏହି ମାଳା ଜପ କରିବାର ପ୍ରଣାଳୀ ହେଉଛି ଯେ, ପ୍ରତ୍ୟେକ ବର୍ଣ୍ଣଗୁଡ଼ିକୁ ମନ୍ତ୍ର ଓ ବିନ୍ଦୁଯୁକ୍ତ କରି ନେବାକୁ ହେବ । ଯଥା- କଂ ବୀଜମନ୍ତ୍ର କଂ । ଅକାରାଦିଠାରୁ ହକାର ପର୍ଯ୍ୟନ୍ତ ବର୍ଣ୍ଣରେ ଅନୁଲୋମ ଓ ହକାରଠାରୁ ଅ-କାର ପର୍ଯ୍ୟନ୍ତ ବର୍ଣ୍ଣରେ ବିଲୋମ ଦ୍ୱାରା ଉଭୟର ମିଳନରେ ଏକଶତ ହୁଏ । 'ଅ'ଠାରୁ ସମୁଦାୟ ସ୍ୱରବର୍ଣ୍ଣ ଏବଂ 'କ' ଠାରୁ ସମୁଦାୟ ବ୍ୟଞ୍ଜନବର୍ଣ୍ଣ ଏକତ୍ରରେ ପଞ୍ଚାଶଟି ହୁଏ । ଥରେ ଅ ଠାରୁ ହ ପର୍ଯ୍ୟନ୍ତ ପଞ୍ଚାଶତ୍, ପୁଣି ହ ଠାରୁ ଅ ପର୍ଯ୍ୟନ୍ତ ପଞ୍ଚାଶତ୍, ମୋଟ ଏକଶହ । କ୍ଷ ବର୍ଣ୍ଣ ମେରୁ ଅର୍ଥାତ୍ ମାଳା ପରିବର୍ତ୍ତନ କିମ୍ବା ଜପାରମ୍ଭର ଅଥବା ଜପସମାପ୍ତିର ସୀମା ବା ସାକ୍ଷୀ । ସେଥିରେ ମନ୍ତ୍ର ଯୋଗ କରିବ ନାହିଁ । ଏହିପରି ଶତଜପ ଓ ଅଷ୍ଟବର୍ଗର ଆଦି ଅଂ, କଂ, ଚଂ, ଟଂ ତଂ, ପଂ, ଯଂ, ଶଂ —ଏହି ଅଷ୍ଟବର୍ଣ୍ଣରେ ଆଠ ଥର ଜପ—ଏହି ପ୍ରକାରରେ ଶହେ ଆଠଥର ଜପ କରିବାକୁ ହେବ । ସାଧକ ଇଚ୍ଛା କଲେ, ଏକ ହଜାର ଆଠ ଥର ମଧ୍ୟ ଜପ କରିପାରନ୍ତି । ଏହି ପ୍ରକାରରେ ମାନସ-ପୂଜା ଓ ଜପ କରି ପରେ ଜପସମର୍ପଣ ଶେଷରେ ପ୍ରଣାମ କରିବାକୁ ପଡ଼ିବ ।

**''ସର୍ବାନ୍ତରାତ୍ମନିଳୟେ ସ୍ୱାତ୍ମଜ୍ୟୋତିଃସ୍ୱରୂପିଣୀ ।**
**ଗୃହାଣାନ୍ତର୍ଜପଂ ମାତରାଦ୍ୟେ କାଳୀ ନମୋଽସ୍ତୁତେ ।।''**

ତଦନନ୍ତର ବ୍ରହ୍ମା, ବିଷ୍ଣୁ, ରୁଦ୍ର, ଈଶ୍ୱର, ସଦାଶିବ—ଏହି ପଞ୍ଚ-ଦେବତା ଦେବୀଙ୍କ ପର୍ଯ୍ୟଙ୍କ, ଉକ୍ତ ପର୍ଯ୍ୟଙ୍କରେ ନାନା ପୁଷ୍ପବିନିର୍ମିତ ଦୁଗ୍ଧଫେନନିଭ ଶଯ୍ୟା

ରଚନା କରି ସେଥିରେ ଦେବୀଙ୍କୁ ସୁଖରେ ଶାୟିତା ବୋଲି ଚିନ୍ତା କରି ଦେବୀଙ୍କର ପାଦସେବନ ଏବଂ ଚାମର ବ୍ୟଜନ କରିବାକୁ ପଡ଼ିବ । ତପୂରେ ନୃତ୍ୟ, ଗୀତ ଏବଂ ବାକ୍ୟଦ୍ୱାରା ଦେବୀଙ୍କୁ ପରିତୁଷ୍ଟ କରି ପୂଜାର ସାର୍ଥକତା ନିମିତ୍ତ ହୋମ କରିବାକୁ ହେବ ।

ଅନ୍ତର୍ହୋମ ସଦ୍ୟସିଦ୍ଧିପ୍ରଦ । ଏହାର ଅନୁଷ୍ଠାନ କଲେ, ମାନବ ଚିନ୍ମୟତା ଲାଭ କରିଥାଏ । ଆଧାରପଦ୍ମରେ ଚିଦଗ୍ନିରେ ହୋମ କରିବା ଦରକାର । ଅନ୍ତରାତ୍ମା, ପରମାତ୍ମା, ଜ୍ଞାନାତ୍ମା ଏତଦାତ୍ମତ୍ରିତୟାତ୍ମକ, ଚତୁଷ୍କୋଣ ଆନନ୍ଦରୂପ ମେଖଳା ଓ ବିନ୍ଦୁ ରୂପକ ତ୍ରିବଳୟଯୁକ୍ତା ନାଦବିନ୍ଦୁରୂପ ଯୋନିଦ୍ୱାରା ଯୁକ୍ତ ଚିଦ୍‌କୁଣ୍ଡର ଚିନ୍ତା କରିବେ । ଏହି କୁଣ୍ଡର ଦକ୍ଷିଣଭାଗରେ ପିଙ୍ଗଳା, ବାମ ଭାଗରେ ଇଡ଼ା, ଏବଂ ମଧ୍ୟ ଭାଗରେ ସୁଷୁମ୍ନା ନାଡ଼ୀର ଧ୍ୟାନ କରି ଧର୍ମ ଓ ଅଧର୍ମ ରୂପ କଳ୍ପିତ ଘୃତ ଦ୍ୱାରା ଯଥାବିଧି ହୋମ କରିବେ । ପ୍ରଥମରେ ମୂଳମନ୍ତ୍ର, ତପୂରେ —

"ନାଭୌ ଚୈତନ୍ୟରୂପୋଗ୍ନୌ ହବିଷା ମନଷା ସ୍ରୁଚା ।
ଜ୍ଞାନପ୍ରଦୀପିତେ ନିତ୍ୟମକ୍ଷବୃତ୍ତିର୍ଜ୍ଜୁହୋମ୍ୟହମ୍ ॥"

ଏହି ମନ୍ତ୍ର, ପରେ ଚତୁର୍ଥ୍ୟନ୍ତ ଦେବତାଙ୍କ ନାମ, ଅନନ୍ତର ସ୍ୱାହା—ଏହି ମନ୍ତ୍ରରେ ପ୍ରଥମାହୁତି ଦାନ କରିବେ ।

ଏହି ପ୍ରକାରରେ ପ୍ରଥମରେ ମୂଳମନ୍ତ୍ର, ପରେ-

"ଧର୍ମାଧର୍ମୌ ହବିର୍ଦୀପ୍ତଂ ଆତ୍ମାଗ୍ନୌ ମନସା ସ୍ରୁଚା ।
ସୁଷୁମ୍ନବର୍ତ୍ମନା ନିତ୍ୟଂ ବ୍ରହ୍ମବୃତ୍ତିର୍ଜ୍ଜୁହୋମ୍ୟହମ୍ ॥"

ଏହି ମନ୍ତ୍ର, ତାହା ପରେ ଚତୁର୍ଥ୍ୟନ୍ତ ଦେବତାଙ୍କ ନାମ, ତପୂରେ ସ୍ୱାହା— ଏହି ମନ୍ତ୍ରରେ ଦ୍ୱିତୀୟ ବାର ଆହୁତି ପ୍ରଦାନ କରିବେ ।

ତପୂରେ ପ୍ରଥମେ ମୂଳମନ୍ତ୍ର, ପରେ -

"ପ୍ରକାଶାକାଶହସ୍ତାଭ୍ୟାମ୍ ଅବଲମ୍ବ୍ୟାତ୍ମନା ସ୍ରୁଚା ।
ଧର୍ମାଧର୍ମକଳାସ୍ନେହପୂର୍ଣ୍ଣମଗ୍ନୌ ଜୁହୋମ୍ୟହମ୍ ॥"

ଏହି ମନ୍ତ୍ର ପରେ ଚତୁର୍ଥନ୍ତ ଦେବତାଙ୍କ ନାମ, ତପୂରେ ସ୍ୱାହା—ଏହି ମନ୍ତ୍ରରେ ତୃତୀୟାହୁତି ଦାନ କରିବେ ।

ଅନନ୍ତର ମୂଳମନ୍ତ୍ର ପରେ - ଅନ୍ତର୍ନିରନ୍ତର-ନିରିନ୍ଧନ-ମେଧମାନେ ମାୟାନ୍ଧକାର-ପରିଛିନି ସମ୍ବିଦଗ୍ନୌ, କସ୍ମିଂଶ୍ଚିଦ୍ଭୁତ ମରୀଚି ବିକାଶଭୁମୌ ବିଶ୍ୱଂ ଜୁହୋମି ବସୁଧାଦି ଶିବାବସାନମ୍—ଏହି ମନ୍ତ୍ର ପରେ ଚତୁର୍ଥ୍ୟନ୍ତ ଦେବତାଙ୍କ ନାମ, ତପୂରେ ସ୍ୱାହା—ଏହି ମନ୍ତ୍ରରେ ଚତୁର୍ଥାହୁତି ପ୍ରଦାନ କରିବେ ।

ତଦନନ୍ତର "ଇଦନ୍ତୁ ପାତ୍ରଭରିତଂ ମହତ୍ତାପପରାମୃତମ୍ ପୂର୍ଣ୍ଣାହୁତିମୟେ ବହ୍ନୌ ପୂର୍ଣ୍ଣହୋମଂ ଜୁହୋମ୍ୟହମ୍"- ଏହି ମନ୍ତ୍ର, ପରେ ଚତୁର୍ଥ୍ୟନ୍ତ ଦେବତାଙ୍କ ନାମ, ତପୂରେ ସ୍ୱାହା, ଏହି ମନ୍ତ୍ରରେ ପୂର୍ଣ୍ଣାହୁତି ପ୍ରଦାନ କରିବେ ।*

ଏହିପରି ଭାବରେ ଅନ୍ତର୍ଯାଗ ଅର୍ଥାତ୍ ମାନସ ପୂଜା, ଜପ ଓ ହୋମ କଲେ ଦେହୀ ବ୍ରହ୍ମମୟ ହୋଇଯାନ୍ତି । କିନ୍ତୁ ଯେପର୍ଯ୍ୟନ୍ତ ପ୍ରକୃତ ଜ୍ଞାନ ଲାଭ ନ ହୋଇଛି, ସେ ପର୍ଯ୍ୟନ୍ତ ବାହ୍ୟପୂଜା କରିବାକୁ ହିଁ ପଡ଼ିବ । ଯଥା —

---

* ମନ୍ତ୍ରଗୁଡ଼ିକ କିଭଳି ଭାବପୂର୍ଣ୍ଣ ଓ ହୃଦୟଗ୍ରାହୀ ! ପାଠକମାନଙ୍କ ଅବଗତି ନିମିତ୍ତ ହୋମମନ୍ତ୍ର କେତୋଟିର ଅନୁବାଦ ପ୍ରଦତ୍ତ ହେଲା । **୧ମ ମନ୍ତ୍ର :** ମୋର ନାଭିସ୍ଥିତ ଚୈତନ୍ୟ ରୂପ ହୁତାସନ ବର୍ତ୍ତମାନ ଜ୍ଞାନଦ୍ୱାରା ପ୍ରଦୀପ୍ତ ହୋଇଅଛି । ମୁଁ ମନୋମୟ ସ୍ରୁକ୍ ସହାୟତାରେ ଧର୍ମାଧର୍ମ ରୂପ ଘୃତ ସହିତ ଇନ୍ଦ୍ରିୟବୃତ୍ତି ସମୁଦାୟ ଆହୁତି ପ୍ରଦାନ କଲି । **୨ୟ ମନ୍ତ୍ର :** ଧର୍ମାଧର୍ମ ରୂପ ଘୃତ ଦ୍ୱାରା ସମୁଦ୍ଦୀପ୍ତ ଆତ୍ମରୂପ ଅଗ୍ନିରେ ସୁଷୁମ୍ନା ପଥ ଦ୍ୱାରା ମନୋମୟ ସ୍ରୁକ୍ ସାହାଯ୍ୟରେ ଇନ୍ଦ୍ରିୟବୃତ୍ତି ସମୁଦାୟ ଆହୁତି ପ୍ରଦାନ କଲି । **୩ୟ ମନ୍ତ୍ର :** ମୁଁ ପ୍ରକାଶ ଓ ଆକାଶରୂପ ହସ୍ତଦ୍ୱୟ ଦ୍ୱାରା ରୂପ ସ୍ରୁକ୍ ସାହାଯ୍ୟରେ ଧର୍ମାଧର୍ମ ଓ ସ୍ନେହ-ବିକାଶ ରୂପ ଘୃତ ଆହୁତି ଦାନ କଲି । **୪ର୍ଥ ମନ୍ତ୍ର :** ଯାହାଙ୍କ ଠାରୁ ଅଦ୍ଭୁତ ଦିବ୍ୟ ଜ୍ୟୋତିଃ ପ୍ରକାଶ ପାଉଅଛି, ଯେ ମାୟା ଅନ୍ଧକାର ଦୂର କରି ମୋ ଅନ୍ତରରେ ନିରନ୍ତର ପ୍ରଜ୍ୱଳିତ ଓ ପ୍ରଦୀପ୍ତ ରହିଅଛି ସେହି ଅବ୍ୟକ୍ତ ସମ୍ବିଦ୍ ରୂପ ଅଗ୍ନିରେ ମୁଁ ବସୁମତୀଠାରୁ ଶିବ ପର୍ଯ୍ୟନ୍ତ, ସମସ୍ତ ଜଗତ୍‌କୁ ଓ ସମୁଦାୟ ମାୟାପ୍ରପଞ୍ଚକୁ ଆହୁତି ପ୍ରଦାନ କଲି । **ପୂର୍ଣ୍ଣାହୁତି ମନ୍ତ୍ର :** ମୋର ମନୋମୟ ପାତ୍ର ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ —ଏହି ତାପତ୍ରୟ ରୂପ ଘୃତରେ ପରିପୂରକ କରି ପୂର୍ଣ୍ଣାହୁତି ପ୍ରଦାନପୂର୍ବକ ହୋମ ଶେଷ କଲି ।

"ବାହ୍ୟ ପୂଜା ପ୍ରକର୍ତ୍ତବ୍ୟା ଗୁରୁବାକ୍ୟାନୁସାରତଃ ।
ବହିଃପୂଜା ବିଧାତବ୍ୟାଯାବଜ୍‌ଜ୍ଞାନଂ ନ ଜାୟତେ ।।"
—ବାମକେଶ୍ୱର ତନ୍ତ୍ର

ଯେତେ ଦିନଯାଏ ପ୍ରକୃତ ଜ୍ଞାନ ଲାଭ ନ ହୋଇଛି, ସେତେ ଦିନ ପର୍ଯ୍ୟନ୍ତ ଶ୍ରୀଗୁରୁଙ୍କ ଆଜ୍ଞାନୁରୂପ ବାହ୍ୟପୂଜା କରିବା ଅବଶ୍ୟ କର୍ତ୍ତବ୍ୟ । ଯୋଗୀମାନେ ଏବଂ ମୁନିମାନେ କେବଳ ମାନସପୂଜା ହିଁ କରିଥାନ୍ତି । ସେମାନେ କେବେହେଲେ ବାହ୍ୟପୂଜା କରନ୍ତି ନାହିଁ । କିନ୍ତୁ ଗୃହସ୍ଥ-ସାଧକମାନେ କେବଳ ମାନସ ପୂଜା ଦ୍ୱାରା ସିଦ୍ଧିଲାଭ କରିପାରିବେ ନାହିଁ । ଏଥିପାଇଁ ସେମାନଙ୍କ ନିମିତ୍ତ ବାହ୍ୟ ଓ ମାନସ ଏହି ଉଭୟବିଧ ପୂଜା କରିବା ବିଧି ରହିଛି ।

ଏହି ସ୍ଥଳରେ ସାଧକମାନଙ୍କୁ ଆଉ ଗୋଟିଏ କଥା ସ୍ମରଣ ରଖିବାକୁ ହେବ ଯେ ପୂଜା କରିବା ସମୟରେ ନିଜ କ୍ରୋଡ଼ରେ ବାମ ହସ୍ତ ଉପରେ ଦକ୍ଷିଣ ହସ୍ତ ସ୍ଥାପନ କରି କାର୍ଯ୍ୟ କରିବାକୁ ହେବ । ସ୍ତ୍ରୀ-ଦେବତାଙ୍କର ଧ୍ୟାନ ସମୟରେ ଏହାର ବିପରୀତ ନୀତି ଆଚରଣ କରିବାକୁ ହେବ । ମାନସିକ ଜପର ନିୟମଟି କୌଣସି ଅଭିଜ୍ଞ ସାଧକଙ୍କ ନିକଟରୁ ଥରେ ଦେଖି ନେଇ ପାରିଲେ ଭଲ ହେବ । ଶାକ୍ତବୈଷ୍ଣବାଦି ପଞ୍ଚ-ଉପାସକମାନେ ମାନସ ପୂଜା ସମୟରେ ପଞ୍ଚଦଶବିଧ ଭାବପୁଷ୍ପ ଦ୍ୱାରା ଇଷ୍ଟଦେବତାଙ୍କ ଅର୍ଚ୍ଚନା କରିବେ ।ଏତିକି ପର୍ଯ୍ୟନ୍ତ ସାଧାରଣଙ୍କ ଅଧିକାର ଅଛି । କେବଳ ପୂର୍ଣ୍ଣାଭିଷିକ୍ତ ଶାକ୍ତ ଏହାର ପରବର୍ତ୍ତୀ ଲିଖିତ ଉପଚାର ଦ୍ୱାରା ପୂଜା କରିପାରିବେ । ପୁଣି ମାନସପୂଜା ଜପ ପରେ ହୋମ କରିବା ଏକାନ୍ତ କର୍ତ୍ତବ୍ୟ । ଜପ ବ୍ୟତୀତ ପୂଜା ଯେପରି ବିଫଳ, ସେହିପରି ହୋମ ନ କଲେ ସେହି ପୂଜାରେ କୌଣସି ଫଳପ୍ରାପ୍ତି ହୁଏ ନାହିଁ । ଯଥା —

"ନାଜପ୍ତଃ ସିଧତେ ମନ୍ତ୍ରୋ ନାହୁତଶ୍ଚ ଫଳପ୍ରଦଃ ।
ବିଭୂତିଞ୍ଚାଗ୍ନିକାର୍ଯ୍ୟେଣ ସର୍ବସିଦ୍ଧିଞ୍ଚ ବିନ୍ଦତି ।।"

ହୋମ ନ କଲେ ମନ୍ତ୍ର କୌଣସି ଫଳ ପ୍ରଦାନ କରେ ନାହିଁ । ହୋମ କଲେ ସର୍ବବିଧ ସମ୍ପତ୍ତି ଲାଭ ଓ ସର୍ବକାର୍ଯ୍ୟ ସିଦ୍ଧ ହୁଏ । ସାଧକମାନେ

ଯଥାନିୟମରେ ଅନ୍ତର୍ଯାଗର ଅନୁଷ୍ଠାନ କଲେ ସର୍ବସିଦ୍ଧି ଲାଭ କରିପାରିବେ । ଅତଏବ ଅନ୍ତର୍ଯାଗାତ୍ମିକା ପୂଜା କରିବା ସମସ୍ତଙ୍କର କର୍ତ୍ତବ୍ୟ ଏବଂ ଅନ୍ତର୍ଯାଗ ସର୍ବପୂଜୋତ୍ତମୋତ୍ତମା । ଯଥା —

"ଅନ୍ତର୍ଯାଗାତ୍ମିକା ପୂଜା ସର୍ବପୂଜୋତ୍ତମୋତ୍ତମା ।।"

## ମାଳା ନିର୍ଣ୍ଣୟ ଓ ଜପର କୌଶଳ

ଜପ କରିବା ସମୟରେ ରୁଦ୍ରାକ୍ଷାଦି ମାଳା କିମ୍ବା କରମାଳା ବ୍ୟବହୃତ ହୋଇଥାଏ । ପୁରୁଷ-ଦେବତାଙ୍କ ଜପ ନିମିତ୍ତ କରମାଳାରେ ତର୍ଜ୍ଜନୀ, ଅନାମିକା ଓ କନିଷ୍ଠାର ତିନି ତିନି ପର୍ବ ଏବଂ ମଧ୍ୟମାଙ୍ଗୁଳିର ଗୋଟିଏ ପର୍ବ ଗ୍ରହଣ କରିବାକୁ ଓ ମଧ୍ୟମାର ଅପର ଦୁଇ ପର୍ବ ମେରୁ ରୂପରେ କଳ୍ପନା କରିବାକୁ ପଡ଼ିବ । ଅନାମିକାର ମଧ୍ୟ-ପର୍ବ ଠାରୁ ଜପ ଆରମ୍ଭ କରି କନିଷ୍ଠାଦି କ୍ରମରେ ତର୍ଜ୍ଜନୀର ମୂଳ-ପର୍ବ ପର୍ଯ୍ୟନ୍ତ ଯେଉଁ ଦଶ-ପର୍ବ ଅଛି, ସେଥିରେ ଜପ କରିବାକୁ ହେବ । ଯେତେବେଳେ ଶହେ ଆଠ ଥର ଜପ କରିବ, ସେତେବେଳେ ପୂର୍ବୋକ୍ତ ନିୟମରେ ଶତାଦି ସଂଖ୍ୟକ ଜପ ପୂର୍ଣ୍ଣ ହେଲେ ଅନାମିକାର ମୂଳ-ପର୍ବ ଠାରୁ ଆରମ୍ଭ କରି ତର୍ଜ୍ଜନୀର ମଧ୍ୟ-ପର୍ବ ପର୍ଯ୍ୟନ୍ତ ଅଷ୍ଟ-ପର୍ବରେ ଆଠ ଥର ଜପ କରିବ ।

ସାଧକମାନେ ଶକ୍ତିମନ୍ତ୍ର ଜପ ସମୟରେ କରମାଳା ଦ୍ୱାରା ଅନାମିକାର ତିନି ପର୍ବ, କନିଷ୍ଠାର ତିନି ପର୍ବ, ମଧ୍ୟମାର ତିନି ପର୍ବ, ତର୍ଜ୍ଜନୀର ମୂଳ-ପର୍ବ ଗ୍ରହଣ କରିବେ । **ଶକ୍ତିମନ୍ତ୍ର ଜପର ନିୟମ** ହେଲା ଯେ, ଅନାମିକାର ମଧ୍ୟ ପର୍ବଠାରୁ ଜପ ଆରମ୍ଭ କରି କନିଷ୍ଠାଦି କ୍ରମରେ ମଧ୍ୟମାର ତିନି ପର୍ବ ଏବଂ ତର୍ଜ୍ଜନୀର ମୂଳ-ପର୍ବ—ଏହି ଦଶ ପର୍ବ ଜପ କରିବାକୁ ହେବ । ଅଷ୍ଟୋତ୍ତରଶତାଦି ସଂଖ୍ୟକ ଶକ୍ତମନ୍ତ୍ର ଜପ କରିବାକୁ ହେଲେ ପୂର୍ବୋକ୍ତ ନିୟମରେ ଶତାଦି ସଂଖ୍ୟକ ଜପ ଅନାମିକାର ମୂଳ ପର୍ବଠାରୁ ଆରମ୍ଭ କରି କନିଷ୍ଠାଦି କ୍ରମରେ ମଧ୍ୟମାର ମୂଳ ପର୍ବ ପର୍ଯ୍ୟନ୍ତ ଆଠଥର ଜପ କରିବେ । ତର୍ଜ୍ଜନୀର ଉପରିସ୍ଥ ପର୍ବଦ୍ୱୟକୁ ମେରୁ ବୋଲି କଳ୍ପନା କରିବେ । ଯଥା —

"ତର୍ଜ୍ଜନ୍ୟଗ୍ରେ ତଥା ମଧ୍ୟେ ଯୋ ଜପେତ୍ ସ ତୁ ପାପକୃତ୍ ।।"

— ନାରଦ ବଚନ

ଯେଉଁ ବ୍ୟକ୍ତି ତର୍ଜ୍ଜନୀର ଅଗ୍ର ଏବଂ ମଧ୍ୟ-ପର୍ବରେ ଶକ୍ତିମନ୍ତ୍ର ଜପ କରନ୍ତି, ସେହି ବ୍ୟକ୍ତି ପାପକାରୀ ହୁଅନ୍ତି । ଏହାକୁ ସମସ୍ତ ତନ୍ତ୍ରଶାସ୍ତ୍ର **ଶକ୍ତିମାଳା** ବୋଲି ଅଭିହିତ କରିଛନ୍ତି । ଶ୍ରୀବିଦ୍ୟାଦିର ବିଶେଷ ବିଶେଷ ଜପରେ ବିଶେଷ ବିଶେଷ ଅଙ୍ଗୁଳି ପର୍ବ ଗ୍ରହଣ କରିବା ପାଇଁ କଳମାଳାର ବ୍ୟବସ୍ଥା ଅଛି । ବାହୁଲ୍ୟ ଭୟରେ ତାହା ଏଠାରେ ବିବୃତ ହେଲା ନାହିଁ ।

**କରମାଳା** ଜପର ନିୟମ ହେଲା ଯେ, ଜପ ସମୟରେ କର ଅଙ୍ଗୁଳିଗୁଡ଼ିକ ଈଷତ୍ ବକ୍ର ଓ ପରସ୍ପର ସଂଶ୍ଳିଷ୍ଟ କରି ରଖିବ ଏବଂ ହସ୍ତଦ୍ୱୟ ଆଚ୍ଛାଦନ କରି ବକ୍ଷସ୍ଥଳରେ ସ୍ଥାପନ କରିବ । ଜପ ସମୟରେ ଅଙ୍ଗୁଳିଗୁଡ଼ିକ ବିୟୋଜିତ ବା ଛଡ଼ା ଛଡ଼ା କରିବ ନାହିଁ । ଅଙ୍ଗୁଳି ବିୟୋଜିତ କଲେ, ଛିଦ୍ର ପଥ ଦେଇ ଜପ ନିସୃତ ହୋଇଯାଏ, ଅର୍ଥାତ୍ ଜପ ନିଷ୍ଫଳ ହୋଇଥାଏ । ଅଙ୍ଗୁଳିର ଅଗ୍ରଭାଗରେ, ପର୍ବ-ସନ୍ଧିରେ ଏବଂ ମେରୁ ଲଙ୍ଘନପୂର୍ବକ ଯେଉଁ ଜପ କରାହୁଏ, ତାହା ନିଷ୍ଫଳ ବୋଲି ଜାଣିବ । କରତଳ କିଞ୍ଚିତ ଆକୁଞ୍ଚିତ ଓ ଅଙ୍ଗୁଳିଗୁଡ଼ିକ ତୀର୍ଯ୍ୟକ୍ କରି ତାଦୃଶ ଦକ୍ଷିଣହସ୍ତ ହୃଦୟୋପରି ସଂସ୍ଥାପନ ପୂର୍ବକ ବସ୍ତ୍ର ଦ୍ୱାରା ଆଚ୍ଛାଦନ କରି ଜପ କରିବାକୁ ହୁଏ । ସଂଖ୍ୟା ରଖି ଜପ କରିବା କର୍ତ୍ତବ୍ୟ । ଶାସ୍ତ୍ରବିଧିବିହିତ ସଂଖ୍ୟା ନ ରଖି ଯେତେ ଇଚ୍ଛା ଜପ କଲେ ମଧ୍ୟ ତାହା ନିଷ୍ଫଳ ହୁଏ । ଦକ୍ଷିଣ ହସ୍ତରେ ଜପ କରିବାକୁ ପଡ଼େ ଏବଂ ବାମ ହସ୍ତରେ ଜପ ସଂଖ୍ୟା ରଖା ଯାଇଥାଏ । ପ୍ରାତ୍ୟହିକ ଜପ କରମାଳାରେ କରିବା ପ୍ରଶସ୍ତ ।

"ନିତ୍ୟଂ ଜପଂ କରେ କୁର୍ଯ୍ୟାଦ୍ ନ ତୁ କାମ୍ୟମବୋଧନାଦ୍
କାମ୍ୟମପି କରେ କୁର୍ଯ୍ୟାଦ୍ ମାଳାଭାବେଽପି ସୁନ୍ଦରି ।।"

ନିତ୍ୟ ଜପ କରମାଳାରେ ସମ୍ପନ୍ନ କରିବା କର୍ତ୍ତବ୍ୟ । କିନ୍ତୁ କାମ୍ୟ-ଜପ କରମାଳାରେ ନ କରି ଅନ୍ୟ ମାଳାରେ କରିବା ପ୍ରଶସ୍ତ । ତେବେ ଯଦି କାମ୍ୟ-ଜପରେ ମାଳାରେ ଅଭାବ ଘଟେ, ଅଗତ୍ୟା କରମାଳାରେ ମଧ୍ୟ ତାହା ନିର୍ବାହ କରାଯାଇପାରେ । ମାଳା ସମ୍ବନ୍ଧରେ ଶାସ୍ତ୍ରର ବିଧାନ ହେଉଛି —

ସାଧାରଣତଃ କାମ୍ୟ ଜପରେ ରୁଦ୍ରାକ୍ଷ, ସ୍ଫଟିକ, ରକ୍ତଚନ୍ଦନ, ତୁଳସୀ, ପ୍ରବାଳ, ଶଙ୍ଖ, ପଦ୍ମବୀଜ, ମୌକ୍ତିକ ଓ କୁଶଗ୍ରନ୍ଥି ଦ୍ୱାରା ନିର୍ମିତ ମାଳା ବ୍ୟବହୃତ ହୁଏ । ଶାନ୍ତିକର୍ମ ପ୍ରଭୃତି କାର୍ଯ୍ୟରେ ଓ ଦେବତା ଭେଦରେ ମାଳାର ବିଶେଷ ନିୟମ ଅଛି । ତେବେ ସାଧାରଣ ଜପରେ ଉଲ୍ଲିଖିତ ନାନାବିଧ ମାଳା ମଧ୍ୟରୁ ଯେଉଁଥିରେ ଜପ କରିବାକୁ ସାଧକଙ୍କର ରୁଚି ହେବ ଏବଂ ଯାହା ସୁଲଭ, ସେହି ମାଳା ଦ୍ୱାରା ଜପ ସମ୍ପନ୍ନ କରିବା ଦରକାର । କରମାଳାରେ ଜପ ଅପେକ୍ଷା ଶଙ୍ଖମାଳାରେ ଜପ ଶହେ ଗୁଣ ଅଧିକା, ପ୍ରବାଳ ମାଳାରେ ସହସ୍ରଗୁଣ ଅଧିକ, ସୁବର୍ଣ୍ଣ ମାଳାରେ କୋଟିଗୁଣ ଅଧିକ, କୁଶ ଗ୍ରନ୍ଥି ଓ ରୁଦ୍ରାକ୍ଷ ମାଳାରେ ଅନନ୍ତଗୁଣ ଅଧିକ ଏବଂ ଶ୍ୱେତ ପଦ୍ମବୀଜ ନିର୍ମିତ ମାଳାରେ ଅମିତ ଫଳ ଲାଭ ହୋଇଥାଏ ।

ପରସ୍ପର ସମାନ, ଅନତିସ୍ଥୂଳ, ଅନତିକୃଶ, କୀଟାଣୁବୋଧରହିତ (କୀଟଦ୍ୱାରା ଛିଦ୍ର ହୋଇ ନ ଥିବା ଏବଂ ଅଜୀର୍ଣ୍ଣ ଅର୍ଥାତ୍ ନୂତନ ମାଳାଗୁଡ଼ିକ) ବିଧିପୂର୍ବକ ଜଳଦ୍ୱାରା ପ୍ରକ୍ଷାଳନ କରି ପଞ୍ଚଗବ୍ୟ ଦ୍ୱାରା ଅଭିସିଞ୍ଚନ କରିବାକୁ ହୁଏ । ତଦନନ୍ତର ବ୍ରାହ୍ମଣକନ୍ୟା ଦ୍ୱାରା ବିନିର୍ମିତ କାର୍ପାସସୂତ୍ର ଅଥବା ପଟ୍ଟସୂତ୍ର ପୁନଃ ତ୍ରିଗୁଣିତ କରି ମାଳାଗୁଡ଼ିକ ଗ୍ରଥନ କରିବା ଦରକାର । ମୂଳମନ୍ତ୍ର ଓ ସ୍ୱାହା ଉଚ୍ଚାରଣ କରି ଗୋଟିଏ ଗୋଟିଏ ମାଳା ଗ୍ରହଣପୂର୍ବକ ସେଥିରେ ସୂତ୍ର ଯୋଜନା କରିବାକୁ ହେବ । ମାଳା ଏଭଳି ଭାବରେ ଗ୍ରଥିତ କରିବ, ଯେପରି ପରସ୍ପର ମୁଖ ସହିତ ମୁଖ ଏବଂ ପୁଚ୍ଛ ସଂଯୋଜିତ ରହିବ ।* ସଜାତୀୟ ଗୋଟିଏ ମାଳା ଦ୍ୱାରା ମେରୁ ଅର୍ଥାତ୍ ମଧ୍ୟ ବା ସାକ୍ଷୀ ବନ୍ଧନ କରିବ । ଅଷ୍ଟୋତ୍ତର ଶତ ଅର୍ଥାତ୍ ଶହେ ଆଠଟି ମଣି ଦ୍ୱାରା ମାଳା ଗ୍ରଥନ କରିବା ପ୍ରଶସ୍ତ । ଅନନ୍ତର ଗୋଟିଏ ଗୋଟିଏ ମାଳା ଗ୍ରହଣ କରି ହୃଦୟରେ ଓଁ—ଏହି ମନ୍ତ୍ର ସ୍ମରଣ ପୂର୍ବକ ସେଥିରେ ଗ୍ରନ୍ଥି ପ୍ରଦାନ କରିବ । ସ୍ୱୟଂ ଗ୍ରଥନ କଲେ ଇଷ୍ଟମନ୍ତ୍ର ସ୍ମରଣ, କିନ୍ତୁ ଅନ୍ୟ ବ୍ୟକ୍ତି ଗ୍ରଥନ କଲେ, ପ୍ରଣବ ସ୍ମରଣ କରିବା ଦରକାର । ସାର୍ଦ୍ଧଦ୍ୱୟ ଆବର୍ତ୍ତନ କରି ବ୍ରହ୍ମଗ୍ରନ୍ଥି ଅଥବା ନାଗଫାଶ ଗ୍ରନ୍ଥି ପ୍ରଦାନ କରିବାକୁ ହୁଏ । ଏପରି ଭାବରେ ମଣିଗୁଡ଼ିକ ବିନ୍ୟାସ କରିବ, ଯେପରି ମାଳା ସର୍ପାକୃତି ଅଥବା ଗୋପୁଚ୍ଛ ସଦୃଶ ହେବ । ଗ୍ରନ୍ଥିହୀନ

* ରୁଦ୍ରାକ୍ଷର ଉପରିଭାଗ ମୁଖ ଓ ନିମ୍ନଭାଗ ପୁଚ୍ଛ । ଅନ୍ୟାନ୍ୟ ମାଳାର ଯେଉଁ ଭାଗ ସ୍ଥୂଳ, ସେହି ଭାଗ ମୁଖ ଏବଂ ଯେଉଁ ଭାଗ ସୂକ୍ଷ୍ମ, ତାହା ପୁଚ୍ଛ ।

ମାଳା ଦ୍ୱାରା କଦାପି ଜପ କରିବ ନାହିଁ । କିନ୍ତୁ ମେରୁରେ ଗ୍ରନ୍ଥି ପ୍ରଦାନ କରିବ ନାହିଁ । ଉପରୋକ୍ତ ଭାବରେ ମାଳା ଗ୍ରଥିତ କରି ତଦନନ୍ତର ତାହାର **ଶୋଧନ** କରିବ । ଯଥା—

**"ଅପ୍ରତିଷ୍ଠିତମାଳାଭିର୍ମନ୍ତ୍ରଂ ଜପତି ଯୋ ନରଃ ।**
**ସର୍ବଂ ତନ୍ନିଷ୍ଫଳଂ ବିଦ୍ୟାତ୍ କ୍ରୁଦ୍ଧା ଭବତି ଦେବତା ।।"**

ଯେଉଁ ବ୍ୟକ୍ତି ଅପ୍ରତିଷ୍ଠିତ ମାଳା ଦ୍ୱାରା ଜପ କରନ୍ତି, ତାଙ୍କ ପ୍ରତି ଦେବତା କ୍ରୁଦ୍ଧ ହୋଇଥାନ୍ତି ଏବଂ ତାଙ୍କ କୃତ ଜପ ନିଷ୍ଫଳ ହୋଇଥାଏ । ସୁତରାଂ ଯେଉଁ ମାଳା ଦ୍ୱାରା ଜପ କରାହୁଏ ତାହାର ସଂସ୍କାର କାର୍ଯ୍ୟ ସମ୍ପନ୍ନ କରି ନେବାକୁ ହେବ ।

ଶୁଭ ତିଥି, ଶୁଭ ବାର, ଶୁଭ ନକ୍ଷତ୍ର ଓ ଶୁଭ ଲଗ୍ନରେ ଶ୍ରୀଗୁରୁଦେବଙ୍କୁ ପ୍ରଣାମ କରି ଗୁରୁଦେବଙ୍କ ଦ୍ୱାରା ଅଥବା ନିଜେ ମାଳା ସଂସ୍କାର କରିବ । ସାଧକ ନିତ୍ୟକ୍ରିୟା ସମାପନପୂର୍ବକ ସାମାନାର୍ଘ୍ୟ ସ୍ଥାପନ କରି 'ହ୍ରୌଁ'—ଏହି ମନ୍ତ୍ରରେ ପଞ୍ଚ-ଗବ୍ୟ ମଧ୍ୟରେ ମାଳା ନିକ୍ଷେପ କରି ତତ୍ପରେ ଶୀତଳ ଜଳ ଦ୍ୱାରା ସ୍ନାନ କରାଇବା ପରେ —

**"ସଦ୍ୟୋଜାତଂ ପ୍ରପଦ୍ୟାମି ସଦ୍ୟୋଜାତାୟ ବୈ ନମଃ ।**
**ଭବେଽନାଦି ଭଜସ୍ୱ ମାଂ ଭବୋଦ୍‌ଭବାୟ ବୈ ନମଃ ।।"**

ଏହି ମନ୍ତ୍ରରେ ପଞ୍ଚଗବ୍ୟଦ୍ୱାରା ମାର୍ଜ୍ଜନା କରିବାକୁ ହେବ । ତଦନନ୍ତର **ଓଁ ନମୋ ଜ୍ୟେଷ୍ଠାୟ, ନମୋ ରୁଦ୍ରାୟ, ନମଃ କାଳାୟ, ନମଃ କାଳବିକରଣାୟ, ନମୋ ବଳପ୍ରମଥନାୟ, ନମଃସର୍ବଭୂତଦମନାୟ, ନମୋ ସ୍ମରାୟ**—ଏହି ମନ୍ତ୍ର ପାଠକରି ଚନ୍ଦନ, ଅଗୁରୁ ଓ କର୍ପୂରଦ୍ୱାରା ଉକ୍ତ ମାଳା ଲେପନ କରିବ । ଅନନ୍ତର ସଧୂପବହ୍ନି ସନ୍ତାପରେ ଅର୍ଥାତ୍ ବହ୍ନି ବା ଉତ୍ତାପଯୁକ୍ତ ଧୂପ ସହକାରେ **ଓଁ ଅଘୋରେଭ୍ୟୋଽଥ ଘୋରେଭ୍ୟୋ ଘୋରାଘୋରତରତମେଭ୍ୟଶ୍ଚ ସର୍ବତଃ ସର୍ବସର୍ବେଭ୍ୟୋ ନମସ୍ତେଽସ୍ତୁ ରୁଦ୍ରରୂପେଭ୍ୟଃ**—ଏହି ମନ୍ତ୍ର ପାଠପୂର୍ବକ ମାଳା ଧୂପିତ କରିବ । ତତ୍ପରେ **ଓଁ ତତ୍‌ପୁରୁଷାୟ ବିଦ୍ମହେ, ବିଦ୍ମହେ, ମହାଦେବାୟ ଧୀମହି, ତନ୍ନୋ ରୁଦ୍ରଃ ପ୍ରଚୋଦୟାତ୍**—ଏହି ତତ୍‌ପୁରୁଷ ମନ୍ତ୍ରରେ ଜପ ସେଚନ କରି ମାଳା ଗ୍ରହଣ କରିବାକୁ ହେବ ।

ଅନନ୍ତର ନଅଟି ଅଶ୍ୱତ୍ଥ ପତ୍ର ଦ୍ୱାରା ପଦ୍ମ ରଚନା କରି ତନ୍ମଧ୍ୟରେ ମାତୃକା ଓ ମୂଳମନ୍ତ୍ର ଉଚ୍ଚାରଣପୂର୍ବକ ମାଳାସ୍ଥାପନ କରିବ । ତପୂରେ ମାଳାରେ ଦେବୀଙ୍କ ପ୍ରାଣପ୍ରତିଷ୍ଠା କରି ପରିବାରମାନଙ୍କ ସହିତ ଇଷ୍ଟଦେବୀଙ୍କ ପୂଜା ଏବଂ ମାତୃକାବର୍ଣ୍ଣ ଦ୍ୱାରା ଅନୁଲୋମ ବିଲୋମକ୍ରମରେ ମାଳା ଅଭିମନ୍ତ୍ରିତ କରିବ । ତଦନନ୍ତର **ହେଁସୌଃ**—ଏହି ମନ୍ତ୍ରରେ ମେରୁ ଅଭିମନ୍ତ୍ରିତ କରି ତାହାକୁ ଅଷ୍ଟୋତ୍ତର ଶତ ହୋମ କରିବ ଏବଂ ହୋମ ଶେଷ ହେବା ପରେ ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟାହୁତି ପ୍ରଦାନ କରିବ । ହୋମ କାର୍ଯ୍ୟରେ ଅଶକ୍ତ ହେଲେ ଦ୍ୱିଗୁଣ ଜପ କରିବ । ଅନନ୍ତର **ଓଁ ଅକ୍ଷମାଳାଧିପତେ ସୁସିଦ୍ଧିଂ ଦେହି ଦେହି ମେ ସର୍ବାର୍ଥସାଧିନୀଂ ସାଧୟ ସାଧୟ ସର୍ବସିଦ୍ଧିଂ ପରିକଳ୍ପୟ ପରିକଳ୍ପୟ ମେ ସ୍ୱାହା**—ଏହି ପ୍ରାର୍ଥନା ମନ୍ତ୍ର ପାଠ କରିବ । ଏହି ପ୍ରକାରରେ ସୁସଂସ୍କୃତ ମାଳା ଦ୍ୱାରା ଜପ କଲେ ସାଧକଙ୍କର ସର୍ବାଭୀଷ୍ଟ ସିଦ୍ଧ ହୋଇଥାଏ । ତଦନନ୍ତର ଗୁରୁଦେବଙ୍କ ପୂଜା କରି ତାଙ୍କ ହସ୍ତରୁ ମାଳା ଗ୍ରହଣ କରିବ ।

ଜପ କରିବା ପୂର୍ବରୁ ମାଳାରେ ଜଳାଭ୍ୟୁକ୍ଷଣ ( ଜଳପ୍ରୋକ୍ଷଣ) କରି **'ଐଁ ହ୍ରୀଁ, ଅକ୍ଷରମାଳିକାୟୈ ନମଃ'**—ଏହି ମନ୍ତ୍ରରେ ମାଳାର ପୂଜା କରିବ । ତପୂରେ ଦକ୍ଷିଣ ହସ୍ତରେ ମାଳା ଗ୍ରହଣପୂର୍ବକ ହୃଦୟ ସମୀପକୁ ଆନୟନ କରି ମଧ୍ୟମାଙ୍ଗୁଳିର ମଧ୍ୟଭାଗରେ ସମାହିତ ଚିତ୍ତରେ ସ୍ଥାପନ କରିବ । ମାଳାର ଉପରିଭାଗରେ ଅଙ୍ଗୁଷ୍ଠାଙ୍ଗୁଳି ସ୍ଥାପନ କରିବ ଏବଂ ମଧ୍ୟମାର ଅଗ୍ରଭାଗ ଦ୍ୱାରା ଜପ ଶେଷରେ ଅନୁକ୍ରମରେ ତାହା ଚାଳନା କରିବ । ଯଦି ଅଙ୍ଗୁଷ୍ଠ ଦ୍ୱାରା ମାଳା ଚାଳନା କରାଯାଏ, ତେବେ ଜପ ନିଷ୍ଫଳ ହୋଇଥାଏ । ବାମ କର ଦ୍ୱାରା ଅଥବା ତର୍ଜନୀ ଦ୍ୱାରା କିମ୍ବା ଅଶୁଚି ଅବସ୍ଥାରେ ମାଳା ସ୍ପର୍ଶ କରିବ ନାହିଁ । ଭୁକ୍ତି, ମୁକ୍ତି ଓ ପୁଷ୍ଟି କାମନାରେ ମଧ୍ୟମାଙ୍ଗୁଳିରେ ଜପ କରିବ । ଥରେ ଜପ କରିବା ପରେ ଗୋଟିଏ ଗୋଟିଏ ମାଳା ଚାଳନା କରିବ ଏବଂ ସଂଖ୍ୟା ରଖିବ । ସଂଖ୍ୟା ରଖିବା ନିମିତ୍ତ ଯେଉଁ ଯେଉଁ ଦ୍ରବ୍ୟ ବ୍ୟବହୃତ ହୋଇଥାଏ, ତାହା ନିମ୍ନରେ ଲିଖିତ ହେଲା ।

**"ଲାକ୍ଷା କୁଶୀଦଃ ସିନ୍ଦୁରଂ ଗୋମୟଞ୍ଚ କରୀଷକମ୍ ।**
**ଏଭିର୍ନିର୍ମାୟ ବଟିକାଂ ଜପସଂଖ୍ୟାନ୍ତୁ କାରୟେତ୍ ॥"**

ଲାକ୍ଷା, କୁଶୀଦ ( ରକ୍ତଚନ୍ଦନ), ସିନ୍ଦୁର, ଗୋମୟ ଓ ଶୁଷ୍କ ଗୋମୟ— ଏହି କେତୋଟି ଦ୍ରବ୍ୟରୁ ଗୋଟିଏ ଦ୍ରବ୍ୟ ଦ୍ୱାରା ଗୁଟିକା ପ୍ରସ୍ତୁତ କରି ତଦ୍ଦ୍ୱାରା ଜପ ସଂଖ୍ୟା ରକ୍ଷା କରିବ । ବସ୍ତ୍ର ଦ୍ୱାରା ହସ୍ତଦ୍ୱୟ ଆଚ୍ଛାଦିତ କରି ଦକ୍ଷିଣ ହସ୍ତ ଦ୍ୱାରା ସର୍ବଦା ଜପ କରିବ । ଗୁରୁଦେବଙ୍କୁ ମଧ୍ୟ ମାଳା ପ୍ରଦର୍ଶନ କରିବ ନାହିଁ । ମାଳାର ଯେଉଁ ଅଂଶର ମଣି ସ୍ଥୂଳ, ସେହି ଅଂଶର ପ୍ରଥମ ମଣିରେ ଜପ ଆରମ୍ଭ କରି ସୂକ୍ଷ୍ମାଂଶର ଶେଷ ମଣିରେ ଜପ ସମାପନ କରିବ । ଏହି ପ୍ରକାରର ସୂକ୍ଷ୍ମାବଧି ଅର୍ଥାତ୍ ସୂକ୍ଷ୍ମମଣି ଠାରୁ ଆରମ୍ଭ କରି ସ୍ଥୂଳାନ୍ତ ଅର୍ଥାତ୍ ସ୍ଥୂଳମଣି ପର୍ଯ୍ୟନ୍ତ ଜପ କରିବାକୁ **ଜପସଂହାର** ବୋଲି କୁହାଯାଏ । ନିଜେ ମଧ୍ୟ ବାମ ହସ୍ତରେ ଜପମାଳା ସ୍ପର୍ଶ କରିବ ନାହିଁ । ଜପ ଶେଷରେ ପବିତ୍ର ସ୍ଥାନରେ ମାଳା ସ୍ଥାପନ କରିବ । ସୂତ୍ର ଜୀର୍ଣ୍ଣ ହେଲେ ପୁନର୍ବାର ନୂତନ ସୂତ୍ରରେ ଗ୍ରଥନ କରି ଶହେ ଥର ଜପ କରିବ । ଅଦୀକ୍ଷିତ ବ୍ରାହ୍ମଣ ମଧ୍ୟ ଯଦି ମାଳା ସ୍ପର୍ଶ କରନ୍ତି, ତାହାହେଲେ ମାଳାର ପୁନଃଶୋଧନ କରିବାକୁ ହେବ । କର, କଣ୍ଠ କିମ୍ୱା ମସ୍ତକରେ ଜପମାଳା ଧାରଣ କରିବ ନାହିଁ । ଯଦି ଉରୁ , ଚରଣ କିମ୍ୱା ଅଧରରେ ମାଳା ସଂଲଗ୍ନ ହୁଏ ଅଥବା ବାମ ହସ୍ତଦ୍ୱାରା କିମ୍ୱା ଅଗୁପ୍ତ ଭାବରେ ପରିଚାଳିତ ହୁଏ, ତେବେ ପୁନର୍ବାର ସଂସ୍କାର କରିବ ।

ଅକାରାଦି 'ହ' ପର୍ଯ୍ୟନ୍ତ ମାତୃକାବର୍ଣ୍ଣଗୁଡ଼ିକୁ **ବର୍ଣ୍ଣମାଳା** କୁହାଯାଏ । 'କ୍ଷ' ଏହାର ମେରୁ । ଶିବ-ଶକ୍ତ୍ୟାତ୍ମକ କୁଣ୍ଡଳୀ ସୂତ୍ରରେ ଏହା ଗ୍ରଥିତ । ବ୍ରହ୍ମନାଡ଼ୀ ମଧ୍ୟବର୍ତ୍ତିନୀ ମୃଣାଳ ସୂତ୍ର ପରି ସୂକ୍ଷ୍ମ ଓ ଶୁଭ୍ର-ବର୍ଣ୍ଣ ଚିତ୍ରିଣୀ ନାଡ଼ୀ ଏହି ମାଳାର ଗ୍ରନ୍ଥିସ୍ୱରୂପ । ଏହାର ଆରୋହଣ ଅବରୋହଣ ଶତସଂଖ୍ୟା ଏବଂ ଅଷ୍ଟବର୍ଗରେ ଅଷ୍ଟସଂଖ୍ୟା ହୁଏ ବୋଲି, ଏହା **ଅଷ୍ଟୋତ୍ତର- ଶତମୟୀ** । ଏହି ମାଳାରେ ଥରେ ମନ୍ତ୍ର ଦ୍ୱାରା ବର୍ଣ୍ଣକୁ ଅନ୍ତରିତ କରି ଅର୍ଥାତ୍ ମନ୍ତ୍ର ପରେ ସାନୁସ୍ୱାର ଗୋଟିଏ ଗୋଟିଏ ବର୍ଣ୍ଣ ଉଚ୍ଚାରଣପୂର୍ବକ ବର୍ଣ୍ଣ ଦ୍ୱାରା ମନ୍ତ୍ର ଅନ୍ତରିତ କରି ଅର୍ଥାତ୍ ସାନୁସ୍ୱାର ଗୋଟିଏ ଗୋଟିଏ ବର୍ଣ୍ଣ ପରେ ମନ୍ତ୍ରୋଚ୍ଚାରଣ ପୂର୍ବକ ଅନୁଲୋମ ବିଲୋମରେ ଜପ କରିବ । ମେରୁରୂପ ଚରମ ବର୍ଣ୍ଣ (କ୍ଷ)କୁ କଦାପି ଲଙ୍ଘନ କରିବ ନାହିଁ । ସବିନ୍ଦୁ ବର୍ଣ୍ଣ ଉଚ୍ଚାରଣ କରି ପରେ ମନ୍ତ୍ର ଜପ କରିବ । ଜପ ଶହେ ଆଠଥର କରିବ । ପଞ୍ଚାଶତ୍ ବର୍ଣ୍ଣମୟୀ

ମାଳାରେ ଦୁଇ ବାରରେ ଶତବାର ଏବଂ ଅଷ୍ଟବର୍ଗରେ ଅଷ୍ଟବାର ଜପ କଲେ ଅଷ୍ଟୋତ୍ତର ଶତ ବାର ହେବ । ଅଂ, କ, ଚ, ଟ, ତ, ପ, ଯ, ଶ—ଏହି ବର୍ଣ୍ଣକୁ **ଅଷ୍ଟବର୍ଗ** କହନ୍ତି ।

କରମାଳା, ଜପମାଳା ବା ବର୍ଣ୍ଣମାଳାର ଯେ କୌଣସି ଗୋଟିକରେ ବିଧାନାନୁସାରେ ଜପ କଲେ ସାଧକଙ୍କର ସର୍ବାଭୀଷ୍ଟ ସିଦ୍ଧ ହୋଇଥାଏ ।

## ସ୍ଥାନ ନିର୍ଣ୍ଣୟ ଓ ଜପର ନିୟମ

ବର୍ତ୍ତମାନ ଯୁଗରେ ମର୍ତ୍ତ୍ୟଧାମରେ ସୁସଭ୍ୟ ଜୀବଗଣ ମଧ୍ୟ ସ୍ଥାନମାହାତ୍ମ୍ୟ ସ୍ୱୀକାର କରୁଛନ୍ତି । ସ୍ଥାନଭେଦରେ କୃତକର୍ମର ଫଳାଫଳ ଦୃଷ୍ଟ ହୋଇଥାଏ । ତେଣୁ ତନ୍ତ୍ରଶାସ୍ତ୍ରକାର ବିଶେଷ ବିଶେଷ କାର୍ଯ୍ୟରେ ବିଶେଷ ବିଶେଷ ସ୍ଥାନ ନିର୍ଦ୍ଦିଷ୍ଟ କରିଦେଇଛନ୍ତି । ବାରାଣସୀରେ ଜପ କଲେ ସମ୍ପୂର୍ଣ୍ଣ ଫଳ ଲାଭ ହୋଇଥାଏ । ତାହାର ଦ୍ୱିଗୁଣ ଫଳ ପୁରୁଷୋତ୍ତମରେ, ତାହାର ଦ୍ୱିଗୁଣ ଫଳ ଦ୍ୱାରାବତୀରେ; ବିନ୍ଧ୍ୟ, ପ୍ରୟାଗ ଓ ପୁଷ୍କରରେ ଶତଗୁଣ ଫଳ । ଏହା ଅପେକ୍ଷା କରତୋୟା ନଦୀଜଳରେ ଚାରିଗୁଣ, ନଦୀକୁଣ୍ଡରେ ତାହାର ଚତୁର୍ଗୁଣ, ତାହାର ଚାରିଗୁଣ ଜଲ୍ପିଶ ନିକଟରେ ଓ ତାହାର ଦ୍ୱିଗୁଣ ସିଦ୍ଧେଶ୍ୱରୀ ଯୋନିରେ । ସିଦ୍ଧେଶ୍ୱରୀ ଯୋନିର ଚତୁର୍ଗୁଣ ବ୍ରହ୍ମପୁତ୍ର ନଦୀରେ, କାମରୂପର ଜଳଭାଗ ଓ ସ୍ଥଳଭାଗରେ ବ୍ରହ୍ମପୁତ୍ର ନଦୀ ସହିତ ସମାନ ଫଳ । କାମରୂପର ଶହେଗୁଣ ନୀଳାଚଳ ପର୍ବତର ମସ୍ତକରେ ଏବଂ ତାହାର ଦ୍ୱିଗୁଣ ଲିଙ୍ଗଶ୍ରେଷ୍ଠ ହେରୁକରେ ।

**"ତତୋଽପି ଦ୍ୱିଗୁଣଂ ପ୍ରୋକ୍ତଂ ଶୈଳ-ପୁତ୍ରାଦି-ଯୋନିଷୁ ।**
**ତତଃ ଶତଗୁଣଂ ପ୍ରୋକ୍ତଂ କାମାଖ୍ୟାଯୋନିମଣ୍ଡଳେ ॥**
**କାମାଖ୍ୟାୟାଂ ମହାଯୋନୌ ପୂଜାଂ ଯଃ କୃତବାନ୍ ସକୃତ୍ ।**
**ସ ଚେହ ଲଭତେ କାମାନ୍ ପରତ୍ରେ ଶିବରୂପଧୃକ୍ ॥" (କୁଳାର୍ଣ୍ଣବ)**

ହେରୁକର ଦ୍ୱିଗୁଣ ଶୈଳପୁତ୍ରାଦିରେ, ତାହାର ଶହେଗୁଣ ଫଳ କାମାଖ୍ୟା ଯୋନିମଣ୍ଡଳରେ । ଯେଉଁ ବ୍ୟକ୍ତି କାମାଖ୍ୟା ଯୋନିମଣ୍ଡଳରେ ଥରେ ମାତ୍ର ଜପ ପୂଜାଦି କରନ୍ତି, ସେ ଇହଲୋକରେ ସର୍ବାଭୀଷ୍ଟ ଲାଭ କରି ପରଜନ୍ମରେ ଶିବତ୍ୱ ପ୍ରାପ୍ତ ହୁଅନ୍ତି ।

ଅତଏବ, କାମାଖ୍ୟା ପୀଠ ଅପେକ୍ଷା ମନ୍ତ୍ରସିଦ୍ଧି ଲାଭ କରିବା ପକ୍ଷରେ ଶ୍ରେଷ୍ଠସ୍ଥାନ ଆଉ ନାହିଁ । ଆମ ଦେଶରେ ବହୁ ତନ୍ତ୍ରୋକ୍ତ ସାଧକ କାମାଖ୍ୟା ପୀଠରେ ସିଦ୍ଧିଲାଭ କରିଛନ୍ତି । କାହାରି ଯଦି ସେଠାରେ ସାଧନାର ସୁବିଧା ନ ହୁଏ, ତେବେ ସେ ଯେ କୌଣସି ମହାପୀଠରେ, ଉପପୀଠରେ ଅଥବା ସିଦ୍ଧପୀଠରେ ସାଧନାର ଅନୁଷ୍ଠାନ କରିବେ । ପୀଠସ୍ଥାନସମୂହରେ କେତେ କେତେ ସିଦ୍ଧ ମହାତ୍ମାଙ୍କ ତପଃପ୍ରଭାବ ପୁଞ୍ଜୀକୃତ ହୋଇ ରହିଅଛି । ସୁତରାଂ ସେହି ସ୍ଥାନମାନଙ୍କରେ ସାଧନା ଆରମ୍ଭ କଲା ମାତ୍ରେ ମନଃ ସଂଯତ ଏବଂ ଶକ୍ତିକେନ୍ଦ୍ର ଜାଗ୍ରତ ହୋଇଉଠେ, ସାଧକମାନେ ଅତି ଅଳ୍ପ ସମୟ ମଧ୍ୟରେ ସିଦ୍ଧିଲାଭ କରିପାରନ୍ତି । କାହା ପକ୍ଷରେ ପୀଠସ୍ଥାନରେ ସାଧନା କରିବା ସମ୍ଭପପର ନ ହେଲେ ତନ୍ତ୍ରଶାସ୍ତ୍ର ତାହାର ମଧ୍ୟ ବ୍ୟବସ୍ଥା କରି ରଖିଛନ୍ତି । ଯଥା —

"ଗୋଶାଲାୟାଂ ଗୁରୋର୍ଗେହେ ଦେବାଗାରେ ଚ କାନନେ ।
ପୁଣ୍ୟକ୍ଷେତ୍ରେ ତଥୋଦ୍ୟାନେ ନଦୀତୀରେ ଚ ମନ୍ତ୍ରବିତ୍ ।।
ଧାତ୍ରୀ-ବିଲ୍ୱ ସମୀପେ ଚ ପର୍ବତାଗ୍ରେ ଗୁହାସୁ ଚ ।
ଗଙ୍ଗାୟାସ୍ତୁ ତଟେ ବାପି କୋଟିକୋଟିଗୁଣଂ ଭବେତ୍ ।।"

— ତନ୍ତ୍ରସାର

ଗୋଶାଳା, ଗୁରୁଗୃହ, ଦେବାଳୟ, କାନନ, ପୁଣ୍ୟକ୍ଷେତ୍ର, ଉଦ୍ୟାନ, ନଦୀତୀର, ଆମଳକୀ ଓ ବିଲ୍ୱବୃକ୍ଷର ସମୀପ, ପର୍ବତାଗ୍ର, ପର୍ବତଗୁହା ଏବଂ ଗଙ୍ଗାତଟ—ଏହିସବୁ ସ୍ଥାନରେ ଜପ କଲେ କୋଟିଗୁଣ ଫଳ ଲାଭ ହୋଇଥାଏ । ଏତଦ୍‌ଭିନ୍ନ ଶ୍ମଶାନ, ଭଗ୍ନଗୃହ, ଚତ୍ୱର ଓ ତ୍ରିମସ୍ତକ ମାର୍ଗ ପ୍ରଭୃତିରେ ମଧ୍ୟ ଜପ କରିବାର ବିଧି ତନ୍ତ୍ରଶାସ୍ତ୍ରରେ ଦୃଷ୍ଟ ହୋଇଥାଏ । ଏତଦ୍‌ବ୍ୟତୀତ ସାଧକମାନେ ଶାସ୍ତ୍ରୋକ୍ତ ପ୍ରଣାଳୀରେ ପଞ୍ଚମୁଣ୍ଡୀ ଆସନ ସ୍ଥାପନ କରି ତାହା ଉପରେ ଉପବେଶନପୂର୍ବକ ଏବଂ ପଞ୍ଚବଟୀ ପ୍ରତିଷ୍ଠା କରି ତନ୍ମଧ୍ୟରେ ବସି ମନ୍ତ୍ରର ସାଧନ କରିଥା'ନ୍ତି । ଅଧିକାଂଶ ତାନ୍ତ୍ରିକ ସାଧକ ଉପରୋକ୍ତ ଦ୍ୱିବିଧ ଉପାୟରେ ମନ୍ତ୍ର ଜପ କରି ସିଦ୍ଧିଲାଭ କରିଛନ୍ତି ।

ବିଧାନ ଅନୁଯାୟୀ ଦୁଇଟି ଚଣ୍ଡାଳର ମୁଣ୍ଡ, ଗୋଟିଏ ଶୃଗାଳ ମୁଣ୍ଡ, ଗୋଟିଏ ବାନର ମୁଣ୍ଡ ଏବଂ ଗୋଟିଏ ସର୍ପର ମୁଣ୍ଡ—ଏହି **ପଞ୍ଚମୁଣ୍ଡ** ଆସନରେ

ବସି ଜପ କଲେ ମନ୍ତ୍ରସିଦ୍ଧି ବିଷୟରେ ବିଶେଷ ସହାୟତା ମିଳିଥାଏ । କେହି କେହି ପୁଣି ଗୋଟିଏ ମାତ୍ର ମୁଣ୍ଡରେ ଆସନ ହିଁ ବ୍ୟବସ୍ଥା କରିଥା'ନ୍ତି ।

ପଞ୍ଚବଟୀ ନିର୍ମାଣ କରିବାକୁ ହେଲେ ଦୀର୍ଘ-ପ୍ରସ୍ଥରେ ଚାରିହାତ ସ୍ଥାନ ( ଷୋଳ ବର୍ଗହସ୍ତ ପରିମିତ ସ୍ଥାନ) ନିର୍ଦ୍ଦିଷ୍ଟ କରି ଗୋଟିଏ କୋଣରେ ବିଲ୍ୱ, ଦ୍ୱିତୀୟ କୋଣରେ ଶେଫାଳିକା, ତୃତୀୟ କୋଣରେ ନିମ୍ବ ଓ ଚତୁର୍ଥ କୋଣରେ ଅଶ୍ୱତ୍ଥ ବା ବଟ ଏବଂ ମଧ୍ୟରେ ଆମଳକୀ ବୃକ୍ଷରୋପଣ କରିବାକୁ ହେବ । *

ଏହି ସ୍ଥାନର ଚତୁର୍ଦ୍ଦିଗରେ ରକ୍ତଜବା ଫୁଲ ଦ୍ୱାରା ବାଡ଼ ଦେଇ ତାହା ମାଧବୀଲତା କିମ୍ବା କୃଷ୍ଣା ଅପରାଜିତା ଦ୍ୱାରା ବେଷ୍ଟିତ କରିଦେବାକୁ ହୁଏ । ମଧ୍ୟସ୍ଥଳ ତୀର୍ଥସ୍ଥାନରେ ପବିତ୍ର ରଜଃ ଦ୍ୱାରା ଶୁଦ୍ଧୀକୃତ କରିନେବାକୁ ହେବ ।

ପଞ୍ଚବଟୀ ବା ପଞ୍ଚମୁଣ୍ଡୀର ଆସନ ମନ୍ତ୍ରସିଦ୍ଧ ବ୍ୟକ୍ତିଙ୍କ ଦ୍ୱାରା ସଂସ୍କୃତ କରି ନେଇପାରିଲେ ଆହୁରି ସୁବିଧା ହୁଏ । ଯାହା ହେଉ,ସାଧକମାନେ ନିଜ ନିଜ ସୁବିଧାନୁଯାୟୀ ଉଲ୍ଲିଖିତ ଯେ କୌଣସି ସ୍ଥାନ ନିର୍ଦ୍ଦିଷ୍ଟ କରିନେଇ କୂର୍ମଚକ୍ରରେ ଉପବେଶନପୂର୍ବକ ସିଦ୍ଧି ନିମିତ୍ତ ଜପ କରିବେ । ମହାଯୋଗୀଶ୍ୱର ମହାଦେବ ଶପଥପୂର୍ବକ କହିଛନ୍ତି, ଏହି ଘୋର କଳିକାଳରେ କେବଳ ମାତ୍ର ଜପ ଦ୍ୱାରା ହିଁ ଜୀବମାନେ ସିଦ୍ଧକାମ ହେବେ, ଏଥିରେ ସନ୍ଦେହ ନାହିଁ । ଯଥା—

**"ଜପାତ୍ ସିଦ୍ଧିର୍ଜପାତ୍ ସିଦ୍ଧିର୍ଜପାତ୍ ସିଦ୍ଧିର୍ନ ସଂଶୟଃ ।" (ଶିବ ବାକ୍ୟମ୍)**

ଜପ ଶବ୍ଦର ଅଥ ମନ୍ତ୍ରାକ୍ଷରର ଆବୃତ୍ତି । ଜପ୍ ଧାତୁରୁ ଜପ ଶବ୍ଦ ନିଷ୍ପନ୍ନ ହୋଇଅଛି । ଜପ୍ ଧାତୁର ଅର୍ଥ ମାନସ ଉଚ୍ଚାରଣ, ସୁତରାଂ ଇଷ୍ଟଦେବତାଙ୍କ ବୀଜ ବା ମନ୍ତ୍ର ମନେ ମନେ ଉଚ୍ଚାରଣ କରିବାର ନାମ ଜପ ।

**"ମନସା ଯଦ୍ ସ୍ମରେଦ୍ ସ୍ତୋତ୍ରଂ ବଚସା ବା ମନୁଂ ସ୍ମରେତ୍ ।**
**ଉଭୟଂ ନିଷ୍ଫଳଂ ଯାତି ଭିନ୍ନଭାଣ୍ଡୋଦକଂ ଯଥା ।।"**

---

* ମତାନ୍ତରେ - **"ଅଶ୍ୱତ୍ଥୋ ବିଲ୍ୱବୃକ୍ଷଶ୍ଚ ବଟୋ ଦାତ୍ରୀ ଅଶୋକକଃ ।
ବଟୀପଞ୍ଚକମିତ୍ୟୁକ୍ତଂ ସ୍ଥାପୟେଦ୍ ପଞ୍ଚଦିକ୍ଷୁ ଚ ।।" (ସ୍କନ୍ଦପୁରାଣ)**

ମନେ ମନେ ସ୍ତବପାଠ ବା ବାକ୍ୟ ଦ୍ୱାରା ଅର୍ଥାତ୍ ଅପରବ୍ୟକ୍ତି ଶୁଣିବାକୁ ପାଇବେ, ଏପରି ଭାବରେ ମନ୍ତ୍ର ଜପ କଲେ, ସେହି ସ୍ତବ ଓ ମନ୍ତ୍ର ଜପ ଭଗ୍ନଭାଣ୍ଡସ୍ଥିତ ଜପ ପରି ନିଷ୍ଫଳ ହୋଇଥାଏ । ଅତଏବ, ବିଧିପୂର୍ବକ ମନ୍ତ୍ର ଜପ କରିବା ବିଧେୟ । ଜପ ମଧ୍ୟ ଏକପ୍ରକାର ଯୋଗ, ସେହି ହେତୁ ଶାସ୍ତ୍ରାଦିରେ ଜପକୁ 'ଜପଯଜ୍ଞ', 'ମନ୍ତ୍ରଯୋଗ' ବୋଲି ଉଲ୍ଲେଖ କରାଯାଇଅଛି । ଜପ ତ୍ରିବିଧ - ମାନସ, ଉପାଂଶୁ ଓ ବାଚିକ ।

**''ଉଚ୍ଚୈରେଦର୍ଥମୁଦ୍ଦିଶ୍ୟ ମାନସଃ ସ ଜପଃ ସ୍ମୃତଃ ।**
**ଜିହ୍ୱୌଷ୍ଠୌ ଚାଳୟେତ୍ କିଞ୍ଚିତ୍ ଦେବତାଗତମାନସଃ ।।**
**କିଞ୍ଚତ୍ ଶ୍ରବଣଯୋଗ୍ୟଃ ସ୍ୟାଦୁପାଂଶୁଃ ସ ଜପଃ ସ୍ମୃତଃ ।**
**ନିଜ କର୍ଣ୍ଣାଗୋଚରୋଽୟଂ ସ ଜପୋ ମାନସଃ ସ୍ମୃତଃ ।।**
**ଉପାଂଶୁର୍ନିଜକର୍ଣ୍ଣସ୍ୟ ଗୋଚରଃ ପରିକୀର୍ତ୍ତିତଃ ।**
**ମନ୍ତ୍ରମୁଚ୍ଚାରୟେଦ୍‌ବାଚା ସ ଜପୋ ବାଚିକଃ ସ୍ମୃତଃ ।।''**

**— ବିଶୁଦ୍ଧେଶ୍ୱର ତନ୍ତ୍ର**

ମନ୍ତ୍ରାର୍ଥ ସ୍ମରଣପୂର୍ବକ ମନେ ମନେ ମନ୍ତ୍ର ଉଚ୍ଚାରଣ କରିବାର ନାମ **ମାନସିକ ଜପ** । ଦେବତାଙ୍କ ପ୍ରତି ମନୋନିବେଶ କରି ଜିହ୍ୱା ଓ ଓଷ୍ଠ କିଞ୍ଚିତ୍ ଚାଳନାପୂର୍ବକ କେବଳ ନିଜେ ଶ୍ରବଣ କରିବା ଭଳି ମନ୍ତ୍ର ଉଚ୍ଚାରଣର ନାମ **ଉପାଂଶୁ ଜପ** । ନିଜ କର୍ଣ୍ଣର ଅଶ୍ରାବ୍ୟ ଭାବରେ ଯେଉଁ ଜପ କରାଯାଏ ତାହା **ମାନସ**, ନିଜ କର୍ଣ୍ଣର ଗୋଚରରେ ଯେଉଁ ଜପ ତାହା **ଉପାଂଶୁ** ଏବଂ ବାକ୍ୟଦ୍ୱାରା ମନ୍ତ୍ର ଉଚ୍ଚାରଣକୁ **ବାଚିକ ଜପ** କହନ୍ତି ।

**''ଉଚ୍ଚୈର୍ଜପାଦ୍‌ବିଶିଷ୍ଟଃ ସ୍ୟାଦୁପାଂଶୁର୍ଦଶଭିର୍ଗୁଣୈଃ ।**
**ଜିହ୍ୱାଜପଃ ଶତଗୁଣଃ ସହସ୍ରୋ ମାନସଃ ସ୍ମୃତଃ ।।''**

ବାଚିକ ଜପ ଅପେକ୍ଷା ଉପାଂଶୁ ଜପରେ ଦଶଗୁଣ ଫଳ ଏବଂ ଉପାଂଶୁ ଜପ ଅପେକ୍ଷା ମାନସ ଜପରେ ସହସ୍ରଗୁଣ ଅଧିକ ଫଳ ଲାଭ ହୋଇଥାଏ ।

ସାଧକ ସ୍ଥିରଚିତ୍ତ ଓ ସ୍ଥିରେନ୍ଦ୍ରିୟ ହୋଇ ଇଷ୍ଟଦେବତାଙ୍କ ଚିନ୍ତାପୂର୍ବକ ଓଷ୍ଠଦ୍ୱୟ ସଂପୁଟିତ କରି ମନ ଦ୍ୱାରା ମନ୍ତ୍ରବର୍ଣ୍ଣ ଚିନ୍ତା କରିବେ । ସାଧକ ଜପ

ସମୟରେ ଜିହ୍ୱା କିମ୍ବା ଓଷ୍ଠଦ୍ୱୟ ଚାଳନା କରିବେ ନାହିଁ । ଗ୍ରୀବା ଓ ମସ୍ତକ ସ୍ଥିର ଭାବରେ ରଖିବେ ଏବଂ ଦନ୍ତଗୁଡ଼ିକ ଯେପରି ଦେଖା ନ ଯାଏ, ସେହିଭଳି କରିବେ । ସାଧକ ମନ୍ତ୍ରର ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣର ଅନୁଭୂତିପୂର୍ବକ ଜପ କଲେ ସିଦ୍ଧିଲାଭ କରିପାରନ୍ତି । ପ୍ରଥମେ ଧ୍ୟାନ ଓ ପରେ ମନ୍ତ୍ରଜପ କରିବାକୁ ହୁଏ । ଧ୍ୟାନମନ୍ତ୍ର-ସମାଯୁକ୍ତ ସାଧକ ଅତି ଅଳ୍ପ ସମୟ ମଧ୍ୟରେ ସିଦ୍ଧିଲାଭ କରିଥା'ନ୍ତି । ଯେଉଁ ଦେବତା ଯେଉଁ ମନ୍ତ୍ରର ପ୍ରତିପାଦ୍ୟ, ସେହି ଦେବତାଙ୍କର ଧ୍ୟାନପୂର୍ବକ ଜପ କରିବ । ଜପର ନିୟମ :

"ମନଃ ସଂହୃତ୍ୟ ବିଷୟାନ୍ ମନ୍ତ୍ରାର୍ଥଗତମାନସଃ ।
ନ ଦ୍ରୁତଂ ନ ବିଳମ୍ବଞ୍ଚ ଜପେନ୍ମୌକ୍ତିକହାରବତ୍ ।।" (ଭୂତଶୁଦ୍ଧି ତନ୍ତ୍ର)

ଜପ ସମୟରେ ବିଷୟରୁ ମନକୁ ଆହୃତ କରିନେଇ ଅର୍ଥାତ୍ ମନକୁ ବିଷୟରୁ ଦୂରରେ ରଖି ମନ୍ତ୍ରର ଅର୍ଥ ଭାବନାପୂର୍ବକ ଅତି ଦ୍ରୁତ ନୁହେଁ କିମ୍ବା ଅତି ବିଳମ୍ବରେ ନୁହେଁ ଅର୍ଥାତ୍ ସମାନ ତାଳରେ ମୁକ୍ତାହାର ଯେପରି ପଛକୁ ପଛ ଗୁନ୍ଥାଯାଉଥାଏ, ସେହିପରି ଭାବରେ ଜପ କରିବ । ଅତି ଧୀର ଭାବରେ ଜପ କଲେ ବ୍ୟାଧି ଜାତ ହୁଏ ଏବଂ ଅତି ଦ୍ରୁତ ଭାବରେ ଜପ କଲେ ଧନ କ୍ଷୟ ହୁଏ । ଅତଏବ, ମୌକ୍ତିକ ହାର ପରି ଅକ୍ଷରରେ ଅକ୍ଷର ଯୋଗ କରି ଜପ କରିବ । ଯେଉଁ ବ୍ୟକ୍ତି ଯେଉଁ ଦେବତାଙ୍କ ଉପାସକ , ସେ ତନ୍ନିଷ୍ଠ ତଦ୍‌ଗତପ୍ରାଣ, ତଚ୍ଚିତ୍ତ ଏବଂ ତତ୍‌ପରାୟଣ ହୋଇ ବ୍ରହ୍ମାନୁସନ୍ଧାନପୂର୍ବକ ମନ୍ତ୍ର ଜପ କରିବେ ।

ଜାପକ ସାଧନା ଆରମ୍ଭ କରିବା ପୂର୍ବରୁ ଛିନ୍ନାଦି ଦୋଷ ଶାନ୍ତ କରି ମନ୍ତ୍ର ଜପ କରିବେ । ମନ୍ତ୍ର ଯଥାବିଧି ଜପ କରି ମଧ୍ୟ ଫଳଲାଭରେ ବିଳମ୍ବ ହେଲେ କୌଣସି ମନ୍ତ୍ରସିଦ୍ଧ ଅଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଆଚାର୍ଯ୍ୟ ଶଙ୍କରୋକ୍ତ ଭ୍ରାମଣାଦି ସପ୍ତ-ଉପାୟ ଅବଲମ୍ବନପୂର୍ବକ ମନ୍ତ୍ରର ଶୁଦ୍ଧି ସମ୍ପାଦନ କରାଇନେବେ । ଶାସ୍ତ୍ରରେ ଲିଖିତ ଅଛି ଯେ, ଜପ ପୂର୍ବରୁ ସେତୁ ନ ଥିଲେ ସେହି ଜପ ପତିତ ହୁଏ ଏବଂ ପରେ ସେତୁ ନ ରହିଲେ, ସେହି ମନ୍ତ୍ର ବିଶୀର୍ଣ୍ଣ ହୋଇଯାଏ । ଅତଏବ, ସେତୁ ଭିନ୍ନ ଜପ ନିଷ୍ଫଳ । ତେଣୁ ଜାପକମାନେ ମନ୍ତ୍ର ପୂର୍ବରୁ ଓ ପରେ 'ଓଁ' ଏହି ସେତୁମନ୍ତ୍ରକୁ ପୁଟିତ

କରି ଜପ କରିବେ । ଯେଉଁମାନଙ୍କର ପ୍ରଣବ (ଓଁ) ଉଚ୍ଚାରଣରେ ଅଧିକାର ନାହିଁ, ସେମାନେ 'ଔଁ'—ଏହି ମନ୍ତ୍ରଟିକୁ ସେତୁରୂପେ ବ୍ୟବହାର କରିପାରିବେ ।*

ଯଥାନିୟମରେ ନ୍ୟାସ ଓ ପ୍ରାଣାୟାମାଦି ସମାପନ କରି ଜପ ଆରମ୍ଭ କରିବାକୁ ହୁଏ । ଜପ ସମାପ୍ତ କରିବା ପରେ ମଧ୍ୟ ପ୍ରାଣାୟାମ କରିବାକୁ ହେବ । ସାଧକ ମଳମୂତ୍ରର ବେଗ ଧାରଣ କରି ଜପ କିମ୍ବା ପୂଜା କିଛି ସମ୍ପନ୍ନ କରିବେ ନାହିଁ । ମଳିନ ବସ୍ତ୍ର ପରିଧାନ, ମଳିନ କେଶ ବା ମଳିନ ବେଶ ଧାରଣ କରି, ମୁଖ ଦୁର୍ଗନ୍ଧଯୁକ୍ତ ରଖି ଅର୍ଥାତ୍ ମୁଖ ପ୍ରକ୍ଷାଳନାଦି ନ କରି ଜପ କରିବେ ନାହିଁ ।

**"ଆଲସ୍ୟଂ ଜୃମ୍ଭଣଂ ନିଦ୍ରାଂ କ୍ଷୁତଂ ନିଷ୍ଠୀବନଂ ଭୟମ୍ ।**
**ନୀଚାଙ୍ଗସ୍ପର୍ଶନଂ କୋପଂ ଜପକାଳେ ବିବର୍ଜ୍ଜୟେତ୍ ॥"**

ସାଧକ ଜପ ସମୟରେ ଆଲସ୍ୟ, ଜୃମ୍ଭଣ ( ହାଇ ମାରିବା) ନିଦ୍ରା ବା ଭିଡ଼ିମୋଡ଼ି ହେବା, କ୍ଷୁଧା-ପିପାସାବୋଧ, ଭୟ, କ୍ରୋଧ ଓ ନାଭିର ନିମ୍ନସ୍ଥ ଯେ କୌଣସି ଅଙ୍ଗ ସ୍ପର୍ଶ କରିବେ ନାହିଁ । ଏପରି ଘଟିଲେ ପୁନର୍ବାର ଆଚମନ, ଅଙ୍ଗନ୍ୟାସାଦି, ପ୍ରାଣାୟାମ ଓ ସୂର୍ଯ୍ୟ, ଅଗ୍ନି ଏବଂ ବ୍ରାହ୍ମଣ ଦର୍ଶନ କରି ପୂର୍ବ ଅବଶିଷ୍ଟ ଜପ କରିବାକୁ ହେବ । ଯଥା —

**"ଅଥାଚମ୍ୟ ଚ ତତ୍ ପ୍ରାପ୍ତୌ ପ୍ରାଣାୟାମଂ ଷଡ଼ଙ୍ଗକମ୍ ।**
**କୃତ୍ୱା ସମ୍ୟକ୍ ଜପେଚ୍ଛେଷଂ ଯଦ୍ୱା ସୂର୍ଯ୍ୟାଦିଦର୍ଶନମ୍ ॥"**

ମୌନୀ ଓ ଶୁଚି ହୋଇ ମନଃ ସଂଯମ ଓ ମନ୍ତ୍ରାର୍ଥ ଚିନ୍ତନପୂର୍ବକ ଅବ୍ୟଗ୍ର ଚିତ୍ତରେ ଜପ କରିବାକୁ ହୁଏ । ଉଷ୍ଣୀଷ ( ପଗଡ଼ି ବାନ୍ଧି) କିମ୍ବା ବର୍ମ ପରିଧାନ କରି ( ଗେଞ୍ଜି, କମିଜ୍ ପ୍ରଭୃତି ପିନ୍ଧି) ଅଥବା ନଗ୍ନ, ମୁକ୍ତକେଶ, ସଙ୍ଗୀଗଣାବୃତ ହୋଇ, ଅପବିତ୍ର କରରେ, ଅପବିତ୍ର ଭାବରେ, କଥା କହୁ କହୁ କଦାପି ଜପ

---

* ମନ୍ତ୍ରର ଛିନ୍ନାଦି ଦୋଷଶାନ୍ତିର ଉପାୟ, ସେତୁ ନିର୍ଣ୍ଣୟ ଓ ମନ୍ତ୍ରଶୁଦ୍ଧିର ସପ୍ତ-ଉପାୟ ମତ୍‌ପ୍ରଣୀତ 'ଯୋଗୀଗୁରୁ' ପୁସ୍ତକର 'ମନ୍ତ୍ରକଳ୍ପ'ରେ ବିସ୍ତାରିତ ଭାବରେ ଲିଖିତ ହୋଇଅଛି । ସୁତରାଂ ଏଠାରେ ତାହା ପୁନରୁଲ୍ଲେଖ କରାଗଲା ନାହିଁ । ପ୍ରୟୋଜନ ହେଲେ ଉକ୍ତ ପୁସ୍ତକ ଦେଖିନେବେ ।　　— ଗ୍ରନ୍ଥକାର

କରିବେ ନାହିଁ । ସାଧକ ନିରାସନରେ ତଥା ଗମନ କାଳରେ, ଶୟନ ସମୟରେ,ଭୋଜନ କାଳରେ, ଚିନ୍ତାବ୍ୟାକୁଳିତ-ଚିତ୍ତରେ ଏବଂ କ୍ରୁଦ୍ଧ, ଭ୍ରାନ୍ତ କିମ୍ବା କ୍ଷୁଧାନ୍ୱିତ ହୋଇ ଜପ କରିବେ ନାହିଁ । ହସ୍ତଦ୍ୱୟ ଆଚ୍ଛାଦନ ନ କରି ଅଥବା ପ୍ରାବୃତ ମସ୍ତକରେ ଅର୍ଥାତ୍ ମୁଣ୍ଡ ଘୋଡ଼ାଇ ହୋଇ ଜପ କରିବା କର୍ତ୍ତବ୍ୟ ନୁହେଁ । ପଥରେ ଓ ଅମଙ୍ଗଳ ସ୍ଥାନରେ , ଅନ୍ଧକାରାବୃତ ଗୃହରେ ଜପ କରିବେ ନାହିଁ । ଚର୍ମ-ପାଦୁକାରେ ପଦଦ୍ୱୟ ଆବୃତ କରି କିମ୍ବା ଶଯ୍ୟାରେ ବସି ଜପ କଲେ କୌଣସି ଫଳ ଲାଭ ହୋଇପାରେ ନାହିଁ । ପଦଦ୍ୱୟ ପ୍ରସାରିତ କରି କିମ୍ବା ଉତ୍କଟାସନରେ ଅଥବା ଯଜ୍ଞକାଷ୍ଠ, ପାଷାଣ ଓ ମୃତ୍ତିକା ଉପରେ ବସି ଜପ କରିବେ ନାହିଁ । ଜପ କାଳରେ ବିଡାଳ, କୁକ୍କୁର, କୁକ୍କୁଟ, ବକ, ଶୂଦ୍ର, ବାନର, ଗର୍ଦ୍ଦଭ —ଏସବୁଙ୍କୁ ଦର୍ଶନ କଲେ ଆଚମନ କରି ଏବଂ ସ୍ପର୍ଶ କଲେ ସ୍ନାନ କରି ଅବଶିଷ୍ଟ ଜପ ସମାପନ କରିବେ । କିନ୍ତୁ ଗମନ, ଅବସ୍ଥାନ, ଶୟନ ଓ ଶୁଚି ବା ଅଶୁଚି ଅବସ୍ଥାରେ ମନ୍ତ୍ର ସ୍ମରଣପୂର୍ବକ ଜାପକମାନେ ମାନସ ଜପର ଅଭ୍ୟାସ କରିପାରିବେ । ସର୍ବଦା ସବୁ ସ୍ଥାନରେ ଓ ସବୁ ଅବସ୍ଥାରେ ମଧ୍ୟ ମାନସ ପୂଜା କରାଯାଇପାରେ, ଏଥିରେ କିଛି ମାତ୍ର ଦୋଷ ନାହିଁ । ଯଥା —

"ଅଶୁଚିର୍ବା ଶୁଚିର୍ବାପି ଗଚ୍ଛଂସ୍ତିଷ୍ଠନ୍ ସ୍ୱପନ୍ନପି ।
ମନ୍ତ୍ରୈକଶରଣୋ ବିଦ୍ୱାନ୍ ମନେସୈବ ସଦାଭ୍ୟସେତ୍ ।।

## ଜପ-ରହସ୍ୟ ଓ ସମର୍ପଣ-ବିଧି

ସାଧନାଭିଳାଷୀ ଜାପକମାନଙ୍କର ଯଦି ମନ୍ତ୍ର ଜପ କରି ଫଳଲାଭ କରିବାର ବାସନା ଥାଏ, ତାହାହେଲେ ନିୟମିତ ଭାବରେ ମନ୍ତ୍ର ଚୈତନ୍ୟ କରାଇ ଜପ କରିବା ଦରକାର । ମନ୍ତ୍ରରେ ଛିନ୍ନାଦି ନାନାବିଧ ଦୋଷ ଦେଖିବାକୁ ମିଳେ ଏବଂ ଜୀବର ଦେହ ଓ ମନ ସର୍ବଦା କଳୁଷିତ ଥାଏ, ଏଥିପାଇଁ ଶାସ୍ତ୍ରରେ ନାନାବିଧ ଶୋଧନରହସ୍ୟ ଉଲ୍ଲିଖିତ ଅଛି । ତାହା ଯଥା ନିୟମରେ ସମ୍ପାଦନ କରି ନ ପାରିଲେ, ଜପଫଳ ଲାଭ ସମ୍ଭବପର ନୁହେଁ । ସାଧକମାନଙ୍କୁ ଏଥିପାଇଁ ଜପ-ରହସ୍ୟ ଅବଗତ ହୋଇ ଜପ କରିବାର ବିଧି ପ୍ରଦାନ କରାଯାଇଛି । ଜପ ରହସ୍ୟ ସମ୍ପାଦନପୂର୍ବକ ନିୟମିତ ଭାବରେ ଜପ କରି ବିଧିପୂର୍ବକ ଜପ ସମର୍ପଣ

କରିପାରିଲେ, ଜପଜନିତ ଫଳ ନିଶ୍ଚୟ ଲାଭ ହେବ । ଜପରହସ୍ୟ ସମ୍ପାଦନ ବ୍ୟତୀତ ଜପଫଳ ଲାଭ କରିବା ଏକାନ୍ତ ଅସମ୍ଭବ ।

କି ଶାକ୍ତ, କି ବୈଷ୍ଣବ, କି ଶୈବ ସମସ୍ତେ ଜପରହସ୍ୟ ସମ୍ପାଦନ କରିବା କର୍ତ୍ତବ୍ୟ । କଲ୍ଲୁକା, ସେତୁ, ମହାସେତୁ, କରଶୋଧନ, ମୁଖଶୋଧନ ପ୍ରଭୃତି **ଅଷ୍ଟବିଂଶତି ପ୍ରକାର ଜପରହସ୍ୟ** କ୍ରମାନ୍ୱୟରେ ପଛକୁ ପଛ ଯଥା ନିୟମରେ ସମ୍ପାଦନପୂର୍ବକ ଜପ ଶେଷରେ ବିଧିପୂର୍ବକ ଜପ ସମର୍ପଣ କରିବାକୁ ହେବ । କିନ୍ତୁ ଦୁଃଖର ବିଷୟ, ଜପରହସ୍ୟ ଓ ଜପସମର୍ପଣ ବିଧି ପ୍ରାୟ କେହି ଅବଗତ ନୁହଁନ୍ତି । ତେଣୁ ମୁଁ ଜାପକମାନଙ୍କ ଉପକାର ନିମିତ୍ତ ତାହା ଲିପିବଦ୍ଧ କଲି । ପାଠକମାନଙ୍କ ମଧ୍ୟରୁ ଯେଉଁମାନେ ମନ୍ତ୍ରଜପ କରନ୍ତି, ସେମାନେ ଏହି ସମୁଦାୟ ଜପରହସ୍ୟ ସମ୍ପାଦନ କରିବାକୁ ସମର୍ଥ ହେଲେ ଏବଂ ଜପ ଶେଷରେ ଶେଷୋକ୍ତ ପ୍ରକାରରେ ଜପ ସମର୍ପଣ କରିପାରିଲେ, ଅତି ଶୀଘ୍ର ଫଳ ଲାଭ ହେବ ଏବଂ ଅନାୟାସରେ ମନ୍ତ୍ରସିଦ୍ଧି ଲାଭ କରିପାରିବେ —ଏଥିରେ କିଛିମାତ୍ର ସନ୍ଦେହ ନାହିଁ ।

**ଜପ ରହସ୍ୟର ନିୟମ,** ଯଥା —

(୧) **ଶୌଚ** - ପ୍ରଥମେ ଆଚମନ, ପରେ ଜଳଶୁଦ୍ଧି ଓ ଆସନଶୁଦ୍ଧି କରିବାକୁ ହେବ । ପରେ ଗୁରୁ, ଗଣେଶ ଓ ଇଷ୍ଟଦେବତାଙ୍କୁ ପ୍ରଣାମ କରିବାକୁ ପଡ଼ିବ ।

(୨) **କପାଟ ଭଞ୍ଜନ** - 'ହୂଂ' ମନ୍ତ୍ର ଦଶଥର ଜପ କରିବ ।

(୩) **କାମିନୀ ତତ୍ତ୍ୱ** - ହୃଦୟରେ 'କ୍ରୋଂ' ମନ୍ତ୍ର ଦଶଥର ଜପକରି କାମିନୀଙ୍କର ଧ୍ୟାନ କରିବ । ଧ୍ୟାନ, ଯଥା -

**''ସିଂହ ସ୍କନ୍ଧସମାରୂଢ଼ାଂ ରକ୍ତବର୍ଣ୍ଣାଂ ଚତୁର୍ଭୁଜାମ୍ ।**
**ନାନାଳଙ୍କାରଭୂଷାଢ଼୍ୟାଂ ରକ୍ତବସ୍ତ୍ରାବିଭୂଷିତାମ୍ ।**
**ଶଙ୍ଖଚକ୍ରଧନୁର୍ବାଣ-ବିରାଜିତ-କରାମ୍ବୁଜାମ୍ ।।''**

ଏହି ମନ୍ତ୍ରରେ ତାଙ୍କର ଧ୍ୟାନ-ପୂଜା ସମ୍ପାଦନ କରି ପରେ 'କଂ' ବୀଜ ଦଶଥର ଜପ କରିବ ।

(୪) ପ୍ରଫୁଲ୍ଲ - 'ଲଂ' ବୀଜ ଦଶଥର ଜପ କରିବ ।

(୫) ପ୍ରାଣାୟାମାଦି - ପ୍ରାଣାୟାମ, ଭୂତଶୁଦ୍ଧି, ଋଷ୍ୟାଦିନ୍ୟାସ, କରନ୍ୟାସ, ଅଙ୍ଗନ୍ୟାସ, ତତ୍ତ୍ୱନ୍ୟାସ ଓ ବ୍ୟାପକ ନ୍ୟାସ କରିବ ।*

(୬) ଡାକିନ୍ୟାଦି ମନ୍ତ୍ରନ୍ୟାସ - ତତ୍ତ୍ୱମୁଦ୍ରା ଦ୍ୱାରା ମୂଳାଧାରରେ ଡାଂ ଡାକିନ୍ୟୈ ନମଃ, ସ୍ୱାଧିଷ୍ଠାନରେ ରାଂ ରାକିନ୍ୟୈ ନମଃ, ମଣିପୁରରେ ଲାଂ ଲାକିନ୍ୟୈ ନମଃ, ଅନାହତରେ କାଂ କାକିନ୍ୟୈ ନମଃ, ବିଶୁଦ୍ଧ ପଦ୍ମରେ ଶାଂ ଶାକିନ୍ୟୈ ନମଃ, ଆଜ୍ଞାଚକ୍ରରେ ହାଂ ହାକିନ୍ୟୈ ନମଃ, ସହସ୍ରାରରେ ଯାଂ ଯାକିନ୍ୟୈ ନମଃ ।

(୭) ମନ୍ତ୍ରଶିଖା - ନିଶ୍ୱାସ ରୋଧ କରି ଭାବନା ଦ୍ୱାରା କୁଣ୍ଡଳିନୀକୁ ଥରେ ସହସ୍ରାରକୁ ନେଇଯିବ ଏବଂ ତତ୍‌କ୍ଷଣାତ୍ ମୂଳାଧାରକୁ ଆନୟନ କରିବ । ଏହିପରି ବାରମ୍ବାର କରିବା ଫଳରେ ସୁଷୁମ୍ନା ପଥରେ ବିଦ୍ୟୁତ୍ ପରି ଦୀର୍ଘାକାର ତେଜ ଲକ୍ଷିତ ହେବ ।

(୮) ମନ୍ତ୍ର ଚୈତନ୍ୟ - ସ୍ୱୀୟ ବୀଜମନ୍ତ୍ରକୁ 'ଈଂ' ବୀଜ ଦ୍ୱାରା ପୁଟିତ (ଈଂ 'ମନ୍ତ୍ର' ଈଂ) କରି ହୃଦୟରେ ସାତ ଥର ଜପ କରିବ ।

(୯) ମନ୍ତ୍ରାର୍ଥ-ଭାବନା- ଦେବତାଙ୍କ ଶରୀର ଓ ମନ୍ତ୍ର ଅଭିନ୍ନ —ଏହା ହିଁ ଚିନ୍ତା କରିବ ।

(୧୦) ନିଦ୍ରାଭଙ୍ଗ - ହୃଦୟରେ ଈଂ 'ବୀଜମନ୍ତ୍ର' 'ଈଂ' —ଏହି ମନ୍ତ୍ର ଦଶଥର ଜପ କରିବ ।

(୧୧) କଲ୍ଲୁକା - 'କ୍ରୀଂ ହୂଂ ସ୍ତ୍ରୀଂ ହ୍ରୀଂ ଫଟ୍'- ଏହି ମନ୍ତ୍ର ସାତଥର ମସ୍ତକରେ ଜପ କରିବ ।

---

* ଏହି ସବୁ ସକ୍ରିୟାର ପ୍ରଣାଳୀ ସ୍ୱ ସ୍ୱ ଗୁରୂପଦିଷ୍ଟ ପଟଳରେ ବିବୃତ ଥାଏ । ବାହୁଲ୍ୟ ଭୟରେ ଏଠାରେ ସେହି ପଦ୍ଧତିଗୁଡ଼ିକ ଲିପିବଦ୍ଧ କରାଗଲା ନାହିଁ । ପ୍ରାଣାୟାମ ଓ ଭୂତଶୁଦ୍ଧିର ପ୍ରଣାଳୀ ମତ୍ ପ୍ରଣୀତ 'ଯୋଗୀଗୁରୁ' ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି । — ଗ୍ରନ୍ଥକାର

(୧୨) **ମହାସେତୁ** - **'କ୍ରୀଂ'** ମନ୍ତ୍ରକୁ କଣ୍ଠରେ ସାତଥର ଜପ କରିବ ।

(୧୩) **ସେତୁ** - **'ଐଁ ହ୍ରୂଂ ଐଁ'** ମନ୍ତ୍ରକୁ ହୃଦୟରେ ସାତଥର ଜପ କରିବ ।

(୧୪) **ମୁଖଶୋଧନ** - **'କ୍ରୀଂ କ୍ରୀଂ କ୍ରୀଂ ଓଁ ଓଁ ଓଁ କ୍ରୀଂ କ୍ରୀଂ କ୍ରୀଂ'** — ଏହି ମନ୍ତ୍ରକୁ ମୁଖରେ ସାତଥର ଜପ କରିବ ।

(୧୫) **ଜିହ୍ୱାଶୁଦ୍ଧି** - ମତ୍ସ୍ୟମୁଦ୍ରାରେ ଆଚ୍ଛାଦନ କରି **'ହେଁସୌଃ'** — ଏହି ମନ୍ତ୍ରକୁ ସାତଥର ଜପ କରିବ ।

(୧୬) **କରଶୋଧନ** - **'କ୍ରୀଂ ଈଂ କ୍ରୀଂ କରମାଳେ ଅସ୍ତ୍ରାୟ ଫଟ୍'** — ଏହି ମନ୍ତ୍ର ସାତଥର ଜପ କରିବ ।

(୧୭) **ଯୋନିମୁଦ୍ରା** - ମୂଳାଧାର ଠାରୁ ବ୍ରହ୍ମରନ୍ଧ୍ର ପର୍ଯ୍ୟନ୍ତ ଅଧୋମୁଖ ତ୍ରିକୋଣ ଏବଂ ବ୍ରହ୍ମରନ୍ଧ୍ର ଠାରୁ ମୂଳାଧାର ପର୍ଯ୍ୟନ୍ତ ଊର୍ଦ୍ଧ୍ୱମୁଖ ତ୍ରିକୋଣ ଅର୍ଥାତ୍ ଏହିପରି ଷଟ୍‌କୋଣ ଭାବନା କରି ପରେ **'ଏଂ'** ମନ୍ତ୍ର ଦଶଥର ଜପ କରିବ ।

(୧୮) **ନିର୍ବାଣ** - **ଓଁ ଅଂ 'ବୀଜମନ୍ତ୍ର' ଐଂ ଏବଂ ଐଂ 'ବୀଜମନ୍ତ୍ର' ଅଂ ଓଁ** -ଏହିଭଳି ଅନୁଲୋମ-ବିଲୋମ କ୍ରମରେ ନାଭିଦେଶରେ ଥରେ ଜପ କରିବ ।

(୧୯) **ପ୍ରାଣ ତତ୍ତ୍ୱ** - ଅନୁସାରଯୁକ୍ତ ପ୍ରତ୍ୟେକ ମାତୃକାବର୍ଣ୍ଣ ଦ୍ୱାରା ବୀଜମନ୍ତ୍ର ପୁଟିତ କରି ଜପ କରିବ । ଅଥବା ଅସମର୍ଥ ପକ୍ଷରେ **ଅଂ କଂ ଚଂ ଟଂ ତଂ ପଂ ଯଂ ଶଂ** ପୁଟିତ କରି ମନ୍ତ୍ର ଜପ କରିବ ।

(୨୦) **ପ୍ରାଣଯୋଗ**- **ହ୍ରୀଂ 'ବୀଜମନ୍ତ୍ର' ହ୍ରୀଂ** — ଏହି ମନ୍ତ୍ର ହୃଦୟରେ ସାତଥର ଜପ କରିବ ।

(୨୧) **ଦୀପନୀ**- **ଓଁ 'ବୀଜମନ୍ତ୍ର' ଓଁ** — ଏହି ମନ୍ତ୍ର ହୃଦୟରେ ସାତଥର ଜପ କରିବ ।

(୨୨) **ଅଶୌଚଭଙ୍ଗ** - ହୃଦୟରେ ଓଁ **'ବୀଜମନ୍ତ୍ର' ଓଁ** - ଏହି ମନ୍ତ୍ର ସାତଥର ଜପ କରିବ ।

(୨୩) **ଅମୃତଯୋଗ - 'ଓଁ ଜଂ ହ୍ରୀଂ'** — ଏହି ମନ୍ତ୍ର ହୃଦୟରେ ଦଶଥର ଜପ କରିବ ।

(୨୪) **ସପ୍ତଚ୍ଛଦା - 'କ୍ରୀଂ କ୍ଲୀଂ ହ୍ରୀଂ ହୂଂ ଓଁ ଓଁ'**—ଏହି ମନ୍ତ୍ର ହୃଦୟରେ ଜପ କରିବ ।

(୨୫) **ମନ୍ତ୍ରଚିନ୍ତା** - ମନ୍ତ୍ର ସ୍ଥାନରେ ମନ୍ତ୍ର ଚିନ୍ତା କରିବ, ଅର୍ଥାତ୍ ରାତ୍ରିର ପ୍ରଥମ ଦଶ ଦଣ୍ଡ ମଧ୍ୟରେ ନିଷ୍କଳ ସ୍ଥାନରେ (ହୃଦୟରେ) ମନ୍ତ୍ର ଚିନ୍ତା କରିବ । ପରବର୍ତ୍ତୀ ଦଶ ଦଣ୍ଡ ଭିତରେ କଳାହୀନ ସ୍ଥାନରେ ( ବିନ୍ଦୁ ସ୍ଥାନରେ) ଅର୍ଥାତ୍ ମନଶ୍ଚକ୍ରର ଉପରେ ମନ୍ତ୍ର ଚିନ୍ତା କରିବାକୁ ହେବ । ତତ୍ପରେ ଦଶ ଦଣ୍ଡ ଭିତରେ କଳାତୀତ ସ୍ଥାନରେ ମନ୍ତ୍ର ଧ୍ୟାନ କରିବ । ଦିବସରେ ପ୍ରଥମ ଦଶଦଣ୍ଡ ମଧ୍ୟରେ ବ୍ରହ୍ମରନ୍ଧ୍ରରେ ମନ୍ତ୍ର ଧ୍ୟାନ କରିବ, ଦ୍ୱିତୀୟ ଦଶ ଦଣ୍ଡରେ ହୃଦୟରେ ଏବଂ ତୃତୀୟ ଦଶ ଦଣ୍ଡ ମଧ୍ୟରେ ମନଶ୍ଚକ୍ରରେ ମନ୍ତ୍ର ଚିନ୍ତା କରିବ । ଦିବସରେ ବା ରାତ୍ରି କାଳରେ ଯେଉଁ ସମୟରେ ଜପରେ ପ୍ରବୃତ୍ତ ହେବ, ସେହି ସମୟରେ ହିଁ ସପ୍ତଚ୍ଛଦା ପରେ ସମୟାନୁସାରେ ନିର୍ଦ୍ଦିଷ୍ଟ ସ୍ଥାନରେ ମନ୍ତ୍ର ଚିନ୍ତା କରିବ ।

(୨୬) **ଉତ୍କୀଳନ** - ଦେବତାଙ୍କର ଗାୟତ୍ରୀ ଦଶଥର ଜପ କରିବ ।

(୨୭) **ଦୃଷ୍ଟିସେତୁ** - ନାସାଗ୍ରରେ ବା ଭ୍ରୂମଧ୍ୟ-ସ୍ଥାନରେ ଦୃଷ୍ଟି ସ୍ଥାପନ କରି ଦଶଥର ପ୍ରଣବ ଜପ କରିବ । ପ୍ରଣବରେ ଅନଧିକାରୀ ଓଁ ମନ୍ତ୍ର ଜପ କରିବେ ।

(୨୮) **ଜପାରମ୍ଭ** - ସହସ୍ରାରରେ ଗୁରୁଦେବଙ୍କ ଧ୍ୟାନ, ଜିହ୍ୱାମୂଳରେ ମନ୍ତ୍ରବର୍ଣ୍ଣ ଧ୍ୟାନ ଓ ହୃଦୟରେ ଇଷ୍ଟଦେବତାଙ୍କ ଧ୍ୟାନ କରି ପରେ ସହସ୍ରାରରେ ଗୁରୁମୂର୍ତ୍ତି ତେଜୋମୟ, ଜିହ୍ୱାମୂଳରେ ମନ୍ତ୍ର ବର୍ଣ୍ଣ ତେଜୋମୟ ଓ ହୃଦୟରେ ଇଷ୍ଟଦେବତାଙ୍କ ମୂର୍ତ୍ତି ତେଜୋମୟ ବୋଲି ଚିନ୍ତା କରିବ । ଅନ୍ତରର ଏହି ତିନି ତେଜଙ୍କ ଏକତା ଭାବି ଏହି ତେଜପ୍ରଭାବରେ ନିଜକୁ ମଧ୍ୟ ତେଜୋମୟ ଓ ଅଭିନ୍ନ ଭାବନା କରିବ । ଏହାପରେ କାମକଳାର ଧ୍ୟାନ କରି ନିଜର ଶରୀର ନାହିଁ (ଅର୍ଥାତ୍ କାମକଳାର ରୂପ ତ୍ରି-ବିନ୍ଦୁକୁ ହିଁ ନିଜ ଦେହ) ମନେ କରି ଜପ ଆରମ୍ଭ କରିବ ।*

* କାମକଳା ତତ୍ତ୍ୱ 'ଯୋଗୀଗୁରୁ' ଗ୍ରନ୍ଥରେ ଲିଖିତ ହୋଇଅଛି ।

ଶାକ୍ତ, ଶୈବ, ବୈଷ୍ଣବ ଆଦି ସମସ୍ତେ ଏହି ପ୍ରକାରରେ ଜପ-ରହସ୍ୟ ସମ୍ପାଦନ କରିପାରିବେ । ଉପରୋକ୍ତ ଜପରହସ୍ୟ ଶ୍ରୀମଦ୍ ଦକ୍ଷିଣକାଳିକା ଦେବୀଙ୍କର । ଅନ୍ୟାନ୍ୟ ଦେବତାଙ୍କ ଜପରହସ୍ୟ ପ୍ରାୟ ଏହିପରି । କେବଳ କଲ୍ଲୁକା, ସେତୁ, ମହାସେତୁ, ମୁଖଶୋଧନ ଓ କରଶୋଧନ ଦେବତା ଭେଦରେ ପୃଥକ୍ ହେବ । ନିଜ ନିଜ ଇଷ୍ଟଦେବତାଙ୍କର ଏହି କେତୋଟି ବିଷୟ ପଦ୍ଧତି-ଗ୍ରନ୍ଥାଦିରେ ଲିପିବଦ୍ଧ ଅଛି । ପାଠକମାନେ ସେଥିରୁ ଦେଖି ସମସ୍ତ ବୁଝିପାରିବେ । ପୁନଶ୍ଚ ପ୍ରାଣାୟାମ ଏବଂ ୧୧।୧୨।୧୩।୨୨ ସଂଖ୍ୟକ ବିଷୟଗୁଡ଼ିକ ଜପର ଆଦି ଓ ଅନ୍ତରେ କରିବାକୁ ହୁଏ । ଏହା ବ୍ୟତୀତ ଅନ୍ୟ ସମସ୍ତ ଜପ ଆରମ୍ଭରୁ କରିବାକୁ ହୁଏ ।

ଉପରୋକ୍ତ **ଅଷ୍ଟବିଂଶତି ପ୍ରକାର ଜପରହସ୍ୟ** ଯଥାଯଥ ଭାବରେ ପଛକୁ ପଛ କ୍ରମାନ୍ୱୟରେ ସମ୍ପନ୍ନ କରି ହୃଦୟରେ ଇଷ୍ଟମୂର୍ତ୍ତିଙ୍କ ପାଦପଦ୍ମ ପ୍ରତି ଲକ୍ଷ୍ୟ ସ୍ଥାପନ କରି ଜପ ଆରମ୍ଭ କରିବ । ଜପର ନିୟମ ଏବଂ କୌଶଳାଦି ଏଥି ପୂର୍ବରୁ ବର୍ଣ୍ଣିତ ହୋଇଅଛି । ଉପରୋକ୍ତ ପ୍ରକାରରେ ଯଥାସାଧ୍ୟ ଜପପୂର୍ବକ ପୁନରାୟ କଲ୍ଲୁକା, ସେତୁ, ମହାସେତୁ, ଅଶୌଚଭଙ୍ଗ ଓ ପ୍ରାଣାୟାମ କରି ଯଥାବିଧି ଜପ କରିବ ।

ଜପ ରହସ୍ୟ ସମ୍ପାଦନ ନ କଲେ ଯେପରି ଫଳପ୍ରାପ୍ତି ହେବାର ସମ୍ଭାବନା ନାହିଁ, ସେହିପରି ବିଧିପୂର୍ବକ ଜପସମର୍ପଣ ନ କଲେ ଜପଜନିତ ତେଜ କିଛି ମାତ୍ର ରହେ ନାହିଁ । ଜପରେ ଯେଉଁ ଭାବରେ ସମସ୍ତେ ଜପ ସମର୍ପଣ କରିଥା'ନ୍ତି, ସେଥିରେ ସାଧକଙ୍କର ଜପଜନିତ ତେଜ କିଛି ମାତ୍ର ରହେନାହିଁ । ଯଦି ଜପଜନିତ ତେଜ ନ ରହିଲା, ତେବେ ଜପ ପୁରଶ୍ଚରଣାଦି ସମ୍ପାଦନ କରିବାର ପ୍ରୟୋଜନୀୟତା କ'ଣ ? ଅଭିଜ୍ଞ ତାନ୍ତ୍ରିକ ସାଧକମାନେ ଯେଉଁ ପ୍ରଣାଳୀରେ ଜପ ସମର୍ପଣ କରିଥା'ନ୍ତି, ତାହା ନିମ୍ନରେ ବିବୃତ କରୁଅଛି ।

ଜପ ଶେଷ ହେଲେ ପ୍ରଥମେ **ଓଁ ରକ୍ତବର୍ଣ୍ଣା ଚତୁର୍ଭୁଜାଂ ସିଂହାରୂଢ଼ାଂ ଶଙ୍ଖ-ଚକ୍ର-ଧନୁର୍ବାଣ-କରାଂ କାମିନୀଂ**—ଏହି ମନ୍ତ୍ରରେ କାମନୀ ଧ୍ୟାନ କରି ତାଙ୍କୁ **'କଂ'** ବୀଜରୂପା ଭାବନା କରିବ । ପରେ ଗୁରୁଦତ୍ତ ବୀଜମନ୍ତ୍ରର ମଧ୍ୟରେ ଯେଉଁ

କେତୋଟି ବର୍ଣ୍ଣ ଥିବ, ତାହା ଏହି 'କଂ' ବୀଜର ଗର୍ଭ ମଧ୍ୟରେ ଅଛି ବୋଲି ଭାବନା କରି ସେହି ବୀଜର ପ୍ରତ୍ୟେକ ବର୍ଣ୍ଣରେ ଅନୁସ୍ୱାର (ଂ) ଦେଇ ଅନୁଲୋମ-ବିଲୋମ କ୍ରମରେ ଦଶଥର କରି ଜପ କରିବ । ଅର୍ଥାତ୍ ଯଦି 'କ୍ରୀଂ' ବୀଜ ହୁଏ ତେବେ 'କଂ' ଦଶଥର, 'ରଂ' ଦଶଥର ଓ 'ଈଂ' ଦଶଥର ଏବଂ 'ଈଂ' ଦଶଥର, 'ରଂ' ଦଶଥର ଓ 'କଂ' ଦଶଥର ଜପ କରିବ । ଏହିପରି ଯାହାଙ୍କର ଯେଉଁ ବୀଜ ହେବ, ତାଙ୍କର ପ୍ରତ୍ୟେକ ବର୍ଣ୍ଣରେ ଅନୁସ୍ୱାର ଯୁକ୍ତ କରି ଅନୁଲୋମ-ବିଲୋମ କ୍ରମରେ ଜପ କରିବେ । ପରେ କାମିନୀରୂପା 'କଂ' ବୀଜର ଗର୍ଭରେ ଜ୍ୟୋତିସ୍ତତ୍ତ୍ୱ 'ହ୍ରୀଂ' ମନ୍ତ୍ର ଜପ କରି ଏହି କାମିନୀ ଓ ଜ୍ୟୋତିସ୍ତତ୍ତ୍ୱ ଏକୀଭୂତ ହୋଇଅଛନ୍ତି ବୋଲି ଚିନ୍ତା କରିବେ । ଏହି ଜ୍ୟୋତିସ୍ତତ୍ତ୍ୱ ଜୀବାତ୍ମା ଠାରୁ ପୃଥକ୍ ନୁହନ୍ତି । ପରେ ଏହି ଏକୀଭୂତା ଜ୍ୟୋତିଃସ୍ୱରୂପା କାମିନୀଙ୍କୁ ସହସ୍ରରେ ସ୍ଥାପନପୂର୍ବକ ବାହ୍ୟ ଜପ ସମର୍ପଣ କରିବ । ଅର୍ଥାତ୍ ଉକ୍ତ ପ୍ରକ୍ରିୟା ଦ୍ୱାରା ତେଜୋରୂପ ଜପଫଳ କାମିନୀଙ୍କ ଗର୍ଭରେ ଜୀବାତ୍ମାଙ୍କ ନିକଟରେ ସ୍ଥାପନ କରି ପରେ ଦେବତାଙ୍କ ହସ୍ତରେ -

''ଓଁ ଗୁହ୍ୟାତିଗୁହ୍ୟଗୋପ୍ତା ତ୍ୱଂ ଗୃହାଣାସ୍ମତ୍କୃତଂ ଜପମ୍ ।
ସିଦ୍ଧିର୍ଭବତୁ ମେ ଦେବ ତ୍ୱତ୍ ପ୍ରସାଦାତ୍ ତ୍ୱୟି ସ୍ଥିତେ ।।''

ଏହି ମନ୍ତ୍ର ପାଠ କରି ଜପ ସମର୍ପଣ କରିବ । ଦେବୀମନ୍ତ୍ରର ଜପ ବିସର୍ଜନରେ 'ଗୋପ୍ତା' ସ୍ଥଳରେ 'ଗୋପ୍ତ୍ରୀ' ଏବଂ 'ଦେବ' ସ୍ଥଳରେ 'ଦେବି' ପାଠ କରିବ । ଉପରୋକ୍ତ ପ୍ରକାରରେ ଜପ ସମର୍ପଣ କରିପାରିଲେ, ସାଧକଙ୍କର ଜପଜନିତ ତେଜର କିଛି ମାତ୍ର ହାନି ହୁଏ ନାହିଁ । ତେଣୁ ଶାକ୍ତ, ବୈଷ୍ଣବ ସମସ୍ତେ ଜପ ସମର୍ପଣ କରିବା କର୍ତ୍ତବ୍ୟ ।

ଯେଉଁମାନେ ଜପ କରି ସିଦ୍ଧିଲାଭ କରିବାକୁ ଇଚ୍ଛା କରନ୍ତି, ସେମାନେ ଏହି ଜପରହସ୍ୟ ସମ୍ପାଦନ ଏବଂ ଜପ ଶେଷରେ ଜପ ସମର୍ପଣ କରିବେ । ଅନ୍ୟଥା ମନ୍ତ୍ରଜପରେ ଫଳଲାଭର ଆଶା ନାହିଁ । ଆହୁରି ମଧ୍ୟ ନାନାବିଧ ପ୍ରଣାଳୀରେ ଜପ କରି ମନ୍ତ୍ର ସିଦ୍ଧି ଲାଭ କରାଯାଇପାରେ । ମୁଁ ଆଉ କେତୋଟି ପ୍ରଣାଳୀ ନିମ୍ନରେ ଲିପିବଦ୍ଧ କଲି ।

# ମନ୍ତ୍ରାର୍ଥ ଓ ମନ୍ତ୍ରଚୈତନ୍ୟ

ମନ୍ତ୍ରଜପରେ ସିଦ୍ଧିଲାଭ କରିବାକୁ ହେଲେ ମନ୍ତ୍ରଚୈତନ୍ୟ କରି ଓ ମନ୍ତ୍ରାର୍ଥ ପରିଜ୍ଞାତ ହୋଇ ଯଥାବିଧି ଜପ କରିବାକୁ ହୁଏ । ମନ୍ତ୍ରସିଦ୍ଧି ଲାଭ କରିବାକୁ ହେଲେ ମନ୍ତ୍ର ଯେଉଁ ଅକ୍ଷରରେ, ଯେଉଁ ଭାବରେ, ଯେଉଁ ଛନ୍ଦୋବନ୍ଧରେ ଗ୍ରଥିତ, ତାକୁ ସେହି ଭାବରେ ଜପ କରିବାକୁ ହେବ । ତେବେ ଯାଇ ମନ୍ତ୍ରରେ ସିଦ୍ଧିଲାଭ ହେବ । ତନ୍ତ୍ରଶାସ୍ତ୍ରରେ ମଧ୍ୟ ଉକ୍ତ ଅଛି ଯେ —

**''ମନୋଽନ୍ୟତ୍ର ଶିବୋଽନ୍ୟତ୍ର ଶକ୍ତିରନ୍ୟତ୍ର ମାରୁତଃ ।**
**ନ ସିଧ୍ୟନ୍ତି ବରାରୋହେ କଳ୍ପକୋଟିଶତୈରପି ।।'' (କୁଳାର୍ଣ୍ଣବ)**

ମନ୍ତ୍ର ଜପ ସମୟରେ ମନ, ପରମଶିବ, ଶକ୍ତି ଏବଂ ବାୟୁ ପୃଥକ୍ ପୃଥକ୍ ସ୍ଥାନରେ ଥିଲେ ଅର୍ଥାତ୍ ଏମାନଙ୍କର ଏକତ୍ର ସଂଯୋଗ ନ ହେଲେ ଶତକଳ୍ପରେ ମଧ୍ୟ ମନ୍ତ୍ରସିଦ୍ଧି ହୋଇପାରେ ନାହିଁ ।

ଏହି ସବୁ ତଥ୍ୟ ସମ୍ୟକ୍ ଭାବରେ ଅବଗତ ନ ହୋଇ ଅନେକେ କହନ୍ତି ଯେ, 'ମନ୍ତ୍ର ଜପ କରି ମଧ୍ୟ କିଛି ଫଳ ହେଉ ନାହିଁ'—ଏକଥା କେହି ହୃଦୟଙ୍ଗମ କରିବାକୁ ଇଚ୍ଛା କରନ୍ତି ନାହିଁ । ବର୍ତ୍ତମାନ ଦେଖିବା ଜଗଦ୍‌ଗୁରୁ ଯୋଗେଶ୍ୱର କ'ଣ କହୁଛନ୍ତି —

**''ଅନ୍ଧକାରଗୃହେ ଯଦ୍‌ବନ୍ନ କିଞ୍ଚିତ୍ ପ୍ରତିଭାସତେ ।**
**ଦୀପନୀରହିତୋ ମନ୍ତ୍ରସ୍ତଥୈବ ପରିକୀର୍ତ୍ତିତଃ ।।'' (ସରସ୍ୱତୀ ତନ୍ତ୍ର)**

ଆଲୋକବିହୀନ ଅନ୍ଧକାର ଗୃହରେ ଯେପରି କିଛି ଦେଖାଯାଏ ନାହିଁ, ସେହିପରି ଦୀପବିହୀନ ମନ୍ତ୍ରଜପରେ କୌଣସି ଫଳ ମିଳେନାହିଁ । ଅନ୍ୟ ତନ୍ତ୍ରରେ ବ୍ୟକ୍ତ ହୋଇଅଛି —

**''ମଣିପୁରେ ସଦା ଚିନ୍ତ୍ୟଂ ମନ୍ତ୍ରାଣାଂ ପ୍ରାଣରୂପକେ ।।''**

ଅର୍ଥାତ୍ ''ମନ୍ତ୍ରର ପ୍ରାଣରୂପକୁ ମଣିପୁରଚକ୍ରରେ ସର୍ବଦା ଚିନ୍ତା କରିବ ।'' ପ୍ରକୃତପକ୍ଷରେ ମଣିପୁରରେ ହିଁ ମନ୍ତ୍ରର ପ୍ରାଣ ନିହିତ । ତାହା ଅବଗତ ହୋଇ

କ୍ରିୟା ନ କଲେ, କେବେହେଲେ ମନ୍ତ୍ରଚୈତନ୍ୟ ହେବନାହିଁ, ସୁତରାଂ ପ୍ରାଣହୀନ ଦେହ ପରି ଅଚୈତନ୍ୟ ମନ୍ତ୍ର ଜପ କଲେ କିଛି ମାତ୍ର ଫଳ ନାହିଁ । କିନ୍ତୁ ଏହି ମନ୍ତ୍ରର ପ୍ରାଣ ଯେ କିପରି ଭାବରେ ମଣିପୁରଚକ୍ରରେ ବିଦ୍ୟମାନ, ତାହା କୌଣସି ଗୁରୁ ବୁଝାଇ ଦେଇପାରିବେ କି ? ମୁଁ ଜାଣେ, ଗୃହସ୍ଥ-ଗୁରୁମାନଙ୍କ ମଧ୍ୟରେ ସେଭଳି ଜଣେ ହେଲେ ନାହାନ୍ତି । ଯୋଗୀ ଓ ସନ୍ନ୍ୟାସୀମାନଙ୍କ ମଧ୍ୟରୁ ଅତି ଅଳ୍ପସଂଖ୍ୟକ ବ୍ୟକ୍ତି ଏହି ସଙ୍କେତ ଓ କ୍ରିୟାନୁଷ୍ଠାନ ଜ୍ଞାତ ଅଛନ୍ତି । ତେବେ ଦେଖ, ମାଳା ଝୁଲା ଧରି କେବଳ ବାହ୍ୟାଡ଼ମ୍ବର ଓ ଅନୁଷ୍ଠାନ କଲେ ଫଳ ପାଇବ ବା କିପରି ? କିନ୍ତୁ କେତେ ଜଣ ଗୁରୁ ଦୀକ୍ଷା ସଙ୍ଗେ ଶିଷ୍ୟକୁ ମନ୍ତ୍ରଚୈତନ୍ୟର ଉପାୟାଦି ଶିକ୍ଷା ଦେଇଥା'ନ୍ତି ? ପୁଣି ରୁଦ୍ରଯାମଳରେ ଉକ୍ତ ଅଛି ଯେ, ଯେଉଁ ବ୍ୟକ୍ତି ମନ୍ତ୍ରାର୍ଥ ଜାଣନ୍ତି ନାହିଁ, ତାଙ୍କର ସିଦ୍ଧି ବା କିପରି ହେବ ? ଯେଭଳି ପଶୁଭାବହୀନ ବ୍ୟକ୍ତି ପଶୁଭାବର ଫଳଭୋଗ କରିପାରନ୍ତି ନାହିଁ, ସେହିଭଳି ମନ୍ତ୍ରାର୍ଥ-ଅନଭିଜ୍ଞ ବ୍ୟକ୍ତି ଜପଫଳ ଲାଭ କରିପାରନ୍ତି ନାହିଁ । ମନ୍ତ୍ରାର୍ଥର ଅର୍ଥ ଶବ୍ଦାର୍ଥ ନୁହେଁ । ମନ୍ତ୍ରର ଭାବାର୍ଥ ଉପଲବ୍ଧି କରିବା ଆବଶ୍ୟକ । ସୁତରାଂ ଏହା ସାଧନସାପେକ୍ଷ । ମନ୍ତ୍ର ଓ ଦେବତାଙ୍କର ଅଭେଦ ଜ୍ଞାନ ହିଁ ମନ୍ତ୍ରାର୍ଥ । ଯଥା —

> "ମନ୍ତ୍ରାର୍ଥ-ଦେବତାରୂପ-ଚିନ୍ତନଂ ପରମେଶ୍ୱରି ।
> ବାଚ୍ୟବାଚକଭାବେନ ଅଭେଦୋ ମନ୍ତ୍ରଦେବୟୋଃ ।।" (ରୁଦ୍ରଯାମଳ)

ଇଷ୍ଟଦେବତାଙ୍କ ମୂର୍ତ୍ତି ଚିନ୍ତାକଲେ, ଅର୍ଥାତ୍ ଦେବତାଙ୍କ ଶରୀର ଓ ମନ୍ତ୍ର ଅଭିନ୍ନ ବୋଲି ଭାବିପାରିଲେ ମନ୍ତ୍ରାର୍ଥ ଭାବନା ହୋଇଥାଏ । ଦେବତାଙ୍କ ରୂପଚିନ୍ତନ ହିଁ ମନ୍ତ୍ରାର୍ଥ । ମନ୍ତ୍ର ଓ ଦେବତା ବାଚ୍ୟ-ବାଚକ ଭାବରେ ଅଭିନ୍ନ, ଦେବତା ମନ୍ତ୍ରର ବାଚ୍ୟ ଏବଂ ମନ୍ତ୍ର ଦେବତାଙ୍କର ବାଚକ । ସୁତରାଂ ବାଚ୍ୟ ବିଜ୍ଞାତ ହେଲେ ବାଚକ ପ୍ରସନ୍ନ ହୁଅନ୍ତି । ଏହିପରି ଭାବରେ ମନ୍ତ୍ରର ଅର୍ଥ ପରିଜ୍ଞାତ ହୋଇ ଜପ ନ କଲେ, ମନ୍ତ୍ରସିଦ୍ଧି ଲାଭ ହୋଇପାରେ ନାହିଁ । ଅତଏବ, ସମସ୍ତେ ନିଜ ନିଜ ଇଷ୍ଟଦେବତାଙ୍କର ଓ ନିଜ ନିଜ ମନ୍ତ୍ରର ଅର୍ଥ ଜ୍ଞାତ ଥିବା ଏକାନ୍ତ ଆବଶ୍ୟକ । ଶାସ୍ତ୍ରରେ ମନ୍ତ୍ରାର୍ଥଜ୍ଞାନର ଗୋଟିଏ ଉତ୍କୃଷ୍ଟ ଉପାୟ ଅଛି । ସେହି ଉପାୟରେ ସମସ୍ତେ ସବୁପ୍ରକାର ମନ୍ତ୍ରାର୍ଥ

ପରିଜ୍ଞାତ ହୋଇପାରିବେ । ତଦ୍ଦ୍ୱାରା ମନ୍ତ୍ରର ଅର୍ଥ ଆପଣା ମନକୁ ସାଧକଙ୍କ ହୃଦୟରେ ପ୍ରତିଫଳିତ ହୋଇଥାଏ । ନିମ୍ନରେ ତାହାର କ୍ରମ ଲିଖିତ ହେଲା ।

ଗୁରୁଦତ୍ତ ଇଷ୍ଟମନ୍ତ୍ରକୁ ପ୍ରଥମେ ମନେକରିବ ଯେ, ତାହା ମୂଳାଧାରଚକ୍ରରେ କୁଣ୍ଡଳିନୀ-ଶକ୍ତି ରୂପରେ ରହିଛନ୍ତି । ଏହାଙ୍କର କାନ୍ତି ଅତ୍ୟନ୍ତ ନିର୍ମଳ ସ୍ଫଟିକସଦୃଶ ଶୁଭ୍ରବର୍ଣ୍ଣ ଏବଂ ସେଥିରେ ହିଁ ମନ୍ତ୍ରର ଅକ୍ଷରଶ୍ରେଣୀ ତଦ୍‌ଭେଦ ଭାବରେ ବିରାଜମାନ କରୁଅଛି । ଅର୍ଦ୍ଧମୁହୂର୍ତ୍ତ ଏହିଭଳି ଭାବନା କରି ପରେ ଚିନ୍ତା କରିବ ଯେ, ଜୀବ ମନ ସହିତ ସ୍ୱାଧିଷ୍ଠାନଚକ୍ରକୁ ଗମନ କରିଅଛି । ଏହି ଚକ୍ରରେ ମଧ୍ୟ ବନ୍ଧୁକ - କୁସୁମାରୁଣବର୍ଣ୍ଣରୂପ ( ବନ୍ଧୁକ ପୁଷ୍ପତୁଲ୍ୟ ଅରୁଣ ବର୍ଣ୍ଣରୂପ)ରେ ଇଷ୍ଟଦେବତା ଓ ମନ୍ତ୍ରାକ୍ଷର ଶ୍ରେଣୀ ଏକ ହୋଇ ବିରାଜମାନ କରୁଛନ୍ତି । ମୁହୂର୍ତ୍ତାର୍ଦ୍ଧ ଏହି ପ୍ରକାରରେ ଚିନ୍ତାକରି ପରେ ମଣିପୁରଚକ୍ରରେ ମଧ୍ୟ ସ୍ୱଚ୍ଛସ୍ଫଟିକ ସଦୃଶ ଶୁଭ୍ରବର୍ଣ୍ଣ ଓ ଅଭିନ୍ନ ଭାବନା କରିବା କର୍ତ୍ତବ୍ୟ । ଏହାପରେ ମନେକରିବ ଯେ, ଦେବତା ଓ ମନ୍ତ୍ର ସହସ୍ରଦଳ କମଳରେ ବିରାଜମାନ କରୁଛନ୍ତି, ତାଙ୍କର ବର୍ଣ୍ଣ ସ୍ଫଟିକ ଅପେକ୍ଷା ସୁଶୁଭ୍ର । ଏହାପରେ ହୃତ୍‌ପଦ୍ମକୁ ଜୀବର ଗମନ, ସେଠାରେ ମଧ୍ୟ ଧ୍ୟାନଯୋଗ ଦ୍ୱାରା ଚିନ୍ତା କରିବ ଯେ, ତାଙ୍କର ବର୍ଣ୍ଣ ମରକତ ମଣି ସଦୃଶ ଶ୍ୟାମବର୍ଣ୍ଣ । ତତ୍ପରେ ବିଶୁଦ୍ଧଚକ୍ରରେ ଏହିପରି ହରିଦ୍‌ବର୍ଣ୍ଣ ଧ୍ୟାନ କରି ଆଜ୍ଞାଚକ୍ରକୁ ଗମନ କରିବ । ସେଠାରେ ମନ୍ତ୍ରମୟ ଇଷ୍ଟଦେବତା ସାକ୍ଷାତ୍ ବ୍ରହ୍ମସ୍ୱରୂପିଣୀ ଓ ପୂର୍ବୋକ୍ତ ବର୍ଣ୍ଣ-ଚତୁଷ୍ଟୟାନୁରଞ୍ଜିତା । ଏହିପରି ଧ୍ୟାନ କରୁ କରୁ ଗୋଟିଏ ଅନିର୍ବଚନୀୟ ରୂପ ବା ଭାବ ଆବିର୍ଭୂତ ହେବ । ସେହି ଅନିର୍ବାଚ୍ୟ ରୂପ ବା ଭାବ ଜପ୍ୟ ମନ୍ତ୍ରର ଯଥାର୍ଥ ଅର୍ଥ ।

ଏହିପରି ମନ୍ତ୍ରାର୍ଥ ନିର୍ଣ୍ଣୟ କରି ପରେ ମନ୍ତ୍ରଚୈତନ୍ୟ କରାଇବ । ଚୈତନ୍ୟ ସହିତ ମନ୍ତ୍ର ସର୍ବସିଦ୍ଧିପ୍ରଦ । ଯେଉଁ ବ୍ୟକ୍ତି ଚୈତନ୍ୟରହିତ ମନ୍ତ୍ର ଜପ କରନ୍ତି, ତାଙ୍କର ଫଳଆଶା ସୁଦୂରପରାହତ । ପରନ୍ତୁ, ସେଥିରେ ପ୍ରତ୍ୟବାୟଭାଗୀ ହେବାକୁ ପଡ଼େ । ଏହା ମୋର ମନଗଢ଼ା କଥା ନୁହେଁ । ଶାସ୍ତ୍ରରେ ମଧ୍ୟ ଉକ୍ତ ଅଛି —

**''ଚୈତନ୍ୟରହିତା ମନ୍ତ୍ରାଃ ପ୍ରୋକ୍ତବର୍ଣ୍ଣାସ୍ତୁ କେବଳାଃ ।**
**ଫଳଂ ନୈବ ପ୍ରଯଚ୍ଛନ୍ତି ଲକ୍ଷକୋଟିଶତୈରପି ।।'' (ଭୂତଶୁଦ୍ଧି ତନ୍ତ୍ର)**

ଅଚୈତନ୍ୟ ମନ୍ତ୍ର କେବଳ ବର୍ଣ୍ଣ ମାତ୍ରା ସୁତରାଂ ଶତଲକ୍ଷକୋଟି ଜପରେ ମଧ୍ଯ ଫଳ ପ୍ରଦାନ କରିବାକୁ ତାହା ସମର୍ଥ ହୁଏ ନାହିଁ ।

ଅତଏବ, ଜାପକମାନଙ୍କୁ ଜପ୍ୟମନ୍ତ୍ରର ଚୈତନ୍ୟ ସମ୍ପାଦନ କରାଇଦେବାକୁ ହୁଏ । ମନ୍ତ୍ରଗୁଡ଼ିକ ବର୍ଣ୍ଣ ନୁହନ୍ତି, ନାଦରୂପିଣୀ ଶବ୍ଦବ୍ରହ୍ମ ଦେବୀ ହିଁ ମନ୍ତ୍ରବାଦର ମୂଳାତ୍ମିକା ଶକ୍ତି ।*। ଏହି ଶବ୍ଦ ଯେଉଁ କାର୍ଯ୍ୟନିମିତ୍ତ ଯେଉଁ ସବୁ ଭାବରେ ଏକତ୍ର ଗ୍ରଥିତ ହୋଇ ଯୋଗବଳଶାଳୀ ଋଷିମାନଙ୍କ ହୃଦୟରୁ ଉତ୍‌ଥିତ ହୋଇଅଛି, ତାହାହିଁ ମନ୍ତ୍ରରୂପରେ ଗ୍ରଥିତ ହୋଇ ରହିଅଛି । ଅତଏବ, ମନ୍ତ୍ର ଶବ୍ଦ ଯେ ଏକ ଅଲୌକିକ ଶକ୍ତି ଓ ବୀର୍ଯ୍ୟଶାଳୀ, ଏଥିରେ ସନ୍ଦେହର କିଛି ମାତ୍ର ଅବକାଶ ନାହିଁ । ମନ୍ତ୍ର ଶବ୍ଦର ଅର୍ଥ ହେଉଛି ଯେ —

**"ମନନାତ୍ ତ୍ରାୟତେ ଯସ୍ମୁ ସ ମନ୍ତ୍ରଃ ପରିକୀର୍ତ୍ତିତଃ ।।"**

ଅର୍ଥାତ୍ ଯାହାର ସ୍ମରଣମାତ୍ରକେ ଜୀବ ଭବ-ବନ୍ଧନରୁ ମୁକ୍ତ ହୁଏ, ତାହାହିଁ ମନ୍ତ୍ର ନାମରେ ଅଭିହିତ ହୋଇଅଛି । ଯେପରି କ୍ଷୁଦ୍ର ସର୍ଷପ ପରିମିତ ଅଶ୍ୱତ୍ଥ ବୀଜ ମଧ୍ୟରେ ବୃହତ୍ ଅଶ୍ୱତ୍ଥ ବୃକ୍ଷଟି କାରଣ ରୂପରେ ନିହିତ ଥାଏ, ପ୍ରକୃତିର ସହାୟତା ଫଳରେ ସେହି କାରଣରୁ ହିଁ ବୃକ୍ଷର ଉତ୍ପତ୍ତି ହୋଇଥାଏ, ସେହିପରି ଦେବଦେବୀଙ୍କର ବୀଜମନ୍ତ୍ରରେ ସେମାନଙ୍କ ସୂକ୍ଷ୍ମଶକ୍ତି ନିହିତ ଥାଏ । ଶୁଣିବାକୁ କେବଳ ବର୍ଣ୍ଣ ମାତ୍ର, କିନ୍ତୁ କ୍ରିୟାଦ୍ୱାରା ତାହାର ଶକ୍ତି ଜାଗ୍ରତ କରାଇଦେଲେ ଯେଉଁ ଦେବତାଙ୍କର ଯେଉଁ ବୀଜ, ସେହି ଦେବତାଙ୍କ ଶକ୍ତି ଯେ କାର୍ଯ୍ୟ କରିବ, ସେଥିରେ ସନ୍ଦେହ ନାହିଁ । ଯୋଗଯୁକ୍ତ ହୃଦୟର ଆନ୍ତରିକ ସ୍ଫୁରଣ ଫଳରେ ମନ୍ତ୍ରର ପ୍ରଭାବ ପ୍ରତିଷ୍ଠିତ ଓ ବିକୀରଣ ହୋଇଥାଏ । ଅତଏବ, ମନ୍ତ୍ରକୁ ଚୈତନ୍ୟ କରିବା — ଏହି କଥାର ଅର୍ଥ ହେଉଛି ଯେ ମନ୍ତ୍ରକୁ ଚିତ୍‌ଶକ୍ତିରେ ସମାରୂଢ଼ କରାଇବା । ଅର୍ଥାତ୍ ବର୍ଣ୍ଣଭାବ ବା ଅକ୍ଷରଭାବ ଦୂରୀକୃତ କରି ମନ୍ତ୍ରକୁ ଚେତନଭାବରେ ପରିଣତ କରାଇବା । ମନ୍ତ୍ରରେ ଚିତ୍‌ଶକ୍ତି ସମାରୂଢ଼ ହେଲେ ଶାସ୍ତ୍ର ତାହାକୁ ସଚେତନ ବା ସଜୀବ ମନ୍ତ୍ର କୁହାଯାଏ । ଅଚୈତନ୍ୟ ମନ୍ତ୍ରର ନାମ ଲୁପ୍ତବୀଜ ମନ୍ତ୍ର । ଲୁପ୍ତବୀଜ ମନ୍ତ୍ର ଜପ କଲେ କୌଣସି ଫଳଲାଭ ହୁଏ ନାହିଁ । ଯଥା —

* ମତ୍‌ପ୍ରଣୀତ 'ଯୋଗୀଗୁରୁ' ଗ୍ରନ୍ଥରେ 'ମନ୍ତ୍ରତତ୍ତ୍ୱ' ବିଶଦଭାବରେ ଲେଖାଅଛି । ଉକ୍ତ ପୁସ୍ତକର 'ମନ୍ତ୍ରକକ୍ଷ' ଦ୍ରଷ୍ଟବ୍ୟ ।

"ଲୁପ୍ତବୀଜାଶ୍ଚ ଯେ ମନ୍ତ୍ରା ନ ଦାସ୍ୟନ୍ତି ଫଳଂ ପ୍ରିୟେ ।।"

ମନ୍ତ୍ରଚୈତନ୍ୟ କରିବା ଅତିଶୟ କଠିନ ସାଧନସାପେକ୍ଷ । ମନ୍ତ୍ରଚୈତନ୍ୟ କରିବାର ସଂକ୍ଷିପ୍ତ ଓ ସାଙ୍କେତିକ କାର୍ଯ୍ୟ ଅନେକ ଅଛି । ବିଶେଷତଃ ତାହା କ୍ରିୟାମୟୀ ଗୁରୁଦେବଙ୍କ ନିକଟରୁ ସଙ୍କେତ ଓ କ୍ରିୟା ଅବଗତ ହୋଇ ମନ୍ତ୍ରଚୈତନ୍ୟ କଲେ, ଶୀଘ୍ର ଫଳଲାଭ ହୋଇପାରେ । ଶାସ୍ତ୍ରରେ **ମନ୍ତ୍ରଚୈତନ୍ୟ କରାଇବାର ବହୁବିଧ ପ୍ରଣାଳୀ** ଅଛି । ସେଥିରୁ କେତୋଟି ମାତ୍ର ନିମ୍ନରେ ଲିପିବଦ୍ଧ କଲି ।

ମନେ ମନେ ଏକାଗ୍ର ଭାବରେ ଚିନ୍ତାକରିବ ଯେ, ବର୍ଣ୍ଣଗୁଡ଼ିକ ସୂକ୍ଷ୍ମ ଅନାହତ ଶବ୍ଦରେ ବାସ କରେ ଏବଂ ଚିତ୍‌ଶକ୍ତିର ପ୍ରେରଣାରେ ସୁଷୁମ୍ନା-ପଥରେ କଣ୍ଠଦେଶ ଦେଇ ଅତିବାହିତ ହୋଇଥାଏ । ଏହାପରେ ଚିନ୍ତା କରିବ ଯେ, ମନ୍ତ୍ରର ଯେଉଁସବୁ ବର୍ଣ୍ଣ ଅଛି, ସେହି ବର୍ଣ୍ଣଗୁଡ଼ିକ ଚୈତନ୍ୟ ସହିତ ଏକ ହୋଇ ଶିରଃସ୍ଥିତ ସହସ୍ରାର-ପଦ୍ମରେ ଅବସ୍ଥାନ କରୁଅଛି । ସହସ୍ରଦଳ ପଦ୍ମରେ ଚୈତନ୍ୟଙ୍କର ପ୍ରକାଶ ଏବଂ ସେଥିରେ ମନ୍ତ୍ରାକ୍ଷରର ଚୈତନ୍ୟ ରୂପରେ ଅବସ୍ଥିତି । ଏହିପରି ଚିନ୍ତା କରିବା ପରେ ମଣିପୁରପଦ୍ମକୁ ସେହିପରି ଚୈତନ୍ୟାଧିଷ୍ଠିତ ମନ୍ତ୍ରର ପ୍ରାଣ ବୋଲି ଚିନ୍ତା କରିବ ।

ସହସ୍ରାରରୂପ ଶିବପୁରରେ ଚତୁର୍ବେଦାତ୍ମକ ଶାଖାଚତୁଷ୍ଟୟଯୁକ୍ତ ପୀତ, ରକ୍ତ, ଶ୍ୱେତ, କୃଷ୍ଣ ଓ ହରିଦ୍‌ବର୍ଣ୍ଣ ଅମ୍ଳାନ ପୁଷ୍ପପରିଶୋଭିତ, ସୁମଧୁର ଫଳାନ୍ୱିତ, ଭ୍ରମର ଓ କୋକିଳନିନାଦିତ କଳ୍ପବୃକ୍ଷର ଏବଂ ତାହାର ଅଧୋଭାଗରେ ରତ୍ନବେଦିକାର ଓ ତାହା ଉପରେ ପୁଷ୍ପଶଯ୍ୟାନ୍ୱିତ ମନୋହର-ପର୍ଯ୍ୟଙ୍କର ଚିନ୍ତା କରି ଏହି ପର୍ଯ୍ୟଙ୍କରେ କୁଳକୁଣ୍ଡଳିନୀ ସମନ୍ୱିତ ମହାଦେବଙ୍କୁ ଚିନ୍ତା କରିବ ଏବଂ ତତ୍ପରେ ତ୍ରି-ବର୍ଗଦାୟିନୀ ଇଷ୍ଟଦେବତାଙ୍କ ମନ୍ତ୍ର ଜପ କରିବ ।

ସୂର୍ଯ୍ୟମଣ୍ଡଳ ଲକ୍ଷ୍ୟକରି ତାହା ମଧ୍ୟରେ ଇଷ୍ଟମନ୍ତ୍ରର ଅବସ୍ଥାନ — ଏହିପରି ଚିନ୍ତା କରିବ ଓ ମନେ ମନେ ସେହି ମନ୍ତ୍ର ଜପ କରିବ ଏବଂ ଭାବିବ ଯେ, ଗୁରୁ ସାକ୍ଷାତ୍ ଶିବରୂପୀ, ସାକ୍ଷାତ୍ ବ୍ରହ୍ମରୂପୀ ଶକ୍ତି ତାଙ୍କ ସହିତ ଅଭିନ୍ନ ଭାବରେ ବିରାଜମାନ କରୁଛନ୍ତି । ଏହିପରି ଚିନ୍ତା କଲେ ମଧ୍ୟ ମନ୍ତ୍ରରେ ଚୈତନ୍ୟର ଆବେଶ ହୋଇପାରେ ।

ଚିତ୍‌ଶକ୍ତି ଅକ୍ଷର ଉଚ୍ଚାରଣର ଆଦିକାରଣ । ଚିତ୍‌ଶକ୍ତିରେ ବର୍ଣ୍ଣସମୂହ ଆରୂଢ଼ । ଅତଏବ, ମନ୍ତ୍ର ଯେତେବେଳେ ଷଟ୍‌ଚକ୍ର ଶୋଧନଦ୍ୱାରା (ପୂର୍ବୋକ୍ତ ମନ୍ତ୍ରାର୍ଥ ନିର୍ଣ୍ଣୟ ପରି) ଅକ୍ଷର ଭାବ ପରିତ୍ୟାଗ କରି ଚୈତନ୍ୟରେ ଆରୂଢ଼ ହୁଏ ଅର୍ଥାତ୍ ଚେତନାଶକ୍ତିରେ ସମନ୍ୱିତ ହୁଏ, ସେତେବେଳେ **ମନ୍ତ୍ରଚୈତନ୍ୟ** ହୋଇଥାଏ ।

ଏହିପରି ଭାବରେ ଚାରିଗୋଟି କ୍ରିୟା ମଧ୍ୟରୁ ଯେ କୌଣସି ଗୋଟିକୁ ଅବଲମ୍ବନ ପୂର୍ବକ ମନ୍ତ୍ର ଓ ଚିତ୍‌ଶକ୍ତିର ଅଭେଦ ଭାବନା କରୁ କରୁ ଉପଯୁକ୍ତ ସମୟରେ ମନ୍ତ୍ରରେ ଚୈତନ୍ୟ ଶକ୍ତିର ଆବେଶ ହୋଇଥାଏ । କହିବା ବାହୁଲ୍ୟ ଯେ ଯେଉଁ ଭାବନାର କଥା କୁହାଗଲା, ତାହା ଏକାଗ୍ରଭାବରେ ଚିନ୍ତା ଅର୍ଥାତ୍ ବିଷୟାଦିରୁ ମନକୁ ଆହୃତ କରି ତୈଳଧାରା ସଦୃଶ ଅବିଚ୍ଛିନ୍ନ ଚିନ୍ତାକୁ ବୁଝାଇଥାଏ । ଉପରୋକ୍ତ ଭାବରେ ଚିନ୍ତା କରୁ କରୁ ଆନନ୍ଦାଶ୍ରୁପାତ, ରୋମାଞ୍ଚ ଓ ନିଦ୍ରାବେଶ ହୋଇଥାଏ । ଏହାକୁ ହିଁ **ମନ୍ତ୍ରଚୈତନ୍ୟ** କୁହାଯାଏ । ମନ୍ତ୍ରଚୈତନ୍ୟ ହେଲେ ସାଧକଙ୍କ ହୃଦୟ ନିତ୍ୟାନନ୍ଦରେ ପରିପୂର୍ଣ୍ଣ ହୋଇଥାଏ ଏବଂ ଦେବତା ଦର୍ଶନ ହୋଇଥାଏ । ବିଷ୍ଣୁମନ୍ତ୍ର, ଶକ୍ତିମନ୍ତ୍ର ଓ ଶିବମନ୍ତ୍ର ଜପରେ ମନ୍ତ୍ରାର୍ଥ-ଜ୍ଞାନ ଓ ମନ୍ତ୍ରଚୈତନ୍ୟର ବିଶେଷ ଆବଶ୍ୟକତା ଅଛି ବୋଲି ଜାଣିବ । ଏହା ମୋର ମନଗଢ଼ା କଥା ନୁହେଁ । ଶାସ୍ତ୍ରରେ ମଧ୍ୟ ଉକ୍ତ ଅଛି —

**"ମୂଳମନ୍ତ୍ରଂ ପ୍ରାଣବୁଦ୍ଧ୍ୟା ସୁଷୁମ୍ନାମୂଳଦେଶକେ ।**
**ମନ୍ତ୍ରାର୍ଥଂ ତସ୍ୟ ଚୈତନ୍ୟଂ ଜୀବଂ ଧ୍ୟାତ୍ୱା ପୁନଃ ପୁନଃ ।।"**

**— ଗୌତମୀୟ ତନ୍ତ୍ର**

ମୂଳମନ୍ତ୍ରକୁ ସୁଷୁମ୍ନାର ମୂଳଦେଶରେ ଜୀବ ରୂପରେ ଚିନ୍ତା କରି ମନ୍ତ୍ରାର୍ଥ ଓ ମନ୍ତ୍ରଚୈତନ୍ୟ ପରିଜ୍ଞାନପୂର୍ବକ ଜପ କରିବ ।

## ଯୋନିମୁଦ୍ରାଯୋଗରେ ଜପ

**ମନ୍ତ୍ରାର୍ଥ** ଓ ମନ୍ତ୍ରଚୈତନ୍ୟ ପରିଜ୍ଞାତ ହୋଇ ଯୋନିମୁଦ୍ରା ଯୋଗରେ ଜପ କଲେ ଅତିଶୀଘ୍ର ମନ୍ତ୍ର ସିଦ୍ଧି ଲାଭ ହୋଇଥାଏ । ମନ୍ତ୍ରାର୍ଥ, ମନ୍ତ୍ରଚୈତନ୍ୟ ଓ ଯୋନିମୁଦ୍ରା ଅବଗତ ନ ହୋଇ ଜପାଦିର ଅଭ୍ୟାସ କଲେ, ପୂର୍ଣ୍ଣଫଳ ହୁଏନାହିଁ— ଏହି କଥା ତନ୍ତ୍ରଶାସ୍ତ୍ରରେ ପୁନଃ ପୁନଃ ଉଲ୍ଲେଖ ଅଛି । ଯଥା —

"ମନ୍ତ୍ରାର୍ଥ ମନ୍ତ୍ରଚୈତନ୍ୟଂ ଯୋନିମୁଦ୍ରାଂ ନ ବେତ୍ତି ଯଃ ।
ଶତକୋଟିଜପେନାପି ତସ୍ୟ ସିଦ୍ଧିର୍ନ ଜାୟତେ ।।" (ସରସ୍ୱତୀ ତନ୍ତ୍ର)

ମନ୍ତ୍ରାର୍ଥ, ମନ୍ତ୍ରଚୈତନ୍ୟ ଓ ଯୋନିମୁଦ୍ରା ନ ଜାଣି ଜପ କଲେ, ଶତକୋଟି ଜପରେ ମଧ ମନ୍ତ୍ରସିଦ୍ଧି ହୋଇପାରେନାହିଁ । ଅତଏବ, ମନ୍ତ୍ରସିଦ୍ଧି କାମୀ ବ୍ୟକ୍ତି ମନ୍ତ୍ରଚୈତନ୍ୟ ସମ୍ପାଦନ କରି ଓ ମନ୍ତ୍ରାର୍ଥ ପରିଜ୍ଞାତ ହୋଇ ଯୋନିମୁଦ୍ରା ବନ୍ଧନପୂର୍ବକ ଜପ କରିବେ । ମନ୍ତ୍ରାର୍ଥ ଓ ମନ୍ତ୍ରଚୈତନ୍ୟ ବିଷୟ ଆଗରୁ କୁହାଯାଇଛି, ବର୍ତ୍ତମାନ **ଯୋନିମୁଦ୍ରା ବିଷୟ** ବିବୃତ କରାଯାଉ ।

ପଶୁଭାବରେ ସ୍ଥିତ ଯେଉଁ ମନ୍ତ୍ର, ତାହା କେବଳ ବର୍ଣ୍ଣ ମାତ୍ର । ଅତଏବ, ସେହିସବୁ ମନ୍ତ୍ର ସୁଷୁମ୍ନା-ଧ୍ୱନିରେ ଉଚ୍ଚାରଣ କରି ଜପ କଲେ, ପ୍ରଭୁତ୍ୱ ପ୍ରାପ୍ତି ହୁଏ । କୁଳାର୍ଣ୍ଣବ ତନ୍ତ୍ରରେ କଥିତ ଅଛି ଯେ, ଜପ କାଳରେ ମନ, ପରମ ଶିବ, ଶକ୍ତି ଓ ବାୟୁ ପୃଥକ୍ ପୃଥକ୍ ସ୍ଥାନରେ ଥିଲେ ଅର୍ଥାତ୍ ଏମାନଙ୍କର ଏକତ୍ର ସଂଯୋଗ ନ ହେଲେ, ଶତକୋଟି କଳ୍ପରେ ମନ୍ତ୍ରସିଦ୍ଧି ହୋଇପାରେ ନାହିଁ । ମନ, ପରମଶିବ, ଶକ୍ତି ଏବଂ ବାୟୁର ଐକାତ୍ମ୍ୟ ସମ୍ପାଦନ କରିବା ନିମିତ୍ତ ଯୋନିମୁଦ୍ରାର ପ୍ରୟୋଜନ ।

ମୂଳାଧାରପଦ୍ମର କନ୍ଦ ମଧ୍ୟରେ ତ୍ରିକୋଣ, ତନ୍ମଧ୍ୟରେ ସୁଲକ୍ଷଣ କାମବୀଜ, ତନ୍ମଧ୍ୟରେ କାମବୀଜୋଦ୍ଭୂତ ମନୋହର ସ୍ୱୟମ୍ଭୂ ଲିଙ୍ଗ, ତାହାର ଉପରିଭାଗରେ ହଂସାଶ୍ରିତା ଚିତ୍‌କଳା, ତନ୍ମଧ୍ୟରେ ସ୍ୱୟମ୍ଭୂଲିଙ୍ଗବେଷ୍ଟିତା ତେଜୋରୂପା ଚିନ୍ମୟୀ କୁଣ୍ଡଳିନୀ ଶକ୍ତିଙ୍କୁ ଧ୍ୟାନ କରିବ । ଅନନ୍ତର ଆଧାରାଦି ଷଟ୍‌ଚକ୍ର ଭେଦ କରି ତେଜୋରୂପା କୁଣ୍ଡଳିନୀ ଦେବୀଙ୍କୁ 'ହଂସ' ମନ୍ତ୍ର ସହିତ ବ୍ରହ୍ମରନ୍ଧ୍ରକୁ ଆନୟନ କରି ତତ୍ରସ୍ଥ ସଦାଶିବଙ୍କ ସହିତ କ୍ଷଣମାତ୍ର ଉପଗତା ଚିନ୍ତାକରି ଉକ୍ତ ଶିବ ଓ କୁଣ୍ଡଳିନୀ ସଂଯୋଗୋତ୍ପନ୍ନ ଲାକ୍ଷାରସ ସଦୃଶ ପାଟଳବର୍ଣ୍ଣ ଅମୃତଧାରାରେ ନିଜକୁ ପ୍ଲାବିତ ଓ ଆନନ୍ଦମୟ ଚିନ୍ତା କରିବ । ତତ୍ପରେ ପୂର୍ବୋକ୍ତ ପଥରେ କୁଣ୍ଡଳିନୀଙ୍କୁ ପୁନର୍ବାର ମୂଳାଧାରକୁ ଆନୟନ କରିବ । ଅନନ୍ତ ବ୍ରହ୍ମନାଡ଼ୀର ମଧ୍ୟଗତା ମୃଣାଳସୂତ୍ରସନ୍ନିଭ ଚିତ୍ରିଣୀ-ନାଡ଼ୀ-ଗ୍ରଥିତ ଅକ୍ଷରମାଳାର ଚିନ୍ତା କରି ମନ୍ତ୍ରଦ୍ୱାରା ସବିନ୍ଦୁ ବର୍ଣ୍ଣକୁ ଓ ସବିନ୍ଦୁ ବର୍ଣ୍ଣଦ୍ୱାରା ମନ୍ତ୍ରକୁ ଅନ୍ତରିତ କରି ଅନୁଲୋମ-ବିଲୋମ କ୍ରମରେ ଜପ କରିବ । ଏହିପରି ଭାବରେ ପଞ୍ଚାଶତ୍‌ମାତୃକା ବର୍ଣ୍ଣରେ ଶହେ ଥର

ଜପ କରିବ । ଜପ ସମୟରେ 'କ୍ଷ'-କାର ରୂପକ ମେରୁ କେବେହେଲେ ଲଙ୍ଘନ କରିବ ନାହିଁ । ଏହିପରି ଭାବରେ ଯୋନିମୁଦ୍ରା ବନ୍ଧନ କରି ଜପ କରିବାକୁ ହୁଏ ।*

ଯୋନିମୁଦ୍ରା-ବନ୍ଧନ ପ୍ରାଣାୟାମ-ମାତ୍ରାଯୋଗରେ ହିଁ କରିବାକୁ ହେବ । ଯୋନିମୁଦ୍ରା ଗୋଟିଏ ପ୍ରକାର ଯୋଗ । ଅଭ୍ୟାସ ଦ୍ୱାରା ଏଥିରେ ସିଦ୍ଧିଲାଭ କରାଯାଏ । ସଦ୍‌ଗୁରୁଙ୍କ ନିକଟରେ ଥରେ ଏହି ମୁଦ୍ରା ବିଷୟରେ ଜ୍ଞାନଲାଭ କଲେ, ଅଭ୍ୟାସ ନିମିତ୍ତ ସହଜସାଧ୍ୟ ହୋଇଥାଏ । ଅନ୍ୟଥା ଉପରଲିଖିତ ଶାସ୍ତ୍ରୋକ୍ତ ଅଂଶ ପାଠକରି ଅନଭିଜ୍ଞ ବ୍ୟକ୍ତି କେବେହେଲେ ଯଥାଯଥ ଭାବରେ ଏହାର ଅନୁଷ୍ଠାନ କରିବାକୁ ସକ୍ଷମ ହୋଇପାରନ୍ତି ନାହିଁ । ଜାପକ ଓ ପାଠକମାନଙ୍କ ସୁବିଧା ନିମିତ୍ତ ଯୋନିମୁଦ୍ରା ଯୋଗରେ ପ୍ରକାଶଯୋଗ୍ୟ ପ୍ରଣାଳୀ ନିମ୍ନରେ ବିବୃତ କରାଗଲା । ଏହା ଗୁରୂପଦିଷ୍ଟ ଏବଂ ବହୁ ସାଧକଙ୍କ ଦ୍ୱାରା ପରୀକ୍ଷିତ । ଜାପର ଏପରି ଉତ୍କୃଷ୍ଟ ପ୍ରଣାଳୀ ଆଉ ଅନ୍ୟତ୍ର ଥିବା ମୋର ଅଗୋଚର । ଯଥାବିଧାନରେ ଅନୁଷ୍ଠାନ କରିପାରିଲେ ଅତି ଅଳ୍ପ ସମୟ ମଧ୍ୟରେ ସେଥିରେ ସାଫଲ୍ୟ ଲାଭ କରିପାରିବ । **ଯୋନିମୁଦ୍ରା ଯୋଗରେ ଜପର ପ୍ରଣାଳୀ,** ଏହିପରି —

ସାଧକ ସାଧନ-ଉପଯୋଗୀ ସ୍ଥାନରେ କମ୍ବଳ, ମୃଗଚର୍ମ ପ୍ରଭୃତି କୌଣସି ଆସନରେ ପୂର୍ବକୁ କିମ୍ବା ଉତ୍ତରକୁ ମୁଖ କରି ଉପବିଷ୍ଟ ହୋଇ ଧୂପାଦି ଗନ୍ଧରେ ଗୃହକୁ ପୂର୍ଣ୍ଣ କରି ନିଜେ ଆନନ୍ଦଯୁକ୍ତ ହେବେ । ଏହାପରେ ନିଜ ନିଜ ସୁବିଧା ଅନୁସାରେ ଅଭ୍ୟସ୍ତ ଯେ କୌଣସି ଆସନରେ ସ୍ଥିର ଭାବରେ ସିଧା ହୋଇ ବସିବେ । ପ୍ରଥମେ ବ୍ରହ୍ମରନ୍ଧ୍ରରେ ଶତଦଳ ପଦ୍ମରେ ଶ୍ରୀଗୁରୁଙ୍କ ଧ୍ୟାନ, ପୂଜା, ପ୍ରଣାମ ଓ ପ୍ରାର୍ଥନା କରିବେ । ଅନନ୍ତର ପଞ୍ଚପ୍ରାଣ, ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ, ମନ ଓ ବୁଦ୍ଧି — ଏହି **ସପ୍ତଦଶତତ୍ତ୍ୱର** ଆଧାର ସ୍ୱରୂପ ଜୀବାତ୍ମାକୁ ମୂଳାଧାର ଚକ୍ରସ୍ଥିତ କୁଣ୍ଡଳିନୀଙ୍କ ସହିତ ଏକୀଭୂତ ଚିନ୍ତା କରିବେ । ମୂଳାଧାର ପଦ୍ମ ଓ କୁଣ୍ଡଳିନୀ

---

* ମତ୍‌ପ୍ରଣୀତ 'ଯୋଗୀଗୁରୁ' ପୁସ୍ତକରେ ଷଟ୍‌ଚକ୍ରାଦିର ବିବରଣ ଏବଂ 'ଜ୍ଞାନୀଗୁରୁ' ପୁସ୍ତକରେ ଯୋନିମୁଦ୍ରାର ପ୍ରଣାଳୀ ବିଶଦଭାବରେ ଲିଖିତ ହୋଇଅଛି । ସାଧକମାନଙ୍କର ପ୍ରାଥମିକ ଶିକ୍ଷା ନିମିତ୍ତ 'ଯୋଗୀଗୁରୁ' ପୁସ୍ତକ ଖଣ୍ଡିକ ପାଠ କରିବା କର୍ତ୍ତବ୍ୟ । ଅନ୍ୟଥା ଏହି ପୁସ୍ତକୋକ୍ତ ବହୁ ବିଷୟ ବୁଝିବାରେ ବ୍ୟାଘାତ ହେବ । —ଗ୍ରନ୍ଥକାର

ଶକ୍ତିଙ୍କୁ ମାନସନେତ୍ରରେ ଦର୍ଶନ କରି 'ହୂଁ' ଏହି କୁର୍ଚ୍ଚବୀଜ ଉଚ୍ଚାରଣପୂର୍ବକ ଉଭୟ ନାସିକା ପଥରେ ଧୀରେ ଧୀରେ ବାୟୁ ଆକର୍ଷଣ କରି ମୂଳାଧାରକୁ ଚାଳିତ କରୁ କରୁ ଚିନ୍ତା କରିବେ ଯେ, ମୂଳାଧାରସ୍ଥିତ ଶକ୍ତିମଣ୍ଡଳାନ୍ତର୍ଗତ କୁଣ୍ଡଳିନୀର ଚତୁର୍ଦ୍ଦିଗସ୍ଥିତ କାମାଗ୍ନି ପ୍ରଜ୍ୱଳିତ ହେଉଅଛି । ଏହି ଅଗ୍ନି ସମୁଦ୍ଦୀପିତ ହେଲେ, କୁଣ୍ଡଳିନୀ ଜାଗରିତା ହୋଇଉଠିବେ । ସେତେବେଳେ 'ହଂସ' ମନ୍ତ୍ର ଉଚ୍ଚାରଣ ପୂର୍ବକ ଗୁହ୍ୟଦେଶ ଆକୁଞ୍ଚନ କରି କୁମ୍ଭକ ଦ୍ୱାରା ବାୟୁ ରୋଧ କଲେ କୁଣ୍ଡଳିନୀ ଊର୍ଦ୍ଧ୍ୱଗମନୋନ୍ମୁଖୀ ହେବେ । ସେହି ସମୟରେ କୁଣ୍ଡଳିନୀ ଶକ୍ତିଙ୍କୁ ମହାତେଜୋମୟୀ ଏବଂ ମନ୍ତ୍ରାକ୍ଷରଗୁଡ଼ିକୁ ସେଥିରେ ଗ୍ରଥିତ ବୋଲି ଭାବନା କରିବେ । ସେହି ସମୟରେ କୁଣ୍ଡଳିନୀର ଗୋଟିଏ ମୁଖ ସ୍ୱାଧିଷ୍ଠାନରେ ରଖି ଅନ୍ୟ ମୁଖ ଦ୍ୱାରା ଦକ୍ଷିଣାବର୍ତ୍ତରେ ମୂଳାଧାର ପଦ୍ମସ୍ଥ ଚତୁର୍ଦ୍ଦଳକୁ ଚାରି ଥର ତାଳେ ତାଳେ ଜପ କରିବେ ଏବଂ ସଙ୍ଗେ ସଙ୍ଗେ ଆଧାରପଦ୍ମସ୍ଥିତ ସମସ୍ତ ଦେବଦେବୀ, ମାତୃକାବର୍ଣ୍ଣ ଓ ବୃତ୍ତିଗୁଡ଼ିକୁ ଗ୍ରାସ କରିବେ ଅର୍ଥାତ୍ ଏମାନେ ତାଙ୍କର ( କୁଣ୍ଡଳିନୀ ଶକ୍ତିଙ୍କର) ଶରୀରରେ ଲୟପ୍ରାପ୍ତ ହୋଇଯିବେ । ସେତେବେଳେ ପୃଥ୍ୱୀବୀଜ 'ଲଂ' ମୁଖରେ ଧରି କୁଣ୍ଡଳିନୀ ସ୍ୱାଧିଷ୍ଠାନରେ ଉପନୀତ ହେବେ । କୁଣ୍ଡଳିନୀ ସ୍ୱାଧିଷ୍ଠାନରେ ଉପନୀତା ହେଲାମାତ୍ରେ ମୂଳାଧାର ପଦ୍ମ ଅଧୋମୁଖ ଓ ମୁଦିତ ହୋଇ ମ୍ଳାନ ହୋଇଯିବେ ।

ସାଧକଙ୍କୁ ଏହି ସ୍ଥାନରେ ଗୋଟିଏ କଥା ସ୍ମରଣ ରଖିବାକୁ ହେବ ଯେ, ସମୁଦାୟ ପଦ୍ମ ହିଁ ଭାବନା ସମୟରେ ଊର୍ଦ୍ଧ୍ୱମୁଖ ଓ ବିକଶିତ ହୁଏ । କୁଣ୍ଡଳିନୀ ଚୈତନ୍ୟ ଲାଭ କରି ଯେତେବେଳେ ଯେଉଁ ପଦ୍ମକୁ ଉଠିବେ, ସେତେବେଳେ ସେହି ପଦ୍ମ ବିକଶିତ ହୋଇଉଠିବ । କିନ୍ତୁ ଯେତେବେଳେ ଯେଉଁ ପଦ୍ମ ତ୍ୟାଗ କରିବେ, ସେତେବେଳେ ସେହି ପଦ୍ମ ମୂଳାଧାର ପରି ଅଧୋମୁଖ, ମୁଦିତ ଓ ମ୍ଳାନ ହୋଇଯିବ । ପୁଣି ଏହି ପ୍ରଣାଳୀଗୁଡ଼ିକ ଭାବନା ଦ୍ୱାରା ସୁନ୍ଦର ରୂପେ ଅଭ୍ୟସ୍ତ ହେଲେ ଯେତେବେଳେ କୁଣ୍ଡଳିନୀ ଉପରକୁ ଉଠିବାକୁ ଚେଷ୍ଟା କରିବେ, ସେତେବେଳେ ସାଧକ ତାହା ସ୍ପଷ୍ଟ ରୂପରେ ଅନୁଭବ ଓ ପ୍ରତ୍ୟକ୍ଷ କରିପାରିବେ । କାରଣ ସେ ଯେତେଦୂର ଉଠିବେ, ସେ ପର୍ଯ୍ୟନ୍ତ ମେରୁଦଣ୍ଡ ଭିତର ସିର୍ ସିର୍ କରିଉଠିବ, ରୋମାଞ୍ଚ ହେବ ଏବଂ ସାଧକଙ୍କ ମନରେ ଅପାର ଆନନ୍ଦ ଅନୁଭୂତ ହେବ ।

ମୂଳାଧାର ପଦ୍ମ ପରିତ୍ୟାଗ କରି କୁଣ୍ଡଳିନୀ ସ୍ୱାଧିଷ୍ଠାନ ପଦ୍ମରେ ଉପନୀତ ହେଲାକ୍ଷଣି ସାଧକ ପୂର୍ବମୁଖକୁ ମଣିପୁର ଚକ୍ରକୁ ଉତ୍ତୋଳନ କରିବେ ଏବଂ ଅପର ମୁଖ ଦ୍ୱାରା ସ୍ୱାଧିଷ୍ଠାନ ପଦ୍ମର ଷଟ୍‌ଦଳରେ ଦକ୍ଷିଣାବର୍ତ୍ତରେ ଛଅ ଥର ତାଳେ ତାଳେ ଜପ କରିବେ ଏବଂ ସଙ୍ଗେ ସଙ୍ଗେ ସ୍ୱାଧିଷ୍ଠାନ ପଦ୍ମସ୍ଥିତ ସମସ୍ତ ଦେବଦେବୀ, ମାତୃକାବର୍ଣ୍ଣ ଓ ବୃତ୍ତିଗୁଡ଼ିକ ଗ୍ରାସ କରିବେ । 'ଲଂ' ବୀଜ ଜଳରେ ଲୟପ୍ରାପ୍ତ ହେବ । ସେତେବେଳେ 'ବଂ' ଏହି ବରୁଣ ବୀଜକୁ ମୁଖରେ ଧରି କୁଣ୍ଡଳିନୀ ମଣିପୁର ପଦ୍ମକୁ ଉଠିବେ ।

ଅନନ୍ତର କୁଣ୍ଡଳିନୀ ମଣିପୁରକୁ ଆସି ପୂର୍ବମୁଖ ଅନାହତ ପଦ୍ମକୁ ଉତ୍ତୋଳନ କରିବେ ଏବଂ ଅପର ମୁଖ ଦ୍ୱାରା ମଣିପୁର ପଦ୍ମର ଦଶ ଦଳରେ ଦକ୍ଷିଣାବର୍ତ୍ତରେ ଦଶଥର ତାଳେ ତାଳେ ଜପ କରିବେ ଏବଂ ତତ୍‌କ୍ଷଣାତ୍ ମଣିପୁର ପଦ୍ମସ୍ଥିତ ସମସ୍ତ ଦେବଦେବୀ, ମାତୃକାବର୍ଣ୍ଣ ଓ ବୃତ୍ତିଗୁଡ଼ିକ ଗ୍ରାସ କରିବେ । 'ବଂ' ବୀଜ ଅଗ୍ନିମଣ୍ଡଳରେ ଲୟପ୍ରାପ୍ତ ହେବ । ସେତେବେଳେ 'ରଂ' ଏହି ବହ୍ନିବୀଜକୁ ମୁଖରେ ଧରି କୁଣ୍ଡଳିନୀ ଅନାହତ ପଦ୍ମକୁ ଉଠିବେ ।

ଏହାପରେ କୁଣ୍ଡଳିନୀ ଅନାହତ ପଦ୍ମକୁ ଆସି ବିଶୁଦ୍ଧ ପଦ୍ମକୁ ଉତ୍ତୋଳନ କରି-ଅପର ମୁଖ ଦ୍ୱାରା ଅନାହତପଦ୍ମର ଦ୍ୱାଦଶ ଦଳରେ ଦକ୍ଷିଣାବର୍ତ୍ତରେ ତାଳେ ତାଳେ ଦ୍ୱାଦଶ ଥର ଜପ କରିବେ ଏବଂ ସଙ୍ଗେ ସଙ୍ଗେ ଅନାହତ ପଦ୍ମସ୍ଥିତ ସମସ୍ତ ଦେବଦେବୀ, ମାଥୃକାବର୍ଣ୍ଣ ଓ ବୃତ୍ତିଗୁଡ଼ିକୁ ଗ୍ରାସ କରିବେ । ସେତେବେଳେ 'ରଂ' ବୀଜ ବାୟୁମଣ୍ଡଳରେ ଲୀନ ହୋଇଯିବ ଓ 'ଯଂ' ଏହି ବାୟୁବୀଜ ମୁଖରେ ଧରି କୁଣ୍ଡଳିନୀ ବିଶୁଦ୍ଧ ପଦ୍ମକୁ ଉଠିବେ ।

ଅନନ୍ତର ବିଶୁଦ୍ଧପଦ୍ମକୁ ଆସି ପୂର୍ବମୁଖ ଆଜ୍ଞାଚକ୍ରକୁ ଉତ୍ତୋଳନ କରି ଅପର ମୁଖଦ୍ୱାର ବିଶୁଦ୍ଧ ପଦ୍ମର ଷୋଡ଼ଶ ଦଳରେ ଦକ୍ଷିଣାବର୍ତ୍ତରେ ତାଳେ ତାଳେ ଷୋଳଥର ଜପ କରିବେ ଏବଂ ସଙ୍ଗେ ସଙ୍ଗେ ବିଶୁଦ୍ଧ ପଦ୍ମସ୍ଥିତ ସମସ୍ତ ଦେବଦେବୀ, ମାତୃକାବର୍ଣ୍ଣ, ସପ୍ତସ୍ୱର ଏବଂ ବୃତ୍ତିଗୁଡ଼ିକୁ ଗ୍ରାସ କରିବେ । 'ଯଂ' ବୀଜ ଆକାଶମଣ୍ଡଳରେ ଲୟପ୍ରାପ୍ତ ହେବ । ସେତେବେଳେ 'ହଂ' ଏହି ଆକାଶବୀଜକୁ ମୁଖରେ ଧରି କୁଣ୍ଡଳିନୀ ଆଜ୍ଞାଚକ୍ରକୁ ଉଠିବେ ।

ତଦନନ୍ତର କୁଣ୍ଡଳିନୀ ଶକ୍ତି ଆଜ୍ଞାଚକ୍ରକୁ ଆସି ପୂର୍ବମୁଖ ନିରାଲମ୍ବପୁରକୁ ଉତ୍ତୋଳନ କରି ଅପର ମୁଖ ଦ୍ୱାରା ଦକ୍ଷିଣାବର୍ତ୍ତରେ ଆଜ୍ଞାଚକ୍ରର ଦୁଇ ଦଳରେ ତାଳେ ତାଳେ ଦୁଇ ଥର ଜପ କରିବେ ଏବଂ ସଙ୍ଗେ ସଙ୍ଗେ ଆଜ୍ଞାପଦ୍ମସ୍ଥ ସମଗ୍ର ଦେବତା, ମାତୃକାବର୍ଣ୍ଣ ଓ ଗୁଣଗୁଡ଼ିକ ଗ୍ରାସ କରିବେ । ହଂ ବୀଜ ମନଶ୍ଚକ୍ରରେ ଲୟପ୍ରାପ୍ତ ହେବ । ମନ ବୁଦ୍ଧି-ତତ୍ତ୍ୱରେ, ବୁଦ୍ଧି ପ୍ରକୃତିରେ ଏବଂ ପ୍ରକୃତି କୁଣ୍ଡଳିନୀଶକ୍ତିଙ୍କ ଶରୀରରେ ଲୟପ୍ରାପ୍ତ ହେବେ ।

ସେତେବେଳେ କୁଣ୍ଡଳିନୀ ସୁଷୁମ୍ନା ମୁଖର ତଳେଥିବା କପାଟସ୍ୱରୂପ ଅର୍ଦ୍ଧଚନ୍ଦ୍ରାକାର-ମଣ୍ଡଳକୁ ଭେଦ କରି ଯେଉଁ ପରିମାଣରେ ଉତ୍‌ଥିତ ହେଉଥିବେ, ସେହି ପରିମାଣରେ କ୍ରମେ କ୍ରମେ ନାଦ, ବିନ୍ଦୁ, 'ହ'କାରାର୍ଦ୍ଧ ଓ ନିରାଲମ୍ବପୁରୀକୁ ଗ୍ରାସ କରିଯିବେ, ଅର୍ଥାତ୍ ସେହି ସମସ୍ତ ହିଁ କୁଣ୍ଡଳିନୀ ଶରୀରରେ ଲୟପ୍ରାପ୍ତ ହେବେ । ଏହି ଅର୍ଦ୍ଧଚନ୍ଦ୍ରାକାର କପାଟ ଭେଦ କଲେ କୁଣ୍ଡଳିନୀ ସ୍ୱୟଂ ଉତ୍‌ଥିତା ହୋଇ ବ୍ରହ୍ମରନ୍ଧ୍ରସ୍ଥିତ ସହସ୍ରଦଳକମଳରେ ପରମ-ପୁରୁଷଙ୍କ ସହିତ ସଂଯୁକ୍ତ ହେବେ ।

ଆଦ୍ୟାଶକ୍ତି କୁଳକୁଣ୍ଡଳିନୀ ଏହିପରି ଭାବରେ ସ୍ଥୂଳଭୂତରୁ ପ୍ରକୃତି ପର୍ଯ୍ୟନ୍ତ ଚତୁର୍ବିଂଶତି ତତ୍ତ୍ୱ ଗ୍ରାସ କରି ଶିରସ୍ଥିତ ସହସ୍ରାରକୁ ଉଠି ପରମପୁରୁଷଙ୍କ ସହିତ ସଂଯୁକ୍ତ ଓ ଏକୀଭୂତ ହେବେ । ସେତେବେଳେ ପ୍ରକୃତିପୁରୁଷଙ୍କ ସାମରସ୍ୟସମ୍ଭୂତ ଅମୃତଧାରା ଦ୍ୱାରା କ୍ଷୁଦ୍ର ବ୍ରହ୍ମାଣ୍ଡରୂପ ଶରୀର ପ୍ଲାବିତ ହୋଇଯିବ । ସେହି ସମୟରେ ସାଧକ ସମସ୍ତ ଜଗତ ବିସ୍ମୃତ ହୋଇ ଓ ବାହ୍ୟଜ୍ଞାନଶୂନ୍ୟ ହୋଇ କିଭଳି ଅନିର୍ବଚନୀୟ ଅଭୂତପୂର୍ବ ଅପାର ଆନନ୍ଦରେ ନିମଗ୍ନ ହୁଅନ୍ତି, ତାହା ଲେଖି ପ୍ରକାଶ କରିବାର ସାଧ ନାହିଁ । ସେ ଆନନ୍ଦ ଅନୁଭବେ ବ୍ୟତୀତ ମୁଖରେ କହି ବୁଝାଇ ହେବ ନାହିଁ । ସେହି ଅବ୍ୟକ୍ତ ଅପୂର୍ବ ଭାବକୁ ବ୍ୟକ୍ତ କରିବା ଭଳି ଭାଷା ନାହିଁ । ସେହି ଅନିର୍ଦ୍ଦେଶ୍ୟ ଅନନୁଭୂତ ଆନନ୍ଦ ସ୍ୱୟଂବେଦ୍ୟ । 'କୁମାରୀର ସ୍ୱାମୀସହବାସ-ସୁଖ ଉପଲବ୍ଧି ସଦୃଶ''ସାଧାରଣଙ୍କୁ ସେ ଆନନ୍ଦ ବୁଝାଇବାକୁ ଯିବା ବିଡ଼ମ୍ବନା ମାତ୍ର ।

ଯେଉଁମାନେ ସ୍ଥୂଳ ମୂର୍ତ୍ତିର ଉପାସକ, ସେମାନଙ୍କ ମଧ୍ୟରେ ଯେଉଁମାନେ ଶାକ୍ତ, ସେମାନେ କୁଳକୁଣ୍ଡଳିନୀକୁ ସହସ୍ରାରକୁ ଉତ୍‌ଥାପିତ କରି ତାଙ୍କୁ ଗୁରୁପଦିଷ୍ଟ

ଇଷ୍ଟଦେବତା ଅର୍ଥାତ୍ ଯେ ଯେଉଁ ଦେବୀଙ୍କ ଉପାସକ, ସେ କୁଣ୍ଡଳିନୀ ଶକ୍ତିଙ୍କୁ ସେହି ଦେବୀ ଓ ପରମ ପୁରୁଷଙ୍କୁ ତନ୍ନିର୍ଦ୍ଦିଷ୍ଟ ଭୈରବ କଳ୍ପନା କରି ଉଭୟଙ୍କର ଏକତ୍ର ସାମରସ୍ୟ ସମ୍ଭୋଗ କରିବେ । ଆଉ ଯେଉଁମାନେ ବୈଷ୍ଣବ, ସେମାନେ ମଧ୍ୟ କୁଣ୍ଡଳିନୀଙ୍କୁ ସହସ୍ରାରକୁ ଉଠାଇ ପୁରୁଷଙ୍କ ସହିତ ସଂଯୁକ୍ତ କରିବା ସମୟରେ କୁଣ୍ଡଳିନୀଙ୍କୁ ପରା-ପ୍ରକୃତିରୂପିଣୀ ରାଧା ଏବଂ ସହସ୍ରାରସ୍ଥିତ ପରମ ପୁରୁଷଙ୍କୁ ଶ୍ରୀକୃଷ୍ଣ କଳ୍ପନା କରି ଉଭୟଙ୍କର ସାମରସ୍ୟ ସମ୍ଭୋଗ କରିବେ ।*

ସାଧକ ସହସ୍ରଦଳ-ପଦ୍ମରେ କୁଣ୍ଡଳିନୀଙ୍କୁ ମହାତେଜୋମୟୀ, ଅମୃତାନନ୍ଦମୂର୍ତ୍ତି ବୋଲି ଚିନ୍ତା କରିବେ । ତତ୍ପରେ ସୁଧାସମୁଦ୍ର-ନିମଜ୍ଜିତ ଓ ରସାପ୍ଳୁତ କରି ପରମ ପୁରୁଷଙ୍କ ଏକତ୍ର ସାମରସ୍ୟ ସମ୍ଭୋଗ ପୂର୍ବକ ପୁନର୍ବାର କୁଣ୍ଡଳିନୀଙ୍କୁ ଯଥା ସ୍ଥାନକୁ ଆନୟନ କରିବାକୁ ହେବ । ଏହି ସମୟରେ ତାହାଙ୍କୁ ମହାମୃତାରୂପା ଆନନ୍ଦମୟୀ ବୋଲି ଚିନ୍ତା କରିବ । କୁଣ୍ଡଳନୀଙ୍କୁ ଅବତରଣ କରାଇବା ସମୟରେ ସାଧକ 'ସୋଽହଂ' ମନ୍ତ୍ର ଉଚ୍ଚାରଣ କରି ଉଭୟ ନାସିକା ଦ୍ୱାରା ଧୀରେ ଧୀରେ ଶ୍ୱାସତ୍ୟାଗ କରିବେ । ତାହାହେଲେ ସେ ନିମ୍ନଦିଗକୁ ଖସିଆସିବେ । ପ୍ରତ୍ୟାଗମନ ସମୟରେ ନିରାଲମ୍ବପୁରୀ, ପ୍ରଣବ, ନାଦ, ବିନ୍ଦୁ ଆଦି ଉଦ୍‌ଗୀର୍ଣ୍ଣ କରି ଯେତେବେଳେ କୁଣ୍ଡଳିନୀ ଆଜ୍ଞାଚକ୍ରରେ ଉପନୀତା ହେବେ, ସେତେବେଳେ ସେଥିରୁ ବୁଦ୍ଧି, ମନ, ଦେବତା, ତ୍ରିଗୁଣ, ମାତୃକାବର୍ଣ୍ଣ ଓ ପଦ୍ମସ୍ଥିତ ଅନ୍ୟ ସମସ୍ତ ସୃଷ୍ଟ ହୋଇ ଯଥାସ୍ଥାନରେ ଅବସ୍ଥାନ କରିବେ । କୁଣ୍ଡଳିନୀ ନିମ୍ନମୁଖ ଦ୍ୱାରା ବାମାବର୍ତ୍ତରେ ତାଳେ ତାଳେ ଆଜ୍ଞାଚକ୍ରର ଦୁଇ ଦଳରେ ଦୁଇଥର ଜପ କରିବ । ପରେ ମନଶ୍ଚକ୍ରଠାରୁ 'ହଂ' ଏହି ଆକାଶବୀଜ ଉତ୍ପନ୍ନ ହେଲା ପରେ ତାହାକୁ ମୁଖରେ ଧରି ବିଶୁଦ୍ଧପଦ୍ମରେ ଉପସ୍ଥିତ ହେବେ ।

ବିଶୁଦ୍ଧପଦ୍ମକୁ ଆସିଲେ ବା ଅବତରଣ କଲେ ସେଥିରୁ ଏହି ପଦ୍ମସ୍ଥ ସମସ୍ତ ଦେବଦେବୀ, ମାତୃକାବର୍ଣ୍ଣ, ସପ୍ତସ୍ୱର ଓ ଅମୃତାଦି ସୃଷ୍ଟି ହୋଇ ଯଥା ସ୍ଥାନରେ

---

* ଏହି ପ୍ରକ୍ରିୟା ମୋର ସ୍ୱକଳକପୋଳକଳ୍ପିତ ବୋଲି ଯଦି କୌଣସି ବୈଷ୍ଣବ ମନେ କରନ୍ତି, ସେମାନେ ପ୍ରାମାଣିକ ଗ୍ରନ୍ଥ, ''ନାରଦ-ପଞ୍ଚରାତ୍ର''ର ୩ୟ ଅଧ୍ୟାୟର ୭୦ ଠାରୁ ୭୨ ଶ୍ଳୋକ ପ୍ରତି ଦୃଷ୍ଟିପାତ କଲେ, ସେମାନଙ୍କ ଭ୍ରମଧାରଣା ଦୂରୀଭୂତ ହେବ ।

ସଂସ୍ଥିତ ହେବେ । ସେତେବେଳେ କୁଣ୍ଡଳିନୀ ନିମ୍ନମୁଖ ଦ୍ୱାରା ବାମାବର୍ତ୍ତରେ ବିଶୁଦ୍ଧପଦ୍ମର ଷୋଡ଼ଶ-ଦଳରେ ତାଳେ ତାଳେ ଷୋଳ ଥର ଜପ କରିବେ । 'ହଂ' ବୀଜରୁ ଆକାଶମଣ୍ଡଳ ସୃଷ୍ଟି ହେବ । ସେଥିରୁ 'ଯଂ' ଏହି ବାୟୁବୀଜ ଉତ୍ପନ୍ନ ହେଲେ, ତାହା ମୁଖରେ ଧରି କୁଣ୍ଡଳିନୀ ଅନାହତପଦ୍ମକୁ ଆସିବେ ।

ଅନାହତପଦ୍ମରେ ଉପସ୍ଥିତ ହେଲେ, ସେଥିରୁ ଏହି ପଦ୍ମସ୍ଥିତ ସମସ୍ତ ଦେବଦେବୀ, ମାତୃକାବର୍ଣ୍ଣ ଓ ବୃତ୍ତିଗୁଡ଼ିକ ସୃଷ୍ଟି ହୋଇ ଯଥା ସ୍ଥାନରେ ଅବସ୍ଥାନ କରିବେ । ସେତେବେଳେ କୁଣ୍ଡଳିନୀ ନିମ୍ନମୁଖ ଦ୍ୱାରା ବାମାବର୍ତ୍ତରେ ଅନାହତ ପଦ୍ମର ଦ୍ୱାଦଶ ଦଳରେ ତାଳେ ତାଳେ ବାରଥର ଜପ କରିବେ । 'ଯଂ' ବୀଜରୁ ବାୟୁମଣ୍ଡଳ ସୃଷ୍ଟି ହେବ । ସେଥିରୁ 'ରଂ'—ଏହି ବହ୍ନି-ବୀଜ ଉତ୍ପନ୍ନ ହେଲେ, ତାହା ମୁଖରେ ଧରି କୁଣ୍ଡଳିନୀ ମଣିପୁର ପଦ୍ମରେ ଉପସ୍ଥିତ ହେବେ ।

ମଣିପୁର ପଦ୍ମକୁ ଖସି ଆସିଲେ, ସେଥିରୁ ଏହି ପଦ୍ମସ୍ଥିତ ସମସ୍ତ ଦେବଦେବୀ ମାତୃକାବର୍ଣ୍ଣ ଓ ବୃତ୍ତିଗୁଡ଼ିକ ସୃଷ୍ଟି ହୋଇ ଯଥା ସ୍ଥାନରେ ସଂସ୍ଥିତ ହେବେ । ସେତେବେଳେ କୁଣ୍ଡଳିନୀ ନିମ୍ନମୁଖ ଦ୍ୱାରା ବାମାବର୍ତ୍ତରେ ମଣିପୁରପଦ୍ମର ଦଶ ଦଳରେ ତାଳେ ତାଳେ ଦଶ ଥର ଜପ କରିବେ । 'ରଂ' ବୀଜରୁ ଅଗ୍ନିମଣ୍ଡଳ ସୃଷ୍ଟି ହେବ । ସେଥିରୁ 'ବଂ' ଏହି ବରୁଣବୀଜ ଉତ୍ପନ୍ନ ହେଲେ ତାହାକୁ ମୁଖରେ ଧରି କୁଣ୍ଡଳିନୀ ସ୍ୱାଧିଷ୍ଠାନ ପଦ୍ମରେ ଉପସ୍ଥିତ ହେବେ ।

ସ୍ୱାଧିଷ୍ଠାନ ପଦ୍ମକୁ ଖସି ଆସିଲେ ତାଙ୍କଠାରୁ ଏହି ପଦ୍ମସ୍ଥିତ ସମୁଦାୟ ଦେବଦେବୀ, ମାତୃକାବର୍ଣ୍ଣ ଓ ବୃତ୍ତିଗୁଡ଼ିକ ସୃଷ୍ଟି ହୋଇ ଯଥା ସ୍ଥାନରେ ଅବସ୍ଥାନ କରିବେ । ସେତେବେଳେ କୁଣ୍ଡଳିନୀର ନିମ୍ନମୁଖ ଦ୍ୱାରା ବାମାବର୍ତ୍ତରେ ସ୍ୱାଧିଷ୍ଠାନ ପଦ୍ମର ଷଡ଼୍‌ଦଳରେ ତାଳେ ତାଳେ ଛଅ ଥର ଜପ କରିବେ । 'ବଂ' ବୀଜରୁ ଜଳରାଶି ସୃଷ୍ଟି ହେବ । ସେଥିରୁ 'ଲଂ'—ଏହି ପୃଥ୍ୱୀବୀଜ ଉତ୍ପନ୍ନ ହେଲେ, ତାହାକୁ ମୁଖରେ ଧରି କୁଣ୍ଡଳିନୀ ମୂଳାଧାରକୁ ଅବତରଣ କରିବେ ।

ମୂଳାଧାର ପଦ୍ମକୁ ଆସି ଉପସ୍ଥିତ ହେଲେ, ସେଥିରୁ ଏହି ପଦ୍ମର ସମସ୍ତ ଦେବଦେବୀ ମାତୃକାବର୍ଣ୍ଣ ଓ ବୃତ୍ତିଗୁଡ଼ିକ ସୃଷ୍ଟି ହୋଇ ଯଥା ସ୍ଥାନରେ ଅବସ୍ଥାନ

କରିବେ । ସେତେବେଳେ କୁଣ୍ଡଳିନୀର ନିମ୍ନମୁଖ ଦ୍ୱାରା ବାମାବର୍ତ୍ତରେ ମୂଳାଧାର ପଦ୍ମର ଚତୁର୍ଦ୍ଦଳରେ ତାଳେ ତାଳେ ଚାରି ଥର ଜପ କରିବେ । 'ଲଂ' ବୀଜରୁ ପୃଥ୍ୱୀମଣ୍ଡଳର ସୃଷ୍ଟି ହେବ । ସେତେବେଳେ କୁଣ୍ଡଳିନୀ ଅପର ମୁଖ ଦ୍ୱାରା ବ୍ରହ୍ମଦ୍ୱାରରୋଧ ପୂର୍ବକ ସୁଖରେ ନିଦ୍ରିତା ହୋଇ ନିମ୍ନ ମୁଖ ଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ତ୍ୟାଗ କରୁଥିବେ । ଜୀବ ପୁନରାୟ ଭ୍ରାନ୍ତି ଓ ମାୟା ମୋହରେ ସଂମୁଗ୍ଧ ହୋଇ ଜୀବ ଭାବରେ ଯଥା ସ୍ଥାନରେ ଅବସ୍ଥାନ କରିବେ ।

ଏହି ପ୍ରଣାଳୀ କୁମ୍ଭକ-ଯୋଗରେ ଭାବନା ଦ୍ୱାରା କରିବାକୁ ପଡ଼େ । କେବଳ ଜପ ସମୟରେ ସେତୁ ସଂଯୁକ୍ତ ଇଷ୍ଟମନ୍ତ୍ର ମନେ ମନେ ଯଥା ନିୟମରେ ଉଚ୍ଚାରଣ କରିବାକୁ ହୁଏ । କୁଣ୍ଡଳିନୀ ସର୍ବସ୍ୱରୂପିଣୀ, ସୁତରାଂ ତାଙ୍କୁ ଉଦ୍‌ବୋଧନ କରିବା ପାଇଁ ସମସ୍ତଙ୍କର ଚେଷ୍ଟା କରିବା ଉଚିତ୍ । କୁଳକୁଣ୍ଡଳିନୀ ସମସ୍ତଙ୍କ ଶରୀରରେ ସମସ୍ତଙ୍କର ମୂଳ ରୂପରେ ମୂଳାଧାରରେ ଅବସ୍ଥାନ କରୁଛନ୍ତି । ଯଥା—

"ମୂଳାଧାରେ ବସେତ୍ ଶକ୍ତିଃ ସହସ୍ରାରେ ସଦାଶିବଃ ।।"

ଅତଏବ ଶାକ୍ତ, ବୈଷ୍ଣବ, ଶୈବ, ସୌର, ଗାଣପତ୍ୟ, ବୌଦ୍ଧ, ବ୍ରାହ୍ମ, ପାର୍ଶୀ, ଶିଖ, ମୁସଲମାନ, ଖ୍ରୀଷ୍ଟିୟାନ ପ୍ରଭୃତି ସମସ୍ତ ସଂପ୍ରଦାୟଭୁକ୍ତ ସାଧକମାନେ ଉପରୋକ୍ତ ନିୟମରେ କୁଣ୍ଡଳିନୀ ସାହାଯ୍ୟରେ ଜପ କରିପାରିବେ । ଯୋନିମୁଦ୍ରା ଯୋଗରେ ଜପ ସମସ୍ତ ଜପ ଠାରୁ ଶ୍ରେଷ୍ଠ । ଏହାର ଅନୁଷ୍ଠାନ ମାତ୍ରକେ ଏପରି କୌଣସି ବିଷୟ ନାହିଁ, ଯେଉଁଥିରେ କି ସାଧକ ସିଦ୍ଧିଲାଭ କରି ନ ପାରିବେ । ଯଥା —

"ଯୋନିମୁଦ୍ରା ପରା ଗୋପ୍ୟା ଦେବାନାମପି ଦୁର୍ଲଭା ।
ସକୃତ୍ତୁ ଲାଭାଦ୍ ସଂସିଦ୍ଧିଃ ସମାଧିସ୍ଥଃ ସ ଏବ ହି ।।" (ଗୋରକ୍ଷ ସଂହିତା)

ଏହି ଯୋନିମୁଦ୍ରା ଅତିଶୟ ଗୋପନୀୟ, ଦେବତାମାନେ ମଧ୍ୟ ଏହା ଲାଭ କରିପାରନ୍ତି ନାହିଁ । ଏହି ମୁଦ୍ରାର ଅନୁଷ୍ଠାନ କଲେ, ସମ୍ପୂର୍ଣ୍ଣ ସିଦ୍ଧିଲାଭ ହୋଇଥାଏ ଓ ସାଧକ ସମାଧିସ୍ଥ ହୋଇପାରନ୍ତି । କାରଣ —

"ଯୋନିମୁଦ୍ରାଂ ସମାସାଦ୍ୟ ସ୍ୱୟଂ ଶକ୍ତିମୟୋ ଭବେତ୍ ।
ସୁଶୃଙ୍ଗାରରସେନୈବ ବିହରେତ୍ ପରମାତ୍ମନି ॥
ଆନନ୍ଦମୟଃ ସଂଭୂତ । ଐକ୍ୟଂ ବ୍ରହ୍ମଣି ସମ୍ଭବେତ୍ ।
ଅହଂ ବ୍ରହ୍ମେତି ବାଦ୍ୱୈତଂ ସମାଧିସ୍ତେନ ଜାୟତେ ॥"

—ଘେରଣ୍ଡ ସଂହିତା

ଯୋନିମୁଦ୍ରା ଅବଲମ୍ବନ କରି ସାଧକ ସେହି ପରମାତ୍ମାଙ୍କଠାରେ ନିଜକୁ ଶକ୍ତିମୟ ଭାବନା କରିବେ, ଅର୍ଥାତ୍ ନିଜକୁ ପ୍ରକୃତିରୂପା ଗୌରୀ ବା ରାଧା ଓ ପରମାତ୍ମାଙ୍କୁ ପୁରୁଷରୂପୀ ଶିବ ବା ଶ୍ରୀକୃଷ୍ଣ ଚିନ୍ତା କରିବେ । ତାହାହେଲେ ପ୍ରକୃତିପୁରୁଷ ବା ତଦାତ୍ମକ ବ୍ରହ୍ମଜ୍ଞାନ ଲାଭ ହେବ । ସେତେବେଳେ ସ୍ତ୍ରୀ ପୁରୁଷବତ୍ ନିଜ ସହିତ ପରମାତ୍ମାଙ୍କର ଶୃଙ୍ଗାରରସପୂର୍ଣ୍ଣ ବିହାର ହେଉଅଛି, ଏପରି ଚିନ୍ତା କରିବେ । ଉପରୋକ୍ତ ଭାବରେ ସମ୍ଭୋଗରୁ ଉତ୍ପନ୍ନ ପରମାନନ୍ଦ ରସରେ ମଗ୍ନ ହୋଇ ମୁଁ ପରଂବ୍ରହ୍ମଙ୍କ ସହିତ ଅଭେଦ ରୂପରେ ମିଳିତ ହୋଇଅଛି—ଏହିଭଳି ଜ୍ଞାନ ଜାତ ହେବ । ତାହାହେଲେ ଯାଇ 'ମୁଁ ବ୍ରହ୍ମ' ଏହିଭଳି ଅଦ୍ୱୈତଜ୍ଞାନ ଉତ୍ପନ୍ନ ହୋଇ ପରବ୍ରହ୍ମଙ୍କଠାରେ ଚିତ୍ତ ଲୀନ ହୋଇଯିବ । ଅବଶ୍ୟ କ୍ରମ ଅଭ୍ୟାସରେ ଏହି ମୁଦ୍ରା-ବନ୍ଧନ ଓ ଜପର ପ୍ରଣାଳୀ ଶିକ୍ଷା ହୋଇପାରିବ ।

## ଅଜପା ଜପର ପ୍ରଣାଳୀ

ମୂଳାଧାର ପଦ୍ମ ଓ ସ୍ୱୟମ୍ଭୂ ଲିଙ୍ଗ ଅଧୋମୁଖରେ ରହିଥିବାରୁ ଚିତ୍ରିଣୀ ନାଡ଼ୀ ମଧ୍ୟସ୍ଥିତା ବ୍ରହ୍ମନାଡ଼ୀର ମୁଖ ମଧ୍ୟ ଅଧୋଭାଗରେ ଅଛି । ଦ୍ୱିମୁଖବିଶିଷ୍ଟ ସାର୍ଦ୍ଧ-ତ୍ରିବଳୟାକୃତି କୁଳକୁଣ୍ଡଳିନୀ ଶକ୍ତି ଗୋଟିଏ ମୁଖକୁ ଏହି ବ୍ରହ୍ମବିବରରେ ରଖି ବ୍ରହ୍ମଦ୍ୱାର ରୋଧପୂର୍ବକ ନିଦ୍ରା ଯାଇଛନ୍ତି । ଅନ୍ୟ ମୁଖ ଦଣ୍ଡାହତ ଭୁଜଙ୍ଗିନୀ ସଦୃଶ । ଏହି ମୁଖ ଦ୍ୱାରା ଶ୍ୱାସପ୍ରଶ୍ୱାସ ପ୍ରବାହିତ ହେଉଅଛି । ତାହା ହିଁ ଜୀବର ନିଶ୍ୱାସ ଓ ପ୍ରଶ୍ୱାସ । ଶ୍ୱାସ-ବାୟୁର ନିର୍ଗମ କାଳରେ 'ହଂ'-କାର ଓ ଗ୍ରହଣ ସମୟରେ 'ସଃ'-କାର ଉଚ୍ଚାରିତ ହୋଇଥାଏ । ଯଥା —

"ହଂକାରୋ ନିର୍ଗମେ ପ୍ରୋକ୍ତଃ ସକାରସ୍ତୁ ପ୍ରବେଶନେ ॥"

— ସ୍ୱରୋଦୟ ଶାସ୍ତ୍ର

ଶ୍ୱାସ ପରିତ୍ୟାଗ କରି ଯଦି ଗ୍ରହଣ କରା ନ ଯାଏ, ତେବେ ସେଥିରେ ମୃତ୍ୟୁ ହୋଇପାରେ । ଅତଏବ 'ହଂ' ଶିବ ସ୍ୱରୂପ ବା ମୃତ୍ୟୁ । 'ସଃ-କାର'ରେ ଗ୍ରହଣ, ଏହା ହିଁ ଶକ୍ତି ସ୍ୱରୂପ । ଏହି ଦୁହିଁଙ୍କର ବିସମ୍ବାଦରେ ଜୀବନ ରକ୍ଷା ହୋଇଥାଏ । ଅତଏବ ଏହି ଶ୍ୱାସପ୍ରଶ୍ୱାସ ହିଁ ଜୀବର ଜୀବତ୍ୱ ।

**"ସୋଽହଂ ହଂସପଦେନୈବ ଜୀବୋ ଜପତି ସର୍ବଦା ।।"**

**— ହଂସ ଉପନିଷଦ୍**

ହଂସର ବିପରୀତ "ସୋଽହଂ" ଜୀବ ସର୍ବଦା ଜପ କରୁଅଛି । ଏହି ହଂସ ଶବ୍ଦକୁ 'ଅଜପା ମନ୍ତ୍ର' କୁହାଯାଏ । ଜପ ମଧ୍ୟରେ ଅଜପାଜପ ଶ୍ରେଷ୍ଠ ସାଧନା । ସାଧକ ଏହି ଜପର ପ୍ରଣାଳୀ ଅବଲମ୍ବନ ପୂର୍ବକ ସ୍ୱତଃ ଉତ୍‌ଥିତ, ଅଶ୍ରୁତପୂର୍ବ ଓ ଅଲୋକସାମାନ୍ୟ 'ହଂସ' ଧ୍ୱନି ଶ୍ରବଣ କରି ଅପାର୍ଥିବ ପରମାନନ୍ଦ ଉପଭୋଗ କରିପାରିବେ । ଅଜପା ମନ୍ତ୍ର ଜପ କରୁ କରୁ ସାଧକଙ୍କର "ସୋଽହଂ", "ଅର୍ଥାତ୍ ମୁଁ ବ୍ରହ୍ମ" - ଏହି ଜ୍ଞାନ ଜନ୍ମିଥାଏ। ପ୍ରତ୍ୟେକ ଶ୍ୱାସପ୍ରଶ୍ୱାସରେ ଏହି ଅଜପା ଜପ ହୋଇଥାଏ । ଯଥା -

**"ଏକବିଂଶତିସହସ୍ରଷଟ୍‌ଶତାଧିକମୀଶ୍ୱରି ।**
**ଜପତେ ପ୍ରତ୍ୟହଂ ପ୍ରାଣୀ ସାନ୍ଦ୍ରାନନ୍ଦମୟୀଂ ପରାମ୍ ।।**
**ବିନା ଜପେନ ଦେବେଶି ! ଜପୋ ଭବତି ମନ୍ତ୍ରିଣଃ ।**
**ଅଜପେୟଂ ତତଃ ପ୍ରୋକ୍ତା ଭବପାଶ-ନିକୃନ୍ତନୀ ।।"**

**— ଶାକ୍ତାନନ୍ଦତରଙ୍ଗିଣୀ**

ଯେତେ ଥର ଶ୍ୱାସପ୍ରଶ୍ୱାସ ପ୍ରବାହିତ ହୁଏ, "ହଂସ" — ଏହି ପରମ ମନ୍ତ୍ର ଅଜପା ଜପ ହୋଇଥାଏ ଏବଂ ପ୍ରତ୍ୟେକ ମନୁଷ୍ୟର ଏକ ଅହୋରାତ୍ର ମଧ୍ୟରେ ୨୧,୬୦୦ ଥର ନିଶ୍ୱାସ ବହିର୍ଗତ ହୁଏ ଓ ପ୍ରଶ୍ୱାସ ଅନ୍ତଃପ୍ରବିଷ୍ଟ ହୁଏ । ଏହା ହିଁ ମାନବର ସ୍ୱାଭାବିକ ଜପ । ପ୍ରତ୍ୟେକ ଜୀବର ହୃଦୟରେ ଏହି ହଂସ—ମନ୍ତ୍ର ଜପ ହେଉଅଛି । ହଂସଃ - 'ହଂ' ଭିତରୁ ସତ୍ୟର ଅଂଶଟା ଟାଣିନେଇ ବହିର୍ଜଗତରେ ଢାଳି ଦେଇ ପ୍ରକୃତିର ପରିପୁଷ୍ଟି ସଂସାଧିତ କରିଦେଉଅଛି,ପୁଣି 'ସଃ' ବାହାରର

ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ ଭିତରକୁ ଟାଣିନେଇ ସତ୍ୟ ସହିତ ସମ୍ବନ୍ଧ ସ୍ଥାପନ କରୁଅଛି । 'ହଂ' ଶିବ ବା ପୁରୁଷ', 'ସଃ' ଶକ୍ତି ବା ପ୍ରକୃତି । 'ହଂସଃ' ଶ୍ୱାସ-ପ୍ରଶ୍ୱାସର ବା ପୁରୁଷ-ପ୍ରକୃତିର ମିଳନ । ସୁତରାଂ 'ହଂସ' ହିଁ ଜୀବାତ୍ମା । ମୂଳାଧାରଠାରୁ ହଂସ ଶବ୍ଦ ଉତ୍‌ଥିତ ହୋଇ ଜୀବାଧାର ଅନାହତ ପଦ୍ମରେ ଧ୍ୱନିତ ହୁଏ । ବାୟୁଦ୍ୱାରା ଚାଳିତ ହୋଇ ଅନାହତ ଠାରୁ 'ହଂସ' ନାସିକା ପଥ ଦେଇ ଶ୍ୱାସପ୍ରଶ୍ୱାସ ରୂପରେ ବହିର୍ଗତ ହେଉଅଛି । ଅତଏବ ଜୀବ ଠାରୁ ସ୍ୱତଃ 'ହଂସ' ଧ୍ୱନି ଉତ୍‌ଥିତ ହେଉଅଛି । ହଂସ-ବୀଜ ଜୀବଦେହର ଆତ୍ମା । ଏହି 'ହଂସ' ଧ୍ୱନି ସାମାନ୍ୟ ଚେଷ୍ଟାରେ ସାଧକଙ୍କର କର୍ଣ୍ଣଗୋଚର ହୋଇଥାଏ । ମାନବର ଅଜ୍ଞାନତମସାଚ୍ଛନ୍ନ ବିଷୟବିମୂଢ଼ ମନ ତାହା ଉପଲବ୍‌ଧି କରିପାରେ ନାହିଁ । ସଦ୍‌ଗୁରୁଙ୍କ କୃପାରୁ ଏହା ଜାଣି ପାରିଲେ,ଆଉ ମାଳା-ଝୁଲା ନେଇ ବିଡ଼ମ୍ବନା ଭୋଗ କରିବାକୁ ପଡ଼େ ନାହିଁ ।

ଏହି ଅଜପା ଜପ ମୋକ୍ଷଦାୟୀ । ସୁତରାଂ ଏହା ସହିତ ଶ୍ରୀଗୁରୁଙ୍କ ପ୍ରଦତ୍ତ ଇଷ୍ଟମନ୍ତ୍ର ଅଥବା ଅନ୍ୟ ଯେ କୌଣସି ମନ୍ତ୍ର ଜପ କରିପାରିଲେ, ଅତି ସହଜରେ ଓ ଅତି ଶୀଘ୍ର ସାଧକଙ୍କର ମନ୍ତ୍ରସିଦ୍ଧି ହୋଇଥାଏ । **ଅଜପା-ଜପର ପ୍ରଣାଳୀ** ନିମ୍ନରେ ପ୍ରଦତ୍ତ ହେଲା ।

ପ୍ରଥମେ ସାଧକ ମନଃସଂଯମ ପୂର୍ବକ କୁଶାସନ କିମ୍ବା କମ୍ବଳାସନରେ ନିଜ ନିଜର ଅଭ୍ୟସ୍ତ ଯେ କୌଣସି ଆସନରେ ସ୍ଥିର ଭାବରେ ଉପବେଶନ କରି ବ୍ରହ୍ମରନ୍ଧ୍ରରେ ଶତଦଳକମଳରେ ଗୁରୁଦେବଙ୍କୁ ଧ୍ୟାନ ଓ ପ୍ରଣାମ କରିବେ । ତଦନନ୍ତର ସ୍ୱ ସ୍ୱ ପଟଳ ଅନୁଯାୟୀ ଅଙ୍ଗନ୍ୟାସ, କରନ୍ୟାସ ଓ ପ୍ରାଣାୟାମ ସମାପନ କରି କିମ୍ବା ପୂର୍ବୋକ୍ତ ପ୍ରଣାଳୀକ୍ରମରେ ଯୋନିମୁଦ୍ରା ଅବଲମ୍ବନ କରି କୁଣ୍ଡଳିନୀ-ଶକ୍ତିଙ୍କୁ ଉଦ୍‌ବୋଧିତା କରିବେ ।*। କୁଣ୍ଡଳିନୀ ଉଦ୍‌ବୋଧିତା ନ ହେଲେ, ଜପପୂଜା ସମସ୍ତ ହିଁ ବୃଥା । ଯଥା —

---

* ମତ୍‌ପ୍ରଣୀତ 'ଯୋଗୀଗୁରୁ' ଗ୍ରନ୍ଥରେ 'କୁଣ୍ଡଳିନୀ ଚୈତନ୍ୟ'ର ବହୁବିଧ ସହଜ ଓ ସୁଖସାଧ କୌଶଳ ଲିଖିତ ହୋଇଅଛି ।　　　　— ଗ୍ରନ୍ଥକାର

"ମୂଳପଦ୍ମେ କୁଣ୍ଡଳିନୀ ଯାବ ନିଦ୍ରାୟିତା ପ୍ରଭୋ ।
ତାବତ୍ କିଞ୍ଚନ ସିଧ୍ୟେତ ମନ୍ତ୍ରଯନ୍ତ୍ରାର୍ଚ୍ଚନାଦିକମ୍ ।।
ଜାଗର୍ତ୍ତି ଯଦି ସା ଦେବୀ ବହୁଭିଃ ପୁଣ୍ୟସଞ୍ଚୟୈଃ ।
ତତ୍ ପ୍ରସାଦସମାୟାତି ମନ୍ତ୍ରଯନ୍ତ୍ରାର୍ଚ୍ଚନାଦିକମ୍ ।।" (ଗୌତମୀୟ ତନ୍ତ୍ର)

ମୂଳାଧାରସ୍ଥିତା କୁଳକୁଣ୍ଡଳିନୀ ଶକ୍ତି ଯେ ପର୍ଯ୍ୟନ୍ତ ଜାଗରିତା ହୋଇ ନାହାନ୍ତି, ସେ ପର୍ଯ୍ୟନ୍ତ ମନ୍ତ୍ରଜପ ଓ ଯନ୍ତ୍ରାଦିରେ ପୂଜାର୍ଚ୍ଚନା ବିଫଳ । ଯଦି ବହୁ ପୁଣ୍ୟପ୍ରଭାବରେ ସେହି ଶକ୍ତିଦେବୀ ଜାଗରିତା ହୁଅନ୍ତି, ତେବେ ମନ୍ତ୍ରଜପାଦିର ଫଳ ମଧ୍ୟ ସିଦ୍ଧ ହୋଇପାରିବ ।

ସୁତରାଂ ଯୋନିମୁଦ୍ରା ବନ୍ଧନ ପୂର୍ବକ ଅଜପା ଜପର ଅନୁଷ୍ଠାନ କରିବ । କାରଣ ସେଥିରେ କୁଣ୍ଡଳିନୀ ଦେବୀ ଉଦ୍‌ବୋଧିତା ଓ ଊର୍ଦ୍ଧ୍ୱଗମନୋନ୍ମୁଖୀ ହୋଇଥାନ୍ତି ।

ମୂଳାଧାର-ପଦ୍ମ ଅନ୍ତର୍ଗତ ଯେଉଁ ସ୍ୱୟମ୍ଭୂଲିଙ୍ଗ ଅଛନ୍ତି, କୁଣ୍ଡଳିନୀ ସାର୍ଦ୍ଧତ୍ରିବଳୟାକାରରେ ସେହି ସ୍ୱୟମ୍ଭୂ ଲିଙ୍ଗଙ୍କୁ ବେଷ୍ଟନ କରି ଅବସ୍ଥାନ କରନ୍ତି । ଯୋନିମୁଦ୍ରାର ସହଯୋଗରେ ମୂଳାଧାରକୁ ଆକୁଞ୍ଚିତ କରି ଚିନ୍ତା କରିବାକୁ ହେବ ଯେ, କୁଣ୍ଡଳିନୀ ଶକ୍ତି ଜାଗରିତା ଏବଂ ମହାତେଜୋମୟୀ ହୋଇ ଊର୍ଦ୍ଧ୍ୱଗମନୋନ୍ମୁଖୀ ଭାବରେ ଅପେକ୍ଷା କରିଛନ୍ତି । ଏହି ସମୟରେ ନିଜର ମନ୍ତ୍ରାକ୍ଷରଗୁଡ଼ିକ କୁଣ୍ଡଳିନୀଙ୍କ ଶରୀରରେ ଗ୍ରଥିତ ( ଅର୍ଥାତ୍ କୁଣ୍ଡଳିନୀରୂପ ସୂତ୍ରରେ ମନ୍ତ୍ରାକ୍ଷରଗୁଡ଼ିକ ମଣି ଭଳି ଗ୍ରଥିତ) ବୋଲି ଚିନ୍ତା କରିବାକୁ ହେବ । ଏହାପରେ ସାଧକ ମନେ ମନେ ଇଷ୍ଟମନ୍ତ୍ର ଉଚ୍ଚାରଣପୂର୍ବକ ନିଃଶ୍ୱାସର ତାଳେ ତାଳେ ଅର୍ଥାତ୍ ପୂରକ କାଳରେ ଚିନ୍ତା ଦ୍ୱାରା ଏହି କୁଣ୍ଡଳିନୀ ଶକ୍ତିଙ୍କୁ ଉତ୍‌ଥାପନ କରି ସହସ୍ରାର କମଳକର୍ଣ୍ଣିକା ମଧ୍ୟବର୍ତ୍ତୀ ପରମାନନ୍ଦମୟ ପରମାତ୍ମାଙ୍କ ସହିତ ଐକାତ୍ମ୍ୟ କରାଇବେ ଏବଂ ରେଚନ କାଳରେ ଏହି ଶକ୍ତିଙ୍କୁ ଯଥା ସ୍ଥାନକୁ ଆନୟନ କରିବେ । କହିବା ବାହୁଲ୍ୟ, ରେଚନ ସମୟରେ ଆଉ ମନ୍ତ୍ର ଉଚ୍ଚାରଣର ପ୍ରୟୋଜନ ନାହିଁ ।

ଏହିପରି ଭାବରେ ନିଃଶ୍ୱାସର ତାଳେ ତାଳେ ଯଥାଶକ୍ତି ମନ୍ତ୍ର ଜପ କରି ନିଶ୍ୱାସ ରୋଧପୂର୍ବକ ଭାବନା ଦ୍ୱାରା କୁଣ୍ଡଳିନୀଙ୍କୁ ଥରେ ସହସ୍ରାରକୁ ନେଇଯିବେ

ଏବଂ ତତ୍‌କ୍ଷଣାତ୍ ମୂଳାଧାରକୁ ଆନୟନ କରିବେ । ଏହିଭଳି ଥରକୁ ଥର କରୁ କରୁ ସୁଷୁମ୍ନା ପଥରେ ବିଦ୍ୟୁତ୍ ସଦୃଶ ଦୀର୍ଘାକାର ତେଜ ଲକ୍ଷିତ ହେବ ।

ସାଧକ ପ୍ରତ୍ୟହ ଏହିପରି ନିୟମରେ ଜପ କଲେ, **ମନ୍ତ୍ରସିଦ୍ଧ** ଲାଭ କରିପାରିବେ, ଏଥିରେ ସନ୍ଦେହ ନାହିଁ । ନ୍ୟାସ ଆଦି ନ କରି ସାଧକ ଦିବାରାତ୍ର ଶୟନ, ଗମନ, ଭୋଜନ ଏବଂ ସଂସାରର କାର୍ଯ୍ୟ ନିର୍ବାହ କରିବା ଅବସ୍ଥାରେ ମଧ୍ୟ ଅଜପା ସହିତ ଇଷ୍ଟମନ୍ତ୍ର ଜପ କରିପାରିବେ । ଜୀବାତ୍ମାର ଦେହତ୍ୟାଗର ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି ଅଜପା ପରମମନ୍ତ୍ର ଜପ ହୋଇଥାଏ । ଅତଏବ ମୃତ୍ୟୁ ସମୟରେ ଜ୍ଞାନପୂର୍ବକ 'ସଃ' ସହିତ ଇଷ୍ଟମନ୍ତ୍ର ଯୋଗ କରି ଶେଷ **'ହଂ'** ସହିତ ଦେହ ତ୍ୟାଗ କରି ପାରିଲେ, ଶିବ ରୂପରେ **ବ୍ରହ୍ମଲୋକ ପ୍ରାପ୍ତି** ହୋଇଥାଏ ।

## ଶ୍ମଶାନ ଓ ଚିତାସାଧନ

**ଦୀକ୍ଷା** ଗ୍ରହଣ କରି ସାଧକ ନିତ୍ୟନୈମିତ୍ତିକ କର୍ମର ଅନୁଷ୍ଠାନ କରୁ କରୁ କ୍ରମେ ଯେତେବେଳେ ଦୃଢ଼ିଷ୍ଠ ଓ କର୍ମିଷ୍ଠ ହୋଇ ଉଠିବେ, ସେତେବେଳେ କାମ୍ୟ କର୍ମର ଅନୁଷ୍ଠାନ କରିବାର ଅଧିକାରୀ ହେବେ । ସାଧନାର ଉଚ୍ଚ ଉଚ୍ଚ ସ୍ତରକୁ ଅଧିରୋହଣ କରିବାକୁ ହେଲେ ତାନ୍ତ୍ରିକ ଗୁରୁଙ୍କ ନିକଟରୁ ଅଧିକାର ଅନୁରୂପ ସଂସ୍କାରରେ ସଂସ୍କୃତ ହେବାକୁ ପଡ଼େ । ଅନ୍ୟଥା ସାଧନା ଅନୁରୂପ ଫଳ ପାଇବା ସୁକଠିନ । କଳିକାଳରେ ତନ୍ତ୍ରୋକ୍ତ କାମ୍ୟ କର୍ମଗୁଡ଼ିକ ମଧ୍ୟରେ **ବୀରସାଧନ ଶ୍ରେଷ୍ଠ** ଓ ସଦ୍ୟ ଫଳପ୍ରଦ । ସେଥିମଧ୍ୟରୁ ଯୋଗିନୀ, ଭୈରବୀ, ବେତାଳ, ଚିତା ଓ ଶବସାଧନା ସର୍ବୋତ୍କୃଷ୍ଟ । ମୁଁ ଏହି 'କଳ୍ପ'ରେ ଅବିଦ୍ୟା ବା ଉପବିଦ୍ୟାର ସାଧନ ପ୍ରଣାଳୀ ବିବୃତ କରିବି ନାହିଁ । 'ମହାବିଦ୍ୟା ସାଧନା' ହିଁ ମୋର ଏକମାତ୍ର ଲକ୍ଷ୍ୟ । ଅତଏବ ଶ୍ମଶାନ-ସାଧନ ଓ ଚିତା-ସାଧନ ଏବଂ ଶବ-ସାଧନର ପ୍ରଣାଳୀ ହିଁ ମୁଁ ନିମ୍ନରେ ଲିପିବଦ୍ଧ କରୁଅଛି । ପୂର୍ଣ୍ଣାଭିଷେକ ଓ କ୍ରମଦୀକ୍ଷା ଗ୍ରହଣ କରିବା ପରେ ବୀରସାଧନାର ଅନୁଷ୍ଠାନ କରିବାକୁ ହେବ ।

ଯେଉଁମାନେ ମହାବଳଶାଳୀ, ମହାବୁଦ୍ଧିମାନ, ମହାସାହସୀ, ସରଳଚିତ୍ତ, ଦୟାଶୀଳ, ସର୍ବପ୍ରାଣୀଙ୍କର ହିତକାର୍ଯ୍ୟରେ ଅନୁରକ୍ତ, ସେହିମାନେ ହିଁ ଏହି

କାର୍ଯ୍ୟରେ ଯଥାର୍ଥ ଉପଯୁକ୍ତ ପାତ୍ର । ଏହି ସାଧନା ସମୟରେ ସାଧକ କୌଣସି ପ୍ରକାରରେ ଭୀତ ହେବେ ନାହିଁ, ହାସ୍ୟ-ପରିହାସ ପରିତ୍ୟାଗ କରିବେ ଏବଂ କୌଣସି ଆଡ଼କୁ ଲକ୍ଷ୍ୟ ନ ରଖି ଏକାଗ୍ରଚିତ୍ତରେ ସାଧନାର ଅନୁଷ୍ଠାନ କରିବେ ।

**"ଅଷ୍ଟମ୍ୟାଞ୍ଚ ଚତୁର୍ଦ୍ଦଶ୍ୟାଂ ପକ୍ଷୟୋରୁଭୟୋରପି ।**
**କୃଷ୍ଣପକ୍ଷେ ବିଶେଷେଣ ସାଧୟେଦ୍‌ବୀରସାଧନମ୍ ।। (ବୀରତନ୍ତ୍ର)**

କୃଷ୍ଣପକ୍ଷର ଅଷ୍ଟମୀ କିମ୍ବା ଶୁକ୍ଳପକ୍ଷର ଅଷ୍ଟମୀ ଅଥବା ଚତୁର୍ଦ୍ଦଶୀ ତିଥିରେ **ବୀରସାଧନ** କରାଯାଇପାରେ । ତେବେ କୃଷ୍ଣପକ୍ଷ ହିଁ ପ୍ରଶସ୍ତ ବୋଲି ଜାଣିବ ।

ଅର୍ଦ୍ଧପ୍ରହର-ରାତ୍ରି ଗତ ହେଲେ, ସାଧକ ଶ୍ମଶାନକୁ ଗମନପୂର୍ବକ ନିର୍ଦ୍ଦିଷ୍ଟ ଚିତାରେ ମନ୍ତ୍ରଧ୍ୟାନପରାୟଣ ହୋଇ ନିଜର ହିତସାଧନ ନିମିତ୍ତ ସାଧନାର ଅନୁଷ୍ଠାନ କରିବେ । ସାମିଷାନ୍ନ, ଗୁଡ଼, ଛାଗ, ସୁରା, ପାୟସ, ପିଷ୍ଟକ, ନାନାବିଧ ଫଳ, ନୈବେଦ୍ୟ ଏବଂ ନିଜ ନିଜ ଦେବତାଙ୍କର ପୂଜାବିହିତ ଦ୍ରବ୍ୟଗୁଡ଼ିକ ଏଥି ପୂର୍ବରୁ ସଂଗ୍ରହ କରି ସାଧକ ସେହି ସବୁ ଦ୍ରବ୍ୟକୁ ଶ୍ମଶାନ ସ୍ଥାନକୁ ଆନୟନ କରି ନିର୍ଭୟ ଚିତ୍ତରେ ସମାନଗୁଣଶାଳୀ ଅସ୍ତ୍ରଧାରୀ ବନ୍ଧୁମାନଙ୍କ ସହିତ ସାଧନା ଆରମ୍ଭ କରିବେ । ବଳିଦ୍ରବ୍ୟଗୁଡ଼ିକୁ ସାତଗୋଟି ପାତ୍ରରେ ରଖି ସେଥିମଧ୍ୟରୁ ଚାରିଗୋଟି ପାତ୍ରକୁ ଚାରିଦିଗରେ ଏବଂ ତିନିଗୋଟି ପାତ୍ରକୁ ମଧ୍ୟଭାଗରେ ସ୍ଥାପନ କରି ମନ୍ତ୍ର ପାଠପୂର୍ବକ ନିବେଦନ କରିବେ । ଗୁରୁଭ୍ରାତା ଅଥବା ସୁବ୍ରତ ବ୍ରାହ୍ମଣଙ୍କୁ ଆତ୍ମରକ୍ଷା ନିମିତ୍ତ ଅଦୂରରେ ବସାଇ ରଖିବାକୁ ହେବ ।

**"ଅସଂସ୍କୃତା ଚିତା ଗ୍ରାହ୍ୟା ନ ତୁ ସଂସ୍କାରସଂସ୍କୃତା**
**ଚଣ୍ଡାଳାଦିଷୁ ସଂପ୍ରାପ୍ତା କେବଳଂ ଶୀଘ୍ରସିଦ୍ଧିଦା ।।" (ତନ୍ତ୍ରସାର)**

ସାଧନକାର୍ଯ୍ୟରେ ଅସଂସ୍କୃତା ଚିତା ହିଁ ଗ୍ରହଣୀୟା, ସଂସ୍କୃତା ଅର୍ଥାତ୍ ଜଳସେକାଦି ଦ୍ୱାରା ପରିଷ୍କୃତା ଚିତାରେ ସାଧନ କରିବ ନାହିଁ । ଚଣ୍ଡାଳାଦିଙ୍କ ଚିତାରେ ଶୀଘ୍ର ଫଳଲାଭ ହୋଇଥାଏ ।

ବୀରସାଧନାଧିକାରୀ ବ୍ୟକ୍ତି ଶାସ୍ତ୍ରୋକ୍ତବିଧାନରେ ଚିତା ନିର୍ଦ୍ଦେଶପୂର୍ବକ ଅର୍ଘ୍ୟ ସ୍ଥାପନ କରି ସ୍ୱସ୍ତିବାଚନ କରିବ ଏବଂ ତତ୍ପରେ **"ଓଁ ଅଦ୍ୟେତ୍ୟାଦି ଅମୁକ-**

**ଗୋତ୍ରଃ ଶ୍ରୀ ଅମୁକଦେବଶର୍ମା ଅମୁକ-ମନ୍ତ୍ରସିଦ୍ଧିକାମଃ ଶ୍ମଶାନ-ସାଧନମହଂ କରିଷ୍ୟେ'** — ଏହି ମନ୍ତ୍ରରେ ସଂକଳ୍ପ କରିବେ । ତାହାପରେ ସାଧକ ବସ୍ତ୍ରାଳଙ୍କାର ପ୍ରଭୃତି ବିବିଧ ଭୂଷଣରେ ବିଭୂଷିତ ହୋଇ ପୂର୍ବାଭିମୁଖରେ ଉପବେଶନପୂର୍ବକ ଫଟ୍‌କାରାନ୍ତ ମୂଳମନ୍ତ୍ରରେ ଚିତାସ୍ଥାନ ପ୍ରୋକ୍ଷଣ କରିବେ । ତପୂରେ ଗୁରୁଦେବଙ୍କ ପାଦପଦ୍ମ ଧ୍ୟାନ କରି ଗଣେଶ, ବଟୁକ, ଯୋଗିନୀ ଓ ମାତୃକାଗଣଙ୍କର ପୂଜା କରିବେ । ତାହାପରେ ଫଟ୍ ଏହି ମନ୍ତ୍ରରେ ଆତ୍ମରକ୍ଷା କରି —

**''ଯେ ଚାତ୍ର ସଂସ୍ଥିତା ଦେବା ରାକ୍ଷସାଶ୍ଚ ଭୟାନକାଃ ।**
**ପିଶାଚାଃ ସିଦ୍ଧୟୋ ଯକ୍ଷା ଗନ୍ଧର୍ବାପ୍‌ସରସାଂ ଗଣାଃ ।।**
**ଯୋଗିନ୍ୟୋ ମାତରୋ ଭୂତାଃ ସର୍ବାଶ୍ଚ ଖେଚରାଃ ସ୍ତ୍ରିୟଃ ।**
**ସିଦ୍ଧିଦାତା ଭବନ୍ତ୍ୱତ୍ର ତଥା ଚ ମମ ରକ୍ଷକାଃ ।।**

ଏହି ମନ୍ତ୍ରରେ ପ୍ରଣାମ କରି ତିନି ଅଞ୍ଜଳି ପୁଷ୍ପ ପ୍ରଦାନ କରିବେ । ଅନନ୍ତର ପୂର୍ବ ଦିଗରେ **ଓଁ ହୂଁ ଶ୍ମଶାନାଧିପ ଇମଂ ସାମିଷାନ୍ନବଳିଂ ଗୃହ୍ଣ ଗୃହ୍ଣ ଗୃହ୍ଣାପୟ ଗୃହ୍ଣାପୟ ବିଘ୍ନ ନିବାରଣଂ କୁରୁ ସିଦ୍ଧିଂ ମମ ପ୍ରଯଚ୍ଛ ସ୍ୱାହା** - ଏହି ମନ୍ତ୍ରରେ ଶ୍ମଶାନାଧିପତିଙ୍କ ପୂଜା ଓ ବଳି ପ୍ରଦାନ କରିବେ । ଦକ୍ଷିଣ ଦିଗରେ **''ଓଁ ହ୍ରୀଂ ଭୈରବ ଭୟାନକ ଇମଂ ସାମିଷାନ୍ନ.... ସ୍ୱାହା''** (ଇମଂ ସାମିଷାନ୍ନ ଠାରୁ ସ୍ୱାହା ପର୍ଯ୍ୟନ୍ତ ପୂର୍ବବତ୍) — ଏହି ମନ୍ତ୍ରରେ ଭୈରବଙ୍କର ପୂଜା ଓ ବଳି, ପଶ୍ଚିମ ଦିଗରେ **''ଓଁ ହୂଁ କାଳଭୈରବ ଶ୍ମଶାନାଧିପ ଇମଂ ସାମିଷାନ୍ନ...ସ୍ୱାହା''**—ଏହି ମନ୍ତ୍ରରେ କାଳଭୈରବଙ୍କ ପୂଜା ଓ ବଳି ଏବଂ ଉତ୍ତର ଦିଗରେ **''ଓଁ ହୂଁ ମହାକାଳ ଶ୍ମଶାନାଧିପ ଇମଂ ସାମିଷାନ୍ନ .....ସ୍ୱାହା''** —ଏହି ମନ୍ତ୍ରରେ ମହାକାଳଙ୍କ ପୂଜା ଓ ବଳି ପ୍ରଦାନ କରିବେ । ଅନନ୍ତର ତିନୋଟି ବଳି ଚିତା ମଧ୍ୟରେ -

**''ଓଁ କାଳରାତ୍ରି ମହାକାଳି କାଳିକେ ଘୋରନିଃସ୍ୱନେ ।**
**ଗୃହାଣେମଂ ବଳିଂ ମାତର୍ଦେହି ସିଦ୍ଧିମନୁତ୍ତମାମ୍ ।।''**

— ଏହି ମନ୍ତ୍ରରେ ଗୋଟିଏ ବଳି କାଳିକା ଦେବୀଙ୍କୁ, **''ଓଁ ହୂଁ ଭୂତନାଥ ଶ୍ମଶାନାଧିପ ଇମଂ ସାମିଷାନ୍ନ ... ସ୍ୱାହା''**—ଏହି ମନ୍ତ୍ରରେ ଦ୍ୱିତୀୟ ବଳିଟି ଭୂତନାଥଙ୍କୁ ଏବଂ **''ଓଁ ହୂଁ ସର୍ବଗଣନାଥ ଶ୍ମଶାନାଧିପ ଇମଂ ସାମିଷାନ୍ନେ....ସ୍ୱାହା''**

—ଏହି ମନ୍ତ୍ରରେ ତୃତୀୟ ବଳିଟି ଗଣନାଥଙ୍କୁ ପ୍ରଦାନ କରିବେ । ଏହିପରି ବଳି ପ୍ରଦାନ କରି ପଞ୍ଚଗବ୍ୟ ଓ ଜଳଦ୍ୱାରା ଶ୍ମଶାନସ୍ଥ ଅସ୍ଥି ପ୍ରଭୃତି ପ୍ରକ୍ଷାଳନ କରି ତାହା ଉପରେ ପୀତବସ୍ତ୍ର ବିନ୍ୟାସପୂର୍ବକ ବଟପତ୍ରରେ କିମ୍ବା ଭୂଜପତ୍ରରେ ପୀଠମନ୍ତ୍ର ଲେଖି ପୀତବସ୍ତ୍ର ଉପରେ ସ୍ଥାପନ କରିବେ । ତାହା ଉପରେ ବ୍ୟାଘ୍ର ଚର୍ମାଦିର ଆସନ ଆବୃତ କରି ବୀରାସନରେ ଉପନିବେଶନ ପୂର୍ବକ **''ହୂଁ ହୂଁ ହ୍ରୀଂ ହ୍ରୀଂ କାଳିକେ ଘୋରଦଂଷ୍ଟ୍ରେ ପ୍ରଚଣ୍ଡେ ଚଣ୍ଡନାୟିକେ ଦାନବାନ୍ ବାରୟ ହନ ହନ ଶବଶରୀରେ ମହାବିଘ୍ନଂ ଛେଦୟ ସ୍ୱାହା ହୂଁ ଫଟ୍''** —ଏହି **ବୀରାର୍ଦ୍ଦନ ମନ୍ତ୍ରରେ** ପୂର୍ବାଦି ଦଶଦିଗକୁ ଲୋଷ୍ଟ୍ର ବା ଟେକା ନିକ୍ଷେପ କରିବେ । ଏହିପରି ଦଶଦିଗ ରକ୍ଷା କରି ତନ୍ମଧ୍ୟରେ ଉପବେଶନପୂର୍ବକ ସାଧନା କଲେ, କୌଣସି ବାଧାବିଘ୍ନ ଘଟିପାରେ ନାହିଁ ।

ସାଧନ ସମୟରେ ଯଦି ସାଧକ କୌଣସି ପ୍ରକାର ଭୟରେ କାତର ହୁଅନ୍ତି, ତତ୍‌କ୍ଷଣାତ୍ ସୁହୃଦ୍‌ବର୍ଗ ସାଧକଙ୍କ ଭୟ ନିବାରଣ କରିବେ । ସୁହୃଦ୍‌ଗଣ ସର୍ବଦା ଏପରି ସତର୍କ ଥିବେ ଯେ ଯେଭଳି କୌଣସି ପ୍ରକାରରେ ସାଧକ ଭୟବିହ୍ୱଳ ହୋଇ ନ ପଡ଼ନ୍ତି । ଯଦି ସାଧକ ଅସହ୍ୟ ଭୟରେ ଅତ୍ୟନ୍ତ କାତର ହୋଇପଡ଼ନ୍ତି, ତେବେ ତତ୍‌କ୍ଷଣାତ୍ ବସ୍ତ୍ର ଦ୍ୱାରା **ସାଧକଙ୍କ ଚକ୍ଷୁ ଓ କର୍ଣ୍ଣ ବନ୍ଧନ କରିଦେବା କର୍ତ୍ତବ୍ୟ** । କାରଣ ସେ ଯେପରି କିଛି ଦେଖି ବା ଶୁଣି ନ ପାରନ୍ତି ।

ତାହାପରେ କର୍ପୂରମିଶ୍ରିତ ଶ୍ୱେତ ଆକନ୍ଦ ଓ ଶ୍ୱେତ ବେଡ଼େଲାର (ବାଡ଼ିଅଁଳା) ତୁଳା ଦ୍ୱାରା ବତୀ ପ୍ରସ୍ତୁତ କରି ପ୍ରଦୀପ ପ୍ରଜ୍ୱଳନପୂର୍ବକ ସେହି ସ୍ଥାନରେ ରଖିବେ । ପରେ **''ଓଁ ଦେବ୍ୟସ୍ତ୍ରେଭ୍ୟୋ ନମଃ''** —ଏହି ମନ୍ତ୍ରରେ ଅସ୍ତ୍ରପୂଜା କରି ସାଧକ ନିଜ ଅଧୋଭାଗରେ ଏହି ପ୍ରଜ୍ୱଳିତ ପ୍ରଦୀପ ପ୍ରୋଥିତ କରି ରଖିବେ । କିନ୍ତୁ —

**''ହତେ ତସ୍ମିନ୍ ମହାଦୀପେ ବିଘ୍ନୈଷ୍ଟ ପରିଭୂତୟେ ।।'' (ତନ୍ତ୍ରସାର)**

ଏହି ପ୍ରଦୀପ ଯଦି ନିର୍ବାପିତ ହୋଇଯାଏ, ସାଧନାରେ ନାନା ବିଘ୍ନ ଉପସ୍ଥିତ ହୋଇପାରେ ।

ତତ୍ପରେ ନିଜ ନିଜ କଳ୍ପୋକ୍ତ ବିଧାନ ଅନୁସାରେ ନ୍ୟାସସମୂହ ଓ ଭୂତଶୁଦ୍ଧି କରି ଇଷ୍ଟଦେବତାଙ୍କ ପୂଜା ସମାପନପୂର୍ବକ **"ଓଁ ଅଦ୍ୟେତ୍ୟାଦି ଅମୁକଗୋତ୍ରଃ ଶ୍ରୀ ଅମୁକ ଦେବଶର୍ମା ଅମୁକ-ମନ୍ତ୍ରସିଦ୍ଧିକାମଃ ଅମୁକ-ମନ୍ତ୍ରସ୍ୟାମୁକସଂଖ୍ୟଜପମହଂ କରିଷ୍ୟେ"**—ଏହି ମନ୍ତ୍ରରେ ସଂକଳ୍ପ କରିବେ । ଅନନ୍ତର ନିଜ ହୃଦୟରେ ଦେବତାଙ୍କ ଧ୍ୟାନ କରି ମନ୍ତ୍ର ଜପ ଆରମ୍ଭ କରିବେ । **ଜପର ବିଧାନ** ହେଲା—

**"ଏକାକ୍ଷରୀ ଯଦି ଭବେଦ୍ ଦିକ୍‌ସହସ୍ରଂ ତତୋ ଜପେଦ୍ ।**
**ଦ୍ୱ୍ୟକ୍ଷରେଽଷ୍ଟସହସ୍ରଂ ସ୍ୟାତ୍ତ୍ର୍ୟକ୍ଷରେ ଚାୟୁତାର୍ଦ୍ଧକମ୍ ॥**
**ଅତଃ ପରନ୍ତୁ ମନ୍ତ୍ରଜ୍ଞୋ ଗଜାନ୍ତକସହସ୍ରକଂ ।**
**ନିଶାୟାଂ ବା ସମାରଭ୍ୟ ଉଦୟାନ୍ତଂ ସମାଚରେଦ୍ ॥"** (ତନ୍ତ୍ରସାର)

ସାଧକଙ୍କ ମନ୍ତ୍ର ଏକାକ୍ଷରୀ ହେଲେ ଦଶହଜାର, ଦ୍ୱି-ଅକ୍ଷରୀ ହେଲେ ଆଠ ହଜାର, ତିନି-ଅକ୍ଷରୀ ହେଲେ ପାଞ୍ଚ ହଜାର, ଚତୁରକ୍ଷରୀ ବା ତତୋଽଧିକ ଅକ୍ଷରୀ ମନ୍ତ୍ର ହେଲେ ଅଷ୍ଟୋତ୍ତର ସହସ୍ର ସଂଖ୍ୟାରେ ଜପ କରିବାକୁ ହେବ । ନିଶା ସମୟରେ ଆରମ୍ଭ କରି ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଜପ କରିବା କର୍ତ୍ତବ୍ୟ ।

ଯଦି ଅର୍ଦ୍ଧରାତ୍ର ଜପ କଲେ ମଧ୍ୟ କିଛି ଦେଖିବାକୁ ନ ମିଳେ, ତେବେ **"ଓଁ ଦୁର୍ଗେ ଦୁର୍ଗେ ରକ୍ଷଣି ସ୍ୱାହା"** — ଏହି ଜୟଦୁର୍ଗା ମନ୍ତ୍ରରେ ସର୍ଷପ ଏବଂ-

**"ଓଁ ତିଳୋଽସି ସୋମଦୈବତ୍ୟୋ ଗୋସବସ୍ତୃପ୍ତିକାରକଃ ।**
**ପିତୃଣାଂ ସ୍ୱର୍ଗଦାତା ତ୍ୱଂ ମର୍ତ୍ତ୍ୟାନାଂ ମମ ରକ୍ଷକଃ ।**
**ଭୂତପ୍ରେତପିଶାଚାନାଂ ବିଘ୍ନେଷୁ ଶାନ୍ତକାରକଃ ॥"**

ଏହି ମନ୍ତ୍ର ପାଠ କରି ତିଳ ଈଶାନାଦି ଚତୁଷ୍କୋଣରେ ନିକ୍ଷେପ କରିବାକୁ ହେବ । ତାହାପରେ ପୂର୍ବ ଉପବେଶନ ସ୍ଥାନରୁ ସାତ ପଦ ଗମନ କରି ସେହି ସ୍ଥାନରେ ଉପବେଶନ ପୂର୍ବକ ପୁନର୍ବାର ଇଷ୍ଟଦେବତାଙ୍କ ପୂଜା କରି ଜପ କରିବ । ଯଦି ଜପ କରୁ କରୁ କେହି ଆସି **'ବର ଗ୍ରହଣ କର'** — ଏହି କଥା କହନ୍ତି, ସେତେବେଳେ ଦେବତାଙ୍କୁ ପ୍ରତିଜ୍ଞାବଦ୍ଧ କରାଇ ଅଭିଳଷିତ ବର ଗ୍ରହଣ କରିବ । ଜପର ଆଦିରେ, ଜପର ମଧ୍ୟରେ ଓ ଜପର ଶେଷରେ ବଳି ପ୍ରଦାନ କରିବ ।

ଜପର ଆଦି, ମଧ୍ୟ ଅଥବା ଅନ୍ତ କାଳରେ ଯେତେବେଳେ ଦେବୀ ବଳି ପ୍ରାର୍ଥନା କରିବେ, ସେତେବେଳେ ମହିଷ କିମ୍ବା ଛାଗ ବଳି ପ୍ରଦାନ କରିବ । ଯବପିଷ୍ଟକ ଦ୍ୱାରା ମହିଷ କିମ୍ବା ଛାଗ ପ୍ରସ୍ତୁତ କରି ବଳି ଦେବା କର୍ତ୍ତବ୍ୟ । ଯେତେବେଳେ ଦେବୀ ନର କିମ୍ବା ହସ୍ତୀ ବଳି ପ୍ରାର୍ଥନା କରିବେ, ସେତେବେଳେ "ଅନ୍ୟ ଦିନ ବଳି ପ୍ରଦାନ କରିବି" — ଏହିଭଳି ପ୍ରତିଜ୍ଞା କରି ସ୍ୱଗୃହକୁ ଗମନ କରିବ । ପରଦିନ **ଧାନ୍ୟପିଷ୍ଟ ବା ଯବପିଷ୍ଟ ଦ୍ୱାରା ନର ଓ ହସ୍ତୀ ପ୍ରସ୍ତୁତ କରି** ପୂର୍ବୋକ୍ତ ମନ୍ତ୍ରରେ ଖଡ୍‌ଗ ଦ୍ୱାରା ଛେଦନ କରିବ । ଯୋଗିନୀ-ହୃଦୟରେ ଲିଖିତ ଅଛି ଯେ, ଜପ ଶେଷରେ ଏହି ଭାବରେ ବଳି ପ୍ରଦାନ କରି ବର ଗ୍ରହଣ ପୂର୍ବକ ସୁହୃଦ୍‌ବର୍ଗଙ୍କ ସହିତ ହୃଷ୍ଟଚିତ୍ତରେ ସ୍ୱଗୃହକୁ ଗମନ କରି ନିଜ ଶକ୍ତି ଅନୁସାରେ ଗୁରୁ, ଗୁରୁପୁତ୍ର ଅଥବା ଗୁରୁପତ୍ନୀଙ୍କୁ ଦକ୍ଷିଣା ପ୍ରଦାନ କରିବ । ଯଥା —

**"ସମାପ୍ୟ ସାଧନଂ ଦେବି ଦକ୍ଷିଣାଂ ବିଭବାବଧିମ୍ ।**
**ଗୁରୁବେ ଗୁରୁପୁତ୍ରାୟ ତତ୍‌ପତ୍ନ୍ୟୈ ବା ନିବେଦୟେତ୍ ॥"**

## ଶବ-ସାଧନ

**ତନ୍ତ୍ର** ନାମରେ ଯେଉଁମାନେ ଭ୍ରୂକୁଞ୍ଚିତ କରିଥା'ନ୍ତି, ସେମାନେ ଥରେ ତନ୍ତ୍ରଶାସ୍ତ୍ର ପର୍ଯ୍ୟାଲୋଚନା କଲେ, ନିଜର ଭ୍ରମ ବୁଝିପାରିବେ ଏବଂ ବିସ୍ମିତ ଓ ସ୍ତମ୍ଭିତ ହୋଇ ସସମ୍ମାନରେ ନମସ୍କାର କରିବେ । ସାଧନାର ଏଭଳି ପ୍ରକୃଷ୍ଟ ପନ୍ଥା ଏବଂ ସାଧକଙ୍କର ରୁଚିଭେଦରେ ସ୍ୱଭାବାନୁଯାୟୀ ଏଭଳି ସାଧନପଦ୍ଧତି ଆଉ କୌଣସି ଶାସ୍ତ୍ର ପ୍ରକାଶ କରିପାରିନାହାନ୍ତି । କଳିର ଅଳ୍ପାୟୁ ଜୀବମାନେ ଯେଭଳି ଅତି ଅଳ୍ପ ସମୟ ମଧ୍ୟରେ ସିଦ୍ଧିଲାଭ କରିପାରିବେ, ତନ୍ତ୍ରଶାସ୍ତ୍ର ସେ ବିଷୟରେ ବିଶେଷ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ଅଧିକାରୀ ହୋଇପାରିଲେ, ସାଧକ ଗୋଟିଏ ରାତ୍ରିରେ ବ୍ରହ୍ମବିଦ୍ୟା ସିଦ୍ଧି କରିପାରନ୍ତି । ବୀରସାଧନ ତାହାର ଦୃଷ୍ଟାନ୍ତ । ମେହରର ସର୍ବବିଦ୍ୟା ସର୍ବାନନ୍ଦ ଠାକୁର ମାତ୍ର ଗୋଟିଏ ରାତ୍ର ଶବସାଧନ କରି ବ୍ରହ୍ମସାକ୍ଷାତ୍କାର ଲାଭ କରିଥିଲେ । ମୁଁ ନିମ୍ନରେ ସେ **ଶବସାଧନ ପ୍ରଣାଳୀ** ବିବୃତ କରୁଛି ।

ବୀରସାଧନକାରୀ ସାଧକ ଶୂନ୍ୟଗୃହ, ନଦୀତଟ, ପର୍ବତ, ନିର୍ଜ୍ଜନ ପ୍ରଦେଶ, ବିଲ୍ୱମୂଳ ଅଥବା ଶ୍ମଶାନ ସମୀପସ୍ଥ ବନ ପ୍ରଦେଶରେ ଶବସାଧନ କରିବେ । ଶାସ୍ତ୍ରୋକ୍ତ ବିହିତ ଦିବସରେ ଶବସାଧନ କର୍ତ୍ତବ୍ୟ । ଯଥା -

"ଅଷ୍ଟମ୍ୟାଞ୍ଚ ଚତୁର୍ଦ୍ଦଶ୍ୟାଂ ପକ୍ଷୟୋରୁଭୟୋରପି ।
ଭୌମବାରେ ତମିସ୍ରାୟାଂ ସାଧୟେତ୍ ସିଦ୍ଧିମୁତ୍ତମାମ୍ ॥"

— ଭାବଚୂଡ଼ାମଣି

କୃଷ୍ଣପକ୍ଷ କିମ୍ବା ଶୁକ୍ଳପକ୍ଷର ଅଷ୍ଟମୀ ଓ ଚତୁର୍ଦ୍ଦଶୀ ତିଥିରେ ମଙ୍ଗଳବାର ରାତ୍ରକାଳରେ ଏହି ସାଧନା କଲେ, ସାଧକ ଉତ୍ତମା-ସିଦ୍ଧି ଲାଭ କରିପାରିବେ ।

ଶବସାଧନାରେ କୃଷ୍ଣପକ୍ଷ ହିଁ ବିଶେଷ ପ୍ରଶସ୍ତ । ସାଧକ ପୂର୍ବରୁ ବିହିତ ଶବ ସଂଗ୍ରହ କରି ରଖିଥିବେ । ବିହିତ ଶବ, ଯଥା —

"ଯଷ୍ଟିବିଦ୍ଧଂ ଶୂଳବିଦ୍ଧଂ ଖଡ଼୍ଗବିଦ୍ଧଂ ଜଳେ ମୃତମ୍ ।
ବଜ୍ରବିଦ୍ଧଂ ସର୍ପଦଷ୍ଟଂ ଚାଣ୍ଡାଳଞ୍ଚାଭିଭୂତକମ୍ ।
ତରୁଣଂ ସୁନ୍ଦରଂ ଶୂରଂ ରଣେ ନଷ୍ଟଂ ସମୁଜ୍ଜ୍ୱଳମ୍ ।
ପଳାୟନବିଶୂନ୍ୟନ୍ତୁ ସମ୍ମୁଖରଣବର୍ତ୍ତିନମ୍ ॥" (ଭାବଚୂଡ଼ାମଣି)

ଯେଉଁ ବ୍ୟକ୍ତି ଯଷ୍ଟି, ଶୂଳ ଓ ଖଡ଼୍ଗ ଆଘାତରେ ପ୍ରାଣତ୍ୟାଗ କରିଥିବେ, ଜଳମଗ୍ନ ହୋଇ ମୃତ ହୋଇଥିବେ, ବଜ୍ରାଘାତରେ କିମ୍ବା ସର୍ପଦଂଶନରେ ଯାହାଙ୍କର ମୃତ୍ୟୁ ଘଟିଥିବ, ଏହିପରି ଚଣ୍ଡାଳ-ଜାତୀୟ ମୃତ ଦେହକୁ ଏହି କାର୍ଯ୍ୟରେ ଶବ କରିବ । ବୀରସାଧନ କାର୍ଯ୍ୟରେ ମନୁଷ୍ୟର ମୃତଦେହ ହିଁ ପ୍ରଶସ୍ତ । ଅନ୍ୟାନ୍ୟ କ୍ଷୁଦ୍ର ଶବ ସାଧାରଣ କର୍ମସିଦ୍ଧି ନିମିତ୍ତ ନିୟୋଜିତ ହୋଇପାରେ । ବ୍ରାହ୍ମଣ ଶବ ମଧ୍ୟ ଏହି କାର୍ଯ୍ୟ ନିମିତ୍ତ ପରିତ୍ୟାଗ କରିବ । ଯେଉଁ ବ୍ୟକ୍ତି ପଳାୟନ ନ କରି ସମ୍ମୁଖ ଯୁଦ୍ଧରେ ପ୍ରାଣ ବିସର୍ଜ୍ଜନ ଦେଇଥିବେ, ତାଙ୍କର ଦେହ ମଧ୍ୟ ଶବସାଧନ କାର୍ଯ୍ୟରେ ପ୍ରଶସ୍ତ । ଏଭଳି ଶବ ତରୁଣବୟସ୍କ ଓ ସୁନ୍ଦରାଙ୍ଗ ହେବା ଆବଶ୍ୟକ । ଶବ ଏଭଳି ସୁଲକ୍ଷଣାକ୍ରାନ୍ତ ହୋଇ ନ ଥିଲେ, ସେ ଶବ ପରିତ୍ୟାଗ କରିବ । ଯଥା —

"ସ୍ତ୍ରୀବଶ୍ୟଂ ପତିତସ୍ପୃଶ୍ୟଂ ନୟବର୍ଜ୍ଜଂ ହି ତୂବରଂ
ଅବ୍ୟକ୍ତଲିଙ୍ଗଂ କୁଷ୍ଠୀଂ ବା ବୃଦ୍ଧଭିନ୍ନଂ ଶବଂ ହରେତ୍ ॥
ନ ଦୁର୍ଭିକ୍ଷମୃତଞ୍ଚାପି ନ ପର୍ଯ୍ୟୁଷିତମେବ ବା ।
ସ୍ତ୍ରୀଜନଞ୍ଚେଦୃଶଂ ରୂପଂ ସର୍ବଥା ପରିବର୍ଜ୍ଜୟେତ୍ ॥" (ଭୈରବ-ତନ୍ତ୍ର)

ଯେଉଁ ବ୍ୟକ୍ତି ସ୍ତ୍ରୀ-ବଶୀଭୂତ, ପତିତ, ଅସ୍ପୃଶ୍ୟ, ଦୁର୍ନୀତିପରାୟଣ, ଶ୍ମଶ୍ରୁବିହୀନ, କ୍ଲୀବ, କୁଷ୍ଠରୋଗାକ୍ରାନ୍ତ ଅଥବା ବୃଦ୍ଧ, ସେହିସବୁ ଶବ ବର୍ଜନ କରିବ । ଦୁର୍ଭିକ୍ଷରେ ମୃତ ବ୍ୟକ୍ତିର ଦେହ ମଧ୍ୟ ଶବସାଧନା ନିମିତ୍ତ ଅଗ୍ରାହ୍ୟ । ସଦ୍ୟମୃତ ଶବ ବିହିତ । ବାସୀ ବା ଗଳିତ ଶବଦ୍ୱାରା ସାଧନା କଲେ, ସେଥିରେ କାର୍ଯ୍ୟସିଦ୍ଧି ହୁଏ ନାହିଁ । ସୁତରାଂ ଏହି ପ୍ରକାର ଶବ ବା ସ୍ତ୍ରୀଲୋକର ମୃତଦେହ ଏହି କାର୍ଯ୍ୟ ନିମିତ୍ତ ଗ୍ରହଣ କରିବ ନାହିଁ । କେବେହେଲେ ଆତ୍ମହତ୍ୟାକାରୀର ଦେହ ଶବସାଧନ ନିମିତ୍ତ ସ୍ୱୀକାର କରିବ ନାହିଁ । ପୂର୍ବୋକ୍ତ ସୁଲକ୍ଷଣାକ୍ରାନ୍ତ ଶବ ସଂଗ୍ରହ କରି ସାଧନାର ଅନୁଷ୍ଠାନ କରିବ ।

ସାଧକ ମାଂଷଭକ୍ତ ବଳି ନିମିତ୍ତ ତିଳ, କୁଶ, ସର୍ଷପ ଓ ଧୂପଦୀପାଦି ପୂଜାର ଉପକରଣ ସାମଗ୍ରୀ ସଂଗ୍ରହପୂର୍ବକ ଶବସାଧନ ଉପଯୋଗୀ ପୂର୍ବୋକ୍ତ ଯେ କୌଣସି ସ୍ଥାନ ମନୋନୀତ କରି ସେ ସ୍ଥାନକୁ ଗମନ କରିବେ । ପରେ ସାମାନ୍ୟାର୍ଘ୍ୟ ସ୍ଥାପନପୂର୍ବକ ସାଧକ ପୂର୍ବାଭିମୁଖ ହୋଇ 'ଫଟ୍' —ଏହି ମନ୍ତ୍ର ପୂର୍ବରୁ ନିଜ ନିଜ ବୀଜମନ୍ତ୍ର ଉଚ୍ଚାରଣ କରି ଯଜ୍ଞ ସ୍ଥାନ ଅଭ୍ୟୁକ୍ଷଣ କରିବେ । ଅନନ୍ତର ପୂର୍ବଦିଗରେ ଗୁରୁ, ଦକ୍ଷିଣରେ ଗଣେଶ, ପଶ୍ଚିମରେ ବଟୁକ ଏବଂ ଉତ୍ତରରେ ଯୋଗିନୀଙ୍କ ଅର୍ଚ୍ଚନା କରି ଭୂମିରେ "ହୂଁ ହୂଁ ହ୍ରୀଂ ହ୍ରୀଂ କାଳିକେ ଘୋରଦ୍ରଂଷ୍ଟ୍ରେ ପ୍ରଚଣ୍ଡେ ଚଣ୍ଡନାୟିକେ ଦାନବାନ୍ ଦାରୟ ହନ ହନ ଶବଶରୀରେ ମହାବିଘ୍ନଂ ଛେଦୟ ଛେଦୟ ସ୍ୱାହା ହୂଁ ଫଟ୍" —ଏହି ମନ୍ତ୍ରରେ ବୀରାର୍ଦ୍ଦନ ମନ୍ତ୍ର ଲେଖି —

"ଯେ ଚାତ୍ର ସଂସ୍ଥିତା ଦେବା ରାକ୍ଷସାଶ୍ଚ ଭୟାନକାଃ ।
ପିଶାଚାଃ ସିଦ୍ଧୟୋ ଯକ୍ଷା ଗନ୍ଧର୍ବାପ୍ସରସାଂ ଗଣାଃ ॥
ଯୋଗିନ୍ୟୋ ମାତରୋ ଭୂତାଃ ସର୍ବାଶ୍ଚ ଖେଚରାଃ ସ୍ତ୍ରିୟଃ ।
ସିଦ୍ଧିଦାତା ଭବନ୍ତ୍ୱତ୍ର ତଥା ଚ ମମ ରକ୍ଷକାଃ ॥"

ଏହି ମନ୍ତ୍ରରେ ତିନି ଥର ପୁଷ୍ପାଞ୍ଜଳି ପ୍ରଦାନ କରି ପ୍ରଣାମ କରିବେ । ଅନନ୍ତର ସାଧକ ଶ୍ମଶାନସାଧନା ଲିଖିତ କ୍ରମରେ ପୂର୍ବ ଦିଗରେ ଶ୍ମଶାନାଧିପତି, ଦକ୍ଷିଣ ଦିଗରେ ଭୈରବ, ପଶ୍ଚିମରେ କାଳଭୈରବ ଏବଂ ଉତ୍ତରରେ ମହାକାଳ ଭୈରବଙ୍କର ପୂଜା କରି ବଳି ପ୍ରଦାନ କରିବେ । ଏହା ପରେ "ଓଁ ସହସ୍ରାରେ ହୁଁ ଫଟ୍"— ଏହି ସୁଦର୍ଶନ ମନ୍ତ୍ରରେ ଶିଖାବନ୍ଧନ କରି ନିଜ ହୃଦୟରେ ହସ୍ତ ସଂସ୍ଥାପନପୂର୍ବକ **"ଓଁ ହ୍ରୀଂ ସ୍ଫୁର ସ୍ଫୁର ପ୍ରସ୍ଫୁର ପ୍ରସ୍ଫୁର ଘୋର ଘୋରତର ତନୁରୂପ ଚଟ ଚଟ ପ୍ରଚଟ ପ୍ରଚଟ କହ କହ ବମ ବମ ବନ୍ଧ ବନ୍ଧ ଘାତୟ ଘାତୟ ହୁଁ ଫଟ୍"**—ଏହି ଅଘୋର ମନ୍ତ୍ର ଉଚ୍ଚାରଣ କରି "ଆତ୍ମାନଂ ରକ୍ଷ ରକ୍ଷ" କହି ଆତ୍ମରକ୍ଷା କରିବେ । ତାହାପରେ ନିଜ ନିଜ କଳ୍ପୋକ୍ତ ଭୂତଶୁଦ୍ଧି ଓ ବିବିଧ ନ୍ୟାସ କରି "ଓଁ ଦୁର୍ଗେ ଦୁର୍ଗେ ରକ୍ଷଣି ସ୍ୱାହା"—ଏହି ଜୟଦୁର୍ଗା ମନ୍ତ୍ରରେ ଚତୁର୍ଦ୍ଦିଗକୁ ସର୍ଷପ ବିକ୍ଷେପ କରିବେ ଏବଂ

**"ଓଁ ତିଲୋଽସି ସୋମଦୈବତ୍ୟୋ ଗୋସବସ୍ତୁପ୍ତିକାରକଃ ।
ପିତୃଣାଂ ସ୍ୱର୍ଗଦାତା ତ୍ୱଂ ମର୍ତ୍ତ୍ୟାନାଂ ମମ ରକ୍ଷକଃ ।
ଭୂତପ୍ରେତ ପିଶାଚାନାଂ ବିଘ୍ନେଷୁ ଶାନ୍ତିକାରକଃ ॥"**

ଏହି ମନ୍ତ୍ରରେ ତିଳ ବିକ୍ଷେପପୂର୍ବକ ସାଧକ ସଂଗୃହୀତ ଶବ ନିକଟକୁ ଗମନ କରିବେ ।

ପରେ ଶବ ସମୀପରେ ଉପବେଶନ କରି "ଓଁ ଫଟ୍" —ଏହି ମନ୍ତ୍ରରେ ଅଭ୍ୟୁକ୍ଷଣ କରି "ଓଁ ହୂଂ ମୃତକାୟ ନମଃ ଫଟ୍" —ଏହି ମନ୍ତ୍ରରେ ତିନି ଥର ପୁଷ୍ପାଞ୍ଜଳି ପ୍ରଦାନପୂର୍ବକ ଶବ ସ୍ପର୍ଶ କରି ପ୍ରଣାମ କରିବେ । ଅନନ୍ତର -

**"ଓଁ ବୀରେଶ ପରମାନନ୍ଦ ଶିବାନନ୍ଦ କୁଳେଶ୍ୱର ।
ଆନନ୍ଦ ଭୈରବାକାର ଦେବୀ-ପର୍ଯ୍ୟଙ୍କ-ଶଙ୍କର ॥
ବୀରୋଽହଂ ତ୍ୱଂ ପ୍ରପଦ୍ୟାମି ଉତ୍ତିଷ୍ଠ ଚଣ୍ଡିକାର୍ଚ୍ଚନେ ॥"**

ଏହି ମନ୍ତ୍ରରେ ଶବକୁ ପ୍ରଣାମ କରିବେ । ତତ୍ପରେ "ଓଁ ହୁଁ ମୃତକାୟ ନମଃ" ଏହି ମନ୍ତ୍ରରେ ଶବ ପ୍ରକ୍ଷାଳନ କରି ସୁଗନ୍ଧ ଜଳ ଦ୍ୱାରା ଶବକୁ ସ୍ନାନ କରାଇ ବସ୍ତ୍ରଦ୍ୱାରା ଶବ ଶରୀର ମାର୍ଜ୍ଜନ, ଧୂପଦ୍ୱାରା ଶୋଧନ ଓ ଶବ ଶରୀର ଚନ୍ଦନ

ଦ୍ୱାରା ଅନୁଲିପ୍ତ କରିବେ । ଏହି ସମୟରେ ଶବ ଶରୀର ଯଦି ରକ୍ତବର୍ଣ୍ଣ ଧାରଣ କରେ, ତାହାହେଲେ ତାହା ସାଧକଙ୍କୁ ଭକ୍ଷଣ କରେ । ଯଥା —

"ରକ୍ତାକ୍ତୋ ଯଦି ଦେବେଶି ଭକ୍ଷୟେତ୍ କୁଳସାଧକମ୍ ।।"

— ଭାବଚୂଡ଼ାମଣି

ଅନନ୍ତର ଶବର କଟି ଦେଶ ଧାରଣ କରି ପୂଜାସ୍ଥାନକୁ ଆନୟନ କରିବାକୁ ହେବ । ପରେ ସାଧକ କୁଶଦ୍ୱାରା ଶଯ୍ୟା ରଚନା କରି ତାହା ଉପରେ ପୂର୍ବଦିଗକୁ ମୁଣ୍ଡ ରଖି ଶବକୁ ସ୍ଥାପନ କରିବେ । ଏହାପରେ ଶବ ମୁଖରେ ଜାଇଫଳ, ଖଦ୍ଦିରାଦିଯୁକ୍ତ ତାମ୍ବୁଳ ପ୍ରଦାନ କରି ଶବକୁ ଅଧୋମୁଖ କରି ରଖିବେ । ଶବର ପୃଷ୍ଠକୁ ଚନ୍ଦନାଦି ଦ୍ୱାରା ଅନୁଲେପନ କରି ବାହୁମୂଳଠାରୁ କଟିଦେଶ ପର୍ଯ୍ୟନ୍ତ ଚତୁରସ୍ର ମଣ୍ଡଳ ଲେଖିବେ । ଚତୁରସ୍ର ମଣ୍ଡଳ ମଧ୍ୟରେ ଅଷ୍ଟଦଳ ପଦ୍ମ ଓ ଚତୁର୍ଦ୍ଦ୍ୱାର ଅଙ୍କିତ କରି ପଦ୍ମ ମଧ୍ୟରେ "ଓଁ ହ୍ରୀଂ ଫଟ୍" —ଏହି ମନ୍ତ୍ର ସହିତ ନିଜ କଳ୍ପୋକ୍ତ ପୀଠମନ୍ତ୍ର ଲେଖିବାକୁ ହେବ ।

ଅନନ୍ତର ସାଧକ ତାହା ଉପରେ କମ୍ବଳାଦିର ଆସନ ସ୍ଥାପନ କରିବେ । ପରେ ଶବ ସମୀପକୁ ଗମନ କରି ଶବର କଟିଦେଶ ଧାରଣ କରିବେ । ଏଥିରେ ଶବ ଯଦି କିଛି ଉପଦ୍ରବ କରେ, ତେବେ ଗାତ୍ରରେ ନିଷ୍ଠୀବନ ନିକ୍ଷେପ କରିବେ । ଯଥା—

"ଗତ୍ୱା ଶବସ୍ୟ ସାନ୍ନିଧ୍ୟଂ ଧାରୟେତ୍ କଟିଦେଶତଃ ।
ଯଦ୍ୟୁପଦ୍ରାବୟେତ୍ତଦା ଦଦ୍ୟାନ୍ନିଷ୍ଠୀବନଂ ଶବେ ।।" (ଭାବଚୂଡ଼ାମଣି)

ଏହିଭଳି କଲେ ଶବ ଶାନ୍ତଭାବ ଧାରଣ କରିବ । ସେତେବେଳେ ପୁନର୍ବାର ପ୍ରକ୍ଷାଳନପୂର୍ବକ ତାକୁ ଜପସ୍ଥାନକୁ ଆନୟନ କରିବାକୁ ହେବ । ପରେ ଜପ ସ୍ଥାନରେ ଦଶ ଦିଗରେ ଦ୍ୱାଦଶାଙ୍ଗୁଳି ପରିମିତ ଅଶ୍ୱତ୍ଥାଦି ଯଜ୍ଞକାଷ୍ଠ ପ୍ରୋତ୍ଥିତ କରି ପୂର୍ବାଦି କ୍ରମରେ ଦଶଦିଗପାଳଙ୍କ ପୂଜା ଓ ବଳି ପ୍ରଦାନ କରିବେ । ପୂଜାର କ୍ରମ ଏହିପରି, ଯଥା —

ପୂର୍ବାଦି କ୍ରମରେ **"ଓଁ ଲାଂ ଇନ୍ଦ୍ରାୟ ସୁରାଧିପତୟେ ଐରାବତବାହନାୟ ବଜ୍ରହସ୍ତାୟ ଶକ୍ତିପାରିଷଦାୟ ସପରିବାରାୟ ନମଃ"** —ଏହି ମନ୍ତ୍ରରେ ପାଦ୍ୟାଦି

ଉପଚାର ଦ୍ୱାରା ଅର୍ଚ୍ଚନା କରି **"ଓଁ ଲାଂ ଇନ୍ଦ୍ରାୟ ସୁରାଧିପତୟେ ଇମଂ ବଳିଂ ଗୃହ୍ଣ ଗୃହ୍ଣ ଗୃହ୍ଣାପୟ ଗୃହ୍ଣାପୟ ବିଘ୍ନନିବାରଣଂ କୃତ୍ୱା ମମ ସିଦ୍ଧିଂ ପ୍ରଯଚ୍ଛ ସ୍ୱାହା ଏଷ ମାଷବଳିଃ ଇନ୍ଦ୍ରାୟ ସ୍ୱାହା"** —ଏହି ମନ୍ତ୍ରରେ ସାମିଷାନ୍ନ ଦ୍ୱାରା ବଳି ପ୍ରଦାନ କରିବାକୁ ହେବ ।

**"ଓଁ ରାଂ ଅଗ୍ନୟେ ତେଜୋଽଧିପତୟେ ମେଷବାହନାୟ ସପରିବାରାୟ ଶକ୍ତିହସ୍ତାୟ ସାୟୁଧାୟ ନମଃ"** —ଏହି ମନ୍ତ୍ରରେ ପାଦ୍ୟାଦି ଉପଚାର ଦ୍ୱାରା ଅର୍ଚ୍ଚନା କରି **"ଓଁ ରାଂ ଅଗ୍ନୟେ ତେଜୋଽଧିପତୟେ"** ଇତ୍ୟାଦି ପୂର୍ବବତ୍ ମନ୍ତ୍ର ପାଠ କରି **"ଅଗ୍ନୟେ ସ୍ୱାହା"** କହି ବଳି ପ୍ରଦାନ କରିବାକୁ ପଡ଼ିବ ।

**"ଓଁ ମାଂ ଯମାୟ ପ୍ରେତାଧିପତୟେ ଦଣ୍ଡହସ୍ତାୟ ମହିଷବାହନାୟ ସପରିବାରାୟ ସାୟୁଧାୟ ନମଃ"** —ଏହି ମନ୍ତ୍ରରେ ପାଦ୍ୟାଦି ଉପଚାର ଦ୍ୱାରା ଅର୍ଚ୍ଚନା କରି **"ଓଁ ମାଂ ଯମାୟ ପ୍ରେତାଧିପତୟେ"** ଇତ୍ୟାଦି ପୂର୍ବବତ୍ ମନ୍ତ୍ରପାଠ କରି **"ଯମାୟ ସ୍ୱାହା"** କହି ବଳି ପ୍ରଦାନ କରିବାକୁ ହେବ ।

**"ଓଁ କ୍ଷାଂ ନିର୍ଋତୟେ ରକ୍ଷୋଽଧିପତୟେ ଅସିହସ୍ତାୟ ଅଶ୍ୱବାହନାୟ ସପରିବାରାୟ ସାୟୁଧାୟ ନମଃ"** — ଏହି ମନ୍ତ୍ରରେ ପାଦ୍ୟାଦି ଉପଚାରଦ୍ୱାରା ଅର୍ଚ୍ଚନା କରି **"ଓଁ କ୍ଷାଂ ନିର୍ଋତୟେ ରକ୍ଷୋଽଧିପତୟେ"** ଇତ୍ୟାଦି ପୂର୍ବବତ୍ ମନ୍ତ୍ରପାଠ କରି **"ନିର୍ଋତୟେ ସ୍ୱାହା"** କହି ବଳି ପ୍ରଦାନ କରିବାକୁ ପଡ଼ିବ ।

**"ଓଁ ବାଂ ବରୁଣାୟ ଜଳାଧିପତୟେ ପାଶହସ୍ତାୟ ମକରବାହନାୟ ସପରିବାରାୟ ନମଃ"** —ଏହି ମନ୍ତ୍ରରେ ପାଦ୍ୟାଦି ଉପଚାର ଦ୍ୱାରା ଅର୍ଚ୍ଚନା କରି **"ଓଁ ବାଂ ବରୁଣାୟ ଜଳାଧିପତୟେ"** ଇତ୍ୟାଦି ପୂର୍ବବତ୍ ମନ୍ତ୍ରପାଠ କରି **"ବରୁଣାୟ ସ୍ୱାହା"** କହି ବଳି ପ୍ରଦାନ କରିବାକୁ ହେବ ।

**"ଓଁ ଯାଂ ବାୟବେ ପ୍ରାଣାଧିପତୟେ ହରିଣବାହନାୟ ଅଙ୍କୁଶହସ୍ତାୟ ସପରିବାରାୟ ସାୟୁଧାୟ ନମଃ"** —ଏହି ମନ୍ତ୍ରରେ ପାଦ୍ୟାଦି ଉପଚାରଦ୍ୱାରା ଅର୍ଚ୍ଚନା କରି **"ଓଁ ଯାଂ ବାୟବେ ପ୍ରାଣାଧିପତୟେ"** ଇତ୍ୟାଦି ପୂର୍ବବତ୍ ମନ୍ତ୍ର ପାଠ କରି **"ବାୟବେ ସ୍ୱାହା"** କହି ବଳି ପ୍ରଦାନ କରିବାକୁ ପଡ଼ିବ ।

**"ଓଁ ସାଂ କୁବେରାୟ ଯକ୍ଷାଧିପତୟେ ଗଦାହସ୍ତାୟ ନରବାହନାୟ ସପରିବାରାୟ ସାୟୁଧାୟ ନମଃ"** —ଏହି ମନ୍ତ୍ରରେ ପାଦ୍ୟାଦି ଉପଚାର ଦ୍ୱାରା ଅର୍ଚ୍ଚନା କରି **"ଓଁ ସାଂ କୁବେରାୟ ଯକ୍ଷାଧିପତୟେ"** ଇତ୍ୟାଦି ପୂର୍ବବତ୍ ମନ୍ତ୍ର ପାଠ କରି **"କୁବେରାୟ ସ୍ୱାହା"** କହି ବଳି ପ୍ରଦାନ କରିବାକୁ ପଡ଼ିବ ।

**"ଓଁ ହାଂ ଈଶାନାୟ ଭୂତାଧିପତୟେ ଶୂଳହସ୍ତାୟ ବୃଷବାହନାୟ ସପରିବାରାୟ ସାୟୁଧାୟ ନମଃ"** —ଏହି ମନ୍ତ୍ରରେ ପାଦ୍ୟାଦି ଉପଚାର ଦ୍ୱାରା ଅର୍ଚ୍ଚନା କରି **"ଓଁ ହାଂ ଈଶାନାୟ ଭୂତାଧିପତୟେ"** ଇତ୍ୟାଦି ପୂର୍ବବତ୍ ମନ୍ତ୍ର ପାଠ କରି **"ଈଶାନାୟ ସ୍ୱାହା"** କହି ବଳି ପ୍ରଦାନ କରିବାକୁ ପଡ଼ିବ ।

**"ଓଁ ଆଂ ବ୍ରହ୍ମଣେ ପ୍ରଜାଧିପତୟେ ହଂସବାହନାୟ ପଦ୍ମହସ୍ତାୟ ସପରିବାରାୟ ସାୟୁଧାୟ ନମଃ"** —ଏହି ମନ୍ତ୍ରରେ ପାଦ୍ୟାଦି ଉପଚାର ଦ୍ୱାରା ଅର୍ଚ୍ଚନା କରି **"ଓଁ ଆଂ ବ୍ରହ୍ମଣେ ପ୍ରଜାଧିପତୟେ"** ଇତ୍ୟାଦି ପୂର୍ବବତ୍ ମନ୍ତ୍ର ପାଠ କରି **"ବ୍ରହ୍ମଣେ ସ୍ୱାହା"** କହି ବଳି ପ୍ରଦାନ କରିବାକୁ ହେବ।

**"ଓଁ ହ୍ରୀଂ ଅନନ୍ତାୟ ନାଗାଧିପତୟେ ଚକ୍ରହସ୍ତାୟ ରଥବାହନାୟ ସପରିବାରାୟ ସାୟୁଧାୟ ନମଃ"** —ଏହି ମନ୍ତ୍ରରେ ପାଦ୍ୟାଦି ଉପଚାର ଦ୍ୱାରା ଅର୍ଚ୍ଚନା କରି **"ଓଁ ହ୍ରୀଂ ଅନନ୍ତାୟ ନାଗାଧିପତୟେ"** ଇତ୍ୟାଦି ପୂର୍ବବତ୍ ମନ୍ତ୍ର ପାଠ କରି **"ଅନନ୍ତାୟ ସ୍ୱାହା"** କହି ବଳି ପ୍ରଦାନ କରିବାକୁ ପଡ଼ିବ ।

ଏହିପରି ଭାବରେ, ଇନ୍ଦ୍ର, ଅଗ୍ନି, ଯମ, ନୈଋତ, ବରୁଣ, ବାୟୁ, କୁବେର, ଈଶାନ, ବ୍ରହ୍ମା ଓ ଅନନ୍ତ —ଏହି ଦଶଦିଗପାଳଙ୍କର ପୂଜା ଓ ବଳି ପ୍ରଦାନ କରି **"ଏଷ ମାଷବଳିଃ ଓଁ ସର୍ବଭୂତେଭ୍ୟୋ"** —ଏହି ମନ୍ତ୍ରରେ ସାଧକ ସର୍ବଭୂତ ବଳି ପ୍ରଦାନ କରିବେ । ଏହା ପରେ ଅଧିଷ୍ଠାତ୍ରୀ ଦେବତା, ଚତୁଃଷଷ୍ଠୀ ଯୋଗିନୀ ଓ ଡାକିନୀମାନଙ୍କୁ ବଳି ପ୍ରଦାନ କରିବାକୁ ହେବ । କହିବା ବାହୁଲ୍ୟ ଯେ, ସାମିଷ ଅନ୍ନ ଦ୍ୱାରା ସମସ୍ତ ଦେବତାଙ୍କୁ ବଳି ପ୍ରଦାନ କରିବାକୁ ହେବ ।

ଅନନ୍ତର ସାଧକ ନିଜ ନିକଟରେ ପୂଜାଦ୍ରବ୍ୟାଦି ଓ କିଞ୍ଚିତ୍ ଦୂରରେ ଉପଯୁକ୍ତ ଉତ୍ତର ସାଧକଙ୍କୁ ସଂସ୍ଥାପନ କରି ଆଦିରେ ମୂଳମନ୍ତ୍ର ଦ୍ୱାରା ପରେ " ହ୍ରୀଂ ଫଟ୍

**ଶବାସନାୟ ନମଃ''** —ଏହି ମନ୍ତ୍ରରେ ଶବର ଅର୍ଚ୍ଚନା କରିବେ । ପରେ **ହ୍ରୀଂ ଫଟ୍** —ଏହି ମନ୍ତ୍ର ଉଚ୍ଚାରଣ ପୂର୍ବକ ଅଶ୍ୱାରୋହଣ କରିବା ପରି ଶବପୃଷ୍ଠ ଉପରେ ଉପବେଶନ କରି ନିଜ ପଦତଳରେ କତିପୟ କୁଶ ନିକ୍ଷେପ କରିବେ ଏବଂ ଶବର କେଶ ପ୍ରସାରଣ ପୂର୍ବକ ଶିଖା ବନ୍ଧନ କରି ଗୁରୁ, ଗଣପତି ଓ ଦେବୀଙ୍କୁ ପ୍ରଣାମ କରିବେ । ପରେ ପ୍ରାଣାୟାମ ଓ କରାଙ୍ଗନ୍ୟାସାଦି କରି ପୂର୍ବୋକ୍ତ ମନ୍ତ୍ରରେ ଦଶଦିଗକୁ ଲୋଷ୍ଟ୍ର ନିକ୍ଷେପ କରିବେ ।

ଅନନ୍ତର **''ଅଦ୍ୟେତ୍ୟାଦି ଅମୁକଗୋତ୍ରଃ ଶ୍ରୀଅମୁକଦେବ ଶର୍ମା ଅମୁକ ଦେବତାୟାଃ ସନ୍ଦର୍ଶନକାମଃ ଅମୁକମନ୍ତ୍ରସ୍ୟାମୁକସଂଖ୍ୟକଜପମହଂ କରିଷ୍ୟେ''** —ଏହି ମନ୍ତ୍ରରେ ସଂକଳ୍ପ କରି **''ହ୍ରୀଂ ଆଧାରଶକ୍ତି କମଳାସନାୟ ନମଃ''** — ଏହି ମନ୍ତ୍ରରେ ଆସନର ପୂଜା କରିବେ । ପରେ ନିଜ ବାମ ଦିଗରେ ଅର୍ଘ୍ୟ ସ୍ଥାପନ କରି ଶବର ଶିଖାରେ ପୀଠପୂଜା କରିବାକୁ ହେବ । ଅନନ୍ତର ସାଧକ ନିଜ କ୍ଷମତାନୁସାରେ ଷୋଡ଼ଶୋପଚାର, ଦଶୋପଚାର କିମ୍ବା ପଞ୍ଚୋପଚାରରେ ନିଜ ଇଷ୍ଟଦେବତାଙ୍କ ପୂଜା କରି ଶବମୁଖରେ ସୁଗନ୍ଧ ଜଳଦ୍ୱାରା ଦେବୀଙ୍କୁ ତର୍ପଣ କରିବେ ।

ଏହାପରେ ସାଧକ ଶବ ଉପରୁ ଉଠି ଶବ ସମ୍ମୁଖରେ ଦଣ୍ଡାୟମାନ ହୋଇ **''ଓଁ ବଶୋ ମେ ଭବ ଦେବେଶ ବୀରସିଦ୍ଧିଂ ଦେହି ଦେହି ମହାଭାଗ କୃତାଶ୍ରୟପରାୟଣ''** —ଏହି ମନ୍ତ୍ର ପାଠ କରିବେ । ତତ୍ପରେ ପଟ୍ଟସୂତ୍ର ଦ୍ୱାରା ଶବର ଚରଣଦ୍ୱୟ ବନ୍ଧନ କରି ମୂଳମନ୍ତ୍ରରେ ଶବ ଶରୀରରେ ଦୃଢ଼ରୂପେ ବନ୍ଧନ କରିବେ । ପରେ—

**''ଓଁ ମଦ୍‌ବଶୋ ଭବ ଦେବେଶ ବୀରସିଦ୍ଧିକୃତାସ୍ପଦ ।**
**ଓଁ ଭୀମ ଭବଭୟାଭାବ ଭବମୋଚନଭାବୁକ ।।**
**ତ୍ରାହି ମାଂ ଦେବଦେବେଶ ଶବାନାମଧିପାଧିପ ।।''**

ଏହି ମନ୍ତ୍ର ପାଠ କରୁ କରୁ ଶବର ପାଦମୂଳରେ ତ୍ରିକୋଣଯନ୍ତ୍ର ଲେଖିବେ । ପରେ ଶବ ଉପରେ ଉପବେଶନପୂର୍ବକ ଶବର ହସ୍ତଦ୍ୱୟ ଉଭୟ ପାର୍ଶ୍ୱକୁ ପ୍ରସାରିତ କରିଦେଇ ତା ଉପରେ କୁଶ ବିନ୍ୟାସ କରିବେ । ସାଧକ ସେହି ଆସ୍ତୃତ କୁଶ

ଉପରେ ନିଜ ପାଦଦ୍ୱୟ ସ୍ଥାପନ ପୂର୍ବକ ପୁନର୍ବାର ତିନିଥର ପ୍ରାଣାୟାମ କରି ଶିରଃସ୍ଥିତ ଶୁକ୍ଲଦ୍ୱାଦଶଦଳ ( ମତାନ୍ତରେ ଶତଦଳ) ପଦ୍ମରେ ଗୁରୁଦେବଙ୍କୁ ଓ ନିଜ ହୃଦୟରେ ଇଷ୍ଟଦେବୀଙ୍କୁ ଚିନ୍ତା କରୁ କରୁ ଓଷ୍ଠଦ୍ୱୟ ସଂପୁଟିତ କରି ଶବସାଧନୋପଯୋଗୀ ବିହିତ ମାଳା ଦ୍ୱାରା ନିର୍ଭୟଚିତ୍ତରେ ମୌନୀ ହୋଇ ସଂକଳ୍ପାନୁସାରେ ଜପ କରିବେ । ପୂର୍ବୋକ୍ତ ଶ୍ମଶାନସାଧନର କ୍ରମାନୁସାରେ ମନ୍ତ୍ରାକ୍ଷରର ସଂଖ୍ୟାନୁଯାୟୀ ଜପସଂଖ୍ୟା ସଂକଳ୍ପ କରିବାକୁ ହେବ । ଯଥା- ମନ୍ତ୍ର ଏକାକ୍ଷରୀ ହେଲେ ଦଶସହସ୍ର ସଂଖ୍ୟା ସଂକଳ୍ପ କରି ଜପ କରିବାକୁ ହେବ ଇତ୍ୟାଦି ଶ୍ମଶାନସାଧନରେ ଲିଖିତ ହୋଇଅଛି ।

ଏହିଭଳି ଜପ କଲେ, ମଧ୍ୟ ଯଦି ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ କିଛି ଦୃଷ୍ଟିଗୋଚର ନ ହୁଏ, ତାହାହେଲେ ପୂର୍ବପରି ସର୍ଷପ ଓ ତିଳ ବିକୀର୍ଣ୍ଣ କରି ଅଧିଷ୍ଠିତ ସ୍ଥାନରୁ ସପ୍ତ ପଦ ଗମନପୂର୍ବକ ପୁନର୍ବାର ଜପ ଆରମ୍ଭ କରିବେ । ଯଦି ଜପକାଳରେ କୌଣସି ପ୍ରକାର ଭୟ ଉପସ୍ଥିତ ହୁଏ କିମ୍ବା ଆକାଶରୁ ଯଦି କେହି ବଳି ପ୍ରାର୍ଥନା କରନ୍ତି, ତାହାହେଲେ ତାଙ୍କୁ ଉତ୍ତର ଦେବେ -

"ଯଦ୍ ପ୍ରାର୍ଥୟ ବଳିତ୍ୱେନ ଦାତବ୍ୟଂ କୁଞ୍ଜରାଦିକମ୍ ।
ଦିନାନ୍ତରେ ଚ ଦାସ୍ୟାମି ସ୍ୱନାମ କଥୟସ୍ୱ ମେ ।।"

"ଅନ୍ୟ ଦିନ ତୁମକୁ କୁଞ୍ଜରାଦି ବଳି ପ୍ରଦାନ କରିବି, ତୁମେ କିଏ ଓ ତୁମର ନାମ କ'ଣ ? ମୋ ନିକଟରେ ପ୍ରକାଶ କର"— ଏହି ଉତ୍ତର ପ୍ରଦାନ କରି ପୁନର୍ବାର ନିର୍ଭୟଚିତ୍ତରେ ଜପ କରିବାକୁ ଯିବେ । ପରେ ଯଦି କେହି ମଧୁରବାକ୍ୟରେ ନିଜ ନାମ ପ୍ରକାଶ କରନ୍ତି, ତେବେ ସାଧକ ପୁନର୍ବାର ଉତ୍ତର କରିବେ "ତ୍ୱଂ ଅମୁକ ଇତି ସତ୍ୟଂ କୁରୁ" ଅର୍ଥାତ୍ " ତୁମେ ମୋତେ ବର ପ୍ରଦାନ କରିବ, ଏହିଭଳି ପ୍ରତିଜ୍ଞା କର" । ଏଭଳି ପ୍ରତିଜ୍ଞାବଦ୍ଧ କରାଇ ସାଧକ ନିଜ ଅଭୀଷ୍ଟ ବର ପ୍ରାର୍ଥନା କରିବ । ଆଉ ଦେବୀ ଯଦି ପ୍ରତିଜ୍ଞାପାଶରେ ଆବଦ୍ଧ ନ ହେବେ, କିମ୍ବା ବର ପ୍ରଦାନ ନ କରିବେ, ତେବେ ସାଧକ ପୁନର୍ବାର ଜପ ଆରମ୍ଭ କରିବେ । କିନ୍ତୁ ଯଦି ପ୍ରତିଜ୍ଞାବଦ୍ଧ ହୋଇ ବର ପ୍ରଦାନ କରିବାକୁ ସମ୍ମତ ହୁଅନ୍ତି, ତେବେ ସାଧକ ଆଉ ଜପ କରିବେ ନାହିଁ । ପରେ ଅଭିଲଷିତ ବର ଗ୍ରହଣ କରି ମୋର

କାର୍ଯ୍ୟସିଦ୍ଧି ହେଲା —ଏହିଭଳି ଜ୍ଞାନ କରି ଶବର ଶିଖା ମୋଚନପୂର୍ବକ ଶବ ପ୍ରକ୍ଷାଳନ ଓ ଶବକୁ ଅନ୍ୟ ସ୍ଥାନରେ ରଖି ଶବର ପଦବନ୍ଧନ ମୋଚନ କରିଦେବେ ଏବଂ ପୂଜାଦ୍ରବ୍ୟ ଜଳରେ ନିକ୍ଷେପ କରି ଶବକୁ ଜଳରେ ଭସାଇ ଦେବେ କିମ୍ବା ଭୂ-ଗର୍ଭରେ ପ୍ରୋଥିତ କରି ସ୍ଥାନ ତ୍ୟାଗ କରିବେ ।

ଏହାପରେ ସାଧକ ଆନନ୍ଦିତ ଚିତ୍ତରେ ନିଜ ଗୃହକୁ ଗମନ କରିବେ ଏବଂ ପର ଦିନ ପୂର୍ବ ପ୍ରତିଶ୍ରୁତ ବଳି ପ୍ରଦାନ କରିବେ । ଯଦି ଇଷ୍ଟଦେବତା କୁଞ୍ଜର, ଅଶ୍ୱ, ନର କିମ୍ବା ଶୂକର ବଳି ପ୍ରାର୍ଥନା କରିଥିବେ, ତେବେ ଦେବତାଙ୍କ ପ୍ରାର୍ଥନାନୁସାରେ ପିଷ୍ଟକ ନିର୍ମିତ ସେହି ଅଭିଳଷିତ ବଳି "ଅଗ୍ରିମ ରାତ୍ରୌ ଯେଷାଂ ଯଜମାନୋଽହଂ ତେ ଗୃହ୍ଣନ୍ତ୍ୱିମଂ ବଳିଂ" —ଏହି ମନ୍ତ୍ରରେ ପ୍ରଦାନ କରି ଉପବାସୀ ରହିବେ ।

ପରଦିନ ସାଧକ ପ୍ରାତଃକୃତ୍ୟାଦି ନିତ୍ୟଶ୍ରେୟ କ୍ରିୟା ସମାପନ କରି ପଞ୍ଚଗବ୍ୟ ପାନ କରିବେ ଏବଂ ପଞ୍ଚବିଂଶତି ସଂଖ୍ୟକ ବ୍ରାହ୍ମଣଙ୍କୁ ଭୋଜନ କରାଇବେ । ଅଶକ୍ତ ହେଲେ ବିଂଶ, ଅଷ୍ଟାଦଶ କିମ୍ବା ଦଶସଂଖ୍ୟକ ବ୍ରାହ୍ମଣଙ୍କୁ ଭୋଜନ କରାଇଲେ ଦୋଷ ନାହିଁ ।

"ଯଦି ନ ସ୍ୟାଦ୍‌ବିପ୍ରଭୋଜ୍ୟଂ ତଦା ନିର୍ଦ୍ଧନତାଂ ବ୍ରଜେତ୍ ।
ତେନ ଚେନ୍ନିର୍ଦ୍ଧନତ୍ୱଂ ସ୍ୟାତ୍ତଦା ଦେବୀ ପ୍ରକୁପ୍ୟତି ॥"

— ଭାବ ଚୂଡ଼ାମଣି

ଯଦି ବ୍ରାହ୍ମଣ ଭୋଜନ ନ ଦିଅନ୍ତି, ତେବେ ସାଧକ ଧନହୀନ ହେବେ । ବିଶେଷତଃ ଏଥିରେ ଦେବୀ କୁପିତା ହୋଇଥାନ୍ତି । ବ୍ରାହ୍ମଣ ଭୋଜନ ଶେଷରେ ନିଜେ ସ୍ନାନ ଓ ଭୋଜନ କରି ଉତ୍ତମ ସ୍ଥାନରେ ବାସ କରିବା ଉଚିତ୍ ।

ଏହିଭଳି ଭାବ୍‌ରେ ମନ୍ତ୍ରସିଦ୍ଧି ଲାଭ କରିବା ପରେ ତ୍ରି-ରାତ୍ର ଅଥବା ନବ ରାତ୍ର ପର୍ଯ୍ୟନ୍ତ ଏହା ଗୋପନ କରି ରଖିବେ । କୌଣସି ପ୍ରକାରେ ମଧ୍ୟ ମନ୍ତ୍ରସିଦ୍ଧି ବିଷୟ ପ୍ରକାଶ କରିବେ ନାହିଁ । ମନ୍ତ୍ରସିଦ୍ଧି ଲାଭ କରି ଯଦି ସାଧକ ସ୍ତ୍ରୀ ଶଯ୍ୟାକୁ ଗମନ କରନ୍ତି, ତେବେ ସାଧକଙ୍କର ବ୍ୟାଧି ଜାତ ହେବ, ଯଦି ଗାନ ଶ୍ରବଣ କରନ୍ତି, ତେବେ ବଧିର ହେବେ ଏବଂ ନୃତ୍ୟ ଦର୍ଶନ କଲେ ଅନ୍ଧ ହେବେ । ପୁଣି

ଦିବାଭାଗରେ କାହା ସହିତ କଥାବାର୍ତ୍ତା କଲେ ସାଧକ ମୂକ ହୋଇଯିବେ । ପନ୍ଦର ଦିନ ପର୍ଯ୍ୟନ୍ତ ଏହି ଭାବରେ ସକଳ କର୍ମ ପରିତ୍ୟାଗ କରି ଅବସ୍ଥାନ କରିବାକୁ ହେବ । କାରଣ, ସାଧକଙ୍କ ଶରୀରରେ ପନ୍ଦର ଦିନ ପର୍ଯ୍ୟନ୍ତ ଦେବୀଙ୍କର ଅବସ୍ଥାନ ହୋଇଥାଏ । ଯଥା —

''ପଞ୍ଚଦଶଦିନଂ ଯାବଦ୍ଦେହେ ଦେବସ୍ୟ ସଂସ୍ଥିତିଃ ।
ନ ସ୍ୱୀକାର୍ଯ୍ୟେ ଗନ୍ଧପୁଷ୍ପେ ବହିର୍ଯାତି ଯଦା ତଦା ॥
ତଦା ବସ୍ତ୍ରଂ ପରିତ୍ୟଜ୍ୟ ଗୃହ୍ଣୀୟାଦ୍‌ବସନାନ୍ତରମ୍ ।
ଗୋବ୍ରାହ୍ମଣ-ବିନିନ୍ଦାଞ୍ଚ ନ କୁର୍ଯ୍ୟାଚ୍ଚ କଦାଚନ ।
ଦୁର୍ଜ୍ଜନଂ ପତିତଂ କ୍ଳୀବଂ ନସ୍ପୃଶେଚ୍ଚ କଦାଚନ ॥
ଦେବ-ଗୋ-ବ୍ରାହ୍ମଣାଦୀଂଶ୍ଚ ପ୍ରତ୍ୟହଂ ସଂସ୍ପୃଶେଚ୍ଛୁଚିଃ ।
ପ୍ରାତର୍ନିତ୍ୟକ୍ରିୟାନ୍ତେ ଚ ବିଲ୍ୱପତ୍ରୋଦକଂ ପିବେତ୍ ॥'' (ତନ୍ତ୍ରସାର)

ଯେଉଁ ପନ୍ଦର ଦିନ୍ ପର୍ଯ୍ୟନ୍ତ ସାଧକଙ୍କ ଶରୀରରେ ଦେବତାଙ୍କର ଅବସ୍ଥାନ ହୋଇଥାଏ, ସେହି କେତେଗୋଟି ଦିନ ସାଧକ ଗନ୍ଧ କିମ୍ୱା ପୁଷ୍ପ ଗ୍ରହଣ କରିବେ ନାହିଁ ଏବଂ ଯେଉଁ ସମୟରେ ବାହାରକୁ ଯିବାକୁ ପଡ଼ିବ, ସେତେବେଳେ ତାଙ୍କୁ ପରିଧେୟ ବସ୍ତ୍ର ପରିତ୍ୟାଗ କରି ଅନ୍ୟ ବସନ ପରିଧାନ କରିବାକୁ ପଡ଼ିବ । ଏହି ସମୟରେ ସାଧକ କେବେହେଲେ ଗୋ ଅଥବା ବ୍ରାହ୍ମଣ ନିନ୍ଦା କରିବେ ନାହିଁ । ଦୁର୍ଜ୍ଜନ, ପତିତ ଓ କ୍ଳୀବ-ମନୁଷ୍ୟକୁ ସ୍ପର୍ଶ କରିବେ ନାହିଁ । ପ୍ରତିଦିନ ଶୁଦ୍ଧଦେହ ହୋଇ ଦେବତା, ଗୋ-ବ୍ରାହ୍ମଣ ପ୍ରଭୃତିଙ୍କୁ ସ୍ପର୍ଶ କରିବେ । ପ୍ରତିଦିନ ପ୍ରାତଃକାଳରେ ନିତ୍ୟକ୍ରିୟା ସମାପନପୂର୍ବକ ବିଲ୍ୱପତ୍ରୋଦକ ପାନ କରିବେ । ଉପରୋକ୍ତ ନିୟମଗୁଡ଼ିକ ପାଳନ ନ କଲେ, ସାଧକଙ୍କର ବିଶେଷ କ୍ଷତି ଘଟିଥାଏ ।

ଅନନ୍ତର ମନ୍ତ୍ରସିଦ୍ଧିର ଷୋଡ଼ଶ ଦିନ ଗଙ୍ଗାରେ ସ୍ନାନ କରି ସ୍ୱାହାନ୍ତ ମୂଳମନ୍ତ୍ର ଉଚ୍ଚାରଣ ପୂର୍ବକ ଅମୁକ ଦେବତାଂ ତର୍ପୟାମି ନମଃ —ଏହି ମନ୍ତ୍ରରେ ତିନି ଶହ ଥରରୁ ଅଧିକବାର ଦେବୀଙ୍କର ତର୍ପଣ କରିବେ । ପରେ ଜଳ ଦ୍ୱାରା ଦେବତର୍ପଣ କରିବେ । ସ୍ନାନ ଓ ଦେବୀଙ୍କ ତର୍ପଣ ନ କରି କେବେହେଲେ ଦେବତର୍ପଣ କରିବେ ନାହିଁ । ତଦନନ୍ତର ଗୁରୁଦକ୍ଷିଣା ପ୍ରଦାନ କରି ଅଚ୍ଛିଦ୍ରାବଧାରଣ କରିବାକୁ ହେବ ।

"ଇତ୍ୟନେନ ବିଧାନେନ ସିଦ୍ଧିଂ ପ୍ରାପ୍ନୋତି ସାଧକଃ ।
ଇହ ଭୁକ୍ତ୍ୱା ବରାନ୍ ଭୋଗାନନ୍ତେ ଯାତି ପରଂ ପଦମ୍ ।।"

—ତନ୍ତ୍ରସାର

ଏହିପରି ବିଧାନରେ ସାଧକ ଶବସାଧନାରେ ସିଦ୍ଧିଲାଭ କଲେ ଇହଲୋକରେ ପୂର୍ଣ୍ଣାଭୀଷ୍ଟ ହୋଇ ବିବିଧ ଭୋଗ ଅନ୍ତେ ବ୍ରହ୍ମପଦ ଲାଭ କରିପାରନ୍ତି ।

## ଶିବାଭୋଗ ଓ କୁଳାଚାର କଥନ

ତନ୍ତ୍ରୋକ୍ତ ବୀରସାଧନ ପ୍ରଣାଳୀରେ କିପରି ଶ୍ମଶାନ ସାଧନ ଓ ଶବସାଧନ କରି ଅତି ଅଳ୍ପ ସମୟରେ ମନ୍ତ୍ରସିଦ୍ଧି ହୋଇଥାଏ, ତାହା ଲିଖିତ ହେଲା । ଏଭଳି ଅଳ୍ପ କାଳ ମଧ୍ୟରେ ଅନ୍ୟ କୌଣସି ଶାସ୍ତ୍ରୋକ୍ତ ସାଧନାରେ ସିଦ୍ଧିଲାଭ କରିବା କେବେହେଲେ ସମ୍ଭବପର ନୁହେଁ । ସୁତରାଂ ତନ୍ତ୍ରୋକ୍ତ ସାଧନା ବିଷୟ ଆଲୋଚନା କଲେ ବିସ୍ମୟରେ ହୃଦୟ ଭକ୍ତିବିନମ୍ର ହୋଇଥାଏ । ଯେଉଁମାନେ ତନ୍ତ୍ରର ମର୍ମ ଅବଗତ ନ ହୋଇ ତନ୍ତ୍ରନାମରେ ଭ୍ରୂକୁଞ୍ଚନ କରନ୍ତି, ସେମାନେ ତନ୍ତ୍ରଶାସ୍ତ୍ରରେ ଅନଭିଜ୍ଞ, ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ମୁଁ **କୁଳାଚାର ବିଧି** ଲିପିବଦ୍ଧ କରୁଅଛି । ପାଠକ ସମାହିତ ଚିତ୍ତରେ ତାହାର ମର୍ମ ଅବଗତ ହୋଇ ଭାବ ଅବଧାରଣ କରିବେ ।

କୁଳାଚାର-ସମ୍ପନ୍ନ ହେବାକୁ ସାଧକଙ୍କୁ ଭକ୍ତିର ସହିତ କୁଳାଚାରଗୁଡ଼ିକ ପାଳନ କରିବାକୁ ପଡ଼ିବ । ଅନ୍ୟଥା ପ୍ରତ୍ୟବାୟଭାଗୀ ହେବାକୁ ପଡ଼େ । ସନ୍ଧ୍ୟା, ବନ୍ଦନା, ପିତୃତର୍ପଣ, ପିତୃଶ୍ରାଦ୍ଧ ଯେଭଳି ନିତ୍ୟକରଣୀୟ, କୁଳ-ସେବକମାନଙ୍କର କୁଳାଚାର ମଧ୍ୟ ସେହିପରି ନିତ୍ୟକରଣୀୟ । ଅତଏବ, ଅତି ଯତ୍ନର ସହିତ କୁଳାଚାର ପ୍ରତିପାଳନ କରିବା ବିଧେୟ । ବିଶେଷତଃ ଯେଉଁ ବ୍ୟକ୍ତି ଶିବତ୍ୱପ୍ରାପକ ଶିବାଭୋଗ ପ୍ରଦାନ ନ କରନ୍ତି, ସେହି ବ୍ୟକ୍ତି କେବେହେଲେ କୁଳଦେବତାମାନଙ୍କ ଅର୍ଚ୍ଚନାରେ ଅଧିକାର ଲାଭ କରିପାରନ୍ତି ନାହିଁ । ସୁତରାଂ ଶିବାଭୋଗ ନିବେଦନ କରି ଜଗଦମ୍ବାଙ୍କର ତୁଷ୍ଟି ବିଧାନ କରିବା ଆବଶ୍ୟକ ।

"ପଶୁରୂପାଂ ଶିବାଂ ଦେବୀଂ ଯୋ ନାର୍ଚ୍ଚୟତି ନିର୍ଜ୍ଜନେ ।
ଶିବାରାବେନ ତସ୍ୟାଶୁ ସର୍ବଂ ନଶ୍ୟତି ନିଶ୍ଚିତମ୍ ।।
ଜପପୂଜାବିବିଧାନି ଯତ୍ କିଞ୍ଚିତ୍ ସୁକୃତାନି ଚ ।
ଗୃହୀତ୍ୱା ଶାପମାଦାୟ ଶିବା ରୋଦିତି ନିର୍ଜ୍ଜନେ ।।"

— କୁଳଚୂଡ଼ାମଣି

ଯେଉଁ ସାଧକ ପଶୁରୂପିଣୀ ଶିବାଦେବୀଙ୍କୁ ନିର୍ଜ୍ଜନରେ ଅର୍ଚ୍ଚନା କରନ୍ତି ନାହିଁ, ଶିବାରାବ ଦ୍ୱାରା ତାଙ୍କର ସମସ୍ତ ପୁଣ୍ୟକର୍ମ ବିନଷ୍ଟ ହୋଇଥାଏ, ଏଥିରେ ସନ୍ଦେହ ନାହିଁ । ଶିବାଭୋଗ ନ ଦେଲେ ସାଧକଙ୍କର ଜପ, ପୂଜା ଓ ଅନ୍ୟାନ୍ୟ ସୁକୃତାଦି ଗ୍ରହଣପୂର୍ବକ ଶିବା ଶାପ ପ୍ରଦାନ କରି ନିର୍ଜ୍ଜନରେ ରୋଦନ କରନ୍ତି ।

'କାଳୀ' 'କାଳୀ' କହି ଆହ୍ୱାନ କଲା ମାତ୍ରେ ଶିବାରୂପଧାରିଣୀ ମଙ୍ଗଳମୟୀ ଉମା ସାଧକଙ୍କ ନିକଟକୁ ଆଗମନ କରନ୍ତି । ତାଙ୍କୁ ଅନ୍ନ ଦାନ କଲେ ଅତିଶୀଘ୍ର ଭଗବତୀ ପ୍ରସନ୍ନା ହୁଅନ୍ତି ।

ସାଧକ ସାୟଂ କାଳରେ ବିଲ୍ୱମୂଳରେ, ପ୍ରାନ୍ତରରେ ଅଥବା ଶ୍ମଶାନକୁ ଯାଇ ଦେବୀଙ୍କୁ ଆହ୍ୱାନ କରି **"ଓଁ ଗୃହ୍ଣ ଦେବି ମହାଭାଗେ ଶିବେ କାଳାଗ୍ନିରୂପିଣି ! ଶୁଭାଶୁଭଫଳଂ ବ୍ୟକ୍ତଂ ବ୍ରୂହି ଗୃହ୍ଣ ବଳିନ୍ତବ "** —ଏହି ମନ୍ତ୍ରରେ ମାଂସପ୍ରଧାନ ନୈବେଦ୍ୟ ନିବେଦନ କରିବାକୁ ହେବ । ଉକ୍ତ ଭୋଗ ଯଦି ଗୋଟିଏ ମାତ୍ର ଶିବା ଭକ୍ଷଣ କରେ, ତେବେ କଲ୍ୟାଣ ହୁଏ ଓ ଭଗବତୀ ସାଧକଙ୍କ ପ୍ରତି ପରିତୃଷ୍ଟା ହୁଅନ୍ତି । ଯଦି ଶିବା ଭୋଗ ଭକ୍ଷଣ କରି ମୁଖୋତ୍ତୋଳନ ପୂର୍ବକ ଈଶାନକୋଣ ଅଭିମୁଖୀ ହୋଇ ସୁସ୍ୱରରେ ଧ୍ୱନି କରନ୍ତି, ତାହାହେଲେ ସାଧକଙ୍କର ନିଶ୍ଚୟ ଶୁଭ ହୋଇଥାଏ । ଆଉ ଯଦି ଶିବା ଭୋଗ ଗ୍ରହଣ ନ କରନ୍ତି, ତାହାହେଲେ ସାଧକଙ୍କର ଅଙ୍ଗଳ ଅବଶ୍ୟମ୍ଭାବୀ ।

"ଯଦା ନ ଗୃହ୍ୟତେ ନୂନଂ ତଦା ନୈବ ଶୁଭଂ ଭବେତ୍ ।।"

— ଯାମଳତନ୍ତ୍ର

ଏହିପରି ଘଟିଲେ ଉକ୍ତ ଦୋଷ ଶାନ୍ତି ନିମିତ୍ତ ସାଧକ ଶାନ୍ତି-ସ୍ୱସ୍ତ୍ୟୟନାଦି କରାଇବେ । ଯେ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ସମୟରେ ଶିବାଭୋଗ

ପ୍ରଦାନ କରି ଏହି ଭାବରେ ଶୁଭାଶୁଭ ଅବଗତ ହୋଇପାରିବେ । ଯେଉଁ ସାଧକ ଯଥାକ୍ରମେ ପଶୁଶକ୍ତି, ପକ୍ଷୀଶକ୍ତି ଓ ନରଶକ୍ତିର ପୂଜା କରନ୍ତି, ତାଙ୍କର ସମସ୍ତ କର୍ମ ବିଗୁଣ ହେଲେ ମଧ୍ୟ ମଙ୍ଗଳକର ହୁଏ । ଅତଏବଯତ୍ନସହକାରେ ସର୍ବଶକ୍ତିଙ୍କର ପୂଜା କୁଳ-ସାଧକଙ୍କର ଅବଶ୍ୟ କର୍ତ୍ତବ୍ୟ ।

ସାଧକମାନେ ସମୟାଚାର-ବିହୀନ ହେଲେ ସହସ୍ର କୋଟି ଜନ୍ମରେ ମଧ୍ୟ ସିଦ୍ଧିଲାଭ କରିବେ ନାହିଁ । ଯେଉଁ ମନୁଷ୍ୟ କୁଳଶାସ୍ତ୍ର ଓ କୁଳାଚାରର ଅନୁବର୍ତ୍ତୀ ହେବେ, ସେ ସବୁ ବିଷୟରେ ଉଦାରଚିତ୍ତ, ବୈଷ୍ଣବାଚାରପରାୟଣ, ପରନିନ୍ଦାସହିଷ୍ଣୁ ଓ ସର୍ବଦା ପରୋପକାରନିରତ ହେବ । କୁଳପଶୁ, କୁଳବୃକ୍ଷ ଓ କୁଳକନ୍ୟା ଦର୍ଶନ କରି ସାଧକ ଦେବୀ ଭଗବତୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବେ । କେବେହେଲେ ସେମାନଙ୍କ ଉପରେ କୌଣସି ଉପଦ୍ରବ କରିବେ ନାହିଁ ।

**କୁଳବୃକ୍ଷ** - ଶ୍ଳେଷ୍ମାତକ, କରଞ୍ଜ, ବିଲ୍ୱ, ଅଶ୍ୱତ୍ଥ, କଦମ୍ବ, ନିମ୍ବ, ବଟ, ଯଜ୍ଞଡୁମ୍ବୁର ବା ଯଜ୍ଞଡିମ୍ବିରି, ଆମଳକୀ ଓ ତେନ୍ତୁଳି ।

**କୁଳପଶୁ** -ଗୃଧ୍ର, କ୍ଷେମଙ୍କରୀ, ଜମ୍ବୁକୀ, ଯମଦୂତିକା, କୁବରୀ, ଶ୍ୟେନ, ଭୂକାକ ଓ କୃଷ୍ଣମାର୍ଜ୍ଜାର ।

**କୁଳକନ୍ୟା** - ନଟୀ, କାପାଳିକା, ବେଶ୍ୟା, ରଜକୀ,ନାପିତାଙ୍ଗନା, ବ୍ରାହ୍ମଣୀ, ଶୂଦ୍ରକନ୍ୟା, ଗୋପାଳକନ୍ୟା ଓ ମାଳାକାର କନ୍ୟା ।

କୁଳବୃକ୍ଷ, କୁଳପଶୁ ଓ କୁଳକନ୍ୟାମାନଙ୍କ ସଙ୍ଗରେ କୁଳାଚାର ସମ୍ପନ୍ନ ସାଧକ କିଭଳି ବ୍ୟବହାର କରିବେ, ଶାସ୍ତ୍ରରେ ମଧ୍ୟ ତାହାର ବିଶଦ ବର୍ଣ୍ଣନା ରହିଅଛି । ସାଧକ ଗୃଧ୍ର ଦର୍ଶନ କଲେ, ମହାକାଳୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବେ ଏବଂ ଅନ୍ୟକୁଳପଶୁ ଦର୍ଶନ କଲେ —

"ଓଁ କୃଶୋଦରି ମହାଚଣ୍ଡେ ମୁକ୍ତକେଶି ବଳିପ୍ରିୟେ ।
କୁଳାଚାରପ୍ରସନ୍ନାସ୍ୟେ ନମସ୍ତେ ଶଙ୍କରପ୍ରିୟେ ।।"

ଏହି ମନ୍ତ୍ର ଉଚ୍ଚାରଣ ପୂର୍ବକ ପ୍ରଣାମ କରିବେ। ଯଦି କୌଣସି ସମୟରେ ପର୍ବତରେ, ବିପିନରେ, ନିର୍ଜ୍ଜନ ସ୍ଥାନରେ, ଚତୁଷ୍ପଥରେ ଅଥବା କଳା ମଧ୍ୟରେ

ଦୈବ ଯୋଗରେ ଗମନ କରାଯାଏ, ତେବେ ସାଧକ ସେହି ସ୍ଥାନରେ କ୍ଷଣକାଳ ରହି ମନ୍ତ୍ର ଜପପୂର୍ବକ ନମସ୍କାର କରି ଯଥାସ୍ଥାନକୁ ଗମନ କରିବେ । ଯଦି ଶ୍ମଶାନ ବା ଶବ ଦର୍ଶନ ହୁଏ, ତେବେ ସାଧକ ତାହାର ଅନୁଗମନପୂର୍ବକ ପ୍ରଦକ୍ଷିଣ କରି—

''ଓଁ ଘୋରଦ୍ରଂଷ୍ଟ୍ରେ କରାଳାସ୍ୟେ କୋଟିଶବ୍ଦନିନାଦିନି ।
ଘୋର ଘୋରରବାସ୍ଫାଳେ ନମସ୍ତେ ଚିତାବାସିନି ।।''

ଏହି ମନ୍ତ୍ର ପାଠ କରି ପ୍ରଣାମ କରିବେ । ରକ୍ତବସ୍ତ୍ର ବା ରକ୍ତପୁଷ୍ପ ଦର୍ଶନ କଲେ, ଭୂମିଷ୍ଠ ହୋଇ ତ୍ରିପୁରାମ୍ବିକାଙ୍କ ଉଦ୍ଦେଶ୍ୟରେ ପ୍ରଣାମପୂର୍ବକ-

''ଓଁ ବନ୍ଧୁକପୁଷ୍ପସଙ୍କାଶେ ତ୍ରିପୁରେ ଭୟନାଶିନି ।
ଭାଗ୍ୟୋଦୟସମୁତ୍ପନ୍ନେ ନମସ୍ତେ ବରବର୍ଣ୍ଣିନି ।''

ଏହି ମନ୍ତ୍ର ପାଠ କରିବେ । ଯଦି କୃଷ୍ଣବସ୍ତ୍ର, କୃଷ୍ଣପୁଷ୍ପ, ରାଜା, ରାଜପୁରୁଷ, ତୁରଙ୍ଗ, ମାତଙ୍ଗ, ରଥ, ଶସ୍ତ୍ର, ବୀରପୁରୁଷ ଅଥବା କୁଳଦେବତାଙ୍କ ଦର୍ଶନ ମିଳେ, ତେବେ —

''ଓଁ ଜୟଦେବି ଜଗଦ୍ଧାତ୍ରି ତ୍ରିପୁରାଦ୍ୟେ ତ୍ରିଦୈବତେ ।
ଭକ୍ତେଭ୍ୟୋ ବରଦେ ଦେବୀ ମହିଷଘ୍ନି ନମୋଽସ୍ତୁ ତେ ।।''

ଏହି ମନ୍ତ୍ର ପାଠକରି ପ୍ରଣାମ କରିବେ । ମଦ୍ୟଭାଣ୍ଡ, ମତ୍ସ୍ୟ, ମାଂସ ବା ସୁନ୍ଦରୀ ରମଣୀ ଦର୍ଶନ କଲେ -

''ଓଁ ଘୋରବିଘ୍ନବିନାଶାୟ କୁଳାଚାରସମୃଦ୍ଧୟେ ।
ନମାମି ବରଦେ ଦେବି ମୁଣ୍ଡମାଳାବିଭୂଷିତେ ।।
ରକ୍ତଧାରାସମାକୀର୍ଣ୍ଣବଦନେ ତ୍ୱାଂ ନମାମ୍ୟହଂ ।
ସର୍ବବିଘ୍ନହରେ ଦେବି ନମସ୍ତେ ହରବଲ୍ଲଭେ ।।''

ଏହି ମନ୍ତ୍ର ପାଠପୂର୍ବକ ଭୈରବୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ମନ୍ତ୍ର ଜପ କରିବାକୁ ହେବ ।

''ଏତେଷାଂ ଦର୍ଶନେନୈବ ଯଦି ନୈବଂ ପ୍ରକୁର୍ବତେ ।
ଶକ୍ତିମନ୍ତ୍ରଂ ପୁରସ୍କୃତ୍ୟ ସତ୍ୟସିଦ୍ଧିର୍ନ ଜାୟତେ ।।''

ଯଦି କୌଣସି ସାଧକ ଏହି ସବୁକୁ ଦର୍ଶନ କରି ବିଧାନାନୁରୂପ କାର୍ଯ୍ୟ କରନ୍ତି ନାହିଁ, ତେବେ ସେ ଶକ୍ତିମନ୍ତ୍ରରେ ସିଦ୍ଧିଲାଭ କରିପାରିବେ ନାହିଁ ।

ଏପର୍ଯ୍ୟନ୍ତ କୁଳାଚାର ସମ୍ବନ୍ଧରେ ଯେତିକି ଆଲୋଚିତ ହେଲା, ସେଥିରେ ବହୁ ପାଠକଙ୍କର ଧୈର୍ଯ୍ୟଚ୍ୟୁତି ଘଟିପାରେ । କାରଣ ହୁଏତ ଅନେକଙ୍କର ଏଗୁଡ଼ିକ ନିରର୍ଥକ ବାହ୍ୟାଡ଼ମ୍ବର ବୋଲି ମନେ ହୋଇପାରେ । କିନ୍ତୁ ଟିକିଏ ସମାହିତ ଚିତ୍ତରେ ଚିନ୍ତା କଲେ ଦେଖିବେ ଯେ, ଏହିସବୁ ସାମାନ୍ୟ ବିଷୟ ମଧ୍ୟରେ ଗଭୀର ଜ୍ଞାନର ଆଭାସ ନିହିତ ଅଛି । ଯେଉଁମାନେ ତ୍ରିସନ୍ଧ୍ୟା କରି କିମ୍ବା ସମାଜରେ ଯେଉଁମାନେ ଘଣ୍ଟା ଦେଖି ସପ୍ତାହରେ ଦିନେ ଚର୍ଚ୍ଚକୁ ଗମନ କରି ଧର୍ମାନୁଷ୍ଠାନର ପରାକାଷ୍ଠା ପ୍ରଦର୍ଶନ କରନ୍ତି, ସେମାନେ ଏହାର ମର୍ମ ଉପଲବ୍ଧି କରିବେ ବା କିପରି ? ସାଧକ ଯେତେ ପରିମାଣରେ ଉନ୍ନତି ଲାଭ କରିବେ, ସେତିକି ଅଧିକ ସମୟ ଭଗବଦ୍‌ଭାବରେ ତନ୍ମୟ ରହିବେ । ତେଣୁ ଶାସ୍ତ୍ରକାରମାନେ, ଯେତେ ଅଧିକ ସମୟ ସାଧକଙ୍କ ମନ ଇଷ୍ଟଦେବୀଙ୍କ ଚରଣ ସ୍ମରଣମନନ କରିପାରେ, ତାହାର ଉପାୟ ପଦର୍ଶନ କରିଛନ୍ତି । ଏଥିପାଇଁ ପୂର୍ବୋକ୍ତ ବୃକ୍ଷ, ପଶୁ, ପକ୍ଷୀ ଦେଖିଲା ମାତ୍ରକେ ସାଧକ ନିଜ ଇଷ୍ଟଦେବଙ୍କୁ ସ୍ମରଣ କରି ପ୍ରଣାମ କରିବେ । ବିଶେଷତଃ ଋଷିମାନେ ଏହି ପଶୁ, ପକ୍ଷୀ ଓ ବୃକ୍ଷାଦି ମଧ୍ୟରେ ବିଶେଷ ଶକ୍ତିର ପରିଚୟ ପ୍ରାପ୍ତ ହୋଇଛନ୍ତି । ପୁଣି ଯେତେବେଳେ ସମସ୍ତ ପ୍ରାଣୀଙ୍କୁ ଦର୍ଶନ କରି ଭଗବାନଙ୍କ କଥା ମନେପଡ଼ିବ, ସେତେବେଳେ ସାଧକ ସିଦ୍ଧାବସ୍ଥାରେ ଉପନୀତ ହୋଇଛନ୍ତି ବୋଲି ଜାଣିବ । ତେଣୁ ବୈଷ୍ଣବ-ସାଧକ କହିଛନ୍ତି —

''ଆଖି ମୋର ଯହିଁ ତହିଁ ଚାହେଁ ଫେରି ଫେରି,
ଚଉଦିଗେ ଦେଖେ ମୁହିଁ 'ହରି' 'ହରି' 'ହରି' ।।''

କୁଳାଚାରୀ ସାଧକ ଶକ୍ତିଙ୍କର ଅଂଶସମ୍ଭୂତା ରମଣୀମାନଙ୍କ ସହିତ କିଭଳି ବ୍ୟବହାର କରିବେ, ବର୍ତ୍ତମାନ ସେହି କଥା ଆଲୋଚନା କରିବା । ପାଠକମାନେ ତାହା ପାଠ କଲେ ବୁଝିପାରିବେ ଯେ, ତନ୍ତ୍ରୋକ୍ତ କୁଳାଚାର ସାଧନ ମଦ୍ୟାଦି

ପାନ କରି ରମଣୀ ସଙ୍ଗରେ ରଙ୍ଗ କରିବାକୁ ବୁଝାଏ ନାହିଁ । ତାହା - ରମଣୀକୁ **ଜନନୀତ୍ୱରେ ପରିଣତ କରିବାର କୌଶଳ ମାତ୍ର ।** ତନ୍ତ୍ରକାର ବୁଝିଥିଲେ ଯେ, ବେଦପୁରାଣାନୁଯାୟୀ ଉପଦେଶ ଅନୁସାରେ ରମଣୀର ଆସଙ୍ଗଲିପ୍‌ସା ପରିତ୍ୟାଗ କରିବା ଜୀବ ପକ୍ଷରେ ଦୁଃସାଧ୍ୟ; ସେହି ନିଶା, ସେହି ଆକୁଳ ତୃଷା ଜୀବ ଇଚ୍ଛା କଲାମାତ୍ରେ ଛାଡ଼ିପାରେ ନାହିଁ । କାରଣ ଜୀବମାତ୍ରକେ ରମଣୀର ଆବିଷ୍ଟ ଶକ୍ତିରେ ଅନୁପ୍ରାଣିତ । ତେଣୁ କୌଶଳକ୍ରମେ ରମଣୀର ପରିଚର୍ଯ୍ୟା କରି ତାହାର ଶରଣାପନ୍ନ ହୋଇ ତାହା ସହିତ ଆତ୍ମସମ୍ମିଶ୍ରଣ କରି ପ୍ରକୃତିର କୋମଳ ବାହୁବନ୍ଧନ ଛିନ୍ନ କରିବାକୁ ହେବ । ମାୟାରୂପିଣୀ ରମଣୀକୁ ଜୟ କରି ନ ପାରିଲେ, ଆଧ୍ୟାତ୍ମିକ ରାଜ୍ୟରେ ପଦେହେଲେ ଅଗ୍ରସର ହେବାର ଉପାୟ ନାହିଁ । ଜୀବର ସାଧ୍ୟ ନାହିଁ ଯେ, ରମଣୀକୁ ଘୃଣାକରି ଅଥବା ଅନ୍ୟ ଉପାୟରେ ରମଣୀର ଆକର୍ଷଣରୁ ନିଜକୁ ରକ୍ଷା କରିପାରିବେ । କେବଳ ଦେଖିବାକୁ ମିଳେ ଯେ, ଏକମାତ୍ର ଶିଶୁ ବାଳକମାନେ ହିଁ ରମଣୀକୁ ଆୟତ୍ତରେ ରଖିପାରିଛନ୍ତି । ଶିଶୁ ନିକଟରେ ନାରୀର ସମସ୍ତ ମାୟାର କୌଶଳ ବ୍ୟର୍ଥ ହୋଇଯାଏ । ରମଣୀ ଶିଶୁର ଦାସୀ ହୋଇ ସର୍ବଦା ତାହାର ସୁଖ ସ୍ୱାଚ୍ଛନ୍ଦ୍ୟ ନିମିତ୍ତ ବ୍ୟସ୍ତ । ଜନନୀ ସନ୍ତାନକୁ କୋଳରେ ଧରି ଜଗତ ଭୁଲିଯାଏ, ସନ୍ତାନକୁ ଦେଖିବା ମାତ୍ରେ ସ୍ନେହରସରେ ଅଭିଷିକ୍ତ ହୋଇ ସଯତ୍ନରେ କୋଳକୁ ଉଠାଇନିଏ । ସେଠାରେ କୌଣସି ପ୍ରକାର ଅଭିମାନ କିମ୍ବା ଦାବୀ ଖାଟେ ନାହିଁ । ସୁନ୍ଦରୀ ଯୁବତୀ ବା ରସବତୀ ରମଣୀ କୌଣସି ପ୍ରକାରରେ ବାଳକ ନିକଟରେ ଆଦରଣୀୟା ନୁହନ୍ତି । ତେଣୁ ତନ୍ତ୍ରଶାସ୍ତ୍ରକାର ରମଣୀକୁ ଘୃଣା ନ କରି ଜନନୀ ଆସନ ପ୍ରଦାନ କରିଛନ୍ତି ଏବଂ ରମଣୀକୁ ଜନନୀତ୍ୱରେ ପରିଣତ କରି ଆଧ୍ୟାତ୍ମିକ ରାଜ୍ୟର ଦୁର୍ଗମପଥର ପ୍ରଧାନ ବିଘ୍ନ ଅପସାରିତ କରି ଦେଇଛନ୍ତି । ଚିନ୍ତାଶୀଳ ପାଠକ ଭକ୍ତିବିନମ୍ର ହୃଦୟରେ ତନ୍ତ୍ରଶାସ୍ତ୍ର ଆଲୋଚନା କଲେ, ମୋ କଥାରେ ସାର୍ଥକତା ଉପଲବ୍ଧି କରି ବିସ୍ମୟରେ ଅଭିଭୂତ ହୋଇପଡ଼ିବେ । ମୁଁ ସେ ସମ୍ବନ୍ଧରେ ନିମ୍ନରେ କିଞ୍ଚିତ୍ ଆଭାସ ପ୍ରଦାନ କଲି । ପ୍ରଥମେ ତନ୍ତ୍ର କହୁଛନ୍ତି—

**"ସ୍ତ୍ରୀସମୀପେ କୃତା ପୂଜା ଜପଶ୍ଚ ପରମେଶ୍ୱରି ।**
**କାମରୂପାଚ୍ଛତଗୁଣଂ ସମୁଦୀରିତମବ୍ୟୟମ୍ ।।" (ସମୟ ତନ୍ତ୍ର)**

ସ୍ତ୍ରୀ ସମୀପରେ ଯେଉଁ ପୂଜା ଓ ଜପ କରାହୁଏ, ତାହା କାମରୂପରେ ପୂଜା କରିବା ଅପେକ୍ଷା ଶତଗୁଣ ଅଧିକ ଓ ଅକ୍ଷୟ ଫଳପ୍ରଦ ହୁଏ ।

ତେଣୁ ରମଣୀଙ୍କୁ ଜଗଜ୍ଜନନୀଙ୍କର ଅଂଶ ମନେକରି ସେମାନଙ୍କ ସମୀପରେ ପୂଜାଦିର ଅନୁଷ୍ଠାନ ବିବୃତ ହୋଇଅଛି । କୁଳାଚାରୀମାନଙ୍କ ରମଣୀ ସମ୍ବନ୍ଧରେ ପବିତ୍ରଭାବ ରକ୍ଷା ନିମିତ୍ତ କିପରି ଆଦେଶ ଅଛି, ତନ୍ତଶାସ୍ତ୍ରରୁ ତାହାର ସାରାଂଶ ନିମ୍ନରେ ଉଦ୍ଧୃତ କଲି ।

କୁଳାଚାରୀ ସାଧକ ସର୍ବଭୂତଙ୍କ ହିତ ଅନୁଷ୍ଠାନରେ ସର୍ବଦା ନିଯୁକ୍ତ ରହିବେ, ନୈମିତ୍ତିକ କର୍ମ ପରିତ୍ୟାଗ କରି ନିତ୍ୟାନୁଷ୍ଠାନରେ ତତ୍ପର ହେବେ । ନିଜ ଇଷ୍ଟଦେବତାଙ୍କ ଚରଣରେ ସମସ୍ତ କର୍ମଫଳ ସମର୍ପଣ କରିବେ । ବୁଦ୍ଧିମାନ ବ୍ୟକ୍ତି ମନ୍ତ୍ରାର୍ଚ୍ଚନରେ ଅଶ୍ରଦ୍ଧା ପ୍ରକାଶ କରିବେ ନାହିଁ, ଅନ୍ୟ ମନ୍ତ୍ରର ପୂଜା କରିବେ ନାହିଁ, କୁଳସ୍ତ୍ରୀଙ୍କ ନିନ୍ଦା କରିବେ ନାହିଁ, ସ୍ତ୍ରୀଲୋକମାନଙ୍କ ପ୍ରତି କ୍ରୋଧ ପ୍ରକାଶ କରିବେ ନାହିଁ ଏବଂ ସ୍ତ୍ରୀ ଲୋକଙ୍କୁ ପ୍ରହାର କରିବେ ନାହିଁ । ଏହି ସମସ୍ତ କାର୍ଯ୍ୟ ସର୍ବଦା ପରିତ୍ୟାଗ କରିବେ । ସମଗ୍ର ଜଗତକୁ ସ୍ତ୍ରୀମୟ ଭାବନା କରିବେ । ନିଜକୁ ମଧ୍ୟ ସ୍ତ୍ରୀମୟ ଜ୍ଞାନ କରିବେ । ଜ୍ଞାନବାନ୍ ବ୍ୟକ୍ତି ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ, ଭୋଜ୍ୟ, ଗୃହ, ସୁଖ ସବୁସମୟରେ ସମସ୍ତଙ୍କୁ କେବଳ ଯୁବତୀମୟ ବୋଲି ଚିନ୍ତା କରିବେ । ଯୁବତୀ ରମଣୀ ଦର୍ଶନ କଲେ ସମାହିତ ହୃଦୟରେ ପ୍ରଣାମ କରିବେ । ଯଦି ଦୈବାତ୍ କୁଳଦର୍ଶନ ହୁଏ, ତେବେ ତତ୍‌କ୍ଷଣାତ୍ ଦେବୀଙ୍କ ଉଦ୍ଦେଶ୍ୟରେ ମାନସଗନ୍ଧାଦି ଦ୍ୱାରା ପୂଜା କରି ଗୁରୁଦେବଙ୍କୁ ପ୍ରଣାମପୂର୍ବକ 'କ୍ଷମସ୍ୱ' ବୋଲି ପ୍ରାର୍ଥନା କରିବେ । ଏପରି କି କୁତ୍ସିତା, ଭ୍ରଷ୍ଟା କିମ୍ବା ଦୁଷ୍ଟା ରମଣୀକୁ ମଧ୍ୟ ନମସ୍କାର କରି ତାଙ୍କୁ ଇଷ୍ଟଦେବତାଙ୍କର ସ୍ୱରୂପ ବୋଲି ଭାବନା କରିବେ । ସ୍ତ୍ରୀମାନଙ୍କର ଅପ୍ରିୟ କାର୍ଯ୍ୟ ସର୍ବତୋଭାବରେ ପରିତ୍ୟାଗ କରିବେ । ସ୍ତ୍ରୀଲୋକଙ୍କୁ ଦେବତାସ୍ୱରୂପ, ଜୀବନସ୍ୱରୂପ, ଏବଂ ଭୂଷଣସ୍ୱରୂପ ଜ୍ଞାନ କରିବେ । ସର୍ବଦା ରମଣୀର ସମଭିବ୍ୟାହାରରେ ଅବସ୍ଥାନ କରିବେ । ଶକ୍ତି ହିଁ ଶିବ, ଶିବ ହିଁ ଶକ୍ତି । ବ୍ରହ୍ମା ଶକ୍ତି, ବିଷ୍ଣୁ ଶକ୍ତି, ଇନ୍ଦ୍ର ଶକ୍ତି, ରବି ଶକ୍ତି, ଚନ୍ଦ୍ର ଶକ୍ତି, ଗ୍ରହମାନେ ଶକ୍ତିସ୍ୱରୂପ, ଅଧିକ କ'ଣ କହିବି — ଏହି ସମଗ୍ର ଜଗତ ହିଁ ଶକ୍ତିଙ୍କର ସ୍ୱରୂପ । ସୁତରାଂ କୁତ୍ସିତ

ଭାବରେ କେବେହେଲେ ସ୍ତ୍ରୀ ଦର୍ଶନ କରିବ ନାହିଁ । କାମଭାବରେ ସ୍ତ୍ରୀ ଅଙ୍ଗ ଦର୍ଶନ କଲେ, ଜଗଜ୍ଜନନୀଙ୍କ ଅବମାନନା କରାଯାଏ । କାରଣ —

"ଯସ୍ୟା ଅଙ୍ଗେ ମହେଶାନି ସର୍ବତୀର୍ଥାନି ସନ୍ତି ବୈ ।।"

ନାରୀମାନଙ୍କ ଅଙ୍ଗରେ ସକଳ ତୀର୍ଥ ବସତି କରନ୍ତି । ସୁତରାଂ ନାରୀ ଶରୀର ପବିତ୍ର ତୀର୍ଥସ୍ୱରୂପ ।

"ଶକ୍ତୌ ମନୁଷ୍ୟବୁଦ୍ଧିନ୍ତୁ ଯଃ କରୋତି ବରାନନେ ।
ନ ତସ୍ୟ ମନ୍ତ୍ରସିଦ୍ଧିଃ ସ୍ୟାଦ୍ୱିପରୀତଂ ଫଳଂ ଲଭେତ୍ ।।"

— ଉତ୍ତର ତନ୍ତ୍ର

ଯେଉଁ ସାଧକ ନାରୀରୂପାଶକ୍ତିଙ୍କୁ ମନୁଷ୍ୟ ଜ୍ଞାନ କରନ୍ତି, ତାଙ୍କର ମନ୍ତ୍ରସିଦ୍ଧି ହୁଏ ନାହିଁ, ବରଂ ସେ ବିପରୀତ ଫଳ ଲାଭ କରନ୍ତି ।

"ଶକ୍ତ୍ୟାଃ ପାଦୋଦକଂ ଯସ୍ତୁ ପିବେଦ୍ଭକ୍ତିପରାୟଣଃ ।
ଉଚ୍ଛିଷ୍ଟଂ ବାପି ଭୁଞ୍ଜୀତ ତସ୍ୟ ସିଦ୍ଧିରଖଣ୍ଡିତା ।।"

— ନିଗମ କଳ୍ପଦ୍ରୁମ

ଯେଉଁ କୁଳାଚାରୀ ଭକ୍ତିଯୁକ୍ତ-ଚିତ୍ତରେ ନାରୀମାନଙ୍କର ପାଦୋଦକ ଓ ଭୁକ୍ତାବଶେଷ ଭୋଜନ କରନ୍ତି, ତାଙ୍କର ସିଦ୍ଧି କେହି ଖଣ୍ଡନ କରିପାରନ୍ତି ନାହିଁ ।

ଅତଏବ, ନାରୀମାନଙ୍କଠାରେ ଜଗଦମ୍ବାଙ୍କ ବିଶେଷ ଶକ୍ତିର ପ୍ରକାଶ ବୋଲି ଭାବନା କରି ସର୍ବଦା ସେମାନଙ୍କୁ ଭକ୍ତି ଶ୍ରଦ୍ଧା କରିବା ଉଚିତ୍ । ଭ୍ରମରେ ସୁଦ୍ଧା କେବେହେଲେ ନାରୀମାନଙ୍କ ନିନ୍ଦା କରିବ ନାହିଁ କିମ୍ବା ନାରୀମାନଙ୍କୁ ପ୍ରହାର କରିବ ନାହିଁ । ସ୍ତ୍ରୀମୂର୍ତ୍ତିଙ୍କ ଅନ୍ତରାଳରେ ଶ୍ରୀଶ୍ରୀଜଗନ୍ମାତା ସ୍ୱୟଂ ବିରାଜମାନ —ଏହି କଥା ସ୍ମରଣ ନ ରଖି ଭୋଗ୍ୟବସ୍ତୁବିଶେଷ ବୋଲି ମନେ କରି କାମଭାବରେ ସ୍ତ୍ରୀଲୋକଙ୍କ ଶରୀର ଦର୍ଶନ କଲେ ସେଥିରେ ଶ୍ରୀଶ୍ରୀଜଗନ୍ମାତାଙ୍କର ଅବମାନନା କରାହୁଏ ଓ ସେଥିରେ ମାନବର ଅଶେଷ ଅକଲ୍ୟାଣ ସାଧିତ ହୁଏ । ଯେତେ ସ୍ତ୍ରୀମୂର୍ତ୍ତି, ସମସ୍ତ ସାକ୍ଷାତ୍ ଜଗଦମ୍ବାଙ୍କର ଜଗତ୍ପାଳିନୀ ଓ ଆନନ୍ଦଦାୟିନୀ ଶକ୍ତିର ବିଶେଷ ପ୍ରକାଶ, ତେଣୁ 'ଚଣ୍ଡୀ'ରେ ଦେବତାମାନେ କହିଛନ୍ତି—

"ବିଦ୍ୟାଃ ସମସ୍ତାସ୍ତବ ଦେବି ! ଭେଦାଃ
ସ୍ତ୍ରୀୟଃ ସମସ୍ତାଃ ସକଳା ଜଗତ୍‌ସୁ ।
ତ୍ୱୟୈକୟା ପୁରିତମମ୍ବୟୈତତ୍
କା ତେ ସ୍ତୁତିଃ ସ୍ତବ୍ୟପରାପରୋକ୍ତିଃ ।।"

— ମାର୍କଣ୍ଡେୟ ପୁରାଣ

ହେ ଦେବି ! ତୁମେ ହିଁ ଜ୍ଞାନରୂପିଣୀ । ଜଗତରେ ଉଚ୍ଚନୀଚ ଯେତେପ୍ରକାର ବିଦ୍ୟା ଅଛି, ଯହିଁରେ ଲୋକମାନଙ୍କର ଅଶେଷ ପ୍ରକାର ଜ୍ଞାନର ଉଦୟ ହେଉଅଛି, ସେ ସବୁଠାରେ ତୁମେ ସେହି ରୂପରେ ପ୍ରକାଶିତା । ତୁମେ ହିଁ ଜଗତର ଯାବତୀୟ ସ୍ତ୍ରୀମୂର୍ତ୍ତି ରୂପରେ ବିଦ୍ୟମାନ । ତୁମେ ହିଁ ଏକାକିନୀ ସମଗ୍ର ଜଗତ୍ ପୂର୍ଣ୍ଣ କରି ଏହାର ସର୍ବତ୍ର ବର୍ତ୍ତମାନ । ତୁମେ ଅତୁଳନୀୟା, ବାକ୍ୟାତୀତା । ସ୍ତବ କରି ତୁମ ଅନନ୍ତ ଗୁଣର ଉଲ୍ଲେଖ କରିବାକୁ କେହି କେବେ ସମସର୍ଥ ହୋଇନାହାଁନ୍ତି କି ହୋଇପାରିବେ ନାହିଁ ।

କିନ୍ତୁ ହାୟ, ଜାଣିଶୁଣି କେତେ ଯେ ଲୋକ ଶ୍ରୀଶ୍ରୀଜଗନ୍ମାତାଙ୍କ ବିଶେଷ ପ୍ରକାଶର ଆଧାରରୂପିଣୀ ସ୍ତ୍ରୀ ମୂର୍ତ୍ତିଙ୍କୁ ହୀନବୁଦ୍ଧିରେ କଳୁଷିତ ନୟନରେ ନିରୀକ୍ଷଣ କରି ଦିନ ଭିତରେ ଶତ ସହସ୍ରବାର ତାଙ୍କର ଅବମାନନା କରୁଛନ୍ତି । କେତେ ଜଣ ବା ଦେବୀ ବୁଦ୍ଧିରେ ନାରୀ ଶରୀର ଅବଲୋକନ କରି ଯଥାଯଥ ଭାବରେ ସମ୍ମାନ ପ୍ରଦାନପୂର୍ବକ ହୃଦୟରେ ଆନନ୍ଦ ଅନୁଭବ କରିବାରେ ଓ କୃତାର୍ଥ ହେବାର ଉଦ୍ୟମ କରୁଛନ୍ତି ? ପଶୁବୁଦ୍ଧିରେ ସ୍ତ୍ରୀ ଶରୀରର ଅବମାନନା କରି ଭାରତବର୍ଷ ଦିନକୁ ଦିନ ଅଧଃପତନ ଦିଗରେ ଗତି କରି ଚାଲିଛି ।

ପାଠକେ ! ବର୍ତ୍ତମାନ ବୁଝିଲେ ତ ? ତନ୍ତ୍ରଶାସ୍ତ୍ର ରମଣୀ ସଙ୍ଗରେ ରଙ୍ଗରସରେ ମାତି ବ୍ୟଭିଚାର-ସ୍ରୋତ ବୃଦ୍ଧି କରିବାକୁ ଶିକ୍ଷା ଦେଉନାହାନ୍ତି । ଯେଉଁ ଶାସ୍ତ୍ର ନିଜକୁ ମଧ୍ୟ ସ୍ତ୍ରୀମୟ ଭାବନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ସେହି ଶାସ୍ତ୍ର ଦ୍ୱାରା ପାଶବିକତା ବିସ୍ତାର ହେବ ବା କିପରି ? ପ୍ରବୃତ୍ତିପୂର୍ଣ୍ଣ ମାନବ ଅଳ୍ପ ହେଉ ବା ଅଧିକ ହେଉ ସ୍ଥୂଳ ରୂପରସାଦି ଭୋଗ ନିଶ୍ଚୟ କରିବ । କିନ୍ତୁ ଯଦି କୌଣସି ଉପାୟରେ ତାହାର ପ୍ରିୟ ଭୋଗ୍ୟବସ୍ତୁ ଭିତରେ ପ୍ରକୃତ ଭାବରେ ଆନ୍ତରିକ ଶ୍ରଦ୍ଧାର ଉଦୟ କରାଇ ଦିଆଯାଇପାରେ, ତାହାହେଲେ ସେହି

ବ୍ୟକ୍ତି ଯେତେ ଭୋଗ କରୁଥାଆନ୍ତୁ ପଛକେ, ତାଙ୍କର ଏହି ତୀବ୍ର ଶ୍ରଦ୍ଧାବଳରେ ଅତି ଅଳ୍ପ ସମୟ ମଧ୍ୟରେ ସେ ସଂଯମାଦି ଆଧ୍ୟାତ୍ମିକ ଭାବରେ ଅଧିକାରୀ ହୋଇପାରିବେ, ଏଥିରେ ସନ୍ଦେହର ଅବକାଶ ନାହିଁ । ତେଣୁ ତନ୍ତ୍ର କୁଳାଚାର ଅନୁଷ୍ଠାନ ବିଷୟରେ ସତର୍କ କରି ସାଧକମାନଙ୍କୁ କହିଛନ୍ତି —

"ଅର୍ଥାଦ୍‌ବା କାମତୋ ବାପି ସୌଖ୍ୟାଦପି ଚ ଯୋ ନରଃ ।
ଲିଙ୍ଗଯୋନିରତୋ ମନ୍ତ୍ରୀ ରୌରବଂ ନରକଂ ବ୍ରଜେତ୍ ।।" (କୁମାରୀତନ୍ତ୍ର)

ଯେଉଁ ବ୍ୟକ୍ତି କୌଣସି ପ୍ରୟୋଜନ ସିଦ୍ଧି ନିମିତ୍ତ, ସୁଖ ପାଇଁ ଅଥବା କାମ ହେତୁ ସ୍ତ୍ରୀ ସଂସର୍ଗରେ ନିରତ ହୁଅନ୍ତି, ତାଙ୍କର ରୌରବ ନରକରେ ପତନ ହୋଇଥାଏ ।

ଏହାସତ୍ତ୍ୱେ କ'ଣ ପୁଣି କିଏ କହିବେ ଯେ, ତନ୍ତ୍ର ଆମ ଦେଶର ବ୍ୟଭିଚାର ଶିକ୍ଷା ଦେଉଛନ୍ତି ? ତୁମେ ଯଦି ବୁଝି ନ ପାରି ନିଜ ଅଭିପ୍ରାୟ ସିଦ୍ଧି କରି ବସ, ତେବେ ସେ ଦୋଷ କ'ଣ ଶାସ୍ତ୍ରର ? ଯେତେବେଳେ ସାଧକ ଶକ୍ତିଙ୍କୁ ଆନୟନପୂର୍ବକ ଉପଦେଶ ଦେବେ, ସେତେବେଳେ ସାଧକ ତାଙ୍କୁ କନ୍ୟାସ୍ୱରୂପା ମନେକରିବେ ଏବଂ ପୂଜା ସମୟରେ ତାଙ୍କୁ ମାତା ଜ୍ଞାନ କରିବେ । ଅନ୍ୟାନ୍ୟ ଉପଚାର ସମ୍ବନ୍ଧରେ ମଧ୍ୟ ଏହିଭଳି ରହସ୍ୟ ନିହିତ ଅଛି । ରମଣୀକୁ ନେଇ ଅନ୍ୟ ନାନାପ୍ରକାର ସାଧନା ମଧ୍ୟ ଶାସ୍ତ୍ରରେ ବିଧିବଦ୍ଧ ଅଛି । କିନ୍ତୁ ତାହା ଅପ୍ରକାଶ୍ୟ ହେତୁ ଏଠାରେ ଆଲୋଚିତ ହେଲା ନାହିଁ । ବିଶେଷତଃ କାମ କାମନାମନାକଳୁଷିତ ଜୀବ ତାହାର ମର୍ମ ବୁଝି ନ ପାରି କୁସଂସ୍କାର ଜ୍ଞାନ କରି ନାସିକା କୁଞ୍ଚିତ କରି ବସିବେ, ତେଣୁ ନିରସ୍ତ ହେଲି । ✻

କୁଳାଚାରୀ ସାଧକଙ୍କର ମହାମନ୍ତ୍ର-ସାଧନ ବିଷୟରେ ଦିକ୍‌କାଳ ନିୟମ, ଜପ, ପୂଜା ବା ବଳିର କାଳ-ନିୟମ କିଛି ନାହିଁ । ଏ ସବୁ ଯଥେଚ୍ଛା ଭାବରେ କରାଯାଇପାରିବ । ବସ୍ତ୍ର, ଆସନ, ସ୍ନାନ, ଦେହ, ଗୃହ, ଜଳ ପ୍ରଭୃତି ଶୋଧନର ମଧ୍ୟ କୌଣସି ଆବଶ୍ୟକତା ନାହିଁ । କିନ୍ତୁ ମନ ଯେଉଁଥିରେ ନିର୍ବିକଳ୍ପ ହେବ, ସେହି

---

✻ ମତ୍ ପ୍ରଣୀତ 'ଜ୍ଞାନୀଗୁରୁ'' ଗ୍ରନ୍ଥରେ ସ୍ତ୍ରୀ ପୁରୁଷ ସମ୍ବନ୍ଧରେ ଆଧ୍ୟାତ୍ମିକ ତତ୍ତ୍ୱ 'ନାଦବିନ୍ଦୁ ଯୋଗ' ଶୀର୍ଷକ ପ୍ରବନ୍ଧରେ ବିଶଦ ଭାବରେ ଲିଖିତ ହୋଇଅଛି ଏବଂ "ପ୍ରେମିକ ଗୁରୁ" ଗ୍ରନ୍ଥରେ 'ଶୃଙ୍ଗାର ସାଧନ' ପ୍ରଭୃତି ଗୁହ୍ୟତତ୍ତ୍ୱ ବିବୃତ ହୋଇଅଛି । (ଗ୍ରନ୍ଥକାର)

ବିଷୟରେ ଚେଷ୍ଟା କରିବା ଦରକାର । ସାଧକମାନେ ବୃଥା ସମୟ ନଷ୍ଟ କରିବା ଉଚିତ୍ ନୁହେଁ । କିନ୍ତୁ ଦେବତା ପୂଜା, ଜପ, ଯଜ୍ଞ ଓ ସ୍ତବପାଠାଦି ଦ୍ୱାରା କାଳ ଯାପନ କରିବା ଦରକାର । ଜପ ଓ ଯଜ୍ଞ ସବୁ କାଳରେ ପ୍ରଶସ୍ତ । ଏହି ଜପ ସବୁ ଦେଶରେ, ସବୁ ପୀଠରେ କରିବା ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ । ମାନସିକ ସ୍ନାନାଦି, ମାନସିକ ଶୌଚ, ମାନସିକ ଜପ, ମାନସିକ ପୂଜା, ମାନସିକ ତର୍ପଣ ପ୍ରଭୃତି ଦିବ୍ୟଭାବର ଲକ୍ଷଣ । କୁଳାଚାରୀମାନଙ୍କ ପକ୍ଷରେ ଦିବାରାତ୍ର, ସନ୍ଧ୍ୟା ବା ମହା-ନିଶାରେ * କିଛି ମାତ୍ର ବିଶେଷତ୍ୱ ନାହିଁ । ସବୁ ସମୟ ହିଁ ଶୁଭ । ଅସ୍ନାତ ଥାଇ ଅଥବା ଭୋଜନ କରି ମଧ୍ୟ ସର୍ବଦା ଦେବୀଙ୍କ ପୂଜା କରିହେବ । ମହାନିଶା କାଳରେ ଅପବିତ୍ର ସ୍ଥାନରେ ମଧ୍ୟ ପୂଜା କରି ମନ୍ତ୍ର ଜପ କରାଯାଇପାରେ । ଯେଉଁ କୁଳାଚାରୀ ସାଧକ ଏହି ନିଖିଳ ଜଗତକୁ ଶକ୍ତି ରୂପରେ ଦର୍ଶନ କରିପାରନ୍ତି ନାହିଁ, ସେ ନରକଗାମୀ ହୁଅନ୍ତି । ନିର୍ଜନ ସ୍ଥାନରେ, ଶ୍ମଶାନରେ, ବିଜନ ବନରେ, ଶୂନ୍ୟାଗାରରେ, ନଦୀ ତୀରରେ, ଏକାକୀ ନିଃଶଙ୍କ ହୃଦୟରେ ସର୍ବଦା ବିହାର କରିବା ଦରକାର । କୁଳାଚାରରେ, କୁଳାଷ୍ଟମୀରେ ବିଶେଷତଃ ଚତୁର୍ଦ୍ଦଶୀ ତିଥିରେ କୁଳପୂଜା ଅତିଶୟ ପ୍ରଶସ୍ତ । କୁଳାଚାର, କୁଳତିଥି ଓ କୁଳନକ୍ଷତ୍ରରେ ପୂଜା କଲେ, ଅତି ଅଳ୍ପ ସମୟ ମଧ୍ୟରେ ସାଧକ ଅଭୀଷ୍ଟ ବର ଲାଭ କରିପାରିବେ । ଅତଏବ -

"ଏବଂ କୁଳବାରାଦିକଂ ଜ୍ଞାତ୍ୱା ସାଧକଃ କର୍ମ କୁର୍ଯ୍ୟାତ୍ ।।" (ଯାମଳ)

ସାଧକ କୁଳବାରାଦି ପରିଜ୍ଞାତ ହୋଇ କର୍ମାନୁଷ୍ଠାନ କରିବା ଦରକାର । କୁଳମାର୍ଗ ସର୍ବଦା ଗୋପନ ରଖିବାକୁ ହେବ । ନିର୍ଜ୍ଜନ ସ୍ଥାନରେ କୁଳକର୍ମର ଅନୁଷ୍ଠାନ କରିବାକୁ ହୁଏ; ଲୋକ ସମକ୍ଷରେ କରିବା ବିଧେୟ ନୁହେଁ । ଏପରି କି ପଶୁପକ୍ଷୀଙ୍କ ସମ୍ମୁଖରେ ମଧ୍ୟ କୁଳକାର୍ଯ୍ୟର ଅନୁଷ୍ଠାନ କରିବାକୁ ଶାସ୍ତ୍ର ନିଷେଧ କରିଛନ୍ତି । କାରଣ, ପ୍ରକାଶ କଲେ ସିଦ୍ଧିରେ ବିଘ୍ନ ଜାତ ହୁଏ । କୁଳାଚାର ପ୍ରକାଶ କଲେ ମନ୍ତ୍ର ନାଶ, କୁଳହିଂସା ଓ ମୃତ୍ୟୁ ହୋଇପାରେ ।

---

* ରାତ୍ର ଦ୍ୱିପ୍ରହରର ପରବର୍ତ୍ତୀ ଦୁଇ ମୁହୂର୍ତ୍ତ ମହାନିଶା । ଯଥା —

"ଅର୍ଦ୍ଧରାତ୍ରତ୍ ପରଂ ଯଚ୍ଚ ମୁହୂର୍ତ୍ତଦ୍ୱୟମେବ ଚ ।
ସା ମହାରାତ୍ରିରୁଦ୍ଦିଷ୍ଟା ତଦଣ୍ଡମକ୍ଷୟନ୍ତୁ ବୈ ।।"

"ପ୍ରକାଶାନ୍ମନ୍ତ୍ରନାଶଃ ସ୍ୟାଦ୍ ପ୍ରକାଶାଦ୍ କୁଳହିଂସନମ୍ ।
ପ୍ରକାଶାନ୍ମୃତ୍ୟୁଲାଭଃ ସ୍ୟାନ୍ନ ପ୍ରକାଶ୍ୟଂ କଦାଚନ ।।" (ନୀଳତନ୍ତ୍ର)

ଅତଏବ, ସାଧକଙ୍କର କେବେହେଲେ କୁଳାଚାର ପ୍ରକାଶ କରିବା କର୍ତ୍ତବ୍ୟ ନୁହେଁ । ବରଂ ପୂଜା ତ୍ୟାଗ କରିବ, ତଥାପି ଆଚାର ବ୍ୟକ୍ତ କରିବ ନାହିଁ । ଯଥା-

"ବରଂ ପୂଜା ନ କର୍ତ୍ତବ୍ୟା ନ ଚ ବ୍ୟକ୍ତିଃ କଦାଚନ ।।"

## ପଞ୍ଚ-ମ'-କାର ଦ୍ୱାରା କାଳୀସାଧନା

**ଶ**କ୍ତିପୂଜା ପ୍ରକରଣରେ ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ —ଏହି ପଞ୍ଚ-ତତ୍ତ୍ୱ ସାଧନ ସ୍ୱରୂପରେ କୀର୍ତ୍ତିତ ହୋଇଅଛି । ପଞ୍ଚ-ତତ୍ତ୍ୱ ବ୍ୟତୀତ ପୂଜା କଲେ, ସେହି ପୂଜା ପ୍ରାଣନାଶକାରୀ ହୋଇଥାଏ । ବିଶେଷତଃ ସେଥିରେ ସାଧକଙ୍କର ଅଭୀଷ୍ଟସିଦ୍ଧି ହେବା ଦୂରେ ଥାଉ, ପଦେ ପଦେ ଭୟଙ୍କର ବିଘ୍ନ ଅଟେ । ଶିଳାରେ ଶସ୍ୟବୀଜ ବପନ କଲେ, ସେଥିରେ ଯେପରି ଅଙ୍କୁରୋଦ୍‌ଗମ ହୁଏ ନାହିଁ, ସେହିପରି ପଞ୍ଚ-ତତ୍ତ୍ୱବର୍ଜ୍ଜିତ ପୂଜାରେ କୌଣସି ଫଳ ଫଳେ ନାହିଁ । ଆଦିଦେବ ମହାଦେବ କହିଛନ୍ତି —

"କୁଳାଚାରଂ ବିନା ଦେବି ! ଶକ୍ତିମନ୍ତ୍ରୋ ନ ସିଦ୍ଧିଦଃ ।
ତସ୍ମାଦ୍ କୁଳାଚାରରତଃ ସାଧୟେଚ୍ଛକ୍ତିସାଧନମ୍ ।।"

— ମହାନିର୍ବାଣ ତନ୍ତ୍ର

ହେ ଦେବି ! କୁଳାଚାର ବ୍ୟତୀତ ଶକ୍ତିମନ୍ତ୍ର ସିଦ୍ଧିଦାୟକ ହୁଏ ନାହିଁ । କୁଳାଚାରରେ ରତ ରହି ଶକ୍ତିସାଧନ କରିବା କର୍ତ୍ତବ୍ୟ ।

**ପଞ୍ଚ-ମ-କାର ସାଧନାର** କ୍ରମ ନିମ୍ନରେ ପ୍ରଦତ୍ତ ହେଲା ।

ସାଧକମାନେ ପ୍ରାତଃକୃତ୍ୟାଦି ନିତ୍ୟକର୍ମ ସମାପନପୂର୍ବକ ଗୋପନୀୟ ଗୃହରେ କୁଶାସନ କିମ୍ବା କମ୍ବଳାସନ ବିଛାଇ ପୂର୍ବ କିମ୍ବା ଉତ୍ତରମୁଖ ହୋଇ ସ୍କନ୍ଧ, ମସ୍ତକ, ମେରୁଦଣ୍ଡ ପ୍ରଭୃତି ସରଳ ଭାବରେ ରଖି ସ୍ଥିର ଭାବରେ ନିଜ ନିଜର ଅଭ୍ୟସ୍ତ ଯେ କୌଣସି ଆସନରେ (ସିଦ୍ଧାସନ ପ୍ରଭୃତିରେ) ଉପବେଶନ କରିବେ ।

ପ୍ରଥମେ ନିଜର ମସ୍ତକ ମଧ୍ୟରେ ଶୁକ୍ଳ ଶତଦଳପଦ୍ମରେ ଗୁରୁଦେବଙ୍କ ଧ୍ୟାନ କରି ପ୍ରାର୍ଥନା ଓ ପ୍ରଣାମ କରିବେ । ଏହାପରେ "ହୁଁ" ମନ୍ତ୍ର ଉଚ୍ଚାରଣ ପୂର୍ବକ ଇଡା ଓ ପିଙ୍ଗଳାର ଶ୍ୱାସବାୟୁକୁ ଏକତ୍ର କରି ଧୀରେ ଧୀରେ ବାୟୁ ଟାଣି ନେଇ ମୂଳାଧାର ସଙ୍କୋଚନ ପୂର୍ବକ 'ହଂସ' ମନ୍ତ୍ର ଉଚ୍ଚାରଣ କରି କୁମ୍ଭକ କରିବେ । ଏହା ହିଁ **କୁଳାଚାରୀଙ୍କର ମତ୍ସ୍ୟସାଧନା** । ଏହି ମତ୍ସ୍ୟସାଧନାରେ କୁଳକୁଣ୍ଡଳିନୀଶକ୍ତିରୂପା କାଳୀ ଦେବୀ ଜାଗରିତା ହୋଇ ଊର୍ଦ୍ଧ୍ୱଗମନୋନ୍ମୁଖୀ ହେବେ ।

ଏହାପରେ ସାଧକ କୁଣ୍ଡଳିନୀଶକ୍ତିଙ୍କୁ ଶ୍ୱାସ ସାହାଯ୍ୟରେ ହୃଦୟସ୍ଥ ଅନାହତ ପଦ୍ମକୁ ଆନୟନ କରି ଅନ୍ତର୍ଯାଗପ୍ରଣାଳୀ ଅନୁସାରେ ପୂଜା, ଜପ ଓ ହୋମ କାର୍ଯ୍ୟ ସମ୍ପାଦନ କରିବେ । ତାହା ପରେ ସାଧକ ଚିନ୍ତା କରିବେ ଯେ, ସହସ୍ରାର ମହାପଦ୍ମର କର୍ଣ୍ଣିକା ଭିତରେ ପାରଦ ତୁଲ୍ୟ ସ୍ୱଚ୍ଛବିନ୍ଦୁ ରୂପ ଶିବଙ୍କର ସ୍ଥାନ । ଏହା ହିଁ **କୁଳାଚାରୀ ସାଧକଙ୍କର ମୁଦ୍ରାସାଧନା** ।

ଏହି ଶିବଙ୍କର ଭବନ ସୁଖଦୁଃଖପରିଶୂନ୍ୟ ଓ ସର୍ବକାଳୀନ ଫଳପୁଷ୍ପାଳଙ୍କୃତ ସ୍ୱର୍ଗୀୟ ତରୁ ପରିଶୋଭିତ । ଏହି ଭବନର ଅଭ୍ୟନ୍ତରରେ ସଦାଶିବଙ୍କର ମନୋହର ମନ୍ଦିର । ଏହି ମନ୍ଦିରରେ ଗୋଟିଏ କଳ୍ପପାଦପ ବିଦ୍ୟମାନ । ଏହି ପାଦପ ପଞ୍ଚ-ଭୂତାତ୍ମକ । ବ୍ରହ୍ମ ଓ ଗୁଣତ୍ରୟ ଏହାର ଶାଖା । ଚତୁର୍ବେଦ ଏହାର ଶ୍ୱେତ, ରକ୍ତ, ପୀତ ଓ କୃଷ୍ଣ ବର୍ଣ୍ଣ ପୁଷ୍ପ । ଏହିପରି କଳ୍ପତରୁର ଧ୍ୟାନ କରି ଏହାର ଅଧୋଭାଗରେ ରତ୍ନବେଦିକା, ତାହାର ଉପରିଭାଗରେ ରତ୍ନାଳଙ୍କୃତ, ସୁଗନ୍ଧ ମନ୍ଦାର ପୁଷ୍ପବିନିର୍ମିତ ପର୍ଯ୍ୟଙ୍କ ଏବଂ ତାହାର ଉପରିଭାଗରେ ବିମଳ ସ୍ଫଟିକଧବଳ ସୁଦୀର୍ଘ ଭୁଜଶାଳୀ, ଆନନ୍ଦବିସ୍ଫାରିତ-ନେତ୍ର, ସ୍ମେର-ମୁଖ, ନାନା ରତ୍ନାଳଙ୍କୃତ ଦେହ, କୁଣ୍ଡଳାକୃତ କର୍ଣ୍ଣ, ରତ୍ନହାର ଓ ଲୋହିତପଦ୍ମସ୍ରକ୍‌ପରିଶୋଭିତ ବକ୍ଷସ୍ଥଳ, ପଦ୍ମ ପଳାଶତ୍ରିଲୋଚନ, ରମ୍ୟମଞ୍ଜୀରାଳଙ୍କୃତ ଚରଣଯୁଗଳ, ଶବ୍ଦବ୍ରହ୍ମମୟ ଦେହ, ଏତାଦୃଶ ଦେବାଦିଦେବ ଶିବଙ୍କୁ ସାଧକ ଧ୍ୟାନ କରିବେ । ସେ ଶବରୂପ ସଦୃଶ ନିରୀହ, ତାଙ୍କର କୌଣସି କାର୍ଯ୍ୟ ନାହିଁ । ଏହାପରେ ସାଧକ ହୃଦ୍‌ପଦ୍ମରୁ ଷୋଡ଼ଶୀ ତୁଲ୍ୟା ସ୍ଥିରଯୌବନା, ପୀନୋନ୍ନତପୟୋଧରଶାଳିନୀ, ସର୍ବବିଧ ଅଳଙ୍କାର ପରିଶୋଭିତା, ପୂର୍ଣ୍ଣଶଶଧରସୁନ୍ଦରମୁଖୀ, ରକ୍ତବର୍ଣ୍ଣା, ଚଞ୍ଚଳନୟନା, ନାନାବିଧ

ରତ୍ନାଳଙ୍କୃତା ନୂପୁରଯୁକ୍ତ ପାଦପଦ୍ମା, କିଙ୍କିଣୀଯୁକ୍ତ କଟିଦେଶା, ରତ୍ନକଙ୍କଣ-ମଣ୍ଡିତ-ଭୁଜଯୁଗଶାଳିନୀ, କୋଟିକନ୍ଦର୍ପସୁନ୍ଦରବିଗ୍ରହା, ସୁମଧୁର ମୃଦୁମନ୍ଦ ହାସ୍ୟଯୁକ୍ତବଦନା ଇଷ୍ଟଦେବୀଙ୍କୁ ସହସ୍ରାରକୁ ଶିବଙ୍କ ନିକଟକୁ ଆନୟନ କରିବେ । ତତ୍ପରେ ସାଧକ ଚିନ୍ତା କରିବେ ଯେ, ପରାଶକ୍ତି କାମସମୁଲ୍ଲାସବିହାରିଣୀ ରୂପବତୀ ଭଗବତୀ ଦେବୀ ମୁଖାରବିନ୍ଦର ଗନ୍ଧରେ ନିଦ୍ରିତ ଶିବଙ୍କୁ ପ୍ରବୋଧିତ କରି ତାଙ୍କ ସମୀପରେ ଉପବେଶନପୂର୍ବକ ଶିବଙ୍କ ମୁଖପଦ୍ମ ଚୁମ୍ବନ କରୁଛନ୍ତି । ଏହି ପରି ଧ୍ୟାନ କରିବା ସମୟରେ ସାଧକ ସମାହିତ ଚିତ୍ତରେ ଓ ମୌନୀ ହୋଇ ଚିନ୍ତା କରିବେ । ଏହା ହିଁ କୁଳାଚାରୀଙ୍କର ମାଂସ ସାଧନା ।

ତତ୍ପରେ ସାଧକ ଚିନ୍ତା କରିବେ ଯେ, ଦେବୀ ଶିବଙ୍କ ସହିତ ଆଲିଙ୍ଗିତା ହୋଇ ସ୍ତ୍ରୀ-ପୁରୁଷଙ୍କ ପରି ସଙ୍ଗମାସକ୍ତା ହେଲେ । ଏହି ସମୟରେ ସୁଧୀ-ସାଧକ ନିଜକୁ ଶକ୍ତିଙ୍କ ସହିତ ଅଭିନ୍ନ ଭାବନା କରି ଆପଣାକୁ ଆନନ୍ଦମୟ ଓ ପରମସୁଖୀ ଜ୍ଞାନ କରିବେ । ଏହା ହିଁ କୁଳାଚାରୀଙ୍କର ମୈଥୁନ-ସାଧନା ।

ତଦନନ୍ତର ଜିହ୍ୱାଗ୍ର ଦ୍ୱାରା ତାଳୁକୁହର ରୋଧକରି ସ୍ତ୍ରୀ-ପୁରୁଷଙ୍କ ପରି ଶିବଶକ୍ତିଙ୍କର ଶୃଙ୍ଗାରରସପୂର୍ଣ୍ଣ ବିହାରରୁ ଯେଉଁ ସୁଧା କ୍ଷରଣ ହେଉଛି, ସେହି ସୁଧାଧାରା ଦ୍ୱାରା ସର୍ବାଙ୍ଗ ପ୍ଲାବିତ ହେଉଅଛି, ଏହିପରି ଧ୍ୟାନ-ନିବିଷ୍ଟ ହୋଇ ରହିବେ । ଏହା ହିଁ କୁଳାଚାରୀଙ୍କର ମଦ୍ୟସାଧନା ।

ଏହି ସମୟରେ ସାଧକଙ୍କର ନିଶା ସେବନ ଭଳି ଅବସ୍ଥା ହୋଇଥାଏ । ଦେହ ମସ୍ତକ ଦୋହଲୁଥାଏ । ସେତେବେଳେ ସାଧକ ଆଉ କୌଣସି ଚିନ୍ତା କରିବେ ନାହିଁ । ତାହାହେଲେ ନିସ୍ତରଙ୍ଗିଣୀ ଅର୍ଥାତ୍ ନିର୍ବାତ ଜଳାଶୟସଦୃଶ ନିଶ୍ଚଳା ସମାଧି ଉତ୍ପନ୍ନ ହେବ । ନାରୀ-ସହବାସ କାଳରେ ଶୁକ୍ରବର୍ହିର୍ଗମନ ସମୟରେ ଶରୀର ଓ ମନରେ ଯେଭଳି ଅନିର୍ଦ୍ଦେଶ୍ୟ ଆନନ୍ଦ ଅନୁଭୂତ ହୁଏ ଓ ଅବ୍ୟକ୍ତ ଭାବ ସୃଷ୍ଟି ହୋଇଥାଏ, ସାଧକ ସମାଧିକାଳରେ ତାହା ଅପେକ୍ଷା କୋଟି କୋଟି ଗୁଣ ଆନନ୍ଦ ଅନୁଭବ କରିଥା'ନ୍ତି । ଶରୀର ଓ ମନର ସେହି ଅବ୍ୟକ୍ତ ଅପୂର୍ବ ଭାବ ବ୍ୟକ୍ତ କରିବା ଉପାୟ ନାହିଁ ।

ଅନନ୍ତର ଏହି ଭାବରେ ଦିବ୍ୟକୁଳାମୃତ ପାନ କରାଇ ସାଧକ ପୁନର୍ବାର କୁଣ୍ଡଳିନୀଙ୍କୁ କୁଳସ୍ଥାନକୁ (ମୂଳାଧାରପଦ୍ମସ୍ଥ ବ୍ରହ୍ମଯୋନିମଣ୍ଡଳକୁ) ଆନୟନ କରିବେ । ପୁନଃ ପୁନଃ ଏହିପରି କରିବାକୁ ହେବ । ଯଥା-

"ପୀତ୍ୱା ପୀତ୍ୱା ପୁନଃ ପୀତ୍ୱା ପତିତୋ ଧରଣୀତଳେ ।
ଉତ୍‌ଥାୟ ଚ ପୁନଃ ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ॥" (କୁଳାର୍ଣ୍ଣବ ତନ୍ତ୍ର)

ଏହିପରି ଭାବରେ ପୁନଃ ପୁନଃ କୁଣ୍ଡଳିନୀଶକ୍ତିଙ୍କୁ କୁଳାମୃତ ପାନ କରାଇଲେ, ସାଧକଙ୍କର ଆଉ ପୁନର୍ଜନ୍ମ ହୁଏ ନାହିଁ ।

ପାଠକ ! ଏହା ମଦନିଶାରେ ବିଭୋର ହୋଇ ଟଳି ଟଳି ବାରମ୍ବାର ନାଳନର୍ଦ୍ଦମାରେ ପଡି ଗଡ଼ିବା କଥା ନୁହେଁ, ମୂଳାଧାରରୁ କୁଣ୍ଡଳିନୀଙ୍କର ବାରମ୍ବାର ସହସ୍ରାରକୁ ଗମନ ଓ କୁଳାମୃତ ପାନକୁ ହିଁ ବୁଝାଇଥାଏ । ଏହିଁ ସାଧନା ସବୁସାଧନାଠାରୁ ସର୍ବଶ୍ରେଷ୍ଠ । ଏହି ସାଧନା ଅନୁଷ୍ଠାନ କଲେ, ଏପରି କୌଣସି ବିଷୟ ନାହିଁ, ଯହିଁରେ ସିଦ୍ଧିଲାଭ କରାଯାଇପାରିବ ନାହିଁ । ତେଣୁ ତନ୍ତ୍ରଶାସ୍ତ୍ର କହୁଛନ୍ତି—

" ମକାରପଞ୍ଚକଂ କୃତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ॥"

ପଞ୍ଚ-ମ'କାର ସାଧନା କଲେ, ସାଧକଙ୍କର ଆଉ ପୁନର୍ଜନ୍ମ ହୁଏ ନାହିଁ । ଏଭଳି ସାଧକ ଗଙ୍ଗାତୀର୍ଥରେ ଅଥବା ଚଣ୍ଡାଳଘରେ ଯେଉଁଠାରେ ଦେହତ୍ୟାଗ କଲେ ମଧ୍ୟ ନିଶ୍ଚୟ ସେ ବ୍ରହ୍ମପଦ ପ୍ରାପ୍ତ ହେବେ । କାରଣ —

"ଏବ ମଭ୍ୟସ୍ୟମାନସ୍ତୁ ଅହନ୍ୟହନି ପାର୍ବତି !
ଜରାମରଣଦୁଃଖାଦ୍ୟୈର୍ମୁଚ୍ୟତେ ଭବବନ୍ଧନାତ୍ ॥"

— ଶାକ୍ତାନନ୍ଦତରଙ୍ଗିଣୀ

ଏହି ପ୍ରକାର ସାଧନାରେ ଅଭ୍ୟସ୍ତ ହେଲେ, ସାଧକ ଜରାମରଣାଦି ଦୁଃଖରୁ ଓ ଭବବନ୍ଧନରୁ ମୁକ୍ତିଲାଭ କରିଥାନ୍ତି ।

ଏହି ଭାବରେ ପ୍ରକୃତି-ପୁରୁଷ ଯୋଗ ବା ଶିବଶକ୍ତିଙ୍କ ମିଳନ ହିଁ ତନ୍ତ୍ରୋକ୍ତ ପଞ୍ଚ-ମ'କାର କାଳୀ ସାଧନା । କିନ୍ତୁ ଏହା ଅତି ସୂକ୍ଷ୍ମ ପ୍ରଣାଳୀ । ତନ୍ତ୍ରରେ ସ୍ଥୂଳ

ପଞ୍ଚ-ମ'କାର ସାଧନାର ବିଧି ମଧ୍ୟ ଅଛି । ତେବେ ସାଧନାର ସୂକ୍ଷ୍ମତତ୍ତ୍ୱରେ ଉପନୀତ ହୋଇ ନ ପାରିଲେ, ପ୍ରକୃତ ଫଳ ଲାଭ କରାଯାଇପାରେ ନାହିଁ । ତେଣୁ ତାନ୍ତ୍ରିକ-ସାଧକ ଗାଇଛନ୍ତି —

ଜୀବନ ପଣରେ ମୋର
ପାଳି ଯାଗଯୋଗ ନାନା ଆଚାର ।
ହାଡ଼ ଚମ କଲି ସାର
ଭାଙ୍ଗିଲି ସବୁରି ମନ ବିକାର ॥୧॥
ମଡ଼ା ମଶାଣିରେ ମିଳି
ଦେହରେ ବିଭୂତି ହୋଇଛି ବୋଳି ।
ଚିତାକୁ ନିଆଁ ନ ଭାଳି
ମଡ଼ା ଖପୁରି ମୁଁ ସମ୍ପତ୍ତି କଲି ।
ନ ଚାହିଁଲେ ପିତା ଫେରି
ମାଆ ନ ବୋଇଲା ସନ୍ତାନ ବୋଲି ॥୨॥
ବାପ-ମାଆ-ଛଡ଼ା ହୋଇ
ବୁଦ୍ଧି ବାଟ କିଛି ଦିଶୁ ତ ନାହିଁ ।
ଏ ଘୋର ସଂସାର-ନଈ
ତରିବା ମନ୍ତର କେ ଦେବ କହି ॥୩॥
ବାହାର ରଙ୍ଗେ ନ ଭୁଲି
ଏତେ କାଳକେ ମୁଁ ଚେତା ପାଇଲି ।
ପବନ ଦୁଆର କିଳି
ସାଥିରେ ମିଳିବେ ଶଙ୍କର-କାଳୀ ॥୪॥

ତେବେ ଦେଖନ୍ତୁ, ପବନ ରୋଧପୂର୍ବକ ଅନ୍ତର୍ଯାଗର ସୂକ୍ଷ୍ମ ସାଧନା ହିଁ ପ୍ରକୃତ ସାଧନା ମଧ୍ୟରେ ଗଣ୍ୟ । ଏଥିରେ ସାଧକଙ୍କର ସର୍ବାଭୀଷ୍ଟ ସିଦ୍ଧ ହୋଇଥାଏ । ଏଥିପାଇଁ ଭୋଗାସକ୍ତ ଜୀବମାନଙ୍କୁ ଭୋଗ ଭିତର ଦେଇ ସୂକ୍ଷ୍ମତତ୍ତ୍ୱରେ ଉପନୀତ

ହେବାକୁ ପଡେ, ସେଥିପାଇଁ ତନ୍ତ୍ରଶାସ୍ତ୍ରରେ ସ୍ଥୂଳ୧ପଞ୍ଚ-ମ'କାରର ବ୍ୟବହାର ମଧ୍ୟ ଦେଖିବାକୁ ମିଳେ । **ସ୍ଥୂଳ ପଞ୍ଚ-ମ'କାରରେ କାଳୀ ସାଧନା** ନିମ୍ନରେ ପ୍ରଦତ୍ତ ହେଲା ।

ସାଧକ ଯଥାବିଧି ପ୍ରାତଃକୃତ୍ୟ ସାରି ଏବଂ ପ୍ରାତଃ, ମଧ୍ୟାହ୍ନ ଓ ସାୟଂକାଳୀନ ବୈଦିକୀ ଓ ତାନ୍ତ୍ରିକ ସନ୍ଧ୍ୟା ସମାପନ କରି ଭକ୍ତିଯୁକ୍ତ ଚିତ୍ତରେ ଅବସ୍ଥାନ କରିବେ । ତାହାପରେ ଯଥାସମୟରେ ଦେବୀଙ୍କ ଚରଣ ସ୍ମରଣ କରୁ କରୁ ପୂଜାମଣ୍ଡପରେ ପ୍ରବେଶ କରି ଅର୍ଘ୍ୟଜଳ ଦ୍ୱାରା ଗୃହ ବିଶୁଦ୍ଧ କରିବେ । ଏହା ପରେ ସାଧକ ଦିବ୍ୟଦୃଷ୍ଟି ଦ୍ୱାରା ଏବଂ ଜଳ ପ୍ରକ୍ଷେପ କରି ଗୃହଗତ ବିଘ୍ନସକଳ ବିନାଶ କରିବେ ଏବଂ ଅଗୁରୁ, କର୍ପୂର ଓ ଧୂପାଦି ଦ୍ୱାରା ଗୃହକୁ ଗନ୍ଧମୟ କରିଦେବେ । ତା'ପରେ ନିଜର ଉପବେଶନ ନିମିତ୍ତ ବାହାରେ ଚତୁରସ୍ର ଓ ମଧ୍ୟରେ ତ୍ରିକୋଣାକାର ମଣ୍ଡଳ ଲେଖି ଅଧିଷ୍ଠାତ୍ରୀ ଦେବତା କାମରୂପାଙ୍କୁ ପୂଜା କରିବେ । ତପୂରେ ମଣ୍ଡଳର ଉପରିଭାଗରେ ଆସନ ସ୍ଥାପନ କରି- **''କ୍ଲୀଂ ଆଧାରଶକ୍ତୟେ କମଳାସନାୟ ନମଃ''**—ଏହି ମନ୍ତ୍ରରେ ଆସନରେ ଗୋଟିଏ ପୁଷ୍ପ ପ୍ରଦାନ କରି ବୀରାସନରେ ଉପବେଶନ କରିବେ ।

ତଦନନ୍ତର ପ୍ରଥମେ **''ଓଁ ହ୍ରୀଂ ଅମୃତେ ଅମୃତୋଭବେ ଅମୃତବର୍ଷିଣି ଅମୃତମାକର୍ଷୟାକର୍ଷୟ ସିଦ୍ଧଂ ଦେହି କାଳିକାଂ ମେ ବଶମାନୟ ବଶମାନୟ ସ୍ୱାହା''** — ଏହି ମନ୍ତ୍ରରେ ବିଜୟା (ସିଦ୍ଧି) ଶୋଧନ କରି ସେହି ସିଦ୍ଧିପାତ୍ର ଉପରେ ସାତ ଥର ମୂଳମନ୍ତ୍ର ଜପ କରି ଆବାହନୀ, ସ୍ଥାପନୀ, ସନ୍ନିରୋଧିନୀ ଓ ଯୋନିମୁଦ୍ରା ପ୍ରଦର୍ଶନ କରାଇବେ । ତାହାପରେ ତତ୍ତ୍ୱମୁଦ୍ରା ସାହାଯ୍ୟରେ, ସହସ୍ରଦଳ କମଳରେ ବିଜୟା ଦ୍ୱାରା ଗୁରୁଦେବଙ୍କ ଉଦ୍ଦେଶ୍ୟରେ ତିନି ଥର ତର୍ପଣ କରିବେ । ଏହା ପରେ ହୃଦୟରେ ମୂଳମନ୍ତ୍ର ଜପ କରି **''ଐଁ ବଦ ବଦ ବାଗ୍‌ବାଦିନି ମମ ଜିହ୍ୱାଗ୍ରେ ସ୍ଥିରୀଭବ ସର୍ବସତ୍ତ୍ୱବଶଙ୍କରି ସ୍ୱାହା''** — ଏହି ମନ୍ତ୍ରପାଠ ପୂର୍ବକ କୁଣ୍ଡଳିନୀ ମୁଖରେ ସେହି ବିଜୟା ଦ୍ୱାରା ଆହୁତି ପ୍ରଦାନ କରିବେ ।

ଏହାପରେ ସାଧକ ବାମ କର୍ଣ୍ଣର ଊର୍ଦ୍ଧ୍ୱଦେଶରେ **''ଓଁ ଶ୍ରୀଗୁରବେ ନମଃ''**, ଦକ୍ଷିଣ କର୍ଣ୍ଣର ଊର୍ଦ୍ଧ୍ୱରେ **''ଓଁ ଗଣେଶାୟ ନମଃ''** ଏବଂ ଲଲାଟରେ **''ଓଁ ସନାତନୀକାଳିକାୟୈ ନମଃ''** କହି ପ୍ରଣାମ କରି ନିଜ ଦକ୍ଷିଣ ଭାଗରେ ପୂଜାଦ୍ରବ୍ୟ

ଓ ବାମ ଭାଗରେ ସୁବାସିତ ଜଳ ଏବଂ କୁଳଦ୍ରବ୍ୟାଦି ରଖିବେ । ଏହା ପରେ ସାଧକ ଯଥାବିଧି ଅର୍ଘ୍ୟ ସ୍ଥାପନ କରି ସେହି ଜଳରେ ପୂଜାଦ୍ରବ୍ୟାଦି ପ୍ରୋକ୍ଷଣ ଓ ଅଭିଷିଞ୍ଚନ କରିବେ । "ରଂ" ଏହି ବହ୍ନିବୀଜ ଦ୍ୱାରା ବହ୍ନିର ଆବରଣ କରିବେ । ତାହାପରେ ସାଧକ କରଶୁଦ୍ଧି ନିମିତ୍ତ ପୁଷ୍ପଚନ୍ଦନ ଗ୍ରହଣ ପୂର୍ବକ "କ୍ରୀଂ" ମନ୍ତ୍ର ଉଚ୍ଚାରଣ କରି ତାହା ହସ୍ତରେ ଘର୍ଷଣ ଓ ପ୍ରକ୍ଷିପ୍ତ କରି "ଫଟ୍" ମନ୍ତ୍ରରେ ଅଙ୍ଗୁଳିରେ ଫୁଟ୍‌କି ମାରି ଦିଗ୍‌ବନ୍ଧନ କରିବେ । ଏହାପରେ ସାଧକ ଭୂତଶୁଦ୍ଧି * ଦ୍ୱାରା ଦେବତାଙ୍କ ଆଶ୍ରୟ କରି ମାତୃକାନ୍ୟାସ କରିବେ ।

ପ୍ରଥମେ ଯୋଡ଼ହସ୍ତ ହୋଇ "ଅସ୍ୟ ମାତୃକାମନ୍ତ୍ରସ୍ୟ ବ୍ରହ୍ମାଋଷିର୍ଗାୟତ୍ରୀଛନ୍ଦୋ ମାତୃକାସରସ୍ୱତୀ ଦେବତା ହଲୋ ବୀଜାନି ସ୍ୱରାଃ ଶକ୍ତୟୋ ମାତୃକାନ୍ୟାସେ ବିନିଯୋଗଃ"—ଏହି ମନ୍ତ୍ର ପାଠପୂର୍ବକ ସାଧକ ମସ୍ତକରେ ହସ୍ତ ଦେଇ "ଓଁ ବ୍ରହ୍ମଣେ ଋଷୟେ ନମଃ", ମୁଖରେ, "ଓଁ ଗାୟତ୍ରୀଛନ୍ଦସେ ନମଃ" ହୃଦୟରେ, "ଓଁ ମାତୃକା ସରସ୍ୱତ୍ୟୈ ଦେବତାୟୈ ନମଃ", ଗୁହ୍ୟ ଦେଶରେ, "ଓଁ ବ୍ୟଞ୍ଜନେଭ୍ୟୋ ବୀଜେଭ୍ୟୋ ନମଃ", ପାଦୟୋ, "ଓଁ ସ୍ୱରେଭ୍ୟୋ ଶକ୍ତିଭ୍ୟୋ ନମଃ", ପରେ - "ଅଂ କଂ ଖଂ ଗଂ ଘଂ ଙମ୍, ଆଂ ଅଙ୍ଗୁଷ୍ଠାଭ୍ୟାଂ ନମଃ, - ଇଂ ଚଂ ଛଂ ଜଂ ଝଂ ଞଂ, ଈଂ ତର୍ଜନୀଭ୍ୟାଂ ସ୍ୱାହା, ଉଂ ଟଂ ଠଂ ଡଂ ଢଂ ଣଂ, ଊଂ ମଧ୍ୟମାଭ୍ୟାଂ ବୌଷଟ୍, ଏଂ ତଂ ଥଂ ଦଂ ଧଂ ନଂ ଐଂ ଅନାମିକାଭ୍ୟାଂ ହୁଁ, ଓଂ ପଂ ଫମ୍, ବଂ ଭଂ ମଂ; ଔଂ କନିଷ୍ଠାଭ୍ୟାଂ ବୌଷଟ, ଅଂ ଯଂ ରଂ ଲଂ ବଂ ଶଂ ଷଂ ସଂ ହଂ କ୍ଷଂ ଅଃ କରତଳପୃଷ୍ଠାଭ୍ୟାଂ ଅସ୍ତ୍ରାୟ ଫଟ୍ — ଏହିପରି କରନ୍ୟାସ କରିବେ ।

ପରେ ଅଂ କଂ ଖଂ ଗଂ ଘଂ ଙମ୍, ଆଂ ହୃଦୟାୟ ନମଃ- ଇଂ ଚଂ ଛଂ ଜଂ ଝଂ ଞଂ, ଈଂ ଶିରସେ ସ୍ୱାହା - ଉଂ ଟଂ ଠଂ ଡଂ ଢଂ ଣଂ ଊଂ ଶିଖାୟୈ ବଷଟ୍ - ଏଂ ତଂ ଥଂ ଦଂ ଧଂ ନଂ ଐଂ କବଚାୟ ହୁଂ - ଓଂ ପଂ ଫଂ ବଂ ଭଂ ମଂ, ଔଂ ନେତ୍ରତ୍ରୟାୟ ବୌଷଟ୍ । ଅଂ ଯଂ ରଂ ଲଂ ବଂ ଶଂ ଷଂ ସଂ ହଂ କ୍ଷଂ ଅଃ କରତଳପୃଷ୍ଠାଭ୍ୟାମ୍ ଅସ୍ତ୍ରାୟ ଫଟ୍ — ଏହିପରି ଅଙ୍ଗନ୍ୟାସ କରିବେ ।

---

* ମତ୍ ପ୍ରଣୀତ 'ଯୋଗୀଗୁରୁ' ଓ 'ଜ୍ଞାନୀଗୁରୁ' ଗ୍ରନ୍ଥଦ୍ୱୟରେ ବିଶଦଭାବରେ 'ଭୂତଶୁଦ୍ଧି' ମନ୍ତ୍ର ଓ ପ୍ରଣାଳୀ ଲିଖିତ ହୋଇଅଛି । ସୁତରାଂ ଏଠାରେ ତାହାର ପୁନରାବୃତ୍ତି କରାଗଲା ନାହିଁ ।

ତାହାପରେ ମାତୃକା ସରସ୍ୱତୀଙ୍କର—

''ପଞ୍ଚାଶଲ୍ଲିପିଭିର୍ବିଭକ୍ତମୁଖଦୋଃପନ୍ମଧ୍ୟବକ୍ଷଃସ୍ଥଳାଂ
ଭାସ୍ୱନ୍ମୌଳିନିବଦ୍ଧଚନ୍ଦ୍ରଶକଳାମାପୀନତୁଙ୍ଗସ୍ତନୀମ୍ ।
ମୁଦ୍ରାମକ୍ଷଗୁଣଂ ସୁଧାଢ୍ୟକଳସଂ ବିଦ୍ୟାଞ୍ଚ ହସ୍ତାମ୍ବୁଜୈ-
ର୍ବିଭ୍ରାଣାଂ ବିଶଦପ୍ରଭାଂ ତ୍ରିନୟନାଂ ବାଗ୍‌ଦେବତାମାଶ୍ରୟେ ।।''

ଏହି ଧ୍ୟାନ ପାଠ କରି ଷଟ୍ ଚକ୍ରରେ ମାତୃକାନ୍ୟାସ କରିବେ । ଭ୍ରୂ ମଧ୍ୟରେ **ହଂ କ୍ଷଂ**, କଣ୍ଠସ୍ଥିତ ଷୋଡ଼ଶଦଳରେ **ଅଂ ଆଂ ଇଂ ଈଂ ଉଂ ଊଂ ଋଂ ୠଂ ଌଂ ୡଂ ଏଂ ଐଂ ଓଂ ଔଂ ଅଂ ଅଃ**, ହୃଦୟସ୍ଥିତ ଦ୍ୱାଦଶ ଦଳରେ- **କଂ ଖଂ ଗଂ ଘଂ ଙଂ ଚଂ ଛଂ ଜଂ ଝଂ ଞଂ ଟଂ ଠଂ**, ନାଭିସ୍ଥିତ ଦଶ ଦଳରେ - **ଡଂ ଢଂ ଣଂ ତଂ ଥଂ ଦଂ ଧଂ ନଂ ପଂ ଫଂ**, ଲିଙ୍ଗମୂଳ ଷଡ଼୍‌ଦଳରେ -**ବଂ ଭଂ ମଂ ଯଂ ରଂ ଲଂ** ଏବଂ ଗୁହ୍ୟଦେଶର ଚତୁର୍ଦ୍ଦଳରେ **ବଂ ଶଂ ଷଂ ସଂ** — ଏହି ପରି ନ୍ୟାସ କରିବେ ।

ଏହାପରେ ଲଲାଟ, ମୁଖ, ଚକ୍ଷୁ, କର୍ଣ୍ଣ, ନାସିକା, ଗଣ୍ଡଦ୍ୱୟ, ଓଷ୍ଠ, ଦନ୍ତ, ଉତ୍ତମାଙ୍ଗ, ମୁଖବିବର, ବାହୁସନ୍ଧି ଓ ଅଗ୍ରସ୍ଥାନ, ପଦସନ୍ଧି ଓ ଅଗ୍ରସ୍ଥାନ, ପାର୍ଶ୍ୱଦେଶ, ପୃଷ୍ଠ, ନାଭି, ଜଠର, ହୃଦୟଠାରୁ ଆରମ୍ଭ କରି ଦକ୍ଷିଣବାହୁ ଓ ଦକ୍ଷିଣପାଦ ଏବଂ ହୃଦୟଠାରୁ ଆରମ୍ଭ କରି ବାମବାହୁ ଓ ବାମପଦ — ଏହିପରି ଜଠର ଓ ମୁଖରେ ଯଥାକ୍ରମେ ବହିର୍ନ୍ୟାସ କରିବେ ।

ତାହାପରେ ''ହ୍ରୀଁ'' ବୀଜଦ୍ୱାରା ୧୬/୬୪/୩୨ ସଂଖ୍ୟାରେ ଅନୁଲୋମ ବିଲୋମ କ୍ରମେ ତିନିଥର ପ୍ରାଣାୟାମ କରିବେ । ✻ । ତତ୍ପରେ ନିଜ ନିଜ କଳ୍ପୋକ୍ତ କ୍ରମରେ ଋଷ୍ୟାଦି ନ୍ୟାସ କରିବେ । ଏହାପରେ ସାଧକ ହୃଦୟପଦ୍ମରେ ଆଧାରଶକ୍ତି, କୂର୍ମ, ଶେଷ, ପୃଥ୍ୱୀ, ସୁଧାମ୍ବୁଧି, ମଣିଦ୍ୱୀପ, ପାରିଜାତବୃକ୍ଷ, ଚିନ୍ତାମଣିଗୃହ, ମଣିମାଣିକ୍ୟ ବେଦୀ ଓ ପଦ୍ମାସନର ନ୍ୟାସ କରିବେ । ତାହାପରେ ସାଧକ ଦକ୍ଷିଣ ସ୍କନ୍ଧରେ, ବାମ ସ୍କନ୍ଧରେ, ଦକ୍ଷିଣ କଟି ଓ ବାମ କଟିରେ ଜ୍ଞାନ, ଧର୍ମ, ବୈରାଗ୍ୟ ଓ ଐଶ୍ୱର୍ଯ୍ୟର କ୍ରମଶଃ ନ୍ୟାସ କରିବେ । ପରେ ଆନନ୍ଦ, କନ୍ଦ,

✻ ପ୍ରାଣାୟାମର ପ୍ରଣାଳୀ ମତ୍‌ପ୍ରଣୀତ ''ଯୋଗୀଗୁରୁ'' ଗ୍ରନ୍ଥରେ ଲିଖିତ ହୋଇଛି ।

ସୂର୍ଯ୍ୟ, ସୋମ, ହୁତାଶନ ଏବଂ ଆଦ୍ୟବର୍ଣ୍ଣରେ ଅନୁସ୍ୱାର ଯୋଗ କରି ସତ୍ତ୍ୱ, ରଜଃ ଓ ତମଃ ଏବଂ କେଶରକର୍ଣ୍ଣିକା ଓ ପଦ୍ମସମୂହରେ ମଙ୍ଗଳା, ବିଜୟା, ଭଦ୍ରା, ଜୟନ୍ତୀ, ଅପରାଜିତା, ନନ୍ଦିନୀ, ନାରସିଂହୀ ଓ ବୈଷ୍ଣବୀ — ଏହି ଅଷ୍ଟପୀଠ ନାୟିକାମାନଙ୍କର ନ୍ୟାସ କରିବେ । ଏହା ପରେ ଅଷ୍ଟଦଳର ଅଗ୍ରରେ ଅସିତାଙ୍ଗ, ରୁରୁ, ଚଣ୍ଡ, କ୍ରୋଧ, ଉନ୍ମତ୍ତ, ଭୟଙ୍କର, କପାଳୀ, ଭୀଷଣ ଓ ସଂହାର — ଏହି ଅଷ୍ଟ-ଭୈରବଙ୍କ ନ୍ୟାସ କରିବେ । ତାହାପରେ ଆଉ ଥରେ ପୂର୍ବୋକ୍ତ ବିଧାନରେ ପ୍ରାଣାୟାମ କରିବାକୁ ହେବ ।

ତଦନନ୍ତର ଗନ୍ଧପୁଷ୍ପ ଗ୍ରହଣ କରି କଚ୍ଛପମୁଦ୍ରା ଧାରଣପୂର୍ବକ ସେହି ହସ୍ତ ହୃଦୟରେ ଧାରଣ କରି-

**"ଓଁ ମେଘାଙ୍ଗୀଂ ଶଶିଶେଖରାଂ ତ୍ରିନୟନାଂ ରକ୍ତାମ୍ବରଂ ବିଭ୍ରତୀଂ**
**ପାଣିଭ୍ୟାମଭୟଂ ବରଞ୍ଚ ବିକସଦ୍‌ରକ୍ତାରବିନ୍ଦସ୍ଥିତାମ୍ ।।**
**ନୃତ୍ୟନ୍ତଂ ପୁରତୋ ନିପୀୟ ମଧୁରମାଧ୍ୱୀକମଦଂ ମହା-**
**କାଳଂ ବୀକ୍ଷ୍ୟ ପ୍ରକାଶିତାନନବରାମାଦ୍ୟାଂ ଭଜେ କାଳିକାମ୍ ।।"**

ଏହି ମନ୍ତ୍ରାନୁଯାୟୀ ସାଧକ ଧ୍ୟାନ କରିବେ ଏବଂ ଧ୍ୟାନର ପୁଷ୍ପଟିକୁ ନିଜ ମସ୍ତକରେ ପ୍ରଦାନ କରି ଭକ୍ତିଭାବରେ ମାନସୋପଚାରରେ ପୂଜା କରିବେ ।

ମାନସପୂଜା ବା ଅନ୍ତର୍ଯାଗର ପ୍ରଣାଳୀ ପୂର୍ବରୁ ବର୍ଣ୍ଣିତ ହୋଇଅଛି । ସୁତରାଂ ଏଠାରେ ଆଉ ଥରେ ତାହା ଉଲ୍ଲେଖ କରାଗଲା ନାହିଁ ।

ଯଥାବିଧି ମାନସପୂଜା ସମାପ୍ତ କରି ବାହ୍ୟପୂଜା ଆରମ୍ଭ କରିବାକୁ ହେବ । ପ୍ରଥମେ ବିଶେଷାର୍ଘ୍ୟ ସ୍ଥାପନ କରିବେ । ଅର୍ଘ୍ୟପାତ୍ରର ତିନିଭାଗ ମଦ୍ୟ ଏବଂ ଏକ ଭାଗ ଜଳ ଦ୍ୱାରା ପୂର୍ଣ୍ଣ କରିବାକୁ ହୁଏ । ବିଶେଷାର୍ଘ୍ୟ ସ୍ଥାପିତ ହେଲେ, ତାହାର କିଞ୍ଚିନ୍ମାତ୍ର ଜଳ ପ୍ରୋକ୍ଷଣୀ ପାତ୍ରରେ ପ୍ରକ୍ଷିପ୍ତ କରି ଜଳରେ ନିଜକୁ ଓ ପୂଜାଦ୍ରବ୍ୟସମୂହକୁ ପ୍ରୋକ୍ଷିତ କରିବେ ଏବଂ ଯେ ପର୍ଯ୍ୟନ୍ତ ପୂଜା ସମାପ୍ତ ନ ହୋଇଛି, ସେ ପର୍ଯ୍ୟନ୍ତ ବିଶେଷାର୍ଘ୍ୟ ସ୍ଥାନାନ୍ତରିତ କରିବେ ନାହିଁ । ତଦନନ୍ତର ଯନ୍ତ୍ର ଲେଖି କଳସ ସ୍ଥାପନ କରିବେ । ସାଧକ ନିଜ ବାମ ଭାଗରେ ଗୋଟିଏ

ଷଟ୍‌କୋଣ ମଣ୍ଡଳ ଲେଖି ସେଥିରେ ଗୋଟିଏ ଶୂନ୍ୟ ଦେବେ । ତାହାର ବହିର୍ଭାଗରେ ଗୋଟିଏ ଗୋଲାକାର ମଣ୍ଡଳ ଲେଖି ତାହାର ବହିର୍ଭାଗରେ ଗୋଟିଏ ଚତୁଷ୍କୋଣ ମଣ୍ଡଳ ଅଙ୍କନ କରିବେ । ତାହା ସିନ୍ଦୂର, ରଜଃ ବା ରକ୍ତଚନ୍ଦନ ଦ୍ୱାରା ଲେଖିବାକୁ ପଡ଼େ । ପରେ 'ଅନନ୍ତାୟ ନମଃ' —ଏହି ମନ୍ତ୍ରରେ ପ୍ରକ୍ଷାଳିତ କଳସ ଆଧାରୋପରି ସ୍ଥାପନ କରିବେ । କଳସ ସୁବର୍ଣ୍ଣ, ରଜତ, ତାମ୍ର, କାଂସ୍ୟ ଅଥବା ମୃତ୍ତିକା ନିର୍ମିତ ହେବା ଦରକାର । ଅନନ୍ତର ସାଧକ ''କ୍ଷ'' ଠାରୁ ଆରମ୍ଭ କରି ଅ-କାର ପର୍ଯ୍ୟନ୍ତ ବର୍ଣ୍ଣରେ ବିନ୍ଦୁ ସଂଯୋଗ କରି ମୂଳମନ୍ତ୍ର ପାଠ କରୁ କରୁ କଳସ ପୂରିତ କରିବେ । ପରେ ଦେବୀଭାବରେ ସ୍ଥିରମନା ହୋଇ ଆଧାରକୁଣ୍ଡ ଓ ତଦଧିଷ୍ଠିତ ମଦ୍ୟ ଉପରେ ବହ୍ନିମଣ୍ଡଳ, ଅର୍କମଣ୍ଡଳ ଓ ସୋମମଣ୍ଡଳର ପୂଜା କରିବେ । ଏହାପରେ ରକ୍ତଚନ୍ଦନ, ସିନ୍ଦୂର, ରକ୍ତମାଲ୍ୟ ଓ ଅନୁଲେପନ ଦ୍ୱାରା କଳସ ବିଭୂଷିତ କରି ''ଫଟ୍'' ମନ୍ତ୍ରରେ କଳସକୁ ତାଡ଼ନା, ''ହ୍ରୀଁ'' ମନ୍ତ୍ରରେ ଅବଗୁଣ୍ଠିତ ଓ ଦିବ୍ୟଦୃଷ୍ଟି ଦ୍ୱାରା କଳସ ଦର୍ଶନ, ''ନମଃ'' ମନ୍ତ୍ରରେ ଜଳଦ୍ୱାରା କଳସ ଅଭ୍ୟୁକ୍ଷଣ ଏବଂ ମୂଳମନ୍ତ୍ରରେ ତିନି ଥର କଳସରେ ଚନ୍ଦନ ଲେପନ କରିବେ । ପରେ କଳସକୁ ପ୍ରଣାମ କରି ସେଥିରେ ରକ୍ତପୁଷ୍ପ ପ୍ରଦାନପୂର୍ବକ ମଦ୍ୟଶୋଧନ କରିବେ । ପ୍ରଥମେ—

''ଏକମେବ ପରଂବ୍ରହ୍ମ ସ୍ଥୂଳସୂକ୍ଷ୍ମମୟଂ ଧ୍ରୁବମ୍ ।
କଚୋଦ୍ଭବାଂ ବ୍ରହ୍ମହତ୍ୟାଂ ତେନ ତେ ନାଶୟାମ୍ୟହମ୍ ।।
ସୂର୍ଯ୍ୟମଣ୍ଡଳ ମଧ୍ୟସ୍ଥେ ବରୁଣାଳୟସମ୍ଭବେ ।
ଅମାବୀଜମୟୀ ଦେବି ଶୁକ୍ରଶାପାଦ୍‌ବିମୁଚ୍ୟସେ ।।
ବେଦାନାଂ ପ୍ରଣବୋ ବୀଜଂ ବ୍ରହ୍ମାନନ୍ଦମୟଂ ଯଦି ।
ତେନ ସତ୍ୟେନ ତେ ଦେବି ବ୍ରହ୍ମହତ୍ୟା ବ୍ୟପୋହତୁ ।।''

ଏହି ମନ୍ତ୍ର ପାଠ କରି 'ଓଁ ବାଂ ବୀଂ ବୂଂ ବୈଂ ବୌଂ ବଃ ବ୍ରହ୍ମ ଶାପବିମୋଚିତାୟୈ ସୁଧାଦେବ୍ୟୈ ନମଃ'' ବୋଲି ଦଶ ଥର ମନ୍ତ୍ର ଜପ କରିବେ । ଅନନ୍ତର ''ଓଁ ଶାଂ ଶୀଂ ଶୂଂ ଶୈଂ ଶୌଂ ଶଃ ଶୁକ୍ରଶାପବିମୋଚିତାୟୈ ସୁଧାଦେବ୍ୟୈ ନମଃ''— ଏହି ମନ୍ତ୍ର ଦଶଥର ଜପ କରିବେ । ପରେ ''ହ୍ରାଂ ଶ୍ରୀଂ କ୍ରାଂ କ୍ରୀଂ କ୍ରୂଂ,

କ୍ରୈଂ କ୍ରୌଂ କ୍ରଃ କୃଷ୍ଣଶାପଂ ବିମୋଚୟାମୃତଂ ସ୍ରାବୟ ସ୍ୱାହା''— ଏହି ମନ୍ତ୍ର ଦଶଥର ଜପ କରିବେ । ଏହିପରି ଶାପମୋଚନ କରି ସମାହିତ ହୃଦୟରେ ଆନନ୍ଦଭୈରବ ଓ ଭୈରବୀଙ୍କ ପୂଜା କରିବେ । ଏହାପରେ କଳସରେ ଉକ୍ତ ଦେବଦେବୀଦ୍ୱୟଙ୍କର ସାମଞ୍ଜସ୍ୟ ଓ ଐକ୍ୟ ଧ୍ୟାନ କରି 'ଅମୃତରେ ସୁଧା ସଂସିକ୍ତ ହୋଇଅଛି' — ଏପରି ଭାବନା କରି ସେଥିରେ ଦ୍ୱାଦଶ ବାର ମୂଳମନ୍ତ୍ରରେ ଜପ କରିବେ । ଅନନ୍ତର ଦେବବୁଦ୍ଧିରେ ମୂଳମନ୍ତ୍ର ମଦ୍ୟ ଉପରେ ତିନିଥର ପୁଷ୍ପାଞ୍ଜଳି ପ୍ରଦାନ କରି ଘଣ୍ଟାବାଦନ ପୂର୍ବକ ଧୂପଦୀପ ପ୍ରଦାନ କରିବେ ।

ଅନନ୍ତର ମାଂସ ଆନୟନପୂର୍ବକ ସମ୍ମୁଖରେ ତ୍ରିକୋଣମଣ୍ଡଳର ଉପରିଭାଗରେ ସ୍ଥାପନ କରି ''ଫଟ୍'' ଏହି ମନ୍ତ୍ରରେ ଅଭ୍ୟୁକ୍ଷଣ କରି ପରେ ''ଯଂ'' ଏହି ବାୟୁବୀଜରେ ତାହା ଅଭିମନ୍ତ୍ରିତ କରିବେ । ତାହାପରେ କବଚରେ ଅବଗୁଣ୍ଠନ କରି ''ଫଟ୍'' —ଏହି ମନ୍ତ୍ରରେ ରକ୍ଷା କରିବେ, ତପୂରେ ''ବଂ'' —ଏହି ମନ୍ତ୍ରରେ ଧେନୁମୁଦ୍ରା ଦ୍ୱାରା ଅମୃତୀକରଣ କରି —

''ଓଁ ବିଷ୍ଣୋର୍ବକ୍ଷସି ଯା ଦେବୀ ଶଙ୍କରସ୍ୟହୃଦୟେ ଯା ଚ ।
ମାଂସଂ ମେ ପବିତ୍ରୀକୁରୁ ତଦ୍‌ବିଷ୍ଣୋଃ ପରମଂ ପଦମ୍ ।। ''

ଏହି ମନ୍ତ୍ର ପାଠ କରିବେ । ଏହାପରେ ସେହିଭଳି ମତ୍ସ୍ୟ ଓ ମୁଦ୍ରା ଆନୟନ ଏବଂ ସଂଶୋଧନ କରି —

''ଓଁ ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ୍ ।
ଉର୍ବାରୁକମିବ ବନ୍ଧନାନ୍ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍ ।।''

ଏହି ମନ୍ତ୍ର ପାଠକରି ମତ୍ସ୍ୟ ଏବଂ —

''ଓଁ ତଦ୍‌ବିଷ୍ଣୋଃ ପରମଂ ପଦଂ ସଦା ପଶ୍ୟନ୍ତି ସୁରୟଃ
ଦିବୀବ ଚକ୍ଷୁରାତତମ୍ ।
ଓଁ ତଦ୍‌ବିପ୍ରାସୋ ବିପଣ୍ୟବୋ ବା ଜାଗୃବାଂସଃ
ସମିନ୍ଧତେ ବିଷ୍ଣୋର୍ଯଦ୍ ପରମଂ ପଦମ୍ ।।''

ଏହି ମନ୍ତ୍ର ପାଠ କରି ମୁଦ୍ରାଶୋଧନ କରିବେ, ଅଥବା କେବଳ ମୂଳମନ୍ତ୍ରରେ ପଞ୍ଚ-ତତ୍ତ୍ୱ ଶୋଧନ କରାଯାଇପାରେ । ସେଥିରେ କୌଣସି ପ୍ରତ୍ୟବାୟ ହୁଏ ନାହିଁ । କିନ୍ତୁ ପଞ୍ଚ-ତତ୍ତ୍ୱ ସଂଶୋଧନ ନ କଲେ ସିଦ୍ଧିହାନି ହୁଏ ଏବଂ ଦେବୀ କ୍ରୁଦ୍ଧା ହୋଇଥାନ୍ତି । ଯଥା— **"ସଂଶୋଧନମନାଚର୍ଯ୍ୟେତି ।।"** (ଶ୍ରୀକ୍ରମ)

ଏହାପରେ ଗୁଣଶାଳିନୀ ସ୍ୱକୀୟା ରମଣୀଙ୍କୁ (କାରଣ, ପରକୀୟା ରମଣୀ କଳିକାଳରେ ଗ୍ରାହ୍ୟ ନୁହନ୍ତି, ସେଥିରେ ପରଦାର ଦୋଷ ହୁଏ, ଏହା ହିଁ ତନ୍ତ୍ରର ଶାସନ) ଆନୟନ କରି **"ଐଂ କ୍ଲୀଂ ସୌଃ ତ୍ରିପୁରାୟୈ ନମଃ ଇମାଂ ଶକ୍ତିଂ ପବିତ୍ରୀକୁରୁ ମମ ଶକ୍ତିଂ କୁରୁ ସ୍ୱାହା"** — ଏହି ମନ୍ତ୍ର ପାଠ ପୂର୍ବକ ସାମାନ୍ୟାର୍ଘ୍ୟ ଜଳରେ ଅଭିଷେକ କରିବେ । ଯଦି ତାଙ୍କର ଦୀକ୍ଷା ହୋଇ ନ ଥାଏ, ତେବେ ତାଙ୍କ କର୍ଣ୍ଣରେ ମାୟାବୀଜ ଶୁଣାଇଦେବେ । ପୂଜାସ୍ଥାନରେ କୌଣସି ପରକୀୟା ଶକ୍ତି ଉପସ୍ଥିତ ଥିଲେ ସେମାନଙ୍କର ମଧ୍ୟ ପୂଜା କରିବା କର୍ତ୍ତବ୍ୟ ।

ଏହା ପରେ ପୂର୍ବଲିଖିତ ଯନ୍ତ୍ର ମଧ୍ୟରେ ଗୋଟିଏ ତ୍ରିକୋଣ,ତାହା ବାହାରେ ଗୋଟିଏ ଷଟ୍‌କୋଣ ମଣ୍ଡଳ ଓ ତାହା ବାହାରେ ଗୋଟିଏ ଚତୁଃଷ୍କୋଣ ମଣ୍ଡଳ ଲେଖିବେ । ପରେ ଷଟ୍‌କୋଣ ମଣ୍ଡଳର ଛଅ କୋଣରେ **"ହ୍ରାଂ ହ୍ରୀଂ ହ୍ରୂଂ ହ୍ରୈଂ ହ୍ରୌଂ ହ୍ରଁଃ"** — ଏହି ଛଅଟି ମନ୍ତ୍ରରେ ତତ୍ତଦ୍ ଅଧିଷ୍ଠାତ୍ରୀ ଦେବତାଙ୍କୁ ପୂଜା କରି ତ୍ରିକୋଣ ମଣ୍ଡଳରେ ଆଧାର-ଦେବତାଙ୍କ ପୂଜା କରିବେ । ଅନନ୍ତର **"ନମଃ"** —ଏହି ମନ୍ତ୍ର ପାଠ କରି ମଣ୍ଡଳର ଉପରିଭାଗରେ ପ୍ରକ୍ଷାଳିତ ପାତ୍ର ରକ୍ଷା କରି ଧୂମ୍ରା, ଅର୍ଚ୍ଚିଃ, ଜ୍ୱାଳିନୀ, ସୁଧୂମ୍ରା, ସୂକ୍ଷ୍ମାଜ୍ୱାଳିନୀ, ବିସ୍ଫୁଲିଙ୍ଗିନୀ, ସୁଶ୍ରୀ, ସୁରୂପା, କପିଳା ଓ ହବ୍ୟକବ୍ୟବହା — ଏହି ବହ୍ନିଦଶକଳାର ପ୍ରତ୍ୟେକ ଶବ୍ଦରେ ଚତୁର୍ଥୀ ବିଭକ୍ତି ଯୋଗ କରି ଶେଷରେ **"ନମଃ"** ଶବ୍ଦ ପ୍ରୟୋଗପୂର୍ବକ ସେମାନଙ୍କର ପୂଜା କରିବେ । ଏହାପରେ **"ମଂ ବହ୍ନିମଣ୍ଡଳାୟ ଦଶକଳାତ୍ମନେ ନମଃ"** — ଏହି ମନ୍ତ୍ରରେ ବହ୍ନିମଣ୍ଡଳର ପୂଜା କରିବେ । ତତ୍ପରେ ଅର୍ଘ୍ୟପାତ୍ର ଆନୟନପୂର୍ବକ "ଫଟ୍" ମନ୍ତ୍ରରେ ବିଶୋଧିତ କରି ଆଧାରରେ ସ୍ଥାପନପୂର୍ବକ ବର୍ଣ୍ଣବୀଜ ପୂର୍ବରେ ଯୋଜନା କରି ଦେଇ (ଯୋଡ଼ି) ସୂର୍ଯ୍ୟର ତପିନୀ, ତାପିନୀ, ଧୂମ୍ରା, ମରୀଚି, ଜ୍ୱାଳିନୀ, ରୁଚି,ସୁଷୁମ୍ନା, ଭୋଗଦା, ବିଶ୍ୱା, ବୋଧିନୀ, ଧାରିଣୀ ଓ କ୍ଷମା — ଏହ **ଦ୍ୱାଦଶ କଳାର ଅର୍ଚ୍ଚନା କରିବେ । ତଦନନ୍ତର "ଅଂ ସୂର୍ଯ୍ୟମଣ୍ଡଳାୟ**

ଦ୍ୱାଦଶକଳାତ୍ମନେ ନମଃ'' —ଏହି ମନ୍ତ୍ର ପାଠ କରି ଅର୍ଘ୍ୟପାତ୍ରରେ ସୂର୍ଯ୍ୟମଣ୍ଡଳର ପୂଜା କରିବେ । ଅନନ୍ତର ସାଧକ ବିଲୋମ ମାତୃକାବର୍ଣ୍ଣ ଏବଂ ତଦବସାନରେ ମୂଳମନ୍ତ୍ର ଉଚ୍ଚାରଣ-ପୂର୍ବକ କଳସସ୍ଥ ସୁରାଦ୍ୱାରା ବିଶେଷାର୍ଘ୍ୟ ଜଳରେ ତିନି ଭାଗ ପୂରଣ କରିବେ । ଅନନ୍ତର ଷୋଡ଼ଶୀ-ବୀଜାଶ୍ରୟରେ ଏବଂ ଚତୁର୍ଥ୍ୟନ୍ତ ଭାବରେ ନାମ ଉଚ୍ଚାରଣ କରି ମନ୍ତ୍ରର ଅମୃତା, ମାନଦା, ପୂଜା, ତୁଷ୍ଟି, ପୁଷ୍ଟି, ରତି, ଧୃତି, ଶଶିନୀ, ଚନ୍ଦ୍ରିକା, କାନ୍ତି, ଜ୍ୟୋସ୍ନା, ଶ୍ରୀ, ପ୍ରୀତି, ଅଙ୍ଗଦ, ପୂର୍ଣ୍ଣା ଓ ପୂର୍ଣ୍ଣାମୃତା— ଏହି ଷୋଡ଼ଶ କଳାର ପୂଜା କରିବେ । ପରେ ''ଙଂ ସୋମମଣ୍ଡଳାୟ ଷୋଡ଼ଶକଳାତ୍ମନେ ନମଃ'' —ଏହି ମନ୍ତ୍ରରେ ଅର୍ଘ୍ୟପାତ୍ରସ୍ଥ ଜଳ ଦ୍ୱାରା ସୋମମଣ୍ଡଳର ପୂଜା କରିବେ । ଅନନ୍ତର ଦୁର୍ବା, ଅକ୍ଷତ, ରକ୍ତପୁଷ୍ପ ଏହିଗୁଡିକ ଗ୍ରହଣ କରି ''ଶ୍ରୀଁ''—ଏହି ମନ୍ତ୍ରରେ ନିକ୍ଷେପ ପୂର୍ବକ ତୀର୍ଥ ଆବାହନ କରିବେ । ତତ୍ପରେ କଳସ-ମୁଦ୍ରା ଦ୍ୱାରା ଅବଗୁଣ୍ଠନ କରି ଅସ୍ତ୍ରମୁଦ୍ରା ଦ୍ୱାରା ରକ୍ଷଣ କରିବେ । ତାହାପରେ ଧେନୁମୁଦ୍ରା ଦ୍ୱାରା ଅମୃତୀକରଣପୂର୍ବକ ଏହା ମତ୍ସ୍ୟମୁଦ୍ରା ଦ୍ୱାରା ଆଚ୍ଛାଦନ କରିବେ । ପରେ ଦଶଥର ମୂଳମନ୍ତ୍ର ଜପ କରି —

''ଅଖଣ୍ଡୈକରସାନନ୍ଦାକରେ ପରସୁଧାତ୍ମନି ।
ସ୍ୱଚ୍ଛନ୍ଦସ୍ଫୁରଣାମତ୍ର ନିଧେହି କୁଳରୂପିଣି ।।
ଅନଙ୍ଗସ୍ଥାମୃତାକାରେ ଶୁଦ୍ଧଜ୍ଞାନକଳେବରେ ।
ଅମୃତତ୍ୱଂ ନିଧେହ୍ୟସ୍ମିନ୍ ବସ୍ତୁନି କ୍ଲିନ୍ନରୂପିଣି ।।
ତଦ୍ରୂପେଣୈକରସ୍ୟଞ୍ଚ କୃତ୍ୱାର୍ଘ୍ୟଂ ତତ୍‌ସ୍ୱରୂପିଣି ।
ଭୂତ୍ୱା କୁଳାମୃତାକାରଂ ମୟି ବିସ୍ଫୁରଣଂ କୁରୁ ।।
ବ୍ରହ୍ମାଣ୍ଡରସ-ସମ୍ଭୂତମଶେଷରସସମ୍ଭବମ୍ ।
ଆପୂରିତଂ ମହାପାତ୍ରଂ ପୀୟୁଷରସମାବହ ।।
ଅହନ୍ତାପାତ୍ରଭରିତମିଦନ୍ତାପୟମାମୃତମ୍ ।
ପରାହନ୍ତାମୟେ ବହ୍ନୌ ହୋମସ୍ୱୀକାରଲକ୍ଷଣମ୍ ।।''

ଏହି ପାଞ୍ଚୋଟି ମନ୍ତ୍ର ଦ୍ୱାରା ସୁରା ଅଭିମନ୍ତ୍ରିତ କରିବେ । ପରେ ସେଥିରେ ହରପାର୍ବତୀଙ୍କ ସମାନୁରାଗ ଧ୍ୟାନ କରି ପୂଜା ଶେଷରେ ଧୂପଦୀପ ପ୍ରଦର୍ଶନ କରାଇବେ ।

ତାହା ପରେ ସାଧକ ଘଟ ଓ ଶ୍ରୀପାତ୍ରର ମଧ୍ୟସ୍ଥଳରେ ଗୁରୁଭୋଗ ଓ ଶକ୍ତିପାତ୍ର ସ୍ଥାପନ କରିବେ । ଯୋଗିନୀପାତ୍ର, ବୀରପାତ୍ର, ବଳିପାତ୍ର, ଆଚମନପାତ୍ର, ପାଦ୍ୟପାତ୍ର ଓ ଶ୍ରୀପାତ୍ର — ଏହି ଛଅଟି ପାତ୍ରକୁ ସାମାନ୍ୟାର୍ଘ୍ୟ ସ୍ଥାପନପ୍ରଣାଳୀରେ ସ୍ଥାପନ କରିବେ । ପରେ ସମୁଦାୟ ପାତ୍ରର ତିନି ଅଂଶ ମଦ୍ୟଦ୍ୱାରା ପୂର୍ଣ୍ଣ କରି ସେହି ସକଳ ପାତ୍ରରେ ମାଂସ ପ୍ରମାଣ ଶୁଦ୍ଧିଖଣ୍ଡ ନିକ୍ଷେପ କରିବେ । ତାହା ପରେ ବାମ ହସ୍ତର ଅଙ୍ଗୁଷ୍ଠ ଓ ଅନାମିକା ସାହାଯ୍ୟରେ ପାତ୍ରସ୍ଥିତ ସୁରା ଓ ମାଂସ ଖଣ୍ଡ ଗ୍ରହଣ କରିବା ପରେ ଦକ୍ଷିଣ ହସ୍ତରେ ତତ୍ତ୍ୱମୁଦ୍ରାଦ୍ୱାରା ସର୍ବତ୍ର ତର୍ପଣ କରିବେ । ପ୍ରଥମେ ଶ୍ରୀପାତ୍ରରୁ ପରମବିନ୍ଦୁ ନେଇ ଆନନ୍ଦଭୈରବ ଓ ଭୈରବୀଙ୍କ ଉଦ୍ଦେଶ୍ୟରେ ତର୍ପଣ କରିବେ । ପରେ ଗୁରୁପାତ୍ରସ୍ଥ ସୁରା ଗ୍ରହଣ କରି ଗୁରୁପଙ୍‌କ୍ତିଙ୍କର ତର୍ପଣ କରିବେ । ଅନନ୍ତର ଶକ୍ତିପାତ୍ରରୁ ମଦ୍ୟ ଗ୍ରହଣ କରି ଅଙ୍ଗ ଦେବତା ଓ ଆବରଣ ଦେବତାଙ୍କ ଅର୍ଚ୍ଚନା କରିବେ । ତତ୍ପରେ ଯୋନିପାତ୍ରସ୍ଥିତ ଅମୃତଦ୍ୱାରା ଆୟୁଧଧାରିଣୀ ବଦ୍ଧପରିକରା କାଳିକା ଦେବୀଙ୍କ ତର୍ପଣ କରି ବଟୁକମାନଙ୍କୁ ବଳି ପ୍ରଦାନ କରିବେ ।

ପ୍ରଥମେ ସାଧକ ନିଜ ବାମ ଭାଗରେ ସାମାନ୍ୟ ମଣ୍ଡଳ ରଚନାପୂର୍ବକ ତାହା ପୂଜା କରି ମଦ୍ୟମାଂସାଦି ମିଶ୍ରିତ ସାମିଷାନ୍ନ ସ୍ଥାପନ କରିବେ । ପ୍ରଥମେ ବାଙ୍‌ମୟା, କମଳା ଓ ବଟୁକଙ୍କ ପୂଜା କରି ମଣ୍ଡଳର ପୂର୍ବଦିଗକୁ ରଖିଦେବେ । ଏହାପରେ **"ଯାଂ ଯୋଗିନୀଭ୍ୟଃ ସ୍ୱାହା"** —ଏହି ମନ୍ତ୍ରରେ ମଣ୍ଡଳର ଦକ୍ଷିଣ ଦିଗରେ ଯୋଗିନୀମାନଙ୍କ ଉଦ୍ଦେଶ୍ୟରେ ଏବଂ ପଶ୍ଚିମ ଦିଗରେ କ୍ଷେତ୍ରପାଳମାନଙ୍କ ଉଦ୍ଦେଶ୍ୟରେ ବଳି ପ୍ରଦାନ କରିବେ । ତତ୍ପରେ ମଣ୍ଡଳର ଉତ୍ତରରେ ଗଣେଶଙ୍କର ବଳି ପ୍ରଦାନ କରି ମଧ୍ୟସ୍ଥଳରେ **"ହ୍ରୀଂ ଶ୍ରୀଂ ସର୍ବଭୂତେଭ୍ୟଃ ହୂଂ ଫଟ୍ ସ୍ୱାହା"** — ଏହି ମନ୍ତ୍ରରେ ସର୍ବଭୂତଙ୍କ ଉଦ୍ଦେଶ୍ୟରେ ବଳି ପ୍ରଦାନ କରିବେ ଏବଂ ପୂର୍ବୋକ୍ତ ପ୍ରଣାଳୀରେ ଗୋଟିଏ **ଶିବାଭୋଗ** ଦେବେ । ଏହା ହିଁ ପଞ୍ଚ-ମକାରରେ **କାଳୀ ସାଧନାର ଚକ୍ରାନୁଷ୍ଠାନ ।**

ତଦନନ୍ତର ଚନ୍ଦନ, ଅଗୁରୁ ଓ କସ୍ତୂରୀବାସିତ ମନୋହର ପୁଷ୍ପ କୂର୍ମମୁଦ୍ରା ଦ୍ୱାରା ହସ୍ତରେ ଧାରଣପୂର୍ବକ ଏହା ସ୍ୱୀୟ ହୃଦୟ କମଳରେ ସ୍ଥାପନ କର "ଓଁ

ମେଘାଙ୍ଗୀଂ...'' ଦେବୀଙ୍କ ପୂର୍ବୋକ୍ତ ଧ୍ୟାନଟି ପୁନରାୟ ପାଠ କରିବେ । ପରେ ସହସ୍ରାର ନାମକ ମହାପଦ୍ମରେ ସୁଷୁମ୍ନାରୂପ ବ୍ରହ୍ମବର୍ତ୍ମ ଦ୍ୱାରା ହୃଦୟସ୍ଥିତ ଇଷ୍ଟଦେବତାଙ୍କୁ ନେଇ ବୃହତ୍ ନିଶ୍ୱାସବର୍ତ୍ମରେ ତାହାଙ୍କୁ ଆନନ୍ଦିତ କରି ଗୋଟିଏ ଦୀପରୁ ଅନ୍ୟ ଦୀପକୁ ଅଗ୍ନି ପ୍ରଜ୍ୱଳିତ କଲା ପରି କରସ୍ଥିତ ପୁଷ୍ପରେ ଦେବୀଙ୍କୁ ସ୍ଥାପନପୂର୍ବକ ତାହା ଯନ୍ତ୍ରରେ କିମ୍ବା ଦେବୀପ୍ରତିମାଙ୍କ ମସ୍ତକରେ ପ୍ରଦାନ କରିବେ । ଏହାପରେ କୃତାଞ୍ଜଳି ହୋଇ ପାଠ କରିବେ —

''ଓଁ ଦେବେଶି ଭକ୍ତିସୁଲଭେ ପରିବାରସମନ୍ୱିତେ ।
ଯାବତ୍ତ୍ୱାଂ ପୂଜୟିଷ୍ୟାମି ତାବତ୍ତ୍ୱଂ ସୁସ୍ଥିରା ଭବ ।।''

ତାହାପରେ ଆବାହନୀ ମୁଦ୍ରାଦ୍ୱାରା ''କ୍ରୀଂ କାଳିକେ ଦେବି ପରିବାରାଦିଭିଃ ସହ ଇହାଗଚ୍ଛ ଇହାଗଚ୍ଛ ଇହ ତିଷ୍ଠ ଇହ ତିଷ୍ଠ ସନ୍ନିଧେହି ଇହ ସନ୍ନିରୁଧ୍ୟସ୍ୱ ମମ ପୂଜାଂ ଗୃହାଣ'' —ଏହି ମନ୍ତ୍ର ପାଠପୂର୍ବକ ଦେବୀଙ୍କୁ ଆବାହନ କରିବେ । ଅନନ୍ତର ''ଓଁ ସ୍ଥା ସ୍ଥିଂ ସ୍ଥିରା ଭବ ଯାବଦ୍ ପୂଜାଂ କରୋମ୍ୟହମ୍'' ବୋଲି ପ୍ରାର୍ଥନା କରି ଦେବତାଙ୍କ ପ୍ରାଣପ୍ରତିଷ୍ଠା କରିବେ ।

''ଓଁ ଆଂ ହ୍ରୀଂ କ୍ରୋଂ ଶ୍ରୀଂ ସ୍ୱାହା ଆଦ୍ୟାକାଳୀଦେବତାୟାଃ ପ୍ରାଣା ଇହ ପ୍ରାଣାଃ, ଓଁ ଆଂ ହ୍ରୀଂ କ୍ରୋଂ ଶ୍ରୀଂ ସ୍ୱାହା ଆଦ୍ୟାକାଳୀଦେବତାୟାଃ ଜୀବ ଇହସ୍ଥିତ, ଓଁ ଆଂ ହ୍ରୀଂ କ୍ରୋଂ ଶ୍ରୀଂ ସ୍ୱାହା ଆଦ୍ୟାକାଳୀଦେବତାୟାଃ ସର୍ବେନ୍ଦ୍ରିୟାଣି, ଓଁ ଆଂ ହ୍ରୀଂ କ୍ରୋଂ ଶ୍ରୀଂ ସ୍ୱାହା ଆଦ୍ୟାକାଳୀଦେବତାୟାଃ ବାଙ୍ମନଶ୍ଚକ୍ଷୁଶ୍ରୋତ୍ରଘ୍ରାଣପ୍ରାଣା ଇହାଗତ୍ୟ ସୁଖଂ ଚିରଂ ତିଷ୍ଠନ୍ତୁ ସ୍ୱାହା'' —ଏହି ପ୍ରାଣପ୍ରତିଷ୍ଠା ମନ୍ତ୍ର ପ୍ରତିମା ହେଲେ ଯଥାଯଥ ସ୍ଥାନରେ, ଅନ୍ୟଥା ଯନ୍ତ୍ର ମଧ୍ୟରେ ତିନିଥର ପାଠ କରି ଲେଲିହାନ ମୁଦ୍ରାଦ୍ୱାରା ପ୍ରାଣପ୍ରତିଷ୍ଠା ସମାପନପୂର୍ବକ କୃତାଞ୍ଜଳି-ପୁଟରେ ''ଆଦ୍ୟେ କାଳି ସ୍ୱାଗତନ୍ତେ ସୁସ୍ୱାଗତମିଦନ୍ତବ'' — ଏହି ମନ୍ତ୍ରଟି ପାଠ କରିବେ । ତପୁରେ ଦେବତାଙ୍କ ଶୁଦ୍ଧି ନିମିତ୍ତ ମୂଳ ମନ୍ତ୍ରୋଚ୍ଚାରଣପୂର୍ବକ ବିଶେଷାର୍ଘ୍ୟ ଜଳରେ ତିନିଥର ପ୍ରୋକ୍ଷଣ କରିବେ । ଅନନ୍ତର ଷଡ଼ଙ୍ଗ ନ୍ୟାସଦ୍ୱାରା ଦେବତାଙ୍କ ଅଙ୍ଗରେ ସକଳୀକରଣ କରି ଆସନ, ପାଦ୍ୟ, ଅର୍ଘ୍ୟ, ମଧୁପର୍କ, ସ୍ନାନ, ବସନ, ଭୂଷଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ପୁନରାଚମନୀୟ, ତାମ୍ବୁଳ, ଆଚମନ ଓ

ନମସ୍କାର —ଏହି ଷୋଡ଼ଶୋପଚାରରେ ଭକ୍ତି ଭାବରେ ଯଥାବିଧି ଅର୍ଚ୍ଚନା କରିବେ । ଅନନ୍ତର **ପଞ୍ଚ-ତତ୍ତ୍ୱ ନିବେଦନ** କରିବାକୁ ହେବ ।

ପ୍ରଥମେ ପୂର୍ଣ୍ଣପାତ୍ର ହସ୍ତରେ ଧାରଣ କରି ମୂଳମନ୍ତ୍ର ଉଚ୍ଚାରଣପୂର୍ବକ ଦେବୀ କାଳିକାଙ୍କୁ ନିବେଦନ କରି କୃତାଞ୍ଜଳି ହୋଇ —

**"ଓଁ ପରମଂ ବାରୁଣୀକଳ୍ପଂ କୋଟିକଳ୍ପାନ୍ତକାରିଣି**
**ଗୃହାଣ ଶୁଦ୍ଧିସହିତଂ ଦେହି ମେ ମୋକ୍ଷମବ୍ୟୟମ୍ ।।"**

ଏହି ମନ୍ତ୍ରରେ ପ୍ରାର୍ଥନା କରିବେ । ଅନନ୍ତର ସାମାନ୍ୟ ବିଧାନ ଅନୁସାରେ ସମ୍ମୁଖରେ ମଣ୍ଡଳ ଲେଖି ସେଠାରେ ନୈବେଦ୍ୟପୂର୍ଣ୍ଣ ପାତ୍ର ସଂସ୍ଥାପନ କରିବେ । ପରେ ତାହା ପ୍ରୋକ୍ଷଣ, ଅବଗୁଣ୍ଠନ, ରକ୍ଷଣ ଓ ଅମୃତୀକରଣ କରି ମୂଳମନ୍ତ୍ରଦ୍ୱାରା ସାତ ଥର ଅଭିମନ୍ତ୍ରିତ କରି ଅର୍ଘ୍ୟ ଜଳରେ ତାହା ଦେବୀଙ୍କୁ ନିବେଦନ କରିବେ । ପ୍ରଥମେ ମୂଳମନ୍ତ୍ରୋଚ୍ଚାରଣ କରି **"ସର୍ବୋପକରଣୋନ୍ୱିତଂ ସିଦ୍ଧାନ୍ନମ ଇଷ୍ଟଦେବତାୟୈଃ ନମଃ"** କହି **"ଶିବେ ଇଦଂ ହବିର୍ଜୁଷସ୍ୱ"** — ଏହି ମନ୍ତ୍ର ପାଠ କରିବେ । ତତ୍ପରେ ପ୍ରାଣାଦି ମୁଦ୍ରା ଦ୍ୱାରା **"ପ୍ରାଣାୟ ସ୍ୱାହା, ଅପାନାୟ ସ୍ୱାହା, ସମାନାୟ ସ୍ୱାହା, ଉଦାନାୟ ସ୍ୱାହା ଓ ବ୍ୟାନାୟ ସ୍ୱାହା"** —ଏହି ମନ୍ତ୍ର ପାଠ କରି ଦେବୀଙ୍କୁ ହବିଃ ପ୍ରଦାନ କରିବେ । ପରେ ବାମ କରଦ୍ୱାରା ପ୍ରଫୁଲ୍ଲପଙ୍କଜ ସଦୃଶ ନୈବେଦ୍ୟ-ମୁଦ୍ରା ପ୍ରଦର୍ଶନ କରାଇ ମୂଳମନ୍ତ୍ରରେ ମଦ୍ୟପୂର୍ଣ୍ଣ କଳସ ପାନାର୍ଥ ନିବେଦନ କରିବେ । ପରେ ଶ୍ରୀପାତ୍ରସ୍ଥ ଅମୃତ ଦ୍ୱାରା ତିନିଥର ତର୍ପଣ କରିବେ । ଅବଶେଷରେ ସାଧକ ମୂଳମନ୍ତ୍ର ପାଠ କରି ଦେବୀଙ୍କ ମସ୍ତକ, ହୃଦୟ, ଚରଣ ଏବଂ ସର୍ବାଙ୍ଗରେ ପଞ୍ଚ-ପୁଷ୍ପାଞ୍ଜଳି ପ୍ରଦାନ କରିବେ ।

ତଦନନ୍ତର କୃତାଞ୍ଜଳିପୁଟରେ ଦେବୀଙ୍କ ନିକଟରେ **"ତବାବରଣଦେବାନ୍ ପୂଜୟାମି ନମଃ"** —ଏହା ପାଠ କରି ପ୍ରାର୍ଥନା କରିବେ । ତତ୍ପରେ ଅଗ୍ନି, ନୈର୍ଋତ, ବାୟୁ, ଈଶାନ, ସମ୍ମୁଖ ଓ ପାଶ୍ଚାତ୍‌ଭାଗରେ ଯଥାକ୍ରମେ ଷଡ଼ଙ୍ଗ ପୂଜା କରି ଗୁରୁ, ପରମ-ଗୁରୁ, ପରାପର-ଗୁରୁ ଓ ପରମେଷ୍ଠି-ଗୁରୁ — ଏହି ଗୁରୁପଙ୍କ୍ତି * ଏବଂ

* ଗୁରୁଙ୍କର ଗୁରୁ ତାଙ୍କ ଗୁରୁ 'ଗୁରୁପଙ୍କ୍ତି' ନୁହନ୍ତି । ମନ୍ତ୍ରଦାତା - ଗୁରୁ; ମନ୍ତ୍ର =ପରମଗୁରୁ, ପରାଶକ୍ତି =ପରାପର ଗୁରୁ ଏବଂ ପରମଶିବ =ପରମେଷ୍ଠି ଗୁରୁ, ତନ୍ତ୍ରଶାସ୍ତ୍ର ଏହି ଭାବରେ ଗୁରୁପଙ୍କ୍ତି ନିର୍ଦ୍ଦେଶ କରିଛନ୍ତି ।

କୁଳଗୁରୁଙ୍କର ଅର୍ଚ୍ଚନା କରିବେ । ତତ୍ପରେ ପାତ୍ରସ୍ଥିତ ଅମୃତଦ୍ୱାରା ସେମାନଙ୍କୁ ତର୍ପଣ କରିବେ ।

ଅନନ୍ତର ଅଷ୍ଟଦଳ ପଦ୍ମର ଦଳ ମଧ୍ୟରେ ଅଷ୍ଟ-ନାୟିକାଙ୍କର, ଦଳ ଅଗ୍ରରେ ଅଷ୍ଟ-ଭୈରବଙ୍କର ପୂଜା କରିବାକୁ ହେବ । ତାପରେ ପ୍ରଥମରେ 'ଓଁ' ଶେଷରେ **''ନମଃ''** ଶବ୍ଦ ଯୋଗ କରି ଇନ୍ଦ୍ରାଦି ଦଶଦିଗପାଳଙ୍କ ପୂଜା କରି ପରେ ସେମାନଙ୍କ ଅସ୍ତ୍ରଗୁଡ଼ିକର ପୂଜା କରିବେ । ଅବଶେଷରେ ସର୍ବୋପଚାରରେ ଦେବୀଙ୍କର ପୂଜା କରି ସମାହିତ ଚିତ୍ତରେ ବଳିଦାନ କରିବେ ।

ପ୍ରଥମେ ସାଧକ ଦେବୀଙ୍କ ସମ୍ମୁଖରେ ସୁଲକ୍ଷଣ ପଶୁ ସଂସ୍ଥାପନପୂର୍ବକ ଅର୍ଘ୍ୟ ଜଳରେ ପ୍ରୋକ୍ଷଣ ଓ ଧେନୁମୁଦ୍ରାରେ ଅମୃତୀକରଣ କରି ଛାଗକୁ **''ଛାଗପଶବେ ନମଃ''** — ଏହି ମନ୍ତ୍ରରେ କ୍ରମେ ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଓ ଜଳ ଦ୍ୱାରା ପୂଜା କରିବେ । ଅନନ୍ତର ପଶୁ କର୍ଣ୍ଣରେ **''ଓଁ ପଶୁପାଶାୟ ବିଦ୍ମହେ ବିଶ୍ୱକର୍ମଣେ ଧୀମହି ତନ୍ନୋ ଜୀବଃ ପ୍ରଚୋଦୟାତ୍''** — ଏହି ପାପ-ବିମୋଚିନୀ ଗାୟତ୍ରୀ ଶୁଣାଇଦେବେ ।

ଅନନ୍ତର ଖଡ୍‌ଗ ନେଇ ସେଥିରେ **'କ୍ଲୀଂ'** ବୀଜରେ ପୂଜା କରି ତାହାର ଅଗ୍ରଭାଗରେ ବାଗୀଶ୍ୱରୀ ଓ ବ୍ରହ୍ମାଙ୍କୁ, ମଧ୍ୟରେ ଲକ୍ଷ୍ମୀ-ନାରାୟଣଙ୍କୁ ଏବଂ ମୂଳରେ ଉମା-ମହେଶ୍ୱରଙ୍କୁ ପୂଜା କରିବେ । ଶେଷରେ **''ଓଁ ବ୍ରହ୍ମା-ବିଷ୍ଣୁ-ଶିବ-ଶକ୍ତିଯୁକ୍ତାୟ ଖଡ୍‌ଗାୟ ନମଃ''** — ଏହି ମନ୍ତ୍ରରେ ଖଡ୍‌ଗର ପୂଜା କରିବେ । ପରେ ମହାବାକ୍ୟ ଉଚ୍ଚାରଣପୂର୍ବକ ପଶୁ ଉତ୍ସର୍ଗ କରି କୃତାଞ୍ଜଳିପୁଟରେ ଯଥୋକ୍ତ ବିଧାନାନୁସାରେ **''ତୁଭ୍ୟମସ୍ତୁସମର୍ପିତଂ''**, — ଏହି ମନ୍ତ୍ର ପାଠପୂର୍ବକ ପଶୁବଳି ପ୍ରଦାନ କରି ଦେବୀଭକ୍ତିପରାୟଣ ହୋଇ ତୀବ୍ର ପ୍ରହାରରେ ଓ ଗୋଟିଏ ଆଘାତରେ ପଶୁଛିନ୍ନ କରିବେ । ନିଜ ଦ୍ୱାରା ଅଥବା ସୁହୃଦ୍‌ବର୍ଗଙ୍କ ହସ୍ତରେ ପଶୁବଳି ଦେବା କର୍ତ୍ତବ୍ୟ, ଶତ୍ରୁ ହସ୍ତରେ ସଂହାର କରାଇବା ଉଚିତ୍ ନୁହେଁ । ଅନନ୍ତର କବୋଷ୍ଣ ରୁଧିର ବଳି **''ଓଁ ବଟୁକେଭ୍ୟୋ ନମଃ''** — ଏହି ମନ୍ତ୍ର ଦ୍ୱାରା ନିବେଦନ କରି ଦେବୀଙ୍କୁ ସପ୍ରଦୀପ ଶୀର୍ଷବଳି ନିବେଦନ କରିବେ । କେବଳ କୁଳାଚାରୀ ସାଧକ କୁଳକର୍ମର ଅନୁଷ୍ଠାନ ନିମିତ୍ତ ଉପରୋକ୍ତ ବିଧାନରେ ବଳି ପ୍ରଦାନ କରିବେ । ଏହାପରେ ହୋମ କାର୍ଯ୍ୟ ଆରମ୍ଭ କରିବେ ।

ପ୍ରଥମେ ସାଧକ ନିଜର ଦକ୍ଷିଣଦିଗରେ ବାଲୁକାଦ୍ୱାରା ଚତୁର୍ହସ୍ତ ପରିମିତ ଚତୁଷ୍କୋଣ ମଣ୍ଡଳ ରଚନା କରି ମୂଳମନ୍ତ୍ରରେ ନିରୀକ୍ଷଣପୂର୍ବକ "ଫଟ୍" — ଏହି ମନ୍ତ୍ରରେ ତାଡ଼ନ କରି ଉକ୍ତ ମନ୍ତ୍ରରେ ପ୍ରୋକ୍ଷଣ କରିବେ । ଅନନ୍ତର ସ୍ଥଣ୍ଡିଳରେ ପ୍ରାଦେଶ (ଚାଖଣ୍ଡ) ପରିମିତ ତିନିଟି ପ୍ରାଗଗ୍ର ଓ ତିନିଟି ଉଦଗ୍ର ରେଖା ରଚିତ କରି ପ୍ରାଗଗ୍ର ରେଖାତ୍ରୟ ଉପରେ ଯଥାକ୍ରମେ ବିଷ୍ଣୁ, ଶିବ ଓ ଇନ୍ଦ୍ର ଲେଖିବେ ଏବଂ ଉଦଗ୍ର ରେଖାତ୍ରୟ ଉପରେ ସ୍ଥଣ୍ଡିଳରେ ତ୍ରିକୋଣମଣ୍ଡଳ ରଚନା କରି ସେଥିରେ **"ହସୌଃ"** ଏହି ଶବ୍ଦ ଲେଖିବେ । ପରେ ତ୍ରିକୋଣର ବହିର୍ଭାଗରେ ଷଟ୍‌କୋଣ ଓ ତାହାର ବହିର୍ଭାଗରେ ବୃତ୍ତ ରଚନା କରି ବହିଃ-ପ୍ରଦେଶରେ ଅଷ୍ଟଦଳ ପଦ୍ମ ଲେଖିବେ । ଅନନ୍ତର ମୂଳମନ୍ତ୍ର ପାଠ କରି ପ୍ରଣବ-ଉଚ୍ଚାରଣପୂର୍ବକ ପୁଷ୍ପାଞ୍ଜଳି ପ୍ରଦାନ କରି ହୋମ ଦ୍ରବ୍ୟଦ୍ୱାରା ପ୍ରୋକ୍ଷଣପୂର୍ବକ ଅଷ୍ଟଦଳପଦ୍ମର ବୀଜକୋଷରେ ମାୟାବୀଜ ଉଚ୍ଚାରଣ କରି ଆଧାର-ଶକ୍ତିର ପୂଜା କରିବେ । ପରେ ଯନ୍ତ୍ରର ଅଗ୍ନିକୋଣରୁ ଆରମ୍ଭ କରି ଯଥାକ୍ରମେ ଚତୁଷ୍କୋଣରେ ଧର୍ମ, ଜ୍ଞାନ, ବୈରାଗ୍ୟ ଓ ଐଶ୍ୱର୍ଯ୍ୟର ପୂଜା କରି, ମଧ୍ୟଭାଗରେ ଅନନ୍ତ ଓ ପଦ୍ମର ପୂଜା କରିବେ । ଅନନ୍ତର ଯଥାବିଧି କଳା ସହିତ ସୂର୍ଯ୍ୟ ଓ ସୋମମଣ୍ଡଳର ପୂଜା କରି ପ୍ରାଗାଦି କେଶର ମଧ୍ୟରେ ଶ୍ୱେତା, ଅରୁଣା, କୃଷ୍ଣା, ତୀବ୍ରା, ଧୂମ୍ରା, ସ୍ଫୁଲିଙ୍ଗନା, ରୁଚିରା ଓ ଜ୍ୱାଳିନୀଙ୍କର ଯଥାକ୍ରମରେ ପୂଜା କରିବାକୁ ହେବ ।

ତାହାପରେ ସାଧକ ଋତୁସ୍ନାତା-ନୀଳକମଳଲୋଚନା ବାଗୀଶ୍ୱରୀଙ୍କୁ ବାଗୀଶ୍ୱରଙ୍କ ସହିତ ବହ୍ନିପୀଠରେ ଧ୍ୟାନ କରିବେ । ମାୟାବୀଜରେ ସେମାନଙ୍କ ପୂଜା କରି ପରେ ଯଥାବିଧି ଅଗ୍ନିବୀକ୍ଷଣ ପୂର୍ବକ **"ଫଟ୍"** ମନ୍ତ୍ରରେ ଆବାହନ କରିବେ । **"ଓଁ ବହ୍ନେର୍ଯୋଗପୀଠାୟ ନମଃ"** —ଏହି ମନ୍ତ୍ର ପାଠ କରି, ଅଗ୍ନି ଉଦ୍ଧୃତ କରି ମୂଳମନ୍ତ୍ର ଓ କୂର୍ଚ୍ଚବୀଜ (ହୁଁ) ପାଠ କରିବେ । ଏହାପରେ **"କ୍ରବ୍ୟାଦେଭ୍ୟଃ ସ୍ୱାହା"**—ଏହି ମନ୍ତ୍ର ପାଠ ପୂର୍ବକ କ୍ରବ୍ୟାଦଂଶ ତ୍ୟାଗ କରିବେ । ପରେ ବୀଜମନ୍ତ୍ରରେ ଅଗ୍ନିବୀକ୍ଷଣ କରି କୂର୍ଚ୍ଚବୀଜରେ ବହ୍ନି ବେଷ୍ଟନ କରିବେ । ତାହାପରେ ଧେନୁମୁଦ୍ରା ଦ୍ୱାରା ଅମୃତୀକରଣ ଏବଂ ହସ୍ତଦ୍ୱାରା ଅଗ୍ନି ଉଦ୍ଧୃତ କରି ପ୍ରଦକ୍ଷିଣ କ୍ରମରେ ଏହାକୁ ସ୍ଥଣ୍ଡିଳୋପରି ଭ୍ରାମିତ କରିବେ । ଅନନ୍ତର ଜାନୁଦ୍ୱାରା ତ୍ରୟବାର ଭୂମି ସ୍ପର୍ଶ କରି ଶିବବୀଜ ଚିନ୍ତନପୂର୍ବକ ନିଜ ଅଭିମୁଖରେ ଯୋନି-ଯନ୍ତ୍ରୋପରି

ତାହାକୁ ସ୍ଥାପନ କରିବାକୁ ହେବ । ପରେ ମାୟାବୀଜ ଉଚ୍ଚାରଣ କରି ଚତୁର୍ଥୀ ବିଭକ୍ତିର ଏକବଚନାନ୍ତ ବହ୍ନିମୂର୍ତ୍ତି ଶବ୍ଦ ଶେଷରେ 'ନମଃ' ଯୋଗ କରି ତାଙ୍କର ଏବଂ **"ଓଁ ରଂ ବହ୍ନିଚୈତନ୍ୟାୟ ନମଃ"** ବୋଲି ବହ୍ନିଚୈତନ୍ୟଙ୍କର ପୂଜା କରିବେ ।

ତାହାପରେ ମନେ ମନେ ନମୋ ମନ୍ତ୍ରରେ ବହ୍ନିମୂର୍ତ୍ତି ଓ ବ୍ରହ୍ମଚୈତନ୍ୟଙ୍କର କଳ୍ପନା କରି **"ଓଁ ଚିତ୍ ପିଙ୍ଗଳ ହନ ହନ ଦହ ଦହ ପଚ ପଚ ସର୍ବାଜ୍ଞା ଜ୍ଞାପୟ ସ୍ୱାହା"** — ଏହି ମନ୍ତ୍ରରେ ବହ୍ନି ପ୍ରଜ୍ୱଳିତ କରିବେ । ପରେ କୃତାଞ୍ଜଳିପୁଟରେ —

**"ଓଁ ଅଗ୍ନି ପ୍ରଜ୍ୱଳିତଂ ବନ୍ଦେ ଜାତବେଦଂ ହୁତାଶନମ୍ ।**
**ସୁବର୍ଣ୍ଣବର୍ଣ୍ଣମମଳଂ ସମିଦ୍ଧଂ ସର୍ବତୋମୁଖମ୍ ।।"**

ଏହି ମନ୍ତ୍ର ପାଠ କରି ଅଗ୍ନିଙ୍କ ବନ୍ଦନା କରିବେ । ଏହା ପରେ ବହ୍ନି ସ୍ଥାପନ କରି କୁଶଦ୍ୱାରା ସ୍ଥଣ୍ଡିଳ ଆଚ୍ଛାଦନ କରିବେ । ପରେ ନିଜର ଇଷ୍ଟଦେବତାଙ୍କ ନାମ ଉଚ୍ଚାରଣପୂର୍ବକ ବହ୍ନିଙ୍କର ନାମ ଉଚ୍ଚାରଣ କରି **"ଓଁ ବୈଶ୍ୱାନର ଜାତବେଦ ଇହାବହାବହ ଲୋହିତାକ୍ଷ ସର୍ବକର୍ମାଣି ସାଧୟ ସ୍ୱାହା"** —ଏହି ମନ୍ତ୍ରରେ ଅଗ୍ନିଙ୍କୁ ଅଭ୍ୟର୍ଚ୍ଚନା ଓ ହରଣ୍ୟାଦି **ସପ୍ତଜିହ୍ୱାର** ପୂଜା କରିବେ । ଏହା ପରେ ଚତୁର୍ଥ୍ୟନ୍ତ ଏକବଚନାନ୍ତ ସହସ୍ରାର୍ଚ୍ଚି ଶବ୍ଦ ଶେଷରେ **"ହୃଦୟାୟ ନମଃ"** କହି ବହ୍ନି-ହୃଦୟରେ ଷଡ଼ଙ୍ଗ ମୂର୍ତ୍ତିର ପୂଜା କରିବାକୁ ହେବ ।

ତାହା ପରେ ବ୍ରାହ୍ମୀ ପ୍ରଭୃତି **ଅଷ୍ଟଶକ୍ତିଙ୍କୁ** ପୂଜା କରିବେ । ପରେ ପଦ୍ମାଦି **ଅଷ୍ଟନିଧିର** ଅର୍ଚ୍ଚନା କରି ଇନ୍ଦ୍ରାଦି ଦଶଦିଗପାଳଙ୍କ ପୂଜା କରିବେ । ଏହାପରେ ବଜ୍ରାଦି ଅସ୍ତ୍ରସମୂହର ପୂଜା କରି ପ୍ରାଦେଶ (ଚାଖଣ୍ଡ) ପ୍ରମାଣ କୁଶପତ୍ରଦ୍ୱୟ ଗ୍ରହଣ କରି ଘୃତ ମଧ୍ୟରେ ସ୍ଥାପନ କରିବେ । ଘୃତର ବାମ ଅଂଶରେ ଇଡ଼ା, ଦକ୍ଷିଣ ଅଂଶରେ ପିଙ୍ଗଳା ଓ ମଧ୍ୟ ଅଂଶରେ ସୁଷୁମ୍ନାର ଚିନ୍ତା କରି ସମାହିତ ଚିତ୍ତରେ ଦକ୍ଷିଣ ଭାଗରୁ ଆଜ୍ୟ ଗ୍ରହଣପୂର୍ବକ ଅଗ୍ନିଙ୍କ ଦକ୍ଷିଣ ନେତ୍ରରେ **"ଓଁ ଅଗ୍ନୟେ ସ୍ୱାହା"** ମନ୍ତ୍ରରେ ଆହୁତି ପ୍ରଦାନ କରିବେ । ଏହା ପରେ ବାମ ଭାଗରୁ ଘୃତ ଗ୍ରହଣ କରି **"ଓଁ ସୋମାୟ ସ୍ୱାହା"** ବୋଲି ଅଗ୍ନିଙ୍କ ବାମ ନେତ୍ରରେ ହୋମ କରିବେ ଏବଂ ମଧ୍ୟଭାଗରୁ ଘୃତ ଗ୍ରହଣପୂର୍ବକ ଅଗ୍ନିଙ୍କ ଲଲାଟ-ନେତ୍ରରେ "ଓଁ

**ଅଗ୍ନୀଷୋମାଭ୍ୟାଂ ସ୍ୱାହା''** ମନ୍ତ୍ରରେ ହୋମ କରି ପୁନରାୟ ଦକ୍ଷିଣ ଭାଗରୁ ଘୃତ ଗ୍ରହଣ ପୂର୍ବକ **''ଓଁ ଅଗ୍ନୟେ ସ୍ୱିଷ୍ଟିକୃତେ ସ୍ୱାହା''** ମନ୍ତ୍ରରେ ଆହୁତି ପ୍ରଦାନ କରିବେ । ତତ୍ପରେ **''ଓଁ ବୈଶ୍ୱାନର ଜାତବେଦ ଇହାବହାବହ ଲୋହିତାକ୍ଷ ସର୍ବକର୍ମାଣି ସାଧୟ ସ୍ୱାହା''** —ଏହି ମନ୍ତ୍ର ତିନିଥର ଉଚ୍ଚାରଣ କରି ଆହୁତି ପ୍ରଦାନ କରିବେ । ତାହାପରେ ସାଧକ ଅଗ୍ନିରେ ଇଷ୍ଟଦେବତାଙ୍କ ଆବାହନ କରି ପୀଠାଦି ସହିତ ତାଙ୍କର ପୂଜା କରିବେ ଏବଂ ମୂଳମନ୍ତ୍ରରେ **'ସ୍ୱାହା'** ପଦ ଯୋଗ କରି ପଞ୍ଚବିଂଶତି ବାର ଆହୁତି ଦେବେ । ଏହାପରେ ଅଗ୍ନି, ଇଷ୍ଟଦେବୀ ଓ ନିଜ ଆତ୍ମା — ଏହି ତିନିଙ୍କର ଚିନ୍ତା କରି ମୂଳମନ୍ତ୍ରରେ ଏକାଦଶ ଥର ଆହୁତି ପ୍ରଦାନ କରିବେ । ପରେ **''ଅଙ୍ଗଦେବତାଭ୍ୟଃ ସ୍ୱାହା''** ବୋଲି ଅଙ୍ଗଦେବତାଙ୍କ ହୋମ କରିବେ ।

ତାହାପରେ ନିଜ ଉଦ୍ଦେଶ୍ୟରେ ତିଳ, ଆଜ୍ୟ ଓ ମଧୁମିଶ୍ରିତ ପୁଷ୍ପ ଅଥବା ବିଲ୍ୱଦଳ କିମ୍ବା ଯଥାବିହିତ ବସ୍ତୁଦ୍ୱାରା ଯଥାଶକ୍ତି ଆହୁତି ପ୍ରଦାନ କରିବେ । ଅଷ୍ଟସଂଖ୍ୟାରୁ ନ୍ୟୂନ ଆହୁତି ଦେବାର ବିଧାନ ନାହିଁ । ତାହାପରେ ସ୍ୱାହାନ୍ତ ମୂଳ-ମନ୍ତ୍ରରେ ଫଳପତ୍ରସମନ୍ୱିତ-ଘୃତ ଦ୍ୱାରା ପୂର୍ଣ୍ଣାହୂତି ପ୍ରଦାନ କରିବେ । ପରେ ସଂହାର-ମୁଦ୍ରା ଦ୍ୱାରା ଅଗ୍ନିରୁ ଇଷ୍ଟଦେବୀଙ୍କୁ ଆବାହନପୂର୍ବକ ହୃଦୟ-କମଳରେ ରକ୍ଷା କରିବେ । ପରେ **''କ୍ଷମସ୍ୱ''** — ଏହି ମନ୍ତ୍ରରେ ଅଗ୍ନିଙ୍କୁ ବିସର୍ଜନ କରି ଦକ୍ଷିଣାନ୍ତ ଓ ଅଚ୍ଛିଦ୍ରାବଧାରଣ କରିବେ ଏବଂ ହୋମାବଶେଷ ଦ୍ୱାରା ଲଲାଟରେ ତିଳକ ଧାରଣ କରି ଜପ ଆରମ୍ଭ କରିବେ ।

ପ୍ରଥମେ ମସ୍ତକରେ ଗୁରୁଦେବଙ୍କ ଧ୍ୟାନ, ହୃଦୟରେ ଇଷ୍ଟଦେବତାଙ୍କ ଧ୍ୟାନ ଓ ଜିହ୍ୱାରେ ତେଜୋରୂପିଣୀ ବିଦ୍ୟାଙ୍କର ଧ୍ୟାନ କରି ଏହି ତିନି ପଦାର୍ଥର ତେଜଦ୍ୱାରା ଏକୀଭୂତ ଆତ୍ମାର ଚିନ୍ତା କରୁଥିବେ । ଏହାପରେ ସାଧକ ପ୍ରଣବଦ୍ୱାରା ସମ୍ପୁଟିତ କରି ମୂଳମନ୍ତ୍ର ଜପପୂର୍ବକ ମାତୃକାବର୍ଣ୍ଣକୁ ପୁଟିତ କରି ସାତଥର ସ୍ମରଣ କରିବେ । ସାଧକ ନିଜ ମସ୍ତକରେ ମାୟାବୀଜ ଦଶଥର ଜପ କରିବେ । ପରେ ପ୍ରଣବ ଜପ ଦଶ ଥର କରି ହୃଦ୍‌ପଦ୍ମରେ ସାତଥର ମାୟାବୀଜ ଜପ କରିବେ । ପରିଶେଷରେ ତିନି ଥର ପ୍ରାଣାୟାମ କରି ଜପମାଳା ଗ୍ରହଣ ପୂର୍ବକ —

**"ଓଁ ମାଳେ ମାଳେ ମହାମାଳେ ସର୍ବଶକ୍ତିସ୍ୱରୂପିଣି !**
**ଚତୁର୍ବର୍ଗସ୍ତ୍ୱୟି ନ୍ୟସ୍ତସ୍ତସ୍ମାନ୍ମେ ସିଦ୍ଧିଦାଂ ଭବ ।।"**

ଏହି ମନ୍ତ୍ର ପାଠ କରିବେ । ଏହାପରେ ପୂଜା କରି ଶ୍ରୀପାତ୍ରସ୍ଥିତ ଅକ୍ଷତ ଦ୍ୱାରା ମୂଳମନ୍ତ୍ରରେ ତିନି ଥର ମାଳାର ତର୍ପଣ କରିବେ । ପରେ ଯଥାବିଧି ସ୍ଥିରମନରେ ଅଷ୍ଟୋତ୍ତର-ସହସ୍ର ବାର ଅଥବା ଅଷ୍ଟୋତ୍ତର-ଶତ ବାର ଜପ କରିବେ । ତତ୍ପରେ ପୁନରାୟ ପ୍ରାଣାୟାମ କରି ଶ୍ରୀପାତ୍ରସ୍ଥିତ ଜଳ ଓ ପୁଷ୍ପାଦି ଦ୍ୱାରା —

**"ଓଁ ଗୁହ୍ୟାତିଗୁହ୍ୟଗୋପ୍ତ୍ରୀ ତ୍ୱଂ ଗୃହାଣାସ୍ମତ୍କୃତଂ ଜପମ୍ ।**
**ସିଦ୍ଧିର୍ଭବତୁ ମେ ଦେବି ! ତ୍ୱତ୍ ପ୍ରସାଦାନ୍ମହେଶ୍ୱରି ।।"**

ଏହି ମନ୍ତ୍ରରେ ଜପ ସମାପନ କରି ଦେବୀଙ୍କ ବାମକରରେ ଜପଫଳ ପ୍ରଦାନ କରିବେ । ତାହାପରେ ଭୂତଳରେ ଦଣ୍ଡବତ୍ ନିପତିତ ହୋଇ ପ୍ରଣାମ କରିବେ ଏବଂ ପରେ କୃତାଞ୍ଜଳିପୁଟରେ ସ୍ତବ ଓ କବଚ ପାଠ କରିବେ । ଏହାପରେ ପ୍ରଦକ୍ଷିଣ କରି ବିଲୋମମନ୍ତ୍ରରେ ବିଶେଷାର୍ଘ୍ୟ ପ୍ରଦାନପୂର୍ବକ **"ଇତଃ ପୂର୍ବଂ ପ୍ରାଣ-ବୁଦ୍ଧିଦେହଧର୍ମାଧିକାରତଃ ଜାଗ୍ରତ-ସ୍ୱପ୍ନ-ସୁଷୁପ୍ତିଷୁ ମନସା ବାଚା କର୍ମଣା ହସ୍ତାଭ୍ୟାଂ ପଦ୍‌ଭ୍ୟାମୁଦରେଣ ଶିଶ୍ନା ଯତ୍ ସ୍ମୃତଂ ଯଦୁକ୍ତଂ ଯତ୍‌କୃତଂ ତତ୍‌ସର୍ବଂ ବ୍ରହ୍ମାର୍ପଣମସ୍ତୁ"** —ଏହି ମନ୍ତ୍ର ପାଠ କରି ସାଧକ ଆତ୍ମସମର୍ପଣ କରିବେ । ଏହାପରେ **"ଆଦ୍ୟାକାଳୀପଦାମ୍ଭୋଜେ ଅର୍ପୟାମି ଓଁ ତତ୍ ସତ୍"** —ଏହି ମନ୍ତ୍ରରେ ଦେବୀଙ୍କ ପଦରେ ଅର୍ଘ୍ୟ ପ୍ରଦାନ କରି କୃତାଞ୍ଜଳିପୁଟରେ ଇଷ୍ଟଦେବତାଙ୍କ ନିକଟରେ ପ୍ରାର୍ଥନା କରିବେ । ପରେ "ଶ୍ରୀଂ ଶ୍ରୀମାଦ୍ୟେ" —ଏହି ମନ୍ତ୍ର ଉଚ୍ଚାରଣ କରିବେ ଏବଂ ଯଥାଶକ୍ତି ପୂଜା କରି ଇଷ୍ଟଦେବତାଙ୍କୁ ବିସର୍ଜନ ପୂର୍ବକ ସଂହାର-ମୁଦ୍ରାଦ୍ୱାରା ପୁଷ୍ପ ଗ୍ରହଣ କରି ଆଘ୍ରାଣ କରିବେ ଏବଂ ହୃଦୟରେ ସ୍ଥାପନ କରିବେ । ତାହା ପରେ ଈଶାନ କୋଣରେ ସୁପରିଷ୍କୃତ ତ୍ରିକୋଣ ମଣ୍ଡଳ ଲେଖି ସେଥିରେ ନିର୍ମାଲ୍ୟ, ପୁଷ୍ପ ଓ ଜଳ ସଂଯୋଗରେ ଦେବୀଙ୍କ ପୂଜା କରିବେ ।

ଏହାପରେ ସାଧକ ବ୍ରହ୍ମା, ବିଷ୍ଣୁ ଓ ଶିବ ପ୍ରଭୃତି ଦେବତାଙ୍କୁ ନୈବେଦ୍ୟ ବିତରଣପୂର୍ବକ କୁଳାଚାରୀ ସୁହୃଦ୍‌ମାନଙ୍କ ସମଭିବ୍ୟାହାରରେ ସ୍ୱୟଂ ତାହା ଗ୍ରହଣ

କରିବେ । କୁଳାଚାରୀ ସାଧକ ଯନ୍ତ୍ର କିମ୍ବା ପ୍ରତିମାରେ ପୂଜା ନ କରି କୁମାରୀ କିମ୍ବା ଷୋଡ଼ଶୀ ରମଣୀ ଶକ୍ତିଙ୍କୁ ମଧ୍ୟ ଯଥାବିଧି ପୂଜା କରିଥାଆନ୍ତି । କିନ୍ତୁ ତାହାର ବିଧାନ ଅତିଶୟ ଗୋପନୀୟ । ବିଶେଷତଃ ଅନଧିକାରୀ ପଶୁଙ୍କ ନିକଟରେ ତାହା ଅଶ୍ଳୀଳତା ପ୍ରଭୃତି ଦୋଷଦୁଷ୍ଟ ହେବ ବୋଲି ବିବେଚନା କରି ତାହାସବୁ ପ୍ରକାଶରୁ କ୍ଷାନ୍ତ ହେଲି । ପ୍ରୟୋଜନ ହେଲେ ତନ୍ତ୍ରର ଗୁପ୍ତ ସାଧନରହସ୍ୟ ସାଧକଙ୍କୁ ଶିଖାଇ ଦେଇପାରେ ।

ପଞ୍ଚମକାରରେ ଇଷ୍ଟପୂଜା କରି ପ୍ରସାଦ ଗ୍ରହଣ ପ୍ରଭୃତି କାର୍ଯ୍ୟ ଚକ୍ରାନୁଷ୍ଠାନ ପ୍ରଣାଳୀରେ କରିବାକୁ ହୁଏ । ସୁତରାଂ ଏଠାରେ ଆଉ ତାହା ଲିଖିତ ହେଲା ନାହିଁ ।

## ତନ୍ତ୍ରୋକ୍ତ ଚକ୍ରାନୁଷ୍ଠାନ

କୁଳାଚାରୀ ତାନ୍ତ୍ରିକମାନେ ଚକ୍ର କରି ସାଧନା କରିଥା'ନ୍ତି । ଭୈରବଚକ୍ର, ତତ୍ତ୍ୱଚକ୍ର ପ୍ରଭୃତି ତନ୍ତ୍ରଶାସ୍ତ୍ରରେ ବହୁବିଧ ଚକ୍ରାନୁଷ୍ଠାନର ବହୁବିଧ ବିଧାନ ଦୃଷ୍ଟ ହୋଇଥାଏ । ସାଧକମାନଙ୍କ ମଧ୍ୟରେ ପ୍ରାୟ ଏହି ଦୁଇ ପ୍ରକାର ଚକ୍ରର ଅନୁଷ୍ଠାନ ପ୍ରଚଳିତ ଥିବା ଦେଖାଯାଏ । ପ୍ରଥମେ ବ୍ରହ୍ମଭାବମୟ ତତ୍ତ୍ୱଚକ୍ରର ବିଧାନ ବର୍ଣ୍ଣିତ ହେଉଅଛି ।

ଏହି ତତ୍ତ୍ୱଚକ୍ର ଚକ୍ର ମଧ୍ୟରେ ଶ୍ରେଷ୍ଠ । ଏହାକୁ ଦିବ୍ୟଚକ୍ର ମଧ୍ୟ କୁହାଯାଏ । କୁଳାଚାରୀମାନେ ଭୈରବୀଚକ୍ର ଓ ଦିବ୍ୟାଚାରୀମାନେ ତତ୍ତ୍ୱଚକ୍ରର ଅନୁଷ୍ଠାନ କରିବା ଦରକାର । ତତ୍ତ୍ୱଚକ୍ରରେ ବ୍ରହ୍ମଜ୍ଞାନୀମାନଙ୍କର ହିଁ ଏକମାତ୍ର ଅଧିକାର, ଅନ୍ୟମାନଙ୍କର ସେଥିରେ ଅଧିକାର ନାହିଁ । ଯଥା—

"ବ୍ରହ୍ମଭାବେନ ତତ୍ତ୍ୱଜ୍ଞା ଯେ ପଶ୍ୟନ୍ତି ଚରାଚରମ୍ ।
ତେଷାଂ ତତ୍ତ୍ୱବିଦ୍ୟାଂ ପୁଂସାଂ ତତ୍ତ୍ୱଚକ୍ରେଽସ୍ତ୍ୟଧିକାରିତା ।।
ସର୍ବବ୍ରହ୍ମମୟୋ ଭାବଶ୍ଚକ୍ରେଽସ୍ମିଂସ୍ତତ୍ତ୍ୱସଂଜ୍ଞକେ ।
ଯେଷାମୁତ୍ପଦ୍ୟତେ ଦେବି ତ ଏବ ତତ୍ତ୍ୱଚକ୍ରିଣଃ ।।"

ଯେ ଏହି ଚରାଚରକୁ ବ୍ରହ୍ମଭାବରେ ଅବଲୋକନ କରିଥା'ନ୍ତି, ସେହି ତତ୍ତ୍ୱବିଦ୍ ପୁରୁଷ ହିଁ ଏହି ଚକ୍ରର ଅଧିକାରୀ । ସମସ୍ତ ହିଁ ବ୍ରହ୍ମ — ଏବଂବିଧ ଭାବମୟ ବ୍ୟକ୍ତିଙ୍କର ହିଁ ଏହି ତତ୍ତ୍ୱଚକ୍ରରେ ଅଧିକାର ।

ଅତଏବ, ଯେ ପରଂବ୍ରହ୍ମଙ୍କର ଉପାସକ, ବ୍ରହ୍ମଜ୍ଞ, ବ୍ରହ୍ମତତ୍ପର, ଶୁଦ୍ଧାନ୍ତଃକରଣ, ଶାନ୍ତ, ସର୍ବପ୍ରାଣୀଙ୍କର ହିତକାର୍ଯ୍ୟରେ ନିରତ, ଯେ ନିର୍ବିକଳ୍ପ, ଦୟାଶୀଳ, ଦୃଢ଼ବ୍ରତ ଓ ସତ୍ୟସଂକଳ୍ପ-ସାଧକ, ଏହିଭଳି ବ୍ରହ୍ମଜ୍ଞାନୀ ବ୍ୟକ୍ତିମାନେ ହିଁ ଏହି ତତ୍ତ୍ୱଚକ୍ରର ଅନୁଷ୍ଠାନ କରିବା ବିଧେୟ । ଏହି ଚକ୍ରର ଅନୁଷ୍ଠାନରେ ଘଟ-ସ୍ଥାପନ ନାହିଁ କିମ୍ବା ବାହୁଲ୍ୟ ପୂଜା ପ୍ରଭୃତି ମଧ୍ୟ ନାହିଁ । ଏହି ତତ୍ତ୍ୱର ସାଧନା-ସର୍ବତ୍ର ବ୍ରହ୍ମଭାବ । ବ୍ରହ୍ମମନ୍ତ୍ରୋପାସକ ଏବଂ ବ୍ରହ୍ମନିଷ୍ଠ ବ୍ୟକ୍ତି ଚକ୍ରେଶ୍ୱର ହୋଇ ବ୍ରହ୍ମଜ୍ଞ, ସାଧକମାନଙ୍କ ତତ୍ତ୍ୱଚକ୍ରର ଅନୁଷ୍ଠାନ ଆରମ୍ଭ କରିବେ । ତାହାର କ୍ରମ ନିମ୍ନରେ ବର୍ଣ୍ଣିତ ହେଲା ।

ରମ୍ୟ, ସୁନିର୍ମଳ ଏବଂ ସାଧକମାନଙ୍କ ସୁଖଜନକ ସ୍ଥାନରେ ବିଚିତ୍ର ଆସନ ଆନୟନ କରି ସାଧକ ବିମଳ ଆସନର କଳ୍ପନା କରିବେ । ଚକ୍ରେଶ୍ୱର ସେହି ସ୍ଥାନରେ ବ୍ରହ୍ମ-ଉପାସକମାନଙ୍କ ସହିତ ଉପବେଶନ କରି ତତ୍ତ୍ୱସମୂହ ଆହରଣପୂର୍ବକ ନିଜ ସମ୍ମୁଖ ଭାଗରେ ସ୍ଥାପନ କରିବେ । ଚକ୍ରେଶ୍ୱର ସମସ୍ତ ତତ୍ତ୍ୱର ଆଦିରେ 'ଓଁ' —ଏହି ମନ୍ତ୍ର ଶହେ ଥର ଜପ କରିବେ । ତାହାପରେ "ଓଁ ହଂସଃ" — ଏହି ମନ୍ତ୍ରକୁ ସାତଥର କିମ୍ବା ତିନି ଥର ଜପ କରି ସମସ୍ତ ଶୋଧନ କରିବେ । ତତ୍ପରେ ବ୍ରହ୍ମମନ୍ତ୍ର ଦ୍ୱାରା ସେହି ସବୁ ଦ୍ରବ୍ୟ ପରମାତ୍ମାଙ୍କଠାରେ ଉତ୍ସର୍ଗ କରି ବ୍ରହ୍ମଜ୍ଞସାଧକମାନଙ୍କ ସହିତ ଏକତ୍ର ପାନ ଭୋଜନ କରିବେ । ଏହି ତତ୍ତ୍ୱଚକ୍ରରେ ଜାତିଭେଦ ବର୍ଜନ କରିବାକୁ ହେବ । ଏଥିରେ ଦେଶ କାଳପାତ୍ରାଦିର ନିୟମ ନାହିଁ । ଯଥା —

"ଯେ କୁର୍ବନ୍ତି ନରା ମୂଢ଼ା ଦିବ୍ୟଚକ୍ରେ ପ୍ରମାଦତଃ ।
କୁଳଭେଦଂ ବର୍ଣ୍ଣଭେଦଂ ତେ ଗଚ୍ଛନ୍ତ୍ୟଧମାଂ ଗତିମ୍ ॥"

ଯେଉଁ ମୂଢ଼ ବ୍ୟକ୍ତି ଦିବ୍ୟଚକ୍ରରେ ଭ୍ରମବଶତଃ କୁଳଭେଦ, ବର୍ଣ୍ଣଭେଦ ପ୍ରଭୃତି କରନ୍ତି, ସେ ନିଶ୍ଚୟ ଅଧୋଗତି ଲାଭ କରନ୍ତି ।

ଅତଏବ, ଦିବ୍ୟାଚାରୀ-ବ୍ରହ୍ମଜ୍ଞ ସାଧକୋତ୍ତମ ଯତ୍ନର ସହିତ ଧର୍ମାର୍ଥକାମ-ମୋକ୍ଷ ପ୍ରାପ୍ତି କାମନାରେ ତତ୍ତ୍ୱଚକ୍ରର ଅନୁଷ୍ଠାନ କରିବା ଆବଶ୍ୟକ ।

"ବ୍ରହ୍ମାର୍ପଣଂ ବ୍ରହ୍ମହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ॥"

ତତ୍ତ୍ୱଚକ୍ରର ଅନୁଷ୍ଠାନ କରି ଯାହା ଅର୍ପିତ ହୋଇଛି ତାହା ବ୍ରହ୍ମ, ଯାହା ଅର୍ପଣ ପଦବାଚ୍ୟ, ତାହା ମଧ୍ୟ ବ୍ରହ୍ମଙ୍କ କର୍ତ୍ତୃକ ହୁତ ହେଉଅଛି ଅର୍ଥାତ୍ ଅଗ୍ନି ଓ ହୋମକର୍ତ୍ତା ହିଁ ବ୍ରହ୍ମ —ଏହିଭଳି ବ୍ରହ୍ମକର୍ମରେ ଯାହାଙ୍କ ଚିତ୍ତର ଏକାଗ୍ରତା ଜାତ ହୋଇଛି, ସେ ହିଁ କେବଳ ବ୍ରହ୍ମଲାଭ କରିଥା'ନ୍ତି ।

ଦିବ୍ୟାଚାରୀ-ବ୍ରହ୍ମଜ୍ଞ ସାଧକଙ୍କ ପରି କୁଳାଚାରୀଙ୍କର ମଧ୍ୟ କୁଳ-ପୂଜାପଦ୍ଧତିରେ ଚକ୍ରର ଅନୁଷ୍ଠାନ ପ୍ରୟୋଜନ । ବିଶେଷ ପୂଜା ସମୟରେ ସାଧକମାନଙ୍କର ଚକ୍ରାନୁଷ୍ଠାନ କରିବା ଅବଶ୍ୟ କର୍ତ୍ତବ୍ୟ ।

କୁଳାଚାରୀଙ୍କର ଅନୁଷ୍ଠେୟ ଚକ୍ର ଭୈରବୀ ଚକ୍ର ନାମରେ ଖ୍ୟାତ । ପୁଣି ଯେ ଏହି ଚକ୍ରରେ ବସି ପ୍ରାଧାନ୍ୟ କରନ୍ତି ଅର୍ଥାତ୍ ଯେ ଚକ୍ରାନୁଷ୍ଠାନାଦିର ଆୟୋଜନ ପ୍ରଭୃତି କରନ୍ତି, ତାଙ୍କୁ **ଚକ୍ରେଶ୍ୱର** କହନ୍ତି ।

ଏହି ଭୈରବୀଚକ୍ର ଶ୍ରେଷ୍ଠ, ସାରାତ୍ସାର । ଥରେ ମାତ୍ର ଏହି ଚକ୍ରର ଅନୁଷ୍ଠାନ କଲେ ସକଳ ପାପରୁ ମୁକ୍ତିଲାଭ ହୋଇଥାଏ । ଏହାର ନିତ୍ୟ ଅନୁଷ୍ଠାନ କଲେ, ନିର୍ବାଣ ମୁକ୍ତି ଲାଭ ହୁଏ । ଯଥା —

"ନିତ୍ୟଂ ସମାଚରନ୍ ମର୍ତ୍ତ୍ୟୋ ବ୍ରହ୍ମନିଷ୍ଠାମବାପ୍ନୁୟାତ୍ ॥"

ଭୈରବୀଚକ୍ର ବିଷୟରେ ସେପରି କୌଣସି ନିୟମ ନାହିଁ ଯେ କୌଣସି ସମୟରେ ଏହି ଅତି ଶୁଭପ୍ରଦ ଭୈରବୀଚକ୍ରର ଅନୁଷ୍ଠାନ କରାଯାଇପାରେ । ଏହି ଚକ୍ରର ଅନୁଷ୍ଠାନ କଲେ ଦେବୀ ଶୀଘ୍ର ବାଞ୍ଛିତ ଫଳ ପ୍ରଦାନ କରନ୍ତି । ଏହାର ବିଧାନ ନିମ୍ନରେ ବର୍ଣ୍ଣିତ ହେଲା ।

କୁଳାଚାରୀ-ସାଧକ ସୁରମ୍ୟ ମୃତ୍ତିକା ଉପରେ କମ୍ବଳ କିମ୍ବା ମୃଗଚର୍ମାଦି ଆସନ ବିଛାଇ **"କ୍ଲୀଂ ଫଟ୍"** — ଏହି ମନ୍ତ୍ରରେ ଆସନ ସଂଶୋଧନପୂର୍ବକ ସେଥିରେ ଉପବେଶନ କରିବେ । ଏହା ପରେ ସିନ୍ଦୂର, ରକ୍ତଚନ୍ଦନ ଅଥବା କେବଳ

ଜଳଦ୍ୱାରା ତ୍ରିକୋଣ ଓ ତାହାର ବହିର୍ଭାଗରେ ଚତୁଷ୍କୋଣ ମଣ୍ଡଳ ଲେଖିବେ । ପରେ ସେହି ମଣ୍ଡଳରେ ଗୋଟିଏ ବିଚିତ୍ର ଘଟକୁ ଦଧି, ଆତପ-ତଣ୍ଡୁଳ, ଫଳ, ପଲ୍ଲବ, ସିନ୍ଦୂର-ତିଳକଯୁକ୍ତ ଏବଂ ସୁବାସିତ ଜଳରେ ପୂର୍ଣ୍ଣ କରି ପ୍ରଣବ ମନ୍ତ୍ର (ଓଁ) ପାଠପୂର୍ବକ ସ୍ଥାପନ କରିବେ ଏବଂ ଧୂପ ଦୀପ ପ୍ରଦର୍ଶନ କରାଇବେ । ତାହାପରେ ଗନ୍ଧପୁଷ୍ପ ଦ୍ୱାରା ଅର୍ଚ୍ଚନା କରି ଇଷ୍ଟଦେବତାଙ୍କୁ ଧ୍ୟାନ କରିବେ ଓ ସଂକ୍ଷେପରେ ପୂଜାପଦ୍ଧତି ଅନୁସାରେ ସେଥିରେ ପୂଜା କରିବେ । ପରେ ସାଧକ ନିଜ ଇଚ୍ଛା ଅନୁସାରେ ତତ୍ତ୍ୱପାତ୍ରକୁ ସମ୍ମୁଖରେ ରଖି 'ଫଟ୍'—ଏହି ମନ୍ତ୍ରରେ ପ୍ରୋକ୍ଷଣ କରି ଦିବ୍ୟଦୃଷ୍ଟିଦ୍ୱାରା ଅବଲୋକନ କରିବେ । ଅନନ୍ତର ଅଳି-ଯନ୍ତ୍ରରେ (ମଦ୍ୟପାତ୍ରରେ) ଗନ୍ଧପୁଷ୍ପ ପ୍ରଦାନ କରି —

"ନବଯୌବନସମ୍ପନ୍ନାଂ ତରୁଣାରୁଣବିଗ୍ରହାମ୍ ।
ଚାରୁହାସାମୃତୋଦ୍‌ଭାସୋଲ୍ଲସଦ୍‌ବଦନପଙ୍କଜାମ୍ ।।
ନୃତ୍ୟଗୀତକୃତାମୋଦାଂ ନାନାଭରଣଭୂଷିତାମ୍ ।
ବିଚିତ୍ରବସନାଂ ଧ୍ୟାୟେଦ୍‌ବରାଭୟକରାମ୍ବୁଜାମ୍ ।।"

ଏହି ମନ୍ତ୍ରରେ ଆନନ୍ଦଭୈରବୀଙ୍କର ଏବଂ -

"କର୍ପୂରପୂରଧବଳଂ କମଳାୟତାକ୍ଷମ୍ ।
ଦିବ୍ୟାମ୍ବରାଭରଣଭୂଷିତ ଦେହକାନ୍ତିମ୍ ।।
ବାମେନ ପାଣିକମଳେନ ସୁଧାଢ୍ୟପାତ୍ରମ୍ ।
ଦକ୍ଷେଣ ଶୁଦ୍ଧଗୁଟିକାଂ ଦଧତଂ ସ୍ମରାମି ।।"

ଏହି ମନ୍ତ୍ରରେ ଆନନ୍ଦଭୈରବଙ୍କ ଧ୍ୟାନ କରିବେ ।

ଧ୍ୟାନ ଶେଷରେ ସେହି ମଦ୍ୟପାତ୍ରରେ ଉଭୟ ଦେବଦେବୀଙ୍କ ସମରସତା ବିଶେଷ ଭାବରେ ଚିନ୍ତା କରିବେ । ତତ୍ପରେ "ଓଁ ଆନନ୍ଦଭୈରବ୍ୟୈ ଆନନ୍ଦ ଭୈରବାୟ ନମଃ" —ଏହି ମନ୍ତ୍ରରେ ଗନ୍ଧପୁଷ୍ପଦ୍ୱାରା ପୂଜା କରି ଅଳି-ଯନ୍ତ୍ରରେ "ଆଂ ହ୍ରୀଂ କ୍ରୋଂ ସ୍ୱାହା" — ଏହି ମନ୍ତ୍ର ଶହେ ଆଠ ଥର ଜପ କରି ମଦ୍ୟ ଶୋଧନ କରିବେ । ତାହା ପରେ ମାଂସ ପ୍ରଭୃତି ଯାହା ମିଳିବ, ସେହି ସମସ୍ତ

ଦ୍ରବ୍ୟକୁ "ଓଁ ଆଂ ହ୍ରୀଂ କ୍ରୋଂ ସ୍ୱାହା" — ଏହି ମନ୍ତ୍ର ଦ୍ୱାରା ଶହେ ଥର ଅଭିମନ୍ତ୍ରିତ କରି ଶୋଧନ କରିବେ । ଅନନ୍ତର ସମସ୍ତ ତତ୍ତ୍ୱ ବ୍ରହ୍ମମୟ ଭାବନା କରି ଚକ୍ଷୁଦ୍ୱୟ ମୁଦ୍ରିତ କରି ସମସ୍ତ ଦ୍ରବ୍ୟ ଦେବୀଙ୍କୁ ନିବେଦନ କରିଦେଇ ନିଜେ ପାନ-ଭୋଜନ କରିବେ ।

"ଚକ୍ରମଧ୍ୟେ ବୃଥାଳାପଂ ଚାଞ୍ଚଲ୍ୟଂ ବହୁଭାଷଣମ୍ ।
ନିଷ୍ଠୀବନମଧୋବାୟୁଂ ବର୍ଣ୍ଣଭେଦଂ ବିବର୍ଜ୍ଜୟେତ୍ ॥
କ୍ରୂରାନ୍ ଖଳାନ୍ ପଶୂନ୍ ପାପାନ୍ ନାସ୍ତିକାନ୍ କୁଳବୁଷକାନ୍ ।
ନିନ୍ଦକାନ୍ କୁଳଶାସ୍ତ୍ରାଣାଂ ଚକ୍ରାଦ୍ଦୂରତରଂ ତ୍ୟଜେତ୍ ॥"

— ମହାନିର୍ବାଣ ତନ୍ତ୍ର

ଚକ୍ର ମଧ୍ୟରେ ରହି ବୃଥାଳାପ କରିବେ ନାହିଁ ଅର୍ଥାତ୍ ଇଷ୍ଟମନ୍ତ୍ର ଜପାଦି ଓ ପଦ୍ଧତି ଅନୁସାରେ କ୍ରିୟାଦି ବ୍ୟତୀତ ଅନ୍ୟ କୌଣସି ପ୍ରକାର ଆଳାପ କରିବେ ନାହିଁ । ଚଞ୍ଚଳତା ପ୍ରକାଶ କରିବେ ନାହିଁ । ଛେପ ପକାଇବେ ନାହିଁ । ଅଧୋବାୟୁ ତ୍ୟାଗ କରିବେ ନାହିଁ ଓ ଜାତିବିଚାର କରିବେ ନାହିଁ । କ୍ରୂର, ଖଳ, ପଶ୍ୱାଚାରୀ, ପାପୀ, ନାସ୍ତିକ, କୁଳଦୂଷକ ଏବଂ କୁଳଶାସ୍ତ୍ର-ନିନ୍ଦୁକମାନଙ୍କୁ କେବେହେଲେ ଚକ୍ରରେ ବସିବାକୁ ଦେବେ ନାହିଁ ।

"ପୂର୍ଣ୍ଣାଭିଷେକାତ୍ କୌଳଃ ସ୍ୟାଚ୍ଚକ୍ରାଧୀଶଃ କୁଳାର୍ଚ୍ଚକଃ ॥"

— ମହାନିର୍ବାଣ ତନ୍ତ୍ର

ଯାହାଙ୍କର ପୂର୍ଣ୍ଣାଭିଷେକ ହୋଇଅଛି, ସେହି ବ୍ୟକ୍ତି ହିଁ କୌଳ, କୁ ଳାର୍ଚ୍ଚକ ଓ ଚକ୍ରାଧୀଶ୍ୱର ହେବେ । ଭୈରବୀଚକ୍ର ଆରମ୍ଭ ହେଲେ, ସବୁ ଜାତିର ଲୋକେ ଦ୍ୱିଜଶ୍ରେଷ୍ଠ ହୋଇଯାନ୍ତି । ପୁଣି ଭୈରବୀଚକ୍ରରୁ ନିବୃତ୍ତ ହେବା ମାତ୍ରେ ସବୁ ବର୍ଣ୍ଣର ଲୋକେ ପୃଥକ୍ ହୋଇଯା'ନ୍ତି, ଅର୍ଥାତ୍ ପୂର୍ବରୁ ତୁମେ ଯେଉଁ ଜାତିର ଲୋକ ଥିଲ, ସେହି ଜାତିର ଲୋକ ହୋଇଗଲ । ଭୈରବୀଚକ୍ର ଭିତରେ ଜାତି ବିଚାର ନାହିଁ, ଉଚ୍ଛିଷ୍ଟାଦିର ବିଚାର ମଧ୍ୟ ନାହିଁ । ଚକ୍ରମଧ୍ୟଗତ ବୀର-ସାଧକମାନେ ଶିବଙ୍କ ସ୍ୱରୂପ । ଏହି ଚକ୍ରରେ ଦେଶ-କାଳ ନିୟମ ବା ପାତ୍ରାପାତ୍ର ବିଚାର ନାହିଁ । ଚକ୍ରସ୍ଥାନ ମହାତୀର୍ଥ, ସୁତରାଂ ତୀର୍ଥସମୂହ ଅପେକ୍ଷା ଏହା ଶ୍ରେଷ୍ଠ । ଚକ୍ରସ୍ଥାନରୁ ପିଶାଚାଦି

କ୍ରୂରଜାତି ଦୂରକୁ ପଳାୟନ କରନ୍ତି, କିନ୍ତୁ ଦେବତାମାନେ ଚକ୍ରସ୍ଥାନକୁ ଆଗମନ କରିଥାନ୍ତି । ପାପୀମାନେ ଏହି ଭୈରବୀଚକ୍ର ଓ ଏହି ଚକ୍ରାନୁଷ୍ଠାନକାରୀ ଶିବସ୍ୱରୂପ ସାଧକମାନଙ୍କୁ ଦର୍ଶନ କଲେ, ପାପମୁକ୍ତ ହୋଇଥା'ନ୍ତି । ଯେ କୌଣସି ସ୍ଥାନରୁ ବା ଯେ କୌଣସି ବ୍ୟକ୍ତି ଦ୍ୱାରା ଆହୃତ ଦ୍ରବ୍ୟ ମଧ୍ୟ ଚକ୍ରମଧ୍ୟସ୍ଥ ସାଧକମାନଙ୍କ ହସ୍ତରେ ଅର୍ପିତ ହେଲେ, ତାହା ଶୁଚିଶୁଦ୍ଧ ହୋଇଥାଏ । ଚକ୍ରାନ୍ତର୍ଗତ କୁଳମାର୍ଗାବଲମ୍ବୀ ସାକ୍ଷାତ୍ ଶିବସ୍ୱରୂପ ସାଧକମାନଙ୍କର ପାପର ଆଶଙ୍କା ବା ରହିବ କେଉଁଠି ? ବ୍ରାହ୍ମଣେତର ଯେ କୌଣସି ସାମାନ୍ୟ ଜାତିର ଲୋକ କୁଳଧର୍ମ-ଆଶ୍ରିତ ହେଲାକ୍ଷଣି ଦେବତାଙ୍କ ସଦୃଶ ପୂଜ୍ୟ ହୋଇଥା'ନ୍ତି ।

> **''ପୁରଶ୍ଚର୍ଯ୍ୟାଶତେନାପି ଶବମୁଣ୍ଡଚିତାସନାତ୍ ।**
> **ଚକ୍ରମଧ୍ୟେ ସକୃଜ୍ଜପ୍ତ୍ୱା ତତ୍‌ଫଳଂ ଲଭତେ ସୁଧୀଃ ।।''**
>
> **— ମହାନିର୍ବାଣ ତନ୍ତ୍ର**

ଶବାସନ, ମୁଣ୍ଡାସନ, ଅଥବା ଚିତାସନରେ ଆରୂଢ଼ ହୋଇ ଶତ ପୁରଶ୍ଚରଣ କଲେ ଯେଉଁ ଫଳ ଲାଭହୁଏ, ଭୈରବୀଚକ୍ରରେ ବସି ଥରେମାତ୍ର ମନ୍ତ୍ର ଜପ କଲେ, ସେହି ଫଳଲାଭ ହୋଇଥାଏ । ଅତଏବ, କୁଳାଚାରୀ ସାଧକ ପ୍ରତ୍ୟହ ଯତ୍ନର ସହିତ ଭୈରବୀଚକ୍ରର ଅନୁଷ୍ଠାନ କରିବା ବିଧେୟ ।

ପୂର୍ବୋକ୍ତ ପ୍ରକାରରେ ଭୈରବୀଚକ୍ରରେ ପୂଜାଦି ସମାପନ କରିବା ପରେ ପାନ-ଭୋଜନାଦି କରିବା ବିଧି । ପ୍ରଥମେ ନିଜ ବାମ ଭାଗରେ ପୃଥକ୍ ଆସନରେ ନିଜ ଶକ୍ତିଙ୍କୁ ସଂସ୍ଥାପନ କରି ଅଥବା ଉଭୟ ଏକ ଆସନରେ ଉପବେଶନ କରି ସ୍ୱର୍ଣ୍ଣ, ରୌପ୍ୟ, କାଚ ଅଥବା ନାରିକେଳ-ମାଳା-ନିର୍ମିତ ପାନପାତ୍ର ଶୁଦ୍ଧିପାତ୍ରର ଦକ୍ଷିଣରେ ଆଧାର ଉପରେ ସ୍ଥାପନ କରିବାକୁ ହେବ । ପାନପାତ୍ର ପାଞ୍ଚ ତୋଳାରୁ ଊଣା କରିବାର ନିୟମ ନାହିଁ, ତେବେ ଅଭାବ ପକ୍ଷରେ ତିନି ତୋଳା କରାଯାଇପାରେ । ଏହାପରେ ମହାପ୍ରସାଦ ଆନୟନ କରି ପାନପାତ୍ରରେ ସୁଧା (ମଦ୍ୟ) ଏବଂ ଶୁଦ୍ଧିପାତ୍ରରେ ମତ୍ସ୍ୟମାଂସାଦି ପ୍ରଦାନ କରିବେ । ଏହା ପରେ ସମାଗତ ବ୍ୟକ୍ତିମାନଙ୍କ ସହିତ ପାନଭୋଜନ ସମ୍ପନ୍ନ କରିବାକୁ ହେବ ।

ତନ୍ତ୍ରଶାସ୍ତ୍ର ବର୍ଣ୍ଣିତ ମଦ୍ୟପାନର ଉଦ୍ଦେଶ୍ୟ ଉନ୍ମତ୍ତ ହେବାପାଇଁ ନିର୍ଦ୍ଦିଷ୍ଟ ନୁହେଁ, ଦେହସ୍ଥ ଶକ୍ତିକେନ୍ଦ୍ରର ଉଦ୍‌ବୋଧନ କରିବା ହିଁ ଏହାର ଉଦ୍ଦେଶ୍ୟ । ପ୍ରଥମେ ଆସ୍ତରଣ ନିମିତ୍ତ ଉତ୍ତମ ଶୁଦ୍ଧି ଗ୍ରହଣ କରିବା ଦରକାର । ତାହାପରେ-

**"ସ୍ୱସ୍ୱପାତ୍ରଂ ସମାଦାୟ ପରମାମୃତପୂରିତମ୍ ।।**
**ମୂଳାଧାରାଦିଜିହ୍ୱାନ୍ତାଂ ଚିଦ୍ରୂପାଂ କୁଳକୁଣ୍ଡଳିନୀମ୍ ।।**
**ବିଭାବ୍ୟ ତନ୍ମୁଖାମ୍ଭୋଜେ ମୂଳମନ୍ତ୍ରଂ ସମୁଚ୍ଚରନ୍ ।**
**ପରସ୍ପରାଜ୍ଞାମାଦାୟ ଜୁହୁୟାତ୍ କୁଣ୍ଡଳୀମୁଖେ ।।"**

କୁଳସାଧକମାନେ ହୃଷ୍ଟମନରେ ପରମାମୃତପୂର୍ଣ୍ଣ ନିଜ ନିଜ ପାତ୍ର ଗ୍ରହଣ କରି ମୂଳାଧାରରୁ ଆରମ୍ଭ କରି ଜିହ୍ୱାଗ୍ର ପର୍ଯ୍ୟନ୍ତ କୁଳକୁଣ୍ଡଳିନୀଙ୍କର ଚିନ୍ତା କରି ମୁଖକମଳରେ ମୂଳମନ୍ତ୍ର ଉଚ୍ଚାରଣପୂର୍ବକ ପରସ୍ପର ଆଜ୍ଞା ଗ୍ରହଣ ପରେ କୁଣ୍ଡଳିନୀ ମୁଖରେ ପରମାମୃତ ପ୍ରଦାନ କରିବେ ।

କହିବା ବାହୁଲ୍ୟ ଯେ, ସୁଷୁମ୍ନା ପଥରେ ଏହି ମଦ୍ୟ ଢ଼ାଳି ଦେବାକୁ ହୁଏ । ଏହାର କୌଶଳ ଶ୍ରୀଗୁରୁଙ୍କ ଶ୍ରୀମୁଖରୁ ଶିକ୍ଷା କରି କ୍ରମାଭ୍ୟାସରେ ଏହା ଆୟତ୍ତ କରିବାକୁ ପଡ଼େ । ଏହିପରି କୌଶଳ ଏବଂ ଏକତାନ ଚିନ୍ତା ଫଳରେ କୁଣ୍ଡଳିନୀ ଶକ୍ତି ଉଦ୍‌ବୋଧିତା ହୁଅନ୍ତି । କିନ୍ତୁ ଯଦି ଅତିରିକ୍ତ ସୁରାପାନ କରାଯାଏ, ତାହାହେଲେ କୁଳଧର୍ମାଲମ୍ବୀମାନଙ୍କର ସିଦ୍ଧିହାନି ହୋଇଥାଏ । ଯଥା-

**"ଯାବନ୍ନ ଚାଳୟେଦ୍ଦୃଷ୍ଟିର୍ଯାବନ୍ନ ଚାଳୟେନ୍ମନଃ ।**
**ତାବଦ୍ ପାନଂ ପ୍ରକୁର୍ବୀତ ପଶୁପାନମତଃପରମ୍ ।।"**

**— ମହାନିର୍ବାଣ-ତନ୍ତ୍ର**

ଯେ ପର୍ଯ୍ୟନ୍ତ ଦୃଷ୍ଟି ଘୂର୍ଣ୍ଣିତ ଓ ମନ ଚଞ୍ଚଳ ହୁଏନାହିଁ, ସେ ପର୍ଯ୍ୟନ୍ତ ସୁରାପାନ କରିବା ନିୟମ ଅଛି । ଏହାର ଅତିରିକ୍ତ ପାନ ପଶୁପାନ ସଦୃଶ ।

ଅତଏବ, ସୁରାପାନ କରି ଯାହାଙ୍କର ଭ୍ରାନ୍ତି ଉପସ୍ଥିତ ହୁଏ, ସେହି ପାପିଷ୍ଠ କୌଳ ନାମର ଅଯୋଗ୍ୟ । ତେଣୁ ଦେଖାଯାଉଛି, କେବଳ କୁଣ୍ଡଳିନୀ ଶକ୍ତିଙ୍କୁ

ଉଦ୍‌ବୋଧିତା ଓ ଶକ୍ତିସମ୍ପନ୍ନା ରଖିବା ନିମିତ୍ତ ତନ୍ତ୍ରଶାସ୍ତ୍ରରେ ମଦ୍ୟପାନର ବ୍ୟବସ୍ଥା । ଚକ୍ରସ୍ଥିତ କୁଳଶକ୍ତିମାନେ ମଦ୍ୟପାନ କରିବେ ନାହିଁ ।

"ସୁଧାପାନଂ କୁଳସ୍ତ୍ରୀଣାଂ ଗନ୍ଧସ୍ୱୀକାରଲକ୍ଷଣମ୍ ॥" (ମହାନିର୍ବାଣ ତନ୍ତ୍ର)

କୁଳରମଣୀମାନେ କେବଳ ମଦ୍ୟର ଆଘ୍ରାଣ ମାତ୍ର ସ୍ୱୀକାର କରିବେ, ମଦ୍ୟପାନ କରିବେ ନାହିଁ । ଏହିପରି ନିୟମରେ ପାନ-ଭୋଜନ ଶେଷ କରି ଶେଷତତ୍ତ୍ୱ ସାଧନ କରିବା କର୍ତ୍ତବ୍ୟ । କିନ୍ତୁ ଏହି କ୍ରିୟା ଅତି ଗୁହ୍ୟ ଓ ଅପ୍ରକାଶ୍ୟ ଥିବା ହେତୁ ଏବଂ ଅଶ୍ଳୀଳତା ଦୋଷ ଆଶଙ୍କାରେ ସାଧାରଣଙ୍କ ନିକଟରେ ଏହା ପ୍ରକାଶ କରିପାରିଲି ନାହିଁ । ଏହାର କୌଶଳ ଉପଯୁକ୍ତ ଗୁରୁଙ୍କ ଶ୍ରୀମୁଖରୁ ଶୁଣି ଶିକ୍ଷା କରିବାକୁ ହୁଏ । ଶେଷତତ୍ତ୍ୱ ସାଧନାରେ ସାଧକ ଊର୍ଦ୍ଧ୍ୱରେତା ହୁଅନ୍ତି ଏବଂ ପ୍ରକୃତିଜୟୀ ହୋଇ ଓ ଆତ୍ମସଂପୂର୍ତ୍ତି ଲାଭ କରି ଜୀବନ୍ମୁକ୍ତ ହୋଇପାରନ୍ତି ।*

ପାଠକ ! ଶିକ୍ଷିତାଭିମାନୀ ଅଶିକ୍ଷିତ ବ୍ୟକ୍ତିମାନେ ପଞ୍ଚ-ମ'କାରର, ବିଶେଷତଃ ମଦ୍ୟ ଓ ମୈଥୁନ ନାମରେ ଚମକି ପଡ଼ନ୍ତି ଏବଂ ତନ୍ତ୍ରଶାସ୍ତ୍ରର ନାମ ଶୁଣିଲାକ୍ଷଣି ଘୃଣାରେ ନାସିକା କୁଞ୍ଚନ କରନ୍ତି । କିନ୍ତୁ ଚକ୍ରକାର କ'ଣ ସେମାନଙ୍କ ଅପେକ୍ଷା ସ୍ୱେଚ୍ଛାଚାରୀ ଓ ଉନ୍ମାର୍ଗଗାମୀ ଥିଲେ ? ତନ୍ତ୍ରଶାସ୍ତ୍ରକାରମାନେ କ'ଣ ମଦ୍ୟ ଓ ମୈଥୁନର ଦୁର୍ଗୁଣ ଅବଗତ ନ ଥିଲେ ? କିମ୍ବା ଭୋଗସୁଖ ହିଁ ମାନବର ଏକମାତ୍ର ଶ୍ରେୟଃ ଓ ପ୍ରେୟ —ଏହା ଭାବି କ'ଣ ସେମାନେ ଏଭଳି ବିଧାନ ପ୍ରଦାନ କରିଥିଲେ ? ନିତାନ୍ତ ବିକୃତମସ୍ତିଷ୍କ କିମ୍ବା ବାତୁଳ ବ୍ୟକ୍ତି ଭିନ୍ନ ଏହି କଥା କରିବାକୁ ସାମାନ୍ୟ ଚିନ୍ତାଶୀଳ ବ୍ୟକ୍ତି ମଧ୍ୟ ସାହସ କରିବେ ନାହିଁ । ତନ୍ତ୍ରଶାସ୍ତ୍ରଗୁଡ଼ିକୁ ସମ୍ୟକ୍ ରୂପେ ଆଲୋଚନା କଲେ ହିଁ ସେମାନେ ନିଜ ନିଜର ଭ୍ରମ ବୁଝିପାରିବେ । ପ୍ରଥମେ ତନ୍ତ୍ରଶାସ୍ତ୍ର ମୈଥୁନ-ତତ୍ତ୍ୱରେ ସ୍ୱକୀୟା ଶକ୍ତି ଅର୍ଥାତ୍ ବିବାହିତା ସହଧର୍ମିଣୀଙ୍କୁ ହିଁ ଗ୍ରହଣ କରିବାକୁ ଆଦେଶ ଦେଇଛନ୍ତି । ଯଥା —

"ବିନା ପରିଣୟଂ ବୀରଃ ଶକ୍ତିସେବାଂ ସମାଚରନ୍ ।
ପରସ୍ତ୍ରୀଗାମିନାଂ ପାପଂ ପ୍ରାପ୍ନୁୟାନ୍ନାତ୍ର ସଂଶୟ ॥" (ମହାନିର୍ବାଣ-ତନ୍ତ୍ର)

*ମତ୍‌ପ୍ରଣୀତ 'ଜ୍ଞାନୀଗୁରୁ' ଓ 'ପ୍ରେମିକଗୁରୁ' ଗ୍ରନ୍ଥରେ ଏହି ସାଧନାର ପ୍ରଣାଳୀ ଉଲ୍ଲେଖ ଅଛି ।

ବିନା ପରିଣୟରେ ଶକ୍ତିସାଧନ କଲେ ସାଧକ ପରସ୍ତ୍ରୀ-ଗମନଜନିତ ପାପଭାଗୀ ହୋଇଥା'ନ୍ତି ।

ତାହାପରେ କଳିର ମାନବସକଳ ସ୍ୱଭାବତଃ କାମକର୍ତ୍ତୃକ ବିଭ୍ରାନ୍ତଚିତ୍ତ ଏବଂ ସାମାନ୍ୟବୁଦ୍ଧିସମ୍ପନ୍ନ । ସେମାନେ ରମଣୀକୁ ଶକ୍ତି ବୋଲି ଅବଗତ ନ ହୋଇ, କାମ ଉପଭୋଗର ବିଳାସବସ୍ତୁ ବୋଲି ମନେକରନ୍ତି । ତେଣୁ ତନ୍ତ୍ରକାର ବ୍ୟବସ୍ଥା କରିଛନ୍ତି —

"ଅତସ୍ତେଷାଂ ପ୍ରତିନିଧୌ ଶେଷତତ୍ତ୍ୱସ୍ୟ ପାର୍ବତି ।
ଧ୍ୟାନଂ ଦେବ୍ୟାଃ ପଦାମ୍ଭୋଜେ ସ୍ୱେଷ୍ଟମନ୍ତ୍ରଜପସ୍ତଥା ।"

— ମହାନିର୍ବାଣ-ତନ୍ତ୍ର

କାମ-କାମନାକଳୁଷିତ ଜୀବ ପକ୍ଷରେ ଶେଷତତ୍ତ୍ୱର (ମୈଥୁନ ତତ୍ତ୍ୱର) ପ୍ରତିନିଧି ଭାବରେ ଦେବୀଙ୍କ ପାଦପଦ୍ମ ଧ୍ୟାନ ଓ ଇଷ୍ଟମନ୍ତ୍ର ଜପ କରିବାକୁ ହୁଏ । ପୁଣି ମଦ୍ୟପାନ ସମ୍ବନ୍ଧରେ ତନ୍ତ୍ରଶାସ୍ତ୍ର କହିଛନ୍ତି-

"ଗୃହକାର୍ଯ୍ୟୈକଚିତ୍ତାନାଂ ଗୃହିଣାଂ ପ୍ରବଳେ କଳୌ ।
ଆଦ୍ୟତତ୍ତ୍ୱପ୍ରତିନିଧୌ ବିଧେୟଂ ମଧୁରତ୍ରୟମ୍ ॥
ଦୁଗ୍ଧଂ ସିତାଂ ମାକ୍ଷିକଞ୍ଚ ବିଜ୍ଞେୟଂ ମଧୁରତ୍ରୟମ୍ ।
ଅଳିରୂପମିଦଂ ମତ୍ୱା ଦେବତାୟୈ ନିବେଦୟେତ୍ ॥"

—ମହାନିର୍ବାଣ-ତନ୍ତ୍ର

ପ୍ରବଳ କଳିକାଳରେ ଗୃହକାର୍ଯ୍ୟରେ ଆସକ୍ତିଚିତ୍ତ ବ୍ୟକ୍ତିମାନଙ୍କ ପକ୍ଷରେ ମଦ୍ୟପାନ ବିଧେୟ ନୁହେଁ । ମଦ୍ୟର ପ୍ରତିନିଧି ସ୍ଥଳରେ ଦୁଗ୍ଧ, ସିତା (ଚିନି ବା ଖଣ୍ଡ) ଓ ମଧୁ-ଏହି ମଧୁତ୍ରୟର ମିଳନକୁ ମଦ୍ୟସ୍ୱରୂପ ଜ୍ଞାନକରି ଦେବୀଙ୍କୁ ନିବେଦନ କରିବାକୁ ହେବ ।

ଉଚ୍ଚାଧିକାରୀଙ୍କ ନିମିତ୍ତ ମଦ୍ୟସ୍ଥଳରେ ଅନୁକଳ୍ପ ପ୍ରଦାନ କରିବାର ବ୍ୟବସ୍ଥା ମଧ ଅଛି । ବିଶେଷତଃ ସେମାନେ ସୂକ୍ଷ୍ମ ପଞ୍ଚ-ମ'କାର ସାଧନା କରିବାକୁ ସକ୍ଷମ । କେବଳ ମାତ୍ର ପାପାଚାରୀ, ଭୋଗୀ, କାମୁକ ଓ ମାତାଲମାନଙ୍କ ନିମିତ୍ତ ତନ୍ତ୍ରୋକ୍ତ

ସ୍ଥୂଳ ପଞ୍ଚ-ମ'କାରର ବ୍ୟବସ୍ଥା । ପୂର୍ବରୁ କହିଛି, ସାଧନଶାସ୍ତ୍ର ସମସ୍ତଙ୍କ ନିମିତ୍ତ-ଜ୍ଞାନୀ-ଅଜ୍ଞାନୀ, ସତ୍-ଅସତ୍, ଭଲ-ମନ୍ଦ ପ୍ରତ୍ୟେକ ବ୍ୟକ୍ତିଙ୍କ ନିମିତ୍ତ । କେବଳ ସମାଜର କେତେ ଜଣ ସାତ୍ତ୍ୱିକାଚାରୀ ନିଷ୍ଠାବାନ୍ ବ୍ୟକ୍ତି ଧର୍ମାଚରଣ କରିବେ, ଆଉ ସମସ୍ତେ ଅଧଃପାତରେ ଯିବେ, ଶାସ୍ତ୍ରରେ ଏଭଳି ସଂକୀର୍ଣ୍ଣ ବ୍ୟବସ୍ଥା ହୋଇପାରେ ନାହିଁ । ତେଣୁ ଯେ ଯେଉଁ ପ୍ରକୃତିର, ତାଙ୍କ ପକ୍ଷରେ ସେହିପ୍ରକାର ସାଧନ ପ୍ରଣାଳୀ ଯୁକ୍ତିସଙ୍ଗତ ।

ଭଗବାନଙ୍କୁ କିଏ ନ ଚାହେଁ ? କିନ୍ତୁ ଲଘୁଚିତ୍ତ ଭୋଗସୁଖରତ ବ୍ୟକ୍ତିମାନେ କରତଳସ୍ଥ ସୁଖକର-ଦ୍ରବ୍ୟ ଫିଙ୍ଗିଦେଇ ଭଗବତ୍‌ପ୍ରାପ୍ତିଜନିତ ଭାବୀସୁଖର କଳ୍ପନା କରିପାରନ୍ତି ନାହିଁ, କିନ୍ତୁ ଯଦି ଦୃଢ଼ଚିତ୍ତ ସିଦ୍ଧ ତାନ୍ତ୍ରିକଗୁରୁ କହନ୍ତି ଯେ, "ବାବା, ମଦଖାଇ, ରମଣୀ ନେଇ, ନିରାମିଷ ଭୋଜନ ନ କରି ମଧ୍ୟ ମୁକ୍ତି ଲାଭ କରାଯାଇପାରେ, ତେଣୁ ତନ୍ତ୍ର ପଞ୍ଚ-ମ'କାରର ବ୍ୟବସ୍ଥା ଦେଇଛନ୍ତି, ହେଇଟି ଦେଖ, ମୁଁ ମାଂସ ଆହାର କରି ମଧ୍ୟ ସିଦ୍ଧି ଲାଭ କରିଛି ।" ମାତାଲ୍ ଏକଥା ଶୁଣି ଅବାକ୍ ହୁଏ, 'ମଦ ଖାଇ ଧର୍ମଲାଭ ହୁଏ' ଶୁଣି ସେ ଆନନ୍ଦରେ ଗୁରୁଦେବଙ୍କ ଚରଣତଳେ ଶରଣ ଗ୍ରହଣ କରି କହେ, "ଠାକୁର, ମୁଁ କେବଳ ମଦ ଛାଡ଼ିପାରିବି ନାହିଁ, ନ ହେଲେ ଆପଣ ଯାହା କହିବେ, ସବୁ ଶୁଣିବି । ଅନୁଗ୍ରହ କରି କହନ୍ତୁ, କିପରି ମୁଁ ଭଗବାନ୍‌ଙ୍କୁ ଲାଭ କରିପାରିବି ।" ଗୁରୁ ସେତେବେଳେ ତାକୁ କହନ୍ତି, "ମୋ ଆଶ୍ରମକୁ ଚାଲ, ସେଠାରେ ଯେତେବେଳେ ଇଚ୍ଛା ସେତେବେଳେ ଅଶୋଧିତ ଓ ଅନିବେଦିତ ମଦ୍ୟପାନ କରିପାରିବୁ ନାହିଁ, ମା'ଙ୍କର ପ୍ରସାଦ କରି ଯେତେ ଇଚ୍ଛା ସେତେ ପାନ କରିପାରିବୁ ।" ଶିଷ୍ୟ ଏ କଥାରେ ସ୍ୱୀକୃତ ହେଲା । ଗୁରୁ ପୂଜା ଶେଷରେ ପ୍ରସାଦ ଦେଲେ । ଶିଷ୍ୟ ଆସି ପୂଜାମଣ୍ଡପରେ ସାଧକମାନଙ୍କ ସହିତ ମଦ୍ୟପାନ କରି ଇଷ୍ଟମନ୍ତ୍ର ଜପ କରିବାକୁ ଲାଗିଲା । ଏକାଦିନକେ ଏତେ ଉନ୍ନତି ! ଯେଉଁ ବ୍ୟକ୍ତି ଅନ୍ୟଦିନ ମଦ୍ୟପାନ କରି ବାରାଙ୍ଗନାଗୃହରେ କିମ୍ବା ନାଳ-ନର୍ଦ୍ଦମା ଭିତରେ ପଡ଼ି ଶକାର-ବକାର ଚିତ୍କାର କରୁଥିଲା, ଆଜି ସେ ମଦନିଶାରେ ବିଭୋର ହୋଇ ଗୁରୁଦେବଙ୍କ ଚରଣ ଧରି ମା' ମା" ବୋଲି କାନ୍ଦୁଛି । ଗୁରୁ ମଧ୍ୟ ସମୟ ଦେଖି ମା'ଙ୍କ ନାମରେ ତାକୁ ମତାଇ

ଦେବାକୁ ଲାଗିଲେ । କ୍ରମେ ମା'ଙ୍କ ନାମରେ ତାହାର ଅନ୍ତରରେ ପ୍ରକୃତ ଭକ୍ତିଭାବର ସଞ୍ଚାର ହେବାକୁ ଲାଗିଲା । ଗୁରୁ ମଧ୍ୟ ଅବସ୍ଥା ବୁଝି ଧୀରେ ଧୀରେ ମଦର ମାତ୍ରା ହ୍ରାସ କରିବାକୁ ଲାଗିଲେ । ଯେତେବେଳେ ଦେଖିଲେ ଯେ, ଶିଷ୍ୟ ହୃଦୟରେ ଭଗବଦ୍‌ଭକ୍ତିର ଗୋଟିଏ ଗଭୀର ରେଖା ଅଙ୍କିତ ହୋଇଯାଇଛି, ସେତେବେଳେ ଗୁରୁ ମଦ୍ୟ ସଂଶୋଧନରତ-ଶିଷ୍ୟକୁ ଶାପବିମୋଚନର ମନ୍ତ୍ରଗୁଡ଼ିକ ବୁଝାଇଦେଲେ । ଶିଷ୍ୟ ସେଥିରୁ ବୁଝିଲା ଯେ, ସୁରାପାନ କରି ଯେତେବେଳେ ଲୋକ-ପିତାମହ ବ୍ରହ୍ମା, ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ମଧ୍ୟ ବିଭ୍ରାନ୍ତଚିତ୍ତ ହୋଇ କେତେ ଗର୍ହିତ କାର୍ଯ୍ୟ କରିଛନ୍ତି, ସେତେବେଳେ ମନୁଷ୍ୟ ଯେ ସେହି ସୁରାପାନ କରି ଅଧଃପତିତ ହେବ, ଏଥିରେ ସନ୍ଦେହ ନାହିଁ । ଭଗବଦ୍‌ପ୍ରାପ୍ତିର ଆଶା ପ୍ରବଳ ହେବା ଫଳରେ ଆଜି ଶିଷ୍ୟ ମଦ୍ୟତତ୍ତ୍ୱ ବୁଝି ମଦ୍ୟପାନରୁ ନିବୃତ୍ତ ହେଲା ।

ତାନ୍ତ୍ରିକ ଗୁରୁ ଏହିପରି ଭାବରେ ବେଶ୍ୟାସକ୍ତ, ଲମ୍ପଟ ଓ ମାତାଲଙ୍କୁ ପ୍ରବୃତ୍ତିପଥ ଦେଇ ନିବୃତ୍ତି-ମାର୍ଗରେ ପରିଚାଳିତ କରିବାକୁ ଲାଗିଲେ । ମାତାଲ ମଧ୍ୟ ସାଧନ ପ୍ରଣାଳୀ ମାଧ୍ୟମରେ କ୍ରମେ ସାଧୁ ହୋଇଗଲା । ଏଥିପାଇଁ ତନ୍ତ୍ରଶାସ୍ତ୍ରରେ ପଞ୍ଚ-ମ'କାରର ବ୍ୟବସ୍ଥା । ଅନ୍ୟଥା ସାତ୍ତ୍ୱିକ ନିଷ୍ଠାବାନ୍ ବ୍ୟକ୍ତି ତନ୍ତ୍ରୋକ୍ତ ସାଧନ କରିବାକୁ ଗଲେ ଯେ ମଦ୍ୟ ମାଂସ ଭକ୍ଷଣ କରିବେ, ଏହା ବାଳକ ଓ ବାତୁଳ ଭିନ୍ନ ଅନ୍ୟ କେହି ବିଶ୍ୱାସ କରିପାରିବେ ନାହିଁ । ସତ୍ତ୍ୱପ୍ରଧାନ ବ୍ରାହ୍ମଣମାନଙ୍କ ସମ୍ବନ୍ଧରେ ତନ୍ତ୍ରଶାସ୍ତ୍ର କହୁଛନ୍ତି—

"ନ ଦଦ୍ୟାଦ୍ ବ୍ରାହ୍ମଣୋ ମଦ୍ୟଂ ମହାଦେବ୍ୟୈ କଥଞ୍ଚନ ।
ବାମକାମୋ ବ୍ରାହ୍ମଣୋ ହି ମଦ୍ୟଂ ମାଂସଂ ନ ଭକ୍ଷୟେଦ୍ ।।"

— ଶ୍ରୀକ୍ରମ ତନ୍ତ୍ର

ବ୍ରାହ୍ମଣମାନେ କେବେହେଲେ ମହାଦେବୀଙ୍କୁ ମଦ୍ୟ ପ୍ରଦାନ କରିବେ ନାହିଁ । କୌଣସି ବ୍ରହ୍ମଣ ବାମାଚାର କାମନାରେ ମଦ୍ୟ ମାଂସ ଭକ୍ଷଣ କରିପାରିବେ ନାହିଁ ।

"ଏତଦ୍ ଦ୍ରବ୍ୟଦାନନ୍ତୁ ଶୂଦ୍ରସ୍ୟୈବ ।" ଅତଏବ ତମଃପ୍ରଧାନ, ଆଚାରବିଚାର-ବିମୂଢ଼, ଭକ୍ତିହୀନ, ଭୋଗବିଳାସୀ ଶୂଦ୍ରମାନଙ୍କ ପକ୍ଷରେ ହିଁ ମଦ୍ୟ

ପ୍ରଭୃତି ଦାନ କରିବା ବିହିତ ହୋଇଅଛି । ପାଠକ ! ବୁଝିଲେ ତ, କାହିଁକି ଏବଂ କେଉଁମାନଙ୍କ ନିମିତ୍ତ ତନ୍ତ୍ରରେ ସ୍ଥୂଳ ପଞ୍ଚ-ମ'କାରର ବ୍ୟବସ୍ଥା ଅଛି ? ଅନ୍ୟଥା ପ୍ରକୃତରେ ଯଦି ମଦ୍ୟପାନ କଲେ, ମନୁଷ୍ୟ ସିଦ୍ଧିଲାଭ କରିପାରିଥା'ନ୍ତା, ତେବେ ଜଗତରେ ଯେତେ ମାତାଲ ଅଛନ୍ତି, ସେମାନେ ସମସ୍ତେ ତ ସିଦ୍ଧିଲାଭ କରିଥା'ନ୍ତେ । ଯଦି ସ୍ତ୍ରୀ-ସମ୍ଭୋଗ ଦ୍ୱାରା ମୋକ୍ଷଲାଭ ହେଉଥା'ନ୍ତା ତେବେ ତ ଜଗତର ସମସ୍ତ ଜୀବ ମୁକ୍ତହୋଇ ରହିଥା'ନ୍ତେ ! ତେଣୁ କହୁଛି, ତନ୍ତ୍ରକାର କ'ଣ ଏଭଳି ବୋକା ଯେ, ତୁମେ, ମୁଁ ଓ ସାଧାରଣ ଲୋକେ ଯାହା ବୁଝିପାରୁଛନ୍ତି, ତନ୍ତ୍ରକାରଙ୍କ ମୁଣ୍ଡରେ ସେ କଥା ପ୍ରବେଶ କରି ନଥିଲା ? ତେଣୁ କହିବାକୁ ହେବ ଯେ, ସର୍ବାଧିକାରୀ ଜନଗଣଙ୍କୁ ଆଶ୍ରୟ ଦେବା ନିମିତ୍ତ ହିଁ ତନ୍ତ୍ରଶାସ୍ତ୍ରର ଏହି ଉଦାର ଶିକ୍ଷା । ଏତେ କଥା କହିବା ପରେ ମଧ୍ୟ ଯଦି କେହି ମାତାଲ୍ ଓ ଲମ୍ପଟ ବ୍ୟକ୍ତିଙ୍କୁ 'ତାନ୍ତ୍ରିକ ସାଧକ' ବୋଲି ମନେକରନ୍ତି, ତେବେ ସେଥିପାଇଁ ଦାୟୀ କିଏ ? ବିଶେଷତଃ ସେହିପରି ବଳଦ-ବୁଦ୍ଧି ବିଶିଷ୍ଟ ବ୍ୟକ୍ତିଙ୍କ କଥାରେ କର୍ଣ୍ଣପାତ କଲେ ଅନିଷ୍ଟ ହେବାର ହିଁ ସମ୍ଭାବନା ।

ତନ୍ତ୍ରର କୁଳାଚାରପ୍ରଥା ସାଧନାର ଚରମ ମାର୍ଗ । ସୁତରାଂ ନିଜ ନିଜ ଅଧିକାରାନୁସାରେ ସାଧକ କୁଳାଚାର-ମାର୍ଗ ଅବଲମ୍ବନ କରିବା ଆବଶ୍ୟକ । ଏହି ସାଧନାରେ ସିଦ୍ଧିଲାଭ କଲେ, ସାଧକ ଅଚିରେ ଶିବତୁଲ୍ୟ ଗତି ଲାଭକରନ୍ତି । ସର୍ବଧର୍ମଶୂନ୍ୟ କଳିର ପ୍ରାଧାନ୍ୟ ସମୟରେ ଏକମାତ୍ର କୁଳାଚାରପ୍ରଥା ହିଁ ସର୍ବୋତ୍କୃଷ୍ଟ । ଯଥା —

> "ବହୁନା କିମିହୋକ୍ତେନଂ ସତ୍ୟଂ ଜାନୀହି କାଳିକେ ।
> ଇହାମୁତ୍ରସୁଖୋବାପ୍ତ୍ୟୈ କୁଳାମାର୍ଗୋ ହି ନାପରଃ ।।"
>
> — ମହାନିର୍ବାଣ-ତନ୍ତ୍ର

ଅଧିକ କ'ଣ ବା କହିବି ? କୁଳପଦ୍ଧତି ବ୍ୟତୀତ ଐହିକ ଓ ପାରତ୍ରିକ ସୁଖଲାଭର ଅନ୍ୟ ଉପାୟ ନାହିଁ, ଏକଥା ସତ୍ୟ ବୋଲି ଜାଣିବ ।

# ମନ୍ତ୍ରସିଦ୍ଧିର ଲକ୍ଷଣ

ମନ୍ତ୍ରସିଦ୍ଧି ହେଲେ ସାଧକଙ୍କର ଯେଉଁ ସବୁ ଲକ୍ଷଣ ପ୍ରକାଶ ପାଏ, ତାହା ମଧ୍ୟ ଶାସ୍ତ୍ରକାର ନିର୍ଦ୍ଦେଶ ଦେଇଛନ୍ତି । ଯଥା —

''ହୃଦୟଗ୍ରନ୍ଥିଭେଦଶ୍ଚ ସର୍ବାବୟବବର୍ଦ୍ଧନମ୍ ।
ଆନନାଶ୍ରୁଣି ପୁଲକୋ ଦେହାବେଶଃ କୁଳେଶ୍ୱରି ।
ଗଦ୍‌ଗଦୋକ୍ତିଶ୍ଚ ସହସା ଜାୟତେ ନାତ୍ର ସଂଶୟଃ ।।'' (ତନ୍ତ୍ରସାର)

ଜପକାଳରେ ହୃଦୟଗ୍ରନ୍ଥି ଭେଦ, ସବୁ ଅବୟବର ବର୍ଦ୍ଧିଷ୍ଣୁତା, ଆନନ୍ଦାଶ୍ରୁତପାତ, ଦେହାବେଶ ଏବଂ ଗଦଗଦ୍ ଭାଷଣ ପ୍ରଭୃତି ଭକ୍ତିଚିହ୍ନ ପ୍ରକାଶ ପାଏ, ଏଥିରେ ସନ୍ଦେହ ନାହିଁ । ଏହା ବ୍ୟତୀତ ବହୁବିଧ ଲକ୍ଷଣ ପ୍ରକାଶ ପାଇଥାଏ ।

ମନୋରଥସିଦ୍ଧି ହିଁ ମନ୍ତ୍ରସିଦ୍ଧିର ପ୍ରଧାନ ଲକ୍ଷଣ । ସାଧକ ଯେତେବେଳେ ଯେଉଁ ଅଭିଳାଷ କରନ୍ତି, ଅକ୍ଳେଶରେ ସେହି ଅଭିଳାଷ ପରିପୂର୍ଣ୍ଣ ହେଲେ ଜାଣିବ ଯେ, ତାଙ୍କର ମନ୍ତ୍ରସିଦ୍ଧି ହୋଇଅଛି । ମୃତ୍ୟୁହରଣ, ଦେବତାଦର୍ଶନ, ଦେବତାଙ୍କ ସହିତ ବାକ୍ୟାଳାପ, ମନ୍ତ୍ରର ଝଙ୍କାର-ଶବ୍ଦ ଶ୍ରବଣ ପ୍ରଭୃତି ମନ୍ତ୍ରସିଦ୍ଧି ହେଲେ ସାଧକ ଉପଲବ୍ଧି କରିଥା'ନ୍ତି ।

''ସକୃଦୁଚ୍ଚରିତେଽପ୍ୟେବଂ ମନ୍ତ୍ର ଚୈତନ୍ୟସଂଯୁତେ ।
ଦୃଶ୍ୟନ୍ତେ ପ୍ରତ୍ୟୟା ଯତ୍ର ପାରମ୍ପର୍ଯ୍ୟଂ ତଦୁଚ୍ୟତେ ।।'' (ତନ୍ତ୍ରସାର)

ଚୈତନ୍ୟସଂଯୁକ୍ତ କରି ସେହି ମନ୍ତ୍ର ଥରେ ମାତ୍ର ଉଚ୍ଚାରଣ କଲା ମାତ୍ରେ ପୂର୍ବୋକ୍ତ ଭାବର ବିକାଶ ହୋଇଥାଏ ।

ଯାହାଙ୍କର ମନ୍ତ୍ରସିଦ୍ଧି ହୁଏ, ସେହି ବ୍ୟକ୍ତି ଦେବତାଙ୍କୁ ଦେଖିପାରନ୍ତି, ମୃତ୍ୟୁ ନିବାରଣ କରିପାରନ୍ତି, ପରକାୟାରେ ପ୍ରବେଶ କରିପାରନ୍ତି, ପରପୁରରେ ପ୍ରବେଶ କରିପାରନ୍ତି ଏବଂ ଶୂନ୍ୟମାର୍ଗରେ ବିଚରଣ କରିପାରନ୍ତି ଓ ତାଙ୍କର ସର୍ବତ୍ର ଗମନାଗମନର ଶକ୍ତିଲାଭ ହୁଏ । ସେତେବେଳେ ସାଧକ ଖେଚରୀ ଦେବୀଗଣଙ୍କ ସହିତ ମିଳିତ ହୋଇ ସେମାନଙ୍କ କଥା ଶ୍ରବଣ କରିପାରନ୍ତି, ଭୂଛିଦ୍ର ଦର୍ଶନ

କରିପାରନ୍ତି ଏବଂ ପାର୍ଥିବ ତତ୍ତ୍ୱ ଜାଣିପାରନ୍ତି । ଏତାଦୃଶ ସିଦ୍ଧପୁରୁଷଙ୍କର ଦିଗନ୍ତବ୍ୟାପିନୀ କୀର୍ତ୍ତି ହୋଇଥାଏ । ତାଙ୍କର ବାହନ-ଭୂଷଣାଦି ବହୁ ଦ୍ରବ୍ୟ ଲାଭ ହୋଇଥାଏ ଏବଂ ଏଭଳି ବ୍ୟକ୍ତି ବହୁକାଳ ଜୀବିତ ରହନ୍ତି । ସେ ରାଜା ଓ ରାଜପରିବାରବର୍ଗଙ୍କୁ ବଶୀଭୂତ ରଖିପାରନ୍ତି । ସବୁ ସ୍ଥାନରେ ଚମତ୍କାରଜନକ କାର୍ଯ୍ୟ ପ୍ରଦର୍ଶନ କରି ସୁଖରେ କାଳଯାପନ କରନ୍ତି । ସେହି ଲୋକ ଦୃଷ୍ଟିପାତ କଲାମାତ୍ରକେ ରୋଗ ଅପହରଣ ହୁଏ ଓ ବିଷ ନିବାରଣ ହୋଇଯାଏ । ସେ ସବୁ ଶାସ୍ତ୍ରରେ ଅଯତ୍ନସୁଲଭ ଚତୁର୍ବିଧ ପାଣ୍ଡିତ୍ୟ ଲାଭ କରନ୍ତି, ବିଷୟଭୋଗରେ ବୈରାଗ୍ୟ ହେତୁ ମୁକ୍ତି କାମନା କରନ୍ତି । ତାଙ୍କର ସବୁ ପରିତ୍ୟାଗ କରିବାର ଶକ୍ତି ଓ ସବୁ ବଶୀକରଣ କରିବାର କ୍ଷମତା ଜାତ ହୁଏ । ତାଙ୍କର ଅଷ୍ଟାଙ୍ଗ ଯୋଗର ଅଭ୍ୟାସ ହୁଏ, ବିଷୟଭୋଗର ଇଚ୍ଛା ରହେ ନାହିଁ । ତାଙ୍କର ସର୍ବଭୂତରେ ଦୟା ଜନ୍ମେ ଏବଂ ସର୍ବଜ୍ଞତା ଶକ୍ତି ଲାଭ ହୋଇଥାଏ । ତାଙ୍କର କୀର୍ତ୍ତି ଓ ବାହନ ଭୂଷଣାଦି ଲାଭ ହୁଏ, ସେ ଦୀର୍ଘଜୀବନ ଲାଭ କରନ୍ତି, ରାଜପ୍ରିୟତା, ରାଜପରିବାରାଦି ସର୍ବଜନବାତ୍ସଲ୍ୟ, ଲୋକ-ବଶୀକରଣ, ପ୍ରଭୂତ ଐଶ୍ୱର୍ଯ୍ୟ, ଧନସମ୍ପତ୍ତି, ପୁତ୍ର-ଦାରାଦି ସମ୍ପଦ ପ୍ରଭୃତି ସାମାନ୍ୟ ସାମାନ୍ୟ ଗୁଣଗୁଡ଼ିକ ମନ୍ତ୍ରସିଦ୍ଧି ପ୍ରଥମାବସ୍ଥାରେ ଲାଭ ହୋଇଥାଏ ।

ମୋଟ କଥା, ଯୋଗସାଧନା ଓ ମନ୍ତ୍ରସାଧନାରେ କୌଣସି ପ୍ରଭେଦ ନାହିଁ, କାରଣ ଉଦ୍ଦେଶ୍ୟ ଓ ସ୍ଥାନ ଏକ, କେବଳ ପଥର ବିଭିନ୍ନତା ମାତ୍ର । ପ୍ରକୃତପକ୍ଷରେ ଯେଉଁମାନେ ପ୍ରକୃତ ମନ୍ତ୍ରସିଦ୍ଧି ଲାଭ କରିଛନ୍ତି, ସେମାନେ ସାକ୍ଷାଦ୍ ଶିବତୁଲ୍ୟ, ଏଥିରେ ଟିକିଏ ହେଲେ ସଂଶୟ ନାହିଁ । ଯଥା—

"ସିଦ୍ଧମନ୍ତ୍ରସ୍ତୁ ଯଃ ସାକ୍ଷାଦ୍ ସ ଶିବୋ ନାତ୍ର ସଂଶୟଃ ॥" (ତନ୍ତ୍ରସାର)

ଅତଏବ, ମନ୍ତ୍ରବିଦ୍ ସାଧକ ପୂର୍ବୋକ୍ତ ଯେ କୌଣସି ପଦ୍ଧତି ଅବଲମ୍ବନପୂର୍ବକ ମନ୍ତ୍ରସିଦ୍ଧି ଲାଭ କରି ଜୀବନ୍ମୁକ୍ତ ଏବଂ ଅନ୍ତିମରେ ଶିବସାଯୁଜ୍ୟ ପ୍ରାପ୍ତ ହେବେ କିମ୍ବା ନିର୍ବାଣ ମୁକ୍ତି ଲାଭ କରିବେ । ଯୁଗଶାସ୍ତ୍ର ଓ ଯୁଗାବତାର ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗ ଦେବ "କଳିକାଳରେ ଏକମାତ୍ର ମନ୍ତ୍ରଜପ ବା ନାମଜପ କଲେ ହିଁ ସର୍ବାଭୀଷ୍ଟ ସିଦ୍ଧି ହେବ, ଏଥିରେ ସନ୍ଦେହ ନାହିଁ" — ଏହି କଥା ପ୍ରଚାର କରି ଯାଇଛନ୍ତି ।

# ତନ୍ତ୍ରର ବ୍ରହ୍ମସାଧନ

**ଯେଉଁ** ତନ୍ତ୍ରଶାସ୍ତ୍ର ବ୍ୟଷ୍ଟି ଦେବଦେବୀଙ୍କଠାରୁ ଆରମ୍ଭ କରି ମୂଳା ବ୍ରହ୍ମଶକ୍ତିଙ୍କ ସ୍ଥୂଳ ସାକାର ଉପାସନା, ପଞ୍ଚ-ତତ୍ତ୍ୱର ସାଧନା, ଗୃହସ୍ଥାଦି ଚତୁରାଶ୍ରମର କର୍ତ୍ତବ୍ୟାକର୍ତ୍ତବ୍ୟ ଓ ଧର୍ମାଧର୍ମ ପ୍ରଭୃତି ସମସ୍ତ ବିଷୟ ବର୍ଣ୍ଣନା କରିଛନ୍ତି, ସେହି ତନ୍ତ୍ରଶାସ୍ତ୍ର କ'ଣ ବ୍ରହ୍ମଜ୍ଞାନ ବିଷୟରେ ଅଦୂରଦର୍ଶୀ ଥିଲେ ? ତନ୍ତ୍ରଶାସ୍ତ୍ର କ'ଣ କେବଳ କେତେଗୁଡ଼ିଏ ସ୍ଥୂଳ ଆନୁଷ୍ଠାନିକ କର୍ମରେ ପରିପୂର୍ଣ୍ଣ ? ତାହା କେବେ ନୁହେଁ । ତନ୍ତ୍ରଶାସ୍ତ୍ର ଆମକୁ ପ୍ରଥମେ ଶୁଣାଇଛନ୍ତି ଯେ, ଏକମାତ୍ର ବ୍ରହ୍ମସଭାବ ହିଁ ଉତ୍ତମ ସାଧନା, ଆଉ ଅନ୍ୟାନ୍ୟ ଭାବ ଅଧମ । ଯଥା —

"ଉତ୍ତମୋ ବ୍ରହ୍ମସଦ୍ଭାବୋ ଧ୍ୟାନଭାବସ୍ତୁ ମଧ୍ୟମଃ ।।" (ମହାନିର୍ବାଣ-ତନ୍ତ୍ର)

ତନ୍ତ୍ରଶାସ୍ତ୍ର ବୁଝାଇଛନ୍ତି ଯେ, ବ୍ରହ୍ମଜ୍ଞାନ ବ୍ୟତୀତ ଅନ୍ୟ କୌଣସି ଉପାୟରେ ମୁକ୍ତିଲାଭ ହୋଇପାରିବ ନାହିଁ । ଯଥା —

"ବିହାୟ ନାମରୂପାଣି ନିତ୍ୟେ ବ୍ରହ୍ମଣି ନିଶ୍ଚଳେ ।
ପରିନିଶ୍ଚିତତତ୍ତ୍ୱୋ ଯଃ ସ ମୁକ୍ତଃ କର୍ମବନ୍ଧନାତ୍ ।।
ନ ମୁକ୍ତିର୍ଜପନାଦ୍ଧୋମାଦୁପବାସଶତୈରପି ।
ବ୍ରହ୍ମୈବାହମିତି ଜ୍ଞାତ୍ୱା ମୁକ୍ତୋ ଭବତି ଦେହଭୃତ୍ ।।
ଆତ୍ମା ସାକ୍ଷୀ ବିଭୁଃ ପୂର୍ଣ୍ଣଃ ସତ୍ୟୋଽଦ୍ୱୈତଃ ପରାତ୍ପରଃ ।
ଦେହସ୍ଥୋଽପି ନ ଦେହସ୍ଥୋ ଜ୍ଞାତ୍ୱୈବଂ ମୁକ୍ତିଭାଗ୍ ଭବେତ୍ ।।
ବାଲକ୍ରୀଡ଼ନବତ୍ ସର୍ବଂ ନାମରୂପାଦିକଳ୍ପନମ୍ ।
ବିହାୟ ବ୍ରହ୍ମନିଷ୍ଠୋ ଯଃ ସ ମୁକ୍ତୋ ନାତ୍ର ସଂଶୟଃ ।।
ମନସା କଳ୍ପିତା ମୂର୍ତ୍ତିର୍ନୃଣାଂ ଚେନ୍ମୋକ୍ଷସାଧନୀ ।
ସ୍ୱପ୍ନଲବ୍ଧେନ ରାଜ୍ୟେଣ ରାଜାନୋ ମାନବାସ୍ତଦା ।।
ମୃଚ୍ଛିଳାଧାତୁଦାର୍ବାଦିମୂର୍ତ୍ତାବୀଶ୍ୱରବୁଦ୍ଧୟଃ ।
କ୍ଲିଶ୍ୟନ୍ତି ତପସା ଜ୍ଞାନଂ ବିନା ମୋକ୍ଷଂ ନ ଯାନ୍ତି ତେ ।।
ଆହାରସଂଯମକ୍ଲିଷ୍ଟା ଯଥେଷ୍ଟାହାରତୁନ୍ଦିଳାଃ ।
ବ୍ରହ୍ମଜ୍ଞାନବିହୀନାଶ୍ଚେନ୍ନିଷ୍କୃତିଂ ତେ ବ୍ରଜନ୍ତି କିମ୍ ?

ବାୟୁପର୍ଣ୍ଣକଣାତୋୟବ୍ରତିନୋ ମୋକ୍ଷଭାଗିନଃ ।
ସନ୍ତି ଚେତ୍ ପନ୍ନଗା ମୁକ୍ତାଃ ପଶୁପକ୍ଷିଜଳେଚରାଃ ।।"(ମହାନିର୍ବାଣତନ୍ତ୍ର)

ଯେଉଁ ବ୍ୟକ୍ତି ନାମ ଓ ରୂପ ପରିତ୍ୟାଗ କରି ନିତ୍ୟ ନିଶ୍ଚଳ ବ୍ରହ୍ମତତ୍ତ୍ୱ ବିଦିତ ହୋଇପାରନ୍ତି, ତାଙ୍କୁ ଆଉ କର୍ମବନ୍ଧନରେ ଆବଦ୍ଧ ହେବାକୁ ପଡ଼େ ନାହିଁ । ଜପ, ହୋମ ଓ ବହୁଶତ ଉପବାସରେ ମୁକ୍ତି ଲାଭ ହୁଏ ନାହିଁ । କିନ୍ତୁ "ମୁଁ ବ୍ରହ୍ମ"— ଏହି ଜ୍ଞାନ ଲାଭ ହେଲେ, ଦେହୀର ମୁକ୍ତି ହୋଇଥାଏ । ଆତ୍ମା ସାକ୍ଷୀସ୍ୱରୂପ, ବିଭୁ, ପୂର୍ଣ୍ଣ, ସତ୍ୟ, ଅଦ୍ୱୈତ ଓ ପରାତ୍ପର — ଯଦି ଏହି ଜ୍ଞାନ ସ୍ଥିରତର ହୁଏ, ତାହାହେଲେ ଜୀବର ମୁକ୍ତି ଲାଭ ହୁଏ । ରୂପ ଓ ନାମାଦି କଳ୍ପନା ବାଳକର କ୍ରୀଡ଼ା ସଦୃଶ । ଯେ ବାଲ୍ୟକ୍ରୀଡ଼ା ପରିତ୍ୟାଗ କରି ବ୍ରହ୍ମନିଷ୍ଠ ହୋଇପାରନ୍ତି, ସେ ନିଃସନ୍ଦେହରେ ମୁକ୍ତିଲାଭର ଅଧିକାରୀ । ଯଦି ମନଃକଳ୍ପିତ ମୂର୍ତ୍ତି ମନୁଷ୍ୟର ମୋକ୍ଷସାଧନୀ ହୁଏ, ତେବେ ସ୍ୱପ୍ନ-ଲବ୍ଧ ରାଜ୍ୟରେ ମଧ୍ୟ ଲୋକମାନେ ରାଜା ହୋଇପାରନ୍ତି । ମୃତ୍ତିକା, ଶିଳା, ଧାତୁ ଓ କାଷ୍ଠାଦି ନିର୍ମିତ ମୂର୍ତ୍ତିରେ ଈଶ୍ୱର ଜ୍ଞାନରେ ଯେଉଁମାନେ ଆରାଧନା କରନ୍ତି, ସେମାନେ ବୃଥା କଷ୍ଟ ପାଇଥା'ନ୍ତି । କାରଣ ଜ୍ଞାନୋଦୟ ନ ହେଲେ ମୁକ୍ତିଲାଭ ହୁଏ ନାହିଁ । ଲୋକମାନେ ଆହାର ସଂଯମ କରି କ୍ଲିଷ୍ଟ ଦେହ କିମ୍ବା ଆହାର ଗ୍ରହଣ କରି ପୂର୍ଣ୍ଣୋଦର ହୁଅନ୍ତୁ, କିନ୍ତୁ ବ୍ରହ୍ମଜ୍ଞାନ ନ ହେଲେ, କେବେହେଲେ ମୁକ୍ତିଲାଭ ହୋଇପାରିବ ନାହିଁ, ବାୟୁ, ପର୍ଣ୍ଣ, କଣା ବା କେବଳ ଜଳପାନ ପୂର୍ବକ ବ୍ରତଧାରଣ କଲେ ଯଦି ମୋକ୍ଷ ଲାଭ ହେଉଥା'ନ୍ତା, ତାହାହେଲେ ସର୍ପ, ପଶୁ, ପକ୍ଷୀ ଓ ଜଳଚର ଜନ୍ତୁ ସମସ୍ତେ ହିଁ ମୁକ୍ତ ହୋଇପାରୁଥା'ନ୍ତେ ।

ପାଠକେ ! ଦେଖିଲ ତ, ତନ୍ତ୍ରଶାସ୍ତ୍ରର ଏହି ବାକ୍ୟଗୁଡ଼ିକରେ କିଭଳି ଅମୂଲ୍ୟ ଉପଦେଶ ନିହିତ ଅଛି । ବେଦାନ୍ତ, ଉପନିଷଦ୍ ଗ୍ରନ୍ଥପରି ତନ୍ତ୍ରଶାସ୍ତ୍ର ମଧ୍ୟ ବିଶେଷ ଭାବରେ କହିଛନ୍ତି ଯେ, ବ୍ରହ୍ମଜ୍ଞାନ ବ୍ୟତୀତ ଅନ୍ୟ କୌଣସି ଉପାୟରେ ଜୀବ ମୁକ୍ତିଲାଭ କରିପାରେ ନାହିଁ । ତେବେ ତନ୍ତ୍ରରେ ସ୍ଥୂଳ କର୍ମାନୁଷ୍ଠାନର ବ୍ୟବସ୍ଥା ରହିଛି କାହିଁକି ? ତାହାର ଉତ୍ତରରେ ମୁଁ ପୂର୍ବରୁ କହିଅଛି ଯେ, ଶାସ୍ତ୍ରର ଉପଦେଶ ସାର୍ବଜନୀନ । କେବଳ ମାତ୍ର ସମାଜର କେତେ ଜଣ ଉନ୍ନତହୃଦୟ ବ୍ୟକ୍ତିଙ୍କ ନିମିତ୍ତ ଶାସ୍ତ୍ର ପ୍ରଣୀତ ହୋଇନାହିଁ । ଅଧିକାରାନୁଯାୟୀ

ଯହିଁରେ ସବୁପ୍ରକାର ଜନସାଧାରଣ ଶାସ୍ତ୍ରୋପଦେଶରେ କ୍ରମୋନ୍ନତି ଅବଲମ୍ବନ ପୂର୍ବକ ଅଗ୍ରସର ହୋଇପାରନ୍ତି, ତନ୍ତ୍ରରେ ତାହାର ବ୍ୟବସ୍ଥା ରହିଛି । ସୁତରାଂ ବ୍ରହ୍ମସାଧନ ବ୍ୟତୀତ ତନ୍ତ୍ରର ଯାବତୀୟ ସାଧନାର ବିଧିବ୍ୟବସ୍ଥା ସମସ୍ତ ହିଁ କର୍ମାନୁଜୀବୀ ମନୁଷ୍ୟମାନଙ୍କ ନିମିତ୍ତ ଉଦ୍ଦିଷ୍ଟ । ଯଥା —

**''ଯତ୍ ଯଦ୍ ପୃଷ୍ଟଂ ମହାମାୟେ ନୃଣାଂ କର୍ମାନୁଜୀବିନାମ୍ ।**
**ନିଃଶ୍ରେୟସାୟ ତଦ୍ ସର୍ବଂ ସବିଶେଷଂ ପ୍ରକୀର୍ତ୍ତିତମ୍ ॥''**

**— ମହାନିର୍ବାଣ-ତନ୍ତ୍ର**

ହେ ମହାମାୟେ ! କର୍ମାନୁଜୀବୀ ମନୁଷ୍ୟମାନଙ୍କ ନିମିତ୍ତ ତୁମେ ମୋତେ ଯାହା ପ୍ରଶ୍ନ କଲ, ମୁଁ ସେ ସମସ୍ତର ଉତ୍ତର ବିସ୍ତାରିତ ଭାବରେ ଦେଲି, କାରଣ ଜୀବସକଳ କର୍ମ ବ୍ୟତୀତ କ୍ଷଣାର୍ଦ୍ଧ ଅବସ୍ଥାନ କରିପାରିବେ ନାହିଁ । ସେମାନଙ୍କର କର୍ମବାସନା ନଥିଲେ ମଧ୍ୟ ସେମାନଙ୍କୁ କର୍ମବାୟୁ ଆକର୍ଷଣ କରିଥାଏ । କର୍ମପ୍ରଭାବରେ ଜୀବ ସୁଖ ଓ ଦୁଃଖ ଭୋଗ କରେ । କର୍ମବଶରେ ଜୀବର ଉତ୍ପତ୍ତି ଓ ବିଲୟ ଘଟେ । ସେଥିପାଇଁ ତନ୍ତ୍ରଶାସ୍ତ୍ର ଅଳ୍ପ-ବୁଦ୍ଧିବିଶିଷ୍ଟ ବ୍ୟକ୍ତିମାନଙ୍କ ପ୍ରବୃତ୍ତିର ଉତ୍ତେଜନା ଓ ଦୁଷ୍ପ୍ରବୃତ୍ତିର ନିବୃତ୍ତି ନିମିତ୍ତ ସାଧନ-ସମନ୍ୱିତ ବହୁବିଧ କର୍ମ ବିଷୟ ଉଲ୍ଲେଖ କରିଛନ୍ତି ।

ଏହି କର୍ମ ସକଳ ଶୁଭ ଓ ଅଶୁଭ ଭେଦରେ ଦ୍ୱିବିଧ । ତନ୍ମଧ୍ୟରେ ଅଶୁଭ କର୍ମାନୁଷ୍ଠାନ କରି ପ୍ରାଣୀମାନେ ତୀବ୍ର ଯାତନା ଭୋଗ କରିଥା'ନ୍ତି । ପୁଣି ଫଳବାସନାରେ ଯେଉଁମାନେ ଶୁଭ କର୍ମରେ ପ୍ରବୃତ୍ତ ହୁଅନ୍ତି, ସେମାନେ ମଧ୍ୟ କର୍ମଶୃଙ୍ଖଳରେ ଆବଦ୍ଧ ହୋଇ ଇହଲୋକ ଓ ପରଲୋକରେ ବାରମ୍ବାର ଯାତାୟାତ କରିଥା'ନ୍ତି । ଯେତେଦିନଯାଏ ଜୀବର ଶୁଭ ବା ଅଶୁଭ କର୍ମର କ୍ଷୟ ନ ହୋଇଛି, ସେତେଦିନଯାଏ ଶତ ଜନ୍ମରେ ମଧ୍ୟ ମୁକ୍ତିଲାଭ ହୋଇପାରେ ନାହିଁ । ପଶୁ ଯେପରି ଲୌହ ଶୃଙ୍ଖଳ ବା ସ୍ୱର୍ଣ୍ଣଶୃଙ୍ଖଳରେ ଆବଦ୍ଧ ହୁଏ, ସେହିପରି ଜୀବ ଲୌହ ବା ସ୍ୱର୍ଣ୍ଣ ଶୃଙ୍ଖଳରେ ଆବଦ୍ଧ ହୋଇଥାଏ । ଯେତେ ଦିନ ଯାଏ ଜ୍ଞାନ ଉଦୟ ହୋଇ ନ ପାରିଛି, ସେତେ ଦିନ ଯାଏ ଜୀବ ସର୍ବଦା କର୍ମାନୁଷ୍ଠାନ କଲେ ସୁଦ୍ଧା ଏବଂ ଶତ କଷ୍ଟ ସ୍ୱୀକାର କଲେ ମଧ୍ୟ ତାହାର ମୋକ୍ଷଲାଭ ହୁଏ ନାହିଁ । ଯେଉଁମାନେ

ନିର୍ମଳସ୍ୱଭାବ ଓ ଜ୍ଞାନବାନ୍, ତତ୍ତ୍ୱବିଚାର ବା ନିଷ୍କାମ କର୍ମ ଦ୍ୱାରା ସେମାନଙ୍କର ତତ୍ତ୍ୱଜ୍ଞାନ ପ୍ରକାଶିତ ହୋଇଥାଏ । ବ୍ରହ୍ମଙ୍କଠାରୁ ଆରମ୍ଭ କରି ତୃଣ ପର୍ଯ୍ୟନ୍ତ ଜଗତର ଯାବତୀୟ ପଦାର୍ଥ ମାୟା ଦ୍ୱାରା କଳ୍ପିତ ହୋଇଅଛି । କେବଳ ଏକମାତ୍ର ବ୍ରହ୍ମ ହିଁ ସତ୍ୟ, ଏତିକି ଜାଣିପାରିଲେ, ମୁକ୍ତିଲାଭ ହୁଏ ।

ଏପର୍ଯ୍ୟନ୍ତ ଯାହାସବୁ ଆଲୋଚନା କରାଗଲା, ତାହାପରେ କେହି ବୋଧହୁଏ ତନ୍ତ୍ରଶାସ୍ତ୍ରକୁ ବ୍ରହ୍ମଜ୍ଞାନହୀନ କେତେଗୁଡ଼ିଏ ଆଡ଼ମ୍ବରପୂର୍ଣ୍ଣ କର୍ମାନୁଷ୍ଠାନର ପଦ୍ଧତିପୂର୍ଣ୍ଣ ଶାସ୍ତ୍ର ବୋଲି ଉପେକ୍ଷା କରିବେ ନାହିଁ । **ତନ୍ତ୍ରର ପ୍ରଧାନ ଉଦ୍ଦେଶ୍ୟ, ଜୀବ ବ୍ରହ୍ମଜ୍ଞାନ ଲାଭ କରି ମୁକ୍ତ ହେଉ ।** ତେବେ ସେହି ଜ୍ଞାନ ଲାଭ କରିବା ନିମିତ୍ତ କେବଳ ବ୍ରହ୍ମଭାବରେ ଭାବିବାକୁ ଗଲେ ତାହା କ'ଣ ସାଧନ ହୋଇପାରିବ ? ତତ୍ତ୍ୱଜ୍ଞାନ ଲାଭ ହିଁ ସବୁଠାରୁ ଅତିଶୟ କଠିନ । ଯେଉଁମାନେ ଅଧ୍ୟାତ୍ମ ବିଷୟରେ ମୂର୍ଖ, ସେମାନେ କିପରି ବା ସେହି ଭାବକୁ ଅନୁଭବ କରିପାରିବେ ? ମୂର୍ଖ ବ୍ୟକ୍ତି ପକ୍ଷରେ କାବ୍ୟର ରସଗ୍ରହଣ କରାଇବାକୁ ଗଲେ ଯେପରି ପ୍ରଥମେ ବର୍ଣ୍ଣ-ପରିଚୟଠାରୁ ଆରମ୍ଭ କରି ବ୍ୟାକରଣ ପ୍ରଭୃତି ଶିକ୍ଷା କରିବାକୁ ପଡ଼େ, ସେହିପରି ଯେଉଁମାନେ ଅଧ୍ୟାତ୍ମତତ୍ତ୍ୱ ବିଷୟରେ ଅନଭିଜ୍ଞ, ସେମାନଙ୍କୁ ମଧ୍ୟ ଦେବତାପୂଜାଠାରୁ ଆରମ୍ଭକରି କ୍ରମେ ବ୍ରହ୍ମୋପାସନାର ଉଚ୍ଚ ସୋପାନକୁ ଉଠିବାକୁ ପଡ଼େ । ଦେବତା ସୂକ୍ଷ୍ମ ଅଦୃଷ୍ଟ ଶକ୍ତି । ଅଦୃଷ୍ଟ-ଶକ୍ତିକୁ ଜୟ କରି ନ ପାରିଲେ, ବ୍ରହ୍ମୋପାସନା କିପରି ବା କରାଯାଇପାରିବ ? କିନ୍ତୁ ଦେବତାଙ୍କ ଆରାଧନା କଲେ ଜୀବ ମୁକ୍ତିଲାଭ କରିବ, ଏକଥା ତନ୍ତ୍ରଶାସ୍ତ୍ରରେ କୌଣସି ସ୍ଥାନରେ ଉଲ୍ଲେଖ ନାହିଁ । ଦେବତା ଆରାଧନା କଲେ, କେବଳ ମୁକ୍ତି ପଥରେ ଅଗ୍ରଗତି କରିପାରିବ, ଏତିକି ମାତ୍ର । ତେଣୁ ଅଧିକାରୀ ଭେଦରେ ସାଧନଭେଦ ନିରୂପଣ କରି ଉନ୍ନତି ଦିଗରେ ଅଗ୍ରସର ହେବାକୁ ପଡ଼େ । ଏହିଭଳି ଭାବରେ କର୍ମ କ୍ଷୟ କରି ବ୍ରହ୍ମଜ୍ଞାନର ଅଧିକାର ଅର୍ଜ୍ଜନ କରିବାକୁ ହୁଏ । ତନ୍ତ୍ରଶାସ୍ତ୍ରରେ ସେହି ଅଧିକାର ବିଷୟ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି । ଯଥା —

**''ଯୋଗୋ ଜୀବାତ୍ମନୋରୈକ୍ୟଂ ପୂଜନଂ ସେବକେଶୟୋଃ ।**
**ସର୍ବଂ ବ୍ରହ୍ମେତି ବିଦୁଷୋ ନ ଯୋଗୋ ନ ଚ ପୂଜନମ୍ ॥**

ବ୍ରହ୍ମଜ୍ଞାନଂ ପରଂ ଜ୍ଞାନଂ ଯସ୍ୟ ଚିତ୍ତେ ବିରାଜତେ ।
କିନ୍ତସ୍ୟ ଜପଯଜ୍ଞାଦ୍ୟୈସ୍ତପୋଭିର୍ନିୟମବ୍ରତୈଃ ॥
ସତ୍ୟଂ ବିଜ୍ଞାନମାନନ୍ଦମେକଂ ବ୍ରହ୍ମେତି ପଶ୍ୟତଃ ।
ସ୍ୱଭାବାଦ୍ ବ୍ରହ୍ମଭୂତସ୍ୟ କିଂ ପୂଜା-ଧ୍ୟାନ-ଧାରଣା ॥
ନ ପାପଂ ନୈବ ସୁକୃତିଂ ନ ସ୍ୱର୍ଗୋ ନ ପୁନର୍ଭବଃ ।
ନାପି ଧ୍ୟେୟୋ ନ ବା ଧ୍ୟାତା ସର୍ବଂ ବ୍ରହ୍ମେତି ଜାନତଃ ॥
ଅୟମାତ୍ମା ସଦା ମୁକ୍ତୋ ନିର୍ଲିପ୍ତଃ ସର୍ବବସ୍ତୁଷୁ ।
କିଂ ତସ୍ୟ ବନ୍ଧନଂ କସ୍ମାନ୍ମୁକ୍ତିମିଛନ୍ତି ଦୁର୍ଜନାଃ ॥'' (ମହାନିର୍ବାଣ-ତନ୍ତ୍ର)

ଜୀବ ଓ ଆତ୍ମାର ଏକୀକରଣର ନାମ ଯୋଗ, ସେବକ ଏବଂ ଈଶ୍ୱରଙ୍କ ଐକ୍ୟପୂଜାର ନାମ ଯୋଗ । କିନ୍ତୁ ଦୃଶ୍ୟମାନ ସମସ୍ତ ପଦାର୍ଥ ହିଁ ବ୍ରହ୍ମ, ଏହି ପ୍ରକାର ଜ୍ଞାନ ଜାତ ହେଲେ, ଯୋଗ ବା ପୂଜାର କିଛି ମାତ୍ର ପ୍ରୟୋଜନ ନାହିଁ । ଯାହାଙ୍କ ଅନ୍ତରରେ ପରବ୍ରହ୍ମଜ୍ଞାନ ବିରାଜିତ, ତାଙ୍କର ଜପ, ଯଜ୍ଞ, ତପସ୍ୟା, ନିୟମ ଓ ବ୍ରତାଦିର ପ୍ରୟୋଜନ ନାହିଁ । ଯେ ସର୍ବଠାରେ ନିତ୍ୟ, ବିଜ୍ଞାନ ଓ ଆନନ୍ଦସ୍ୱରୂପ ଅଦ୍ୱିତୀୟ ବ୍ରହ୍ମପଦାର୍ଥ ଦର୍ଶନ କରିଛନ୍ତି, ସ୍ୱଭାବତଃ ବ୍ରହ୍ମଭୂତ୍ ବୋଲି ତାଙ୍କର ପୂଜା ଓ ଧ୍ୟାନଧାରଣାଦିର ଆବଶ୍ୟକତା ନାହିଁ । ସମସ୍ତ ହିଁ ବ୍ରହ୍ମମୟ, ଏହି ଜ୍ଞାନ ଜାତ ହେଲେ ପାପ, ପୁଣ୍ୟ, ସ୍ୱର୍ଗ, ପୁନର୍ଜନ୍ମ, ଧ୍ୟେୟବସ୍ତୁ ଓ ଧ୍ୟାତାଙ୍କର ପ୍ରୟୋଜନ ରହେ ନାହିଁ । ଏହି ଆତ୍ମା ସର୍ବଦା ବିମୁକ୍ତ ଓ ସମସ୍ତ ବସ୍ତୁରେ ନିର୍ଲିପ୍ତ, ଏହି ଜ୍ଞାନ ଜାତ ହେଲେ, ଆଉ କର୍ମବନ୍ଧନ ବା ମୁକ୍ତିଲାଭ ବାକି ରହିଲା କେଉଁଠି ?

ବର୍ତ୍ତମାନ ବୋଧହୁଏ ପାଠକମାନେ ବୁଝିପାରିଛନ୍ତି ଯେ, ଆତ୍ମଜ୍ଞାନ ଲାଭ ହିଁ ତନ୍ତ୍ରର ଚରମଉଦ୍ଦେଶ୍ୟ ଏବଂ ସେହି ଆତ୍ମଜ୍ଞାନ ଲାଭ ହେଲେ, ଆଉ ପୂଜାଦିର କିଛି ମାତ୍ର ପ୍ରୟୋଜନ ହୁଏନାହିଁ । କିନ୍ତୁ ଯେତେ ଦିନ ଯାଏ ସେହି ଆତ୍ମଜ୍ଞାନ ଲାଭ ନ ହୋଇଛି, ସେ ପର୍ଯ୍ୟନ୍ତ ପୂଜାଦିର ପ୍ରୟୋଜନ ଅଛି । ଅନ୍ଧକାର ମଧ୍ୟରେ କୌଣସି ପଦାର୍ଥର ଅନୁସନ୍ଧାନ କରିବା ନିମିତ୍ତ ଆଲୋକର ପ୍ରୟୋଜନ ହୁଏ, ସେହି ପଦାର୍ଥ ପାଇଗଲା ପରେ ଆଉ ଆଲୋକର ଆବଶ୍ୟକତା ରହେନାହିଁ । ଯଥା —

''ଅମୃତେନ ହିଁ ତୃପ୍ତସ୍ୟ ପୟସା କିଂ ପ୍ରୟୋଜନମ୍ ॥'' (ଉତ୍ତର-ଗୀତା)

ଯେଉଁ ବ୍ୟକ୍ତି ଅମୃତପାନରେ ତୃପ୍ତି ଲାଭ କରିଛନ୍ତି, ଦୁଗ୍‌ଧରେ ଆଉ ତାଙ୍କର କି ପ୍ରୟୋଜନ ? ସୁତରାଂ ସାଧକମାନେ ପ୍ରଥମେ ତନ୍ତ୍ରୋକ୍ତ ଦୀକ୍ଷା ଗ୍ରହଣ କରିବା ପରେ ପୂର୍ବୋକ୍ତ କ୍ରମରେ ଜପ ପୂଜାଦି କରି ଯେତେବେଳେ ସେମାନଙ୍କର କର୍ମକ୍ଷୟ ହୋଇ ଜ୍ଞାନର ବିକାଶ ହେବ, ସେତେବେଳେ ବ୍ରହ୍ମସାଧନ କରିବାକୁ ହେବ । ଯେ ପୂର୍ଣ୍ଣ ଦୀକ୍ଷା ଲାଭ କରିଛନ୍ତି, ସେହି ବ୍ୟକ୍ତି ହିଁ ବ୍ରହ୍ମ ଉପାସନାର ଅଧିକାରୀ । ବ୍ରହ୍ମସାଧନାର କ୍ରମ ହେଲା —

ଶାକ୍ତ,ଶୈବ, ବୈଷ୍ଣବ, ସୌର ଓ ଗାଣପତ୍ୟ — ଏହି ପଞ୍ଚ-ଉପାସକ ଓ ସମସ୍ତ ଜାତି ହିଁ ଏହି ବ୍ରହ୍ମମନ୍ତ୍ରରେ ଅଧିକାରୀ । ମୁକ୍ତି-ଅଭିଳାଷୀ ସାଧକ ବ୍ରହ୍ମଜ୍ଞ-ଗୁରୁଙ୍କ ନିକଟକୁ ଗମନ କରି ତାଙ୍କର ଚରଣ-କମଳ ଧାରଣପୂର୍ବକ ଭକ୍ତିଭାବରେ ପ୍ରାର୍ଥନା କରିବେ —

"କରୁଣାମୟ ଦୀନେଶ ତବାହଂ ଶରଣଂ ଗତଃ ।
ତ୍ୱତ୍‌ପଦାମ୍ଭୋରୁହଚ୍ଛାୟାଂ ଦେହି ମୂର୍ଦ୍ଧ୍ନି ଯଶୋଧନ ।।"*

ଏହିଭଳି ପ୍ରାର୍ଥନା କରି ଶିଷ୍ୟ ଗୁରୁଦେବଙ୍କର ଯଥାଶକ୍ତି ପୂଜା କରିବେ । ପରେ ଗୁରୁଦେବଙ୍କ ସମ୍ମୁଖରେ କୃତାଞ୍ଜଳିପୁଟରେ ତୂଷ୍ଣୀମ୍ଭୂତ ହୋଇ ରହିବେ ।

ଗୁରୁଦେବ ସେତେବେଳେ ଯଥା ବିଧାନରେ ଯଥୋକ୍ତ ଶିଷ୍ୟ ଲକ୍ଷଣ ପରୀକ୍ଷା ପୂର୍ବକ ପୂର୍ବମୁଖ ବା ଉତ୍ତରମୁଖ ହୋଇ ଆସନରେ ଉପବେଶନ କରି ଶିଷ୍ୟକୁ ଆପଣାର ବାମଭାଗରେ ବସାଇ କରୁଣାପୂର୍ଣ୍ଣ ହୃଦୟରେ ଅବଲୋକନ କରିବେ । ଏହାପରେ ଗୁରୁଦେବ ସାଧକଙ୍କ ଇଷ୍ଟସିଦ୍ଧି ନିମିତ୍ତ ଋଷିନ୍ୟାସ କରି ଶିଷ୍ୟଙ୍କ ମସ୍ତକରେ ଶହେ ଆଠଥର ମନ୍ତ୍ର ଜପ କରିବେ । ବ୍ରାହ୍ମଣ ଶିଷ୍ୟଙ୍କ ଦକ୍ଷିଣ କର୍ଣ୍ଣରେ, ଅନ୍ୟ ଜାତିର ଶିଷ୍ୟଙ୍କ ବାମ କର୍ଣ୍ଣରେ ସାତଥର **"ଓଁ ସଚ୍ଚିଦେକଂ ବ୍ରହ୍ମ"** — ଏହି ମନ୍ତ୍ର ଶୁଣାଇବେ । ଏଥିରେ ପୂଜାଦିର ଆବଶ୍ୟକତା ନାହିଁ । କେବଳ ମାତ୍ର ମାନସିକ ସଂକଳ୍ପ କରିବାକୁ ହେବ ।

---

* ହେ କରୁଣାମୟ ! ହେ ଦୀନଜନ-ଈଶ୍ୱର ! ମୁଁ ଆପଣଙ୍କର ଶରଣାଗତ ହେଲି । ହେ ଯଶୋଧନ ! ଆପଣ ମୋ ମସ୍ତକରେ ଆପଣଙ୍କ ଚରଣକମଳର ଛାୟା ପ୍ରଦାନ କରନ୍ତୁ ।

ତାହା ପରେ ଶିଷ୍ୟ ଗୁରୁଦେବଙ୍କ ପାଦପଦ୍ମରେ ଦଣ୍ଡବତ୍ ପତିତ ହେଲେ ଗୁରୁ ସ୍ନେହଯୁକ୍ତ ହୋଇ —

**''ଉତ୍ତିଷ୍ଠ ବତ୍ସ ମୁକ୍ତୋଽସି ବ୍ରହ୍ମଜ୍ଞାନପରୋ ଭବ ।**
**ଜିତେନ୍ଦ୍ରିୟଃ ସତ୍ୟବାଦୀ ବଳାରୋଗ୍ୟଂ ସଦାସ୍ତୁ ତେ ।।''***

ଏହି ମନ୍ତ୍ର ପାଠ କରି ଶିଷ୍ୟକୁ ଉଠାଇଦେବେ । ଏହାପରେ ସେହି ସାଧକଶ୍ରେଷ୍ଠ ଉତ୍ଥିତ ହୋଇ ଶ୍ରୀଗୁରୁଙ୍କୁ ଯଥାଶକ୍ତି ଦକ୍ଷିଣା ପ୍ରଦାନ କରିବେ । ପରେ ଗୁରୁଦେବଙ୍କ ଆଜ୍ଞା ଗ୍ରହଣ କରି ଦେବତାଙ୍କ ପରି ଭୂମଣ୍ଡଳରେ ବିଚରଣ କରିବେ ।

ଯେ ବ୍ରହ୍ମମନ୍ତ୍ର ଗ୍ରହଣ କରନ୍ତି, ତାଙ୍କର ଆତ୍ମା ମନ୍ତ୍ର ଗ୍ରହଣ କରିବା ମାତ୍ରକେ ତନ୍ମୟ ହୋଇଯାଏ । ସତ୍, ଚିତ୍, ଆନନ୍ଦ ସ୍ୱରୂପ ପରବ୍ରହ୍ମ, ସ୍ୱରୂପ-ଲକ୍ଷଣ ଓ ତଟସ୍ଥ-ଲକ୍ଷଣ ଦ୍ୱାରା ଯଥାଯଥ ଭାବରେ ଜ୍ଞେୟ ହୁଅନ୍ତି । ତେବେ ଯେଉଁମାନେ ଶରୀରନିଷ୍ଠ ଆତ୍ମତ୍ୱବୁଦ୍ଧି-ରହିତ ଏବମ୍ଭୂତ ଯୋଗୀମାନଙ୍କ କର୍ତ୍ତୃକ ସମାଧି-ଯୋଗ ଦ୍ୱାରା - ଯେ ସତ୍ତାମାତ୍ର, ନିର୍ବିଶେଷ ଏବଂ ବାକ୍ୟମନର ଅଗୋଚର, ଯାହାଙ୍କ ସତ୍ତାରେ ମିଥ୍ୟାଭୂତ ତ୍ରିଲୋକୀର ସତ୍ୟତ୍ୱ ପ୍ରତୀତି ହୁଏ, ସେହି ପରଂବ୍ରହ୍ମଙ୍କ ସ୍ୱରୂପ ବିଦିତ ହୁଅନ୍ତି । ଏହିଭଳି ସ୍ୱରୂପ ଲକ୍ଷଣଦ୍ୱାରା ବ୍ରହ୍ମଙ୍କୁ ଜାଣିପାରିଲେ ଆଉ ସାଧନାର ଅପେକ୍ଷା ରହେ ନାହିଁ, କେବଳ ବ୍ରହ୍ମଭାବରେ ତନ୍ମୟ ହୋଇ ସାଧକ ଯଦୃଚ୍ଛାକ୍ରମରେ ଭୂମଣ୍ଡଳରେ ବିଚରଣ କରିପାରନ୍ତି । ସେଥିରେ ଉପଦେଶ ଉପନିଷଦ୍ ଓ ବେଦାନ୍ତାଦି ଶାସ୍ତ୍ରରେ ବର୍ଣ୍ଣିତ ହୋଇଅଛି । ସନ୍ନ୍ୟାସ ହିଁ ଏହାର ଏକମାତ୍ର ସାଧନା ।** ପୁଣି ଯାହାଙ୍କଠାରୁ ଏହି ବିଶ୍ୱ ଉତ୍ପନ୍ନ ହୋଇଅଛି, ଜାତ-ବିଶ୍ୱ ଯାହାଙ୍କଠାରେ ଅବସ୍ଥାନ କରୁଅଛି ଏବଂ ପ୍ରଳୟ କାଳରେ ଏହି ଚରାଚର ଜଗତ୍ ଯାହାଙ୍କଠାରେ ଲୟପ୍ରାପ୍ତ ହେବ, ସେହି ବ୍ରହ୍ମ ଏହି ତଟସ୍ଥ ଲକ୍ଷଣଦ୍ୱାରା ବେଦ୍ୟ ବା ପ୍ରତିପାଦିତ ହୁଅନ୍ତି । ଏହିପରି ଭାବରେ ତଟସ୍ଥ-ଲକ୍ଷଣଦ୍ୱାରା ବ୍ରହ୍ମ-

---

* ବତ୍ସ ! ଉଠ, ତୁମେ ମୁକ୍ତ ହୋଇଅଛ, ତୁମେ ବ୍ରହ୍ମଜ୍ଞାନପରାୟଣ ହୁଅ, ତୁମେ ସତ୍ୟବାଦୀ ଓ ଜିତେନ୍ଦ୍ରିୟ ହୁଅ, ସର୍ବଦା ତୁମର ବଳ ଓ ଆରୋଗ୍ୟ ଅକ୍ଷତ ଅବସ୍ଥାରେ ରହୁ ।

** ମତ୍ପ୍ରଣୀତ ''ପ୍ରେମିକ ଗୁରୁ'' ଗ୍ରନ୍ଥରେ ଏ ବିଷୟ ବିଶଦଭାବରେ ବର୍ଣ୍ଣିତ ହୋଇଅଛି ।

ପ୍ରାପ୍ତି ଇଚ୍ଛା କଲେ, ତାହାର ମଧ୍ୟ ସାଧନପନ୍ଥା ବିହିତ ଅଛି ତଟସ୍ଥଲକ୍ଷଣଦ୍ୱାରା ବେଦ୍ୟ **ବ୍ରହ୍ମଙ୍କ ସାଧନା** ହିଁ ମୁଁ ଏହି ପ୍ରବନ୍ଧରେ ବିବୃତ କରିବି ।

ବ୍ରହ୍ମମନ୍ତ୍ର ଗ୍ରହଣରେ ବା ବ୍ରହ୍ମମନ୍ତ୍ର ସାଧନାରେ କିଛି କଷ୍ଟ ନାହିଁ, ଉପବାସର ଆବଶ୍ୟକତା ନାହିଁ, ଶରୀରସମ୍ବନ୍ଧୀୟ କୌଣସି କଷ୍ଟ ନାହିଁ, ଆଚାରାଦି ନୀତିନିୟମର ଦରକାର କିଛି ନାହିଁ, ଏଥିରେ ବହୁ ଉପଚାରାଦିର ଆବଶ୍ୟକତା ମଧ୍ୟ ନାହିଁ, ଏଥିପାଇଁ ଦିଗ ଓ ସମୟର ମଧ୍ୟ ବିଚାର ନାହିଁ, ମୁଦ୍ରା କିମ୍ବା ନ୍ୟାସର କିଛି ମାତ୍ର ପ୍ରୟୋଜନ ନାହିଁ । ବ୍ରହ୍ମମନ୍ତ୍ରର ତିଥି, ନକ୍ଷତ୍ର, ରାଶି ଓ ଚକ୍ରଗଣନାର ନିୟମ ନାହିଁ ଏବଂ ଏଥିପାଇଁ କୌଣସି ପ୍ରକାର ସଂସ୍କାରର ମଧ୍ୟ ଅପେକ୍ଷା ନାହିଁ । ଏହି ମନ୍ତ୍ର ସର୍ବଦା ସିଦ୍ଧ, ଏଥିରେ କୌଣସି ବିଚାରର ଅପେକ୍ଷା ରହେନାହିଁ ।

**"ବହୁଜନ୍ମାର୍ଜ୍ଜିତୈଃ ପୁଣ୍ୟୈଃ ସଦ୍‌ଗୁରୁର୍ଯଦି ଲଭ୍ୟତେ ।**
**ତଦା ତଦ୍‌ବକ୍ତ୍ରତୋ ଲବ୍‌ଧ୍ୱା ଜନ୍ମସାଫଲ୍ୟମାପ୍ନୁୟାତ୍ ॥"**

**—ମହାନିର୍ବାଣ-ତନ୍ତ୍ର**

ବହୁଜନ୍ମାର୍ଜ୍ଜିତ ପୁଣ୍ୟଫଳରେ ଯଦି ଜୀବ ସଦ୍‌ଗୁରୁ ଲାଭ କରେ, ତେବେ ସେହି ଗୁରୁଙ୍କ ମୁଖରୁ ନିର୍ଗତ ଏହି ମନ୍ତ୍ର ଲାଭ କରିପାରିଲେ, ତତ୍‌କ୍ଷଣାତ୍ ଜନ୍ମ ସଫଳ ହୁଏ ।

ଏହି ବ୍ରହ୍ମମନ୍ତ୍ର ଗ୍ରହଣ କରିବା ମାତ୍ରକେ ଦେହୀ ବ୍ରହ୍ମମୟ ହୋଇଯାଏ । ସୁତରାଂ ତାହାର ସନ୍ଧ୍ୟା,ଆହ୍ନିକ, ସାଧନାନ୍ତର, ଶ୍ରାଦ୍ଧ, ତର୍ପଣାଦିର ଆବଶ୍ୟକତା ରହେ ନାହିଁ । ତାହାର କୁଳ ଆପଣା ମନକୁ ପବିତ୍ର ହୋଇଥାଏ, ପିତୃଲୋକମାନେ ଆନନ୍ଦରେ ନୃତ୍ୟ କରନ୍ତି । ସେହି ସାଧନାର କ୍ରମ ନିମ୍ନରେ ବର୍ଣ୍ଣିତହେଲା ।

ବ୍ରହ୍ମମନ୍ତ୍ରର ଋଷି ସଦାଶିବ, ଛନ୍ଦ ଅନୁଷ୍ଟୁପ୍, ଏହି ମନ୍ତ୍ରର ଦେବତା ନିର୍ଗୁଣ ସର୍ବାନ୍ତର୍ଯ୍ୟାମୀ ପରବ୍ରହ୍ମ ଏବଂ ଚତୁର୍ବର୍ଗ ଫଳପ୍ରାପ୍ତି ନିମିତ୍ତ ଏହା ବିନିଯୋଗ କରିବା ଦରକାର । ସାଧକ ପ୍ରଥମେ ସମାହିତଚିତ୍ତରେ ଉପବେଶନ କରି ଋଷ୍ୟାଦି ନ୍ୟାସ କରିବା ଆବଶ୍ୟକ । ଯଥା- **"ଶିରସି ସଦାଶିବାୟ ଋଷୟେ ନମଃ —ମୁଖେ ଅନୁଷ୍ଟୁପ୍‌ଛନ୍ଦସେ ନମଃ —ହୃଦି ସର୍ବାନ୍ତର୍ଯ୍ୟାମୀ-ନିର୍ଗୁଣ-ପରବ୍ରହ୍ମଣେ ଦେବତାୟୈ**

ନମଃ-ଧର୍ମାର୍ଥକାମମୋକ୍ଷା ବାପ୍ତୟେ ବିନିଯୋଗଃ ।'' ଅନନ୍ତର ''ଓଁ ସଚ୍ଚିଦେକଂ ବ୍ରହ୍ମ'' — ଏହି ପଦ କେତୋଟି କ୍ରମାନ୍ୱୟରେ ଉଚ୍ଚାରଣ କରି ସମାହିତ ଚିତ୍ତରେ କରନ୍ୟାସ ଓ ଅଙ୍ଗନ୍ୟାସ କରିବାକୁ ହେବ । ତାପରେ ମୂଳମନ୍ତ୍ର ବା ପ୍ରଣବ ଜପ କରୁ କରୁ ୮/୩୨/୧୬ ସଂଖ୍ୟାରେ ତିନି ଥର ପ୍ରାଣାୟାମ କରିବାକୁ ହେବ । ଅନନ୍ତର —

''ହୃଦୟକମଳମଧ୍ୟେ ନିର୍ବିଶେଷଂ ନିରୀହମ୍ ।
ହରିହରବିଧିବେଦ୍ୟଂ ଯୋଗିଭିର୍ଧ୍ୟାନଗମ୍ୟମ୍ ॥
ଜନନମରଣଭୀତିଭ୍ରଂଶି ସଚ୍ଚିତ୍-ସ୍ୱରୂପମ୍ ।
ସକଳ-ଭୁବନବୀଜଂ ବ୍ରହ୍ମଚୈତନ୍ୟମୀଡ଼େ ॥'' *

ଏହି ଧ୍ୟାନମନ୍ତ୍ର ପାଠପୂର୍ବକ ଚୈତନ୍ୟସ୍ୱରୂପ ବ୍ରହ୍ମଙ୍କୁ ହୃଦୟକମଳ ମଧ୍ୟରେ ଧ୍ୟାନ କରି ମାନସୋପଚାରରେ ପୂଜା କରିବାକୁ ହେବ । ପୃଥିବୀତତ୍ତ୍ୱକୁ ଗନ୍ଧ, ଆକାଶତତ୍ତ୍ୱକୁ ପୁଷ୍ପ, ବାୟୁତତ୍ତ୍ୱକୁ ଧୂପ, ତେଜତତ୍ତ୍ୱକୁ ଦୀପ ଓ ଜଳତତ୍ତ୍ୱକୁ ନୈବେଦ୍ୟ କଳ୍ପନା କରି ସେହି ପରମାତ୍ମାଙ୍କୁ ତାହାସବୁ ପ୍ରଦାନ କରି ମାନସ ଜପ କରିବାକୁ ହେବ ତାପରେ ବାହ୍ୟ ପୂଜା ଆରମ୍ଭ କରିବ । ଗନ୍ଧପୁଷ୍ପାଦି, ବସ୍ତ୍ରାଳଙ୍କାରାଦି ଓ ଭକ୍ଷ୍ୟପେୟାଦି ପୂଜାର ସମସ୍ତ ଦ୍ରବ୍ୟ ବ୍ରହ୍ମମନ୍ତ୍ରଦ୍ୱାରା ସଂଶୋଧନ କରି ନେତ୍ରଦ୍ୱୟ ନିମୀଳନପୂର୍ବକ ମତିମାନ୍ ବ୍ୟକ୍ତି ସନାତନ ବ୍ରହ୍ମଙ୍କୁ ଧ୍ୟାନ କରି ପରମାତ୍ମାଙ୍କୁ ତାହା ସମର୍ପଣ କରିବେ । ସଂଶୋଧନ ସମର୍ପଣ ମନ୍ତ୍ର ନିମ୍ନରେ ପ୍ରଦତ୍ତ ହେଲା ।

ଅର୍ପଣ ଅର୍ଥାତ୍ ଯଜ୍ଞପାତ୍ର ବ୍ରହ୍ମ, ହବି ଅର୍ଥାତ୍ ହବନୀୟ ଦ୍ରବ୍ୟ - ଯାହା ଅର୍ପଣ କରିବାକୁ ହେବ, ତାହା ବ୍ରହ୍ମ, ଅଗ୍ନି ଅର୍ଥାତ୍ ଯେଉଁଥିରେ ଅର୍ପଣ କରିବାକୁ ହେବ, ତାହା ମଧ୍ୟ ବ୍ରହ୍ମ ଏବଂ ଯେ ଆହୁତି ଅର୍ପଣ କରୁଛନ୍ତି, ସେ ମଧ୍ୟ ବ୍ରହ୍ମ —

* ଯେ ନାନାରୂପ ଭେଦଶୂନ୍ୟ, ଯେ ଚେଷ୍ଟାରହିତ, ଯେ ବ୍ରହ୍ମା-ବିଷ୍ଣୁ-ଶିବଙ୍କ କର୍ତ୍ତୃକ ଜ୍ଞେୟ, ଯେ ଯୋଗୀମାନଙ୍କର ଧ୍ୟାନଗମ୍ୟ, ଯାହାଙ୍କ ଦ୍ୱାରା ଜନ୍ମମୃତ୍ୟୁ ଭୟ ଦୂର ହୋଇଥାଏ, ଯେ ନିତ୍ୟସ୍ୱରୂପ ଓ ଜ୍ଞାନସ୍ୱରୂପ, ଯେ ନିଖିଳ ଭୁବନର ବୀଜ ସ୍ୱରୂପ, ତାଦୃଶ ଚୈତନ୍ୟସ୍ୱରୂପ ବ୍ରହ୍ମଙ୍କୁ ହୃଦୟକମଳ ମଧ୍ୟରେ ମୁଁ ଧ୍ୟାନ କରୁଅଛି ।

ଏଭଳି ଭାବରେ ଯେଉଁମାନେ ବ୍ରହ୍ମଙ୍କଠାରେ ଏକାଗ୍ର ରୂପରେ ଚିତ୍ତ ସ୍ଥାପନ କରନ୍ତି, ସେମାନେ ମଧ୍ୟ ବ୍ରହ୍ମଙ୍କୁ ପ୍ରାପ୍ତ ହୁଅନ୍ତି । ଅନନ୍ତର ଯଥାଶକ୍ତି ବ୍ରହ୍ମମନ୍ତ୍ର ଜପ କରି ନେତ୍ରଦ୍ୱୟ ଉନ୍ମୀଳନପୂର୍ବକ "ବ୍ରହ୍ମାର୍ପଣମସ୍ତୁ" ଏହି ମନ୍ତ୍ରରେ ବ୍ରହ୍ମଙ୍କଠାରେ ଜପ ସମର୍ପଣ ପୂର୍ବକ ସ୍ତବକବଚ ଆଦି ପାଠ କରିବାକୁ ହେବ ।*। ଏହାପରେ ଭକ୍ତି ଭାବରେ —

"ଓଁ ନମସ୍ତେ ପରମଂ ବ୍ରହ୍ମ ନମସ୍ତେ ପରମାତ୍ମନେ ।
ନିର୍ଗୁଣାୟ ନମସ୍ତୁଭ୍ୟଂ ସଦ୍ରୂପାୟ ନମୋ ନମଃ ।।"

ଏହି ମନ୍ତ୍ର ପାଠ କରି ପରମାତ୍ମାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବାକୁ ହେବ । ସାଧକ ଏହି ଭାବରେ ପରଂବ୍ରହ୍ମଙ୍କର ପୂଜା କରି ଆତ୍ମୀୟସ୍ୱଜନମାନଙ୍କ ସହିତ ମହାପ୍ରସାଦ ଗ୍ରହଣ କରିବେ ।

ପରଂବ୍ରହ୍ମଙ୍କ ପୂଜା ସମୟରେ ଆବାହନ ନାହିଁ କିମ୍ବା ବିସର୍ଜନ ମଧ୍ୟ ନାହିଁ । ସବୁ ସମୟରେ ସବୁ ସ୍ଥାନରେ ବ୍ରହ୍ମସାଧନ ହୋଇପାରେ । ବ୍ରହ୍ମସ୍ମରଣ ଓ ମହାମନ୍ତ୍ର

---

* *ପରଂବ୍ରହ୍ମଙ୍କ ସ୍ତବ :*

"ଓଁ ନମସ୍ତେ ସତେ ସର୍ବଲୋକାଶ୍ରୟାୟ ନମସ୍ତେ ଚିତେ ବିଶ୍ୱରୂପାତ୍ମକାୟ ।
ନମୋଽଦ୍ୱୈତତତ୍ତ୍ୱାୟ ମୁକ୍ତିପ୍ରଦାୟ, ନମୋ ବ୍ରହ୍ମଣେ ବ୍ୟାପିନେ ନିର୍ଗୁଣାୟ ।।
ତ୍ୱମେକଂ ଶରଣ୍ୟଂ ତ୍ୱମେକଂ ବରେଣ୍ୟଂ, ତ୍ୱମେକଂ ଜଗତ୍‌କାରଣଂ ବିଶ୍ୱରୂପମ୍ ।
ତ୍ୱମେକଂ ଜଗତ୍‌କର୍ତ୍ତୃପାତୃପ୍ରହର୍ତ୍ତୃ, ତ୍ୱମେକଂ ପରଂ ନିଶ୍ଚଳଂ ନିର୍ବିକଳ୍ପମ୍ ।।
ଭୟାନାଂ ଭୟଂ ଭୀଷଣଂ ଭୀଷଣାନାଂ, ଗତିଃ ପ୍ରାଣିନାଂ ପାବନଂ ପାବନାନାମ୍ ।
ମହୋଚ୍ଚୈଃପଦାନାଂ ନିୟନ୍ତୃ ତ୍ୱମେକଂ, ପରେଶାଂ ପରଂ ରକ୍ଷକଂ ରକ୍ଷକାନାମ୍ ।।
ପରେଶ ପ୍ରଭୋ ସର୍ବରୂପାବିନାଶିନ୍ନନିର୍ଦ୍ଦେଶ୍ୟ ସର୍ବେନ୍ଦ୍ରିୟାଗମ୍ୟ ସତ୍ୟ ।
ଅଚିନ୍ତ୍ୟାକ୍ଷର ବ୍ୟାପକାବ୍ୟକ୍ତତତ୍ତ୍ୱ ଜଗଭାସକାଧୀଶ ପାୟାଦପାୟାତ୍ ।।
ତଦେକଂ ସ୍ମରାମସ୍ତଦେକଂ ଜପାମସ୍ତଦେକଂ ଜଗତ୍‌ସାକ୍ଷିରୂପଂ ନମାମଃ ।
ସଦେକଂ ନିଧାନଂ ନିରାଲମ୍ବମୀଶଂ ଭବାମ୍ଭୋଧିପୋତଂ ଶରଣଂ ବ୍ରଜାମଃ ।।"

ପରମାତ୍ମା ବ୍ରହ୍ମଙ୍କର ଏହି ସ୍ତୋତ୍ର ଯେ ସଂଯତ ହୋଇ ପାଠ କରନ୍ତି,ସେ ବ୍ରହ୍ମସାଯୁଜ୍ୟ ପ୍ରାପ୍ତ ହୁଅନ୍ତି । ଯଥା —

" ଯଃ ପଠେତ୍ ପ୍ରଯତୋ ଭୂତ୍ୱା ବ୍ରହ୍ମସାଯୁଜ୍ୟମାପ୍ନୁୟାତ୍ ।।" (ମହାନିର୍ବାଣ-ତନ୍ତ୍ର)

ଜପ ହିଁ ତାହାର ପ୍ରାତଃକୃତ୍ୟ ଓ ସନ୍ଧ୍ୟାହ୍ନିକ । ସ୍ନାତ ହେଉନ୍ତୁ କିମ୍ବା ଅସ୍ନାତ ହୁଅନ୍ତୁ, ଭୁକ୍ତ ହୁଅ କିମ୍ବା ଅଭୁକ୍ତ ହୁଅ, ଯେ କୌଣସି ଅବସ୍ଥାରେ ବା ଯେ କୌଣସି କାଳରେ ହେଲେ ମଧ୍ୟ ବିଶୁଦ୍ଧଚିତ୍ତ ହୋଇ ପରମାତ୍ମାଙ୍କର ପୂଜା କରିବାକୁ ହେବ । ବ୍ରହ୍ମାର୍ପିତ ବସ୍ତୁ ମହାପବିତ୍ରକାରୀ ଏବଂ ବ୍ରହ୍ମନିବେଦିତ ବସ୍ତୁ ଭୋଜନ କାଳରେ ବ୍ରାହ୍ମଣାଦି ବର୍ଣ୍ଣର ବିଚାର ନାହିଁ, ଉଚ୍ଛିଷ୍ଟ ବିଚାର ମଧ୍ୟ ନାହିଁ । ଏଥିରେ କାଳାକାଳ ବା ଶୌଚାଶୌଚର ବିଚାର ମଧ୍ୟ ନାହିଁ । ସବୁ କର୍ମ ଆରମ୍ଭରେ "ତତ୍‌ସତ୍‌" ଏହି ବାକ୍ୟ ଉଚ୍ଚାରଣ କରିବାକୁ ହେବ । ସବୁ କର୍ମରେ 'ବ୍ରହ୍ମାର୍ପଣମସ୍ତୁ' ବୋଲି କହିବାକୁ ହେବ । ଏହି ଅତି ଦୁସ୍ତର ଘୋର ପାପମୟ କଳିଯୁଗରେ ବ୍ରହ୍ମମନ୍ତ୍ର-ସାଧନ ହିଁ ଏକମାତ୍ର ନିସ୍ତାରର ଉପାୟ । ଅତଏବ ବ୍ରହ୍ମସାଧକ ପ୍ରାତଃକାଳରେ ପ୍ରାତଃକୃତ୍ୟ ସମାପନ କରି ତ୍ରିକାଳ ସନ୍ଧ୍ୟା ଏବଂ ମଧ୍ୟାହ୍ନରେ ପୂର୍ବୋକ୍ତ ପଦ୍ଧତିରେ ପୂଜା କରିବେ ।

ବ୍ରହ୍ମମନ୍ତ୍ରସାଧକ ସତ୍ୟବାଦୀ, ଜିତେନ୍ଦ୍ରିୟ, ପରୋପକାରପରାୟଣ, ନିର୍ବିକାରଚିତ୍ତ ଓ ସଦାଶୟ ହେବା ବିଧେୟ । ବ୍ରହ୍ମମନ୍ତ୍ର-ସାଧକ ସର୍ବଦା ବ୍ରହ୍ମ-ପ୍ରତିପାଦକ ବାକ୍ୟ ଶ୍ରବଣ କରିବେ, ବ୍ରହ୍ମଚିନ୍ତା କରିବେ ଓ ସର୍ବଦା ବ୍ରହ୍ମତତ୍ତ୍ୱଜିଜ୍ଞାସୁ ହେବେ । ସର୍ବଦା ସଂଯତଚିତ୍ତ ଓ ଦୃଢ଼ବୁଦ୍ଧି ହୋଇ ସମସ୍ତ ବ୍ରହ୍ମମୟ ଭାବନା କରିବେ । ନିଜକୁ ମଧ୍ୟ ବ୍ରହ୍ମସ୍ୱରୂପ ଚିନ୍ତା କରିବେ । ବ୍ରହ୍ମମନ୍ତ୍ରରେ ଦୀକ୍ଷିତ ହେଲେ ସବୁ ଜାତି ବ୍ରାହ୍ମଣତୁଲ୍ୟ ପୂଜ୍ୟ ।

"ପରବ୍ରହ୍ମୋପଦେଶେନ ବିମୁକ୍ତଃ ସର୍ବପାତକୈଃ ।
ଗଚ୍ଛତି ବ୍ରହ୍ମସାଯୁଜ୍ୟଂ ମନ୍ତ୍ରସ୍ୟାସ୍ୟ ପ୍ରସାଦତଃ ।।" (ମହାନିର୍ବାଣତନ୍ତ୍ର)

ବ୍ରହ୍ମମନ୍ତ୍ରରେ ଉପଦିଷ୍ଟ ବ୍ୟକ୍ତି ମନ୍ତ୍ର-ପ୍ରସାଦରେ ସବୁ ପାପରୁ ବିନିର୍ମୁକ୍ତ ହୋଇ ବ୍ରହ୍ମସାଯୁଜ୍ୟ ଲାଭ କରିଥାନ୍ତି ।

ଅତଏବ ବ୍ରହ୍ମଜ୍ଞ ଗୁରୁଦେବଙ୍କ ନିକଟରେ ବ୍ରହ୍ମମନ୍ତ୍ରର ଉପଦେଶ ଗ୍ରହଣ କରି ନିଜକୁ ବ୍ରହ୍ମସ୍ୱରୂପ ଜ୍ଞାନ କରି ଦେଶ, କାଳ, ସ୍ଥାନ, ଖାଦ୍ୟାଖାଦ୍ୟ, ଜାତିକୁଳ ଓ ବିଧିନିଷେଧ ଏବଂ ବିଚାରଶୂନ୍ୟ ହୋଇ ଇଚ୍ଛାମତେ ଭୂମଣ୍ଡଳରେ ବିଚରଣ କରିବା ଦରକାର ।

# ତନ୍ତ୍ରୋକ୍ତ ଯୋଗ ଓ ମୁକ୍ତି

ବ୍ରହ୍ମମନ୍ତ୍ରର ଉପାସକମାନେ ସର୍ବଦା ବ୍ରହ୍ମବିଚାର କରିବେ । ତନ୍ତ୍ର ମଧ୍ୟରେ ଅତି ସୁନ୍ଦର ଭାବରେ ବ୍ରହ୍ମବିଚାର ପ୍ରଦର୍ଶିତ ହୋଇଅଛି । ତାହା ପାଠ କଲେ, ସମସ୍ତେ ତନ୍ତ୍ରର ମହାତ୍ମ୍ୟ ସମ୍ୟକ୍ ରୂପେ ଅନୁଧାବନ କରିପାରିବେ ।*। ତନ୍ତ୍ର ଯେ କିଭଳି ଅମୂଲ୍ୟ ଶାସ୍ତ୍ର ତାହା ବୁଝିପାରି ଭକ୍ତିବିନମ୍ର ହୃଦୟରେ ତନ୍ତ୍ରକାରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବେ । ବ୍ରହ୍ମମନ୍ତ୍ରର ଉପାସକମାନେ ପୂର୍ବୋକ୍ତ ପ୍ରଣାଳୀରେ ତତ୍ତ୍ୱଚକ୍ରର ଅନୁଷ୍ଠାନ କରି ମଧ୍ୟ ବ୍ରହ୍ମସାଧନ କରିପାରିବେ । କାରଣ ଦିବ୍ୟ ଭାବାବଲମ୍ବୀ ସାଧକ ହିଁ ଏକମାତ୍ର ବ୍ରହ୍ମମନ୍ତ୍ରର ଅଧିକାରୀ । ସେମାନେ ଇଚ୍ଛା କଲେ, ପୂର୍ବୋକ୍ତ ଆଧ୍ୟାତ୍ମିକ ପଞ୍ଚ-ମ'କାର ଦ୍ୱାରା ମଧ୍ୟ ବ୍ରହ୍ମୋପାସନା କରିପାରନ୍ତି । ଅନ୍ୟଥା ସାଧକ ସହଜଭାବ ପ୍ରାପ୍ତି ପୂର୍ବରୁ ଯୋଗାବଲମ୍ବନ କରି ମଧ୍ୟ ତନ୍ମୟତା ଲାଭ କରିପାରନ୍ତି । ମୁଁ ଏହା ପୂର୍ବରୁ ଅନ୍ୟାନ୍ୟ ଗ୍ରନ୍ଥରେ ଯୋଗ ପ୍ରକ୍ରିୟା ବିବୃତ କରିଅଛି । ତନ୍ତ୍ରଶାସ୍ତ୍ରରେ ମଧ୍ୟ ବହୁବିଧ ଯୋଗର ଆଭାସ ଦେଖିବାକୁ ମିଳେ । ମୁଁ ବ୍ରହ୍ମତନ୍ମୟତା ଲାଭର ଉପାୟ ସ୍ୱରୂପ ତନ୍ତ୍ରଶାସ୍ତ୍ରରୁ ଯୋଗର ପ୍ରଣାଳୀ ନିମ୍ନରେ ବିବୃତ କରୁଅଛି ।

ସାଧକ ଉପଯୁକ୍ତ ଆସନରେ ସ୍ଥିରଭାବରେ ଉପବେଶନ କରି ଗୁରୁଦେବ, ଗଣେଶ ଓ ଇଷ୍ଟଦେବତାଙ୍କୁ ପ୍ରଣାମ କରିବେ । ଅନନ୍ତର ପୂରକ-ଯୋଗରେ ହଂସରୂପୀ ଜୀବାତ୍ମାଙ୍କୁ କୁଣ୍ଡଳିନୀ ଶରୀରରେ ଲୟ କରାଇବେ । ପରେ କୁମ୍ଭକ-ଯୋଗରେ କୁଳକୁଣ୍ଡଳିନୀ-ଶକ୍ତିଙ୍କୁ ଶିରସ୍ଥିତ ସହସ୍ରାରକୁ ନେଇଯିବେ । କୁଣ୍ଡଳିନୀ ଗମନ କାଳରେ ଚତୁର୍ବିଂଶତି ତତ୍ତ୍ୱକୁ ଗ୍ରାସ କରିଯିବେ, ଅର୍ଥାତ୍ ତତ୍ତ୍ୱଗୁଡ଼ିକ ତାଙ୍କରି ଶରୀରରେ ଲୟପ୍ରାପ୍ତ ହେବ । ତାହାପରେ କୁଣ୍ଡଳିନୀଙ୍କୁ ସହସ୍ରଦଳକମଳ-କର୍ଣ୍ଣିକାନ୍ତର୍ଗତ ବିନ୍ଦୁରୂପରେ ପରମଶିବଙ୍କ ସହିତ ଐକାତ୍ମ୍ୟ ପ୍ରାପ୍ତ କରାଇବେ । ତାହାହେଲେ ନିସ୍ତରଙ୍ଗ ଜଳାଶୟ ସଦୃଶ ସମାଧି ଉତ୍ପନ୍ନ ହୋଇ, "ମୁଁ ବ୍ରହ୍ମ"— ଏହି ଜ୍ଞାନ ଜାତ ହେବ ।

* ବେଦାନ୍ତ ଶାସ୍ତ୍ରାନୁଯାୟୀ ବ୍ରହ୍ମବିଚାର ମତ୍‌ପ୍ରଣୀତ 'ଜ୍ଞାନୀଗୁରୁ' ଗ୍ରନ୍ଥରେ ଏବଂ ବ୍ରହ୍ମଜ୍ଞାନ ଲାଭର ଉପାୟ 'ପ୍ରେମିକଗୁରୁ' ଗ୍ରନ୍ଥରେ ବିଶଦଭାବରେ ବର୍ଣ୍ଣିତ ହୋଇଛି । (ଗ୍ରନ୍ଥକାର)

ସାଧକ ମୂଳାଧାରପଦ୍ମରେ କୁଣ୍ଡଳିନୀଙ୍କୁ ତେଜୋମୟୀ, ହୃଦୟରେ ଜୀବାତ୍ମାକୁ ତେଜୋମୟ ଏବଂ ସହସ୍ରାରରେ ପରମାତ୍ମାଙ୍କୁ ତେଜୋମୟ ଚିନ୍ତା କରି ପରେ ଏହି ତିନି ତେଜର ଏକତା ସମ୍ପାଦନ କରି, ତନ୍ମଧ୍ୟରେ ବ୍ରହ୍ମାଣ୍ଡ ଲୀନ ବୋଲି ଚିନ୍ତା କରିବେ । ତା'ପରେ "ଏହି ଜ୍ୟୋତିର୍ମୟ ବ୍ରହ୍ମ ହିଁ ମୁଁ" — ଏହି ଚିନ୍ତାରେ ତନ୍ମୟ ହୋଇ ରହିବେ । ଅନ୍ୟ କିଛିମାତ୍ର ଚିନ୍ତା କରିବେ ନାହିଁ, ତେବେ ଅଚିରେ ବ୍ରହ୍ମଜ୍ଞାନ ସମୁଦ୍ଭୂତ ହେବ ।

ଯୋନିମୁଦ୍ରା ଯୋଗରେ କୁଣ୍ଡଳିନୀଶକ୍ତିଙ୍କୁ ସହସ୍ରାରକୁ ଉତ୍‌ଥାପିତ କରି ଇଷ୍ଟଦେବୀ ରୂପରେ ଶିବଙ୍କ ସହିତ ମିଳନ କରାଇବେ । ତା'ପରେ ସେମାନେ 'ସ୍ତ୍ରୀ ପୁରୁଷଙ୍କ ପରି ସଙ୍ଗମାସକ୍ତ ହୋଇ ଆନନ୍ଦରସରେ ଆପ୍ଲୁତ ହେଉଛନ୍ତି' — ଏହି ଚିନ୍ତା କରି ନିଜକୁ ମଧ୍ୟ ସେହି ଆନନ୍ଦଧାରାରେ ପ୍ଲାବିତ ମନେ କରି ଧ୍ୟାନପରାୟଣ ହୋଇ ରହିବେ । ତାହାହେଲେ 'ମୁଁ ହିଁ ସେହି'' — ଏହି ଅଦ୍ୱୈତ ଜ୍ଞାନ ଉତ୍ପନ୍ନ ହେବ ।

ଅବଶ୍ୟ ଗୁରୁଦେବଙ୍କ ଶ୍ରୀମୁଖରୁ କୌଶଳ ଅବଗତ ହୋଇ ଏହାର ଅଭ୍ୟାସଦ୍ୱାରା ଏହି ଯୋଗ ଶିକ୍ଷା କରିବାକୁ ହୁଏ । ଇଷ୍ଟଦେବୀଙ୍କୁ ଆତ୍ମାଠାରୁ ଅଭିନ୍ନ ଭାବରେ ଚିନ୍ତା କଲେ, ସାଧକ ତତ୍‌ସ୍ୱରୂପତା ଲାଭ କରିପାରନ୍ତି । 'ମୋ ଇଷ୍ଟଦେବତାଙ୍କଠାରୁ ମୋର ଆତ୍ମା ଭିନ୍ନ ନୁହେଁ, ଉଭୟେ ହିଁ ଏକ ପଦାର୍ଥ ଏବଂ ମୁଁ ବଦ୍ଧ ନୁହେଁ, ମୁକ୍ତ' — ସାଧକ ସର୍ବଦା ଏଭଳି ଚିନ୍ତା କରିପାରିଲେ, ଏଥିରେ ଦେବତାଙ୍କ ସ୍ୱାରୂପ୍ୟ ଲାଭ ହୋଇଥାଏ । ସାଧକ ଏହିପରି ଅଭିନ୍ନ ଭାବରେ ଶିବଙ୍କୁ ଚିନ୍ତା କଲେ ଶିବତ୍ୱ, ବିଷ୍ଣୁଙ୍କ ଚିନ୍ତା କଲେ ବିଷ୍ଣୁତ୍ୱ ଓ ଶକ୍ତିଙ୍କୁ ଚିନ୍ତା କଲେ ଶକ୍ତିତ୍ୱ ଲାଭ କରନ୍ତି । ପ୍ରତିଦିନ ଏହି ପ୍ରକାରରେ ଅଭିନ୍ନ ଚିନ୍ତାର ଅଭ୍ୟାସ କରିପାରିଲେ, ସାଧକ ଜରାମରଣାଦି ଦୁଃଖପୂର୍ଣ୍ଣ ଭବବନ୍ଧନରୁ ମୁକ୍ତିଲାଭ କରିପାରନ୍ତି । ଯେଉଁ ସାଧକ ଧ୍ୟାନଯୋଗପରାୟଣ, ତାଙ୍କର ପୂଜା, ନ୍ୟାସ ଓ ଜପାଦିର ଆବଶ୍ୟକତା ନାହିଁ । ଏକମାତ୍ର ଧ୍ୟାନଯୋଗ ବଳରେ ସେ ସିଦ୍ଧି ଲାଭ କରିପାରନ୍ତି, ଏଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ । ଯଥା—

"ବିନା ନ୍ୟାସୈର୍ବିନା ପୂଜାଂ ବିନା ଜପୈଃ ପୁରଶ୍ଚିୟାମ୍
ଧ୍ୟାନଯୋଗାଭବେଦ୍ ସିଦ୍ଧିର୍ନାନ୍ୟଥା ଖଳୁ ପାର୍ବତି ।" (ଶ୍ରୀକ୍ରମ-ତନ୍ତ୍ର)

ଯେପରି ଫେଣ ଓ ତରଙ୍ଗାଦି ସମୁଦ୍ରରୁ ଉତ୍‌ଥିତ ହୋଇ ସମୁଦ୍ରରେ ଲୀନ ହୋଇଥାଏ, ସେହିପରି ଏହି ଜଗତ୍ ମଧ୍ୟ ଆତ୍ମାରୁ ଉତ୍ପନ୍ନ ହୁଏ ଏବଂ ଆତ୍ମାରେ ହିଁ ବିଲୀନ ହୋଇଥାଏ । ଅତଏବ, ମୁଁ ମଧ୍ୟ ଆତ୍ମାଠାରୁ ଅଭିନ୍ନ ।

"ଅହଂ ବ୍ରହ୍ମାସ୍ମି ବିଜ୍ଞାନାଦଜ୍ଞାନବିଲୟୋ ଭବେତ୍ ।
ସୋଽହମିତ୍ୟେବ ସଂଚିନ୍ତ୍ୟ ବିହରେତ୍ ସର୍ବଦା ପ୍ରିୟେ ।।"(ଗନ୍ଧର୍ବ-ତନ୍ତ୍ର)

ମୁଁ ବ୍ରହ୍ମଠାରୁ ଅଭିନ୍ନ, ଏହି ପ୍ରକାର ଜ୍ଞାନ ଜନ୍ମିଲେ ଅଜ୍ଞାନର ଲୟ ହୁଏ । ଅତଏବ, ସାଧକ ସର୍ବଦା ଯୋଗପରାୟଣ ହୋଇ "ମୁଁ ବ୍ରହ୍ମ" —ଏହି ପ୍ରକାର ଚିନ୍ତା କରିବେ ।

"ଯଥାଭିମତଧ୍ୟାନାଦ୍ ବା ।।" (ପାତଞ୍ଜଳଦର୍ଶନ)

ଯେ କୌଣସି ମନୋଜ୍ଞ ବସ୍ତୁ, ଯାହା ମନରେ ଉଦିତ ହେଲେ ମନ ପ୍ରଫୁଲ୍ଲ ହୁଏ, ଏକାଗ୍ରତା ଅଭ୍ୟାସ ନିମିତ୍ତ ସେହି ବସ୍ତୁର ଧ୍ୟାନ କରିବା ଦରକାର । ଧ୍ୟେୟ ବସ୍ତୁରେ ଚିତ୍ତସ୍ଥୈର୍ଯ୍ୟ ଅଭ୍ୟାସ ହୋଇଗଲେ ସର୍ବତ୍ର ଚିତ୍ତ ପ୍ରୟୋଗ ଓ ସେଥିରେ ଚିତ୍ତ ତନ୍ମୟ କରିପାରିବ । ସେତେବେଳେ ସମସ୍ତ ପ୍ରଭେଦଭାବ ମନରୁ ବିଦୂରିତ ହୋଇ ଏକାଗ୍ରଭାବ ସଂସ୍ଥାପିତ ହେବ, ଆତ୍ମଜ୍ଞାନ ଲାଭ ହେବ ଏବଂ ଅନ୍ୟାନ୍ୟ ସମସ୍ତ ବାହ୍ୟ ଚେଷ୍ଟା ରହିତ ହୋଇଯିବ । ଯଥା—

"ଯଦା ପଞ୍ଚାବତିଷ୍ଠନ୍ତେ ଜ୍ଞାନାନି ମନସା ସହ ।
ବୁଦ୍ଧିଶ୍ଚ ନ ବିଚେଷ୍ଟତ ତାମାହୁଃ ପରମାଂ ଗତିମ୍ ।।"

ଯେତେବେଳେ ବୁଦ୍ଧି ପର୍ଯ୍ୟନ୍ତ ଚେଷ୍ଟାରହିତ ହୁଏ, ଯେତେବେଳେ ପାପ-ପୁଣ୍ୟ, ଧର୍ମାଧର୍ମ, ସୁଖ-ଦୁଃଖାଦି ଦ୍ୱୈତଭାବନାଗୁଡ଼ିକ ତିରୋହିତ ହୋଇ ମନ ନିଶ୍ଚଳ ହୁଏ, ସେତେବେଳେ ଜୀବଠାରୁ ଅଦ୍ୱୈତ ବ୍ରହ୍ମଜ୍ଞାନ ସମୁଦିତ ହୋଇ ପରମ ଗତି ପ୍ରାପ୍ତି ହୋଇଥାଏ ।

ଏହିଭଳି ଭାବରେ ଯେତେବେଳେ ତତ୍ତ୍ୱଜ୍ଞାନ ଉତ୍ପନ୍ନ ହୋଇ ବୈରାଗ୍ୟ ଉପସ୍ଥିତ ହେବ, ସେତେବେଳେ ସମସ୍ତ ପରିତ୍ୟାଗ କରି ସନ୍ନ୍ୟାସ ଧର୍ମ ଅବଲମ୍ବନ କରିବାର ବିଧି ତନ୍ତ୍ରଶାସ୍ତ୍ର ପ୍ରଦାନ କରିଛନ୍ତି । ଯଥା —

"ତତ୍ତ୍ୱଜ୍ଞାନେ ସମୁତ୍ପନ୍ନେ ବୈରାଗ୍ୟଂ ଜାୟତେ ଯଦା ।
ତଦା ସର୍ବଂ ପରିତ୍ୟଜ୍ୟ ସନ୍ନ୍ୟାସାଶ୍ରମମାଶ୍ରୟେତ୍ ॥"

— ମହାନିର୍ବାଣ-ତନ୍ତ୍ର

ତେବେ ଦେଖନ୍ତୁ, ବୈଦିକ ଶାସ୍ତ୍ରଠାରୁ କୌଣସି ବିଷୟରେ ତନ୍ତ୍ରଶାସ୍ତ୍ରର ନିକୃଷ୍ଟତା ପ୍ରମାଣିତ ହୁଏନାହିଁ । ବରଂ ଅନେକ ବିଷୟରେ ଅନ୍ୟାନ୍ୟ ଶାସ୍ତ୍ରଠାରୁ ତନ୍ତ୍ରର ପ୍ରାଧାନ୍ୟ ଦୃଷ୍ଟ ହୋଇଥାଏ । ନିବୃତ୍ତି-ମାର୍ଗରେ ମଧ୍ୟ ତନ୍ତ୍ର ଶ୍ରେଷ୍ଠାସନ ଲାଭ କରିଅଛି ।*

ଅତଏବ,ତନ୍ତ୍ରଶାସ୍ତ୍ରର ବିଧିବ୍ୟବସ୍ଥା ସମସ୍ତ କେବଳ ବ୍ରହ୍ମଜ୍ଞାନ ସାଧନ ନିମିତ୍ତ ଉଦ୍ଦିଷ୍ଟ । ଜ୍ଞାନର ଉଦୟ ହେଲେ, ଭ୍ରମ ରୂପ ଅଜ୍ଞାନର ନିବୃତ୍ତି ହେବ । ଅଜ୍ଞାନର ନିବୃତ୍ତି ହେଲେ ମାୟା, ମମତା, ଶୋକ, ତାପ, ସୁଖ, ଦୁଃଖ, ମାନ ଅଭିମାନ, ରାଗ, ଦ୍ୱେଷ, ହିଂସା, ଲୋଭ, କ୍ରୋଧ, ମଦ, ମୋହ, ମାତ୍ସର୍ଯ୍ୟ ପ୍ରଭୃତି ଅନ୍ତଃକରଣର ସମୁଦାୟ ବୃତ୍ତିଗୁଡ଼ିକର ନିରୋଧ ହୋଇଯିବ । ସେତେବେଳେ କେବଳ ବିଶୁଦ୍ଧ ଚୈତନ୍ୟ ମାତ୍ର ସ୍ଫୂର୍ତ୍ତି ଲାଭ କରୁଥିବେ । ଏହି ଭାବରେ କେବଳ ଚୈତନ୍ୟସ୍ଫୂର୍ତ୍ତି ଲାଭ କରିବା ହିଁ ଜୀବଦ୍ଦଶାରେ ଜୀବନ୍ମୁକ୍ତି ଓ ଅନ୍ତିମରେ ନିର୍ବାଣମୁକ୍ତି ବୋଲି କଥିତ ହୁଏ । ତଭିନ୍ନ କର୍ମକାଣ୍ଡ ଦ୍ୱାରା ବା ଅନ୍ୟ କୌଣସି ପ୍ରକାରରେ ମୁକ୍ତିର ସମ୍ଭାବନା ତନ୍ତ୍ର ମଧ୍ୟରେ କେଉଁଠାରେ ହେଲେ ଦୃଷ୍ଟ ହୁଏ ନାହିଁ । ବରଂ ତନ୍ତ୍ର କହିଛନ୍ତି —

"ଯାବନ୍ନ କ୍ଷୀୟତେ କର୍ମ ଶୁଭଞ୍ଚାଶୁଭମେବ ବା ।
ତାବନ୍ନ ଜାୟତେ ମୋକ୍ଷୋ ନୃଣାଂ କଳ୍ପଶତୈରପି ॥
ଯଥା ଲୌହମୟୈଃ ପାଶୈଃ ପାଶୈଃ ସ୍ୱର୍ଣ୍ଣମୟୈରପି ।
ତଥାବଦ୍ଧୋ ଭବେଜ୍ଜୀବଃ କର୍ମାଭିଶ୍ଚାଶୁଭୈଃଶୁଭୈଃ ॥"

—ମହାନିର୍ବାଣ-ତନ୍ତ୍ର

ଯେ ପର୍ଯ୍ୟନ୍ତ ଶୁଭ ବା ଅଶୁଭକର୍ମ କ୍ଷୟପ୍ରାପ୍ତ ନ ହୋଇଛି, ସେ ପର୍ଯ୍ୟନ୍ତ ଶତକଳ୍ପରେ ମଧ୍ୟ ମାନବ ମୁକ୍ତି ଲାଭ କରିପାରେ ନାହିଁ । ଯେପରି ଶୃଙ୍ଖଳ

* ନିବୃତ୍ତିମାର୍ଗର ଅର୍ଥାତ୍ ସନ୍ନ୍ୟାସାଶ୍ରମର କର୍ତ୍ତବ୍ୟତା, ସାଧନପ୍ରଣାଳୀ ପ୍ରଭୃତି ମତ୍ପ୍ରଣୀତ "ପ୍ରେମିକଗୁରୁ" ଗ୍ରନ୍ଥରେ ବିସ୍ତାରିତ ଭାବରେ ଲିଖିତ ହୋଇଅଛି ।

ଲୌହମୟ ହେଉ ବା ସ୍ୱର୍ଣ୍ଣମୟ ହେଉ, ଉଭୟବିଧ ଶୃଙ୍ଖଳ ଦ୍ୱାରା ବନ୍ଧନ କରାଯାଏ, ସେହିପରି ଜୀବମାନେ ଶୁଭ ବା ଅଶୁଭ ଉଭୟବିଧ କର୍ମ ଦ୍ୱାରା ହିଁ ବଦ୍ଧ ହୋଇଥା'ନ୍ତି ।

କେବଳ ଏକମାତ୍ର ଜ୍ଞାନ ହିଁ ମୁକ୍ତିର ହେତୁ । ସେ ଜ୍ଞାନ କିପରି ଉତ୍ପନ୍ନ ହେବ ?

**"ଜ୍ଞାନଂ ତତ୍ତ୍ୱବିଚାରେଣ ନିଷ୍କାମେନାପି କର୍ମଣା ।**
**ଜାୟତେ କ୍ଷୀଣତମସାଂ ବିଦୁଷାଂ ନିର୍ମଳାତ୍ମନାମ୍ ॥"**

**— ମହାନିର୍ବାଣ-ତନ୍ତ୍ର**

ତତ୍ତ୍ୱବିଚାର ଏବଂ ନିଷ୍କାମ କର୍ମାନୁଷ୍ଠାନ ଦ୍ୱାରା ଆବରଣଶକ୍ତିସମ୍ପନ୍ନ ତମୋରାଶି କ୍ରମେ ବିଦୂରିତ ହେଲେ, ହୃଦୟକାଶ ନିର୍ମଳ ହୋଇ ତତ୍ତ୍ୱଜ୍ଞାନର ଉଦୟ ହୁଏ ।

ତନ୍ତ୍ରଶାସ୍ତ୍ରର ମତାନୁସାରେ ସେହି ତତ୍ତ୍ୱଜ୍ଞାନ ଲାଭର ଉପାୟ ହେଉଛି ଯେ, ପ୍ରଥମେ ଗୃହସ୍ଥାଶ୍ରମରେ ଅବସ୍ଥାନପୂର୍ବକ ଗୁରୁଦେବଙ୍କ ନିକଟରୁ ମନ୍ତ୍ରଦୀକ୍ଷାରେ ଦୀକ୍ଷିତ ହୋଇ ପଶୁଭାବାନୁସାରେ ବେଦାଚାର ଦ୍ୱାରା ବୈଦିକ କର୍ମ, ବୈଷ୍ଣବାଚାରୀ ଦ୍ୱାରା ପୌରାଣିକ କର୍ମ ଏବଂ ଶୈବାଚାରଦ୍ୱାରା ସ୍ମାର୍ତ୍ତକର୍ମ କରିବାକୁ ହେବ । ପରେ ଶାକ୍ତାଭିଷିକ୍ତ ହୋଇ ପଶୁଭାବାନୁସାରେ ଦକ୍ଷିଣାଚାର ଦ୍ୱାରା ସାଧନା କରିବା ଆବଶ୍ୟକ । ତଦନନ୍ତର ପୂର୍ଣ୍ଣାଭିଷିକ୍ତ ହେବାପରେ ଗୃହାବଧୂତ ହୋଇ ବୀରଭାବାନୁସାରେ ବାମାଚାର ଦ୍ୱାରା ସାଧନା କରିବାକୁ ହେବ । ଏହାପରେ କ୍ରମଦୀକ୍ଷାରେ ଦୀକ୍ଷିତ ହୋଇ ବୀରଭାବାନୁସାରେ ବାମାଚାର ଦ୍ୱାରା ଯଥାବିଧି ସାଧନାରେ ଉନ୍ନତି କରିବାକୁ ପଡ଼ିବ । ତାପରେ ସାମ୍ରାଜ୍ୟ ଦୀକ୍ଷାରେ ଦୀକ୍ଷିତ ହୋଇ ବୀରଭାବାନୁସାରେ ସିଦ୍ଧାନ୍ତାଚାର ଦ୍ୱାରା ସାଧନକାର୍ଯ୍ୟ ସମ୍ପନ୍ନ କରିବାକୁ ହେବ । ତାହାପରେ ମହାସାମ୍ରାଜ୍ୟ-ଦୀକ୍ଷାରେ ଦୀକ୍ଷିତ ହୋଇ ଦିବ୍ୟଭାବାନୁସାରେ କୁଳାଚାରଦ୍ୱାରା ସାଧନ କରିବାକୁ ହେବ । ଶେଷରେ ପୂର୍ଣ୍ଣଦୀକ୍ଷାରେ ଦୀକ୍ଷିତ ହୋଇ ଦିବ୍ୟଭାବାନୁସାରେ କୁଳାଚାରଦ୍ୱାରା ସାଧନାରେ ଉନ୍ନତି କରିବାକୁ ପଡ଼ିବ । ଏହି ଅବସ୍ଥାରେ ଗୃହସ୍ଥ ଜୀବନଯାପନ କରୁଥିଲେ ତାଙ୍କୁ

ଅପୂର୍ଣ୍ଣ-ଶୈବାବଧୂତ ବା ଅପୂର୍ଣ୍ଣ-ବ୍ରହ୍ମାବଧୂତ କୁହାଯାଏ । କେତେବେଳେ ଇଚ୍ଛାନୁସାରେ କେତେବେଳେ ବା ଗୃହରେ କେତେବେଳେ ବା ତୀର୍ଥରେ ବିଚରଣ କରି ପରିବ୍ରାଜକ ହେବେ । ଯଦି ଗୃହରେ ନ ରହି ଏକାବେଳକେ ସନ୍ନ୍ୟାସାଶ୍ରମ ଅବଲମ୍ବନ କରିବାକୁ ହୁଏ, ତାହାହେଲେ ପୂର୍ଣ୍ଣ-ଶୈବାବଧୂତ କିମ୍ବା ପୂର୍ଣ୍ଣ-ବ୍ରହ୍ମାବଧୂତ ହୋଇ ଦିବ୍ୟଭାବାନୁସାରେ କୁଳାଚାରଦ୍ୱାରା ସାଧନକାର୍ଯ୍ୟ କରି ପରମହଂସ ହେବେ । ଦିବ୍ୟଭାବ ପରିପକ୍ୱ ହେଲେ ହଂସାବଧୂତ ହୋଇ ଯୋଗୀ ହେବେ । ଯୋଗସିଦ୍ଧି ହେଲାମାତ୍ରେ ତତ୍ତ୍ୱଜ୍ଞାନ ପ୍ରକାଶିତ ହେବ । ସେତେବେଳେ ଆଉ କିଛି କ୍ରିୟା କରିବାର ଆବଶ୍ୟକତା ନ ଥିବ । ସମାଧିସ୍ଥ ହୋଇ କ୍ଷିତିତଳରେ, ବୃକ୍ଷକୋଟରରେ ବା ପର୍ବତଗୁହାରେ ନିଷ୍କ୍ରିୟ ହୋଇ କାଳଯାପନ କରିବେ ।

ଏକାବେଳକେ ମାୟାମମତାଶୂନ୍ୟ ହୋଇ ସଂସାର ପରିତ୍ୟାଗ କରି ଗିରିଗୁହାରେ ବାସ କରିବା ସହଜ ବ୍ୟାପାର ନୁହେଁ । ଏଥିପାଇଁ କ୍ରମେ କ୍ରମେ ସମସ୍ତ ସଂସର୍ଗ ପରିତ୍ୟାଗ କରି ନିର୍ଜ୍ଜନ ବାସ କରି ବୈରାଗ୍ୟାଭ୍ୟାସ କରିବାକୁ ହେବ । ଯେଉଁ ବ୍ୟକ୍ତିଙ୍କର ସାଧନକାର୍ଯ୍ୟରେ ସିଦ୍ଧିଲାଭ କରିବାର ଇଚ୍ଛା ଥିବ, ସେ ବ୍ୟକ୍ତି ପ୍ରଥମ ନିର୍ଜ୍ଜନରେ ଶୁଦ୍ଧାଚାରରେ ଶୁଦ୍ଧାସନରେ ଉପବିଷ୍ଟ ହୋଇ ଶରୀରକୁ ସୁସ୍ଥିର କରିବେ । ତପ୍ତରେ ବୁଦ୍ଧିକୁ ନିଶ୍ଚଳ କରି ନିଜ ନିଜ ଇଷ୍ଟ-ଦେବତାଙ୍କ ପ୍ରତି ଭକ୍ତିରେ ମନକୁ ପରିପୂର୍ଣ୍ଣ କରିବେ । ବୁଦ୍ଧି ଦ୍ୱାରା ସମସ୍ତ ଜଗତ୍‌କୁ ଅନିତ୍ୟବୋଧରେ ଇଷ୍ଟଦେବତାଙ୍କଠାରେ ବା ଆତ୍ମାରେ ଲୟ ବୋଲି ଚିନ୍ତା କରିବାକୁ ହେବ । ସେତେବେଳେ ଏହି ସଂସାର ଇଷ୍ଟଦେବତାମୟ ବା ଆତ୍ମାମୟ ଦର୍ଶନ ହେବ ଓ ନିଜକୁ ତହିଁରୁ ଅଭିନ୍ନ ବୋଲି ବୋଧ ହେବ । ଏହି ସଂସାର ଯେତେବେଳେ ଇଷ୍ଟଦେବତାଙ୍କଠାରେ କିମ୍ବା ଆତ୍ମାରେ ଲୟ ହୋଇଯିବ, ସେତେବେଳେ ନିଦ୍ରାଭଙ୍ଗ ପରେ ଯେପରି ସ୍ମରଣ ହୁଏ, ସେହିଭଳି ଏହି ସଂସାର କେବଳ ସ୍ମରଣମାତ୍ର ହୋଇ ରହିବ । ପ୍ରତିଦିନ ଏହି ଅବସ୍ଥାର ଅଭ୍ୟାସ ହେତୁ ଯେତେବେଳେ ମନ ଓ ବୁଦ୍ଧିକୁ ଇଷ୍ଟଙ୍କ ଶ୍ରୀଚରଣରେ ବା ଆତ୍ମାରେ ଲୟ କରି ଦୀର୍ଘକାଳ ଅବସ୍ଥାନ କରିବାର କ୍ଷମତା ଉପସ୍ଥିତ ହେବ, ସେତେବେଳେ ସଚ୍ଚିଦାନନ୍ଦ ଓ ଜୀବନ୍ମୁକ୍ତ ହୋଇ ଗୃହରେ, ବନରେ ବା

ଗିରିଗୁହାରେ ସର୍ବତ୍ର ଦେବମୟ, ବ୍ରହ୍ମମୟ ବା ଆତ୍ମାମୟ ଦର୍ଶନ ପୂର୍ବକ ଯଦୃଚ୍ଛା ଅବସ୍ଥାନ କରିପାରିବେ ।

"ଆତ୍ମନ୍ୟଭେଦେନ ବିଭାୟନ୍ନିଦଂ
ଜ୍ଞାନାତ୍ୟଭେଦେନ ମୟାତ୍ମନସ୍ତଦା ।
ଯଥା ଜଳଂ ବାରିନିଧୌ ଯଥା ପୟଃ
କ୍ଷୀରେ ବିୟଦ୍‌ବ୍ୟୋମ୍ନ୍ୟନିଲେ ଯଥାନିଳଃ ॥"

ଯେତେବେଳେ ସାଧକ ଏହି ସମସ୍ତ ଜଗତକୁ ନିଜ ସହିତ ଅଭେଦ ଭାବରେ ଭାବନା କରନ୍ତି, ସେତେବେଳେ ଯେପରି ସମୁଦ୍ରରେ ପ୍ରବିଷ୍ଟ ଜଳରେ ଜଳ, ଦୁଗ୍ଧରେ ପ୍ରକ୍ଷିପ୍ତ ଦୁଗ୍ଧ, ମହାକାଶରେ ଘଟାକାଶ ଓ ମହାବାୟୁରେ ଯନ୍ତ୍ରୋତ୍‌କ୍ଷିପ୍ତ ବାୟୁ ମିଶ୍ରିତ ହୋଇ ଅଭେଦ ରୂପରେ ପ୍ରତୀତ ହୁଏ, ସେହିଭଳି ସେହି ସାଧକ ପରମାତ୍ମାଙ୍କ ସହିତ ଆପଣାକୁ ଅଭେଦ ରୂପରେ ଜାଣିପାରନ୍ତି ।

ତେଣୁ ଶାସ୍ତ୍ରରେ ଜୀବନ୍ମୁକ୍ତିର ଲକ୍ଷଣ ଏହିଭଳି ଭାବରେ ନିର୍ଦ୍ଦେଶ କରାଯାଇଛି- ଯେଭଳି ସହସ୍ର କିରଣମାଳୀ ଦିବାକର ସ୍ୱକୀୟ କିରଣ ବିସ୍ତାର ଦ୍ୱାରା ଚରାଚର ବ୍ରହ୍ମାଣ୍ଡ ପ୍ରକାଶ ପୂର୍ବକ ସର୍ବବ୍ୟାପୀ ରୂପରେ ବିରାଜିତ ଅଛନ୍ତି —ସେହିଭଳି ଚୈତନ୍ୟ ସ୍ୱରୂପ ଯେଉଁ ବ୍ରହ୍ମ, ସେ ନିଖିଳ ଜୀବ ଚୈତନ୍ୟ ଦ୍ୱାରା ସମସ୍ତ ବ୍ରହ୍ମାଣ୍ଡ ପ୍ରକାଶ ପୂର୍ବକ ଅବସ୍ଥାନ କରୁଛନ୍ତି । ଏହିଭଳି ଜ୍ଞାନବିଶିଷ୍ଟ ଯେଉଁ ପୁରୁଷ, ତାଙ୍କୁ ହିଁ ଜୀବନ୍ମୁକ୍ତ ବୋଲି କୁହାଯାଏ । ଯଥା —

"ଏବଂ ବ୍ରହ୍ମ ଜଗତ୍ ସର୍ବମଖିଳଂ ଭାସତେ ରବିଃ ।
ସଂସ୍ଥିତଃ ସର୍ବଭୂତାନାଂ ଜୀବନ୍ମୁକ୍ତଃ ସ ଉଚ୍ୟତେ ॥"

: ଓଁ ଶାନ୍ତିଃ ଓମ୍ :

# ପରିଶିଷ୍ଟ

## ବିଶେଷ ନିୟମ

**ତ**ନ୍ତ୍ରଶାସ୍ତ୍ର ଯେ କିଭଳି ମୋକ୍ଷଲାଭର ପଥପ୍ରଦର୍ଶକ, ତାହା ପାଠକମାନେ ବୋଧହୁଏ ଉତ୍ତମରୂପେ ହୃଦୟଙ୍ଗମ କରିପାରିଛନ୍ତି । ଏଥିରେ ତତ୍ତ୍ୱଜ୍ଞାନ ବା ବ୍ରହ୍ମଜ୍ଞାନ ଏବଂ ତାହା ଲାଭ କରିବାର ଉପାୟ ଯେଭଳି ଭାବରେ ପ୍ରଦର୍ଶିତ ହୋଇଅଛି, ସେଥିରେ ଯେ କୌଣସି ନିରପେକ୍ଷ ସାଧକ ବେଦାନ୍ତାଦି ଶାସ୍ତ୍ର ଅପେକ୍ଷା ତନ୍ତ୍ରଶାସ୍ତ୍ରକୁ କୌଣସି ବିଷୟରେ ଅଦୂରଦର୍ଶୀ ବୋଲି କହିପାରିବେ ନାହିଁ । ତେବେ ତନ୍ତ୍ର-ଅନଭିଜ୍ଞ ବ୍ୟକ୍ତି କଥା ଧର୍ତ୍ତବ୍ୟ ନୁହେଁ, ବରଂ ଏଥିରେ ସଗୁଣ ବ୍ରହ୍ମ ବା ସାକାର ଈଶ୍ୱରୋପାସନା ଓ ସ୍ଥୂଳ ଦେବଦେବୀଙ୍କର ଯେଉଁଭଳି ସହଜ ସାଧନ ପନ୍ଥା ବିବୃତ ହୋଇଅଛି, ତାହା ଭାବିଲେ ଶତମୁଖରେ ତନ୍ତ୍ରକାରମାନଙ୍କ ଗୁଣଗାନ କରିବାକୁ ହୁଏ । ମୁଁ 'ସାଧନକଳ୍ପ'ରେ ତାହା ବିଶେଷ ଭାବରେ ସାଧାରଣଙ୍କୁ ଜଣାଇଦେଇଛି । ଏହା ବ୍ୟତୀତ ତନ୍ତ୍ରଶାସ୍ତ୍ରରେ ଯେଉଁ ସବୁ କ୍ରୂର କର୍ମ ଓ ଅବିଦ୍ୟାର ସାଧନାଦି ବର୍ଣ୍ଣିତ ହୋଇଅଛି, ପୂର୍ବରୁ କହିଛି; ମୁଁ ତାହା ଅବିଦ୍ୟାବିମୋହିତ ମାନବସମାଜରେ ପ୍ରଚାର କରିବି ନାହିଁ । ତଥାପି କେତେଗୁଡ଼ିଏ କର୍ମାନୁଷ୍ଠାନ ପଦ୍ଧତି ଓ ସାଧନକୌଶଳ 'ପରିଶିଷ୍ଟ' ଭାଗରେ ବ୍ୟକ୍ତ କରୁଅଛି, ଯାହା କି ଗୃହସ୍ଥାଶ୍ରମୀ ମାନବମାନଙ୍କ ପକ୍ଷରେ ନିତ୍ୟ ପ୍ରୟୋଜନୀୟ । ସାମାନ୍ୟ ସାଧନାରେ ସାଧାରଣଙ୍କର ଶାସ୍ତ୍ରରେ ବିଶ୍ୱାସ ଆସିବ ଏବଂ ସାଧକ ଧନଧାନ୍ୟାଦି ଲାଭ କରି ଓ ନୀରୋଗ ହୋଇ ସୁଖରେ ସଂସାରରେ କାଳଯାପନ କରିପାରିବେ । ପୁଣି ତନ୍ତ୍ରୋକ୍ତ ଉପାୟରେ କେତେଗୁଡ଼ିଏ ଦୁରାରୋଗ୍ୟ ରୋଗର ପ୍ରତିକାରବିଧି ମଧ୍ୟ ବିବୃତ ହେବ । ପାଠକେ ! ଏସବୁ ସାଧନା କରି ରୋଗମୁକ୍ତ ହୋଇ ସହଜରେ ତନ୍ତ୍ରଶାସ୍ତ୍ରର ମହିମା ବୁଝିବାକୁ ସକ୍ଷମ ହୋଇପାରିବେ । ତଥାପି ସେହି ଅନୁଷ୍ଠାନଗୁଡ଼ିକର ଫଳଲାଭ କରିବାକୁ ହେଲେ ଶାସ୍ତ୍ରୋକ୍ତ କେତେଗୁଡ଼ିଏ ବିଶେଷ ନିୟମ ଜାଣିରଖିବା ଏକାନ୍ତ ଆବଶ୍ୟକ । ଅନ୍ୟଥା ଫଳଲାଭ ହେବ ନାହିଁ । ନିମ୍ନରେ ନିୟମଗୁଡ଼ିକ ଲିପିବଦ୍ଧ କଲି ।

ଅଦୀକ୍ଷିତ ବ୍ୟକ୍ତି ସ୍ୱାର୍ଥସିଦ୍ଧି ନିମିତ୍ତ କେବଳ କାମ୍ୟକର୍ମର ଅନୁଷ୍ଠାନ କରି ଫଳଲାଭ କରିପାରିବେ । ଦୀକ୍ଷିତ ବ୍ୟକ୍ତି କ୍ରମେ ପୂର୍ଣ୍ଣାଭିଷେକ ଓ କ୍ରମଦୀକ୍ଷା ସଂସ୍କାରରେ ସଂସ୍କୃତ ହୋଇ ପରେ କାମ୍ୟକର୍ମରେ ଅନୁଷ୍ଠାନ କରିପାରିବେ । ପ୍ରଥମେ ସାଧକ ନିତ୍ୟନୈମିତ୍ତିକ କର୍ମସକଳ ପ୍ରକୃଷ୍ଟରୂପେ ସମ୍ପନ୍ନ କରିବା ପରେ ଯେ କୌଣସି ସାଧନକାର୍ଯ୍ୟରେ ତାଙ୍କର ଅଗ୍ରସର ହେବାର କ୍ଷମତା ଜାତ ହୋଇଥାଏ । ସେତେବେଳେ ଯାହାଙ୍କ ମନରେ ଯେଭଳି ଅଭିଳାଷ, ସେ ତଦନୁରୂପ ସାଧନାରେ ପ୍ରବୃତ୍ତ ହୋଇପାରନ୍ତି । ଯାହାଙ୍କର ଯାହା ଇଷ୍ଟ ସେ ସେହି ବିଷୟରେ ସାଧନ କରିବା କର୍ତ୍ତବ୍ୟ । ସାଧନା ପରେ ଇଷ୍ଟସିଦ୍ଧି ହେଲେ ସାଧକ ସେତେବେଳେ ସବୁ ପ୍ରକାର ସାଧନକାର୍ଯ୍ୟରେ ଅଗ୍ରସର ହୋଇପାରନ୍ତି ।

ସାଧାରଣତଃ ସାଧନ ଦୁଇ ପ୍ରକାର; **ପ୍ରବୃତ୍ତିସାଧନ ଓ ନିବୃତ୍ତି ସାଧନ ।** ପ୍ରବୃତ୍ତି ସାଧନର ଉଦ୍ଦେଶ୍ୟ ହେଲା ଯେ, ଇହସଂସାରର ସୁଖ ସମୃଦ୍ଧି ଭୋଗ କରି ଅନ୍ତିମରେ ସ୍ୱର୍ଗାଦି ଲାଭ କରିବା ଓ ନିବୃତ୍ତିସାଧନର ଉଦ୍ଦେଶ୍ୟ ହେଉଛି ଯେ ଇହସଂସାରରେ ସୁଖସମୃଦ୍ଧିର ଇଚ୍ଛା ପରିତ୍ୟାଗ କରି ଅନ୍ତିମରେ ମୋକ୍ଷ ଲାଭ କରିବା । ଏଇ ଦୁଇ ପ୍ରକାର ସାଧନକାର୍ଯ୍ୟରେ ଯାହାଙ୍କର ଯେଭଳି ପ୍ରବୃତ୍ତି, ସେ ସେହିଭଳି ସାଧନା କରିବେ । ନିବୃତ୍ତି-ସାଧନାଭିଳାଷୀ ବ୍ୟକ୍ତିମାନଙ୍କର ଭୋଗସ୍ପୃହା ନ ଥିଲେ ମଧ୍ୟ ତାଙ୍କୁ ପ୍ରବୃତ୍ତି ସାଧନ କାର୍ଯ୍ୟ ସମାପନ କରିବା ପରେ ନିବୃତ୍ତିସାଧନ କାର୍ଯ୍ୟରେ ନିଯୁକ୍ତ ହେବାକୁ ପଡ଼ିବ, ଅର୍ଥାତ୍ ସାଧନକାର୍ଯ୍ୟଗୁଡ଼ିକ ଯେଉଁ ପ୍ରଣାଳୀରେ ବିନ୍ୟସ୍ତ ହୋଇଛି, ତାହା ସମସ୍ତଙ୍କ ପକ୍ଷରେ କରଣୀୟ । ତାହା ମଧ୍ୟରେ କାହାରି ଭୋଗସ୍ପୃହା ଥାଏ, କାହାରି ବା ନ ଥାଏ, ଏତିକି ମାତ୍ର ପ୍ରଭେଦ । କିନ୍ତୁ ପଦ୍ଧତି ଅନୁସାରେ ସମସ୍ତଙ୍କୁ ଚଳିବାକୁ ହେବ । ନ ଚଳିଲେ ପ୍ରତ୍ୟବାୟ ହେବ ଅର୍ଥାତ୍ ଇଷ୍ଟସିଦ୍ଧି ଲାଭ ହେବ ନାହିଁ । ଏହାର କାରଣ ହେଲା ଯେ, ପଦ୍ଧତି ଅନୁଯାୟୀ ଚଳି ନ ପାରିଲେ, ମନର ପ୍ରସନ୍ନତା ଜାତ ହେବ ନାହିଁ । ସୁତରାଂ ସିଦ୍ଧିଲାଭ କଷ୍ଟକର ହୋଇଉଠିବ । ତେଣୁ ତନ୍ତ୍ରର ଉପଦେଶ ହେଉଛି, ଯେ ପର୍ଯ୍ୟନ୍ତ ସଂସାର-ସୁଖ - ସ୍ପୃହା ପରିତୃପ୍ତ ନ ହୋଇଛି, ସେ ପର୍ଯ୍ୟନ୍ତ ଗୃହସ୍ଥାଶ୍ରମରେ ଅବସ୍ଥାନପୂର୍ବକ ନିତ୍ୟନୈମିତ୍ତିକ ଓ କାମ୍ୟାଦି କର୍ମସକଳ ସମ୍ପାଦନ କରିବାକୁ ହେବ । ତାହା ପରେ

ଭୋଗସ୍ପୃହା ଅବସାନ ଘଟିଲେ, ନିବୃତ୍ତିଧର୍ମ ସାଧନ ନିମିତ୍ତ ସନ୍ନ୍ୟାସାଶ୍ରମ ଅବଲମ୍ବନ କରିବାକୁ ପଡ଼ିବ । ଇହଲୋକରେ ସୁଖଭୋଗ ପାଇଁ ଏବଂ ପରଲୋକରେ ସ୍ୱର୍ଗାଦି ଭୋଗ ନିମିତ୍ତ ଯେଉଁସବୁ ବେଦବିହିତ କର୍ମ, ସେଗୁଡ଼ିକ ସଂସାରପ୍ରବୃତ୍ତିର ହେତୁ ହୋଇଥିବାରୁ, ସେ ସବୁକୁ **ପ୍ରବୃତ୍ତିଧର୍ମ** ଏବଂ ବ୍ରହ୍ମଜ୍ଞାନମୂଳକ ଯେଉଁସବୁ ନିଷ୍କାମକର୍ମ ସଂସାର ନିବୃତ୍ତିର କାରଣ, ସେ ସମସ୍ତଙ୍କୁ **ନିବୃତ୍ତି ଧର୍ମ**ସାଧନ କୁହାଯାଏ । ପ୍ରବୃତ୍ତିକର୍ମର ସଂଶୋଧନ ଦ୍ୱାରା ଦେବତୁଲ୍ୟ ଗତି ଲାଭ ହୋଇଥାଏ ଏବଂ ନିବୃତ୍ତିକର୍ମର ସାଧନ ଦ୍ୱାରା ଭୂତ-ପ୍ରପଞ୍ଚକୁ ଅତିକ୍ରମ କରି ମୋକ୍ଷଲାଭ ହୁଏ । ଯଥା —

**"ସକାମାଶ୍ଚୈବ ନିଷ୍କାମା ଦ୍ୱିବିଧା ଭୁବି ମାନବାଃ ।**
**ଆକାମାନାଂ ପଦଂ ମୋକ୍ଷୋ କାମିନାଂ ଫଳମୁଚ୍ୟତେ ॥"**

— ମହାନିର୍ବାଣ-ତନ୍ତ୍ର

**ଏହି ସଂସାରରେ ସକାମ ଓ ନିଷ୍କାମ ଏହି ଦୁଇ ଶ୍ରେଣୀର ମାନବ ଦୃଷ୍ଟ** ହୁଅନ୍ତି । ଏମାନଙ୍କ ମଧ୍ୟରୁ ଯେଉଁମାନେ ନିଷ୍କାମ, ସେମାନେ ମୋକ୍ଷପଦର ଅଧିକାରୀ ଏବଂ ଯେଉଁମାନେ ସକାମ, ସେମାନେ ସଂସାରର ନାନାପ୍ରକାର ଭୋଗ୍ୟବସ୍ତୁ ଭୋଗ କରି ଅନ୍ତିମରେ କର୍ମାନୁଯାୟୀ ସ୍ୱର୍ଗାଲୋକାଦି ପ୍ରାପ୍ତ ହୁଅନ୍ତି । ଅତଏବ, ସକାମ ବ୍ୟକ୍ତିମାନେ ହିଁ କାମ୍ୟକର୍ମର ଅନୁଷ୍ଠାନ କରିବା ଆବଶ୍ୟକ ।

ନିତ୍ୟନୈମିତ୍ତିକ କ୍ରିୟାବାନ୍ ବ୍ୟକ୍ତି କ୍ରମଦୀକ୍ଷା କିମ୍ବା ପୂର୍ଣ୍ଣାଭିଷେକ ସଂସ୍କାର ଲାଭ କରି କାମ୍ୟକର୍ମର ଅନୁଷ୍ଠାନରେ ପ୍ରବୃତ୍ତ ହେବା ଦରକାର । ଶାକ୍ତ, ଶୈବାଦି ପଞ୍ଚଉ-ପାସକମାନେ କାମ୍ୟକର୍ମର ଅଧିକାରୀ । ଓଁକାର-ଉପାସକ ବା ସନ୍ନ୍ୟାସାଶ୍ରମୀ କୌଣସି ବ୍ୟକ୍ତି କେବେହେଲେ କାମ୍ୟକର୍ମର ଅନୁଷ୍ଠାନ କରିବା ଉଚିତ ନୁହେଁ । ଯେଉଁମାନେ ନିତ୍ୟନୈମିତ୍ତିକ କର୍ମ ସାଧନ ନ କରି ଫଳଲାଭରେ ପ୍ରଲୁବ୍ଧ ହୋଇ କେବଳ ମାତ୍ର କାମ୍ୟକର୍ମର ଅନୁଷ୍ଠାନ କରିଥା'ନ୍ତି, ସେମାନେ, ସମଧିକ ଭ୍ରାନ୍ତ । କାରଣ କେବଳ ନିତ୍ୟକର୍ମ ପରାୟଣ ବ୍ୟକ୍ତିମାନେ ହିଁ

ସାଧନକାର୍ଯ୍ୟରେ ଯୋଗ୍ୟତା ଲାଭ କରିପାରନ୍ତି । ଏମାନଙ୍କ ବ୍ୟତୀତ ଅନ୍ୟ କାହା ପକ୍ଷରେ ସାଧନକାର୍ଯ୍ୟରେ ଅଗ୍ରସର ହେବା, ବନ୍ଧ୍ୟା-ସ୍ତ୍ରୀଠାରେ ସନ୍ତାନ ଉତ୍ପାଦନର ଚେଷ୍ଟାସଦୃଶ ବିଫଳ ହୋଇଥାଏ । ସୁତରାଂ ସେମାନେ ସାଧନକାର୍ଯ୍ୟରେ ଆଶାନୁରୂପ ଫଳ ନ ପାଇଲେ, ଶାସ୍ତ୍ରର ନିନ୍ଦା ପ୍ରଚାର କରିଥାନ୍ତି । ସେଥିରେ ଅନ୍ୟମାନେ ନିରୁତ୍ସାହିତ ହୋଇପଡ଼ନ୍ତି । ଅତଏବ, ଯେ କୌଣସି ସାଧନକାର୍ଯ୍ୟରେ ଫଳଲାଭ କରିବାକୁ ଇଚ୍ଛା ଥିଲେ, ଅତିଶୟ ଯତ୍ନର ସହିତ ନିତ୍ୟକର୍ମର ଅନୁଷ୍ଠାନ କରିବା ଆବଶ୍ୟକ । ଏକମାତ୍ର ନିତ୍ୟକର୍ମପରାୟଣ ସାଧକମାନେ ହିଁ **କାମ୍ୟକର୍ମ ସାଧନ ଅଧିକାରୀ** ।

ନିତ୍ୟନୈମିତ୍ତିକ କର୍ମାନୁଷ୍ଠାନକାରୀ ସାଧକମାନେ ଫଳକାମନା କରି ଯେ କୌଣସି କାମ୍ୟକର୍ମର ଅନୁଷ୍ଠାନ କରିପାରନ୍ତି । ଅନ୍ୟମାନଙ୍କ ପକ୍ଷରେ ସେ ଆଶା ଦୁରାଶା ମାତ୍ର । ସାଧକମାନେ ସତ୍ୟବାଦୀ, ସଂଯତ ଓ ହବିଷ୍ୟାଶୀ ହୋଇ ସାଧନ କାର୍ଯ୍ୟର ଅନୁଷ୍ଠାନ କରିବା ବିଧେୟ । ଦେବାଳୟରେ, ବନ ମଧ୍ୟରେ, ନଦୀତୀରରେ, ପର୍ବତରେ, ଶ୍ମଶାନରେ, କୁଳବୃକ୍ଷ ମୂଳରେ କିମ୍ବା ଯେ କୌଣସି ନିର୍ଜ୍ଜନ ସ୍ଥାନରେ ଗୋପନ ଭାବରେ ସାଧନ କରିବାକୁ ପଡ଼େ ।

ସାଧନାଦି ବ୍ୟତୀତ କୌଣସି ଶାନ୍ତିକର୍ମ, ସ୍ୱସ୍ତ୍ୟୟନ, ପୂଜା, ହୋମ ବା ସ୍ତବକବଚାଦି ନିମିତ୍ତ ମଧ୍ୟ ପୂର୍ବୋକ୍ତ ପ୍ରକାରର ଅଧିକାରୀଙ୍କର ପ୍ରୟୋଜନ; ଅନ୍ୟଥା ଫଳଲାଭ ସୁଦୂରପରାହତ । ପୁଣି ଦୀକ୍ଷିତ ବ୍ରାହ୍ମଣଙ୍କ ବ୍ୟତୀତ ତନ୍ତ୍ରୋକ୍ତ ଯନ୍ତ୍ର-ମନ୍ତ୍ର ଅନ୍ୟ କେହି ବ୍ୟବହାର କରିପାରିବେ ନାହିଁ । ବ୍ରାହ୍ମଣମାନଙ୍କ ବ୍ୟତୀତ ଶୂଦ୍ରାଦି ଜାତିର ଲୋକେ ନିଜ ଗୁରୁ କିମ୍ବା ପୁରୋହିତଙ୍କ ଦ୍ୱାରା ସେହିସବୁ କାର୍ଯ୍ୟ କରାଇପାରିବେ । ଗୁରୁ ଓ ପୁରୋହିତଙ୍କ ଅଭାବରେ ଅନ୍ୟ ବ୍ରାହ୍ମଣଙ୍କ ଦ୍ୱାରା ଏହା କରାଯାଇପାରେ । ଶୂଦ୍ରାଦିମାନଙ୍କ ମଧ୍ୟରୁ ଯେଉଁମାନେ ଦୀକ୍ଷାଗ୍ରହଣ କରିବା ପରେ ପୂର୍ଣ୍ଣାଭିଷେକ ସଂସ୍କାର ଲାଭ କରିଛନ୍ତି, ସେମାନେ ନିଜେ ନିଜର ସମସ୍ତ କର୍ମ ସମ୍ପାଦନ କରିପାରିବ । ଶୂଦ୍ର ପୂର୍ଣ୍ଣାଭିଷିକ୍ତ ହେଲେ, ସେ ଯେଉଁ ଜାତିର ଶୂଦ୍ର ହୁଅନ୍ତୁ

ନା କାହିଁକି, ସେ ବ୍ରାହ୍ମଣମାନଙ୍କ ପରି ସବୁ କାର୍ଯ୍ୟର ଅଧିକାରୀ ହୋଇପାରିବେ ଏବଂ ପ୍ରଣବାଦି ସମସ୍ତ ବେଦମନ୍ତ୍ର ଉଚ୍ଚାରଣ କରିପାରିବେ । ସୁତରାଂ ଅଭିଷିକ୍ତ ବୈଶ୍ୟ ଓ ଶୂଦ୍ରମାନେ ନିଜେ ଏହା ପରେ ବର୍ଣ୍ଣିତ ହୋଇଥିବା ଯେ କୌଣସି କାର୍ଯ୍ୟ କରିପାରିବ, ଏଥିରେ କିଛିମାତ୍ର ବାଧା ନାହିଁ । କିନ୍ତୁ ନିତ୍ୟନୈମିତ୍ତିକ କ୍ରିୟାହୀନ, ଆଚାରଭ୍ରଷ୍ଟ ବ୍ୟକ୍ତିଙ୍କ ଦ୍ୱାରା କେବେହେଲେ ସୁଫଳର ଆଶା ନାହିଁ । ଯଥା -

**"ଅସ୍ତୁ ତାବଦ୍ ପରୋ ଧର୍ମଃ ପୂର୍ବଧର୍ମୋଽପି ନଶ୍ୟତି ।**
**ଶାମ୍ଭବାଚାରହୀନସ୍ୟ ନରକାନ୍ନୈବ ନିଷ୍କୃତିଃ ।।"**

— ମହାନିର୍ବାଣ-ତନ୍ତ୍ର

ଯେଉଁମାନେ ଶିବବର୍ଣ୍ଣିତ ଆଚାରହୀନ, ସେମାନଙ୍କର ସେହି କର୍ମ ଯୋଗୁଁ ଧର୍ମଲାଭ ତ ଦୂରର କଥା, ପୂର୍ବସଞ୍ଚିତ ଧର୍ମ ମଧ୍ୟ ନଷ୍ଟ ହୋଇଯାଏ ଏବଂ ସେମାନଙ୍କର ଆଉ ନରକରୁ ଉଦ୍ଧାର ପାଇବାର ଉପାୟ ରହେ ନାହିଁ ।

ଅତଏବ, ପୂର୍ବୋକ୍ତ ପ୍ରକାରର ଅଧିକାରୀ ବ୍ୟକ୍ତି ପଶ୍ଚାଦୁକ୍ତ ସାଧନ ଓ ଶାନ୍ତି କର୍ମର ଅନୁଷ୍ଠାନ କରିବାର ଉପଯୁକ୍ତ ଅଧିକାରୀ । ଅନ୍ୟମାନେ ଏହା ଅନୁଷ୍ଠାନ କଲେ ଫଳଲାଭର ଆଶା ନାହିଁ । ଅନଧିକାରୀ ବ୍ୟକ୍ତି ସାଧନାର ଅନୁଷ୍ଠାନ କଲେ ବିଡ଼ମ୍ବନା ଭୋଗ କରିବେ ଏବଂ ଶାସ୍ତ୍ରରେ ଅବିଶ୍ୱାସୀ ହୋଇ ଜୀବନକୁ ବିଷମୟ କରି ପକାଇବେ । ଉପଯୁକ୍ତ ସଂସ୍କାର ଲାଭ କରି ଯଥାବିଧି ଆଚାରପାଳନପୂର୍ବକ ସାଧନ ବା ଜପପୂଜାଦିର ଅନୁଷ୍ଠାନ କଲେ ନିଶ୍ଚୟ ଫଳଲାଭ ହୋଇପାରିବ । ଏହି ଶିବବାକ୍ୟରେ ସନ୍ଦେହ କରିବାର କିଛି ମାତ୍ର କାରଣ ନାହିଁ । ମୁଁ ମଧ୍ୟ ବହୁ **ସମୟରେ ପଶ୍ଚାଦୁକ୍ତ ବିଷୟଗୁଡ଼ିକ ପରୀକ୍ଷା କରି ଫଳ ଲାଭ କରିଅଛି** । ତେଣୁ ଭୋଗାସକ୍ତ ମାନବମାନଙ୍କ ନିମିତ୍ତ ନୀରୋଗ ଓ ଦୀର୍ଘଜୀବନ ଲାଭର ଉପାୟ ଏବଂ ଭୋଗ ଓ ଭୋଗ୍ୟବସ୍ତୁ ସଂଗ୍ରହର ଉପାୟ ନିମ୍ନରେ ବିବୃତ୍ତ କଲି । ପାଠକମାନେ ତନ୍ତ୍ରୋକ୍ତ ସାଧନାରେ ଅଧିକାର ଲାଭ କରି କର୍ମାନୁଷ୍ଠାନପୂର୍ବକ ଶାସ୍ତ୍ରବାକ୍ୟରେ ସତ୍ୟତା ପରୀକ୍ଷା କରିବା ଦରକାର । ତାହାହେଲେ ସୁସ୍ଥ ଓ ନୀରୋଗ ଦେହ ଲାଭ କରି ଭୋଗସୁଖରେ ଜୀବନ ଅତିବାହିତ କରିପାରିବେ ।

# ଯୋଗିନୀ-ସାଧନ

**ଭୈ**ରବୀ, ନାୟିକାଦି ଅବିଦ୍ୟା ଏବଂ ଯୋଗିନୀ ଆଦି ଉପବିଦ୍ୟାର ସାଧନାରେ ଇହସଂସାରରେ ଖ୍ୟାତି-ପ୍ରତିପତ୍ତି ସହିତ ରାଜାଙ୍କ ପରି ଭୋଗବିଳାସରେ କାଳାତିପାତ କରାଯାଇପାରେ । କିନ୍ତୁ ଅବିଦ୍ୟାସେବୀ ବ୍ୟକ୍ତିଙ୍କର ଅନ୍ତିମରେ ନରକ ଅବଶ୍ୟମ୍ଭାବୀ । ବିଶେଷତଃ ଅବିଦ୍ୟା ସେବନରେ ବିପରୀତ ବୁଦ୍ଧିର ଉଦୟ ହୋଇ ମନୋବାସନା ପୂରଣରେ ମଧ୍ୟ ବିଘ୍ନ ଘଟିଥାଏ । ଦେଶପ୍ରସିଦ୍ଧ କଳାପାହାଡ଼ ଦେବତା, ଧର୍ମ, ଗୋ ଓ ବ୍ରାହ୍ମଣମାନଙ୍କ ରକ୍ଷା ନିମିତ୍ତ ଅଷ୍ଟନାୟିକା ସାଧନା କରି କିପରି ଦେବତା ଓ ଧର୍ମ ରକ୍ଷା କରିଥିଲେ, ତାହା ସମସ୍ତେ ଅବଗତ ଅଛନ୍ତି । ସୁତରାଂ ଅବିଦ୍ୟାବିମୋହିତ ମାନବ-ସମାଜରେ ଅବିଦ୍ୟାର ସାଧନଗୁଡ଼ିକ ବ୍ୟକ୍ତ କରିବା ମଙ୍ଗଳଜନକ ନୁହେଁ । ତେବେ ଉପବିଦ୍ୟାଦି ସାଧନରେ ସେ ଭୟ ନାହିଁ । ବରଂ ତାହା ସାଧନ କଲେ, ପ୍ରବୃତ୍ତିପୂର୍ଣ୍ଣ ଭୋଗବାସନା କ୍ଷୟ ହୋଇ ମହାବିଦ୍ୟା ସାଧନରେ ଅଧିକାର ଲାଭ ହୋଇଥାଏ । ତେଣୁ ମୁଁ **ଯୋଗିନୀସାଧନ** ବିବୃତ କରୁଅଛି ।

ଶାସ୍ତ୍ରାଦିରେ ବର୍ଣ୍ଣିତ ଅଛି ଯେ, ଯୋଗିନୀମାନେ ଜଗଜ୍ଜନନୀ ଜଗଦମ୍ବାଙ୍କର ସହଚାରିଣୀ । ସୁତରାଂ ଯୋଗିନୀ-ସାଧନା କରି ଯେପରି ଭୋଗବାସନା ପୂରଣ କରାଯାଏ, ସେହିପରି ପୁଣି ସେମାନଙ୍କ ସାହାଯ୍ୟରେ ଇଷ୍ଟଦେବତାଙ୍କର ସାକ୍ଷାତ୍କାର ଲାଭରେ ମଧ୍ୟ ସାହାଯ୍ୟ ମିଳେ । ତେଣୁ ଭୂତଭାବନ ଭବାନୀପତି ପ୍ରାଣୀମାନଙ୍କର ହିତସାଧନ ନିମିତ୍ତ ଯୋଗିନୀ-ସାଧନ ପ୍ରକାଶ କରିଛନ୍ତି । ଯୋଗିନୀମାନଙ୍କର ଅର୍ଚ୍ଚନା କରି କୁବେର ଧନାଧିପତି ହୋଇଛନ୍ତି । ଏହି ଯୋଗିନୀମାନଙ୍କର ଅର୍ଚ୍ଚନା କଲେ ମାନବ ରାଜତ୍ୱ ପର୍ଯ୍ୟନ୍ତ ଲାଭ କରିପାରେ ।

ଯୋଗିନୀମାନଙ୍କ ମଧ୍ୟରେ ସୁରସୁନ୍ଦରୀ, ମନୋହରା, କନକବତୀ, କାମେଶ୍ୱରୀ, ରତିସୁନ୍ଦରୀ, ପଦ୍ମିନୀ, ନଟିନୀ ଓ ମଧୁମତୀ — ଏହି **ଆଠଜଣ ପ୍ରଧାନ** । ଏମାନଙ୍କ ମଧ୍ୟରୁ ଜଣ ଜଣଙ୍କ ସାଧନାରେ ମାନବ ଅଶେଷ ସୁଖ ଓ

ସମ୍ପତ୍ତିର ଅଧିକାରୀ ହୋଇ ଖ୍ୟାତି-ପ୍ରତିପତ୍ତି ସହିତ ଦୀର୍ଘକାଳ ସଂସାରଯାତ୍ରା ନିର୍ବାହ କରିପାରେ । ଏହି ଗ୍ରନ୍ଥରେ ସବୁ ଯୋଗିନୀଙ୍କର ସାଧନପଦ୍ଧତି ବିବୃତ କରିବା ଅସମ୍ଭବ । ମୁଁ କେବଳ **ସର୍ବଶ୍ରେଷ୍ଠ 'ମଧୁମତୀ'** ଯୋଗିନୀଙ୍କ ସାଧନପ୍ରଣାଳୀ ଏହି ଖଣ୍ଡରେ ବିବୃତ କରିବି । ଯେ କୌଣସି ଗୋଟିଏ ଯୋଗିନୀଙ୍କର ସାଧନା କଲେ, ସାଧକଙ୍କ ମନୋବାଞ୍ଛା ପୂର୍ଣ୍ଣ ହେବ । ତେବେ ଏ ସର୍ବସିଦ୍ଧିପ୍ରଦାୟିନୀ ମଧୁମତୀ ଦେବୀ ଅତିଗୁହ୍ୟା । ଏକମାତ୍ର ଏହାଙ୍କ ସାଧନାରେ ମାନବର ସର୍ବାଭୀଷ୍ଟ ସିଦ୍ଧ ହୋଇପାରେ ଏବଂ ଏହାଙ୍କ ସାଧନା ମଧ୍ୟ କିଞ୍ଚିତ୍ ସହଜସାଧ୍ୟ । ତେଣୁ ମୁଁ **ମଧୁମତୀ ଯୋଗିନୀଙ୍କ ସାଧନପ୍ରଣାଳୀ** ପ୍ରକାଶ କରୁଅଛି ।

ଧୀମାନ୍ ସାଧକ ହବିଷ୍ୟାଶୀ ଓ ଜିତେନ୍ଦ୍ରିୟ ହୋଇ ଯୋଗିନୀ ସାଧନ କରିବେ । ବସନ୍ତକାଳ ଏହି ସାଧନାର ଉପଯୁକ୍ତ ସମୟ ।

**''ଉଜ୍ଜଟେ ପ୍ରାନ୍ତରେ ବାପି କାମରୂପେ ବିଶେଷତଃ ।।''** ( ଡାମର-ତନ୍ତ୍ର)

ଉଜ୍ଜଟରେ ଅଥବା ପ୍ରାନ୍ତରରେ ଏହି ସାଧନା କରିବେ । ବିଶେଷତଃ କାମରୂପରେ ଏହି ସିଦ୍ଧିକାର୍ଯ୍ୟ ବିଶେଷରୂପେ ଫଳପ୍ରଦ ହୋଇଥାଏ । ଏହି ସ୍ଥାନମାନଙ୍କ ମଧ୍ୟରୁ ଯେ କୌଣସି ଗୋଟିଏ ସ୍ଥାନରେ ସର୍ବଦା ଯୋଗିନୀଙ୍କୁ ଧ୍ୟାନ କରି ତାଙ୍କ ଦର୍ଶନ ନିମିତ୍ତ ସମୁତ୍ସୁକ ହୋଇ ସୁସଂଯତ ଚିତ୍ତରେ ଏହି ସାଧନ ସମ୍ପନ୍ନ କରିବା ଦରକାର । ଏହିପରି ବିଧାନରେ ସାଧନ କରିପାରିଲେ, ନିଶ୍ଚୟ ଦେବୀଙ୍କ ଦର୍ଶନ ଲାଭ ହୋଇପାରିବ । ଯେଉଁମାନେ ଦେବୀଙ୍କର ସେବକ, ସେମାନେ ହିଁ ଏହି କାର୍ଯ୍ୟର ଅଧିକାରୀ । ବ୍ରହ୍ମୋପାସକ ସନ୍ୟାସୀମାନେ ଏହି କାର୍ଯ୍ୟର ଅଧିକାରୀ ନୁହନ୍ତି । ଯଥା —

**''ଦେବ୍ୟାଶ୍ଚ ସେବକାଃ ସର୍ବେ ପରଂ ଚାତ୍ରାଧିକାରିଣଃ ।**
**ତାରକବ୍ରହ୍ମଣୋ ଭୃତ୍ୟଂ ବିନାପ୍ୟତ୍ରାଧିକାରିଣଃ ।।''** (ତନ୍ତ୍ରସାର)

ଧୀମାନ୍ ସାଧକ ପ୍ରାତଃକାଳରେ ଗାତ୍ରୋତ୍ଥାନ କରି ସ୍ନାନାଦି ନିତ୍ୟକର୍ମ ସମାପନ ଶେଷରେ 'ହୌଁ' ଏହି ମନ୍ତ୍ରରେ ଆଚମନ କରି 'ଓଁ ସହସ୍ରାରେ ହୂଁ ଫଟ୍'

ଏହି ମନ୍ତ୍ରରେ ଦିଗ୍‌ବନ୍ଧନ କରିବେ । ଏହାପରେ ଯଥୋପଯୁକ୍ତ ସ୍ଥାନରେ ସାଧନାର ଆୟୋଜନ କରି ପୂଜାଦ୍ରବ୍ୟାଦି ଆନୟନ କରିବେ । ଉତ୍ତର କିମ୍ବା ପୂର୍ବମୁଖ ହୋଇ ଯେ କୌଣସି ଆସନରେ ଉପବେଶନ ପୂର୍ବକ (ଏହି କାର୍ଯ୍ୟରେ ରଙ୍ଗୀନ କମ୍ବଳାସନ ପ୍ରଶସ୍ତ) ଭୂର୍ଜପତ୍ରରେ କୁଙ୍କୁମ ଦ୍ୱାରା ଧ୍ୟାନାନୁଯାୟୀ ମଧୁମତୀ ଦେବୀଙ୍କ ପ୍ରତିମୂର୍ତ୍ତି ଅଙ୍କନ କରି ତାହାର ବହିର୍ଭାଗରେ ଅଷ୍ଟଦଳ ପଦ୍ମ ଅଙ୍କନ କରିବେ । ତାହା ପରେ ଆଚମନ, ଅଙ୍ଗନ୍ୟାସାଦି କରି **'ସୂର୍ଯ୍ୟଃ ସୋମଃ'** ପାଠପୂର୍ବକ ସ୍ୱସ୍ତିବାଚନ କରିବାକୁ ହେବ । ତା'ପରେ ସୂର୍ଯ୍ୟାର୍ଘ୍ୟ ସ୍ଥାପନ କରି ପ୍ରଣାମ କରିବେ । ପରେ ମୂଳମନ୍ତ୍ରରେ ୧୬।୬୪।୩୨ ସଂଖ୍ୟାରେ ତିନିଥର ପ୍ରାଣାୟାମ କରି - **ହ୍ରାଂ ହ୍ରୀଂ ହ୍ରୂଂ ହ୍ରୈଂ ହ୍ରୌଂ ହ୍ରଃ''** — ଏହି ମନ୍ତ୍ର ଦ୍ୱାରା ଅଙ୍ଗନ୍ୟାସ ଓ କରନ୍ୟାସ କରିବା ଦରକାର । ତାହା ପରେ ଭୂର୍ଜପତ୍ରରେ ଅଙ୍କିତ ମୂର୍ତ୍ତିରେ ଜୀବନ୍ୟାସ ଦ୍ୱାରା ପ୍ରାଣପ୍ରତିଷ୍ଠା ଏବଂ ପୀଠଦେବତାଙ୍କ ଆବାହନ କରି ମଧୁମତୀଙ୍କ ଧ୍ୟାନ କରିବା ବିଧେୟ ।

**''ଓଁ ଶୁଦ୍ଧସ୍ଫଟିକସଂକାଶଂ ନାନାରତ୍ନବିଭୂଷିତାମ୍ ।**
**ମଞ୍ଜୀରହାରକେୟୂରରତ୍ନକୁଣ୍ଡଳମଣ୍ଡିତାମ୍ ॥''**

ଏହି ମନ୍ତ୍ରରେ ଧ୍ୟାନ କରି ମୂଳମନ୍ତ୍ରରେ ଦେବୀଙ୍କ ପୂଜା କରିବାକୁ ହେବ । ମୂଳମନ୍ତ୍ର ଉଚ୍ଚାରଣପୂର୍ବକ ପାଦ୍ୟାଦି ପ୍ରଦାନ କରି ଧୂପ, ଦୀପ, ନୈବେଦ୍ୟ, ଗନ୍ଧପୁଷ୍ପ ଓ ତାମ୍ବୁଳ ନିବେଦନ କରିବେ । ପୂଜାଦି ସାମାନ୍ୟ ପୂଜା-ପ୍ରକରଣ ପ୍ରଣାଳୀରେ ସମ୍ପନ୍ନ କରିବାକୁ ହେବ ।

ଏହା ପରେ ପୂଜା ଶେଷରେ ପୁନର୍ବାର ପ୍ରାଣାୟାମ ଏବଂ ଅଙ୍ଗନ୍ୟାସ ଓ କରନ୍ୟାସ ସମାଧାନ କରି ଯୋଗିନୀଙ୍କୁ ଧ୍ୟାନପୂର୍ବକ ଜପର ନିୟମାନୁସାରେ ସମାହିତ ଚିତ୍ତରେ ସହସ୍ରବାର ଜପ କରିବା ଦରକାର । ତାହା ପରେ ପୁନରାୟ ପ୍ରାଣାୟାମ କରି ଦେବୀଙ୍କ ହସ୍ତରେ ଜପଫଳ ସମର୍ପଣ ଓ ଭକ୍ତିଭାବରେ ସାଷ୍ଟାଙ୍ଗ ପ୍ରଣାମ କରିବା ଆବଶ୍ୟକ । **ମଧୁମତୀ ଦେବୀଙ୍କ ମନ୍ତ୍ର ଯଥା - ''ଓଁ ହ୍ରୀଂ ଆଗଚ୍ଛ ଅନୁରାଗିଣି ମୈଥୁନପ୍ରିୟେ ସ୍ୱାହା ।''** ଏହି ମନ୍ତ୍ର ଶ୍ରୀଗୁରୁଙ୍କ ନିକଟରୁ ଶୁଣି ନେଇପାରିଲେ, ଅତି ଉତ୍ତମ କଥା ।

ଏହି ସାଧନ କୃଷ୍ଣପକ୍ଷର ପ୍ରତିପଦ ତିଥିରେ ଆରମ୍ଭ କରି ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟାଦି ଉପଚାର ଦ୍ୱାରା ତ୍ରିସନ୍ଧ୍ୟାରେ ତିନି ଥର ଦେବୀଙ୍କ ପୂଜା ଓ ସହସ୍ରସଂଖ୍ୟକ ଜପ କରିବାକୁ ହେବ । ଏହି ଭଳି ଏକ ମାସ ପୂଜା ଓ ଜପ କରି ପୂର୍ଣ୍ଣିମା ତିଥିରେ ପ୍ରାତଃକାଳରେ ଷୋଡ଼ଶୋପଚାରରେ ଦେବୀଙ୍କ ପୂଜା କରିବା ଦରକାର । ଏହାପରେ ଘୃତ-ପ୍ରଦୀପ ଓ ଧୂପ ପ୍ରଦାନ କରି ଦିବାରାତ୍ରି ମନ୍ତ୍ର ଜପ କରିବାକୁ ହେବ । ରାତ୍ରିରେ ଦେବୀ ସାଧକଙ୍କୁ ନାନା ପ୍ରକାର ଭୟ ପ୍ରଦର୍ଶନ କରିଥା'ନ୍ତି । ସେଥିରେ ସାଧକ ଭୀତ ନ ହୋଇ ଜପ କରୁଥିବେ । ଦେବୀ ସାଧକଙ୍କୁ ଦୃଢ଼ପ୍ରତିଜ୍ଞ ବୋଲି ଜାଣିପାରିଲେ, ପ୍ରଭାତ ସମୟରେ ସାଧକଙ୍କ ନିକଟକୁ ଆଗମନ କରିବେ । ସେତେବେଳେ ସାଧକ ପୁନର୍ବାର ପାଦ୍ୟାଦି ଦ୍ୱାରା ଦେବୀଙ୍କର ପୂଜାକରି ଉତ୍ତମ ଚନ୍ଦନ ଓ ସୁଗନ୍ଧି ପୁଷ୍ପମାଳା ପ୍ରଦାନପୂର୍ବକ ଦେବୀଙ୍କୁ ମାତା, ଭଗିନୀ, ଭାର୍ଯ୍ୟା ବା ସଖୀ ସମ୍ବୋଧନ କରି ବର ଗ୍ରହଣ କରିବେ । ପରେ ଦେବୀ ସାଧକଙ୍କୁ ଅଭିଳଷିତ ବର ପ୍ରଦାନପୂର୍ବକ ନିଜ ଆଳୟକୁ ପ୍ରସ୍ଥାନ କରିବେ ।

ଯୋଗିନୀସାଧନରେ ସିଦ୍ଧି ଲାଭ କଲେ, ଦେବୀ ପ୍ରତ୍ୟହ ରାତ୍ରରେ ସାଧକଙ୍କ ନିକଟକୁ ଆଗମନ କରି ରତି ଓ ଭୋଜନ ଦ୍ରବ୍ୟ ଦ୍ୱାରା ତାଙ୍କୁ ପରିତୁଷ୍ଟ କରିଥାନ୍ତି । ଦେବକନ୍ୟା, ଦାନବକନ୍ୟା, ନାଗକନ୍ୟା, ଯକ୍ଷକନ୍ୟା, ଗନ୍ଧର୍ବକନ୍ୟା, ବିଦ୍ୟାଧରକନ୍ୟା, ରାଜକନ୍ୟା ଓ ବିବିଧ ରତ୍ନଭୂଷଣ ଏବଂ ଚର୍ବ୍ୟଚୋଷ୍ୟାଦି ନାନା ଭକ୍ଷ୍ୟ ଦ୍ରବ୍ୟ ପ୍ରଦାନ କରିଥା'ନ୍ତି । ଦେବୀଙ୍କୁ ଭାର୍ଯ୍ୟାରୂପରେ ଭଜନା କଲେ, ସାଧକ ଅନ୍ୟ ସ୍ତ୍ରୀ ପ୍ରତି ଆସକ୍ତି ପରିତ୍ୟାଗ କରିବା ଆବଶ୍ୟକ; ଅନ୍ୟଥା ଦେବୀ କ୍ରୁଦ୍ଧା ହୋଇ ସାଧକଙ୍କୁ ବିନାଶ କରିଥା'ନ୍ତି । ଯଥା -

''ଅନ୍ୟସ୍ତ୍ରୀଗମନଂ ତ୍ୟକ୍ତ୍ୱା ଅନ୍ୟଥା ନଶ୍ୟତି ଧ୍ରୁବମ୍ ।।'' (ଭୂତ-ଡାମର)

ସାଧକ ଦେବୀଙ୍କ ପ୍ରସାଦରେ ସର୍ବଜ୍ଞ, ସୁନ୍ଦର କଳେବର ଓ ଶ୍ରୀମାନ୍ ହୋଇ ନିରାମୟ ଦେହରେ ଦୀର୍ଘକାଳ ଜୀବିତ ରହନ୍ତି । ତାଙ୍କର ସର୍ବତ୍ର ଗମନାଗମନର ଶକ୍ତି ଲାଭ ହୁଏ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଯେଉଁ ସମସ୍ତ ବସ୍ତୁ ବିଦ୍ୟମାନ ଅଛି, ଦେବୀ ସାଧକଙ୍କ ଆଜ୍ଞାନୁସାରେ ସେ ସମସ୍ତ ଦ୍ରବ୍ୟ ଆନୟନ କରି ସାଧକଙ୍କୁ ତାହାସବୁ ଅର୍ପଣ କରିଥା'ନ୍ତି ଏବଂ ପ୍ରତିଦିନ ପ୍ରାର୍ଥିତ ସୁବର୍ଣ୍ଣ ମୁଦ୍ରା ପ୍ରଦାନ କରିଥାନ୍ତି । ପ୍ରତିଦିନ ଯାହା ପାଇବେ, ସେ ସମୁଦାୟ ବ୍ୟୟ କରିବେ, କିଛିମାତ୍ର ଅବଶିଷ୍ଟ ଥିଲେ, ଦେବୀ କୁପିତା ହୋଇ ଆଉ କିଛି ପ୍ରଦାନ କରନ୍ତି ନାହିଁ ।

"ରେମେ ସାର୍ଦ୍ଧଂ ତୟା ଦେବି ସାଧକେନ୍ଦ୍ରୋ ଦିନେ ଦିନେ ।।" (ତନ୍ତ୍ରସାର)

ସାଧକ ଏହିଭଳି ଯୋଗିନୀ ସାଧନ କରି ପ୍ରତିଦିନ ଦେବୀଙ୍କ ସହିତ କ୍ରୀଡ଼ା କୌତୁକାଦିପୂର୍ବକ ସୁଖରେ ଜୀବନଯାପନ କରିପାରିବେ ।

## ହନୁମାନଦେବଙ୍କ ବୀର-ସାଧନା

**ଯୋ**ଗିନୀସାଧନ କରି ଯେପରି ଭୋଗବିଳାସ ଲାଭ କରାଯାଇପାରେ, ସେହିପରି ହନୁମାନ-ସାଧନ କରି ଶୌର୍ଯ୍ୟବୀର୍ଯ୍ୟ ଲାଭପୂର୍ବକ ପୃଥିବୀରେ ନିଜ ଆଧିପତ୍ୟ ବିସ୍ତାର କରାଯାଇଥାଏ । ସେହି କାରଣରୁ ମୁଁ ହନୁମାନଦେବଙ୍କର ସାଧନପ୍ରଣାଳୀ ମଧ୍ୟ ବିବୃତ କରୁଅଛି । ଏହି ସାଧନପ୍ରଣାଳୀ ମହାପୁଣ୍ୟପ୍ରଦ ଓ ମହାପାତକନାଶକ । ଯାହାଙ୍କ ପ୍ରସାଦରୁ ଅର୍ଜ୍ଜୁନ ତ୍ରିଲୋକବିଜୟୀ ହୋଇଥିଲେ, ସେହି ହନୁମାନଦେବଙ୍କର ସାଧନା ଅତି ଗୁହ୍ୟ ଏବଂ ମାନବ ପକ୍ଷରେ ଶୀଘ୍ର ସିଦ୍ଧିପ୍ରଦ । ଯଥା -

**"ଏତନ୍ମନ୍ତ୍ରମର୍ଜ୍ଜୁନାୟ ପ୍ରଦତ୍ତଂ ହରିଣା ପୁରା ।**
**ଜୟେନ ସାଧନଂ କୃତ୍ୱା ଜିତଂ ସର୍ବଚରାଚରମ୍ ।।" (ତନ୍ତ୍ରସାର)**

ହନୁମାନ ସାଧନାର ମନ୍ତ୍ର ପୂର୍ବରେ ଶ୍ରୀହରି ଅର୍ଜ୍ଜୁନଙ୍କୁ ପ୍ରଦାନ କରିଥିଲେ । ଏହି ମନ୍ତ୍ର ସାଧନ କରି ଅର୍ଜ୍ଜୁନ ଚରାଚର ଜଗତ୍ ଜୟ କରିପାରିଥିଲେ ।

ଗୁରୁଦେବଙ୍କ ନିକଟରୁ ହନୁମାନ-ମନ୍ତ୍ର ଗ୍ରହଣ କରି ନଦୀକୂଳ, ବିଷ୍ଣୁମନ୍ଦିର, ନିର୍ଜ୍ଜନ ସ୍ଥାନ ଅଥବା ପର୍ବତରେ ଏକାଗ୍ରଚିତ୍ତରେ ସାଧନ କରିବାକୁ ହେବ । **"ହଂ ପବନନନ୍ଦନାୟ ସ୍ୱାହା"** — ଏହି ଦଶାକ୍ଷର ହନୁମାନ-ମନ୍ତ୍ର ମାନବ ପକ୍ଷରେ କଳ୍ପପାଦପ ସଦୃଶ । ହନୁମାନ ଦେବଙ୍କର ଅନ୍ୟାନ୍ୟ ମନ୍ତ୍ର ମଧ୍ୟରେ ଏହି ମନ୍ତ୍ରଟି ଶ୍ରେଷ୍ଠ ଏବଂ ଶୀଘ୍ର ଫଳଦାୟକ ଓ ସହଜସାଧ୍ୟ । ଅନ୍ୟାନ୍ୟ ମନ୍ତ୍ର ପରି ଏଥିରେ ଯନ୍ତ୍ର, ପୂଜା ବା ହୋମାଦି କିଛି କରିବାକୁ ପଡ଼େ ନାହିଁ । କେବଳ ମାତ୍ର ଜପରେ ସିଦ୍ଧିଲାଭ ହୋଇଥାଏ । ସାଧନପ୍ରଣାଳୀ ନିମ୍ନରେ ପ୍ରଦତ୍ତ ହେଲା —

ସାଧକ ବ୍ରାହ୍ମମୁହୂର୍ତ୍ତରେ ଗାତ୍ରୋତ୍ଥାନ କରି ସନ୍ଧ୍ୟାବନ୍ଦନାଦି ନିତ୍ୟକର୍ମ ସମାପନ ପରେ ନଦୀତୀରକୁ ଗମନ କରି ସ୍ନାନ ପରେ ତୀର୍ଥ ଆବାହନପୂର୍ବକ ଆଠ ଥର ମୂଳମନ୍ତ୍ର ଜପ କରିବେ । ତପୂରେ ସେହି ଜଳଦ୍ୱାରା ନିଜ ମସ୍ତକରେ ଦ୍ୱାଦଶବାର ଅଭିଷେକ କରି ବସ୍ତ୍ରଯୁଗଳ ପରିଧାନପୂର୍ବକ ନଦୀତୀରରେ ଅଥବା ପର୍ବତରେ ଉପବେଶନ କରି **"ହ୍ରାଁ ଅଙ୍ଗୁଷ୍ଠାଭ୍ୟାଂ ନମଃ"** ଇତ୍ୟାଦି ପ୍ରକାରରେ କରନ୍ୟାସ ଏବଂ **'ହ୍ରାଁ ହୃଦୟାୟ ନମଃ"** ଇତ୍ୟାଦି ପ୍ରକାରରେ ଅଙ୍ଗନ୍ୟାସ କରିବେ । ତାହାପରେ ଅ-କାରାଦି ଷୋଡ଼ଶ ସ୍ୱରବର୍ଣ୍ଣ ଉଚ୍ଚାରଣ କରି ବାମ ନାସାପୁଟରେ ବାୟୁପୂରଣ, କ-କାରାଦି ମ-କାରାନ୍ତ ପଞ୍ଚବିଂଶତି ବର୍ଣ୍ଣ ଉଚ୍ଚାରଣ କରି କୁମ୍ଭକ ଏବଂ ଯ-କାରାଦି କ୍ଷ-କାରାନ୍ତ ନଅଟି ବର୍ଣ୍ଣ ଉଚ୍ଚାରଣ କରି ଦକ୍ଷିଣ ନାସାପୁଟରେ ବାୟୁ ରେଚନ କରିବେ । ଏହିଭଳି ଦକ୍ଷିଣ ନାସାରେ ପୂରଣ, ଉଭୟ ନାସାପୁଟ ଧାରଣ କରି କୁମ୍ଭକ ଓ ବାମ ନାସାପୁଟରେ ରେଚନ କରିବେ । ଏହି ପ୍ରକାରରେ ଅନୁଲୋମ-ବିଲୋମ କ୍ରମରେ ତିନି ଥର ପ୍ରାଣାୟାମ କରି ମନ୍ତ୍ରବର୍ଣ୍ଣ ଦ୍ୱାରା ଅଙ୍ଗନ୍ୟାସପୂର୍ବକ ଧ୍ୟାନ କରିବେ ।

**"ଧ୍ୟାୟେଦ୍ରଣେ ହନୁମନ୍ତଂ କପିକୋଟିସମନ୍ୱିତଂ ।**
**ଧାବନ୍ତଂ ରାବଣଂ ହେତୁଂ ଦୃଷ୍ଟ୍ୱା ସତ୍ୱରମୁତ୍ଥିତମ୍ ॥**
**ଲକ୍ଷ୍ମଣଞ୍ଚ ମହାବୀରଂ ପତିତଂ ରଣଭୂତଳେ ।**
**ଗୁରୁଞ୍ଚ କ୍ରୋଧମୁତ୍ପାଦ୍ୟ ଗୃହୀତ୍ୱା ଗୁରୁପର୍ବତମ୍ ॥**
**ହାହାକାରୈଃ ସଦର୍ପୈଶ୍ଚ କମ୍ପୟନ୍ତଂ ଜଗତ୍ତ୍ରୟମ୍ ॥**
**ଆବ୍ରହ୍ମାଣ୍ଡଂ ସମବାପ୍ୟ କୃତ୍ୱା ଭୀମଂ କଳେବରମ୍ ॥"**✵

---

✵ *ହନୁମାନ ରଣମଧ୍ୟଗତ ଓ କୋଟି କୋଟି କପିଗଣ ଦ୍ୱାରା ପରିବୃତ । ସେ ରାବଣର ପରାଜୟ ନିମିତ୍ତ ଧାବିତ ହେଉଛନ୍ତି, ତାହାଙ୍କୁ ଦେଖି ରାବଣ ସତ୍ୱର ଦଣ୍ଡାୟମାନ ହେଉଅଛି । ମହାବୀର ଲକ୍ଷ୍ମଣ ରଣଭୂମିରେ ପତିତ ଅଛନ୍ତି । ତାହା ଦେଖି ସେ କ୍ରୋଧଭର ହୋଇ ମହାପର୍ବତ ଉତ୍ପାଟନପୂର୍ବକ ସଦର୍ପ ହାହାକାର ଧ୍ୱନିରେ ତ୍ରିଭୁବନ କମ୍ପିତ କରୁଛନ୍ତି । ସେ ବ୍ରହ୍ମାଣ୍ଡବ୍ୟାପୀ ଭୀମକଳେବର ପ୍ରକାଶ କରି ଅବସ୍ଥିତ ଅଛନ୍ତି । ଧ୍ୟାନର ଏହି ଭାବଟି ଚିନ୍ତା କରୁ କରୁ ମନ୍ତ୍ର ଜପ କରିବାକୁ ହୁଏ ।*

ଏହି ଧ୍ୟାନାନୁଯାୟୀ ହନୁମାନଦେବଙ୍କ ଚିନ୍ତା କରିବା ସଙ୍ଗେ ସଙ୍ଗେ ତାଙ୍କର ପୂର୍ବୋକ୍ତ ମନ୍ତ୍ର ଯଥା ନିୟମରେ ଛଅ ହଜାର ଥର ଜପ କରିବେ । ଜପଶେଷରେ ପୁନରାୟ ତିନି ଥର ପ୍ରାଣାୟାମ କରି ଜପ ସମର୍ପଣ କରିବାକୁ ହୁଏ ।

ଏହି ପ୍ରକାରରେ ଛଅ ଦିନଯାଏ ଜପ କରି ସମସ୍ତ ଦିବସରେ ଦିବାରାତ୍ରି ବ୍ୟାପୀ ଜପ କରିବାକୁ ହେବ । ଏହି ଭାବରେ ଏକାଗ୍ରଚିତ୍ତରେ ଦିବାରାତ୍ରି ମନ୍ତ୍ର ଜପ କରିପାରିଲେ, ଚତୁର୍ଥ ଯାମରେ ମହାଭୟ ପ୍ରଦର୍ଶନ ପୂର୍ବକ ନିଶ୍ଚୟ ହନୁମାନ ଦେବ ସାଧକଙ୍କ ସମୀପକୁ ଆଗମନ କରିବେ । ଯଦି ସାଧକ ଭୟ ପରିତ୍ୟାଗ କରି ଦୃଢ଼ପ୍ରତିଜ୍ଞ ହୋଇପାରନ୍ତି, ତେବେ ସେ ସାଧକଙ୍କୁ ଅଭିଳଷିତ ବର ପ୍ରଦାନ କରିଥାନ୍ତି । ଯଥା —

**"ବିଦ୍ୟାଂ ବାପି ଧନଂ ବାପି ରାଜ୍ୟଂ ବା ଶତ୍ରୁନିଗ୍ରହମ୍ ।**
**ତତ୍କ୍ଷଣାଦେବ ଚାପ୍ନୋତି ସତ୍ୟଂ ସତ୍ୟଂ ସୁନିଶ୍ଚିତମ୍ ।।" (ତନ୍ତ୍ରସାର)**

ସାଧକ ବିଦ୍ୟା, ଧନ, ରାଜ୍ୟ କିମ୍ବା ଶତ୍ରୁନିଗ୍ରହ ଯାହା କିଛି ଅଭିଳାଷ କରନ୍ତି, ତତ୍କ୍ଷଣାତ୍ ସେହି ବର ଲାଭ କରିଥା'ନ୍ତି — ଏଥିରେ ସନ୍ଦେହ ନାହିଁ । ପରେ ସାଧକ ବର ଲାଭ କରି ଯଥାସୁଖରେ ସଂସାରରେ ବିହାର କରିପାରନ୍ତି ।

## ସର୍ବଜ୍ଞତା ଲାଭ

**ମୁଁ** ପୂର୍ବରୁ କହିଛି, ମହାଯୋଗେଶ୍ୱର ମହାଦେବ ହିଁ ଯୋଗ ଓ ତନ୍ତ୍ର ଶାସ୍ତ୍ରର ବକ୍ତା । ଯୋଗଶାସ୍ତ୍ରରେ ସୂକ୍ଷ୍ମସାଧନା ଓ ତନ୍ତ୍ରଶାସ୍ତ୍ରରେ ସ୍ଥୂଳସାଧନା ବିଷୟ ବର୍ଣ୍ଣିତ ହୋଇଅଛି । ଯୋଗାଭ୍ୟାସ କରି ଯୋଗରେ ଆତ୍ମଜ୍ଞାନ ଲାଭ କିମ୍ବା ଅଲୌକକ ଶକ୍ତି ଲାଭ ହୋଇଥାଏ । ସେହିପରି ତନ୍ତ୍ରୋକ୍ତ ସାଧନାରେ ମଧ୍ୟ ଇଷ୍ଟଦେବତାଙ୍କ ପ୍ରସାଦରୁ ମୁକ୍ତିର କାରଣ ଯେଉଁ ଜ୍ଞାନ, ତାହା; ଅଥବା ଅମାନୁଷୀ ଶକ୍ତି ଲାଭ ହୋଇଥାଏ । ତେବେ ଯୋଗର ସୂକ୍ଷ୍ମ ସାଧନାରେ ଆତ୍ମଶକ୍ତିର ବିକାଶ ହୋଇଥାଏ, ପୁଣି ତନ୍ତ୍ରର ସ୍ଥୂଳ ସାଧନାରେ ଆତ୍ମାର ବ୍ୟଷ୍ଟିଶକ୍ତି ସ୍ଥୂଳ ଆବରଣରେ ଆବୃତ ହୋଇ ଦେବତା ରୂପରେ ଶକ୍ତି ପ୍ରଦାନ କରିଥା'ନ୍ତି, ଏତିକି ମାତ୍ର ପ୍ରଭେଦ । ଅନ୍ୟଥା

ଯୋଗ ଓ ତନ୍ତ୍ରଶାସ୍ତ୍ର ଏକା କଥା, ସୂକ୍ଷ୍ମ ଓ ସ୍ଥୂଳରେ ବିଭିନ୍ନତା ମାତ୍ର । ଜଗତରେ ଯେତେ ଭିନ୍ନ ଭିନ୍ନ ଶକ୍ତିର ବିକାଶ ଦେଖିବାକୁ ମିଳେ, ସମସ୍ତ ହିଁ ଏକମାତ୍ର ଆତ୍ମାର ଶକ୍ତି । ସୂକ୍ଷ୍ମରେ କାରଣ ଓ ସ୍ଥୂଳରେ କାର୍ଯ୍ୟ । ତେଣୁ ଯୋଗସାଧନାରେ ନିଜର ସୂକ୍ଷ୍ମ ଶକ୍ତିର ବିକାଶ ହୁଏ ଏବଂ ତନ୍ତ୍ର ସାଧନାରେ ସେହି ଶକ୍ତି ସ୍ଥୂଳଦେବତା ରୂପରେ ଆବିର୍ଭୂତ ହୋଇ ସାଧକଙ୍କ କାର୍ଯ୍ୟସିଦ୍ଧି କରିଦେଇ ଯାଆନ୍ତି । ପ୍ରମାଣ ସ୍ୱରୂପ - ମୁଁ ତନ୍ତ୍ରସାଧନାରେ ବିଭୂତିଲାଭର ଉପାୟ ବିବୃତ କରୁଅଛି । ତେବେ ଯେଉଁ ଶକ୍ତିଲାଭରେ ଜଗତର ଅପକାର ହେବ, ମୁଁ ସେ ଦିଗକୁ ଦୃଷ୍ଟି ଦେବିନାହିଁ । ଉଦ୍ଧତ ବ୍ୟକ୍ତିଙ୍କ ହସ୍ତରେ ଶାଣିତ ଅସ୍ତ୍ର ଯେଭଳି ଭୀତିପ୍ରଦ, ସେହିଭଳି ଅସଂଯତଚିତ୍ତ ବ୍ୟକ୍ତିଙ୍କର ଶକ୍ତିଲାଭ ମଧ୍ୟ ବିପଜ୍ଜନକ । ସେହି କଥା ବିଚାର କରି ମୁଁ କ୍ରୂରଶକ୍ତି ଲାଭର ଉପାୟ ପ୍ରକାଶ କରିବାରୁ ନିରସ୍ତ ହେଲି । କେବଳ ମାତ୍ର ତନ୍ତ୍ରର ପ୍ରାଧାନ୍ୟ ଜ୍ଞାପନ ନିମିତ୍ତ କତିପୟ ମଙ୍ଗଳଜନକ ଶକ୍ତିବିକାଶର ବା ଶକ୍ତିଲାଭର ଉପାୟ ଲିପିବଦ୍ଧ କଲି ।

ବିଭୂତି ଲାଭ ନିମିତ୍ତ ତନ୍ତ୍ରଶାସ୍ତ୍ର ପିଶାଚ ଓ କର୍ଣ୍ଣପିଶାଚୀର ମନ୍ତ୍ର ଓ ସାଧନପ୍ରଣାଳୀ ବିବୃତ କରିଛନ୍ତି । ପିଶାଚ-ସାଧନାରେ ମାନବ ପିଶାଚତ୍ୱ ଲାଭ କରିଥାଏ । କିନ୍ତୁ କର୍ଣ୍ଣପିଶାଚୀ-ମନ୍ତ୍ର ଜପରେ ସେ ଭୟ ନାହିଁ, ଅଥଚ ସାଧକ ସର୍ବଜ୍ଞ ହୋଇଥାନ୍ତି । ଯେ କୌଣସି ପ୍ରଶ୍ନର ଉତ୍ତର ସାଧକଙ୍କୁ କର୍ଣ୍ଣପିଶାଚୀ କହିଦିଅନ୍ତି । ସୁତରାଂ ସେହି ସାଧନାରେ ମାନବ ଅତି ସହଜରେ ସର୍ବଜ୍ଞତା ଲାଭ କରିପାରେ । ଯଥା —

**"ମନ୍ତ୍ରୋ ହ୍ୟେଷ ପୁରୈବ ଲକ୍ଷଜପତୋ ବ୍ୟାସେନ ସଂସେବିତଃ ।**
**ସାର୍ବଜ୍ଞ୍ୟଂ ଲଭତେଽଚିରେଣ ନିୟତଂ ପୈଶାଚିକୀ ଭକ୍ତିତଃ ।।"**

କର୍ଣ୍ଣପିଶାଚୀ ମନ୍ତ୍ରକୁ ଲକ୍ଷେ ଥର ଜପ କରି ଭଗବାନ ବେଦବ୍ୟାସ ଅତି ଅଳ୍ପକାଳ ମଧ୍ୟରେ ସର୍ବଜ୍ଞତା ଲାଭ କରିଥିଲେ । ମୁଁ ନ୍ୟାସ, ପୂଜା, ହୋମ ଓ ତର୍ପଣ ବ୍ୟତୀତ କେବଳ ମାତ୍ର ଜପଦ୍ୱାରା କର୍ଣ୍ଣପିଶାଚୀ ସାଧନାର ଉପାୟ ପ୍ରକାଶ କରୁଅଛି । ଅନ୍ୟାନ୍ୟ ମନ୍ତ୍ର ଅପେକ୍ଷା ପଶ୍ଚାତ୍‌ଲିଖିତ ମନ୍ତ୍ରଟି ହିଁ ଶ୍ରେଷ୍ଠ ଓ ଶୀଘ୍ର ଫଳପ୍ରଦ ।

**"ଓଁ କ୍ଲୀଂ ଜୟାଦେବୀ ସ୍ୱାହା"**— ଏହି ମନ୍ତ୍ରଟି ଯଥାରୀତି ଗ୍ରହଣ କରି ନିୟମାନୁସାରେ ପ୍ରଥମେ ଏକ ଲକ୍ଷ ଜପ କରିବାକୁ ହେବ । ତାହା ପରେ ଗୋଟିଏ ଗୃହଗୋଧିକା ମାରି ତାହା ଉପରେ ଜୟାଦେବୀଙ୍କୁ ଯଥାଶକ୍ତି ପୂଜା କରିବ । ଏହାପରେ ଯେତେଦିନଯାଏ ସେ ଗୋଧିକା ଜୀବିତ ନ ହେବ, ସେତେଦିନ ପର୍ଯ୍ୟନ୍ତ ଜପ କରୁଥିବ । ଯେତେବେଳେ ଦେଖିବ ଯେ ସେହି ଗୃହଗୋଧିକା ଜୀବିତ ହୋଇଉଠିଛି , ସେତେବେଳେ ଆଉ ଜପ କରିବାର ପ୍ରୟୋଜନ ନାହିଁ । ସେତେବେଳେ ମନ୍ତ୍ରସିଦ୍ଧି ହୋଇଛି ବୋଲି ଜାଣିବ । ଏହି ମନ୍ତ୍ରସିଦ୍ଧି ହେଲେ ସାଧକ ମନେ ମନେ କୌଣସି ପ୍ରଶ୍ନ କଲେ ଦେବୀ ତତ୍କ୍ଷଣାତ୍ ଆଗମନ କରିଥାନ୍ତି ଏବଂ ସାଧକ ତାଙ୍କ ପୃଷ୍ଠରେ ଭୂତ ଓ ଭବିଷ୍ୟତ ବିଷୟଗୁଡ଼ିକ ଲିଖିତ ଥିବାର ଦେଖିପାରନ୍ତି ।

ତନ୍ତ୍ରରେ ଆଉ ଏକ ପ୍ରକାର **କର୍ଣ୍ଣପିଶାଚୀ ମନ୍ତ୍ର** ଅଛି । ତାହାର ସାଧନପ୍ରଣାଳୀ ଅତି ସହଜ । ମନ୍ତ୍ର ଯଥା - **"ଓଁ ହ୍ରୀଂ କର୍ଣ୍ଣପିଶାଚି ମେ କର୍ଣ୍ଣେ କଥୟ ହୁଁ ଫଟ୍ ସ୍ୱାହା"** ରାତ୍ରିଯୋଗରେ ଧୀମାନ୍ ସାଧକ ଉଭୟ ପାଦରେ ପ୍ରଦୀପତୈଳ ମର୍ଦ୍ଦନ କରି ଏହି ମନ୍ତ୍ର ଯଥା ନିୟମରେ ଏକାଗ୍ରଚିତ୍ତରେ ଏକ ଲକ୍ଷ ଥର ଜପ କରିବେ । ଏହି ମନ୍ତ୍ରରେ ପୂଜା ଓ ଧ୍ୟାନାଦିର ପ୍ରୟୋଜନ ନାହିଁ । ଏହି ପ୍ରକାର ଜପରେ ମଧ୍ୟ ଏହି ମନ୍ତ୍ରରେ ସିଦ୍ଧିଲାଭ ଘଟିଥାଏ । ସେତେବେଳେ ସାଧକ ସର୍ବଜ୍ଞ ହୋଇଥାନ୍ତି ।

ଏହି ମନ୍ତ୍ରର ସାଧନାରେ ସିଦ୍ଧିଲାଭ କଲେ ସାଧକ ଅପରାପର ମାନବମାନଙ୍କର ଭାବ ଓ ଭୂତ-ଭବିଷ୍ୟତ ସମସ୍ତ ଜାଣିପାରନ୍ତି ।

## ଦିବ୍ୟଦୃଷ୍ଟି ଲାଭ

**ଧୀ**ମାନ୍ ସାଧକ ଯକ୍ଷଦେବତାଙ୍କ **"ଓଁ ନମୋ ରୁଦ୍ରାୟ ରୁଦ୍ରରୂପାୟ ନମୋ ବହୁରୂପାୟ ନମୋ ବିଶ୍ୱରୂପାୟ ନମୋ ବିଶ୍ୱାତ୍ମନେ ନମସ୍ତତ୍ପୁରୁଷଯକ୍ଷାୟ ନମୋ ଯକ୍ଷରୂପାୟ ନମ ଏକସ୍ମୈ ନମ ଏକାୟ ନମ ଏକରୌରବାୟ ନମ ଏକଯକ୍ଷାୟ**

**ନମ ଏକେକ୍ଷଣାୟ ନମୋ ଯକ୍ଷାୟ ନମୋ ବରଦାୟ ନମଃ, ତୁଦ ତୁଦ ସ୍ୱାହା''**— ଏହି ମନ୍ତ୍ର ସଂଯତ ଚିତ୍ତରେ ଏକ ହଜାର ଆଠଥର ଜପ କରିବେ । ଏହି ଭାବରେ ସିଦ୍ଧିଲାଭ କଲାପରେ ଦିବ୍ୟଦୃଷ୍ଟି ଲାଭ ନିମିତ୍ତ ସାଧନା କରିବାକୁ ପଡ଼ିବ ।

ପ୍ରଥମେ ହିଞ୍ଜଳ ବୃକ୍ଷର ପତ୍ର ସଂଗ୍ରହ କରି ଗୃହରେ ସଂସ୍ଥାପିତ କରିବାକୁ ହେବ । ତା ପରେ ଚିତା, ରଜକ ଗୃହରୁ କିମ୍ବା ତସ୍କରଗୃହରୁ **''ଓଁ ଜ୍ୱଳିତବିଦ୍ୟୁତେ ସ୍ୱାହା''** — ଏହି ମନ୍ତ୍ରରେ ଅଗ୍ନି ଗ୍ରହଣ କରି ପୂର୍ବସ୍ଥାପିତ ପତ୍ରରେ ଅଗ୍ନି ପ୍ରଜ୍ୱଳିତ କରିବେ । ଅନନ୍ତର ସାଧକ **''ଓଁ ନମୋ ଭଗବତେ ବାସୁଦେବାୟ ବବନ୍ଧ ଶ୍ରୀପତୟେ ସ୍ୱାହା''**— ଏହି ମନ୍ତ୍ରରେ ବତୀ ଅଭିମନ୍ତ୍ରିତ କରି **''ଓଁ ନମୋ ଭଗବତେ ସିଦ୍ଧିସାଧକାୟ ଜ୍ୱଳ ଜ୍ୱଳ ପତ ପତ ପାତୟ ପାତୟ ବନ୍ଧ ବନ୍ଧ ସଂହର ସଂହର ଦର୍ଶୟ ଦର୍ଶୟ ନିଧିଂ ମମ''**—ଏହି ମନ୍ତ୍ରରେ ପ୍ରଦୀପ ପ୍ରଜ୍ୱଳିତ କରିବେ । **''ଓଁ ଐଂ ମନ୍ତ୍ରସିଦ୍ଧେଭ୍ୟା ନମୋ ବିଶ୍ୱେଭ୍ୟଃ ସ୍ୱାହା''**— ଏହି ମନ୍ତ୍ରରେ କଜ୍ଜଳ ପ୍ରସ୍ତୁତ କରି **''ଓଁ କାଳି କାଳି ମହାକାଳି ରକ୍ଷେଦମଞ୍ଜନଂ ନମୋ ବିଶ୍ୱେଭ୍ୟଃ ସ୍ୱାହା''**— ଏହି ମନ୍ତ୍ରରେ ଅଭିମନ୍ତ୍ରିତ କରିବେ । ଏହି ଅଞ୍ଜନ ଦ୍ୱାରା ଚକ୍ଷୁ ଅଞ୍ଜିତ କଲେ ଦିବ୍ୟଦୃଷ୍ଟି ଲାଭ ହୋଇଥାଏ ।

ସାଧକ ସ୍ୱର୍ଣ୍ଣଶଳାକା ଦ୍ୱାରା ଏହି କଜ୍ଜଳକୁ **''ଓଁ ସର୍ବେ ସର୍ବସହିତେ ସର୍ବୌଷଧି ପ୍ରାୟାହିତେ ବିରତେ ନମୋ ନମଃ ସ୍ୱାହା''** — ଏହି ମନ୍ତ୍ରରେ ଚକ୍ଷୁରେ ଅଞ୍ଜନ ପ୍ରଦାନ କରିବେ ।

ଏହି ଅଞ୍ଜନ ପ୍ରଦାନ ମାତ୍ରକେ ସାଧକଙ୍କର ଦିବ୍ୟଦୃଷ୍ଟି ଲାଭ ହୋଇଥାଏ । ସେତେବେଳେ ଘୋର ଅନ୍ଧକାର ରାତ୍ରିରେ ମଧ୍ୟ ଦିବାଲୋକ ପରି ସମସ୍ତ ବସ୍ତୁ ସାଧକଙ୍କର ଦୃଷ୍ଟିଗୋଚର ହୁଏ । ସିଦ୍ଧ, ଚାରଣ ପ୍ରଭୃତି ସୂକ୍ଷ୍ମଦେବଯୋନି, ଭୂଛିଦ୍ର ଓ ଗୁପ୍ତଧନାଦି ଏହା ଦ୍ୱାରା ଦୃଷ୍ଟିଗୋଚର ହୁଏ ।

# ଅଦୃଶ୍ୟ ହେବାର ଉପାୟ

ନିତ୍ୟନୈମିତ୍ତିକ କ୍ରିୟାବାନ୍ ସାଧକ ଶୁଚିଶୁଦ୍ଧ ହୋଇ ରାତ୍ରିକାଳରେ ଶ୍ମଶାନରେ ଉପବେଶନପୂର୍ବକ ନଗ୍ନ ହୋଇ **"ଓଁ ହ୍ରୀଁ ହ୍ରୀଁ ସ୍ତ୍ରେଁ ଶ୍ମଶାନବାସିନୀ ସ୍ୱାହା"**- ଏହି ମନ୍ତ୍ର ଚାରି ଲକ୍ଷ ଥର ଜପ କରିବେ । ଏଥିରେ ଯକ୍ଷିଣୀ ସନ୍ତୁଷ୍ଟା ହୋଇ ସାଧକଙ୍କୁ ପାଦୁକା ପ୍ରଦାନ କରିବେ ।

**"ତେନାବୃତୋ ନରୋଽଦୃଶ୍ୟୋ ବିଚରେତ୍ ପୃଥିବୀତଳେ ।।" (କାମରତ୍ନ-ତନ୍ତ୍ର)**

ସେହି ପାଦୁକା ଦ୍ୱାରା ପଦଦ୍ୱୟ ଆବୃତ କରି ସମସ୍ତ ପୃଥିବୀ ବିଚରଣ କଲେ ମଧ୍ୟ କେହି ତାଙ୍କୁ ଦେଖିପାରିବେ ନାହିଁ ।

ଆକନ୍ଦତୂଳା, ଶିମୂଳୀ ତୂଳା, କାର୍ପାସତୂଳା, ପଟ୍ଟସୂତ୍ର ଓ ପଦ୍ମସୂତ୍ର — ଏହି ପଞ୍ଚବିଧ ଦ୍ରବ୍ୟ ଦ୍ୱାରା ପାଞ୍ଚଟି ବତୀ ପ୍ରସ୍ତୁତ କରିବାକୁ ହେବ । ତାହାପରେ ପାଞ୍ଚଗୋଟି ମନୁଷ୍ୟ ମସ୍ତକର ଖପୁରୀରେ ଏହି ପାଞ୍ଚଟି ସ୍ଥାପନପୂର୍ବକ ନରତୈଳ ଦ୍ୱାରା ଏହି ପାଞ୍ଚଟି ପ୍ରଦୀପ ପ୍ରଜ୍ୱଳିତ କରିବାକୁ ହେବ । ଏହାପରେ ଅପର ପାଞ୍ଚଗୋଟି ନରକପାଳ ଆନୟନ କରି ଏହି ପଞ୍ଚପ୍ରଦୀପ ଶିଖାରେ ପୃଥକ୍ ପୃଥକ୍ କଜ୍ଜ୍ୱଳପାତ କରିବାକୁ ପଡ଼ିବ । ପରେ ଏହି ପଞ୍ଚବିଧ କଜ୍ଜ୍ୱଳ ଏକତ୍ର କରି **"ଓଁ ହୂଂ ଫଟ୍ କାଳି କାଳି ମହାକାଳି ମାଂସଶୋଣିତଂ ଖାଦୟ ଖାଦୟ ଦେବି ମା ପଶ୍ୟତୁ ମାନୁଷେତି ହୂଁ ଫଟ୍ ସ୍ୱାହା"**— ଏହି ମନ୍ତ୍ରରେ ଏକ ହଜାର ଆଠ ଥର ଅଭିମନ୍ତ୍ରିତ କରିବ । ଏହି କଜ୍ଜ୍ୱଳଦ୍ୱାରା ଚକ୍ଷୁ ଅଞ୍ଜିତ କଲେ ସାଧକ ଦେବତାମାନଙ୍କର ମଧ୍ୟ ଅଦୃଶ୍ୟ ହୋଇପାରନ୍ତି । **'ତ୍ରୈଲୋକ୍ୟାଦୃଶ୍ୟୋ ଭବତି'** ଅର୍ଥାତ୍ ତ୍ରିଭୁବନରେ କେହି ତାଙ୍କୁ ଦେଖିପାରନ୍ତି ନାହିଁ ।

ଏହି ସାଧନକାର୍ଯ୍ୟ ଶ୍ମଶାନସ୍ଥ ଶିବାଳୟରେ କରିବା ପ୍ରଶସ୍ତ । ଶ୍ମଶାନସ୍ଥ ଶିବାଳୟର ଅଭାବ ହେଲେ, ଯେ କୌଣସି ଶିବାଳୟରେ କରାଯାଇପାରେ । ଏହି ଅଦୃଶ୍ୟକାରିଣୀ ବିଦ୍ୟା ଲାଭ କରିବାକୁ ହେଲେ, ପ୍ରଥମେ ଅଧିକାର ପ୍ରାପ୍ତ ହେବା ଏକାନ୍ତ କର୍ତ୍ତବ୍ୟ । ଏଥିପାଇଁ ରାତ୍ରିକାଳରେ ନିଶାଚରଙ୍କୁ ଧ୍ୟାନ କରି ବାମ ହସ୍ତଦ୍ୱାରା

**"ଓଁ ନମୋ ନିଶାଚରେ ମହାମହେଶ୍ୱରି ମମ ପର୍ଯ୍ୟଟତଃ ସର୍ବଲୋକଲୋଚନାନି ବନ୍ଧୟ ବନ୍ଧୟ ଦେବ୍ୟାଜ୍ଞାପୟତି ସ୍ୱାହା"**— ଏହି ମନ୍ତ୍ର ଏକାଗ୍ର ଚିତ୍ତରେ ଜପ କରିବାକୁ ହେବ ।

"ଅଦୃଶ୍ୟକାରିଣୀଂ ବିଦ୍ୟାଂ ଲକ୍ଷଜାପ୍ୟେ ପ୍ରଯଚ୍ଛତି ।" (କାମରତ୍ନ ତନ୍ତ୍ର)

ଏହି ଅଦୃଶ୍ୟକାରିଣୀ ବିଦ୍ୟା ଲକ୍ଷ ଜପରେ ସିଦ୍ଧ ହୋଇଥାଏ । ପାଠକ ! ବିଧି ଉଲ୍ଲଙ୍ଘନ କରି କେବେହେଲେ ତନ୍ତ୍ରୋକ୍ତ କାର୍ଯ୍ୟରେ ଫଳ ଲାଭର ଆଶା କରିବେ ନାହିଁ ।

## ପାଦୁକା ସାଧନ

**ବୀ**ର ସାଧକ କୁଳତିଥି ଓ କୁଳନକ୍ଷତ୍ରଯୁକ୍ତ ମଙ୍ଗଳବାରର ଅର୍ଦ୍ଧରାତ୍ର ସମୟରେ ଶ୍ମଶାନରେ ନିମ୍ବ କାଷ୍ଠ ପ୍ରୋଥିତ କରି ସେହି ସ୍ଥାନରେ ଉପବେଶନପୂର୍ବକ **"ଓଁ ମହିଷମର୍ଦ୍ଦିନୀ ସ୍ୱାହା ହ୍ରୀଁ"** କିମ୍ବା **"କ୍ଲୀଁ ମହିଷମର୍ଦ୍ଦିନୀ ସ୍ୱାହା ଓଁ"** — ଏହି ମହିଷମର୍ଦ୍ଦିନୀ ମନ୍ତ୍ର ଅଷ୍ଟାଧିକ ଲକ୍ଷ ଥର ଜପ କରିବେ ଏବଂ ଶ୍ମଶାନରେ ରହି ସହସ୍ର ହୋମ କରିବେ । ଅନନ୍ତର ସେହି ନିମ୍ବକାଷ୍ଠକୁ ଉଦ୍ଧୃତ କରି ସେଥିରେ ପାଦୁକା ଅଙ୍କିତ କରିବାକୁ ହେବ । ପରେ ଦୁର୍ଗାଷ୍ଟମୀ ରଜନୀରେ ଏହି ନିମ୍ବକାଷ୍ଠକୁ ଶ୍ମଶାନରେ ନିକ୍ଷେପପୂର୍ବକ ତାହା ଉପରେ ଶବ ନିର୍ମାଣ କରି ଯଥାବିଧି ପୂଜା କରିବେ । ଏହା ପରେ ସେହି ଶବାସନରେ ଉପବେଶନପୂର୍ବକ ଅଷ୍ଟାଧିକ ସହସ୍ର ଜପ କରି ମାତୃଗଣଙ୍କ ଉଦ୍ଦେଶ୍ୟରେ ବଳି ପ୍ରଦାନପୂର୍ବକ କାଷ୍ଠକୁ ଆମନ୍ତ୍ରଣ କରିବେ । **ଆମନ୍ତ୍ରଣ ମନ୍ତ୍ର** —

**"ଗଚ୍ଛ ଗଚ୍ଛ ଦ୍ରୁତଂ ଗଚ୍ଛ ପାଦୁକେ ବରବର୍ଣ୍ଣିନି ।<br>ମତ୍ପାଦସ୍ପର୍ଶମାତ୍ରେଣ ଗଚ୍ଛ ତ୍ୱଂ ଶତଯୋଜନମ୍ ।।"**

ଏହି ମନ୍ତ୍ରରେ ଆମନ୍ତ୍ରଣ କରି ଉକ୍ତ ନିମ୍ବକାଷ୍ଠରେ ପାଦସ୍ପର୍ଶ କଲାମାତ୍ରକେ ସାଧକ ନିଜର ଅଭିଳଷିତ ସ୍ଥାନରେ ଉପସ୍ଥିତ ହୋଇପାରିବେ । ସାଧକ ମୁହୂର୍ତ୍ତକେ ମଧ୍ୟରେ ଶତଯୋଜନ ପଥ ଅତିକ୍ରମ କରିପାରିବେ । ଏହି ପାଦୁକା ସାଧନ କରି

ସାଧକମାନେ ଅତି ଅଳ୍ପ ସମୟ ମଧ୍ୟରେ ପୃଥିବୀର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ବିଚରଣ କରିପାରନ୍ତି ।

କରବୀର ମୂଳ, ଗିରିମାଟି, ସୈନ୍ଧବ, ମାଳତୀପୁଷ୍ପ, ଶିବଜଟା ଓ ଭୂମିକୁଷ୍ମାଣ୍ଡ-ଏହି ସମସ୍ତ ପଦାର୍ଥ ସମ ପରିମାଣରେ ନେଇ ଉତ୍ତମରୂପେ ପେଷଣ କରିବେ । ଅନନ୍ତର ସେହି ଔଷଧକୁ **"ଓଁ ନମୋ ଭଗବତେ ରୁଦ୍ରାୟ ନମୋ ହରିତ ଗଦାଧରାୟ ତ୍ରାସୟ ତ୍ରାସୟ କ୍ଷୋଭୟ କ୍ଷୋଭୟ ଚରଣେ ସ୍ୱାହା"**— ଏହି ମନ୍ତ୍ରରେ ଅଭିମନ୍ତ୍ରିତ କରିବେ ।

**"ତଲ୍ଲିପ୍ତପାଦଃ ସହସା ସହସ୍ରଯୋଜନଂ ବ୍ରଜେତ୍ ।।" (କାମରତ୍ନ ତନ୍ତ୍ର)**

ସାଧକ ଏହି ଔଷଧ ପାଦରେ ଲେପନ କଲେ ସହସ୍ର ଯୋଜନ ପଥ ମୁହୂର୍ତ୍ତକ ମଧ୍ୟରେ ଗମନ କରିପାରିବେ — ଏଥିରେ ସନ୍ଦେହ ନାହିଁ ।

ତିଳ-ତୈଳ ସହିତ ଆଙ୍କଡ ବୃକ୍ଷର ମୂଳ ପାକ କରିବେ । ଅନନ୍ତର **"ଓଁ ନମଶ୍ଚଣ୍ଡିକାୟୈ ଗଗନଂ ଗଗନଂ ଚାଳୟ ବେଶୟ ହିଲି ହିଲି ବେଗବାହିନୀ ହ୍ରୁଁ ସ୍ୱାହା"** — ଏହି ମନ୍ତ୍ରରେ ଯଥାବିଧି ଅଭିମନ୍ତ୍ରିତ କରି ସେହି ତୈଳ ପାଦରୁ ଜାନୁ ପର୍ଯ୍ୟନ୍ତ ଲେପନ କଲେ ବହୁ ଦୂର ଗମନ କରିହୁଏ । ଯଥା —

**"ପାଦଂ ସଜାନୁପର୍ଯ୍ୟନ୍ତଂ ଲିପ୍ତ୍ୱା ଦୂରାଦୂର୍ଦ୍ଧ୍ୱଗାଭବେତ୍ ।।"**

ଅର୍ଥାତ୍ ସେହି ତୈଳ ପାଦରୁ ଜାନୁପର୍ଯ୍ୟନ୍ତ ଲେପନ କଲେ, ଉର୍ଦ୍ଧ୍ୱ ଓ ଅଧୋ ଦିଗରେ ବହୁଦୂର ପର୍ଯ୍ୟନ୍ତ ଅନାୟାସରେ ଗମନ କରି ହୁଏ ।

## ଅନାବୃଷ୍ଟି ହରଣ

**ଯ**ଥାବିଧି ବରୁଣଦେବତାଙ୍କ ପୂଜାକରି ତଦୀୟ ମନ୍ତ୍ର ଜପ କଲେ, ନିଶ୍ଚୟ ବୃଷ୍ଟି ହୋଇଥାଏ । ପୂଜାର ନିୟମ, ଯଥା —

ସାଧକ ପ୍ରଥମେ ସ୍ୱସ୍ତିବାଚନ କରି ସଂକଳ୍ପ କରିବେ । ତପ୍ରରେ ଗଣେଶାଦି ଦେବତାଙ୍କ ପୂଜା କରି ଯଥାବିଧି ଭୂତଶୁଦ୍ଧି, ପ୍ରାଣାୟାମ, ଅଙ୍ଗନ୍ୟାସ, କରନ୍ୟାସ ସମାପ୍ତ କରି -

**"ଓଁ ପୁଷ୍କରାବର୍ତ୍ତକୈର୍ମେଘୈଃ ପ୍ଲାବୟନ୍ତଂ ବସୁନ୍ଧରାମ୍ ।**
**ବିଦ୍ୟୁଦ୍-ଗର୍ଜ୍ଜିତସନ୍ନଦ୍ଧତୋୟାତ୍ମାନଂ ନମାମ୍ୟହମ୍ ।।**
**ଯସ୍ୟ କେଶେଷୁ ଜୀମୂତୋ ନଦ୍ୟଃ ସର୍ବାଙ୍ଗସନ୍ଧିଷୁ ।**
**କୁକ୍ଷୌ ସମୁଦ୍ରାଶ୍ଚତ୍ୱାରସ୍ତସ୍ମୈ ତୋୟାତ୍ମନେ ନମଃ ।।"**

ଏହି ମନ୍ତ୍ର ପାଠ ଶେଷରେ ସାଧକ ନିଜ ମସ୍ତକରେ ପୁଷ୍ପଦାନ କରିବେ ଓ ମାନସୋପଚାରରେ ପୂଜା କରିବେ । ଅନନ୍ତର ଅର୍ଘ୍ୟ ସ୍ଥାପନ ଓ ପୁନରାୟ ଧ୍ୟାନ କରି ବରୁଣଦେବଙ୍କୁ ଆବାହନପୂର୍ବକ ଯଥାଶକ୍ତି ତାଙ୍କର ପୂଜା କରିବେ । ପରେ ଜପାରମ୍ଭ କରିବାକୁ ହେବ । ଜପ ସହିତ ଚିନ୍ତାଶକ୍ତି, କ୍ରିୟାଶକ୍ତି ଓ ଇଚ୍ଛାଶକ୍ତିର ସଂଯୋଗ ଥିବା ପ୍ରୟୋଜନ । ତେଣୁ ଜପ ପୂର୍ବରୁ **"ପ୍ରଜାପତିର୍ଋଷିସ୍ତ୍ରିଷ୍ଟୁପ୍ ଛନ୍ଦୋ ବରୁଣୋ ଦେବତା ଏତଦ୍ରାଜ୍ୟମଭିବ୍ୟାପ୍ୟ ସୁବୃଷ୍ଟ୍ୟର୍ଥଂ ଜପେ ବିନିଯୋଗଃ"**— ଏହି ମନ୍ତ୍ର ପାଠ କରି ସେହି ତ୍ରିଶକ୍ତିଙ୍କୁ ସ୍ଥିର କରିବାକୁ ପଡ଼ିବ ।

ଅନନ୍ତର ନଦୀ ମଧ୍ୟରେ ବା ତାହାର ଅଭାବ ସ୍ଥଳରେ ପୁଷ୍କରିଣୀ ମଧ୍ୟରେ ନାଭି ପରିମିତ ଜଳରେ ଦଣ୍ଡାୟମାନ ହୋଇ **"ଓଁ ବଂ"** — ଏହି ମନ୍ତ୍ର ଆଠ ହଜାର ଥର ଜପ କଲେ ନିଶ୍ଚୟ ବୃଷ୍ଟି ହେବ ।

ଜଳରେ ପ୍ରବିଷ୍ଟ ହୋଇ **"ହୁଁ ଶ୍ରୀଁ ହୂଂ"** — ଏହି ମନ୍ତ୍ରଟି ଜପ କରିବାକୁ ଆରମ୍ଭ କଲେ ବିନା ପୂଜା-ଧ୍ୟାନରେ ମଧ୍ୟ ବୃଷ୍ଟିପାତ ହୋଇଥାଏ ।

## ଅଗ୍ନିନିବାରଣ

ଗୃହରେ ଅଗ୍ନି ଲାଗିଲେ ସାତ ରତି ଜଳ (ଯେ କେହି ଏହି ଜଳ ଆଣିଲେ ମଧ୍ୟ କ୍ଷତି ନାହିଁ) ନେଇ —

**"ଉତ୍ତରସ୍ୟାଞ୍ଚ ଦିଗ୍‌ଭାଗେ ମାରୀଚୋ ନାମ ରାକ୍ଷସଃ**
**ତସ୍ୟ ମୂତ୍ରପୁରୀଷାଭ୍ୟାଂ ହୁତୋ ବହ୍ନିଃ ସ୍ତମ୍ଭ ସ୍ୱାହା ।।"**

ତାହାକୁ ସାଧକ ଏହି ମନ୍ତ୍ରରେ ସାତ ଥର ଅଭିମନ୍ତ୍ରିତ କରି ଅଗ୍ନିରେ ନିକ୍ଷେପ କରିବେ । ତାହାହେଲେ ଯେତେ ବେଗଶାଳୀ ଅଗ୍ନି ହେଉ ନା କାହିଁକି, ଅଚିରେ ନିର୍ବାପିତ ହେବ ।

**(୧) ଓଁ ହ୍ରୀଂ ମହିଷମର୍ଦ୍ଦିନୀ ଅଗ୍ନିକୁ ସ୍ତମ୍ଭନ କର, ମୁଗ୍ଧ କର, ଭେଦ କର, ଅଗ୍ନିଂ ସ୍ତମ୍ଭୟ ଠଠ ।**

**(୨) ଓଁ ମଉକ ଟୀଟ ଛୟଦ୍ୟନେ ମେ କଟୀର ମୂଳଘସୀ ଆଲିପ୍ୟାଗ୍ନାୟ ମୁଦୀୟତେ ଶନକ ବିଜ୍ଞେ ମନ୍ତ୍ରୀ ହ୍ରାଁ ଫଟ୍ ।**

ଏହି ଦୁଇଟି ମନ୍ତ୍ର ମଧ୍ୟରୁ ଯେ କୌଣସି ଗୋଟିଏ ମନ୍ତ୍ର ଯଥାନିୟମରେ ଦଶ ହଜାର ଥର ଜପ କଲେ, ମନୁଷ୍ୟ ଜ୍ୱଳନ୍ତ ଅଗ୍ନି ମଧରେ ପ୍ରବେଶ କରିପାରେ, ସେଥିରେ ଶରୀରର କୌଣସି ସ୍ଥାନରେ ଅଗ୍ନିର ତେଜ ଅନୁଭୂତ ହୁଏ ନାହିଁ । ସ୍ୱର୍ଗୀୟ ମହାରାଜ ଠାକୁରଙ୍କ କାଶୀସ୍ଥ ରାଜଭବନର ଘଟଣା ଏବଂ ଢାକାର ତରଣୀ ବାବୁଙ୍କ ଅଗ୍ନିକ୍ରିୟା ଯେଉଁମାନେ ଦେଖିଛନ୍ତି, ସେମାନଙ୍କ ନିକଟରେ ପୁଣି ଏ ବିଷୟରେ ସତ୍ୟତା ପ୍ରମାଣର ପ୍ରୟୋଜନ ନାହିଁ । ଅଧିକାରୀ ବ୍ୟକ୍ତି ସାଧନା କରି ଏହାର ସତ୍ୟତା ଉପଲବ୍ଧି କରିପାରିବେ ।

## ସର୍ପ-ବୃଶ୍ଚିକାଦିର ବିଷହରଣ

ସର୍ପାଦି ଦଂଶନ କଲେ, ତନ୍ତ୍ରଶାସ୍ତ୍ରାନୁସାରେ ମନ୍ତ୍ର ପ୍ରୟୋଗ କରି ଆରୋଗ୍ୟ କରାଯାଇ ଥାଏ । କିନ୍ତୁ ସେଥି ପୂର୍ବରୁ ମନ୍ତ୍ର ପ୍ରୟୋଗକାରୀଙ୍କୁ ବିଷହରାଗ୍ନି ମନ୍ତ୍ରରେ ସିଦ୍ଧିଲାଭ କରିବାକୁ ପଡେ । ବିଷହରାଗ୍ନି ମନ୍ତ୍ର ଯଥା - "ଖଂ ଖଂ" । ଏହି ମନ୍ତ୍ରର ପୂଜାପ୍ରଣାଳୀ ନିମ୍ନରେ ପ୍ରଦତ୍ତ ହେଲା ।

ସଦାଚାର ସମ୍ପନ୍ନ ବ୍ୟକ୍ତି ସାମାନ୍ୟ ପଦ୍ଧତିର ନିୟମାନୁସାରେ ପ୍ରାତଃକୃତ୍ୟାଦି ସମାପନ କରି - "ଶିରସି ଅଗ୍ନୟେ ଋଷୟେ ନମଃ - ମୁଖେ ପଙ୍‌କ୍ତିଛନ୍ଦସେ ନମଃ - ହୃଦି ଅଗ୍ନୟେ ଦେବତାୟୈ ନମଃ - ଗୁହ୍ୟେ ଖଂ ବୀଜାୟ ନମଃ - ପାଦୟୋଃ

ବିନ୍ଦୁଶକ୍ତୟେ ନମଃ'' — ଏହିଭଳି ଋଷ୍ୟାଦିନ୍ୟାସ କରିବେ । ତପୂରେ - ''ଖାଂ ଅଙ୍ଗୁଷ୍ଠାଭ୍ୟାଂ ନମଃ, ଖୀଂ ତର୍ଜ୍ଜନୀଭ୍ୟାଂ ସ୍ୱାହା, ଖୂଂ ମଧ୍ୟମାଭ୍ୟାଂ ବଷଟ୍, ଖୈଂ ଅନାମିକାଭ୍ୟାଂ ହୁଁ, ଖୌଂ କନିଷ୍ଠାଭ୍ୟାଂ ବୌଷଟ୍, ଖଃ କରତଳପୃଷ୍ଠାଭ୍ୟାଂ ଅସ୍ତ୍ରାୟ ଫଟ୍''— ଏହିପରି କରନ୍ୟାସ ଏବଂ ''ଖାଂ ହୃଦୟାୟ ନମଃ, ଖୀଂ ଶିରସେ ସ୍ୱାହା, ଖୂଂ ଶିଖାୟୈ ବଷଟ୍, ଖୈଂ କବଚାୟ ହୁଁଂ, ଖୌଂ ନେତ୍ରତ୍ରୟାୟ ବୌଷଟ୍, ଖଃ କରତଳପୃଷ୍ଠାଭ୍ୟାଂ ଅସ୍ତ୍ରାୟ ଫଟ୍'' — ଏହିପରି ଅଙ୍ଗନ୍ୟାସ କରି ବୈଶ୍ୱାନରପଦ୍ଧତିର ନିୟମାନୁସାରେ ଏହି ମନ୍ତ୍ରର ଧ୍ୟାନ ଓ ଯଥାଶକ୍ତି ପୂଜାଦି କରିବେ । ତାହାପରେ ''ଖଂ ଖଂ'' — ଏହି ମନ୍ତ୍ର ଯଥାବିଧି ଦ୍ୱାଦଶ ଲକ୍ଷ ଜପ କରି ପୁରଶ୍ଚରଣାଙ୍ଗ ହୋମରେ ଘୃତ ଦ୍ୱାରା ଦ୍ୱାଦଶ ସହସ୍ର ଆହୁତି ପ୍ରଦାନ କରିବାକୁ ହେବ । ଏହି ପ୍ରକାରରେ 'ବିଷହରାଗ୍ନି ମନ୍ତ୍ର' ପୁରଶ୍ଚରଣ କରି ରଖିଲେ, ଯେତେବେଳେ ଇଚ୍ଛା ସେତେବେଳେ ସର୍ପଦ୍ରଂଷ୍ଟ ରୋଗୀକୁ ଆରୋଗ୍ୟ କରାଯାଇପାରେ ।

କାହାକୁ ସର୍ପ ଦଂଶନ କଲେ, ଏହି ସାଧକ ନିଜ ବାମକରତଳରେ ପଞ୍ଚଦଳ ପଦ୍ମ ଅଙ୍କିତ କରି ସେହି ପଦ୍ମର କର୍ଣ୍ଣିକାରେ ଓ ପଞ୍ଚଦଳରେ 'ଖଂ' ଏହି ବୀଜ ଲେଖିବେ, ପରେ ରକ୍ତବର୍ଣ୍ଣ ଓ ଅମୃତମୟ ଚିନ୍ତା କରି ସେହି ହସ୍ତ ଦ୍ୱାରା ସ୍ପର୍ଶ କଲେ ବିଷ ବିନଷ୍ଟ ହେବ । ଏହିଭଳି ହସ୍ତଦ୍ୱାରା ବିଷପୀଡ଼ିତ ବ୍ୟକ୍ତିକୁ ସ୍ପର୍ଶ କରି ଏକଶତ ଆଠ ଥର ବିଷହରାଗ୍ନି ମନ୍ତ୍ର ଜପ କଲେ ସବୁପ୍ରକାର ବିଷ ବିନଷ୍ଟ ହୋଇଯାଏ ।

''ଓଁ ନମୋ ଭଗବତେ ଗରୁଡାୟ ମହେନ୍ଦ୍ରରୂପାୟ ପର୍ବତଶିଖରାକାରରୂପାୟ ସଂହର ସଂହର ମୋଚୟ ମୋଚୟ ଚାଳୟ ଚାଳୟ ପାତୟ ପାତୟ ନିର୍ବିଷ ନିର୍ବିଷ ବିଷମପ୍ୟମୃତଂ ଚାହାରସଦୃଶଂ ରୂପମିଦଂ ପ୍ରାଜ୍ଞାପୟାମି ସ୍ୱାହା, ନମଃ ଲଲ ଲଲ ବର ବର ଦୁନ ଦୁନ କ୍ଷିପ କ୍ଷିପ ହର ହର ସ୍ୱାହା'' — ଏହି ଗରୁଡ଼ମନ୍ତ୍ର ପାଠକଲେ ଭକ୍ଷିତ ସ୍ଥାବର ବିଷ ଅମୃତତୁଲ୍ୟ ହୁଏ । ବିଷାକ୍ତ ଅନ୍ନପାନାଦି ମଧ୍ୟ ଏହି ମନ୍ତ୍ର ପାଠରେ ନିଶ୍ଚୟ ଅମୃତବତ୍ ହୋଇଯିବ ।

**" ସୁପର୍ଣ୍ଣ ବୈନତେୟଞ୍ଚ ନାଗାରିଂ ନାଗଭୀଷଣମ୍ ।**
**ଜିତାନ୍ତକଂ ବିଷାରିଞ୍ଚ ଅଜିତଂ ବିଶ୍ୱରୂପିଣମ୍ ।**
**ଗରୁତ୍ମନ୍ତଂ ଖଗଶ୍ରେଷ୍ଠଂ ତାର୍କ୍ଷ୍ୟଂ କଶ୍ୟପନନ୍ଦନମ୍ ।।"**

ଅର୍ଥାତ୍ ସୁପର୍ଣ୍ଣ, ବିନତାନନ୍ଦନ, ନାଗଶତ୍ରୁ, ସର୍ପଭୀଷଣ, ଶମନବିଜୟୀ, ବିଷାରି, ଅଜେୟ, ବିଶ୍ୱରୂପୀ, ଗୁରୁତ୍ମାନ୍, ଖଗେନ୍ଦ୍ର, ତାର୍କ୍ଷ୍ୟ ଓ କଶ୍ୟପନନ୍ଦନ - ଯେଉଁ ବ୍ୟକ୍ତି ଗରୁଡ଼-ସ୍ତବୋକ୍ତ ଏହି ଦ୍ୱାଦଶ ନାମ ପ୍ରାତଃକାଳରେ ଗାତ୍ରୋତ୍ଥାନ କରି ସ୍ନାନ କାଳରେ କିମ୍ବା ଶୟନ କାଳରେ ପାଠ କରନ୍ତି, ତାହାଙ୍କୁ କୌଣସି ପ୍ରକାର ବିଷ ଆକ୍ରମଣ କରିପାରେ ନାହିଁ -

**"ବିଷଂ ନାକ୍ରମତେ ତସ୍ୟ ନ ଚ ହିଂସନ୍ତି ହିଂସକାଃ ।**
**ସଂଗ୍ରାମେ ବ୍ୟବହାରେ ଚ ବିଜୟସ୍ତସ୍ୟ ଜାୟତେ ।।" (ତନ୍ତ୍ରସାର)**

ତାହାଙ୍କୁ ବିଷ ଆକ୍ରମଣ କରିପାରେ ନାହିଁ, ତାଙ୍କୁ କୌଣସି ପ୍ରକାର ହିଂସ୍ରଜନ୍ତୁ ଦଂଶନ କରିବାକୁ ସକ୍ଷମ ହୁଏ ନାହିଁ ଏବଂ ସେ ସର୍ବତ୍ର ଜୟ ଲାଭ କରନ୍ତି ।

**"ଓଁ କ୍ଷଃ ଓଁ ସ୍ୱରସ୍ଥଃ ଓଁ ହିଲି ହିଲି ମିଲି ମିଲି ଚିଲି ଚିଲି ହସ୍ଥଃ, ଓଁ ହିଲି ହିଲି ଚ ହସ୍ଥଃ, ବ୍ରହ୍ମଣେ ଫୁଃ, ଇନ୍ଦ୍ରାୟ ଫୁଃ, ସର୍ବେଭ୍ୟୋ ଦେବେଭ୍ୟୋ ଫୁଃ"** — ଏହି ମନ୍ତ୍ର ବୃଶ୍ଚିକାଦି ବିଷ ବିନାଶ କରିଥାଏ । **"ଓଁ ଗୋରିଷ୍ଠଃ"** —ଏହି ମନ୍ତ୍ର ମୂଷିକାଦିର ବିଷ ବିନାଶ କରିଥାଏ । **"ଓଁ ହ୍ରାଁ ହ୍ରଁ ହ୍ରୂଁ ଓଁ ସ୍ୱାହା ଓଁ ଗରୁଡ଼ ସ ହୂଁ ଫଟ୍"** — ଏହି ମନ୍ତ୍ରରେ ମାକଡ଼ସା ବିଷ ନାଶ ହୁଏ ।

**"ଓଁ ନମୋ ଭଗବତେ ବିଷ୍ଣବେ ସର ସର ହନ ହନ ହୂଁ ଫଟ୍ ସ୍ୱାହା"**— ଏହି ମନ୍ତ୍ର ସବୁ ପ୍ରକାର କୀଟବିଷ ନାଶ କରେ ।

ତନ୍ତ୍ରରେ ଏହିସବୁ ବିଷୟ ଏତେ ବିସ୍ତୃତ ଭାବରେ ଲିଖିତ ହୋଇଅଛି ଯେ, ତାହା ଗୋଟିଏ ସ୍ଥାନରେ ସଂଗୃହୀତ ହେଲେ ଏକ ପ୍ରକାଣ୍ଡ ପୁସ୍ତକରେ ପରିଣତ ହୋଇଯିବ । ମୁଁ ଭିନ୍ନ ଭିନ୍ନ ବିଷୟରୁ ଗୋଟିଏ ଦୁଇଟି କରି ଉଦ୍ଧୃତ କଲି । ବାହୁଲ୍ୟ ଭୟରେ ଏଠାରେ ସଂକ୍ଷେପରେ ଶେଷ କଲି ।

# ଶୂଳରୋଗ ପ୍ରତିକାର

**ଶୂ**ଳରୋଗ ମହାବ୍ୟାଧି ମଧ୍ୟରେ ପରିଗଣିତ । ଆୟୁର୍ବେଦ ଶାସ୍ତ୍ରରେ ଏହି ରୋଗ ''କୃଚ୍ଛ୍ରସାଧ୍ୟ'' ବୋଲି ଉଲ୍ଲିଖିତ ହୋଇଅଛି । ତନ୍ତ୍ରୋକ୍ତ ଉପାୟରେ ଏହି ରୋଗରୁ ମୁକ୍ତିଲାଭ ହୋଇଥାଏ । କ୍ରିୟାବାନ୍ ତାନ୍ତ୍ରିକ-ସାଧକଙ୍କ ଦ୍ୱାରା ଏହି ରୋଗର ପ୍ରତିକାର କର୍ତ୍ତବ୍ୟ ।

ଅଭିଜ୍ଞ ସାଧକ ପ୍ରଥମେ ଆଚମନ ଓ ସ୍ୱସ୍ତିବାଚନ କରି **'' ଓଁ ଅଦ୍ୟେତ୍ୟାଦି ଅମୁକ-ଗୋତ୍ରସ୍ୟ ଶ୍ରୀଅମୁକ-ଦେବଶର୍ମଣଃ ଶୂଳରୋଗ ପ୍ରତିକାରକାମନାୟ ଅମୁକ ମନ୍ତ୍ରଂ ସହସ୍ରଂ (ଅୟୁତଂ ଲକ୍ଷଂ ବା) ଜପମହଂ କରିଷ୍ୟାମି''** — ଏହି ମନ୍ତ୍ର ପାଠ କରି ଯଥାରୀତି ସଂକଳ୍ପ କରିବାକୁ ହେବ । ତାହାପରେ ଶିବଲିଙ୍ଗରେ ତ୍ର୍ୟମ୍ବକ-ପୂଜାପଦ୍ଧତି ଅନୁସାରେ ଯଥାଶକ୍ତି ପୂଜାଦି କରି **'' ଓଁ ମୀଢୁଷ୍ଟମଃ ଶିବତମଃ ଶିବୋ ନଃ ସୁମନା ଭବ ପରମୋ ବୃକ୍ଷ୍ମ ଆୟୁଧାନ୍ନିଧାୟ କୃତ୍ତିଂ ବସାନ ଆଚାରପିନାକଂ ବିଭ୍ରଦାଗହି''** — ଏହି ମନ୍ତ୍ର ସ୍ଥିରଚିତ୍ତରେ ଏକତାନ ମାନସରେ ଜପ କରିବାକୁ ହେବ । ଯେତେସଂଖ୍ୟକ ସଂକଳ୍ପ କରାହୋଇଥିବ, ସେତିକି ସଂଖ୍ୟକ ଜପ କରିବାକୁ ପଡ଼ିବ । ସଂକଳ୍ପ ସମୟରେ ଜାପ୍ୟ ମନ୍ତ୍ରଟି ଉଲ୍ଲେଖ କରିବାକୁ ପଡ଼ିବ ।

ମନ୍ତ୍ର ପ୍ରୟୋଗ ଦ୍ୱାରା ଯେ ଶୂଳ ରୋଗ ଅତି ସହଜରେ ଆରୋଗ୍ୟ ହୁଏ, ତାହା ବୋଧହୁଏ ଗ୍ରନ୍ଥକାରଙ୍କ ପରିଚିତ ବ୍ୟକ୍ତିମାନଙ୍କୁ ବୁଝାଇବାକୁ ପଡ଼ିବ ନାହିଁ । ଏ ପର୍ଯ୍ୟନ୍ତ ଚାରି ପାଞ୍ଚ ଶହ ଶୂଳ ରୋଗୀ ଗ୍ରନ୍ଥକାରଙ୍କ ନିକଟରୁ ଆରୋଗ୍ୟ ଲାଭ କରିଛନ୍ତି, ଏ ବିଷୟ ସେମାନେ ଜ୍ଞାତ ଅଛନ୍ତି । ପ୍ରସିଦ୍ଧ ଚିକିତ୍ସକମାନଙ୍କ ପରିତ୍ୟକ୍ତ, ଶୂଳରୋଗଗ୍ରସ୍ତ ଯେଉଁ ଅକର୍ମଣ୍ୟ ବ୍ୟକ୍ତି ସୁଖ ଓ ସ୍ୱାସ୍ଥ୍ୟ ଆଶାରେ ଜଳାଞ୍ଜଳି ଦେଇ ନିୟତ ମୃତ୍ୟୁ କାମନା କରୁଥିଲେ, ସେମାନେ କିପରି ନବଜୀବନ୍ ଲାଭ କରିଛନ୍ତି, ତାହା ମଧ୍ୟ ବହୁ ବ୍ୟକ୍ତି ପ୍ରତ୍ୟକ୍ଷ କରିଛନ୍ତି । ତାହାର ପ୍ରୟୋଗପ୍ରଣାଳୀ ଭିନ୍ନ ଭିନ୍ନ ପ୍ରକାରର ଥିଲେ ମଧ୍ୟ ଏହା ଏକ ଶାସ୍ତ୍ରର ବ୍ୟବସ୍ଥା । ସୁତରାଂ ଏହି ମନ୍ତ୍ରଟିରେ

ଯେ ସେଭଳି ଫଳ ମିଳିବ, ଏଥିରେ ସନ୍ଦେହର କିଛିମାତ୍ର ଅବକାଶ ନାହିଁ । ସ୍ୱୟଂ ଶିବ କହିଛନ୍ତି —

**''ସାକ୍ଷାନ୍ମୃତ୍ୟୋର୍ବିମୁଚ୍ୟେତ କିମନ୍ୟାଃ କ୍ଷୁଦ୍ରିକାଃ କ୍ରିୟା ।।'' (ତନ୍ତ୍ରସାର)**

ଏହି ମନ୍ତ୍ର ସାକ୍ଷାତ୍ ମୃତ୍ୟୁକୁ ନିବାରଣ କରିପାରେ, କ୍ଷୁଦ୍ରକାର୍ଯ୍ୟ ସାଧନାରେ ଆଉ ସନ୍ଦେହ କ'ଣ ?

## ସୁଖପ୍ରସବ ମନ୍ତ୍ର

**ନିମ୍ନଲିଖିତ** ମନ୍ତ୍ର ଦୁଇଟି ମଧ୍ୟରୁ ଯେ କୌଣସି ଗୋଟିଏ ମନ୍ତ୍ରଦ୍ୱାରା କିଞ୍ଚିତ୍ ଜଳ ଅଭିମନ୍ତ୍ରିତ କରି ସେହି ଜଳ ଗର୍ଭିଣୀକୁ ପାନ କରାଇଦେଲେ, ଅତି ଶୀଘ୍ର ଓ ସୁଖରେ ପ୍ରସବ ହୋଇଥାଏ । ପ୍ରତ୍ୟେକ ମନ୍ତ୍ରକୁ ଆଠ ଥର ଜପ କରି ଜଳ ଅଭିମନ୍ତ୍ରିତ କରିବାକୁ ହୁଏ, ଯଥା —

**(୧) ଓଁ ମନ୍ମଥ ମନ୍ମଥ ବାହି ବାହି ଲମ୍ବୋଦର ମୁଞ୍ଚ ମୁଞ୍ଚ ସ୍ୱାହା ।**
**(୨) ''ଓଁ ମୁକ୍ତା ପାଶା ବିପାଶାଶ୍ଚ ମୁକ୍ତାଃ ସୂର୍ଯ୍ୟେଣ ରଶ୍ମୟଃ ।**
**ମୁକ୍ତଃ ସର୍ବଭୟାଦ୍‌ଗର୍ଭଃ ଏହ୍ୟେହି ମାରୀଚ ମାରୀଚ ସ୍ୱାହା ।।''**

ପ୍ରସବବେଦନା ଉପସ୍ଥିତ ହୋଇ ବହୁ ବିଳମ୍ବ ହେଲେ ଦଶମୂଳର ଈଷଦୁଷ୍ଣ କ୍ୱାଥ୍ ପ୍ରଥମ ମନ୍ତ୍ରଟି ଦ୍ୱାରା ଅଭିମନ୍ତ୍ରିତ କରି ଗର୍ଭିଣୀକୁ ପାନ କରିବାକୁ ଦେବେ । ଏଥିରେ ଗର୍ଭିଣୀ ତତ୍କ୍ଷଣାତ୍ ସୁଖରେ ପ୍ରସବ କରିପାରିବେ, କୌଣସି ପ୍ରକାର ଯାତନା ଅନୁଭବ କରିବେ ନାହିଁ ।

''ଅଂ ଅଁ ହାଂ ନମସ୍ତ୍ରିମୂର୍ତ୍ତୟେ'' — ଏହି ମନ୍ତ୍ର ସୂତିକାଗୃହରେ ବସି ଜପ କରିବାକୁ ହେବ । ତାହାହେଲେ ପ୍ରସୂତି ଅକ୍ଳେଶରେ ପ୍ରସବ କରିବାକୁ ସମର୍ଥ ହେବ । ଏହା ମୋର ବହୁପରୀକ୍ଷିତ । ସୁତରାଂ ପାଠକମାନଙ୍କୁ ନିବେଦନ, ସେମାନେ ଏହା ଅଗ୍ରାହ୍ୟ ନ କରି କିମ୍ବା ଅବିଶ୍ୱାସ ନ କରି ଡାକ୍ତରଙ୍କ ହସ୍ତରେ କୁଳାଙ୍ଗନାମାନଙ୍କର ଲଜ୍ଜାଘୃଣାର ମୁଣ୍ଡ ବିକିଦେବା ପୂର୍ବରୁ ଥରେ ଏହି ପ୍ରକ୍ରିୟା ଅବଲମ୍ବନ କରି ଦେଖିବେ, ଧନ ଓ ଲଜ୍ଜା ଉଭୟ ରକ୍ଷା ହେବ ।

# ମୃତବତ୍ସା ଦୋଷ ଶାନ୍ତି

**ଯେଉଁ** ରମଣୀଙ୍କର ସନ୍ତାନ ପ୍ରସବ ପରେ ଏକପକ୍ଷ, ଏକମାସ ବା ବର୍ଷକ ପରେ ସନ୍ତାନ ନଷ୍ଟ ହୁଅନ୍ତି, ସେହି ନାରୀକୁ **ମୃତବତ୍ସା** କୁହାଯାଏ । ଯଥା -

**"ଗର୍ଭ ସଞ୍ଜାତମାତ୍ରେଣ ପକ୍ଷେ ମାସେ ଚ ବତ୍ସରେ ।**
**ପୁତ୍ରୋ ମ୍ରିୟତେ ବର୍ଷାଦୌ ଯସ୍ୟାଃ ସା ମୃତବତ୍ସିକା ।।"**

**— ଶ୍ରୀଦତ୍ତାତ୍ରେୟ ତନ୍ତ୍ର**

ନାରୀମାନଙ୍କର ମୃତବତ୍ସା-ଦୋଷ ଜାତ ହେଲେ, ସାଧନରହସ୍ୟବିଦ୍ ତାନ୍ତ୍ରିକ-ସାଧକଙ୍କ ଦ୍ୱାରା ତାହାର ଶାନ୍ତି କରାଇବାକୁ ହୁଏ । ଯେ କୌଣସି ବ୍ୟକ୍ତିଙ୍କ ଦ୍ୱାରା କର୍ମାନୁଷ୍ଠାନ କରାଇଲେ, ଫଳଲାଭର ଆଶା ନାହିଁ; ପରନ୍ତୁ ପ୍ରତ୍ୟବାୟଭାଗୀ ହେବାକୁ ପଡ଼େ । ମୃତବତ୍ସା ଦୋଷ ଶାନ୍ତି ନିମିତ୍ତ ନିମ୍ନଲିଖିତ ମତେ **ପ୍ରକ୍ରିୟା** କରାଇବାକୁ ହୁଏ ।

ମାର୍ଗଶୀର କିମ୍ବା ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ତିଥିରେ ଗୃହ ଲେପନପୂର୍ବକ ଗୋଟିଏ ନୂତନ କଳସୀ ଗନ୍ଧୋଦକ ଦ୍ୱାରା ପରିପୂର୍ଣ୍ଣ କରି ଉକ୍ତ ଗୃହରେ ସ୍ଥାପନ କରିବାକୁ ହେବ । ସାଧକ କଳସୀଟିକୁ ଶାଖା, ପଲ୍ଲବ ଓ ନବରତ୍ନ ଦ୍ୱାରା ସୁଶୋଭିତ କରି ସୁବର୍ଣ୍ଣମୁଦ୍ରା ପ୍ରଦାନପୂର୍ବକ ଷଟ୍‌କୋଣ ମଣ୍ଡଳରେ ସଂସ୍ଥାପନ କରିବେ । ପରେ ଏକାଗ୍ରଚିତ୍ତରେ ଏହି କଳସୀ ଉପରେ ଦେବୀଙ୍କ ପୂଜା କରିବେ । ତତ୍ପରେ ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ମତ୍ସ୍ୟ, ମାଂସ ଏବଂ ମଦ୍ୟାଦିଦ୍ୱାରା ଭକ୍ତି ସହକାରେ ବ୍ରାହ୍ମଣୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବାରାହୀ ଓ ଇନ୍ଦ୍ରାଣୀ — ଏହି **ଷଡ଼୍‌ମାତୃକାଙ୍କର** ଷଟ୍‌କୋଣରେ ପୂଜା କରିବେ । ଏହାପରେ **ପ୍ରଣବ (ଓଁ)** ଉଚ୍ଚାରଣପୂର୍ବକ ଦଧି ଓ ଅନ୍ନଦ୍ୱାରା ସାତଟି ପିଣ୍ଡ ପ୍ରସ୍ତୁତ କରିବେ । ଷଟ୍‌ମାତୃକାଗଣଙ୍କୁ ଛଅଟି ପିଣ୍ଡ ପ୍ରଦାନ କରି ସପ୍ତମ ପିଣ୍ଡକୁ ପବିତ୍ର ସ୍ଥାନରେ ନିକ୍ଷେପ କରିବେ । ଏହାପରେ ସ୍ୱଗୃହକୁ ପ୍ରତ୍ୟାଗମନ କରି ବାଳିକା ଓ କୁମାରୀମାନଙ୍କୁ ପ୍ରୀତିପୂର୍ବକ ଭୋଜନ କରାଇ ଦକ୍ଷିଣା ପ୍ରଦାନ କରିବେ । ଏହିସବୁ

କୁମାରୀମାନେ ସନ୍ତୁଷ୍ଟ ହେଲେ ହିଁ ଦେବତାମାନେ ପ୍ରସନ୍ନ ହୋଇଥାନ୍ତି । ତତ୍ପରେ ନଦୀରେ କଳସୀ ବିସର୍ଜନ କରି ଆତ୍ମୀୟମାନଙ୍କ ନିକଟରେ ଶୁଭ ପ୍ରାର୍ଥନା କରିବେ ।

ନିମ୍ନଲିଖିତ ମନ୍ତ୍ରଟି ଉଚ୍ଚାରଣ କରି ଜପ ଓ ପୂଜାଦି କରିବାକୁ ହୁଏ । ଯଥା — **"ଓଁ ପରମଂ ବ୍ରହ୍ମ ପରମାତ୍ମନେ ଅମୁକୀ-ଗର୍ଭେ ଦୀର୍ଘଜୀବୀ ସୁତଂ କୁରୁ କୁରୁ ସ୍ୱାହା ।।"**

ପୂଜାଶେଷରେ ସମାହିତ ଚିତ୍ତରେ ସଂକଳ୍ପାନୁଯାୟୀ ଉକ୍ତ ମନ୍ତ୍ରକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଜପ କରିବାକୁ ହେବ ।

**"ପ୍ରତିବର୍ଷମିଦଂ କୁର୍ଯ୍ୟାଦ୍ଦୀର୍ଘଜୀବିସୁତଂ ଲଭେତ୍ ।**
**ସିଦ୍ଧିଯୋଗମିଦଂ ଖ୍ୟାତଂ ନାନ୍ୟଥା ଶଙ୍କରୋଦିତମ୍ ।।"**

**— ଶ୍ରୀଦତ୍ତାତ୍ରେୟ ତନ୍ତ୍ର**

ପ୍ରତିବର୍ଷ ଏହି ପ୍ରକାର ଥରକୁ ଥର ଦେବତାଙ୍କ ଅର୍ଚ୍ଚନା କଲେ, ମୃତବତ୍ସା ରମଣୀଙ୍କର ଦୀର୍ଘଜୀବୀ ସନ୍ତାନ ଲାଭ ହୋଇଥାଏ । ଏହି ସିଦ୍ଧିଯୋଗ ଶଙ୍କରଙ୍କ ଦ୍ୱାରା କଥିତ । ତେଣୁ କାହାରି ହେଲେ ଏଥିରେ ଅବିଶ୍ୱାସ କରିବାର କିଛି ମାତ୍ର କାରଣ ନାହିଁ ।

**"ଗୃହୀତ୍ୱା ଶୁଭନକ୍ଷତ୍ରେ ତ୍ୱପାମାର୍ଗସ୍ୟ ମୂଳକମ୍ ।**
**ଗୃହୀତ୍ୱା ଲକ୍ଷଣାମୂଳଂ ଏକବର୍ଣ୍ଣଗବାଂ ପୟଃ ।**
**ପୀତ୍ୱା ସା ବିଭୃତେ ଗର୍ଭଂ ଦୀର୍ଘଜୀବୀ ସୁତୋ ଭବେତ୍ ।।"**

**— ଶ୍ରୀଦତ୍ତାତ୍ରେୟ ତନ୍ତ୍ର**

ଶୁଭନକ୍ଷତ୍ରରେ ଅପାମାର୍ଗ-ମୂଳ ଓ ଲକ୍ଷଣା-ମୂଳ ଉତ୍ତୋଳନ କରି ଏକବର୍ଣ୍ଣା ଗାଭୀର ଦୁଗ୍ଧ ସହିତ ଏହା ପେଷଣ କରି ପାନ କରିବେ । ଏଥିରେ ସ୍ତ୍ରୀଲୋକମାନଙ୍କର ଗର୍ଭସଞ୍ଚାର ହୁଏ ଏବଂ ସେହି ଗର୍ଭର ପୁତ୍ର ଦୀର୍ଘଜୀବୀ ହୋଇଥାଏ । କହିବା ବାହୁଲ୍ୟ ଯେ, ଏହି ଔଷଧ ସେବନ ପୂର୍ବରୁ ପୂର୍ବୋକ୍ତ ମନ୍ତ୍ରଟି ଜପପୂର୍ବକ ପୁରଶ୍ଚରଣ କରିନେବାକୁ ହେବ । ମୃତବତ୍ସା ଦୋଷ ଶାନ୍ତି ନିମିତ୍ତ ଉପଯୁକ୍ତ ସାଧକଙ୍କ ନିକଟରୁ

କବଚାଦି ସଂଗ୍ରହ କରି ନେଇପାରିଲେ ମଧ୍ୟ ବିଶେଷ ଫଳ ଲାଭ ହୋଇଥାଏ । ଭାରତବର୍ଷରେ ଏହି ସତ୍ୟ ଅନେକେ ପ୍ରତ୍ୟକ୍ଷ କରିଅଛନ୍ତି ।

## ବନ୍ଧ୍ୟା ଓ କାକବନ୍ଧ୍ୟା ପ୍ରତିକାର

ଯେଉଁ ରମଣୀମାନଙ୍କର କେବେହେଲେ ସନ୍ତାନସନ୍ତତି ଜାତ ହେଉନାହାନ୍ତି, ସେମାନଙ୍କୁ ବନ୍ଧ୍ୟା କହନ୍ତି । ପୁରାକାଳରେ ଦେବାଦିଦେବ ମହାଦେବ ଦତ୍ତାତ୍ରେୟ ମୁନିଙ୍କ ନିକଟରେ ବନ୍ଧ୍ୟା ନାରୀର ସନ୍ତାନାଦି ଜନନ-ବିଧି ପ୍ରକାଶ କରିଛନ୍ତି । ମୁଁ ମଧ୍ୟ ସେହି ପରୀକ୍ଷିତ ଉପାୟଗୁଡ଼ିକ ଯଥାଯଥ ଭାବରେ ପ୍ରକାଶ କରୁଅଛି । ଆଶା କରେ, ସନ୍ତାନ ଅଭାବରୁ ଯେଉଁ ଗୃହସ୍ଥଙ୍କ ଗୃହରେ ନିରାନନ୍ଦ ବିରାଜ କରୁଛି, ସେମାନେ ସଦାଚାରସମ୍ପନ୍ନ ସାଧକମାନଙ୍କ ଦ୍ୱାରା ଏହି ବିଧି ଅବଲମ୍ବନ କରିପାରିଲେ, ଅତି ଅଳ୍ପ ସମୟ ମଧ୍ୟରେ ପୁତ୍ରମୁଖ ଦର୍ଶନ କରି ଗୃହରେ ଆନନ୍ଦର ହାଟ ବସାଇପାରିବେ ।

ପଳାଶ ବୃକ୍ଷର ଗୋଟିଏ ପତ୍ର କୌଣସି ଗର୍ଭବତୀ ନାରୀର ସ୍ତନଦୁଗ୍ଧ ଦ୍ୱାରା ପେଷଣପୂର୍ବକ ଋତୁ କାଳରେ ପାନ କରିବେ । ସପ୍ତାହେ କାଳ ଏହି ଔଷଧ ପ୍ରତ୍ୟହ ପାନ କରି ଉଦ୍‌ବେଗ ଓ ଚିନ୍ତାଦି ପରିତ୍ୟାଗ କରିବାକୁ ହେବ । ତାହାପରେ ପତିସଙ୍ଗ କଲେ, ସେ ନାରୀର ଗର୍ଭସଞ୍ଚାର ହୋଇଥାଏ । ଏହି ଔଷଧ ସେବନ ସମୟରେ ଦୁଗ୍ଧ, ଶାଳିଧାନ୍ୟର ଅନ୍ନ, ମୁଗଡ଼ାଲି ପ୍ରଭୃତି ଲଘୁପାକ ଦ୍ରବ୍ୟ ଅଳ୍ପ ପରିମାଣରେ ଆହାର କରିବାକୁ ହେବ ।

ନାଗକେଶର ଚୂର୍ଣ୍ଣ ସଦ୍ୟୋଜାତ ଗାଭୀଦୁଗ୍ଧ ସହିତ ସପ୍ତାହ କାଳ ପ୍ରତ୍ୟହ ସେବନ କରିବେ । ଔଷଧ ସେବନ ପରେ ଘୃତ ଓ ଦୁଗ୍ଧ ଭକ୍ଷଣ କରିବା କର୍ତ୍ତବ୍ୟ । ତତ୍ପରେ ସ୍ୱାମୀ ସହବାସ କରିବାମାତ୍ରେ ସେହି ନାରୀ ଗର୍ଭବତୀ ହେବ । କହିବା ବାହୁଲ୍ୟ ଯେ, ପ୍ରଥମୋକ୍ତ ନିୟମଗୁଡ଼ିକ ନିଶ୍ଚୟ ପାଳନ କରିବାକୁ ହେବ ।

**"ଓଁ ନମଃ ସିଦ୍ଧିରୂପାୟ ଅମୁକୀଂ ପୁତ୍ରବତୀଂ କୁରୁ କୁରୁ ସ୍ୱାହା ।।"**

ଏହି ମନ୍ତ୍ରରେ ସାଧକ ପୁରଶ୍ଚରଣ କରି ଉପରୋକ୍ତ ଔଷଧ ମଧ୍ୟରୁ ଯେ କୌଣସି ଗୋଟିକୁ ଶହେ ଆଠ ଥର ଅଭିମନ୍ତ୍ରିତ କରିଦେବା ପରେ ପାନ କଲେ ନିଶ୍ଚୟ ଫଳ ଲାଭ କରିପାରିବେ । ମନ୍ତ୍ରପୂତ ନ କଲେ ଫଳଲାଭରେ ବିଘ୍ନ ହୋଇଥାଏ ।

"ପୂର୍ବଂ ପୁତ୍ରବତୀ ଯା ସା କ୍ୱଚିଦ୍ ବନ୍ଧ୍ୟା ଭବେଦ୍ ଯଦି ।
କାକବନ୍ଧ୍ୟା ତୁ ସା ଜ୍ଞେୟା ଚିକିତ୍ସା ତନ୍ତ୍ର କଥ୍ୟତେ ॥"

— ଶ୍ରୀଦତ୍ତାତ୍ରେୟ ତନ୍ତ୍ର

ଯେଉଁ ରମଣୀ ଥରେ ଗୋଟିଏ ମାତ୍ର ପୁତ୍ର ପ୍ରସବ କରି ଆଉ ଗର୍ଭଧାରଣ କରନ୍ତି ନାହିଁ, ତାଙ୍କୁ କାକବନ୍ଧ୍ୟା କହନ୍ତି । ସେହି ଦୋଷର ଶାନ୍ତି ନିମିତ୍ତ ତନ୍ତ୍ରଶାସ୍ତ୍ରରେ ଉପାୟ ବର୍ଣ୍ଣିତ ହୋଇଅଛି । ଯଥା -

ଅପରାଜିତା ଲତା ମୂଳସହିତ ଉତ୍ତୋଳନ କରି ମହିଷଦୁଗ୍ଧରେ ପେଷଣପୂର୍ବକ ମହିଷ-ନବନୀତ ସହିତ ଋତୁକାଳରେ ଭକ୍ଷଣ କରିବେ ଅଥବା ରବିବାରରେ ପୁଷ୍ୟା ନକ୍ଷତ୍ରରେ ଅଶ୍ୱଗନ୍ଧାର ମୂଳ ଉତ୍ତୋଳନ କରି ମହିଷଦୁଗ୍ଧ ସହିତ ପେଷଣ କରି ପ୍ରତ୍ୟହ ଚାରିତୋଳା ପରିମାଣରେ ଗୋଟିଏ ସପ୍ତାହ ଭକ୍ଷଣ କରିବେ । ତାପରେ ପତିସଙ୍ଗ କଲେ ସେହି ନାରୀର କାକବନ୍ଧ୍ୟା ଦୋଷ ଶାନ୍ତି ହୋଇ ଦୀର୍ଘଜୀବୀ ପୁତ୍ର ଲାଭ ହୋଇଥାଏ । ଯଥା -

"ସପ୍ତାହାଲ୍ଲଭତେ ଗର୍ଭଂ କାକବନ୍ଧ୍ୟା ଚିରାୟୁଷମ୍ ॥" (ତନ୍ତ୍ରକୋଷ)

ସଦାଚାରୀ ସାଧକ "ଓଁ ନମୋ ଶକ୍ତିରୂପାୟ ଅସ୍ୟା ଗୃହେ ପୁତ୍ରଂ କୁରୁ କୁରୁ ସ୍ୱାହା"— ଏହି ମନ୍ତ୍ରରେ ପ୍ରଥମେ ପୁରଶ୍ଚରଣ କରି ଏକଶତ ଆଠ ଥର ମନ୍ତ୍ର ଜପ କରି ଔଷଧ ପାନ କରିବାକୁ ହେବ । ଏହି ମନ୍ତ୍ରଦ୍ୱାରା ଔଷଧ ଅଭିମନ୍ତ୍ରିତ ନ କଲେ ଫଳ ଲାଭର ଆଶା ନାହିଁ ।

ତନ୍ତ୍ରଶାସ୍ତ୍ରରେ ଏହି ପ୍ରକାର ପ୍ରକ୍ରିୟା ବହୁତ ଦୃଷ୍ଟ ହୋଇଥାଏ । ବାହୁଲ୍ୟ ଭୟରେ କେତୋଟି ମାତ୍ର ପରୀକ୍ଷିତ ପ୍ରକ୍ରିୟା ଏଠାରେ ଉଦ୍ଧୃତ କରାଗଲା ।

# ବାଳକ-ସଂସ୍କାର

**ସ୍ୱ**ଭାବ-ନିୟମରେ ବା ଦୈବ ଉପାୟରେ ସନ୍ତାନ ଲାଭ କରି ସେ ସନ୍ତାନ ଯଦି ଦୀର୍ଘଜୀବୀ, ନୀରୋଗ, ସଚ୍ଚରିତ୍ର ଓ ପଣ୍ଡିତ ନ ହୁଏ, ତେବେ ପିତାମାତାଙ୍କର ମନକଷ୍ଟର ଅବଧି ରହେ ନାହିଁ । ଅସତ୍ ପୁତ୍ରକର୍ତ୍ତୃକ ପିତାମାତା ସର୍ବଦା ମନସ୍ତାପ ଭୋଗ କରିଥାନ୍ତି । ତନ୍ତ୍ରଶାସ୍ତ୍ର ମାନବର ସେ ଅଭାବ ମଧ୍ୟ ପୂରଣ କରିବାର ଉପାୟ କରିଛନ୍ତି । ପୁତ୍ର ଭୂମିଷ୍ଠ ହେବା ପରେ ଏହି ପ୍ରକରଣ ଅବଲମ୍ବନ କରି ଜାତପୁତ୍ରର ସଂସ୍କାର କାର୍ଯ୍ୟ ସମ୍ପନ୍ନ କରାଇଲେ, ପୁତ୍ର ପଣ୍ଡିତ, କବି, ବାଗ୍ମୀ ପ୍ରଭୃତି ନାନାବିଧ ସଦ୍‌ଗୁଣସମ୍ପନ୍ନ ହୋଇଥାଏ । ନିମ୍ନରେ ତାହାର ପ୍ରକ୍ରିୟା ଲିଖିତ ହେଲା ।

ପୁତ୍ର ଭୂମିଷ୍ଠ ହେବା ମାତ୍ରକେ, ନାଡ଼ୀ ଛେଦନ ପୂର୍ବରୁ, ପିତା ସ୍ୱର୍ଣ୍ଣ ଦ୍ୱାରା ପୁତ୍ରର ମୁଖାବଲୋକନ କରି ଅନ୍ୟ ଗୃହକୁ ଗମନପୂର୍ବକ ଗୁରୁ, ପଞ୍ଚଦେବତା ଓ ତାରିଣୀଙ୍କ ପୂଜା କରି ବସୁଧାରା (ଧାରା ହୋମ) ଦେବେ । ତତ୍ପରେ ପଞ୍ଚାହୂତି ପ୍ରଦାନ କରି କାଂସ୍ୟପାତ୍ରରେ ସମାନାଂଶରେ ଘୃତ ଓ ମଧୁ ନେଇ ତାହା ଉପରେ **''ଐଁ''**— ଏହି ମନ୍ତ୍ର ସାତଥର ଜପ କରିବେ । ଅନନ୍ତର ଦକ୍ଷିଣ ହସ୍ତର ଅନାମିକା ଅଙ୍ଗୁଳି ଦ୍ୱାରା ଏହି ଘୃତ ଓ ମଧୁ ନେଇ **''ହ୍ରୀଁ ଆୟୁର୍ବର୍ଚ୍ଚୋ ବଳଂ ମେଧା ବର୍ଦ୍ଧତାଂ ତେ ସଦା ଶିଶୋ''** — ଏହି ମନ୍ତ୍ର ପାଠ କରୁ କରୁ ଶିଶୁମୁଖରେ ପ୍ରଦାନ କରିବେ । ଏଥିରେ ଶିଶୁର ଆୟୁବୃଦ୍ଧି ହୋଇଥାଏ । ଏଥି ନିମିତ୍ତ ଏହାର ନାମ **ଆୟୁର୍ଜନନ** । ଏହି ସମୟରେ ପିତା ମନେ ମନେ ଶିଶୁର ଗୋଟିଏ ଗୁପ୍ତନାମ ରଖିବେ ।

ତାହାପରେ ବାଳକର ଜିହ୍ୱାକୁ ତିନି ଥର ଦକ୍ଷିଣ ହସ୍ତଦ୍ୱାରା ମାର୍ଜିତ କରି ପିତା ଶ୍ୱେତ-ଦୁର୍ବା ଦ୍ୱାରା ଅଥବା ସ୍ୱର୍ଣ୍ଣଶଳାକା ଦ୍ୱାରା ମଧୁ ନେଇ ବାଳକ ଜିହ୍ୱାରେ **''ବାଗ୍‌ଭବକୂଟ''** ମନ୍ତ୍ରକୁ ଅର୍ଥାତ୍ **''କ୍ଲୀଁ ହ୍ରୁଁ ଈଁ ଶ୍ରୀଁ ହ୍ରୀଁ ହେସାଃ''** — ଏହି ମନ୍ତ୍ର ପଙ୍‌କ୍ତି ଆକାରରେ ଲେଖିଦେବେ । ଅସୁବିଧା ହେଲେ ବା ଆପତ୍ତି ଥିଲେ ନିଜ ନିଜ ଇଷ୍ଟମନ୍ତ୍ର ଲେଖିଦେବେ । ଏଥିରେ ବାଳକ ସତ୍ୟବାଦୀ, ଜିତେନ୍ଦ୍ରିୟ, କବି ଓ ବାଗ୍ମୀ ହୋଇପାରେ, ଯଥା —

''କବିର୍ବାଗ୍ମୀ ଭବେତ୍ ପୁତ୍ରଃ ସତ୍ୟବାଦୀ ଜିତେନ୍ଦ୍ରିୟଃ ।।'' (ତନ୍ତ୍ରସାର)

ବାସ୍ତବିକ୍ ଏହି **'ବାଗ୍‌ଭବ'** ମନ୍ତ୍ର ବାଗୀଶତ୍ୱ-ପ୍ରଦାୟକ୍ । ଏହି ମନ୍ତ୍ର ପୁରଶ୍ଚରଣପୂର୍ବକ ମୂର୍ଖ ବ୍ୟକ୍ତିର ମସ୍ତକରେ ହସ୍ତ ଦେଇ ଶହେଆଠଥର ଜପ କଲେ, ସେହି ମୂର୍ଖ ମଧ୍ୟ କବି ହୋଇପାରେ ଏବଂ ଜିହ୍ୱାରେ ନ୍ୟାସ କଲେ ମୂକ ବ୍ୟକ୍ତି ମଧ୍ୟ ପ୍ରଧାନ ବକ୍ତା ହୋଇଥାଏ ।

''ଜିହ୍ୱାୟାଂ ନ୍ୟାସନାଦ୍ଦେବି ! ମୁକୋଽପି ସୁକବିର୍ଭବେତ୍ ।।'' (ଗନ୍ଧର୍ବତନ୍ତ୍ର)

ଏହି ପ୍ରକ୍ରିୟାକୁ ବୟଃପ୍ରାପ୍ତ ମହାମୂର୍ଖ ବ୍ୟକ୍ତିଙ୍କୁ ଉପଯୁକ୍ତ ରୂପରେ ପ୍ରୟୋଗ କରି ପାରିଲେ ଯେତେବେଳେ ମୂର୍ଖତ୍ୱ ଦୂର ହୋଇ ସେ ସୁ-କବି ହୋଇପାରନ୍ତି; ସେପରି କ୍ଷେତ୍ରରେ ଶିଶୁ ନିମିତ୍ତ ଆଉ ଭାବିବାର କିଛି ନାହିଁ । ଏଥପାଇଁ ନବଜାତ ଶିଶୁକୁ **'ବାଗଭବକୂଟ'** ମନ୍ତ୍ର ଦ୍ୱାରା ହିଁ ସଂସ୍କାର କରିବା ଆବଶ୍ୟକ । ସଂସ୍କାର ପରେ ନାଡ଼ୀଛେଦନ କରିବାକୁ ହେବ । କୌଣସି ବାଧା ହେତୁ ନାଡ଼ୀ ଛେଦନ ପୂର୍ବରୁ ଏହି ଅନୁଷ୍ଠାନ କରିବାକୁ ଅକ୍ଷମ ହେଲେ, ତ୍ରି-ରାତ୍ରି ମଧ୍ୟରେ ଏହା ସମ୍ପନ୍ନ କରାଯାଇପାରେ । ପିତା ଦୂରଦେଶରେ ଥିଲେ, ବାଳକର ପିତୃବ୍ୟ ଅଥବା ମାତୁଳ ଦ୍ୱାରା ଏହି ସଂସ୍କାର କରାଇବା ଦରକାର । ଅନ୍ୟ ଦ୍ୱାରା କଲେ ଫଳ ମିଳିବ ନାହିଁ ।

ଏହା ପରେ କୁଳଧର୍ମାନୁସାରେ ଏଗାର ଦିନ କିମ୍ବା ଏକମାସ ଗତ ହେଲେ ଶୁଭାଶୌଚାନ୍ତ ଦିନ ଅବସ୍ଥାନୁସାରେ ଯଥାଶକ୍ତି ଉପଚାର ଦ୍ୱାରା କୁଳଦେବତାଙ୍କର ପୂଜା କରିବା ଆବଶ୍ୟକ । ପରେ ପୁନର୍ବାର ଶ୍ୱେତଦୁର୍ବା, କୁଶ ଅଥବା ସ୍ୱର୍ଣ୍ଣଶଳାକା ଦ୍ୱାରା ପୂର୍ବୋକ୍ତ **'ବାଗ୍‌ଭବ-ମନ୍ତ୍ର'** ବାଳକର ଓଷ୍ଠରେ ଲେଖିଦେବେ । ତାହାହେଲେ ବାଳକ ବାକ୍ୟୋଚ୍ଚାରଣରେ ସମର୍ଥ ହେବା ମାତ୍ରକେ କବିତ୍ୱସମ୍ପନ୍ନ ହୋଇପାରିବେ ।

ଏହାପରେ ମାତାଙ୍କ କୋଳରେ କୁଶ ଉପରେ ଶିଶୁକୁ ରଖି ବ୍ରାହ୍ମଣମାନଙ୍କ ସହିତ ସମବେତ ହୋଇ **'ଇମଂ ପୁତ୍ରଂ କାମୟତ କାମଜାନାମିହୈବ ହି, ଦେବେଭ୍ୟଃ ପୁଷ୍ଟାତି ସର୍ବମିଦଂ ସଜ୍ଜନନଂ ଶିବଶାନ୍ତିସ୍ତାରାୟୈ କେଶବେଭ୍ୟସ୍ତାରାୟୈ ରୁଦ୍ରେଭ୍ୟ ଉମାୟୈ ଶିବାୟ ଶିବଯଶସେ'** — ଏହି ମନ୍ତ୍ର

ପାଠ କରୁ କରୁ କୁଶ ଓ ସ୍ୱର୍ଣ୍ଣ ଦ୍ୱାରା ଜଳଛିଟିକା ଦେଇ ଶାନ୍ତ କରିବେ । ତାହାପରେ ଶିଶୁକୁ କୋଳରେ ଧରି -

**''ବ୍ରହ୍ମା ବିଷ୍ଣୁଃ ଶିବୋ ଦୁର୍ଗା ଗଣେଶୋ ଭାସ୍କରସ୍ତଥା ।**
**ଇନ୍ଦ୍ରୋ ବାୟୁଃ କୁବେରଶ୍ଚ ବରୁଣୋଽଗ୍ନିର୍ବୃହସ୍ପତିଃ ।**
**ଶିଶୋଃ ଶୁଭଂ ପ୍ରକୁର୍ବନ୍ତୁ ରକ୍ଷନ୍ତୁ ପଥି ସର୍ବଦା ।।''**

ଏହି ରକ୍ଷାମନ୍ତ୍ର ପାଠ କରିବେ । ତାହାପରେ କୋଳକୁ ନେଇ ବାହାରେ ଶିଶୁକୁ କିଛି ଦୂର ପର୍ଯ୍ୟନ୍ତ ଆନୟନ କରି **''ହ୍ରୀଁ ତଚ୍ଚକ୍ଷୁର୍ଦ୍ଦେବହିତଂ ପୁରସ୍ତାଚ୍ଛୁକ୍ରମୁଚ୍ଚରନ୍ ପଶ୍ୟେୟଂ ଶରଦଃ ଶତଂ ଜୀବେୟଂ ଶରଦଃ ଶତଂ ଶୃଣୁୟାଂ ଶରଦଃ ଶତମ୍''** — ଏହି ମନ୍ତ୍ର ପାଠ କରିବା ସଙ୍ଗେ ସଙ୍ଗେ ଶିଶୁକୁ ସୂର୍ଯ୍ୟ ଦର୍ଶନ କରାଇ ଗୃହକୁ ନେଇଯିବେ । ସେହି ଦିନ ବ୍ରାହ୍ମଣଙ୍କୁ ପୂଜୋପକରଣ ଅନ୍ନବସ୍ତ୍ରାଦି ଏବଂ ଦକ୍ଷିଣା ଦେବାର ବିଧି ଅଛି ।

ଏହି କାର୍ଯ୍ୟ ଗୁରୁ, ପୁରୋହିତ କିମ୍ବା ତନ୍ତ୍ରାଭିଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ସମ୍ପନ୍ନ କରାଇବା ଦରକାର । ସଦାଚାରୀ ତାନ୍ତ୍ରିକ-ସାଧକଙ୍କ ଦ୍ୱାରା ଶାନ୍ତିକାର୍ଯ୍ୟ କରାଇପାରିଲେ, ଆହୁରି ଭଲ । ତନ୍ତ୍ରରେ ମଧ୍ୟ ସେହି ବ୍ୟବସ୍ଥା ଅଛି । ଯଥା -

**''ଶାନ୍ତିଂ କୁର୍ଯ୍ୟାଦ୍‌ବାଳକସ୍ୟ ବ୍ରାହ୍ମଣୈଃ ସହ ସାଧକଃ ।''**

**— ମହୋଗ୍ରତାରାକଳ୍ପ**

ଏହି ନିୟମରେ ଆୟୁର୍ଜ୍ଜନନ ଓ ସଂସ୍କାର କରିପାରିଲେ, ବାଳକ ସବୁ ପ୍ରକାରରେ ମହତ୍‌ପଦବାଚ୍ୟ ହେବ, ଏଥିରେ କିଛି ମାତ୍ର ସନ୍ଦେହ ନାହିଁ ।

# ଜ୍ୱରାଦି ସର୍ବରୋଗ ଶାନ୍ତି

ନକ୍ଷତ୍ର-ଦୋଷ ନିମିତ୍ତ ଅର୍ଥାତ୍ ବିରୁଦ୍ଧ ନକ୍ଷତ୍ରରେ ଯେଉଁ ରୋଗ ଉତ୍ପନ୍ନ ହୁଏ, ତାହା ଅସାଧ୍ୟ; ପ୍ରାୟ ତାହାର ପ୍ରତିକାର ହୋଇପାରେ ନାହିଁ । ବିଶେଷ ପ୍ରକାର ଚିକିତ୍ସାରେ ମଧ୍ୟ ଫଳଲାଭ ହୁଏ ନାହିଁ । କିନ୍ତୁ ଦୈବ ଉପାୟରେ ତାହାର ପ୍ରତିକାର ହୋଇଥାଏ । ତନ୍ତ୍ରାଭିଜ୍ଞ ସଦାଚାରସମ୍ପନ୍ନ ସାଧକଙ୍କ ଦ୍ୱାରା ପଶ୍ଚାଦୁକ୍ତ ଦୈବକାର୍ଯ୍ୟର ଅନୁଷ୍ଠାନ କରିପାରିଲେ, ତାହା ସାଧ୍ୟ ହୁଏ; ଅର୍ଥାତ୍ ତାହାର ପ୍ରତିକାର ହୋଇଥାଏ । ନିମ୍ନରେ ପ୍ରକ୍ରିୟାଗୁଡ଼ିକ ଲିଖିତ ହେଲା ।

ଜ୍ୱରଶାନ୍ତି ନିମିତ୍ତ ପ୍ରଥମେ ସଂକଳ୍ପ କରି 'ଅଗସ୍ତ୍ୟ ଋଷିରନୁଷ୍ଟୁପ୍ଛନ୍ଦଃ କାଳିକା ଦେବତା ଜ୍ୱରସ୍ୟ ସଦା ଶାନ୍ତ୍ୟର୍ଥେ ବିନିଯୋଗଃ' — ଏହି ମନ୍ତ୍ରକ୍ରମରେ ଋଷ୍ୟାଦି ନ୍ୟାସ କରିବ । ତାହାପରେ —

''ଓଁ କୁବେରନ୍ତେ ମୁଖଂ ରୌଦ୍ରଂ ନନ୍ଦିମାନନ୍ଦିମାବହନ୍ ।
ଜ୍ୱରଂ ମୃତ୍ୟୁଭୟଂ ଘୋରଂ ଜ୍ୱରଂ ନାଶୟତେ ଧ୍ରୁବମ୍ ।।''

ଏହି ମନ୍ତ୍ର ହଜାର ଥର କିମ୍ବା ଦଶ ହଜାର ଥର ସମାହିତ ଚିତ୍ତରେ ଜପ କରି ଆମ୍ର ପତ୍ର ଦ୍ୱାରା ହୋମ କଲେ ସର୍ବବିଧ ଦୂଷିତ ଜ୍ୱର ନିଶ୍ଚୟ ଶାନ୍ତ ହେବ ।

ସ୍ଥିରଚିତ୍ତ ହୋଇ ମନେ ମନେ ମନ୍ତ୍ରାର୍ଥ ଚିନ୍ତନପୂର୍ବକ ଭକ୍ତିସହକାରେ **''ଓଁ ଶାନ୍ତେ ଶାନ୍ତେ ସର୍ବାରିଷ୍ଟନାଶିନି ସ୍ୱାହା''** — ଏହି ମନ୍ତ୍ର ଏକଲକ୍ଷ ଥର ଜପ କଲେ ସର୍ବରୋଗ ଶାନ୍ତି ହୋଇଥାଏ । ସେହି ମନ୍ତ୍ର ଦଶହଜାର ଥର ଜପ କରି ସିଦ୍ଧି ହେଲାପରେ ଏହି ପ୍ରକ୍ରିୟା ଅନୁଷ୍ଠାନ କରିବା କଥା । ରୋଗାଦିର ଶାନ୍ତିକାର୍ଯ୍ୟରେ ପାର୍ଥିବ ଶିବଲିଙ୍ଗ ପୂଜା ଅତିଶୟ ଫଳଦାୟକ ।

ତୁମ୍ବୁର-ଭୈରବଙ୍କ ଧ୍ୟାନ ଓ ମନ୍ତ୍ରଜପରେ ସର୍ବରୋଗର ଶାନ୍ତି ହୋଇଥାଏ । ମନ୍ତ୍ର ଯଥା — **''ଓଁ ତୁମ୍ବୁର-ଭୈରବ ହ୍ରୌଁ ଅମୁକସ୍ୟ ସର୍ବଶାନ୍ତିଂ କୁରୁ କୁରୁ ରଂ ରଂ ହ୍ରୀଁ ହ୍ରୀଁ ।''**

ପ୍ରଥମେ ଏହି ମନ୍ତ୍ରରେ ଅନ୍ନାଦିସଂଯୁକ୍ତ ବଳି ପ୍ରଦାନ କରିବାକୁ ହେବ । ଅନନ୍ତର ଶ୍ୱେତଦୁର୍ବା, ନାନାବିଧ ପୁଷ୍ପ ଏବଂ ଧୂପଦୀପାଦି ବିବିଧ ଉପଚାରରେ ପୂଜାକରି ଏହି ମନ୍ତ୍ର ଯଥାବିଧି ଏକ ହଜାର ଥର ଜପ କରିବା ଆବଶ୍ୟକ । ମନ୍ତ୍ର ମଧ୍ୟରେ ଅମୁକ ସ୍ଥଳରେ ଯାହାଙ୍କର ନାମ ଉଲ୍ଲେଖ କରି ଜପ ପୂଜାଦି କରାଯିବ, ତାଙ୍କର ସର୍ବରୋଗ ଶାନ୍ତି ହେବ । ତ୍ରିକୋଣ କୁଣ୍ଡରେ ବହ୍ନି ପ୍ରଜ୍ୱଳିତ କରି ଦୁର୍ବା, ପୁଷ୍ପ ଓ ତଣ୍ଡୁଳସଂଯୁକ୍ତ ଘୃତ ମିଶ୍ରିତ ତିଳ ଏବଂ ଜୀରକ ଦ୍ୱାରା ଏହି ମନ୍ତ୍ରରେ ଦଶାଙ୍ଗ ହୋମ କଲେ, ସର୍ବଶାନ୍ତି ହୁଏ । ''ରୋଗୀର ମସ୍ତକରେ ଭୈରବଦେବ ଅମୃତଧାରା ବର୍ଷଣ କରୁଛନ୍ତି'' — ଦିବାରାତ୍ରି ଏହି ପ୍ରକାର ଚିନ୍ତା କଲେ କିମ୍ବା 'ତୁମ୍ବୁର-ଭୈରବ' ଙ୍କୁ ମନେ ମନେ ଧ୍ୟାନ କଲେ ସର୍ବରୋଗ ଶାନ୍ତି ହୁଏ । **ଧ୍ୟାନ**, ଯଥା —

"ଶୁଦ୍ଧସ୍ଫଟିକସଙ୍କାଶଂ ଦେବଦେବଂ ତ୍ରିଲୋଚନମ୍ ।
ଚନ୍ଦ୍ରମଣ୍ଡଳମଧ୍ୟସ୍ଥଂ ଚନ୍ଦ୍ରଚୂଡଂ ଜଟାଧରମ୍ ।।
ଚତୁର୍ଭୁଜଂ ବୃଷାରୂଢଂ ଭୈରବଂ ତୁମ୍ବୁରସଂଜ୍ଞକମ୍ ।
ଶୂଳମାଳାଧରଂ ଦକ୍ଷେ ବାମେ ପୁସ୍ତଂ ସୁଧାଘଟମ୍ ।।
ସର୍ବାବୟବସଂଯୁକ୍ତଂ ସର୍ବାଭରଣଭୂଷିତମ୍ ।
ଶ୍ୱେତବସ୍ତ୍ରପରିଧାନଂ ନାଗହାରବିରାଜିତମ୍ ।।"।✸।

ନକ୍ଷତ୍ରଦୋଷଜନିତ ଜ୍ୱରରେ ପ୍ରତିକାର ଏକପ୍ରକାର ଅସାଧ୍ୟ । ଏକମାତ୍ର ହାରୀତୋକ୍ତ ବିଧାନରେ ତାହାର ପ୍ରତିକାର ହୋଇପାରେ । ଜରୋତ୍ପତ୍ତିର ନକ୍ଷତ୍ର ବିବେଚନା କରି ସେହି ନକ୍ଷତ୍ରୋକ୍ତ ଦ୍ରବ୍ୟ ଓ ମନ୍ତ୍ର ଦ୍ୱାରା ହୋମ କଲେ, ସବୁପ୍ରକାର ଜ୍ୱର ଶାନ୍ତି ହୋଇଥାଏ । କିନ୍ତୁ ତାହା ଅତି ବିରାଟ କାର୍ଯ୍ୟ । ତାହା ଲେଖିଲେ ଗ୍ରନ୍ଥର କଳେବର ବୃଦ୍ଧି ହୋଇଯିବ । ତେଣୁ ମୁଁ ନିମ୍ନରେ ସର୍ବଜ୍ୱରହରଣ ବଳିର ପ୍ରକ୍ରିୟା ବିବୃତ କରୁଅଛି । କେବଳ ମାତ୍ର ଏହା ଅନୁଷ୍ଠାନ କଲେ, ଯେ କୌଣସି ନକ୍ଷତ୍ରଦୋଷଜନିତ ଜ୍ୱର ଶାନ୍ତ ହେବ । ଏଥିରେ ଗ୍ରନ୍ଥକର୍ତ୍ତା ଓ କର୍ମକର୍ତ୍ତା ଉଭୟଙ୍କର ହିଁ ସୁବିଧା । ପ୍ରଣାଳୀଟି ନିମ୍ନରେ ଲିଖିତ ହେଲା ।

ଜ୍ୱରଗ୍ରସ୍ତ ବ୍ୟକ୍ତିଙ୍କଠାରୁ ନଅ ମୁଠି ତଣ୍ଡୁଳ ନେଇ ବଳିପିଣ୍ଡ ପାକ କରି **"ଓଁ କ୍ଳୀଂ ଠଂ ଠଂ ଭୋ ଭୋ ଜ୍ୱର ଶୃଣୁ ଶୃଣୁ ହନ ହନ ଗର୍ଜ୍ଜ ଗର୍ଜ୍ଜ ଐକାହିକଂ ଦ୍ୱାହିକଂ ତ୍ର୍ୟାହିକଂ ଚାତୁରାହିକଂ ସାପ୍ତାହିକଂ ମାସିକଂ ଅର୍ଦ୍ଧମାସିକଂ ବାର୍ଷିକଂ ଦ୍ୱୈବାର୍ଷିକଂ ମୌହୂର୍ତ୍ତିକଂ ନୈମିଷିକଂ ଅଟ ଅଟ ଭଟ ଭଟ ହୂଂ ଫଟ୍ ଅମୁକସ୍ୟ ଜ୍ୱରଂ ହନ ହନ ମୁଞ୍ଚ ମୁଞ୍ଚ ଭୂମ୍ୟାଂ ଗଚ୍ଛ ଗଚ୍ଛ ସ୍ୱାହା"** — ଏହି ମନ୍ତ୍ର ପାଠ କରି ବଳି ପ୍ରଦାନ କରିବାକୁ ହେବ । ପ୍ରଥମେ ତଣ୍ଡୁଳଚୂର୍ଣ୍ଣ ଦ୍ୱାରା ଗୋଟିଏ ଜ୍ୱରମୂର୍ତ୍ତି (ପୁତ୍ତଳିକା) ପ୍ରସ୍ତୁତ କରି ହରିଦ୍ରା ଦ୍ୱାରା ତାହାର ରଙ୍ଗ ରଞ୍ଜିତ କରିବ ଏବଂ ତାହାର ଚାରିଦିଗ ହରିଦ୍ରାକ୍ତଧ୍ୱଜଚତୁଷ୍ଟୟ ଦ୍ୱାରା ଶୋଭିତ କରି ହରିଦ୍ରାରସପୂର୍ଣ୍ଣ ଚାରିଗୋଟି ପୁଟପାତ୍ର ସ୍ଥାପନ କରିବାକୁ ହେବ । ପରେ ସେହି ପୁତ୍ତଳିକାକୁ ଗନ୍ଧପୁଷ୍ପ ଦ୍ୱାରା ଭୂଷିତ କରି ବଳି ପ୍ରଦାନ କରିବେ । ଏହାପରେ 'ଓଁ ଅଦ୍ୟେତ୍ୟାଦି ଅମୁକଗୋତ୍ରସ୍ୟ ଅମୁକସ୍ୟ

---

✸ *ସରଳ ସଂସ୍କୃତ ହେତୁ ଏହା ଅନୁବାଦ ପ୍ରଦତ୍ତ ହେଲାନାହିଁ ।*

**ଉତ୍ପନ୍ନଜ୍ୱରକ୍ଷୟାୟ ତନ୍ମନ୍ତ୍ରାୟ ଏଷ ରଚିତପୁତ୍ତଳକ-ବଳିର୍ନମଃ'** — ଏହି ମନ୍ତ୍ରରେ ସେହି ପ୍ରତିମୂର୍ତ୍ତି ଉତ୍ତର ଦିଗରେ ବିସର୍ଜନ କରିବେ । ଏହିପରି ଭାବରେ ତିନି ଦିନ ବଳି ପ୍ରଦାନ କଲେ ଜ୍ୱର ଶାନ୍ତି ହୋଇଥାଏ । ଯଥା —

**'ଏତଦ୍ଦିନତ୍ରୟଂ କୁର୍ଯ୍ୟାତ୍ ଜ୍ୱରରୋଗାପଶାନ୍ତୟେ ॥''** (କାମରତ୍ନ ତନ୍ତ୍ର)

ବଳି ପ୍ରଦାନ ପରେ ନକ୍ଷତ୍ରକୁ ଆଚମନୀୟ ପ୍ରଦାନପୂର୍ବକ ରୋଗୀର ହୃଦୟ ସ୍ପର୍ଶ କରି **'ଭୋ ଭୋ ଜ୍ୱର ଶୃଣୁ ଶୃଣୁ ହନ ହନ ଗର୍ଜ୍ଜ ଗର୍ଜ୍ଜ ଐକାହିକଂ ଦ୍ୱାହିକଂ ତ୍ର୍ୟାହିକଂ ଚାତୁରାହିକଂ ସାପ୍ତାହିକଂ ମାସିକଂ ଅର୍ଦ୍ଧମାସିକଂ ବାର୍ଷିକଂ ଦ୍ୱୈବାର୍ଷିକଂ ମୌହୂର୍ତ୍ତିକଂ ନୈମିଷିକଂ ଅଟ ଅଟ ଭଟ ଭଟ ହୂଂ ଫଟ୍ ବଜ୍ରପାଣି ରାଜା ଓଁ ଶିରୋ ମୁଞ୍ଚ କଣ୍ଠଂ ମୁଞ୍ଚ ବାହୁଂ ମୁଞ୍ଚ ଉଦରଂ ମୁଞ୍ଚ କଟିଂ ମୁଞ୍ଚ ଉରୁଂ ମୁଞ୍ଚ ଭୂମ୍ୟାଂ ଗଚ୍ଛ ଶୃଣୁ ଶୃଣୁ ଅମୁକସ୍ୟ ଜ୍ୱରଂ ହନ ହନ ହୂଂ ଫଟ୍'** — ଏହି ମନ୍ତ୍ର ପାଠ କରୁ କରୁ ତାହାର ଗାତ୍ର ମାର୍ଜନା କରିବେ । ପରେ ଏହି ମନ୍ତ୍ରଟି ଭୂର୍ଜପତ୍ରରେ ଅଲକ୍ତକ ଦ୍ୱାରା ଲେଖି ରୋଗୀର ଶିଖାରେ ବନ୍ଧନ କରିଦେବେ ।

ଏହି ପ୍ରକ୍ରିୟାରେ ସବୁ ପ୍ରକାର ଦୂଷିତ ଜ୍ୱର ନିଶ୍ଚୟ ଆରୋଗ୍ୟ ହେବ, ଏହି ଶିବ-ବାକ୍ୟରେ ସନ୍ଦେହ ନାହିଁ ।

## ଆପଦୁଦ୍ଧାର

ପ୍ରତ୍ୟହ ରାତ୍ରିକାଳରେ ଯଥା ନିୟମରେ ଆପଦୁଦ୍ଧାର କବଚ ପାଠ କଲେ, ସବୁପ୍ରକାର ଆପଦ ଶାନ୍ତି ହୋଇଥାଏ । ପ୍ରଥମେ ଅଙ୍ଗନ୍ୟାସ, କରନ୍ୟାସ କରି **ବଟୁକ -ଭୈରବଙ୍କ ଧ୍ୟାନପୂର୍ବକ ପ୍ରହୃଷ୍ଟ ଚିତ୍ତରେ ତାଙ୍କର ''ଓଁ ହ୍ରୀଂ ବଟୁକାୟ ଆପଦୁଦ୍ଧାରଣାୟ କୁରୁ କୁରୁ ବଟୁକାୟ ହ୍ରୀଂ ''**— ଏହି ମନ୍ତ୍ର ଜପ କଲେ, ସବୁ ଆପଦ ବିନଷ୍ଟ ହୋଇ କାମ୍ୟ-ବିଷୟ ପ୍ରାପ୍ତ ହୋଇଥାଏ । ଏହି କବଚ ପାଠ କଲେ, ସବୁପ୍ରକାର ରୋଗ, ଦୂଷିତ ଜ୍ୱର, ଶତ୍ରୁ ଭୟ, ଭୂତ-ପ୍ରେତାଦି ଭୟ, ଚୌରାଗ୍ନି ଭୟ, ଗ୍ରହଭୟ, ମାରିଭୟ, ରାଜଭୟ ପ୍ରଭୃତି ବିନଷ୍ଟ ହୋଇ ସର୍ବ ସୌଭାଗ୍ୟର

ଉଦୟ ହୋଇଥାଏ । ଯେଉଁ ବ୍ୟକ୍ତି ଏହି କବଚ ପାଠ କରନ୍ତି ଅଥବା ଶ୍ରବଣ କରନ୍ତି ଓ ପୂଜା କରନ୍ତି, ତାଙ୍କର ସବୁ ଆପଦ ଶାନ୍ତ ହୋଇ ସୁଖ, ଆୟୁ, ସମ୍ପଦ, ଆରୋଗ୍ୟ ଐଶ୍ୱର୍ଯ୍ୟ ଓ ପୁତ୍ରପୌତ୍ରାଦି ବୃଦ୍ଧି ପାଏ; ଏପରି କି ସେହି ବ୍ୟକ୍ତି ସୁଦୁର୍ଲ୍ଲଭ ଇଷ୍ଟସିଦ୍ଧି ଲାଭ କରିଥା'ନ୍ତି । ମୁଁ ନିମ୍ନରେ **କବଚଟି** ଯଥାଯଥ ଭାବରେ ଉଦ୍ଧୃତ କରୁଅଛି । ସଂସ୍କୃତାଂଶ ସରଳ ବୋଲି ତାହାର ଅନୁବାଦ ପ୍ରଦତ୍ତ ହେଲାନାହିଁ । ଏହା ମଧ୍ୟରେ ପାଠର ନିୟମ, ଧ୍ୟାନ, ମନ୍ତ୍ରନ୍ୟାସ ଓ ଫଳଶ୍ରୁତି ବିବୃତ ହୋଇଅଛି । ତେଣୁ ମୁଁ ଆଉ ପୃଥକ୍ ଭାବରେ ଉଦ୍ଧୃତ କଲିନାହିଁ । **କବଚ** ଯଥା -

**''କୈଳାସଶିଖରାସୀନଂ ଦେବଦେବଂ ଜଗଦ୍‌ଗୁରୁମ୍**
**ଶଙ୍କରଂ ପରିପପ୍ରଚ୍ଛ ପାର୍ବତୀ ପରମେଶ୍ୱରମ୍ ।।''**

**- ଶ୍ରୀପାର୍ବତ୍ୟୁବାଚ -**

ଭଗବନ୍ ସର୍ବଧର୍ମଜ୍ଞ ସର୍ବଶାସ୍ତ୍ରାଗମାଦିଷୁ ।
ଆପଦୁଦ୍ଧାରଣଂ ମନ୍ତ୍ରଂ ସର୍ବସିଦ୍ଧିପ୍ରଦଂ ନୃଣାମ୍ ।।

ସର୍ବେଷାଞ୍ଚୈବ ଭୂତାନାଂ ହିତାର୍ଥଂ ବାଞ୍ଛିତଂ ମୟା ।
ବିଶେଷତସ୍ତୁ ରାଜ୍ଞାଂ ବୈ ଶାନ୍ତିପୁଷ୍ଟିପ୍ରସାଧନମ୍ ।।

ଅଙ୍ଗନ୍ୟାସ-କରନ୍ୟାସ-ବୀଜନ୍ୟାସ-ସମନ୍ୱିତମ୍ ।
ବକ୍ତୁମର୍ହସି ଦେବେଶ ମମ ହର୍ଷବିବର୍ଦ୍ଧନମ୍ ।।

**- ଶ୍ରୀଭଗବାନୁବାଚ -**

ଶୃଣୁ ଦେବି ମହାମନ୍ତ୍ରମାପଦୁଦ୍ଧାରହେତୁକମ୍ ।
ସର୍ବଦୁଃଖପ୍ରଶମନଂ ସର୍ବଶତ୍ରୁ ନିବର୍ହଣମ୍ ।।

ଅପସ୍ମାରାଦିରୋଗାଣାଂ ଜ୍ୱରାଦୀନାଂ ବିଶେଷତଃ ।
ନାଶନଂ ସ୍ମୃତିମାତ୍ରେଣ ମନ୍ତ୍ରରାଜମିମଂ ପ୍ରିୟେ ।।

ଗ୍ରହରାଜଭୟାନାଞ୍ଚ ନାଶନଂ ସୁଖବର୍ଦ୍ଧନମ୍ ।
ସ୍ନେହାଦ୍‌ବକ୍ଷ୍ୟାମି ତେ ମନ୍ତ୍ରଂ ସର୍ବସାରମିଦଂ ପ୍ରିୟେ ॥

ସର୍ବକାମାର୍ଥଦଂ ମନ୍ତ୍ରଂ ରାଜଭୋଗପ୍ରଦଂ ନୃଣାଂ ।
ଆପଦୁଦ୍ଧାରଣଂ ମନ୍ତ୍ରଂ ବକ୍ଷ୍ୟାମୀତି ବିଶେଷତଃ ॥

ପ୍ରଣବଂ ପୂର୍ବମୁଚ୍ଚାର୍ଯ୍ୟ ଦେବୀ-ପ୍ରଣବମୁଦ୍ଧରେତ୍ ।
ବଟୁକାୟେତି ବୈ ପଶ୍ଚାଦାପଦୁଦ୍ଧରଣାୟ ଚ ॥

କୁରୁଦ୍ୱୟଂ ତତଃ ପଶ୍ଚାଦ୍‌ବଟୁକାୟ ପୁନଃ କ୍ଷିପେତ୍ ।
ଦେବୀପ୍ରଣବମୁଦ୍ଧୃତ୍ୟ ମନ୍ତ୍ରୋଦ୍ଧାରମିମଂ ପ୍ରିୟେ ॥

ମନ୍ତ୍ରୋଦ୍ଧାରମିମଂ ଦେବି ତ୍ରୈଲୋକ୍ୟସ୍ୟାପି ଦୁର୍ଲ୍ଲଭମ୍ ।
ଅପ୍ରକାଶ୍ୟମିମଂ ମନ୍ତ୍ରଂ ସର୍ବଶକ୍ତିସମନ୍ୱିତମ୍ ॥

ସ୍ମରଣାଦେବ ମନ୍ତ୍ରସ୍ୟ ଭୂତପ୍ରେତପିଶାଚକାଃ ।
ବିଦ୍ରବନ୍ତି ଭୟାର୍ତ୍ତା ବୈ କାଳରୁଦ୍ରାଦିବ ପ୍ରଜାଃ ॥

ପଠେଦ୍‌ବା ପାଠୟେଦ୍‌ବାପି ପୂଜୟେଦ୍‌ବାପି ପୁସ୍ତକମ୍ ।
ନାଗ୍ନିଚୌରଭୟଂ ବାପି ଗ୍ରହରାଜଭୟଂ ତଥା ।

ନ ଚ ମାରୀଭୟସ୍ତସ୍ୟ ସର୍ବତ୍ର ସୁଖବାନ୍ ଭବେତ୍ ।
ଆୟୁରାରୋଗ୍ୟମୈଶ୍ୱର୍ଯ୍ୟଂ ପୁତ୍ରପୌତ୍ରାଦିସମ୍ପଦଃ ॥
ଭବନ୍ତି ସତତଂ ତସ୍ୟ ପୁସ୍ତକସ୍ୟାପି ପୂଜନାତ୍ ।

## - ଶ୍ରୀପାର୍ବତ୍ୟୁବାଚ -

ଯ ଏଷ ଭୈରବୋ ନାମ ଆପଦୁଦ୍ଧାରକୋ ମତଃ ।
ତ୍ୱୟା ଚ କଥିତୋ ଦେବ ଭୈରବଃ କଳ୍ପ ଉତ୍ତମଃ ॥

ତସ୍ୟ ନାମସହସ୍ରାଣି ଅୟୁତାନ୍ୟର୍ବୁଦାନିଚ ।
ସାରମୁଦ୍ଧୃତ୍ୟ ତେଷାଂ ବୈ ନାମଷ୍ଟଶତକଂ ବଦ ।।

ଯସ୍ତୁ ସଂକୀର୍ତ୍ତୟେଦେତତ୍ ସର୍ବଦୁଷ୍ଟନିବର୍ହଣମ୍ ।
ସର୍ବାନ୍ କାମାନବାପ୍ନୋତି ସାଧକଃ ସିଦ୍ଧିମେବ ଚ ।।

**- ଶ୍ରୀଭଗବାନୁବାଚ -**

ଶୃଣୁ ଦେବି ପ୍ରବକ୍ଷ୍ୟାମି ଭୈରବସ୍ୟ ମହାତ୍ମନଃ ।
ଆପଦୁଦ୍ଧାରକସ୍ୟେହ ନାମାଷ୍ଟଶତମୁତ୍ତମମ୍ ।।

ସର୍ବପାପହରଂ ପୁଣ୍ୟଂ ସର୍ବାପଦ୍‌ବିନିବାରକମ୍ ।
ସର୍ବକାମାର୍ଥଦଂ ଦେବି ସାଧକାନାଂ ସୁଖାବହମ୍ ।।

ଦେହାଙ୍ଗନ୍ୟାସନଞ୍ଚୈବ ପୂର୍ବଂ କୁର୍ଯ୍ୟାତ୍ ସମାହିତଃ ।
ଭୈରବଂ ମୂର୍ଦ୍ଧ୍ନି ବିନ୍ୟସ୍ୟ ଲଲାଟେ ଭୀମଦର୍ଶନମ୍ ।।

ଅକ୍ଷ୍ଣୋର୍ଭୂତାଶ୍ରୟଂ ନ୍ୟସ୍ୟ ବଦନେ ତୀକ୍ଷ୍ଣଦର୍ଶନମ୍ ।
କ୍ଷେତ୍ରଦଂ କର୍ଣ୍ଣୟୋର୍ମ୍ମଧ୍ୟେ କ୍ଷେତ୍ରପାଳଂ ହୃଦି ନ୍ୟସେତ୍ ।

କ୍ଷେତ୍ରାଖ୍ୟଂ ନାଭିଦେଶେ ତୁ କଟ୍ୟାଂ ସର୍ବାଘନାଶନମ୍ ।
ତ୍ରିନେତ୍ରମୂର୍ବୋର୍ବିନ୍ୟସ୍ୟ ଜଙ୍ଘୟୋ ରକ୍ତପାଣିକମ୍ ।।

ପାଦୟୋର୍ଦ୍ଦେବଦେବେଶଂ ସର୍ବାଙ୍ଗେ ବଟୁକଂ ନ୍ୟସେତ୍ ।
ଏବଂ ନ୍ୟାସବିଧିଂ କୃତ୍ୱା ତଦନନ୍ତରମୁତ୍ତମମ୍ ।।

ପଠେଦେକମନାଃ ସ୍ତୋତ୍ରଂ ନାମାଷ୍ଟଶତସଂଜ୍ଞକମ୍ ।
ନାମାଷ୍ଟଶତକସ୍ୟାପି ଛନ୍ଦୋଽନୁଷ୍ଟୁବୁଦାହୃତମ୍ ।।

ବୃହଦାରଣ୍ୟକୋ ନାମ ଋଷିଶ୍ଚ ପରିକୀର୍ତ୍ତିତଃ ।
ଦେବତା କଥିତା ଚେହ ସଭିର୍ବଟୁକଭୈରବଃ ।।

ସର୍ବକାମାର୍ଥସିଦ୍ଧ୍ୟର୍ଥଂ ବିନିଯୋଗଃ ପ୍ରକୀର୍ତ୍ତିତଃ ।
ଭୈରବୋ ଭୂତନାଥଶ୍ଚ ଭୂତାତ୍ମା ଭୂତଭାବନଃ ।।

କ୍ଷେତ୍ରଦଃ କ୍ଷେତ୍ରପାଳଶ୍ଚ କ୍ଷେତ୍ରଜ୍ଞଃ କ୍ଷତ୍ରିୟୋ ବିରାଟ୍ ।
ଶ୍ମଶାନବାସୀ ମାଂସାଶୀ ଖର୍ପରାଶୀର୍ମଖାନ୍ତକୃତ୍ ।।

ରକ୍ତପଃ ପ୍ରାଣପଃ ସିଦ୍ଧଃ ସିଦ୍ଧିଦଃ ସିଦ୍ଧସେବିତଃ ।
କରାଳଃ କାଳଶମନଃ କଳାକାଷ୍ଠାତନୁଃ କବିଃ ।।

ତ୍ରିନେତ୍ରୋ ବହୁନେତ୍ରଶ୍ଚ ତଥା ପିଙ୍ଗଳଲୋଚନଃ ।
ଶୂଳପାଣିଃ ଖଡ୍‌ଗପାଣିଃ କଙ୍କାଳୀ ଧୂମ୍ରଲୋଚନଃ ।।

ଅଭୀରୁର୍ଭୈରବୋ ଭୀମୋ ଭୂତପୋ ଯୋଗିନୀପତିଃ ।
ଧନଦୋ ଧନହାରୀ ଚ ଧନପଃ ପ୍ରତିଭାବବାନ୍ ।।

ନାଗହାରୋ ନାଗକେଶୋ ବ୍ୟୋମକେଶୋ କପାଳଭୃତ୍ ।
କାଳଃ କପାଳମାଳୀ ଚ କମନୀୟଃ କଳାନିଧିଃ ।।

ତ୍ରିଲୋଚନୋ ଜ୍ୱଲନ୍ନେତ୍ରସ୍ତ୍ରିଶିଖୀ ଚ ତ୍ରିଲୋକପାତ୍ ।
ତ୍ରିବୃତ୍ତନୟନୋ ଡିମ୍ଭଃ ଶାନ୍ତଃ ଶାନ୍ତଜନପ୍ରିୟଃ ।।

ବଟୁକୋ ବଟୁକେଶଶ୍ଚ ଖଟ୍ୱାଙ୍ଗବରଧାରକଃ ।
ଭୂତାଧ୍ୟକ୍ଷଃ ପଶୁପତିର୍ଭିକ୍ଷୁକଃ ପରିଚାରକଃ ।।

ଧୂର୍ତ୍ତୋ ଦିଗମ୍ବରଃ ଶୌରିର୍ହରିଣଃ ପାଣ୍ଡୁଲୋଚନଃ ।
ପ୍ରଶାନ୍ତଃ ଶାନ୍ତିଦଃ ଶୁଦ୍ଧଃ ଶଙ୍କରଃ ପ୍ରିୟବାନ୍ଧବଃ ।।

ଅଷ୍ଟମୂର୍ତ୍ତିର୍ନିଧୀଶଶ୍ଚ ଜ୍ଞାନଚକ୍ଷୁସ୍ତମୋମୟଃ ।
ଅଷ୍ଟଧାରଃ କଳାଧାରଃ ସର୍ପଯୁକ୍ତଃ ଶଶୀଶିଖଃ ।।

ଭୂଧରୋ ଭୂଧରାଧୀଶୋ ଭୂପତିର୍ଭୂଧରାତ୍ମକଃ ।
କଙ୍କାଳଧାରୀ ମୁଣ୍ଡୀ ଚ ନାଗଯଜ୍ଞୋପବୀତବାନ୍ ।।

ଜୃମ୍ଭଣୋ ମୋହନଃ ସ୍ତମ୍ଭୀ ମାରଣଃ କ୍ଷୋଭନସ୍ତଥା ।
ଶୁଦ୍ଧନୀଳାଞ୍ଜନପ୍ରଖ୍ୟଦେହୋ ମୁଣ୍ଡବିଭୂଷିତଃ ।।

ବଳିଭୁକ୍ ବଳିଭୂତାତ୍ମା କାମୀ କାମପରାକ୍ରମଃ ।
ସର୍ବାପତ୍ତାରକୋ ଦୁର୍ଗୋ ଦୁଷ୍ଟଭୂତନିଷେବିତଃ ।।

କାଳଃ କଳାନିଧିଃ କାନ୍ତଃ କାମିନୀବଶକୃଦ୍‌ବଶୀ ।
ସର୍ବସିଦ୍ଧିପ୍ରଦୋ ବୈଦ୍ୟ ପ୍ରଭବିଷ୍ଣୁଃ ପ୍ରଭାବବାନ୍ ।।

ଅଷ୍ଟୋତ୍ତରଶତଂ ନାମ ଭୈରବସ୍ୟ ମହାତ୍ମନଃ
ମୟା ତେ କଥିତଂ ଦେବଃ ରହସ୍ୟଂ ସର୍ବକାମଦମ୍ ।।

ଯ ଇଦଂ ପଠତି ସ୍ତୋତ୍ରଂ ନାମାଷ୍ଟଶତମୁତ୍ତମମ୍ ।
ନ ତସ୍ୟ ଦୁରିତଂ କିଞ୍ଚିନ୍ନ ରୋଗେଭ୍ୟୋ ଭୟଂ ତଥା ।।

ନ ଶତ୍ରୁଭ୍ୟୋ ଭୟଂ କିଞ୍ଚିତ୍ ପାପ୍ନୋତି ମାନବଃ କ୍ୱଚିତ୍ ।
ପାତକାନାଂ ଭୟଂ ନୈବ ପଠେତ୍ ସ୍ତୋତ୍ରମନନ୍ୟଧୀଃ ।।

ମାରୀଭୟେ ରାଜଭୟେ ତଥା ଚୌରାଗ୍ନିକେ ଭୟେ ।
ଔତ୍ପାତିକେ ମହାଘୋରେ ତଥା ଦୁଃସ୍ୱପ୍ନଜେ ଭୟେ ।।

ବନ୍ଧନେ ଚ ମହାଘୋରେ ପଠେତ୍ ସ୍ତୋତ୍ରଂ ସମାହିତଃ ।
ସର୍ବେ ପ୍ରଶମନଂ ଯାନ୍ତି ଭୟାଦ୍ ଭୈରବକୀର୍ତ୍ତନାତ୍ ।

ଏକାଦଶସହସ୍ରନ୍ତୁ ପୁରଶ୍ଚରଣମିଷ୍ୟତେ ।
ତ୍ରିସନ୍ଧ୍ୟଂ ଯଃ ପଠେଦ୍ଦେବି ସମ୍ବତ୍ସରମତନ୍ଦ୍ରିତଃ ।।

ସ ସିଦ୍ଧିଂ ପ୍ରାପ୍ନୁୟାଦିଷ୍ଟାଂ ଦୁର୍ଲଭାମପି ମାନୁଷଃ ।
ଷଣ୍ମାସନ୍ ଭୂମିକାମସ୍ତୁ ସ ଜପ୍ତ୍ୱା ଲଭତେ ମହୀମ୍ ।।

ରାଜା ଶତ୍ରୁବିନାଶାୟ ଜପେନ୍ମାସାଷ୍ଟକଂ ପୁନଃ ।
ରାତ୍ରୌ ବାରତ୍ରୟଞ୍ଚୈବ ନାଶୟତ୍ୟେବ ଶତ୍ରୁକାନ୍ ।।

ଜପେନ୍ମାସତ୍ରୟଂ ରାତ୍ରୌ ରାଜାନଂ ବଶମାନୟେତ୍ ।
ଧନାର୍ଥୀ ଚ ସୁତାର୍ଥୀ ଚ ଦାରାର୍ଥୀ ଯସ୍ତୁ ମାନବଃ ।।

ପଠେଦ୍‌ବାରତ୍ରୟଂ ଯଦ୍‌ବା ବାରମେକଂ ତଥା ନିଶି ।
ଧନଂ ପୁତ୍ରାଂସ୍ତଥା ଦାରାନ୍ ପ୍ରାପ୍ନୁୟାନ୍ନାତ୍ର ସଂଶୟଃ ।।

ଭୀତୋ ଭୟାତ୍ ପ୍ରମୁଚ୍ୟେତ ଦେବି ସତ୍ୟଂ ନ ସଂଶୟଃ ।
ଯାନ୍ ଯାନ୍ ସମୀହତେ କାମାଂସ୍ତାଂ ସ୍ତାନ୍ ପ୍ରାପ୍ନୋତି ନିତ୍ୟଶଃ ।।

ଅପ୍ରକାଶ୍ୟମିଦଂ ଗୁହ୍ୟଂ ନ ଦେୟଂ ଯସ୍ୟ କସ୍ୟଚିତ୍ ।
ସୁକୁଲୀନାୟ ଶାନ୍ତାୟ ଋଜବେ ଦମ୍ଭବର୍ଜ୍ଜିତେ ।।

ଦଦ୍ୟାତ୍ ସ୍ତୋତ୍ରମିଦଂ ପୁଣ୍ୟଂ ସର୍ବକାମଫଳପ୍ରଦମ୍ ।
ଧ୍ୟାନଂ ବକ୍ଷ୍ୟାମି ଦେବସ୍ୟ ଯଥା ଧ୍ୟାତ୍ୱା ପଠେନ୍ନରଃ ।।

ଶୁଦ୍ଧସ୍ଫଟିକସଙ୍କାଶଂ ସହସ୍ରାଦିତ୍ୟର୍ଚ୍ଚସମ୍ ।
ଅଷ୍ଟବାହୁଂ ତ୍ରିନୟନଂ ଚତୁର୍ବାହୁଂ ଦ୍ୱିବାହୁକମ୍ ।।

ଭୁଜଙ୍ଗମେଖଳଂ ଦେବମଗ୍ନିବର୍ଣ୍ଣଶିରୋରୁହମ୍ ।
ଦିଗମ୍ବରଂ କୁମାରୀଶଂ ବଟୁକାଖ୍ୟଂ ମହାବଳମ୍ ।।

ଖଟ୍ୱାଙ୍ଗମସିପାଶଞ୍ଚ ଶୂଳଞ୍ଚୈବ ତଥା ପୁନଃ ।
ଡମ୍ବରୁଞ୍ଚ କପାଳଞ୍ଚ ବରଦଂ ଭୁଜଗଂ ତଥା ।।

ନୀଳଜୀମୂତସଂକାଶଂ ନୀଳାଞ୍ଜନସମପ୍ରଭମ୍ ।
ଦଂଷ୍ଟ୍ରାକରାଳବଦନଂ ନୂପୁରାଙ୍ଗଦସଙ୍କୁଳମ୍ ।।

ଆମ୍ରବର୍ଣ୍ଣସମୋପେତଂ ସାରମେୟସମନ୍ୱିତମ୍ ।
ଧ୍ୟାତ୍ୱା ଜପେତ୍ ସୁସଂହୃଷ୍ଟଃ ସର୍ବାନ୍ କାମାନବାପ୍ନୁୟାତ୍ ।।

ଏତତ୍ ଶ୍ରୁତ୍ୱା ତତୋ ଦେବୀ ନାମାଷ୍ଟଶତମୁତ୍ତମମ୍ ।
ଭୈରବାୟ ପ୍ରହୃଷ୍ଟାଭୂତ୍ ସ୍ୱୟଞ୍ଚୈବ ମହେଶ୍ୱରୀ ।।

ଇତି ବିଶ୍ୱସାରେ ଆପଦୁଦ୍ଧାରକଳ୍ପେ ବଟୁକଭୈରବସ୍ତବରାଜଃ ।।"

## କେତେଗୁଡ଼ିଏ ମନ୍ତ୍ରର ଆଶ୍ଚର୍ଯ୍ୟ କ୍ରିୟା

ସାଧାରଣ ଗୃହସ୍ଥ ବ୍ୟକ୍ତିଙ୍କର ନିତ୍ୟ ନୈମିତ୍ତିକ ଉପକାର ନିମିତ୍ତ ମୁଁ ସିଦ୍ଧମନ୍ତ୍ର ସଂଗ୍ରହ କରି ନିମ୍ନରେ ସନ୍ନିବେଶିତ କଲି । କେଉଁ କାର୍ଯ୍ୟରେ କିଭଳି ଭାବରେ ଏହା ପ୍ରୟୋଗ କରିବାକୁ ହେବ, ତାହା ମଧ୍ୟ ଲିଖିତ ହେଲା । ଏହା ସିଦ୍ଧମନ୍ତ୍ର, ସୁତରାଂ ଏହାର ବ୍ୟବହାର ନିମିତ୍ତ ପୁରଶ୍ଚରଣାଦିର ପ୍ରୟୋଜନ ନାହିଁ । କେବଳ ଅଧିକାରାନୁଯାୟୀ ବ୍ୟକ୍ତି ଯଥାଯଥ ବ୍ୟବହାର କରିପାରିଲେ, ଫଳପ୍ରାପ୍ତ ହେବେ । କହିବା ବାହୁଲ୍ୟ ଯେ ନିତ୍ୟନୈମିତ୍ତିକ କ୍ରିୟାବାନ୍ ତାନ୍ତ୍ରିକ-ସାଧକ ହିଁ ଏହି ମନ୍ତ୍ରପ୍ରୟୋଗର ଅଧିକାରୀ । ଅନ୍ୟ ପକ୍ଷରେ ଆଶା କରିବା ଦୁରାଶା ମାତ୍ର । **ମନ୍ତ୍ର** ଓ ତାହାର **ପ୍ରୟୋଗବିଧି** ନିମ୍ନରେ ପ୍ରଦତ୍ତ ହେଲା ।

**(୧)** କାହା ପ୍ରତି ଦେବତାମାନେ କୁପିତ ହୋଇଥିଲେ **'ଓଁ ଶାନ୍ତେ ପ୍ରଶାନ୍ତେ ସର୍ବକ୍ରୋଧୋପଶମନେ ସ୍ୱାହା'** — ଏହି ମନ୍ତ୍ର ୨୧ବାର ଜପ କରି ମୁଖ ଧୌତ କରିବ । ତାହାହେଲେ ଦେବତାମାନଙ୍କ କ୍ରୋଧ ଉପଶମ ହେବ ଏବଂ ସେମାନେ ପ୍ରସନ୍ନତା ଲାଭ କରିବେ ।

**(୨) 'କ୍ରାଁ ହ୍ରାଁ ଓଁ ହ୍ରାଁ ହ୍ରାଁ'**— ଏହି ମନ୍ତ୍ର ଦ୍ୱାରା ଅଭିମନ୍ତ୍ରିତ କରି ଲୋଷ୍ଟ୍ର ନିକ୍ଷେପ କଲେ ବ୍ୟାଘ୍ରର ଗତିଶକ୍ତି ବିନଷ୍ଟ ହୁଏ; ଅପରନ୍ତୁ ବ୍ୟାଘ୍ର ମୁଖବ୍ୟାଦାନ କରିପାରେ ନାହିଁ ।

**(୩) 'ଓଁ ହ୍ରାଁ ଖ୍ରାଁ ହ୍ରାଁ କ୍ଷ୍ରାଁ ହ୍ରାଁ ଠ୍ରାଁ ହ୍ରାଁ ଫ୍ରାଁ ହ୍ରାଁ'** — ଏହି ମହାମନ୍ତ୍ର ଯେଉଁ ବ୍ୟକ୍ତି ହୃଦୟକ୍ଷେତ୍ରରେ ଏକମନରେ ଜପ କରନ୍ତି, ତାଙ୍କର ସବୁପ୍ରକାର ଅନିଷ୍ଟ ବିନଷ୍ଟ ହୋଇଥାଏ । ନିଜ ହସ୍ତରେ ରକ୍ତବର୍ଣ୍ଣର ପୁଷ୍ପମାଳ ଗୁନ୍ଥି ଦେବୀଙ୍କ ଉଦ୍ଦେଶ୍ୟରେ ଭକ୍ତିଭାବରେ ପ୍ରତ୍ୟହ ଶହେ ଥର ଏହି ମନ୍ତ୍ର ଜପ କଲେ, ଚିରକାଳ ସୁଖଭୋଗ କରି କାଳଯାପନ କରାଯାଇପାରେ ।

**(୪)** ପ୍ରତ୍ୟହ ଶୁଦ୍ଧ ଚିତ୍ତରେ ଭୈରବୀଙ୍କ ଧ୍ୟାନ କରି **'ଓଁ କ୍ଷ୍ରାଁ କ୍ଷ୍ରାଁ କ୍ଷ୍ରାଁ କ୍ଷ୍ରାଁ କ୍ଷ୍ରାଁ ଫଟ୍ '**—ଏହି ମହାମନ୍ତ୍ରଟିକୁ ଅର୍ଦ୍ଧ-ସହସ୍ର ଥର ଜପ କଲେ, ସର୍ବତୋଭାବରେ ମଙ୍ଗଳ ହୋଇଥାଏ । ଏହି ମନ୍ତ୍ରର ସାଧକ ନିତ୍ୟ ଶୁଦ୍ଧ ଫଳ ପ୍ରାପ୍ତ ହୁଅନ୍ତି, ସେ ସପରିବାର ପରମଶାନ୍ତି ଲାଭ କରନ୍ତି ।

**(୫) 'ଓଁ ହୂଁ କାରିଣୀ ପ୍ରସବ ଓଁ ଶୀତଳାଂ'** — ଏହି ମନ୍ତ୍ରରେ ତୃଣାଦି ଅଭିମନ୍ତ୍ରିତ କରି ଗାଭୀ ଓ ମହିଷୀଙ୍କୁ ଖାଇବାକୁ ଦେଲେ ସେମାନଙ୍କର ସମଧିକ ଦୁଗ୍ଧ ବୃଦ୍ଧି ହୋଇଥାଏ ।

**(୬)** ଶ୍ୱେତ ଆକନ୍ଦର ମୂଳ ପୁଷ୍ୟା ନକ୍ଷତ୍ରରେ ଆହରଣ କରି ଏକ ଅଙ୍ଗୁଷ୍ଠ ପ୍ରମାଣ କାଷ୍ଠ ଖଣ୍ଡରେ ଗଣପତିଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବେ । ତଦନନ୍ତର ହବିଷ୍ୟାଶୀ ହୋଇ ଅତି ସଂଯତଚିତ୍ତରେ ଓ ଭକ୍ତିଭାବରେ **'ଓଁ ପଞ୍ଚାନ୍ତକଂ ଅନ୍ତରୀକ୍ଷାୟ ସ୍ୱାହା'** — ଏହି ମନ୍ତ୍ର କରବୀପୁଷ୍ପ ଓ ଚନ୍ଦନାଦି ଦ୍ୱାରା ଅର୍ଚ୍ଚନା କରିବେ । ପୂଜା ପରେ ରକ୍ତକରବୀ ପୁଷ୍ପରେ ଘୃତମଧୁ ମିଶ୍ରିତ କରି **'ପଞ୍ଚାନ୍ତକଂ ଶଶଧରଂ ବୀଜଂ ଗଣପତେର୍ବିନ୍ଦୁଃ ଓଁ ହ୍ରାଁ ପୂର୍ବଦୟାଂ ଓଁ ହ୍ରାଁ ହ୍ରାଁ ଫଟ୍ ସ୍ୱାହା'** — ଏହି ମନ୍ତ୍ରରେ ହୋମ କରିବାକୁ ହେବ । ତାହାହେଲେ ଦେବ ଗଣପତି ବାଞ୍ଛିତ ଫଳ ପ୍ରଦାନ କରିପାରିବେ ।

(୭) **'ଓଁ ହ୍ରୀଂ ହୟଶୀର୍ଷ ବାଗୀଶ୍ୱରାୟ ନମଃ'** ଏବଂ **'ଓଁ ମହେଶ୍ୱରାୟ ନମଃ'** — ଏହି ଦୁଇଟି ମନ୍ତ୍ର ମଧ୍ୟରୁ ଯେ କୌଣସି ଗୋଟିଏକୁ ଯଥାନିୟମରେ ପ୍ରତ୍ୟହ ଜପ କଲେ ବାଗ୍ମୀ ଓ କବି ହୋଇପାରିବେ ।

(୮) କୃକଲାସ (ଏଣ୍ଡୁଅ)ର ଅଧର ଶିଖାରେ ବନ୍ଧନ କରି **'ଓଁ ନାଭିବେଗେ ଉର୍ବଶୀ ସ୍ୱାହା'** —ଏହି ମନ୍ତ୍ରଟି ଜପ କରୁ କରୁ ଆହାର କରିବାକୁ ବସିଲେ ଅପରିମିତ ଆହାର କରିପାରିବେ ।

(୯) କେତେଗୁଡ଼ିଏ ସର୍ଷପ ଆଣି **'ଓଁ ଓଁ ହ୍ରାଁ ହ୍ରୀଁ ହ୍ରଃ ହ୍ରଃ ଫଟ୍ ସ୍ୱାହା'** — ଏହି ମନ୍ତ୍ରରେ ଅଭିମନ୍ତ୍ରିତ କରି ରୋଗୀର ଗାତ୍ରରେ ନିକ୍ଷେପ କଲେ ସବୁପ୍ରକାର ଗ୍ରହଦୋଷ ଶାନ୍ତ ହୋଇଥାଏ ।

(୧୦) **'ଓଁ ନମୋ ନରସିଂହାୟ ହିରଣ୍ୟକଶିପୁବକ୍ଷୋବିଦାରଣାୟ ତ୍ରିଭୁବନବ୍ୟାପକାୟ ଭୂତ-ପ୍ରେତ-ପିଶାଚ-ଡାକିନୀ-କୁଳୋନ୍ମୂଳନାୟ ସ୍ତମ୍ଭୋ-ଭେଦାୟ ସମସ୍ତଦୋଷାନ୍ ହର ହର ବିସର ବିସର ପଚ ପଚ ହନ ହନ କମ୍ପୟ କମ୍ପୟ ମଥ ମଥ ହ୍ରୀଁ ହ୍ରୀଁ ଫଟ୍ ଫଟ୍ ଠଃ ଠଃ ଏହ୍ୟେହି ବଜ୍ର ଆଜ୍ଞାପୟେତି ସ୍ୱାହା'** — ଏହି **ନୃସିଂହଦେବଙ୍କ ମନ୍ତ୍ରଟି** ପାଠ କଲେ, ଭୂତ ପ୍ରେତାଦି ଭୟ ବିଦୂରିତ ହୁଏ । ଭୂତାଦିର ଆବେଶ ମଧ୍ୟ ସମ୍ପୂର୍ଣ୍ଣରୂପେ ବିନଷ୍ଟ ହୁଏ ।

(୧୧) ପ୍ରତ୍ୟହ ସମାହିତ ଭାବରେ **'ଓଁ ଭଗବତେ ରୁଦ୍ରାୟ ଚଣ୍ଡେଶ୍ୱରାୟ ହୂଁ ହୂଁ ଫଟ୍ ଫଟ୍ ସ୍ୱାହା'** — ମନ୍ତ୍ରଟି ଜପ କଲେ, କୌଣସି ପ୍ରକାର ଦୈବୀ-ବିପଦର ଆଶଙ୍କା ରହେ ନାହିଁ ।

(୧୨) **'ଓଁ ଦୁଷ୍ଟକର ଅଦୃଷ୍ଟ କାଳିଙ୍ଗନାଗ ହରନାଗ ସର୍ପଦୁଷ୍ଟୀ ବିସୁଦାଢ଼ ବନ୍ଧନଂ ଶିବଗୁରୁପ୍ରସାଦାତ୍'** — ଏହି ମନ୍ତ୍ର ସାତଥର ପାଠ କରି ଜପ-ପରିଧେୟ ବସ୍ତ୍ରରେ ଗଣ୍ଠି ପକାଇବେ । ସେହି ବସ୍ତ୍ର ଯେତେବେଳେଯାଏ ଅଙ୍ଗରେ ଥିବ, ସେତେବେଳ ପର୍ଯ୍ୟନ୍ତ ସର୍ପାଦି ଦଂଶନ କରିପାରିବେ ନାହିଁ ।

**(୧୩)** ପ୍ରତ୍ୟହ ଆହାର ପରେ ଆଚମନ ଶେଷରେ -

**''ଶର୍ଯ୍ୟାତିଞ୍ଚ ସୁକନ୍ୟାଞ୍ଚ ଚ୍ୟବନଂ ସତ୍ତ୍ୱରମଶ୍ୱିନମ୍ ।**
**ଭୋଜନାନ୍ତେ ସ୍ମରେଦ୍‌ଯସ୍ତୁ ତସ୍ୟ ଚକ୍ଷୁଃ ପ୍ରସୀଦତି ॥''**

ଏହି ମନ୍ତ୍ର ପାଠପୂର୍ବକ ସାତ ଗଣ୍ଡୁଷ ଜଳ ଅଭିମନ୍ତ୍ରିତ କରି ଚକ୍ଷୁରେ ଛାଟିବ । ଏଥିରେ ଚକ୍ଷୁରୋଗ ଜନ୍ମିପାରେ ନାହିଁ ।

**(୧୪) 'ଓଁ ନମୋ ଭଗବତେ ଛିନ୍ଦି ଛିନ୍ଦି ଅମୁକସ୍ୟ ଶିରଃପ୍ରଜ୍ୱଳିତ ପଶୁପାଶେ ପୁରୁଷାୟ ଫଟ୍'** —— ଏହି ମନ୍ତ୍ର ପାଠପୂର୍ବକ ଅସ୍ତ୍ରଦ୍ୱାରା ମୃତ୍ତିକା ଛେଦନ କଲେ, ସବୁ ପ୍ରକାର ଜ୍ୱର ବିନଷ୍ଟ ହୋଇଥାଏ । 'ଅମୁକ' ସ୍ଥଳରେ ରୋଗୀର ନାମ ଉଲ୍ଲେଖ କରିବାକୁ ହେବ ।

**(୧୫)** ପ୍ରତ୍ୟହ ଆହାର ପରେ ଆଚମନ ଶେଷରେ -

**''ବାତାପିର୍ଭକ୍ଷିତୋ ଯେନ ପୀତୋ ଯେନ ମହୋଦଧିଃ ।**
**ଯନ୍ମୟା ଖାଦିତଂ ପୀତଂ ତନ୍ମେଽଗସ୍ତ୍ୟୋ ଦରିଷ୍ୟତୁ ।''**

ଏହି ମନ୍ତ୍ର ପାଠପୂର୍ବକ ଉଦରରେ ସାତଥର ହାତ ବୁଲାଇଲେ ଭୁକ୍ତ ଦ୍ରବ୍ୟ ସହଜରେ ଜୀର୍ଣ୍ଣ ହେବ । କେବେହେଁ ଅଜୀର୍ଣ୍ଣାଦି ରୋଗ ହେବ ନାହିଁ ଏବଂ ନିମନ୍ତ୍ରଣ ଆଦିରେ ଗୁରୁଭୋଜନ କଲେ ମଧ୍ୟ ଏହି ପ୍ରକ୍ରିୟାରେ ଅତି ଶୀଘ୍ର ଜୀର୍ଣ୍ଣ ହୋଇଯିବ ।

ପାଠକ ! ଆଉ କେତେ ଲେଖିବି ? ଏହି ପ୍ରକାରର କ୍ଷୁଦ୍ର କ୍ଷୁଦ୍ର ଅଥଚ ଗୃହସ୍ଥମାନଙ୍କ ନିତ୍ୟ-ପ୍ରୟୋଜନୀୟ କେତେ ବିଷୟ ଯେ ତନ୍ତ୍ର ମଧ୍ୟରେ ସ୍ଥାନ ପାଇଛି, ଭାବିଲେ ବିସ୍ମୟରେ ଆତ୍ମହରା ହେବାକୁ ପଡ଼େ । ତନ୍ତ୍ରକାର ଦ୍ରବ୍ୟଗୁଣଠାରୁ ଆରମ୍ଭ କରି ରସାୟନ, ବାଜୀକରଣ, ଶାନ୍ତି, ପୁଷ୍ଟି ଓ କ୍ରୂରକର୍ମ, କ୍ଷୁଦ୍ର କ୍ଷୁଦ୍ର ସାଧନାରୁ ଆରମ୍ଭ କରି ଦେବଦେବୀଙ୍କ ଉଚ୍ଚସାଧନ, ସର୍ବଶକ୍ତି ଆୟତ୍ତୀକରଣ ପ୍ରଭୃତି ସବୁ ବିଷୟ ପ୍ରକାଶ କରି ମାନବକୁ ଏକ ନୂତନ ଚକ୍ଷୁ ପ୍ରଦାନ କରିଛନ୍ତି । ଆଜି ମଧ୍ୟ ପାଶ୍ଚାତ୍ୟ ବିଜ୍ଞାନ ହରିତାଳ ବା ପାରଦର ବ୍ୟବହାର ଅବଗତ ନୁହନ୍ତି,

କିନ୍ତୁ ବହୁପୂର୍ବରୁ ତନ୍ତ୍ରକାରମାନେ ତାହାର ବ୍ୟବହାରପ୍ରଣାଳୀ ପ୍ରକୃଷ୍ଟରୂପେ ପ୍ରକାଶ କରିଅଛନ୍ତି । ଆଜି ମଧ୍ୟ ତାହାରି ଫଳରେ ସାଧୁସନ୍ନ୍ୟାସୀମାନଙ୍କ ମଧ୍ୟରେ ସ୍ୱର୍ଣ୍ଣାଦି ପ୍ରସ୍ତୁତ କରିବାର ପ୍ରଣାଳୀ ଗୁପ୍ତ ଭାବରେ ରହିଆସିଛି । ଏହି ପୁସ୍ତକରେ ପ୍ରତିପାଦ୍ୟ ବିଷୟ ତନ୍ତ୍ରସାଧନାରେ ବ୍ରହ୍ମଜ୍ଞାନ ଲାଭ, ତଥାପି ସାଧାରଣଙ୍କ ପରୀକ୍ଷା ନିମିତ୍ତ କେତେଗୁଡ଼ିଏ ତଦତିରିକ୍ତ ବିଷୟ 'ପରିଶିଷ୍ଟ'ରେ ସନ୍ନିବେଶିତ କରିଅଛି । ପାଠକମାନେ ସାଧନା କରି ପରୀକ୍ଷା ପରେ ଏହାର ସତ୍ୟତା ଉପଲବ୍ଧି କରିବେ । ବର୍ତ୍ତମାନ —

## ଉପସଂହାର

**ଶେ**ଷରେ ଦୀନ ଗ୍ରନ୍ଥକାରର ନିବେଦନ ଯେ, ପାଠକେ ! ନଜାଣି, ମର୍ମ ଅବଗତ ନ ହୋଇ ତନ୍ତ୍ର ନାମରେ ନାସିକା କୁଞ୍ଚିତ କରନ୍ତୁ ନାହିଁ । ତନ୍ତ୍ରଶାସ୍ତ୍ର ସଦୃଶ ଅନ୍ୟ କୌଣସି ଶାସ୍ତ୍ର ଏଭଳି ସାଧନପଦ୍ଧତି ପ୍ରକାଶ କରିପାରି ନାହାନ୍ତି । ତନ୍ତ୍ରଶାସ୍ତ୍ର ସାଧନାର କଳ୍ପଭଣ୍ଡାର; ଯେ ଯାହା ଇଚ୍ଛା କରିବେ; ତନ୍ତ୍ରଶାସ୍ତ୍ର ତାହା ପ୍ରଦାନ କରିବ । ତନ୍ତ୍ରଶାସ୍ତ୍ର ସର୍ବାଧିକାରୀ ଜନଗଣଙ୍କୁ ନିଜ ଅଙ୍କରେ ଆଶ୍ରୟଦେଇ ସମାନ ଭାବରେ ସମସ୍ତଙ୍କର ଅଭାବ ପୂର୍ଣ୍ଣ କରୁଛନ୍ତି । ରୋଗୀ, ଭୋଗୀ ବା ଯୋଗୀ କାହାରିକୁ ହତାଶ ହେବାକୁ ପଡ଼ିବ ନାହିଁ । ତେଣୁ ତନ୍ତ୍ରଜ୍ଞ-ସାଧକ କହୁଛନ୍ତି —

''ଯେଽଭ୍ୟସ୍ୟନ୍ତି ଇଦଂ ଶାସ୍ତ୍ରଂ ପଠନ୍ତି ପାଠୟନ୍ତି ବା ।
ସିଦ୍ଧୟୋଽଷ୍ଟୌ କରେ ତେଷାଂ ଧନଧାନ୍ୟାଦିମନ୍ନରାଃ ।।

ଆଦୃତାଃ ସର୍ବଲୋକେଷୁ ଭୋଗିନଃ କ୍ଷୋଭକାରକାଃ ।
ଆପ୍ନୁବନ୍ତି ପରଂ ବ୍ରହ୍ମ ସର୍ବଶାସ୍ତ୍ରବିଶାରଦାଃ ।।''

— ତନ୍ତ୍ରସାର)

ଯେଉଁମାନେ ଏହି ଶାସ୍ତ୍ର ଅଭ୍ୟାସ କରନ୍ତି, ପାଠ କରନ୍ତି ଅଥବା ପାଠ କରାନ୍ତି, ଅଷ୍ଟସିଦ୍ଧି ସେମାନଙ୍କ କରତଳଗତ ହୋଇଥାଏ । ବିଶେଷତଃ ସେମାନେ ଧନ୍ୟଧାନ୍ୟାଦିସମ୍ପନ୍ନ, ସର୍ବଲୋକସମାଦୃତ, ଉତ୍ତମ ଭୋଗଶାଳୀ, ଶତ୍ରୁକ୍ଷୋଭକାରୀ ଓ ସର୍ବଶାସ୍ତ୍ର ବିଶାରଦ ହୋଇ ପରଂବ୍ରହ୍ମ ଲାଭ କରିଥାଆନ୍ତି ।

ପାଠକେ ! ତୁମେ ତୁମର ପୂର୍ବପୁରୁଷମାନଙ୍କ ଅର୍ଜିତ ରତ୍ନରାଜିର ଅନୁସନ୍ଧାନ ନ କରି ସବୁ ବିକୃତମସ୍ତିଷ୍କର କଳ୍ପନା ବୋଲି ଭାବି ନିଶ୍ଚିନ୍ତରେ ବସି ରହିଛ । ଅଧିକନ୍ତୁ ସୁଦୂର ଆମେରିକାର ସମୁନ୍ନତ ସ୍ୱାଧୀନ ସଭ୍ୟ ଦେଶର ଉଦାର, ଅନୁସନ୍ଧିତ୍ସୁ ଶିକ୍ଷିତ ସମାଜ ମଧ୍ୟରେ ଏହି ତନ୍ତ୍ରଶାସ୍ତ୍ର ପ୍ରତି ଅଦ୍ଭୁତ ବିଶ୍ୱାସ ଓ ଭକ୍ତି ବୃଦ୍ଧି ପାଉଛି ଏବଂ ତନ୍ତ୍ରସାଧନାରେ ନବଯୁଗର ଆବିର୍ଭାବ ହୋଇଛି ! ପୁଣି ଆମେମାନେ ସେହି ଉଚ୍ଚଶିକ୍ଷା ଦୋଷରୁ ଆତ୍ମବିଶ୍ୱାସରେ ଜଳାଞ୍ଜଳି ଦେଇ ଆଜି କିଭଳି ଘୋର ପରମୁଖାପେକ୍ଷୀ ଓ ଭୀଷଣ ଆତ୍ମପ୍ରବଞ୍ଚକ ହୋଇପଡ଼ିଛୁ, ତାହା ଭାବିଲେ କ'ଣ ଲଜ୍ଜା ହେଉନାହିଁ ? ଦେଖ, ଆମେରିକାର "International Journal of Tantrik Order in America" ନାମରେ ମାସିକ ପତ୍ରର ପଞ୍ଚମ ଖଣ୍ଡର ପ୍ରଥମ ସଂଖ୍ୟାରେ ପ୍ରକାଶିତ ସମ୍ପାଦକୀୟ (THE FIFTH VEDA–Theory and Practice of Tantra) ପ୍ରବନ୍ଧ ମଧ୍ୟରେ ଗୋଟିଏ ସ୍ଥାନରେ Carl Grant Zollner ମହୋଦୟଙ୍କ ତନ୍ତ୍ର ବିଷୟରେ କିଭଳି ଗବେଷଣାମୂଳକ ଲେଖା ପ୍ରକାଶିତ ହୋଇଛି, ତାହା ନିମ୍ନରେ ଉଦ୍ଧୃତ କରାଗଲା ।

*"Tantriks devote their whole life and energy to the fearless investigation of truth. Under the direction of what are considered to be the greatest teachers in the world, the initiated undergoes a course of training which modifies his organisation from a Psychological as well as a Physiological point of view. If the imagination be diseased, it is with a sudden jerk, restored to its equilibrium.*

*The method of the Tantrik is to test everything to its final analysis and receive a truth nothing to whose entity can be seen with absolute certainty. With this knowledge, Tantrik literature is presented to the public in the sincere belief that it will do good; in the hope that it will enable all to perceive and to feel more deeply certain things which neglected, constitute the cause of lasting sorrow amongst those that should be happy. The Tantra itself is very bold, but its boldness is its*

*beauty, for it is the boldness of chastity, of a lofty and tender morality, for which we must drop pride and speak of things as they are. Religion in its higher sense, as everyman sees it, is to him not only a rule of action by which he lives and progresses, but it formulates the rule by which he must die and pass into the mysterious realms of a future life. It is the study and consideration of the most ancient and profound religions that the attention on reverent and conscientious minds is invited. Those who are at liberty to develop themselves freely will seldom molest themselves about the opinions of the seers. Mystic philosophers do not clash but arrive at like conclusions by different routes and by the exercise of different facaulties of mind.* -- **Carl Grant Zollner**

ସେହି ପ୍ରବନ୍ଧ ପାର୍ଶ୍ୱରେ ସମ୍ପାଦକ ସ୍ୱୟଂ ଟୀକା କରିଛନ୍ତି —

*"Whosoever loves his own opinions and fears to lose them, who looks with disfavour on new truth, should close this journal : it is useless and dangerous for him : he will understand it badly, and it will vex him."* ଠିକ୍ କଥା ।

ଅନ୍ୟ ସ୍ଥାନରେ ସମ୍ପାଦକୀୟ ସ୍ୱୟଂ ଲେଖିଛନ୍ତି —

*"This Tantrik Science is the essence of Vedas."*

*"The Tantras are the fifth Veda."*

*"Tantra : from the Sanskrit* ***Tan****, to believe, to have faith in; hence, literally an instrument or means of faith, is the name of the sacred works of the worshippers of the female energey of the God Siva."* *(International Cyclopaedia, 1894)*

ମହାମହୋପାଧ୍ୟାୟ ପଣ୍ଡିତ ମାକ୍ସମୁଲାର (Max Muller), କୋନ୍ତ (Comte) ହାର୍ବର୍ଟ ସ୍ପେନ୍‌ସର୍ (Herbert Spencer) ପ୍ରଭୃତି ପ୍ରସିଦ୍ଧ

ଦାର୍ଶନିକଙ୍କର ମତ ଉଦ୍ଧାର କରି ସମ୍ପାଦକ କିଭଳି ସୁନ୍ଦର ଯୁକ୍ତିପୂର୍ଣ୍ଣ ଭାବରେ ତନ୍ତ୍ରର ଉପଯୋଗିତା ଓ ପ୍ରାଧାନ୍ୟ ପ୍ରତିପନ୍ନ କରିଛନ୍ତି । ସେମାନେ ମ୍ଳେଚ୍ଛାଚାରୀ ହେଲେ ମଧ୍ୟ ଯେଉଁ ଭାବରେ ତନ୍ତ୍ର ଉପଲବ୍ଧି କରିଛନ୍ତି, ଆମେ ଚିତ୍ତସାତ୍ତ୍ୱିକତାର କୋଳରେ ପରିପୁଷ୍ଟ ହୋଇ ମଧ୍ୟ ବର୍ତ୍ତମାନ ତାହା ସେପରି ହୃଦୟଙ୍ଗମ କରିପାରୁ ନାହୁଁ ବୋଲି ମନେହେଉଛି । ଆମେ ସାଧନା କରିବାବେଳେ ତନ୍ତ୍ର ମଧ୍ୟରେ ବ୍ୟଭିଚାର ଆନୟନପୂର୍ବକ ତନ୍ତ୍ରମାର୍ଗକୁ ବୀଭତ୍ସ କରି ପକାଇଛୁ; ଏହା ଯେ ଯଥାର୍ଥରେ କାଳର ପ୍ରଭାବ, ଏଥିରେ ଆଉ ସନ୍ଦେହର ଅବକାଶ ନାହିଁ । ତେବେ ପାଶ୍ଚାତ୍ୟ ଦାର୍ଶନିକମାନେ ତନ୍ତ୍ରର ପ୍ରତିପାଦ୍ୟ ବିଷୟ ଏପର୍ଯ୍ୟନ୍ତ ଯାହା ଉପଲବ୍ଧି କରିଛନ୍ତି, ତାହା ସମ୍ପୂର୍ଣ୍ଣ ନୁହେଁ । **ବିଶୁଦ୍ଧ ବ୍ରହ୍ମାନନ୍ଦପ୍ରଦ ବ୍ରହ୍ମଜ୍ଞାନର ପଥ ହିଁ ତନ୍ତ୍ରର ଚରମ ଲକ୍ଷ୍ୟ** । ତେବେ ଆମ ଦେଶର ସାଧକସମାଜ ତନ୍ତ୍ରର ଶୃଙ୍ଖଳାବଦ୍ଧ ସାଧନାରୁ ପଥଭ୍ରଷ୍ଟ ହୋଇ ଯଦୃଚ୍ଛା ପଥରେ ଗତି କରି ଯେପରି ବିପଥରେ ପରିଚାଳିତ ହେଉଛନ୍ତି, ଆମେରିକାର Tantrik Order (ତାନ୍ତ୍ରିକ ସଂଗଠନ ) ସେପରି ଉଚ୍ଛୃଙ୍ଖଳ ହୋଇନାହାନ୍ତି । ସେମାନେ ପ୍ରକୃତ ପଥ ଅବଲମ୍ବନ କରି ଅଗ୍ରସର ହେଉଛନ୍ତି । ଜ୍ଞାନ ଓ ଯୋଗର ଗୁରୁ ଥିଓସଫିଷ୍ଟ୍ ସମ୍ପ୍ରଦାୟ ପରି ହୁଏତ ଦିନେ ସେମାନେ ଆମମାନଙ୍କ ଗୁରୁ ରୂପରେ ଭାରତକୁ ଆସି ଆମମାନଙ୍କୁ ତନ୍ତ୍ର ରହସ୍ୟ ବିଷୟରେ ଉପଦେଶ ଓ ସାଧନପ୍ରକ୍ରିୟା ଶିକ୍ଷା ଦେବା ବିଚିତ୍ର ନୁହେଁ । ସମସ୍ତ ହିଁ ସେହି ଅଘଟନ-ଘଟନ-ପଟୀୟସୀ ମହାମାୟାଙ୍କ ଇଚ୍ଛା ସିନା !

ଜ୍ଞାନ, କର୍ମ ଓ ଭକ୍ତି ସମନ୍ୱୟ କରି ତନ୍ତ୍ରର ସାଧନପ୍ରଣାଳୀ ସନ୍ନିବିଷ୍ଟ ହୋଇଅଛି । ଅଦ୍ୱୈତ ବ୍ରହ୍ମଜ୍ଞାନ ହିଁ ତନ୍ତ୍ରର ଚରମ ଲକ୍ଷ୍ୟ । ଭକ୍ତି ଓ କର୍ମ ସାହାଯ୍ୟରେ ସେହି ଜ୍ଞାନ ଲାଭ କରିବାକୁ ହେବ । ମୁଁ ମଧ୍ୟ ଏହି ଗ୍ରନ୍ଥରେ ତାହା ହିଁ ପ୍ରକାଶ କରିଛି । ପାଠକମାନେ ସାଧନ କରି ତାହାର ମର୍ମୋପଲବ୍ଧି କରିବେ । ତନ୍ତ୍ରର ସାରକଥା ହେଉଛି ଯେ, ଯେଉଁ ନର କାମନାଶୂନ୍ୟ ହୋଇ ଦେବତାଙ୍କ ପ୍ରତି ଭକ୍ତିପରାୟଣ ହୁଅନ୍ତି, ଭଗବାନ ତାଙ୍କୁ ମୁକ୍ତି ପ୍ରଦାନ କରନ୍ତି । **ସକାମ - ଉପାସକମାନଙ୍କର ସାଯୁଜ୍ୟରୂପ ମୁକ୍ତି ଲାଭ ହୋଇଥାଏ । ସେମାନେ ନିର୍ବାଣମୋକ୍ଷ ଲାଭ କରିପାରନ୍ତି ନାହିଁ । ଯେଉଁମାନେ କାମନାଶୂନ୍ୟ ହୋଇ**

ଦେବତା ଆରାଧନା କରନ୍ତି, ସେମାନେ ନିର୍ବାଣମୁକ୍ତି ପ୍ରାପ୍ତ ହୁଅନ୍ତି, ପୁନର୍ବାର ସେମାନଙ୍କୁ ଜନ୍ମାଦି ଯନ୍ତ୍ରଣା ଭୋଗ କରିବାକୁ ପଡେ ନାହିଁ ।

"ମୁକ୍ତ୍ୱା ପ୍ରତିଚ୍ଛତେ ଦୈବସ୍ତତ୍କାମେନ ଦ୍ୱିଜୋତ୍ତମଃ ।।"

(ଶାକ୍ତାନନ୍ଦ-ତରଙ୍ଗିଣୀ)

ଏହି ବଚନ ଦ୍ୱାରା ପ୍ରତିପାଦିତ ହେଉଛି ଯେ ଅନ୍ୟ କାମନା କରି ଯେଉଁ କର୍ମ କରାଯାଏ, ତାହା ଭୋଗନାଶ କରୁଥିବା ହେତୁ ନିଷ୍ଫଳ ଏବଂ ଦେବତାମାନଙ୍କ ପ୍ରୀତିକାମନାରେ ଯେଉଁ କର୍ମ କରାଯାଏ, ତାହା ଶରୀରାନ୍ତକ, ଦୂରଦୃଷ୍ଟିବିଶେଷାତ୍ମକ; ଲିଙ୍ଗଶରୀରନାଶକ ହେତୁ ସୁଫଳପ୍ରସୂ । ଲିଙ୍ଗଶରୀର ଧ୍ୱଂସ ନ ହେଲେ, ମୋକ୍ଷ ପ୍ରାପ୍ତି ହେଉ ନ ଥିବାରୁ କର୍ମକ୍ଷୟ ନ ହେବା ପର୍ଯ୍ୟନ୍ତ ଜ୍ଞାନ କେବେହେଲେ ପ୍ରକାଶ ପାଇପାରେ ନାହିଁ । ଜ୍ଞାନ ବ୍ୟତୀତ ଲିଙ୍ଗଶରୀର ଧ୍ୱଂସର ଅନ୍ୟ ଉପାୟ ନାହିଁ । ସୁତରାଂ **ଲିଙ୍ଗଶରୀରନାଶକ ସେହି ଜ୍ଞାନ ହିଁ ତନ୍ତ୍ରର ଏକମାତ୍ର ଚରମ ଲକ୍ଷ୍ୟ** । ତେଣୁ ତନ୍ତ୍ରକାର ଜଳଦଗମ୍ଭୀର ସ୍ୱରରେ କହିଛନ୍ତି;

"ବିହାୟ ନାମରୂପାଣି ନିତ୍ୟେ ବ୍ରହ୍ମଣି ନିଶ୍ଚଳେ ।
ପରିନିଶ୍ଚିତତତ୍ତ୍ୱୋ ଯଃ ସ ମୁକ୍ତଃ କର୍ମବନ୍ଧନାତ୍ ।।
ନ ମୁକ୍ତିର୍ଜ୍ଜପନାଦ୍ଧୋମାଦୁପବାସଶତୈରପି ।
ବ୍ରହ୍ମୈବାହମିତି ଜ୍ଞାତ୍ୱା ମୁକ୍ତୋ ଭବତି ଦେହଭୃତ୍ ।।"

— ମହାନିର୍ବାଣ ତନ୍ତ୍ର

ଯେଉଁ ବ୍ୟକ୍ତି ନାମାରୂପାଦି ପରିତ୍ୟାଗ କରି ନିତ୍ୟ ନିଶ୍ଚଳ ବ୍ରହ୍ମଙ୍କର ତତ୍ତ୍ୱ ନିରୂପଣ କରିପାରନ୍ତି, ସେହି ବ୍ୟକ୍ତି କର୍ମବନ୍ଧନରୁ ମୁକ୍ତ ହୋଇଥାନ୍ତି । ଯେତେଦିନ ଯାଏ ପୁତ୍ର ବା ଦେହାଦିରେ ଅହଂତ୍ୱ ଜ୍ଞାନ ଥାଏ, ସେତେଦିନ ପର୍ଯ୍ୟନ୍ତ ଶତ ଶତ ଜପ, ହୋମ, ଉପବାସ କଲେ ମଧ୍ୟ ମୁକ୍ତି ଲାଭ ହୋଇପାରେ ନାହିଁ । କିନ୍ତୁ 'ସେହି ବ୍ରହ୍ମ ହିଁ ମୁଁ' — ଏହି ଜ୍ଞାନ ଜାତ ହେଲେ ଦେହୀ ମୁକ୍ତିଲାଭ କରିଥା'ନ୍ତି ।

ପାଠକେ ! ଦେଖିଲେ ତ, ତନ୍ତ୍ରଶାସ୍ତ୍ର କିଭଳି ମୁକ୍ତିପଥ ପ୍ରଦର୍ଶନ କରିଛନ୍ତି ? ବର୍ତ୍ତମାନ କ'ଣ ପାଠକ ପୁଣି କହିବାକୁ ଇଚ୍ଛା କରୁଛ ଯେ ତନ୍ତ୍ର ବ୍ରହ୍ମଜ୍ଞାନରେ

ଅଦୂରଦର୍ଶୀ ଥିଲେ ? କେବେହେଲେ ଏହା ଠିକ୍ ନୁହେଁ । ବରଂ ତନ୍ତ୍ର ସର୍ବସାଧାରଣଙ୍କୁ ଶନୈଃ ଶନୈଃ ପ୍ରବୃତ୍ତି ପଥ ଦେଇ ଯେଉଁଭଳି ବ୍ରହ୍ମଜ୍ଞାନରେ ଉପନୀତ ହେବା ନିମିତ୍ତ ଉପାୟ ପ୍ରଦର୍ଶନ କରିଛନ୍ତି, ସେଥିରେ ଅନ୍ୟାନ୍ୟ ଶାସ୍ତ୍ର ଅପେକ୍ଷା ତନ୍ତ୍ରର କୃତିତ୍ୱ ହିଁ ଅଧିକ ବିକଶିତ ହୋଇଅଛି । ଅତଏବ, ତନ୍ତ୍ର-ଅନଭିଜ୍ଞ ପରାନୁକରଣକାରୀ ସ୍ୱେଚ୍ଛାଚାରୀ ଉଚ୍ଛୃଙ୍ଖଳ ବ୍ୟକ୍ତିମାନଙ୍କ ବାକ୍ୟବିନ୍ୟାସରେ ମୁଗ୍ଧ ନ ହୋଇ ଧୀର ଓ ସ୍ଥିର ଚିତ୍ତରେ ତନ୍ତ୍ରସାଧନାରେ ନିଯୁକ୍ତ ହୁଅ; ଦେଖିବ, କ୍ରମେ ମନରେ ଅପାର ଆନନ୍ଦ ଓ ଶାନ୍ତିର ଉଦୟ ହେବ । ସାଧକ ଦିନକୁ ଦିନ ମୁକ୍ତିପଥରେ ଅଗ୍ରସର ହୋଇ ମର୍ତ୍ତ୍ୟରେ ଅମରତ୍ୱ ଲାଭ କରିପାରିବେ । ମୁଁ ମଧ୍ୟ ବର୍ତ୍ତମାନ ସଂସାର-ସାଗର-ନିମଗ୍ନ ପ୍ରାଣୀମାନଙ୍କର ମୁକ୍ତିପୋତ-ସ୍ୱରୂପା, ହରିହର-ବିଧିସେବିତା, ଜନମ-ମରଣ ଭୟନିବାରିଣୀ ଓ ଭୁକ୍ତି-ମୁକ୍ତି-ପ୍ରଦାୟିନୀ, ସେହି ଶିବଶିରୋଧାରା, ରଣଦିଗମ୍ବରୀ, ସୁରାରିକୁଳଘାତିନୀ, ସର୍ବାର୍ଥସାଧିନୀ, ହରଉରୋବିହାରିଣୀ ବ୍ରହ୍ମମୟୀଙ୍କୁ ବ୍ରହ୍ମଙ୍କ ସହିତ ଅଭେଦ ଜ୍ଞାନରେ ତାଙ୍କର ଶମନଲାଞ୍ଛିତ ବିରଞ୍ଚିବାଞ୍ଛିତ ଅତୁଳ-ରାତୁଳ ପଦଦ୍ୱନ୍ଦ୍ୱାରବିନ୍ଦରେ ପ୍ରଣତିପୂର୍ବକ ପାଠକମାନଙ୍କ ନିକଟରୁ ବିଦାୟ ଗ୍ରହଣ କରୁଅଛି ।

"ଓଁ ନମସ୍ତେ ପରମଂ ବ୍ରହ୍ମ ନମସ୍ତେ ପରମାତ୍ମନେ
ନିର୍ଗୁଣାୟ ନମସ୍ତୁଭ୍ୟଂ ସଦ୍ରୂପାୟ ନମୋ ନମଃ ।।"

**ଓଁ ତତ୍ ସତ୍**

**ସମ୍ପୂର୍ଣ୍ଣ**

**ଶ୍ରୀ ଶ୍ରୀ କୃଷ୍ଣାର୍ପଣମସ୍ତୁ**

॥ ଜୟଗୁରୁ ॥

# ତାନ୍ତ୍ରିକଗୁରୁ ବର୍ଣ୍ଣାନୁକ୍ରମିକ ବିଷୟ ସୂଚୀ


| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| ଅକାଳ ବୋଧନ | ୫୧ | ଅଷ୍ଟ-ପୀଠନାୟିକା | ୨୫୮ |
| ଅଗ୍ନିବୀଜ | ୨୦ | ଅଷ୍ଟ-ବର୍ଗ | ୧୯୨ |
| ଅଗ୍ନି ନିବାରଣ | ୩୨୧ | ଅଷ୍ଟ-ଭୈରବ | ୨୫୮ |
| ଅଗ୍ନ୍ୟସ୍ତ ମନ୍ତ୍ର | ୫୫ | ଅଷ୍ଟାଙ୍ଗ ଅର୍ଘ୍ୟ | ୧୫୯ |
| ଅଙ୍ଗନ୍ୟାସ | ୨୫୬, ୨୯୩ | ଅସୁର | ୫୨ |
| ଅଜପାଜପ | ୪୯,୨୧୯,୨୨୧ | ଅହଂକାର | ୮୪ |
| ଅଜପାମନ୍ତ୍ର | ୨୨୦ | ଆକାଶବୀଜ | ୨୧୪ |
| ଅଦୀକ୍ଷିତ ବ୍ୟକ୍ତି | ୧୪୭,୧୫୨ | ଆଗମ (ଶାସ୍ତ୍ର) | ୩୪,୮୭,୧୪୬ |
| ଅଦୃଶ୍ୟ ହେବାର ଉପାୟ | ୩୧୮ | ଆଚାର | ୧୧୫ |
| ଅଦ୍ୱୈତ ଜ୍ଞାନ | ୨୯୭ | ଆଜ୍ଞା ଚକ୍ର (ପଦ୍ମ) | ୨୧୫ |
| ଅନଳାମ୍ବିକା ଦୁଙ୍କ ଧ୍ୟାନ | ୫୬ | ଆଦିକାରଣ | ୯୩ |
| ଅନାହତ ପଦ୍ମ | ୨୧୪ | ଆଦିଭୂତା ଶକ୍ତି | ୨୧ |
| ଅନାବୃଷ୍ଟି ହରଣ | ୩୨୦ | ଆଦ୍ୟାଶକ୍ତି | ୪୨,୧୧୬ |
| ଅନିଷ୍ଟ ବିନାଶ | ୩୪୪ | ଆଦ୍ୟାଶକ୍ତିଙ୍କ ପୁରୀ | ୧୪୨ |
| ଅନୁକଳ୍ପ ପ୍ରଦାନ | ୨୭୯ | ଆତ୍ମଦର୍ଶନ | ୫୦ |
| ଅନୁଲୋମ-ବିଲୋମ କ୍ରମ | ୩୧୩ | ଆତ୍ମଜ୍ଞାନ ଲାଭ | ୨୮୯ |
| ଅନ୍ତର୍ଯାଗ | ୧୭୬ | ଆତ୍ମ ସମ୍ପୂର୍ତ୍ତି | ୧୧୩ |
| ଅନ୍ତର୍ହୋମ | ୧୮୩ | ଆତ୍ମାମୟ ଦର୍ଶନ | ୩୮୧ |
| ଅପରାପ୍ରକୃତି | ୬୯ | ଆନନ୍ଦ ଭୈରବ.(ଭୈରବୀ) | ୨୭୪ |
| ଅପରିମିତ ଆହାର | ୩୪୫ | ଆପଦୁଦ୍ଧାର (କବଚ) | ୩୩୬, ୩୩୭ |
| ଅପୂର୍ଣ୍ଣ ବ୍ରହ୍ମାବଧୂତ | ୩୦୧ | ଇଚ୍ଛାଶକ୍ତି | ୧୯ |
| ଅପୂର୍ଣ୍ଣ ଶୈବାବଧୂତ | ୩୦୧ | ଈଶ୍ୱରତତ୍ତ୍ୱ | ୧୮,୨୩,୪୩ |
| ଅବିଦ୍ୟା | ୧୪୦, ୩୦୮ | ଉଡ୍‌ରଫ୍ ସାହେବ | ୩୫ |
| ଅଭିଷେକ | ୧୪୭ | ଉତ୍କୀଳନ | ୨୦୨ |
| ଅମୃତଯୋଗ | ୨୦୨ | ଉପବିଦ୍ୟା | ୨୭୮ |
| ଅର୍ଘ୍ୟ | ୧୫୯ | ଉପାସକ | ୩୮ |
| ଅର୍ଦ୍ଧଚନ୍ଦ୍ରାକାର ମଣ୍ଡଳ | ୨୧୫ | ଉପାଂସୁ ଜପ | ୧୯୫ |
| ଅଳିଯନ୍ତ୍ର | ୨୭୪ | ଉର୍ଦ୍ଧ୍ୱରେତା | ୨୭୮ |
| ଅଶୌଚଭଙ୍ଗ | ୨୦୧ | ଋଷ୍ୟାଦିନ୍ୟାସ | ୨୯୨ |

| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| ଏକମେବାଦ୍ୱିତୀୟମ୍ | ୧୧୮ | କୂର୍ଚ୍ଚବୀଜ | ୨୧୩ |
| ଏକାବନଟି ପୀଠ | ୨୬ | କୁଳକନ୍ୟା | ୨୪୧ |
| କଦାଚାର | ୧୧୫ | କୁଳଗୁରୁ | ୧୫୨ |
| କପାଟଭଞ୍ଜନ | ୧୯୯ | କୁଳପଶୁ | ୨୪୧ |
| କରନ୍ୟାସ | ୨୫୬, ୨୯୩ | କୁଳବୃକ୍ଷ | ୨୪୧ |
| କରମାଳା ଜପର ନିୟମ | ୧୮୭ | କୁଳାଚାର | ୨୩୯ |
| କରଶୋଧନ | ୨୦୧ | କୁଳାଚାର ମାର୍ଗ | ୨୮୨ |
| କର୍ଣ୍ଣପିଶାଚୀ ମନ୍ତ୍ର | ୩୧୬ | କୁଳାଚାରୀଙ୍କ ମସ୍ୟ ସାଧନା | ୨୫୧ |
| କର୍ଣ୍ଣପିଶାଚୀ ସାଧନ | ୩୧୫ | କୁଳାଚାରୀଙ୍କ ମଦ୍ୟ ସାଧନା | ୨୫୨ |
| କର୍ମ | ୧୭୧ | କୁଳାଚାରୀଙ୍କ ମାଂସ ସାଧନା | ୨୫୨ |
| କର୍ମକାଣ୍ଡ | ୮୪, ୧୭୧ | କୁଳାଚାରୀଙ୍କ ମୁଦ୍ରା ସାଧନା | ୨୫୧ |
| କର୍ମ ତ୍ରିବିଧ | ୧୭୨ | କୁଳାଚାରୀଙ୍କ ମୈଥୁନ ସାଧନା | ୨୫୨ |
| କର୍ମବାସନା | ୨୮୭ | କୁଳାମୃତ ପାନ | ୨୫୩ |
| କର୍ମର କୌଶଳ | ୯୫ | କୈଳାସ | ୫୮ |
| କର୍ମର କ୍ଷୟ | ୨୮୭ | କୌଳାଚାର | ୧୧୭ |
| କଳାପାହାଡ଼ | ୩୧ | କ୍ରମଦୀକ୍ଷା | ୧୪୭, ୧୪୮, ୧୪୯, ୩୦୫ |
| କଳ୍ପପାଦପ | ୨୫୧ | ଗଣେଶ | ୬୧ |
| କଲ୍ଲୁକା | ୨୦୦ | ଗଣପତିଙ୍କ ବାଞ୍ଛିତ ଫଳ ପ୍ରଦାନ | ୩୪୪ |
| କାକବନ୍ଧ୍ୟା ପ୍ରତିକାର | ୩୨୯, ୩୩୦ | ଗରୁଡ଼ଙ୍କ ଦ୍ୱାଦଶ ନାମ | ୩୨୪ |
| କାମିନୀତତ୍ତ୍ୱ | ୧୯୯ | ଗରୁଡ଼ ମନ୍ତ୍ର | ୩୨୩ |
| କାମେଶ୍ୱରୀ ତାରା | ୬୦ | ଗୁରୁ | ୬୮, ୧୫୮ |
| କାମ୍ୟ କର୍ମ | ୧୭୧, ୧୭୩, ୩୦୫ | ଗୁରୁକରଣ | ୧୫୧ |
| କାରଣ ଅବସ୍ଥା | ୭୧ | ଗୁରୁଗିରି | ୧୫୫ |
| କାର୍ଯ୍ୟ ଅବସ୍ଥା | ୭୧ | ଗୁରୁତ୍ୟାଗ | ୧୫୬ |
| କାଳର ସ୍ୱରୂପ | ୩୯ | ଗୁରୁଦେବଙ୍କ ଚରଣରେ ପ୍ରଣାମ | ୧୬୧ |
| କାଳଶକ୍ତି | ୭୧ | ଗୁରୁ ନିର୍ବାଚନ | ୧୫୬ |
| କାଳୀ (କାଳୀମୂର୍ତ୍ତି) | ୩୯, ୭୧ | ଗୁରୁ ପଦର ଯୋଗ୍ୟ | ୧୫୬ |
| କାଳିକା ଦେବୀ | ୫୭ | ଗୁରୁପଂକ୍ତି | ୨୭୫ |
| କାଳୀସାଧନାର ଚକ୍ରାନୁଷ୍ଠାନ | ୨୬୩ | ଗୁରୁବରଣ | ୧୬୦, ୧୬୧ |
| କୁଣ୍ଡଳିନୀ ଜାଗରଣ | ୨୫ | ଗୁରୁବାଦ | ୨୭ |
| କୁଣ୍ଡଳିନୀ ଶକ୍ତି | ୧୭,୫୭,୭୦,୧୧୫, ୧୪୫ | ଗୁରୁସେବା | ୪୭ |
| କୁମ୍ଭକ ଯୋଗ | ୨୯୬ | ଗୁହ୍ୟାକାଳୀ | ୬୦ |

| ବିଷୟ | ପୃଷ୍ଠା |
|---|---|


| ବିଷୟ | ପୃଷ୍ଠା |
|---|---|
| ଗୋମହିଷାଦିଙ୍କ ଦୁଗ୍ଧ ବୃଦ୍ଧି | ୩୪୪ |
| ଗ୍ରହଦୋଷ ଶାନ୍ତି | ୩୪୫ |
| ଘଟସ୍ଥାପନ | ୪୪ |
| ଚକ୍ରସ୍ଥାନ | ୨୭୫ |
| ଚକ୍ରାନୁଷ୍ଠାନ | ୨୬୩, ୨୭୧ |
| ଚକ୍ରେଶ୍ୱର | ୨୭୩ |
| ଚତୁଷ୍ପଦ ଧର୍ମ (ବୃଷ) | ୧୧୪ |
| ଚିତା ସାଧନା | ୬୧ |
| ଚିତ୍ରିଣୀ ନାଡ଼ୀ | ୨୧୯ |
| ଚୈତନ୍ୟ ସ୍ଫୂର୍ତ୍ତି | ୨୯୯ |
| ଜଗଜ୍ଜନନୀଙ୍କ ଅବମାନନା | ୨୪୬ |
| ଜଗନ୍ନାଥ | ୬୧ |
| ଜନ୍ମରହିତ ଅବସ୍ଥା | ୬୧ |
| ଜୟଗୁରୁ ନାମ | ୩୮ |
| ଜୟଦୁର୍ଗା ମନ୍ତ୍ର | ୨୨୭ |
| ଜପତ୍ରିବିଧ | ୧୯୫ |
| ଜପପ୍ରଣାଳୀ | ୧୮୨ |
| ଜପର କୌଶଳ | ୧୮୬ |
| ଜପର ନିୟମ | ୧୯୨, ୧୯୬ |
| ଜପର ସ୍ଥାନ ନିର୍ଣ୍ଣୟ | ୧୯୨ |
| ଜପ ରହସ୍ୟ | ୧୯୮ |
| 'ଜପ' ଶବ୍ଦର ଅର୍ଥ | ୧୯୪ |
| ଜପ ସମର୍ପଣ | ୧୯୮ |
| ଜପ ସଂଖ୍ୟା ରକ୍ଷା | ୧୯୧ |
| ଜପ ସଂହାର | ୧୯୧ |
| ଜପାରମ୍ଭ | ୨୦୨ |
| ଜାମଳ | ୩୪ |
| ଜିହ୍ୱାଶୁଦ୍ଧି | ୨୦୧ |
| ଜୀବ | ୭୦ |
| ଜୀବନର ତିନୋଟି ଅବସ୍ଥା | ୨୯ |
| ଜୀବନୀ ଶକ୍ତି | ୩୬ |
| ଜୀବନ୍ମୁକ୍ତି (ଜୀବନ୍ମୁକ୍ତ) | ୧୧୩, ୧୩୮, ୨୯୯, ୩୦୨ |
| ଜୀବାତ୍ମା | ୨୨୧ |
| ଜ୍ୱରନାଶ | ୩୪୬ |
| ଜ୍ୱରାଦି ଶାନ୍ତି | ୩୩୩ |
| ଜ୍ଞାନକାଣ୍ଡ | ୮୪ |
| ଡାକିନାଦି ନ୍ୟାସ | ୨୦୦ |
| ତଟସ୍ଥ ଲକ୍ଷଣ | ୯୧, ୨୯୧ |
| ତଟସ୍ଥା ଶକ୍ତି | ୭୦ |
| ତତ୍ତ୍ୱଜ୍ଞାନର ଉଦୟ | ୩୦୦ |
| ତନ୍ତ୍ରର ଚରମ ଲକ୍ଷ୍ୟ | ୩୫୦, ୩୫୧ |
| ତନ୍ତ୍ରର ପ୍ରାଧାନ୍ୟ | ୨୯୯ |
| ତନ୍ତ୍ରର ପ୍ରାମାଣିକତା | ୮୬ |
| ତନ୍ତ୍ରର ବ୍ରହ୍ମବାଦ | ୧୨୪ |
| ତନ୍ତ୍ରର ବ୍ରହ୍ମସାଧନ | ୨୮୫ |
| ତନ୍ତ୍ରରେ ସ୍ଥୂଳ କର୍ମାନୁଷ୍ଠାନ | ୨୮୬ |
| ତନ୍ତ୍ର-ଶବ୍ଦର ଅର୍ଥ | ୮୮ |
| ତନ୍ତ୍ରଶାସ୍ତ୍ର | ୮୧ |
| ତନ୍ତ୍ରଶାସ୍ତ୍ର ପ୍ରତି ଅନାଦରର କାରଣ | ୮୩ |
| ତନ୍ତ୍ରଶାସ୍ତ୍ରର ଅନୁଶାସନ | ୧୫୨ |
| ତନ୍ତ୍ରଶାସ୍ତ୍ରର ପ୍ରଭାବ | ୭୮ |
| ତନ୍ତ୍ରଶାସ୍ତ୍ରର ମୂଳଭିତ୍ତି | ୮୩ |
| ତନ୍ତ୍ରସାଧନର ଉଦ୍ଦେଶ୍ୟ | ୫୦ |
| ତନ୍ତ୍ରୋକ୍ତ ମୁକ୍ତି | ୨୯୬ |
| ତନ୍ତ୍ରୋକ୍ତ ଯୋଗ | ୨୯୬ |
| ତନ୍ତ୍ରୋକ୍ତ ସାଧନା | ୯୦ |
| ତାନ୍ତ୍ରିକ ସାଧନତତ୍ତ୍ୱ | ୯୨ |
| ତାରା | ୫୧, ୫୫, ୫୯, ୭୧ |
| ତାରାମନ୍ତ୍ର | ୮୫, ୫୫ |
| ତାରିଣୀ ଦେବୀ | ୫୭ |
| ତୁମ୍ବୁର ଭୈରବ ଧ୍ୟାନ | ୩୩୪, ୩୩୫ |
| ଦକ୍ଷ (ଯଜ୍ଞ) | ୬୯ |
| ଦକ୍ଷିଣାଚାର | ୧୧୬ |

| ବିଷୟ | ପୃଷ୍ଠା |
|---|---|
| ଦତ୍ତାତ୍ରେୟ | ୫୯ |
| ଦଶପୁଷ୍ପ | ୧୮୧ |
| ଦିବ୍ୟ କୁଳାମୃତପାନ | ୨୫୩ |
| ଦିବ୍ୟଦୃଷ୍ଟିଲାଭ | ୩୧୬ |
| ଦିବ୍ୟଭାବ | ୨୩, ୧୧୯, ୨୪୯ |
| ଦୀକ୍ଷା | ୧୫୨ |
| ଦୀକ୍ଷା ଗ୍ରହଣ | ୧୫୧ |
| ଦୀକ୍ଷା ପଦ୍ଧତି | ୧୫୧ |
| ଦୀକ୍ଷାର ଆବଶ୍ୟକତା | ୧୫୧ |
| ଦୁର୍ବାସା | ୫୯ |
| ଦୀପନୀ | ୨୦୧ |
| ଦୃଷ୍ଟିସେତୁ | ୨୦୨ |
| ଦେବତା କ୍ରୋଧ ଉପଶମ | ୩୪୩ |
| ଦେବତାଙ୍କ ସାରୂପ୍ୟ | ୨୯୭ |
| ଦେବଦେବୀ ମୂର୍ତ୍ତି | ୩୮ |
| ଦେବମୂର୍ତ୍ତିଙ୍କ ତତ୍ତ୍ୱ | ୧୪୨ |
| ଦେବୀଙ୍କ ଧ୍ୟାନ | ୧୪୩ |
| ଦେବୀଙ୍କର ରୂପ ବିଶ୍ଳେଷଣ | ୧୪୩, ୧୪୪ |
| ଦେଶଶକ୍ତି | ୭୧ |
| ଦୈବୀ ମୂର୍ତ୍ତିର ଆରାଧନା | ୧୩୯ |
| ଧ୍ୟାନ | ୨୯ |
| ଧ୍ୟାନ ମନ୍ତ୍ର | ୨୯୩ |
| ଧୃତି ଶକ୍ତି | ୩୭ |
| ନକ୍ଷତ୍ର ଦୋଷ | ୩୩୩ |
| ନାଦ | ୨୧୫ |
| ନାମ | ୧୯ |
| ନାମରୂପ | ୩୨ |
| ନିଗମ | ୩୪, ୩୯ |
| ନିତ୍ୟକର୍ମ | ୧୭୧, ୧୭୨, ୩୦୫ |
| ନିଦ୍ରାଭଙ୍ଗ | ୨୦୦ |
| ନିବୃତ୍ତି ସାଧନ | ୭୯, ୩୦୫ |
| ନିରାଳମ୍ବପୁରୀ | ୨୧୫ |
| ନିର୍ବାଣ (ମୁକ୍ତି) | ୨୦୧, ୨୯୯, ୩୫୧ |
| ନିଶ୍ଚଳା ସମାଧି | ୨୫୨ |
| ନିଷ୍କାମ ମାନବ | ୩୦୫ |
| ନିଷ୍କ୍ରିୟ ପରଂବ୍ରହ୍ମ | ୧୨୮ |
| ନୀଳତାରା | ୬୦ |
| ନୈମିତ୍ତିକ କର୍ମ | ୧୭୧, ୧୭୩, ୩୦୫ |
| ପଞ୍ଚତତ୍ତ୍ୱ | ୨୫୦ |
| ପଞ୍ଚତତ୍ତ୍ୱ ନିବେଦନ | ୨୬୫ |
| ପଞ୍ଚଦେବତା | ୧୮୨ |
| ପଞ୍ଚପଲ୍ଲବ | ୪୫ |
| ପଞ୍ଚପୁଷ୍ପ | ୧୮୧ |
| ପଞ୍ଚବଟୀ | ୧୯୪ |
| ପଞ୍ଚ-ମ'କାର | ୯୫, ୧୦୦, ୧୦୩ |
| ପଞ୍ଚ-ମ'କାର ଦ୍ୱାରା କାଳୀ ସାଧନା | ୨୫୦, ୨୫୫ |
| ପଞ୍ଚମୁଣ୍ଡ ଆସନ | ୧୯୩ |
| ପଞ୍ଚରତ୍ନ | ୪୫ |
| ପଞ୍ଚଶସ୍ୟ | ୪୫ |
| ପରମ ତତ୍ତ୍ୱ | ୧୨୯ |
| ପରମ ପୁରୁଷ | ୨୧୫ |
| ପରମ ମନ୍ତ୍ର | ୨୨୩ |
| ପରମ ଶାନ୍ତି ଲାଭ | ୩୪୪ |
| ପରମାକଳା | ୨୦, ୧୧୫ |
| ପରଂବ୍ରହ୍ମ | ୧୩୦ |
| ପରଂବ୍ରହ୍ମଙ୍କ ଉପାସନା | ୯୨ |
| ପରଂବ୍ରହ୍ମଙ୍କ ସ୍ତବ | ୨୯୪ |
| ପରାନାଦ | ୯, ୨୦ |
| ପରାପ୍ରକୃତି | ୩୭ |
| ପଶୁପାନ | ୧୦୫, ୨୭୭ |
| ପଶୁଭାବ | ୨୩, ୧୧୯, ୧୨୨ |
| ପଶ୍ୟନ୍ତି ନାଦ | ୧୯, ୨୧ |
| ପାଦୁକା ସାଧନ | ୩୧୯ |

| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| ପାନପାତ୍ର | ୨୭୬ | ବହ୍ନିବୀଜ | ୨୧୪ |
| ପାପବିମୋଚିନୀ ଗାୟତ୍ରୀ | ୨୬୬ | ବାଗ୍‌ଭବ ବୀଜ | ୧୧୫ |
| ପିତୁଳା ପୂଜକ | ୪୧ | ବାଗ୍‌ଭବ ମନ୍ତ୍ର | ୩୩୨ |
| ପୁରୀ ଧାମ | ୬୩ | ବାଚ୍‌କ | ୨୦୬ |
| ପୁରୁଷ ୫୬, ୮୪, ୧୨୫, ୧୩୪, ୨୨୧ | | ବାଚିକ ଜପ | ୧୯୫ |
| ପୁରୁଷ-ପ୍ରକୃତି ମିଳନ | ୨୨୧ | ବାଚ୍ୟ | ୨୦୬ |
| ପୂଜା | ୩୯ | ବାମାଚାର | ୧୧୬ |
| ପୂରକ ଯୋଗ | ୨୯୬ | ବାୟୁବୀଜ | ୨୧୪ |
| ପୂର୍ଣ୍ଣଦୀକ୍ଷା | ୧୪୯ | ବାଳକ ସଂସ୍କାର | ୩୩୧ |
| ପୂର୍ଣ୍ଣାଭିଷେକ ୧୪୯, ୧୬୫, ୧୬୬, ୧୬୮ | | ବାହୁଡ଼ାଯାତ୍ରା | ୬୪ |
| ପୂର୍ବଜନ୍ମର ବିଦ୍ୟା ସମୁଦ୍ଧାର | ୧୬୧ | ବାହ୍ୟପୂଜା | ୧୮୫, ୨୫୮ |
| ପୃଥ୍ୱୀବୀଜ | ୨୧୩ | ବିଦ୍ୟା | ୧୪୦ |
| ପ୍ରକୃତି ୮୪, ୧୨୪, ୧୩୨, ୨୨୧ | | ବିନ୍ଦୁ | ୧୭, ୨୧୫ |
| ପ୍ରକୃତି-ପୁରୁଷ ତତ୍ତ୍ୱ | ୮୫ | ବିମଳାକ୍ଷେତ୍ର | ୬୪ |
| ପ୍ରଣବ ମନ୍ତ୍ର | ୯୨, ୨୭୪ | ବିଭୂତିଲାଭ | ୩୧୫ |
| ପ୍ରଫୁଲ୍ଲ | ୨୦୦ | ବିଶୁଦ୍ଧ ପଦ୍ମ | ୨୧୪ |
| ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓ | ୩୫, ୫୧ | ବିଷହରଣ | ୩୨୨ |
| ପ୍ରବୃତ୍ତି ସାଧନ | ୭୯, ୩୦୫ | ବିଷହରାଗ୍ନି ମନ୍ତ୍ର | ୩୨୨ |
| ପ୍ରାଣତତ୍ତ୍ୱ | ୨୦୧ | ବୀଜମନ୍ତ୍ର | ୨୦, ୨୯ |
| ପ୍ରାଣ ପ୍ରତିଷ୍ଠାନ ମନ୍ତ୍ର | ୨୬୪ | ବୀରଭାବ | ୨୩, ୧୧୯, ୧୨୨ |
| ପ୍ରାଣଯୋଗ | ୨୦୧ | ବୀରସାଧକ | ୨୨୩, ୨୨୪, ୩୧୨ |
| ପ୍ରାଣସଂଯମ | ୩୬ | ବୀରାର୍ଦ୍ଧନ ମନ୍ତ୍ର | ୨୨୬ |
| ପ୍ରାଣାୟାମ | ୨୯୩ | ବୁଦ୍ଧିତତ୍ତ୍ୱ | ୮୪, ୨୧୫ |
| ବ୍ରଜ୍ରାଦେବୀ | ୬୦ | ବୁଧ | ୫୯ |
| ବନଦୁର୍ଗା ମନ୍ତ୍ର | ୫୭ | ବୃଦ୍ଧିଶ୍ରାଦ୍ଧ | ୧୧୬ |
| ବନ୍ଧ୍ୟା ପ୍ରତିକାର | ୩୨୯ | ବୃଷ୍ଟିଘ୍ନକ୍ଷେତ୍ର | ୬୫ |
| ବର୍ଣ୍ଣମାଳା | ୧୯୧ | ବୃହସ୍ପତି | ୫୯ |
| ବଳରାମ | ୬୪ | ବେଦ | ୮୭, ୮୯ |
| ବଳିଦାନ | ୪୬ | ବେଦାଚାର | ୧୧୫ |
| ବଶିଷ୍ଠଦେବ | ୫୧ | ବୈକୁଣ୍ଠ | ୫୮ |
| ବହିର୍ନ୍ୟାସ | ୨୫୭ | ବୈଖରୀନାଦ | ୧୯ |
| ବହ୍ନି-ଦଶକଳା | ୨୬୧ | ବୈଧକର୍ମ | ୧୭୪ |

| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| ବୈରାଗ୍ୟାଭ୍ୟାସ | ୩୦୧ | ମଧ୍ୟମା ନାଦ | ୧୯ |
| ବୈଷ୍ଣବାଚାର | ୧୧୬ | ମନର ଏକାଗ୍ରତା | ୩୭ |
| ବ୍ୟାଘ୍ରର ଗତି ନଷ୍ଟ | ୩୪୪ | ମନଶ୍ଚକ୍ର | ୨୧୫ |
| ବ୍ରହ୍ମ ଉପାସନା | ୧୩୦ | ମନ୍ତ୍ର | ୧୯,୨୯,୩୦ |
| ବ୍ରହ୍ମାଙ୍କର ପୁରୀ | ୧୪୨ | ମନ୍ତ୍ରଚୈତନ୍ୟ | ୪୩,୨୦୦,୨୦୫,୨୦୮,୨୧୦ |
| ବ୍ରହ୍ମଚର୍ଯ୍ୟ | ୨୮ | ମନ୍ତ୍ରଚୈତନ୍ୟର ବହୁବିଧ ପ୍ରଣାଳୀ | ୨୦୯ |
| ବ୍ରହ୍ମଜ୍ଞାନର ଅଧିକାର | ୨୮୮ | ମନ୍ତ୍ରଚିନ୍ତା | ୨୦୨ |
| ବ୍ରହ୍ମତତ୍ତ୍ୱ | ୧୩୦ | ମନ୍ତ୍ରଦୀକ୍ଷା | ୧୪୮ |
| ବ୍ରହ୍ମତନ୍ମୟତା ଲାଭର ଉପାୟ | ୨୯୬ | ମନ୍ତ୍ର ପ୍ରୟୋଗର ଅଧିକାରୀ | ୩୪୩ |
| ବ୍ରହ୍ମନାଡ଼ୀ | ୨୧୯ | ମନ୍ତ୍ରର ଆଶ୍ଚର୍ଯ୍ୟ କ୍ରିୟା | ୩୪୩ |
| ବ୍ରହ୍ମବିବର | ୨୧୯ | ମନ୍ତ୍ର-ଶବ୍ଦର ଅର୍ଥ | ୨୦୮ |
| ବ୍ରହ୍ମବର୍ତ୍ମ | ୨୬୪ | ମନ୍ତ୍ରଶିକ୍ଷା | ୨୦୦ |
| ବ୍ରହ୍ମମନ୍ତ୍ରସାଧକ | ୨୯୫ | ମନ୍ତ୍ରଶୁଦ୍ଧିର ସପ୍ତ-ଉପାୟ | ୧୯୬ |
| ବ୍ରହ୍ମରନ୍ଧ୍ର | ୨୧୫ | ମନ୍ତ୍ରସିଦ୍ଧିର ଲକ୍ଷଣ | ୨୮୩ |
| ବ୍ରହ୍ମଲୋକପ୍ରାପ୍ତି | ୨୨୩ | ମନ୍ତ୍ରାର୍ଥଭାବନା | ୨୦୦, ୨୦୫ |
| ବ୍ରହ୍ମସାଧନା କ୍ରମ | ୨୯୦ | ମହତତ୍ତ୍ୱ | ୮୪ |
| **ଭକ୍ତି** | ୫୧ | ମହାକାଳ | ୨୧ |
| ଭଗବତୀ | ୧୨୯ | ମହାକାଳୀ | ୨୧ |
| ଭଦ୍ରକାଳୀ | ୨୧ | ମହାନିଶା | ୨୪୯ |
| ଭାବ | ୧୨୧ | ମହାବିଦ୍ୟା ସାଧନ | ୨୨୩ |
| ଭାବତ୍ରୟ | ୨୩, ୧୧୯ | ମହାଭାଗବତ | ୫୮ |
| ଭୁକ୍ତି ଓ ମୁକ୍ତି | ୧୪୦ | ମହାମାୟା | ୧୨୬,୧୩୪ |
| ଭୂତାଦିର ଆବେଶ ନାଶ | ୩୪୫ | ମହାମାୟାଙ୍କ କାର୍ଯ୍ୟ | ୨୪ |
| ଭୋଗ | ୧୦୦ | ମହାଲକ୍ଷ୍ମୀ | ୨୧ |
| ଭୈରବୀ ଚକ୍ର | ୨୭୩ | ମହାଶକ୍ତି | ୧୩୧ |
| **ମ**'-କାର ତତ୍ତ୍ୱ | ୯୫ | ମହାଶ୍ମଶାନ | ୨୩ |
| ମଣିପୁର ପଦ୍ମ (ଚକ୍ର) | ୨୧୪ | ମହାସରସ୍ୱତୀ | ୨୧ |
| ମତ୍ସ୍ୟସାଧନ | ୯୮, ୧୦୯ | ମହାସାମ୍ରାଜ୍ୟ ଦୀକ୍ଷା | ୧୪୯ |
| ମଦ୍ୟସାଧନ | ୯୭, ୧୦୩ | ମହାସେତୁ | ୨୦୧ |
| ମଧୁତ୍ରୟ | ୨୭୯ | ମହୋଗ୍ରାତାରା | ୬୦ |
| ମଧୁମତୀ ଦେବୀଙ୍କ ମନ୍ତ୍ର | ୩୧୦ | ମାତୃକାମୟୀ ନାଦ | ୨୬ |
| ମଧୁମତୀ ଯୋଗିନୀ ସାଧନ | ୩୦୯ | ମାନସପୂଜା | ୧୭୬, ୨୯୩ |

| ବିଷୟ | ପୃଷ୍ଠା |
|---|---|
| ମାନସପୂଜାର କ୍ରମ | ୧୭୮ |
| ମାନସ ଯାଗର ବିଧାନ | ୧୮୦ |
| ମାନସିକ ଜପ | ୧୯୧ |
| ମାୟା | ୧୭, ୧୨୫ |
| ମାଂସସାଧନ | ୯୭, ୧୦୮ |
| ମାଳା ନିର୍ଣ୍ଣୟ | ୧୮୬ |
| ମାଳାଶୋଧନ | ୧୮୯ |
| ମାଳା ସମ୍ବନ୍ଧରେ ଶାସ୍ତ୍ରର ବିଧାନ | ୧୮୭ |
| ମୁକ୍ତି | ୨୯୬ |
| ମୁକ୍ତିଲାଭ | ୨୮୮ |
| ମୁଖଶୋଧନ | ୨୦୧ |
| ମୁଦ୍ରା ସାଧନ | ୯୮, ୧୦୯ |
| ମୂଳାଧାର ପଦ୍ମ | ୨୧୨ |
| ମୃତବତ୍ସା ଦୋଷଶାନ୍ତି | ୩୨୭ |
| ମେରୁ | ୨୧୨ |
| ମୈଥୁନ | ୪୮ |
| ମୈଥୁନ ତତ୍ତ୍ୱ | ୨୭୮ |
| ମୈଥୁନ ସାଧନା | ୯୯, ୧୧୧ |
| ଯକ୍ଷଦେବତାଙ୍କ ମନ୍ତ୍ର | ୩୧୬ |
| ଯଦୃଚ୍ଛା ଅବସ୍ଥାନ | ୩୦୨ |
| ଯୋଗ | ୧୦୦, ୨୮୯ |
| ଯୋଗିନୀ ଆଠ ଜଣ | ୩୦୮ |
| ଯୋଗିନୀ ସାଧନ | ୩୦୮ |
| ଯୋନିମୁଦ୍ରା | ୨୮୧ |
| ଯୋନିମୁଦ୍ରା ଯୋଗରେ ଜପ | ୨୧୦ |
| ରକ୍ଷାମନ୍ତ୍ର | ୩୩୩ |
| ରମଣୀତ୍ୱକୁ ଜନନୀରେ ପରିଣତ କରିବା | ୨୪୪ |
| ରାଜରାଜେଶ୍ୱରୀ ମୂର୍ତ୍ତି | ୭୨ |
| ରାଧାକୃଷ୍ଣ ତତ୍ତ୍ୱ | ୭୩ |
| ରାବଣ | ୫୪ |
| ରାମଚନ୍ଦ୍ର | ୫୧ |
| ରାମସୀତା | ୯୪ |
| ଲୟଯୋଗ | ୯୮ |
| ଲୁପ୍ତବୀଜମନ୍ତ୍ର | ୨୦୮ |
| ଶକ୍ତି ଉପାସନା | ୧୩୦, ୧୩୬ |
| ଶକ୍ତିକେନ୍ଦ୍ର | ୧୦୭ |
| ଶକ୍ତି ଜାଗରଣ | ୨୨ |
| ଶକ୍ତିମନ୍ତ୍ର ଜପର ନିୟମ | ୧୮୬ |
| ଶକ୍ତିମୟ ରୂପ ଆଶ୍ରୟ | ୧୩୯ |
| ଶକ୍ତିମାଳା | ୧୮୭ |
| ଶବ ସାଧନ | ୬୦, ୨୨୮ |
| ଶାକ୍ତ | ୧୪୬ |
| ଶାକ୍ତାଭିଷେକ | ୧୪୯, ୧୬୩ |
| ଶାକ୍ତଭିଷେକର ଅଧିକାରୀ | ୧୬୫ |
| ଶିବ | ୫୬, ୧୨୪ |
| ଶିବହୀନ ଯଜ୍ଞ | ୭୦ |
| ଶିବାଭୋଗ | ୨୩୯ |
| ଶିଷ୍ୟ | ୪୮, ୧୫୮ |
| ଶିଷ୍ୟର କର୍ତ୍ତବ୍ୟ | ୧୫୫ |
| ଶିଷ୍ୟର ଯୋଗ୍ୟତା (ଲକ୍ଷଣ) | ୧୫୩, ୧୫୮ |
| ଶୁଦ୍ଧିପାତ୍ର | ୨୭୬ |
| ଶୂଦ୍ର | ୪୦ |
| ଶୂଳରୋଗର ପ୍ରତିକାର | ୩୨୫ |
| ଶେଷତତ୍ତ୍ୱ (ସାଧନ) | ୧୧୧, ୨୭୮ |
| ଶୈବାଚାର | ୧୧୬ |
| ଶୌଚ | ୧୯୯ |
| ଶ୍ମଶାନ ସାଧନ | ୨୨୩ |
| ଶ୍ରୀଫଳ | ୪୫ |
| ଷଡ଼୍‌ମାତୃକା | ୩୨୭ |
| ଷୋଡ଼ଶ କଳା | ୨୬୨ |
| ଷୋଡ଼ଶୋପଚାର | ୨୬୫ |
| ସକାମ ମାନବ | ୩୦୫ |
| ସକାମ ସାଧକ | ୧୩୮ |
| ସଗୁଣ ବ୍ରହ୍ମଙ୍କର ଉପାସନା | ୧୨୯ |

| ବିଷୟ | ପୃଷ୍ଠା |
|---|---|
| ସଞ୍ଜୀବ ମନ୍ତ୍ର | ୨୦୮ |
| ସଦାଶିବ | ୧୭ |
| ସଦ୍‌ଗୁରୁଙ୍କୁ ଚିହ୍ନିବ କିପରି ? | ୧୫୬ |
| ସଦ୍‌ବୃତ୍ତିର ଉନ୍ମେଷ | ୧୦୨ |
| ସନ୍ୟାସଧର୍ମ ଅବଲମ୍ବନ | ୨୯୮ |
| ସପ୍ତ-ଆଚାର | ୧୧୫ |
| ସପ୍ତଚ୍ଛଦା | ୨୦୨ |
| ସପ୍ତଦଶ ତତ୍ତ୍ୱ | ୨୧୨ |
| ସଂକଳ୍ପ | ୧୬୦ |
| ସଂସାରୀ | ୭୦ |
| ସରସ୍ୱତୀଙ୍କ ଧ୍ୟାନ | ୨୫୭ |
| ସର୍ବଜ୍ୱରହରଣ ବଳିପ୍ରକ୍ରିୟା | ୩୩୫ |
| ସର୍ବଜ୍ଞତା ଲାଭ | ୩୧୪ |
| ସର୍ବରୋଗ ଶାନ୍ତି | ୩୩୩ |
| ସହସ୍ରଦଳ କମଳ | ୨୧୫ |
| ସାଧକ | ୩୮ |
| ସାଧନବିଘ୍ନ | ୪୦ |
| ସାଧନା | ୨୯ |
| ସାଧନାଧିକାରର ତାଲିକା | ୧୪୮ |
| ସାଧନାର କ୍ରମ | ୧୪୬ |
| ସାମ୍ରାଜ୍ୟ ଦୀକ୍ଷା | ୧୪୯ |
| ସାଯୁଜ୍ୟ ମୁକ୍ତି ଲାଭ | ୩୫୦ |
| ସାଂଖ୍ୟଦର୍ଶନ | ୮୪, ୮୫ |
| ସିଦ୍ଧାନ୍ତାଚାର | ୧୧୭ |
| ସିନ୍ଦୁରମୂର୍ତ୍ତି | ୪୫ |
| ସୁଖ-ପ୍ରସବ ମନ୍ତ୍ର | ୩୨୬ |
| ସୁଭଦ୍ରା | ୬୪ |
| ସୁରାପାନ | ୧୦୭, ୨୭୭ |
| 'ସୁରା' ର ବ୍ୟବହାର | ୮୭ |
| ସୂକ୍ଷ୍ମ ପଞ୍ଚ-ମ'କାର ସାଧନ | ୨୭୯ |
| ସୂକ୍ଷ୍ମରୂପ ଧ୍ୟାନ | ୧୪୦ |
| ସୂର୍ଯ୍ୟଙ୍କ ଦ୍ୱାଦଶ କଳା | ୨୬୧ |
| ସେତୁ | ୨୦୧ |
| ସୋଽହଂ | ୨୨୦ |
| ସୋମରଶ୍ମି | ୫୯ |
| ସ୍ଥାନ ନିର୍ଣ୍ଣୟ | ୧୯୨ |
| ସ୍ଥିତିଶୀଳ ଶକ୍ତି | ୧୯ |
| ସ୍ନାୟବୀୟ ଶକ୍ତି ପ୍ରବାହ | ୩୬ |
| ସ୍ୱୟମ୍ଭୂ ଲିଙ୍ଗ | ୨୧୯ |
| ସ୍ୱରୂପ ଦର୍ଶନ | ୫୦ |
| ସ୍ୱରୂପ ଲକ୍ଷଣ | ୯୧, ୨୯୧ |
| ସ୍ୱାଧିଷ୍ଠାନ ଚକ୍ର (ପଦ୍ମ) | ୨୧୪ |
| ହ-କାରାର୍ଦ୍ଧ | ୨୧୫ |
| ହନୁମାନ ମନ୍ତ୍ର | ୩୧୨ |
| ହନୁମାନଦେବଙ୍କ ବୀରସାଧନା | ୩୧୨ |
| ହରଗୌରୀ ଛବି | ୧୧୪ |
| ହରି | ୭୩ |
| ହଂସଃ | ୨୨୦ |
| ହଂସାବଧୂତ | ୩୦୧ |
| ହୃଦୟ-କନ୍ଦର | ୪୪ |
| ହ୍ଲାଦିନୀ ଶକ୍ତି | ୭୩ |